ଡିସେମ୍ବର ୨୦୨୪



Photo by Dr. Ranjit K Sahu, USA

**ISSN NO – 2582-208X**

**VOLUME-11 : ISSUE NO-12/2025**

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ପ୍ରଦୂଷଣ ତତ୍ତ୍ୱ କିମ୍ବା ପ୍ରଦୂଷକ ବାତାବରଣର ମିଶ୍ରଣକୁ କୁହାଯାଏ । ଯେତେବେଳେ ଏହି ପ୍ରଦୂଷକ ଆମର ପ୍ରାକୃତିକ ସଂଶାଧନରେ ମିଶିଯାଏ, ସେତେବେଳେ ବିଶେଷ ପ୍ରକାର ନକରାତ୍ମକ ପ୍ରଭାବ ଉତ୍ପନ୍ନ ହୁଏ । ପ୍ରଦୂଷଣ ମୁଖ୍ୟତଃ ମାନବୀୟ ଗତିବିଧି ଦ୍ୱାରା ଉତ୍ପନ୍ନ ହୋଇଥାଏ । ଏହା ପୁରା ପରିସ୍ଥିତି ତନ୍ତ୍ରକୁ ପ୍ରଭାବିତ କରିଥାଏ । ଆଜିର ଯୁଗରେ ପ୍ରଦୂଷଣ ଏକ ଗମ୍ଭୀର ସମସ୍ୟା ରୂପରେ ଦେଖାଦେଇଛି । ଖାଲି ଆମ ଦେଶରେ ନୁହେଁ, ଏହା ଏକ ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଯାହା ପୃଥିବୀପୃଷ୍ଠରେ ରହୁଥିବା ସମସ୍ତ ଜୀବଜନ୍ତୁ ଏବଂ ନିର୍ଜିବ ପଦାର୍ଥଙ୍କୁ ପ୍ରଭାବିତ କରିଥାଏ । ଏହାର ପ୍ରଭାବ ସର୍ବତ୍ର ବିଦିତ । ପ୍ରଦୂଷଣର ଅର୍ଥ ହେଉଛି ପ୍ରକୃତିର ସନ୍ତୁଳନ ବିଗିଡିଯିବା ଏବଂ ଜୀବନର ବ୍ୟବହୃତ ଜରୁରୀ ଦ୍ରବ୍ୟ ଦୂଷିତ ହୋଇଯିବା । ଯେମିତି ସ୍ୱଚ୍ଛ ଜଳ ନମିଳିବା, ସ୍ୱଚ୍ଛ ବାୟୁ ଏବଂ ପ୍ରଦୂଷିତ ବାତାବରଣରେ ସମସ୍ୟା ବଢି ବଢି ଯିବା । ପ୍ଲାଷ୍ଟିକ ଏମିତି ଏକ ପଦାର୍ଥ ଯାହା କି ହଜାର ହଜାର ବର୍ଷ ପର୍ଯ୍ୟନ୍ତ ଯେମିତି କୁ ସେମିତି ପଡି ରହିଥାଏ । ଯେବେଠାରୁ ମାନବ ବିଜ୍ଞାନରେ ତରକ୍କୀ କଲାଣି ସେବେଠାରୁ ପ୍ଲାଷ୍ଟିକ୍ ର ନିର୍ମାଣ ମନୁଷ୍ୟ ଜୀବନରେ ଅଧିକ ମାତ୍ରାରେ ବଢି ଗଲାଣି । ନିଜ ସୁବିଧା ପାଇଁ ବ୍ୟବହାର କରାଯାଉଥିବା ଏହି ପ୍ଲାଷ୍ଟିକ୍ ମାନବ ଜୀବନ ସହିତ ପୁରା ପୃଥିବୀର ବାତାବରଣ ପ୍ରତି ସମସ୍ୟା ଉତ୍ପନ୍ନ କରିବାରେ ଲାଗିଛି ।

ଆମ ଭାରତ ଦେଶରେ ୨୦୧୬ ର ରିପୋର୍ଟ ଅନୁସାରେ ପ୍ରତିଦିନ ୧୫୦୦୦ ଟନ ପ୍ଲାଷ୍ଟିକ୍ ଅପଶିଷ୍ଟ ବାହାରୁଛି । ଯାହାର ମାତ୍ରା ଦିନକୁ ଦିନ ବଢିବାରେ ଲାଗିଛି । ପ୍ଲାଷ୍ଟିକ୍ ଦ୍ରବ୍ୟର

ISSN NO.
2582-208X

ବଢୁଥିବା ଚାହିଦା ଅନୁସାରେ ଅନୁମାନ କରାଯାଇପାରେ କି ପୁରା ବିଶ୍ୱରେ ଏତେ ପ୍ଲାଷ୍ଟିକ୍ ହୋଇଗଲାଣି ଯେ ଏହି ପ୍ଲାଷ୍ଟିକ୍ ରେ ପୃଥିବୀକୁ ପାଞ୍ଚଥର ଲପେଟା ଯାଇପାରେ । ଏହି ପ୍ଲାଷ୍ଟିକ୍ ର ୭୦ ପ୍ରତିଶତ ମହାନଗରରେ ଦେଖାଯାଏ । ପ୍ଲାଷ୍ଟିକ୍ ବନାଇବାରେ ବିଭିନ୍ନ ପ୍ରକାର କେମିକାଲ୍ ର ଆବଶ୍ୟକ ହୋଇଥାଏ ଯଦ୍ୱାରା ଏହା ଯେଉଁଠି ପଡିରହେ, ଧିରେ ଧିରେ ସେଇଠି ପ୍ରଦୂଷଣକୁ ଜନ୍ମ ଦେଇଥାଏ । ପ୍ଲାଷ୍ଟିକ୍ ମାନବର ଜୀବନଚର୍ଯ୍ୟାରେ ଏକ ଜରୁରୀ ବ୍ୟବହୃତ ଦ୍ରବ୍ୟ ବନିଗଲାଣି । ସକାଳୁ ଉଠୁଉଠୁ ପ୍ଲାଷ୍ଟିକ୍ ବ୍ରସ୍ ରେ ଦାନ୍ତ ଘସିବା ଠାରୁ ଆରମ୍ଭ କରି ପ୍ଲାଷ୍ଟିକ୍ ବାଲ୍ଟିର ଏବଂ ମଗ୍ ର ବ୍ୟବହାର ପ୍ଲାଷ୍ଟିକ୍ ଚାମଚ୍ ଏବଂ ଟିଫିନ୍ ଆଉ ପ୍ଲାଷ୍ଟିକ୍ ଡବାର ବ୍ୟବହାର ସମସ୍ତଙ୍କୁ ପସନ୍ଦ ଆସୁଛି । ପାଣି ମଧ୍ୟ ପ୍ଲାଷ୍ଟିକ୍ ବୋତଲରେ ପିଇବା ଲୋକେ ପସନ୍ଦ କରୁଛନ୍ତି । ଏହିପରି ପ୍ଲାଷ୍ଟିକ୍ ମନୁଷ୍ୟର ଜୀବନରେ ଏକ ଅଭିନ୍ନ ଅଙ୍ଗ ବନିଗଲାଣି । ପ୍ଲାଷ୍ଟିକ୍ ମାନବକୁ ଯେତିକି ସହୁଲିୟତ ପ୍ରଦାନ କରୁଛି, ସେତିକି ବେମାରୀ ମଧ୍ୟ ଆଣିଦେଉଛି । ଗୋଟିଏ ପ୍ଲାଷ୍ଟିକ୍ ବୋତଲକୁ ବାରମ୍ବାର ବ୍ୟବହାର କଲେ ଏହା ଅନେକ ରୋଗର କାରଣ ହୋଇଥାଏ । ପ୍ଲାଷ୍ଟିକ୍ ମନୁଷ୍ୟର ଜୀବନରେ ରୋଗର କାରଣ ହେଲେ ମଧ୍ୟ ମନୁଷ୍ୟ ତାର ସୁବିଧା ପାଇଁ ତାକୁ ସବୁବେଳେ ବ୍ୟବହାରରେ ଆଣୁଛି । ପ୍ଲାଷ୍ଟିକ୍ ପ୍ରଦୂଷଣ ଏକ ଗମ୍ଭୀର ସମସ୍ୟା ଏବଂ ଚିନ୍ତାର ବିଷୟ ହୋଇଛି ।

ଆଜିର ଦିନରେ ଆମରି ଦ୍ୱାରା ବହୁମାତ୍ରାରେ ପ୍ଲାଷ୍ଟିକ୍ ର ଉପଯୋଗକୁ ରୋକି ଆମେ ଏହି ଭୟାଭୟ ସମସ୍ୟାର ସମାଧାନ ଖୋଜି ବାହାର କରିପାରିବା । ପ୍ରତ୍ୟେକ ବ୍ୟକ୍ତିକୁ ଏହି ସମସ୍ୟାର ନିବାରଣ ପାଇଁ କାର୍ଯ୍ୟ କରିବାକୁ ପଡିବ ଏବଂ ଏହାକୁ ରୋକିବାକୁ ନିଜର ବହୁମୂଲ୍ୟ ଯୋଗଦାନ କରିବାକୁ ପଡିବ । ଏହି ପରିବର୍ତ୍ତନ ଧିରେ ଧିରେ ଆମ ସମସ୍ୟାକୁ ସମାଧାନ କରିବାରେ ସାହାଯ୍ୟ କରିବା ସହିତ ପ୍ଲାଷ୍ଟିକ୍ ପ୍ରତି ରହୁଥିବା ଆକର୍ଷଣ ମଧ୍ୟ କମ କରିବ ।

ଜୟ ଉତ୍କଳ, ଜୟ ଓଡିଆ ।

ଅରବିନ୍ଦ ମିଶ୍ର

ISSN NO.
2582-208X

ବେଦାନ୍ତୀ

# ଭିତର ପୃଷ୍ଠାରେ....



| | | |
|---|---|---|
| ଡି.ଏଫ.ଓ କ୍ୟାମ୍ପବେଲ ବେ | ଅଶୋକ ବିଶ୍ୱାଳ | ୧୩ |
| ବୋଉ ମନେପଡେ | ଡ. ଶଶଧର ମହାପାତ୍ର | ୨୧ |
| ଡାଡୁ | ଡକ୍ଟର ଉତ୍ପଳା ଦାଶ ଷଡଙ୍ଗୀ | ୨୫ |
| ରତ୍ନମଣି | ଡ଼କ୍ଟର ବିଜ୍ଞାନୀ ଦାସ | ୨୭ |
| ସମ୍ପର୍କର ଉଷ୍ଣତା | ଡଃ ମାଙ୍ଗଳିକା ମହାପାତ୍ର | ୩୬ |
| ଟଗର ଫୁଲ | ଇଂ. ସୁଶାନ୍ତ କିଶୋର ବଳ | ୩୮ |
| ସମୟର ବିଭୀଷିକା! | ଅଜିତ କୁମାର ରାଉତ | ୪୧ |
| ମାଣବସା ଗୁରୁବାରଃ ଲକ୍ଷ୍ମୀ ପୂଜା | ଡ଼କ୍ଟର ସଂଯୁକ୍ତା ଦାସ | ୪୪ |
| ଦେଖିଯିବା ଝୋଟି ଚିତା | ଡ଼ଃ ଅନୁପମା ବିଶ୍ୱାଳ | ୫୩ |
| ପରଶମଣିର ମୋହ | ସୁଲକ୍ଷଣୀ ସାହୁ | ୫୫ |
| ଅନୁଭୂତିର ବ୍ୟଥା ଓ କଥା | ସୂର୍ଯ୍ୟକାନ୍ତି ବେହେରା | ୫୯ |
| ଲଳିତ ନିବନ୍ଧ-ଭଡା ଘର | ବଦ୍ରୀ ମହାନ୍ତି | ୬୧ |
| ଶେଷ ସ୍ମୃତି | ଜୟନ୍ତୀ ବେହେରା | ୬୫ |
| ମୁଁ ଦିଗଶୂନ୍ୟ ନଇଟିଏ | ପ୍ରଣତି ସେଠୀ | ୬୭ |
| ଭାଷା ତୋଳିଦିଏ ନୂଆ ଜୀବନ | ମନ୍ଦାକିନୀ ପାଢୀ | ୬୯ |
| ପ୍ରବାସୀକବି ସତ୍ୟ ପଟ୍ଟନାୟକଙ୍କ କବିତାର ଭାବଭୂମି | ଡ. ଦୀପ୍ତିମୟୀ ସାହୁ | ୭୧ |
| ଭାତ | ଅରୁଣ କୁମାର ମହାପାତ୍ର | ୮୫ |
| କବିତାର ବିଶ୍ୱରୂପ | ବେଣୁଧର ସୂତାର | ୮୭ |
| ହିସାବ | ସ୍ୱର୍ଣ୍ଣ ରଥ ମହାପାତ୍ର | ୯୦ |
| ଜରିଗୋଟାଳି | କୁଞ୍ଜବିହାରୀ ରାଉତ | ୯୨ |
| ନିର୍ଲଜ୍ଜ ଅହଙ୍କାର | ଦେବଦତ୍ତା ଦେବୀ | ୯୪ |

ISSN NO.
2582-208X


| | | |
|---|---|---|
| ଶରତ ଆସିଛି ମରତ ହସୁଛି | ବାସନ୍ତୀ ଲତା ଜେନା | ୯୯ |
| ସମ୍ପର୍କ | ଡ଼. ପ୍ରିୟମ୍ବଦା ସାମଲ | ୧୦୧ |
| ସିକ୍ତ ଭାବନା | ଝିଲିମିଲି ସାହୁ | ୧୦୨ |
| ମାଣ୍ଡବୀ | ଆରତୀ ସାହୁ (ଆଶା) | ୧୦୩ |
| ପ୍ରତିଶ୍ରୁତି | ସୁଜିତ୍ କୁମାର ମିଶ୍ର | ୧୧୦ |
| ବନ୍ଧୁତ୍ୱର ବିକଳ୍ପ ନାହିଁ | ଛବି ରାଣୀ ପତି | ୧୧୨ |
| ତୁମଠୁ … ମୁଁ ଟିକେ ଅଲଗା | ଅଧ୍ୟାପିକା ଦେବୀରାଣୀ ଜେନା | ୧୧୪ |
| ଆମ ଛୋଟବେଳର ବସ ସର୍ଭିସ | ବିଜୟକେତନ ମହାନ୍ତି | ୧୧୬ |
| ମନର ଗୁମର କଥା | ଭାସ୍କର ଚନ୍ଦ୍ର ଖଣ୍ଡା | ୧୧୮ |
| ମୋ ପାଇଁ ତୁ | ଦୀପାଳି ଦାସ | ୧୨୦ |
| ଯୁଗାନ୍ତକାରୀ ସ୍ରଷ୍ଟା – ନାଟ୍ୟକାର ଅଶ୍ୱିନୀ କୁମାର ଘୋଷ | ସୁଷମା ପାଢୀ | ୧୨୨ |
| ତୁମେ ଆସିବ ବଡ଼ଦାଣ୍ଡେ ଘୋଷଯାତ୍ରାକୁ | ଜୟଶ୍ରୀ ପଟ୍ଟନାୟକ | ୧୨୯ |
| ମଧ୍ୟବିତ୍ତ | ବିନୟ ମହାପାତ୍ର | ୧୩୧ |
| ଝିଅ | ଗୋଲୋକବିହାରୀ ବେହେରା | ୧୩୪ |
| ଅପେକ୍ଷାର  ଛାଇ | ଆଶୁତୋଷ ମେହେର | ୧୩୫ |
| ଶୀତ ଆସିଛି ପସରା ନେଇ | ପୁଷ୍ପାଞ୍ଜଳି ମିଶ୍ର | ୧୩୮ |
| କଳିଯୁଗ | ବିନୋଦିନୀ ଦାଶ | ୧୪୦ |
| ଏକ ସନେଟ୍ | ଡ. ଜ୍ଞାନେଶ୍ୱର ମିଶ୍ର | ୧୪୩ |
| ନାରୀ ଶକ୍ତିର ପ୍ରତିକ-ମହିଷାମର୍ଦ୍ଦିନୀ ଦେବୀ ଦୁର୍ଗା | କାନନ ବାଳା ନାୟକ | ୧୪୪ |
| ଜୟ ଶ୍ରୀ ରାମ | ମଧୁମିତା ମିଶ୍ର | ୧୫୨ |
| ପ୍ରତାରଣା | ଅଲେଖ ମେହେର(ଯାଯାବର) | ୧୫୬ |
| ବାପା ଏତେକାମ କେମିତି କରୁଥିଲେ ? | ଡ. ଶୁଭେନ୍ଦୁ ମେହେର | ୧୫୮ |

ISSN NO.
2582-208X

ବେଦାନ୍ତୀ


| | | |
|---|---|---|
| ଚାଣକ୍ୟ : ଆଦର୍ଶବାଦର ଜଣେ ସମୁଜ୍ଜ୍ୱଳ ପ୍ରତୀକ | ହିତେଶ ବେହେରା | ୧୬୨ |
| ଆତ୍ମଜା | ଗୀତା ଷଡ଼ଙ୍ଗୀ | ୧୭୧ |
| ହଳଦୀ | ପ୍ରତିମା ପାତ୍ର | ୧୭୨ |
| ଝଡ | ସ୍ୱାଗତିକା ନାଏକ | ୧୭୫ |
| ଚଳନ୍ତି ଦେବତା | ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର | ୧୭୬ |
| ପଲ୍ଲୀ କବିତାରେ ଓଡ଼ିଆ ଅସ୍ମିତା- ରଜଦୋଳି ଗୀତ | ମନୀଷା ରାୟ | ୧୭୮ |
| ସେଇ ବଲାଙ୍ଗୀ ପଠାରେ | ଡକ୍ଟର ପ୍ରତାପ କୁମାର ପରିଡ଼ା | ୧୯୨ |
| ଆଲୋ ସୁନା ଗୋରୀ | ଦିବାକର ନାୟକ | ୧୯୪ |
| ମରୁଡିର ପଦଧ୍ୱନି | ନିରୁପମା ମିଶ୍ର | ୧୯୬ |
| ନୂଆ ସକାଳ | ରାମଚନ୍ଦ୍ର ବେହେରା | ୧୯୭ |
| ବିବିଧତାର ବୌଦ୍ଧ | କାର୍ତ୍ତିକେଶ୍ୱର ନାୟକ | ୧୯୯ |
| ଜୀବନର ଗୀତ | ଜୟନ୍ତ କୁମାର ମଲ୍ଲିକ୍ | ୨୦୨ |
| ଭାଗବତ ଜନ୍ମ | ବସନ୍ତ କୁମାର ପ୍ରଧାନ | ୨୦୩ |
| କବିର ପରିଭାଷା | ସିନ୍ଧୁ ନନ୍ଦିନୀ | ୨୦୫ |
| ଆପଣାର ଅନୁଭବ | ଭାଗ୍ୟଶ୍ରୀ ନନ୍ଦ | ୨୦୭ |
| କ୍ରାନ୍ତିକାରୀ କବିତାର କାଳଜୟୀ ସ୍ରଷ୍ଟା : - ବସନ୍ତ ମୁଦୁଲି - | ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ | ୨୦୯ |
| ଅଥଚ | ଡ. ହେମନ୍ତ କୁମାର ଦାଶ | ୨୧୩ |
| ନିଜକୁ ତିଆରି କରିବା ବେଳ | ଡ. ଭାରତୀ ହୋତା | ୨୧୫ |
| ବୋଉର ରନ୍ଧାଶାଳା | ଶୁଭେନ୍ଦୁ ଶେଖର ମିଶ୍ର | ୨୧୭ |
| ଋଷି ଋଷ୍ୟଶୃଙ୍ଗ | ଦିଲ୍ଲୀପ ଶତପଥୀ | ୨୨୦ |
| ସଂପର୍କ | ଯଜ୍ଞଦତ୍ତ ସାମନ୍ତରାୟ | ୨୨୭ |

ISSN NO.
2582-208X


| | | |
|---|---|---|
| ଉଡ଼ନ୍ତା ପକ୍ଷୀ | ଜୟ କୁମାର ମିଶ୍ର | ୨୨୮ |
| ମନର କୋହ | ପ୍ରତିଭା ଦାଶ | ୨୩୧ |
| ମାୟାବୀ | ସୁଜାତା ପାହାନ | ୨୩୩ |
| ବିଜ୍ଞାନ, ସାହିତ୍ୟ ଓ ସଂସ୍କୃତିର ପର୍ବ - ଅଁଳାନବମୀ | ସୁନନ୍ଦା ମହାନ୍ତି | ୨୩୬ |
| ଗୁରୁ | ଅମୃତନାରାୟଣ ଶତପଥୀ | ୨୩୯ |
| ଦୁଃଖ ତୁ.. | ଲିପିନା ସାହୁ | ୨୪୦ |
| ଦଶାହ | ଅଳକା ମହାନ୍ତି | ୨୪୨ |
| ସ୍ମୃତି | ବିନୟ କୁମାର ମିଶ୍ର | ୨୪୭ |
| ବଡବଡୁଆ ହୋ | ଆକୁଳାନନ୍ଦ ପୃଷ୍ଟି | ୨୫୦ |
| କାହିଁକି ଭରିଲି ମାଙ୍ଗ ? | ସତ୍ୟବାନ ମେହେର | ୨୫୨ |
| ପ୍ରଥମ ନ୍ୟୁରାଲିଙ୍କ ବ୍ରେନ୍ ଚିପ୍ ପ୍ରତିରୋପଣ | ଅସିତ ମହାନ୍ତି | ୨୫୪ |
| ଦେଶେ ଯେତେ ଶିଶୁ | ଦୀନବନ୍ଧୁ ପୋଇ | ୨୫୭ |
| ବିଶ୍ୱାସଘାତକତା | କୁଞ୍ଜବିହାରୀ ସାହୁ | ୨୫୯ |
| ପଶ୍ଚିମ ଓଡ଼ିଶାର ପ୍ରାଣ: ଗଁଡ଼ାବଜାର ଉତ୍ପତ୍ତି ଓ ଇତିହାସ | ରବି ବଗର୍ତ୍ତୀ | ୨୬୧ |
| ବେନି ଜନେ ସମଦଶା | ରଂଜିତ ନାଏକ | ୨୬୮ |
| ନୀରବତା | ପୂଜାରାଣୀ ସେଠୀ | ୨୭୧ |
| କବିତା | କାଳି ପ୍ରସାଦ ମହାପାତ୍ର | ୨୭୩ |
| ଆହୁତି | ଡାଃ. ଅନିତା ପଣ୍ଡା | ୨୭୫ |
| ମାରିଚ ବିଚାର | ପଞ୍ଚାନନ ମେହେର | ୨୮୩ |

ISSN NO.
2582-208X


| | | |
|---|---|---|
| ପରବ ଆମ ଗରବ | ଧ୍ରୁବ ଚରଣ ଘିବେଲା | ୨୮୫ |
| ଏ ପୁରୁଷ ମାନେ | ଚିତରଞ୍ଜନ ବେହେରା | ୨୮୬ |
| ତୁମେ ନାଥ ମୁଁ ଦାସ | ସ୍ମିତିପ୍ରଜ୍ଞା ଷଡଙ୍ଗୀ | ୨୮୮ |
| ଦୁଃଖର ସ୍ୱରୂପ କଣ ଏହା ବ୍ୟକ୍ତି ଚେତନାକୁ ସତରେ ବିବ୍ରତ କରେ | ବିରଞ୍ଚି ନାରାୟଣ ମିଶ୍ର | ୨୮୯ |
| ମନର ଦ୍ୱନ୍ଦ | ସୁନିତା ଦାଶ | ୨୯୨ |
| ରିପୁ ନାଶନ ପଦ୍ମାଳୟା ଧବ | ଡ. ଅର୍ଜୁନ ଚରଣ ବାରିକ୍ | ୨୯୪ |
| ଚିରନିଦ୍ରା | ରଘୁନାଥ ତ୍ରିପାଠୀ | ୨୯୫ |
| ପ୍ରିୟଙ୍କୁ ମୋ ଚିଠି | ରଶ୍ମିତା ନାୟକ | ୨୯୭ |
| ଔପନ୍ୟାସିକ ଚନ୍ଦ୍ରଶେଖର ରଥଙ୍କ ଅସୂର୍ଯ ଉପନିବେଶରେ ବିଶୃଙ୍ଖଳିତ ଚରିତ୍ର :ଏକ ଦୃଷ୍ଟିପାତ | ପବିତ୍ର ବାଗ | ୨୯୯ |
| ନୀରବ ଆଖି | ସୁଚିତ୍ରା ମହାନ୍ତି | ୩୦୫ |
| ସାୟନ୍ତନର ସୁଷମା | ସୁନିଲ କୁମାର ନାୟକ | ୩୦୭ |
| ଆମ ରାଇଜର ଗରବ | ରାଜକିଶୋର ସ୍ୱାଇଁ | ୩୦୯ |
| ଡ଼.ରାମଚନ୍ଦ୍ର ବେହେରାଙ୍କ ଗଳ୍ପ ସାମ୍ରାଜ୍ୟର ବିଚିତ୍ର ବର୍ଣ୍ଣବିଭା | ଶ୍ରୀମନ୍ତିନୀ ଦାସ | ୩୧୧ |
| ମାତୃଭାରତୀର ମହାନତା | ସନ୍ତୋଷ କୁମାର ବିଷୋୟୀ | ୩୧୭ |
| ପ୍ରତାରିତ ହୃଦୟ | ସ୍ମୃତିସ୍ମିତା ରାଉତ | ୩୧୯ |
| ସପନର ପାରାବାର କୂଳେ | ସ୍ୱାତୀଲିନା କର | ୩୨୧ |
| ସୀତା ମାଆଙ୍କ ରହସ୍ୟ | ଦୀପାଲି ବେହେରା | ୩୨୩ |
| କବି ଯେ ଦ୍ୱିତୀୟ ସ୍ରଷ୍ଟା | ଅର୍ପିତା ମହାପାତ୍ର | ୩୨୭ |
| ଏକ ପେଡ୍ ମା'କେ ନାମ | ସଂଘମିତ୍ରା ବେହେରା | ୩୨୯ |
| ଅଟଳ ହେ ତୁମେ | ଖଗେଶ୍ୱର ବାଗ | ୩୩୦ |

ISSN NO.
2582-208X


| | | |
|---|---|---|
| ଚିଠି ଆଙ୍ଗିକ ଶୈଳୀରେ ରଚିତ ଓଡିଆ କବିତା | ପ୍ରଫୁଲ୍ଲ କୁମାର ନାହାକ/ ପ୍ରଫେସର ଦେବାଶିଷ ପାତ୍ର | ୩୩୨ |
| ଗଜଲ୍-ଭଲକୁ ପାଉଛ ବୋଲି | ତାରାପ୍ରସାଦ ଜେନା | ୩୪୨ |
| ସଂପର୍କ ପ୍ରେମର | ଡକ୍ଟର ସତ୍ୟବ୍ରତ ଦାସ | ୩୪୪ |
| ମକର ଯାଉଛି ଛୁଇଁ | ବିଶ୍ୱଜିତା ବରାଳ(ଆଚାର୍ଯ୍ୟା) | ୩୪୮ |
| କେବେ କେରଳ ତ କେବେ ଅରୁଣାଚଳ | ପ୍ରିୟବ୍ରତ ପାତ୍ର | ୩୫୦ |
| ମୋ ପ୍ରିୟା | ପ୍ରଶାନ୍ତ ବ୍ରହ୍ମା | ୩୫୪ |
| ମାସ୍କ | ଅକ୍ଷୟ ମହାନ୍ତି (ନିର୍ମାଲ୍ୟ) | ୩୫୫ |
| ଅନନ୍ୟ କବି ପ୍ରତିଭା ର ନିଆରା ନମୂନା ନେଇ  ଏକ ସଂକ୍ଷିପ୍ତ ଆଲୋଚନା | ବରୁଣ କୁମାର ଦାସ | ୩୫୮ |
| ପୂର୍ଣ୍ଣିମା | ମୋହନ କୁମାର ସ୍ୱାଇଁ | ୩୬୫ |
| ପରଶମଣି | ମନୋରଞ୍ଜନ ସୁରୁଜାଲ | ୩୬୬ |
| ଅଛିଣ୍ଡା ପ୍ରଶ୍ନ | ଲକ୍ଷ୍ମଣ ମହାନ୍ତି | ୩୬୮ |
| ଭଞ୍ଜକିଶୋର ପଟ୍ଟନାୟକଙ୍କ ଜୀବନର ଜୟଯାତ୍ରା: ଏକ ଦୃଷ୍ଟିପାତ | ସୁଦର୍ଶନ ସାହୁ | ୩୬୯ |
| ମୁଁ ତୁମ ପ୍ରେୟସୀ | ଶୁଭସ୍ମିତା ମହାପାତ୍ର | ୩୭୭ |
| ବୈବାହିକ ଜୀବନ | ମଞ୍ଜିଲ୍ ଦାଶ | ୩୭୯ |
| ଭୁଲ ବୁଝାମଣା | ମୋନାଲିସା ପଣ୍ଡା | ୩୮୧ |
| ତୋ ସ୍ମୃତି ରେ ପଦେ | ନନ୍ଦନ ସାହୁ | ୩୮୬ |
| ତୁମେ ଅଟଳ ଉତ୍ତୁଙ୍ଗ ହିମାଳୟ | ପ୍ରହରାଜ ଜୟନାରାୟଣ ନନ୍ଦ | ୩୮୮ |
| ନାରୀ ଶିକ୍ଷାର ଏପାଖ ସେପାଖ | ପ୍ରଭାତ କୁମାର ଆଚାର୍ଯ୍ୟ | ୩୯୦ |
| ମାଟି ମାଆଟି | ପ୍ରଫୁଲ୍ଲ ଚନ୍ଦ୍ର ବାରିକ | ୩୯୩ |
| ଦ୍ୱୀ ପ୍ରହର | ପ୍ରତିମା ମହାରଣା | ୩୯୪ |

ISSN NO.
2582-208X


| | | |
|---|---|---|
| ଦିଅଁ ଭାଗବଣ୍ଟା | ଅବିନାଶ ସାହୁ | ୩୯୫ |
| ଉପେନ୍ଦ୍ର ଭଞ୍ଜ | ଡକ୍ଟର ସୀମାଞ୍ଚଳ ପ୍ରଧାନ | ୩୯୯ |
| ନେଟ ୱାର୍କ ଫେଲ | ଦୀନବନ୍ଧୁ ବେଜ | ୪୦୧ |
| ବଞ୍ଚୁ ଏ ଜୀବନ | ନରେନ୍ଦ୍ର ପ୍ରସାଦ ବେହେରା | ୪୦୩ |
| ରହସ୍ୟମୟ ଚନ୍ଦନ ହାତୀ | ଡକ୍ଟର ପ୍ରଦୀପ କୁମାର ପଣ୍ଡା | ୪୦୬ |
| ନଦୀ ଘାଟ ଶୋଭା ପାଏ | ପ୍ରଶାନ୍ତ କୁମାର ନାଥ | ୪୧୬ |
| ନଯାଅଗୋ ପ୍ରାଣପ୍ରିୟା | ଆଶିଷ କୁମାର ସାହୁ | ୪୧୯ |
| ଅଲୋଡା ମଣିଷ | ସିଦ୍ଧେଶ୍ୱର ତ୍ରିପାଠୀ | ୪୨୦ |
| ଚାଏ | ସରସ୍ୱତୀ ମେହେର | ୪୨୧ |
| ଅହଂକାର | ମନୋଜ କୁମାର ବେହେରା | ୪୨୨ |
| ବୁଲି ଆସିଥିବ ଗାଆଁକୁ | ନିରଞ୍ଜନ ସାହୁ | ୪୨୪ |
| ମୁଁ ପୁଣି ଫେରିବି | ଜନ୍ମଜୟ ନାୟକ | ୪୨୬ |
| ନବ | ଦଶରଥ ମାଝୀ | ୪୨୮ |
| ବାପାଙ୍କ ରେଡ଼ିଓ | ଅଭୟ କୁଣ୍ଡ | ୪୨୯ |
| ସେ ଆସନ୍ତି | ଅନୁରାଧା ମହାପାତ୍ର | ୪୩୩ |
| ବଡ଼ ଦାଣ୍ଡେ ବିଜେ ଜଗନ୍ନାଥ | ଅରୁଣ କୁମାର ଦାସ | ୪୩୪ |
| ଓରାଁଓ ଜନଜାତିଙ୍କ ପରିଚୟ : ଏକ ଅଧ୍ୟୟନ | ଡ. ବିଦ୍ୟାଧର ରାଉତ | ୪୩୬ |
| ଏରୁଣ୍ଡି | ଅଶୋକ ମହାରଣା | ୪୪୫ |
| ତୁମେ ନାହଁ ବୋଲି | ବିଷ୍ଣୁ ଚରଣ ପଟ୍ଟନାୟକ | ୪୪୯ |
| ଉପକୂଳ ଓଡ଼ିଶାର ଲୋକନାଟ୍ୟ ପରମ୍ପରା | ଉମାକାନ୍ତ ରଣଜିତ | ୪୫୧ |
| ମାଟିର ମହକ | ଦୁଷ୍ମନ୍ତ ବେହେରା | ୪୬୦ |
| ଅନେକ ଦିନ ପରେ | ଚିତ୍ତରଞ୍ଜନ ମେହେର | ୪୬୨ |

ISSN NO.
2582-208X


| | | |
|---|---|---|
| ଓଡ଼ିଶାର ପ୍ରାଚୀନ ଶୈବକ୍ଷେତ୍ର ନନ୍ଦିଗ୍ରାମର ପିଠାଧିଶ ବାବା ନନ୍ଦମଣି ଓ ପାର୍ଶ୍ୱ ଦେବଦେବୀଙ୍କ ମହତ୍ୱ | ଶୁଭଦର୍ଶିନୀ ପରିଡ଼ା | ୪୬୪ |
| ଦି ଦିନ ଜୀବନ | ହୃଦାନନ୍ଦ ସୁନାନୀ | ୪୭୨ |
| ଅମୃତର କବି ଗଙ୍ଗାଧର | ସୁରେଶ କୁମାର ସାହୁ | ୪୭୩ |
| ବିଶ୍ୱାସର ପ୍ରତୀକ | କୀର୍ତ୍ତି ଦେବୀ | ୪୭୫ |
| କି ବୋଲିବି ଆଉ | ସରୋଜ କୁମାର ସାହୁ | ୪୭୮ |
| ଧନ୍ୟବାଦ ସରକାର | ଶିଶିର କୁମାର ପଣ୍ଡା | ୪୭୯ |
| ଭୁଲ୍ କାହାର | ଶକୁନ୍ତଳା ମିର୍ଦ୍ଧା | ୪୮୧ |
| କୋଟି ପ୍ରଣତି ଘେନ | ପ୍ରମୋଦିନୀ ମହାପାତ୍ର | ୪୮୬ |
| ଆମେ ତା ବାପା ମାଆ | ସୀତାକାନ୍ତ ତୁମୁନିଆଁ | ୪୮୮ |
| ମନ୍ କି ବାତ୍ | ବିଶ୍ୱଜିତ୍ ସେନାପତି | ୪୯୨ |
| ପ୍ରିୟଦେଶ | ମଞ୍ଜୀତ କୁମାର ସେଠୀ | ୪୯୪ |
| ସମ୍ପର୍କ | ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ | ୪୯୬ |
| ବିଡମ୍ବନା | ମୟଙ୍କ | ୪୯୮ |
| ମୁଁ ପାହାଡି ନଈଟିଏ | ନାରାୟଣ ରାଉତ | ୫୦୨ |
| ଧୋକା | ଚନ୍ଦନ କୁମାର ବେହେରା | ୫୦୪ |
| ହୃଦୟହୀନ ସମାଜର - ପ୍ରକୃତ ବନ୍ଧୁ | ଭବାନି ଶଙ୍କର ଦାଶ | ୫୦୫ |
| ଭୁଲି ହୁଏନା | ଅଜୟ କୁମାର ରାଉତ | ୫୦୯ |
| ପ୍ରେମିକା | ଦିନେଶ ମେହେର | ୫୧୧ |
| ହେତୁବାଦର ଆବଶ୍ୟକତା କାହାକୁ ? | ବାଲ୍ମୀକି ନାୟକ | ୫୧୩ |
| ମୃତ୍ୟୁର ଡାକ | ରାଧା ରାଣୀ ରାଉଳ | ୫୧୬ |
| ମୋ ନାଁ ପରା ଶିଶୁ | ପ୍ରେମ୍ ଲାଲ ସାହୁ | ୫୧୭ |

ISSN NO.
2582-208X

| | | |
|---|---|---|
| ପିଲାଙ୍କୁ ଭିତ୍ତିହୀନ ବିଶ୍ୱାସରୁ ଦୂରେଇ ରଖନ୍ତୁ | ମମତା ନାୟକ | ୫୧୯ |
| ଭୁଲେଇ ଦେଇଛି ଆଜି | ପ୍ରିୟଙ୍କା ରାଉତ | ୫୨୧ |
| ମୁଁ ନୁହେଁ | ପଦ୍ମନାଭ ରଥ | ୫୨୨ |
| ଭାଗବତ କଥା | ନରେନ୍ଦ୍ର ପ୍ରସାଦ ବେହେରା | ୫୨୪ |

## ଆଞ୍ଚଳିକ

| | | |
|---|---|---|
| ଭଡାଘର୍ | ସତ୍ୟନାରାୟଣ ମିଶ୍ର | ୫୨୬ |
| ବଡ଼ମା | ରାକେଶ ବାଘ | ୫୨୯ |
| ଭାବର୍ ବାଏଖାଲି | ସୁନୀଲ କୁମାର ଅଗସ୍ତି | ୫୩୧ |
| ଭାଜୁରକୁଟୁର୍ | ଗଜାନନ ମିଶ୍ର | ୫୩୨ |
| ମୁଇଁ ଗରିବ୍ ଚାଷି | ପ୍ରବିଣ ମାଝୀ | ୫୩୩ |

## ଶିଶୁ ବିଭାଗ

| | | |
|---|---|---|
| ଫିଡିଲହେଡ୍: ଖିଆ ଯାଉଥିବା ଫର୍ଣ୍ଣ | ରଞ୍ଜିତ କୁମାର ସାହୁ | ୫୩୬ |
| ସର୍ବ କନିଷ୍ଠ ଶହୀଦ ବାଜି ରାଉତ | କୁମୁଦିନୀ ଘି | ୫୩୯ |
| ମୋ ପେଁକାଳି ବଜେଇ ଦେଏ | ନୀଳମଣି ଚାନ୍ଦ | ୫୪୧ |
| ବେଦାନ୍ତୀ – "ନଭେମ୍ବର" ସମୀକ୍ଷା | ଦେବଯାନୀ ସ୍ୱାଇଁ | ୫୪୩ |
| ଡିସେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୫୪୬ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୫୪୭ |

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୪୩-ଜେମସର ଆଶଙ୍କା

ଜେମସ ଅସୀମଙ୍କ ହାତକୁ ଷ୍ଟିଅରିଙ୍ଗ ବଢାଇଦେଲା । ଅସୀମଙ୍କ ଆଗରେ ଏବେ ଏକ କଳା ରାସ୍ତା । କାହିଁ ଲୋକ ନାହାନ୍ତି । ଆଗକୁ ଲୋକବସତି ବି ନାହିଁ । ରାସ୍ତା ମଧ୍ୟ ଭଲ ଅଛି। କେଉଁଠି କେଉଁଠି ରାସ୍ତାରେ ସାମାନ୍ୟ ମୋଡ ଅଛି । ଚାରି ପାଞ୍ଚ କିଲୋମିଟର ପରେ ଚଢାଣି। କେହି ରାସ୍ତା ଉପରକୁ ହଠାତ୍ ଆସିଯିବାର ସମ୍ଭାବନା ନାହିଁ । ତେଣୁ ଅସୀମଙ୍କୁ ବେଶି ଭୟ କରିବାର ନଥିଲା । ଅସୀମ ନିଜ ପୋର୍ଟିକୋରେ ଗାଡିର ଷ୍ଟିଅରିଙ୍ଗ ଉପରେ ହାତ ପକାଇଛନ୍ତି । ଗାଡି ଷ୍ଟାର୍ଟର୍ ହେଲାପରେ ଗାଡିର କମ୍ପନ ନିଜ ଭିତରେ ଅନୁଭବ କରିଛନ୍ତି । ଗାଡି ଚଲାଇଲାବେଳେ ନିଜକୁ ଗାଡିର ଏକ ଅଂଶ ବୋଲି ମନେ କରିବାର ଆବଶ୍ୟକତା ବୁଝିଛନ୍ତି । ବ୍ରେକ ଆଉ ଆକ୍ସିଲେଟର, ଗିଅର ଇତ୍ୟାଦି ଉପରେ କି କି ସମ୍ବନ୍ଧ ଅଛି ବୁଝିଛନ୍ତି । ନିଜ କମ୍ପାଉଣ୍ଡରେ ଥିବା ୩୦ ମିଟର ରାସ୍ତାରେ ଗାଡି ସାମାନ୍ୟ ଚଲାଇଛନ୍ତି । ସେଇଠି ପ୍ରାୟ ଭୁଲ କରିନାହାନ୍ତି ।

"କିଛି ହେବନି । ଗାଡି ଧିରେ ଚଲାନ୍ତୁ ।"- ଜେମସ ଅସୀମଙ୍କୁ ଖଣ୍ଡି ଖଣ୍ଡି ହିନ୍ଦିରେ କହୁଥିଲା । ଜେମସ ନିକୋବରୀ, ତା'ର ହିନ୍ଦି ଜ୍ଞାନ ତ ଅଛି, କିନ୍ତୁ ଭାଷା ଏତେ ଶୁଦ୍ଧ ନୁହେଁ । ପ୍ରାୟ ସେ ଖଣ୍ଡ ଖଣ୍ଡ କରି ଶବ୍ଦମାନ କୁହେ ଆଉ ବୁଝିବା ଲୋକ ସେଥିରୁ କିଛି ଅର୍ଥ ବାହାର କରି ଆଣେ । ଅସୀମଙ୍କ ହାତରେ ଯେତେବେଳେ ଗାଡିର ଷ୍ଟିଅରଙ୍ଗ ଜେମସ ଛାଡିଦେଲା, ଅସୀମ ନିଜ ଭିତରେ ଗାଡିର କମ୍ପନ ଅନୁଭବ କଲେ ।

ISSN NO.
2582-208X

ତାପରେ ଜେମସ ଅସୀମଙ୍କ ସିଟରେ ବସିଲା ଆଗରେ ଆଉ ଅସୀମ ଡ୍ରାଇଭର ସିଟରେ ବସି ଆଗକୁ ଅନାଇଲେ । ସେ ଗାଡିରେ ଚାବି ଘୁରାଇଲେ ଆଉ ଗାଡି ଗର୍ଜ୍ଜନ କରିଉଠିଲା। ଅସୀମ ଜେମସ କହିବା ଅନୁସାରେ ଗାଡିରେ ଗିଅର ବଦଳାଇଲେ । ପ୍ରଥମ ଗିଅରରେ କିଛି ସମୟ ଚଲାଇଲେ । ଗାଡି ଧିରେ ଆଗକୁ ବଢୁଥିଲା, ଯେଉଁଠି ଦରକାର, ସେହି ହିସାବରେ ଅସୀମ ଷ୍ଟିଅରିଙ୍ଗ ବୁଲାଉଥିଲେ । ଗାଡି ଅବଶ୍ୟ ବେଳେବେଳେ ବେଶି ବୁଲିଯାଉଥିଲା, କିନ୍ତୁ ରାସ୍ତାରେ କେହି ନଥିବା ହେତୁ କିଛି ବିପଦର ଆଶଙ୍କା ନଥିଲା ।

ସେଦିନ ଅସୀମଙ୍କର ପ୍ରଥମ ଗାଡିଚଲା ହୋଇଥିଲା ଆଉ ତାଙ୍କର ଡ୍ରାଇଭର ଜେମସ ଥିଲା ଗାଡି ତାଙ୍କ ଗାଡିଚଲାର ପ୍ରଥମ ଗୁରୁ । ଅସୀମ ତା'ପରେ ତଳ ରାସ୍ତାରେ ଅନେକ ଦିନ ଗାଡି ଚଲାଇଲେ । କ୍ୟାମ୍ପବେଲ ବେ ପରେ ମଗର ନାଳା ଫରେଷ୍ଟ କ୍ୟାମ୍ପ, ୧୬ କିମି ଆଉ ୩୫ କିମିରେ ଫରେଷ୍ଟ କ୍ୟାମ୍ପ ଥାଏ । ଅନେକ ସମୟରେ ସେ ଗାଡି ନିଜେ ମୁଖ୍ୟ ରାସ୍ତାରେ ଚଲାନ୍ତି । ଧିରେ ତାଙ୍କର ହାତ ଷ୍ଟିଅରିଙ୍ଗ ଉପରେ ସ୍ଥିର ହୋଇଉଠିଲା ଆଉ ଗାଡିର ଚକା ମନକୁ ମନ ଜୋରରେ ବୁଲିଗଲାନି । ତାଙ୍କର ନିଜ ଉପରେ ଭରସା ଆସୁଥିଲା । ସେ ଗାଡି ଭଲଭାବରେ ଚଲାଇପାରିବେ ।

ଏମିତି ବେଶ ମାସ ଖଣ୍ଡେ ଚଲାଇଲା ପରେ ତାଙ୍କର ମନରେ ଭରସା ହେଲା ଯେ ସେ ୩୫ କିମି ପରେ ପଡୁଥିବା ପାହାଡର ତୀବ୍ର ମୋଡକୁ ଅତିକ୍ରମ କରିଯାଇ ପାରିବେ । ଆଉ ସତକୁ ସତ ସେ ଜେମସ ହାତରୁ ଷ୍ଟିଅରିଙ୍ଗ ନେଇ ୩୫ କିମି ପରେ ଥିବା ପାହାଡରେ ଗାଡି ଚଢାଇଲେ । ଆଗକୁ ହଠାତ୍ ଚଢାଣି । ଚଢାଣିରେ ଗିଅର ଠିକ ଭାବେ ନପକାଇଲେ ଗାଡି ଚଢିବାରେ ସମସ୍ୟା ହେବ ଆଉ ପଛକୁ ଗଡିଆସିବ । ବାମ ପଟେ ତିଖ ଖାଇ । ତେଣୁ ସେ ସାବଧାନ ହୋଇ ଗାଡି ଚଲାଇବେ । ଅତି ସହଜରେ ଗାଡି ଗର୍ଜ୍ଜନ କରି ଉପରକୁ ଉଠିଗଲା । ଆଉ ଅସୀମ ସବୁଠାରୁ ଉଚ୍ଚ ମୋଡରେ ପହଞ୍ଚି ଗାଡିକୁ ଅଟାକାଇ ଦେଲେ । ତେଣିକି ଆଉ ଏତେ ବେଶି ଚଢାଣି ନାହିଁ, ପ୍ରାୟ ସମତଳ, ତା'ପରେ ଗଡାଣି । ତାଙ୍କୁ ଲାଗିଲା ନିଜ ବିଶ୍ୱାସର ବିଜୟ ହୋଇଛି । ଗାଡି ବନ୍ଦ ହୋଇନଥିଲା, ଷ୍ଟାର୍ଟରେ ଥିଲା ।

ସବା ଉପର ମୋଡରେ ଗାଡି ଅଟକିଯିବା ପରେ ଜେମସ ଟିକେ ଆଶ୍ଚର୍ଯ୍ୟ ହୋଇଗଲା । ଅସୀମ ନିଜ ପଟ ଡୋର ଖୋଲି ବାହାରକୁ ଆସି ପାଣିକୁ ଅନାଇଲେ । ଉଚ୍ଚରୁ ସମୁଦ୍ର ଭଲ ଦିଶେ । ଅନେକ ଦୂର ଯାଏ ନୀଳ ପାଣି ଲମ୍ବି ଯାଇଛି ଆଉ ବହୁ ବହୁ ଦୂରରେ ଅତି ହାଲୁକା ହୋଇ ସାମାନ୍ୟ ସବୁଜ ରେଖା, ବୋଧହୁଏ ଦ୍ୱୀପଟଏ ଦେଖାଯାଉଛି । ଭଲକରି

ISSN NO.
2582-208X

ନଅନେଇଲେ ସେଠି ଦ୍ୱୀପଟିଏ ଅଛି ବୋଲି ଜାଣି ହେବନି । ବହୁ ଦୂରକୁ ଲମ୍ବିଯାଇଛି ସମୁଦ୍ର । ୩୫ କିମିର ସମୁଦ୍ରକୂଳରେ ହେଉଥିବା ବିରାଟ ଲହଡିମାନ ଅତି ଛୋଟ ଜଣା ପଡୁଛି ।

"ଜେମସ, ସେ ଦ୍ୱୀପକୁ ଏକ ରାସ୍ତା ଥିଲେ ଭଲହୋଇଥାନ୍ତା । ସେ ଦ୍ୱୀପର ନା କ'ଣ ?"– ଅସୀମ ଜେମସକୁ ବଡ ଉତ୍ସାହରେ କହୁଥିଲେ । ତାଙ୍କର ଇଚ୍ଛା ହେଉଥିଲା ଯଦି ସେ ଦ୍ୱୀପଯାଏ ରାସ୍ତା ଥାଆନ୍ତା ତେବେ ସିଧା ଏଇଠୁ ଜୋରରେ ଗାଡି ଗଡାଇ ଦିଅନ୍ତେ । ଗାଡିରେ ବେଶ ସ୍ପିଡ ଆସିଯାଆନ୍ତା ଆଉ ତାଙ୍କ ଲିମିଟ ୪୦ କିମିକୁ ମିନିଟିଏରେ ପାର କରିଯାଆନ୍ତା ।

କିନ୍ତୁ ଜେମସର ମୁହଁ ଟିକେ ଲାଲ ହୋଇଗଲା ।

"ଆଚ୍ଛା ଜେମସ, ସେ ଦ୍ୱୀପର ନାଁ ?"–ଅସୀମଙ୍କ ସ୍ୱର ଟିକେ ଉଚ୍ଚ ଥିଲା । ଗାଡିର ଘଁ ଘଁ ଶବ୍ଦ ଆଉ ଜୋରରେ ପବନ ବୋହିବା ହେତୁ ଅସୀମଙ୍କୁ ଜୋରରେ କହିବାକୁ ପଡୁଥିଲା ।

ଜେମସ ଜାଣିଥିବ ବୋଲି ଅସୀମ ବିଶ୍ୱାସ କରୁଥିଲେ । ଜେମସ ନିକୋବରୀ ଲୋକ । କ୍ୟାମ୍ପବେଲ ବେରେ ଅନେକ ଦିନ ହେଲା ଛୁଆପିଲା ନେଇ ରହୁଛି । ନିକୋବର ଦ୍ୱୀପ ସମୂହରେ ପ୍ରାୟ ସବୁ ଦ୍ୱୀପରେ ନିକୋବରୀମାନେ କମ ବେଶୀ ସଂଖ୍ୟାରେ ଅଛନ୍ତି । ସେମାନେ ସମୁଦ୍ରକୂଳରେ ରୁହନ୍ତି । ତେଣୁ ଜେମସ ଯଦିଓ ଏ ଦ୍ୱୀପର ନୁହଁ, ତଥାପି ସେ ଦ୍ୱୀପ ବିଷୟରେ କିଛି କହିପାରିବ ବୋଲି ଅସୀମ ମନେ କରୁଥିଲେ । କିନ୍ତୁ ଜେମସ ମୁହଁ ଖୋଲିଲା ନାହିଁ ।

"ଜେମସ ସେ ଦ୍ୱୀପର ନାଁ ?"– ଅସୀମ ପୁଣି ପଚାରିଲେ ।

ଜେମସ ତଥାପି କିଛି ବି କହିଲାନି । ଏମିତିକି ସେ ଦ୍ୱୀପକୁ ଅନାଇଲାନି । ତା' ଆଖି ସମୁଦ୍ରକୁ ଆଡକୁ ଯଦିଓ ଯାଉଥିଲା, କିନ୍ତୁ ସେ ଦ୍ୱୀପ ଆଡକୁ ମୋଟେ ଯାଉନଥିଲା, ଏକ ସ୍ପିଙ୍ଗର ମୋଡା ବା ଟେନସନ ସରିଗଲା ପରି ସାମାନ୍ୟ ବୁଲି ରାସ୍ତା ଉପରକୁ ଫେରିଆସୁଥିଲା । ଅସୀମ ସେପଟକୁ ଅନାଇ ସେମିତି ପଚାରୁଥାନ୍ତି ଆଉ ଜେମସ ମୋଟେ ସେପଟକୁ ଅନାଉନଥିଲା । ଅସୀମ ବୁଝିପାରୁନଥିଲେ ଜେମସ ଏମିତି କ'ଣ ପାଇଁ ବ୍ୟବହାର କରୁଛି । କଥା କହିବା ତ ଦୂରର କଥା ଗୋଟାଏ ଦିଗକୁ ମୋଟେ ଅନାଉନାହିଁ।

ISSN NO.
2582-208X

ଜେମସ ଅତି ସରଳ ଲୋକ । ତା' ମନରେ କିଛି କଥା ଥିଲେ ସେ ସିଧା କହିବ । ସେମିତି ବି ଅନ୍ୟ ନିକୋବରୀମାନେ ପ୍ରାୟ ସିଧା ଲୋକ । କିନ୍ତୁ ଜେମସ ଭଳି ସିଧା ସରଳ ଲୋକ ପାଇବା ସହଜରେ ସମ୍ଭବ ନୁହେଁ ।

ଅସୀମ ଜେମସଙ୍କୁ ଆଉ ବାଧ୍ୟ କଲେନାହିଁ । କିଛି କାରଣ ପାଇଁ କହୁନି । ସେ ନିଜର ୪୧ କିମି କ୍ୟାମ୍ପରେ କାମ ସାରି ଫେରିଲାବେଳେ ୩୫ କିମି କ୍ୟାମ୍ପରେ କିଛି ସମୟ ରହିଲେ । ସେଇଠି ଉଦୟରାଜଙ୍କୁ ସମୁଦ୍ରଭିତରେ ଏକ ସବୁଜିଆ ପତଳା ରେଖା ଆଉ ଜେମସ କଥା କହିଲେ ।

"ସେଇଟା ତିଲଙ୍ଗଚାଙ୍ଗ ଦ୍ୱୀପ ହୋଇଥିବ ।"- ଉଦୟରାଜ କହିଲେ । ତାଙ୍କ କଥାରେ କିଛି ସେମିତି ବିଶ୍ୱାସ ଥିଲା ଭଳି ଲାଗୁନଥିଲା । ମ୍ୟାପ ହିସାବରେ ସେଇଟା ସତରେ ତିଲଙ୍ଗଚାଙ୍ଗ ଦ୍ୱୀପ ଥିଲା କି ନାହିଁ, ତାହା ଅସୀମ ଜାଣି ନଥିଲେ । ଅସୀମଙ୍କ ଜଣାରେ ତିଲଙ୍ଗଚାଙ୍ଗ ଦ୍ୱୀପ କାମୋର୍ଟା ଦ୍ୱୀପ ପାଖାପାଖି । ଏତେ ଦୂରରୁ ଦେଖାଯାଉଥିବା କି ନାହିଁ, କିଏ ଜାଣେ ? ଏକ ଉଚ୍ଚ ପାହାଡରୁ ବହୁ ଦୂର ଜିନିଷ ଦେଖାଯାଏ ।

"ଜେମସ ନାଁଟା କହିଲାନି ।"-ଅସୀମଙ୍କ ସ୍ୱରରେ ସାମାନ୍ୟ କ୍ଷୋଭ ଥିଲା ।

"ନକହିବା ସ୍ୱାଭାବିକ । ନିକୋବରୀମାନେ ସେ ଦ୍ୱୀପର ନାଁ ନିଅନ୍ତି ନାହିଁ ।"

"ନାଁ, ନିଅନ୍ତିନି, କ'ଣ କହୁଛନ୍ତି ?"

ଅସୀମ ଆଶ୍ଚର୍ଯ୍ୟ ହୋଇଗଲେ । ନିକୋବରୀମାନେ ସେ ଦ୍ୱୀପର ନାଁ ନିଅନ୍ତି ନାହିଁ ଆଉ ସେପଟକୁ ମଧ୍ୟ ଅନାନ୍ତି ନାହିଁ! କାରଣଟା ?

"ସେ ଦ୍ୱୀପ ସହ ବହୁ ଅନ୍ଧବିଶ୍ୱାସ ଯୋଡା ଅଛି । ସେଠାରେ କିଛି ଦୁଷ୍ଟ ଆତ୍ମା ଅଛନ୍ତି ବୋଲି ନିକୋବରୀମାନେ ଭାବନ୍ତି ।"- ଉଦୟରାଜ କିଛି ଜାଣିଥିଲା ଭଳି କହୁଥିଲେ ।

"ସତରେ କ'ଣ ସେମିତି ଅଛି ?"

"ସାର୍, ନିକୋବରୀମାନେ ଭୂତ ପ୍ରେତ, ଆତ୍ମାକୁ ବହୁତ ମାନନ୍ତି ।"

"ବଡ ଆଶ୍ଚର୍ଯ୍ୟର କଥା । ଏତେ ଅନ୍ଧବିଶ୍ୱାସ ।"

ISSN NO.
2582-208X


"ସେମାନଙ୍କର ବହୁ ଅନ୍ଧ ବିଶ୍ୱାସ ଅଛି । ବହୁ ନିୟମ ମାନନ୍ତି । ଅନେକ ଶୁଭ ଅଶୁଭ ମାନନ୍ତି । ଏପଟେ ଗ୍ରେଟ ନିକୋବରରେ ଛୁଆମାନଙ୍କୁ ନିଜ ଗାଁରୁ ସନ୍ଧ୍ୟାପରେ ବାହାରିବାକୁ ବାରଣ କରାଯାଏ । ବିଶ୍ୱାସ କରାଯାଏ ଆତ୍ମାମାନେ ଗାଁ ଚାରିପଟେ ବୁଲୁଥାନ୍ତି । ଏକ ପ୍ରଜାତିର ଗଛରେ ଆତ୍ମା ରହୁଥିବାର ବିଶ୍ୱାସ କରାଯାଏ ଆଉ କେହି ସେ ଗଛକୁ କାଟନ୍ତିନି। ଯେତେବେଳେ ସେମାନେ ଶୂକର ଶିକାର କରିବାକୁ ଯାଆନ୍ତି, ସେତେବେଳେ ସାଙ୍ଗରେ ଯାଉଥିବା କୁକୁରକୁ ଗାଧୋଇ ଦିଆଯାଏ । ଚନ୍ଦ୍ର ଗ୍ରହଣ ସମୟରେ ସେମାନେ ବିଶ୍ୱାସ କରନ୍ତି ଯେ ଯଦି ଚନ୍ଦ୍ର କେଉଁଠି ହଜିଯାଏ, ତେବେ ପ୍ରାକୃତିକ ବିପତ୍ତି ପରେ ବିପତ୍ତି ପଡିବ। ତା'ପରେ ଜଗତରେ ସବୁ ଜିନିଷ ଧ୍ୱଂସ ହୋଇଯିବ । ସେଇଥି ପାଇଁ ସେମାନେ ଚନ୍ଦ୍ର ଗ୍ରହଣ ସମୟରେ ଦୁଃଖୀ ହୋଇଯାଆନ୍ତି ଓ ବାହାରେ ନିଆଁ ଜଳାନ୍ତି । ସେମାନେ ବିଶ୍ୱାସ କରନ୍ତି ନିଆଁର ଗରମରେ ଚନ୍ଦ୍ରଗ୍ରହଣ ମିଳାଇ ଯିବ । ସେମାନେ ଜଙ୍ଗଲ ଭିତରେ ବହୁ ନିୟମ ମାନନ୍ତି ।"- ଉଦୟରାଜ ତାଙ୍କର ଜାଣିଥିବା କଥା କହିଲେ ।

"ସେଇଟା ହୋଇଥିବ ।"- ଅସୀମ କହିଲେ ।

ଉଦୟରାଜଙ୍କ କଥାରେ କିନ୍ତୁ ତାଙ୍କର ମନ ପୁରିନଥିଲା । ଉଦୟରାଜ ମଧ୍ୟ ନିକୋବରୀଙ୍କ ଉପରେ ଆଉ ବେଶି କହିପାରିଲେ ନାହିଁ । ସେମାନଙ୍କର କ୍ୟାମ୍ପରେ ନିକୋବରୀମାନେ କାମ କରୁଥିଲେ । ସେମିତି ଏକ କ୍ୟାମ୍ପ ଥିଲା ୧୬ କିମି କ୍ୟାମ୍ପ । ଦିନେ ସେହି ଏକା କଥା ସତୀଶ କୁମାରଙ୍କୁ ପଚାରିଲେ ।

"ବୋଧହୁଏ ଜେମସ ଆଉ କିଛିକୁ ଡରୁଥିବ । ଜଙ୍ଗଲିଆ ଜାଗା ତ ।"- ସତୀଶ କୁମାର କହିଲେ ।

ଅସୀମ ସେ ଜାଗାର ସାମାନ୍ୟ ବର୍ଣ୍ଣନା ଦେଲେ । କେମିତି ଗଛ ବୃକ୍ଷ ଅଛି । ସେପଟକୁ ଲୋକଙ୍କ ବେଶି ଯାତାୟାତ ନାହିଁ । ବଡ ପଥର ଅଛି । ବାମପଟକୁ ଖୋଲା ଜାଗା ଆଉ ସମୁଦ୍ର ଦେଖାଯାଉଛି । ଏମିତି କିଛି କଥା ସେ ସତୀଶ କୁମାରଙ୍କୁ କହିଲେ ।

"ବୁଝିପାରିଲି । ଜଙ୍ଗଲରେ ଏକ ପ୍ରକାର ବଡ କଳା ପଥର ମିଳେ । ନିକୋବରୀମାନେ ବିଶ୍ୱାସ କରନ୍ତି ଏହି ପଥରର ଜୀବନ ଅଛି । ଏହି ପଥର ପାଖରେ କେହି ବଡ ପାଟିରେ କଥା ହେବା ବା ପାଟିତୁଣ୍ଡ କରିବାକୁ ସାହାସ କରନ୍ତିନି । ଏମିତିକି ଏହି ପଥର ପାଖରେ ଗଛ ମଧ୍ୟ କାଟନ୍ତିନି । ଏମିତି କଲେ କୁଆଡେ ଏମିତି କରୁଥରବା ଲୋକକୁ ବହୁତ ଜ୍ୱର

ISSN NO.
2582-208X

ହେବ, ଏବଂ ସେ ରକ୍ତ ବାନ୍ତି କରିବ ଆଉ ଶେଷରେ ମରିଯିବ । ସେମିତି କ'ଣ ସେ ବଡ ପଥରଟା ଏକଦମ କଳା ଥିଲା କି ?"– ସତୀଶ କୁମାର କଥାଟା ଟିକିଏ ବୁଝାଇ ଶେଷରେ ପଚାରିଲେ ।

"ଏକଦମ ଠିକ ଭାବେ କହିପାରିବିନି, କିନ୍ତୁ ପଥର ତ କଳା ଥିଲା । ଏମିତି ତ ଅଧିକାଂଶ ପଥର କଳା ଦେଖାଯାଏ ।"

"ନିକୋବରୀମାନେ ଏମିତିଆ ପଥରରେ ଭୂତ ପ୍ରେତ, ଆତ୍ମା ଆବାସ କରୁଥିବେ ବୋଲି ଭାବନ୍ତି । ତେଣୁ ଜେମସ ସେଠି ଠିଆହୋଇ କଥାବାର୍ତ୍ତା କରିବାକୁ ସାହାସ କରିନଥିବ ।"

"ଆଶ୍ଚର୍ଯ୍ୟଜନକ କଥା । ବେଶ ମଜା ଲାଗୁଛି ।"

ସତୀଶ କୁମାର ମୁଣ୍ଡ ହଲାଇଲେ ଓ ତା'ପରେ ସେ ନିକୋବରୀଙ୍କ ବିଶ୍ୱାସ ବା ଅନ୍ଧବିଶ୍ୱାସ ଉପରେ କହିଲେ । ଏ କଥା ସବୁ ଜେମସ ମୁହଁରୁ ଶୁଣିଥିଲେ ଅସୀମ ଖୁସି ହୋଇଥାନ୍ତେ । କିନ୍ତୁ ଜେମସ ମୃତ୍ୟୁ, ଡରକଥା ମୋଟେ ଆଲୋଚନା କରିବ ନାହିଁ । ଉଦୟରାଜ ତଥା ସତୀଶ କୁମାରଙ୍କ କଥା ଅନୁସାରେ ନିକୋବରୀମାନେ ଭାବନ୍ତି ଭୂତପ୍ରେତଙ୍କର ଆଧିଭୌତିକ ଶକ୍ତି ଅଛି । ସେମାନଙ୍କ ହିସାବରେ ଆତ୍ମାର କିଛି ରୂପ ନାହିଁ । ଆତ୍ମା ମଣିଷର ଶରୀରରେ ରହି ସବୁକିଛି କରାଉଥାଏ । ଆତ୍ମା ଚାଲିଗଲେ ମଣିଷ ଏକ ପ୍ରେତରେ ପରିଣତ ହୋଇଯାଏ । ଭୂତ ସେମାନଙ୍କ ହିସାବରେ ଏକ ଛାଇ ମାତ୍ର । ଦ୍ୱୀପର ସବୁ ଯାଗାରେ ଭୂତ ପ୍ରେତ ବାସ କରୁଛନ୍ତି । ଯେତେବେଳେ ଜଣେ ମରିଯାଏ, ସେତେବେଳେ ସେ ଭୂତରେ ପରିଣତ ହୁଏ । ଭୂତ ବେଳେବେଳେ ମଣିଷର ସ୍ୱପ୍ନରେ ଘୁଷୁରି, କୁକୁର ଏମିତି କେଉଁବି ରୂପରେ ଦେଖାଦିଏ । ଯେତେବେଳେ ଏକ ମୃତ ମଣିଷ ସ୍ୱପ୍ନରେ ଆସେ ସେତେବେଳେ ଶରୀର ଅସୁସ୍ଥ ହେବା ନିଶ୍ଚିତ । ତେଣୁ ଟିକିଏ କଥାରେ ଜେମସ ଡରୁଥିବ ।

"ଏତେ ବିଶ୍ୱାସ କରନ୍ତି । ଭଲ ଆତ୍ମା ବା ଭୂତ ନାହାନ୍ତି ?"

"ସେମାନଙ୍କ ହିସାବରେ ଭୂତ ଦୁଇପ୍ରକାରର । ଗୋଟିଏ ପ୍ରକାରର ଭୂତ ମଣିଷର ଦେହ ଖରାପ କରାଏ ଓ ଅନ୍ୟ ପ୍ରକାରର ଭୂତ ମଣିଷକୁ ଡରାଏ । ବେଳେବେଳେ ଭୂତ ମଣିଷ

ISSN NO.
2582-208X

ଉପରେ ରାଗିଯାଏ ଆଉ ମଣିଷର ଦେହ ଖରାପ ହୁଏ । ସେତେବେଳେ ଭଲ କରିବା ପାଇଁ ଗୁଣିଆର ଆବଶ୍ୟକତା ଥାଏ ।"

"ମଲାପରେ ?"

"ସେମାନେ ବିଶ୍ୱାସ କରନ୍ତି ମୃତ୍ୟୁପରେ ମଣିଷ ଏକ ପୃଥିବୀରେ ପହୁଞ୍ଚେ ଯେଉଁଠାରେ ସବୁକିଛି ପ୍ରଚୁର ପରିମାଣରେ ଥାଏ । ସେଠାରେ ବହୁ ଉଦ୍ୟାନ ଅଛି, ସବୁଥିରେ ନଡିଆ ଆଉ ପାଣ୍ଡାନାସ ଗଛ ଭରିକରି ଅଛି ଆଉ ସମୁଦ୍ରରେ ପ୍ରଚୁର ମାଛ ଅଛି । ମଲାପରେ ମଣିଷ ସେଠାକୁ ଯାଇ ଚାଷ କରେ, ଶିକାର କରେ ମାଛ ଧରି ଖୁସିରେ ରୁହେ । ଯେତେବେଳେ ସ୍ୱାମୀ କି ସ୍ତ୍ରୀ ମରିଯାଏ ସେତେବେଳେ ସ୍ତ୍ରୀ କି ସ୍ୱାମୀ ଉପଯୁକ୍ତ ସମୟରେ ମରି ନିଜ ଜୀବନ ସାଥି ସହ ମିଳିତ ହୁଏ । ତେଣୁ କେହି ଜୀବନର ଶେଷ ଆଡକୁ ବିବାହ ବିଚ୍ଛେଦ କରନ୍ତି ନାହିଁ, ତାହାହେଲେ ମଲାପରେ ସେମାନଙ୍କୁ ଆଉ ଜୀବନ ସାଥି ମିଳିବନି । ସେମାନଙ୍କ ପିଲାମାନେ ପର ସମୟରେ ମୃତ୍ୟୁଲୋକରେ ବାପ ମାଙ୍କ ସହ ମିଳିତ ହୁଅନ୍ତି ।

ନିକୋବରୀମାନେ ବିଶ୍ୱାସ କରନ୍ତି ଯେ ଦୁଷ୍ଟ ଆତ୍ମା ଶଇତାନ ଝଡ, ବାତ୍ୟା ଆଦି ପ୍ରାକୃତିକ ବିପତ୍ତି କରିଥାଏ । ଯଦି ବେଶି ସମୟ ଝଡ ବାତ୍ୟା ରହିଲା ତେବେ ଗୁଣିଆକୁ ଡକାଯାଏ ଆଉ ସେ ସଇତାନର ତୁଷ୍ଟି ପାଇଁ ଗୁଣିଟୁଣି ଭଳି ବିଭିନ୍ନ କର୍ମକର୍ମାଣି କରେ । ସେଇଥି ପାଇଁ ସେ କୁକୁଡା ବଳି ଦେଇଥାଏ, ଗୁଣୁଗୁଣୁ ହୋଇ କିଛି ମନ୍ତ୍ର ଉଚ୍ଚାରଣ କରେ । ସମୁଦ୍ରକୂଳରେ କିଛି ମନ୍ତ୍ର ପଢିଥାଏ ।

ସେମାନେ କାଠର ମୂର୍ତ୍ତୀମାନ ବେଳେବେଳେ ବନାଇଥାନ୍ତି । ସେଥିରେ ଖଞ୍ଜିଦେଇଥାନ୍ତି ଟୋପୀ, ହେଲମେଟ ଉତ୍ୟାଦି । ଚଷମା ବେଳେବେଳେ ପିନ୍ଧାଇ ଦେଇଥାନ୍ତି । ଏବୁ ଜିନିଷ ସମୁଦ୍ରକୂଳରେ କେବେକେବେ ଭାସି ଆସି ଲାଗିଥାଏ । ସେମାନେ ଭଲ ମୂର୍ତ୍ତୀ ବନାନ୍ତି ।

ସେମାନେ କବରରୁ ହାଡ, ଖପୁରୀ ଇତ୍ୟାଦି ବାହାର କରି ତା'କୁ ନଡିଆ ପାଣିରେ ଧୋଇଦିଅନ୍ତି, ନୂଆ କପଡାରେ ସଜାଇ ଦିଅନ୍ତି । ବେଳେବେଳେ ଚଷମା ପିନ୍ଧାଇ ଦିଅନ୍ତି, ଖପୁରୀରର ମୁଣ୍ଡରେ ଥାଏ ଟୋପୀ ବା ସେଇପରି ସଜାଇବାର କିଛି ଜିନିଷ । ପାଖରେ ଥାଏ ଏକ କାଠର ଏକ ବା କିଛି ମୂର୍ତ୍ତୀ ବା ଅନ୍ୟ କିଛି ରୂପ । ଏହା ଦୁଷ୍ଟ ଆତ୍ମାକୁ ବିତାଡିତ କରେ । ଠିଆ ହୋଇଥିବା ମୂର୍ତ୍ତୀରେ ଭିତରେ ଥାଏ ଏକ ପ୍ରଭାବଶାଳୀ ବ୍ୟକ୍ତି ଯଥା ଗ୍ରାମର ବା ଘରର ମୁଖ୍ୟ ବ୍ୟକ୍ତିର ଅସ୍ଥି । ଆଉ ବସୁଥିବା କାଠର ମଧ୍ୟରେ ଥାଏ

ISSN NO.
2582-208X

ଅତି ପ୍ରଭାବଶାଳୀ ଗୁଣିଆର ଅସ୍ଥି । ଏମିତି କିଛି ବିଶ୍ୱାସ ଥାଏ । ଏମାନେ ନିଜ ଶକ୍ତି ବଳରେ ଦୁଷ୍ଟ ଆତ୍ମାକୁ ପ୍ରତାଡିତ କରିବେ ।"- ସତୀଶ କୁମାର ବହୁକଥା କହିଚାଲୁଥିଲେ ।

"ଦୁଷ୍ଟ ଆତ୍ମାକୁ ସେମାନେ ଏତେ ଡରନ୍ତି ! ତିଲଙ୍ଗଚାଙ୍ଗରେ କ'ଣ ଦୁଷ୍ଟ ଆତ୍ମା ଭରିଯାଇଛନ୍ତି ?"-ଅସୀମ ପଚାରିଲେ ।

"ସେଠାକୁ ଯାଇ କିଏ ଆଉ ଫେରି ନଥିବ ।"

"ଏମିତି ହେବାର କିଛି ଲକ୍ଷଣ ବା କାରଣ ସେମାନେ ଖୋଜିପାଇଛନ୍ତି କି ?"

"ସାର୍, ସେମାନଙ୍କ ଅଞ୍ଚଳରେ କିଏ ଡୁଗଙ୍ଗକୁ ମାରିଦେଇଥିବ । ସେଇ ଲୋକ ତିଲଙ୍ଗଚାଙ୍ଗ ଯାଇଥିବ । ଆଉ ଫେରିନଥିବ ।"

"ମାନେ ?"

-୦-୦-

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା
ମୋ-୭୩୫୫୭୩୪୩୪୬

ISSN NO.
2582-208X

# ବୋଉ ମନେପଡେ



ଡ. ଶଶଧର ମହାପାତ୍ର

କଲେଜରେ ପାଠ ପଢୁଥିଲା ବେଳେ
ପଠାଉଥିଲି ବୋଉ ପାଖକୁ
ପୋଷ୍ଟକାର୍ଡରେ ଲେଖା କେତେ ଚିଠି,
ଅମକ ଦିନ ଆସୁଛି ଗାଁ'କୁ,
ବୋଉ ଖବର ପାଇ ପଠେଇଥାଏ କାହାକୁ
ମଙ୍ଗଳପୁର ବସ୍‌ଷ୍ଟାଣ୍ଡକୁ,
ମୋ' ବ୍ୟାଗ ମୁଣ୍ଡେଇ ନେବାକୁ,
ବହୁତ କଷ୍ଟ ଲାଗୁଥିଲା ସେତେବେଳେ
ସାଢେ ଚାରି ମାଇଲ ଚାଲି ଚାଲି ଯିବାକୁ,
ବୋଉ ଚାହିଁ ରହିଥାଏ ମୋ' ଆସିବା ବାଟକୁ,
ଟିକିଏ ଡେରି ହେଇଗଲେ
ଆଶା ଓ ଆଶଙ୍କାରେ ଛଟପଟ ହୁଏ ବୋଉ,
ମୁହଁ ଶୁଖେଇ ଦାଣ୍ଡ ଦୁଆରରୁ ବାଡି ଦୁଆର
ବାଡି ଦୁଆରରୁ ଦାଣ୍ଡ ଦୁଆର ହେଉଥାଏ ସିଏ,
ମା' ମନ ସବୁବେଳେ କନକନ, ଛନଛନ,
କେଉଁ ବାଟ ଦେଇ ଘରକୁ ପଶି ଆସିବି
ତାକୁ ଜଣା ନଥାଏ ।
ସବୁବେଳେ ମୋ'ର ଏ' ଦୁଷ୍ଟାମି, ପିଲାଳିଆମି
ଚାହୁଁଥାଏ ଚକମା ଦେବାକୁ,

ISSN NO.
2582-208X

ଭଲ ଲାଗେ ତା' ସଙ୍ଗେ କେଇଟା ମୁହୂର୍ତ୍ତ ପାଇଁ
ସେହି ଲୁଚକାଳି ଖେଳ ଖେଳିବାକୁ,
ଆସ୍ତେଆସ୍ତେ ଛୋଟଛୋଟ ପାହୁଣ୍ଡ ପକେଇ
ଛପିଛପି ତା' ପଛରୁ କୁଣ୍ଢାଇ ପକାଇବାକୁ,
ହଠାତ୍ ଝଲସି ଉଠେ ତା'ର ସେହି ଶୁଖିଲା ମୁହଁ,
ଛଳଛଳ ହେଇଯାଏ ତା' ଆଖି ଆନନ୍ଦାଶ୍ରୁରେ,
ପୋଛିଦିଏ ମୋ' ମୁହଁ
ତା' ତେଲ ଚିକିଟା ପଣତ କାନିରେ,
ଟିକିଏ ଆଉଁସି ଦିଏ
ତା'ର ସେହି କୁନିକୁନି ହାତରେ,
ସେ' କେଇଟା ମୁହୂର୍ତ୍ତର ସ୍ୱର୍ଗ ସୁଖ
ଅବର୍ଣ୍ଣନୀୟ ଭାଷାରେ ।
"ବୋଉ' ଏକ ମାମୁଲି ଶବ୍ଦ ନୁହେଁ,
ଲାଗେ ସତେ ଯେମିତି ସେ' ଶବ୍ଦ ଭିତରେ
ଲୁଚି ରହିଛି ଅନେକ ଶବ୍ଦ,
ସତେକି ଏକ କାହାଣୀ, ଏକ ଲମ୍ବା କାହାଣୀ,
ସେ' କାହାଣୀ ତା'ଠୁ ଆରମ୍ଭ, ତା'ଠୁ ଶେଷ,
ସେ' ସତରେ ସବୁଠି ଥାଏ,
ଉପକ୍ରମଣିକାରୁ ଆରମ୍ଭ ହେଇ
କାହାଣୀ ଶେଷରେ ପୂର୍ଣ୍ଣଚ୍ଛେଦ ପଯ୍ୟର୍ନ୍ତ,
ତା' ଭଲ ପାଇବାରେ କେବେ ନଥାଏ ଅନ୍ତ,
ସମସ୍ତ ସନ୍ତାନଙ୍କର ଶୁଭ ମନାସୀ ଥାଏ ବୋଉ,
ସମସ୍ତଙ୍କ ପାଇଁ ଗଢିଥାଏ
ଛୋଟିଆ ଛୋଟିଆ ଆଶାର ସଉଧ,
ତା' ନିକଟରେ ନଥାଏ କିଛି ଭେଦ ଭାବ ।
"ବୋଉ' ଏକ ଭାବନା ଆଶା, ବିଶ୍ୱାସର,
ନିରାଶା ମରୁରେ ସିଏ ଅମୃତର ଝର,

ISSN NO.
2582-208X

ଦୁନିଆକୁ ସେ' ଈଶ୍ୱରଙ୍କର ଏକ ମହାଦାନ,
ତନୁରେ ବୋଳନ୍ତି ଚନ୍ଦନ ଜନମରୁ ମରଣ,
ବୋଉମାନେ ଯାହା କହିବାକୁ ଚାହାଁନ୍ତି କହି ପାରନ୍ତିନି,
ଯାହା କରିବାକୁ ଚାହାଁନ୍ତି କରି ପାରନ୍ତିନି,
ଦୁଃଖରେ ସମସ୍ତଙ୍କ ଭଳି କାନ୍ଦି ପକାନ୍ତି,
ସୁଖରେ ବି ଅତି ଆନନ୍ଦରେ କାନ୍ଦି ପକାନ୍ତି,
ଚିହ୍ନା, ଅଚିହ୍ନା ସମସ୍ତଙ୍କୁ ସଂପର୍କରେ ବାନ୍ଧି ପକାନ୍ତି,
କେତେବେଳେ ତାଙ୍କ ମମତାକୁ ଛାତି ତଳେ
ଲୁଚେଇ ରଖିଥାନ୍ତି ତ,
କେତେବେଳେ ସମସ୍ତଙ୍କ ସାମ୍ନାରେ ଖୋଲି ଦିଅନ୍ତି,
ତାଙ୍କୁ ବୁଝିବା ସେତେ ସହଜ ନୁହେଁ,
ବରଂ କଷ୍ଟ, ବହୁତ କଷ୍ଟ,
କେବଳ ମା' ଟିଏ ହିଁ ମା' କଥା ବୁଝିପାରେ,
ମା'ଟିଏ କେବଳ ମା' ର ସ୍ଥାନ ନେଇପାରେ ।
ଅଠ ତିରିଶ ବର୍ଷ ତଳେ
ଆସିଥିଲି ବିଦେଶ, ଛାଡି ମୋ' ଗାଁ,
ଜ୍ଞାତି, ବନ୍ଧୁ, କୁଟୁମ୍ବମ୍ୱ, ବାପା, ବୋଉ ସମସ୍ତେ
ରହିଗଲେ ଯେଝା ଯେଝା ସ୍ଥାନରେ,
ରହିଥିଲେ ସଦା ମୋ' ମନ ଭିତରେ,
ସେଦିନ ମନରେ ଜାଗ୍ରତ ହେଇଥିଲା
ଅନେକ କୌତୂହଳ,
ହେଇଥିଲି ମୁଁ ବ୍ୟାକୁଳ,
ହେଇଥିଲି ମୁଁ ସ୍ୱପ୍ନରେ ବିଭୋର,
ରହିଗଲେ ଦୂରେ, କାହିଁ କେତେ ଦୂରେ
ମୋ' ବୋଉ, ମୋ' ଶୈଶବ,
ଆଉ ମୋ' ଅଭୁଲା କୈଶୋର ।
ଆଜି ମୁଁ ପହଞ୍ଚିଲିଣି ବାର୍ଦ୍ଧକ୍ୟରେ,

ISSN NO.
2582-208X

ବୋଉ ଆଜି ସ୍ୱର୍ଗପୁରେ,
ଦିନେ ମହାକାଳ ଆସି ଡାକିନେଲା
ମୋ' ବୋଉକୁ ତା' କାଳର ଗର୍ଭକୁ,
ମନ କଥାକୁ ମନରେ ମାରି ମୁଁ
ମନେମନେ କେତେ ଖୋଜିଲି ତାକୁ,
ତା' ଦେହର ପ୍ରତି ଅଣୁ, ପରମାଣୁ
ମିଶିଗଲେ ଗାଁ ର ମାଟିରେ,
ତଥାପି ପୃଥିବୀ ଘୁରି ବୁଲୁଥିଲା ତା' ବାଟରେ,
ଆଜି ତା' ମୃତ୍ୟୁ ବାର୍ଷିକୀରେ
ସିଏ ବହୁତ ମନେ ପଡେ,
ଡାକେ ମୋତେ ତା' ଇସାରାରେ,
ଡାକେ ଆମ ଗାଁ, ବାଡି, ଘର, ଗୁହାଳ,
କାଉ, କୋଇଲି, କୁମ୍ଭାଟୁଆ, କଜଳପାତି,
ଦାଠ ସାମ୍ନାରେ ଥିବା ସଜନା ଓ କାଠଚଂପା ଗଛ,
ଗ୍ରାମ ଦେବତୀ, ଗାଁ ମୁଣ୍ଡର କେଉଁ କାଳର ବରଗଛ,
କିଏ ଆଗ, କିଏ ପଛ
ଆସିଯାନ୍ତି ଗୋପନରେ,
ଛିଡା ହୁଅନ୍ତି ମୋ' ସାମ୍ନାରେ, ମୋ' ସ୍ୱପ୍ନରେ,
ବୋଉ ଲୁଚି ରହିଥାଏ ସେମାନଙ୍କ ପଛରେ,
ରାନ୍ଧୁଥାଏ ଫୁଙ୍କି ଫୁଙ୍କି ଘସି ଜାଳି ଚୂଲୀରେ,
ସମସ୍ତେ ମୋତେ ଉଠେଇ ଦିଅନ୍ତି ସକାଳରେ
ସେ' ସ୍ମୃତି ସବୁ ଆଉଁସି ଦିଅନ୍ତି ମୋ' ପିଠିରେ
କଥା କହନ୍ତି ଚୁପିଚୁପି ମୋ' କାନ ପାଖରେ ।

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା
ଫୋନ୍-୩୦୧୮୭୭୦୦୨

ISSN NO.
2582-208X

# ।। ଡାଡୁ ।।



ଡକ୍ଟର ଉତ୍ପଳା ଦାଶ ଷଡଙ୍ଗୀ

ପଣ କରିଥିଲି
ସବୁ ଦିନ  ପାଇଁ,
ତୁମ  ଆଖି  ଆଇନା ରେ  -----
ଚପଳତା  ନେଇ,
କୁନି କୁନି  ଓଠରେ  ଡାକିବି
ଗେଲ ରେ  "ଡାଡୁ "!!
ଯୋଉ   ନାମରେ  ଡାକିଲେ
ତୁମେ  ଦେଉଥିଲ ଉତ୍ତର,
କେତେବେଳେ  ଡାକୁଥିଲି
ରାଜସ୍ଥାନୀ  ଭାଷାରେ
"ବାପୁସା"!
ହସି ହସି  କହିଥିଲ, ରୁହ,
ରାଜସ୍ଥାନ  ନେଇଯିବି
ବୁଲେଇ  ଆଣିବି !!
ତୁମେ ଥିଲ  ସୁର୍ଯ୍ୟ ତ
ମୁଁ  ଥିଲି  ପଦ୍ମ;
ଦୁହିଁଙ୍କର  ଥିଲା  ପ୍ରେମ  ଅତୁଟ------
ତୁମେ ହସୁଥିଲ ନିଷ୍ପାପ  ଫୁଲ  ପରି,
ପଦ୍ମ  ଓଠରେ

ISSN NO.
2582-208X

ହସ ଫୁଟୁ ଥିଲା---
ଧୀରେ ଧୀରେ  ପାଖୁଡ଼ା  ମେଲି!!
ହେଲେ  ବିଧିର ବିଧାନ
ଥିଲା  ନିଷ୍ଠୁର----
କିଏ  ପକାଇଲା  ଆମ  ଖୁସିର
ସଂସାରରେ ---
ରୁଦ୍ର ଦୃଷ୍ଟି! !
ତୁମେ ଚାଲିଗଲ,
ଝାଉଁଳି ଗଲା ପଦ୍ମ;
ପାଲଟି ଯାଏ  ସେ  ଗୁମ୍ ସୁମ୍,
ପାଷାଣୀ  ଅହଲ୍ୟା ଟିଏ!!
ଶବ୍ଦର କାଗଜ ଡଙ୍ଗା ସବୁକୁ
ଦୁଃଖର ନଈରେ   ଭସାଇ ଦେଲି---
ଏବେ  ଏକଲା  ବସି
ଚିନ୍ତନ  କରେ  ତୁମକୁ;
ତୁମକୁ  ଦେଖିବାର  ସାମର୍ଥ୍ୟ
ହରେଇ  ବସିଲି,
ବୟସର   ଚଷମା କାଚ
ଧୂସର  ହେଲାଣି!!
ଅକସ୍ମାତ  ଫେରେଇ  ଦିଅନ୍ତୁ
ତୁମକୁ,
ମୋ  ପାଖକୁ---
କଣ୍ଢେଇ  ରୂପରେ  ହେଉ
କି କୁନିପୁଅ ରୂପେ
ଅନନ୍ତ ଇଚ୍ଛାର  ପୁର୍ତ୍ତୀ  ପାଇଁ!!
××××××××××××××

ଝାଡ଼ଖଣ୍ଡ

ISSN NO.
2582-208X

# ରତ୍ନମଣି



ଡ଼କ୍ଟର ବିଜ୍ଞାନୀ ଦାସ

ବହୁତ ଦିନ ତଳେ ତାର ନାମ ଥିଲା ରତନୀ । ସିଏ ଗୋଟିଏ ଛୋଟ ଗାଆଁରେ ଛୋଟ ନିରୀହ ଝିଅଟିଏ ଥିଲା । ତାର ସେମିତି ନାଆଁ ପାଇଁ, ଗାଆଁର ପୁଅ ହେଉ କି ଝିଅ ହେଉ, ଛୋଟ ହେଉ କି ବଡ ହେଉ, ସମସ୍ତେ ତାକୁ ଚିଡାଇବାକୁ ଭୁଲୁନଥିଲେ । "ରତନୀ, ପାଟପତନୀ, ତାର ବରଗଛ ମୂଳେ ଘର, ବାପା ଦେଖିନାହିଁ, ମା ଦେଖିନାହିଁ, ନେଇଗଲା ବୁଢାବର ।'

ସେଇ "ବୁଢାବର' ଶବ୍ଦଟି ଯେମିତି ତା' କଅଁଳ ମନରେ ଛୁଞ୍ଚି ଫୋଡିଦିଏ । ସିଏ କାନ୍ଦିକାନ୍ଦି ଯାଇ ତା' ଜେଜେମା ଆଗରେ ତାକୁ ଚିଡୋଉଥିବା ପିଲାଙ୍କ ନାମରେ ଲଗେଇଜୁଟେଇ କହେ। ତା' ଜେଜେମାର ଚଣ୍ଡୀରୂପ ପ୍ରକାଶ ପାଏ । ପିଲାମାନେ ଲୁଚି ପଳାନ୍ତି । ରତନୀର ଜେଜେମା ସାବଧାନ କରିଦିଏ, "ଆଉ ଥରେ ଯଦି ମୋ ନାତୁଣୀ ସହିତ ଲାଗିଛ, ତମ ବାପା, ମା ଚଉଦପୁରୁଷଙ୍କୁ ସାବାଡ କରିଦେବି । ସିଏ ରତନୀ ନୁହେଁ, ରତ୍ନମଣି । ତମମାନଙ୍କ ମୁଣ୍ଡର ଯଦି ତାର ଅର୍ଥ ନ ପଶୁଛି, ଯାଇ ନିଜ ବାପ-ମାଙ୍କୁ ପଚାର ।”

ସେଇ ରତନୀ ବଡ ହେଲା । ସ୍କୁଲରେ ଭଲ ପଢୁନଥିଲା । ତେଣୁ ମ୍ୟାଟ୍ରିକ ପରୀକ୍ଷାରେ ଫେଲ ହେଲା । କିନ୍ତୁ ରୂପଟି ତାର ଡଉଲଡାଉଲ ଓ ସୁନ୍ଦର ଥାଏ । ତାଙ୍କ ଘରେ ସମସ୍ତେ ବିଚାର କଲେ, "ଏବେ ଝିଅଟାକୁ ଘରେ କାହିଁକି ବସେଇ ରଖିବା । ବାହାଘର ସାରିଦେଲେ ଚିନ୍ତା ଯିବ । ନହେଲେ, ଝିଅ ଘିଅ, କେତେବେଳେ ବିପଦ ଟାଣିଆସିବ କିଏ ଜାଣେ ?'

ISSN NO.
2582-208X

ହେଲେ ରତନୀର ଭାଗ୍ୟ ଏମିତି, ତାର ଯେତେ ବାହାଘର ଲାଗିଲା, ସବୁଠି କିଛି ନା କିଛି କାରଣ ପାଇଁ ବାହାଘର ଭାଙ୍ଗିଲା । ଅସଲ କଥା ହେଲା, ରତନୀର ବାପାଙ୍କର ସେମିତି କିଛି ରୋଜଗାର ନଥିଲା ଯେ ସିଏ ମେଞ୍ଚାଏ ଯୌତୁକ ଦେଇଦେବେ । ସିଏ କେନ୍ଦ୍ରାପଡାରେ ଗୋଟିଏ ମଠରେ ରହି ମଠର ତତ୍ତ୍ୱାବଧାନରେ ଦାୟିତ୍ୱ ତୁଲାଉଥିଲେ । ସେଥିରୁ ବା କି ରୋଜଗାର ? ସେଥିପାଇଁ ରତନୀ ମ୍ୟାଟ୍ରିକ ପାସ୍ ପରେ ଆହୁରି ୫ ବର୍ଷ ପର୍ଯ୍ୟନ୍ତ ଘରେ ସେମିତି ବସି ରହିଲା ।

ତାପରେ ଗୋଟିଏ ପ୍ରସ୍ତାବ ଆସିଲା । ଦୋବେଇ ବର । ସେ ବରପିଲାର ସ୍ତ୍ରୀଟି କେଉଁ ଅଜଣା ରୋଗରେ ପୀଡିତ ହୋଇ ପରପାରିକୁ ଚାଲିଗଲା । ହଁ, ଟିକେ ବୟସ ହୋଇଯାଇଛି । ହେଲେ, ପୁରୁଷ ପିଲା, ବୟସ କିଏ ଦେଖୁଛି ? ଥିଲାବାଲା ଘର । ଜମି ୧୦-୧୨ ଏକର । କୋଠାଘର । ଏମିତିରେ ତ ଅନେକ ପାତ୍ରଙ୍କର ପ୍ରସ୍ତାବ ଆସୁଛି, ହେଲେ ରତନୀର ମାମୁଁ ସେମାନଙ୍କ ପରିବାରର ଜଣାଶୁଣା ବୋଲି ସେମାନେ ରତନୀର ପ୍ରସ୍ତାବରେ ରାଜିଅଛନ୍ତି ।

ସତକୁ ସତ ରତନୀର ସେ ବୁଢାବର ସହିତ ବାହାଘର ହୋଇଗଲା । ସେତେବେଳକୁ ରତନୀକୁ ୨୨ ବର୍ଷ ଓ ତା ବରକୁ ୪୦ ବର୍ଷ । ତା ବରର ପ୍ରଥମ ସ୍ତ୍ରୀ ପକ୍ଷରୁ କିଛି ପିଲାଛୁଆ ନଥିଲା ।

ଗାଆଁରେ କିଛି ଲୋକ ବହୁତ ଦିନ ପର୍ଯ୍ୟନ୍ତ କୁହାକୁହି ହେଲେ । "ରତନୀଟାର ଭାଗ୍ୟ ଖରାପ । ଏତେ ସୁନ୍ଦର ଝିଅଟା ପାଇଁ ବୁଢାବର ।' ରତନୀର ଜେଜେମା ଏକଥା ଶୁଣିଲେ କଳିଝଗଡା ଆରମ୍ଭ କରିଦିଏ । "ମୋ ନାତୁଣୀ ବଡ ଘରେ ବାହା ହୋଇଛି ବୋଲି ସହିପାରୁନାହାନ୍ତି ଏ ଅସହଣୀ ଗୁଡାକ । ଆଲୋ ତା' ଭଳି ଘର ତମେ ମଲାପର୍ଯ୍ୟନ୍ତ କେବେ କରିପାରିବ ? ବୟସ ହେଲା ତ କଣଟା ହେଇଗଲା ? ଭଗବାନ ଆୟୁଷ ଦେଲେ ଶହେ ବର୍ଷ ବଞ୍ଚିରହିବ । ସେଥିରେ ତମର କଣ ଯାଉଛି ?'

ରତନୀ ବିଷୟରେ ଏତିକି ଖବର ଲତିକା ପାଖରେ ଥିଲା । ଲତିକା ଓ ରତନୀ ସ୍କୁଲରେ ଏକା ଶ୍ରେଣୀରେ ପଢୁଥିଲେ ସିନା, ହେଲେ ରତନୀ ତାଠାରୁ ୩ ବର୍ଷ ବଡ । ତଥାପି

ISSN NO.
2582-208X

ସେମାନେ ସାଙ୍ଗ ଥିଲେ । ଲତିକା ଓ ସିଏ ଯେତେବେଳେ ଏକା ଶ୍ରେଣୀରେ ଗାଁରେ ପଢୁଥିଲେ, ରତନୀ ତା' ପାଖକୁ ପାଠ ବୁଝିବାକୁ ଆସେ । ମାଷ୍ଟ୍ରାଣୀ କ୍ଲାସରେ ଯାହା ପଢାନ୍ତି, ତା ମୁଣ୍ଡର ପଶେନି । ତେଣୁ, ଲତିକା କେବଳ ଆଶ୍ରା ଥାଏ ।

ତେବେ ଲତିକା ମ୍ୟାଟ୍ରିକ ପରେ କଟକରେ ରହି କଲେଜରେ ପଢିଲା । ତାପରେ ସିଏ ଭୁବନେଶ୍ୱରରେ ରହି ମାଷ୍ଟର୍ସ୍ ସାରିଲା ଓ ପରେ ବମ୍ବେ ଚାଲିଗଲା ପଢିବାକୁ ଓ ତାର ବିବାହ ମଧ୍ୟ ହୋଇଗଲା । କିଛିଦିନ ପରେ ସିଏ ଆମେରିକା ଚାଲିଆସିଲା ।

ଲତିକା ଯେତେବେଳେ ଆମେରିକାରୁ ଓଡିଶା ଯାଏ, ଗାଆଁର ସାଙ୍ଗମାନଙ୍କ ସହିତ ଆଉ ଭେଟ ହେବାର ସୁଯୋଗ ନଥାଏ । ସେମାନେ ସବୁ ଯିଏ ଯୁଆଦେ ବାହା ହୋଇ ନିଜ ସଂସାରରେ ବ୍ୟସ୍ତ ଥାଆନ୍ତି । ଲତିକା ମଧ୍ୟ ନିଜ ଗାଆଁରେ ଦିନେ ଦୁଇଦିନ ରହି ଭୁବନେଶ୍ୱର ଫେରିଆସେ ।

ତଥାପି ବମ୍ବେରେ ରହଥିବା ବେଳେ, ଲତିକା ଯେତେବେଳେ ଗାଆଁକୁ ଯାଇଥିଲା, ସେତେବେଳେ ଆଉଜଣେ ସାଙ୍ଗ ଇନ୍ଦୁ ସେ ସମୟରେ ଗାଆଁକୁ ବୁଲି ଆସିଥିଲା । ସିଏ ରତନୀ ବିଷୟରେ ଯାହା ଖବର ଦେଇଥିଲା, ତାହା ଜମା ଭଲ ନୁହେଁ । ରତନୀ ପାଗିଳି ହୋଇଯାଇଛି । ଅଜବ ବ୍ୟବହାର କରୁଛି । ଦିନକୁ ୫-୬ ଥର ଗାଧୋଉଛି । କାହାକୁ ଛୁଇଁଦେଲେ ଛୁଆଁନ୍ତା ବୋଲି ଭାବି ପୁଣି ଗାଧୋଉଛି । ଏମିତି କିଛିଦିନ ତ ହେଉଥିଲା । ଏବେ ତାପରେ ଆହୁରି ଅଜବ ବ୍ୟବହାର କରୁଛି । ଦେହରୁ ଲୁଗାପଟା ବାହାର କରିଦେଇ ଦାଠପିଠାରେ ଆସି ବସୁଛି । ତାକୁ କଣ ହିଷ୍ଟ୍ରିଆ ରୋଗ ହୋଇଛି । ସେଥିପାଇଁ ତା ଶାଶୁଘର ଏବେ ତାକୁ ଗୋଟିଏ କୋଠରିରେ ବନ୍ଦ କରି ଚାବି ପକେଇ ରଖୁଛନ୍ତି ।

ଲତିକାକୁ ଖରାପ ଲାଗିଲା । ଯାହାହେଲେ ବି ସାଙ୍ଗ ତ । ଛୋଟବେଳୁ ତାର ସେମିତି ଅଜବ ବ୍ୟବହାର ଥିଲା । ହେଲେ ତାକୁ ପାଗଳାମି କହିହେବନି । ଥରେ ଜଣେ ଦାଦା ଓ ଖୁଡୀ କଟକରୁ ଗାଆଁକୁ ଆସିଲେ । ରତନୀ ସମସ୍ତଙ୍କୁ ଆସି ଖବରଦେଲା । ଦାଦା, ଖୁଡୀଙ୍କୁ ଦେଖିଲା, କିନ୍ତୁ ତେଲ ଲଗେଇଥିଲା ବୋଲି ଜୁହାର ହେଲାନାହିଁ । ପରେ ଯେତେବେଳେ ଗାଧୋଇସାରିଲା, ଲୁଗାପଟା ବଦଳାଇ ଆସି ସେ ଦାଦା ଓ ଖୁଡୀଙ୍କୁ

ISSN NO.
2582-208X

ଜୁହାରହେଲା । ଲତିକା ପଚାରିଦେଲା, "ତୁ ତ ଦାଦା ଓ ଖୁଡୀଙ୍କୁ ପ୍ରଥମେ ଦେଖିଲୁ, ଏତେବେଳ ପର୍ଯ୍ୟନ୍ତ ଜୁହାର ହୋଇନଥଲୁ ?' ରତନୀ କହିଲା, "ତେଲ ଲଗେଇ ଗାଧୋଇବାକୁ ଅପେକ୍ଷା କରିଥିଲି ତ, ତେଣୁ ଅଗାଧୁଆ ଜୁହାର ହେଲିନି ।' ଲତିକା ତ ଅଲଗା ରକମର ଝିଅ । ତାକୁ ଏସବୁ ଅଜବ ଲାଗିଲା । ସିଏ କହିଲା, "ହଁ, ମୋର ତ ଶାସ୍ତ୍ର ଜ୍ଞାନ କମ୍ । ତୁ ହୁଏତ ଠିକ୍ ।'

ତାପରେ ଆଉ ସିଏ ରତନୀ କଥା ଏମିତି ଭାବିନି । ଯଦିଓ କିଛି ଅଜବ ଘଟଣା ତା ଆଖି ସାମନାରେ ଘଟିଲେ, ରତନୀ କଥା ତାର ସ୍ମୃତିକୁ ଆସିଯାଏ, ତେବେ ନିଜ କର୍ତ୍ତବ୍ୟର ଜାଲରେ ଛନ୍ଦି ହୋଇ ତାର ୧୫ / ୨୦ ବର୍ଷ ଏମିତି ଭାବେ ବିତିଗଲା ଯେ, ସେଠି ଆଉ ସ୍ମୃତି ରୋମନ୍ଥନ ପାଇଁ ସମୟ ନଥିଲା । ପିଲାମାନେ ବଡ ହୋଇ ନିଜନିଜ କାମରେ ସ୍ଥିତ ହେବା ପରେ ଟିକେ ନିଃଶ୍ୱାସ ନେବାକୁ ବେଳ ମିଳିଲା । ଲତିକା ଏବେ ଓଡିଶା ଗଲେ, ନିଜ କଲେଜ ସାଙ୍ଗ ଓ ସ୍କୁଲ୍ ସାଙ୍ଗମାନଙ୍କ ସହିତ ମିଶିବାର ଯୋଜନା କରେ ।

୨୦୨୪ ମସିହାରେ ଲତିକା ଯେତେବେଳେ ଭାରତ ଯାଇଥିଲା, ସେତେବେଳେ ଦିଲ୍ଲୀରେ କିଛିଦିନ ରହିଥିଲା । ଦିଲ୍ଲୀରେ ରହୁଥିବା ତାର କଲେଜ ସାଙ୍ଗ ଶୋଭନା ତାକୁ ଖାଇବାକୁ ଡାକିଥିଲା । କହିଲା, "ଆଜି ମୋର ପୁଅ, ବୋହୂ ଓ ସମୁଦୁଣୀ ମଧ୍ୟ ଆସୁଛନ୍ତି । ତୁ ଆସିଲେ ବହୁତ ମଜା ହେବ । ମୋ ସମୁଦୁଣୀଙ୍କୁ ବି ଦେଖିଯିବୁ । ବହୁତ ହସ, ମଜା କରନ୍ତି ସିଏ ।'

ଲତିକା କହିଲା, "ଠିକ୍ ଅଛି ।'

ଲତିକା ଓ ତାର ସ୍ୱାମୀ ଲଳିତ ଶୋଭନା ଘରେ ଯାଇ ସନ୍ଧ୍ୟା ୭ଟା ବେଳକୁ ପହଞ୍ଚିଗଲେ । ଗୁରୁଗାଓଁରେ ଗୋଟିଏ ଆପାର୍ଟମେଣ୍ଟ କଂପକ୍ଲେସରେ ଘର କିଣିଛି ଶୋଭନା । ସିଏ ଭୁବନେଶ୍ୱରରେ ବି ସେମିତି ଗୋଟିଏ ଆପାର୍ଟମେଣ୍ଟ କିଣିଛି । ଚାକିରିରୁ ଅବସର ନେବାପରେ ଏବେ ଶୋଭନା ଓ ତାର ସ୍ୱାମୀ ଦିଲ୍ଲୀ ଓ ଭୁବନେଶ୍ୱର ଭିତରେ ହିଁ ରହୁଛନ୍ତି । ତୁଇମାସ ଦିଲ୍ଲୀରେ ରହିଲେ ତ ତିନି ମାସ ଭୁବନେଶ୍ୱରରେ । ହେଲେ ସେଦିନ ଶୋଭନା

ISSN NO.
2582-208X

ଘରର କବାଟ ଯିଏ ଖୋଲିଲା, ତାକୁ ଦେଖି ଲତିକା ଚମକିପଡିଲା । "ରତନୀ, ତୁ ?' – ଏମିତି କହିଦେଲା । ଲଳିତ ପଚାରିଲେ, "ତମେ କଣ ଆଙ୍କୁ ଜାଣିଛ ?'

ଲତିକା ନିଜ ମୁଣ୍ଡ ଚାପି ବସିପଡିଲା । ତାପରେ ନିଜକୁ ସମ୍ଭାଳିନେଇ ଭାବିଲା, "ଇଏ କେମିତିକା କଥା ? ରତନୀ ତ ଏବେ ବୁଢୀ ହେବଣି । ଇଏତ କମ୍ ବୟସର ଝିଅଟିଏ । ଇଏ କାହିଁକି ରତନୀ ହେବ ?'

ତାପରେ ସେ ଝିଅଟିକୁ କହିଲା, "ସରି, ତମେ ମୋର ପିଲାଦିନର ସାଙ୍ଗ ରତନୀ ଭଳି ଦିଶିଲ ତ, ସେଥିପାଇଁ ମୁଁ ଏମିତି କହିଦେଲି ।'

ସେ ଝିଅଟି କିଛି ଉତ୍ତର ଦେବା ପୂର୍ବରୁ ଶୋଭନା ଦ୍ୱାର ନିକଟକୁ ଆସିଯାଇଥିଲା । ତାର ସ୍ୱାମୀ ଶରତ ଓ ପୁଅ ପ୍ରମୋଦ ମଧ୍ୟ ଆସି ପହଞ୍ଚିଗଲେ । ଶୋଭନା ସମସ୍ତଙ୍କୁ ନେଇ ବୈଠକ ଘରେ ବସେଇଲା । ପ୍ରଥମେ ଦ୍ୱାର ଖୋଲିଥିବା ସେ ଝିଅଟି, ଯାହାକୁ ଶୋଭନା "ଆଭା' ବୋଲି ଡାକୁଥିଲା, ସିଏ ଆସି ଟ୍ରେରେ ଆପ୍‌ଲ୍ ଜୁସ୍ ଓ ପାଣି ଯାଚିଲା ।

ଶୋଭନା ପରିଚୟ କରେଇଦେଲା, "ଇଏ ମୋର ବୋହୂ ଆଭା । ଗତବର୍ଷ ବାହାଘର ହେଲା । ହେଲେ ମୁଁ ତତେ ଡାକିପାରିନଥିଲି ବୋଲି କିଛି ଭାବିବୁନି । ସବୁକିଛି ଏତେ ଶୀଘ୍ର ହୋଇଗଲା ଯେ, ମୁଣ୍ଡ ସ୍ଥିର କରି କିଛି କରିହେଲାନି ।'

"ମୁଁ କାହିଁକି ସେମିତି ଭାବିବି ? ମୋ ଝିଅର ବାହାଘର କଲି । ତତେ ବି ତ ଡାକିପାରିନଥିଲି । ସ୍ରଷ୍ଟା ଯେ ସୃଷ୍ଟିର କ୍ରୀତଦାସ, ସେଇଟା ଅଙ୍ଗେଅଙ୍ଗେ ନିଭେଇଲି ।'

ଏମିତି କଥାବାର୍ତ୍ତା କରିବା ମଝିରେ ଲତିକା ପଚାରିଲା, "ତୋ ସମୁଦୁଣୀ କଣ ଆସୁଛନ୍ତି ନା ଆସିକି ଫେରିଗଲେଣି ?'

"ସିଏ ୧୫ ମିନିଟ୍ ଭିତରେ ପହଞ୍ଚିବେ । ସମୁଦୀଙ୍କର ଦେହ ଭଲ ରହୁନି । ପାଖରେ ରତ୍ନମଣୀ ଅଛି ବୋଲି ସବୁ ସମ୍ଭାଳି ନେଉଛି । ଆଜି ତାଙ୍କର ରକ୍ତଚାପ ଟିକେ ବଢିଗଲା । ଏବେ ସିଏ ଠିକ୍ ଅଛନ୍ତି । ଆସିଲେ ତୁ ନିଜେ ଦେଖିବୁ ।

ISSN NO.
2582-208X

“ରତ୍ନମଣୀ' ନାମଟି ଶୁଣି ଲତିକା ପୁଣି ବିଚଳିତ ହେଲା । ସିଏ "ଆଭା' ମୁହଁକୁ ଚାହିଁଲା । ସତରେ ଏତେ ସାମଞ୍ଜସ୍ୟ କେମିତି ହେବ ? ଆଭାର ମୁହଁ ଅବିକଳ ରତନୀର ମୁହଁ ଭଳି ଦିଶୁଛି । ପ୍ରାୟ ପନ୍ଦର ମିନିଟ୍ ପରେ ଶୋଭନାର ସମୁଦୀ, ସମୁଦୁଣୀ ଓ ତାଙ୍କ ସହିତ ରତ୍ନମଣୀ ଆସି ପହଞ୍ଚିଗଲେ । ପରିଚୟ ଆଦାନ ପ୍ରଦାନ ପରେ ଯାହା ଜଣାପଡିଲା, ଶୋଭନାର ସମୁଦୁଣୀ ଓଡିଶାର ଝିଅ, ସମୁଦୀ ଉତ୍ତରପ୍ରଦେଶର ପୁଅ, ରତ୍ନମଣୀ ସମୁଦୁଣୀଙ୍କର ଭାଉଜ ।

ସେମାନେ ସମସ୍ତେ ମଡର୍ଣ୍ଣ ଦିଶୁଥାନ୍ତି । ସେମାନଙ୍କର ବେଶପୋଷାକରେ ଦିଲ୍ଲୀର ଆଭିଜାତ୍ୟ ସଂପନ୍ନ ପରିବାରର ଝଲକ ଥାଏ । ଉଭୟ ରତ୍ନମଣି ଓ ଆଭାର ସମୁଦୁଣୀଙ୍କର କେଶ ବବ୍ କଟ୍ । ସେମାନେ ଦାମୀ ସ୍ୱେଟର୍ ପିନ୍ଧିଥାନ୍ତି ଓ କପାଳରେ ଟିକିଲି କି ସିନ୍ଦୂର କିଛି ଲଗେଇନଥାନ୍ତି । ଲାଗୁଥାଏ, ସତେ ଯେମିତି ବାହାର ଦେଶରେ ରହୁଥିବା ଭାରତୀୟ। ହେଲେ ଆଭା ଠିକ୍ ଓଡିଆ ଘରର ବୋହୂ ଭଳି ସଜେଇ ହୋଇ ରହିଥାଏ । ଯଦିଓ ଶାଢୀ ବଦଳରେ ସାଲ୍ୱାର, ପିନ୍ଧିଥାଏ, ତେବେବି ତା ଚଳଣିରେ ଓଡିଆ ଝିଅର ଝଲକ ଦିଶୁଥାଏ । ରତ୍ନମଣୀ ଲତିକାକୁ ବାରମ୍ବାର ଚାହୁଁଥାଏ । କିଛି ଯେମିତି ମନେ ପକେଇବାକୁ ଚେଷ୍ଟା କରୁଥାଏ । ତାକୁ ଏମିତି ଦେଖି ଶୋଭନା ବୁଝେଇଦେଲା, "ରତ୍ନମଣୀ, ଇଏ ମୋ ସାଙ୍ଗ ଲତିକା । ଆମେରିକାରେ ରହେ । ତାଙ୍କ ଘରବି ତମପଟେ, ଯାଜପୁରରେ ।'

ଲତିକା ଆଶ୍ଚର୍ଯ୍ୟ ହେଲା । ରତ୍ନମଣୀକୁ ପଚାରିଲା, "କଣ ଆପଣ ବି ଯାଜପୁର ଝିଅ ? ଆପଣଙ୍କ ଗାଆଁ କୋଉଠି ?'

ଶୋଭନା ଜଣେଇଲା, "ରତ୍ନମଣୀ ବହୁତ ଦୁଃଖର ସମୟ ଦେଇ ଜୀବନ ବିତେଇଛନ୍ତି । ତାଙ୍କୁ ତାଙ୍କ ଅତୀତ କଥା ମନେପକେଇଦେଲେ ସିଏ ବିଚଳିତ ହୋଇଯାଆନ୍ତି । ତେବେ ହଁ, ତାଙ୍କ ଶାଶୁଘର ଗାଆଁଟା ରତଳାଙ୍ଗ ।'

"ଆଉ ମୋ ବାପଘର ଗାଆଁ ହେଲା ସୁଜନପୁର ।' – ରତ୍ନମଣୀ ଉତ୍ତରଦେଲା ।

"ତାମାନେ, ତମେ ଆମ ଗାଆଁର ଝିଅ ? କୁହତ, କାହା ଝିଅ?'

ISSN NO.
2582-208X

ଏବେ ରତ୍ନମଣୀ ମୁହଁ ଖୋଲିଲା । "ତମେ କଣ ମୋର ପିଲାବେଳର ସାଙ୍ଗ ଲତି ? ମୋତେ ଗାଆଁରେ ସମସ୍ତେ ରତନୀ ଡାକୁଥିଲେ ।'

ଏମିତି ଏକ ନାଟକ ଭଳି ପରିସ୍ଥିତି ସୃଷ୍ଟି ହେବ ବୋଲି କେହି କଳ୍ପନା କରିନଥିଲେ । ଲତିକାର ସ୍ୱାମୀ ଲଳିତ, ଶୋଭନା ଓ ଶୋଭନାର ସ୍ୱାମୀ, ଏବଂ ଶୋଭନାର ସମୁଦୀ, ସମୁଦୁଣୀ ସମସ୍ତେ ଆଶ୍ଚର୍ଯ୍ୟର ସହିତ ଚାହିଁ ରହିଥାଆନ୍ତି । ଶୋଭନାର ବୋହୂ ଓ ପୁଅ ଏ ଦୃଶ୍ୟ ଦେଖି ଯେମିତି ସ୍ଥାଣୁ ପାଲଟିଗଲେ । ଲତିକା ବିହ୍ୱଳ ହୋଇଗଲା । "ତୁ ତାହେଲେ ରତନୀ, ହେଲେ ତତେ ତ ଜମା ଚିହ୍ନିହେଉନି । କଣପାଇଁ ? ତୋ ମୁହଁର ଏତେ ପରିବର୍ତ୍ତନ କେମିତି ? ପ୍ରଥମେ ଆଭାକୁ ଦେଖି ମୁଁ "ତୁ' ବୋଲି ଭାବିନେଇଥିଲି, ତାପରେ ବୟସ ସଚେତନ ହେଲି । ହେଲେ ଏସବୁ କେମିତି ?'

ସେଦିନ ଲତିକା ଯାହା ଜାଣିଲା, ତାହା କୌଣସି ସିନେମାର କାହାଣୀରୁ ଅଲଗା ନୁହେଁ । ରତନୀର ପାଗଳାମି ଜାରି ରହିଥିଲା । ତଥାପି ବେଳେବେଳେ ସିଏ ଭଲ ବ୍ୟବହାର କରୁଥିଲା । ବାହାଘରର ୪ ବର୍ଷ ପରେ ତାର ଝିଅଟିଏ ହେଲା । ଘରେ ସମସ୍ତେ ଖୁସି ଥିଲେ । ବର୍ଷକ ପରେ ଝିଅର ଜନ୍ମଦିନ ପାଳନ ଖୁବ୍ ଧୁମ୍‌ଧାମରେ ପାଳନ କରାଯାଉଥିଲା। ସେଇ ଅବସରରେ ତାଙ୍କ ଘରେ ଚୋର ପଶିଲା । ରତନୀର ସ୍ୱାମୀ ଚୋରଙ୍କ ସହିତ ବଚସା କରିବାରୁ, ସେମାନେ ତାଙ୍କ ପେଟରେ ଛୁରି ଭୁସିଦେଲେ । ରତନୀର ସ୍ୱାମୀଙ୍କର ସେଇଠି ମୃତ୍ୟୁ ହୋଇଗଲା । ତାପରେ ରତନୀର ପାଗଳାମି ପୁଣି ଥରେ ବାହାରିଲା । ସେଇ ପାଗଳାମି ପାଇଁ କୁଅଭିତରୁ ପାଣି କାଢୁକାଢୁ ସିଏ କୁଅ ଭିତରେ ପଡିଯାଇଥିଲା । ମରୁମରୁ ବଞ୍ଚିଲା । ମୁଣ୍ଡର ଓ ମୁହଁରେ ବହୁତ ଆଘାତ ଲାଗିଥିଲା । ରତନୀର ପିଉସୀ ଶାଶୁଙ୍କ ଝିଅ, ମାନେ ଶୋଭନାର ସମୁଦୁଣୀ ତାକୁ ଚିକିତ୍ସା କରେଇବାକୁ ଦିଲ୍ଲୀ ନେଇଆସିଥିଲେ ।

ସେଇଦିନରୁ ରତନୀ ତାଙ୍କ ପାଖରେ ରହିଲା । ସେମାନଙ୍କର କିଛି ପିଲାପିଲି ନଥିଲେ । ତେଣୁ ରତନୀର ଝିଅକୁ ସେମାନେ ପୋଷ୍ୟ କଲେ । ରତନୀକୁ ସେମାନେ ମନସ୍ତତ୍ୱବିତ୍‌ଙ୍କୁ ଦେଖେଇଲେ । ସେମାନଙ୍କ ପରାମର୍ଶରେ ଚିକିତ୍ସିତ ହୋଇ ରତନୀ ଭଲ ହେଲା । ଶୋଭନାର ସମୁଦୀ କିଛିବର୍ଷ ପରେ ଅଷ୍ଟ୍ରେଲିଆ ଚାଲିଯାଇଥିଲେ । ସିଏ ସମସ୍ତଙ୍କୁ ବି

ISSN NO.
2582-208X

ସେଠିକୁ ନେଇଯାଇଥିଲେ । ଏବେ ସେମାନେ ଅଷ୍ଟ୍ରେଲିଆରେ ରହନ୍ତି । ପ୍ରମୋଦ ଅଷ୍ଟ୍ରେଲିଆରେ ହିଁ ଆଭାକୁ ଭେଟିଥିଲା ।

ଏ ସଂସାର ସତରେ କେତେ ଛୋଟ ଓ କେତେ ଜଟିଳ । ଏଠି କିଛି ବି ଘଟିପାରେ । ମଣିଷର ଭାଗ୍ୟ କେତେବେଳେ କାହାପାଇଁ ପଥର ତଳେ ତ କେତେବେଳେ କାହାପାଇଁ ପତର ତଳେ । ରତ୍ନମଣୀକୁ ଦେଖିଲେ ଯେ କେହି ସେକଥା ବୁଝିପାରିବ । ସିଏ ଏତେ ସ୍ମାର୍ଟ, ଏତେ ମଡର୍ଣ୍ଣ, ଓଡିଆ, ହିନ୍ଦୀ ଓ ଇଂରାଜୀ ତିନୋଟି ଭାଷାରେ କଥାବାର୍ତ୍ତାରେ ବିଚକ୍ଷଣ ଯେ କିଏ ବି ଭାବି ପାରିବନି, ଏ ଝିଅଟି ଦିନେ ମ୍ୟାଟ୍ରିକ୍ ପରୀକ୍ଷାରେ ଫେଲ ହୋଇଥିଲା ଓ ତାର ବାହାଘର ତାଠାରୁ ୧୮ ବର୍ଷ ବଡ ଜଣେ ବୟସ୍କ ବ୍ୟକ୍ତିଙ୍କ ସହିତ କରିଦିଆଯାଇଥିଲା । ସିଏ ଯେ ଦିନେ ହିଷ୍ଟିରିଆ ରୋଗୀ ଥିଲା ଓ ଶାଶୁଘରେ କୂଅରୁ ପାଣି କାଢୁକାଢୁ କୂଅ ଭିତରେ ପଡିଯାଇଥିଲା, ଏବେ ସେସବୁ କଳ୍ପନାତୀତ । ଏବେ ରତ୍ନମଣୀ ସ୍ମାର୍ଟ ଫୋନ ଧରି ଦେଶ, ବିଦେଶ ଭିତରେ ସଭା କରାଉଛି । ଅଷ୍ଟ୍ରେଲିଆରେ ୧୫ ବର୍ଷର ନର୍ସିଂ ଅଭ୍ୟାସ ପରେ ଏବେ ତା ମୁଣ୍ଡର ଡାକ୍ତରୀ ବୁଦ୍ଧି ବି ଭର୍ତ୍ତି ହୋଇଗଲାଣି । କେଉଁ ରୋଗର କେଉଁ ଲକ୍ଷଣ, କେଉଁ ଉପଚାର, ସବୁ ତା ମୁହେଁ ମୁହେଁ ଲେଖା ।

ଶୋଭନାର ସମୁଦୁଣୀ ତାଙ୍କ ଭାଉଜ ରତନୀ ବିଷୟରେ ଏତେ ପ୍ରଶଂସା କରି କହିଗଲେ ଯେ, ସିଏ ଗୋଟିଏ ସଂପୂର୍ଣ୍ଣ କାହାଣୀ ହୋଇଯିବ । ରତନୀ ଜୀବନର ଏସବୁ ପରିବର୍ତ୍ତନର ମୂଳରେ ସେଇହିଁ ତ ଥିଲେ । ସେଇ ନଣନ୍ଦ ଯଦି ଠିକ୍ ସମୟରେ ରତ୍ନମଣୀକୁ ଦିଲ୍ଲୀ ନେଇଯାଇ ତାର ଚିକିତ୍ସା କରାଇନଥାନ୍ତେ, ତାକୁ ସାଙ୍ଗରେ ଧରି ଅଷ୍ଟ୍ରେଲିଆ ନେଇ ସେଠି ନର୍ସିଂ ତାଲିମ ପାଇଁ ଭର୍ତ୍ତି କରେଇନଥାନ୍ତେ, ହୁଏତ ରତ୍ନମଣୀ ତା ଶାଶୁଘର ଗାଆଁରେ ଏପର୍ଯ୍ୟନ୍ତ ପାଗିଳି ଭାବେ ନିର୍ଯ୍ୟାତିତ ହେଉଥାଆନ୍ତା, କିଏ ଟେକା ଫିଙ୍ଗୁଥାଆନ୍ତା ତ, କିଏ କାଦୁଅ ଫିଙ୍ଗୁଥାଆନ୍ତା । ବିଧବା ଭାବେ ସିଏ ଅନେକ ସୁଖ ଓ ସ୍ୱାଧୀନତାରୁ ବଞ୍ଚିତ ରହିଥାଆନ୍ତା, ଅଥବା ଦୁଃଖ, ଯନ୍ତ୍ରଣାରେ ସଢିସଢି ମରିଯାଇଥାଆନ୍ତା ।

ରତ୍ନମଣୀକୁ ଦେଖି, ତାର ନୂଆ ଜୀବନ ଦେଖି ଲତିକା ଖୁସି ହେଲା । ପଚାରିଲା, "ଆଉ ତୋ ବାପଘର, ଶାଶୁଘର ସହିତ ସଂପର୍କ ରଖିଛୁ ନା ନାହିଁ ?'

ISSN NO.
2582-208X

ରତ୍ନମଣୀ କହିଲା, "ସେସବୁ ଆଉ କେତେବେଳେ କହିବି । ଏବେ ଆମ ପାଖରେ ଯେତିକି ସମୟ ଅଛି, ସେତିକି ସମୟ ଖୁସି ଗପ କରିବା । ମୋ ବିଷୟରେ ତ ତୁ କିଛି କଥା ଜାଣିଲୁ, ଏବେ ମତେ ତୋ ଜୀବନ କାହାଣୀ କହ ।'

ଲତିକା କହିଲା, "ତାପାଇଁ ବି ଅଲଗା ସମୟ ରଖିବା । ହେଲେ ଏବେ ଚାଲେ କିଛି ଫଟୋ ଉଠେଇ ରଖିବା । ଛୋଟବେଳେ ତ ଫଟୋଟିଏ ଉଠେଇବା ସାତସପନ ଥିଲା । ଏବେ ଯାହାକୁ ଯେତେ ।'

ଲଳିତ ନିଜ ସେଲଫୋନ ବାହାର କରି କହିଲେ, "ଏବେ ତମେ ଦୁଇଜଣ ପୋଜ ଦିଅ ତ ।"

-୦-

୪୫୨୫ ରଦରଫୋର୍ଡ ୱେ
ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା
Contact Email: bigyanidas.osa@gmail.com

ISSN NO.
2582-208X

# ସମ୍ପର୍କର ଉଷ୍ମତା



ଡଃ ମାଙ୍ଗଳକା ମହାପାତ୍ର

ସମ୍ପର୍କ...
ଖାଲି ଗୋଟେ ଶବ୍ଦ ନୁହେଁ...
ତା ଭିତରେ ବହୁତ୍ କିଛି ଥାଏ...
ଆଖି କିଛି ଯଦି କହିବାକୁ ଚାହେଁ...
ମନ ଯେ ନୀରବ ରହିବାକୁ କୁହେ...

ହୃଦୟ ଯେବେ ହୃଦୟ ସହ ମିଶେ...
ଦୂର ଆକାଶରେ ସପ୍ତରଙ୍ଗ ଦିଶେ...
ମନର ମଣିଷକୁ ଦେଖି ସେ ହସେ...
ପ୍ରିୟର ଅଣଦେଖାରେ ସେ ଯେ ରୁଷେ...

ଜାଣି ତ ହୁଏନା କେବେ ସେ ପାଦ ଚିପି ଆସେ...
ହେଲେ ବି ତା ପାଦର ଶବଦ କାନକୁ ରସେ...
କିନ୍ତୁ ହୃଦୟ ରହେ ସଦା ପ୍ରିୟର ଭରସେ...
କହିବ କେମିତି କାହିଁକି ତାର ଗୋଡ଼ ଖସେ...

ISSN NO.
2582-208X

ସବୁରି ମୂଳରେ ଥାଏ ଆନ୍ତରିକତା...
ଯୋଉଠି କହିହୁଏ ସେ ମନର କଥା...
ଜାଣିକି ବି ଯେ ପ୍ରେମ ସଦା ଦିଏ ବ୍ୟଥା...
ହୃଦୟ ଯାଏନା ତାକୁ ଛାଡ଼ି ଅନ୍ୟଥା...

ରେଭେନସା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଟଗର ଫୁଲ...



ଇଂ. ସୁଶାନ୍ତ କିଶୋର ବଳ

ଶୁଭ୍ରରଂଗେ ପ୍ରତ୍ୟୁଷ ବେଳାରେ
ହସୁଥାଏ ଧବଳଟଗର
ଶିଶିରବିଂନ୍ଦୁକୁ ବକ୍ଷେ ମାଖି .

ତାକୁ ତୋଳିବାକୁ ଚାଂଗୁଡି ଧରି
ଏକାଗ୍ରଚିତ୍ତେ କେହିଏକ ଅବଳା
ରହିଥାଏ ଅପଲକେ କାର୍ଯ୍ୟେ ଲାଖି .
ନିତ୍ୟ ସେ ଆସେ, ସ୍ୱଳ୍ପ ବସ୍ତ୍ରେ
ଅଂଗ ତା'ର ଝଳି ଉଠୁଥାଏ
କନକବର୍ଣ୍ଣର ମୋତିଫୁଲ ପରି .
ପରିପାଟୀ ତା'ର କିଯେ ଦରକାର
ତା' ସୌନ୍ଦର୍ଯ୍ୟହିଂ ତାର ବୈଭବ .
ତନୁପାତଳୀ ଗୌରବର୍ଣ୍ଣ ନାସିକା ତୀର୍ଯକ
ଗୋଲାପୀ ଅଧର କାବ୍ୟମୟ ଓଠ
ମୁଖମଣ୍ଡଳେ ଖେଳେ ତଡିତ୍,
ବକ୍ଷ୍ୟତା' ଅଟଇ ଦୋଳାୟମାନ,
ନୀତମ୍ବ ସୁଗଠିତ ସ୍ନିଗ୍ଧ ଅପଘନ .
ଚକ୍ଷ୍ୟୁଯୁଗଳ କାଚକେଂଦୁ ସମ

ISSN NO.
2582-208X

ଭୃଲତା ଲମ୍ବିତ ଚେହେରା ଅନୁପମ .
କଲମଟିଧରି ମୁଁ ଅଳିନ୍ଦେ ବସି
ଲେଖିଲାବେଳେ କରିଥାଏ ତା'ପରେ ହାଲକା ଦୃଷ୍ଟିପାତ .
ଇଚ୍ଛାଟି ଜାଗଇ କରିବାକୁ ତା'ସାଥେ
ମନ ଦିଆନିଆ ଦୁଇପଦ ବାକ୍ୟାଳପ .
ହେଲେ ଅଦ୍ୟାବଧି ହୋଇନି ତାସାଥେ
କେବେବି ଚକ୍ଷ୍ୟୁଚକ୍ଷ୍ୟୁର ସମ୍ମୁଖ ମିଳନ .
କାରଣଟି ହେଲା ସରଳ ପଥରେ
ଏକାଗ୍ର ଚିତ୍ତେ ସେ ଗତିକରିଥାଏ
ନଦେଖି ବାମ ଅବା ଦକ୍ଷିଣ
ସ୍ଥିରଚିତ୍ତା ସେ ସ୍ୱଭାବେ ଏକଲକ୍ଷ୍ୟା .
ଚେହେରାତା' କରେ ସୌନ୍ଦର୍ଯ୍ୟର ବାଖ୍ୟା.
ଦିନେ ତାପଛେ କଲି ଅନୁଧାବନ
ଜାଣିବାକୁ ସେ ଯାଏ କେଉଁଆଡେ ?
ଦେଖିଲି ଦୂରରୁ ସେଯାଇ ଅଟକିଗଲା
ଏକ ଝଂକାଳିଆ ଟଗରବୃକ୍ଷ୍ୟ ମୂଳେ .
ଫୁଲ ତୋଳିକରି ଯତନେ ଲଗନେ
ଭରୁଥିଲା ନେଇତା' ହସ୍ତରେଥିବା ଥଳୀ.
.............
ଦିନେ ଘୋରବରଷା ଝଡିତୋଫାନେ
ଭୂମିସାତ୍ ହେଲା ସେ ଟଗର ବୃକ୍ଷ୍ୟ .
ତହିଁଆରଦିନ ଭୋରୁଆସି ସେଦୃଶ୍ୟ ଦେଖି
ଭାଂଗିପଡିଥିଲା ଅବଳା ଲୋତକଭରେ .
କଇଁକଇଁ ହୋଇ ଲୁହ ପୋଛିପୋଛି
ଥରଥର ପଦେ ଯାଉଥିଲା ଫେରି,
ଠିକ ତା' ପଛେ ମୁଁ ଥିଲି ଦଣ୍ଡାଂୟମାନ .
ଦୁଃଖର କାରଣ ମୁଁ ଠିକ ଜାଣିପାରି

ISSN NO.
2582-208X

ପଚାରିଲି କନ୍ୟା - କାହିଁଦୁଃଖ କିମ୍ବା ?
ଟଗରଗଛ ଦିଗେ ହାତଟି ବଢାଇ
ପ୍ରକାଶକଲା ତା' ଅନ୍ତର ନୈରାଶ୍ୟ !
ଉତ୍ତରେ ମୁଁ କହିଲି -ବାସ୍ ଏତିକି କଥା ?
ମୋ' ଉଦ୍ୟାନେ ଅଛି ଭରା ଟଗର
ସେତେ ଦେଇଦେବି ଯେତେ ଦରକାର
ନକରି କିଛିବି ସେଥେ କାର୍ପଣ୍ୟ !

ହଂ ତୁମେରୁହ କେଉଂଠାରେ ବାସକେଉଂଠି ?
ତୁମର ପ୍ରତ୍ୟହ ଦରକାରନାହିଂ ଆସିବା
ତୁମ ବାସେ ମୁଂ ନିଜେ ପହୁଂଚାଇ ଦେବି .
ହତବାକେ ଆନଂଦ ବିଭୋରିତେ କହିଲାକନ୍ୟାଟି -
ଦୁଃଖର ମୋର ଅନ୍ତଘଟିଛି ,
ଆଜି ମୁଂଯେ ଫୁଲ ବଦଳେ 'ଫଳ' ପାଇଛି
ଯାହା ମହନୀୟ କରିବ ମୋ ଜୀବନର
ଆଗାମୀ ଭବିଷ୍ୟର ଅବଶିଷ୍ଟାଂଶ....

କଟକ

ISSN NO.
2582-208X

# ସମୟର ବିଭୀଷିକା!



ଅଜିତ କୁମାର ରାଉତ

ଥିଲା ପ୍ରେମ ପ୍ରୀତି, କିନ୍ତୁ ଦେଖ ଆଜି ଦ୍ୱେଷ ହିଂସା ଅହଂକାର,
ନିଜତ୍ୱ ଦୂରେଇ ଗଲା, ସ୍ୱାର୍ଥକୁ ବଡ଼ ଭାବିଲା,
ମନୁଷ୍ୟ କେତେ ସ୍ୱାର୍ଥୀ ହୋଇଲା,
ସ୍ୱାର୍ଥର ପଛେ ଯୁବା ଧାଇଁଲା !

ବୃଦ୍ଧ କାଳରେ ଏହି ସବୁ ଦେଖିବାକୁ ପଡ଼ିଲା,
ଭାବି ଥିଲା ଯାହା ହୃଦେ, ସପନ ହୋଇଲା,
ନୁହେଁ କେହି କାହାରି, ସ୍ୱାର୍ଥପର ଦୁନିଆରେ,
ପ୍ରେମ ସ୍ନେହ ଶ୍ରଦ୍ଧା ତ୍ୟାଗ ଯୁବାକ କି ଭୁଲିଣ ଗଲା ?
ଚେଷ୍ଟା କଲି ବହୁ ବଞ୍ଚେଇବା ପାଇଁ,
ବୁଢ଼ା କାହିଁ ପାରିଲା ?
ସର୍ବନାଶର ଭୟାବହ ଦୃଶ୍ୟ ହେବ ଉପସ୍ଥିତ,
ନିଜତ୍ୱ ସବୁ ସାରିଲା, ବନ୍ଧୁ ବନ୍ଧୁକୁ ଭୁଲିଲା,
ଏକତାର ଅମୂଲ୍ୟ ରତ୍ନ କାହିଁ ରହିଲା ?
ଭଲ କଥା ସବୁ ମିତ୍ରର, ବିଷ ଭାବିଲା,
ବୁଢ଼ା ଅବା ତହିଁ କରିବ ବା କିସ ?
ନୀରବରେ ଗୃହେ ଲୁଚିଲା,
ବନ୍ଧୁଙ୍କର ତାଣ୍ଡବ ଯହିଁ ଲଜ୍ଜିତ କରିଲା,

ISSN NO.
2582-208X

ସମଭାବ ପ୍ରେମ ପ୍ରୀତି ମନୁଷ୍ୟ ସାରିଲା,
ସ୍ୱାର୍ଥର ପଛେ ଯୁବା ଧାଇଁଲା !

କରିଥିଲା ନିର୍ମାଣ ଦିନେ ସୁନ୍ଦର ଉଦ୍ୟାନ,
କୋଣାର୍କ ନାମରେ ଚର୍ଚ୍ଚିତ ଭୁବନ,
ଚାରୁ ସୁଗନ୍ଧିତ ପୁଷ୍ପେ ସୁଶୋଭିତ କରୁ ଥିଲା,
ନ୍ୟାୟ,ତ୍ୟାଗ, ପ୍ରେମ, ଶ୍ରଦ୍ଧା, ଗନ୍ଧ, ଗ୍ରାମେ ମିଳୁ ଥିଲା,
କିନ୍ତୁ, ଆଜି ଦେଖ କଣ୍ଟାର ଉଦ୍ୟାନ ହୋଇଛି,
ସୁବାସର ବୃକ୍ଷ ସବୁ, ଢଳି ପଡି ଯାଇ ଅଛି,
ବଗିଚାରେ କଣ୍ଟା ଦ୍ୱେଷ,ଭରି ରହି ଅଛି,
ହିଂସା ଅହଂକାର ପୁଣି ଯୋଡ଼ି ଦେଉ ଅଛି,
ବୁଢ଼ା ନେତ୍ର ଚାହିଁ ରହି ଅଛି !
ନବ ଯୁବକଙ୍କର ତାଣ୍ଡବ ବୁଢ଼ା ଦେଖୁ ଅଛି,
ଚିନ୍ତାରେ କାଳ କାଟୁଛି,
ବୁଢ଼ାର କାହିଁ ତହିଁ କଥା ରହିଲା ?
ସ୍ୱାର୍ଥର ପଛେ ଯୁବା ଧାଇଁଲା !

ଏକ ମନ ଏକ ପ୍ରାଣ ଥିଲା ଆମ୍ଭ କାଳେ,
ରାଗ, ତିକ୍ତ, ଭୟ, ନ ଥିଲା ସେ ବେଳେ,
ବସି କରୁ ଥିଲେ ବିଚାର ସବୁ ମିଳିମିଶି,
ବଡ଼ ବଡ଼ ସମସ୍ୟାକୁ କରୁ ଥିଲେ ଦୂର,
ଅନ୍ୟାୟ ଦମନ କରୁଥିଲେ, ଏକତାର ବଳେ,
ସତ୍ୟ ତ୍ୟାଗ ଥିଲା ଯୁବକଙ୍କ କୋଳେ,
ଶୁନ୍ୟ ହୋଇ ଗଲା ସବୁ ଆଜି
ହେଲା ତହିଁ ଅଙ୍କୁରାରୋପଣ,
ସ୍ୱାର୍ଥ, ହିଂସା, ଅହଂକାର, ବ୍ୟଭିଚାର, ଭ୍ରଷ୍ଟାଚାର,
ବୁଢ଼ା ଦେଖି ହୁଏ ଲଜ୍ଜିତ

ISSN NO.
2582-208X

ପୁଣି ଆଚମ୍ବିତ,
ଅଶ୍ରୁ ଧାର ଗଡ଼ି ଗଲା
ସ୍ୱାର୍ଥର ପଛେ ଯୁବା ଧାଇଁଲା !

ଦେଖ ଜଗନ୍ନାଥ ଯୁବକଙ୍କ ଚରିତ୍ର
ହୀନ କର୍ମରେ ଯୁବାର,ରାଷ୍ଟ୍ର କି ହୋଇବ ଉନ୍ନତ ?
ଗାଆଁର ବିକାଶ କାହିଁ କରିବ ଯୁବକ ?
ଆଣିବ କି ସ୍ୱାର୍ଥ ଲୋଭେ ବଳେ , ଗୌରବ ମହକ,
ସ୍ୱାର୍ଥାରେ ହୋଇଛି ଲିପ୍ତ ଯୁବା ଦିନରାତି,
ସଂସ୍କୃତି ସଂସ୍କାର ଯୁବା ଛାଡିଣ ଯେ ଦେଲା,
ସ୍ୱାର୍ଥର ପଛେ ଯୁବା ଧାଇଁଲା !

ସଭାପତି, ଉତ୍କଳ ସମ୍ମିଳନୀ ଷଢ଼େଇକଳା ଖରସୁଆଁ ଜିଲ୍ଲା
ରାଜନଗର ବ୍ଲକ ଶାଖା, ଝାଡ଼ଖଣ୍ଡ/ମୋ:- ୬୨୦୫୩୪୩୫୬୯

ISSN NO.
2582-208X

# ମାଣବସା ଗୁରୁବାର: ଲକ୍ଷ୍ମୀ ପୂଜା



ଡ଼କ୍ଟର ସଂଯୁକ୍ତା ଦାସ

ମାର୍ଗଶିର ମାସ ହେଉଛି ହିନ୍ଦୁ ଧର୍ମ ଓ ସଂସ୍କୃତି ପାଇଁ ଅତି ପବିତ୍ର ମାସ । ସାଧାରଣତଃ ଏଇ ମାସରେ ମା'ଲକ୍ଷ୍ମୀଙ୍କର ପୂଜା ଓ ଆରାଧନା ନୀତିନିଷ୍ଠ ଭାବରେ ହୋଇଥାଏ । ଗୁରୁବାର ଦିନଟି ମା'ଲକ୍ଷ୍ମୀଙ୍କର ଅତିପ୍ରିୟ ଦିନ । ତେଣୁ ମାର୍ଗଶିର ମାସର ପ୍ରତିଟି ଗୁରୁବାର ଦିନ ମହାଲକ୍ଷ୍ମୀଙ୍କର ପୂଜା ଓ ଉତ୍ସବ ଓଡ଼ିଶାର ପ୍ରତିଟି ଓଡ଼ିଆ ଘରେ ପାଳିତ ହୋଇଥାଏ । ଲକ୍ଷ୍ମୀପୂଜାର ପରମ୍ପରା ବହୁ ପ୍ରାଚୀନ । ପ୍ରାୟ ଏକ ହଜାର ବର୍ଷ ହେବ ଏହି ପରମ୍ପରା ଓଡିଶାରେ ରହିଥିବା ଶ୍ରାନ୍ତିକାରୀ ରଚନା ହେଉଛି "ଲକ୍ଷ୍ମୀପୁରାଣ" । ଧନୀ, ଦରିଦ୍ର ନିର୍ବିଶେଷରେ ଏହା ଓଡ଼ିଶାର ପ୍ରତିଟି ଘରେ ଘରେ ପରିଚିତ । ବିଶେଷକରି ମାଣବସା ଗୁରୁବାର ଦିନ ମା'ଲକ୍ଷ୍ମୀଙ୍କ ପୂଜା ଆରାଧନାରେ ଏହି ପୁରାଣଟି ବୋଲାଯାଇ ଥାଏ । ଈଶ୍ୱର ବିଶ୍ୱାସ ସହିତ ସ୍ୱଚ୍ଛତା, ପବିତ୍ରତାକୁ ଏଥିରେ ଗୁରୁତ୍ୱ ଦିଆଯାଇଛି । ଏକ ସୁସ୍ଥ ପରିବାର ଓ ସଂହତି ପୂର୍ଣ୍ଣ ସମାଜ ଗଠନରେ ଏହି ପୁରାଣର ଅଶେଷ ଭୂମିକା ରହିଛି । ମହିଳାଙ୍କ ସ୍ୱାଧୀକାର, ସ୍ୱାଭିମାନ, ନାରୀର କର୍ତ୍ତବ୍ୟ ପାଳନ ପାଇଁ ଏହି ପୁରାଣରେ ବହୁ ମୂଲ୍ୟବାନ ଉପଦେଶ ମାନ ଦିଆଯାଇଛି । ଜାତିଭେଦ ଦୂରିକରଣ, ଜୀବନକୁ ପାପମୁକ୍ତ ଏବଂ ସମାଜକୁ କଳୁଷମୁକ୍ତ କରିବା ପାଇଁ ଏଥିରେ ପର୍ଯ୍ୟାପ୍ତ ବାଣୀ ଭରି ରହିଛି । ଏତଦବ୍ୟତୀତ 'ଧାନ' ହେଉଛି କୃଷି ପ୍ରଧାନ ରାଜ୍ୟ ଓଡ଼ିଶାର ପ୍ରଧାନ ଫସଲ । ଧାନର ଅମଳ ପରେ ଏହି ପର୍ବ ପାଳନ ହୋଇଥାଏ । ଧାନକୁ ଲକ୍ଷ୍ମୀ ଦେବୀଙ୍କର ପ୍ରତୀକ ଭାବରେ ପୂଜା କରାଯାଇ, 'ଲକ୍ଷ୍ମୀପୂଜା' ରେ ସୌଭାଗ୍ୟ ଓ ସମୃଦ୍ଧିର କାମନା କରାଯାଇଥାଏ । ସମ୍ପ୍ରତି ଓଡିଶାରେ ମାଣବସା ଗୁରୁବାର ଏକ ଲୋକ ପରମ୍ପରାରେ ପରିଣତ ହୋଇଯାଇଛି । ଯାହାର ଐତିହ୍ୟ ବହୁ ପ୍ରାଚୀନ ଏବଂ ସୁଦୂର ପ୍ରସାରୀ ।

ISSN NO.
2582-208X

ଶ୍ରୀଲକ୍ଷ୍ମୀ ହେଉଛନ୍ତି ଧନର ଦେବୀ, 'ଧାନ'ର ଦେବୀ ଏବଂ ସକଳ ଶିରୀ, ଐଶ୍ୱର୍ଯ୍ୟ, ମଙ୍ଗଳ ଓ ସୌଭାଗ୍ୟର ଦେବୀ । ଜଗତର କଲ୍ୟାଣ ପାଇଁ ମହାଲକ୍ଷ୍ମୀଙ୍କର ସୃଷ୍ଟି । ଗର୍ବ, ଅହଂକାର, ଅନ୍ୟାୟ, ଅନୀତି ଲକ୍ଷ୍ମୀଦେବୀ ସହି ପାରନ୍ତି ନାହିଁ । ପୁରାଣ ସାହିତ୍ୟରେ ବର୍ଣ୍ଣିତ ଅଛି ବ୍ରହ୍ମା ହେଉଛନ୍ତି ସୃଷ୍ଟି ସର୍ଜନର କର୍ତ୍ତା । ସିଏ ଯେତେବେଳେ ସୃଷ୍ଟିର ସର୍ଜନ କଲେ ସେଇ ଆଦି ସତ୍ୟଯୁଗରେ ଅସୁର ଓ ଦେବତା ମାନଙ୍କର ପ୍ରଥମେ ସୃଷ୍ଟି ହୋଇଥିଲା । ଯଥା –

"ଅଦିତି ଠାରୁ ଦେବତା ଦିତିଠୁ ଅସୁର
ଜନ୍ମ ହୋଇ ସଂସାରରେ କରିଲେ ସେ ଘର " । (୧)

ଏକ ସଙ୍ଗେ ଦେବ ଓ ଦାନବ ମାନଙ୍କର ସୃଷ୍ଟି ହୋଇଥିଲା ।ଦେବତା ମାନେ ସକଳ ଭୋଗ୍ୟବସ୍ତୁ ନେଇଗଲେ । ରାକ୍ଷସ ମାନେ କିଛି ପାଇଲେ ନାହିଁ । ଫଳରେ ଦେବତା ଓ ରାକ୍ଷସ ମାନଙ୍କ ମଧ୍ୟରେ ସର୍ବଦା କଳହ ଲାଗିରହିଥିଲା । ସମୟ କ୍ରମେ ଦେବତାମାନେ ସମସ୍ତ ଐଶ୍ୱର୍ଯ୍ୟ ଲାଭକରି ଗର୍ବ, ଅହଂକାର ଓ ଅନ୍ୟାୟ କରିବାକୁ ବିରତ ହେଲେନାହିଁ ।

"ଇନ୍ଦ୍ରଦେବ ଗୁରୁ ପତ୍ନୀ ହରଣ କରନ୍ତେ
ତାହାଙ୍କ କାନ୍ଧରୁ ଲକ୍ଷ୍ମୀ ଛାଡିଲେ ତୁରିତେ ।
ଦୁର୍ବାସାଙ୍କୁ ଅଖାତିର କଲେ ମାଘବାନ
ତାଙ୍କ ପାଶୁ ଲକ୍ଷ୍ମୀ ଛାଡିଗଲେ ତେଜହୀନ । " (୨)
"ଇନ୍ଦ୍ରବିନେ ସର୍ବଦେବ ହୋଇଲେ ଦୃବଳ
ଯୁଦ୍ଧରେ ରାକ୍ଷସମାନେ ହୋଇଲେ ପ୍ରବଳ ।" (୩)

ଲକ୍ଷ୍ମୀ ଛାଡିଯିବାରୁ ଦେବତାମାନେ ଦୃବଳ ହୋଇଗଲେ । ସେଇ ସମୟରେ ରାକ୍ଷସରାଜ ବଳି ଦେବତା ମାନଙ୍କୁ ପରାସ୍ତ କରି ସ୍ୱର୍ଗପୁର ଅଧିକାର କରିନେଲେ । ଲକ୍ଷ୍ମୀ ବିନା ଏଇ ଜଗତ ଅପୂର୍ଣ୍ଣ ହୋଇଗଲା । ତେଣୁ ଦେବତା ମାନେ ଶ୍ରୀବିଷ୍ଣୁଙ୍କୁ ଲକ୍ଷ୍ମୀଙ୍କୁ ପୁନର୍ବାର ସ୍ୱର୍ଗପୁର ଆଣିବା ପାଇଁ ନିବେଦନ କରନ୍ତି । ବିଷ୍ଣୁ କହିଲେ –

"ଅସୁର ସୁର ତୁମ୍ଭେ ତ ବେନି ସହୋଦର
ଶିରୀଙ୍କ ବିହୀନେ ସର୍ବ ପ୍ରାଣୀ ନାରଖାର ।

ISSN NO.
2582-208X

ତେଣୁ ତୁମ୍ଭେମାନେ ଶୁଣ ମୋହର ବଚନ
ସମୁଦ୍ର ମଧ୍ୟେ ବରୁଣ ପୁରେ ଲକ୍ଷ୍ମୀ ଜାଣ ।
ରହିଲେ ଗୋପନ ଭାବେ ଦୁର୍ବାସା ଶାପରେ
ତାଙ୍କୁ ମୁଁ କିପରି ତୁମ୍ଭକୁ ହେ ଦେଇପାରେ ।" (୪)

ମହାଲକ୍ଷ୍ମୀଙ୍କ ଆବିର୍ଭାବ ପାଇଁ ବିଷ୍ଣୁଙ୍କ ପରାମର୍ଶରେ ମହାଧର୍ମିକ ଦାନବରାଜ ବଳି, ଏବଂ ଇନ୍ଦ୍ର ଆଦି ଦେବଗଣଙ୍କ ମିଳିତ ଉଦ୍ୟମରେ କ୍ଷୀର ସାଗର ମନ୍ଥନ ହୋଇଥିଲା । ମନ୍ଦର ପର୍ବତକୁ ଖୁଆଦଣ୍ଡ ଏବଂ ବାସୁକୀ ନାଗକୁ ରଜ୍ଜୁ ଭାବରେ ବିନିଯୋଗ କରି ଏହା ସମ୍ଭବପର ହୋଇଥିଲା । ସମୁଦ୍ର ମନ୍ଥନରୁ ଯେଉଁ କେତେଗୁଡିଏ ଅମୂଲ୍ୟ ବସ୍ତୁ ବାହାରିଥିଲା ଯଥା- ଚନ୍ଦ୍ରମା, କାମଧେନୁ, ଐରାବତ, ପାରିଜାତ, ଅଷ୍ଟରତ୍ନ, ଅପସରା ମଧ୍ୟରେ ମହାଲକ୍ଷ୍ମୀ ଥିଲେ ସର୍ବୋତ୍ତମ । ବିଷ୍ଣୁପୁରାଣରେ କୁହାଯାଇଛି -

"ତତଃ ସ୍ଫୁରକାନ୍ତିମତୀ ବିକାସି କମଳେ ସ୍ଥିତା
ଶ୍ରୀର୍ଦେବୀ ପୟସସ୍ତସ୍ମାଦୁଦ୍ଭୁତା ଧୃତପଙ୍କଜା" । ( ୫ )
"ତାଂ ତୁଷ୍ଟୁବୁର୍ମୁଦା ଯୁକ୍ତାଃ ଶ୍ରୀସୂକ୍ତେନ ମହାର୍ଷୟ୍" । (୬)

ବିକଶିତ ପଦ୍ମ ଉପରେ ବିରାଜମାନ ହୋଇଥିବା ଦିବ୍ୟକାନ୍ତିମୟୀ ଶ୍ରୀଲକ୍ଷ୍ମୀଦେବୀ ହାତରେ ପଦ୍ମପୁଷ୍ପ ଧାରଣ କରି କ୍ଷୀର ସମୁଦ୍ରରୁ ପ୍ରକଟ ହୋଇଛନ୍ତି । ସେହି ସମୟରେ ମହର୍ଷିଗଣ ପ୍ରସନ୍ନତାପୂର୍ବକ ଶ୍ରୀସୂକ୍ତ ଦ୍ୱାରା ତାଙ୍କର ସ୍ତୁତିଗାନ କରିଛନ୍ତି । ଅପସରାମାନେ ନୃତ୍ୟକରିବାକୁ ଲାଗିଛନ୍ତି । ଦୁଇଟି ଶ୍ୱେତହସ୍ତୀ ଦେବୀଙ୍କ ଶିରରେ ତୀର୍ଥଜଳ ଢାଳି ତାଙ୍କୁ ସ୍ନାନ କରାଇ ଦେଇଛନ୍ତି । ବିଶ୍ୱକର୍ମା ତାଙ୍କ ଦେହରେ ବିଭିନ୍ନ ଆଭୂଷଣ ସଜେଇ ଦେଇଛନ୍ତି ।

"ଦୟା ବିଲୋକିତା ଦେବୀ ହରିବକ୍ଷଃ ସ୍ଥଳସ୍ତଥା
ଲକ୍ଷ୍ୟାମୈତ୍ରେୟ ସହସାପରାଂ ନିର୍ବୃତି ମାଗତାଃ ।" (୭ )

ନାନା ଅଳଙ୍କାରରେ ବିଭୂଷିତା ଶ୍ରୀଲକ୍ଷ୍ମୀ କ୍ଷୀର ସାଗରରୁ ବାହାରି ସମସ୍ତ ଦେବତାଙ୍କ ସମ୍ମୁଖରେ ବିଷ୍ଣୁଙ୍କ ପାଖକୁ ଚାଲିଗଲେ । ମହାଲକ୍ଷ୍ମୀ ଅନେକ ନାମରେ ମଧ୍ୟ ପରିଚିତ, ଯଥା - ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା, କମଳା, ଶ୍ରୀହରିପ୍ରିୟା, ଇନ୍ଦିରା, ଲୋକମାତା, ଭାର୍ଗବୀ, ରମା

ISSN NO.
2582-208X

ଇତ୍ୟାଦି । ତନ୍ତ୍ରଶାସ୍ତ୍ରରେ କୁହାଯାଇଛି- ଶ୍ରୀଲକ୍ଷ୍ମୀ, ଶ୍ରୀସରସ୍ୱତୀ, ଓ ଶ୍ରୀଅମ୍ବିକା (କାଳୀ) ହେଉଛନ୍ତି ଏକ ଏବଂ ଅଭିନ୍ନ । ପୁଣି ଲକ୍ଷ୍ମୀ ହେଉଛନ୍ତି ଦଶମହାବିଦ୍ୟା - କମଳା । ପୁରୁଷ ସୂକ୍ତରେ ଲକ୍ଷ୍ମୀଙ୍କୁ ଶ୍ରୀହରି ଶ୍ରୀବିଷ୍ଣୁ ପତ୍ନୀ ବୋଲି ସ୍ୱୀକାର କରାଯାଇଛି - 'ଶ୍ରୀଶ୍ଚତେ ଲକ୍ଷ୍ମୀଶ୍ଚପନ୍ୟା ' । ଲକ୍ଷ୍ମୀଙ୍କର ପଞ୍ଚଗୋଟି କାର୍ଯ୍ୟ, ଯଥା - ତିରୋଭାବ, ସୃଷ୍ଟି, ସ୍ଥିତି, ସଂହାର, ଓ ଅନୁଗ୍ରହ । ଭଗବତୀ କମଳା ବା ଲକ୍ଷ୍ମୀ କହନ୍ତି - ନିତ୍ୟ ନିର୍ଦ୍ଦୋଷ ନାରାୟଣଙ୍କର ସବୁ କାର୍ଯ୍ୟ ମୁଁ କରେ ।

ଭାରତବର୍ଷରେ ଅନେକ ସ୍ଥାନରେ ମହାଲକ୍ଷ୍ମୀଙ୍କର ମନ୍ଦିର ଅଛି । ଭାରତର ପ୍ରାୟ ସବୁ ଅଞ୍ଚଳରେ ଲକ୍ଷ୍ମୀଙ୍କର ପୂଜା ଅତି ଧୂମ ଧାମରେ କରାଯାଏ । "ଏହା କେବଳ ହିନ୍ଦୁମାନଙ୍କର ପର୍ବ ନୁହେଁ, ଇସଲାମ ଧର୍ମର ଘେସି ସମ୍ପ୍ରଦାୟ ଲୋକମାନେ ବି ଏହାକୁ ପାଳନ କରନ୍ତି । ଇଣ୍ଡୋଚୀନରେ ମଧ୍ୟ ଲକ୍ଷ୍ମୀ ପୂଜା କରାଯାଏ ।" (୮) ଆମ ଓଡିଶାରେ ଆଶ୍ୱିନ ପୂର୍ଣ୍ଣିମା ଦିନ ଲକ୍ଷ୍ମୀପୂଜା ପର୍ବ ପାଳିତ ହୁଏ । ଗ୍ରାମ ଠାରୁ ସହର ପର୍ଯ୍ୟନ୍ତ ସବୁଠି ଲକ୍ଷ୍ମୀଙ୍କର ଆବିର୍ଭାବ ଘଟେ । ଗ୍ରାମ ଓ ସହର ଉତ୍ସବମୁଖର ହୋଇଉଠେ । ଢେଙ୍କାନାଳ, କେନ୍ଦ୍ରାପଡାରେ ଲକ୍ଷ୍ମୀପୂଜା ସମ୍ପ୍ରତି ଗଣପର୍ବ ଭାବରେ ପାଳିତ ହେଉଅଛି । କେତେକ ସ୍ଥାନରେ ଦୀପାବଳି ଅମାବାସ୍ୟା ରାତିରେ ଲକ୍ଷ୍ମୀପୂଜାର ବିଧି ଆୟୋଜନ ହୋଇଥାଏ । ଉତ୍ତର ପଶ୍ଚିମ ଭାରତରେ ଦୀପାବଳି ଅମାବାସ୍ୟା ଦିନ ଲକ୍ଷ୍ମୀପୂଜା କରାଯାଏ । ସେମାନେ ଦୀପାବଳି ପୂର୍ବ ତ୍ରୟୋଦଶୀ ତିଥିରେ ସୁନାରୂପା କ୍ରୟ କରି ଘରକୁ ଆଣନ୍ତି । ଏହାକୁ ' ଧନତରାସ' ମଧ୍ୟ କୁହାଯାଏ । ଏହା ତିନିଦିନ ବ୍ୟାପି ଲାଗିରହେ ।

ଆମ ଓଡିଶାରେ ଲକ୍ଷ୍ମୀଙ୍କର ପରିଚୟ ସ୍ୱତନ୍ତ୍ର । ଧନ ଓ ଐଶ୍ୱର୍ଯ୍ୟର ଦେବୀ ହେଉଛନ୍ତି ମା' ଲକ୍ଷ୍ମୀ । ଶ୍ରୀକ୍ଷେତ୍ରବାସୀ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ମାନଙ୍କର ପ୍ରାଣର ଦେବତା । ଶ୍ରୀଜଗନ୍ନାଥଙ୍କ ମନ୍ଦିର ପରିସରରେ ଶ୍ରୀଲକ୍ଷ୍ମୀ ନିଜସ୍ୱ ମନ୍ଦିରରେ ପୂଜା ପାଇଥାନ୍ତି । ଶ୍ରୀଲକ୍ଷ୍ମୀ ହେଉଛନ୍ତି ଶ୍ରୀଜଗନ୍ନାଥଙ୍କର ଅର୍ଦ୍ଧାଙ୍ଗିନୀ ଶକ୍ତିସ୍ୱରୂପିଣୀ, ମାଆ ଭାବରେ ସମଗ୍ର ଓଡ଼ିଆ ଜାତିରେ ପରିଚିତା । ଓଡ଼ିଆମାନେ ଅନତ୍ର ଶ୍ରୀଲକ୍ଷ୍ମୀଙ୍କର ପୂଜା ଓ ଆରାଧନା କଲେ ମଧ୍ୟ " ଧାନମାଣ" ରୂପରେ ଲକ୍ଷ୍ମୀଙ୍କୁ ଆରାଧନା କରିବା ହେଉଛି ଓଡ଼ିଆ ମାନଙ୍କର ନିଜସ୍ୱ ସ୍ୱତନ୍ତ୍ର ଏକ ସାଂସ୍କୃତିକ ଆତ୍ମପରିଚୟ । ଏହା ମାଣବସା ଗୁରୁବାର ବା "ଲକ୍ଷ୍ମୀପୂଜା" ଭାବରେ ଖ୍ୟାତ ହୋଇ ପ୍ରତିଷ୍ଠା ଅର୍ଜନ କରିଅଛି ।

ISSN NO.
2582-208X

ଓଡିଶାରେ ଲକ୍ଷ୍ମୀପୂଜା ବା ମାଣବସା ଗୁରୁବାର ପରମ୍ପରା ବହୁ ପ୍ରାଚୀନ । ପଞ୍ଚଦଶ ଶତାବ୍ଦୀରେ କବି ବଳରାମ ଦାସ 'ଲକ୍ଷ୍ମୀ ପୁରାଣ' ରଚନା କରିଥିଲେ । ମା' ଲକ୍ଷ୍ମୀଙ୍କର ବନ୍ଦନା କରି ମଙ୍ଗଳା ଚରଣରେ କବି କୁହନ୍ତି -

"ନମସ୍ତେ ଗରୁଡାରୁଢେ କୋଳେ ସୁର ଭୟଙ୍କରୀ
ସର୍ବ ପାପ ହରେ ଦେବୀ ମହାଲକ୍ଷ୍ମୀ ନମସ୍ତୁତେ ।" (୯)

ନାରଦ ଓ ପରାଶରଙ୍କ ଉକ୍ତି ଓ ପ୍ରତ୍ୟୁକ୍ତି ମାଧ୍ୟମରେ ଲକ୍ଷ୍ମୀ ପୁରାଣର ବିଷୟବସ୍ତୁ ଆରମ୍ଭ ହୋଇଛି । ମାର୍ଗଶିର ମାସ ଗୁରୁବାର ଦିନ ଲକ୍ଷ୍ମୀ ନିଜର ପୂଜା ବିଧାନ କିପରି ଚାଲିଛି, ତାହା ବୁଲି ଦେଖିବା ପାଇଁ ଜଗନ୍ନାଥଙ୍କ ଠାରୁ ଅନୁମତି ପାଇଛନ୍ତି । ବିଭିନ୍ନ ଘର ବୁଲି ଶେଷରେ ନଗରର ଉପକଣ୍ଠରେ ଶ୍ରୀୟା ନାମ୍ନୀ ଏକ ଚଣ୍ଡାଳୁଣୀ ଗୃହରେ ସବୁପ୍ରକାର ଶୁଚିତା ଏବଂ ଶାସ୍ତ୍ରସମ୍ମତ ବିଧିବିଧାନ ଦେଖିଛନ୍ତି । ତାର ଶୁଚିତା, ଭକ୍ତି ଓ ନିଷ୍ଠାରେ ବିମୁଗ୍ଧ ହୋଇ ତାର କୁଟୀର ମଧ୍ୟକୁ ପ୍ରବେଶ କରିଛନ୍ତି । ଲକ୍ଷ୍ମୀ ଠାକୁରାଣୀଙ୍କ ପାଦ ପଡିବା ପରେ ସେଇ ଜରାଜୀର୍ଣ୍ଣ କୁଟୀର ସୌଭାଗ୍ୟପୂର୍ଣ୍ଣ ପ୍ରସାଦରେ ପରିଣତ ହୋଇଯାଇଛି । ସେଇ ପଥଦେଇ ମୃଗୟାରୁ ଫେରୁଥିବା ଜଗନ୍ନାଥ ଓ ବଳଭଦ୍ର ଲକ୍ଷ୍ମୀଦେବୀଙ୍କୁ ଶ୍ରୀୟା ଚଣ୍ଡାଳୁଣୀ କୁଟୀରରେ ଦେଖିଛନ୍ତି । ବଳଭଦ୍ର ବିରକ୍ତ ହୋଇ ଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ ନକରିବା ପାଇଁ ଜଗନ୍ନାଥଙ୍କୁ ଆଦେଶ ଦେଇଛନ୍ତି । ଲକ୍ଷ୍ମୀଙ୍କୁ ଏହା ବହୁତ ବାଧିଚି । ବିଶ୍ୱକର୍ମାଙ୍କ ଦ୍ୱାରା ନିଜ ପାଇଁ ଏକ ପ୍ରସାଦ ନିର୍ମାଣ କରି ଲକ୍ଷ୍ମୀ, ଦେବତା ମାନଙ୍କ ସହାୟତାରେ ଶ୍ରୀମନ୍ଦିରେ ଥିବା ଧନରତ୍ନ ଖାଦ୍ୟ ସାମଗ୍ରୀ, ଆବଶ୍ୟକୀୟ ସାମଗ୍ରୀ ନିଜ ପ୍ରସାଦକୁ ନେଇ ଆସନ୍ତି । ଲକ୍ଷ୍ମୀଙ୍କର ଉଦେଶ୍ୟ ହେଉଛି ନିଜ ସ୍ୱାମୀଙ୍କ ଅନ୍ୟାୟର ପ୍ରତିବାଦ ସ୍ୱରୂପ ଉଚିତ ଶିକ୍ଷା ଦେବା, ଏବଂ କାଳକାଳକୁ ସ୍ତ୍ରୀ ମାନଙ୍କୁ ସ୍ୱାମୀ ମାନଙ୍କର ନିର୍ଯ୍ୟାତନାରୁ ରକ୍ଷା କରିବା । ଲକ୍ଷ୍ମୀଙ୍କ ଭାଷାରେ -

"ଜଗନ୍ନାଥ ପ୍ରଭୁ ଯେବେ ମୋତେ ନ ଖୋଜିବେ
ନାରୀଙ୍କି ପୁରୁଷମାନେ ଆଉ ନ ଲୋଡିବେ ।
ମୋତେ ଛାଡ଼ି ପ୍ରଭୁ ଯେବେ କରିବେଟି ଘର
କଳିଯୁଗେ ନାରୀଙ୍କି ଯେ ନ ଖୋଜିବେ ନର ।" (୧୦)

ISSN NO.
2582-208X

ଶ୍ରୀମନ୍ଦିରରୁ ସମସ୍ତ ଖାଦ୍ୟ, ଐଶ୍ୱର୍ଯ୍ୟ ଚାଲିଯିବା ପରେ ଦୁଇଭାଇ ଖାଇବାକୁ ନ ପାଇ ଚାରିଆଡେ ଭିକ୍ଷୁକ ଭଳି ବୁଲିଛନ୍ତି । ସବୁଠି ତିରସ୍କୃତ ହୋଇଛନ୍ତି । ଏହିପରି ବାର ବର୍ଷ କ୍ଷୁଧାତୁର ଭାବରେ ବୁଲି ବୁଲି ଶେଷରେ ସେମାନେ ଲକ୍ଷ୍ମୀଙ୍କ ପ୍ରସାଦରେ ପହଞ୍ଚିଛନ୍ତି । ଲକ୍ଷ୍ମୀ ଖାଦ୍ୟ ପ୍ରସ୍ତୁତ କରି ଖାଇବାକୁ ଦେଇଛନ୍ତି । ବଳଭଦ୍ରଙ୍କ ଆଦେଶରେ ଜଗନ୍ନାଥ ସେମାନଙ୍କର ଦୋଷ ନିମିତ୍ତ କ୍ଷମା ମାଗିଛନ୍ତି । ଶ୍ରୀମନ୍ଦିରକୁ ଫେରିଯିବା ପୂର୍ବରୁ ଲକ୍ଷ୍ମୀ ସତ୍ୟ କରାଇଛନ୍ତି ଯେ ତାଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା କୈବଲ୍ୟ ବା ମହାପ୍ରସାଦ ଆଚଣ୍ଡାଳ ବ୍ରାହ୍ମଣ ସମସ୍ତେ ଏକତ୍ର ଭୋଜନ କରିବାର ଯେମିତି ସୁଯୋଗ ପାଇବେ ।

ଲକ୍ଷ୍ମୀ ପୁରାଣ ବା ମାଣବସା ଗୁରିବାର ଓଡ଼ିଶାର ଜନ ଜୀବନ ପ୍ରାଣ ସ୍ପନ୍ଦନରେ ଗଭୀର ପ୍ରଭାବ ବିସ୍ତାର କରିଛି । ପଞ୍ଚଦଶ ଶତାବ୍ଦୀରେ ରଚିତ ହୋଇଥିବା ଏହି କ୍ଷୁଦ୍ର ପୁରାଣଟି ଆଜକୁ ଦୀର୍ଘ ପାଞ୍ଚ ସହ ବର୍ଷଧରି ଏବେବି ଅପ୍ରତିହତ । ଏହାର ପ୍ରଧାନ ବୈଶିଷ୍ଟ୍ୟ ଗୁଡିକ ହେଲା –

(୧) ଧର୍ମ ଭାବନା ପୂର୍ଣ୍ଣ ସଂହତି ସ୍ଥାପନ – ମା' ଲକ୍ଷ୍ମୀଙ୍କର ପୂଜା ଓ ଆରାଧନା ମାଧ୍ୟମରେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଗୁରୁତ୍ୱ ପ୍ରଦାନ ଦେବାସହ ସମାଜକୁ ଏକତାର ସୂତ୍ରରେ ଏହି ପୁରାଣ ବା ମାଣ ବସା ଲକ୍ଷ୍ମୀ ପୂଜା ବାନ୍ଧି ପାରିଛି । ଶୁଚିତା, ଶୁଦ୍ଧତା, ବା ପରିଷ୍କାର ପରିଚ୍ଛନତାକୁ ଗୁରୁତ୍ୱ ଦେଇ ମାନସିକ ପବିତ୍ରତା ଆଣିପାରିଛି ।

(୨) କୃଷି ଭିତ୍ତିକ ପର୍ବ ଯୋଗୁଁ କୃଷିକାର୍ଯ୍ୟ ପ୍ରୋତ୍ସାହନ – ଓଡିଶା ଏକ କୃଷିଭିତ୍ତିକ ରାଜ୍ୟ । ଧାନ ଓଡ଼ିଶାର ପ୍ରଧାନ ଫସଲ । ଲକ୍ଷ୍ମୀ ପୂଜାରେ ଧାନ, ଚାଉଳ, ବିରି, ମୂଳା ଆଖୁ ଆଦି ପୂଜା ହୁଏ । ଧାନ କେଣ୍ଡା ଲକ୍ଷ୍ମୀର ପ୍ରତୀକ ଭାବରେ ଗ୍ରହଣ କରାଯାଏ । ନୂଆ ମାଣ ଟିଏ ଆଣିବ । ମାଣକୁ ଝୋଟି ଦେବ । ଖଟୁଲି ଟିଏ ଆଣି ଧୋଇଧାଇ ଝୋଟିରେ ଚିତ୍ର ଆଙ୍କିବାକୁ ହେବ । ମାଣରେ ନୂଆଧାନରେ ପୂର୍ଣ୍ଣ କରି ଖଟୁଲିରେ ରଖିବ । ମାଣ ଉପରେ ଧାନମେଣ୍ଟା ରଖିବ । ତିନିଗୋଟି ଗୁଆ, ଆଖୁ, କଦଳୀ ଓ ମୂଳାରେ ଚୂଳକୁ ସଜାଇବାକୁ ହେବ । କୃଷିକୁ ଗୁରୁତ୍ୱ ଦେବା ହେଉଛି ଲକ୍ଷ୍ମୀପୂଜାର ପ୍ରଧାନ ବୈଶିଷ୍ଟ୍ୟ ।

(୩) ସାମାଜିକ ସଦଭାବନା ଓ ସମତା : ପୁରୁଷ ଠାରୁ ନାରୀ କୌଣସି ଗୁଣରେ ଊଣା ନୁହେଁ । ନାରୀ ମଧ୍ୟ ଶକ୍ତିସ୍ୱରୂପିଣୀ । ସହନଶୀଳତା ଏବଂ ଏକାଗ୍ରତାର ପ୍ରତୀକ । ଅସମ୍ଭବକୁ ସମ୍ଭବ କରିବାର ସାମର୍ଥ୍ୟ ତାଙ୍କଠାରେ ଉପସ୍ଥିତ । ଦୀର୍ଘ ପାଞ୍ଚଶହ ବର୍ଷତଳେ

ISSN NO.
2582-208X

ବଳରାମ ଦାସ ଲକ୍ଷ୍ମୀ ପୁରଣରେ ଏହାର ଯେଉଁ ସୂଚନା ପ୍ରଦାନ କରିଥିଲେ ତାହା ଆଜି ସମ୍ଭବପର ହୋଇପାରିଛି । ତେଣୁ ଲକ୍ଷ୍ମୀପୂରାଣ ଏକ କାଳଜୟୀ ରଚନା । ଭଗବାନ ବି ନାରୀଶକ୍ତି ନିକଟରେ ପରାସ୍ତ ହୋଇପାରେ ।

କବି ସମାଜରେ ପ୍ରଚଳିତ ଅସ୍ପୃଶ୍ୟତା ତଥା ଛୁଆଁ-ଅଛୁଆଁ ଭେଦଭାବ ଜନିତ ଚିନ୍ତାଧାରା ପ୍ରତି ଲକ୍ଷ୍ମୀ ପୁରାଣରେ ସ୍ୱର ଉତ୍ତୋଳନ କରିଛନ୍ତି । ଯାହା ଆଜି ମଧ୍ୟ ଶ୍ରୀମନ୍ଦିରରେ ପ୍ରଚଳିତ । କବିଙ୍କ ଭାଷାରେ -

"ଜଗତ ମାତା ବୋଇଲେ ତୁମ୍ଭେ କର ସତ୍ୟ ।
ଚଣ୍ଡାଳୁ ବ୍ରାହ୍ମଣଯାଏ ଖୁଆ ଖୋଇ ହେବେ
ସମସ୍ତେ ଖାଇଣ ହସ୍ତ ଜଳେ ନ ଧୋଇବେ ।
ହାଡ଼ିର ହସ୍ତୁ ବ୍ରାହ୍ମଣ ଛଡାଇ ଖାଇବେ
ବ୍ରାହ୍ମଣେ ଖାଇ ହସ୍ତକୁ ମୁଣ୍ଡରେ ପୋଛିବେ ।
ଅନ୍ନଖାଇ ସର୍ବେ ମୁଣ୍ଡେ ପୋଛୁଥିବେ ହସ୍ତ
ତେବେ ବଡ଼ ଦେଉଳକୁ ଯିବି ଜଗନ୍ନାଥ ।" (୧୧)

(୪) ନୀତିଶିକ୍ଷା : ଲକ୍ଷ୍ମୀ ପୁରାଣରେ ନୈତିକତାକୁ ଗୁରୁତ୍ୱ ଦିଆ ଯାଇଛି । ସମାଜର ମଙ୍ଗଳ, ପାରିବାରିକ ଶାନ୍ତି ପାଇଁ ନାରୀ ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏକ ସଂହତିପୂର୍ଣ୍ଣ ସହାବସନ, ପାରିବାରରେ ଶାନ୍ତି ପ୍ରତିଷ୍ଠା ପାଇଁ ନୀତିଶିକ୍ଷା ମୂଳକ ବାଣୀ କବିଙ୍କ 'ଲକ୍ଷ୍ମୀ ପୁରାଣ' ରେ ଦେଖାଯାଏ । କବିଙ୍କ ଭାଷାରେ -

"ଗୁରୁବାର ଯେଉଁ ନାରୀ ପିଲାଙ୍କୁ ମାରଇ
କିବା ପାକ ହାଣ୍ଡି ଧୋଇ କଳା ନ ଛଡାଇ
ସନ୍ଧ୍ୟା ଗଡ଼ିଗଲେ ଯେ ଦିଅଇ ସନ୍ଧ୍ୟାବତୀ
ଧନପୁତ୍ର ହାନି ହୁଏ ସଦା ବହୁ କ୍ଷତି ।
ଗୁରୁବାରେ ଯେଉଁ ନାରୀ ପୋଡା ଦ୍ରବ୍ୟ ଖାଏ
ଶୋଇବା ଶଯ୍ୟାକୁ ବଙ୍କା କରିଣ ବିଛାଏ ।
ଶାଶୁ, ଶ୍ୱଶୁରଙ୍କୁ ନ ମାନଇ ଯେ ରମଣୀ
ଉଲଗ୍ନ ହୋଇ ଶୟନ କରଇ ସେ ପ୍ରାଣୀ ।

ISSN NO.
2582-208X

ଅମାବାସ୍ୟା ସଂକ୍ରାନ୍ତିରେ ବୁଲାଏ ଯେ ହଳ
ଏହି ଦିନମାନଙ୍କରେ ଘେନଇ ତଇଳ ।" (୧୨)

× × × ×

ଏମନ୍ତ ମନୁଷ୍ୟ ସଦା ବହୁକଷ୍ଟ ପାଇ
ଆୟୁ ବୃଦ୍ଧି ନାଶହୁଏ ଅନ୍ନ ନ ମିଳଇ । (୧୩)

ଲକ୍ଷ୍ମୀ ପୂଜା କଲେ ଅପାର ଶାନ୍ତି ମିଳେ, ଧନଧାନ୍ୟରେ ଘର ପୂରି ଉଠେ । ମା' ଅତି ଦୟାବତୀ, ତାଙ୍କରି ଦୟାରେ ଏ ଜଗତ ପ୍ରତିପାଳିତ । କବିଙ୍କ ଭାଷାରେ –

"ନମସ୍ତେ କମଳା ମାଗୋ ଅତି ଦୟାବତୀ
ସ୍ଥାବର ଜଙ୍ଗମ କୀଟ ଆଦି ପାଳୁ ନୀତି ।
ତୋର ଦୟାବଳେ ମାଗୋ ଦରିଦ୍ର ଜନର
ହୁଅଇ ଅଚଳବିତ୍ତ ଜିଣଇ କୁବେର" (୧୪)

ପୁରାଣ ପାଠର ଉପକାରିତା ସମ୍ପର୍କରେ କବି କହିଛନ୍ତି –

"ଏ ପୁରାଣ ପଢ଼ିଲେ ଯେ ସର୍ବସିଦ୍ଧି ହୁଏ
ସୂର୍ଯୋଦୟ ତମ ସମ ପାପ କ୍ଷୟ ହୁଏ ।" (୧୫)

ସୁତରାଂ, ସର୍ବ ଭାରତୀୟ ଧାର୍ମିକ ତଥା ଅଧାତ୍ମିକ ଅନୁଚିନ୍ତାରେ ଶ୍ରୀଲକ୍ଷ୍ମୀ ସର୍ବଦା ଚିର ନମସ୍ୟ । ପୁରୁଷୋତ୍ତମକ୍ଷେତ୍ର ବା ଉତ୍କଳୀୟ ଶ୍ରୀଜଗନ୍ନାଥ ସଂସ୍କୃତିରେ ଲକ୍ଷ୍ମୀଦେବୀଙ୍କ ମହିମା ମଧ୍ୟ ଅତୁଳନୀୟ । ଯାହା ଉତ୍କଳୀୟ ଐତିହ୍ୟ, ପରମ୍ପରା ଓ ସଂସ୍କୃତିକୁ ବଳିଷ୍ଠ କରିବା ସହ ଏହାକୁ ଗଣଧର୍ମୀ କରି ପାରିଛି । ଶ୍ରୀଜଗନ୍ନାଥ ଯେପରି ଗଣଦେବତା, ମା' ଲକ୍ଷ୍ମୀଦେବୀ ମଧ୍ୟ ସେହିପରି ଲୋକମାତା ଭାବରେ ଓଡିଶାରେ ପରିଚିତ ହୁଅନ୍ତି । ବଳରାମ ଦାସଙ୍କ ରଚିତ "ଲକ୍ଷ୍ମୀ ପୁରାଣ" ବା ମାଣବସା ଗୁରୁବାର ମଧ୍ୟ ଓଡ଼ିଶାର ଜନ ଜୀବନରେ ଦୀର୍ଘ ପାଞ୍ଚଶହ ବର୍ଷ ହେବ ପ୍ରଭାବ ପକାଇ ଆସିଅଛି । ସମ୍ପ୍ରତି ପକେଇ ଚାଲିଛି । ଏହି ପୁରାଣ ଲୋକବିଶ୍ୱାସ ସୃଷ୍ଟିକରି ଧନୀ ଦରିଦ୍ର ନିର୍ବିଶେଷରେ ସମାଜକୁ ଶୃଙ୍ଖଳିତ କରିବା ସହ ଜନ ଜୀବନକୁ ଏକତାର ସୂତ୍ରରେ ବାନ୍ଧିବାକୁ ସକ୍ଷମ ହୋଇପାରିଛି ।

ISSN NO.
2582-208X

ସହାୟକ ଗ୍ରନ୍ଥସୂଚୀ -

(୧) ବୃହତ ମହାଲକ୍ଷ୍ମୀ ପୁରାଣ - ଧର୍ମଗ୍ରନ୍ଥ ଷ୍ଟୋର, ପୃଷ୍ଠା - ୪୧
(୨) ତତ୍ରୈବ -ପୃଷ୍ଠା ୪୧, (୩) ପୃଷ୍ଠା - ୪୧, (୪) ପୃଷ୍ଠା - ୪୬
(୫) ବିଷ୍ଣୁ ପୁରାଣ - ପ୍ରଥମ ଅଂଶ, ନବମ ଅଧ୍ୟାୟ, ଶ୍ଳୋକ - ୧୦୦
(୬) ତତ୍ରୈବ, ୧୦୧ (୭) ତତ୍ରୈବ - ୧୦୬
(୮) ଡ଼ଃ ସୁରେନ୍ଦ୍ରନାଥ ପାଣିଗ୍ରାହୀ - ଓଡ଼ିଶାର ପର୍ବପର୍ବାଣି ଯାନିଯାତ୍ରା ଓ ଓଷାବ୍ରତ, ପୃଷ୍ଠା - ୮୬
(୯) ବଳରାମ ଦାସ- ଲକ୍ଷ୍ମୀ ପୁରାଣ,ପୃଷ୍ଠା - ୧
(୧୦) ତତ୍ରୈବ, ପୃଷ୍ଠା - ୧୨ (୧୧) ତତ୍ରୈବ, ପୃଷ୍ଠା- ୨୧
(୧୨) ତତ୍ରୈବ, ପୃଷ୍ଠା - ୫ (୧୩) ପୃଷ୍ଠା - ୫
(୧୪) ତତ୍ରୈବ, ପୃଷ୍ଠା - ୨ (୧୫) ପୃଷ୍ଠା - ୨୧

ଅଧ୍ୟାପିକା (ଓଡ଼ିଆ ଭାଷା ସାହିତ୍ୟ ବିଭାଗ)
ରଘୁନାଥ ସମବାୟ ମହାବିଦ୍ୟାଳୟ
ଓଡଗାଁ, ନୟାଗଡ, ଫୋନ -୮୨୪୯୦୧୪୩୭୯

ISSN NO.
2582-208X

# ଦେଖିଯିବା ଝୋଟି ଚତା



ଡ଼ଃ ଅନୁପମା ବିଶ୍ୱାଳ

ଆସରେ ମିତ ଆସ ସଙ୍ଗାତ
ଦେଖିଯିବା ଝୋଟି ଚିତା
କେତେ ରକମ ଚିତ୍ର ସୁଷମ
ଗାଉଛି ଉତ୍କଳ ଗାଥା।

ଆମ ସଂସ୍କୃତି କେଡେ ମହତୀ
କଳା ଅପରୂପ ତା'ର
ପୁର ପଲ୍ଲୀରେ କାନ୍ଥ ବାଡ଼ରେ
ପ୍ରମାଣ ଯେ ଭରପୁର।

ଦେବୀ ଦେବତା ପାଦପ ଲତା
ମନ୍ଦିର ଚିତ୍ର ତହିଁରେ
ମନ ଖୁସିରେ ଦେଖିଲେ ଥରେ
ଆଖିରହେ ସେହିଠାରେ।

ମାଆ ଲକ୍ଷ୍ମୀଙ୍କ ଶୁଭାଗମନେ
ଅଙ୍କାହୁଏ ପାଦପଦ୍ମ
ଚିତ୍ରିତ ହୋଇ ମନକୁ ମୋହି
ସ୍ୱାଗତରେ ଥାଏ ସଦ୍ମ।

ISSN NO.
2582-208X

ହାତରେ ଧରି ରଙ୍ଗର ତୁଳୀ
ଆଇମା କରେ ଚିତ୍ରଣ
ଆମ ସଂସ୍କୃତି ପରମ୍ପରାର
ଦେଖାଉଛି ନିଦର୍ଶନ।

***********

ସମ୍ବଲପୁର
ମୋ: ୭୯୭୮୫୬୮୩୨୨

ISSN NO.
2582-208X

# ପରଶମଣିର ମୋହ



ସୁଲକ୍ଷଣୀ ସାହୁ

ଆଖିରେ ଅପୂର୍ବ ଉଜ୍ଜ୍ୱଳପଣ
ଆୟତ ମନ ମସ୍ତିଷ୍କ
'ପରଶମଣିର ସ୍ପର୍ଶ' ପଲକେ ଖଚିତ
ମୁଣିରେ ତା' ସମ୍ଭାବୀ ଚାବିକାଠି
କୁନି ମନରେ ମଣିର ଅଭିନବ ଚମକ
ଫିରିଫିରିର କଅଁଳିଆ ପକ୍ଷ ଦେହେ ତା' ଅଙ୍କୁରିତ

ଭୂଇଁରୁ ଅମ୍ବର ପର୍ବତରୁ ସାଗର
ବିମୋହିତ ହୋଇ ଘୁରିବୁଲେ,
ଥୁରେ ଥୁରେ ଗୋଟେ ଗୋଟେ ଟିକିନିଖି ଅନ୍ୱେଷଣ
ଅବିଚଳିତ ଲକ୍ଷ୍ୟ,
ଖୋଦ୍ ଗଣ୍ଠି ପରେ ଗଣ୍ଠି ଖୋଲେ ଧାର୍ଯ୍ୟପଥରେ,

ଧାଇଁ ଧାଇଁ ଅଣନିଃଶ୍ୱାସୀ ସେ
ନିଛାଟିଆପଣ ଭୋଗେ
'ବହୁ ଦୂରରେ ଲକ୍ଷ୍ୟ ତାହାର'
ତା ଅନୁନୟ ହୁଏ
କିନ୍ତୁ ସ୍ଥିରୀକୃତ ଗତିପଥଟି ଯେ ତା'ର ସର୍ବସ୍ୱ,
ଶୃଙ୍ଖଳା ଓ ସମର୍ପଣଭାବ
ନିର୍ଦ୍ୱନ୍ଦ୍ୱରେ ପାଦେ ଆଗେଇବା ଶିଖେଇ ଦିଏ ।।

ISSN NO.
2582-208X

କେଉଁଠି
ଖାଲଖାମଣାରେ ପଡ଼ିଲେ
ଅଣ୍ଟା ସଳଖି ଉଠିବାକୁ ହୁଏ
'ଆଃ' 'ଓଃ'ର ଖେଦ କ୍ଳେଶ କି ବିରକ୍ତି ଶବ୍ଦ ବି ମନା ସେଠି,

କ୍ଷତାକ୍ତ ବାହାରୁ
ଝରି ପଡୁଥିବା ନାଲିନାଲି ଅଠାଳିଆ କୋହସବୁକୁ ପୋଛେ,
ଗାଲ ଓଠ ବତୁରେଇ ଦେଇଥିବା
ଲବଣାକ୍ତ ଜଳକୁ ପିଇପକାଏ ନୀରସପଣରେ,
ଅବା ସମୁଦ୍ରର ଭୟଙ୍କର ଶୋଷକୁ ଶାନ୍ତ କରିବାର ଛଳନାରେ
ପାଦେ ଆଗେଇଯିବାର ନିଛକ ନିଶାରେ
ବିଭୋର ସେ ବିଭୋର ତା' ମନ।।

କେଉଁଠି ଅନ୍ୟ କାହାର ଧକ୍କାରେ ଚିତପଟାଙ୍ଗ ହୋଇ ଲୋଟିପଡେ,
ଅଟକେଇ ପାରେନି ପ୍ରତିଧକ୍କା ଦେଇ
ଅଣନିଶ୍ୱାସୀ ହୋଇ ଛଟପଟ ହୁଏ

ବେଳେବେଳେ
ଥିଲାବାଲା ର ବଶତା ମାନିଯାଏ
କିଛି ସଂକଳ୍ପର ପୂରନ୍ତା ଆଶାନେଇ
ଧାଇଁ ଚାଲେ ପାଦେ ଆଗକୁଯିବାର ଅବାଧ ଚେଷ୍ଟାରେ ।।

ସମୟ ସମୟେ ଥକିପଡେ
ଅବଶ ହୋଇପଡେ
ଅପୂର୍ଣ୍ଣତାର ଶିକୁଳିରେ ଭିଡ଼ି ହୋଇ,
'କଇଁ କଇଁ' ହୋଇ ଚିରଚିରେଇଉଠେ,

ISSN NO.
2582-208X

କିନ୍ତୁ ବେତାଳ ଏଭଳି ଲାଖି ହୋଇଥାଏ
ତା'ଆତ୍ମାରେ ଯେ,
ସେ ପୁଣି ଛାଟି ପିଟି ହୁଏ
ତା'ପଛେ ପଛେ
ସଶକ୍ତ ହୋଇ ଧାଇଁ ଚାଲେ।।

ମିଟିମିଟି ଦିନ ରାତି ତା' ଅବଚେତନରେ
ନିଜ ଅପୂର୍ଣ୍ଣ ଉପସ୍ଥିତି ଜାହିର କରିଥାଏ,
ନା ରାତି ଶୋଇବାକୁ ଦିଏ
ନା ଦିନରେ ଏକୁଟିଆ ଛାଡେ
ନିଜର ପୂର୍ଣ୍ଣତା ପାଇଁ,
ୟା' ଉପରେ ସବାର ହୋଇଥାଏ
ବାଧ୍ୟ କରିଦେଇଥାଏ
ପାଦେ ଆଗକୁ ବଢେଇବା ପାଇଁ।।

ରୀତିମତ କେତେ ନୂଆ ନୂଆ ଇନ୍ଦ୍ରଜାଲ ବୁଣେ
ଟିକେ ଅଧିକା ଇପ୍ସାରେ ମନର ସରସପଣ
ଦି ପାଦ ଆଗେଇ ଯାଏ,
ପାଦେ ପାଦେ ଆଗେଇ ଆଗେଇ
ସାରା ସମୁଦ୍ର ତା' ପାଦ ତଳେ ମଥିତ ହୋଇଯାଏ,
ସାରା ଆକାଶ ତା ବାହୁ ମଧ୍ୟେ ସଂକୁଚିତ ପଡ଼ିଯାଏ,
କେବଳ ପ୍ରବାହିତ ପରିପୂର୍ଣ୍ଣତାର ଧାରା
ମିଳିଯାଏ 'ପରଶମଣିର ସ୍ପର୍ଶ'
ନବୀଭୂତ ସାମ୍ରାଜ୍ୟରେ।।

ISSN NO.
2582-208X

କିନ୍ତୁ ନୂଆ ନୂଆ ସମ୍ଭାବନାର ନବ ଉନ୍ମାଦନାରେ
ଅଟକି ପାରେନି,
ଦଣ୍ଡେ ଥକା ମାରିପାରେନି
ଧାଇଁ ଚାଲେ ସେ
ସେ ପୁଣି ଧାଇଁ ଚାଲେ,
ବେତାଳ ପ୍ରାୟ ସବାର ହେଇଯାଏ ପରଶମଣିର ଝଟକ,
ନିରୁପାୟ ସେ ସଜାଗ ହୁଏ
ଧାରେ ପ୍ରତିଯୋଗିତାର ଉଦିତ ମୁକୁଳା ମନ।।

ସହକାରୀ ଶିକ୍ଷୟିତ୍ରୀ,
ଗୋପବନ୍ଧୁ ସରକାରୀ ଉଚ୍ଚବିଦ୍ୟାଳୟ,
ଖରିଆର ରୋଡ, ନୂଆପଡା,
ମୋ-୯୯୩୭୮୯୨୦୨୯

ISSN NO.
2582-208X

# ଅନୁଭୂତିର ବ୍ୟଥା ଓ କଥା



ସୂର୍ଯ୍ୟକାନ୍ତ ବେହେରା

ଅଭାବ :

ଅଭାବ କ'ଣ ସେଇ ବାପାକୁ ପଚାର,
ଯିଏ ନିଜ ୨୦/୨୨ ବର୍ଷର ପୁଅକୁ ହରେଇଛି ।

ବିଶ୍ୱାସ :

ବିଶ୍ୱାସ କ'ଣ ସେଇ ପ୍ରେମିକକୁ ପଚାର,
ଯିଏ ନିଜ ପ୍ରେମକୁ ହରେଇ ଜୀବନ୍ତ ମୃତ୍ୟୁ ଭୋଗ କରୁଛି ।

ଭୋକ :

ଭୋକ କ'ଣ ସେଇ ମା'କୁ ପଚାର,
ଯିଏ ମୁଣ୍ଡରେ ବାଲି ସିମେଣ୍ଟ ବୋଝ ବୋହି ପିଲାଙ୍କ ମୁହଁରେ ଆହାର ଦେଉଛି ।

କଷ୍ଟ :

କଷ୍ଟ କ'ଣ ଜଣେ ନାରୀକୁ ପଚାର,
ଯିଏ୧୦ ମାସର କଷ୍ଟସହି ନିଜ ଗର୍ଭରୁ ପିଲାଟିଏକୁ ଜନ୍ମ ଦେଇଚି ।

ଯନ୍ତ୍ରଣା :

ଯନ୍ତ୍ରଣା କ'ଣ ସେଇ ରୋଗୀକୁ ପଚାର,
ଯିଏ ହସ୍ପିଟାଲ ବେଡ଼ରେ ମୃତ୍ୟୁ ସହ ସଂଘର୍ଷ କରୁଛି ।

ISSN NO.
2582-208X

ଶିକ୍ଷା :
ଶିକ୍ଷା କ'ଣ ସେଇ ଶିଷ୍ୟକୁ ପଚାର,
ଯିଏ ଗୁରୁକୁଳ ଆଶ୍ରମରେ ରହି ଜ୍ଞାନ ଆହରଣ କରିଛି ।

ଦୀକ୍ଷା :
ଦୀକ୍ଷା କ'ଣଜଣେ ଯୋଗୀକୁ ପଚାର,
ଯିଏ ବର୍ଷ ବର୍ଷ ଧରି ଫଳାହାର କରି ଜଙ୍ଗଲରେ ସମୟ କାଟୁଛି।

ଅବହେଳା :
ଅବହେଳା କ'ଣ ସେଇ ବାପା-ମାଙ୍କୁ ପଚାର,
ଯିଏ ନିଜ ପୁଅ ପାଖରୁ ବିତାଡ଼ିତ ହୋଇ ବୃଦ୍ଧାଶ୍ରମକୁ ଆଶ୍ରୟ କରନ୍ତି ।

ପରିଶ୍ରମ :
ପରିଶ୍ରମ କ'ଣ ସେଇ ଚାଷୀ ଭାଇକୁ ପଚାର,
ଯିଏ ଖରା ବର୍ଷାକୁ ଖାତିର ନକରି ପରିବାର ପାଇଁ ଚାଷ କରୁଛି।

କର୍ତ୍ତବ୍ୟ :
କର୍ତ୍ତବ୍ୟ କ'ଣ ସେଇ ସନ୍ତାନକୁ ପଚାର,
ଯିଏ ନିଜ ପିତା ମାତାଙ୍କୁ ଦେବତା ତୁଲ୍ୟ ପୂଜା କରୁଛି ।

ଅମାରଗଡ଼ିଆ, ଖଇରା, ବାଲେଶ୍ୱର
ଦୂରଭାଷ - ୮୦୯୩୬୪୦୫୫୪

ISSN NO.
2582-208X

# ଲଲିତ ନିବନ୍ଧ-
# ଭଡା ଘର



ବଦ୍ରୀ ମହାନ୍ତ

ବିଧାତାର ନିର୍ଦ୍ଦେଶ, ଭାଗ୍ୟ ଫଳ ଏବଂ ଅନ୍ୟ ଆଗରେ ପ୍ରଦର୍ଶନ କରିବା ଆଦି ଯେତେ ଯାହା ଢୋଲ ବଜେଇଲେ ସୁଦ୍ଧା ନିଜର ରୁଚି ଓ ଆବଶ୍ୟକତା ହିଁ ମଣିଷର ବର୍ତ୍ତମାନକୁ ସଜେଇ ରଙ୍ଗେଇ ସଳଖ ରାସ୍ତା ଉପରେ ନେଇଯିବା କଥାକୁ ଅସ୍ୱୀକାର କରିହେବ ନାହିଁ। ଆବଶ୍ୟକତା ନଥିଲେ ନୂଆ ନୂଆ କଥା ଆମ ସାମ୍ନାକୁ ଆସନ୍ତା ନାହିଁ, ଅଥବା ବିଚାର ଭାବନାରେ ରହନ୍ତା ନାହିଁ ସନ୍ତୁଳନ। ଫଳତଃ ଖୋଜିବା ଓ ତିଆରି କରି ବାଂଛିତ ବସ୍ତୁକୁ ଆପଣେଇ ନେଇ ସଳଖ ସୁନ୍ଦର ରାସ୍ତାରେ ଚାଲିବା ସାଧାରଣ ହୋଇ ହୋଇଛି। ଅନ୍ୟ ଅନେକ ମଧ୍ୟରୁ ମୁଣ୍ଡ ଉପରେ ଛାତ, ଚାରିପଟେ କାନ୍ଥ ଓ ଆନୁସଙ୍ଗିକ ବ୍ୟବସ୍ଥା ଖଞ୍ଜା ହୋଇଥିବା ଆବଦ୍ଧ କ୍ଷେତ୍ରଟି, ଯାହାକୁ କୁହାଯାଏ ଘର,ମଣିଷ ଜୀବନର ଏକ ଅନିବାର୍ଯ୍ୟ ଆବଶ୍ୟକତା। ତା ଭିତରେ ନିଜକୁ ନିଜ ସନ୍ତାନ ସନ୍ତତି ପରିବାର ସହିତ ସୁରକ୍ଷିତ, ସଂଯତ, ଆନନ୍ଦମୟ ସମୟ ବିତାଇବା ମଣିଷ ଜୀବନର ଏକ ନିର୍ଦ୍ଧାରିତ ସତ୍ୟ। ଉତ୍ତରାଧିକାର ସୂତ୍ରରେ ଘରଟିଏ ପ୍ରାପ୍ତ ନହେଲେ ଅଥବା ଆର୍ଥିକ ସ୍ଥିତି ଦୁର୍ବଳ ଥିଲେ ଘରଟିଏ ପାଇଁ ଶ୍ରମ ସଂଘର୍ଷ ଓ ସାଧନ କିଛି କମ ନଥାଏ। ନିଜ ଜୀବନ କାଳ ମଧ୍ୟରେ ପ୍ରଗାଢ ଉଦ୍ୟମ ଓ କୃଚ୍ଛ୍ର ସାଧନା ସତ୍ୱେ କପାଳରେ ନଥିଲେ ଘରଟିଏ ତୋଳି ହୁଏନା ଅଥବା ଛାତଟିଏ ନିଜର କରି ହୁଏନା। ବହୁ କ୍ଷେତ୍ରରେ ବୃତ୍ତି ଓ ପ୍ରବୃତ୍ତି ମଧ୍ୟରେ ଛନ୍ଦି ହୋଇ ନିଜସ୍ୱ ଘର ନିର୍ମାଣ କଳ୍ପନା ଦୂରକୁ ଚାଲିଯାଏ ମନ ପାଖରୁ। ଆଉ ସମୟ ଉପଗତ ହେଲେ ନାନାଦି ପ୍ରତିବନ୍ଧକ ସୃଷ୍ଟି ହୋଇ ସମ୍ଭବ ହୁଏନା ଗୃହ ନିର୍ମାଣ ବା କ୍ରୟ କରି ଗୃହ କର୍ତ୍ତା ହେବା।।

ISSN NO.
2582-208X

ସାମାଜିକ ବ୍ୟବସ୍ଥାର ପରିବର୍ତ୍ତନ ଓ ଆଧୁନିକ ସମୟ ଜୀବନକୁ ଏପରି ପ୍ରଭାବିତ କରିଛି ଯେ, ଆଉ ନିଜେ ଇଟା ପଥର ଲୁହା ସିମେଣ୍ଟ ଯୋଗାଡ କରି ଘରଟିଏ ନିର୍ମାଣ ନକରି ନିଜର ଆର୍ଥିକ ସମ୍ପନ୍ନତା ବଳରେ ଅନ୍ୟ ଉପଭୋଗ୍ୟ ସାମଗ୍ରୀ ପରି ନୂତନ ଘରଟିଏ କ୍ରୟ କରିବା ସମ୍ଭବ ହେଉଛି। ନିର୍ମାଣକାରୀ ସଂସ୍ଥା କିସମ କିସମ ଘରର ଉପଲବ୍ଧ କରାଉଥିବା ଯୋଗୁଁ ମଣିଷ ହାତ ପାଆନ୍ତାରେ ଏ ସୁଯୋଗ ଆସି ପହଂଚି ଯାଇଛି। ଏଥିପାଇଁ ଅର୍ଥ ଯୋଗାଣ କାରୀ ସଂସ୍ଥା ବା ବ୍ୟାଙ୍କମାନେ ଦୀର୍ଘ ମିଆଦୀ, ସହଜ କିସ୍ତି ଓ ସ୍ୱଳ୍ପ ସୁଧରେ ଆବଶ୍ୟକୀୟ ଅର୍ଥ ପ୍ରଦାନ କରିବା ସତ୍ୱେ ଅନେକ ଆପଣାର ଘରଟିଏ ନକରି ଭଡା ଘରେ ବା ସରକାରୀ ଘରେ ଶାନ୍ତିର ଉତ୍ସ ଖୋଜୁଥାନ୍ତି। ଏଥିରେ ଚିନ୍ତାମୁକ୍ତ ଆନନ୍ଦ ମିଳେ ବୋଲି ବିଶ୍ୱାସ କରନ୍ତି ଏ ଜାତୀୟ ବ୍ୟକ୍ତି ।

କତିପୟ ମନେ କରନ୍ତି ଘରଟିଏ ତୋଳିବା ନିମନ୍ତେ ଅର୍ଥ ବ୍ୟୟ ନକରି ସଞ୍ଚିତ ଅର୍ଥକୁ ଅର୍ଥଲଗାଣକାରୀ ସଂସ୍ଥା ବା ବ୍ୟାଙ୍କମାନଙ୍କରେ ସ୍ଥାୟୀ ଜମା ଦେଇ ପ୍ରାପ୍ୟ ସୁଧରେ ସହଜରେ ସୁନ୍ଦର ଭଡା ଘରଟିଏ ନିଆ ଯାଇପାରେ। ବିଜୁଳି ପାଣି ବର୍ଜ୍ୟ ବସ୍ତୁ ପରିଚାଳନା ଓ ରକ୍ଷଣାବେକ୍ଷଣ ପରି ସମସ୍ୟାମାନଙ୍କୁ ଆଉ ସାମ୍ନା କରିବାକୁ ପଡେନାହିଁ। ସମ୍ପ୍ରତି ଆଧୁନିକ ପରିବାର ଧୀରେ ଧୀରେ ସୂକ୍ଷ୍ମରୁ ସୂକ୍ଷ୍ମତର ହେବ ସାଙ୍ଗକୁ ପିଲାପିଲି ଓ ଉତ୍ତରାଧିକାରୀ ବିଦେଶ ବା ଦୂର ସ୍ଥାନକୁ ଚାଲି ଯାଉଥିବାରୁ ଘରର ଭବିଷ୍ୟତ ସଂକଟର ସାମ୍ନା କରୁଛି। ନିଜର କଷ୍ଟୋପାର୍ଜିତ ଧନ ଦ୍ୱାରା ନିର୍ମିତ ଘରଟି ଭବିଷ୍ୟତରେ ଭୂତକୋଠି ହେବାର ସମ୍ଭାବନାକୁ ଉଜ୍ଜ୍ୱଳ କରୁଛି । ତେଣୁ ଅନିଶ୍ଚିତତା ପଛରେ ନଧାଇଁ ଶ୍ରେୟ ମଣିଥାନ୍ତି ଭଡାରେ ରହି ଜୀବନ ଅତିବାହିତ କରିବାକୁ। ମାତ୍ର ଭଡା ଘର କସ୍ମିନ କାଳେ ନିଜ ଘର ନୁହେଁ। ଆବଶ୍ୟକ ପଡ଼ିଲେ ଗୃହକର୍ତ୍ତା ସମସ୍ତ ବ୍ୟକ୍ତିଗତ କାର୍ଯ୍ୟ କରିବାର ସ୍ୱାଧୀନତା ଦେଇ ନପାରନ୍ତି। ଏପରିକି ଶେଷ ଅବସ୍ଥାରେ ମୃତ ଶରୀରକୁ ଘର ଭିତର ପ୍ରବେଶକୁ ବିରୋଧ କରି ପାରନ୍ତି। ଏମିତି ଅନେକ ଉଦାହରଣ ରହିଛି ନିଜ ବାସ୍ତୁ ବିଶ୍ୱାସ ଯୋଗୁ ଭଡାଟିଆଙ୍କୁ ସାମ୍ନା କରିବାକୁ ପଡିଛି ଅପ୍ରୀତିକର ପରିସ୍ଥିତି ।

ଘର ନିର୍ମାଣ କିଛି ବ୍ୟକ୍ତିଙ୍କର ଏକ ନିଶା। ନିଜ ଉପାର୍ଜିତ ଅର୍ଥର ସଫଳ ବିନିଯୋଗ ଓ କ୍ରମ ବୃଦ୍ଧି ପାଇଁ ଜମି କ୍ରୟ ଓ ଘର କ୍ରୟ ବା ନିର୍ମାଣ ଏକ ବୌଦ୍ଧିକ ବିଳାସ। ଘରଟିକୁ ଭଡାରେ ଲଗାଇ ଅର୍ଥର ଯଥାର୍ଥ ବିନିଯୋଗ ବା ଭବିଷ୍ୟତରେ ନିଜ ଉପାର୍ଜିତ ସମ୍ପତ୍ତି ବହୁ ଗୁଣିତ ହେବାର ଯୋଜନା ଦ୍ୱାରା ଭବିଷ୍ୟତ ସୁରକ୍ଷିତ ରଖିବା ଅନେକ ବୁଦ୍ଧିମାନ ବ୍ୟକ୍ତିଙ୍କର

ISSN NO.
2582-208X

ଦର୍ଶନ। ଏହାଦ୍ୱାରା ସୃଷ୍ଟି ହେଉଥିବା ପାର୍ଶ୍ୱ ପ୍ରତିକ୍ରିୟା ଓ ମାନସିକ ଅବସ୍ଥା କେଉଁ ସ୍ତରକୁ ଉତ୍ତୀର୍ଣ୍ଣ ହୋଇଯାଏ ତାହାକୁ ଅଣଦେଖା କରି ଏ ରାସ୍ତାରେ ଯିବା ବିଧି ନିର୍ଦ୍ଦେଶ ବା ଜନ୍ମଗତ ରୂପେ ଅନେକ ବିଶ୍ୱାସ କରନ୍ତି। ଗୃହ ମାଲିକ ନିଜ ଘରଟିକୁ କେବଳ ଘର ନଥିବା ଅଥବା ଆଶ୍ରା ଖୋଜୁଥିବା ପରିବାରକୁ ନଦେଇ ବ୍ୟବସାୟିକ କାର୍ଯ୍ୟ ପାଇଁ ସୁଦ୍ଧା ନିୟୋଜିତ କରିଥାନ୍ତି। ଏଥିରେ ଅଧିକତମ ଗୃହ ମାଲିକ ନିଜ ଘରଟିକୁ ଭଡା ଦେଲା ବେଳେ ତାର ରକ୍ଷଣାବେକ୍ଷଣ ପ୍ରତି ସର୍ବନିମ୍ନ ଦୃଷ୍ଟି ଦେଇଥାନ୍ତି। ମନେ କରନ୍ତି ଏହା ଭଡା ନେଉଥିବା ବ୍ୟକ୍ତିର ଦାୟିତ୍ୱ ଓ କର୍ତ୍ତବ୍ୟ।

ସମ୍ପ୍ରତି ସହରୀକରଣ ଯୋଗୁଁ ସୁନ୍ଦର ଓ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଥିବା ଉପଯୋଗୀ ଘରର ଚାହିଦା ଖୁବ ଅଧିକ। ନିଜର କର୍ମକ୍ଷେତ୍ର ନିକଟରେ, ଅଫିସ ପାଖରେ, ପିଲାଙ୍କ ସ୍କୁଲ ପାଖାପାଖି,ବଜାର ପାଖ ଆଦି ସ୍ଥାନରେ ମନ ପସନ୍ଦର ନିଜର ଆବଶ୍ୟକତା ପୂରଣ କରିପାରିବା ପରି ଘରଟିଏ ମିଳିବା କଷ୍ଟସାଧ୍ୟ। ଇଚ୍ଛା ବିରୁଦ୍ଧରେ ସାଲିସ କରି ଗୃହ ମାଲିକର ସମସ୍ତ ସର୍ତ୍ତ ପାଳନ କରି ଘରଟି ନେବାକୁ ପଡେ ଯେତେ ଅଯୌକ୍ତିକ ଅସଙ୍ଗତ ଓ ଅପହଞ୍ଚ ସର୍ତ୍ତାବଳୀ ଥିଲେ ସୁଦ୍ଧା। ସାଧାରଣରେ ଭଡା ଘରେ ରହୁଥିବା ପରିବାରକୁ ଭଡାଟିଆ କୁହା ଯାଉଥିବାରୁ ଘର ପ୍ରତି ଆପଣାପଣ ସୃଷ୍ଟି ହୋଇପାରେନା। ଏମିତି କିଛି ଭଡାଟିଆ ଅଛନ୍ତି ଯେଉଁମାନେ ଅନ୍ୟର ଘର ହେଲେ ସୁଦ୍ଧା ଆପଣାର ଘର ମନେ କରି ତାର ଉପଯୁକ୍ତ ଯତ୍ନ ନେବା ସହ ସୁନ୍ଦର କରି ଗଢି ତୋଳିଥାନ୍ତି ସମଗ୍ର ପରିବେଶ। ମାତ୍ର ଏମାନଙ୍କ ସଂଖ୍ୟା ଆଖିଦୃଶିଆ ନୁହେଁ। ମାସକୁ ମାସ ନିୟମିତ ଧାର୍ଯ୍ୟ ଭଡା ଯଥା ସମୟରେ ଦେଉଥିବାରୁ ଘରଟିକୁ ସେ ନିଜ ଇଚ୍ଛା ଅନୁସାରେ ବ୍ୟବହାର କରି ପାରିବା, ରୁଚି ମୁତାବକ ତାହାକୁ ସଜେଇ ରଖିବା ସେମାନଙ୍କର ଅଧିକାର ପରିସରଭୁକ୍ତ। ଅନେକ ମନେ କରନ୍ତି ଏହା ଅସ୍ଥାୟୀ ଠିକଣା ହୋଇଥିବାରୁ ଏହା ପରିତ୍ୟାଗ କରିବା ଯେହେତୁ ନିଶ୍ଚିତ, ତେଣୁ ଉତ୍ତରଦାୟୀ ହେବାର ପ୍ରଶ୍ନ ଉଠୁନି।

ନୂତନ କର୍ମକ୍ଷେତ୍ରରେ ପହଂଚି ଘରଟିଏ ଖୋଜିବା ଅଥବା ନିଜର ଘରଟିଏ ନଥିବା ଅବସ୍ଥାରେ କେବଳ ଭଡା ଘର ଲୋଡ଼ା ପଡେନାହିଁ, କେତେକ ବିଶେଷ ଅବସ୍ଥାରେ ନିଆ ଯାଉଥିବା ଘର ଅନାହୂତ ବିପଦର କାରଣ ହୋଇଥାଏ। ଗୃହ ମାଲିକ ଅର୍ଥ ଲୋଭରେ କୌଣସି ଅଜ୍ଞାତ ଲୋକଙ୍କର ପ୍ରକୃତ ପରିଚୟ, ଅଭିପ୍ରାୟ ନଜାଣି ଭଡା ଦେଇଦେବା ଦ୍ୱାରା ବେଳେ ବେଳେ ବରଣ କରିବାକୁ ପଡିଥାଏ ଭୟଙ୍କର ବିପଦ। ସମାଜର ବିଘଟନକାରୀ

ISSN NO.
2582-208X

ଶକ୍ତି ଗୋପନରେ ସୃଷ୍ଟି କରି ପାରନ୍ତି କୌଣସି ଦୁଃସ୍ଥିତି । ହୋଇପାରେ ସନ୍ତ୍ରସବାଦୀ କାର୍ଯ୍ୟକଳାପ, ରାଷ୍ଟ୍ର ବିରୋଧୀ ଯୋଜନା ଇତ୍ୟାଦି। କେହି କେହି ଭଡାଟିଆ ବ୍ୟବସାୟିକ ମନୋବୃତ୍ତି ନେଇ ଅନୀତି ଅସାମାଜିକ କାର୍ଯ୍ୟକ୍ରମ ପାଇଁ ଉପଯୋଗ କରନ୍ତି ଘରଟିକୁ। ଆଉ ଉତ୍କଟ ସ୍ଥିତି ଉପୁଜେ ସେତେବେଳେ, ଯେଉଁଠି ମାସ ମାସ ବର୍ଷ ବର୍ଷ ଧରି ଭଡାରେ ରହିବା ପରେ ଘରଟିକୁ ନିଜର ବୋଲି ଦାବି କରାଯାଏ। ବିଚରା ଗୃହ ମାଲିକ ଆଇନ କାନୁନ ପୋଲିଶ ଓ ଗୁଣ୍ଡାଙ୍କ ସହାୟତାରେ ଭଡାଟିଆଙ୍କୁ ଉଚ୍ଛେଦ କରିବାକୁ ସତତ ଉଦ୍ୟମ ପରେ ସୁଦ୍ଧା ଅନେକ କ୍ଷେତ୍ରରେ ଘରଟି ଭଡାଟିଆ ହାତକୁ ଚାଲିଯାଏ। ଏହା ସମସ୍ତଙ୍କର ଜ୍ଞାତ ସାରରେ ଘଟୁଥାଏ ଅଥଚ ପ୍ରତିବିଧାନ କରି ହୁଏନାହିଁ। ବିଚରା ପଡୋଶୀ ଏହାର ପ୍ରତିଫଳ ଭୋଗ କରୁଥାଏ, ନୀରବରେ ଦେଖୁଥାଏ, କିଛି ପ୍ରତିକାର କରି ପାରେନା ।

ନିଜ କୃତକର୍ମ ପାଇଁ ନିଜ ଘରୁ ବଂଚିତ ହେବା,ବିତାଡିତ ହେବା ଅଥବା କୌଣସି କାରଣରୁ ଘର ପରିବାର ତ୍ୟାଗ କରି ସ୍ୱାଧୀନ ସ୍ୱତନ୍ତ୍ର ଜୀବନ ବିତାଇବା ପାଇଁ ନେଇଥାନ୍ତି ଭଡାରେ ଘରଟିଏ। ସମ୍ପ୍ରତି ବିବାହ ନକରି ଏକତ୍ର ରହିବା ପରି ପାଶ୍ଚାତ୍ୟ ଧାରା ଧୀରେ ଧୀରେ ଆମ ସମାଜରେ ବୃଦ୍ଧି ପାଉଥିବାରୁ ଭଡା ଘର ଅଲିଖିତ ଅସ୍ୱୀକୃତ ଅବିବାହିତ ଦମ୍ପତ୍ତିଙ୍କ ନିମନ୍ତେ ସୁରକ୍ଷିତ ବୋଲି ମନେ କରାଯାଉଛି। କାରଣ ଆଧୁନିକ ସମାଜ ପୂର୍ବବତ ଆଉ ପାଖ ପଡୋଶୀଙ୍କ ସହିତ ସମ୍ପର୍କ ରଖୁନଥିବାରୁ ପ୍ରେମିକ ପ୍ରେମିକାଙ୍କ ସ୍ୱର୍ଗ ବନିଯାଇଛି ଭଡାଘର। ଏଥିରେ କାହାରି ହସ୍ତକ୍ଷେପ ନଥାଏ। କିଏ କଣ କାହିଁକି କେତେବେଳେ କଣ କରୁଛି ଅପ୍ରାସଙ୍ଗିକ ହୋଇଉଠେ ନିକଟ ପାଖ ପଡିଶା ପାଇଁ। କୌଣସି ଘଟଣା ଦୁର୍ଘଟଣାକୁ ପାଖ ପଡୋଶୀ ଶିର ପୀଡାର କାରଣ ମନେ କରି ସମ୍ପୃକ୍ତ ହେବାକୁ ଅନୁଚିତ ଭାବନ୍ତି ସତ, ମାତ୍ର ଏହା ଦ୍ୱାରା ସମସ୍ୟା ଦୂର ହେବା ପରିବର୍ତ୍ତେ ଆସି ପହଞ୍ଚେ ନୂଆ ଘଟଣା। ତେଣୁ ବାଇ ମହାନ୍ତି କହନ୍ତି, “କଷ୍ଟୋପାର୍ଜ୍ଜିତ ସ୍ୱପ୍ନର ସୁନ୍ଦର ଘରଟିକୁ ଭଡାରେ ଦିଅ ଅଥବା ଭଡାରେ ନିଅ ମନା ନାହିଁ, ମାତ୍ର ଏମିତି କିଛି କରନାହିଁ ଯାହାଦ୍ୱାରା ମୌଳିକ ଚିନ୍ତନଟି ଅପସୃତ ହୋଇ ଆଖିରେ ଆଣିବ ଲୁହ ଓ ଛାତିରେ ଭରିଦେବ କୋହ।”

ବି 10/154, କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ଶେଷ ସ୍ମୃତି



ଜୟନ୍ତୀ ବେହେର୍

ଯେତେବେଳେ ତୁହି ସଞ୍ଚାର ହୋଇଲୁ
ଏହି ଗରଭରେ ମୋର!
ଦେହ ମନ ମୋର ଅଳସ ଭାଙ୍ଗିଲା
ଶୁଣିବାକୁ ଡାକ ତୋର।

ମାସ ପରେ ମାସ ଗଡି ଚାଲିଥିଲା
ଇଚ୍ଛା ହୁଏ ମନ ମୋର!
ଚତୁର୍ଥ ମାସରେ ଗରଭ ଦିଶିଲା
ଖାଇବି ଖଟା ଆଚାର।

ଯେବେ ହେଲା ଛଅ ମାସଟି ଗରଭେ
ସାରା ଉଦରରେ ବୁଲି!
ହାତ ଗୋଡ଼ ସବୁ ଘୋଳେଇ ପଡିଲା
ଭୂଇଁରେ ଲୋଟି ଶୋଇଲି।

ସାତଟି ମାସର ହେଲୁ ଯେତେବେଳେ
ସ୍ୱାଦ ଖାଇବାକୁ ଇଚ୍ଛା!
ମାମୁଁଘରୁ ତୋର ଆସିଥିଲା ଭାର
ପିଠା ସାଥେ ନାନା ମିଠା।

ISSN NO.
2582-208X

ଆଠ ମାସକର ହେଲାବେଳ ଠାରୁ
ଆଉ ତୁ ନହେଲୁ ସ୍ଥିର!
ଗୋଡ଼ ହାତ ଛାଟି ମଥା ବାଡ଼େଇଲୁ
ହୃଦୟ ହେଲା ଅସ୍ଥିର।

ନବମ ମାସରେ ଏତେ ଖୁସି ଦେଲୁ
ଆଉଁସି ଆଣିଲି ତୋତେ
ଅନୁଭବ କରି ଗେହ୍ଲ କରିଦେଲି
ଜାବୁଡି ଧରିଛୁ ମତେ।

ଗରଭକୁ ମୋର ଲାତ ମାରୁଥିଲୁ
ଏପାଖ ସେପାଖ ବୁଲି!
କେତେ ଯନ୍ତ୍ରଣାରେ କଷ୍ଟ ଦେଉଥିଲୁ
ସେକଥା ପାରୁନି ଭୁଲି।

ଦଶମାସ ଦଶ ହେଲା ଯେଉଁଦିନ
ପାରିଲିନି ଆଉ ସହି!
କଷ୍ଟ ପରେ କଷ୍ଟ ଦେହ ହେଲା ରିଷ୍ଟ
ଗରଭ ଫୁଲି ଉଠଇ।

ସେଦିନଟି ଶୁକ୍ଳ ପକ୍ଷ ଗୁରୁବାର
ଦୋଳ ପୂର୍ଣ୍ଣିମାର ବେଳ!
ଦିନ ବାରଟାରେ ଜନମ ହୋଇଲୁ
କୁଆଁ କୁଆଁ ରାବ ତୋର।

ISSN NO.
2582-208X

ଜନମିଲୁ ତୁହି ମୋହରି କୋଳରେ
ଆସିଲୁ ଲକ୍ଷ୍ମୀଟେ ହୋଇ!
କେତେ ଖୁସି ହେଲୁ ଆମେ ପିତା ମାତା
ସେକଥା ପାରୁନି କହି।

କନ୍ୟା ସନ୍ତତିଟି ହେଇ ଥିଲୁ ବୋଲି
ଉଚ୍ଚ ହେଲା ମୋର ମନ!
କୋଳେଇ କାଖେଇ ତୋତେ ପାଇଗଲି
ତୁହି ସୁନା ହୀରା ଧନ।

ଗେହ୍ଲା ବସରର ମୋ ଜୀବନ ଧନ
ମୋ ଆୟୁଷ ଲାଗି ଯାଉ!
ସେଦିନକୁ କେବେ ଭୁଲି ପାରିବିନି
ଶେଷ ସ୍ମୃତି ହୋଇ ରହୁ।

ତୁହି ମୋ ଦୁହିତା ଜଗତର ଜିତା
ଦୁଇକୂଳ ହିତ ପାଇଁ!
ହଜେଇ ଦେବୁନି ମୋଶେଷ ସ୍ମୃତିକୁ
ଜୁହୀରେ ଯିବି ମୁଁ ଶୋଇ।

ପାଟପୁର, ଧର୍ମଶାଳା, ଯାଜପୁର

ISSN NO.
2582-208X

# ମୁଁ ଦିଗଶୂନ୍ୟ ନଈଟିଏ




ପ୍ରଣତି ସେଠୀ

ସୂକ୍ଷ୍ମ ଜଳ ବିନ୍ଦୁ ନୁହେଁ ମୁଁ
ମୁଁ ଦିଗଶୂନ୍ୟ ନଈର ଧାରା ଟିଏ
ସମୟ ସ୍ରୋତରେ ନିଃସହାୟ ଶୁଷ୍କ ତୃଣଟିଏ।।
ଭାସି ଚାଲିଥାଏ ଦୁନିଆର ବେରଙ୍ଗ ସୁଅରେ
ବାଜେ ଯନ୍ତ୍ରଣାସିକ୍ତ ପଥର ଗହ୍ୱରରେ ।
ପୁଣି ବହିଯାଇଥାଏ ;
ମନର କୋହକୁ ଜାବୁଡି ଧରି
ସମ୍ବେଦନାର ଲୁହକୁ ପୋଛି ନେଇ
ଶେଷରେ ପହଞ୍ଚେ........
ବିରାଟ ମୋହରୂପି ସମୁଦ୍ର ପାଖେ
ନିଜ ସାଉଁଟା ସ୍ମୃତିକୁ ଛାଟେ ।
ମୁଁ ନିଜର ଅସ୍ତିତ୍ୱ ଭୁଲି ଯାଇଥାଏ ।।
ଭାବେ......
ଏହିଠାରେ ଦୁନିଆର ସର୍ବଶେଷ ସରିଥାଏ।।।

ରମ୍ଭା, ଗଞ୍ଜାମ
ମୋ - ୮୯୮୪୧୮୩୭୬୨

ISSN NO.
2582-208X

# ଭାଷା ତୋଳଦିଏ ନୂଆ ଜୀବନ



ମନ୍ଦାକନୀ ପାଢୀ

ଭାଷାହିଁ ତ  ଭାବନାର ପୋଷାକଟି
ପର ଆପଣାର ହୁଏ
ବଜ୍ର ହୃଦୟବ୍ୟକ୍ତି ନବନିତ ପରି
ନରମ ହୃଦୟ ହୁଏ  ।।

ଉତ୍ତମ ସ୍ୱଭାବକୁ ଦୂଷିତ କରେ
ବ୍ୟକ୍ତିର କଟୁ ଭାଷଣ
ଜ୍ଞାନୀ ଗୁଣବାନ ନିର୍ମଳ ହୃଦୟ
ଦିଏ ସୁନ୍ଦର ଭାଷଣ  ।।

କଠୋର ଭାଷାଟି ଆତ୍ମାକୁ ବାଧକ
ନିଜ  ମିତ୍ର ଶତ୍ରୁ ସାଜେ
ଭାଷା ତୋଳିଥାଏ ସୁନ୍ଦର ନଅର
ଢାଳେ ପ୍ରେମର ମାଧୁର୍ଯ୍ୟ ।।

ଆଘାତ ଅପମାନ ଭୁଲି ଯେ ପ୍ରାଣୀ
କହେ  ମଧୁର ଭାଷଣ
ଆଘାତ ପାଇଥିବା ବୃକ୍ଷଟି ସମ
କରେ ମିଠାଫଳ ପ୍ରଦାନ ।।

ISSN NO.
2582-208X

ପ୍ରିୟବାଣୀ କରିଥାଇ ଦେବତୁଲ୍ୟ
ଅଧିକାରୀ ସମ୍ମାନର
ମହାପୁରୁଷଙ୍କ ବାଣୀତୁଲ୍ୟ ହୋଇ
ଦୁନିଆଁରେ ସେ ଅମର ||

ଅଧ୍ୟାପିକା
ରାଜନୀତି ବିଜ୍ଞାନ ବିଭାଗ
ପଦ୍ମପୁର, ବରଗଡ଼

ISSN NO.
2582-208X

# ପ୍ରବାସୀକବି ସତ୍ୟ ପଟ୍ଟନାୟକଙ୍କ କବିତାର ଭିତ୍ତିଭୂମି



ଡ. ଦୀପ୍ତିମୟୀ ସାହୁ

ସାମ୍ପ୍ରତିକ ସମୟର ଜୀବନ ବହୁବିଧ ବଳୟକୁ ସ୍ପର୍ଶ କରେ । ନିୟତି ବା ନିୟତର ସେ ଆସ୍ଥାଭୋଗୀ ନୁହେଁ । ଜାଁବା ଭିତରେ ପାରସ୍ପରିକ ଜଗତ ଓ ବିଶ୍ୱମଣିଷର ଭାବନା ସହ ସମାନ୍ତରାଳ ଭାବେ ବଞ୍ଚିବା ତା ଜୀବନର ଅନ୍ୟତମ ପ୍ରତିଯୋଗୀ ମାନସିକତା କହିଲେ ଭୁଲହେବନାହିଁ । ଗାଁରେ ଥିବା ମଣିଷର ଦୃଷ୍ଟି ଯେମିତି ବିଶ୍ୱମୁଖୀ, ଅନୁରୂପ ଭାବରେ ବିଶ୍ୱମଣିଷଙ୍କ ସହ ଜୀବନ ବଞ୍ଚୁଥିବା ପ୍ରବାସୀ ମଣିଷର ନିଜ ମାଆ ମାଟି ଗାଁଆଡ଼କୁ ଏକ ଆବେଗ ବିଜଡ଼ିତ ଦୃଷ୍ଟିକୁ ଆମେ ଲକ୍ଷ୍ୟ କରିପାରିବା । ଆଜିର ଏହି ବିଶ୍ୱାୟନ ସମୟରେ ଏକ ପାରିବାରିକସତ୍ତା ମଧ୍ୟରେ କାଳ କାଟୁଥିବା ମଣିଷପ୍ରତ୍ୟେକ କ୍ଷଣ ନିଜର ବିଶ୍ୱବାସୀଙ୍କ ସହ ପାରସ୍ପରିକ ନିକଟବର୍ତ୍ତୀ ହୋଇପାରିଛି । ଗୋଟିଏ ଦେଶର ଛୁଙ୍କ ଆଜି ଅନ୍ୟ ଦେଶରେ ମହକ ବିଞ୍ଚିଦେଉଛି । ଦୂରରେ ଥାଇ ମଧ୍ୟ ଆଜି ଆମେ ସମସ୍ତେ ଏକାଠି । ଏଥିପାଇଁ ଉଦାରୀକରଣନୀତି, ଗ୍ଲୋବାଲାଇଜେସନ୍, ଆଧୁନିକ ଜ୍ଞାନବିଜ୍ଞାନର ପ୍ରାୟୋଗିକ ଓ ପ୍ରାଦ୍ୟୋଗିକ ଦୃଷ୍ଟିକୋଣ, ଇଲେକ୍ଟ୍ରୋନିକ୍ସ ମିଡ଼ିଆର ବହୁଳ ପ୍ରଚାର ପ୍ରସାର, ଶିକ୍ଷାୟତନର ପ୍ରସାରିତ ପରିସରର ମହତ୍ୱପୂର୍ଣ୍ଣ ଅବଦାନ ରହିଛି ।

ଏହିଭଳି ବିଶ୍ୱାୟନ ଦୁନିଆରେ ଥାଇ ମଧ୍ୟ ଜନ୍ମଭୂମିଠାରୁ ବହୁ ଦୂରରେ ଥିବା ମାଟିର ସନ୍ତାନମାନଙ୍କର ମାଆ-ମାଟି, ଆତ୍ମୀୟସ୍ୱଜନଙ୍କୁ ବିକଳ ଭାବେ ଝୁରି ହେବାର ଝୁରାପଣ ତାଙ୍କ ସାହିତ୍ୟର ପୃଷ୍ଠାମାନଙ୍କରେ ମଥାପିଟେ । ଅସାର ବୈଭବ, ନକଲି ମଣିଷ, ମିଛ ସମ୍ପର୍କ, ଦ୍ୱିଧାଯୁକ୍ତ ମାନସିକତା, ବ୍ୟର୍ଥାତୁର ଯାତ୍ରାପଥ, ଛଳନାଭର୍ତ୍ତି ସମୟ ଓ ଆତ୍ମସ୍ୱାର୍ଥସର୍ବସ୍ୱ ମଣିଷଙ୍କୁ ନିକଟରେ ଭେଟିଲା ପରେ ତାଙ୍କର ମୋହଭଙ୍ଗ ଘଟିଛି । ଫଳରେ ସେ ନିଜର ସରଳ ପଲ୍ଲୀଜୀବନ, ସ୍ନେହ ଭର୍ତ୍ତି ବୋଉର ପଣତ, ଗାଁ କ୍ଷେତ, ଦୂରବଣ,

ISSN NO.
2582-208X

ସରଳ ନିରୀହ ସାହିପଡ଼ିଶା, ଅତ୍ମୀୟସ୍ୱଜନ, ପ୍ରିୟ ଦେଶବାସୀ, ନିଜର ଭିଟାମାଟି ଆଦିକୁ ସ୍ମୃତିରେ ହାତଠାରି ଡାକିଛନ୍ତି । ପେଟପାଟଣା, ଜୀବନଜୀବିକା ତଥା ବୃତ୍ତିର ନିଷ୍ଠୁର-ଶକ୍ତ-ପାଚେରୀ ତାଙ୍କୁ ଅବରୁଦ୍ଧ କରି ରଖିଛି । ଇଚ୍ଛାହୀନ ପ୍ରବାସୀ ଜୀବନକୁ ଆଦରି ନେଇ ସେଠାରୁ ନିଜ ଗାଁ ମାଟିମାଆକୁ ସ୍ୱ-ସୃଷ୍ଟ କବିତା ମାଧ୍ୟମରେ ଝୁରି ହୋଇ ଶବ୍ଦଶକ୍ତିବଳରେ ନିବିଡ଼ ପ୍ରେମାଲିଙ୍ଗନ କରିଛନ୍ତି । ପ୍ରେମ, ବ୍ୟଥା, ଯନ୍ତ୍ରଣା, ପ୍ରାପ୍ତି, ଅପ୍ରାପ୍ତି, ଆନନ୍ଦବିଷାଦ, ହସକାନ୍ଦ, ଲୁହଲହୁ ସବୁକୁ କବିତାରେ ପରଷି ଦେଇ ଆଶ୍ୱସ୍ତ ଅନୁଭବ କରିଛନ୍ତି । ଏହିଭଳି ମହାର୍ଘ ସ୍ମୃତି ବିଜଡ଼ିତ ମୁହୂର୍ତ୍ତ, ବର୍ତ୍ତମାନ, ଅତୀତ ଓ ଭବିଷ୍ୟତର ଖଟାମିଠା ଅନୁଭବକୁ କବିତା-ବେଦିକୁ ସଂଖୋଳି ଆଣିଛନ୍ତି କବି ପ୍ରବାସୀକବି ସତ୍ୟ ପଟ୍ଟନାୟକ । ତାଙ୍କ କାବ୍ୟ ଜଗତର ତିକ୍ତ-ମଧୁର କାବ୍ୟାନ୍ୱେଷଣ ଓ ଦୃଷ୍ଟି-ଦିଗନ୍ତକୁ ଏ ପରିପ୍ରେକ୍ଷୀରେ ଆଲୋଚନା କରାଯାଇପାରେ ।କବି ପଟ୍ଟନାୟକଙ୍କ ଦୁଇ ମୌଳିକ ସାରସ୍ୱତ କୃତି ହେଉଛି 'ପାଷାଣର ପ୍ରେମ ସଙ୍ଗୀତ' ଓ 'ଝର୍କାଖୋଳାଥାଉ' କବିତା ପୁସ୍ତକ । ଯହିଁରେ କବିଙ୍କର ବହୁବିଧ ଦୃଷ୍ଟିଭଙ୍ଗୀ, ଚିନ୍ତାଚେତନା, ପ୍ରୟୋଗ ପରୀକ୍ଷାର ସଫଳ ପରିପ୍ରକାଶ କବିତାମାନଙ୍କରେ ଦ୍ରଷ୍ଟବ୍ୟ। ଅତୀତ-ଝରାଶେଫାଳିର ମୁଗ୍ଧ-ବିଧୂର ମହମହ ବାସ୍ନାର ହିଲ୍ଲୋଳ ପାଠକ ପ୍ରାଣରେ ତିକ୍ତ-ମଧୁର ରୋମାଞ୍ଚ ଖେଳାଇଦେବାର ମୋହନୀୟ ପ୍ରଯତ୍ନ 'ପ୍ରବାସୀ କବି ସତ୍ୟ ପଟ୍ଟନାୟକଙ୍କ କାବ୍ୟଜଗତ'। ତାଙ୍କ ସାହିତ୍ୟର ଦୃଷ୍ଟିବଳୟ ଓ ଦିଗଦିଗନ୍ତର ବ୍ୟାପକ ପରିଧି ମଧ୍ୟରୁ କେତୋଟି ବିଶେଷ ଦିଗକୁ ଚୁମ୍ବକରେ ଆଲୋକପାତ କରିବାପାଇଁ ନିମ୍ନରେ ପ୍ରୟାସ କରାଯାଇଛି ।

## ୧.ଗାଁ ପ୍ରେମର ନିର୍ଭେଜାଲ ପରିପ୍ରକାଶ-

ସତ୍ୟ ପଟ୍ଟନାୟକଙ୍କ ପାଇଁ ଗାଁ ହେଉଛି ମାଆ, ପ୍ରେୟସୀ, ଝିଅ, ବାନ୍ଧବୀ ସବୁକିଛି । ଗାଁର ସବୁଜ ପରିବେଶ, ସୁନ୍ଦର ସଂସ୍କୃତି ଖିଲିଖିଲି ହୋଇ ହସି ଉଠିଛି ତାଙ୍କ କବିତାରେ । ନିଦ-ମଳମଳ ପାହାନ୍ତା ପ୍ରହରର ନିରୀହ ଗ୍ରାମ୍ୟରୂପ ତାଙ୍କ କବିତାରେ ଜୀବନ୍ତ । ଗ୍ରାମ୍ୟ ସଂସ୍କୃତିରେ ପୂଜାପାର୍ବଣ, ଗୁରୁବାର, ମାଣବସା, ପ୍ରଥମାଷ୍ଟମୀ, ଝୋଟିଚିତା, ପିଠାପଣା, ଗାଁରେ ଷଡ଼ଋତୁ, ସକାଳ-ସନ୍ଧ୍ୟା, ଦିବସ ରାତ୍ରୀର ବର୍ଣ୍ଣନା ବେଶ୍ ଛଳଛଳ। ଉତ୍ତରଆଧୁନିକ ମଣିଷର କୃତ୍ରିମ ନଗର ଜୀବନ ଅପେକ୍ଷା ଗାଁର ସରଳ ଜୀବନ ପ୍ରତି ଏକ ମୁଗ୍ଧ ଆବାହନ ଶୁଣାଯାଏ ତାଙ୍କ କବିତାରେ । ବିଦେଶରୁ ଗାଁକୁ ଲମ୍ବିଆସିଥିବା ସମ୍ମୋହନ ଦୃଷ୍ଟିକୋଣ ତାଙ୍କ ଶବ୍ଦରେ-

ISSN NO.
2582-208X

"ସେଇ ଯାହା ଦେଖୁଛୁ ଦୂରରେ
ଆଖି ନ ପାଉଥିବା ଦୂରରେ
ହାଲକା ହାଲକା ସବୁଜ ରଙ୍ଗର ପାହାଡ଼
ଅସରନ୍ତି ଆକାଶ
ଆକାଶରେ ନୀଳନୀଳ ମେଘର ମହଲ
ସେଇ ତୋ'ର ମାଟି ସେଇ ତୋ'ର ଘର
ସେଠି ସବୁ ତୋର
ତୋର ପାଣି ତୋର ଶୋଷ
ନିଃଶ୍ୱାସରେ ଅହରହ ପ୍ରେମ ଓ ବିଶ୍ୱାସ ।"(୧)

ମନର ପକ୍ଷ ବିସ୍ତାରି ଏ କୂଳ(ବିଦେଶ)ରୁ ସେ କୂଳ(ଗାଁ)କୁ ଉଡ଼ିଯିବାର ଶିଶୁ ସୁଲଭ ବ୍ୟାକୁଳତା ମଧ୍ୟରେ କବିଙ୍କ ନିରୀହପଣ ବାରି ହୋଇପଡ଼େ । 'ଝର୍କା ଖୋଲା ଥାଉ' କବିତା ପୁସ୍ତକରେ ସଂକଳିତ 'ପଚିଶ ବର୍ଷର ସମୟ', 'ଆମ ଗାଁ ସୂର୍ଯ୍ୟୋଦୟ', 'ସନେଟ ବର୍ଷା', 'ତୁମ ଗାଁ ନଈ ଓ ଜହ୍ନରାତିର ସନେଟ୍','ସେଇଠି ତୋଳନ୍ତି ଘର' ଏବଂ 'ପାଷାଣର ପ୍ରେମ ସଙ୍ଗୀତ' କବିତା ସଙ୍କଳନର 'ଉଡ଼ିଯାରେ ପକ୍ଷୀ','ନୀଳ ଉପତ୍ୟକା', 'ପଦ୍ମତୋଳା','ଚିତ୍ର', 'ମୁଗ୍ଧ ଅନୁଭବ', 'ରିଙ୍ଗଟୋନ୍', 'ବିଶ୍ୱାସ' ପ୍ରଭୃତି କବିତାଗୁଡ଼ିକ ଏ ଶ୍ରେଣୀର । ଗାଁ ପାଇଁ ଦଲକାଏ ଆକର୍ଷଣ ତାଙ୍କ ତନୁମନକୁ ଛୁଇଁଗଲାବେଳେ ଅଧୀର କବିପ୍ରାଣର ଆହ୍ୱାନ ମଧ୍ୟ ବେଶ୍ ରୋମାଞ୍ଚ । ସତେଯେମିତି ମାଟି ମା' ସ୍ୱବାହୁ ପ୍ରସାରି ଦେଇ ଶ୍ରଦ୍ଧାରେ ତାଙ୍କୁ କୋଳେଇ ନେବାର ମିଠା ଆମନ୍ତ୍ରଣ କରୁଛି । କବିଙ୍କ ଶବ୍ଦରେ-

"ବାହୁ ମେଲାଇ ଡାକେ/ ଆ, ଛୁଉଁ ମୋତେ/ କହେ ହଜିଯା ମୋ ଭିତରେ/ ପ୍ରବାସର ଦୁନିଆରୁ
ନେଇଯିବି ତୋତେ ମୁଁ ନିଜ ଦେଶରେ,/ତା' ଭିତରେ ମୁଁ ଦେଖେ/ ମୋ ଗାଆଁ/ ଗାଆଁ ଦାଣ୍ଡ/ ଧାନକ୍ଷେତ
ଆକାଶର ହାତଛୁଆଁ/ ମେଘ ମାଳମାଳ/ ଆକାଶ ମଲ୍ଲୀର ଡାଳେ ଝୁଲୁଥା'ନ୍ତି/ ମେଞ୍ଚା ମେଞ୍ଚା ଫୁଟନ୍ତା ତମାଳ ।"(୨)

ISSN NO. 2582-208X


ପଲ୍ଲୀପ୍ରୀତିର ମଧୁର ଅନୁଭବରେ କବିପ୍ରାଣତଲ୍ଲୀନ। ମାଟିର ସିଆର, ଧୂଳିଘର, ମନ୍ଦମନ୍ଦ ସ୍ୱଚ୍ଛ ଅନୀଳର କୁହୁକ ସ୍ପର୍ଶରେ ସେ ମୂର୍ଚ୍ଛିତ । ଗାଁ ତାଙ୍କ ଭିତରେ ଭରିଦେଇଛି ନିର୍ମଳ ଚେତନା। ସେ ଉନ୍ନତ ଦୃଷ୍ଟି ତୋଳି ଗାଁର ହୃଦପ୍ରୀତିପଦ ମନ୍ତ୍ରକୁ ସମଗ୍ର ପାଠକ ସମାଜକୁ ଶୁଣାଇଛନ୍ତି । ଗାଁକୁ ଫେରି ଚାହିଁବାର ମୁଗ୍ଧ ଅନ୍ୱେଷଣ କବିତାର ପ୍ରତ୍ୟେକ ପୃଷ୍ଠାରେ ପରିବ୍ୟାପ୍ତ। ସତେଯେମିତି, ଗାଁ ତାଙ୍କ ପାଇଁ ଜୀବନ-ନାଟିକା। ବିଦେଶର ଡାଳରେ ଝୁଲି ରହିଥିଲେ ମଧ୍ୟ ଦୃଷ୍ଟି ତାଙ୍କର ମାଟିମୁହାଁ। ବାଣୀ, ଠାଣି, ଚଳଣିରେ ତାଙ୍କର ଭରିରହିଥାଏ ଓଡ଼ିଆତ୍ୱର ବାସ୍ନା ।

## ୨. ହୃଦୟ-ମନ୍ଥିତ ଅତୀତ-ବିଧୁର ଭାବଲିପି-

ଅତୀତ ମନସ୍କ କବି । ସ୍ମୃତି ଜୁଡୁବୁଡୁ କବିହୃଦୟ ବର୍ତ୍ତମାନରେ ଥାଇ ଅତୀତକୁ ଅହରହ ଝୁରି ହୋଇଛି । ଦିନେ ଗାଁ ତାଙ୍କୁ ଯେଉଁ ମିଠା ଅନୁଭବ ଦେଇଥିଲା ସେଇ ସ୍ମୃତିରେ ନିଜକୁ ପଖାଳି ଦେବାକୁ ସେ ସମ୍ପୂର୍ଣ୍ଣ ବ୍ୟାକୁଳ ।ସ୍ମୃତିର ଅଲଭ୍ୟ ପ୍ରୀତିରେ କବିଙ୍କ ଆତୁରତା କବିତାର ଅନେକ ପୃଷ୍ଠାରେ ପ୍ରକାଶ ପାଇଛି । ସ୍ମୃତିର ରସମୟ ବିଚ୍ଛୁରଣ ତାଙ୍କ କବିତାର ଅନ୍ୟତମ ଆକର୍ଷଣ । ବାଲ୍ୟଜୀବନ, ପ୍ରିୟପରିଜନ, ଆତ୍ମୀୟସ୍ୱଜନ, ଜାତିଭାଇ, ପର୍ବପର୍ବାଣୀ, ରୀତିନୀତି, ଓଡ଼ିଆ ସଂସ୍କୃତି, ପିଠାପଣା ଆଦି ଆଖିମିଟିକା ମାରି ତାଙ୍କ ସ୍ମୃତିରେ ଲୁଚକାଳି ଖେଳ ଖେଳିଛନ୍ତି । ପୁଣି, ସେସବୁ କବିତାରେ ଉତୁରି ପଡ଼ିଛନ୍ତି ଅନାୟାସରେ । ସ୍ମୃତି ଖଟାମିଠା ଯନ୍ତ୍ରଣା ଦେଇଛି କବିଙ୍କୁ । ପୁଣି ତାକୁ ନେଇ ବ୍ୟଥାଜର୍ଜର ହୃଦୟର ସ୍ୱୀକାରୋକ୍ତି ବେଶ୍ଖାବାଛନ୍ନ କବିଙ୍କ ଦୃଷ୍ଟିରେ-

"କେବେ ତୁମେ ବୁଝିବନି ପ୍ରବାସୀର ଅଧାଜଳା ମନ
ଅହରହ ଶୋକରେ ଆଚ୍ଛନ୍ନ
ଦ୍ୱନ୍ଦ୍ୱର ଢେଉରେ ଭାସେ ପ୍ରବାସୀ ଜୀବନ
କେବେ ଦେଖେ ଏ କୂଳରେ କେବେ ଆର କୂଳ
ଦୋଛକିରେ ପାଦ ତା'ର ହୁଏ ଟଳମଳ
ଏକ ପାଖେ ଡାକେ ତାକୁ ଜୀବନ ଜଞ୍ଜାଳ
ଆରପାଖେ ପିଲାଦିନ ଦାଣ୍ଡଧୂଳି ଖେଳ
ଅସୁମାରି ସ୍ମୃତିର ସକାଳ ।"(୩)

ISSN NO.
2582-208X

କବିଙ୍କ ପାଇଁ 'ପ୍ରବାସ' ପେଟପାଟଣାର ଭୂମି । ସ୍ୱଦେଶ ଭିଟାମାଟି, ତାଙ୍କର ଏକାନ୍ତ ଆତ୍ମୀୟ। ଏକପାଖେ ଜୀବନଜୀବିକା ଅନ୍ୟପାଖେ ନିଜ ପ୍ରିୟଦେଶ ପ୍ରତି ଆହେତୁକ ମମତା। ବିଦେଶରେ ଶରୀର ଏବଂ ସ୍ୱଦେଶ ଆଡ଼କୁ ଝୁଲି ରହିଛି ତାଙ୍କ ଆତ୍ମାପୁରୁଷ । ଏହି ଦ୍ୱିଧାଗ୍ରସ୍ତ ମାନସିକତାରେ କେବଳ କବି ସତ୍ୟ ପଟ୍ଟନାୟକ ସନ୍ତୁଳିତ ହୋଇନାହାନ୍ତି, ବରଂ ପ୍ରତ୍ୟେକ ପ୍ରବାସୀ-ଜୀବନ ତଥା ମାଟିର ସ୍ମୃତିରେ ବ୍ୟାକୁଳ ମାନସିକତା ରଖୁଥିବା ପ୍ରବାସୀମାନଙ୍କ ପ୍ରତିନିଧିତ୍ୱ କରନ୍ତି ସେ । କବିତାରେ ତାଙ୍କ ଆତ୍ମଜ୍ୱଳନ ମଧ୍ୟରେ ସଭିଙ୍କର ଆତ୍ମଦହନକୁ ପାଠକେ ଉପଲବ୍ଧି କରିପାରିବେ ।

ପ୍ରତ୍ୟେକ ମଣିଷପାଇଁ ତା' ଘର, ପରିବାର, ପ୍ରଦେଶ ତଥା ଦେଶ ପ୍ରକୃତ ସୁରକ୍ଷାସ୍ଥଳୀ। ଏହି ସ୍ଥାନ ତାଙ୍କପାଇଁ ସ୍ୱର୍ଗ ପୁଣି ଏହି ସ୍ଥାନ ହିଁ ବୈକୁଣ୍ଠ। ଛୋଟ ଛୋଟ ଆଶା, ସମ୍ଭାବନା, ସୁଖଦୁଃଖକୁ ନେଇ ଏଇଠି ସ୍ୱପ୍ନ ଦେଖନ୍ତି । ଏଇଠି ସକଳ ଇଚ୍ଛା ପୂରଣପାଇଁ ଉଦ୍ୟମ ଉଦଯୋଗ କରନ୍ତି । ନିଜ ଦେଶବାସୀଙ୍କ ଭିତରେ ନିଜକୁ ଦେଖନ୍ତି । ସେମାନଙ୍କ ନିକଟରେ ଥାଇ ସ୍ୱ-ଲକ୍ଷ୍ୟକୁ ପୂର୍ତ୍ତି କରିବାକୁ ପ୍ରଯତ୍ନ କରନ୍ତି । ତା'ର ସୁରକ୍ଷାସ୍ଥଳୀ ତଥା ତା' ପରିବାରର ଦରଜାରୁ ଥାଇ ପ୍ରୟାସ କରୁଥାଆନ୍ତି  ନିଜ ଛୋଟ ଛୋଟ ସ୍ୱପ୍ନକୁ ଉଡାଣ ଦେବାକୁ। ମାତ୍ର ନିଜ ସ୍ଥାନ ଜୀବନ ଧାରଣପାଇଁ ପ୍ରତିକୂଳ ହେଲେ ବୃତ୍ତିପାଇଁ ତାଙ୍କୁ ଦେଶାନ୍ତରୀ ହେବାକୁ ପଡ଼େ । ନିଜ ଦେଶରେ ବୃତ୍ତି ନପାଇବାର କ୍ଷୋଭ ଅପେକ୍ଷା ବୃତ୍ତିଗତ ଜୀବନ ଧାରଣପାଇଁ ତା'ର ପ୍ରାଣଠୁ ପ୍ରିୟ ଘରବାଡି, ଭିଟାମାଟିକୁ ଛାଡ଼ି ପରଦେଶକୁ ଯିବାର ଅନୁଭବ ତାଙ୍କୁ ମରଣାନ୍ତକ ଯନ୍ତ୍ରଣା ଦେଇଥାଏ । ଆମ ଭାରତୀୟ ମଣିଷ ବିଶ୍ୱକୁ ପରିବାର ମଣୁଥିଲେ ମଧ୍ୟ ନିଜ ବାପାମାଆଙ୍କୁ ଛାଡ଼ି ପୋଷ୍ୟପୁତ୍ର ହେବାଖେଦ ଅନୁରୂପ ଆମ ଭାରତୀୟ ତଥା ଓଡ଼ିଆ ପ୍ରବାସୀ ମଧ୍ୟ ଭୋଗିଥା'ନ୍ତି। ଜଣେ ଓଡ଼ିଆ ପ୍ରବାସୀ ଭାବରେ କବି ସତ୍ୟ ସେଇ ଦୃଶ୍ୟକୁ ଚମତ୍କାର ଶବ୍ଦଚିତ୍ର ଦେଇପାରିଛନ୍ତି । ନିଜ ଦେଶଛାଡ଼ି ଯିବାର କାରୁଣ୍ୟ ଅନୁଭବର ଲୋତକାପ୍ଲୁତଶବ୍ଦଗୀତିକୁ ଟିକେ ଶୁଣନ୍ତୁନା-

"ଯେଉଁଦିନ ତୁ ବନ୍ଦ କରିଦେଲୁ
ତୋ ଘରର ଦରଜା
ଆପଣା ହାତରେ
ସେଦିନ ଆକାଶରେ ଚାରିମେଘ
ଏକାକାର ହୋଇଗଲେ

ISSN NO.
2582-208X

ଜହ୍ନ ତା' ମୁହଁ ଲୁଚାଇଦେଲା
ଓ ତାରାମାନେ ଛୋଟପିଲାଙ୍କ ପରି
ହଠାତ୍ କାନ୍ଦି ଉଠିଲେ ।"(୪)

ଏଠାରେ 'ଘରର ଦରଜା'– 'ନିଜ ଦେଶ ବା ଭିଟାମାଟି', 'ଜହ୍ନ'– 'ଉଜ୍ଜ୍ୱଳ ଭବିଷ୍ୟତ ବା ଆଶା', 'ତାରାମାନେ'– ଛୋଟ ଛୋଟ ସ୍ୱପ୍ନ' ଅର୍ଥରେ ପ୍ରତୀକିତ କରାଯାଇଥିବା ମନେହୁଏ। ଯେଉଁଦିନ ନିଜ ଦେଶ ଜୀବନ ଧାରଣର ସକଳ ମାର୍ଗ ବନ୍ଦ କରିଦେଇ ଦେଶାନ୍ତରୀ ହେବାର ରାସ୍ତା ଉନ୍ମୋକ୍ତ କରିଦେଇଥିଲା ସକଳ ଦୁଃଖ ଘନେଇ ଆସିଥିଲା କବିଙ୍କ ଜୀବନରେ । ବୈଭବ ଆଡ଼କୁ ସେ ମୁହାଁଇ ଥିଲେ ମଧ୍ୟ ନିଜ ଦେଶ, ନିଜ ମାଟି ଓ ଆକାଶର ସମ୍ପର୍କ ସହ ଜାବୁଡି ରହିବାକୁ ଚାହିଁଥିଲେ । ମାତ୍ର ତାହା ଅସମ୍ଭବ ଦେଖି ପୁଣି ନିଜ ସ୍ଥାନଠୁ ଦୂରେଇ ଯିବାର ବ୍ୟଥା ମିଶା ପ୍ରଚଣ୍ଡ କ୍ଷୋଭ, ଅଭିମାନକୁ ଧରି କୁନିପିଲାପରି ବିଳ ପିଉଠିଛନ୍ତି କବି । ସ୍ମୃତିରେ ଦେଶାନ୍ତରୀ ହେବାର ଖେଦ ବର୍ଣ୍ଣନା ବାସ୍ତବରେ ମର୍ମଭେଦୀ।

ଏହିଭଳି 'ସ୍ମୃତି' କେତେବେଳେ ବ୍ୟଥା ହୋଇ କବିତାରେ ଝରିଯାଇଛି ତ ପୁଣି କେତେବେଳେ ମଧୁର ଅନୁଭୂତି ହୋଇ ପ୍ରକାଶ ପାଇଛି । 'ପାଷାଣର ପ୍ରେମ ସଙ୍ଗୀତ', 'ଝର୍କା ଖୋଲାଥାଉ' କବିତା ପୁସ୍ତକର ଅନେକ କବିତାରେ ଏହାର ଦୃଷ୍ଟାନ୍ତ ଆପଣମାନେ ପାଇପାରିବେ ।

### ୩.ତିକ୍ତ–ମଧୁର ପ୍ରେମପ୍ରଣୟର ଅଭିସାର–

ପାଇବା ହଜାଇବାର ରୁଗୁରୁଗୁ ରୋମାଣ୍ଟିକ୍ ପ୍ରେମୋଚ୍ଛ୍ୱାସ ହେଉଛି କବି ସତ୍ୟ ପଟ୍ଟନାୟକଙ୍କ କାବ୍ୟଜଗତ। ତାଙ୍କର ସମର୍ପଣ ପୁଣି ଉଦବେଳନ ଭାବ ତାଙ୍କୁ ଜଣେ ସଫଳ ପ୍ରେମିକକବିର ପରିଚୟ ଦିଏ । ଦେହରୁ ଦେହାତୀତ ତାଙ୍କ ପ୍ରେମର ସ୍ୱର। ଜଣେ ପ୍ରବାସୀ ହେଲେ ମଧ୍ୟ ପ୍ରେମ ପ୍ରତି ତାଙ୍କ ଦୃଷ୍ଟିକୋଣ ବେଶ୍ ପ୍ରଗଳ୍ଭ । ମାଟିରୁ ଆକାଶ, ମଣିଷରୁ ଈଶ୍ୱର ପର୍ଯ୍ୟନ୍ତ ପ୍ରଲମ୍ବିତ। ଶୁଣିବା, ଦେଖିବା, ସ୍ମରିବା, ଭାବିବା, ଉଚ୍ଛ୍ୱସିତ ଭାବରେ ବିନା ସ୍ୱାର୍ଥରେ ଅନ୍ୟଜଣଙ୍କୁ ଝୁରିହେବା ହିଁ 'ପ୍ରେମ'। ସେ ଦୃଷ୍ଟିରୁ କବି ସତ୍ୟ ପଟ୍ଟନାୟକ ଜଣେ ରୋମାଣ୍ଟିକ କବି। ତାଙ୍କର ସମଗ୍ର କବିତା ମଧ୍ୟରେ ପ୍ରେମ ପ୍ରତି ସୂକ୍ଷ୍ମ ଦୃଷ୍ଟିକୋଣ ରୂପାୟିତ। ଭଲ ପାଇବାର ତୀବ୍ର ଉଦ୍–ବେଳନତାଙ୍କୁ କେତେବେଳେ ବିରହୀ ପ୍ରେମିକଟେ

ISSN NO.
2582-208X

ସଜେଇ ଦେଇଛିତ ପୁଣି କେତେବେଳେ ଭକ୍ତିରେ ବିଭୋର ଥିବା ପରମ ଭକ୍ତଟିଏରେ ପରିଣତ କରିଦେଇଛି । ସତରେ ପ୍ରେମ କ'ଣ ଯେ ? ମୁଁ ତ କହିବି ବ୍ୟଥା, ଯନ୍ତ୍ରଣା, ବିରହରେ ଝୁରିହେବା, ଅଭିମାନରେ ଅଧିକାର ଜାହିର କରି ହୃଦୟର ସକଳ ବିଶ୍ୱାସ ଓ ନିଃଶ୍ୱାସକୁ ନିଗାଡ଼ିଦେବାହିଁ 'ପ୍ରେମ' । ଆରମ୍ଭରୁ କହିଥିଲି ସତ୍ୟ ପଟ୍ଟନାୟକଙ୍କ 'ପ୍ରେମ' ଗାଁ, ମାଆ, ମାଟି, ପ୍ରଦେଶ, ଦେଶଠାରୁ ପ୍ରିୟାପ୍ରେୟସୀ ପର୍ଯ୍ୟନ୍ତ ପ୍ରଲମ୍ବିତ। ଆପଣମାନେ ଅଧିକାଂଶ କବିତାରେ ପ୍ରିୟାପ୍ରେୟସୀ ପରି ସମ୍ବୋଧନାତ୍ମକ କବିତା ମଧ୍ୟରେ ଗାଁକୁହିଁ ଦେଖିପାରିବେ । ଯଥାର୍ଥରେ ଏଠାରେ ଗୋଟିଏ ଦୃଷ୍ଟାନ୍ତ ଦେବାକୁ ଚାହେଁ –

"ମୁଠାମୁଠା ଅବିରର ଇନ୍ଦ୍ରଧନୁ ଦେହରେ ବୋଳିଛ
ଅଧରରେ ପଳାଶର ରଙ୍ଗଝରା ହସ
ମନରେ କୃଷ୍ଣଚୂଡ଼ାର କାଉଁରି ପରଶ
ଶାଢ଼ୀସାରା ଆମ୍ବ ବଉଳର ଅତର ମାଖିଛ
ମତେ ଫଗୁଣ ମାଗୁଛ ?" (୫)

ଗାଁ ଏଠି କବିଙ୍କପାଇଁ ପ୍ରେୟସୀ । ବସନ୍ତର ସକଳ ସୌନ୍ଦର୍ଯ୍ୟ ଓ ବୈଭବରେ ବିଭବଶାଳିନୀ ଗାଁ ପ୍ରତି ବିଦେଶ କବିଟିଏର ଭାବାଭିବ୍ୟକ୍ତି ବାସ୍ତବରେ ଚିତ୍ତାକର୍ଷକ । ଏହିଭଳି ବହୁ ଦୃଷ୍ଟାନ୍ତ ତାଙ୍କର 'ନୀଳ ନୟନା', 'ପ୍ରେମ ସରେନା କେବେ','ଅନାହୂତ ଦୁଃଖର ଫସଲ', 'ଜେନିଫର', 'ତୁମ ଗାଁ ନଇ ଓ ଜହ୍ନରାତି ସନେଟ୍', 'ଚିଠି', 'ପ୍ରେମ ଗୀତିକା', 'କିଛି ପ୍ରେମ କିଛି ସରଳତା' ଇତ୍ୟାଦି କବିତା ମଧ୍ୟରେ ଆପଣମାନେ ଦେଖିପାରିବେ ।

### ୪.ମା' ମାଟି ଓ ଆମେରିକାର ସଂଯୋଗ ସେତୁ-

ଆକାଶଝରା ବର୍ଷାର ପହିଲି ବୁନ୍ଦା ସ୍ପର୍ଶରେ  ମାଟି ଅଦ୍ଭୁତ ଶିହରଣ ଅନୁଭବ କରେ। ମାଟି ଓ ଆକାଶର ସମ୍ପର୍କ ଏଥିପାଇଁ ବେଶୀ ନିବିଡ । ଜଣେ ପ୍ରବାସୀହିଁ ନିଜ ମାଟି ସହ ବିଦେଶକୁ ଯୋଡ଼ିବାର ସତସାହସ କରିପାରନ୍ତି । ନିଜ ମୌଳିକ ଚିନ୍ତା ସହ ବିଦେଶର ଅନୁଚିନ୍ତା ଖୁବ ସହଜରେ ଉଙ୍କିମାରେ ତାଙ୍କ ସାହିତ୍ୟରେ । ଆମ ଦେଶର ସଂସ୍କୃତି, ପରମ୍ପରା, ରୀତିନୀତି ସର୍ବୋପରି ଆମ ଜାତିର ସ୍ୱରୂପ ସାଙ୍ଗକୁ ସେଠାକାର ଚଳଣି ଓ ସଂସ୍କୃତିର ଚିତ୍ର ମଧ୍ୟ ଭାସିଉଠେ ତାଙ୍କ ସାହିତ୍ୟରେ ।ଅନୁବାଦ ସାହିତ୍ୟରୁ ଆମେ ଯେପରି

ISSN NO.
2582-208X

ଅନ୍ୟ ଭାଷାର ସାହିତ୍ୟ ସଂସ୍କୃତି ଆଦି ସହ ବିଶେଷ ଭାବରେ ପରିଚିତ ହୋଇଥାଉ, ଅନୁରୂପ ଭାବରେ ପ୍ରବାସୀ ସେହି ଗୁରୁଦାୟିତ୍ୱ ନିର୍ବାହ କରିଥା'ନ୍ତି। ନିଜ ସଂସ୍କୃତିକୁ ସେଠାରେ ଯେପରି ପ୍ରଭାବ ପକାଇଥାନ୍ତି, ଅନୁରୂପ ଭାବରେ ସେହି ସଂସ୍କୃତି ସହ ନିଜେ ଘନିଷ୍ଠ ହୋଇ ତା'ର ପ୍ରତ୍ୟକ୍ଷ ପ୍ରଭାବ ସ୍ୱ-ସାହିତ୍ୟରେ ପକାଇଥା'ନ୍ତି । ଜାଣତରେ ନୁହେଁ ସ୍ୱତଃ ଭାବେ ଏହି ପ୍ରକ୍ରିୟା ପ୍ରଚ୍ଛଦରେ ସଂଘଟିତ ହୋଇଥାଏ । ପ୍ରତ୍ୟକ୍ଷ ସଂସ୍ପର୍ଶ ଫଳରେ ଦୁଇ ସଂସ୍କୃତି ମଧ୍ୟରେ ଚମତ୍କାର ଯୋଗସୂତ୍ର ରକ୍ଷା କରିଥାଆନ୍ତି ପ୍ରବାସୀ ସାହିତ୍ୟିକ ।ଏହି ଗୁରୁଦାୟିତ୍ୱକୁ ଯଥାର୍ଥ ଭାବରେ ତୁଲାଇ ପାରିଛନ୍ତି ପ୍ରବାସୀ କବି ସତ୍ୟ ପଟ୍ଟନାୟକ ।'ତମେ ପ୍ରବାସରେ ଥିଲେ', 'ତମ ପାଦ ଛୁଇଁବା ପରେ' ଆଦି କବିତା ଗୁଡ଼ିକରେ ଏହି ଅବବୋଧ ଲକ୍ଷଣୀୟ ।

### ୫.ମାନବବାଦୀ ଓ ଜୀବନସର୍ବସ୍ୱ ଜଗତ ମଙ୍ଗଳ ଭାବନା:

ଆମ ହିନ୍ଦୁ ତଥା ମହତ ଓଡ଼ିଆ ସଂସ୍କୃତିରେ 'ମାନବ ସେବାକୁ ମାଧବ ସେବା' ଭାବରେ ଗ୍ରହଣର ମହନୀୟ ଅଭିବ୍ୟକ୍ତି ରହିଛି । ସାଧାରଣ, ଅସହାୟ ମଣିଷଙ୍କ ପ୍ରତି ସମଦରଦୀ ଦୃଷ୍ଟି ରହିଛି । ଦୀନଦୁଃଖୀଙ୍କ ପ୍ରତି ସମବେଦନା ଏବଂ ସେମାନଙ୍କୁ ସାହିତ୍ୟରେ ତୋଳିଧରି ପ୍ରଚ୍ଛନ୍ନ ଭାବରେ ସେମାନଙ୍କର ଉନ୍ନତି କଳ୍ପନା କରିବା, ସେମାନଙ୍କ ଦରଦ, ବ୍ୟଥା, ଯନ୍ତ୍ରଣାକୁ ଉଖାରି ତାଙ୍କ ପ୍ରତି ସାଧାରଣରେ ଉନ୍ନତି ବାଞ୍ଛିବା କଥା ସାହିତ୍ୟରେ ଉଙ୍କି ମାରିଥାଏ । ଯନ୍ତ୍ରଣାକୁ ସମସ୍ତେ ଦେଖିନଥାନ୍ତି । ସଂସାରର ଅନେକ ଦୁଃଖ ମଧ୍ୟରେ ଅଭାବବୋଧର ଦର୍ଦନାକ କ୍ଷତର ବ୍ୟଥା କ'ଣ ସମସ୍ତେ ଭୋଗିଥା'ନ୍ତି ? ଜଣେ କବି ଅନୁଭବିପାରେ ଏସବୁକୁ । ସେଇଥିପାଇଁ ତ ତା' କବିତା ପ୍ରତ୍ୟେକ ମଣିଷର ଛାତିକୁ ଛୁଇଁପାରେ । ଯେମିତି ଛୁଇଁଛନ୍ତି ସତ୍ୟ ପଟ୍ଟନାୟକ ତାଙ୍କ କବିତା ମଧ୍ୟରେ । ତାଙ୍କ'ମୁଁ'ର ବ୍ୟଥା ଭିତରେ ଆପଣମାନେ ସମୂହ ବ୍ୟଥାକୁ ଅନୁଭବୀପାରିବେ । ଦୁଇଟି ଦୃଷ୍ଟାନ୍ତ ନିମ୍ନରେ ପ୍ରଦାନ କରାଗଲା । ଯଥା:-

କ. "ସମଗ୍ର ଜୀବନ/ ତାସରେ ତିଆରି ଘରଟିଏ/ ଯାହାକୁ ଉଜାଡିପାରେ/ ଡିସେମ୍ବରର ଦଲକାଏ/ ହାଲକା ପବନ ।"(୬)

ଖ. "ଆଜି ରାତି ଶୋଇବା ପୂର୍ବରୁ/ ନିଜପାଇଁ ନୁହେଁ/ ଏ ସଂସାରର ମଙ୍ଗଳପାଇଁ/ ମୁହୂର୍ତ୍ତେ ପ୍ରାର୍ଥନା କରିବା ।"(୭)

ISSN NO.
2582-208X

ପ୍ରେମ, ଯନ୍ତ୍ରଣା, ଦୁଃଖସୁଖ, ଖେଦ, ବିଷାଦ, ସ୍ୱପ୍ନପ୍ରବଣ, ସ୍ୱପ୍ନଭଙ୍ଗ ଆଦି ମାନବୀୟ ଭାବାବେଗ ଗୁଡ଼ିକନିଛକ ରୂପ ପାଇଛନ୍ତି ସତ୍ୟଙ୍କ କବିତାମାନଙ୍କରେ । ମଣିଷକୁ ଭଲପାଇବା ଭିତରେ ସମସ୍ତଙ୍କ ଉନ୍ନତି ଚିନ୍ତା କଳ୍ପନା ଦେଇ ମାନବିକତାର ଭାବବୋଧ ଉଙ୍କିମାରିଛି । ଏକାତ୍ମଜୀବନ ଓ ବିଶ୍ୱମାନସ ହୋଇଛି କବିତାର ମୁଖ୍ୟ ଆଧାର । ଶ୍ରଦ୍ଧା, ପ୍ରେମ ଓ ସମ୍ପର୍କକୁ ଜାବୁଡ଼ି ରଖିବାକୁ ଚାହୁଁଥିବା ମଣିଷ ଭିତରେ ସହଜରେ କୌଣସି କୃତ୍ରିମ ଭାବନା ବସା ବାନ୍ଧିପାରେନାହିଁ । ଅନ୍ୟକୁ ଦିଶୁନଥିବା ସମ୍ବେଦନଶୀଳ ଘଟଣାମାନ ତାଙ୍କୁ ଜଳଜଳ ଦିଶେ । ଦେଖି ମଧ୍ୟ ଉପେକ୍ଷା କରିବାର ଦୁର୍ବଳ ମାନସିକତା ରଖନ୍ତିନାହିଁ ସେମାନେ । ଛୋଟ ଛୋଟ ଦୃଶ୍ୟ ସୁଦ୍ଧା ତାଙ୍କ ଅନ୍ତରକୁ ଛୁଇଁ କବିତାରେ ଡିଆଁ ମାରନ୍ତି । ଅନ୍ୟର ଦରଦକୁ ଶବ୍ଦାଙ୍କନ କରନ୍ତି ସମଦରଦୀ ଭାବନା ନେଇ । ମଣିଷ, ତା'ର ଦୁଃଖ, ଦୈନ୍ୟବୋଧ, ଗ୍ଲାନି, ସଂଘର୍ଷର ଆପେ ଆପେ ପ୍ରକାଶ ପାଆନ୍ତି କବିତା ମଧ୍ୟରେ । ଜେଣତେଣ ପ୍ରକାରେ ଜୀଁବା ଜୀବନ ନୁହେଁ, ତାଙ୍କ ସାହିତ୍ୟରେ ଜୀବନ ଦୁଃଖରେ ମଧ୍ୟ ଆତ୍ମୀୟ, ମାଟି ଏବଂ ବିଶ୍ୱମଣିଷର ହୃଦୟ ସହ ହୃଦୟ ମିଳାଇ ବଞ୍ଚିବାକୁ ବୁଝାଇଥାଏ । ସତ୍ୟ ପଟ୍ଟନାୟକଙ୍କ କବିତାର ବଳୟ ଏହି ମାନସିକତା ନେଇ ପରିକଳ୍ପିତ ।ତାଙ୍କର ଅନୂଦିତ 'ଆମ ନିଜର ମାଟି ଓ ଅନ୍ୟାନ୍ୟ ବିଶ୍ୱକବିତା' ପୁସ୍ତକ ସମେତ 'ପାଷାଣର ପ୍ରେମସଙ୍ଗୀତ', 'ଝର୍କା ଖୋଲାଥାଉ' ମୌଳିକ କବିତା ସଂକଳନରେ ସଂକଳିତ ଅନେକ କବିତାକୁ ଏହାର ଦୃଷ୍ଟାନ୍ତପାଇଁ ନିଆଯାଇପାରେ ।

### ୬.ସମ୍ମୋହନ ସମର୍ପିତ କବିଦୃଷ୍ଟିରେ ନାରୀ:

ନାରୀ ତାଙ୍କ ଭାବନାରେ ବହୁବର୍ଣ୍ଣା। ଜାୟା, ଜନନୀ, ଭଗିନୀ, କନ୍ୟା, ବାନ୍ଧବୀ ପୁଣି ଠାକୁରାଣୀ ସବୁକିଛି । ତାଙ୍କ ଗାଁ ପ୍ରତି ପ୍ରେମାପ୍ଲୁତ କାବ୍ୟଦୃଷ୍ଟି ଭିତରେ ଏକ ନାରୀକୁ ଆପଣମାନେ ଅନୁଭବ କରିପାରିବେ । ଜନ୍ମଠୁ ଜୀବନ ଧାରଣର ପ୍ରତ୍ୟେକ କ୍ଷେତ୍ରରେ ନାରୀସତ୍ତାର ଅଦୃଶ୍ୟ ପ୍ରଭାବ ତାଙ୍କ ସାହିତ୍ୟର ଅନ୍ୟତମ ବିଶେଷତା । ଏହି ନାରୀ କବିଙ୍କ ଦୃଷ୍ଟିକୋଣରେ ପବିତ୍ର । ଯେଉଁଥିପାଇଁ ନିଜ ଦୃଷ୍ଟିକୁ ତୋଳିଛନ୍ତି ଝର୍କାର ଅପରପାର୍ଶ୍ୱକୁ। ନାରୀର କୋମଳ ଅନୁଭବ, ସ୍ନେହ, ପ୍ରିତୀ, ଶ୍ରଦ୍ଧା, ସଂଘର୍ଷ, ଉତ୍ଥାନ, ପତନ, ସୌନ୍ଦର୍ଯ୍ୟ ଆଦି କବିତାରେ ପ୍ରଧାନ ସ୍ଥାନ ନେଇଛି । କେତେବେଳେ ସେ ମହାନ ହୋଇ ପ୍ରଣମ୍ୟାର ରୂପରେ କବିଙ୍କ ପୂଜା ପାଇଛନ୍ତି ତ ପୁଣି କେତେବେଳେ ବ୍ୟଥା ବେଦନାର ସଂଘର୍ଷମୟ କାହାଣୀ କବିଙ୍କୁ ଅତ୍ୟନ୍ତ ଯନ୍ତ୍ରଣାରେ ଦଗ୍ଧୀଭୂତ କରିଛି । ସମଗ୍ର

ISSN NO.
2582-208X

କବିତା ଭିତରେ ନାରୀର ସମର୍ପିତ ଆତ୍ମଲିପି ସାଙ୍ଗକୁ ସମ୍ମୋହନର ଅଭିବ୍ୟକ୍ତି ପାଠକ ହୃଦୟକୁ ସାନ୍ତ୍ୱନା ଦେଇଛି । ତାଙ୍କରି ଭାଷାରେ-

"ଦେବୀ !
ତୁମେ କୋଳାହଳରେ
ତୁମେ ନିରବତାରେ
ତୁମେ ମୋର ଅତୀତ
ବର୍ତ୍ତମାନ ଓ ଭବିଷ୍ୟତର
ପ୍ରତ୍ୟେକ ଆବାହନୀ ମୁହୂର୍ତ୍ତରେ ।"(୮)

'ଝିଅ', 'ନାରୀର ଛଅଟି ଚିତ୍ର', 'ରାଧା', 'ଦେବୀ' ପ୍ରଭୃତି ତାଙ୍କର ନାରୀ ଭାବଭିତ୍ତିକ କବିତା । ତନ୍ମଧ୍ୟରେ ଏହି'ନାରୀ' କବି ସତ୍ୟ ପଟ୍ଟନାୟକ ପାଇଁ ଏକ ବିରାଟ ଶବ୍ଦ । 'ନାରୀ' ଭିତରେ ଜନ୍ମଭୂମି, ଜନ୍ମଦାତ୍ରୀ-ମାଆଙ୍କଠାରୁ ଧୂଳି ଧୂସରିତ ଶ୍ରମିକ ଝିଅ ପର୍ଯ୍ୟନ୍ତ ସମସ୍ତେ ଆସନ୍ତି । ତାଙ୍କ କାବ୍ୟ ଜଗତର ବ୍ୟାପକ ପରିଧି ମଧ୍ୟରେ ତାହା ପ୍ରତି ଏକ ସୂକ୍ଷ୍ମ ସମ୍ବେଦନଶୀଳ କାବ୍ୟଦୃଷ୍ଟି ପରିଲକ୍ଷିତ । ନାରୀର କୋମଳ ବ୍ୟକ୍ତିତ୍ୱ, ହୃଦର ଯନ୍ତ୍ରଣା, ଆତ୍ମ ସଂଘର୍ଷ, ପ୍ରତାରଣାରେ ପୀଡ଼ିତାର ବ୍ୟଥା, ଆତ୍ମନିର୍ଭରଶୀଳ ମାନସିକତା, ସ୍ନେହୀପଣ, ମଙ୍ଗଳମୟ ଦୃଷ୍ଟିକୋଣ, ନିଃସ୍ୱାର୍ଥପର ଭାବନା ଆଦିକୁ ଅତି ନିଖୁଣ ଭାବେ କବିତାରେ ତୋଳିଧରିଛନ୍ତି କବି । ଯାହାର 'କୋଳ' ଆଶ୍ୱାସନା ଏବଂ 'କୋହ' ହୃଦରେ ଅସୁମାରୀ ଯନ୍ତ୍ରଣା ଭରିଦେଇଥାଏ ତା' ପ୍ରତି କବିଙ୍କ କଲମ ଆହୁରି ଅଧିକ ଶକ୍ତିଶାଳୀ ହୋଇଉଠିଛି । ସମାଜରେ, ପରିବାରରେ, ମଣିଷର ମାନସିକତାରେ ତା' ପ୍ରତି ରହିଥିବା ଅବବୋଧକୁ ଅନ୍ୱେଷଣ ପୂର୍ବକ କବିତାରେ ସଫଳ ପରିପ୍ରକାଶ କରିଛନ୍ତି କବି ।

### ୭. କବିତାପାଇଁ କବିଙ୍କ ଚେତନା:

କବିତା କବିଙ୍କପାଇଁ ଭଗବାନ ପ୍ରଦତ୍ତ ସର୍ବଶ୍ରେଷ୍ଠ ବିଭୂତି । କବି ନିଜ କବିତା ଭିତରେ ନିଜକୁ ଅନୁଭବ କରିଥା'ନ୍ତି। କବିତା ଜୀଇଁବା ଶିଖନ୍ତି। କବିତା ଏବଂ ପାଠକ ଉଭୟଙ୍କସହ ସମ୍ପର୍କ ତାଙ୍କୁ ସର୍ବଶ୍ରେଷ୍ଠ ଆନନ୍ଦ ପ୍ରଦାନ କରିଥାଏ । ବିଶ୍ୱ ଏବଂ ମଣିଷଜାତିକୁ ତୋଳିଧରିଥାଏ କବିତା । ଜୀବନର ମତୁଆଲା ନିଶାରେ ସମ୍ପର୍କକୁ କବିତା ମାଧ୍ୟମରେ ଆହୁରି ଶକ୍ତ ଭାବେ ବାନ୍ଧି ରଖିଛନ୍ତି କବି । କବିପାଇଁ କବିତା ଯେତିକି ଆପଣାର, ପାଠକ

ISSN NO.
2582-208X

ମଧ୍ୟ ସେତିକି ନିଜର । କବିତାର ସାନ୍ନିଧ୍ୟରେ କେବଳ ନିମଜ୍ଜିତ ନୁହଁନ୍ତି କବିତା ସହ ସାନ୍ନିଧ୍ୟ ମଧ୍ୟ କବିଙ୍କୁ ପ୍ରସନ୍ନତାର ଅନୁଭବ ଦେଇଥାଏ । କବି କହନ୍ତି-

"ପ୍ରିୟ ପାଠକ !/ ତୁମେ ନ ପଢିଲେ ଭଲ ଲାଗେନି/ ଲାଗେ ଯେମିତି/ ତୁମ ଅହଂକାରର ବିଜୁଳି ତାରରେ/ ମୋର କାବ୍ୟିକ ଆବେଗ/ ମଲା ଚଢେଇଟେ ପରି ଲଟକିଛି/ ମୁଁ ଏକ ନିଃସଙ୍ଗ କବି/ ମୋ କବିତା/ ତୁମର ସାନ୍ନିଧ୍ୟ ଖୋଜୁଛି ।"(୯)

ଦୁଃଖରେ, ସୁଖରେ, ହାରିବା, ଜିତିବା ସକଳ କ୍ଷେତ୍ରରେ କବିଙ୍କ ଦୃଷ୍ଟି ନିର୍ମୋହ ଭାବନା ଆଡ଼କୁ ଉତ୍ତୋଳିତ ହୋଇ ରହିଥାଏ। ଦୁଃଖର ସମୁଦ୍ର ସହ ସାମ୍ନାସାମ୍ନି ହେଲାବେଳେ ସକଳ ଭୟ ହୋଇଯାଇଥାଏ ନିଶ୍ଚିହ୍ନ । କବିଙ୍କ ପାଇଁ ଲାଭକ୍ଷତି, ହାରଜିତ ସବୁ ସମାନ । କବିଙ୍କ ଶବ୍ଦରେ-

"କବିପାଇଁ/ ହାରିବାର ମାନେ କିଛି ନାହିଁ/ କବିପାଇଁ ସବୁ ଅଟେ ଜିତା/ କବି ତ ମାପିନି କେବେ ଜଗତକୁ/ ଆଖିର ଲୁହରେ/ ତା' ଆଖିରେ ହାର ଜିତ/ କେବଳ କବିତା ।"(୧୦)

ଅନ୍ୟ ଏକ,

"ତମେ ପଟାଳି ସଜେଇ ବାରିପଟେ/ ବୁଣିଦେଇଛ ବିଶ୍ୱାସର ମୁଠାମୁଠା ନରମ ବିହନ/ ଅପେକ୍ଷା କରିଛ କେତେବେଳେ/ ମୁରୁକେଇବ ଶବ୍ଦର ପ୍ରଥମ ଅଙ୍କୁର/ ଦେଖ, ମୁଁ କେମିତି ଛିଡ଼ା ହୋଇଛି ମହାଦ୍ରୁମ/ ତମ ଅଗଣାରେ/ ମୋର ସାରାଦେହ ଫଗୁଣର ରଙ୍ଗୀନ୍ ସମ୍ଭାର।"(୧୧)

'କବିତାର ସଂଜ୍ଞା', 'ପାଠକୀୟ', 'ଭଲ କବିତା', 'ଲେଖିଦିଅ ଏମିତି କବିତା', 'କବିତାର ନାଁ ନାହିଁ ', 'କିଛି ଶବ୍ଦ ଦିଅ', 'ଶବ୍ଦମାଗିଥିଲି', 'ତୁମପାଇଁ ଶବ୍ଦ ସ୍ୱପ୍ନ', 'କବିତାର କଳା', 'ଧାଡ଼ିଏ ନିରୋଳ କବିତା' ପ୍ରଭୃତି କବିତାରେ କବିତା, ପାଠକ, ଶବ୍ଦକୁ ନେଇ କବିଙ୍କ ଆତ୍ମିକ ଅଭିବ୍ୟକ୍ତି ବେଶ୍‌ତାଜା।

### ୮. କବିତାରେ କବିଙ୍କ ଆତ୍ମାନୁସନ୍ଧାନ ଓ ଈଶ୍ୱରୀୟ ଅନୁଚିନ୍ତା-

ଆତ୍ମ ଅନ୍ୱେଷଣ ଦୃଷ୍ଟିକୋଣ କବି ସତ୍ୟ ପଟ୍ଟନାୟକଙ୍କ କାବ୍ୟଚେତନାର ଅନ୍ୟତମ ସ୍ୱର । କବିତାର ଶବ୍ଦରେ ଶବ୍ଦରେ ସେ ନିଜକୁ ଖୋଜିଛନ୍ତି । କେତେବେଳେ ବାଲ୍ୟ କେତେବେଳେ

ISSN NO.
2582-208X

ଯୌବନ ତ ପୁଣି ବର୍ତ୍ତମାନରେ ନିଜକୁ ସନ୍ଧାନ ଭିତରେ ବାସ୍ତବତାକୁ ଭେଟି ତଟସ୍ଥ ହୋଇଛନ୍ତି । ଜୀବନର ଅସାରତା, ସମସ୍ତ କୋଳାହଳ ମଧ୍ୟରେ ଏକକୀତ୍ୱ, ନିଜ ଭିତରେ ନିଜକୁ, ବର୍ତ୍ତମାନକୁ ଖୋଜିବାବେଳେ ନିଜ ଜନ୍ମମାଟିରେ 'ମୁଁ'ତ୍ୱର ସନ୍ଧାନ ପାଇଛନ୍ତି । ସଫଳତା ବିଫଳତାକୁ ପୁଞ୍ଜି କରି ନିଜକୁ ମାଟିରୁ ବିଦେଶ ଯାଏଁ ଖୋଜି ପାଇବା ପୁଣି ନପାଇବାର ଚିତ୍ର 'ସୁନାମୃଗ', 'ନିଜ ଭିତରେ ନିଜେ', 'ମନ' ପ୍ରଭୃତି କବିତା ମଧ୍ୟରେ ଦେଖିବାକୁ ପାଇବା ।

ସେହିପରି, ଈଶ୍ୱରୀୟ ଅନୁଚିନ୍ତା ତାଙ୍କ 'ହିନ୍ଦୁତ୍ୱ' ପ୍ରତି ଅହେତୁକ ଶ୍ରଦ୍ଧାକୁ ଦର୍ଶାଇଥାଏ । ବିଦେଶରେ ରହି ମଧ୍ୟ ଆମ ଦେବଦେବୀ, ଧର୍ମଦର୍ଶନ ପ୍ରତି ଗଭୀର ସମ୍ମାନ ପ୍ରଦର୍ଶନ କଥା ତାଙ୍କ କବିତା ମଧ୍ୟରୁ ଆମେ ପାଇପାରିବା । ମଣିଷ ଅଦୃଶ୍ୟ ସତ୍ତାଙ୍କ ଇସାରାରେ ପରିଚାଳିତ ହେଉଥାଏ ବୋଲି ତା'ର ଦୃଢ ବିଶ୍ୱାସ । ସେଇ ପ୍ରଚଣ୍ଡ ବିଶ୍ୱାସବୋଧ ତାକୁ ସବୁ ଦୁଃସ୍ଥିତିକୁ ଅତିକ୍ରମି ଯିବାକୁ ସତସାହସ ଯୋଗାଇଥାଏ । ତା' ଭିତରେ ଭରିଦିଏ ଆତ୍ମପ୍ରେରଣା। ଆମ ଭାରତୀୟ ତଥା ଉତ୍କଳୀୟ ଧର୍ମପ୍ରାଣ ମଣିଷର ଈଶ୍ୱରବିଶ୍ୱାସ, ଆଧ୍ୟାତ୍ମିକ ଅନୁଚିନ୍ତା ତାଙ୍କ କବିତାରେ ପ୍ରତିଫଳିତ । ଭକ୍ତଟିଏ ପରି ସକଳ ବ୍ୟର୍ଥତାକୁ ମୁଣ୍ଡେଇ ହାହୁତାଶ ଜୀବନଜଞ୍ଜାଳ ମଧ୍ୟରେ ସେଇ ଅଦୃଶ୍ୟ ପରମେଶ୍ୱରଙ୍କୁ ଅନୁଭବ କରି ତାଙ୍କର ମୋହନ ବଂଶୀର ରାଗରେ ମୋହିତ ହେବାର ବର୍ଣ୍ଣନା ବେଶ୍ ହୃଦ୍ୟ । ତାଙ୍କରି ଶବ୍ଦରେ-

"ତୁମକୁ ଦେଖିନି କେବେ ତୁମକୁ ଜାଣିନି
ପଦ୍ମତୋଳାର କେଉଁ ମୋହନ ରାଗରେ
ବଶୀଭୂତ କରିଛ ଯେ ମୋତେ
ଏମିତି ମୋହଗ୍ରସ୍ତ ଆଗରୁ ହୋଇନି ।"(୧୨)

ଏହିପରି ଈଶ୍ୱରମନସ୍କ ଦୃଷ୍ଟିକୋଣ ଥିବା ଅନ୍ୟ ଏକ ଦୃଷ୍ଟାନ୍ତ ହେଲା-

"ମୋ ଆତ୍ମା ମଧ୍ୟ ଗହୀରିଆ ହୋଇଯାଉଛି
ଦିନକୁ ଦିନ ନଦୀ ପରି ।"(୧୩)

ISSN NO.
2582-208X

ସାମଗ୍ରିକ ଭାବରେ ଦେଖିଲେ, ପ୍ରବାସୀ କବି ସତ୍ୟ ପଟ୍ଟନାୟକଙ୍କ ସମଗ୍ର କବିତା ଓଡ଼ିଆତ୍ୱର ମହକରେ ମହକିତ। ତତ୍ସମ, ଦେଶଜ, ବୈଦେଶିକ ପ୍ରଭୃତି ଶବ୍ଦ ସାଙ୍ଗକୁ ପ୍ରତୀକ, ଚିତ୍ରକଳ୍ପ, ସନେଟ୍, ହାଇକୁ, ମାନବବାଦ ପ୍ରଭୃତି ପରୀକ୍ଷା ନିରୀକ୍ଷାରେ ସ୍ୱତନ୍ତ୍ର ଆଭିମୁଖ୍ୟ ରଖେ ତାଙ୍କ କବିତାରାଜି। ତାଙ୍କ ଜୀବନ ମାଆମାଟି ବନ୍ଧନରେ ଯେପରି ଅନୁବନ୍ଧିତ ଅନୁରୂପ ଭାବରେ ତାଙ୍କ କବିହୃଦୟ ନିଜ ଦେଶ ପ୍ରେମରେ ବିଗଳିତ । କବିତାରେ ବିଦେଶର ବାସ୍ନା ସାଙ୍ଗକୁ ସ୍ୱଦେଶର ବାସ୍ନା ମଧ୍ୟ ଭରପୂର। ବିଦେଶରେ ରହି ନିଜ ଦେଶକୁ, ଆତ୍ମୀୟଙ୍କୁ ଝୁରି ହେବା ଏବଂ ତା'ର ହସଖୁସି, ସୁବିଧା ଅସୁବିଧାକୁ କବିତାରେ ତୋଳିଧରି ନିଜକୁ ମାଟିମଗ୍ନ କରିବାକୁ ସତେ ଯେମିତି ଏହି ପ୍ରବାସୀ କବିଜଣଙ୍କ ନିଜକୁ ସୌଭାଗ୍ୟ ମନେକରିଥିବା ଅନୁମିତ ହୁଏ । ବିଦେଶରେ ଥିବା ଓଡ଼ିଆ ବାଣୀପୀଠର ଅନ୍ୟାନ୍ୟ ସାହିତ୍ୟ ସାଧକଙ୍କ ସାହିତ୍ୟ ପରି ଏହି ସାରସ୍ୱତ ପ୍ରତିଭାଙ୍କ ସାହିତ୍ୟର ଅଧିକ ଅନ୍ୱେଷଣ ଓ ଗବେଷଣା ଦ୍ୱାରା ଅନାବିଷ୍କୃତ ଦିଗଦିଗନ୍ତକୁ ଆବିଷ୍କାର କରାଯାଇପାରିବ ବୋଲି ମୋର ବିଶ୍ୱାସ ।

ପ୍ରାନ୍ତଟୀକା:

୧. ପଟ୍ଟନାୟକ ସତ୍ୟ- ଉଡ଼ିଯାରେ ପକ୍ଷୀ, ପାଷାଣର ପ୍ରେମ ସଙ୍ଗୀତ, ପୃଷ୍ଠା. ୮୦।

୨. ପଟ୍ଟନାୟକ ସତ୍ୟ-ନୀଳ ଉପତ୍ୟକା, ପାଷାଣର ପ୍ରେମ ସଙ୍ଗୀତ, ପୃଷ୍ଠା. ୨୩-୨୪ ।

୩. ପଟ୍ଟନାୟକ ସତ୍ୟ-ପାଷାଣର ପ୍ରେମ ସଙ୍ଗୀତ-ଚିତ୍ର-ପୃ:୩୪।

୪. ପଟ୍ଟନାୟକ ସତ୍ୟ-ପାଷାଣର ପ୍ରେମ ସଙ୍ଗୀତ, ପୃ:୬୯)

୫. ପଟ୍ଟନାୟକ ସତ୍ୟ-ମତେ ଫଗୁଣ ମାଗୁଛ ?, ପାଷାଣର ପ୍ରେମସଙ୍ଗୀତ, ପୃ.୬୧।

୬. ପଟ୍ଟନାୟକ ସତ୍ୟ-ଡିସେମ୍ବର, ଝର୍କା ଖୋଲାଥାଉ-ପୃ:୩୬।

୭. ପଟ୍ଟନାୟକ ସତ୍ୟ-ସାଣ୍ଟାକ୍ଲଜ୍, ପା. ପୃ. ୧୧୭।

୮.ପଟ୍ଟନାୟକ ସତ୍ୟ-ଦେବୀ, ପାଷାଣର ପ୍ରେମ ସଙ୍ଗୀତ, ପୃଷ୍ଠା- ୨୭।

ISSN NO.
2582-208X

୯.ପଟ୍ଟନାୟକ ସତ୍ୟ-ତୁମ ପାଇଁ ଶବ୍ଦ ସ୍ୱପ୍ନ-ପୃ:୧୦୭।

୧୦. ପଟ୍ଟନାୟକ ସତ୍ୟ-ଦୁଃଖ ସହିତ ମୁହାଁମୁହିଁ ବେଳେ କବି, ପାଷାଣର ପ୍ରେମସଙ୍ଗୀତ, ପୃଷ୍ଠା- ୪୯।

୧୧. ପଟ୍ଟନାୟକ ସତ୍ୟ-ଶବ୍ଦନାରୀ, ପାଷାଣର ପ୍ରେମ ସଙ୍ଗୀତ, ପୃ. ୮୯ ।

୧୨. ପଟ୍ଟନାୟକ ସତ୍ୟ-ପଦ୍ମତୋଳା, ପାଷାଣର ପ୍ରେମସଙ୍ଗୀତ, ପୃଷ୍ଠା. ୩୧।

୧୩.ପଟ୍ଟନାୟକ ସତ୍ୟ-ନିଗ୍ରୋର ନଦୀ ସହ କଥା, ଆମ ନିଜର ମାଟି ଓ ଅନ୍ୟାନ୍ୟ ବିଶ୍ୱକବିତା, ପୃ. ୧୮।

***

ଅଧ୍ୟାପିକା
ଓଡ଼ିଆ ଭାଷା-ସାହିତ୍ୟ ବିଭାଗ
ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟ
ଭୁବନେଶ୍ୱର

ISSN NO.
2582-208X



# ଭାତ

ଅରୁଣ କୁମାର ମହାପାତ୍ର

ଭାତ — ଏକ ସରଳ ଶବ୍ଦ, ଶ୍ବାସ ଭଳି,
ଗାଁର ମାଟି ଆପଣେଇ ନିଏ ଯାହାକୁ ଦିନ ରାତି ପ୍ରତିଦିନ
ମାଆ ହାତର ଖୁସିର ପରଶ ସେଠି
କଢ଼ି ହେଉ ଅବା ଶାଖା ପ୍ରଶାଖାରେ ବଢୁଥିବା ତାତି ।

ପରିବାର କୋଳାହଳ ପୁଅ ଝିଅ ମୁଖେ ହସର ଫୁଆରା,
ଭାତ ଏକ ବନ୍ଧନ ମଧୁର ସ୍ବପ୍ନର ପିଆଲା
ଦୁଃଖର ଦିନରେ ଆଉ ଦାନା ପଡ଼ିଥିବା ଦିନ,
ଭାତ ଥିଲା ସତେ ଏକ ନିଆରା ଅନୁପମ ଚିନ୍ତନ ।

ମାଟିର ଗନ୍ଧରେ ଧାନ କ୍ଷେତ ହସେ,
ପାଚିଲା ଫସଲ ଦେଖି କୃଷକର ମନ ନାଚେ
ଚୂଲି ଉପରେ ହାଣ୍ଡିରୁ ଉଠେ ବାଷ୍ପର ଜୁଆର,
ଖୁସି ହୁଏ ପରିବାର
ଯହିଁ ଦିଶିଯାଏ ଏକ ଅନ୍ତରବୋଳା କୋଳାହଳ ।

କ୍ଷୁଧା ଟାଳିଥିବା ଦିନରେ ଏଇ ଭାତ,
ଦେଉଥିଲା ଆଶା, ହସ ଓ ସ୍ନିଗ୍ଧ ପ୍ରଭାତ ।

ISSN NO.
2582-208X

ପେଶି ହୋଇ ଚାପା ଛାତିରେ ଥିଲା ଏହାର ଅସୀମ ଶକ୍ତି,
ଭାତ ନୁହେଁ ସେ ତ କେବଳ, ଥିଲା ବୋଧେ ଜୀବନର ଉକ୍ତି ।

ବାଲ୍ୟ କାଳର ଭାତ ଆଳୁ ସହ, ମା' ର ମୁହଁର ହସ,
ମୁହଁରେ ସେହି ସପୂର୍ଣ୍ଣତା ଏକ କଥା ଆଉ ଅନେକ ଅନୁଭବର ଭାଷା
ଭାତ ନୁହେଁ ଶବ୍ଦ ଏକ, ଦାନା ଦାନାରେ ଲୁଚିଥିବା ସ୍ନେହର ସମ୍ଭାର,
ଜୀବନ ଚକ୍ରର ଗଭୀର ଜଳରାଶି ତଳେ ଛୁପା ଏକ ସଂପୂର୍ଣ୍ଣ ଗାଥା ।

ଆଜି ଉଠେ ମନରେ ଏକ ମୃଦୁ ଗୁଞ୍ଜରଣ,
ଭାତ ଥିଲା ଆଉ ଅଛି ଆମ ଅସ୍ତିତ୍ୱର ଚିହ୍ନ
ଏକ ମନଛୁଆଁ କବିତା, ଏକ ମୃଦୁ ମୃଦୁ ରାଗ,
ଭାତ ଅଟେ ଏଯୁଗେ ମଧ୍ୟ ଆମ ଅଭିମାନର ଧ୍ୱଜ ।

E 23 , ଗୌତମୀ ନଗର
ଅଶ୍ୱପୁରମ, ତେଲେଙ୍ଗାନା
୯୪୪୧୫୦୭୫୧୮

ISSN NO.
2582-208X

# କବିତାର ବିଶ୍ୱରୂପ



ବେଣୁଧର ସୂତାର

ବର୍ଣ୍ଣିଳ ଗୋଧୂଳି ମାଙ୍ଗଳିକ ଲଗ୍ନେ
ସମ୍ମୋହିତ ରୂପ ଛବି
ଭାବତନ୍ମୟର ଅପୂର୍ବ ରୋମାଞ୍ଚେ
ଭାବନାରେ ମଗ୍ନ କବି ।।

ଭଗ୍ନ କରନା ଭାବନା କବିର
ଲଗ୍ନ ଆବେଗେ ସେ ମଜ୍ଜି
ଶବ୍ଦର ଶିଳାରେ
ରୂପଚିତ୍ର ଆଙ୍କେ
ଅନୁରାଗୀ ଶିଳ୍ପୀ ସାଜି ।।

ତନ୍ଦ୍ରା ବିଜଡ଼ିତ ମଗ୍ନ ଚେତନାରେ
ଅର୍ଦ୍ଧ ନିମିଳିତ ଆଖି
ଲେଖନୀର ଧାରେ
ତରଳ ତୃପ୍ତିରେ
ଶବ୍ଦର ପୀୟୂଷ ମାଖି ।।

ସାରସ୍ୱତ ତୀରେ
ଦିବ୍ୟ ଭାବନାରେ

ISSN NO.
2582-208X

ଭାବର ତରଙ୍ଗ ତୋଳି
ସ୍ୱପ୍ନିଳ ମାୟାରେ
          ଚାରୁରୂପ ଆଙ୍କେ
ପ୍ରଜ୍ଞାର ପୀୟୂଷ ବୋଳି   ।।

ଲକ୍ଷ୍ୟପଥ ଯାର
          କାହିଁ କେତେଦୂର
ଉଠୁଛି ଗଗନ ଭେଦୀ
ଶବ୍ଦର ମାଳାରେ ରଚିଯାଏ କବି
ରମ୍ୟରସେ କାବ୍ୟମୋଦୀ   ।।

ଉଜ୍ଜୀବିତ ତାର ଜ୍ଞାନର ଜିଜ୍ଞାସା
ଲେଖନୀର ସୂକ୍ଷ୍ମ କଳା
ଲଳିତ କାବ୍ୟର ସପନ ବିଳାସ
ଛୁଇଁ ଯାଏ ମେଘମାଳା   ।।

ମାଟିମଟାଳର ସମ୍ମୋହନ ମନ୍ତ୍ରେ
ସାଜେ ସାରସ୍ୱତ ଯୋଗୀ
ସିଦ୍ଧି ସାଧନାର ମଗ୍ନ ତପସ୍ୱୀ ସେ
ଅମୃତର ଅନୁରାଗୀ   ।।

ଶବ୍ଦର ଅପୂର୍ବ ମୋହ ମହକରେ
ପ୍ରଜ୍ଞା ମୟ ଅନ୍ୱେଷଣ
ରଚିଯାଏ କବି କାବ୍ୟର କୋଣାର୍କ
ନିଥରରେ ଭରି ପ୍ରାଣ   ।।

ISSN NO.
2582-208X

ବାଣୀ ଆବାହନେ
ତନ୍ମୟ ଲେଖନୀ
ରସ ଅମୃତର ଧାରା
ଭାବ ଭୁବନର ମଞ୍ଜୁଳମାୟାରେ
ଫୁଟାଏ ସେ କାବ୍ୟ ତାରା ।।

ଭାବ ରତ୍ନମାଳା
ଯା ଲେଖନୀ କଳା
ଜ୍ଞାନର ମଙ୍ଗଳ ଦୀପ
ଲଳିତ କାବ୍ୟର
ଛନ୍ଦେ ଆଙ୍କେ କବି
କବିତାରେ ବିଶ୍ୱରୂପ ।।

**************

କେଶଦୁରାପାଳ କେନ୍ଦୁଝର
ଦୂରଭାଷ-୯୧୭୮୫୭୮୨୪୬

ISSN NO.
2582-208X

# ହିସାବ



ସ୍ୱର୍ଣ୍ଣ ରଥ ମହାପାତ୍ର

ହିସାବ
ହାର ଜିତର
ପାଇବା ହରେଇବା
ହଜେଇବା ଖୋଜି ପାଇବା
ପ୍ରତିଶୃତି ପ୍ରତାରଣାର
ତଉଲିବା ପରଖିବାରେ
ଅଜାଣତେ ନିକିତି ବନିଗଲି
କର୍ମ ସଉଦା, ଜୀବନ ବେପାରୀ ବନିଗଲା ।

ହିସାବ
ହସ କାନ୍ଦର
ଶୂନ୍ୟତା ପୂର୍ଣ୍ଣତାର
ଯୋଡିବା ଛିଡେଇବାର
ଥିବା ପଣରେ ନଥିବା ସ୍ୱରୂପ
ନାହିଁ ନାହିଁ ରେ 'ହଁ' ର ସ୍ୱୀକାରୋକ୍ତି
ଅଜାଣତେ ଓଜନ ଯନ୍ତ୍ର ବନିଗଲି
ଦୁନିଆଁ ମାପିଲା ମତେ ନିଜ ପାରାମିଟରରେ ।

ପ୍ରାପ୍ତିରେ ଅପ୍ରାପ୍ତିର ଅବବୋଧ
ପାଇବା ପରେ ହରେଇବାର ଭୟ

ISSN NO.
2582-208X

ଭରା ମାଠିଆରେ ଫମ୍ପା ପ୍ରତିଧ୍ୱନୀ
ସ୍ୱଚ୍ଛ ନୀଳ ଆକାଶରେ ମେଘର ମୁହଁ
ଚିନ୍ତା ଚେତନାର ଶୀତଳ ଯୁଦ୍ଧ
ଖାଲ ଢିପ ଚଞ୍ଚା ଚଞ୍ଚି ସମତୁଲ
ଦ୍ୱନ୍ଦ ସଂଶୟ ବିରୋଧାଭାସର କସରତ
ହିସାବ ନିକାଶରେ ଜୀବନ ସରି ସରି ଆସିଲା
ଜୀବନ ଜୀଇଁବାର ହିସାବ ମିଳିଲାନି ।

ବିଜୟା ଗାର୍ଡେନ,
ଜାମସେଦପୁର

ISSN NO.
2582-208X

# ଜରିଗୋଟାଳ



କୁଞ୍ଜବିହାରୀ ରାଉତ

ଦୁନିଆରେ ମୁଁ ଅବହେଳିତ ସୃଷ୍ଟିଟିଏ
କେଉଁଠି କେମିତି କିଏ ଆହାପଦେ କହିଲେ
ପୁଣି ଆଉ ଥୋକେ ଯାଆନ୍ତି ଦୂରେଇ
ନାକରେ ରୁମାଲ ଚାପି,
ସତରେ ମୁଁ ଅବହେଳିତ ଏ ସମାଜରେ
ଜରିଗୋଟାଳି ହିଁ ପରିଚୟ ମୋର
ଆପଣଙ୍କ ଏ ସଭ୍ୟସମାଜରେ.......
ସକାଳୁ ଉଠି ଜରି ବ୍ୟାଗଟିଏ ଧରି
ଜୀବନ ଖୋଜୁଥାଏ ଅଳିଆ ଗଦାରେ
ସେଇଠୁ ମିଳେ ମୋ ଖୋରାକ ଦିନକର
ତିରସ୍କାର ସବୁ ହେଲେଣି ଦେହସୁହା
ହସତ ଲିଭିଗଲାଣି କାହିଁ କେତେଦିନୁ
ରୋଗଣା ମା'ଟି କନ୍ଥାରେ ଶୋଇଛି
ମୋ ଝାଟିମାଟି ଘରେ........
ପାଦ ନ ବଢ଼ିଲେ କିଏବା ଦେବ ପଥିଟିଏ
ଯିଏ ଜନମ ଦେଇଛି ମୋତେ
କେଉଁ ଏକ ଅଶୁଭ ଲଗ୍ନରେ
ପିତା ମୋର କିଏ, ଜାଣେ ନାହିଁ
ମା' ବି କହିପାରେନି

ISSN NO.
2582-208X

ଅନ୍ଧାରର ଭିତରେ ସେ ସବୁ ହରାଇ
ପାଇଛି ମୋତେ...... ?
ହେତୁ ହେବାପରେ କେମିତିବା ମୁଁ ଛାଡିବି
ଯିଏ ମୋତେ ହାତଧରି ଦେଖାଇଛି ରାହା
ସେବେଠୁ ଖୋଜୁଛି ବଂଚିବାର ସାହା
ଏବେ ଯିବାକୁ ହେବ
କେଉଁଠି ଛଣ୍ଡା ଅଖାଟିଏ ମିଳିଗଲେ
ବା କିଛି ପ୍ଲାଷ୍ଟିକ ଭିତରୁ ବଳକା ଅଇଁଠାଖାଦ୍ୟ
ସେତକ ତ ପ୍ରାପ୍ୟ ମୋର
ମୋର ବା ଆଉ କଣ ଦରକାର.......
ହେ ସଭ୍ୟସମାଜ
ମୁଁ ତ ଚୋରି କରୁନି କି ହାତ ପତାଉନି
ତୁମେ ଏତେ ସୁଖ ସ୍ୱଚ୍ଛନ୍ଦରେ ରହି
କାମରେ ଚୋରି, ଲାଞ୍ଚ, ପରଶ୍ରୀକାତରତା
ସ୍ୱାର୍ଥପରତା ଭିତରେ ରହି
ଭୁଲିଗଲଣି ମାନବିକତା.......
ଥରେ ନିଜକୁ ପଚାର,
ଆଉ ଉତ୍ତର ନପାଇଲେ...ଅନୁଶୀଳନ କର
ମୋତେ ଦେଖ, ଦେଖିବ
ତୁମେ ପାଇଯିବ ତୁମର ଉତ୍ତର...
ଦୁନିଆ ଆଖିରେ ବିବେକି, ବୁଦ୍ଧିମାନ, ଧର୍ମପରାୟଣତା
ଯାହାବି ପରିଚୟ ତୁମର
ତା'ଠାରୁ ବଳି ମୁଁ କମନୁହେଁ କୌଣସିଥିରେ
ତଥାପି ଜରିଗୋଟାଳି ପରିଚୟ ମୋର.....
୧୧୧୧୧୧୧୧୧୧୧୧୧୧୧୧

ଉପସଭାପତି, ଜର୍ଣ୍ଣାଲିଷ୍ଟ ଆସୋସିଏସନ
ରାଉରକେଲା /ମୋ-୯୦୯୦୦୯୦୨୨୫

ISSN NO.
2582-208X

# ନର୍ଲଜ୍ଜ ଅହଙ୍କାର



ଦେବଦତ୍ତା ଦେବୀ

ଏୟାର ପୋର୍ଟ ଲାଉଞ୍ଜ ରେ ପ୍ରାୟ ଆଠ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିବ ଶ୍ରାବଣୀ କୁ, ତା ପୁଣି ଏକା ଏକା। କରୋନା ର ଅସମୟ ଆକ୍ରମଣ ଯୋଗୁ ଅନେକ କଟକଣା ଏଇ ବିମାନ ଯାତ୍ରାରେ ।ଦୀର୍ଘ ଏକ ବର୍ଷ ପରେ ପୁଅ ପାଖରୁ ଆମେରିକା ରୁ ଫେରୁଛନ୍ତି । ଏଇଠୁ ପୁରା ଯାତ୍ରା ପୁରା ଏକୁଟିଆ । କେମିତି ସବ୍ୟସାଚୀ ଙ୍କ ବିନା ଘର ଭିତରକୁ ଏକୁଟିଆ ଯିବେ ଭାବିପରୁନାହାନ୍ତି ଶ୍ରାବଣୀ, ଏ ଭିତରେ ସବ୍ୟ ଙ୍କ ବିନା ପୁରା ଏକ ବର୍ଷ କା ଟି ସାରିଲେଣି । ହଠାତ୍ ସବ୍ୟଙ୍କର ବିୟୋଗ ଯୋଗୁ ପୁଅ ଜବରଦସ୍ତ ତା ସଙ୍ଗରେ ଆମେରିକା କୁ ନେଇଯାଇଥିଲା। ସେ ଓଡ଼ିଶା ମାଟିକୁ ଏତେ ଝୁରିଲେ ଯେ ପୁଅ ବାଧ୍ୟ ହେଲା ତାଙ୍କୁ ଫେରିଯିବାକୁ ଟିକେଟ କରିବା ପାଇଁ। କରୋନା ର ଭୟାବହତା ପରେ ଏୟାର ପୋର୍ଟ ରେ ବି ଅନେକ ପରୀକ୍ଷା ନିରୀକ୍ଷା। ସବୁ ସରିବାପରେ ନିକଟ ରେ ପଡ଼ିଥିବା ରେଷ୍ଟ ଚେଆର ଉପରେ ମୁହଁ ରେ ରୁମାଲ ଟା ଘୋଡ଼ି ହେଇ ଚୁପ ଚାପ୍ ଶୋଇବାକୁ ଚେଷ୍ଟା କଲେ। କନେକ୍ଟିଂ ଫ୍ଲାଇଟ୍ ଆହୁରି ସାତ ଘଣ୍ଟା ପରେ ବନ୍ଦ ଆଖିତଳେ ବିଗତ ଦିନ ର ସୁଖ ଦୁଃଖ ର ସମସ୍ତ ଘଟଣା ଦୃଶ୍ୟମାନ ହେଉଛି ଡାକ୍ତର ସବ୍ୟସାଚୀ ଙ୍କର ଶ୍ରାବଣୀ ନନ୍ଦ ଥିଲେ ପ୍ରିୟତମା ପତ୍ନୀ। ଦୁଇ ଜଣ କେବେ ଏକୁଟିଆ କୁଆଡେ ବି ଯିବା, ଯେତେ ମନେ ପକେଇବାକୁ ଚେଷ୍ଟା କଲେ ବି ଶ୍ରାବଣୀ ର ମନେ ପଡୁନାହିଁ। ଦୁଇହେଁ ଦୁଇ ଜଣଙ୍କ ବିନା ଅପୂର୍ଣ୍ଣ ଥିଲେ ଏ ଯୋଡ଼ି କୁ ବହୁତ୍ ଲୋକ ବି ଲକ୍ଷ୍ମୀ ନାରାୟଣ ଯୋଡ଼ି କହୁଥିଲେ। କିନ୍ତୁ ସାମାନ୍ୟ ଗୋଟିଏ କଥା ଶୁଣି ଯେ ତା ନାରାୟଣ ତାକୁ ଏକୁଟିଆ କରି ଚାଲିଗଲେଣି, ଏବେ ବି ଭାବିଲେ ତାର ବିଶ୍ବାସ ହେଉନାହିଁ। ସତରେ ସବ୍ୟ ଙ୍କ ସଙ୍ଗରେ କାଟି ଥିବା ମୁହୂର୍ତ୍ତ ଗୁଡ଼ିକ ଯେ ଏତେ ଶୀଘ୍ର ସ୍ମୃତି ହେଇଯିବ ଏକଥା କଳ୍ପନା କରାଯାଉନାହିଁ । ସବ୍ୟ ଆଉ ତା ପାଖରେ ବସି ବାଲକୋନୀ କି ଡ୍ରଇଂ ରୁମ୍ ରେ ଚାହା ପିଇବେନି, ଏକାଠି ରୋଗୀ ସେବା

ISSN NO.
2582-208X

କରିବେନି କି, ସତରେ ଶ୍ରାବଣୀ ର ଦେହ ଖରାପ ହେଲେ ଆଉଁସି ଦେବେନି ସବ୍ୟ ଜବରଦସ୍ତ ମେଡ଼ିସିନ ଖୁଆଇବେନି, ଏ କଥା ଭାବିବାକୁ ବି ଇଚ୍ଛା ହେଉନାହିଁ । ଶ୍ରାବଣୀ ର ଆଖିରୁ ଅମାନିଆ ଲୁହ ବୋହି ଚାଲିଛି । ରୁମାଲ ଆଢୁଆଳ ରେ ମୁହଁ ଲୁଚାଇ ଲୁହ ପୋଛୁଥିଲା ଶ୍ରାବଣୀ । ମୁହଁ ଉପରୁ ରୁମାଲ ଟା ହଟୁ ହଟୁ ହଠାତ୍ ଗୋଟେ ପରିଚିତ ସ୍ୱର କହିଲା ଆରେ ଶ୍ରାବଣୀ ତୁମେ ଏଠି । ଅଧାମୁଦ୍ରିତ ଆଖିକୁ ଖୋଲି ଚାହିଁଲେ ଆଖି ଆଗରେ ଠିଆ ହେଇଚନ୍ତି ସୌମ୍ୟ । ଦୀର୍ଘ ବର୍ଷ ପରେ ସୌମ୍ୟ ଙ୍କୁ ସଶରୀର ରେ ଦେଖୁଛନ୍ତି । ସୌମ୍ୟ ହୁଏତ ଜାଣି ନଥିବେ ସୌମ୍ୟ ଙ୍କର ଗୋଟିଏ ବ୍ୟକ୍ତବ୍ୟ ପାଇଁ ଆଜି ସବ୍ୟ କୁ ଅସମୟ ରେ ହରାଇ ବସିଛି ଶ୍ରାବଣୀ ।

ସୌମ୍ୟ ହଠାତ୍ ପଚାରି ଉଠିଲେ ସବ୍ୟ କାହିଁ ଶ୍ରାବଣୀ, ତୁମେ ଏକୁଟିଆ ଟ୍ରା ଭଲ କରୁଛ । କେମିତି ଦାୟିତ୍ୱହୀନ ସ୍ୱାମୀ ସବ୍ୟ ଏ କାରୋନା ବେଳେ ତୁମ କୁ ଏକୁଟିଆ ଛାଡ଼ି ଦେଇଛି । ଶ୍ରାବଣୀ ର ଛଳ ଛଳ ଆଖି ଦେଖି ସୌମ୍ୟ ପ୍ରକୃତିସ୍ଥ ହେଲେ । ଭଲକରି ନିରେଖି ଚାହିଁଲେ ଶ୍ରାବଣୀ ର ସିନ୍ଦୂର ବିହୀନ ସୀମାନ୍ତ କୁ ଶିନ୍ଥୀ ଯେ ଖାଲି ଶ୍ରାବଣୀ ର । ସବୁ ଦିନ ତ ପ୍ରାୟ ଏମିତି ଫିକା ଫିକା ଶାଢ଼ୀ ପିନ୍ଧେ ଶ୍ରାବଣୀ ତେଣୁ ହଠାତ୍ ମୁଣ୍ଡ ରେ ପଶିଲାନାହିଁ ସୌମ୍ୟ ଙ୍କ ମୁଣ୍ଡ ରେ ତଥାପି ପ୍ରକୃତିସ୍ଥ ହେଲା ସୌମ୍ୟ ପଚାରି ଉଠିଲା ସବ୍ୟ ର କଣ ହେଇଛି ଶ୍ରାବଣୀ । ଉତ୍ତର ରେ ଭୋଭୋ କରି କାନ୍ଦି ଉଠିଲା । ସୌମ୍ୟ ଉତ୍ତର ଅନୁମାନ କରିନେଲେ । କିନ୍ତୁ ସ୍ଥାନ କାଳ ପାତ୍ର କିଛି ବିଚାର ନ କରି ସେମିତି ଚିରା ଚରିତ ଢଙ୍ଗ ରେ କହିଲେ ସବ୍ୟ ତ ସବୁ ଦିନେ ଖାମଖିଆଲି, ନିଜ ପାଇଁ ଟିକିଏ ବି ଭାବେନାହି, ନିଶ୍ଚୟ ସେ ଆଦିବାସୀ ଏରିଆ ରେ ରୋଗୀମାନଙ୍କ ର ଚିକିତ୍ସା କରୁକରୁ କରୋନା ରେ ନିଜେ ଆକ୍ରାନ୍ତ ହେଇଥିବ, ନିଜ ଅବହେଳା ଯୋଗୁ ତା ଜୀବନ ଯାଇଥିବ ।

ଶ୍ରାବଣୀ ମୁହଁ ଉଠେଇ ସୌମ୍ୟ ଙ୍କୁ ଚାହିଁଲା । ଅନ୍ତତଃ ସବ୍ୟ ଙ୍କ ପାଇଁ ତାଙ୍କୁ ପାଟି ଫିଟେଇବାକୁ ପଡ଼ିବ । ସେ ଉତ୍ତର ଦେଲା ସେଇ ଆଦିବାସୀ ଙ୍କ ପାଇଁ ତାଙ୍କ ଜୀବନ ଉତ୍ସର୍ଗୀକୃତ । କୋରାପୁଟ ତାଙ୍କର ଆନନ୍ଦ ର ବାସସ୍ଥଳୀ । ସେମାନେ ସ୍ନେହ ଶ୍ରଦ୍ଧା ସମ୍ମାନ ଦେଇ ଜାଣନ୍ତି ସେମାନେ କାହାରି ଜୀବନ ନେଇପରାନ୍ତିନାହିଁ । ହଠାତ୍ ଉତେଜିତ ହେଇ ଶ୍ରାବଣୀ କହି ଉଠିଲେ ବୟସ ର ଅପରାହ୍ନ ରେ ଅମ ସ୍ୱାମୀ ସ୍ତ୍ରୀ ଙ୍କ ର ପ୍ରେମମୟ ଜୀବନ ରେ ତୁମେ କହିଥିବା ଗୋଟିଏ କଥା ଯୋଗୁ ଫାଟ ସୃଷ୍ଟି ହେଲା । ସୌମ୍ୟ ପ୍ରଶ୍ନିଳ ଆଖିରେ ଶ୍ରାବଣୀ କୁ ଚାହିଁଲେ । ତୁମେ କହିଥିବା ଗୋଟିଏ କଥା ତାଙ୍କୁ ଏତେ ବାଧିଲା ଯେ ସବୁଦିନ ପାଇଁ ତାଙ୍କ ହୃଦୟ ର ଦ୍ୱାର ମୋ ପାଇଁ ବନ୍ଦ କରି ସବୁଦିନ ପାଇଁ ମୋତେ ଏକୁଟିଆ କରି,

ISSN NO.
2582-208X

ଆଜିକୁ ବର୍ଷକ ତଳେ ହୃତଘାତରେ ଆଖି ମୁଜି ଦେଲେ ପୁଅ ଆସି ମୋତେ ତା ପାଖକୁ ନେଇଯାଇଥିଲା । କିନ୍ତୁ ଏଇ ବର୍ଷକ ଭିତରେ ମୁଁ ନା ସବ୍ୟ ଙ୍କ ର ଅସ୍ତିତ୍ୱ କୁ ଭୁଲି ପାରିଲି ନା ଅନୁଭବ କରି ପାରିଲି, ଏ ତ୍ରିସଙ୍କୁ ଅବସ୍ଥା ରୁ ମୁକୁଳିବା ଫେରିଯାଉଛି ସବ୍ୟ ଙ୍କ ର ସେଇ ପ୍ରିୟ ଆଦିବାସୀ ବହୁଳ କୋରାପୁଟ କୁ, ସେଇଠି ଆଦିବାସୀ ଙ୍କ ସେବା କରି ଅନୁଭବ, ଚିନ୍ତନ, ସବୁଠି ସବ୍ୟ ଙ୍କୁ ଫେରି ପାଇବି ବୋଲି ।

ଶ୍ରାବଣୀ କଥାରୁ ଧରିପାରିଲାନି ସୌମ୍ୟ କୋଉ କଥା ତାର ଏତେ ସବ୍ୟ କୁ ଏତେ ବାଧିଲା । ପ୍ରାୟ ତିନି ଚାରି ବର୍ଷ ହେଲାଣି ତାର ତ ଦେଖା ହେଇନି କି କଥା ବାର୍ତ୍ତା ହେଇନି ବି ସବ୍ୟ ସଙ୍ଗରେ ।

ଏ ଭିତରେ ପୁରୁଣା ସ୍ମୃତି ସବୁ ଆପେ ଆପେ ମନକୁ ଆସିଗଲା । ସୌମ୍ୟ,ସବ୍ୟସାଚୀ, ଓ ଶ୍ରାବଣୀ ଏମ କେ ସି ଜି ମେଡିକାଲ କଲେଜ ରେ ଏକା ବ୍ୟାଚ୍ ର ଛାତ୍ର ଥିଲେ ସୌମ୍ୟ ଥିଲା କଟକ ର ପ୍ରଖ୍ୟାତ ଡାକ୍ତର ସୈଲେନ୍ଦ୍ର ନନ୍ଦ ଙ୍କ ର ଏକ ମାତ୍ର ପୁତ୍ର, ଶ୍ରାବଣୀ ବି ଥିଲା ଡାକ୍ତର ସୁଷମା ମିଶ୍ର ଙ୍କ ର କନ୍ୟା, କିନ୍ତୁ ସବ୍ୟସାଚୀ ଥିଲା ମଫସଲ ଗାଁ ର ଚାଷୀ ଦୀନବନ୍ଧୁ ର ଏକମାତ୍ର ସୁଯୋଗ୍ୟ ପୁତ୍ର । ନିଜର ଅଦମ୍ୟ ପରିଶ୍ରମ ଓ ଶିକ୍ଷା ପ୍ରତି ଆଗ୍ରହ ଯୋଗୁ ମେଡିକାଲ୍ ରେ ପଢିବା ପାଇଁ ଯୋଗ୍ୟ ବିବେଚିତ ହେଇଥିଲା । ତିନି ଜଣ ଯାକ ବନ୍ଧୁତ୍ୱ ର ବନ୍ଧନ ରେ ବାନ୍ଧି ହୋଇଯାଇଥିଲେ । ସୌମ୍ୟ ଙ୍କ ର ପ୍ରବଳ ଆଭିଜାତ୍ୟର ର ଅହଙ୍କାର ଥିଲେ ମଧ୍ୟ ସବ୍ୟ ଙ୍କର ଖୁବ ଭଲ ବନ୍ଧୁ ଥିଲେ ଏକାଠି ପାଠ ଡିସ୍କସନ କରିବା, ଏକାଠି ସିନେମା ଯିବା, କ୍ୟାନଟିନ ରେ ଖାଇବା ଚାଲି ଥିବା ବେଳେ କେତେବେଳେ ମେଡିକାଲ୍ କୋର୍ସ ସରିଗଲା ତିନି ବନ୍ଧୁ ଜାଣିପାରିଲେନି । ତାପରେ ଶ୍ରାବଣୀ ଗାଇନକୋଲୋଜି ରେ ପିଜି କଲା ସବ୍ୟ, ସୌମ୍ୟ ମେଡ଼ିସିନ ରେ ପିଜି କଲେ । ଏ ଭିତରେ ବି ତାଙ୍କର ବନ୍ଧୁତ୍ୱ ଜାରି ରହି ଥିଲା । ପାଠ ପଢୁ ପଢୁ ଶ୍ରାବଣୀ ମନ ଦେଇ ବସିଲେ ସବ୍ୟ କୁ । ଯଦିଓ ସୌମ୍ୟ ଶ୍ରାବଣୀ କୁ ବହୁତ୍ ପସନ୍ଦ କରିଥିଲେ ମାତ୍ର ନିଜର ଅହଙ୍କାର ଯୋଗୁ କେବେ ବି କହିଲେନାହିଁ । ସୌମ୍ୟ ଙ୍କ ର ଅହଙ୍କାର ରେ ଶ୍ରାବଣୀର ମା ସୌମ୍ୟ ବାପା ପଠେଇଥିବା ଶ୍ରାବଣୀ ସଙ୍ଗରେ ସୌମ୍ୟ ର ବିବାହ ପ୍ରସ୍ତାବ କୁ ପ୍ରତ୍ୟାଖାନଟି, ପ୍ରବଳ ଆଘାତ ଦେଇଥିଲା । ଏ ପ୍ରତ୍ୟାଖାନ ଟିକୁ ସହଜ ରେ ଗ୍ରହଣ କରିପାରିଲେନି ସୌମ୍ୟ ସେଇଟିକୁ ନିଜର ଅପମାନ ମନେ କରି ଶ୍ରାବଣୀ ଠାରୁ ଦୁରେଇଗଲେ । ସମୟ କ୍ରମେ ଶ୍ରାବଣୀ ଆଉ ସବ୍ୟ ବିବାହ କରି ଏକମତ ରେ କୋରାପୁଟ ରେ ରହି ଆଦିବାସୀ ମାନଙ୍କ ସେବା ରେ ନିଜ କୁ ଉତ୍ସର୍ଗୀକୃତ କଲେ. ସୌମ୍ୟ କଟକ ର ବିଖ୍ୟାତ ଇଣ୍ଡଷ୍ଟ୍ରିଆଲିଷ୍ଟ ଙ୍କ

ISSN NO.
2582-208X

ର ଏକ ମାତ୍ର ଝିଅ ଶିବାନୀ ସହ ଧୂମଧାମ୍ ର ସହ ବାହା ହେଲା । ସେ ବାହାଘର ରେ ସବ୍ୟ ଓ ଶ୍ରାବଣୀ ବି ଯୋଗ ଦେଇଥିଲେ । ସେତିକିବେଳେ ସୌମ୍ୟ କଥାରେ କଥାରେ କହିଥିଲା ଶିବାନୀ ଏକା ଯୋଗ୍ୟ କନ୍ୟା ତାକୁ ବାହା ହେବା ପାଇଁ ।

ଏ ଭିତରେ ସବ୍ୟ ଶ୍ରାବଣୀ ଗୋଟିଏ ଯୋଗ୍ୟ ପୁଅ ର ବାପାମା ହେଇ ସାରିଥିଲେ, ତଥାପି ସେମାନେ କୋରାପୁଟ ର ମୋହ ଛାଡ଼ି ପାରି ନ ଥିଲେ । ପୁଅ ତାଙ୍କର ଆଇ.ଆଇ.ଟି ରୁ ପାସ କରି, ପି.ଏଚ.ଡି କରି ବର୍ତ୍ତମାନ ଆମେରିକା ର ଗୋଟିଏ ପ୍ରଖ୍ୟାତ ୟୁନିଭର୍ସିଟି ରେ ପ୍ରାଧ୍ୟାପକ ଅଛି । ସୌମ୍ୟ କଟକ ରେ ବିରାଟ ବଡ଼ ହସ୍ପିଟାଲ୍ ର ସ୍ୱନାମଧନ୍ୟ ମାଲିକ । ବେଳେ ବେଳେ ତିନି ଜଣ ଯାକ ଙ୍କ ର ଅଲ ଇଣ୍ଡିଆ କନଫରେସ ରେ ଦେଖା ହୁଏ, କିନ୍ତୁ ସବୁ ବେଳେ ଆଭିଜାତ୍ୟ ତଥା ପଇସା ର ଅହଙ୍କାର ରେ ଭରା ଉପେକ୍ଷା ଭରା କଥା ବାର୍ତ୍ତା । ସବୁଥିରେ ହସିଦେଇ କଥା ଆଡେଇ ଦେଇ ଶ୍ରାବଣୀ ପଳେଇ ଆସେ ।

କିନ୍ତୁ ସୌମ୍ୟ ଶ୍ରାବଣୀ କୁ ନିଜର ନ କରିବାର କ୍ଷୋଭ ଟାକୁ ମୋଟେ ଭୁଲି ପାରେ ନାହିଁ । ତା ପରି ପିଲା କୁ ଯେ ଶ୍ରାବଣୀ ହେଉ କି ତା ମା ବାପା ହୁଅନ୍ତୁ ଯେ ନାକଚ କରିଦେଇଥିଲେ, ସେ କ୍ଷତ ତା ଭୁଲି ପାରୁନଥିଲା । ସେଥିପାଇଁ ସୌମ୍ୟ ଏତେ ବର୍ଷ ପରେ ଶ୍ରାବଣୀ ର ପୁଅ ବୟସ ର ଡାକ୍ତର ପୁତୁରା ଆଗରେ ପୁରୁଣା କ୍ଷତ କୁ ଉଦଜୀବିତ କରି କହିଲେ କଣ ସେ ସୁଷମା ଦେବୀ ପାଇଲେ ମୋତେ ନାକଚ କରି ସବ୍ୟ ସଙ୍ଗରେ ଶ୍ରାବଣୀ କୁ ଛନ୍ଦିଦେଇ, ସାରା ଜୀବନ ସେଇ ଅପନ୍ତରା କୋରାପୁଟ ରେ ଆଦିବାସୀ ମାନଙ୍କ ଗହଣ ରେ ଛଟ ପଟ ହେଇ ବଞ୍ଚିବା ପାଇଁ ଛାଡ଼ିଦେଲେ । ସବ୍ୟ ଯେଁଉ ପିଲା ଶ୍ରାବଣୀ କୁ ଆଉ ଅଧିକା କଣ ଦେଇ ପାରିଥାଆନ୍ତା ଯେ ।

ସୌମ୍ୟ ର ଏଇପଦକ କଥା କିଛି ନ ବୁଝି ନ ଶୁଝି ଗୋଟିଏ ବାହାଘର ରେ ବନ୍ଧୁବାନ୍ଧବଙ୍କ ଉପସ୍ଥିତି ରେ ସବ୍ୟ ଆଉ ଶ୍ରାବଣୀ ଙ୍କ ଆଗରେ ବଖାଣି ବସିଲା.ସବ୍ୟ ଶ୍ରାବଣୀ ରାଜ୍ୟ ସରକାର ଓ ସାରା ଆଦିବାସୀ ଙ୍କ ର ଏ ଉତ୍ସର୍ଗୀକୃତ ସେବା ପାଇଁ ଅତି ସମ୍ମାନୀୟ, ସେଥିପାଇଁ କେହିବି ଏ କଥା କୁ ଗୁରୁତ୍ୱ ଦେଲେନାହିଁ । ମାତ୍ର ସବ୍ୟ ବାହାଘରର ଏତେ ବର୍ଷ ପରେ ଏଇ କଥା କୁ ହୃଦୟ କୁ ନେଇଗଲେ । ସବୁ ବେଳେ ଗୁଣୁ ଗୁଣୁ ହେଲେ ଭୁଲ କରିଦେଲି, ସମୟ ଅସମୟ ରେ ତ ଶ୍ରାବଣୀ ର ହାତ ଧରି କ୍ଷମା ମାଗିଲେ, ମୁଁ ତୁମ ସାଂଗରେ ଅନ୍ୟାୟ କରିଦେଲି ଏ ଅପନ୍ତରା ରେ ସଢ଼ିବାକୁ ଦେଲି । ଏକରେ ତ କରୋନା

ISSN NO.
2582-208X

ପରେ ତ ଦେହ ଭଲ ରହୁ ନ ଥିଲା ପୁଣି ପୁଣି ଏ ମନସିକ ଆଘାତ ମୋ ଠାରୁ ସବ୍ୟ ଙ୍କୁ ସବୁ ଦିନ ପାଇଁ ଛଡ଼େଇ ନେଲା । ଏ ତକ କହି ଶ୍ରାବଣୀ କଇଁ କଇଁ ହେଇ କାନ୍ଦି ଉଠିଲେ ।

ଶ୍ରାବଣୀ ଠାରୁ ଏତେ ସବୁ ଶୁଣି ସାରିବା ପରେ ଅନୁତାପ ବା ସମ୍ବେଦନା ର ଶବ୍ଦ ନ କହି ସୌମ୍ୟ ହଠାତ୍ ଏକ ନିର୍ଲଜ୍ଜ ପ୍ରସ୍ତାବ ଦେଇ ବସିଲେ । ଶ୍ରାବଣୀ ଏଥର ସେ କୋରାପୁଟ ରୁ ବହାରିଆସ ଓ କଟକ ରେ ମୋ କ୍ଲିନିକ୍ ରେ ବହୁତ ଭଲ ପ୍ୟାକେଜ ରେ ଜଏନ କରି ଜୀବନକୁ ଯିଇଁବା ଶିଖ ।

ଆହତ ବାଘୁଣୀ ଭଳି ଗର୍ଜି ଉଠିଲା ଶ୍ରାବଣୀ କହିଲେ ସୌମ୍ୟ ତୁମେ ଏବେ ବି ସେମିତି ଗର୍ବି ଆଉ ଅହଙ୍କାରୀ ଅଛ । ତୁମେ ମୋ ମାଙ୍କର ନା ଶବ୍ଦ ଟି ଗ୍ରହଣ ନକରି ଏବେ ବି ତୁମ ଅହଙ୍କାର ର କ୍ଷତ ସ୍ୱରୂପ ଛାତି ତଳେ ଆମର ପ୍ରେମମୟ ଜୀବନ ଟିକୁ ଅକାଳ ରେ ଉଜୁଡେଇଦେଲ । ମୋ ସବ୍ୟ କଣ ତୁମେ ବୁଝିପରିବନି । ମୋ ନିଃଶ୍ୱାସ ପ୍ରଶ୍ୱାସ, ଧମନୀ ର ରକ୍ତ ପ୍ରବାହ ମାନେ ହିଁ ସବ୍ୟ । ସବ୍ୟ ଙ୍କ ର ଜୀବନ ସ୍ୱପ୍ନ ସବୁ କିଛି ସେଇ ଆଦିବାସୀ ମାନଙ୍କୁ ନେଇ, ମୁଁ ତାକୁ ଛାଡ଼ି ବଞ୍ଚି ପାରିବିନି । ସେଇମାନଙ୍କ ଭିତରେ ମୁଁ ସବ୍ୟ ଙ୍କୁ ପାଇବି । ତୁମେ କେବେ ବି ବୁଝି ପାରିବନି ସବ୍ୟ ମୋ ପାଇଁ କଣ । ତାଙ୍କ ଗୁଣ ର ଶହେ ଭାଗରୁ ଗୋଟେ ଭାଗ ବି ତମର ନାହିଁ । ଭଗବାନ ଙ୍କ ପାଖରେ ପ୍ରାର୍ଥନା କରୁଛି ମଲା ଯାଏଁ ତୁମର ମୋର ଆଉ କୋଉଠି ବି ଦେଖା ନ ହେଉ । ଗୁଡ ବାଏ କହି ଶ୍ରାବଣୀ ଏକମୁହାଁ ହେଇ ସେଠୁ ଉଠି ସୌମ୍ୟକୁ ପଛରେ ରଖି ଆଗେଇଚାଲିଗଲା । ସୌମ୍ୟ ମୁହଁ ରେ ଅବଜ୍ଞା ର ହସ ଟିଏ ଉକୁଟି ଆସିଲା ।

ପ୍ରାକ୍ତନ ଜିଲ୍ଲା ନ୍ୟାୟାଧୀଶ,
ପ୍ଲଟ ନମ୍ବର - ୩ ଡି, ୧୧୫୨,
ସିଡିଏ ୧୧, ମର୍କତ ନଗର, କଟକ

ISSN NO.
2582-208X

# ଶରତ ଆସିଛି ମରତ ହସୁଛି



ବାସନ୍ତୀ ଲତା ଜେନା

ଶରତ ଆସିଛି ମରତ ହସୁଛି
ନିର୍ମଳ ଶୋଭା ଜଗତ
ଆକାଶରେ ଶ୍ୱେତ ମେଘ ମାଳା ଭାସେ
ସୁନ୍ଦର ଦିଶେ ଶରତ ।୧।
ଶ୍ରାବଣର ବର୍ଷା ଶେଷ ହୋଇ ଅଛି
ନାହିଁ ଯେ ପାଣି କାଦୁଅ
ଭାଦ୍ରବ ଅଶ୍ୱିନ ଶରତର ଶୋଭା
ଋତୁ ଚକ୍ରରେ ତୃତୀୟ ।୨।
ଭଦୁଅ ମାସରେ କଇଁ ଫୁଲ ଫୁଟେ
ସରସୀର ନୀଳ ଜଳେ
ଦେବୀ ଦୁର୍ଗାଙ୍କର ଆଗମନ ହୁଏ
ପୃଥିବୀ ମାତାର କୋଳେ ।୩।
ମଣ୍ଡପରେ ଦେବୀ ବିରାଜ କରନ୍ତି
ରଙ୍ଗୀନ୍ ଆଲୋକ ମାଳା
ଭକ୍ତ ସମାଗମ ମଣ୍ଡପରେ ହୁଏ
ସତେ ମହାନଦୀ ଭେଳା ।୪।
କାଶତଣ୍ଡୀ ଫୁଲ ଝୁମି ଝୁମି ନାଚେ
ଶିରକୁ ହଲାଇ କରି

ISSN NO.
2582-208X

ଧୀର ସମୀରର ମୃଦୁ ମାଳୟରେ
ଶୁଭ୍ରତା ଦେଇଛି ଭରି ।୫।
ଗଣେଶ ଚତୁର୍ଥୀ ନୂଆ ଖାଇ ପର୍ବ
ପିତୃପକ୍ଷ ଆସି ଥାଏ
ଉଲ୍ଲସିତ ପ୍ରାଣ ସଭିଙ୍କ ହୃଦୟ
ମନ ଆନନ୍ଦିତ ହୁଏ ।୬।
ନୀଳ ଆକାଶେ ତାର ଫୁଲ ଫୁଟେ
ଜହ୍ନ ସାଥି ହୋଇ ଖେଳେ
ବନ ଉପବନଫୁଲ ଫଳ ଭରା
ଶ୍ୟାମଳୀ ଧରିତ୍ରୀ କୋଳେ ।୭।

ଶିକ୍ଷୟିତ୍ରୀ, ଗାନ୍ଧୀନଗର,
ନବରଙ୍ଗପୁର

ISSN NO.
2582-208X

# ସମ୍ପର୍କ



ଡ. ପ୍ରିୟମ୍ବଦା ସାମଲ

ସମ୍ପର୍କର ଘର ସ୍ନେହ ପ୍ରେମ ଡୋର
ସ୍ୱାର୍ଥ ବିହୀନ ଚିନ୍ତନ
ରକତ ଠୁଁ ଗାଢ଼ ରଙ୍ଗ ତା' ପ୍ରଗାଢ଼
ନିଃସ୍ୱାର୍ଥ ଭରା ଜୀବନ ।
ଅତ୍ମୀୟତାର ସେ ଅମୀୟ ଝରଣା
ଅବିରତ ଝରୁଥାଏ
ପ୍ରାଣର ପିୟୁଷ ଜୀବନ ଆୟୁଷ
ସର୍ବ ଶୁଭ ମନାସଏ ।
ସମ୍ପର୍କ ବିହୀନ ଜୀବନ ଶ୍ମଶାନ
ଖାଲି ଶୂନ୍ୟ ସ୍ଥାନ ଭରା
ସ୍ୱାର୍ଥର ସମ୍ପର୍କ ନ କରଇ ହିତ
ଦୂରେଇ ଯାଏ ତତ୍ପର ।
ସମ୍ପର୍କ ରଚଇ ଜୀବନ ମଧୁର
ସ୍ନେହ ପ୍ରେମ ଗାଢ଼ ହୁଏ
ଜୀବନ ନାଆ ତା ହୁଏ ଗତିଶୀଳ
ଲକ୍ଷ୍ୟ ସ୍ଥଳ ପହଞ୍ଚାଏ ।

ହୃଦୟ ବଲ୍ଲରୀ ସାତସୁରେ ଶୋଭା
ସମ୍ପର୍କ ମୋହର ସୁରେ
ନବ ନବ ଚିନ୍ତା ପ୍ରଗତି ପଥରେ
ଆଶା ପୂର୍ଣ୍ଣତାରେ ଭରେ ।

ନନ୍ଦନ ବିହାର, ଭୁବନେଶ୍ୱର

ISSN NO.
2582-208X

# ସିକ୍ତ ଭାବନା



ଝିଲିମିଲି ସାହୁ

ଧୂଆଁଳିଆ ଆକାଶ ବୁକୁରେ
ହୃଦୟର ଭାବନାକୁ
ଶବ୍ଦରେ ଧରି ରଖିବା
ତୁମ ଆକଳନ ଠା'ରୁ ଟିକିଏ କଷ୍ଟ
ନିରବତାକୁ ବ୍ୟକ୍ତ କରିବା ପାଇଁ
କଥା କୁହା ଆଖି ହିଁ ଯଥେଷ୍ଟ।।

ଦୁର୍ବଳ, ନିଃଶବ୍ଦ, ଅସହାୟ
ଅନୁଭବ କରୁଥିବା କ୍ଲାନ୍ତ ମନ
ଅସଜଡା ସୂତାଖିଅ ନେଇ
ଗୁନ୍ଥି ଚାଲେ ଶବ୍ଦର ମାଳା
ଅମାବାସ୍ୟାରୁ ପୂର୍ଣ୍ଣିମା ଯାଏଁ
କେବେ ଶୂନ୍ୟ ତ କେବେ ପୂର୍ଣ୍ଣ।।

***************

ସହ. ଶିକ୍ଷୟିତ୍ରୀ, ନୟାଗଡ଼

ISSN NO.
2582-208X

# ମାଣ୍ଡବୀ



ଆରତୀ ସାହୁ (ଆଶା)

( ଭାଗ - ୪ )

କଣ ହେଲା କେଜାଣି, ନାନୀ ଯେମିତି ଶ୍ରୀରାମଚନ୍ଦ୍ରଙ୍କ ଗଳାରେ ବରଣମାଳା ପକେଇଛି ମୋର ଆଖିରୁ ତ ଗଙ୍ଗା ଜମୁନାର ସୁଅ ଛୁଟିଲା। ଫୁଲି ଫୁଲି ମୁଁ କାନ୍ଦିବାକୁ ଲାଗିଲି। ମୋ ଧକେଇ ଧକେଇ କାନ୍ଦିବାର ଦେଖି, ଶ୍ରୁତି ଓ ଉର୍ମି ମଧ୍ୟ କାନ୍ଦିବାକୁ ଲାଗିଲେ। କାଦମ୍ବିନୀ ପ୍ରଭୃତି ସଖିମାନେ ମଧ୍ୟ ନିଜର କୋହ ଓ ଲୁହକୁ ଅଟକେଇବାରେ ଅସଫଳ ହେଉଥିଲେ। ଭାଗ୍ୟ ଭଲ ମାଆ ବଡ଼ମାଆ ଇତ୍ୟାଦି ପାଖରେ ନଥିଲେ, ନହେଲେ ତାଙ୍କର କାନ୍ଦାକଟା ଆରମ୍ଭ ହେଇ ଯାଇଥାନ୍ତା ଯେ ସମ୍ଭାଳିବା ମୁଶ୍କିଲ୍ ହେଇ ଯାଇଥାନ୍ତା । ସତରେ, କେତେ ଦୁଃଖର କଥା ନା ? ଝିଅ ଜନମ, ପରଘରକୁ। ଝିଅଟିଏ ଯେଉଁଠାରେ ଜନ୍ମନିଏ, ଯେଉଁଠାରେ ଖେଳିବୁଲି ବଡ଼ ହୁଏ, ଯେଉଁ ମାନଙ୍କ ଗହଣରେ ବାଲ୍ୟ, କୈଶୋର ଭୋଗେ, ତାକୁ ପଛେଇ ଚାଲିଯାଏ ଆଉ ଏକ ନୂଆ ଜାଗାକୁ, ନୂଆ ପରିବେଶ ନୂଆ ପରିବାରକୁ।

ରାଜ୍ୟସାରା ଚହଳ ପଡ଼ିଗଲା। ଘରେ ଘରେ ପୁରେ ପୁରେ ହର୍ଷ ଉଲ୍ଲାସର ଢେଉ ଖେଳିଗଲା। ଅଯୋଧ୍ୟାର ରାଜ ପରିବାର ସହିତ ବୈବାହିକ ବନ୍ଧନରେ ବାନ୍ଧି ହେବାକୁ ଯାଉଥିଲା ମିଥିଳା, କମ୍ କଥା ନୁହେଁ ? ବଚନ ବଦ୍ଧତା ନିମନ୍ତେ ବିଖାତ ପ୍ରବଳ ପ୍ରତାପୀ ରାଜା ରଘୁଙ୍କ ନାମରେ ନାମିତ ରଘୁବଂଶୀ ରାଜ ପରିବାର ।

ରଘୁକୁଲ ରୀତ ଜହାଁ ଚଲି ଆଇ ।
ପ୍ରାଣ ଜାଏ ପର ବଚନ ନ ଜାଇ।।

ISSN NO.
2582-208X

ତାଙ୍କର ବିଶାଳ ବଂଶ ବୃକ୍ଷର ପୁଣି ସହସ୍ର ସହସ୍ର ଡାଳପତ୍ର। କଳକଳ ନାଦିନୀ, ଛଳଛଳ ଗାମିନୀ ପୁଣ୍ୟତୋୟା ଭାଗିରଥୀ ଯେଉଁ ବଂଶର ପୂର୍ବଜଙ୍କ ପାଇଁ ଆଜି ଧରାଧାମରେ ପ୍ରବାହିତ। ଯେଉଁ ବଂଶର ଆଦ୍ୟ ପୂର୍ବଜ ସ୍ୱୟଂ ବ୍ରହ୍ମା। ଯେଉଁ ବଂଶର ପୂର୍ବଜ ରାଜା ବୈବସ୍ୱତ ମନୁପୁତ୍ର ଇକ୍ଷ୍ୱାକୁଙ୍କ ଦ୍ୱାରା ପବିତ୍ର ଅଯୋଧ୍ୟା ନଗରୀ ସ୍ଥାପିତ, ଯାହାଙ୍କ ନାମ ଅନୁସାରେ ଏହା ଇକ୍ଷ୍ୱାକୁ ବଂଶ ନାମରେ ମଧ୍ୟ ସର୍ବବିଦିତ। ଯାହାଙ୍କ କୁଳଗୁରୁ ମହାରଷି ବଶିଷ୍ଠ।

ଏସବୁ ସେଇ କାଦମ୍ବିନୀ ବଖାଣୁଥିଲା ମୋତେ। ନହେଲେ ମୁଁ କୋଉଠୁ ଜାଣିଥାନ୍ତି । ମୁଁ ତ ପାଠରେ ଟିକେ ଠକ ଥିଲି । ନାନୀ ସିନା ପାଠ, ଘରକରଣା, ଆଚାର ବ୍ୟବହାର ସବୁଥିରେ ଆଗୁଆ । ଉର୍ମିଳା ଆଉ ଶ୍ରୁତକିର୍ତ୍ତୀ ଭି ପାଠରେ ଭଲ । ମୁଁ କିନ୍ତୁ କୋଉଥିରେ ଆଗୁଆ ନଥିଲି । ନାଇଁ ନାଇଁ, ନଥିଲି କେମିତି ? ଶାଠରେ ପରା ପ୍ରଥମ । ସମସ୍ତଙ୍କର ନକଲ ଉତାରିବା, ପୁଅପିଲା ପରି ଗଛ ଚଢ଼ିବା, କନ୍ଦୁକ ଖେଳିବା, ନଈ ପହଁରିବା ଆଉ, ସମସ୍ତଙ୍କୁ କଥାରେ କଥାରେ କୁତୁରୁକାଳିଆ କରି ହସେଇବା।

କାଦମ୍ବିନୀ ତ ଆହୁରି କେତେ ନାମ ଗାଇଗଲା ଦଶରଥ ବଂଶର, ମରିଚୀ, ସଗର, ଅମ୍ବରୀଷ, ନହୁଷ, ଯଯାତି, ମାନ୍ଧାତା ....

- ମାନ୍ଧାତା? ହି ହି, ଆଙ୍କରି ବଂଶ ପରମ୍ପରାରୁ ମାନ୍ଧାତା ଅମଳ ଶବ୍ଦ ପ୍ରୟୋଗ ହୁଏ କିଲୋ? ଆଲୋ, ତୁ ଏତେ ସବୁ କୋଉଠୁ ଜାଣିଲୁ ?

- ମଲା, ତୁମେ ସିନା ପାଠ ନ ପଢ଼ି ଗୁଣ୍ଡୁଚି ମୂଷା, ନେଉଳ ଗୋଡ଼ଉ ଥିଲ । ମୁଁ କିନ୍ତୁ ମନ ଧ୍ୟାନ ଦେଇ ପାଠ ପଢୁଥିଲି ବଡ଼ ଜେମାଙ୍କ ପାଖରେ ବସି।

- ହଅ, ତୁମେ ସବୁ ଭଲ ପଢ଼ି କଣଟା ଆଲୁଅ କରି ପକେଇଲ, ଆଉ ମୁଁ ଯାହିତାହି ପାଠ ପଢ଼ି କୋଉ ଅନ୍ଧାରରେ ରହିଛି ଯେ ?

ISSN NO.
2582-208X

ଆମଘରେ ସମସ୍ତେ ବହୁତ ଖୁସି ଥିଲେ । ନାନୀ ବି ଖୁସି ଥିଲା ଯେ ଉପରେ ଦେଖଉ ନଥିଲା । ବର୍ତ୍ତମାନ ବିବାହ ନିମନ୍ତେ ଆୟୋଜନ ଯୋରସୋର୍ ଚାଲିଲା । ସବୁଠୁ ଆଗରୁ ଅଯୋଧ୍ୟାକୁ ଦୂତ ପେଶା ହେଲା ଅଭିନନ୍ଦନ ଓ ନିମନ୍ତ୍ରଣ ପତ୍ର ସହିତ । ସାଙ୍ଗରେ ବହୁମୂଲ୍ୟ ହୀରା ନୀଳା ମଣି ମର୍କତର ଉପହାର ମଧ୍ୟ ପଠାଗଲା। ବରଘର ପହଞ୍ଚିଲେ ଯାଇଁ ଆଉ ସବୁ ଆୟୋଜନ ଆଗେଇବ। ସେମାନେ ମଧ୍ୟ ଆସି ପହଞ୍ଚିଲେ । ବାଜା ଗାଜା, ବାଣ ରୋଶଣୀ ସହିତ ମହା ଆଡ଼ମ୍ବରରେ ବଡ଼ ବଡ଼ ପଟୁଆର ଧରି ସେମାନେ ଆସିଥିଲେ।

– ରାଜ ପରିବାରରୁ କିଏ କିଏ ଆସିଛନ୍ତି କିଲୋ ?

– ମଲା, ସବୁକଥା କଣ ମୁଁ ଏଇଠି ଥାଇ ସପନ ଦେଖିବି କି ଜେମା ? ମୋର କାମ ସିଆଡେ ନାଇଁ । ସେଇ ହେମ ନେଇଛି ସିଆଡ଼ିକାର ଦାୟିତ୍ୱ । ତାକୁ ରାଜ୍ୟର ଶ୍ରେଷ୍ଠ ଅତିଥି ମାନଙ୍କର ସତ୍କାର ନିମନ୍ତେ ନିଯୁକ୍ତ କରା ହେଇଛି। ତାକୁ ପଚାରି କହିବି, ହେଲା ?

ମୋର ତ ବାଇମନ । ସେଦିନ କଣ ମନ ହେଲା ଯେ ସକାଳୁ ସକାଳୁ ଚାଲିଲି ପୁଷ୍ପ ବାଟିକା, ଏକୁଟିଆ । ଶାନ୍ତ ସ୍ନିଗ୍ଧ ସକାଳ । ଗଛ ପତ୍ରଫାଙ୍କରୁ ବାଳସୂର୍ଯ୍ୟ ନିଜର ନାଲିଆ ଗୁଲୁଗୁଲିଆ ମୁହଁ ଦେଖେଇ ଖଣ୍ଡେ ଧୋବ ଧାଉଳିଆ ବାଦଲ୍ ପଛରେ ପୁଣି ଲୁଚି ଯାଉଥାନ୍ତି। କେତେବେଳେ ଗଛ ପତ୍ର ପଛରୁ ବି ଉଙ୍କୁଥାନ୍ତି । ସତେକି ମୋ ସହିତ ଲୁକଲୁକାଣୀ ଖେଳୁଛନ୍ତି।

ବାରମାସୀ ଚୂଡା ଗଛ ମାନଙ୍କରେ (କୃଷ୍ଣଙ୍କ ଦ୍ୱାପର ଆସିବାକୁ ଆହୁରି ଯୁଗେ, ତେଣୁ କୃଷ୍ଣଚୂଡା, ରାଧାଚୂଡା ଇତ୍ୟାଦି ନାମକରଣ ହେଇ ନଥିଲା) ନାଲିଆ ହଳଦିଆ ଫୁଲ ଝୁଲି ଝୁଙ୍କି ଯାଉଥିଲା। କିଛି ଫୁଲ ତଳେ ବିଛାଇ ହେଇ ପଡ଼ି ଥାନ୍ତି । ମୁଁ ସେଗୁଡା ଦଳି ମକଚି ହେଇଯିବା ଭୟରେ ମୋର ଘାଘରାକୁ ଦୁଇ ହାତରେ ଟେକିଧରି ତଳମୁହାଁ ହେଇ ଯାଉଥାଏ କୁଦି କୁଦି ।

ISSN NO.
2582-208X

- ଆରେ ଅନ୍ଧ ନା ଆଖିରେ କଣା ନାହିଁ ବା ? ବାଟ ଦେଖା ଯାଉନି ? ଲୋକଙ୍କୁ ଦଳି ଚକଟି ପଳେଇଯିବ ନା କଣ ?

ଜଣକ ସହିତ ଧକ୍କା ହେଇଗଲା ଆଉ ମୁଣ୍ଡଟା ତା ଛାତିରେ ଏତେ ଯୋରରେ ବାଡେଇ ହେଇଗଲା ଯେ ଟଣ୍ ଟଣ୍ ହେଇ ଗଲା ତାଳୁଟା। ଦେହ ନା ପାହାଡ଼ ପଥରରେ ବାବା !

- ଆପଣ ହିଁ ତ ମୁଣ୍ଡ ତଳକୁ କରି ପବନ ବେଗରେ ଆସି ନିଜେ ନିଜେ ପିଟି ହେଇ ଯାଉଛନ୍ତି ଆଉ ଏଥିରେ ଆମର ଦୋଷ କୋଉଠି ରହିଲା ? ଚାଲି ନଜାଣି ବାଟର ଦୋଷ ?

ଇଲୋ, ଇଏ ତ ନାନୀର ବର ଶ୍ରୀରାମଚନ୍ଦ୍ର ଭାଇଙ୍କ ଭଳି ଦେଖା ଯାଉଛନ୍ତି । ହଁ, ସେଇ ତ । ମୋ ଖୁଜୁବୁଜିଆ ମନରେ ମଜା କରିବାର ଅଦ୍ଭୁତ ଖିଆଲଟେ  ଜାଗିଲା । ହଁ, ହେଇ ହେଇ ଭିଣେଇ ଶାଳୀ ତ । ଟିକେ ମଜା ନେଇଯିବା । ସମସ୍ତେ ତ କୁହନ୍ତି ମୁଁ ବି ସୀତାନାନୀ ପରି ଦେଖାଯାଏ ବୋଲି । ଦେଖିବା ଏ ମହାଶୟ ନିଜ କନିଆଁକୁ ଚିହ୍ନୁଛନ୍ତି ନା ନାଇଁ ।

- ପ୍ରଭୁ, ଆପଣ ? ଏଇ ପ୍ରଭାତରୁ ଏଠାରେ କଣ କରୁଛନ୍ତି ? ଧନୁଭଙ୍ଗ କରି ତ ମୋତେ ହାସଲ କଲେ । ମୁଁ ତ ଜନ୍ମ ଜନ୍ମାନ୍ତର ଯାଏ ଆପଣଙ୍କର ହେଇଗଲି । ଆହୁରି ଆଖିର ତୃଷା ମେଣ୍ଟିନାଇଁ ଯେ ପୁଣି ଥରେ ବାଟିକାକୁ ଚାଲି ଆସିଲେ ?

- ଦେବୀ, ଜାନକୀ ଦର୍ଶନ ତୃଷା କେବେ ମେଣ୍ଟେ କି ?

ସେ ଦାନ୍ତ ଚିପି ଚିପି କହୁଥିଲେ ।

- ଗୋଟେ କଥା କହିବି ? ସତ କହିବାକୁ ଗଲେ ସେ ଧନୁଟା ସତରେ ରସି ଯାଇଥିଲା ଯେ ? ଆପଣ ତାକୁ ଭାଙ୍ଗି କିଛି ବଡ଼କାମ କରି ନାହାନ୍ତି । ଆପଣଙ୍କ ଭାଇ ସେଇ ସାନଟୋକାଟା ଠିକ୍ କଥା କହୁଥିଲା । କିନ୍ତୁ ବଡ଼ କଳିହୁଡାଟେ ।

ISSN NO.
2582-208X

- ଆଚ୍ଛା ?

- ଆଉ ଆପଣ ଯୋଉ ସୁବାହୁ , ତାଡ଼କାକୁ ମାରିଲେ ? ତାଡ଼କା ତ ସ୍ତ୍ରୀ ଲୋକଟାଏ, ତାର ଆଉ କେତେ ବଳ ମ ? ସୁବାହୁ ଭି ତ ନିର୍ବଳୁଆଟାଏ। ହେଟାକୁ ତ ଆମେମାନେ ଭି ପରାସ୍ତ କରି ଦେଇଥାନ୍ତୁ ।

- ଆଚ୍ଛା, ଏମିତି କଥା ତାହେଲେ ?

- ଆଉ ? ସେ ବଡ଼ ମୁଣ୍ଡିଆ ମହାବଳୀ ରାବଣକୁ ମାରି ପାରିଲେ ସିନା ।

- ସିଏ ଯଦି ଏଡ଼େ ବଳୁଆଟେ, କାଇଁ ଧନୁଟାକୁ ତ ଟେକି ପାରିଲା ନାଇଁ ?

- ହେଃ, ଆପଣ କିଛି ଜାଣନ୍ତି ନାଇଁ , ଆମେ ସମସ୍ତେ ପା ମନେ ମନେ ଠାକୁରଙ୍କୁ ଡାକୁଥିଲୁ, ସେ ମୋଟୁ ପେଟୁ ଧନୁ ନ ଉଠେଇ ପାରୁ ବୋଲି ?

- ହଉ ଭାଉଜ, ଭାଇଙ୍କୁ ତେବେ କହିଦେବି ଏସବୁ କଥା । କଥା କଣ କି ? ମୁଁ ଆପଣଙ୍କର ବଡ଼ ଦିଅର ଭରତ, ଆପଣଙ୍କର ପତିଦେବ ହେଇ ଦେଖନ୍ତୁ, ସେଇ ପଛରେ ଆସୁଛନ୍ତି ।

ହେଁ ? ମୋର ମୁହଁ କଳାକାଠ ପଡ଼ି ଯାଉଥିଲା । ଛିଃ, କି କଥା ଇଏ ? ଦେଖିବାକୁ ତ ଅବିକଳ ତାଙ୍କ ପରି, କେମିତି ଚିହ୍ନିଥାନ୍ତି ଯେ ? ତଥାପି ମୋ ମୁଣ୍ଡର ଫାଜିଲାମୀ ଯାଇଥିଲା କି ?

- ମୁଁ ବି କୋଉ ଆପଣଙ୍କର ଭାଉଜ ଯେ ? ମୁଁ ତ ତାର ଭଉଣୀ ମାଣ୍ଡବୀ । ହାରିଲେ ତ ତଥାପି ଆପଣ ।

ISSN NO.
2582-208X

କହି କହି ମୁଁ ଧାଇଁ ପଳାଇଲି ତୀର ପରି । କିନ୍ତୁ ଭାରି ଖେସଡ଼ିଆ ଲାଗୁଥିଲା । ଛିଃ କଣ କଲିଟି ମୁଁ ? କିନ୍ତୁ କଣ ଗୋଟାଏ ମୋ ହୃଦୟର କୋଉ ଭିତର ତନ୍ତ୍ରୀରେ ଖେଞ୍ଚିଫୋଡ଼ି ହେଉଥିଲା । ରହି ରହି ଭରତଙ୍କର ଚିଲା ଆଖି ଦୁଇଟାର ଦୁଷ୍ଟ ଚାହାଣୀ ମୋତେ ତରଳେଇ ଦେଉଥିଲା । ପୁଣି ନିଜ ମୁଣ୍ଡକୁ ମାରିଲି । ପ୍ରେମ ହେଇଗଲା କି ଆଉ ?

- କଣ ହେଇଛି କିଲୋ ନାନୀ ? ଏମିତି ଫାକୁସିଆ କନାଟେ ପରି କାହିଁକି ଦିଶୁଛି ତୋର ମୁହଁ ? ଶ୍ରୁତି ପଚାରୁଥିଲା ।

- କାହିଁ ନାଇଁ ତ, କିଛି ନାଇଁ ?

ମୋ ମନର ଚୋର ଧରା ପଡ଼ି ଯିବକି ଆଉ ?

- ସକାଳୁ ସକାଳୁ କୁଆଡ଼େ ଧପାଲି ଥିଲୁ କି ? ବଡ଼ବାପା ସେଣେ ଡାକୁଛନ୍ତି । ନାନୀ ଶ୍ୱଶୁରଙ୍କୁ ମୁଣ୍ଡିଆ ମାରିବାକୁ ଯିବା ସକାଶେ । ତାଙ୍କର ଆଉ ଦୁଇଜଣ ଭାଇ ଭି ଆସିଛନ୍ତି ଲୋ । ଭରତ ଆଉ  ଶତ୍ରୁଘ୍ନ । ଭରତ କୁଆଡ଼େ ପୁରା ଭିଣେଇଙ୍କ ପରି ଦେଖିବାକୁ ।

- ନାଇଁ ତ, ହୁଶ୍ , ତାଙ୍କର ଆଖି ତ ଚିଲା ଚିଲା । ମୋ ପାଟିରୁ ଖସିଗଲା ।

- ଆଲୋ ତୁ କେମିତି ଦେଖିଲୁ ?

- ଦେଖିବି କୋଉଠୁ ମ, ସେ ହେମ କହୁଥିଲା ନା ।

- ସେ ତ ଦୁଇଦିନ ହେଲା ଅତିଥି ମହଲରୁ ଇଆଡେ ଆସିନାହିଁ ମୋଟେ ।

- କେତେ ଜେରା କରୁଛୁ କିଲୋ ମୋତେ । ଚୋରୀ କରିଛି ନା ବଟମାରୀ କରିଛି ? କେମିତି ଜାଣିଲି, କିଏ କହିଲା, ଯାଃ ।

ISSN NO.
2582-208X

ଆମେ ସମସ୍ତେ ସାଜ ଶୃଙ୍ଗାର ହେଇ ଗଲୁ ଅତିଥି ଭବନ। ଅଯୋଧ୍ୟା ନରେଶ ଦଶରଥଙ୍କୁ ଦେଖି ଭକ୍ତିରେ ମନ ଗଦଗଦ ହେଇ ଯାଉଥିଲା । ପୁରୁଷ ହେଲେବି ତାଙ୍କ ଆଖିରୁ ସ୍ତ୍ରୀ ସୁଲଭ ବାତ୍ସଲ୍ୟ ଝରି ପଡୁଥିଲା । ନାନୀଟା କପାଳୀ ଏକା । ଭଲ ବରଘର ମିଳିଲା । ତାଙ୍କର କୁଳଗୁରୁ ବଶିଷ୍ଠଙ୍କ ଚେହେରା ଜ୍ଞାନର ତେଜରେ ଦପ୍ ଦପ୍ ହେଉଥାଏ । ଆଉଜଣେ ଦଶରଥଙ୍କ ପାଖକୁ ଲାଗି ବସିଥାନ୍ତି । ଆମେ ଭାବୁଥିଲୁ ତାଙ୍କର ଭାଇ ଫାଇ ହେବେ କି କଣ ? କିନ୍ତୁ ପରେ ଜାଣିଲୁ ସେ ଅଯୋଧ୍ୟାର ମହାମନ୍ତ୍ରୀ ମଣିଷଶ୍ରେଷ୍ଠ ସୁମନ୍ତ୍ର । ମନ୍ତ୍ରୀ ହେଲେ ସୁଦ୍ଧା ସେ ପରିବାରର ଶ୍ରେଷ୍ଠ ସଦସ୍ୟ ଥିଲେ । ପରିବାରର ଛୁଆ ମାନଙ୍କର କାକା ଥିଲେ ।

ଆମେ ସମସ୍ତଙ୍କୁ ମୁଣ୍ଡିଆ ମାରିଲୁ । ମୋର ଦୁଷ୍ଟ ଆଖି ଦୁଇଟା ସବୁବେଳେ ଇଆଡେ ସିଆଡେ କିନ୍ଦରି ବୁଲୁଥାଏ । ସମସ୍ତେ ସଜୋରେ ଆଗକୁ ଅନେଇଥିଲା ବେଳେ ମୁଁ କନକନ ହେଇ ବାମ ଡାହାଣକୁ ଦେଖୁଥାଏ ।

ବାମ ପାଖରେ ବସିଥିଲେ ଚାରିଭାଇ । ମୋ ନଜର ସିଧା ଯାଇ ଲାଖିଗଲା ଚିଲା ଆଖି ଦୁଇଟାରେ ? ସେ ଆଖି ଦୁଇଟାର ତେଜ ଯେମିତି ମୋତେ ଚୋବେଇ ଯିବ କି ଆଉ ?

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ।। ପ୍ରତିଶ୍ରୁତି ।।



ସୁଜିତ୍ କୁମାର ମିଶ୍ର

ଚମ୍ପାଫୁଲର ମହକରେ
ଚିତ୍ତ ଭ୍ରମିତ ହୁଏ,
ମନ ପକ୍ଷୀ ହୋଇ ଉଡୁଥାଏ
ନୀଳ ଗଗନରେ,
ପ୍ରତିଶ୍ରୁତି ରହିଯାଏ ଅଧାବାଟରେ,
ଅଧାଗଢା,
ତୁମେ କିଛି ଦେଇଥିବା
ପୋଡା କାଠକୁ ନେଇ
ପାହାଡ ଚଢିବାରେ ପ୍ରୟାସରେ ଏବେବି ମୁଁ,
କେମିତି କହିବି ତୁମକୁ
ବିଶୁ ମହାରଣା ଅବା ଧର୍ମପଦ,
କେମିତି କହିବି ତୁମକୁ ଜହ୍ନ
ଆଉ ଜହ୍ନକୁ ନେଇ ରଚୁଥିବା ସମ୍ପର୍କର
ଭାବ ବିନ୍ୟାସର ଛନ୍ଦ ।

ତମ ପ୍ରତିଶ୍ରୁତିର ଦୋଳିରେ
ଏବେବି ମୁଁ ସ୍ମୃତିର ସୁନାଥାଳି ।

ISSN NO.
2582-208X

ପ୍ରତିଶ୍ରୁତି ଢେର ଢେଲା ମାଡ ଖାଇକି ବି
ଚିରସ୍ରୋତା ନଈ,
ବରଗଛର ନିସର୍ତ୍ତ ମିଠାଛାଇ,
ତମ ପ୍ରତିଶ୍ରୁତିକୁ
ଏବେ ବି ମୁଁ ଖୋଜୁଛି ନିଜକୁ ନିଜଠୁ ହଜେଇ,

ଏବେବି ମଣିଷ ଲୋଡେ ପ୍ରତିଶ୍ରୁତି
ଗାଇବାକୁ ଜୀବନର ଗୀତି,
ଧୂଳି ଧୂଆଁ ଧୂସର ମନକୁ
କେବେ କେଜାଣି ଫେରିବ ମୁକ୍ତି ?

*******

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୭୭୭୪୨

ISSN NO.
2582-208X

# ବନ୍ଧୁତ୍ୱର ବିକଳ୍ପ ନାହିଁ



ଛବି ରାଣୀ ପତି

ଭାବନାର ଆଦାନ ପ୍ରଦାନରେ
ସଦଭାବନା ବଢେ ହିଁ ବଢେ, ମାତ୍ର
ବିନ୍ଦୁ ରୁ ସିନ୍ଧୁ ଦର୍ଶନର ଅମୂଲ୍ୟ ରତ୍ନ ପରି
ବନ୍ଧୁତ୍ୱର ହୁଏ ମୂଲ୍ୟାୟନ ।

ଆସ୍ଥା ରୁ ଆଶ୍ୱସ୍ତର ଅନାବିଳତାରେ
ସମବେଦନା ଝଲସି ଉଠେ
ହେଲେ, ଲୋଡା ପଡେ...
ଆଲିଙ୍ଗନ ପାଇଁ ଦେହଟିଏ ତ
ବିବଶ ବିଷାଦର କୋହ ଫୁଟିଲେ
କାନ୍ଦିବା ପାଇଁ କାନ୍ଧଟିଏ,,
ଅଶାନ୍ତ ଆବେଗକୁ ଶାନ୍ତ କରିବାକୁ
କିଛି ମିଠା ସାନ୍ତ୍ୱନା
କିଛି ଆଶାୟୀ ଆଶ୍ୱାସନା ।
ମନକୁ ବୁଝିଲା ପଢିଲା ଭଳି
ଉତ୍ସାହୀ ଆଉ ପ୍ରେରଣା ଦାୟକ ମନଟିଏ ।

ନିଜକୁ ହିଁ ନିଜେ ଖୋଜୁଥିଲା ବେଳେ
ପ୍ରମାଣ ବିହୀନ ଗୁପ୍ତ ହାତ ପ୍ରସାରି
ଭରଷାର ପ୍ଲାବିତ ଗଙ୍ଗା ହୋଇ

ISSN NO.
2582-208X

ଆତ୍ମ ଚିନ୍ତନର ଦର୍ପଣ ଯେ ଦେଖାଏ ,,
ପରମାର୍ଥର ଦିବ୍ୟ ଉପଲବ୍ଧି ଦେଇ
ଯିଏ ଜୀବନକୁ ମହକାଇ ଦିଏ
ସେ ହିଁ ତ ବନ୍ଧୁ ..!!!

ସ୍ପନ୍ଦିତ ହୃଦୟ କୋଣରେ ଜାଗାଟିଏ ଦେଇ
ଦିବସରେ ଛାଇ ପରି ସାଥୀ ହୁଏ
ତ ପୁଣି କେବେ କେବେ
ନିଦ୍ରିତ ସ୍ୱପ୍ନର ଅଂଶୀଦାର ହୋଇ
ନିଦାଘରେ ମଳୟ ପରଷି
ଆଶଙ୍କା, ସଂଶୟ ଭଳି ପାପ ପଙ୍କରୁ
ନିବୃତ୍ତ ରହିବାକୁ ସେ
ନିଃସ୍ୱାର୍ଥରେ ପ୍ରବର୍ତ୍ତାଇ ଥାଏ ।

ଏହିଭଳି ଆତ୍ମୀୟତାର ନିରୁତାପଣରେ ତ
ଏକ ପ୍ରକାର ପହଁରିଯାଏ
ସ୍ୱର୍ଗୀୟ ମହାନୁଭବର ଅନୁଭବଟିଏ ।

ଏଣୁ ଯୋଉ ଅମ୍ଳାନ ସମ୍ପର୍କର
କୌଣସି ବିକଳ୍ପ ନାହିଁ
ତା ହେଉଛି ... ବନ୍ଧୁ ।।

ମଧ୍ୟଶାସନ, ବିରିଡ଼ି , ଜଗତସିଂହପୁର
ଫୋନ୍ -୯୩୩୭୯୬୦୦୬୦

ISSN NO.
2582-208X

# ତୁମଠୁ … ମୁଁ ଟିକେ ଅଲଗା

ଅଧ୍ୟାପିକା ଦେବୀରାଣୀ ଜେନା

ତୁମଠୁ …ମୁ ଟିକିଏ ଅଲଗା,
ଟିକିଏ ନୁହଁ ତ, ମୁଁ ତୁମଠୁ ଢେର୍ ଅଲଗା ।
ଏଇ ଯେମିତି ତୁମେ ବାସ୍ତବ ଦୁନିଆରେ ବଞ୍ଚ,
ମୁଁ କଳ୍ପନା ରାଇଜରେ ନିଇତି ଉଡ଼ି ବୁଲେ ।
ବାସ୍ତବରେ ତୁମେ କ'ଣ ଜହ୍ନ ରାଇଜ କୁ ଯାଇପାର ,
କିନ୍ତୁ ମୁଁ ସ୍ୱପ୍ନରେ ଜହ୍ନ ରାଇଜକୁ ଯାଇ ସୁନ୍ଦର
କୁଡ଼ିଆଟେ ତୋଳି ପାରେ ।
ମୌନ ରହିବା ତୁମର ଗୋଟେ ସ୍ୱାଭାବିକ ଗୁଣ,
ମୋତେ ଦେଖୁନ ତୁମର କେତେ ବିପରୀତ
ଘର ଚଟିଆ ପରି ସଦା କିଚିରି ମିଚିରି ହେଉଥାଏ ।
ସଂସାରର ଯାବତୀୟ ଦୁଃଖ, ଯନ୍ତ୍ରଣା, ନିନ୍ଦା, ଅପବାଦ
କେତେ ସହଜରେ ତୁମେ ସହିଯାଅ,
ମୋ କ୍ଷେତ୍ରରେ.. ଏ ସବୁ ଅସହ୍ୟ ହେଇ ପଡେ
ପ୍ରତିବାଦ କରିଉଠେ ସମାଜ ଆଉ ତାର ଏ ନୀତିକୁ।
ତୁମ ନିରବତା, ସହନଶୀଳତା ମୋତେ
ବେଳେବେଳେ ଆଶ୍ଚର୍ଯ୍ୟ କରିପକାଏ,
ସରଳ, ନିଷ୍କପଟ ଆଖି ଦୁଇଟି କେବେ କାହା ପ୍ରତି
ଲାଲ ହେବାର ଦେଖିନି ସତ,
କାହା ବେଦନାରେ ଲୁହ ଜକେଇବା ଅନେକ ଥର ଦେଖିଚି ।
ଏଇ ଦେଖୁନ ମୁ ମଙ୍ଗଳପୁର ରେ ଥିବା ସମୟରେ

ISSN NO.
2582-208X

ଯାବତୀୟ ଗଣ୍ଡଗୋଳ କରି
ଘରେ ହାଜର ହୋଇଯାଏ ।
ବାପା ମତେ ସେଥିପାଇଁ ଝାନସୀ ରାଣୀ କହି ଡାକୁଥିଲେ।
ଏବେ କିନ୍ତୁ ଝାନସୀ ରାଣୀ ରୁ ମୀରା ବାଇ
ପାଲଟି ଗଲିଣି ।
ଜାଣ ଏଇ କେତେଦିନ ହେବ ମୋ ବାମ ଆଖି
ଉପର ପତା ଭାରି ଡେଉଁଛି,
ଅଶୁଭ, ଶୁଭ ହେବକି ଭାବି ଢେର୍ ଯାଚନା ପ୍ରଭୁଙ୍କୁ କରି ସାରିଲିଣି ।
କଲେଜ୍ ରୁ ନୀତି ଘରକୁ ଫେରିବା ବେଳେ
ରାସ୍ତାର ଦୁଇ ପାର୍ଶ୍ୱ ର ଯାତାୟାତ କରୁଥିବା ଭାରିଯାନ
ମୋ ମନରେ ଅଜଣା ଭୟ ସଂଚାର କରୁଛି ।
ତୁମେ ଘରକୁ ନ ଫେରିବା ପର୍ଯ୍ୟନ୍ତ
ଭାରି ଅସ୍ତବ୍ୟସ୍ତ ଲାଗୁଚି ।
ଏବେ କୁହ ମୁ ତୁମଠୁ କେତେ ଅଲଗା
ମୁଁ ତୁମଠୁ ଟିକିଏ ନୁହଁ ଢେର୍..... ଅଲଗା.....।

ଅଧ୍ୟାପିକା,
ସିମୁଳଆ ମହାବିଦ୍ୟାଳୟ,
ମାର୍କୋଣା, ବାଲେଶ୍ୱର
ମୋ: ୯୭୯୨୮୪୭୭୦

ISSN NO.
2582-208X

# ଆମ ଛୋଟବେଳର ବସ ସର୍ଭିସ



ବଜୟକେତନ ମହାନ୍ତ

ଛୋଟ ବେଳେ ସ୍କୁଲ ଛୁଟି ହେଲେ, ଗାଁ ଆଡେ ବୁଲି ଯିବାର ସୁଯୋଗ ମିଳୁଥିଲା । ସେତେବେଳେ ତ ଆଜି କାଲିକା ପରି ପ୍ରାଇଭେଟ ବସ ଚାଲୁ ନଥିଲା, ସମସ୍ତେ ସରକାରୀ ବସ ଉପରେ ନିର୍ଭର କରୁଥିଲେ । ଆମେ ଖରା ଛୁଟି ହେଉ ବା ଦଶହରା ଛୁଟିରେ ବାପାଙ୍କ ସହ ଗାଁଆଡେ ବୁଲି ଯାଉଥିଲୁ । ସେତେବେଳେ ଏହି ବସର ବଡ଼ ଡିମାଣ୍ଡ ଥିଲା । ଅଗ୍ରିମ ଟିକେଟ କରିବାକୁ ପଡେ, ନ ହେଲେ ସିଟ ମିଳିବନି । ସେକ୍ଟର –୨ ବସ ଷ୍ଟାଣ୍ଡରେ ବଡି ଭୋରୁ ଯାଇ ଲାଇନ ଲଗେଇବାକୁ ପଡେ । ରାଉରକେଲାରୁ କଟକ ପ୍ରାୟ ସେତେବେଳେ ୧୩/୧୪ ଘଣ୍ଟା ଲାଗୁଥିଲା । ଉପର ବେଳା ୪ଟାରେ ବାହାରିଲେ, ସକାଳ ୬ଟା ପ୍ରାୟ ହେଇଯାଏ ବାଦାମବାଡ଼ିରେ ପହଁଚିଲା ବେଳକୁ ।

ରାଉରକେଲାରୁ କଟକ ଯିବାର ଥିଲେ, ସମ୍ବଲପୁର ପଟେ, ନହେଲେ ଟେନ୍ସା ପଟେ ଯିବାକୁ ହେଉଥିଲା । ରାଉରକେଲାରୁ ଭାୟା ସମ୍ବଲପୁର ହୋଇ ଗଲେ ପ୍ରାୟ ୫୨୦କିମି ଏବଂ କେନ୍ଦୁଝର-ଟେନ୍ସା ଭାୟା ହୋଇ ଗଲେ ୪୮୦କିମି ପଡୁଥିଲା। ଟେନ୍ସା ପଟେ ଗଲେ ବାଟ କମ ପଡେ, କିନ୍ତୁ ଘାଟି ଯୋଗୁଁ ପ୍ରାୟ ସମସ୍ତେ ସମ୍ବଲପୁର ପଟେ ଯିବାକୁ ପସନ୍ଦ କରୁଥିଲେ । ରାତିରେ କଣ୍ଡକ୍ଟର ସମ୍ବଲପୁର ହେଉ ବା ଅନୁଗୁଳରେ ଖାଇବା ପାଇଁ ଗାଡି ଠିଆ କରନ୍ତି । ଯେଉଁ ହୋଟେଲରେ ସମସ୍ତେ ଖାଆନ୍ତି, ସେଠି ଡ୍ରାଇଭର, କଣ୍ଡକ୍ଟରଙ୍କୁ ମାଗଣାରେ ଖାଇବାକୁ ମିଳିଥାଏ । ଅନୁଗୁଳର "ନିଳ କମଲ" ହୋଟେଲ ପାଖରେ ଖାଇବା ପାଇଁ ପ୍ରାୟ ସବୁ ଗାଡି ଅଟକୁ ଥିଲା ।

ଅନୁଗୁଳ ବସ ଷ୍ଟାଣ୍ଡରେ ପେନ ଦୋକାନୀ ସବୁ ଷ୍ଟଲ ଲଗେଇ ଥାଆନ୍ତି । ଭଲ ଭଲ ଡିଜାଇନର ପେନ ମିଳୁଥିଲା । ପ୍ରାୟ ସମସ୍ତେ ହୋଟେଲରେ ଖାଇ ସାରିଲା ପରେ ସେଠୁ ପେନଟିଏ ନିଶ୍ଚୟ କିଣିଥାଆନ୍ତି । "ରାଉରକେଲା ଏକ୍ସପ୍ରେସ" ପେନ ସେତେବେଳେ ବହୁତ

ISSN NO.
2582-208X

ଚାଲୁଥିଲା ।

ଯଦି ସାଲେପୁର ଯାଏ ଡାଇରେକ୍ଟ ବସ ମିଳିଯାଏ, ଟିକେ ସୁବିଧା ହୁଏ । ନହେଲେ ବାଦାମବାଡ଼ିରେ ଓହ୍ଲେଇ ପୁଣି ସାଲେପୁର ହେଉ କି ପାରାଦ୍ୱୀପ ଲାଇନରେ ସୋମପୁର ଯାଏ ବସରେ ଆସିବାକୁ ପଡେ । ସାଲେପୁରରେ ଓହ୍ଲେଇଲେ, ବିକଳ କର ଦୋକାନରେ ରସଗୋଲା ଖାଇବାକୁ ମିଳେ । ସେତେବେଳେ ପଦ୍ମପତ୍ର ଠୋଲାରେ ରସଗୋଲା ମିଳୁଥିଲା । ସ୍ପେଶାଲ ରସଗୋଲାକୁ ମାଣ୍ଟୁ କହନ୍ତି । ସେଥିରୁ ଗୋଟାଏ ଖାଇ ଦେଲେ, ବସରେ ଆସିଥିବା ସବୁ ଥକା ମେଣ୍ଟି ଯାଏ ।

ସେତେବେଳେ ତ ଫୋନର ସୁବିଧା ନଥିଲା । ଚିଠି ଦ୍ୱାରା ଖବର ପାଇ, କିଏ ଗାଁରୁ ଆସିଥିବେ, ସେଠୁ ନେବା ପାଇଁ । ପୁଣି ସେଠୁ ସାଇକେଲରେ ବ୍ୟାଗ ସବୁ ଲୋଡ଼ କରି, ଗାଁରେ ଯାଇ ପହଞ୍ଚିବା କଥା । ନଈ ରେ ଡଙ୍ଗାରେ ବସି ପାରି ହେବାକୁ ପଡେ । ସେ ପୁଣି, ଜଣେ ଆଗରୁ ଯାଇ ଡଙ୍ଗା ଟିକୁ ରୋକି ଥିବ । ନହେଲେ ଡଙ୍ଗା ଯଦି ଛାଡ଼ି ଦେଲା, ପୁଣି ସେପଟୁ ଆସିବା ଯାଏଁ ଅପେକ୍ଷା କରିବାକୁପଡେ ।

କିଛି ବର୍ଷ ପରେ ପ୍ରାଇଭେଟ ବସ ସର୍ଭିସ ଆରମ୍ଭ ହେଇଥିଲା । ରସିକା ଟ୍ରାଭେଲସ ବୋଧେ ପ୍ରଥମେ ପୁସ ବ୍ୟାକ ସିଟ ବାଲା ବସ ଚଲେଇ ଥିଲା । ସେତେବେଳେକୁ ପ୍ରାୟ ଓଟିଡିସିର ସ୍ପେଶାଲ ବସ ସେବା ବି ଆରମ୍ଭ ହେଇ ଯାଇଥିଲା । ରଜ, ଦଶହରା ସମୟରେ ଭିଡ ରହେ । ବହୁତ ଲୋକଙ୍କର ଛିଡା ହେଇ କିମ୍ବା ଚୌକିରେ ବସି ଯିବାର ଅଭିଜ୍ଞତା ଥିବ । ଏ ସବୁ ବସ ଗୁଡିକରେ ବସିଲେ ନିଜକୁ ଭିଆଇପି ଭଳି ଲାଗେ । ଏବେ ପ୍ରାଇଭେଟ ବସ ସର୍ଭିସ ଭଲ ହେଇ ଯାଇଛି । ରାଉରକେଲାରୁ ରାତି ୧୦ ଟାରେ ଡ଼ିନର କରି ଯାଇ ବସିଲେ କଟକରେ ଭୋର ଚାରିଟାରେ ନେଇ ଗାଡି ଲଗେଇ ଦେଉଛନ୍ତି । ତା ସାଙ୍ଗକୁ ଟ୍ରେନ ସୁବିଧା ବି ଭଲ ହୋଇଗଲାଣି ।

ଜନକପୁରୀ, ଦିଲ୍ଲୀ
ମୋ: ୯୮୭୧୯୯୭୪୪୯
Email: mohantybijay65@gmail.com

ISSN NO.
2582-208X

# ମନର ଗୁମର କଥା



ଭସ୍କର ଚନ୍ଦ୍ର ଖଣ୍ଡା

ଦୂର ଆକାଶର ଜହ୍ନ ମାମୁଁ ପରି ସିଏ
ବୁଝାଇବା ଭଳି ଅଝଟ ଶିଶୁକୁ
ଖସି ପଡେନା ଯେମିତି ତା ହାତରେ
ସେଇ ସରଗ ଶଷି
ସାନ୍ତ୍ୱନା ଥାଏ କେବଳ ସ୍ନେହମୟୀ ମାଆର
କହି ହୁଏନା ମନ କଥାର ଗୁମର ସବୁ
ଯେପରି ଦେଖାଇ ହୁଏନି
ଅଜାଗା ଘାଆକୁ
କରିବାକୁ ପଡେ ଅମାନିଆ ମନକୁ ଶାନ୍ତ
ସବୁ କଥା କଣ କହି ହୁଏ ?
ଫିଟାଇ ହୁଏ କଣ ସବୁ ମନର ଗୁମର ? ।୧।

ସଂଘର୍ଷମୟ ଜୀବନର ଘାତ ପ୍ରତିଘାତ ଭିତରେ
କେତେ ଠୋକର ଆସେ
ବନ୍ୟା ପ୍ଲାବିତ ନଦୀର ଭଉଁରୀରେ
ଚାଲିଗଲେ ଥରୁଟିଏ ଘେରି ହୋଇ
ମୁକୁଳି ଆସିବା ସେଥିରୁ ଜୀବିତାବସ୍ଥାରେ
ହୋଇଥାଏ ସମ୍ଭବ କେବଳ ଈଶ୍ୱରଙ୍କ ଆଶୀର୍ବାଦରେ ।୨।

ତୁଠ ପଥରଟି
ସହିଛି କେତେ ଯନ୍ତ୍ରଣା

ISSN NO.
2582-208X

ଘଷିଛନ୍ତି ଗୋଡ ତା ଉପରେ
ଖାଇଛି ସିଏ କେତେ ଯେ ମାଡ
ଦିନ ପରେ ଦିନ ରଗଡିଛନ୍ତି ତାକୁ
ତଥାପି ମୂକ ବଧିର ପାଲଟି
ସହି ନେଇଛି ସବୁ ଦୁଃଖ କଷ୍ଟକୁ ।୩।

ଲାଗିତ ପାରିଛି ସିଏ କିଛି କାମରେ
ଚେଷ୍ଟା ବି କରିନି କେବେହେଲେ ବି
କରିବାକୁ ପ୍ରତିରୋଧ
ଖୋଲିବାକୁ ମୁହଁ ଥରୁଟିଏ ।୪।

ଦେଖ୍ ତାକୁ
ରଖିବାକୁ ପଡେ କିଛି କଥା
ମନ ଭିତରେ ସବୁଦିନ ପାଇଁ
ହେ! ଏଇ ଦୁନିଆର ସଭ୍ୟ ମଣିଷ
କରନା ବ୍ୟଥିତ ସେଇ ମନକୁ
ହେବ ଯେଉଁ ଗୁମର ଅନର୍ଥକାରୀ
ଫିଟାଅ ନା ତାକୁ
ହେଉ ଦୃଢୀଭୂତ
ରହି ଯାଉ ଚିର ଦିନ ପାଇଁ ଗୁମର ହୋଇ
ଚୁଲ୍ଲି ତଳର ଅଂଗାର ପରି
ଦିଅ ତାକୁ ଲିଭି ଯିବାକୁ
ସମୟର ସ୍ରୋତରେ
ସେଇ ମନର ଗୁମର କଥା ।୫।

ଫ୍ଲାଟ୍ ନଂ ବି/୩୦୧, ଗୌରିଶଙ୍କର ରେସିଡେନ୍ସି
କେଶୁରା, ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ମୋ ପାଇଁ ତୁ



ଦୀପାଳି ଦାସ

ଯାହାକୁ ମୁଁ ଉଲ୍କା ଖଣ୍ଡେ ଭାବି
ପଲକଟା ଧୀରେ ମୁଦି ଦେଇଥିଲି...
କିଛି ଗୋଟେ ମାଗିନେବି ଅବଶ୍ୟ
ତା'ଠାରୁ ବୋଲି...
ଜାଣିଛୁ ନା -!!
କେମିତି ଯେ ସେ ମାଗିନେଲା...
ମୋତେ, ମୋ ଠାରୁ ଛଡେଇ ଦେଲା-
ଜମାରୁ ଆଭାସ ଟିକେ ପାଇ ପାରିଲିନି...,

ଏବେ ତ ସେ ମିଳେଇ ଯାଇଛି
ପବନରେ ଏମିତି ହୋଇ -
ଖେଳେଇ ଯାଇଛି ଚାରିଆଡେ ...
ପ୍ରତିଟି ଆଘ୍ରାଣରେ ଆସିଯାଏ ସେ
ମୋ ଭିତରକୁ -ଆଉ....
ରାତ୍ରିର ଅନ୍ଧକାରରେ ଘରମୁହାଁ ହୋଇ
ମହକେଇ ଦେଇ ଯାଏ ସବୁ
ଚେତେଇ ଦିଏ ମୋତେ -
ପୁଣି ଦେଖେଇ ଦେଇ ଯାଏ ବାଟ ...
ସେ ଦୂର ଆକାଶ ଆଡ଼କୁ ହାତ ଠାରି

ISSN NO.
2582-208X

ସେଇଟା ମୋ ଜାଗା ବୋଲି --
ସେ ତାରା ମାନଙ୍କ ଗହଣରେ
ଚାନ୍ଦଟିଏ ଯେମିତି ଏକକ ଆଉ ଅନନ୍ୟ
ହୋଇ ରହିବାକୁ ମତେଇ ଦେଇଯାଏ...
ଯାହାକୁ କି ମୁଁ ପାଶୋରି ଯାଉଛି
ଥରକୁ ଥର -ସରିଗଲେ ରାତି...

ପୁଣି ଆସେ ସେ ତା' ଆଉ ଦିନକୁ
ଗଙ୍ଗଶିଉଳିର ବାସ୍ନା ହୋଇ;
ଦିନ ଯେତେବେଳେ ଝାଉଁଳି ଥାଏ -
ମୋତେ ସତେଜ କରେଇ ଯିବାକୁ..
ଆଉ ମୁକୁଳେଇ ନେବାକୁ ମୋ
ପାଉଁଶିଆ ରାତି...।

-----------oooo----------

ଏନ୍. ଆର୍. ଆଇ. କମ୍ପ୍ଲେକ୍ସ,
ନାଭି ମୁମ୍ବାଇ, ମହାରାଷ୍ଟ୍ର
ମୋ -୭୦୪୪୨୦୭୩୫୭/୯୧୩୭୪୨୪୭୫୫

ISSN NO.
2582-208X

# ଯୁଗାନ୍ତକାରୀ ସ୍ରଷ୍ଟା – ନାଟ୍ୟକାର ଅଶ୍ୱିନୀ କୁମାର ଘୋଷ



ସୁଷମା ପାଢୀ

ଆଧୁନିକ ଓଡିଆ ନାଟ୍ୟ ସାହିତ୍ୟର ଏକ ଉଜ୍ଜ୍ୱଳତମ ନକ୍ଷତ୍ର ହେଉଛନ୍ତି ଅଶ୍ୱିନୀକୁମାର ଘୋଷ । ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକ ଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ସେ ନାଟକ ଲେଖିଛନ୍ତି । ସେ କେତେବେଳେ ନାଟକ ଲେଖିଛନ୍ତି, ତ କେତେବେଳେ ମଞ୍ଚ ପରିଚାଳନାର ଦାୟିତ୍ୱ ଗ୍ରହଣ କରିଛନ୍ତି । ନିଜର ବ୍ୟକ୍ତିଗତ ସୁଖ, ସ୍ୱାଚ୍ଛନ୍ଦ ପରିବର୍ତ୍ତେ ଓଡିଆ ନାଟକକୁ ଏକ ନୂତନ ଜୀବନ ଦେଇଥିଲେ । ଏହି ଯୁଗଜନ୍ମା ନାଟ୍ୟକାର ଜନ୍ମ ହୋଇଥିଲେ ୧୮୯୨ ମସିହାରେ । ବାଲ୍ୟ କାଳରୁ ଜ୍ୟେଷ୍ଠ ଗୌରୀଶଙ୍କର ତଥା କନିଷ୍ଠ ରାମଶଙ୍କରଙ୍କର ସାନ୍ନିଧ୍ୟ ଲାଭ କରିଥିଲେ ସେ ଏବଂ ରାମଶଙ୍କରଙ୍କର ପ୍ରଭାବରୁ ସେ ନାଟକ ଜଗତ ସହିତ ଯୋଡ଼ି ହୋଇଯାଇଥିଲେ । ନାଟ୍ୟକାରଙ୍କର ପ୍ରଥମ ନାଟକ 'ଭୀଷ୍ମ' ୧୯୧୫ ମସିହାରେ ରେଭେନ୍ସା କଲେଜର ଛାତ୍ରମାନଙ୍କ ଦ୍ୱାରା ପ୍ରଥମ ଥର ପାଇଁ ଅଭିନୀତ ହୋଇଥିଲେ ହେଁ ଅନ୍ତତଃ, ଏହାର ଦୁଇ ତିନି ବର୍ଷ ପୂର୍ବରୁ ରଚିତ ହୋଇଯାଇଥିଲା । ଭୀଷ୍ମ ନାଟକ ରଚନା କରିବା ସମୟରେ ତାଙ୍କୁ ମାତ୍ର କୋଡ଼ିଏ ବର୍ଷ ବୟସ ହୋଇଥିଲା । ଏହାପରେ ୧୯୬୨ ମସିହା ବେଳକୁ ସେ ଏକଚାଳିଶ ଖଣ୍ଡ ନାଟକ ରଚନା କରିଥିଲେ । ନାଟକ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ । ତେଣୁ 'ଉତ୍କଳ ସାହିତ୍ୟ ସମାଜ' ତରଫରୁ 'ନାଟ୍ୟ ରତ୍ନାକର' ପଦ, କଲିକତା ପ୍ରବାସୀ ଓଡିଆ ମାନଙ୍କ ତରଫରୁ 'ନାଟ୍ୟ ଭାରତୀ' ପଦ, ବ୍ରହ୍ମପୁରର ନାଟ୍ୟ ମୋଦୀ ଜନତାଙ୍କ ତରଫରୁ 'ନାଟ୍ୟ ସମ୍ରାଟ' ପଦ ଏବଂ ମଞ୍ଜୁଶ୍ରୀ ଉପାଧିମାନ ପ୍ରଦାନ କରାଯାଇଥିଲା । ଏହା ବ୍ୟତୀତ ୧୯୬୦ ମସିହାରେ ସମ୍ବଲପୁର ଗଙ୍ଗାଧର ମେହେର କଲେଜର ଛାତ୍ରମାନେ ଏବଂ ୧୯୬୧ ମସିହାରେ ଓଡିଆ ସାହିତ୍ୟ ଏକାଡ଼େମୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ ।

ISSN NO.
2582-208X

ତାଙ୍କର ପ୍ରଥମ ପୌରାଣିକ ନାଟକ 'ଭୀଷ୍ମ' । ଏହି ନାଟକଟି ତାଙ୍କୁ ସମଗ୍ର ଓଡ଼ିଶାରେ ପ୍ରତିଷ୍ଠିତ କରାଇଥିଲା । ଭୀଷ୍ମ ନାଟକ ରଚନା କଲାବେଳେ ନାଟ୍ୟକାରଙ୍କ ଚିନ୍ତାଧାରା ଥିଲା ଯେ ଦର୍ଶକମାନେ ବିଭିନ୍ନ ପ୍ରକାର ନାଟକ ଦେଖିଆସୁଛନ୍ତି ତେଣୁ ସେ ଭୀଷ୍ମର ମଞ୍ଚାୟନ କଲେ । ଯାଦ୍ୱାରା କି ଦର୍ଶକମାନେ ଭିନ୍ନ ନାଟକଟିଏ ଦେଖିପାରିବେ । ପୂର୍ବର ନାଟକ ତୁଳନାରେ ଅନ୍ତତଃ 'ଭୀଷ୍ମ'ର ମଞ୍ଚସ୍ଥ ଦର୍ଶକମାନଙ୍କୁ ଆଶ୍ୱସ୍ତ ହୋଇଥିଲା । ଅଶ୍ୱିନୀ କୁମାର ମଧ୍ୟ ଏହି ନାଟକଟି ପରେ ଓଡିଆ ଦର୍ଶକମାନଙ୍କ ହୃଦୟକୁ ଜୟ କରିଥିଲେ । ଭୀଷ୍ମ ପରେ ତାଙ୍କର ଅନ୍ୟ ନାଟକ ଗୁଡିକ ହେଲା 'ସାବିତ୍ରୀ' (୧୯୧୭), 'ସେଓଜୀ' (୧୯୧୮), 'କଳାପାହାଡ' (୧୯୨୦), 'ଗୋବିନ୍ଦ ବିଦ୍ୟାଧର' (୧୯୨୨), 'ସମଲେଶ୍ୱରୀ' (୧୯୨୫), 'ଉତ୍କଳ ଗୌରବ' (୧୯୨୭), 'କୋଣାର୍କ' (୧୯୨୭), 'କେଶରୀ ଗଙ୍ଗ' (୧୯୨୭), 'ସାଲବେଗ' (୧୯୩୩), 'ଦାସୀଆ ବାଉରୀ' (୧୯୩୩), 'ତ୍ୟାଗୀ ରାମଦାସ' (୧୯୩୩), 'ଶ୍ରୀମନ୍ଦିର' (୧୯୩୪), 'ଓଡିଆ ଝିଅ' (୧୯୩୫), 'ରଘୁ ଅରକ୍ଷିତ" (୧୯୩୭), 'ବନ୍ଧୁ ମହାନ୍ତି' (୧୯୪୪) ଇତ୍ୟାଦି ।

ଅଶ୍ୱିନୀକୁମାରଙ୍କ ଅନ୍ୟ ଏକ ନାଟକ ହେଲା 'ସାବିତ୍ରୀ' । ଏହି ନାଟକଟିରେ ସାବିତ୍ରୀ ସତ୍ୟବାନ ସମ୍ପର୍କିତ ମହାଭାରତୀୟ କାହାଣୀ ଏଠାରେ ନିଷ୍ଠା ଓ ଏକାଗ୍ରତାର ଗୁରୁତ୍ୱ ପ୍ରମାଣ କରିବା ପାଇଁ ନାଟକାକାରରେ ପରିବେଶିତ କରିଛନ୍ତି । ମହାଭାରତରୁ ସବିତ୍ରୀଙ୍କର ଜନ୍ମ, ସତ୍ୟବାନ ସହିତ ତାଙ୍କର ପରିଣୟ ତଥା ଶେଷରେ ମୃତ୍ୟୁପତି ଯମଙ୍କ ହାତରୁ ସତ୍ୟବାନଙ୍କର ଉଦ୍ଧାର ପ୍ରଭୃତି ଘଟଣାକୁ ନେଇ ନାଟ୍ୟକାର ଏହି କାହାଣୀଟିରେ ଅବତାରଣ କରିଛନ୍ତି । ଏଠି ଦର୍ଶକଙ୍କ ଦ୍ୱନ୍ଦ୍ୱ ଦୂର କରିବା ପାଇଁ ଦୁଇଟି ଖଳ ଚରିତ୍ର ନେଇଛନ୍ତି । ଅଶ୍ୱପତିଙ୍କର କନିଷ୍ଠ ଭ୍ରାତା ଗଜପତି ଏବଂ ମାଳବ ସେନାପତି ଦୁର୍ଦ୍ଦାନ୍ତ ସିଂ । ଏହି ଚରିତ୍ର ଦୁଇଟି ନାଟକର ଗତି ସୃଷ୍ଟି କରିବା ନିମନ୍ତେ ଉଦ୍ଦିଷ୍ଟ । ନାଟକର ପ୍ରଥମ ଅଙ୍କରେ ସାବିତ୍ରୀଙ୍କର ଜନ୍ମରେ ଶାସ୍ତ୍ରର ପ୍ରତିଷ୍ଠା, ଦ୍ୱିତୀୟ ଅଙ୍କରେ ସାବିତ୍ରୀଙ୍କ ସହ ସତ୍ୟବାନଙ୍କର ସାକ୍ଷାତରେ ଦ୍ୱନ୍ଦ୍ୱର ଅବତାରଣ କରାଯାଇଛି । ତୃତୀୟ ଅଙ୍କରେ ଏହାର ପରିବ୍ୟାପ୍ତ ହୋଇଛି ।

'ସାଲବେଗ' ଅଶ୍ୱିନୀକୁମାରଙ୍କ ଅନ୍ୟ ଏକ ନାଟକ । ଏହି ନାଟକଟି 'ଦାର୍ଢ୍ୟତାଭକ୍ତି'କୁ ନେଇରଚିତ ଏକ ଅତି ଲୋକପ୍ରିୟ ଗ୍ରନ୍ଥ ଅଟେ । ଏହାର ବିଭିନ୍ନ ଭାଗ ଆତ୍ମବାଦୀ ଓଡିଆର ଅତି ଆଦରର ବସ୍ତୁ । ଅଶ୍ୱିନୀକୁମାର ଯେଉଁ 'ଦାର୍ଢ୍ୟତାଭକ୍ତି'ରୁ ଉପାଦାନ ସଂଗ୍ରହ

ISSN NO.
2582-208X

କରି ପାଞ୍ଚଖଣ୍ଡି ରଚନା କରିଥିଲେ । ସେଥିରୁ 'ସାଲବେଗ' ପ୍ରଥମ ଅଟେ । ଜଗନ୍ନାଥଙ୍କର ଏକନିଷ୍ଠ ଭକ୍ତ ଯବନ ପୁତ୍ର ସାଲବେଗଙ୍କର ମାତା ଥିଲେ ହିନ୍ଦୁ ନାରୀ । ତାଙ୍କର ପ୍ରଭାବ ସାଲବେଗକୁ ଭକ୍ତରେ ପରିଣତ କରିଥିଲା ।

ଅଶ୍ୱିନୀକୁମାରଙ୍କ ଅନ୍ୟ ଏକ ନାଟକ ହେଲା 'ଦାସୀଆବାଉରୀ' । ଯେଉଁଥିରେ ଦାର୍ଢ୍ୟତାଭକ୍ତି ପରମ୍ପରାର ଏହା ହେଉଛି ଦ୍ୱିତୀୟ ନାଟକ । ହରିଜନ ଦାସୀଆବାଉରୀର ଜଗନ୍ନାଥ ଭକ୍ତ ଏଥିରେ ବର୍ଣ୍ଣିତ ହୋଇଛି । ନାଟକଟି ଆଧ୍ୟାତ୍ମିକତାର ପ୍ରଚାର ନିମନ୍ତେ ଯାତ୍ରାର ଆଙ୍ଗିକରେ ରଚିତ ଭକ୍ତ ସହିତ ଭାବପ୍ରବଣତା ନିବିଡ଼ ସମ୍ପର୍କ ଥିବାରୁ ଚାରିତ୍ରିକ ଆଚରଣରେ ଏହାର ପ୍ରାବଲ୍ୟ ଦେଖିବାକୁ ମିଳିଥାଏ । ଏହି ନାଟକଟି ବହୁଦିନ ଧରି ଅଭିନୀତ ହୋଇଥିଲା । ଦାସୀଆବାଉରୀ ନାଟକ ମଞ୍ଚରେ ବହୁ ଦର୍ଶକଙ୍କର ପ୍ରଶଂସା ମିଳିବାରୁ ସେ 'ତ୍ୟାଗୀ ରାମଦାସ' ତୃତୀୟବାର 'ଦାର୍ଢ୍ୟତାଭକ୍ତି'ରୁ ରାମଦାସର ଆଖ୍ୟାୟିକାଟି ନେଇ ନାଟ୍ୟକାର ଏହି ନାଟକଟି ରଚନା କରିଥିଲେ ।

'ରଘୁ ଅରକ୍ଷିତ' ଅଶ୍ୱିନୀକୁମାରଙ୍କ ଅନ୍ୟ ଏକ ନାଟକ । ଏହି ନାଟକଟି ହେଉଛି ଦାର୍ଢ୍ୟତାଭକ୍ତିର ଚତୁର୍ଥ ନାଟକ । ନାଟକଟି ପ୍ରାୟତଃ ପୂର୍ବ ନାଟକ ଭଳି କିଛି ସଂଳାପ, ଦାର୍ଢ୍ୟତାଭକ୍ତିର କିଛି ଉଦ୍ଧୃତ ମଧ୍ୟ ଦେଇ ବିଷୟବସ୍ତୁର ଯେଉଁ ଅଗ୍ରଗତିର ସୂଚିତ କରିଛି, ତାହା ନାଟକଟିକୁ ଦୁର୍ବଳ କରିପକାଇଛି ।

ଅଶ୍ୱିନୀକୁମାରଙ୍କ 'ସେଓଜୀ' ନାଟକ ହେଉଛି ଏକ ଐତିହାସିକ ଆଧାରିତ ନାଟକ । ଏହି ନାଟକଟି ସେ ୭ ଦିନରେ ସଂପୂର୍ଣ୍ଣ କରି ଅପୂର୍ବ ସାଫଲ୍ୟ ଲାଭ କରିଥିଲା । ସେତେବେଳେ ଐତିହାସିକ ନାଟକ ରଚନା କରିବା କ୍ଷେତ୍ରରେ ଯେଉଁ ପ୍ରବଣତା ସମଗ୍ର ଭାରତ ବର୍ଷରେ ଦେଖିବାକୁ ମିଳିଥିଲା ତାହା ମଧ୍ୟରୁ ଅଶ୍ୱିନୀକୁମାରଙ୍କ 'ସେଓଜୀ' ନାଟକ ଅନ୍ୟତମଥିଲା । ଏହାର କଥାବସ୍ତୁରେ ଜାତୀୟତାର ଯେଉଁ ସ୍ୱର - ଝଙ୍କାର ସୃଷ୍ଟି ହୋଇଛି, ଗୋଟିଏ କଥାରେ ତାହା ଅପୂର୍ବ । ଜନ୍ମଭୂମିରେ ଉଦ୍ଧାର ନିମନ୍ତେ ସେଓଜୀ ଏବଂ ସୈତରାମ ଭ୍ରାତା ଦ୍ୱୟଙ୍କର ଜୀବନ ସଂଗ୍ରାମର ନାଟ୍ୟରୂପ ହିଁ ଏହି 'ସେଓଜୀ' ନାଟକ । କନୌଜ ରାଜକୁମାରଦ୍ୱୟଙ୍କ ଜୀବନ ସଂଗ୍ରାମ ପଛରେ ଜଣେ ପ୍ରଭୁଭକ୍ତ ଭୃତ୍ୟ ଶିବରାମର ପ୍ରାଣଶକ୍ତି ପ୍ରସାରିତ ହୋଇଛି । ପ୍ରତ୍ୟେକ ଆପଦ ବିପଦରୁ ରାଜକୁମାରମାନଙ୍କୁ ରକ୍ଷା କରିବା ନିମନ୍ତେ ଉନ୍ମୁଖ ହୋଇରହିଛି । କନୌଜର ଦୁଇ ନିର୍ବାସିତ ରାଜପୁତ୍ର ସେଓଜୀ ଓ ସୈତୁରାମ, ଆଶ୍ରୟ ପ୍ରାର୍ଥୀ ଭାବରେ ରାଜପୁତାନାର ଦୁର୍ଗାଧିପତିମାନଙ୍କର ଦ୍ୱାରେ ଦ୍ୱାରେ ବୁଲୁଥିବା

ISSN NO.
2582-208X

ସମୟରେ କୂଟମଣ୍ଡଳର ସେନାପତି ଦୁର୍ଜ୍ଜୟ ସିଂହଙ୍କ ସହିତ ସେମାନଙ୍କର ଯୁଦ୍ଧ ହୁଏ । ଦୁର୍ଜ୍ଜୟ ସିଂହ ପ୍ରଭୁକନ୍ୟା ଚଞ୍ଚଳାକୁ କରଗତ କରିବାକୁ ପ୍ରଯତ୍ନ କରୁଥିବା ସମୟରେ ସେଓଜୀ ସେଥିରେ ବାଧା ଦେଇଥିବାରୁ ହିଁ ଏହି ଯୁଦ୍ଧ ଆରମ୍ଭ ହୋଇଥିଲା । ଚଞ୍ଚଳାର ପ୍ରରୋଚନାରେ ଏକ ପାର୍ବତୀ ସର୍ଦ୍ଦାର ଲାଖା କୂଟମଣ୍ଡଳ ଆକ୍ରମଣ କରି ସୈତୁରାମକୁ ବନ୍ଦୀ କରିନେଇଥିଲା । ଦୁର୍ଜ୍ଜୟ ସିଂହ ସୈନ୍ୟବାହିନୀକୁ ଉତ୍ତେଜିତ କରାଇ ରାଜ୍ୟରେ ଅନ୍ତର୍ବିପ୍ଳବ ସୃଷ୍ଟି କରିବାକୁ ଯାଇ ସେଥିରେ ବିଫଳ ହୋଇ ବନ୍ଦୀ ହୁଏ ଓ ଚଞ୍ଚଳା ସେଥିରୁ ତାକୁ ମୁକ୍ତି ଦିଏ । ଅବଶେଷରେ ଦୁଇ ଭାଇଙ୍କର ମିଳନ ହୁଏ ଏବଂ ଚଞ୍ଚଳା ସହିତ ସେଓଜୀ ଏବଂ ସୈତୁରାମ ସହିତ ଦଳପତି କନ୍ୟା ମୀରାର ପରିଣୟ ହୋଇଥାଏ । ସେଓଜୀ ନିଜର ପିତୃରାଜ୍ୟ ଫେରିଯାଏ । ନାଟକଟିର କଥାବସ୍ତୁରେ ଯୁଦ୍ଧ, ଚକ୍ରାନ୍ତ, ପ୍ରେମ, ବୀରତ୍ୱ ଏବଂ ବାତ୍ସଲ୍ୟ ଓ ରୋମାଞ୍ଚକର ଘଟଣାର ଅବତାରଣା କରାଯାଇଛି । ଦୁର୍ଜ୍ଜୟ ସିଂହର ପ୍ରତିହିଂସା ପରାୟଣତା, ସେଓଜୀ ସୈତୁରାମର ବୀରତ୍ୱ, ଶିବରାମର ବାତ୍ସଲ୍ୟ ତଥା ପ୍ରଭୁଭକ୍ତି, ଚଞ୍ଚଳାର କ୍ଷମା ସ୍ନିଗ୍ଧତା, ସୋଲାକିଙ୍କର ଦୁର୍ବଳତା ତଥା ବୀରତ୍ୱ, ସମସ୍ତ ଗୋଟିଏ ନାଟକୀୟ ବୃତ୍ତ ଗର୍ଭିତ ହୋଇ ନାଟକଟିକୁ କଳାତ୍ମକ ସୌନ୍ଦର୍ଯ୍ୟରେ ଭୂଷିତ କରିଛି । ବଳିଷ୍ଠ କଥାବସ୍ତୁ ହିଁ ନାଟକଟିକୁ ସଫଳତାର ପାହାଚରେ ପହଞ୍ଚାଇଛି ।

ଅଶ୍ୱିନୀ କୁମାରଙ୍କ ଅନ୍ୟ ଏକ ନାଟକ 'କଳାପାହାଡ' । ଏହା ହେଉଛି ତାଙ୍କର ଦ୍ୱିତୀୟ ଐତିହାସିକ ନାଟକ । ଇତିହାସରେ କଳାପାହାଡର ଯେଉଁ କ୍ରୂର, ନିର୍ମମ ରୂପ ସହିତ ଆମେ ପରିଚିତ ତା' ବଦଳରେ ନାଟ୍ୟକାର ଏକ ଦ୍ୱନ୍ଦ୍ୱ ସଂଘର୍ଷ ମୁଖର ସାଧାରଣ ମାନବଜୀବନର ଚିତ୍ର ହିଁ କଳାପାହାଡ ମାଧ୍ୟମରେ ଫୁଟାଇଛନ୍ତି । ହିନ୍ଦୁହେବା ନିମନ୍ତେ କଳାପାହାଡର ବ୍ୟାକୁଳ ଆବେଦନ ମୁକ୍ତିମଣ୍ଡପ ସଭ୍ୟଦ୍ୱାରା ପ୍ରତ୍ୟାଖ୍ୟାତ ହେବାପରେ ତାହାର ପ୍ରତିହିଂସା ପରାୟଣତା ମୁକୁନ୍ଦ ଦେବଙ୍କର ବୀରତ୍ୱ, ରାମଚନ୍ଦ୍ର ଭଞ୍ଜଙ୍କର ପ୍ରତାରଣାରେ ମୁକୁନ୍ଦ ଦେବଙ୍କର ମୃତ୍ୟୁ– ଏହାହିଁ 'କଳାପାହାଡ' ନାଟକର କଥାବସ୍ତୁ । କଳାପାହାଡ ନାଟକଟି ଦୁଇଟି ଦିଗକୁ ନେଇ ହେଇଛି । ପ୍ରଥମଟି କଳାପାହାଡର ହିନ୍ଦୁ ଧର୍ମକୁ ଫେରି ଆସିବା ନିମନ୍ତେ ବ୍ୟାକୁଳତା ତଥା ପ୍ରତ୍ୟାଖ୍ୟାତ ହୋଇ ପ୍ରତିଶୋଧର ଅଚଳ ପ୍ରତିଜ୍ଞାବଦ୍ଧ । ଦ୍ୱିତୀୟଟି ହେଉଛି ମୁକୁନ୍ଦ ଦେବଙ୍କର ସ୍ୱଦେଶପ୍ରୀତି, ବନ୍ଧୁବତ୍ସଳତା ତଥା ବୀରତ୍ୱ । ଉଭୟ ଘଟଣାର ଯୋଗସୂତ୍ର ଏହି ନାଟକଟି ନାଟକର ନାୟକ ସ୍ୱୟଂ କଳାପାହାଡ ହେଉଚି ମୁଖ୍ୟ ଚରିତ୍ର । ଗୃହ ଜଞ୍ଜାଳରୁ ବଞ୍ଚିତ ଧର୍ମ ପରିବର୍ତ୍ତନ ନିମନ୍ତେ ବ୍ୟାକୁଳିତ ଅଶାନ୍ତରେ ପରିପୂର୍ଣ୍ଣ ଏହି ଚରିତ୍ର ଦର୍ଶକ ମନରେ ଯେତିକି କରୁଣା ସୃଷ୍ଟି

ISSN NO.
2582-208X

କରିଥାଏ, ଓଡିଆ ସଂସ୍କୃତିରେ ଧ୍ୱଂସକାମୀ ତାହାର ପ୍ରତିହିଂସାପରାୟଣ ରୁଦ୍ରମୂର୍ତ୍ତି ଠିକ୍ ସେତିକି ତ୍ରାସ ମଧ୍ୟ ସଂଚାର କରିଥାଏ । ଇତିହାସର କଳାପାହାଡଟି ହେଉଛି କେବଳ ରୁଦ୍ରା ଧ୍ୱଂସ ନିମନ୍ତେ ତା'ର ସୃଷ୍ଟି । ମାତ୍ର ନାଟକର କଳାପାହାଡ ଏକାଧାରାରେ ରୁଦ୍ର ତଥା ସୁନ୍ଦର । ମାନବିକତା ହିଁ ତାହାଠାରେ ସୌନ୍ଦର୍ଯ୍ୟ ସୃଷ୍ଟି କରିଛି ।

କଳାପାହାଡର ଦୁଇଟି ସ୍ତ୍ରୀ । ପ୍ରଥମଟି ତିଳୋତ୍ତମା ଓ ଦ୍ୱିତୀୟଟି ଦୁଲିଆ । ଗୋଟିଏ ପ୍ରଭାତୀ ତାରା ତୁଲ୍ୟ ସ୍ନିଗ୍ଧ, ନୟନପ୍ରୀତିକର କିନ୍ତୁ ଆସନ୍ନ ପ୍ରଭାତର ଆଶଙ୍କାରେ କିଭଳି ମ୍ଳାନ । ଅପରଟି ସନ୍ଧ୍ୟା ତାରା ଭଳି ଶାନ୍ତ, ଦୀପ୍ତ ଏବଂ ସ୍ଥିର ଆଲୋକରେ ଅପରକୁ ଆଲୋକିତ କରିବା ନିମନ୍ତେ ପ୍ରତିଜ୍ଞାବଦ୍ଧ । ଗୋଟିଏ ବୁଦ୍ଧି ଏବଂ ଅପରଟି କର୍ମ । ସମଉଦ୍ଦେଶ୍ୟର ଗୋଟିଏ ବିନ୍ଦୁରେ ମିଳନ ହୋଇଛି । ଉଦ୍ଦେଶ୍ୟଟି ହେଉଛି କଳାପାହାଡକୁ ସତ୍ ପଥରେ ପରିଚାଳନା କରି ତାହାର ଯଥାର୍ଥ ମଙ୍ଗଳ ସାଧନ କରିବା । ଜୀବନଦାନରେ ଏ ଦୁଇଟି ନାରୀ ସେମାନଙ୍କର ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିଛନ୍ତି । କଳାପାହାଡ ନିଜର କୃତକର୍ମ ନିମନ୍ତେ ଅନୁତପ୍ତ ହୋଇଛି । ମାତ୍ର ସେତେବେଳକୁ ଉଭୟ ତିଳୋତ୍ତମା ଓ ଦୁଲିଆଙ୍କର ମୃତ୍ୟୁ ହୋଇସାରିଥିଲା । ଏହାହିଁ ହେଉଛି 'କଳାପାହାଡ' ନାଟକର ଟ୍ରାଜିକ୍ ପରିଣତି ।

ଇତିହାସର 'ଗୋବିନ୍ଦ ବିଦ୍ୟାଧର' ତଥା ନାଟକର 'ଗୋବିନ୍ଦ ବିଦ୍ୟାଧର' ଏକ ଏବଂ ଅଭିନ୍ନ ବ୍ୟକ୍ତି ନୁହଁନ୍ତି । ଇତିହାସରୁ ଯାହା ପ୍ରମାଣ ମିଳିଛି ୧୫୦୯ ଖ୍ରୀଷ୍ଟାବ୍ଦରେ ଯେତେବେଳେ ବଙ୍ଗର ସୁଲତାନ ଗଜପତିଙ୍କ ଦୁର୍ବଳତାର ସୁଯୋଗ ନେଇ ଓଡ଼ିଶା ଆକ୍ରମଣ କରିଥିଲେ, ସେତେବେଳେ ଗୋବିନ୍ଦ ଗଜପତି ପକ୍ଷ ତ୍ୟାଗକରି ବଙ୍ଗ ନବାବଙ୍କ ପକ୍ଷରେ ଯୋଗ ଦେଇଥିଲେ। ତଥାପି ଗଜପତି ତାଙ୍କୁ କ୍ଷମା ଦେଇ ପୂର୍ବ ପଦରେ ରଖିଥିଲେ । ଗୋବିନ୍ଦ ଏହି ପ୍ରତ୍ୟୟର ଅପୂର୍ବ ପରିଚୟ ଦେଇଥିଲେ । ପ୍ରତାପରୁଦ୍ରଙ୍କ ମୃତ୍ୟୁ ପରେ ଷୋହଳ ଜଣ ରାଜକୁମାରଙ୍କୁ ନିଷ୍ଠୁର ଭାବେ ହତ୍ୟା କରି, ତା'ପରେ ସେ ଓଡ଼ିଶାର ସିଂହାସନ ମାତ୍ର ବର୍ଷକ ପାଇଁ ଅଧିକାର କରି ବସିଥିଲେ । । ମାଦଳାପାଞ୍ଜିଠାରୁ ଆରମ୍ଭ କରି ଓଡ଼ିଶା ଇତିହାସର ସମସ୍ତ ଗ୍ରନ୍ଥରେ ଗୋବିନ୍ଦଙ୍କର ଏହି ବିଶ୍ୱାସଘାତକତାର ବିବରଣୀ ବିସ୍ତୃତ ଭାବରେ ପ୍ରଦାନ କରାଯାଇଥିବା ସ୍ଥଳେ ନାଟ୍ୟକାର ତାଙ୍କୁ ଏକ ମହାନ୍ ଆଦର୍ଶବାଦୀ ପ୍ରଭୁଭକ୍ତ ନେତା ରୂପରେ ପ୍ରତିଷ୍ଠା କରିଛନ୍ତି । ମୁକୁନ୍ଦଦେବଙ୍କ ସମ୍ପର୍କରେ ସୁଦ୍ଧା ଏହିଭଳି ବିଶ୍ୱାସଘାତକତାର ବିବରଣୀ ଇତିହାସରେ ଲିପିବଦ୍ଧ ହୋଇ ରହିଛି । ମାତ୍ର ଓଡ଼ିଶାର

ISSN NO.
2582-208X

ସ୍ୱାଧିନତା ରକ୍ଷାରେ ତାଙ୍କର ଅବଦାନକୁ ବିଚାରକୁ ନେଇ ତାଙ୍କର କଳଙ୍କକୁ ଏତେ ଦୃଢ ଭାବରେ ବିଚାରକୁ ନିଆହୁଏ ନାହିଁ । ଗୋବିନ୍ଦଙ୍କ କ୍ଷେତ୍ରରେ ସେତକ ସୁଦ୍ଧା ନଥିବାରୁ କେବଳ ମାତ୍ର ଅନୁମାନ ଭିତ୍ତିରେ ଇତିହାସର ବିରୁଦ୍ଧାଚରଣ କରିବାକୁ ନାଟ୍ୟକାରଙ୍କର ସ୍ୱାଧୀନତାର ଅପବ୍ୟବହାର ବୋଲି କୁହାଯାଇପାରେ । ନାଟକଟିରେ ମୁଖ୍ୟତଃ ଆଦର୍ଶର କଥା ହିଁ କୁହାଯାଇଛି । ତେଣୁ ଏହା ବାସ୍ତବ ଜୀବନଠାରୁ କିଛିଟା ଦୂରେଇ ଯାଇଛି । ଦୋଷ ଗୁଣର ସମନ୍ୱୟରେ ଜୀବନର ଯେଉଁ ପୂର୍ଣ୍ଣତା ସେ ଜୀବନ ଏଠାରେ ଅନୁପସ୍ଥିତ । ବରଂ ମୂଳ ଚରିତ୍ର 'ଗୋବିନ୍ଦ ବିଦ୍ୟାଧର'ର ରୂପାୟନରେ ସଂସ୍କୃତ ନାଟକର 'Positive Good man' ଧରଣର ଚରିତ୍ରକୁ ଆଦର୍ଶ ରୂପରେ ଗ୍ରହଣ କରାଯାଇଥିବାରୁ ବାସ୍ତବତା ଏଠାରେ ପୂର୍ଣ୍ଣତଃ ଉପେକ୍ଷିତ ହୋଇଛି ।

ଗୋବିନ୍ଦ ବିଦ୍ୟାଧର ଜଣେ ସାଧୁ ସନ୍ଥ ଶ୍ରେଣୀର ଚରିତ୍ର, କ୍ରୁରତା, ନୀଚତା ପ୍ରଭୃତି ସାଧାରଣ ବ୍ୟାପାରରୁ ତାଙ୍କୁ ଦୂରରେ ରଖାଯାଇ, ସେ ସବୁ ପାଇଁ କଳ୍ପନା କରାଯାଇଛି, ତାଙ୍କର ଦ୍ୱିତୀୟ ପକ୍ଷ ସ୍ତ୍ରୀ ଜଗଦମ୍ବା ଏବଂ ଶ୍ୟାଳକ ଗୋବର୍ଦ୍ଧନ ଚରିତ୍ରର । ଗୋବର୍ଦ୍ଧନର ଚକ୍ରାନ୍ତରେ କଲୁୟ ଦେବ ଏବଂ କଥରୁୟ ଦେବଙ୍କର ପତନ ହୋଇଛି ତଥା ଗୋବିନ୍ଦ ବିଦ୍ୟାଧରଙ୍କର ସିଂହାସନ ଲାଭର ପଥ ପ୍ରଶସ୍ତ ହୋଇଛି । ପ୍ରତାପରୁଦ୍ରଙ୍କ ମୃତ୍ୟୁ ପରେ ତାଙ୍କର ଦୁଇ ନାବାଳକ ପୁତ୍ରଙ୍କର ଦାୟିତ୍ୱ ଗ୍ରହଣ କରିଛନ୍ତି ଗୋବିନ୍ଦ ବିଦ୍ୟାଧର । ନିର୍ଲିପ୍ତ ଗୋବିନ୍ଦ ଉପଯୁକ୍ତ ଅବସରରେ ଶାସନର ଦାୟିତ୍ୱ କଲୁୟ ଦେବଙ୍କୁ ଅର୍ପଣ କରିଛନ୍ତି। ମାତ୍ର ଗୋବର୍ଦ୍ଧନର ଚକ୍ରାନ୍ତରେ କଲୁୟ ଦେବଙ୍କର ପତନ ହୋଇଛି । କଥରୁୟ ଦେବ ସୁଦ୍ଧା ଏହି ଚକ୍ରାନ୍ତର ଶିକାର ହୋଇଛନ୍ତି । ଏହାପରେ ଗୋବିନ୍ଦ ଉତ୍କଳ ସିଂହାସନ ଆରୋହଣ କରିଛନ୍ତି । ଏତେ ଘଟଣାର ନାୟକ ଗୋବର୍ଦ୍ଧନ କିନ୍ତୁ ମୃତ୍ୟୁ ବରଣ କରିଛି । 'ମାକ୍ ବେଥ' ନାଟକରେ ଡ଼ନ୍ କାନ୍ କୁ ହତ୍ୟାକରି 'ମାକ୍ ବେଥ' ଯେଉଁଭଳି ସିଂହାସନ ଅଧିକାର କରିଥିଲେ, ଏଠାରେ ମଧ୍ୟ ସେଇଆ ହୋଇଛି । ସେଠାରେ ମାକ୍ ବେଥଙ୍କ ଉଚ୍ଚାଶାକୁ ଉଜ୍ଜୀବିତ କରିଥିଲା ତିନୋଟି ଡାହାଣୀଙ୍କର ଭବିଷ୍ୟତବାଣୀ । ଏଠାରେ ମଧ୍ୟ ଗୋବିନ୍ଦଙ୍କର ଭବିଷ୍ୟତ ସମ୍ପର୍କରେ ଜ୍ୟୋତିଷର ସାହାଯ୍ୟ ନିଆଯାଇଛି, ସେଠାରେ 'ମାକ୍ ବେଥ' ସାହାଯ୍ୟ ପାଇଛନ୍ତି, ଲେଡି ମାକ୍ ବେଥଙ୍କ ଠାରେ । ଏଠାରେ ମଧ୍ୟ ଗୋବିନ୍ଦ ପତ୍ନୀ ଜଗଦମ୍ବା ରହିଛନ୍ତି । ଗୋବର୍ଦ୍ଧନ ଚରିତ୍ରଟି 'ଚାରୁଦତ୍ତ' ନାଟକର ଏକ ଆଦର୍ଶ ଚରିତ୍ର ଭାବରେ ପରିକଳ୍ପିତ ହୋଇଛି । ଅଶ୍ୱିନୀକୁମାରଙ୍କର ବିଭିନ୍ନ ନାଟକରେ ଆମେ ଏହିଭଳି ଦୃଶ୍ୟକୁ ଉପଭୋଗ କରିବାକୁ ପାଇଥାଉ ।

ISSN NO.
2582-208X

ଉପସଂହାର

ଅଶ୍ୱିନୀକୁମାର ଘୋଷଙ୍କ ନାଟକଗୁଡିକର ସୁନ୍ଦର କଳ୍ପନା ଓ ବିଳାସପୂର୍ଣ୍ଣ ହୋଇଥିବା ଯୋଗୁଁ ଦର୍ଶକଙ୍କ ମନ ମୋହିତ କରିଥାଏ । ତାଙ୍କର ଲେଖିବାର ଶୈଳୀ, ବର୍ଣ୍ଣନାଚାତୁରୀ ଓ ମଞ୍ଜୁସ୍ଥ ନାଟକ ଯେକୌଣସି ଦର୍ଶକଙ୍କ ମନରେ ଅହେତୁକ ଖୁସି ସୃଷ୍ଟି କରିଥାଏ । ପୁଣି କିଛି ସେକସ୍ ପିୟର ନାଟକ, ସଂସ୍କୃତ ନାଟକ ଏବଂ ଯାତ୍ରା ନାଟକର ମାଦକଭରା ମିଶ୍ରଣରେ ତାଙ୍କ ନାଟକ ଯେଉଁ ଇତିହାସ ସୃଷ୍ଟି କରିଛି ତାହା ଚୀରଦିନ ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ଅମର ହୋଇରହିବ । ତେଣୁ ଅଶ୍ୱିନୀକୁମାର ଘୋଷଙ୍କ ନାଟକ ଗୁଡିକ ପଢିବା ଦ୍ୱାରା ଅତୀତର କଥା ରୋମନ୍ଥନ କରିବା ସହିତ ଗୋଟିଏ ନୂତନ ଦିଗର ଉତ୍ସାହ ସୃଷ୍ଟି କରିବ ।

ସହାୟକ ଗ୍ରନ୍ଥସୂଚୀ :

୧. କର ଡ., ବାଉରୀ ବନ୍ଧୁ : ଓଡିଆ ସାହିତ୍ୟର ଇତିହାସ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ, ସପ୍ତମ ସଂସ୍କରଣ, ୨୦୧୮ ।

୨. ଘୋଷ, ଅଶ୍ୱିନୀକୁମାର: ଅଶ୍ୱିନୀକୁମାର ଗ୍ରନ୍ଥାବଳୀ, ପ୍ରଥମ ଖଣ୍ଡ କଟକ ଟ୍ରେଡିଂ କମ୍ପାନୀ ବାଲୁବଜାର, କଟକ - ୨, ପ୍ରଥମ ପ୍ରକାଶନ - ୧୯୬୩.

********

ଗବେଷିକା, ସ୍ନାତକୋତ୍ତର ଓଡିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜ ବିହାର
ଦୂରାଭାଷ - 9438449120

ISSN NO.
2582-208X

# ତୁମେ ଆସିବ ବଡ଼ଦାଣ୍ଡେ ଘୋଷଯାତ୍ରାକୁ



ଜୟଶ୍ରୀ ପଟ୍ଟନାୟକ

ତୁମେ ଆସିବ ବଡ଼ଦାଣ୍ଡେ ଘୋଷଯାତ୍ରାକୁ
ତିନିରଥେ ଦରଶନ ଦେବ ଭକତଙ୍କୁ
ଏଇବାଟେ ଯିବ ତୁମେ ଗୁଣ୍ଡିଚା ଘର
ଭାଇଭଉଣୀ ସାଙ୍ଗରେ ଥିବେ ତୁମର
ତୁମକୁ ଦେଖି ଭୁଲିଯିବି ଦୁଃଖ ମୋହର
ଅଧର୍ମ ବିନାଶ ପାଇଁ, ପ୍ରଭୁ ନିଅ ଅବତାର.. 1

ଭାବେବିହ୍ୱଳ ଭକତ ଦେଖିବା ପାଇଁ
କଳାବାମନ ରୂପକୁ ବଡ଼ଦାଣ୍ଡରେ ଥାଇ
ବରଷକେ ଥିବ ଥରେ ନନ୍ଦିଘୋଷ ରଥେ
ଛେରାପହଁରା କରୁଥିବେ ରାଜାତିନି ରଥେ
ତୁମକୁ ଦେଖି ଭୁଲିଯିବି ଦୁଃଖ ମୋହର
ଅଧର୍ମ ବିନାଶପାଇଁ ପ୍ରଭୁ ନିଅ ଅବତାର.. 2

ISSN NO.
2582-208X

ଶରଧାବାଲିକୁ ଟାଣିବେ ରଥ ଭକ୍ତମାନେ
ମାଉସୀ ମାଆର ପୋଡ଼ପିଠା ଖାଇବାରେ ମନ
ଫେରିବ କାନହୁହେ ତୁମେ ଯେବେ ବାହୁଡ଼ାରେ
ବିଜେହେବ ପୁଣି ସେହି ପୁଣ୍ୟ ନୀଳାଦ୍ରିରେ
ମୁଁ ଦେଖୁଥିବି ନୟନେ ତୁମ ଲୀଳାଖେଳାକୁ
ପବିତ୍ର କରିବି ଚକ୍ଷୁ, ମନ, ଆଉ ଆତ୍ମାକୁ.. ३

ଗଙ୍ଗନଗର, ଭୁବନେଶ୍ୱର
7978110474

ISSN NO.
2582-208X

# "ମଧ୍ଯବିତ୍ତ"



ବିନୟ ମହାପାତ୍ର

ମୁଁ ଧନୀ ବଣିକ ନଥିଲି
ତଥାପି, ନିଜ ବୋଝ ଉଠାଇ
ଚାଲିବାର ସାହସ ରଖିଥିଲି,
ହେଲେ ରାଜା ରକ୍ତ ଶୋଷି ନେଲା
ମୁଁ ମଧ୍ୟମ ବର୍ଗ,
ମଝି ରାସ୍ତାରେ ହନ୍ତସନ୍ତ ହେଲି,
ତଥାପି ନିଜ ବୋଝ ଉଠାଇ
ଚାଲିବାର ସାହସ ରଖି ଥିଲି ।
ମୁଁ ଗରୀବ ନଥିଲି,
ଦୟା ଅନୁକମ୍ପା ପାଇବାରୁ ବଞ୍ଚିତ ଥିଲି,
ପେଟର ଭୋକ ଦେଖାଇବାକୁ ଲାଜ ଲାଗେ
ତଥାପି ଅଧା ଖାଇ, ଅଧା ଜୀଇଁ
ପେଟ ପଡି କାଟି,
ସରକାରୀ ଟ୍ରେଜେରୀ ଭରୁ ଥିଲି,
ମୁଁ ଧନୀ ବଣିକ ନଥିଲି
ତଥାପି ନିଜ ବୋଝ ଉଠାଇ
ଚାଲିବାର ସାହସ ରଖି ଥିଲି ।
ମୁଁ ମଧ୍ୟବିତ୍ତ,
ଆଲୋ ସଖି

ISSN NO.
2582-208X

ଆପଣା ମହତ ଆପେ ରଖି,
ଶୁଣି, ସବୁ ବୁଝି ଯାଏ,
ମୋ ଦାରିଦ୍ରତା ଉପରେ,
ଲାଜର, ପଣତ ଘୋଡାଇ ଦିଏ,
ଭୋକରେ ପେଟ ଜଳେ,
ତଥାପି ମରମେ ଲୁଚାଇ ରଖେ
ରାଜାର କୋରଡା ଖାଏ
ଯନ୍ତ୍ରଣା ତ ହୁଏ,
କିନ୍ତୁ ଆଖିର ଲୁହ, ନିରବରେ ପିଇ ଯାଏ,
ମୁଁ ଧନୀ ବଣିକ ନଥିଲି
ତଥାପି ନିଜ ବୋଝ ଉଠାଇ
ଚାଲିବାର ସାହସ ସର୍ବଦା ରଖି ଥାଏ ।
ମୁଁ ମଧ୍ୟବିତ୍ତ, ଦାନବୀର ବଳି ରାଜା,
ଛଳନାରେ ବିଶ୍ୱାସ କରେ
ସତ୍ତାଲୋଭୀ ବାମନ ଆଗରେ
ଭକ୍ତିରେ ମଥା ପାତି ଦେଇ,
ବିଶ୍ୱାସରେ ପରାଣ ସମର୍ପି ଦିଏ ।
ତେଜପତ୍ର ପରି,
ବ୍ୟଞ୍ଜନର ମହକ ବଢାଏ ସିନା,
କିନ୍ତୁ ଖାଇବା ଥାଳିରୁ
ବାଛି ବାଛି ମୋତେ
ପ୍ରଥମେ ଫୋପଡା ଯାଏ ।
ତଥାପି ନିଜ ବୋଝ ଉଠାଇ
ଚାଲିବାର ସାହସ
ଜୀବନର ଯନ୍ତ୍ରଣାରୁ ଶିଖି ଯାଏ ।
ମୁଁ ମଧ୍ୟମ ବର୍ଗ
ଅବହେଳିତ ଲାଞ୍ଛିତ ସଦା,

ISSN NO.
2582-208X

କେହି କେବେ,
ମୋ କଥା ଶୁଣିବ କି ଥରେ ?
ମହୁମାଛି ପରି ଲକ୍ଷ କୁସୁମରୁ
ଟୋପା ଟୋପା ମହୁ ବୋହି ଆଣେ,
ମୋ ମହୁ ଫେଣାରେ
ବଡ ସରାଗେ ସାଇତି ରଖେ,
ଜାଣେ, କିଏ ସବୁ ମହୁ ଲୁଟି ନିଏ,
ମୁହଁ ମିଠା କରିବାକୁ,
ଟୋପାଏ ବି ଛାଡି ଯାଏ ନାହିଁ,
ସବୁ ଜାଣେ, ତଥାପି ଅଜଣା ରହେ,
କାରଣ, ମୁଁ ମଧ୍ୟବିତ୍ତ
ସବୁ ବିଘ୍ନ ସତ୍ୱେ ନିଜ ବୋଝ ଉଠାଇ
ଚାଲିବାରେ ବିଶ୍ୱାସ ମୋ ଥାଏ ।

***0***

ପଟିଆ, ଭୁବନେଶ୍ୱର

ISSN NO.
2582-208X

# ଝିଅ



ଗୋଲୋକବିହାରୀ ବେହେରା

ସେ ଯେ ଫୁଲଟିଏ ତାର ଯତନ ନିଅ
ସେ ତ ରାଜକୁମାରୀ, କି ସୁନ୍ଦର ମୁହଁ।

ସେ ତ ବୈଶାଖୀ ମଧ୍ୟାହ୍ନ ଶୀତଳ ଜଳ
ତାର ମଧୁର ବଚନ ଜୋଛନା ଝର।

ସେ ଯେ' ବାପାଙ୍କର ଆଖିର ତାରା
ମା' ର ସଖୀ ସେ, ଦୁଃଖ ପାସୋରା।

ଜେଜେବାପାଙ୍କର ଲକ୍ଷ୍ମୀ ପ୍ରତିମା
ପରିବାର ଗର୍ବ ଗୌରବ ସୀମା।

ଦିଅ ନାହିଁ ତା'ର ଆଖିରେ ଲୁହ
ଆସ ଢାଳି ଦେବା ମମତା ସ୍ନେହ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ
ଷଡ଼ଙ୍ଗୀ, ଢେଙ୍କାନାଳ
ମୋ : ୯୯୩୮୩୦୩୦୪୬

ISSN NO.
2582-208X

# ଅପେକ୍ଷାର ଛାଇ



ଆଶୁତୋଷ ମେହେର

ବିକ୍ରମପୁର ଗୋଟାଏ ଛୋଟ କିନ୍ତୁ ବେଶ୍ ଜଣା ଶୁଣା ଗାଁ। ସେ ଗାଁ ପୋଖରୀ ହୁଡାରେ ଥିଲା ଗୋଟାଏ ପୁରୁଣା ବରଗଛ । ତା ତଳେ ଚାରିପଟେ ଭରିଥିଲା ଓହଳ । କିଛି ଝୁଲୁଥିଲା ତ କିଛି ମାଟି ଛୁଇଁ ସାରିଥିଲା । ସେ ଗଛ ତଳେ ବଡ ଗହଳିଆ ଛାଇ । ସେଇ ଗଛ ତଳେ ପ୍ରତିଦିନ ବସୁଥିଲା ପ୍ରତିମା, ସେ ଗାଁର ଝିଅ। ବେଳେ ବେଳେ ପ୍ରତିମା ପାଖ ପୋଖରୀ ଘାଟର ଚହଲା ପାଣିରେ ପାଦ ବୁଡାଇ ରଖୁଥିଲା। ତା’ ଆଖିରେ ଭରିଥିଲା କାହିଁ କେତେ ଦିନର ଅପେକ୍ଷାର ଅଜଣା ଝଲକ। ସେ ଅପେକ୍ଷା କରୁଥିଲା ତା ସ୍ୱାମୀ ବିକ୍ରମ କୁ, ଯିଏ କି ଦୁଇ ବର୍ଷ ତଳେ ଦାରିଦ୍ର୍ୟର ତାଡନାରେ ଦୂର ସହରକୁ ଯାଇଥିଲା ଦାଦନ ଖଟିବାକୁ, ଜୀବନର କିଛି ସ୍ୱପ୍ନକୁ ସାକାର କରିବାକୁ। ବିକ୍ରମ କହି ଯାଇଥିଲା, “ପ୍ରତିମା, ମୁଁ ନିଶ୍ଚିତ ଫେରିବି। ତୁ ଅପେକ୍ଷା କରିବୁ ତ ?” ପ୍ରତିମା ମୁଣ୍ଡ ହଲାଇ ହସି କହିଥିଲା, "ତୁମ ବିନା ମୁଁ ଅଧୁରା। ତୁମେ ଯଦି ନ ଫେରିବ, ମୁଁ ଜୀବନ ହାରିବା ତୟ।"

ହେଲେ ତା’ ହୃଦୟ ଜାଣିଥିଲା, ଅପେକ୍ଷା ଏକ କଷ୍ଟଦାୟକ ପଥ, ତଥାପି ବିକ୍ରମ ପାଇଁ ସେ ଯୁଗଯୁଗ ଅପେକ୍ଷା କରିପାରିବ ।

ପ୍ରତି ସନ୍ଧ୍ୟାରେ ପ୍ରତିମା ସେ ବରଗଛ ଛାଇତଳେ ବସି ବିକ୍ରମ ର ଚିଠି ପଢୁଥିଲା। ପ୍ରଥମେ ଚିଠି ପ୍ରତି ସପ୍ତାହ ଆସୁଥିଲା, ପରେ ପନ୍ଦର ଦିନରେ ଆସିଲା। ଛଅ ମାସ ପରେ ଧୀରେ ଧୀରେ ସେ ଚିଠି ଆସିବା ବନ୍ଦ ହେଇଗଲା। ଗାଁର ଲୋକେ କହୁଥିଲେ, “ବିକ୍ରମ ସହରରେ

ISSN NO.
2582-208X

ବହୁତ ପଇସା କମାଇ ବଡ଼ ଲୋକ ହେଇଗଲା, ସେ ଆଉ ଫେରିବନି।" କିଏ କହିଲା, "ଦାଦନ ଖଟିଯାଇଥିବା ଲୋକେ ଫେରନ୍ତିନି। ମାଲିକ ବହୁତ କାମ କରାଇ ଦିଏ, ତେଣୁ ସ୍ୱାସ୍ଥ୍ୟ ବିଗିଡି ମରଣ ମୁଖରେ ପଡନ୍ତି । ବିକ୍ରମ ର ଭି ସେୟା ହୋଇଛି ବୋଧେ।" ପ୍ରତିମା ସବୁ ଶୁଣେ, ଚୁପଚାପ୍ ରହେ। ମନେ ମନେ ବିକ୍ରମ ର ଶୁଭମାନସି ମହାପ୍ରଭୁଙ୍କୁ ଡାକେ । ହେଲେ ସବୁ ସତ୍ତ୍ୱେ ତା ଅପେକ୍ଷାର ଅନ୍ତ ହୋଉନଥିଲା । ତା' ମନରେ ଏକ ଆଶାର ଆଲୋକ ଅହରହ ଜଳୁଥିଲା—ବିକ୍ରମ ଫେରିବ ହିଁ ଫେରିବ ।

ଦିନ ଗଡ଼ିଲା, ମାସ ପରେ ମାସ ଗଲା। ଋତୁ ବଦଳିଲା। ବର୍ଷ ପରେ ବର୍ଷ ସରିଲା । ବରଗଛର ପତ୍ର ଝଡ଼ିଗଲା, ଆଉ ପୁଣି କଅଁଳିଲା। ଗାଁ ଲୋକେ ନା ପ୍ରକାରର କଥା ଉଠାଇଲେ। ହେଲେ ପ୍ରତିମା ଅହଲ୍ୟା ପରି ପଥର ପାଲଟିଗଲା ସିନା, ତା ମନରେ ବିକ୍ରମ ର ବାଟକୁ ଅପେକ୍ଷା ଅଟୁଟ ରହିଲା।

କିଛିଦିନ ଉତ୍ତାରୁ ଦିନେ ସନ୍ଧ୍ୟାରେ, ଗାଁ ଲୋକେ ଦେଖିଲେ ଗୋଟାଏ ମଟରକାର୍ ଆସି ପ୍ରତିମାର କୁଡିଆ ଆଗରେ ଠିଆ ହେଲା । କାର୍ ଭିତରୁ ଦିଶିଲା ଏକ ପରିଚିତ ମୁହଁ, ଶୁଭିଲା ଗୋଟାଏ ଜଣାଶୁଣା ସ୍ୱର। କୁଡିଆ ଭିତରେ ଥିବା ପ୍ରତିମା ର ଛାତି କମ୍ପି ଉଠିଲା, ହୃଦୟରେ ଭରିଗଲା ଏକ ଅଜଣା ଶିହରଣ । ବିକ୍ରମ ଫେରି ଆସିଥିଲା, ଆଖିରେ ତା'ର ଭରିଥିଲା ଅନୁତାପ ର ଚିହ୍ନ ।

"ମୁଁ ବହୁତ ବିଳମ୍ବ ହେଲି, ପ୍ରତିମା," ସେ କହିଲା, "କିନ୍ତୁ ତୁ ମତେ ମନପ୍ରାଣ ଦେଇ ଭଲ ପାଉ ଯେ ଶତ ବାଧା ସତ୍ତ୍ୱେ ମୋ ପାଇଁ ପାଷାଣୀ ପାଲଟି ଅପେକ୍ଷା କରିଥିଲୁ। ମତେ କ୍ଷମା କରି ଦେ। ତୋର ତପସ୍ୟା ଆଗରେ ମୁଁ ହାରିଛି ଓ ତେଣୁ ଫେରିଆସିଛି।"

ପ୍ରତିମା ଆଖିରେ ଲୁହ ର ବନ୍ୟା, କିନ୍ତୁ ତା' ମୁଖରେ ହସ ଫୁଆରା ଫୁଟିଗଲା। ସେ ବିକ୍ରମ କୁ ଛାତିରେ ଭିଡି ଧରି କାନ୍ଦିବାକୁ ଲାଗିଲା ।

ISSN NO.
2582-208X

କୁଡିଆ ଆଗରେ ଜମା ହୋଇଥିବା ଗାଁ ଲୋକେ ଚକିତ ହୋଇ ସବୁ ଦେଖୁଥିଲେ । ନିଜ ନିଜ ଭିତରେ କଥା ହେଉଥିଲେ, ସତରେ ଭଗବାନ ଅଛନ୍ତି । ପ୍ରତିମା ର ତପସ୍ୟାର ଫଳ ଦେଇଛନ୍ତି। ସତରେ ଅପେକ୍ଷାର ଛାଇ ଶେଷରେ, ପ୍ରେମର ଆଲୋକରେ ବଦଳିଯାଇଛି ॥

54 ଆର୍ଯ୍ୟପଲ୍ଲୀ, କିଟଛକ, ପଟିଆ
ଭୁବନେଶ୍ୱର 751024
ଦୂରଭାଷ 9437085396

ISSN NO.
2582-208X

# ଶୀତ ଆସିଛି ପସର୍ ନେଇ



ପୁଷ୍ପାଞ୍ଜଳ ମିଶ୍ର

ଶୀତ ଆସିଛି ପସରା ଧରି
ବର୍ଷକ ପରେ କେତେ ଖୁସିରେ
ଶୀତ ସକାଳ ର ଶିଶିର ବିନ୍ଦୁ ରେ
ଷୋରିଷ ଫୁଲର ହସ
ଟିପି ଟିପି କାକର ଟୋପା ରେ
ସୁନେଲି ସୁନେଲି ଝାପସା କିରଣ ରେ
ହସୁଛି ବଗିଚା ହସୁଛି କ୍ଷେତ
ଆହା କି ମନୋହର
ଗୁରୁବାର ଚିତା ଝୋଟି
ସତେକି ବୈକୁଣ୍ଠପୁର
ସୁନେଲି ସୁନେଲି ଧାନ କେଣ୍ଡା ହସେ
ଖିଲି ଖିଲି ହୋଇ ଦୋହଲି ଦୋହଲି
ଦିଶୁଥାଏ ଝଲ ଭଲ
ସେ ରୂପ ଦେଖିଲେ ଆଖି ଲାଖି ଯାଏ
ତୃପ୍ତ ହୁଏ ମନ ପ୍ରାଣ
କୁହୁଡି ଚାଦର ଘୋଡାଇ ଧରଣୀ
ଅଦୃଶ୍ୟ ଦିଗନ୍ତ ପଥେ
ଶସ୍ୟ ଶ୍ୟାମଳିମା ଧରାର ସୁଷମା
ପରିବା କ୍ଷେତ୍ରରେ ହସେ

ISSN NO.
2582-208X

ଫୁଲ ପାଖୁଡ଼ା ରେ ରଙ୍ଗ ପସରା ରେ
ସଭିଙ୍କ ର ମନହରେ
ଫୁଲ ର ସମ୍ଭାରେ ଆକର୍ଷଣ ଭରେ
ପଥିକ କୁ ଭିଡ଼ି ଧରେ
ଥୁରୁ ଥୁରୁ ହୋଇ ଶୀତ ମାଉସୀ ଟା
ପାଦ ଚାପି ଚାପି ଆସେ
କମ୍ବଳ ଚାଦର ସ୍ୱଟର ଶାଲ
ଅମୃତ ସମ ଲାଗେ
ଗରମ ପାଣି କୁ ଗରମ ଖାଦ୍ୟ
ଗୁଆ ଘିଅ ପରି ଲାଗେ
ଶୀତ ଋତୁରେ ପନିପରିବା
ତଟକା ସବୁ ମିଳେ
ଶାଗୁଆ ଶାଗୁଆ ଲାଗେ
ଆସରେ ପିଲେ ଆସ
ଶୀତ ମାଉସୀ କୁ ଡରିବାର ନାହିଁ
ତା ସଙ୍ଗେ କରିବା ଭାବ
ଶୀତ ଆସିଛି ଡରିବାର ନାହିଁ
ଥଣ୍ଡା ପାଣି ରେ ମୁହଁ ଧୋଇବା
ଖାତିର ନ କରି ତିଳେ
ଶୀତ ସନ୍ଧ୍ୟାରେ ନାଚି ଖେଳିବା
ଶୀତ ସାଙ୍ଗରେ ମିତ ବସିବା
ଡରିବାର ନାହିଁ ଜମା
*************

ସୁକନ୍ଦା କ୍ରୋମାଇଟ ମାଇନ୍ସ
ଯାଜପୁର
୯୫୫୬୬୪୩୯୨୧

ISSN NO.
2582-208X

# କଳିଯୁଗ



ବିନୋଦିନୀ ଦାଶ

ଗୋଟିଏ କଳ୍ପରେ ଆସେ ଚାରିଯୁଗ
କଳ୍ପାନ୍ତରେ ହୁଅଇ ସବୁ ଶେଷ,
ସତ୍ୟଯୁଗ ପରେ ଆସଇ ତ୍ରେତୟା
ଦ୍ୱାପର ପରେ କଳିର ପ୍ରବେଶ ।

ସତ୍ୟରେ ଶଉଚ, ତପ, ଦୟା, ସତ୍ୟ
ଆଚରଣ ବିଧି ସବୁ ହିଁ ଥିଲା,
ସତ୍ୟରେ ତପକୁ ନାଶ କଲା ଗର୍ବ
ତ୍ରେତାରେ ଶୌଚ ବିଷୟା ହରିଲା ।

ଦ୍ୱାପର ହରିଲା ମଦ ବଳେ ଦୟା
ସତ୍ୟ କେବଳ ରହିଲା କଳିରେ
ସତ୍ୟ ଯୋଗୁଁ ସୂର୍ଯ୍ୟ ଚନ୍ଦ୍ର ଆତଯାତ
ହେଉଛନ୍ତି ଆମ ଧରା ପୃଷ୍ଠରେ ।

ଆସିଲା ଦ୍ୱାପର ଶେଷେ କଳିଯୁଗ
ଚଉଦିଗେ ଦୃଶ୍ୟ ଅପଶକୁନ
ତ୍ରିପାଦ ହରାଇ ଏକ ପାଦ ଧରି
କରୁଥିଲା କଳି ଯେ ବିଚରଣ ।

ISSN NO.
2582-208X

ଦ୍ୟୁତକ୍ରୀଡା ସ୍ଥାନ, କାମିନୀ, କାଞ୍ଚନ
ମଦ୍ୟପାନ, ପ୍ରାଣୀ ମାରଣ ଥାନ,
ଏ ପାଞ୍ଚୋଟି ସ୍ଥାନେ ରାଜା ପରୀକ୍ଷିତ
କଳିକୁ ଆଶ୍ରୟ ଦେଲେଟି ଜାଣ ।

ଅନ୍ୟାୟ, ଅନୀତି ବିସ୍ତାରିଲା କାୟା
ଅସହ୍ୟ ହୋଇଲା ଜୀବନ ଯାତ୍ରା,
ସମ୍ପର୍କ ନ ଚିହ୍ନେ ସମ୍ପର୍କକୁ ଏଠି
ବଢ଼ି ଚାଲିବାରୁ ସ୍ୱାର୍ଥର ମାତ୍ରା ।

ଲୋଭ, ଅହଂକାର, ଈର୍ଷା, ଦ୍ୱେଷ, ହିଂସା
ବଢ଼ଇ କଳିରେ ଦିନକୁ ଦିନ,
ନିୟତିର ଗତି ଯେ ବିଚିତ୍ର ଅତି
ବାଧ୍ୟ ଧରି କାଟିବାକୁ ଜୀବନ ।

ବିଶ୍ୱାସଘାତତା କଳିରେ ଆୟୁଧ
ଜଣ ପାଇଁ ଜଣେ ଥାଏ ସଜାଇ,
ହୀନ ମନୋବୃତ୍ତି ଭିତରେ ମଣିଷ
ମଣିଷ ପଣିଆକୁ ଭୁଲି ଥାଇ ।

ଅଜ୍ଞାନ ପାମର ସାଜି ଏଠି ନର
ଧର୍ମକୁ ବିକ୍ରୟ ଧର୍ମଦାଣ୍ଡରେ,
ଭୁଲି ପିତାମାତା ସେନେହ ମମତା
ଦିଅଇ କଷଣ ଅଧର୍ମାଚାରେ ।

ପାପର ଭାରାରେ ଅସହ୍ୟ ମେଦିନୀ
ନାନା ବିପର୍ଯ୍ୟୟ ମାଡ଼ି ବସଇ,

ISSN NO.
2582-208X

ଆଗକୁ ଆହୁରି ଦେଖିବାକୁ ବାକି
କେତେ ଯେ ଦୁର୍ଦ୍ଦିନ ନୟନ ଦୁଇ ।

ଘୋର କଳି କାଳୁ ମୁକତି ପାଇଁକି
ହରି ନାମଯଜ୍ଞ କେବଳ ସାର,
ସବୁ ପରିତ୍ୟାଗି ବିଭୁ ଅନୁରାଗୀ
ଉତ୍କଣ୍ଠା ବଢାଅ ସର୍ବେ ପ୍ରବଳ ।

ଦିନରାତି ମୁଖ ଜପୁ ହରେକୃଷ୍ଣ
ଦେହ ଅଭିମାନ ସବୁକୁ ଛାଡ଼ି
ବୋଲେ ବିନୋଦିନୀ ପ୍ରଭୁ ପଦ ଧ୍ୟାୟି
ପ୍ରାଣପକ୍ଷୀ ଯାଉ ଅଚିରେ ଉଡ଼ି ।

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ଏକ ସନେଟ୍



ଡ. ଜ୍ଞାନେଶ୍ୱର ମିଶ୍ର

ସମୁଦ୍ରରେ ନିଆଁ ଲାଗିଛି କିଏ ଲିଭାଇବ
ଥର୍ମୋମିଟରକୁ ଜ୍ୱର ହୋଇଛି କେଉଁ ଡାକ୍ତର ମାପିବ
ପଳାଶ ଫୁଲରେ କିଏ ସୁଗଂଧ ଭରିପାରିବ
ମରୁଭୂମିକୁ ବନ୍ୟାରେ ଭସାଇ ଦେବ
ଅମାବାସ୍ୟା ଆକାଶରେ ପାରିବ ଚନ୍ଦ୍ର ଦେଖାଇ
ନିମିଷକେ ଅଦୂର ରୁ ଦୂର ପାରିବ ନେଇ
ଦୁଃଖୀ ଦରଦୀ ମୁହଁରେ ହସ ଫୁଟାଇ ପାରିବ
ହସ ଖୁସି ସୁଖୀ ମଣିଷ ମୁହଁରେ ବିଷାଦ ଭରିଦେବ
ଅଶାନ୍ତି ସମାଜରେ ଶାନ୍ତି ଆଣିବ ଫେରାଇ
ଶାନ୍ତ ପୃଥିବୀରେ ନିମିଷକେ କନ୍ଦଳ ଦେବ ଭିଆଇ
ମଲା ମଣିଷକୁ ଚିରଦିନ ଅମର ରଖି ପାରିବ
ଏସବୁ କେବଳ ହିଁ କେବଳ କବି କଲମରେ ସମ୍ଭବ
ଏ କଲମ ସୃଷ୍ଟିର ଆଦ୍ୟରୁ ରହିଛି ରହିବ
ଯମର ବି କ୍ଷମତା ନାହିଁ ଚୋରି କରିନେବ ॥

ବେଙ୍ଗାଲୁରୁ
ମୋ: ୮୪୨୦୨୪୨୭୫୫

ISSN NO.
2582-208X

# ନାରୀ ଶକ୍ତିର ପ୍ରତିକ– ମହିଷାମର୍ଦ୍ଦିନୀ ଦେବୀ ଦୁର୍ଗା



କାନନ ବାଳା ନାୟକ

"ସୃଷ୍ଟି ସ୍ଥିତି ବିନାଶନାଂ ଶକ୍ତିଭୁତେ ସନାତନେ
ଗୁଣାଶୟେ ଗୁଣାମୟେ ନାରାୟଣୀ ନମସ୍ତୁତେ"।

ଯୁଗ ଯୁଗ ଧରି ଯେତେବେଳେ ବି ପୁରୁଷ ଶକ୍ତି ଅହଂକାରର ବଶବର୍ତ୍ତୀ ହୋଇ ନାରୀକୁ ଅବଳା ଓ ଦୁର୍ବଳା ଭାବିବାର ଭୁଲ୍ କରିଛି ସେତେବେଳେ ମାଆ ଆଦିଶକ୍ତି ନାନା ରୂପରେ ଆର୍ବିଭୂତ ହୋଇ ତାର ସେଇ ଅହଂକାରକୁ ଦମନ କରିଛନ୍ତି। ଯେତେବେଳେ ଧର୍ମ ଉପରେ ଅଧର୍ମର ପ୍ରଭାବ ବିସ୍ତାର ହୋଇଛି ଧର୍ମର ରକ୍ଷା ପାଇଁ ଜଗତଜନନୀ ମାଆ ଆଦି ଶକ୍ତି କେତେବେଳେ କାଳୀ ତ କେତେବେଳେ ଚଣ୍ଡୀ ତ କେତେବେଳେ ଚାମୁଣ୍ଡା ତ କେତେବେଳେ ଦୁର୍ଗା ରୂପେ ଆର୍ବିଭୂତ ହୋଇ ଅଧର୍ମର ବିନାଶ କରି ଧର୍ମର ରକ୍ଷା କରିଛନ୍ତି।

ସତ୍ୟଯୁଗର କଥା ପ୍ରଜାପତି ଦକ୍ଷଙ୍କ କନ୍ୟା ଦନୁ ଓ ମହର୍ଷି କଶ୍ୟପଙ୍କ ବଂଶରେ ଦୁଇଜଣ ଶକ୍ତିଶାଳୀ ରାକ୍ଷସ ରମ୍ଭ ଓ କରମ୍ଭ ଜନ୍ମଲାଭ କରିଥିଲେ। ରମ୍ଭ ଓ କରମ୍ଭ ଦୀର୍ଘ ଦିନ ଧରି ନିଃସନ୍ତାନ ଥିଲେ। ତେଣୁ ସନ୍ତାନ ପ୍ରାପ୍ତିର ଆଶା ନେଇ ରମ୍ଭ ଅଗ୍ନି ଭିତରେ ପଶି ଅଗ୍ନିଦେବଙ୍କର ଓ କରମ୍ଭ ପାଣି ଭିତରେ ପଶି ବରୁଣଦେବଙ୍କର ତପସ୍ୟା ଆରମ୍ଭ କରିଥିଲେ। ଯେତେବେଳେ ବି କୌଣସି ଦୈତ୍ୟ ବର ପ୍ରାପ୍ତି ପାଇଁ ତପସ୍ୟା କରୁଥିଲେ ସେତେବେଳେ ଦେବରାଜ ଇନ୍ଦ୍ରଙ୍କ ମନରେ ଭୟ ଜାତ ହେଉଥିଲା। କାଳେ ସେ ବରଦାନ ସ୍ୱରୂପ ଇନ୍ଦ୍ରଙ୍କ ଆସନ ମାଗିନେବ। ତେଣୁ ଦେବରାଜ କୁମ୍ଭୀରରୂପ ଧାରଣ କରି ପାଣି ଭିତରେ କରମ୍ଭକୁ ମାରି ଦେଇଥିଲେ। କରମ୍ଭର ମୃତ୍ୟୁ ଖବର ଶୁଣି ରମ୍ଭ କ୍ରୋଧର

ISSN NO.
2582-208X

ବଶବର୍ତ୍ତୀ ହୋଇ ନିଜର ପ୍ରାଣ ବିସର୍ଜନ କରିବାକୁ ଚାହିଁଲା । ଏହି ସମୟରେ ଅଗ୍ନିଦେବ ଆବିର୍ଭୂତ ହୋଇ ଆତ୍ମହତ୍ୟା କରିବା ଠାରୁ ବଡ଼ ପାପ ଦୁନିଆରେ କିଛି ନାହିଁ ବୋଲି କହି ରମ୍ଭକୁ ଆତ୍ମହତ୍ୟା କରିବାରୁ ବାରଣ କରିଥିଲେ । ଏବଂ ସେ ତା ତପସ୍ୟାରେ ସନ୍ତୁଷ୍ଟ ହୋଇଛନ୍ତି କହି ବର ମାଗିବାକୁ କହିଥିଲେ । ରମ୍ଭ ତାଙ୍କୁ ତ୍ରିଲୋକ ବିଜୟୀ ଏକ ପୁତ୍ର ଦେବା ପାଇଁ ପ୍ରାର୍ଥନା କରିଥିଲେ ।

ଅଗ୍ନିଦେବଙ୍କ ଠାରୁ ବରପ୍ରାପ୍ତ ହୋଇ ଫେରୁଥିବା ସମୟରେ ରାସ୍ତାରେ ରମ୍ଭ ଏକ ମହିଷୀର ପ୍ରେମ ରେ ପଡି ଯାଇଥିଲେ । ସେ ସେହି ମହିଷୀକୁ ବିବାହ କରିଥିଲେ । ମହିଷୀ ଗର୍ଭବତୀ ଥିବା ସମୟରେ ଗୋଟେ ମହିଷର ଦୃଷ୍ଟି ମହିଷୀ ଉପରେ ପଡ଼ିଲା । ସେ ମହିଷୀ ପ୍ରତି ଆସକ୍ତ ହୋଇ ପଡ଼ିଲା। ତେଣୁ ସେ ମହିଷୀକୁ ପାଇବାର ଚେଷ୍ଟା କଲା । ଫଳରେ ରମ୍ଭ ଓ ମହିଷଙ୍କ ମଧ୍ୟରେ ପ୍ରଚଣ୍ଡ ଯୁଦ୍ଧ ହେଲା । ସେଇ ଯୁଦ୍ଧରେ ରମ୍ଭ ମୃତ୍ୟୁ ବରଣ କଲା। ମହିଷୀ ରମ୍ଭର ଚିତାରେ ପ୍ରାଣ ବିସର୍ଜନ କରିଦେଲା।

ସେଇ ଅଗ୍ନିରୁ ମହିଷାସୁର ଓ ରକ୍ତ ବୀର୍ଯ ନାମରେ ଦୁଇଜଣ ରାକ୍ଷସ ଜନ୍ମ ନେଲେ । ଜନ୍ମ ହେବାର କିଛି କ୍ଷଣ ପରେ ରକ୍ତ ବୀର୍ଯ ପାତାଳକୁ ଚାଲିଗଲା ଏବଂ ମହିଷାସୁର ବର ଲାଭ ଆଶାରେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କୁ ତପସ୍ୟା କଲା। ତାର କଠୋର ତପସ୍ୟାରେ ସନ୍ତୁଷ୍ଟ ହୋଇ ବ୍ରହ୍ମା ତା ନିକଟରେ ଉପସ୍ଥିତ ହୋଇ ତାକୁ ବର ମାଗିବାକୁ କହିଲେ । ମହିଷାସୁର ବ୍ରହ୍ମାଙ୍କୁ ଅମର ବର ମାଗିଲା। ହେଲେ "ଜାତସ୍ୟ ହି ଧ୍ରୁବ ମୃତ୍ୟୁ' ଅର୍ଥାତ୍ ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ କହି ବ୍ରହ୍ମା ତାକୁ ଅନ୍ୟ ବର ମାଗିବାକୁ କହିଥିଲେ। ମହିଷାସୁର ବ୍ରହ୍ମାଙ୍କୁ ବର ମାଗିଥିଲେ ଦେବ, ଦାନବ କିମ୍ବା ମାନବ ଜାତିର କୌଣସି ପୁରୁଷଙ୍କ ହସ୍ତରେ ମୋର ମୃତ୍ୟୁ ହେବନାହିଁ। ତଥାସ୍ତୁ କହି ବ୍ରହ୍ମା ମହିଷାସୁରକୁ ପଚାରିଥିଲେ ତୁମେ ପୁରୁଷଙ୍କ ହସ୍ତରେ ମରିବ ନାହିଁ ବୋଲି ବର ମାଗିଲ କିନ୍ତୁ ନାରୀ କଥାତ କହିଲ ନାହିଁ ? ମହିଷାସୁର କହିଲା ସାମାନ୍ୟ ଜଣେ ନାରୀ ମୋ ଭଳି ଗୋଟେ ଶକ୍ତିଶାଳୀ ଦୈତ୍ୟର କଣ କରି ପାରିବ ? ବ୍ରହ୍ମା କିଛି ନକହି ନିଜ ଲୋକକୁ ଫେରି ଯାଇଥିଲେ ।

ବ୍ରହ୍ମାଙ୍କ ବରରେ ବଳିୟାନ ହୋଇ ମହିଷାସୁର ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ଅତ୍ୟାଚାର କଲା ତାପରେ ସେ ସ୍ୱର୍ଗ ଅଧିକାର କରିବା ପାଇଁ ମନସ୍ଥ କଲା । ସେ ଜଣେ ରାକ୍ଷସକୁ

ISSN NO.
2582-208X

ନିର୍ଦ୍ଦେଶ ଦେଲା ସ୍ୱର୍ଗକୁ ଯାଇ ଇନ୍ଦ୍ରଙ୍କୁ ପଚାର ସେ ମୋ ସହ ଯୁଦ୍ଧ କରିବ ନା ମୋର ଅଧିନତା ସ୍ୱୀକାର କରବ? ରାକ୍ଷସ ଯାଇ ଇନ୍ଦ୍ରଙ୍କୁ ଭେଟିଲା ଓ କହିଲା ମୁଁ ରାଜା ମହିଷାସୁରଙ୍କ ଦୂତ। ସେ ଜାଣିବାକୁ ଚାହୁଁଛନ୍ତି ଆପଣ ଦେବପୁରୀ ତାଙ୍କ ଅଧିକାରକୁ ଦେଇ ଶାନ୍ତିରେ ରହିବେ ନା ଅହଂକାରର ବଶବର୍ତ୍ତୀ ହୋଇ ବୃଥାରେ ତାଙ୍କ ସହ ଲଢି ପରାଜୟ ଲଭିବେ। କ୍ରୋଧରେ ଜର୍ଜରିତ ହୋଇ ଇନ୍ଦ୍ର କହିଲେ ଉଦ୍ଧତ ରାକ୍ଷସର ଦୂତ ତୋତେ ମାରି ମୁଁ ଦୈତ୍ୟବୃତ୍ତିର ଅପମାନ କରିବାକୁ ଚାହେଁନା। ଯାଆ ତୋ ପ୍ରଭୁକୁ କହ ସେ ମହିଷ ବୋଲି ମୁଁ ଶୁଣିଛି। ସେ ଯଦି ମୋ ସହ ଲଢିବାର ଆସ୍ପର୍ଦ୍ଧା ନେଇ ମୋ ଆଡ଼କୁ ଆସେ ମୋତେ ବହୁତ ସୁବିଧା ହେବ। ତା ଶିଙ୍ଗ ଦୁଇଟି ଭାଙ୍ଗି ନେଇ ମୋ ବଜ୍ରରେ ବ୍ୟବହାର କରିବି। ଦୂତ ଫେରିଯାଇ ମହିଷାସୂରକୁ କହିଲା ଇନ୍ଦ୍ର ଯେଉଁ ଭାଷାରେ ଆପଣଙ୍କର ଅପମାନ କରିଛନ୍ତି ସେ ଭାଷାର ପୁନରାବୃତ୍ତି ମୁଁ ନକରିବା ଭଲ। ତେବେ ଏତିକି ଜାଣନ୍ତୁ ସେ ଆପଣଙ୍କ ବୀରତ୍ୱର ପରିଚୟ ପାଇବାକୁ ପ୍ରସ୍ତୁତ।

ମହିଷାସୁର ଗର୍ଜନ କରି କହିଲା ଇନ୍ଦ୍ରର ଏତେ ଦମ୍ଭ। ଯୁଗ ଯୁଗ ଧରି ସେ ପ୍ରତାରଣାର ଆଶ୍ରୟ ନେଇ ଅସୁର କୂଳର ଅନିଷ୍ଟ କରି ଆସିଛି। ନାନା ଛଳନାର ଆଶ୍ରୟ ନେଇ ଅପସରା ମାନଙ୍କୁ ନଚାଇ ମୁନି ଋଷିଙ୍କ ତପ ଭଙ୍ଗ କରିଛି। ସେଥିରେ ପୁଣି ତାର ଏତେ ବଡପଣ ସେ ମୋତେ ଅପମାନ କରି କଥା କହିବ? ଏଥର ମୋ ଆଡ଼କୁ ଶହେ ଇନ୍ଦ୍ର ଆସିଲେବି ମୁଁ ସମସ୍ତଙ୍କୁ ନିପାତ କରିବି। ଦେବାସୁର ବିବାଦ ଏଇଥର ଶେଷ ହେବ।ଦେବଗଣଙ୍କୁ ଥରେ ସମୂଳ ବିନାଶ କଲେ କଥା ସରିବ।ଇନ୍ଦ୍ରକୁ ବାରମ୍ବାର ସହାୟତା କରୁଥିବା ବିଷ୍ଣୁଙ୍କୁ ମଧ୍ୟ ମୁଁ ଦମନ କରିବାକୁ ଚାହେଁ। ଏହାପରେ ମହିଷାସୁର ମୁଖ୍ୟ ଅସୁର ମାନଙ୍କୁ ଡକାଇ କହିଲା ସ୍ୱର୍ଗପୁରୀରେ ସୁଖ ସମ୍ଭାରର ଅନେକ ସୁଯୋଗ ଅଛି। ସେସବୁ ଆଜିଯାଏ ଦେବତା ମାନେ ଭୋଗ କରି ଆସିଛନ୍ତି।ଏଥର ସ୍ୱର୍ଗରୁ ସେମାନଙ୍କୁ ହଟାଇଦେଲେ ସେ ସବୁ ସୁଖ ତୁମ ମାନଙ୍କୁ ମିଳିବ।

ମହିଷାସୁରର ଦୂତ ବିଦାୟ ନେଇ ଯିବା ପରେ ଇନ୍ଦ୍ର ଦିଗପାଳ ମାନଙ୍କୁ ଡକାଇ କହିଲେ ବ୍ରହ୍ମାଙ୍କ ବରଦ୍ୱାରା ବଳିୟାନ ଉଦ୍ଧତ ମହିଷାସୁର ଅବିଳମ୍ବେ ମୋ ସହ ଯୁଦ୍ଧ କରିବାକୁ ଆସୁଛି। ମୋ ପାଖକୁ ଅପମାନ ଜନକ ସର୍ତ୍ତ ଦେଇ ଦୂତ ପଠାଇଥିଲା। ସେ ସର୍ତ୍ତ ପ୍ରତ୍ୟାଖ୍ୟାନ କରି ମୁଁ ମୋର କର୍ତ୍ତବ୍ୟ କରିଛି। ସେ ମହାବଳଶାଳୀ ସନ୍ଦେହ ନାହିଁ। ତଥାପି

ISSN NO.
2582-208X

ଯୁଦ୍ଧ ଛଡା ଅନ୍ୟ ପନ୍ଥା ନାହିଁ। ଯୁଦ୍ଧର ଫଳାଫଳ ବିଧାତା ନିରୂପଣ କରିବେ। ପ୍ରଥମେ ଶତ୍ରୁର ସୈନ୍ୟ କେତେ ତାହା ଜାଣିବା ଆବଶ୍ୟକ। ଇନ୍ଦ୍ରଙ୍କର ଚର ଯାଇ ରାକ୍ଷସ ମାନଙ୍କୁ ଦେଖିଆସି ଯାହା ବିବରଣୀ ଦେଲା ସେଥିରେ ଇନ୍ଦ୍ର ବିସ୍ମିତ ହେଲେ। ସେ ଦେବ ପୁରୋହିତ ବୃହସ୍ପତିଙ୍କୁ କହିଲେ ମହିଷାସୁର ଏତେ ବିରାଟସେନା ପ୍ରସ୍ତୁତ କରିଛି ବୋଲି ମୁଁ ଜାଣିନଥିଲି। ଆପଣ ଆମ କର୍ତ୍ତବ୍ୟ ସମ୍ପର୍କରେ କି ପରାମର୍ଶ ଦେଉଛନ୍ତି ?,

ଇନ୍ଦ୍ର ଆତଙ୍କିତ ବୋଲି ବୁଝିପାରି ବୃହସ୍ପତି କହିଲେ ବିପଦବେଳେ ଯାହା ପ୍ରଥମେ ପ୍ରୟୋଜନ ତାହା ହେଉଛି ଧୈର୍ଯ୍ୟ ଓ ସାହସ। ଦେବତା ମାନଙ୍କ ରାଜା ହିସାବରେ ତୁମର କର୍ତ୍ତବ୍ୟ ଦାନବ ମାନଙ୍କ ଉପଦ୍ରବ ଓ ଆକ୍ରମଣରୁ ସ୍ୱର୍ଗପୁରୀକୁ ରକ୍ଷା କରିବା। ତୁମର ବିଜୟ ହେଉ ଏଇ ଶୁଭେଚ୍ଛା ପୋଷଣ ବ୍ୟତିରକେ ମୁଁ ତୁମକୁ ଆଉ କି ପ୍ରକାର ସାହାଯ୍ୟ କରି ପାରିବି ? ରାଜା ରୂପେ ଶତ୍ରୁ ଦମନ କରିବା ମୋର ପ୍ରଧାନ କାମ। ମୁଁ ମୋର ଯଥାସାଧ୍ୟ କରିବି।ଏ ଶତ୍ରୁ ଭୀଷଣ, ବ୍ରହ୍ମାଙ୍କ ବର ତାକୁ ଅବୋଧ୍ୟ କରିଛି ବୋଲି ତାର ଧାରଣା। ତେଣୁ ସେ ବହୁକାଳ ଧରି ରହି ଆସିଥିବା ବିବାଦକୁ ଏଥିର ଏକ ପରିଣତିରେ ପହଞ୍ଚାଇବା ପାଇଁ ବଦ୍ଧ ପରିକର।ତା ଭାବନାର ସେ ପରିଣତି ହେଲା ଦେବଗଣଙ୍କର ସମୂଳ ବିନାଶ।

ଏହା ଏକ ସଙ୍କଟଜନକ ପରିସ୍ଥିତି। ଆପଣଙ୍କର ପରାମର୍ଶ କଣ ? ଇନ୍ଦ୍ରଦେବ ପୁନର୍ବାର ଦେବଗୁରୁ ବୃହସ୍ପତିଙ୍କୁ ପଚାରିଲେ। ରାଜନ୍ ଅସୁର ଯେତେ ପରାକ୍ରମଶାଳୀ ହେଲେ ମଧ୍ୟ ଦୈବର ସହାୟତାକୁ ସେ ବଳି ଯାଇ ପାରିବ ନାହିଁ। ଆମ ପକ୍ଷକୁ ଦୈବର ସହାୟତା ମିଳିବ କି ନାହିଁ କେଜାଣି ? ତାହାହିଁ ହେଲା ପ୍ରଶ୍ନ। ସାମରିକ ସଙ୍କଟ ସମୟରେ ରାଜା ଭାବରେ ତୁମର ବୁଦ୍ଧି ଯେମିତି କାମ ଦେବ ମୋର ଦେବନାହିଁ ବୃହସ୍ପତି କହିଲେ। ଇନ୍ଦ୍ର ତାପରେ ବ୍ରହ୍ମାଙ୍କୁ ଭେଟି କହିଲେ ହେ ଦେବ ମଦମତ୍ତ ମହିଷାସୁର ସ୍ୱର୍ଗ ଆକ୍ରମଣ କରିବାକୁ ଉଦ୍ୟତ, ଦେବଗଣ ଆତଙ୍କିତ । ଆପଣଙ୍କ ଉପଦେଶ ଲୋଡୁଛି।

ଶିବ ଓ ବିଷ୍ଣୁଙ୍କ ସହାୟତାରେ ମହିଷାସୁରକୁ ପ୍ରତିରୋଧ କରିବା ବାଞ୍ଛନୀୟ। ଚାଲ ଶିବଙ୍କ ପରାମର୍ଶ ନେବା ବ୍ରହ୍ମା କହିଲେ। ଶିବ ସବୁ ସମାଚାର ଶୁଣି ସେମାନଙ୍କୁ ବିଷ୍ଣୁଙ୍କ ସମୀପକୁ ନେଲେ। ବିଷ୍ଣୁ ବ୍ରହ୍ମାଙ୍କର ପ୍ରସ୍ତାବକୁ ସମର୍ଥନ କଲେ।ହଂସ ଉପରେ ବ୍ରହ୍ମା, ଗରୁଡ଼ ଉପରେ

ISSN NO.
2582-208X

ବିଷ୍ଣୁ, ବୃଷଭ ଉପରେ ଶିବ ,ମୟୂର ଉପରେ କାର୍ତ୍ତିକେୟ ଓ ହାତୀ ଉପରେ ଇନ୍ଦ୍ରବସି ମହିଷାସୁରକୁ ସାମ୍ନା କରିବାକୁ ବାହାରିଲେ। ଅଳ୍ପ ସମୟ ଭିତରେ ଦେବା ସୁର ଯୁଦ୍ଧ ଭୀଷଣ ରୂପ ଧାରଣ କଲା। କିନ୍ତୁ ତ୍ରିଦେବଙ୍କ ସହାୟତା ସତ୍ୱେ ମହିଷାସୁର ଆଗରେ ଦେବପକ୍ଷ ତିଷ୍ଠି ପାରିଲେ ନାହିଁ। ସ୍ୱର୍ଗପୁରୀ ମହିଷାସୁର ଅଧିକାର କରିନେଲା।

ଇନ୍ଦ୍ରଙ୍କ ସିଂହାସନରେ ମହିଷାସୁର ବସିଲା। ତା ସେନାପତି ମାନଙ୍କୁ ସେ ସ୍ୱର୍ଗର ମୁଖ୍ୟ ପଦରେ ନିଯୁକ୍ତି ଦେଲା। ଦେବ ଭୂମିର ଐଶ୍ୱରୀୟ ଗନ୍ତାଘର ଦାନବ ମାନଙ୍କ ଅଧୀନକୁ ଚାଲି ଆସିଲା। ପରାଭୂତ ଦେବତା ମାନେ ପଳାଇଯାଇ ପାହାଡ଼, ପର୍ବତ, ଅରଣ୍ୟ ଓ ସମୁଦ୍ରର ଆଶ୍ରୟ ନେଲେ। ତାପରେ ଦେବତା ମାନେ ବ୍ରହ୍ମଙ୍କୁ କହିଲେ ଆମେ ଏବେ କରିବୁ କଣ? ମହିଷାସୁର ହାତରେ କଣ ଆମର ପରାଭବ ଚୁଡାନ୍ତ? ବ୍ରହ୍ମା କହିଲେ କୌଣସି ପୁରୁଷ ହାତରେ ତ ମହିଷାସୁରର ମୃତ୍ୟୁ ହେବନାହିଁ। ସୁତରାଂ ଉପାୟ କଣ ହୋଇପାରେ? ଚାଲ ଶିବ ଓ ବିଷ୍ଣୁଙ୍କ ପରାମର୍ଶ କରିବା।

ସେମାନେ ପ୍ରଥମେ ଶିବଙ୍କ ପାଖରେ ପହଞ୍ଚିଲେ। ବ୍ରହ୍ମା ଶିବଙ୍କୁ ଆଗମନର ହେତୁ କହନ୍ତେ ଶିବ କହିଲେ ଆପଣ ହିଁ ତ ଏ ଅନର୍ଥର ମୂଳ। ଆପଣଙ୍କ ବରଦାନ ହେତୁ ମହିଷାସୁର ଏତେ ବଳିୟାନ। ଆଶାର କଥା ସେ ପୁରୁଷ ହାତରେ ମରିବ ନାହିଁ ବୋଲି ବର ପାଇଛି। ଅର୍ଥାତ୍ ମଲେ ସ୍ତ୍ରୀ ହାତରେ ମରି ପାରେ। କିନ୍ତୁ କେଉଁ ସ୍ତ୍ରୀ ତା ସହ ଯୁଦ୍ଧ କରିବାକୁ ଯିବ? ଏପରି କିଏ ଅଛି କିଏ ଯୁଦ୍ଧ ବିଦ୍ୟା ଜାଣେ? ଏ ସମସ୍ୟାର ସମାଧାନ ବିଷ୍ଣୁଙ୍କ ବ୍ୟତୀତ ଆଉ କେହି କରିପାରିବେ ନାହିଁ। ଚାଲ ତାଙ୍କ ପାଖକୁ ଯିବା। ସମସ୍ତେ ଯାଇ ବିଷ୍ଣୁଙ୍କ ପାଖରେ ପହଞ୍ଚିଲେ। ସବୁ ଶୁଣି ବିଷ୍ଣୁ କହିଲେ ମହିଷାସୁର ଯଦି ନାରୀ ହାତରେ ବିନାଶ ଯିବାର ସମ୍ଭାବନା ଅଛି, ତେବେ ଆମେ ସମସ୍ତେ ନିଜେ ନିଜର ଶକ୍ତି ଦ୍ୱାରା ଜଣେ ଦେବୀ ସୃଷ୍ଟି କରିବା ଉଚିତ ଉପାୟ ହେବ। ବିଷ୍ଣୁ ଏଇ ପ୍ରସ୍ତାବ ଦେଇ ସାରିବା ମାତ୍ରେ ଦେବଗଣ ନିଜ ନିଜର ଶକ୍ତି ନିକ୍ଷେପ କରି ଏକ ତେଜସ୍ୱିନୀ ନାରୀ ମୂର୍ତ୍ତି ସୃଜନ କଲେ। ଶିବଙ୍କ ତେଜରେ ସେହି ଦିବ୍ୟନାରୀଙ୍କର ମୁଖ, ଯମଙ୍କ ତେଜରୁ କେଶ, ବିଷ୍ଣୁଙ୍କ ତେଜରୁ ଭୁଜ, ଚନ୍ଦ୍ରଙ୍କ ତେଜରୁ ଦୁଇସ୍ତନ, ଇନ୍ଦ୍ରଙ୍କ ତେଜରୁ ମଧ୍ୟଦେଶ, ବରୁଣଙ୍କ ତେଜରୁ ଜଙ୍ଘ ଓ ଉରୁ, ପୃଥିବୀଙ୍କ ତେଜରୁ ନିତମ୍ବ, ବ୍ରହ୍ମାଙ୍କ ତେଜରୁ ଚରଣ, ସୂର୍ଯ୍ୟଙ୍କ ତେଜରୁ ଚରଣର ଆଙ୍ଗୁଠି, ବସୁଗଣଙ୍କ ତେଜରୁ ହସ୍ତର ଅଙ୍ଗୁଳି, କୁବେରଙ୍କ ତେଜରୁ ନାସିକା, ନବପ୍ରଜାପତିଙ୍କ

ISSN NO.
2582-208X

ତେଜରୁ ଦନ୍ତାବଳୀ, ଅଗ୍ନିଙ୍କ ତେଜରୁ ତ୍ରିନେତ୍ର ସୃଷ୍ଟି ସମ୍ଭବ ହୋଇଥିଲା । ସନ୍ଧ୍ୟାଙ୍କ ତେଜରୁ ଭୃକୁଟୀ, ପବନଙ୍କ ତେଜରୁ କର୍ଣ୍ଣ, ଅନ୍ୟାନ୍ୟ ଦେବତାଗଣ ଓ ବିଶ୍ୱକର୍ମାଙ୍କ ତେଜରୁ ଦେବୀଙ୍କର ସମଗ୍ର ଶରୀର ସୃଷ୍ଟି ହୋଇଥିଲା । ଦେବୀଙ୍କ ଦିବ୍ୟରୂପ ଦେଖି ଦେବତା ଗଣ ଭାବିଲେ ଯେ ଏ ନିଶ୍ଚୟ ଆମର ଦୁର୍ଗତି ନାଶ କରିବ । ତେଣୁ ସମଗ୍ର ଦେବତା ସେହି ଦିବ୍ୟନାରୀର ନାମ ରଖିଲେ 'ଦୁର୍ଗା' ।

ତାଙ୍କର ଗୋଟେ ଗୋଟେ ହାତକୁ ଜଣେ ଜଣେ ଦେବତା ନିଜର ଅସ୍ତ୍ର ବଢାଇ ଦେଲେ। ପ୍ରଥମେ ଶିବ ନିଜର ତ୍ରିଶୂଳ ପ୍ରଦାନ କଲେ । ବିଷ୍ଣୁ ଚକ୍ର, ଅଗ୍ନି ଶକ୍ତି, ପବନ ଧନୁର୍ବାଣ, ଇନ୍ଦ୍ର ବଜ୍ର ଓ ଘଣ୍ଟା, ଯମରାଜ କାଳଦଣ୍ଡ, ବରୁଣ ପାଶ ଓ ଶଙ୍ଖ, ଦକ୍ଷ ପ୍ରଜାପତି ଅକ୍ଷମାଳା ଏବଂ ବ୍ରହ୍ମା ଦେବୀଙ୍କୁ କମଣ୍ଡଲୁ ପ୍ରଦାନ କଲେ । ଦେବୀଙ୍କର ସମଗ୍ର ଅବୟବ ପୂର୍ଣ୍ଣ ନହେବାରୁ, ସୂର୍ଯ୍ୟ ତାଙ୍କ ପ୍ରତି ଲୋମରେ କିରଣମାଳା ପୂର୍ଣ୍ଣ କରିଦେଲେ, ମହାକାଳ ଦେବୀଙ୍କୁ କାଳର ଲହଲହ ଜିହ୍ୱା ସଦୃଶ ଗୋଟିଏ ଖଡ୍ଗ ପ୍ରଦାନ କଲେ । କ୍ଷୀର ସମୁଦ୍ର ଦେବୀଙ୍କ ଶରୀରର ସୌନ୍ଦର୍ଯ୍ୟକୁ ବର୍ଦ୍ଧିତ କରାଇ ବସ୍ତ୍ର, ଉତ୍ତରୀୟ, ମୋତିମାଳା, ଚୂଡାମଣି, ଦିବ୍ୟକୁଣ୍ଡଳ ତଥା କଙ୍କଣ ପ୍ରଦାନ କଲେ । ଚନ୍ଦ୍ରମା ଦେବୀଙ୍କ ଦୁଇପାଦରେ ରୁଣୁଝୁଣୁ ପାହୁଡ, ବାହୁରେ ବାଜୁବନ୍ଧ, କଣ୍ଠରେ ଚାପସରୀ ଓ ଅଙ୍ଗୁଳିମାନଙ୍କରେ ରତ୍ନମୁଦ୍ରିକା ପିନ୍ଧାଇ ଦେଲେ । ବିଶ୍ୱକର୍ମା ଦେବୀଙ୍କୁ ଗୋଟିଏ ଅଭେଦ୍ୟ କବଚ ଓ ତୀକ୍ଷଣ ଧାରଯୁକ୍ତ ପରଶୁ, କୁବେର ଗୋଟିଏ ସୁନ୍ଦର ପାନପାତ୍ର, ଅନନ୍ତନାଗ ଗୋଟିଏ ମଣିଖଚିତ ନାଗହାର ପ୍ରଦାନ କଲେ । ପରିଶେଷରେ ହିମାଳୟ ଦେବୀଙ୍କ ବାହନ ରୂପେ ଏକ ସିଂହ ପ୍ରଦାନ କଲେ । ଦେବୀ ଦୁର୍ଗା ସିଂହ ଉପରେ ଆସୀନ ହେବା ମାତ୍ରେ ସମୁଦ୍ର ଏକ ପଦ୍ମମାଳା ଆଣି ତାଙ୍କ ଗଳାରେ ଲମ୍ବାଇ ଦେଲେ । ସମସ୍ତ ଦେବତା ନିଜ ନିଜ ଆୟୁଧ ଦୁର୍ଗାଙ୍କୁ ଦାନ କଲେ ।

ଦେବଗଣଙ୍କ ଶକ୍ତି ସମ୍ଭୂତା ଦେବୀ କହିଲେ ଭୟ ନାହିଁ। ସେ ଦାନବ ଯେତେ ଶକ୍ତିଶାଳୀ ହେଲେବି ମୋ ହାତରେ ତାର ପରାଜୟ ହେବ। ଏହା କହି ଦେବୀ ଏମିତି ଏକ ହୁଙ୍କାର ଦେଲେ ଯାହା ଫଳରେ ଦଶ ଦିଗ କମ୍ପି ଉଠିଲା। ସେ ଧ୍ୱନି ଯାଇ ମହିଷାସୁର କାନରେ ପଡ଼ିଲା। ଏହା କୌଣସି ଦେବତାର କଣ୍ଠସ୍ୱର ମନେ ହେଉନାହିଁ! ପରାଜିତ ଦେବତା ମାନେ ଏହିପରି ହୁଙ୍କାର କରିବାକୁ ସାହସ କରିବେ ନାହିଁ। ଯାଅ ଏହି ନାଦର ଉତ୍ସ କଣ ଦେଖିଆସ। ଯିଏ ନାଦକାରୀ ତାକୁ ଧରି ଆଣ। ମହିଷାସୁର ନିଜର ଦୂତ ମାନଙ୍କୁ କହିଲା।

ISSN NO.
2582-208X

କେତେ ଜଣ ରାକ୍ଷସ ଦଉଡ଼ି ଗଲେ କିନ୍ତୁ ଅବିଳମ୍ବେ ଫେରି ଆସି ସେମାନେ କହିଲେ ସିଂହାରୁଢ଼ା ଜଣେ ନାରୀ ଅଷ୍ଟାଦଶ ହସ୍ତରେ ବିଭିନ୍ନ ପ୍ରକାରର ଅସ୍ତ୍ର ସୁସଜ୍ଜିତ ହୋଇ ଆସୁଛନ୍ତି। ତାଙ୍କ କଥା ଶୁଣି ମହିଷାସୁର କହିଲା ଏପରି ଜଣେ ତେଜି ନାରୀ ମୋର ରାଣୀ ହେବାର ଯୋଗ୍ୟ। ମନ୍ତ୍ରୀଗଣ ଯାଅ ତାଙ୍କୁ ଡାକି ଆଣ, ମହିଷାସୁର କହିଲା। ମହିଷାସୁରର ଆଦେଶ ମୁତାବକ ମନ୍ତ୍ରୀ ମାନେ ଦେବୀଙ୍କ ନିକଟକୁ ଅଗ୍ରସର ହେଲେ। କିଞ୍ଚିତ୍ ଦୂରରେ ରହି ଦେବୀଙ୍କୁ କହିଲେ ମାଆ ଆପଣ କିଏ ଆମେ ଜାଣୁନା କିନ୍ତୁ ସର୍ବଲୋକର ରାଜା ମହିଷାସୁର ଆପଣଙ୍କୁ ତାଙ୍କ ରାଣୀ କରିବାକୁ ପ୍ରସ୍ତୁତ। ମନ୍ତ୍ରୀମାନଙ୍କ କଥା ଶୁଣି ଦେବୀ କହିଲେ ମୁଁ କିନ୍ତୁ ତାଙ୍କୁ ମାରିବାକୁ ଅଗ୍ରସର । ତୁମେ ମାନେ ନିରିହ।ମୋ ସମ୍ମୁଖରୁ ପଳାଇ ଯାଅ।

ମନ୍ତ୍ରୀ ମାନେ ପଳାଇ ଯାଇ ମହିଷାସୁରକୁ ସେଇକଥା କହିଲେ । ହେଲେ ସେ ସହଜରେ ସେଇ କଥାକୁ ବିଶ୍ୱାସ କରିପାରିଲା ନାହିଁ। ସେ ନିଜର ପରାକ୍ରମୀ ସେନାପତି ତାମ୍ରକୁ ପଠାଇଲା। ତାମ୍ର ନିଜର ଉଦ୍ଧତ ଭାବ ଦେଖାଇବା ମାତ୍ରେ ଦେବୀ ତାକୁ ବଧ କଲେ। ବିଚଳିତ ମହିଷାସୁର ତାପରେ ତାର ଅନ୍ୟ ଦକ୍ଷ ସେନାପତି ମାନଙ୍କୁ ପଠାଇଲା। କେହି ପ୍ରାଣ ଘେନି ଫେରିଲେ ନାହିଁ। ଯେତେବେଳେ ସେ ସମ୍ବାଦ ଯାଇ ଅସୁର ରାଜା ନିକଟରେ ପହଞ୍ଚିଲା, ସେ ତୀବ୍ର କଣ୍ଠରେ ରଡ଼ି ଛାଡ଼ିଲା। ତା ନିଜର ପାତ୍ର ମିତ୍ର ମଧ୍ୟ ଭୟରେ ଥରିଗଲେ। ଏଣେ ଦେବୀ ତାଙ୍କର ସାଫଲ୍ୟ ଆସନ୍ନ ଜାଣି ହସିଲେ। ସର୍ବଶେଷରେ ଉତ୍ତେଜିତ ମହିଷାସୁର ସ୍ୱୟଂ ଯାଇ ଦେବୀଙ୍କ ନିକଟରେ ପହଞ୍ଚିଲା। ଉଭୟଙ୍କ ଭିତରେ ଘମାଘୋଟ ଲଢେଇ ଲାଗିଲା। ଏହି ଯୁଦ୍ଧ ନଅ ଦିନ ଧରି ଚାଲିଲା। ନଅଦିନରେ ଦେବୀ ନଅ ପ୍ରକାର ରୂପ ନେଇ ମହିଷାସୁର ସହିତ ଲଢ଼େଇ କରିଥିଲେ। ପ୍ରଥମ ଦିନରେ ଦେବୀ ଶୈଳପୁତ୍ରୀ, ଦ୍ୱିତୀୟ ଦିନରେ ବ୍ରହ୍ମଚାରିଣୀ, ତୃତୀୟ ଦିନରେ ଚନ୍ଦ୍ରଘଣ୍ଟା, ଚତୁର୍ଥ ଦିନରେ କୁଷ୍ମାଣ୍ଡା, ପଞ୍ଚମ ଦିନରେ ସ୍କନ୍ଦମାତା, ଷଷ୍ଠ ଦିନ କାତ୍ୟାୟନୀ, ସପ୍ତମ ଦିନ କାଳରାତ୍ରି, ଅଷ୍ଟମ ଦିନ ମହାଗୌରୀ ଓ ନବମ ଦିନ ସିଦ୍ଧିଦାତ୍ରୀ ରୂପରେ ମହିଷାସୁର ଉପରେ ଆକ୍ରମଣ କରିଥିଲେ। ଦଶମ ଦିନ ଦେବୀ ବିଜୟ ଲାଭ କରିଥିଲେ। ଦେବୀଙ୍କ ବିଜୟ ଲାଭ କରିବାର ଦୃଶ୍ୟ ଦେଖି ଦେବତା ମାନେ ଦେବୀଙ୍କର ସ୍ତୁତି ଗାନ କରିଥିଲେ। ସେହିଦିନ ପାଖରୁ ଦେବୀଙ୍କର ଏହି ବିଜୟ ଉତ୍ସବକୁ ଏ ମାନବ ସମାଜ ବିଜୟା ଦଶମୀ ରୂପରେ

ISSN NO.
2582-208X

ଅତ୍ୟନ୍ତ ହର୍ଷ ଉଲ୍ଲାସରେ ପାଳନ କରି ଆସୁଛି। ନଅ ଦିନରେ ଦେବୀ ଧାରଣ କରିଥିବା ନଅଟି ରୂପକୁ ନଅ ଦିନ ଧରି ନବରାତ୍ର ରୂପେ ପାଳନ କରାଯାଉଛି।

ମହିଷାସୁର ଉପରେ ଦେବୀ ଦୁର୍ଗାଙ୍କର ଏହି ବିଜୟ ପ୍ରଣାମ କରିଦିଏ ଯେ ନାରୀ ଅବଳା କି ଦୁର୍ବଳା ନୁହେଁ ସେ ହେଉଛି ଶକ୍ତିର ଉତ୍ସ। ସେଥିପାଇଁ ବ୍ରହ୍ମବୈବର୍ତ୍ତ ପୁରାଣ ପ୍ରକୃତି ଖଣ୍ଡ ୫୩ ଅଧ୍ୟାୟରେ କୁହାଯାଇଛି –

“ସର୍ବଚୈତନ୍ୟ ରୂପାଂଣଂ ଆଦ୍ୟାଂବିଦ୍ୟାଂଚ ଧିମହୀ। ଭାରତୀୟ ତନ୍ତ୍ର ବିଜ୍ଞାନ ମତରେ ଶକ୍ତି ହିଁ ସୃଷ୍ଟିର ମୂଳ କାରଣ। ଶକ୍ତି ଶକ୍ ଧାତୁରୁ କ୍ତିନ୍ ପ୍ରତ୍ୟୟ ଯୋଗେ ନିଷ୍ପନ୍ନ ତଥା ସ୍ତ୍ରୀ ବାଚକ ଶବ୍ଦ ହୋଇଥିବାରୁ ସିଦ୍ଧ ସାଧକ ମାନେ ଶକ୍ତିକୁ ମାତୃଶକ୍ତି ରୂପେ ପ୍ରତିପାଦନ କରିଛନ୍ତି। ଭାରତୀୟ ଆଧ୍ୟାତ୍ମ ବିଜ୍ଞାନୀ ବୃନ୍ଦ ପ୍ରାଚୀନ କାଳରୁ ଶକ୍ତିକୁ ମହାଦେବୀ ରୂପେ ଉଦଘୋଷଣା ପୂର୍ବକ ବେଦ ଓ ବିଜ୍ଞାନ ମଧ୍ୟରେ ସମନ୍ୱୟ ସୃଷ୍ଟି କରାଯାଇଛି ।”

ତେଣୁ ବେଦରେ କୁହାଯାଇଛି "ନାୟମାତ୍ମା ବଳହୀନଲଭଃ"। ଅର୍ଥାତ୍ ସଂସାରର ସମସ୍ତ ଜାଗତିକ କାର୍ଯ୍ୟ ମୂଳରେ ଶକ୍ତି ବିଦ୍ୟମାନ।

ଅତିରିକ୍ତ କମିଶନର
ଦ୍ରବ୍ୟ ଓ ସେବା କର
ପୁରୀ ଚକଲା, ପୁରୀ(ଅପିଲ୍)
୯୪୩୮୧୪୬୨୦୦

ISSN NO.
2582-208X

# ଜୟ ଶ୍ରୀ ରାମ



ମଧୁମିତା ମିଶ୍ର

କୌଶଲ୍ୟା କୈକେୟୀ ସୁମିତ୍ରା ସହିତ ଚିନ୍ତିତ ଯେ ଦଶରଥ...!
କୋଳେ କେବେ ଜନ୍ମ ହେବ ଦେବଦୂତ ପୂରାଇ ସେ ମନୋରଥ ...!!

ଖେଳ ଖେଳିବାକୁ ବିଧାତା ଆସିଲେ ଖିଲି ଖିଲି ହସେ ମାତି...!
ଭରତ ଲକ୍ଷ୍ମଣ ଶତ୍ରୁଘ୍ନ ସହିତ ଜନ୍ମି ରାମ ଖଗପତି...!!

ଗରବ ଗଞ୍ଜନ ନାମଟି ଗୁଞ୍ଜିଲା ଗଗନ ପବନ ସାରା...!
ଗୁଣୀସୂତ ପାଇ ଧନ୍ୟହେଲା ଧରା ସେ ଯେ ଗୁଣର ପସରା...!!

ଘର ଛାଡ଼ି ଘୋର ବନେ ଚଳିଗଲେ ବିଦ୍ୟାର୍ଥୀ ହୋଇ ଶ୍ରୀରାମ...!
ଘୋରବନ ମଧ୍ୟେ ଶୁଭକାର୍ଯ୍ୟ ହେଲା ରାକ୍ଷସ କଲେ ନିଧନ...!!

ଚପଳ ଚଞ୍ଚଳ ବୟସେ ଚାଲିଲେ କରି ଅହଲ୍ୟା ଉଦ୍ଧାର...!
ଚାପ ସହ ତୀର ଧରି ପ୍ରବେଶିଲେ ମିଥିଳାରେ ରଘୁବୀର...!!

ଛତ୍ରପତି କେତେ କେତେ ସୁରବୀର ଛତ୍ରଭଙ୍ଗ ଦେଇ ଗଲେ...!
ଛୁଇଁଦେଇ ରାମ ସେହି ସମୟରେ ଶିବଧନୁ ଭଙ୍ଗ କଲେ...!!

ISSN NO.
2582-208X

ଜନକନନ୍ଦିନୀ ଜାଣିଗଲେ ତାଙ୍କୁ ସେ ଯେ ଜୀବନର ସାଥୀ...!
ଜନ୍ମ ଜନ୍ମ ପାଇଁ ବରିଲେ ରାମଙ୍କୁ ଜୈ ରଘୁବୀର ସୀତାପତି...!!

ଝର ଝର ହସ ଝରୁଥିଲା ଧୀରେ ରାଜଉଆସ ଭିତରେ...!
ଉର୍ମିଳା ମାଣ୍ଡବୀ ଶ୍ରୁତକିର୍ତ୍ତୀ ଯେବେ ଝିଅରୁ ବୋହୂ ସାଜିଲେ...!!

ଟଗର ତମାଳ ଚମ୍ପା ଯୁଇ ମାଳ ଶୋଭିଲା ରାଇଜ ସାରା...!
ଟିପି ଟିପି ହୋଇ ଝୋଟି ପଡ଼ିଥିଲା ଅଭିଷେକ ପାଇଁ ପରା...!!

ଡର ସହିଲାନି ଦାସୀ ମନ୍ଥରାର କୈକେୟୀ ଶୁଣି ତା' କଥା...!
ଡାରା ନ ଯାଉଣୁ ବଚନକୁ ପାଳି ରାମ ବନକୁ ଗଲେ ଅଗତ୍ୟା...!!

ଥର ଥର ହାତେ ଥିରି ବଚନରେ କ୍ଷମା ମାଗିଲେ ଭରତ...!
ଥଳକୂଳ କାହିଁ ତୁମ ଅଭାବରେ କଠଉ ନେଲେ ତୁରନ୍ତ...!!

ଦଣ୍ଡକାରଣ୍ୟରେ ଦିବସ ଯାପନ କରିବା ଭାଗ୍ୟରେ ଥିଲା...!
ଦୁଷ୍ଟ ସୂର୍ପଣଖା ଦୋଷ ପାଇଁ ସୀତା ହରଣ ଦିନେ ହୋଇଲା...!!

ଧରା କାନ୍ଦୁଥିଲା ନରାଧମ ପାଇଁ ଧରଣୀସୁତା ବିରହରେ ରାମ...!
ଧରି କୋଦଣ୍ଡକୁ ଖୋଜି ବୁଲି କଲେ ବାଳୀ ବଧ ସମ କାମ...!!

ନର ନାରାୟଣ ବାନର ଭଲ୍ଲୁକ ସେତୁବନ୍ଧ କରି ନିର୍ମାଣ...!
ରାମପଣ ପାଇଁ ଗଲେ ନଳନୀଳ ଅଙ୍ଗଦ ସୁଗ୍ରୀବ ହନୁମାନ...!!

ପତିତ ଉଦ୍ଧାର ସକାଶେ ପ୍ରକାଶ ପବିତ୍ର ପାପ ନାଶିନୀ...!
ପ୍ରବେଶ କରିଣ ଅଗ୍ନିରେ ରଖିଲେ ଯଶ ଜନକ ନନ୍ଦିନୀ...!!

ISSN NO.
2582-208X

ଫୁଟିଲା କୁସୁମ ରାବଣ ମରଣ ଜଗତେ ଫର୍ଚ୍ଛା ଆଲୋକ...!!
ଫେରିଆସି ରାଜା ହୋଇ ଶ୍ରୀରାମ ରଖିଲେ ବଂଶର ଟେକ...!!

ବର୍ଷ ନ ପୁରୁଣୁ ବାମ ହେଲା ଭାଗ୍ୟ ଧୋବାର କଥା ରହିଲା...!!
ବନକୁ ପଠାଇ ସୀତା ବିରହରେ ରାମ ଜୀବନ ବିତିଲା...!!

ଭାଇ ଦୁଇ ଆସି ଭବନେ ପ୍ରବେଶି ରାମାୟଣ ଭଜି ଦେଇ...!
ଭାଳେଣି ପଡ଼ିଲା ଅଯୋଧ୍ୟା ପୁରରେ ସୀତା ଅଭିମାନ ପାଇଁ...!!

ମନ ମରିଗଲା ବୈଦେହୀଙ୍କର ଯେ ମର୍ମାହତ ହେଲେ ମାତା...!
ମାନର ବିହୁନେ ପ୍ରାଣ ନିରର୍ଥକ ମାଟିରେ ମିଶିଲେ ସୀତା...!!

ଜର୍ଜରିତ ହେଲେ ଦୁଃଖରେ ଶ୍ରୀରାମ ଯୌବନ ଜୁଇ ସାଜିଲା...!
ଯମଜ ସନ୍ତାନେ ଯୋଗ୍ୟ କରି ଯୋଗୀ ଜୀବନ ଯଜ୍ଞ ସରିଲା...!!

ରଘୁକୁଳ କୀର୍ତ୍ତି ରହିଲା ଜଗତେ ସତ୍ୟ ଧର୍ମ ରକ୍ଷା ହେଲା...!
ରାମରାଜ୍ୟ ହେଲା ଧରା ରକ୍ଷା ହେଲା ଶାନ୍ତି ଟିକେ ନ ମିଳିଲା...!!

କୁଳର ଗାରିମା ବଚନ ମହିମା ଶୂଳ କଳହ ଶୂନ୍ୟ ସକଳ...!
ଛଳ ଛଳ ଚକ୍ଷୁ ଲୋତକେ ପୁରିଲା ସର୍ବେ ହୋଇଲେ ବିକଳ...!!

ଗୋଲକ ଧାମକୁ ଚାଲିଗଲେ ହରି ନର ଦେହ ଲୋପ କରି...!
ରାମ ଅବତାର ସମାପ୍ତ ହୋଇଲା ଲୁଚିଲା ସତ୍ୟର ଶୀରି...!!

ଶେଷନାଗ ସହ ସମାପ୍ତି ସଂକଳ୍ପ ନେଲେ ସଲୀଳ ସମାଧି...!
ସପ୍ତଋଷି ସହ ବୈକୁଣ୍ଠକୁ ଗଲେ ବିଷ୍ଣୁ ପାଶେ ଅଷ୍ଟନିଧି...!!

ISSN NO.
2582-208X

ସମୟ ରହିନି ରହିଛି କି କେବେ ସାତ ଗଣ୍ଠି ଦେଲେ ଦେଇ...!
ସମୟ ସ୍ରୋତରେ ଭାସିବାକୁ ହେବ ଏକଥା ସତ୍ୟ ଅଟଇ...!!

ଶେଷ ହୁଏନାହିଁ ଶ୍ରବଣ କରିଲେ ରାମକଥା ମହାପୁଣ୍ୟ...!
ରାମ ନାମ ଧରି ବଞ୍ଚିଥିବ ଯଦି କଷ୍ଟ ନ ଦେବ ମରଣ...!!

ଜୟ ସୀତାରାମ ରାଜୀବ ଲୋଚନ ଜୟ ରଘୁବୀର ରାମ...!
ସହାୟ ହେବ ହେ ରଖିବ ମହତ ସତ୍ୟ ଏକା ତୁମନାମ..!!

ଶ୍ରୀରାମ ଶରଣ ଶ୍ରୀରାମ ଭଜନ ଶ୍ରୀରାମ ଜପରେ ଲୟ...!
ଶ୍ରୀରାମ ନାମରେ ସର୍ବ ସିଦ୍ଧି ହୁଏ କଟିଯାଏ ମନୁ ଭୟ...!!

ଭୁବନେଶ୍ୱର / ୯୪୩୮୪୭୦୮୦୬

ISSN NO.
2582-208X

# ପ୍ରତାରଣା



ଅଲେଖ ମେହେର (ଯାଯାବର)

ପକ୍ଷ୍ମଲାକ୍ଷୀ ତୋର ଆହାକି ମଞ୍ଜୁଳ
ବୁଡାଉଛି ଯୁବା ମନ,
ଭ୍ରମରେ ଭ୍ରମାଇ ଭ୍ରମର ସଜାଇ
ହସି ଦିଅ ଦୁଃଖ ଘନ।
ସରଣୀ ହରାଇ ଶରଣ ପଶଇ
ସର ସରସତା ଦେଖି,
ହଂସା ହଂସ ଝଟ ବସ୍ତ୍ର କୀରିଟ
ପିନ୍ଧାଏ ଶୋଣିତେ ଲେଖି।
ବିସକୁ ବିଷରେ ବୁଡାଇ ଫୁଟିଛ
ଚଞ୍ଚରୀକ ଥିଲା ଅଜ୍ଞ,
ବିଲୋକି ଝଟତି ଝାସଦେଇ ବେଗେ
ଆରମ୍ଭିଲା ପ୍ରୀତି ଜଜ୍ଞ।
ପ୍ରଣୟ ପୀୟୁଷ ମଣିଥଲା ଯାହା
ସାଜିଗଲା ବାଡବାଗ୍ନି,
ଝିମିଟେ ଝଗଡି ପ୍ରସାରିତ ହୋଇ
ସଜାଇ ଦେଲା ଚିତାଗ୍ନି।
କାହିଁ ଆଉ ସେଇ ନୈସର୍ଗିକ ଭାବ
ବୁଝିବ ଅନ୍ତର ବ୍ୟଥା ?
କୌତୁକ କଣ୍ଢେଇ ଖେଳକୁ ରମ୍ୟକ
ନିର୍ଜିବ ବୁଝେ କି କଥା ?

ISSN NO.
2582-208X

ମିତ୍ର ପୁତ୍ର ପୁର କେବେ ନୁହେଁ ଦୂର
ପ୍ରତାରଣା ତାର ଦ୍ୱାର,
ମଧୁ କାଳ ସ୍ୱପ୍ନ ଦେଖାଇ ଅକ୍ଳେଶେ
ଜୀବ ଥାଇ ମୋଦେ ମାର ।
ଜାଣି ପଥବଣା ହୋଇ ଝାସ ଦିଏ
ଅନଳେ ଯଥା ପତଙ୍ଗ,
ଭବିଷ୍ୟତ ଯହିଁ ଲୋତକ ଅସରା
ଜୀବନ ସାଜେ ବେରଙ୍ଗ ।
କୁଟିଳ କୁନ୍ତଳା କୁଟିଳ ଚପଳା
ଗର ଭରା ଯାହା ଉର,
ସଂସ୍ପର୍ଶେ ଆସିଲେ ଜୀବନଟା ସାରା
ବ୍ୟାକୁଳତା କରେ ଘର ।

ବରପଦର, ଗୋବିନ୍ଦପୁର, ବରଗଡ଼
ମୋ–୭୩୭୦୨୨୦୫୫

ISSN NO.
2582-208X

# ବାପା ଏତେକାମ କେମିତି କରୁଥିଲେ ?



ଡ. ଶୁଭେନ୍ଦୁ ମେହେର

ମୁଁ ଛୋଟଥିଲା ବେଳେ
କଷି ଆଖିରେ ଦେଖିଛି  !
ଆଜି ଯେଉଁ ଜମିରେ
ଆମେ ଘର ଖଣ୍ଡିଏ କରିଛୁ
ତାହା ଆଗରୁ ନଥିଲା ।

ନିଜର ଗୋଡ଼କୁ ବଜ୍ରକରି,
କାନ୍ଧକୁ ଟାଣ କରି,
ଖରା ଝାଞ୍ଜିର ପ୍ରଖରତା,
ବର୍ଷା ଆଉ ଶୀତର ଗାଢ଼ତାକୁ
ଖାତିର ନ କରି
ଜମିଖଣ୍ଡକ ବାପା କିଣିଥିଲେ ।

ବାପା ଇସ୍କୁଲ ମାଡ଼ିନଥିଲେ ସିନା
ହେଲେ...
ଆମଠାରୁ ଢ଼େର ବୁଦ୍ଧିଥିଲା ତାଙ୍କର ।

ବଳଦ ସେବା କରୁଥିଲେ,
ଖର୍ସି ଗୁହାଳ ସଫା କରୁଥିଲେ,

ISSN NO.
2582-208X

ଗାଇ ସେବା ଓ ଦୁହିଁବା ବି
ନିଜେ କରୁଥିଲେ ।

ଶଗଡ଼, ଲଙ୍ଗଳ, କୋଡ଼ି, କୋଦାଳ
ସବୁଥିଲା ତାଙ୍କର ।

ପିଲାବେଳେ,
ବାପାଙ୍କ ସାଇକେଲରେ ବସି
ଗାଁ ପୋଖରୀକୁ ଗାଧୋଇ ଯାଇଛି,
ଶଗଡ଼ ଗାଡ଼ିରେ ବସିଛି,
ହଲ ଘଉଡ଼ିଛି,
ବାପା ଡିବିଭାତ ଖାଇଲାବେଳେ
ଲଙ୍ଗଳ ଜୁତିଛି ।

ଧାନ ବ୍ୟତୀତ !
ଆଖୁ, ପିଆଜ, ଆଳୁ, ବାଇଗଣ ବି
ଚାଷ କରି ପକାଉଥିଲେ
ମୁଁ ଦେଖିଛି ଏଇ ଆଖିରେ ପିଲାବେଳେ ।

ଖାଲି ସେତିକି ନୁହେଁ
ନିଜର ଜାତିଗତ ବୃତ୍ତିକୁ ବି
ଜୋରରେ ଭିଡ଼ି ଧରିଥିଲେ ବାପା ।

ପାହାନ୍ତି ତାରା ଉଇଁଲେ
ନିଦ ଭାଙ୍ଗୁଥିଲା ବାପାଙ୍କର
ତାପରେ କାମ କାମ ଆଉ କାମ,
ରାତିର ଭାତଖିଆ ତାରା ଦେଖିଲେ

ISSN NO.
2582-208X

ଥକ୍କା ମାରୁଥିଲେ
ଭାତ ଖାଉଥିଲେ
ବିଛଣା ଧରୁଥିଲେ ।

ସତରେ,
ସେ' କେମିତି
ଏତେସବୁ କରି ପାରୁଥିଲେ ?
ତାଙ୍କପାଇଁ ରୁଟିନ ତ ନଥିଲା !

ସେତେବେଳେ,
ଆମଘରେ ପୁଣି ବିଜୁଳି ନଥିଲା,
ସମୟ ଦେଖିବା ପାଇଁ
ଘଣ୍ଟା ବି ନଥିଲା,
କେବଳ ଡିବିରୀ ଆଲୁଅ
ତାଙ୍କପାଇଁ ଯଥେଷ୍ଟ ହିଁ ଥିଲା ।

ଏତିକିରେ ସେ' ସନ୍ତୁଷ୍ଟ ନଥିଲେ.......
ନିହାଣ ଧରି
ଲଙ୍ଗଳ ଯୁଆଡ଼ି ତିଆରୁଥିଲେ !
ଶଗଡ଼, ଅର, ପୁଟି ବି ତିଆରୁଥିଲେ !!
ଦଉଡ଼ିଆ ଖଟ, ଶିକା, ପଘା,
ସବୁ ତିଆରି କରୁଥିଲେ !!!

ସେ' କେବେ,
ଅସୁସ୍ଥ ହେବାର ଦେଖିନି ମୁଁ........!

ISSN NO.
2582-208X

ବେଳେ ବେଳେ,
ମଟାଳ ମାଟିରେ ହଳକରି
ପାଦ ଫାଟିଯାଏ ବୋଲି
ଜଙ୍ଗଲୀ ଭାଳିଆକୁ ନିଆଁରେ ପୋଡ଼ି
ଚେଙ୍କ ନିଅନ୍ତି ।
କଣନଖି ହେଲେ,
ଚୁଲିରେ ଚଟୁ ଗରମକରି
ପାଣି ଗଡ଼େଇ ହୁଅନ୍ତି,
ଓଃ...ଆଃ... କରି
କେତେ ଯନ୍ତ୍ରଣା ପାଆନ୍ତି ।

ତଥାପି.....
ଏତେ ସବୁ ହେଲାପରେ ବି
ପରଦିନ ପୁଣି ହଳନେଇ
ବିଲକୁ ଯାଉଥିଲେ,
ଖଳାରେ ବେଙ୍ଗଳା କରୁଥିଲେ !
ଭାବିଲେ ଆଶ୍ଚର୍ଯ୍ୟ ଲାଗେ
ସତରେ,
ବାପା ଏତେକାମ କେମିତି କରୁଥିଲେ ???

ଯାଲ୍ଲେଏ, ସୁବର୍ଣ୍ଣପୁର

ISSN NO.
2582-208X

# ଗୃଣକ୍ୟ : ଆଦର୍ଶବାଦର ଜଣେ ସମୁଜ୍ଜ୍ୱଳ ପ୍ରତୀକ



ହିତେଶ ବେହେରା

ଆଜିର ଆଧୁନିକ ସାହିତ୍ୟ ଏକ ବିବର୍ତ୍ତନଶୀଳ ସାହିତ୍ୟ । ଏ ସମୟରେ ସାହିତ୍ୟ ବିଭିନ୍ନ ତଥ୍ୟ ଓ ତତ୍ତ୍ୱକୁ ନେଇ ପ୍ରତିଷ୍ଠିତ । ସାଂପ୍ରତିକ ସମୟର ସ୍ଥିତି ଓ ପରିସ୍ଥିତିକୁ ଦ୍ୱାହି ଦେଇ ସାହିତ୍ୟ ନବନବ ରୂପରେ ବିଦ୍ୟମାନ । ଅଧୁନା ଓଡ଼ିଆ ସାହିତ୍ୟକୁ ଖୁବ ପ୍ରଭାବ ପକାଇଥିବା ଏକ ଚେତନା ହେଉଛି ମିଥ୍ ଚେତନା । ସାଧାରଣତଃ ମିଥ୍ କହିଲେ ପୁରାଣ, ଇତିହାସ, କିମ୍ବଦନ୍ତୀ ଓ ଗାଳଗଳ୍ପକୁ ବୁଝାଇଥାଏ । ଏ ମିଥ୍ ଚେତନା ଏକ ସାହିତ୍ୟ ନୁହେଁ; ମାତ୍ର ସାହିତ୍ୟ ସୃଷ୍ଟି କରିବାର ଏକ ପ୍ରମୁଖ ମାଧ୍ୟମ । ଏହାକୁ ଆଧାର କରି ସାହିତ୍ୟ ସର୍ଜନା କରାଯାଏ, ଏ ସମ୍ପର୍କରେ Philip Rahv କହନ୍ତି – "Myth is a certain kind of objectives fantasy to which literature has had frequent recourse for its material and patternas but in itself it is not literature." ( ୧ ) । ଓଡ଼ିଆ ସାହିତ୍ୟକଗଣ ମିଥ୍ କୁ ସାହିତ୍ୟ ସର୍ଜନାର ଅନ୍ୟତମ ଉତ୍ସ ଭାବରେ ଗ୍ରହଣ କରି ନେଇଛନ୍ତି । ଏହାରି ଆଧାରରେ ଆଧୁନିକ ମଣିଷ ଜୀବନର ବ୍ୟର୍ଥତା, ଗ୍ଳାନି, ହତାଶାବୋଧ, ଦ୍ୱନ୍ଦ୍ୱ, ଅସହାୟତା ଓ ଅସମର୍ଥତା ଆଦିକୁ ବ୍ୟକ୍ତ କରିବା ଏମାନଙ୍କର ଉଦ୍ଦେଶ୍ୟ । ଅନେକ ଲେଖକ ମିଥକୁ ଆଶ୍ରୟ କରି ସ୍ୱରଚନାରେ ମିଥର ପୁନର୍ନିର୍ମାଣ କରିଛନ୍ତି । ଅର୍ଥାତ ଆମ ପୁରାଣ ଇତିହାସାଦିରେ ଥିବା ଚରିତ୍ର ପୂର୍ବରୁ ଯେପରି ଭାବରେ ଆମ ଚେତନାରେ ଅଙ୍କିତ ହୋଇଛନ୍ତି, ତାକୁ ଭାଙ୍ଗିଦେଇ ନୂଆ ଅର୍ଥଦ୍ୟୋତନାରେ ଉପସ୍ଥାପିତ କରିଛନ୍ତି । ପୁରାଣର ଚରିତ୍ରକୁ ବର୍ତ୍ତମାନ ପରିପ୍ରେକ୍ଷୀରେ ପ୍ରକାଶ କରିଛନ୍ତି । ଏ ପ୍ରକାରର ଚରିତ୍ରକୁ ନେଇ ରଚନା ଆମ ଓଡ଼ିଆ ସାହିତ୍ୟର କବିତା, ନାଟକ ଓ ଉପନ୍ୟାସରେ ଦେଖିବାକୁ ମିଳେ ।

ISSN NO.
2582-208X

ସ୍ୱାଧୀନତା ପରବର୍ତ୍ତୀ ସମୟର ଜଣେ ସଫଳ ନାଟ୍ୟକାର ହେଉଛନ୍ତି ରତ୍ନାକର ଚଇନି । ତାଙ୍କର ନାଟକଗୁଡ଼ିକ ମଧ୍ୟରେ 'ଶେଷ ଅଶ୍ରୁ' (୧୯୬୭), 'ଅସ୍ତରାଗର ଚନ୍ଦ୍ର' (୧୯୬୮), 'ମଞ୍ଚ ନାୟିକା' (୧୯୬୮), 'ରାଜହଂସ' (୧୯୬୯ ), 'ପୁନଶ୍ଚ ପୃଥିବୀ' (୧୯୭୧ ), କଳଙ୍କିତ ସୂର୍ଯ୍ୟ (୧୯୭୫), ଅନ୍ଧାରରେ ସୂର୍ଯ୍ୟମୁଖୀ (୧୯୭୬) ଓ 'ଅଥଚ ଚାଣକ୍ୟ' (୧୯୮୨) ଆଦି । ତାଙ୍କର ଏ ସୃଷ୍ଟିଗୁଡ଼ିକ ନାଟ୍ୟ ଜଗତରେ ତାଙ୍କୁ ସ୍ୱତନ୍ତ୍ର ପରିଚିତି ଆଣିଦେଇଛି । ନାଟ୍ୟକାର ଚଇନିଙ୍କ ନାଟକଗୁଡ଼ିକ ମଧ୍ୟରେ 'ଅଥଚ ଚାଣକ୍ୟ' ଏକ ସଫଳ ମିଥ୍ ଧର୍ମୀ ନାଟକ । ଏଇ ପରିପ୍ରେକ୍ଷୀରେ ନାଟ୍ୟକାରଙ୍କ ଏହି ନାଟକରେ ମିଥ୍ ର କିପରି ନବରୂପାୟନ ଘଟିଛି ତାହାକୁ ବିଶ୍ଳେଷଣ କରିବା ଏ ଆଲେଖ୍ୟର ମୁଖ୍ୟ ଉଦ୍ଦେଶ୍ୟ ।

## ଇତିହାସ ବନାମ୍ 'ଅଥଚ ଚାଣକ୍ୟ' ନାଟକ

ଅତୀତ ଇତିହାସର ଚାଣକ୍ୟଙ୍କ ସମ୍ପର୍କରେ ଆମେ ସମସ୍ତେ ନିଶ୍ଚିତ ରୂପେ ଅଳ୍ପ ବହୁତ ଜ୍ଞାତ । ପଣ୍ଡିତ ଚାଣକ୍ୟ ମଗଧରେ ଖ୍ୟାତି ଲାଭ କରିଥିବା ଆଚାର୍ଯ୍ୟ ଚଣକଙ୍କ ପୁତ୍ର ଅଟନ୍ତି । ସେ ନନ୍ଦ ବଂଶର ରାଜା ଧନନନ୍ଦଙ୍କ ଠାରୁ ରାଜଦରବାରରେ ଅପମାନିତ ହେବାପରେ ଅନ୍ୟାୟୀ, ଅତ୍ୟାଚାରୀ ଓ ପ୍ରଜାପୀଡ଼କ ରାଜାକୁ କ୍ଷମତାଚ୍ୟୁତ କରି ଏକ ଶୃଙ୍ଖଳିତ ଶାସନର ପ୍ରତିଷ୍ଠା କରିବା ପାଇଁ ସେଦିନ ପ୍ରସାଦରୁ ବାହାରି ଯାଇଥିଲେ । ବୌଦ୍ଧ ଗ୍ରନ୍ଥର ବର୍ଣ୍ଣନା ଅନୁସାରେ ଏକଦିନେ ଚାଣକ୍ୟ ପ୍ରତିଶୋଧ ନେବା ଆଶାରେ ଯାଉଥିବା ମାର୍ଗରେ ଦେଖିଲେ ଚନ୍ଦ୍ରଗୁପ୍ତ କିଛି ବାଳକଙ୍କ ସହିତ 'ରାଜ କୀଲମ୍' ଅର୍ଥାତ୍ ରାଜ କ୍ରୀଡ଼ା ନାମକ ଖେଳରେ ମଜ୍ଜି ରହିଥିଲେ । ଦୂରରୁ ଥାଇ ଖେଳ ଉପଭୋଗ କରୁଥିଲେ ଆଚାର୍ଯ୍ୟ ଚାଣକ୍ୟ । ସେ ଦେଖିଲେ ଯେ ଚନ୍ଦ୍ରଗୁପ୍ତ ନାମକ ବାଳକ ବାଳକମାନଙ୍କ ମଣ୍ଡଳୀ ଭିତରେ ରାଜା ହୋଇ ବିଚାର କରୁଥିଲେ । ତାହାର ଗୁଣକୁ ସୂକ୍ଷ୍ମ ଦୃଷ୍ଟିରେ ଦେଖୁଥିବା ଆଚାର୍ଯ୍ୟ ଚାଣକ୍ୟ ଚନ୍ଦ୍ରଗୁପ୍ତ ଭିତରେ ଏକ ଉଜ୍ଜ୍ୱଳ ଭବିଷ୍ୟତ ଲୁଚି ରହିଥିବାର ଅନୁଭବ କଲେ । ଚନ୍ଦ୍ରଗୁପ୍ତ ରହିଥିବା ଶିକାରୀ ଘରେ ଚାଣକ୍ୟ ୧୦୦୦ କାର୍ଷାପଣ (ସେତେବେଳର ପ୍ରଚଳିତ ରୂପା ମୁଦ୍ରା) ଦେଇ କିଣି ନେଇଯାଇଥିଲେ । (୨) । ତାହାପରେ ତାଙ୍କୁ ତକ୍ଷଶିଳାକୁ ନେଇ ସବୁ ପ୍ରକାରର ବିଦ୍ୟାଶିକ୍ଷାରେ ପାରଙ୍ଗମ କରାଇଥିଲେ । ଜଷ୍ଟିନଙ୍କ ବିବରଣୀ ଅନୁସାରେ ଚନ୍ଦ୍ରଗୁପ୍ତ ସେହି ସମୟରେ ସମଗ୍ର ଏସିଆ ଭୂଖଣ୍ଡକୁ ଅଧିକାର କରିବାକୁ ଅଗ୍ରସର ହୋଇଥିବା ଗ୍ରୀକବୀର ଆଲେକଜାଣ୍ଡାରଙ୍କ ନିକଟକୁ ସହାୟତା ନିମିତ୍ତ ଯାଇଥିଲେ । ମାତ୍ର ତାଙ୍କର ନିର୍ଭୟ ଚିତ୍ତ ଓ ସ୍ପଷ୍ଟବାଦିତା ଦେଖି ଆଲେକଜାଣ୍ଡାର ତାଙ୍କୁ ମାରିଦେବାକୁ ଆଦେଶ

ISSN NO.
2582-208X

ଦେଇଥିଲେ । ଫଳରେ ଚନ୍ଦ୍ରଗୁପ୍ତ ପ୍ରାଣକୁ ବଞ୍ଚାଇ ପଳାଇ ଆସିଥିଲେ । (୩) । ତାହାର କିଛି ବର୍ଷ ପରେ ଅଲେକଜାଣ୍ଡାରଙ୍କ ଦେହାବସାନ ପରେ ୟୁନାନୀ ଶାସିତ ସିନ୍ଧୁ ଓ ପଞ୍ଜାବ ଅଞ୍ଚଳରୁ ବିରାଟ ସୈନ୍ୟବାହିନୀ ଗଠନ କରିଥିଲେ । ତତପଶ୍ଚାତରେ ମଗଧ ଆକ୍ରମଣ କରି ଧନନନ୍ଦଙ୍କୁ ପରାସ୍ତ କରିଥିବାର ସୂଚନା ମିଳେ । ମାତ୍ର ଇତିହାସରେ ରାଜା ଧନନନ୍ଦ ଏବଂ ଚନ୍ଦ୍ରଗୁପ୍ତଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧ ସମ୍ପର୍କରେ କୌଣସି ପ୍ରକାର ସାକ୍ଷ୍ୟ ପ୍ରମାଣ ମିଳିନାହିଁ । କେବଳ କୁହାଯାଏ ଯେ ଚାଣକ୍ୟଙ୍କ ପରାମର୍ଶ ଅନୁସାରେ ରାଜା ଧନନନ୍ଦଙ୍କୁ ପରାସ୍ତ କରି ଚନ୍ଦ୍ରଗୁପ୍ତ ସିଂହାସନ ଆରୋହଣ କରିଥିଲେ ଏବଂ ମୌର୍ଯ୍ୟ ବଂଶର ପ୍ରତିଷ୍ଠା କରିଥିଲେ ।

ବିଂଶ ଶତାବ୍ଦୀର ଅଷ୍ଟମ ଦଶକରେ ପ୍ରକାଶ ପାଇଥିବା ନାଟ୍ୟକାର ରତ୍ନାକର ଚଇନିଙ୍କ 'ଅଥଚ ଚାଣକ୍ୟ' ନାଟକ ମିଥ୍ ର ନବନ୍ୟାୟିକ ହୋଇଥିବା ଏକ ଭିନ୍ନ ସ୍ୱାଦର ନାଟକ । ରାଜାଙ୍କ ଅତ୍ୟାଚାରରେ ପୀଡିତ ପ୍ରଜାଙ୍କ କରୁଣ ଚିତ୍କାରରୁ ନାଟକର ଆରମ୍ଭ ହୋଇଛି । ରାଜାଙ୍କ କର୍ମଚାରୀମାନେ ଏକ ଅବଳା ନାରୀକୁ ଧର୍ଷଣ କରୁଛନ୍ତି, ସେମାନଙ୍କ କବଳରୁ ରକ୍ଷା ପାଇବା ଲାଗି କରୁଛି ବିକଳରେ ଆର୍ତ୍ତଚିତ୍କାର । ରାଜଶକ୍ତିର ଗତି ଯେ କେତେ ନିମ୍ନସ୍ତରର ହୋଇଛି, ତାହା ଏଥିରେ ପ୍ରମାଣିତ । ଏଠାରେ କୁସୁମପୁର ବୋଲି ଏକ ଜନପଦ ରହିଛି, ଯାହା ରାଜାଙ୍କ ନିର୍ମମ ଅତ୍ୟାଚାରରେ ଜନଶୂନ୍ୟ ହୋଇଛି । ସେ ସ୍ଥାନର ଲୋକମାନଙ୍କ ରାଜାଙ୍କ ବିରୋଧରେ ବିଦ୍ରୋହ ସେମାନଙ୍କୁ କାରାଗାର ମଧ୍ୟକୁ ଟାଣିନେଇଛି । ସେ କାରାଗାରର ଅନ୍ଧକାର କୋଠରୀ ମଧ୍ୟରେ ଚାଣକ୍ୟଙ୍କ ପିତା ଆଚାର୍ଯ୍ୟ ଚଣକ, ଆଚାର୍ଯ୍ୟ ଶକଟାୟନ ଏବଂ ଚନ୍ଦ୍ରଗୁପ୍ତ ପିତା ମୌର୍ଯ୍ୟ ମଧ୍ୟ ରହିଛନ୍ତି । ଏ ଘଟଣା ଉଭୟ ଚନ୍ଦ୍ରଗୁପ୍ତ ଓ ଚାଣକ୍ୟଙ୍କୁ କରିଛି ଅଧିକ କ୍ଷୁବ୍ଧ, ଯାହା ସେମାନଙ୍କୁ ଏକ ଶକ୍ତ ପଦକ୍ଷେପ ନେବାକୁ ବାଧ୍ୟ କରିଛି । ଇତିହାସରେ ଏ କୁସୁମପୁର ଜନପଦ ଷୋଡ଼ଶ ଜନପଦ ମଧ୍ୟରେ ଦେଖିବାକୁ ମିଳେ ନାହିଁ ।

ଚାଣକ୍ୟ ରାଜା ନନ୍ଦଙ୍କୁ ତାଙ୍କର ଅନାଚାର ସମ୍ପର୍କରେ କହିବାକୁ ଯାଇ ସେ ମଧ୍ୟ କାରାବଦ୍ଧ ହୋଇଛନ୍ତି । ଏଥିରେ ଅଧିକ ମ୍ରିୟମାଣ ହୋଇଛନ୍ତି ତାଙ୍କ କୈଶୋରର ନଗର ବଧୂ ଆଚାର୍ଯ୍ୟ ଶକଟାୟନଙ୍କ କନ୍ୟା ସୁହାସିନୀ ଏବଂ ତାଙ୍କର ଶିଷ୍ୟ ଚନ୍ଦ୍ରଗୁପ୍ତ । ରାଜଶକ୍ତିର କୁଶାସନ ଫଳରେ ସୁହାସିନୀ ନିଜ ପରିଚୟକୁ ଗୁପ୍ତ ରଖି ସମସ୍ତଙ୍କ ସମ୍ମୁଖରେ ପରିଚିତ ହୋଇଛି ନଟୀ ବିନୋଦିନୀ ନାମରେ । ଏକ ଅନ୍ଧକାରାଚ୍ଛନ୍ନ ଅପଶାସନର ସଂପୂର୍ଣ୍ଣ ବିଲୋପ

ISSN NO.
2582-208X

କରିବା ପଶ୍ଚାତରେ ସୁହାସିନୀଙ୍କ ଭୂମିକା କିଛି କମ୍ ନୁହେଁ । ନନ୍ଦଙ୍କ ପ୍ରଧାନ ଅମାତ୍ୟ ରାକ୍ଷସଙ୍କୁ ରାଜି କରାଇ ବସନ୍ତ ଉତ୍ସବରେ ତାଙ୍କରି ଦ୍ୱାରା ଚାଣକ୍ୟଙ୍କୁ କାରାମୁକ୍ତ କରି ଚନ୍ଦ୍ରଗୁପ୍ତଙ୍କ ହସ୍ତରେ ଅର୍ପଣ କରିଛନ୍ତି । ସାମୂହିକ ସ୍ୱାର୍ଥ ଅର୍ଥାତ୍ ଜନସ୍ୱାର୍ଥକୁ ପ୍ରାଥମିକତା ଦେଇ ନିଜ ପ୍ରେମକୁ ଗୋଡ଼ରେ ଆଡ଼େଇ ଦେଇ ଚାଲିଯାଇଛନ୍ତି । ଚାଣକ୍ୟଙ୍କ ପ୍ରତି ସୁହାସିନୀଙ୍କ ରହିଥିବା ପ୍ରେମ ହେଉ କିମ୍ବା ତାଙ୍କୁ କାରାମୁକ୍ତ କରିବା କଥା ହେଉ, ଏସବୁ ଘଟଣାର ପ୍ରମାଣ ଇତିହାସରେ ନାହିଁ ।

କାରାମୁକ୍ତି ପାଇବା ପରେ ଉଭୟ ଚନ୍ଦ୍ରଗୁପ୍ତ ଏବଂ ଚାଣକ୍ୟ ମାଳବ ରାଜାଙ୍କ ସହ ବନ୍ଧୁତା ସ୍ଥାପନ କରିଛନ୍ତି । ପୁଣି ପୌରବ ବଂଶର ରାଜା ପୁରୁଙ୍କୁ ମଧ୍ୟ ବନ୍ଧୁତାର ହାତ ବଢାଇଛନ୍ତି , ଯାହାକୁ ରାଜା ପୁରୁ ଅସ୍ୱୀକାର ନକରି ସାଦରେ ଗ୍ରହଣ କରିନେଇଛନ୍ତି । ଏ ତ୍ରିଶକ୍ତି ମିଶି ବୀର ଆଲେକଜାଣ୍ଡାରଙ୍କ ସହ ଯୁଦ୍ଧ କରିଛନ୍ତି; ମାତ୍ର ଆଲେଜାଣ୍ଡାରଙ୍କ ଯୁଦ୍ଧରେ କୂଟନୀତି ପ୍ରୟୋଗ ଫଳରେ ତ୍ରିଶକ୍ତି ପରାଜୟ ବରଣ କରୁଛି ଏବଂ ରାଜା ପୁରୁ ଆଲେକଜାଣ୍ଡାରଙ୍କ ସହ ସନ୍ଧି କରୁଛନ୍ତି । ଫଳରେ ମାଳବ ରାଜା ଓ ଚନ୍ଦ୍ରଗୁପ୍ତ ସେଥିରୁ ଓହରି ଆସି ସୈନ୍ୟ ବାହିନୀ ଏକତ୍ରିତ କରି ମଗଧ ଆକ୍ରମଣ କରିବାର ପରାମର୍ଶ ଦେଇଛନ୍ତି । ମଗଧ ଆକ୍ରମଣ କରି ଅତ୍ୟାଚାରୀ ରାଜାଙ୍କୁ ପରାସ୍ତ କରି ସିଂହାସନ ଆରୋହଣ କରିବାରେ ସଫଳ ହୋଇଛନ୍ତି । ଚନ୍ଦ୍ରଗୁପ୍ତଙ୍କ ମହାରାଣୀ ପଦରେ ଅଭିଷିକ୍ତ ହୋଇଛନ୍ତି ମାଳବର ରାଜକୁମାରୀ ମାଳବିକା । ଜଷ୍ଟିନଙ୍କ ବର୍ଣ୍ଣନା ଅନୁସାରେ ଚନ୍ଦ୍ରଗୁପ୍ତ ଆଲେକଜାଣ୍ଡାରଙ୍କ ପାଖକୁ ଯିବା କଥା ଏଇ ନାଟକରେ ମଧ୍ୟ ବର୍ଣ୍ଣିତ ହୋଇଛି । ଯେତେବେଳେ ରାଜକୁମାରୀ ମାଳବିକା ଚନ୍ଦ୍ରଗୁପ୍ତଙ୍କ ପ୍ରତି ତାଙ୍କ ମନ ଭିତରେ ରହିଥିବା ଅପ୍ରତିମ ଭଲ ପାଇବାକୁ ଚାଣକ୍ୟଙ୍କ ନିକଟରେ ପ୍ରକାଶ କରୁଛନ୍ତି ସେତେବେଳେ ଆଚାର୍ଯ୍ୟ ତାଙ୍କୁ ମନେପକାଇ ଦେଉଛନ୍ତି ଯେ ସେ ରାଜା ପୁରୁଙ୍କ ନିମନ୍ତେ ସେ ମନୋନୀତା ପୂର୍ବରୁ ହୋଇସାରିଛନ୍ତି । କିନ୍ତୁ ଯବନମାନଙ୍କ ସହ ହାତ ମିଳାଉଥିବା ବ୍ୟକ୍ତି ତାଙ୍କ ଘୃଣାର ପାତ୍ର ବୋଲି ମାଳବିକା ସ୍ୱଷ୍ଟୋକ୍ତି ପ୍ରକାଶ କଲାବେଳେ ଚାଣକ୍ୟ କହୁଛନ୍ତି – "ଚନ୍ଦ୍ରଗୁପ୍ତ ତ ପୁଣି ମାସାଧିକ କାଳ ଯବନ ଶିବିରରେ ରହି ରଣ କୌଶଳ ଶିକ୍ଷା କରିଛି । ସେ କଥା କ'ଣ ମାଳବିକା ଅବଗତ ନୁହଁନ୍ତି ।" ( ୪ ) ।

ଏହି ନାଟକରେ ରହିଥିବା ଚରିତ୍ରମାନଙ୍କ ମଧ୍ୟରେ ମାଳବିକା, ସୁହାସିନୀ ଓ ରାକ୍ଷସ ଚରିତ୍ର ଇତିହାସ ସମର୍ଥିତ ନୁହେଁ । ସେହିପରି କୁସୁମପୁର ଜନପଦ ଅଥବା ଚନ୍ଦ୍ରଗୁପ୍ତଙ୍କ

ISSN NO.
2582-208X

ମାଳବ ରାଜା ରାଜା ସହ ମିତ୍ରତା ସ୍ଥାପନା କରିବା କଥାକୁ ବି ଇତିହାସ ଅସ୍ୱୀକାର କରେ । ନାଟକରେ ରହିଥିବା ସୁହାସିନୀ ଚରିତ୍ର ଚାଣକ୍ୟଙ୍କ ପ୍ରେମିକା ରୂପରେ ଅବତୀର୍ଣ୍ଣ, ଯାହା ସେ ପାଇପାରି ନାହିଁ । ସେହିପରି ମାଳବିକା ଚରିତ୍ର ଚନ୍ଦ୍ରଗୁପ୍ତଙ୍କ ଧର୍ମପତ୍ନୀ ଭାବରେ ପ୍ରଦର୍ଶିତ । ମାତ୍ର ଇତିହାସ ଅନୁଯାୟୀ ଚନ୍ଦ୍ରଗୁପ୍ତ ସିଂହାସନ ଆରୋହଣ କରିବା ପରେ ଧନନନ୍ଦଙ୍କ କନ୍ୟା ଦୁର୍ଦ୍ଧରା ତାଙ୍କ ଉପରେ ପ୍ରଭାବିତ ହୋଇ ଚନ୍ଦ୍ରଗୁପ୍ତଙ୍କୁ ବିବାହ କରିଛନ୍ତି । କିନ୍ତୁ ଏ ନାଟକରେ ଚରିତ୍ର ବଦଳିଯାଇ ଚନ୍ଦ୍ରଗୁପ୍ତଙ୍କ ଅର୍ଦ୍ଧାଙ୍ଗିନୀ ଭାବରେ ଅବତୀର୍ଣ୍ଣ ହୋଇଛନ୍ତି ମାଳବର ରାଜକନ୍ୟା ମାଳବିକା ।

‘ଅଥଚ ଚାଣକ୍ୟ’ ନାଟକରେ ଚାଣକ୍ୟ

ନାଟ୍ୟକାର ଚଇନିଙ୍କ ଚାଣକ୍ୟ ଇତିହାସର ଚାଣକ୍ୟଙ୍କ ଜଣେ ବିବର୍ତ୍ତିତ ହୋଇଥିବା ଚରିତ୍ର । ସେ ଇତିହାସରେ ଯେପରି ଭାବରେ ଆମ ଚେତନା ଜଗତରେ କାଳ କାଳରୁ ରହି ଆସିଛନ୍ତି; ଏଠାରେ ସେ ଚରିତ୍ରକୁ ଭାଙ୍ଗିଦେଇ ସଂପୂର୍ଣ୍ଣ ନୂତନ ରୂପରେ ନାଟ୍ୟକାର ରୂପାୟିତ କରିଛନ୍ତି । ନାଟ୍ୟକାରଙ୍କ ଚାଣକ୍ୟ ହେଉଛନ୍ତି ଏକ ଉଜ୍ଜ୍ୱଳ ଅଗ୍ନିଖଣ୍ଡ, ଯାହା ସୁପ୍ତ ଚେତନାକୁ ଜାଗ୍ରତ କରାଇ ସେଥିରେ ଭରେ ଅସରନ୍ତି ଶକ୍ତିର ସଂଚାର, ଅନ୍ଧକାର ମଧ୍ୟରେ ଆଲୋକର ପ୍ରଦୀପ ଜଳାଏ । ସବୁ ନକରାତ୍ମକ ଚିନ୍ତନକୁ ନାଶ କରି ଆଣିଦିଏ ସକରାତ୍ମକ ଚିନ୍ତନର ପୁଲକପ୍ରଦ ସମୀରଣ । ଜଣେ କାର୍ଯ୍ୟ କରିବାକୁ ଯେତେ ସମର୍ଥବାନ୍ ହୋଇଥିଲେ ସୁଦ୍ଧା ତାଙ୍କୁ ସେ କାମ କରିବାକୁ ପଛପଟୁ ଟିକିଏ ଚେତେଇ ଦେବା ଆବଶ୍ୟକ । ଏଥିରେ ଚନ୍ଦ୍ରଗୁପ୍ତ ହେଉଛନ୍ତି ସେଇ ବାରୁଦ ଯାହା ଦେହରେ ଚାଣକ୍ୟ ଅଗ୍ନି ସଂଯୋଗ କରିବା ମାତ୍ରେ ବିସ୍ଫୋରଣ ଘଟିଛି । ସେ କହୁଛନ୍ତି – “କାଠଖଣ୍ଡ ଶୁଷ୍କ ହେଲେ ହେଁ ଜଳି ଉଠେନି; ତାକୁ ଲେଲିହାନ ଶିଖାରେ ପରିଣତ କରିବା ପାଇଁ ଅଗ୍ନିର ସଂଯୋଗ ଦରକାର । ଚାଣକ୍ୟ ସେହି ଅଗ୍ନିଖଣ୍ଡ ମାତ୍ର ।” ( ୫ ) ।

ନାଟ୍ୟକାରଙ୍କ ଚାଣକ୍ୟ କେବଳ ପ୍ରତିଶୋଧ ପରାୟଣ ବ୍ୟକ୍ତି ଚାଣକ୍ୟ ନୁହଁନ୍ତି, ସେ ଜଣେ ଉତ୍ତମ ଆଦର୍ଶବାଦୀ ଚରିତ୍ର ମଧ୍ୟ । ସେ ଚାହିଁଛନ୍ତି ଆପଣା ଦେଶରେ ଗୋଟେ ଶୃଙ୍ଖଳିତ ଆଦର୍ଶ ଶାସନ ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ, ଯାହା ଦେଶ ତଥା ରାଷ୍ଟ୍ରର କଲ୍ୟାଣ ସାବ୍ୟସ୍ତ ହେବ । ସେ ବ୍ୟକ୍ତି ସ୍ୱାର୍ଥକୁ ନ୍ୟୁନ ମନେକରି ସାମୂହିକ ସ୍ୱାର୍ଥ ଭିତରେ ନିଜ ସ୍ୱାର୍ଥକୁ ଦେଖିଛନ୍ତି । ସଦା ସର୍ବଦା ସେ ଅନୁଭବ କରିଛନ୍ତି ସାଧାରଣ ଜନତାଙ୍କ ଅଭାବ ଅସୁବିଧା ଆଉ ଦେଖିଛନ୍ତି ଓ ବୁଝି ପାରିଛନ୍ତି ସେମାନଙ୍କର ଲୁହ ଓ ଲହୁକୁ । ଏ ସମ୍ପର୍କରେ

ISSN NO.
2582-208X

ଆଲୋଚକ ହେମନ୍ତ କୁମାର ଦାସ କହନ୍ତି – "ଏ ଚାଣକ୍ୟ ହେଉଛନ୍ତି ଜନ୍ମଭୂମିର ଶୋଷକ ଶକ୍ତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିବା ତରୁଣ ବିପ୍ଳବୀ । ଯୁବଗୋଷ୍ଠୀର ସହାୟତାରେ ଏହି ବିପ୍ଳବୀ ଦେଶର ଶାସନ ଶକ୍ତିକୁ ଦୋହଲାଇ ଦେଇ, ତା ହାତରୁ ରାଜଦଣ୍ଡ ଛଡ଼ାଇ ଆଣିବାରେ ସକ୍ଷମ ହୋଇଥିଲେ ।" ( ୬ ) । ଏ ଚାଣକ୍ୟଙ୍କ ପାଇଁ ଦେଶ, ଜାତି ସର୍ବାଗ୍ରେ ପୂଜନୀୟ ଓ କରଣୀୟ । ଘୋଟି ଆସିଥିବା ଅନ୍ଧକାରରେ ଆଲୋକର ପ୍ରଜ୍ୱଳନ କରୁଥିବା ମହାନ୍ ନରମପନ୍ଥୀ ନେତା । ଚାଣକ୍ୟ କୂଟନୀତିଜ୍ଞ କି ମହାନ୍ ରାଜନୀତିଜ୍ଞ କେବଳ ନୁହଁନ୍ତି ବରଂ ସେ ଜଣେ ଅଧିକ ଆଦର୍ଶସ୍ଥାନୀୟ ବ୍ୟକ୍ତିବିଶେଷ । ଲୋକହିତାକାଂକ୍ଷୀ ସମାଜ ସେବକ । ଏ ଚାଣକ୍ୟ ଶୋଷକ ବିରୋଧରେ ସ୍ୱର ଉତ୍ତୋଳନ କରି ଏକ ସୁସ୍ଥ ସମାଜ ଗଠନ ସ୍ୱପ୍ନ ଦେଖିଛନ୍ତି; ମାତ୍ର ତାଙ୍କର ସ୍ୱପ୍ନଭଙ୍ଗ ଘଟିଛି । ସେ ତିଳେ ତିଳେ ଅନୁଭବ କରିଛନ୍ତି ଯେ ଏଠାରେ ନନ୍ଦମାନଙ୍କର ଶେଷ ନାହିଁ । ଗୋଟେ ନନ୍ଦ ପରେ ଆଉ ଏକ ନନ୍ଦର ପୁନଃ ସୃଷ୍ଟି । ଚାଣକ୍ୟମାନେ ଯୁଗେ ଯୁଗେ ଏଠି ପରାଜୟ ବରଣ କରିବେ । ଏଇ ଚିନ୍ତା କରୁଥିବା ଚାଣକ୍ୟଙ୍କ ଅବବୋଧ ହୋଇଛି ଜୀବନର ବ୍ୟର୍ଥତା ଏବଂ ସ୍ୱପ୍ନଭଙ୍ଗ ଜନିତ ଅସହାୟତା । ସେ ଖୋଜିବୁଲିଛନ୍ତି ଆଦର୍ଶ ସମାଜ ଓ ଶାସନ । ତାହାରି ସନ୍ଧାନରେ ସେ ପୁଣି ବାହାରି ଚାଲିଯାଇଛନ୍ତି, ଯେ ସମୂଳେ ଏଇ ନନ୍ଦ ବଂଶକୁ ବିନାଶ କରିବ ଏବଂ ଭୋକିଲା ପେଟରେ ମୁଠାଏ ଅନ୍ନ, ଶୋଷିଲା ପାଟିରେ ମନ୍ଦାଏ ପାଣି ତଥା ଦରିଦ୍ରର ଅନ୍ଧାର କୁଟୀରରେ ଝଲସାଇ ଦେବ ଆଲୋକର ଦୀପମାଳା । ଏ ଚାଣକ୍ୟ ହେଉଛନ୍ତି ଜଣେ ଆଦର୍ଶବାଦର ପ୍ରତୀକ, ସେ କହୁଛନ୍ତି – "ସତ୍ୟ ଅସତ୍ୟର ସୀମାରେଖା କିଛି ନାହିଁ । ଯେତେବେଳ ଯାଏ ଅସତ୍ କାମ କରିବାକୁ ସୁଯୋଗ ମିଳି ନାହିଁ , ସେତେବେଳ ଯାଏ ସବୁ ଲୋକ ସତ୍ ।" ( ୭ ) ।

## ସାଂପ୍ରତିକ ସମୟର ପରିସ୍ଥିତି ବନାମ୍ 'ଅଥଚ ଚାଣକ୍ୟ' ନାଟକ

ପ୍ରତ୍ୟେକ ସାହିତ୍ୟ ରଚନାକାର ସାହିତ୍ୟ ସର୍ଜନା କଲାବେଳେ ତାଙ୍କ ଦୃଷ୍ଟି କେନ୍ଦ୍ରିତ ହୋଇ ରୁହେ ଦେଶ କାଳ ପାତ୍ର ଉପରେ । ତତ୍କାଳୀନ ସମୟର ଘଟୁଥିବା ଘଟଣାବଳୀଗୁଡ଼ିକ ତାଙ୍କ ସୃଷ୍ଟି ମଧ୍ୟରେ ସ୍ଥାନିତ ହୋଇ ରହେ । ନାଟ୍ୟକାର ରତ୍ନାକର ଚଇନିଙ୍କ ଅଥଚ ଚାଣକ୍ୟ ନାଟକ ମିଥ୍ ଧର୍ମୀ ନାଟକ ହୋଇଥିବା ହେତୁ ସେଥିରେ ଆଧୁନିକ ମଣିଷ ଜୀବନର ବ୍ୟର୍ଥତା, ସ୍ୱପ୍ନଭଙ୍ଗ ଜନିତ ଅସହାୟତା, ଗ୍ଲାନି, ହତାଶାବୋଧ ଆଦି ସ୍ଥାନ ପାଇବା ସ୍ୱାଭାବିକ ।

ISSN NO.
2582-208X

ନାଟ୍ୟକାରଙ୍କ ଉକ୍ତ ନାଟକଟି ଇତିହାସର କଙ୍କାଳ ଭିତରେ ବର୍ତ୍ତମାନର ପୁଟଦେଇ ଠିଆ କରାଇଛନ୍ତି । ସେଥିରେ ରହିଥିବା ପ୍ରତ୍ୟେକ ଚରିତ୍ର ଇତିହାସର ଅଟନ୍ତି, ମାତ୍ର ତାଙ୍କ ଚିନ୍ତା ଚେତନା ହେଉଛି ସାଂପ୍ରତିକ ସମୟ ଖଣ୍ଡର ଜଣେ ଜଣେ ସ୍ୱପ୍ନଭଙ୍ଗ ମଣିଷର ଏବଂ ଆଶା କଳ୍ପନାର ମୋହଭଙ୍ଗ ଜନିତ ବ୍ୟର୍ଥତା ଓ ଅସହାୟତା ପୀଡ଼ିତ ମଣିଷର । ଏବେ କିଛି ବର୍ଷ ହେବ ଆମ ଆଗରେ ଯେଉଁ ଏକ ଉତ୍କଟ ସମସ୍ୟା ଛିଡ଼ା ହୋଇଛି, ତାହା ହେଲା ଗଣଧର୍ଷଣ । ଆଧୁନିକ ମଣିଷର ପ୍ରବୃତ୍ତି ଏତେ ଭୟଙ୍କର ହୋଇଛି ଯେ ଆସୁରିକ ପ୍ରବୃତ୍ତି ଏହାରି ପାଖରେ ହାରମାନିବ । ଏ ଧର୍ଷଣର ମାତ୍ରା ଦିନକୁ ଦିନ ଏତେ ବଢି ବଢି ଚାଲିଛି ତାହା ମନେ କଲା ମାତ୍ରେ ଛାତି ଭିତରେ ଗୋଟେ ଭୂମିକମ୍ପ ସୃଷ୍ଟି ହୁଏ । ଏ ସମାଜରେ ଦୁଃଶାସନମାନଙ୍କର ସଂଖ୍ୟା ହେଉଛି ପ୍ରବଳ । ପୁରାଣର ଦୁଃଶାସନ ଥରେ ଦ୍ରୋପଦୀମାନଙ୍କର ଚାଲିଛି ବସ୍ତ୍ର ହରଣ । ନାରୀ ଆଜି ସମାଜରେ ସୁରକ୍ଷିତ ନୁହେଁ, ସେ ବଞ୍ଚିବା ପାଇଁ କରୁଛି ସଂଘର୍ଷ । ତିଳେ ତିଳେ ଭୟଜନିତ ଅସହାୟତାରେ ତା ଜୀବନ ହୋଇଛି ଆକ୍ତାମାକ୍ତା, ଯାହା ସମଗ୍ର ମାନବ ସମାଜ ପାଇଁ ଏକ କଳଙ୍କିତ ଅଧ୍ୟାୟ । ଏଇ ନାଟକର ପ୍ରାରମ୍ଭରେ ହିଁ ଦେଖାଯାଉଛି, ଏକ ନାରୀ କଣ୍ଠର ଫୁତ୍କାର । ସେଇ କ୍ଷମତାଶାଳୀ ଦୁର୍ବୃତ୍ତମାନଙ୍କ କବଳରୁ ମୁକ୍ତି ପାଇଁ ଚିତ୍କାର କରୁଛି; କିନ୍ତୁ ସେ ବେସାହାରାକୁ ମୁକ୍ତିଦେବା ପାଇଁ ସବୁ ସମର୍ଥ ପୁରୁଷ ଜଣେ ଜଣେ ଭୀଷ୍ମ, ସେମାନେ ମୂକ ଓ ବଧିର । ଆଜିର ମଣିଷ କ୍ଷମତାଶାଳୀ ଲୋକଙ୍କୁ ସାମନା କରିବାରେ ଅସମର୍ଥ, ଏଠି ଶକ୍ତିଶାଳୀ ନନ୍ଦକୁ ସାମନା କରିବାକୁ କେହି ନାହିଁ । ଯୁଗେ ଯୁଗେ ଚାଲିଥିବ ଏ ନନ୍ଦମାନଙ୍କର ଅତ୍ୟାଚାର, ସମସ୍ତେ ଜଣେ ଜଣେ ଏଠି ପଙ୍ଗୁ ଓ ଅଥର୍ବ । ନାଟକରେ ଏଭଳି ଏକ ଚରିତ୍ର ରହିଛି ଯେ ଶୋଷକମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଅସମର୍ଥ, ଯାହା ବର୍ତ୍ତମାନ ପ୍ରତ୍ୟେକ ମଣିଷର ଏଇ ସମାନ ପରିସ୍ଥିତି । ସେ ନିଜକୁ ନିଜେ କହୁଛି – "ମୁଁ ତ ଗୋଟାଏ ଅଥର୍ବ, ପଙ୍ଗୁ । ବେଲାଳସେନ ଭଳି ଆଜିର ମହାଭାରତ ଯୁଦ୍ଧରେ ମୁଁ ଗୋଟାଏ ନୀରବ ଦର୍ଶକ ।" ( ୮ ) । ଏଠି ମଣିଷ କରିବ ଅବା କ'ଣ ? ଯଦି ବିଦ୍ରୋହ କରିବାକୁ ଚେଷ୍ଟା କରେ ତେବେ କ୍ଷମତାଶାଳୀ ଲୋକ ତାକୁ ବେଲାଳସେନ ସଦୃଶ ନୀରବ ଦର୍ଶକ କରିଦେବେ ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଆଧୁନିକ ମଣିଷର ମୋହଭଙ୍ଗ ଓ ସ୍ୱପ୍ନଭଙ୍ଗ ହୋଇଛି । ସ୍ୱାଧୀନତା ପୂର୍ବରୁ ମଣିଷ ଯେଉଁ ସ୍ୱପ୍ନ ଦେଖିଥିଲା ସ୍ୱାଧୀନତା ପରେ ତାହା ଅଚିରେ ଭାଙ୍ଗିଯାଇଛି । ସେ ସ୍ୱପ୍ନ ଦେଖିଥିଲା ସ୍ୱାଧୀନତା ପ୍ରାପ୍ତି ପରେ ରାମରାଜ୍ୟର ଗଠନ ହେବ,

ISSN NO.
2582-208X

ଏକ ସୁସ୍ଥ ରାଜନୀତିକ ବାତାବରଣଟିଏ ଦେଖିବାକୁ ପାଇବ । କିନ୍ତୁ ତାହା ସେ ସ୍ୱାଧୀନତା ପରେ ପାଇପାରି ନାହିଁ, ଫଳରେ ତା'ର ସ୍ୱପ୍ନଭଙ୍ଗ ହୋଇଛି । ଏହିପରି ସ୍ୱପ୍ନଭଙ୍ଗ ଘଟିଛି ଆଚାର୍ଯ୍ୟ ଚାଣକ୍ୟଙ୍କର ସେ ଅନ୍ୟାୟ, ଅତ୍ୟାଚାର, ଶୋଷକ ରାଜା ଧନନନ୍ଦଙ୍କୁ ଶାସନ ଗାଦିରୁ ଗାଦିଚ୍ୟୁତ କରିବା ପରେ ଦେଖିଥିଲେ ଅନେକ ସ୍ୱପ୍ନ । ଯେ ଏମିତି ଏକ ରାଜ୍ୟର ନିର୍ମାଣ କରିବେ ଯେଉଁଠି ସବୁ ପ୍ରଜା ଖୁସିରେ ଶାନ୍ତିପୂର୍ଣ୍ଣ ବାତାବରଣ ମଧ୍ୟରେ ବଞ୍ଚିପାରିବେ । ସବୁ ଦରିଦ୍ର କୁଟୀରରେ ଖେଳି ଉଠିବ ଖୁସିର ଲହରୀ । କିନ୍ତୁ ସୁସ୍ଥ ସମାଜ ଗଢ଼ିବାର, ଶୃଙ୍ଖଳିତ ରାଜନୈତିକ ବ୍ୟବସ୍ଥା ପ୍ରତିଷ୍ଠା କରିବାର ଚରମ ପ୍ରଚେଷ୍ଟା ବ୍ୟର୍ଥ ହୋଇଛି । ସେ ଦେଖିଛନ୍ତି ଚନ୍ଦ୍ରଗୁପ୍ତ ସିଂହାସନ ଆରୋହଣ କରିବାର ଗୋଟିଏ ବର୍ଷ ପରେ ଶାସନର ପ୍ରଥମ ବାର୍ଷିକ ଉତ୍ସବ ପାଳନ କରୁଛନ୍ତି । ରାଜପ୍ରସାଦରେ ରଙ୍ଗୀନ ଆଲୋକମାଳା ଝଲସିଛି, କୃତ୍ରିମ ଝରଣା ସବୁ ସୃଷ୍ଟି କରାଯାଇଛି । କିନ୍ତୁ ଗରିବର କୁଡ଼ିଆ ପୂର୍ବବତ୍ ଆଲୋକର ଉଜ୍ଜ୍ୱଳତା ଦେଖିବାକୁ ପାଇନାହିଁ । ଏପଟେ ରାଜପ୍ରସାଦରେ ଖାଇପିଇ ନାଚ ତାମସାରେ ମାତିଥିଲା ବେଳେ ସେପଟେ ଶୁଭୁଥିଲା ମୁଠାଏ ଅନ୍ନ ପାଇଁ ଗରିବର ହାହାକାର । ଆଚାର୍ଯ୍ୟ ଚାଣକ୍ୟ ଶାସନର ଯେଉଁ ପରିବର୍ତ୍ତନ ଚାହୁଁଥିଲେ, ତାହା ପରିବର୍ତ୍ତନ ଘଟିଛି କେବଳ ନାମର ଓ ବଂଶର, ଶାସନର ନୁହେଁ । ସେ ଅନୁଭବ କରିଛନ୍ତି ଏ ନନ୍ଦମାନେ କାଳେ କାଳେ ରହିଥିବେ ଏମାନଙ୍କର ପରିବର୍ତ୍ତନ ନାହିଁ । ସେମିତି ଯୁଗ ଯୁଗ ଧରି ନିରବଚ୍ଛିନ୍ନ ଭାବରେ ଏମାନଙ୍କର କୁଶାସନ ଚାଲିଥିବ । କିନ୍ତୁ ଚାଣକ୍ୟ ଏଇ ଫମ୍ପା ଆଦର୍ଶ ଭିତରେ ଖୋଜୁଛନ୍ତି ସୁସ୍ଥ ଶାସନ । ସେ ସଂପୂର୍ଣ୍ଣ କ୍ଳାନ୍ତ ଓ ଶ୍ରାନ୍ତ ହୋଇପଡ଼ିଛନ୍ତି । ତେଣୁ ସେ ବାହାରି ଯାଉଛନ୍ତି ଏକ ଆଦର୍ଶ ନେତୃତ୍ୱର ସନ୍ଧାନରେ, ଯାହାପରେ ସମସ୍ତେ ଜୀଇଁପାରିବେ ଆନନ୍ଦପୂର୍ଣ୍ଣ ଜୀବନଯାପନ । ସବୁ ସ୍ୱପ୍ନର ଅବସାନ ହେଲାପରେ ଅନୁଭବ କରୁଛନ୍ତି – "ସବୁଶେଷ ହୋଇଗଲା । ସବୁ ଉତ୍କଣ୍ଠାର ଅପମୃତ୍ୟୁ ଘଟିଲା । ଏଣିକି କେଉଁଠିକି ଯିବୁ ଚାଣକ୍ୟ ? ନୂତନ ଶାସନ ପଦ୍ଧତି, ନୂତନ କୂଟନୀତି, ନୂତନ ରାଜନୀତିର ନିୟମ ପ୍ରଣୟନ କରିବାକୁ ? ନୂତନ ସିଂହାସନ, ନୂତନ ମୁକୁଟର ସନ୍ଧାନ କରିବାକୁ ? ତେବେ ଆଗେଇଚାଲ ଚାଣକ୍ୟ ... ଚରୈବେତି... ଚରୈବେତି ... ।" ( ୯ ) । ଚାଣକ୍ୟଙ୍କ ଭଳି ସମସ୍ତେ ଆଜି ଫମ୍ପା ରାଜନୀତି ମଧ୍ୟରେ ଖୋଜୁଛନ୍ତି ସୁସ୍ଥ ବାତାବରଣ । ବିଶୃଙ୍ଖଳିତ ସମାଜ ବ୍ୟବସ୍ଥା ଭିତରେ କରୁଛନ୍ତି ଆଦର୍ଶର ସନ୍ଧାନ, ଯାହା ସେମାନଙ୍କୁ କେବେ ବି ମିଳିବ ନାହିଁ । ପ୍ରତ୍ୟେକ ମଣିଷ ଚାଣକ୍ୟଙ୍କ ଭଳି କରୁଛନ୍ତି ବ୍ୟର୍ଥ ପ୍ରୟାସ, ତେଣୁ ସେମାନେ କ୍ଳାନ୍ତ ବି ଆଉ ଶ୍ରାନ୍ତ ବି ।

ISSN NO.
2582-208X

ନାଟ୍ୟକାର ଚଇନିଙ୍କ 'ଅଥଚ ଚାଣକ୍ୟ' ସୃଷ୍ଟିଟି ଏକ ସଫଳ ମିଥ୍ ଧର୍ମୀ ନାଟକ । ଏଥିରେ ସାଂପ୍ରତିକ ସମୟକୁ ଉପସ୍ଥାପିତ କରି ମଣିଷର ବ୍ୟର୍ଥତା, ଅସହାୟତାକୁ ବ୍ୟକ୍ତ କରିଛନ୍ତି । ଆଦର୍ଶବାଦର ପ୍ରତୀକ ଭାବରେ ପ୍ରତୀକିତ ହୋଇଥିବା ଆଚାର୍ଯ୍ୟ ଚାଣକ୍ୟ ଅନୁଭବ କରିଛନ୍ତି ଯେ ପୂର୍ବର ନନ୍ଦ ଶାସନ ଆଉ ବର୍ତ୍ତମାନର ଶାସନ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଏଠାରେ ସବୁ ଶାସକ ନନ୍ଦ ଭଳି ଆପଣା ସ୍ୱାର୍ଥରେ ଜଡ଼ିତ, ଅନ୍ୟ ସବୁ ଚାଣକ୍ୟଙ୍କ ପରି ଫମ୍ପା ରାଜନୀତି ମଧ୍ୟରେ ତାଙ୍କର ସ୍ଥିତି ହୋଇଛି ଦୋଦୁଲ୍ୟମାନ । ନାଟକରେ ଚାଣକ୍ୟଙ୍କୁ ଏପରି ଗଢିବାର କାରଣ ହେଉଛି ସୁସ୍ଥ ମାନସିକତାକୁ ନେଇ ଏକ ସୁସ୍ଥ ଶାସନ ବ୍ୟବସ୍ଥା ପ୍ରତିଷ୍ଠା କରିବା ହେଉଛି ନାଟ୍ୟକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ । ଏହି ଦୃଷ୍ଟିରୁ ନାଟ୍ୟକାରଙ୍କ ଏ ନାଟକ ଯେତିକି ଯୁଗୋପଯୋଗୀ ସେତିକି ହୃଦୟଗ୍ରାହୀ ମଧ୍ୟ ।

ସଂକେତ ସୂଚୀ

୧. Philip Rahv; Myth And Literature , page – 112.
୨.ଶ୍ରୀବାସ୍ତବ, କୃଷ୍ଣଚନ୍ଦ୍ର; ପ୍ରାଚୀନ ଭାରତ୍ କା ଇତିହାସ ତଥା ସଂସ୍କୃତି, ପୃ – ୨୧୫ ।
୩. ଭାରତ୍ କା ଇତିହାସ – ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ, ପୃ – ୧୦୧ / ୧୦୨ ।
୪. ଚଇନି, ରତ୍ନାକର; ଅଥଚ ଚାଣକ୍ୟ, ଦ୍ୱିତୀୟ ସଂସ୍କରଣ – ୧୯୮୫ , ପୃ- ୫୪ ।
୫. ତତ୍ରୈବ , ପୃ – ୩୫ ।
୬. ଦାସ, ହେମନ୍ତ କୁମାର ; ଓଡ଼ିଆ ନାଟକର ଐତିହାସିକ ବିବର୍ତ୍ତନ (୨ୟ ଭାଗ), ପ୍ରଥମ ପ୍ରକାଶ – ୨୦୦୬, ପୃ – ୪୭୧ ।
୭.ଚଇନି, ରତ୍ନାକର; ଅଥଚ ଚାଣକ୍ୟ, ଦ୍ୱିତୀୟ ସଂସ୍କରଣ – ୧୯୮୫ , ପୃ- ୮୮ ।
୮. ତତ୍ରୈବ, ପୃ – ୩୪ ।
୯. ତତ୍ରୈବ, ପୃ – ୮୭ ।

ଗବେଷକ, ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର
ମୋ – ୬୨୦୭୮୨୯୩୮୪

ISSN NO.
2582-208X

# ଆତ୍ମଜା



ଗୀତା ଷଡ଼ଙ୍ଗୀ

ଆତ୍ମଜା ମା ତୁ ଆତ୍ମାରୁ ଜନମି
ଯାଉଅଛୁ ଆଜି ପରକରି
କେମିତି ଧରିବ ଧୈର୍ଯ୍ୟ ତୋ ପିଅର
ବିଦାୟ ବେଳରେ ଯେବେ
ହେବୁ ତୁ ଲୋ ପରଘରି l

ଆପଣା ପଣରେ ଆପଣେଇବୁ ତୁ
ତୋ ଶାଶୂଘର ପରିବାର
ସ୍ନେହ ଶ୍ରଦ୍ଧା ଭକ୍ତି ରଖିବୁ ମନରେ
ତାଙ୍କୁ ଭାବିବୁନି କେବେ ପର l

ଦୁହିତା ଯେ ଦୁଇ କୂଳକୁ ହିତା
ଏକଥା ନଯିବୁ ଭୁଲି
ବାପ ମା'ଙ୍କର ନାମ ଯଶ କେବେ
ଦେବୁନି ପାଦରେ ଦଳି l

ଆମ ସଭିଙ୍କର ଆଶୀର୍ବାଦ ସଦା
ରହିଥିବ ତୋ ଉପରେ
ଶଙ୍ଖରେ ପୂରାଇ ମହାପ୍ରଭୁ ତତେ
ରଖନ୍ତୁ ଚକ୍ର ଆଢୁଆଳରେ l

ଅହି ସୁଲକ୍ଷଣୀ ହୋଇ ରହିଥିବୁ
ଲଭିବୁ ତୁ ପ୍ରେମଧନ
ତୋ ଗୁଣ ଗୌରବେ ବାପ ମା'ଙ୍କର
ବଢିବ ମାନ ସମ୍ମାନ l

ପଟିଆ
ଭୁବନେଶ୍ୱର
ମୋ–୯୫୯୪୭୦୫୭୩୫

ISSN NO.
2582-208X

# ହଳଦୀ



ପ୍ରତିମା ପାତ୍ର

ଆୟୁର୍ବେଦ ଶାସ୍ତ୍ରେ ହଳଦୀ ମହତ୍ତ୍ୱ
ଲିଖିତ ରହେ ଅନେକ,
କାର୍ଯ୍ୟେ ଉପଯୋଗ କରିଲେ ତାହାକୁ
ରୋଗୀ ନକରେ ଶୋକ ।

ଶାସ୍ତ୍ରରେ ଯାହା ଲିଖିତ ହୋଇଛି
କରେ ବର୍ଣ୍ଣନା କିଞ୍ଚିତ,
ଭୁଲଥିଲେ ମୋ କହିବ ଜ୍ଞାନିଜନେ
ଜ୍ଞାନ ହୋଇବ ବର୍ଦ୍ଧିତ ।

ପ୍ରାତଃକାଳେ ଦେହେ ରଞ୍ଜନୀ ଲଗାଇ
କରିବ ସ୍ନାହାନ ନିତି,
ଚରମ ରୋଗ ନହୋଇବ ତୁମକୁ
ମନେରଖ ଏହି ବିଧି ।

ଶୂନ୍ୟ ଉଦରରେ କଞ୍ଚା କାଞ୍ଚନୀ
କରିବ ଯେବେ ସେବନ,
କର୍କଟ ସମାନ ମାରାତ୍ମକ ବ୍ୟାଧି
ନଛୁଇଁବ ତୁମ ତନ ।

ISSN NO.
2582-208X

ରନ୍ଧନ ବେଳରେ ଖାଦ୍ୟ ପଦାର୍ଥରେ
ମିଶାଇବ ଯେବେ ହେର,
ରଙ୍ଗଟି ତାହାର ଦିଶିବ ସୁନ୍ଦର
ହେବ ସୁପାଚ୍ୟ ଆହାର ।

ତଟକା ପରିବା ଧୋଇବ ପାଣିରେ
ହରିଡା ପାକାଇ ଦେଇ
ବିଶାକ୍ତ ସାର ଯାହାଥିବ ସେଥିରେ
ଯିବ ତାହା ଧୋଇ ହୋଇ ।

କ୍ଷତିକାରକ କୃମିକୁ ନାଶକରଇ
ଉଦର ଭିତରେ ରହି
ତେଣୁ କୃମିଘ୍ନୀ ନାମରେ ବିଖ୍ୟାତ
ହୋଇଛି ଜଗତେ ସେହି ।

ପାଚନ ପ୍ରକ୍ରିୟା କରଇ ସୁଧାର
ଆମର ହେମରାଗିଣୀ
ରକତ ବିଶୁଦ୍ଧ କରଇ ମିଶିଲେ
ବର୍ଣ୍ଣବିଳାସିନୀ ଯାଇ ।

ମାନବ ଶକତି ଉନ୍ନତି କରଇ
ଜୀବ ଶରୀରରେ ରହି
ଜୀବାଣୁ ଭୂତାଣୁ ବିନାଶ କରଇ
ନକ୍ତା ନାମ ସେହି ବାହି ।

ବାଳ ବୃଦ୍ଧ ବନିତା ସମସ୍ତେ କର
ଦୀର୍ଘରାଗାକୁ ସେବନ

ISSN NO.
2582-208X

ରୋଗରେ ପୀଡିତ ହେବ ନାହିଁ ତୁମ୍ଭ
ଅତ୍ୟଧିକ ହାନି ଧନ ।

ହରିଦ୍ରା କୁଙ୍କୁମ ଲଗାଇ ଲଳନା
ହୁଅଇ ଶୁଦ୍ଧ ପବିତ୍ର
ସୁହାଗିନୀ ମୁଖେ ଲାଗିଲେ ଘର୍ଷଣୀ
କରେ ଶୋଭା ବର୍ଦ୍ଧିତ ।

ବରଗଡ

ISSN NO.
2582-208X

# ଝଡ଼

ସ୍ୱାଗତିକା ନାଏକ

ଆଶା ତ ଅନେକ
ସ୍ୱପ୍ନ ବି ଅସୁମାରୀ,
'ତୁମେ' ହିଁ ମୋ ମନରେ,
ଲହରୀ ଖେଳେ ।
'ତୁମେ' ଓ 'ମୁଁ' ଭିତରେ
ଅନେକ ଝଡ଼,
ସହିବାକୁ ସବୁ,
ସାହସ କରେ ।
'ତୁମେ' ହିଁ ମୋର
'ମୁଁ' ତୁମର କି ନାହିଁ ?
ଛନ୍ଦି ହୁଏ ଏକ ଅନିଶ୍ଚିତତାରେ ।
ପ୍ରେମ ତ ବଞ୍ଚାଏ
ମୃତ୍ୟୁ ବି ଦିଏ,
ଏ ବନ୍ଧନ,
ତୁମେ ହିଁ କୁହ ?
ତୁମେ ଖୁସି,
ମୋର କେଉଁ ପରିସ୍ଥିତିରେ ?

ଟୁଟୁସିଙ୍ଗା, ବୌଦ୍ଧ

ISSN NO.
2582-208X

# ଚଳନ୍ତ ଦେବତା



ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର

ବାପା ମାଆ ସଂସାର ର ଚଳନ୍ତି ଦେବତା
ମୃଣୟ ମୂର୍ତ୍ତୀ ରେ ଖୋଜୁ ଦେବତାର ସତ୍ତା
ବୃଦ୍ଧାଶ୍ରମେ ଝରେ କେତେ ଲୁହ
କହ ତେବେ କେମିତି ତୁ ପୁଅ
ଆଜିର ଦୁନିଆଁ ହାଟେ ବିସ୍ମୟ ର କଥା
ସଂସାର ର ଚଳନ୍ତି ଦେବତା ||

ବାପା ମାଆ ସଂସାର ର ବିଚିତ୍ର ବିନ୍ଧାଣି
କାଠ ପଥର ରେ ଖୋଜୁ ଜୀବନ କାହାଣୀ
ବଡ଼ଦାଣ୍ଡେ ଧରେ ଭିକ ଝୁଲି
ପୁଅ ପଣ ତୋର ନିଆଁ ଚୁଲି
ବଦଳି ଯାଉ କେମିତି ଆରେ ଧନମଣି
ସଂସାର ର ଅପୂର୍ବ ବିନ୍ଧାଣି ||

ବାପା ମାଆ ଜୀବନ ର ପୂଣ୍ୟ ଗଙ୍ଗା ଧାର
ଅନ୍ଧର ଲଉଡି ସମ ତୁମେ ଯେ ତାଙ୍କର
ପୁତ୍ର କନ୍ୟା ମଣିଷ ପଣିଆ

ISSN NO.
2582-208X

ତୁମେ ତାଙ୍କ ତମାମ ଦୁନିଆଁ
ଅବହେଳା ନକର ରେ କରି ନାରଖାର
ଜୀବନ ର ପୂଣ୍ୟ ଗଙ୍ଗାଧର ||

ବାପା ମାଆ ଜୀବନ ର ଅଲଭ୍ୟ ପଦାର୍ଥ
ନିଗମ ଶବଦ ସେ ଯେ ବେଦ ନିର୍ଦ୍ଧାରିତ
ତାଙ୍କ ଆଖି ଲୁହ ଧାର ଝର
ବିପର୍ଯ୍ୟୟ ତୋର ଜୀବନର
ଅବଜ୍ଞା କରି କେମିତି ହେବୁରେ ଆଦୃତ
ଜୀବନର ଅଲଭ୍ୟ ପଦାର୍ଥ ||

ନମାନ ତୁ ନହୁଅନ୍ତୁ ଚଳନ୍ତି ଦେବତା
ଲାଳନ ପାଳନ କାରି ତୋର ଜନ୍ମ ଦାତା
ନହୁଅନ୍ତୁ ବିଚିତ୍ର ବାନ୍ଧାଣି
ବେଦ ଶଢ କିମ୍ବା ମନ୍ଦାକିନୀ
(କିନ୍ତୁ ବଢାଏ ତୋ)
ପ୍ରତିପତ୍ତି ଓଜ, ତେଜ ସମାଜ ସଭ୍ୟତା
ନହୁଅନ୍ତୁ ଜୀବନ୍ତ ଦେବତା ||

ମଙ୍ଗଳାଯୋଡି, ଖୋର୍ଦ୍ଧା
ମୋ: ୮୨୪୯୨୩୪୧୪୩

ISSN NO.
2582-208X

# ପଲ୍ଲୀ କବିତାରେ ଓଡ଼ିଆ ଅସ୍ମିତା- ରଜଦୋଳି ଗୀତ



ମନୀଷା ରାୟ

ସଂସ୍କୃତିସମ୍ପନ୍ନ ଓଡ଼ିଆ ଜାତି ନିଜ ଭାବାବେଗପୂର୍ଣ୍ଣ ପ୍ରାଚୀନ ସଂସ୍କୃତି ଓ ପରମ୍ପରାକୁ ନେଇ ବେଶ୍ ଚର୍ଚ୍ଚିତ ଓ ସର୍ବବିଦିତ । କେବଳ ଭାରତବର୍ଷ ଉତ୍କଳୀୟ ସଂସ୍କୃତିକୁ ଆକୃଷ୍ଟ ଚିତ୍ତରେ ସମ୍ମାନ ଓ ପ୍ରଶଂସା ଜଣାଏନାହିଁ । ବରଂ ସ୍ୱୟଂ ସଂସ୍କୃତି ଓ ପରମ୍ପରାର ଦିବ୍ୟ ମୟୁଖରେ ପ୍ରଜ୍ଜ୍ୱଳିତ ଓଡ଼ିଶାକୁ ସମଗ୍ର ବିଶ୍ୱ ଦରବାର ଅତ୍ୟନ୍ତ ଶ୍ରଦ୍ଧା ଓ ସମ୍ମାନର ସହ ସମ୍ମାନିତ କରେ । କାରଣ ଯୁଗାଦିକ୍ରମେ ଉତ୍କଳୀୟ ପ୍ରାଚୀନ ସଂସ୍କୃତିରେ ନୂତନତ୍ୱର ଆଲୋଡ଼ନ ଓ ଆକମ୍ପନ କରିଆସିଛି ଓଡ଼ିଶାର ପ୍ରାଚୀନ ସଂସ୍କୃତିରେ ନୂତନତ୍ୱର ଆଲୋଡ଼ନ ଓ ଆକମ୍ପନ କରି ଆସିଛି ଓଡ଼ିଶାର ପ୍ରାଚୀନ ଲୋକସଂସ୍କୃତି । ଅନ୍ୟ ଅର୍ଥରେ ପ୍ରକାଶ କଲେ ଅନୁମିତ ହୁଏ ଯେ, ଉତ୍କଳୀୟ ଲୋକସଂସ୍କୃତି କେବଳ ଗ୍ରାମ୍ୟ ଜୀବନ ବା ପଲ୍ଲୀ ଜୀବନର ଦୃଶ୍ୟପଟ୍ଟ ଉପରେ ଆଧାରିତ ଥିବାବେଳେ ଏହା ମଧ୍ୟରେ ପରିପୂରିତ ହୋଇ ରହିଥାଏ ଅନେକ ନୈସର୍ଗିକ ଚିତ୍ର ବା ଦୃଶ୍ୟ, ଢଗଢମାଳି, ଲୋକକଳାକୃତି, ଥଟ୍ଟାମଜା, ଚୁଗୁଲୀ, ଋଦ୍ଧି ପ୍ରୟୋଗ ଭଳି ଭାବନାତ୍ମକ ନିଆରା ଭାବକଳ୍ପ । ଫଳ ସ୍ୱରୂପ ଏସବୁର ବହୁଳ ପ୍ରୟୋଗାତ୍ମକ ଭାବଧାରାହିଁ ଓଡ଼ିଶା ସଂସ୍କୃତିକୁ ଋଦ୍ଧିମନ୍ତ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ।

ସ୍ଥୂଳତଃ ଉତ୍କଳୀୟ ଲୋକସଂସ୍କୃତିରେ ଲୋକସାହିତ୍ୟର ପ୍ରଭାବ ଅଧିକ ଥାଏ ବୋଲି ଆମେ ଜାଣୁ ଏବଂ ଲୋକ ସାହିତ୍ୟ ବିନା ଲୋକ ସଂସ୍କୃତିର ପ୍ରବାହ କ୍ଷୀଣ ଓ ଅଚଳ କହିଲେ ବରଂ ଠିକ୍‌ହେବ । କାରଣ ଓଡ଼ିଶାର ସଂସ୍କୃତି, ଜୀବନଦର୍ଶନ, ପର୍ବପର୍ବାଣୀ, ସାମାଜିକ ଅନୁଷ୍ଠାନ ଆଦି କ୍ଷେତ୍ରରେ ଲୋକସାହିତ୍ୟର ଚିରାଚରିତ ବ୍ୟବହାର ଲୋକସଂସ୍କୃତିର ନିଷ୍ପ୍ରାଣ ହୃଦୟକୁ ଜୀବନ୍ତ କରି ଗଢ଼ି ତୋଳେ ଅର୍ଥାତ ଲୋକସଂଗୀତ ବିନା ଗୋଟିଏ ଜାତି ଓ ଦେଶ ନିଷ୍ପ୍ରାଣ

ISSN NO.
2582-208X

ହୋଇଯାଏ । ଏହା କହିବାର ତାତ୍ପର୍ଯ୍ୟ ହେଲା, ଲୋକସଂସ୍କୃତିରେ ସ୍ୱତଃ ପ୍ରବୃତ୍ତ ଭାବେ କବି ଓ ଲେଖକଙ୍କ ମୁଖନିସୃତ ଆଶୁକବିତା ବା ସଙ୍ଗୀତରେ ସୁମଧୁର ମୂର୍ଚ୍ଛନାରେ ତନ୍ମୟ ହୋଇଉଠେ ଓଡ଼ିଶାର ପୁରପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଯଦିଓ 'ପଲ୍ଲୀଠାରୁ ଦିଲ୍ଲୀ ଏଠାରେ କଥାରେ ନଥାର ପ୍ରୟୋଗ କରାଯାଇଛି ପରନ୍ତୁ ପ୍ରକୃତ କଥା ତ ହେଉଛି ଓଡ଼ିଶାର ପାର୍ବଣ ଅବସରରେ ପଲ୍ଲୀ ବାଳିକା ଓ ବଧୂଙ୍କ କଣ୍ଠରୁ ପଲ୍ଲୀ ଜୀବନଚର୍ଯ୍ୟାକୁ ନେଇ ଝରିପଡୁଥିବା ଆଶୁ ଲୋକଗୀତର ମନମତାଣିଆ ମାଧୁର୍ଯ୍ୟରେ ଭୂମିରୁ ଭୂମା ପର୍ଯ୍ୟନ୍ତ ମୃଦୁକମ୍ପନ ସୃଷ୍ଟି ହୋଇଥାଏ । ଯାହା ବାସ୍ତବିକ୍ ବାକମୁଗ୍ଧତାର ପରିଚାୟକ ଅଟେ ଏବଂ ଏହା ମନୋରଞ୍ଜନର ଏକ ଶ୍ରେଷ୍ଠ ମାଧ୍ୟମ ସହ ସମତୁଲ ।

ଅଧିକନ୍ତୁ ଓଡ଼ିଶାରେ ଅନୁଷ୍ଠିତ ଜାନିଯାତ୍ରା, ପର୍ବପର୍ବାଣୀ, ତଥା ସାମାଜିକ ଅନୁଷ୍ଠାନ ହେଉଛି ଓଡ଼ିଶାର ଜୀବନ ଅଙ୍ଗୀଭୁତ ଗତାନୁଗତିକ ଦିନଚର୍ଯ୍ୟା । ଏହି ପରିପ୍ରେକ୍ଷୀରେ ଦେଖିବାକୁ ଗଲେ, ଓଡ଼ିଶାରେ ପ୍ରଚଳିତ ପାରମ୍ପରିକ ପର୍ବପର୍ବାଣୀ, ଯାନିଯାତ୍ରା- ଜନମନ ଓ ନୟନ ହରଣକାରୀ ଗଣମାଧ୍ୟମ । ଏପରି କହିବାର ତାତ୍ପର୍ଯ୍ୟ ହେଲା, ଲୋକସାହିତ୍ୟର ଦୋଳିଗୀତଠାରୁ ଆରମ୍ଭ କରି କାନ୍ଦଣାଗୀତ, ଚିତାକୁଟା ଗୀତ, କୃଷିଭିତ୍ତିକ ଗୀତ, ହଳିଆଗୀତ, ଛନ୍ଦଛଟା ଆଦି ପଲ୍ଲୀ ଗୀତ ଓଡ଼ିଶା ସଂସ୍କୃତିର ପ୍ରକୃତ ପ୍ରାଣତାର ଦିବ୍ୟ ସ୍ୱରୂପ ଅଟେ ।

ଅନ୍ୟ ପକ୍ଷେ କହିଲେ, ଓଡ଼ିଶାରେ ଅନୁଷ୍ଠିତ ହେଉଥିବା ପର୍ବପର୍ବାଣୀ ପଲ୍ଲୀରୁ ସହର ପର୍ଯ୍ୟନ୍ତ ବ୍ୟାପ୍ତ ଜନବସତିର ଜନଗଣଙ୍କ ପ୍ରାଣରେ ଏକ ପ୍ରୀତିଦାୟକ ସ୍ଫୁର୍ତ୍ତିର ମହା ତରଙ୍ଗ ସୃଷ୍ଟି କରିଥାଏ । ଯାହାଲୋକ ଜୀବନ ସହ ଆତ୍ମିକ ଭାବର ଆଦାନ ପ୍ରଦାନରେ ବିଶେଷ ସହାୟକ ଭୂମିକା ନିର୍ବାହ କରିଥାଏ । ଏହି କାରଣରୁ ଲୋକସଂସ୍କୃତିର ଏକ ଅବିଚ୍ଛେଦ ଅଙ୍ଗ ହେଉଛି ଲୋକଗୀତ ଓ ଲୋକନୃତ୍ୟ । ପ୍ରାୟତଃ ପଲ୍ଲୀର କୁମାରୀକନ୍ୟା ଓଲୀ ବଧୂମାନେ ଲୋକଗୀତ ବା ଗାଉଁଲୀ ଗୀତ ପରିବେଷଣ କରିଥିବାର ଦେଖିବାକୁ ମିଳେ ।

ସାଧାରଣତଃ ପଲ୍ଲୀକବିତା ବା ଗାଉଁଲୀଗୀତ ତତ୍କାଳୀନ ପଲ୍ଲୀ ଜୀବନର ଦିନଚର୍ଯ୍ୟା ଉପରେ ଆଧାରିତ । ଯେଉଁଥିରେ ପରିପୂରିତ ହୋଇ ରହିଥାଏ ସାମାଜିକ ବନ୍ଧୁତାର ଛଟା, ଭାଇଚାରାର ମହକ, ପଲ୍ଲୀବାସୀଙ୍କ ଆଚରଣ ଓ ଉଚ୍ଚାରଣର ଗଠବର୍ଦ୍ଧନ, ପାରମ୍ପାରିକ ରୀତିନୀତିର ସମ୍ଭାର, ପର୍ବପର୍ବାଣୀ ପାଳନର ଉତ୍ସାସଭରା ମହାମନ୍ତ୍ର । କେବଳ ଏତିକିରେ ସୀମିତ ନୁହେଁ ପଲ୍ଲୀ କବିତାର ରୂପରେଖ । ଏତଦ୍‌ବ୍ୟତୀତ ପୁରପଲ୍ଲୀରେ ଅନୁଷ୍ଠିତ

ISSN NO.
2582-208X

ବାହାପୁଆଣି, କୃଷି, ଗୋପାଳନ ଆଦି କ୍ଷେତ୍ରକୁ ନେଇ ଗଢ଼ି ଉଠିଥାଏ ଢଗଢମାଳି, ପଲ୍ଲୀକବିତା, ଥଟ୍ଟାତାମସା ପୂର୍ଣ୍ଣ କାବ୍ୟ କବିତା ।

ମୋଟ ଉପରେ କହିଲେ, ଏହି ସବୁର ଆଧାରଶୀଳା ହିଁ ପଲ୍ଲୀ ଜୀବନ ଦର୍ଶନର ଆତ୍ମାବିହ୍ୱଳିତ ମୂଳତତ୍ୱ । ଏହାକୁ ଆମେ ସଗର୍ବରେ କହିଥାଉ ଆମ ଲୋକ ସଂସ୍କୃତି ବା ଆମ ସଂସ୍କୃତି । ଯାହା ସମୟାନୁକ୍ରମେ ଗୋଟିଏ ଦେଶ ଓ ଜାତିର ଅସ୍ମିତାରେ ପରିଣତ ହୋଇଯାଏ । ଏହିପରିପ୍ରେକ୍ଷୀରେ ଓଡ଼ିଶା ଭଳି ଏକ କୃଷି ଭିତ୍ତିକ ରାଜ୍ୟରେ କାହିଁ କେଉଁ ଅନନ୍ତ କାଳରୁ ଉତ୍କଳୀୟ ପଲ୍ଲୀ ଜୀବନକୁ ନେଇ ରଚିତ ହୋଇଛି ଅନେକ ଗୀତିକବିତା । ଆଉ ଏହି ପଲ୍ଲୀ କବିତାରେ ଅତି ସୁନ୍ଦର ଭାବେ ଚିତ୍ରଣ ହୋଇଛି ଗ୍ରାମ୍ୟ ଜୀବନର ସ୍ଥିରକୃତ ରୂପ ମାଧୁର୍ଯ୍ୟ । ଯାହାକୁ ଭାଷାରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ ଏବଂ ଏହା ସମୟସାପେକ୍ଷ ମଧ୍ୟ ।

ଏମିତିରେ ଦେଖିଲେ, ଓଡ଼ିଶା ଲୋକ ସାହିତ୍ୟରେ କେବଳ ଗୋଟିଏ ବା ଦୁଇଟି ପର୍ବପର୍ବାଣୀକୁ ନେଇ ତତ୍କାଳୀନ ପଲ୍ଲୀ କବିତା ସୃଷ୍ଟିହୋଇନାହିଁ । ଅନେକ ପ୍ରଥିତଯଶା ସାରସ୍ୱତ ସାଧକ ଗ୍ରାମ୍ୟ ଜୀବନର ବହୁଧା ଦୃଶ୍ୟାବଳୀକୁ ନେଇ ଅନେକ କାବ୍ୟ କବିତା ରଚନା କରିଯାଇଛନ୍ତି । ଯାହା ବର୍ତ୍ତମାନ ସମୟରେ ବେଶ୍ ପୁରାଣତୀତ ଓ ବହୁ ପ୍ରଚଳିତ। ତତ୍ସହିତ ଗ୍ରାମ୍ୟଜ ଜୀବନର ଦୃଶ୍ୟପଟ୍ଟ ଗୁଡ଼ିକ ହେଲା ଯଥା-ପୁରପଲ୍ଲୀରେ ପରିବେଷଣ କରାଯାଉଥିବା ପାଲା, ଦାସକାଠିଆ, ଗଣନାଟ୍ୟ, ସଂକୀର୍ତ୍ତନ, ଦଣ୍ଡନାଚ, ଘୋଡ଼ାନାଚ, ଲୋକାଭିନୟ, ନଦୀ, ନାଳ ଆଦି ମନୋଜ୍ଞ ପରିବେଶ । ପ୍ରକୃତ କଥା ହେଉଛି, ଏହିସବୁ ମନୋରଞ୍ଜନଧର୍ମୀ ମାଧ୍ୟମଗୁଡ଼ିକ ହିଁ ଗ୍ରାମ୍ୟ ଲୋକସାହିତ୍ୟର ବାସ୍ତବ ପଟ୍ଟଭୂମି ଏବଂ ଏହା ବ୍ୟତିରେକ ପଲ୍ଲୀ ସାହିତ୍ୟ ରଚନା କରିବାର ପରିକଳ୍ପନା ଆଦୌ ସମ୍ଭବପର ନୁହେଁ ।

ଆହୁରି ମଧ୍ୟ ପଲ୍ଲୀ କବିତାର ରଚୟିତାମାନେ ଏକ ମାତ୍ର ଦୃଷ୍ଟିଭଙ୍ଗୀ ନେଇ ପଲ୍ଲୀ କବିତାର ଉତ୍ତରଣ କରିନାହାନ୍ତି । ଏମାନେ ଗୋଟିଏ ମନୋଜ୍ଞ ଦୃଶ୍ୟପଟ୍ଟର ଦୁଇଟି ପାର୍ଶ୍ୱକୁ ଅନୁଭବ କରି ପଲ୍ଲୀକବିତା ଉପରେ ଭଲ ଓ ମନ୍ଦର ଟିପ୍ପଣୀ ଉପସ୍ଥାପନା କରି ଯାଇଛନ୍ତି । ଯାହା ବେଶ୍ ପ୍ରାଣସ୍ପର୍ଶୀ ଓ ଶିକ୍ଷାଧର୍ମ କହିଲେ ଶ୍ରେୟ ହେବ । କାରଣ ଯେଉଁ ଟିପ୍ପଣୀ କବି ଓ ଲେଖକମାନେ ନିଜ ସାରସ୍ୱତ ସୃଷ୍ଟିରେ ପ୍ରୟୋଗ କରିଛନ୍ତି । ତାହା ହେଉଛି ଓଡ଼ିଆ ଭାଷାର ନିଜସ୍ୱ ଢଗଢମାଳି, ରୂଢ଼ି ପ୍ରୟୋଗ, ହାସ୍ୟପରିହାସ, ବ୍ୟଙ୍ଗୋକ୍ତି, କଟୁକ୍ତି ଇତ୍ୟାଦି, ଇତ୍ୟାଦି । ମୋଟ ଉପରେ କହିଲେ ଏହିସବୁ ବ୍ୟଙ୍ଗଭରା ପଲ୍ଲୀକବିତା ଅନ୍ୟ କୌଣସି

ISSN NO.
2582-208X

ଆଞ୍ଚଳିକ ଭାଷାରୁ କିମ୍ବା ପ୍ରାଚୀନ ସଂସ୍କୃତ ଭାଷାରୁ ସଂଗୃହୀତ ନୁହେଁ କି ଅନୁବାଦିତ ନୁହେଁ। ଏହା ହେଉଛି ଉତ୍କଳୀୟମାନଙ୍କର ନିଜ ଅନ୍ତରର ଅନୁଭୁତିସିଦ୍ଧ ଅଭିବ୍ୟକ୍ତି ।

ବସ୍ତୁତଃ ଓଡ଼ିଶା ଭଳି କୃଷିପ୍ରଧାନ ରାଜ୍ୟରେ ଅନେକ ଆଞ୍ଚଳିକ ଭାଷାର ପ୍ରଚଳନ ହୋଇଥାଏ ଏବଂ ଏହି ପ୍ରାନ୍ତୀୟ ଭାଷାରେ ଅନେକ ପଲ୍ଲୀ କବିତା ମଧ୍ୟ ସୃଷ୍ଟି ହୋଇଛି । ଯଥା– ଆଦିବାସୀ ଗୀତ ଜାଇଫୁଲ, ବଉଳ, ବୋଲେହୁଁଟି, ସମ୍ବଲପୁରୀ ଭାଷାରେ ରସରକେଲୀ, ରଙ୍ଗବତୀ, ଡାଲ୍‌ଖାଇ ଆଦି ବେଶ୍ ଲୋକପ୍ରିୟ ଲୋକଗୀତ ଭାବେ ଜଣାଶୁଣା। ଯଦିଓ ଏହା ବ୍ୟତିରେକ ଉତ୍କଳୀୟଙ୍କର ଜାତୀୟ ପର୍ବ ରଜର ମାହାତ୍ମ୍ୟ ବେଶ୍ ଜନାଦୃତ ଓ ମନୋରଞ୍ଜନ ଧର୍ମୀ । ଏହା କହିବାର ଉଦ୍ଦେଶ୍ୟ ହେଲା ଗରପର୍ବ ରଜ ହେଉଛି ଉତ୍କଳୀୟଙ୍କର ନିଜସ୍ୱ ପର୍ବ । ଭାରତବର୍ଷରେ ଅନ୍ୟ କୌଣସି ରାଜ୍ୟରେ ରଜପର୍ବ ପାଳନ କରାଯାଏନାହିଁ ।

ପ୍ରାୟତଃ ରଜପର୍ବରେ ଗାନ କରାଯାଉଥିବା ରଜଦୋଳି ଗୀତ ରଜପର୍ବର ମନୋଜ୍ଞ ଦୃଶ୍ୟପଟକୁ ଦ୍ୱିଗୁଣିତ କରିଥାଏ । ବିଶେଷ କରି ପଲ୍ଲୀ ଲଳନାମାନଙ୍କ ମୁଖନିସୃତ ସାବଲୀଳ ରଜଦୋଳି ଗୀତର ପଂକ୍ତି ମଧୁରିମାର ତାଳେ ତାଳେ ନିଦାଘ ଜନିତ ପଲ୍ଲୀ ପ୍ରାଣରେ ଉଷତର ଉଲ୍ଲୋଳ ଉପଲବ୍ଧି କରାଇଥାଏ ଏହି ରଜଦୋଳି ଗୀତ । ଉଦାହରଣ ସ୍ୱରୂପ–

"ବନସ୍ତେ ଡାକିଲାଗଜ, ବରଷକେ ଥରେ
ଆସିଛି ରଜଲୋ, ଘେନି ହୁଏ ସଜବାଜ ।"

ପୁନଃ– "ରାଶିରୁ ଛାଡ଼ିଲା ଚୋପା, ଗୋଡ଼ରେ ନାଇଛୁ ସରୁ ଅଳତାଲୋ, ମଥାରେ ସିନ୍ଦୂର ଟୋପା ।"

ପ୍ରକୃତ କଥା ହେଲା, ଏହି ରଜଦୋଳି ଗୀତର ମଧୁରତ୍ୱକୁ ହୃଦୟଙ୍ଗମ କରି ଗୀତିକବିତାଟି ସୃଷ୍ଟି କରିଥିବା ରଚୟିତାଙ୍କୁ ବା କବିଙ୍କ ପ୍ରଖର ଓ ଧୀଷଣା ଶକ୍ତିକୁ ଶତକୋଟି ପ୍ରଣାମ ଜଣାଇବା ଉଚିତ । କାରଣ ଏପରି କ୍ଷେତ୍ରେ କବିଙ୍କ ଅନୁଭୁତିସିଦ୍ଧ ସହଜ ଓ ସୁନ୍ଦର ଅଭିବ୍ୟକ୍ତିକୁ ଯେତେ ସାଧୁବାଦ ଜଣାଇଲେ ବି ଏମାନଙ୍କ ସାରସ୍ୱତ ଦୃଷ୍ଟିକୋଣ ନିକଟରେ ସବୁ ଭୂୟସୀ ପ୍ରଶଂସା ଫିକା ପଡ଼ିଯିବ ବା ନିଅଣ୍ଟ ମନେହେବ ।

ISSN NO.
2582-208X

ସ୍ୱାଭାବିକ ଭାବେ କହିବସିଲେ, ପଲ୍ଲୀକବି ଓ କବୟତ୍ରୀମାନେ ଯେଉଁସବୁ ପଲ୍ଲୀ କବିତା ବା ଲୋକଗୀତ ରଚନା କରିଯାଇଛନ୍ତି । ତାହା କେବଳ ଗ୍ରାମ୍ୟ ଦୃଶ୍ୟାବଳୀ, ଅଙ୍ଗେନିଭାଇଥିବା ଅନୁଭୂତି ଏବଂ କର୍ଣ୍ଣରେ ଶୁଣିଥିବା ବା କଥୋପକଥନକୁ ନେଇ ଆଧାରିତ । ଅର୍ଥାତ୍ ପ୍ରତ୍ୟେକ ଲୋକଗୀତର ବା ପଲ୍ଲୀଗୀତର ବିଷୟବସ୍ତୁ ହେଲା, ପଲ୍ଲୀ ଜୀବନର ନିଚ୍ଛକ ଛବି ଓ ତା'ର ପରିଭାଷା । ଫଳତଃ ଉତ୍କଳୀୟ ସଂସ୍କୃତିରେ ବେଶ୍ ଜନପ୍ରିୟ ଲୋକଗୀତ ମଧ୍ୟରେ କେବଳ ପରିପୂରିତ ହୋଇ ରହିଛି ପଲ୍ଲୀବାସୀଙ୍କ ଟାହିଟାପରା, ରାଗରୁଷା, ମାନ ଅଭିମାନ, ଆଚରଣ ଓ ଉଚ୍ଚାରଣର ଜ୍ୱଳନ୍ତ ଚିତ୍ରଣ । ଉଦାହରଣ ସ୍ୱରୂପଃ–

"ପୋଖରୀ ତୁଠ ପଥର
ତୋତେ ଦେଖିଥିଲି ବାଲି
ବନ୍ଧରରେ, ଆଖିଥିଲା ଏଣେ ତୋର ।"

ପୁନଃ– "ଦୋଳି ହୁଏ ରଟରଟ, ମୋ ଭାଇ ମୁଣ୍ଡରେ ସୁନା ମୁକୁଟଲୋ, ଦିଶୁଥାଏ ଝକଝକ ।"

ଏହି ଦୁଇ ପଂକ୍ତିରେ ପ୍ରଥମ ପଂକ୍ତିଟି ଗ୍ରାମ୍ୟ ଦୃଶ୍ୟରାଜିର ବର୍ଣ୍ଣନା କରୁଥିବାବେଳେ ଦ୍ୱିତୀୟ ପଂକ୍ତିଟି ରଜଦୋଳିର ସ୍ୱଭାବକୁ ବର୍ଣ୍ଣନା କରୁଛି । ଯାହାର ମଧୁରତ୍ୱକୁ ଜଣେ ସାଧାରଣ ବ୍ୟକ୍ତିବିଶେଷ ପକ୍ଷେ ଅଭିବ୍ୟକ୍ତ କରିବା ଅସମ୍ଭବ ଅଟେ ।

କେବଳ ରମଣୀୟ ପଲ୍ଲୀ ଦୃଶ୍ୟପଟ୍ଟକୁ ଓ ବ୍ୟକ୍ତିଗତ ସମ୍ପର୍କକୁ ଆଧାର କରି କବି ଓ ଲେଖକମାନେ ଲୋକଗୀତ ରଚନା କରିନାହାଁନ୍ତି । ଏପରିକି ହୋଇଛି ସାଧାରଣ କୃଷି ଉତ୍ପାଦିତ ଫସଲ (ଯଥା– ପନିପରିବା, ଗୋପାଳନ, ଘାସ, ପୋଖରୀତୁଠ, ବଣ, ଜଙ୍ଗଲ, ପଶୁପକ୍ଷୀ ଆଦିକୁ କେନ୍ଦ୍ରକରି କବି ଓ ଲେଖକ ସୃଷ୍ଟି କରିଯାଇଛନ୍ତି କାଳଜୟୀ ପଲ୍ଲୀଗୀତ । ସାଧାରଣ କଅଁଳ କାକୁଡ଼ିଟିଏ, କଇଆଁ ପତ୍ରଟିଏ, କାଙ୍କଡ଼ ଓ କଖାରୁ ଫୁଲ ଇତ୍ୟାଦି ମଧ୍ୟ ପଲ୍ଲୀ ସଙ୍ଗୀତରୁ ବାଦ୍ ଯାଇନି । ବରେଣ୍ୟ କବି ଓ ଲେଖକବୃନ୍ଦ ଏହିସବୁ ପଦାର୍ଥର ବ୍ୟାବହାରିକ ଗୁଣବତ୍ତା ତଥା ପ୍ରୟୋଗାତ୍ମକ ମାନକୁ ନିର୍ଦ୍ଧାରଣ କରି ଗତାନୁଗତିକ ବ୍ୟଙ୍ଗ ରୀତିରେ ଏହାର ଉପକାରିତା ଓ ଅପକାରିତାକୁ ବର୍ଣ୍ଣନା କରି ଅମର ହୋଇଯାଇଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।

ISSN NO.
2582-208X

ଏଇ ଯେମିତି ଜଣେ ବରେଣ୍ୟ କବି କରମଙ୍ଗାକୁ କେନ୍ଦ୍ର କରି ରଚନା କରିଥିବା ପଂକ୍ତିଟିଏ–

"କରମଙ୍ଗା କଲି ରାଇ, କ'ଣ ନକଲେ କଳା
କହ୍ନାଇଲୋ, କଣ୍ଟ ଦେଇଗଲା ନାହିଁ ।"

ପୁନଶ୍ଚ ଏବେକାର ଜଣେ ଆଗଧାଡ଼ିର କବି ଭାବେ ଜଣାଶୁଣା ଶ୍ରୀଯୁକ୍ତ ପ୍ରାଣବନ୍ଧୁ ମିଶ୍ରଙ୍କ ଦୋଳି ଗୀତରେ କାକୁଡ଼ି ଓ ସାରୁକୁ ଆଧାରା କରି ରଚିତ ପଂକ୍ତି । ଯଥା–

"କଅଁଳ କାକୁଡ଼ି କଷି
ଆଖିଠାର ଦେଲା ଯୁବା ବୟସୀ
ଯୁବା ବୟସୀଲୋ, ମୋ ମନ ରହିଲା ରସି ।"
"ସାରୁ ବୁଦା ମୂଳେ ବେଙ୍ଗ
ଯେତେ ଲୁଚାଇଲେ ନ ଲୁଚେ ଠେଙ୍ଗ
ନ ଲୁଚେ ଠେଙ୍ଗଲୋ, ଅଷ୍ଟ ମୂଳଖିଆ ଚେଙ୍ଗ ।"

ଏମିତି ଦେଖିବାକୁ ଗଲେ, ରଜଦୋଳି ବିଷୟବସ୍ତୁ ଉପରେ ଅଧିକରୁ ଅଧିକତର ବିଶ୍ଳେଷଣ କରିବା ପୂର୍ବରୁ ପ୍ରଥମେ ଆମ ସଂସ୍କୃତି ଓ ଆମ ପରମ୍ପରାର ଅସ୍ମିତା ରୂପେ ବିବେଚିତ ରଜପର୍ବ ବିଷୟରେ ସମ୍ୟକ୍ ସାରଗର୍ଭକ ଧାରଣା ଉପସ୍ଥାପନ କରିବା ଅତ୍ୟନ୍ତ ବିଧେୟ ।

ମୂଳତଃ ଆମ ଓଡ଼ିଶାରେ ପ୍ରଚଳିତ ବହୁଧା ପାରମ୍ପାରିକ ପର୍ବପର୍ବାଣୀ ମଧ୍ୟେ ଆମ ସଂସ୍କୃତି ଓ ପରମ୍ପରା ପ୍ରତିଭାତ ହୋଇଥାଏ । ଅର୍ଥାତ୍ ପ୍ରଚଳିତ ପର୍ବପର୍ବାଣୀହିଁ ଆମ ଉତ୍କଳୀୟ ସଂସ୍କୃତିକୁ ପୂର୍ଣ୍ଣମାତ୍ରାରେ ଉଜ୍ଜିବୀତ କରିଥାଏ । ଆହୁରି ମଧ୍ୟ ଦେଖିବାକୁ ମିଳେ ଯେ, ଓଡ଼ିଶା ଲୋକସଂସ୍କୃତିରେ "ବାର ମାସରେ ତେର ପର୍ବ" ପାଳନର ବିଧି ବ୍ୟବସ୍ଥା ଏବଂ ଯାହାର ପ୍ରକୃତ ଭିତ୍ତିଭୂମି ହେଲା କୃଷି । ଏହି କାରଣରୁ ଓଡ଼ିଶାରେ ଗତାନୁଗତିକ ଭାବେ ପ୍ରଚଳିତ ହୋଇଆସୁଥିବା ପର୍ବପର୍ବାଣୀ ଓଡ଼ିଶାର ନିଜସ୍ୱ ସଂସ୍କୃତିର ପରିଚାୟକ ଅଟେ ।

ପୁନଶ୍ଚ ଯେତେସବୁ କୃଷିଭିତ୍ତିକ ପର୍ବ ଓଡ଼ିଶାର ପୁରପଲ୍ଲୀଠୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । ତନ୍ମଧ୍ୟରୁ ଜାତୀୟପର୍ବ ରଜ ଅନ୍ୟତମ ଓ ଶ୍ରେଷ୍ଠ । ତତ୍ସହିତ ଗଣପର୍ବରଜ ଅନ୍ୟତମ ଓ ଶ୍ରେଷ୍ଠ । ତତ୍ ସହିତ ଗଣପର୍ବ ରଜ ଓଡ଼ିଶାର ନିଜସ୍ୱ ପର୍ବ । ମୋଟ ଉପରେ କହିଲେ, ଏହି ପର୍ବର ନିଆରାପଣ ହିଁ ରାଜକୁ ଅନ୍ୟ ପର୍ବପର୍ବାଣୀଠାରୁ ସମ୍ପୂର୍ଣ୍ଣ ଭିନ୍ନ କରି ଗଢ଼ିତୋଳିଛି । କେବଳ ରଜ ଏକ ସମୁଦାୟ ଭିତ୍ତିକ ପର୍ବ ନୁହେଁ ।

ISSN NO.
2582-208X

ଏହାର ପ୍ରକୃତ ବୈଶିଷ୍ଟ୍ୟ ହେଲା, ଏହା ଏକ ଗଣପର୍ବ । ପଲ୍ଲୀଠାରୁ ସହର ପର୍ଯ୍ୟନ୍ତ ରଜପର୍ବର ଦବଙ୍ଗନୀତି ବେଶ୍ ଲୋକପ୍ରିୟତା ହାସଲ କରିଆସିଛି ।

ପ୍ରାୟତଃ ଗଣପର୍ବ ରଜ ଦୀର୍ଘ ତିନିଦିନ ବ୍ୟାପି ଜ୍ୟେଷ୍ଠ ମାସରେ ପାଳିତ ହୋଇଥାଏ । ଏହି ପର୍ବର ପ୍ରାରମ୍ଭିକ ଦିବସ ହେଲା, ପ୍ରତିବର୍ଷ ଜୁନ୍ ୧୪ ତାରିଖ ପ୍ରଥମ ରଜର ଆରମ୍ଭ । ୧୪ ଜୁନ୍‌ରେ ଏବଂ ମିଥୁନ ସଂକ୍ରାନ୍ତିରେ ବା ରଜ ସଂକ୍ରାନ୍ତିରେ ଦ୍ୱିତୀୟ ଓ ତାପରଦିନ ଶେଷରଜ ପାଳିତ ହୋଇଥାଏ । ରଜ ତିନିଦିନ ପରେ ଅନୁଷ୍ଠିତ ହୋଇଥାଏ ବସୁମତୀ ସ୍ନାନ । ଉକ୍ତ ବସୁମତୀ ସ୍ନାନ ଦିନ ରଜସୂଳା ଧରଣୀ ମାତାର ପୂଜାର୍ଚ୍ଚନା କରାଯାଇଥାଏ ।

ଶାସ୍ତ୍ର କହେ, ଗାଆଁରୁ ସହର ପର୍ଯ୍ୟନ୍ତ ପ୍ରାୟତଃ ଆବାଳ ବୃଦ୍ଧ ବନିତା କର୍ମରୁ ବିରତ ନେଇ ମହାଆଡ଼ମ୍ବରରେ ରଜପର୍ବକୁ ପାଳନ କରିଥା'ନ୍ତି । ଏପରିକି ଉକ୍ତ ଦିବସଗୁଡ଼ିକରେ ଭୂମିକର୍ଷଣ ବିବର୍ଜିତ ଅଟେ । ଝିଅ ଓ ବୋହୂମାନଙ୍କୁ ଗୃହକର୍ମ କରିବାକୁ ବାରଣ କରାଯାଏ। ପନିପରିବା କାଟିବା ତ ପାପ ବୋଲି ଧରାଯାଏ । ଏହି ପ୍ରସଙ୍ଗରୁ ଅନୁମିତ ହୁଏ ଯେ, ଗଣପର୍ବ ରଜର ବିଶେଷତ୍ୱ ହେଲା, କେବଳ ମଉଜ ମଜଲିସ୍ କରିବା, ସୁଆଦିଆ ପିଠା ପଣା ଖାଇବା, ଯାନିଯାତ୍ରା ଦେଖିବା, ନୂତନ ବସ୍ତ୍ର ପରିଧାନ କରିବା, ତୀର୍ଥ ପର୍ଯ୍ୟଟନ କରିବା, ଦୋଳି ଖେଳିବା, କବାଡ଼ି, ତାସ୍, ପଶା ଖେଳିବା, ହସ କଉତୁକରେ ରଜ ତିନିଦିନ ଅତିବାହିତ କରିବା । ସୁତରାଂ ଓଡ଼ିଶାର ନିଜତ୍ୱ ପର୍ବ ରଜ ଏକ ମନୋରଞ୍ଜନ ଧର୍ମୀ ପର୍ବ ଅଟେ ।

ଆହୁରି ମଧ୍ୟ ଓଡ଼ିଶାର ଅସ୍ମିତା ରୂପେ ସୁପରିଚିତ ରଜପର୍ବରେ 'ପାନ'ର ମାହାତ୍ମ୍ୟ ବେଶ୍ ଅଧିକ । 'ରଜପାନ' ବିନା ରଜପର୍ବ ଅଧୁରା କୁହାଯାଏ । କାରଣ 'ପାନ' ଆଦାନ ପ୍ରଦାନ ହେଉଛି ଉତ୍କଳୀୟ ସଂସ୍କୃତିର ଏକ ମହାନ ତଥା ନିଆରା ପରମ୍ପରା । କାହିଁକିନା ଭାବର ଆଦାନ ପ୍ରଦାନ- କ୍ଷେତ୍ରେ 'ପାନ' ଏକ ନିର୍ଣ୍ଣାୟତ୍ମକ ଭୂମିକା ନିର୍ବାହ କରିଥାଏ । ତତ୍ ସହିତ ଏହି ପର୍ବର ମୁଖ୍ୟ ଆକର୍ଷଣ ହେଲା ରଜ ପୋଡ଼ପିଠା । ଓଡ଼ିଶାର ଇଷ୍ଟଦେବ ଜଗତର ନାଥ ଶ୍ରୀଜଗନ୍ନାଥଙ୍କର ଅତ୍ୟନ୍ତ ପ୍ରିୟ ପିଠା ହେଲା 'ପୋଡ଼ପିଠା' ।

ମୋଟ ଉପରେ କହିଲେ ଗଣପର୍ବ ରଜ ହେଉଛି ସଜବାଜ ତଥା ପ୍ରୀତି ପାର୍ବଣର ପର୍ବ । ଆଉ ବନ୍ଧୁମିଳନ ରଜପର୍ବର ଅନ୍ୟ ଏକ ଦୁର୍ଲଭ ବିଶେଷତ୍ୱ । ଓଡ଼ିଶାରେ ଏହି ପର୍ବକୁ ନାରୀମାନଙ୍କର ପର୍ବ ବୋଲି କୁହାଯାଏ ।  ଏପରି ବିବେଚନା କରିବା ପଛରେ ଅନେକ କାରଣ ରହିଥିଲେହେଁ ସବୁଠାରୁ ମଜାର କଥା ହେଲା, ପଲ୍ଲୀ ଲଳନା ତଥା ପଲ୍ଲୀ

ISSN NO.
2582-208X

ବଧୂମାନଙ୍କର ସୁଲଳିତ କଣ୍ଠରୁ ଝଙ୍କୃତ ମନମତାଣିଆ ଗୀତର ନିନାଦର ତାଳେ ତାଳେ ରଜଦୋଳିଖେଳ ଜନମାନସକୁ ବେଶ୍ ଭାବବିହ୍ୱଳିତ କରିଥାଏ । କାରଣ ଏକମାତ୍ର ପ୍ରସଙ୍ଗକୁ ଆଧାର କରି ରଜଦେଳି ଗୀତ ରଚିତ ହୋଇନଥାଏ । ସମାଜର ନାନାବିଧ ପ୍ରସଙ୍ଗ ହେଉଛି ରଜଦୋଳି ଗୀତର ଆଧାରଶୀଳା । ଏହି ପରିପ୍ରେକ୍ଷୀରେ ଏତିକି କୁହାଯାଇପାରେ ଆଶୁ କବି ଓ ଲେଖକମାନେ ରଜଦୋଳି ଗୀତର ବାସ୍ତବ ରୂପାୟନ କଲା ପୂର୍ବରୁ ପ୍ରଥମେ ସାମାଜିକ ମୂଲ୍ୟବୋଧକୁ ଅନ୍ତରର ସହ ହୃଦୟଙ୍ଗମ କଲାପରେ ନିଜସ୍ୱ ଅଭିବ୍ୟକ୍ତିକୁ ଗୀତ ମାଧ୍ୟମରେ ପ୍ରକାଶ କରିଛନ୍ତି ।

ଯେପରି ଦିଅର ଭାଉଜ ସମ୍ପର୍କ, ଶାଶୁ ବୋହୁଙ୍କର ତିକ୍ତ ସମ୍ପର୍କ, ଅଣପୁରୁଷିଆ ସ୍ୱାମୀର ଚଉତିଶା, ଅନ୍ଧ ସ୍ୱାମୀ, ବୁଢ଼ାବର, ବୟସ୍କ ଅବିବାହିତ ଝିଅର ଚଉତିଶା, ଶଶୁର ବୋହୁର ଥଟ୍ଟା ପରିହାସ, ନଣନ୍ଦ ଭାଉଜ ଝଗଡ଼ା, ଅଜା ଆଈର ସମ୍ପର୍କ ଇତ୍ୟାଦି ଇତ୍ୟାଦି । ବିଶେଷ କରି ଜ୍ୟେଷ୍ଠ ମାସ ହୋଇଥିବାରୁ ଏଇ ସମୟରେ ଭୀଷଣ ଗରମ ଅନୁଭୂତ ହୋଇଥାଏ । ଯଦି ଗରମ ପରିବର୍ତ୍ତେ କୋହଲା ପାଗ ରଜରେ ଅନୁଭୂତ ହୁଏ ତାହାହେଲେ ଏହି ପାଗକୁ କୋହଲା ପାଗ ବା ରଜ ପାଗ ବୋଲି କୁହାଯାଏ । ଯେଉଁ କୋହଲା ପାଗ ଅନୁଭୂତ ହୁଏନାହିଁ ସେହି ବର୍ଷକୁ ରଜପର୍ବ ଅନୁକୂଳ ନୁହେଁ ବୋଲି କୁହାଯାଏ ।

ଆହୁରି ମଧ୍ୟ ଯେଉଁ ବର୍ଷ ରଜ ପାଗ ହୁଏ ସେହିବର୍ଷ ଦୋଳିଗୀତର ନିନାଦ ବେଶ୍ ପ୍ରାଣସ୍ପର୍ଶୀ ହୋଇଥାଏ । ଅର୍ଥାତ୍ ରଜ ତିନି ଦିନ ମେଘୁଆପାଗ ନହେଲେ ରଜପର୍ବ ଆନନ୍ଦଦାୟକ ନହୋଇ ନିରାନନ୍ଦରେ ପରିଣତ ହୋଇଥାଏ । ଏପରି ସ୍ଥଳେ ପଲ୍ଲୀ ଲଳନାମାନେ ରଜଦୋଳି ଖେଳିବା ବେଳେ ଗାଇଉଠନ୍ତି–

"ସଜନୀଲୋ ମଉସୁମୀ ଗଲା ବଦଳି
ସାବଧାନ ଏବେ ନହେଲେ ବାଦଲ
ରଜସଜ ଦେବ ଉଜାଡ଼ି ।"

ପୁନଶ୍ଚ ଓଡ଼ିଶା ସଂସ୍କୃତିର ଅସ୍ମିତା ବୋଲାଉଥିବା ଗଣପର୍ବ ରଜ ହେଉଛି ପ୍ରୀତି ପାର୍ବଣର ମହୋତ୍ସବ । ଯେତେବେଳେ ରଙ୍ଗ ବେରଙ୍ଗର ପୋଷାକ ପରିଧାନ କରି ସୁସଜ୍ଜିତ ଦୋଳିରେ ବସି ପଲ୍ଲୀବାଳାମାନେ ରଜ ଦୋଳି ଗୀତ ଗାନ କରନ୍ତି ସେତେବେଳେ ସେମାନେ ସର୍ବପ୍ରଥମେ ବନ୍ଧୁମିଳନ ଓ ଭାବ ଆଦାନ ପ୍ରଦାନ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ

ISSN NO.
2582-208X

କରିଥାନ୍ତି। ଏହି କାରଣରୁ ସେମାନେ ଦୋଳି ଖେଳିଲା ବେଳେ ଖୁସିରେ ଆତ୍ମବିଭୋର ହୋଇଖ କେତେ ଗୁଡ଼ିଏ ମନଛୁଆଁ ପଂକ୍ତିକୁ ବଖାଣି ବସନ୍ତି । ଯଥା–

"ମଇଁଷି ଶିଙ୍ଗରେ ଖସା, ମାଉସୀ ପୁଅଟା ଏଡ଼େ
ସାହାସୀଲୋ, ମୋତେ କଲା ଲୋକହସା ।"

ପୁନଃ– "ଥିରି ଥିରି ଚାଲେ ହାତୀ, ଥୟ ନ ହେଉଛି କି ....
ଛାତିଲୋ, ଥକା ଦୋଳି ହେଲା ରାତି ।"

"ଆମ୍ବପତ୍ର ଗହଳିଆ ପ୍ରୀତିପଙ୍କେ ତୁହିଁ ହେବୁ
ଗୋଳିଆଲୋ, ତୋଫା ହେବନି ଧୂଳିଆ ।"

ଏହି ପରିପ୍ରେକ୍ଷୀ ଓଡ଼ିଶାର ବିଶିଷ୍ଟ ଆଧୁନିକ କବି ଶ୍ରୀଯୁକ୍ତ ପ୍ରାଣବନ୍ଧୁ ମିଶ୍ରଙ୍କ ରଜ ଦୋଳି ଗୀତ ବେଶ୍ ଉପଭୋଗ୍ୟ ଓ ହୃଦୟସ୍ପର୍ଶୀ । ତାଙ୍କ ଭାଷାରେ ରଜ ଦୋଳି ଗୀତ ଏହିପରି । ଯଥା–

"ପଳାଶ ଫୁଟିଲା ବଣେ
ବରଯାତ୍ରୀ ଧରି ଆସିଲା ପଣେ
ଆସିଲା ପଣେଲୋ, ବାହାହେଲା ମାତ୍ର ଜଣେ ।"

ପୁନଃ

"ଶେଯରେ ଶେଯ ମୁତୁରା
ଡାକ ଦେଲା ତୋତେ କେଉଁ ପୁତୁରା
କେଉଁ ପୁତୁରାଲୋ, ତା ଲାଗି ସଫା ସୁତୁରା ।"

"ଧରି ସମୁଦୁଣୀ ହାତ
ବୁଲାଇ ନେଲି ମୁଁ ଚଇତି ଯାତ
ଚଇତି ଯାତଲୋ, ଝିଅ ମନ ଭାରି ଉଷତ ।"

ISSN NO.
2582-208X

କେବଳ ମାତ୍ର ପ୍ରେମ, ପ୍ରୀତି, ପ୍ରଣୟ, ପ୍ରତୀକ୍ଷା, ଯନ୍ତ୍ରଣା, ହାସ୍ୟ ପରିହାସ, ପରନିନ୍ଦା ଇତ୍ୟାଦିକୁ ନେଇ ରଜଦୋଳି ଗୀତ ଲିଖିତ ହୋଇନାହିଁ । ଏସବୁକୁ ବାଦ୍ ଦେଲେ ଆହୁରି ଅନେକ କିଛି ସାମାଜିକ ଅବସ୍ଥା ଓ ବ୍ୟବସ୍ଥା ପ୍ରତ୍ୟାଶା, ଜିଜ୍ଞାସା ଓ ଅନୁଭୂତିରେ ରଜଦୋଳି ଗୀତ ପରିପୂରିତ । ଯେମିତ ଦୋଳି ଖେଳିଲା ବେଳେ ଗରଜିଲା ମେଘକୁ ଦେଖି ଲିଖିତ ରଜଦୋଳି ଗୀତ–

"ଗରଜେ କଳା ବଉଦ, ମୋତେ ତ ବରଷ ହେଲା
ଚଉଦ ଲୋ, ଗଲାଣି ପିଲା ସୁଆଦ ।"

"ଛତୁ ଫୁଟେ ବରଷାରେ, ଛତରଟା କେତେ ଛଇ
ଦେଖାଉରେ, ଅଛି କି ତୋ ଭରସାରେ ।"

ପୁନଃ–

"ଅଦିନେ ପଣସ କଠା, ବଚନରେ ଯାର ନଥାଏ
ମିଠାଲୋ, ସେ'ଟା ବାଡ଼ ଡାକା କଣ୍ଟା ।"

"ବଇଁଶୀ ବାଜିଲେ କୁଞ୍ଜେ, ବଡ଼ କଥା ବଡ଼ ଘରକୁ
ସାଜଲୋ, ଛୋଟ କଲେ ଛାଟ ବାଜେ ।"
ଲାଞ୍ଜ ଟେକିଗଲା ବାଘ, ନଇଁ ଚାଲୁଥିବ ବଡ଼ଙ୍କ
ଆଗଲୋ, ଲାଗିବ ନାହିଁଟି ଦାଗ ।"

ଏହିପରି ଆହୁରି ଅନେକ ପ୍ରକାର ଲୋକଗୀତ ଆମ ଲୋକ ସଂସ୍କୃତିରେ ଉଚ୍ଚାରଣ ହେବାର ଦେଖିବାକୁ ମିଳେ । ଯେପରି ଆମ ଲୋକଗୀତ ପରମ୍ପରାରେ ବାରମାସୀ ପଲ୍ଲୀଗୀତର ମାହାତ୍ମ୍ୟକୁ ବାଦଦେଇ ରଜଦୋଳି ଗୀତର ପରିକଳ୍ପନା କରିବା ଅଭଦ୍ରାମୀ ହେବ ।

ହୁଏତ ଏହି ପରିପ୍ରେକ୍ଷୀରେ ଏପରି ଅଭିବ୍ୟକ୍ତି ପୋଷଣ କରିବା ଆଧିକ୍ୟ ହୋଇପାରେ ବା ଅତିରଞ୍ଜିତ ହୋଇପାରେ । ପରନ୍ତୁ ଓଡ଼ିଶାର କେତେଜଣ କତିପୟ ମହାନ୍ ପଲ୍ଲୀକବି ରଜଦୋଳି ଗୀତରେ ବାରମାସର ବିଶେଷତ୍ୱକୁ ସ୍ଫୁରଣ କରି ବେଶ୍ ପ୍ରଶଂସା ଭାଜନ ହୋଇଛନ୍ତି । ଯଦିଓ ଅଦ୍ୟାବଧି ଲୋକଗୀତ ରଚନା କରି ଯାଇଥିବା ପଲ୍ଲୀକବିମାନଙ୍କର ସ୍ୱତନ୍ତ୍ର ପରିଚୟ କାହାକୁ ଜଣାନାହିଁ । ତଥାପି ସେମାନଙ୍କ ଦ୍ୱାରା ରଚିତ ଲୋକଗୀତରେ

ISSN NO.
2582-208X

ମାଧୁର୍ଯ୍ୟମୟ ଛାନ୍ଦ, ସ୍ୱଚ୍ଛତା ଓ ସ୍ୱଚ୍ଛଳତାପୂର୍ଣ୍ଣ ଜୀବନ ଶୈଳୀ ରଜଦୋଳିକୁ ଜୀବନ୍ତ କରି ଗଢ଼ି ତୋଳିଛି । ଯାହା ସେମାନଙ୍କ ଅନବଦ୍ୟ ସାହିତ୍ୟ ସୃଷ୍ଟିର ଅପୂର୍ବ ପ୍ରତୀକ ।

ଯଦି ପଲ୍ଲୀଗୀତର ଇତିବୃତ୍ତିକୁ ପର୍ଯ୍ୟାଲୋଚନା କରାଯାଏ ତାହାହେଲେ ଅନୁମାନ ଦ୍ୱାରା ଜ୍ଞାତବ୍ୟ ହୁଏ ଯେ, ପ୍ରାୟତଃ ବାରମାସ, କୃଷି ଓ ସାମାଜିକ ଆଚରଣ ଓ ଉଚ୍ଚାରଣ ଉପରେ ପଲ୍ଲୀଗୀତ ପର୍ଯ୍ୟବସିତ । ଏମିତି ମଧ୍ୟ ଦେଖିବାକୁ କେତେକ କ୍ଷେତ୍ରରେ ମିଳେ, ଯଥା ପୁରାଣ, ଦଣ୍ଡଗୀତ, ଜନଜାତିଙ୍କ ଉପରେ ଚିତ୍ରଣ କରାଯାଇଥିବା ଦୃଶ୍ୟରୁହିଁ ପଲ୍ଲୀଗୀତର ସୃଷ୍ଟି । ବିଶେଷ କରି ବାରମାସ ଓ ପୁରାଣ କଥାବସ୍ତୁ ଉପରେ ଆଧାରିତ ପଲ୍ଲୀଗୀତ ବା ଲୋକଗୀତର ଲୋକପ୍ରିୟତା ଆମ ସଂସ୍କୃତି ଓ ଆମ ପରମ୍ପରାର ମାନଦଣ୍ଡ କହି ନିର୍ଭୁଲ ହେବ ।

ଏହି ବାଖ୍ୟା କରିବାର ଉଦ୍ଦେଶ୍ୟ ହେଲା, ଆମ ଜଗନ୍ନାଥ ସଂସ୍କୃତି ବା ଧରାଯାଉ ଆମ ଲୋକସଂସ୍କୃତିରେ ପ୍ରତି ମାସରେ କିଛି ନା କିଛି ପର୍ବ ପର୍ବାଣୀ ଅନୁଷ୍ଠିତ ହୋଇଥାଏ ଏବଂ ଏହାର ଲୋକପ୍ରିୟତାକୁ ହୃଦୟଙ୍ଗମ କରି ଅନୁଭବି କବି ଓ ଲେଖକମାନେ ସୃଷ୍ଟି କରିଯାଇଛନ୍ତି କାଳଜୟୀ ଲୋକଗୀତ ବା ପଲ୍ଲୀ ସଙ୍ଗୀତ । ଏଠାରେ ଯଦି ଜ୍ୟେଷ୍ଠ ମାସରେ ଅନୁଷ୍ଠିତ ପର୍ବ ବିଷୟରେ ବିସ୍ତୃତ ବିବରଣୀ ଉପସ୍ଥାପନା କରାଯାଏ ତେବେ କହିବା ବହୁଲ୍ୟ ଯେ, ଗଣପର୍ବ ରଜକୁ ଛାଡ଼ିଦେଲେ ଆହୁରି ଅନେକ ପର୍ବ ଜ୍ୟେଷ୍ଠ ମାସରେ ପାଳିତ ହୋଇଥାଏ । ଯଥା–ରଥଯାତ୍ରା, ଖଳଲାଗି ଏକାଦଶୀ, ଦେବସ୍ନାନ ପୂର୍ଣ୍ଣିମା, ରୁକ୍ମଣୀ ବିବାହ, ବାହୁଡ଼ା, ଶୀତଳଷଷ୍ଠି, ନେତ୍ରଉତ୍ସବ, ଗଙ୍ଗାଦଶହରା ଇତ୍ୟାଦି ଇତ୍ୟାଦି ।

ସ୍ଥୂଳତଃ ଜ୍ୟେଷ୍ଠମାସରେ ଗଣପର୍ବ ରଜର ଜନପ୍ରିୟତା ଅଧିକ ଥିବାରୁ ରଜ ଓ ରଜଦୋଳି ଉପରେ କବି ଓ ସାହିତ୍ୟିକମାନେ ସବୁଠାରୁ ଅଧିକ ଧ୍ୟାନ କେନ୍ଦ୍ରିତ କରିଛନ୍ତି । ଏଇଥିପାଇଁ ଜ୍ୟେଷ୍ଠମାସକୁ ଆଖି ଆଗରେ ରଖି କବିଙ୍କ ଭାଷାରେ ରଚିତ ହୋଇଛି ପଲ୍ଲୀଗୀତ । ଉଦାହରଣ ସ୍ୱରୂପ–

“ଜ୍ୟେଷ୍ଠ ମାସରେ ବଡ଼ମଉଜ
କେତେ ସଜ ଧରି ଆସିବ ରଜ
ଖେଳିବ ରଜରେ ଦୋଳି
ଖେଳିବ ରଜରେ ଦୋଳି

ISSN NO.
2582-208X

ଭେଦଭାବ ଭୁଲି ସବୁ ଭାଇ ମିଳି
ରଜଦୋଳି ଗୀତ ବୋଲି ।"

ଅନ୍ୟ ଏକ ପଲ୍ଲୀ କବିତା-

"ଘୂରଇ ଶଗଡ଼ ଚକ
ମୋ ଭାଇ ମୁଣ୍ଡରେ ଦୋଳ ମୁକୁଟ
ଦୋଳ ମୁକୁଟଲୋ
ଦିଶୁଥାଏ ଚକ ଚକ ।"

"ନଈକି ମାଇଲି ଗିଲ
ଗିଲ ଚାରିପଟେ ମନ୍ଦାରଫୁଲ
ମନ୍ଦାରଫୁଲଲୋ,
ଦେଖ ଅଜା ନାତି ଗେଲ ।"

ଅନ୍ୟ ଗୋଟିଏ ରଜଦୋଳି ଗୀତ ହେଲା-
"ବାଲିରେ ପୋତିଲି ବାଲିଖିଆ ମାଛ
ପିମ୍ପୁଡ଼ି ଖାଇଲେ ରସ
ଆସ ଜେମାଦେଈ ବେଦୀରେ ବସ
ରାମ ଯିବେ ବନବାସ ।"

ପୁନଃଶ୍ଚ ଜ୍ୟେଷ୍ଠ ମାସରେ ଆଦ୍ୟ ଆଷାଢ଼ର ପ୍ରଭାବରେ ପ୍ରଚୁର ପରିମାଣରେ ବିଭିନ୍ନ ପ୍ରକାର ଫୁଲ ଫଳ ଉପଲବ୍ଧ ହୋଇଥାଏ । ଏହା ଉପରେ ମଧ୍ୟ କବିମାନେ ପଲ୍ଲୀଗୀତ ରଚନା କରିବାକୁ କୁଣ୍ଠାବୋଧ କରିନାହାନ୍ତି । ଆହୁରି ମଧ୍ୟ ଶଂସିତ ସମୟରେ ଆମ୍ବ, ପଣସର ସମ୍ଭାର ଆଶୁ କବିମାନଙ୍କୁ ପଲ୍ଲୀ କବିତା ସୃଷ୍ଟି କରିବାକୁ ଉତ୍ସାହିତ କରିଥିଲା । ଏପରି ସ୍ଥଳେ ଅନେକ ପ୍ରଥିତଯଶା କବିମାନେ ଲୋକଗୀତ ରଚନା କରି ପ୍ରଶଂସାର ପାତ୍ର ହୋଇଛନ୍ତି ।

ISSN NO.
2582-208X

ଉଦାହରଣ ସ୍ୱରୂପ-

"ପାଚିଲା ଆମ୍ବ ପଣସ
ଦିଗ ଚହଟାଏ ମଲ୍ଲୀର ବାସ
ମଲ୍ଲୀର ବାସଲୋ
ସବୁରି ମନ ହରଷ ।" ଇତ୍ୟାଦି ଇତ୍ୟାଦି

କହିବା ହୁଏତ ଆଧିକ୍ୟ ହୋଇପାରେ । ପରନ୍ତୁ ଏହାକୁ ପ୍ରକାଶ୍ୟ ନକଲେ ସବୁ ଅଧୁରା ରହିଗଲା ବୋଲି ମନେ ହେବ । ଏହି ପରିପ୍ରେକ୍ଷୀରେ ପ୍ରାକ୍ ସ୍ୱାଧିନତାବେଳେ ଭାରତରେ ଅନେକ ଲୋକଗୀତ ସର୍ଜନାକାରୀ କବି ଓ ଲେଖକମାନେ ଥିଲେ । ଯେଉଁମାନଙ୍କର ସୀମାହୀନ ଧି ଓ ଧିଷଣା ଶକ୍ତି ତଥା ଦକ୍ଷତା ବଳରେ ପରାଧିନ ଭାରତର ଅର୍ଥାବସ୍ଥା ତଥା ସାମାଜିକ ବ୍ୟବସ୍ଥାକୁ ଆଖି ଆଗରେ ରଖି ଏମାନଙ୍କ ଦ୍ୱାରା ଅହେତୁକ ଲୋକଗୀତ ପୁରପଲ୍ଲୀରେ ରଚିତ ହୋଇଥିଲା । ଯଥା- ସ୍ୱର୍ଗତ ଗଣକବି ବୈଷ୍ଣବ ପାଣି, ବ୍ରଜବାସୀ ଦାସ, ବୈଷ୍ଣବ ଚରଣ ଦାସ, ଲାଲା ଗୋପୀନାଥ ଚାନ୍ଦ, ଇତ୍ୟାଦି ଇତ୍ୟାଦି । ଏମାନଙ୍କ ମଧ୍ୟରୁ ଜଣେ ଆଶୁ କବି ହିସାବରେ ଗଣକବି ବୈଷ୍ଣବ ପାଣି ଥିଲେ ଶ୍ରେଷ୍ଠ ଓ ଅନନ୍ୟ । ତାଙ୍କ ଦ୍ୱାରା ରଚିତ ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଲୋକଗୀତ ବା ପଲ୍ଲୀଗୀତ ତତ୍କାଳୀନ ସମାଜରେ ଆଲୋଡ଼ନ ସୃଷ୍ଟି କରିଥିଲା ।

ଏହି ବିଷୟବସ୍ତୁକୁ ଆଧାର କରି ଅଧୁନା ଅନୁଗୁଳ ମାଟିରେ ଜନ୍ମିତ ଶ୍ରୀଯୁକ୍ତ ଧୀରେନ୍ କୁମାର ମିଶ୍ରଙ୍କର ରଜଦୋଳି ଗୀତର ପଟାନ୍ତର ନାହିଁ କହିଲେ ଚଳେ । ତାଙ୍କ ରଚିତ ରଜଦୋଳି ଗୀତର ଛତ୍ରେ ଛତ୍ରେ ପରିଦୃଷ୍ଟ ଦେଉଛି ଗ୍ରାମ୍ୟ ଜୀବନର ନିଆରା ଓ ଆକର୍ଷଣୀୟ ଦୃଶ୍ୟରାଜି ଓ ସାମାଜିକ ମୂଲ୍ୟବୋଧର ମାନଚିତ୍ର ମାନଦଣ୍ଡ ତଥା ହୃଦଗ୍ରାହୀ ଢଙ୍ଗଢାଙ୍ଗ ।

ଅତଏବ ବର୍ତ୍ତମାନ ମଧ୍ୟ ଇଣ୍ଟରନେଟ୍ ଯୁଗରେ ପାଦଥାପି ଆଗକୁ ଆଗକୁ ମାଡ଼ିଚାଲିବାକୁ ପ୍ରତିଶୃତିବଦ୍ଧ ଯୁବଗୋଷ୍ଠୀ ତଥା ଯୁବ ସାହିତ୍ୟିକମାନେ ଆମ ପରମ୍ପରା ଓ ଆମ ସଂସ୍କୃତିରେ ଗଭୀର ପ୍ରଭାବ ଓ ଅନୁଭୂତିରେ ଗହଳ ଛାପ ପକାଇଥିବା ପଲ୍ଲୀଗୀତର ପ୍ରଚଳନ ଏବେ ମଧ୍ୟ ଲୋକପ୍ରିୟତାର ଶୀର୍ଷରେ ଅଛି ଏବଂ ଆଗକୁ ମଧ୍ୟ ଏହା ବଳବତର ରହିବ କାରଣ ପ୍ରତ୍ୟେକ ସର୍ଜନାକାରୀଙ୍କ ଅନ୍ତରଆତ୍ମାରେ ପରିସ୍ଫୁରିତ ହୋଇ ରହିଛି ଆଦିମାନବ ସୁଲଭ ଗୁଣ । ଯଥା-ମାନବୀୟ ପ୍ରେମ, ଦୟା, କ୍ଷମା, ରୁଚି, ରୀତି, ଦୋଷ ଦୁର୍ବଳତା ।

ISSN NO.
2582-208X

ଅତଃ ଉପରସ୍ଥ ପ୍ରସଙ୍ଗ ଅନୁଯାୟୀ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ପ୍ରଥମ ପରିଚୟ ହେଲା, ଏହାର ପଲ୍ଲୀ ଗୀତ । ଆଉ କାହିଁ କେଉଁ ଆବାହମାନ କାଳରୁ ଆମ ସଂସ୍କୃତି ଓ ପରମ୍ପରା ଏହାରି ଉପରେ ପର୍ଯ୍ୟବସିତ । ଆଜିବି ସମଗ୍ର ଓଡ଼ିଶାରେ ପଲ୍ଲୀଗୀତ ମାଦକଭରା ପରମ୍ପରା ବଜାୟ ରହିଛି ଏବଂ ଏଥିରୁ ଉତ୍ପନ୍ନ ଅନେକ ବ୍ୟଙ୍ଗ, ବିଦ୍ରୁପ, ଥଟ୍ଟା ତାମସା, ଆରୋପ ପ୍ରତ୍ୟାରୋପ, ଢଗଢମାଳି, ରୁଢ଼ିପ୍ରୟୋଗ, ଚୁଗୁଲୀ, ହାସ୍ୟ ପରିହାସ, ଅଳଙ୍କାର ଆମ ଗର୍ବିତ ଓଡ଼ିଶାର ମୂଳ ସଂସ୍କୃତିର ପରିଚାୟକ ଅଟେ କହିଲେ ନିଃସନ୍ଦେହ । ଏଥିରେ ତିଳେମାତ୍ର ସନ୍ଦେହ କରିବାର ଅବକାଶ ନାହିଁ ।

ଶେଖବଜାର (ନୀଉକଲୋନୀ)
କଟକ-୮, ମୋ- ୮୮୯୫୫୯୩୮୭୫

ISSN NO.
2582-208X

# ସେଇ ବଲାଙ୍ଗୀ ପଠାରେ



ଡକ୍ଟର ପ୍ରତାପ କୁମାର ପରିଡ଼ା

କୁହୁଡ଼ି ଘେର୍ ଫାଟକ ପାଖରେ
ତୁମ ମାସ୍କ ପିନ୍ଧା ଆଖି ଆଗରେ
ମୋ ଆଖି ଲ୍‌ଜେଇ ଯାଏ ସତରେ
ଠିକ୍ ଲ୍‌ଜୁକୁଳି କଣ୍ଟା ଲତା ପରି
ଚନ୍ଦ୍ରମାର କଜଳ ତୁ ନାଇଛୁ ଆଖିରେ
ମୁଁ ତୁମକୁ ଅପେକ୍ଷା କରେ
ସେଇ ବଲ୍‌ଙ୍ଗୀ ପଠାରେ ....

ସକାଳୁଆ ଶିଶିର ନେଇଆସେ
ବୋଳବାକୁ ସ ତୋହରି ଅଙ୍ଗରେ ।
ସବୁ ଫୁଲ ଲ୍‌ଜେଇ ଯାଏ ହାତ ପାହାନ୍ତରେ
ସକାଳ ବି ଫିକା ପଡ଼େ ତୋ ନୀରବ ଗ୍ଭଲିରେ
ପବନ ଆଲିଙ୍ଗନ କରେ ତୋର କୋମଳ କରରେ
ମୁଁ ତୁମକୁ ଅପେକ୍ଷା କରେ
ସେଇ ବଲ୍‌ଙ୍ଗୀ ପଠାରେ....

ବଲ୍‌ଙ୍ଗୀ ବି ସବୁଜ ଶାଢ଼ୀ ପିନ୍ଧେ ତା ଦେହରେ
ଚଢ଼େଇ ସଙ୍ଗୀତ ଗାଏ ର୍‌ଗିଣୀର ସୁରେ
ହଂସ ବି ହସି ଦିଅନ୍ତୁ ତାଙ୍କ ରଙ୍ଗୀନ ଓଠରେ
ମାଛବି ଲ୍‌ଞ୍ଜ ହଲେଇ ଦିଅନ୍ତୁ ଲ୍‌ଜରେ
ଠିକ୍ ଅଭିମାନୀ ପ୍ରିୟାର ଅନୁତପ୍ତ ନଆଁରେ

ISSN NO.
2582-208X

ମୁଁ ତୁମକୁ ଅପେକ୍ଷା କରେ
ସେଇ ବଲ୍ଙ୍ଗୀ ପଠାରେ...

ସମୟ ବି ତାଳ ଦିଅନ୍ତୁ ତା ସୁରିଲା ଗୀତରେ
ପାଦ ଥାପି ଥାପି ଗ୍ଭଲେ ପ୍ରତି ପଦ ଗତି ଧାରେ
ଶିଶୁର ହସ ଶୁଭେ ବଂଶୀ ସ୍ୱନ ପରି
ଝରଣା ଝରି ଆସେ କୁଳୁକୁଳୁ ନାଦରେ
ଅଜଣା ପଥର ତରଳ ଯାଏ ମୋ ପ୍ରିୟାର ଗ୍ଭଲିରେ
ମୁଁ ତୁମକୁ ଅପେକ୍ଷା କରେ
ସେଇ ବଲ୍ଙ୍ଗୀ ପଠାରେ...

ଛେନାପୋଡ଼ର ସୁଆଦିଆ ସ୍ୱାଦ ବାନ୍ଧିଦିଏ
ମୋ ପ୍ରିୟାର ଓଠକୁ ସେ ସେଥି ପାଇଁ ନୀରବ ରୁହେ
ତାର ଅଠା କାବୁ କରିନଏ ତାର ଦୁଇ ହାତକୁ
ତଥାପି ସେ ମୋ ସହ ଜିଦ୍ କରେ ବଜାରୁ ଆଣିଦେବ ମିଠା
ଭଲପାଏ ଛେନାପୋଡ଼କୁ ଭୁଲି ଯାଏ ପୋଡ଼ା ହୃଦୟକୁ ସତରେ
ମୁଁ ତୁମକୁ ଅପେକ୍ଷା କରେ
ସେଇ ବଲ୍ଙ୍ଗୀ ପଠାରେ...

ମୁଁ ଦେଇଥିବା ସବୁ ଚଠି ସାଥିରେ ଆଣ
ଲଫାପାରୁ କାଢ଼ି ପଢ଼ି ସାରି ପୁଣି ରଖିଦିଅ
ମନେ ପକାଅ ସେଇ ଅଶୁଦ୍ଧ ବନାନ ଗୁଡ଼ିକ
ପୁଣି ସଜାଡ଼ି ଦିଅ ତୁମ ପ୍ରେମର ଭ୍ଷାରେ
ମୋତେ ଏମିତି ସଜାଡ଼ି ଦିଅ ତୁମ ଭ୍ବନାରେ
ମୁଁ ତୁମକୁ ଅପେକ୍ଷା କରେ
ସେଇ ବଲ୍ଙ୍ଗୀ ପଠାରେ...

(ଏସ ଆର ଜି ସାହିତ୍ୟ ସୃଜନୀ)
ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ
ଶ୍ରୀବନ୍ତଦେଇପୁର, ନୂଆପଲ୍ଲୀ ନୟାଗଡ଼

ISSN NO.
2582-208X

# ଆଲୋ ସୁନା ଗୋରୀ



ଦିବାକର ନାୟକ

ଆଲୋ ସୁନା ଗୋରୀ ଏ ଗରିବ ମନ
କରି ନେଲୁ ଆଜି ଚୋରି
ଜୀବନର ଅଧା ବାଟରେ ଦିନେ ଲୋ
ଯିବୁନି ତୁ ପର କରି ।।୦।।

ତୋ ଘରେ ଥିବ ହୀରା ନୀଳା ମୋତି
ତୁ' ବଡ଼ ଘର ଝିଅ
ମୋ ଘରେ ଜଳେନା ଚୂଲି ନିତି ଆଉ
ସାତ ସ୍ୱପ୍ନ ଗୁଆଘିଅ

ଡର ଲାଗେ କାଳେ ଉଭେଇ ଯିବୁ ତୁ
ସୁନା ହରିଣୀଟେପରି...
ଆଲୋ ସୁନା ଗୋରୀ ଏ ଗରିବ ମନ
କରି ନେଲୁ ଆଜି ଚୋରି ।।୧।।

ISSN NO.
2582-208X

ବାପା ବୋଉ ତୋର କରିଲେ ନିଜର
ଧରିବି ଦିନେ ତୋ ହାତ
ଧନକୁ ନ ଖୋଜି ମନକୁ ଚିହ୍ନିଲେ
ହେବି ତୋ ଜୀବନ-ମିତ

ଭୁଲିବାର ଥିଲେ ଏବେ ବେଳ ଅଛି
ନିଜ ବାଟେ ଯାଆ ଫେରି...
ଜୀବନର ଅଧା ବାଟରେ ଦିନେ ଲୋ
ଯିବୁନି ତୁ ପର କରି ।।୨।।

ପାଟପୁର, କଜନସି, ଗଂଜାମ
ମୋ: ୭୬୫୦୦ ୧୯୯୮୧

ISSN NO.
2582-208X

# ମରୁଡିର ପଦଧ୍ୱନି



ନିରୁପମା ମିଶ୍ର

ହେ ଜଗନ୍ନାଥ ସତେ କ'ଣ ହେଉଛି ଏ ଜଗତ।
ରଖ, ରଖ ହେ ଜଗତର ନାଥ, ଜଗନ୍ନାଥ।
ତୁମ୍ଭେ ପର୍ ପାଳନକର୍ତ୍ତା, ତିନି ଭାଗ ଜଳ ରେ ଏକ ଭାଗ ସ୍ଥଳର ରଚୟିତା।
ସଂସାର ଭୌଗୋଳିକ ଚିତ୍ର ରେଜଳ ରହିଛି ପର୍ ତିନି ଭାଗ।
ତେବେ ମରୁଡିର ପଦଧ୍ୱନି ହେବ କିପରି ହେ ମହାଭାଗ।
ଶ୍ରେଷ୍ଠ ମାନବ ଜନମ ସୁରୁଷଟି କରି, ସତେ କି ଭୁଲ୍ ହେଲ୍ କି ତୁମ୍ଭରି???
ମଣିଷ ମଣିଷ ର ଶତ୍ରୁ ଏପରି, କେହି କାହାର ସହି ପାରୁନାହାନ୍ତି ଶିରୀ।
ହଣା, କଟା, ଚୋରି, ଡକାୟତି ଚାଲିଛି ଦିବା ରଜନୀ।
ହଁ, ଏମିତି ହେଲେ ନିଶ୍ଚୟ ଶୁଭିବ ମରୁଡିର ପଦଧ୍ୱନି।
କର୍ମ କୁଢ ହୋଇ ମଣିଷ ବଞ୍ଚି ଥାଇ।
ହେଲେ, ପଶୁପକ୍ଷୀ ନିଜେ ନିଜର ନିଡ ତିଆରି କରଇ।
କାହିଁକି ମଣିଷ ଜନମ ଦେଲ ହେ ହରି???
ତୁମ୍ଭେ ଥରେ ଭାବି ଦେଖ ଗିରି ଧାରୀ, ହେ ମୁକୁନ୍ଦ ବିହାରୀ।
ବଡ, ବଡ କୋଠାମାନ, ରାଜରାସ୍ତା ତିଆରି ।
ବଡ ଗଛ କଟା ହୋଇ ମୂଳ ରୁ ଦିଅନ୍ତୁ ମାରି।
କିପରି ନ ଶୁଭିବ ମରୁଡିର ପଦଧ୍ୱନି।
ପଶୁପକ୍ଷୀ, ଗଛଲତା ସବୁ ଜୀବଜଗତ।
ଏମାନେ ଲୁପ୍ତ ହେଲେ ଧ୍ୱଂସ ହେବ ଜଗତ।
ମଣିଷ ହୁଅନ୍ତୁ ସବୁରୀ ବଇରି।
ହେ ହରି, ରକ୍ଷାକର ଏ ଜଗତ ତୁମ୍ଭରି।

ଚନ୍ଦ୍ରଶେଖର ନଗର, ବଲାଙ୍ଗିର

ISSN NO.
2582-208X

# ନୂଆ ସକାଳ........



ରାମଚନ୍ଦ୍ର ବେହେରା

ନିଶି ଅନ୍ଧକାର ଧିରେ ଲୁଚଯିବ
ସୂର୍ଯ୍ୟଙ୍କ ଦୀପ୍ତି ପ୍ରକାଶେ
ସୁପ୍ତ ଆଶା ପୁଣି ଉଜ୍ଜୀବିତ ହେବ
ନୂଆ ସଫଳତା ଆଶେ
ନିରାଶା ଛୁପିବ ଦିନେ
ବିଫଳତା ଭୁଲି ଆଗକୁ ବଢ ହେ
ପ୍ରଭୁଙ୍କୁ ସୁମରି ଧ୍ୟାନେ ।
ନୂଆ ସମ୍ଭାବନା ଭରଇ ଉତ୍ସାହ
ଦେଖାଏ ନୂତନ ଦିଶା
ପ୍ରତିଟି ସକାଳ ଶିଖାଏ ସଭିଙ୍କୁ
ଜୀବନର ପରିଭାଷା
ନୂତନ ଆଶା ସଂଚାରି
ବିଷାଦକୁ ଭୁଲି ଯେ'ବଢେ ଆଗକୁ
ସଫଳତା ଆସେ ଫେରି ।
ନବ ପ୍ରଭାତର ନବ କିରଣରେ
ନୂଆ ଭାବ ଉଠେ ଚେଇଁ
ଅତୀତ ଗ୍ଲାନିକୁ ଭୁଲିଯାଅ ସର୍ବେ
ସୁଖ ଦୁଃଖ ଆପଣାଇ

ISSN NO.
2582-208X

ଆସ ହେବା କାର୍ଯ୍ୟେ ରତ
ଅସ୍ଥାୟୀ ସଂସାରେ ସୁଖ ଦୁଃଖ ସଦା
ହେଉଥିବେ ଆତ ଯାତ ।
ନୂଆ ଭାବନାରେ ନୂଆ ଚେତନାରେ
ନୂଆ ଆଶା ଥାଏ ଲୁଚ
ଶୃଂଖଳତେ ହୋଇ ଶ୍ରମେ ମଗ୍ନ ହେଲେ
ଦୁଃଖ ଯାଏ ଘୁଂଚ ଘୁଂଚ
ହସିଉଠେ ତନୁମନ
ନୂଆ ଆଶା ସହ ନୂତନ ସକାଳ
ସାଜେ ଭବ୍ୟ ମରୁଦ୍ୟାନ ।

……………………..!!!!!!!!!!!……………

ତେନ୍ତୁଳିପଦା, ଜଗତସିଂହପୁର
ମୋ–୭୩୫୫୭୩୪୩୪୬

ISSN NO.
2582-208X

# ବିବିଧତାର ବୌଦ୍ଧ (୨)




କାର୍ତ୍ତିକେଶ୍ୱର ନାୟକ

ବିବିଧ ପ୍ରାକୃତିକ ସମ୍ଭାର ବହନ କରୁଥିବା, ବୌଦ୍ଧ ବେଶ୍ କେତେଯେ ରୋମାଂଚକର ଓ ବିସ୍ମୟ, ଆସନ୍ତୁ ଜାଣିବା । ବିଚିତ୍ର ଏ ମାଟିର ମହକ। ସେଦିନର ଲୋକ କଥା, ଅନୁଭବି ତଥା ପ୍ରତ୍ୟେକ୍ଷଦର୍ଶୀ କାଠ କଟାଳି ମାନେ ବୟାନ କୁ ଭିତିକରି ଆଜି ଗଳ୍ପ ହୋଇଛି ସିନା, କିନ୍ତୁ ଏହା- କଠିନ ସତ୍ୟ । ବୌଦ୍ଧ ଭୁଖଣ୍ଡର ଭୟଂକର ତଥା ଏକ ଅଲୌକିକ ଅଗନା ଅଗନି - ଅରଣ୍ୟ ପରିବେଷ୍ଟିତ ଇଲାକା । ଏହି ଜିଲ୍ଲା ର ଦକ୍ଷିଣ-ପୂର୍ବ ଅଂଶ ର ବେଶ୍ ଜଣାଶୁଣା ସେଦିନର ଅରଣ୍ୟଗଡ । ଏହା ବର୍ତ୍ତମାନର ଆଡେଣିଗଡ ରାଜସ୍ୱ ଗ୍ରାମ ପଂଚାୟତ । ଉକ୍ତ ଗ୍ରାମର ପୂର୍ବକୁ ପ୍ରାୟ ୫୦ କି.ମି ପର୍ଯ୍ୟନ୍ତ ଘୋର ଜଂଗଲ। ଏବେ ବି ତା'ର ଅତୀତ ବଜାୟ ରଖିଛି ଏ ଇଲାକା। । ଅରଣ୍ୟଗଡ ବା ଆଡେଣୀଗଡ ର ଅନତୀଦୂର ରେ ଏକ ଘଂଚ ଜଂଗଲ ଆରମ୍ଭ ହୁଏ । ଏହାର ଗୋଟିଏ ପାର୍ଶ୍ୱ ୫୭ ନଂ ଜାତୀୟ ରାଜପଥ, ଅପର ପାର୍ଶ୍ୱ ଘଂଚ ବନାନୀ ସଂପଦ ସହ ୧୫ କି.ମି ପର୍ଯ୍ୟନ୍ତ ଲମ୍ବି ଯାଇଛି ସବୁଜ ବୃକ୍ଷ ର ଅତୁଟ ସମ୍ଭାର । ନା ତା'ର "ପୋଢହଳ ଜଂଗଲ" ।

ଶୀତ ଋତୁ ର ସକାଳ । ଦଳେ କାଠ କଟାଳୀ ସେଦିନ କାଠ କାଟିବାକୁ ଜଂଗଲରେ ପ୍ରବେଶ କଲେ । ତତ୍କାଳୀନ କାଠ ସଂଗ୍ରହ କରିବା ତରିକା ଅଲଗା । କାଠ କାଟି ଜଂଗଲରୁ ଆଣିବାକୁ ପୋଢହଳ ର ଦରକାର ପଡେ । ତେଣୁ ଯୁଆଳି ଓ ଲମ୍ବା ଦଉଡି ସାହାଯ୍ୟ ରେ ଘୋସାଡି ବା ଟାଣିବାକୁ ପଡିଥାଏ । ଯୁଆଳି ସହ ପୋଢହଳ ସଂଲଗ୍ନ ପରେ କାଠ ଟାଣି ଅଣାଯାଏ । ହେଲେ ସେଦିନ ଥିଲା ସେମାନଂକ ପାଇଁ ଏକ-ଅଘଟଣ ର ବିଭିଷିକା ! କାଠ କଟାଳୀ ମାନେ କାଠ କାଟିବା ପୂର୍ବରୁ ଯୁଆଳି ଦ୍ୱାରା ଯୋଚା ଯାଇଥିବା ପୋଢହଳ ଜଂଗଲ ଭିତରେ ଛାଡି, କାଠ- କାଟିବାରେ ଲାଗିଲେ ।

ISSN NO.
2582-208X

ବାଉଁଶ ବୁଦାର ଝଣ୍ ଝଣ୍ ଶବ୍ଦକୁ ପବନର ଶୁ ଶୁ ଜଂଗଳ ର ପରିବେଶ କୁ ବେଶ୍ ଭୟ ଓ ଶଂକା ବଢାଇବାରେ ଦ୍ୱିଗୁଣିତ କରୁଥାଏ। ହଠାତ୍ ବାଉଁଶ ବୁଦାର ପତ୍ର ଯୋର୍ ରେ ଥରିବାରେ ଲାଗିଲା ପୋଢ ହଳ ସବୁ ଏଣେ ତେଣେ ଦୌଡ଼ିଲେ, ଗର୍ଜନ୍ କଲେ । କାଠ କଟାଳୀ ମାନଂକ ମଧ୍ୟରେ ଛନକା ପଶିଲା । ସେମାନେ କାଠ କାଟିବା ବଂଦ କରି ପୋଡହଳ ଦୌଡୁଥିବା ସ୍ଥାନକୁ ଆସିଲେ । ସେମାନେ ଏକ ଅଦ୍ଭୁତ ଦୃଶ୍ୟ ଦେଖି ଭୟରେ ଥରିବାରେ ଲାଗିଲେ । ସେମାନଂକ ପାଟି ଖନି ମାରିଗଲା । କୌଣସି ଉପାୟ ନ ପାଇ କେବଳ ହୋ ହାଲା କଲେ । ଦୃଶ୍ୟ ଟି ଥିଲା ଏହପରି ।

ଏକ ବିଶାଳ କାୟ ଅହିରାଜ ସର୍ପ ର ବିଚିତ୍ର କାଣ୍ଡ । ଦୁଇଟି ପୋଡ ଯୋଚା ଯାଇଥିବା ଯୁଆଳି କୁ ମଝିରେ ଧରି ଏକ ପ୍ରକାଣ୍ଡ ଶାଳ ଗଛ ଉପରକୁ ଟେକି ନେବାର ଦୁର୍ବାର ପ୍ରୟାସ। ଅହିରାଜ ସର୍ପ ଟି ଏତେ ବଡ ଥିଲା ଯେ, ତା ନିକଟ ତର ହେବାର ଦୂରର କଥା, ଭୟରେ ସେ ସ୍ଥାନ ଛାଡିଯିବା କୁ ତର ସହିଲା ନାହିଁ । କାଠ କଟାଳି ମାନେ ସେଠାରୁ ତତ୍ କ୍ଷଣାତ୍ ଦୌଡ଼ି ପଳାଇ ଗଲେ........

ଜଣାଯାଏ, ଏ ଘଟଣା ର ପରବର୍ତି ସମୟ ରେ ଏ ଘଂଚ ଜଂଗଲ ର ନାମ "ପୋଢହଳ" ଜଂଗଲ ନାମରେ ଜଣାଶୁଣା । ବର୍ତ୍ତମାନ ବି ଏ ଜଂଗଲ ରେ ବୃହତ୍ କାୟ ଅହିରାଜ, ଅଜଗର, ନାଗ, ଢମଣା ସର୍ପ ଦେଖିବାକୁ ମିଳେ। ବେଳେ ବେଳେ ବର୍ତ୍ତମାନ୍ ର ୫୭ନଂ ଜାତୀୟ ରାଜପଥ ଉପରେ ଏହି ବିଷଧର ସର୍ପ,ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱ କୁ ଅତିକ୍ରମ କରିବାର ଦୃଶ୍ୟ – ବିଭିନ୍ନ ଯାନ ବାହାନ ଯାତ୍ରୀଂକୁ – ବିସ୍ମିତ କରିଥାଏ । ଏ ଜଂଗଲ ରେ ବାଉଁଶ, ଶାଳ, ପିଆଶାଳ, ଅଶନ, ଖଉ, ଗମ୍ଭାରୀ, ମହୁଲ ଏବଂ ଆମ୍ବ ଗଛ ଭରପୁର ଦେଖିବାକୁ ମିଳେ । ଖୁସିର କଥା ଏହିଯେ, ଏ ଜଂଗଲରେ ଆମ ପ୍ରିୟ ଜାତୀୟ ପକ୍ଷୀ ମୟୁର ଦେଖିବାକୁ ମିଳେ । ଏମାନେ ବର୍ଷା ଋତୁ ର ଆଗମନ ରେ କେଁ କାଁ ରଡି କରି ଜଂଗଲ ରେ ନିଜର ଉପସ୍ଥିତି ଜାହିର କରିଥାନ୍ତି । A peacock sounds like a loud high-pitched, and piercing call and can also make a range of distinct noise. Their calls are used primarily for attracting mates, self defence and maintaining territory.

ISSN NO.
2582-208X

ଏ ଜଂଗଲ ରେ ଅନ୍ୟାନ୍ୟ ପଶୁମାନଂକ ଅପେକ୍ଷା, ମାଂକଡ ଅଧିକ ପରିମାଣ ରେ ଦେଖିବାକୁ ମିଳେ । ଏହାଭିନ୍ନ ହାତୀ, ଝିଂକ, ବାଘ, ଭାଲୁ, ଗୟଳ, ସମ୍ବର, ମୁଗ, କୁଟୁରା ଏବଂ ହେଟାବାଘ ଦେଖିବାକୁ ମିଳିଥାଏ । ଜଂଗଲ ଟି ଏତେ ଘଂଚ ଓ ରୋମାଂଚକର ଯେ ଜଣେ କେହି ନିଶ୍ଚିତ ଏହାର ପ୍ରାକୃତିକ ମନୋରମ ଦୃଶ୍ୟ କୁ ନ ଦେଖିଲେ ବିଶ୍ୱାସ କରିବା ମୁସ୍କିଲ୍ । ଅନ୍ୟାନ୍ୟ ଋତୁ ଅପେକ୍ଷା ବର୍ଷା ଋତୁ, ଏହାର ଅଧିକ ଆକର୍ଷଣ ଆସନ୍ତୁ, ଏକ ପ୍ରାକୃତିକ ନିଆରା ସବୁଜିମା ପରିବେଶ କୁ ବୁଲିଯିବା ଆଉ ଭୁଲିଯିବା, ସହରୀ ସଭ୍ୟତା ର କୋଳାହଳ ପ୍ରଦୁଷଣ ରୁ ଢେର୍ ଦୂରକୁ । ସାଉଣ୍ଟିବା ବାସ୍ତବ ମନୋରମ ସବୁଜିମା ଶାନ୍ତ ଓଅଭୁଲା ସ୍ମୃତି ଆପଣ ମାନଂକ କ୍ୟାମେରା ର ରଂଗିନ ପର୍ଦାରେ...

ବିବିଧତାର ବୌଦ୍ଧ -୩
ପ୍ରସ୍ତୁତି ପଥେ..
ଜନ୍ମଭୂମି ସ୍ୱର୍ଗାଦପି ଗରୀୟସୀ...

ଶ୍ରୀବିହାର, ବୌଦ୍ଧ
ଦୁରଭାସ ୭୯୭୮୧୨୮୩୫୩

ISSN NO.
2582-208X

# ଜୀବନର ଗୀତ



ଜୟନ୍ତ କୁମାର ମଲ୍ଲିକ୍

ମାନ ଅଭିମାନ ପଥେ ଅଗ୍ରସର
ଜୀବନର ନନ୍ଦିଘୋଷ -
ଫଳକୁ ନଚାହିଁ କାମ କରିଯିବା
ନଦେବା କାହାକୁ ଦୋଷ ।
ହସ ଲୁହ ଭରା ଏ ସାରା ଦୁନିଆଁ
କେହି ନୁହେଁ ଏଠି କା'ର -
କିଏ ପାଏ ନାହିଁ ପିନ୍ଧିବାକୁ ଖଣ୍ଡେ
କିଏ ନାଏ ହୀରା ହାର ।
ଅଭାବ କଷଣ ଭୋଗି ଭୋଗି କିଏ
ମରି ମରି ଏଠି ବଞ୍ଚେ -
କରି ଜାଲିୟାତି ପଇସା କମାଇ
କିଏ ଏଠି ଧନ ସଞ୍ଚେ ।
ମାନବ ଜୀବନ ହୁଅଇ ସାର୍ଥକ
କଲେ କିଛି ଆନ ପାଇଁ -
ହୃଦୟେ ବିରାଜି ଦିଅ ସଦବୁଦ୍ଧି
ଆହେ ଜଗତର ସାଇଁ ।

***

ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର

ISSN NO.
2582-208X

# ଭଗବତ ଜନ୍ମ



ବସନ୍ତ କୁମାର ପ୍ରଧାନ

ଭଗବାନଙ୍କର ଶାବ୍ଦିକ ସ୍ୱରୂପ
ଅଟଇ ଶ୍ରୀ ଭାଗବତ
ଭଗବାନଙ୍କର ମୁଖ ନିଃସୃତ
ବାଣୀଙ୍କୁ ନେଇ ରଚିତ ।

ପୁଣ୍ୟଶ୍ଳୋକ ମହାକବି ବ୍ୟାସଦେବ
ଅଟନ୍ତି ତା'ର ପ୍ରଣେତା
ଭାବ ଜ୍ଞାନ ବ୍ରହ୍ମ ତତ୍ୱ କୁ ନେଇ
ଲଭିଅଛି ଉତ୍କର୍ଷତା ।

ଭାଦ୍ରବ ମାସ ପୂର୍ଣ୍ଣମୀ ତିଥି
ଅଟେ ଭାଗବତ ଜନ୍ମ
ଏହି ଦିନ ଠାରୁ ପୂର୍ଣ୍ଣତା ଯେ ଲଭି
ଅଟଇ ସେ ପୂର୍ଣ୍ଣକାମ ।

ଭାଦ୍ରବ ଶୁକ୍ଳ ନବମୀ ତିଥିରୁ
ପୂର୍ଣ୍ଣମୀ ଦିନ ପର୍ଯ୍ୟନ୍ତ
ଶୁକ ମୁନି ପରୀକ୍ଷିତଙ୍କ ଆଗରେ
କହିଥିଲେ ଭାଗବତ ।

ISSN NO.
2582-208X

ପୁଣ୍ୟମୟ ଗାଥା ମୋକ୍ଷ ଫଳ ଦାତା
ଶ୍ରେଷ୍ଠ ଶାସ୍ତ୍ର ଭାଗବତ
ସେହି ଦିନ ଠାରୁ ସାରା ଜଗତରେ
ହୋଇଥିଲା ପ୍ରଚାରିତ ।

ସେଥିପାଇଁ ସିନା ଭାଦ୍ର ପୂର୍ଣ୍ଣମୀରେ
ବଢ଼ାଯାଏ ଭାଗବତ
ସାରା ଭାରତରେ ଭାଗବତ ଜନ୍ମ
ଦିବସ ହୁଏ ପାଳିତ ।

ଅଟେ ରସାଳୟ ଅମୃତମୟ
ପୁଣ୍ୟମୟ କୃଷ୍ଣ କଥା
ଯା'ର ଲୀଳା ଖେଳା ନାମ ସ୍ମରଣରେ
ଦୂର ହୁଏ ଭବ ବ୍ୟଥା ।

ହୃଦୟରେ ଭକ୍ତି ରଖି ଯେଉଁ ବ୍ୟକ୍ତି
ପାଠ କରେ ନିତିଦିନ
ପ୍ରଭୁଙ୍କ କୃପାରୁ ଲଭିଥାଏ ମୁକ୍ତି
ଜୀବନକୁ କରେ ଧନ୍ୟ ।

**********

ହରିହରପୁର,
ଛେଣ୍ଡିପଦା, ଅନୁଗୋଳ

ISSN NO.
2582-208X

# କବିର ପରିଭାଷା



ସିନ୍ଧୁ ନନ୍ଦିନୀ

କବିତା କବିର ସନ୍ତାନ ସ୍ୱରୂପ
ହୃଦୟରୁ ହୁଏ ସୃଷ୍ଟି
ଶବ୍ଦ ପୁଞ୍ଜରେ ଗଢ଼ାଯାଇଥାଏ
ପଠନେ ମିଳଇ ତୃପ୍ତି

ଲେଖନୀ ମୁନଟି କବିଙ୍କର ଅସ୍ତ୍ର
ଲେଖେ ଏକାଗ୍ରତା ଚିତ୍ତେ
ଶବ୍ଦକୁ ଶବ୍ଦରେ ସଜେଇ ଖଞ୍ଜେଇ
ପାଠକ ମନକୁ ଜିତେ

କବିଟେ ଜାଣଇ କବିତାର ମର୍ମ
ଲେଖା ସଦା ଜାରି ରଖେ
ସବୁ ଭୁଲି କବି ଅବିରତ ଲେଖେ
ଶେଷ ନିଶ୍ୱାସ ଯାକେ

କବି ଲେଖିଥାଏ ବ୍ୟଙ୍ଗ କବିତା
ଦୁଃଖୀ ପଢି ଖୁସିପାଏ
ପ୍ରେମ ବିରହର ବେଦନା ବଖାଣି
ସ୍ମୃତି ସବୁ ରଖିଯାଏ

ISSN NO.
2582-208X

କବି ଅନୁଭୂତି ସାଉଁଟି ସାଉଁଟି
କବିତା ର ରୂପ ଦିଏ
ଆତ୍ମ ସନ୍ତୋଷ ପାଇଥାଏ କବି
ଦୁଃଖ ସବୁ ଭୁଲି ଥାଏ

କବିର ସୃଜନୀ ଶୋଭା ପାଇଥାଏ
କୋଟି ଜନ ହୃଦୟରେ
କବିର ଲେଖନୀ ସଦା ବଞ୍ଚି ରୁହେ
ଜନ ମାନସ ପଟ୍ଟରେ

ସଂସାରରୁ କବି ବିଦାୟ ପରେ ବି
କବିତା ଟି ବଞ୍ଚିଥାଏ
ସଶରୀରେ ଉପସ୍ଥିତ ନଥିଲେ ବି
ପାଠକ ହୃଦୟେ ରୁହେ

ଶେଷ ସବାରୀରେ ଛ ଖଣ୍ଡ କାଠରେ
ସଂସାରୁ ମେଲାଣି ନିଏ
ସହସ୍ର ହୃଦୟେ କବିର ରଚନା
ଚିରଦିନ ସ୍ଥାନ ପାଏ

କବି ପୂଜା ପାଏ ସାରା ଜଗତରେ
ନିଜର ପ୍ରତିଭା ପାଇଁ
କି ଅବା ଲେଖିବି କବି ପରିଭାଷା
କଲମ ନାୟକ ପାଇଁ

ଭୁବନେଶ୍ୱର

ISSN NO.
2582-208X

# ଆପଣାର ଅନୁଭବ



ଭାଗ୍ୟଶ୍ରୀ ନନ୍ଦ

ପର ପର ଲାଗୁଥିବା ଏ ଦୁନିଆରେ
ଆପଣାର ଅନୁଭବ ମୁଁ ତୁମ ଭିତରେ ପାଇଛି ।
ଆଜିର ଏ ସ୍ୱାର୍ଥପର ଦୁନିଆରେ କିଏ ବା କାହା କଥା ଚିନ୍ତା କରୁଛି ?
"ଆପେ ବଞ୍ଚିଲେ ବାପର ନାଁ" ର ନାରା
ଏବେ ଚାରିଆଡେ ବାଜୁଛି ।।
ତୁମ ସହ ମୋ ସମ୍ପର୍କ ମୋତେ ସଂପୂର୍ଣ୍ଣ କରିଛି ।
ମୁଁ କେବେ ନିଜକୁ ଏ ଭିଡ ଭିତରେ ହଜେଇ ଦେଇନି ଅବା ଏକାକୀ ପାଇନି ।।

କିଛି ସମ୍ପର୍କ ଆପଣା ଠୁ ବି ଅଧିକ,
ତାହାର ପ୍ରମାଣ କୌଣସି ବୈଜ୍ଞାନିକ ତଥ୍ୟରୁ ନୁହଁ ବରଂ ଏ ହୃଦୟରୁ ମୋତେ ମିଳିଛି ।।

ମୁଁ ଅଭିମାନ କରେ ତୁମ ଉପରେ,
ଅଗଣିତ ଅଭିଯୋଗ କରେ ତୁମ ପାଖରେ,
କରନ୍ତିନି ବା କିପରି ? ?
ଯିଏ ନିଜର ଆମେ ତାରି ପାଖରେ ହିଁ ତ ସମସ୍ତ ଅଳି ଅର୍ଦ୍ଦଳୀ କରିଥାଉ ।
ହେଲେ କେବେ ରାଗରୁଷାକୁ
ପଣତ କାନିରେ ଗଣ୍ଠିକରି ରଖିପାରିନି ।।
ଯେମିତି, ସଞ୍ଜ ହେଲେ ପକ୍ଷୀଟି ନୀଡ଼କୁ ଫେରି ଆସିଥାଏ,
ମୁଁ ସେମିତି ତୁମ ନିକଟରେ ଉପସ୍ଥିତ ହୁଏ ।।

ISSN NO.
2582-208X

ଠିକ୍, ଏକ ଅବୋଧ ଏବଂ ଅସହାୟ ଶିଶୁଟିଏ ପରି ।।
ଯିଏ ମାଆର ପଣତ କାନିରେ ସାରା ଦୁନିଆକୁ ପାଇଛି ।।

ଲୋକେ କୁହନ୍ତି, କୋମଳ ହୃଦୟ କାଳେ ଆଜିର ଏ ଦୁନିଆ ପାଇଁ ଯୋଗ୍ୟ ନୁହଁ ।
ନିଜକୁ ଶକ୍ତ ଏବଂ କଠିନ କଲେ ହିଁ ଆମେ ତିଷ୍ଠି ପାରିବା ଏଠି ।।
ଦୁନିଆ ଯାହା କହୁ ନାଁ କାହିଁକି,
ହେଲେ କୋମଳତା ନଥିଲେ ହୃଦୟର ଆବଶ୍ୟକତା ବା କଣ ? ?
କୋମଳ ହୃଦୟ ତ ଏକ ହୃଦୟବାନ ବ୍ୟକ୍ତିର ପରିଚୟ ।
ସେ ଅନୁଭବ ବି ମୁଁ ତୁମଠୁ ହିଁ ପାଇଛି ।।

ଭିଏସ୍ଏସ୍ ନଗର
ଭୁବନେଶ୍ୱର

ISSN NO.
2582-208X

# କ୍ରାନ୍ତକାରୀ କବିତାର କାଳଜୟୀ ସ୍ରଷ୍ଟା : - ବସନ୍ତ ମୁଦୁଲି -



ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ

ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ଯୁବକବି ମାନଙ୍କ ମଧ୍ୟରୁ କବି ବସନ୍ତ ମୁଦୁଲି ଅନ୍ୟତମ। ତାଙ୍କ ଶବ୍ଦମୟ ହୁଁକାର ସୁଦୂରପ୍ରସାରୀ ଥିଲା।ସେ ଥିଲେ ପ୍ରଚଣ୍ଡ ପ୍ରତିଭାର ପରିଚାୟକ ଏବଂ ଏକାଧାରରେ ଜଣେ ବିପ୍ଳବୀ କବି, ନୀତିନିଷ୍ଠ ଆଦର୍ଶ ଶିକ୍ଷକ, ଲୋକପ୍ରିୟ ମେଲୋଡ଼ି ଉପସ୍ଥାପକ, ସ୍ୱନାମଧନ୍ୟ ଡୁଏଟ୍ ଅଭିନେତା ସର୍ବୋପରି ସେ ଥିଲେ ଜଣେ ଦେବୋପମ ବ୍ୟକ୍ତିତ୍ୱଧାରୀ ଦରଦୀ ମଣିଷ। ପ୍ରତିଟି ମଣିଷର ମନତଳର ବେଦନାକୁ ସେ ଅତି ସହୃଦୟତାର ସହ ଅନୁଭବି ପାରୁଥିଲେ। ଦୁଃଖର ମହଣ ମହଣ ବୋଝକୁ ମଥାରେ ରଖି ମଧ୍ୟ ସେ ପ୍ରାଣଖୋଲା ହସ ହସି ପାରୁଥିଲେ। ମଣିଷକୁ ଆପଣାର କରି ସୈତାନ ମାନଙ୍କୁ ଦୃଢ଼ତାର ସହ ଶବ୍ଦାସ୍ତ୍ର ଆଘାତରେ ନିଃଶେଷ କରିବାକୁ ସେ ସବୁ ସମୟରେ ଚେଷ୍ଟିତ ଥିଲେ। ସବୁବେଳେ ନୀତି, ଆଦର୍ଶ ତଥା ଚରିତ୍ରବତ୍ତାକୁ ସେ ସମ୍ମାନର ସହ ଗ୍ରହଣ କରି ମହନୀୟ ସଂସ୍କୃତିକୁ ଅଧିକରୁ ଅଧିକ ସମୃଦ୍ଧ କରିବା ପାଇଁ ଆହ୍ୱାନ ଦେଉଥିଲେ।

ପିତା ବାଉରୀବନ୍ଧୁ ମୁଦୁଲି ଏବଂ ମାତା ସତ୍ୟଭାମା ଦେବୀଙ୍କ କୋଳକୁ ପୂର୍ଣ୍ଣ କରି ୧୯୫୫ ମସିହା ନଭେମ୍ବର ୨ ତାରିଖ ଦିନ ଭଦ୍ରକ ଜିଲ୍ଲାର ଅରଣ୍ଡୁଆ ଗ୍ରାମରେ ଜନ୍ମ ହୋଇଥିଲେ କବି ବସନ୍ତ ମୁଦୁଲି। ତାଙ୍କ ସମଗ୍ର ଜୀବନ ଥିଲା ଦୁଃଖ ଯନ୍ତ୍ରଣାର ଏକ ସଂଘର୍ଷମୟ ଅଶ୍ରୁଳ ନାଟକ। ଜୀବନ ତମାମ ସେ ଅହରହ ସଂଗ୍ରାମ କରିଥିଲେ। ସବୁ ପ୍ରତିକୂଳ ପରିସ୍ଥିତିର ସେ ଦୃଢ଼ ମୁକାବିଲା କରିଥିଲେ। ପରିବାରକୁ ପରିପୂର୍ଣ୍ଣ କରିବା ପାଇଁ ଉଚ୍ଚଶିକ୍ଷା ଲାଭ କରିଥିଲେ ମଧ୍ୟ ସେ ଟିଉସନ୍ କରିଥିଲେ। ମେଲୋଡ଼ି ଘୋଷକ ଭାବରେ ଯୋଗଦେଇଥିଲେ। ମୁହଁରେ ରଙ୍ଗବୋଳି ସଫଳତାର ସହ ଡୁଏଟ୍ ଅଭିନେତା ଭାବେ

ISSN NO.
2582-208X

ବିଶେଷ ନାଁ କରିଥିଲେ। ତଥାପି ତାଙ୍କର ଆଶା ପୂରଣ ହେଲାନି। ସ୍ୱଳ୍ପ ପାରିଶ୍ରମିକତାକୁ ପାଥେୟ କରି ସେ ବେଶିଦିନ ଆଉ କଳାର ମୋହରେ ବାନ୍ଧିହୋଇ ରହିପାରିଲେ ନାହିଁ। ତା'ପରେ ସେ ଶିକ୍ଷକତାକୁ ଜୀବିକା ଭାବେ ଗ୍ରହଣ କରି ଅଗ୍ରସର ହେଲେ ସ୍ୱକୀୟ ପ୍ରତ୍ୟୟର ପୁଣ୍ୟମୟ କର୍ମପଥରେ।

ଏହି ସମୟରେ ତାଙ୍କ ଆତ୍ମସତ୍ତାକୁ ସ୍ପର୍ଶକଲା ସୃଜନ ବୀଣାର ଅନୁପମ ମୂର୍ଚ୍ଛନା। ସେଇ ମୂର୍ଚ୍ଛନା ତାଙ୍କୁ ମନ୍ତ୍ରମୁଗ୍ଧ କଲା।ତା'ପରେ ସେ ସମଗ୍ର ଚିନ୍ତା ଚେତନାକୁ ଏକତ୍ରିତ କରି ନିଜକୁ ସୃଜନକର୍ମରେ ନିୟୋଜିତ କଲେ, ଛାଁକୁ ଛାଁ ତାଙ୍କ ଭିତରେ ଚେଇଁ ଉଠିଲା ସୁପ୍ତ କବିତ୍ୱର ପ୍ରଚଣ୍ଡ ପ୍ରତିଭାଟି। ଲେଲିହାନ୍ ଅଗ୍ନିଶିଖା ସମ ସେ ବ୍ୟକ୍ତିସତ୍ତାର ବଳୟରୁ ବାହାରି ଆସିଲେ ବ୍ୟଷ୍ଟିସତ୍ତାର ପରିବ୍ୟାପ୍ତ ପରିସରକୁ। ନିଜସ୍ୱ ଦୁଃଖ, ଯନ୍ତ୍ରଣା, ପ୍ରୀତି, ପ୍ରଣୟ, ଲୁହ, କୋହ, ଅଭିମାନ, ଅଭିଯୋଗ ଆଉ ଅବସୋସକୁ ଫେଣ୍ଟାଫେଣ୍ଟି କରି କବି ବସନ୍ତ ଆଙ୍କି ଚାଲିଲେ ଗୋଟେ ପରେ ଗୋଟେ କାଳଜୟୀ କବିତାର ଚିତ୍ର।ତାଙ୍କ ଭିତରର ସ୍ୱାଭିମାନ, ସ୍ୱଷ୍ଟୋକ୍ତି ତଥା ସତ୍ୟମୟ ଦାମ୍ଭିକତା ଗୋଟେ ଗୋଟେ ପ୍ରଭାବଶାଳୀ କବିତାରେ ପରିଣତ ହେଲା।ତାଙ୍କ କବିତାର ଦିବ୍ୟାୟିତ ଜ୍ୟୋତି ଆକୃଷ୍ଟ କଲା ଅଗଣିତ ପାଠକ ମାନଙ୍କୁ, ବୁଦ୍ଧିଜୀବୀ ମାନଙ୍କୁ, ପ୍ରତିଷ୍ଠିତ ତଥା ନୂତନ ସାରସ୍ୱତ ସ୍ରଷ୍ଟା ମାନଙ୍କୁ। ମାତ୍ର ୬ ବର୍ଷର ସାରସ୍ୱତ ସାଧନା ମଧ୍ୟରେ ସେ ସାହିତ୍ୟ ଜଗତ ପାଇଁ ସୃଷ୍ଟିକରି ଯାଇଛନ୍ତି ୪୩୬ ଟି ଓଡ଼ିଆ କବିତା,୧୬ ଇଂରାଜୀ କବିତା, ୧୫ ହିନ୍ଦୀ କବିତା, ୫ ଟି ଓଡ଼ିଆ ପ୍ରବନ୍ଧ ତଥା ୩ ଟି ଓଡ଼ିଆ କ୍ଷୁଦ୍ରଗଳ୍ପ। ବସନ୍ତଙ୍କ ସମଗ୍ର ସୃଷ୍ଟି ସମ୍ଭାରରେ "ବୈକୁଣ୍ଠ ସମାନ ଆହା...' ଅନୁପମ ସ୍ୱର ନିନାଦିତ ହୁଏ, ବିପ୍ଳବର ପୁଞ୍ଜିଭୂତ ପ୍ରତିବାଦ ମୁକୁଳି ଆସେ, ଚାହୁଁ ଚାହୁଁ ହୃଦୟର ଉପବନରେ ଫୁଟିଯାଏ ପେନ୍ଥା ପେନ୍ଥା ପ୍ରୀତିମୟତାର ସୁରଭିତ ପୁଷ୍ପରାଜି।

"ଅପେକ୍ଷା କର : ମୁଁ ଆସୁଛି' କହି ସେ ଚାଲିଗଲେ ଅତି ଅପ୍ରତ୍ୟାଶିତ ଭାବରେ ଜୁନ୍ ପନ୍ଦରରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ। କିନ୍ତୁ ତାଙ୍କ ପ୍ରତିଭାର ଅଲିଭା ପ୍ରଦୀପକୁ ମୃତ୍ୟୁର ଝଞ୍ଜା ନିର୍ବାପିତ କରିପାରି ନାହିଁ। ତାଙ୍କ ଜୀବନ ପ୍ରଦୀପ ସିନା ନିର୍ବାପିତ ହୋଇଯାଇଛି, ହେଲେ ତାଙ୍କ ଜୀବନ ପ୍ରଦୀପରୁ ଆତ୍ମପ୍ରକାଶ କରିଥିବା ଶବ୍ଦମୟ ଇସ୍ତାହାର ସବୁ ଅନନ୍ତକାଳ ଯାଏଁ ଜୀବନ୍ମୟ ହୋଇ ବର୍ତ୍ତମାନର ଯୁବପିଢ଼ିକୁ ଦିଗ୍ ଦର୍ଶନ ଦେଉଥିବ। ଯୁବକବି ବସନ୍ତ ମୁଦୁଲି ମଣିଷ ସଭ୍ୟତାର ଶେଷ ଯବନିକାପାତ ଯାଏଁ କ୍ରାନ୍ତିକାରୀ କବିତାର କୀର୍ତ୍ତିମାନ ଶବ୍ଦଶିଳ୍ପୀ ହୋଇ କୋଟି ପ୍ରାଣକୁ ଆଲୋକିତ କରୁଥିବେ। କେବଳ ଜଣେ

ISSN NO.
2582-208X

କ୍ରାନ୍ତିକାରୀ କବି ନୁହଁନ୍ତି ସେ ଥିଲେ ଆଦର୍ଶ ଛାତ୍ର, ଆଦର୍ଶ ବନ୍ଧୁ, ଆଦର୍ଶ ପ୍ରେମିକ, ଆଦର୍ଶ ସ୍ୱାମୀ, ଆଦର୍ଶ ଶିକ୍ଷକ ଏବଂ ସର୍ବୋପରି ଜଣେ ଆଦର୍ଶ ପିତା। ଜୀବନର ପ୍ରତିଟି ପର୍ଯ୍ୟାୟରେ ସେ ଆଦର୍ଶକୁ ଆଦରି ନେଇଥିଲେ । ତାଙ୍କର ଭାବ, ଭାଷା, ଚିନ୍ତା, ଚେତନା ସବୁଥିରେ ଥିଲା ଆଦର୍ଶର ଚମତ୍କାର ସୁସମନ୍ୱୟ; ଯେଉଁ ସୁସମନ୍ୱୟର ସୁରଭି ତାଙ୍କ ପ୍ରଚଣ୍ଡ ବ୍ୟକ୍ତିତ୍ୱକୁ ପରିବ୍ୟାପ୍ତ କରିପାରିଛି । ସେ ନିଜର ପରିଚୟ ଦେବାକୁ ଯାଇ ଘୋଷଣା କରିଛନ୍ତି – "ଶବ୍ଦର ସାମ୍ରାଜ୍ୟରେ ମୁଁ ଝଲକାଏ ଅଗ୍ନି, ପ୍ରତିଟି ଅସହାୟ ଈଶ୍ୱରଙ୍କ ଛାତି ଉପରେ ମୁଁ ପ୍ରେମାସ୍ପଦ ଶ୍ରୀବସ୍ତ୍ର ଦାସ, ପ୍ରେମର ସମ୍ରାଟ" । ନିଜକୁ ଏପରି ବେପରୱା ଢ଼ଙ୍ଗରେ ପରିଚିତ କରାଇବାର ସ୍ପର୍ଦ୍ଧା ଥାଏ କେବଳ ଜଣେ ସଚ୍ଚା କବିର । ସେଇ ସଚ୍ଚା କବି ଜଣକ ହେଉଛନ୍ତି ବସନ୍ତ ମୁଦୁଲି। ହାତରେ କଲମ ଧରି ସେ ସବୁ ଅସମ୍ଭବକୁ ସମ୍ଭବ କରିବାକୁ ମନରେ ଆଶା ପୋଷଣ କରି ଗାଇ ଉଠୁଥିଲେ –"କେଉଁ ଦୂର ବନାନୀର ଶୁଷ୍କ ଡାଳରେ କ୍ରନ୍ଦନରତା ଏକ୍ଲା କପୋତର ଦୁଃଖରେ ମୁଁ ଚରିଯିବି ସମଗ୍ର ପୃଥିବୀକୁ ମୋ କଲମରେ ।"

କଲମରେ ସମଗ୍ର ପୃଥବୀକୁ ଚରିବାକୁ ଆଁ ମେଲି ଦେଇଥିବା କବି ପୁଣି ଆପଣା ଛାଏଁ ମୃତ୍ୟୁ ପରେ ପୁନର୍ବାର ଆମାନବୀୟ ପ୍ରକୃତିର ବିନାଶ ପାଇଁ ଧରାବତରଣ କରିବାର ସ୍ୱପ୍ନ ଦେଖୁଥିଲେ – "ଅପେକ୍ଷା କର, ଦିନେ ହଠାତ୍ ବିଗୁଲ୍ ବଜାଇ, ମୁଁ ବାହାରି ଆସିବି ପ୍ରଚ୍ଛଦପଟକୁ, ଅପେକ୍ଷା କର ଭାଇମାନେ, ହଠାତ୍ ଦିନେ ତମମାନଙ୍କୁ ଚମକାଇ ଦେଇ, ମୁଁ ଭାସି ଆସିବି କଳାରକ୍ତର ସ୍ରୋତରେ, ପେଟ ଭୋକିଲା – ପିଠି ଲଙ୍ଗଳା କରି ଅପେକ୍ଷା କର ବାପା। ମୁଁ ଫେରିଛି ରକ୍ତନଦୀର ସ୍ରୋତ ଯେତେ ପ୍ରଖର ହେଉନା କାହିଁକି, ମୁଁ ତମକୁ ପହଞ୍ଚାଇ ଦେବି ଠିକଣା ସ୍ଥାନରେ, ଏକ ସୁନ୍ଦର ପୃଥିବୀର ମରୁଦ୍ୟାନରେ ।"

ମାଟିରେ ପ୍ରେମ ଅଜାଡ଼ି ଦେଇ ଛାତିରେ ଗୁଳି କୁଢ଼େଇ ନେବାକୁ ଆହ୍ୱାନ ଦେଇଥିବା କବି ବସନ୍ତ ମୁଦୁଲି ଉତ୍କଳ ସାରସ୍ୱତ ଗଗନରେ ଉଜ୍ଜ୍ୱଳତମ ଭାସ୍କର ସଦୃଶ । ସେ କେବଳ ଭଦ୍ରକବସୀଙ୍କ ପାଇଁ ନୁହେଁ, ସମଗ୍ର ଉତ୍କଳବାସୀଙ୍କ ପାଇଁ ଗର୍ବ ଗୌରବର ଅମର ସ୍ୱାକ୍ଷର। ସେ ସବୁ ଦୃଶ୍ୟକୁ ନେଇ ଆଙ୍କିଛନ୍ତି କବିତାର କମନୀୟ ଚିତ୍ର।ତାଙ୍କ ପ୍ରଚଣ୍ଡ ପ୍ରତିଭା ଜ୍ୟୋତିରେ ସେ ସବୁ ଶ୍ରେଣୀର ମଣିଷ ମାନଙ୍କୁ ଦିବ୍ୟାୟିତ କରିପାରିଛନ୍ତି। ଯଥାର୍ଥରେ କହିବାକୁ ଗଲେ ସେ ହେଉଛନ୍ତି ଚୀରବିଜୟୀ । ଜୀବନ ସଂଗ୍ରାମରେ ସେ କେବେ ହେଲେ ପରାଜୟ ବରଣ କରି ନାହାଁନ୍ତି। ଶବ୍ଦ ସମ୍ରାଟ ସାଜି ସେ ଉତ୍କଳର ସାରସ୍ୱତ ସାମ୍ରାଜ୍ୟକୁ ତାଙ୍କ ସୀମିତ ଶାସନ କାଳ ମଧ୍ୟରେ ଖୁବ୍ ଆତ୍ମୀୟତାର ସହ ଶାସନ କରିଯାଇଛନ୍ତି।

ISSN NO.
2582-208X

ଯେତେଦିନ ଯାଏଁ ପୁଣ୍ୟ ଉତ୍କଳରେ ସାହିତ୍ୟର ନିରାଜନା ହେଉଥିବ, ସୃଜନ ସରୋବରରେ କବିତାର କୁମୁଦ ଫୁଟୁଥିବ,ସେତେଦିନ ଯାଏଁ ମନେ ପଡୁଥିବେ କ୍ରାନ୍ତିକାରୀ କବିତାର କାଳଜୟୀ ସ୍ରଷ୍ଟା ଯୁବକବି ବସନ୍ତ ମୁଦୁଲି।

*** *** ***

କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର,ଯାଜପୁର
ପିନ୍ -୭୫୫୦୧୩/ ମୋ- ୮୫୯୪୮୮୫୮୯୮

ISSN NO.
2582-208X

# ଅଥଚ...

ଡ. ହେମନ୍ତ କୁମାର ଦାଶ

ମୁଁ ଭଗ୍ନ କୋଣାର୍କ
ଅସଂପୂର୍ଣ୍ଣ ଅଥଚ
ପୂର୍ଣ୍ଣତାର ମୂର୍ତ୍ତିମନ୍ତ ପ୍ରତୀକ...
ଅଥଚ ତୁମେ,
ଭଗ୍ନ ଭିତରେ ମଗ୍ନ ଥିବା
ସତୀର୍ଥ ଦର୍ଶକ...

ମୁଁ ଅନନ୍ତ ସୀମା ହୀନ ଗଗନ
ଅଥଚ ତୁମେ,
ସେହି ଗଗନର ମଣି
ଉଜ୍ଜ୍ୱଳ ଜ୍ୟୋତିଷ୍କ ରବି ।

ମୁଁ ଅପାର ପାରାବାର ର
ନୀଳ ଜଳରାଶି,
ଅଥଚ ତୁମେ,
ମୋ ବକ୍ଷକୁ ଚିରି
କୂଳ ଲଂଘି ପାରୁଥିବା
ଏକ ବିଶାଳ ତରୀ...

ମୁଁ ଉଚ୍ଚାଙ୍ଗ ଗିରିଶୃଙ୍ଗ
ଅପହଞ୍ଚ ଦୂରତାରେ

ISSN NO.
2582-208X

ଦଣ୍ଡାୟମାନ,
ଅଥଚ ତୁମେ,
ମୋ ମଥାର ମଣି ସଦୃଶ
ବରଫ ନିର୍ମିତ ଶିରସ୍ତ୍ରାଣ..

ମୁଁ ଗହନ ବନ ଟିଏ
ଦୁର୍ଗମ ଅପନ୍ତରା ପଥ
ଅଥଚ ତୁମେ,
ସେହି ଗହନ ବନରେ
ସ୍ୱଛନ୍ଦରେ ବିହରଣ କରୁଥିବା
ସୁନା ହରିଣୀ ...

ମୁଁ ରାଜସ୍ଥାନର
ବିସ୍ତୀର୍ଣ୍ଣ ମରୁବାଲି
ଅଥଚ ତୁମେ,
ସହଜରେ ଚାଲି ପାରୁଥିବା
ମରୁ ଜାହାଜ...
--------------------

ତୁଷୁରା, ବଲାଙ୍ଗିର
ମୋ:୯୯୩୭୬୮୮୫୫୧

ISSN NO.
2582-208X

# ନିଜକୁ ତିଆରି କରିବା ବେଳ



ଡ. ଭାରତୀ ହୋତା

ଦେଖ,
ମୁଁ ନିଜକୁ କେମିତି ସଲଖି ଗଢ଼ି ଦେଇଛି
ଫି ଦିନ ଭାଙ୍ଗୁଛି, ପୁଣି ଗଢୁଛି
ନୂଆ ରଙ୍ଗ ଭରୁଚି
ଜହ୍ନ ପୃଷ୍ଠରୁ ହସ ଆଣି ପତଳା ଓଠରେ ଫାଙ୍କରେ
ଚୁପ୍ ଚାପ୍ ଲଗେଇ ଦେଇଛି
ଦୂର ପାହାଡ଼ରୁ କୁହୁକ ଆଣି ଆଖି ରେ ଲେସି ଦେଇଛି
ନେଇ ଆସିଛି ମହାକାଶରୁ ଅଖଣ୍ଡ ନୀରବତା
କଳା ଘୁମର ମେଘ ଦେହରୁ ଗାଢ଼ ଅନ୍ଧାର ଚିରି
ବାଳୁତ ସୂର୍ଯ୍ୟର ସୁନେଲି କିରଣ ବୋଳି ନେଇଛି ।।

ମାଟିର କଳେବର ମୋର
ରୂପ ଲାବଣ୍ୟ ଭରୁ ଭରୁ ସମୟ ରାସ୍ତା ଭୁଲିଯାଏ
ବାଟ ହୁଡେ ମୁଠା ମୁଠା ବିଛେଇ ପଡ଼ିଥିବା ସ୍ୱପ୍ନ
ଭରଣ ଭରଣ ଆହତ ଅଭିମାନ ସହ
ଲୁହ ହୋଇ ବହିଯାଏ ଅସ୍ତିତ୍ୱ
ବେରଙ୍ଗ ମୋହ ସବୁ ଗୋଟି ଗୋଟି
ଝରି ପଡ଼ନ୍ତି ପାଖୁଡ଼ାରୁ ।।
ଦେଖ !

ISSN NO.
2582-208X

ନୀଳ ଜ୍ୟୋସ୍ନାରେ ଗାଧେଇ
ନିଜକୁ ଆହୁରି ନିବିଡ଼ କରି ସାରିଛି
ବାନ୍ଧି ଦେଇଛି
ଲୁଚକାଳି ଖେଳୁଥିବା ବୟସକୁ,
ସମୟର ଅନନ୍ତ ସ୍ରୋତର ସୁଅରେ
ଭଲ ପାଇବାର ମୁଗ୍ଧ ମନ୍ତ୍ରଟିଏ ଫୁଙ୍କି ଦେଇ
ସମୟକୁ ଲେଉଟାଇ ଆଣିଛି
ଫେରି ଆସିଛି ଜୀବନର ଜହ୍ନରାତି
ମହ ମହ ମହୁଲି ଫଗୁଣ
ଟାଣି ଆଣିଛି ଜୀବନର ମହକିତ ଅଧ୍ୟାୟକୁ ।।

ଖରିଆର ରୋଡ଼
ନୂଆପଡା

ISSN NO.
2582-208X

# ବୋଉର ରନ୍ଧାଶାଳା



ଶୁଭେନ୍ଦୁ ଶେଖର ମିଶ୍ର

ମୋ ବୋଉ ର ରନ୍ଧାଶାଳ ମହକେ ସଞ୍ଜ-ସକାଳ
ପଖାଳ ପସରା ତାର
ଜୀବନର ସୂତ୍ର ଧାର ॥
ଅନନ୍ୟ ସ୍ୱାଦ ରେ ଭରା,
ତା ହାଣ୍ଡିଶାଳ ଟା ପରା
ମାଟି ଘର, ମାଟି ଚୁଲି
ତା ପଣତ ତଳେ ବସି,
ସବୁ ଯାଉ ଆମେ ଭୁଲି ॥
ସକାଳୁ ଉଠି ଚୁଲି ଲିପି ସାରି,
ବୋଉ ଡାକ ଦିଏ ଉଠିପଡ଼ ବୋଲି
ଗରମ ଭାତ କୁ ଫୁଟୁଥିବା ଡାଲି,
ବାସନା ରେ ମନ ଭରି ଯାଏ ଖାଲି ।।
ବସିଯାଉଥିଲି ଭାତ ହାଣ୍ଡି ପାଖେ
ବୋଉ କାନି ଧରି ତା ସାଥେସାଥେ ।
ମୁହେଁ ଭରି ହସ, ବୋଉ କହେ ବେଗ
ସବୁ ଖାଇଦେଲେ କହିବି ମୁଁ ଗପ ॥
ଚକାମାଣ୍ଡି କରି  ଭାତ ଥାଳି ଧରି
ବସି ପଡେ ମୁହିଁ ସୁନା ପିଲା ପରି ।
ଗୁଣ୍ଡା ଗୁଣ୍ଡା କରି ବୋଉ ଦିଏ ବଳି
ଗରମ ଭାତ କୁ ଆଳୁ ସିଝା ପୋଡି ॥

ISSN NO.
2582-208X

ଭୂତ ଗପ କୁହେ, ସ୍ୱର କୁ ସଜାଡି
ଡରିଗଲେ ଧରେ ବୋଉକୁ ଜାବୁଡି ।
ଧୀରେ କହେ ବୋଉ ମୁଣ୍ଡ କୁ ଆଉଁସି,
ଖାଇଲେ ସେ ଭୂତ ତୋ ପାଖୁ ନ ଆସି ॥
ଆମେ ଚାରିଜଣ ମିଶି ବସୁଥିଲୁ
ହସ-ଝଗଡା ରେ ଆମେ ଗଡୁଥିଲୁ ।
ବୋଉର ଆକଟେ ରନ୍ଧାଘରୁ ଆସି
ବସି ପଡୁଥିଲୁ ପଣିକିଆ ଘୋଷି ॥
ମନେ ପଡୁଅଛି ବୋଉ ମୋର ବସି
ସେଇ ଚୁଲି ପାଖେ ମନେ ମନେ ହସି,
ରାତି ଅନ୍ଧକାରେ ଚୁଲି ନିଆଁ ପାଖେ
ବୁଣି ବସେ ଚିତ୍ର ନିଜ କୁଷିଆରେ ॥
ତାକୁ ଦେଖୁ ଦେଖୁ ନିଦ ମାଡି ଆସେ
ସକାଳୁ ସେ ଚିତ୍ର, ଆମ କାନ୍ଥେ ଲାଗି ହସେ ।
ବହି-ବସ୍ତାନି ସଜାଡି ଦେଇ
ବୋଉ ବସିଥାଏ ଆମ ବାଟ ଚାହିଁ ॥
ଆଜି ଏତେ ବର୍ଷେ ବୋଉ ହାଣ୍ଡି ଶାଳେ
ନାହିଁ ସେ ଗନ୍ଧ ବା ବାସନା ଏଠାରେ ।
ଚୁଲି ଟି ରହିଛି ଜରାଜିର୍ଣ୍ଣ ହୋଇ
ମୋ ବୋଉର ସେ ହାତ ଛୁଆଁ ପାଇଁ ॥
ଯୁଗ ବଦଳିଲା, ଲୋକେ ବଦଳିଲେ
କାଠ, କୋଇଲାକୁ ପଛେ ପକାଇଲେ ।
ଗ୍ୟାସ ଚୁଲି ହେଲା ଲୋକଙ୍କ ଧନ,
ସେ ରନ୍ଧା କି ହେବ ବୋଉର ସମାନ ?
ପଛେ ରହିଗଲା ସେ ଉଷୁନା ପଖାଳ
ତା ଜାଗା ନେଲଣି ଲାଲ ମଟନ ଝୋଳ ।

ISSN NO.
2582-208X

ବୋଉ ବାଢ଼ୁ  ଥିବା ଗରମ ଭାତ
ସେ ଜାଗାରେ ଏବେ 'ଶୁଶୀ' ର ନାଟ ॥
ଏବେକାର ଗ୍ୟାସ ଚୁଲି ଜଳୁଥାଏ ଶାନ୍ତ ହୋଇ
କାହାର ମେଡ କିମ୍ବା କୁକ ର ସ୍ପର୍ଶ ପାଇ ।
ପୋଡା-ପୋଡି ପାଗ-ପାଣି ସବୁ ତ  ଗଲେଣି ଭୁଲି,
ଶୀଳବଟା ଚଟଣି ଆଉ ଆମ୍ବୁଲର ଗୁଡ଼ ପାଣି ॥
ନୂଆ ପିଢ଼ି ଦୁଆରେ ଡେଲିଭେରି ହେଉଛି,
ମୋବାଇଲ୍ ସ୍କ୍ରିନ୍‌ରେ ଭୋଜନ ବି ମିଳୁଛି ।
କିନ୍ତୁ ବୋଉ ହାତ ମିଠା ବାସ୍ନାଏବେ ସ୍ୱପ୍ନ ହେଇଚି,
ଆପ ଆଉ ଡେଲିଭେରୀ ସବୁରି ମନ କିଣିଛି ॥

ଗାଜିଆବାଦ

ISSN NO.
2582-208X

# ଋଷି ଋଷ୍ୟଶୃଙ୍ଗ



ଦିଲ୍ଲୀପ ଶତପଥୀ

ଭାରତବର୍ଷ ର ମୁକୁଟ ନଭଚୁମ୍ବି ହିମାଳୟ ପର୍ବତ, ଘଞ୍ଚ ଜଙ୍ଗଲ ପୂର୍ଣ ପୁଣ୍ୟତୋୟା ଗଙ୍ଗା ନଦୀର ଧାରା ଓ ସାଗର ଘେରା ଏହି ଦେଶ ବିଶ୍ୱରେ ଅଦ୍ୱିତୀୟ । ଏ ଦେଶ ମୁନୀ ଋଷି ମାନଙ୍କର ଦେଶ, ଦେବଦେବୀ, ଗାନ୍ଧବ ଅପସରା, ନର କିନ୍ନର, ପଶୁ ପକ୍ଷୀ, ବିଶାଳ ବୃକ୍ଷ ଓ କ୍ଷୁଦ୍ର ଦ୍ରୁମ ର ଦେଶ । ବେଦ ଉପନିଶେଦ ର ଦେଶ, କୋରାନ ବାଇବେଲ ର ଦେଶ, ଭିନ୍ନ ଜାତି ଭିନ୍ନ ଧର୍ମ, ଭିନ୍ନ ସମ୍ପ୍ରଦାୟ ତଥା ଭିନ୍ନ ଭିନ୍ନ ଚାଲି ଚଳନ ରେ ଏକତା ହିଁ ଏହି ଦେଶର ମହାନତା ।

ଆମ ଦେଶର ମୁନୀ ଋଷି ମାନଙ୍କ ମଧ୍ୟରେ କିଛି ଅସାଧାରଣ ଋଷି ଅଛନ୍ତି ଯାହାଙ୍କ ବିଷୟରେ ଆମେ କମ ଜାଣିଥାଉ । ପୁରାଣ ଶାସ୍ତ୍ର ଏଠି ପାଠ୍ୟକ୍ରମ ରେ ନ ଥାଏ । ଏ ସବୁ ଶ୍ରୁତି କଥା ଶୁଣିଲେ ପଢିଲେ ଭାରାକ୍ରାନ୍ତ ମନ ବି ଆନନ୍ଦିତ ହୁଏ ଭକ୍ତି ରସ ରେ ଭରି ଯାଏ । ଆଜି ଆସନ୍ତୁ ଜାଣିବା ସେହିପରି ଜଣେ ମହାନ ଋଷି ଋଷ୍ୟଶୃଙ୍ଗ ଙ୍କ ବିଷୟରେ ।

ପରମପିତା ବ୍ରହ୍ମାଙ୍କର ମାନସ ପୁତ୍ର ଥିଲେ ମହର୍ଷି କଶ୍ୟପ, ତାଙ୍କର ପୁତ୍ର ଥିଲେ ମହର୍ଷି ବିଭାଣ୍ଡକ । ସମଗ୍ର ଆର୍ଯ୍ୟବର୍ତ୍ତର ଜଣେ ମହାନ ଜ୍ଞାନୀ, ସନ୍ଥ ଓ ବିଦ୍ୱାନ ଋଷି ଭାବରେ ତାଙ୍କର ଖ୍ୟାତି ଥିଲା । ସମଗ୍ର ଦେଶବାସୀ ତାଙ୍କୁ ବହୁତ ଶ୍ରଦ୍ଧା ଓ ସମ୍ମାନ ବି ଦେଉଥିଲେ । ତାଙ୍କର କଠୋର ତପସ୍ୟା ଇନ୍ଦ୍ର ଆସନ କୁ ଟଳମଳ କରାଉ ଥିଲା । ଇନ୍ଦ୍ର ନିଜକୁ ଅସୁରକ୍ଷିତ ମନେ କରୁଥିଲେ । ଏକଦା ଋଷିଙ୍କର କଠୋର ତପସ୍ୟା ରେ ଚିନ୍ତାଗ୍ରସ୍ତ ହୋଇ ମହର୍ଷି ଙ୍କ ତପ ଭଗ୍ନ ନିମନ୍ତେ ସ୍ୱର୍ଗର ଅପରୂପ ସୁନ୍ଦରୀ ଅପ୍ସରୀ ଉର୍ବଶୀ ଙ୍କୁ ମର୍ତ୍ତ୍ୟ

ISSN NO.
2582-208X

ଲୋକକୁ ପଠାଇଥିଲେ । ଉର୍ବଶୀଙ୍କର ଧରାବତରଣ ସମୟରେ ମର୍ତ୍ୟର ବନ ଉପବନ କସ୍ତୁରୀ ବାସ ରେ ଚହଟି ଗଲା । ସୁଗନ୍ଧିତ ବାସ ଓ ସୁଶୀତଳ ମୃଦୁ ମଳୟ ସ୍ପର୍ଶ ରେ ଋଷଙ୍କର ମୁଦ୍ରିତ ଚକ୍ଷୁ ଉନ୍ମୋଚିତ ହେଲା । ନିଜ ସାମ୍ନାରେ ଅପ୍ସରୀ ଉର୍ବଶୀ ର ଅଙ୍ଗ ସୈଷ୍ଠବ ଓ ରୂପ ଲାବଣ୍ୟ ଦେଖି ବିମୋହିତ ହୋଇଗଲେ ଋଷି । ଉର୍ବଶୀ ମଧ୍ୟ ବିଭାଣ୍ଡକ ଋଷଙ୍କୁ କାମାତୁରା କରିବାରେ କୌଣସି କାର୍ପଣ୍ୟ ନକରି ନିଜକୁ ସମର୍ପି ଦେଇଥିଲେ । ଦୁହିଁଙ୍କ ମିଳନରେ ବାଳକ ଶୃଙ୍ଗୀଙ୍କର ଜନ୍ମ ହୋଇଥିଲା । ପୁରାଣ ବର୍ଣିତ ଶୃଙ୍ଗୀ ଋଷି ବିଭାଣ୍ଡକ ଓ ଉର୍ବଶୀ ଙ୍କ ସନ୍ତାନ । ଜନ୍ମରୁ ତାଙ୍କ ମୁଣ୍ଡରେ ଦୁଇ ଗୋଟି ଶୃଙ୍ଗ ଥିଲା । ଶୃଙ୍ଗୀ ଙ୍କର ଜନ୍ମ ଉତ୍ତାରୁ ଉର୍ବଶଙ୍କ କାର୍ଯ୍ୟ ସମାପ୍ତି ହେତୁ ସେ ସ୍ୱର୍ଗ ପୁର କୁ ପ୍ରସ୍ଥାନ କରିଥିଲେ । ଇନ୍ଦ୍ର ଙ୍କର ଋଷଙ୍କ ତପସ୍ୟା ଭଙ୍ଗ କରିବାର ଚକ୍ରାନ୍ତ ଓ ଉର୍ବଶୀ ଙ୍କ ପ୍ରତାରଣା ମହର୍ଷି ବିଭାଣ୍ଡକ ଙ୍କୁ ଅତ୍ୟନ୍ତ ମର୍ମାହତ କରିଥିଲା । ସୁତରାଂ ସମଗ୍ର ନାରୀଜାତି ତାଙ୍କର ଅସ୍ପୃଶ୍ୟ ଓ ଘୃଣ୍ୟର ପାତ୍ରୀ ହୋଇ ଯାଇଥିଲେ । ବାଳକ ଶୃଙ୍ଗଙ୍କ ଯତ୍ନ ନେବା ସଙ୍ଗେ ସଙ୍ଗେ ଆଶ୍ରମ ଓ ଆଶ୍ରମ ର ପଞ୍ଚକୋଷ ସୀମା ଭିତରେ କୌଣସି ଜନ ବସତି କୁ ସ୍ଥାନ ଦେଇ ନଥିଲେ । ପ୍ରଚଣ୍ଡ କ୍ରୋଧୀ ହୋଇ ଯାଇଥିଲେ କଥା କଥାକେ ଅଭିଶାପ ଦେଉଥିଲେ । ବାଳକ ଶୃଙ୍ଗଙ୍କୁ ପିତା ମାତା ତଥା ଗୁରୁ ର ସ୍ନେହ ଦେଇ ବଢ଼ାଇ ଥିଲେ । ଯୌବନ ରେ ଉପନୀତ ହେବା ପର୍ଯ୍ୟନ୍ତ ଶୃଙ୍ଗୀ କୌଣସି ନାରୀ ଙ୍କୁ ଦର୍ଶନ ମଧ୍ୟ କରି ନଥିଲେ କିମ୍ବା ନାରୀ ଜାତିର ଅସ୍ତିତ୍ୱ ସମ୍ବନ୍ଧରେ ଜାଣି ନଥିଲେ । ସରସ୍ୱତୀ ନଦୀ ତଟସ୍ଥ ଆଶ୍ରମ ପରିବେଶ ଏକାନ୍ତ ନିର୍ଜନ ଏବଂ ନିଃସଙ୍ଗ ଥିଲା ।

ଅନ୍ୟ ଏକ ଜନଶ୍ରୁତି କଥା ମଧ୍ୟ ଶୃଙ୍ଗୀଙ୍କ ଜନ୍ମ ସମ୍ବନ୍ଧରେ ଶୁଣିବାକୁ ମିଳେ । ମହର୍ଷି ବିଭଣ୍ଡାକଙ୍କ ତପସ୍ୟା ଭଗ୍ନ କରିବା ପାଇଁ ଇନ୍ଦ୍ର ଅପ୍ସରୀ ଉର୍ବଶୀ ଙ୍କୁ ପଠାଇ ଥିଲେ । ଉର୍ବଶୀ ନିଜ ରୂପ ଲାବଣ୍ୟ ଓ ନୃତ୍ୟରେ ମହର୍ଷଙ୍କୁ କାମନାର ଜ୍ୱାଳା ରେ ଜର୍ଜରିତ କରି ଦେବାରୁ ଋଷି ତପସ୍ୟା ରୁ ଉଠି ସରସ୍ୱତୀ ନଦୀ ଗର୍ଭ ରେ ପ୍ରବେଶ କଲେ । ସେଠାରେ ତାଙ୍କର ଶୁକ୍ର କ୍ଷରିତ ହେଲା, ଯାହା ନଦୀ ତଟରେ ଆସିଥିବା ଏକ ତୃଷାର୍ତ୍ତ ମୃଗୁଣୀ ଉଦର କୁ ଗଲା ଓ ମୃଗୁଣୀ ଟି ଗର୍ଭବତୀ ହେଲା । ସେହି ମୃଗୁଣୀ ଏକ ସାପିତ ଦେବକନ୍ୟା ଥିଲା । ଦିନରେ ମୃଗୁଣୀ ର ରୂପ ଓ ରାତିରେ ଦେବକନ୍ୟା ର ରୂପେ ସେ ବିଚରଣ କରୁଥିଲା । ଗର୍ଭିଣୀ ମୃଗୁଣୀ ଆଶ୍ରମରେ ରହିଗଲା । ଦିନରେ ଆଶ୍ରର ଶୋଭା ବର୍ଦ୍ଧିତ କରିବା ସଙ୍ଗେ ସଙ୍ଗେ ରାତିରେ ଋଷିଙ୍କର ସେବା ଯତ୍ନ ରେ ନିଜର ସମୟ ଅତିବାହିତ କଲା । ସମୟାନୁକ୍ରମେ

ISSN NO.
2582-208X

ମୃଗୀ ଏକ ଦିବ୍ୟ ସନ୍ତାନ କୁ ଜନ୍ମ ଦେଲା, ଯାହାର ମସ୍ତରେ ଦୁଇଟି ଶୃଙ୍ଗ ଥିଲା । ବାଳର ଜନ୍ମ ପରେ ମୃଗୁଣୀ ଶାପ ମୁକ୍ତ ହୋଇଥିଲା ଏବଂ ସ୍ୱର୍ଗ ଲୋକ କୁ ପ୍ରତ୍ୟାବର୍ତ୍ତନ କରିଥିଲା । ଏହି ଘଟଣା ମହର୍ଷି ବିଭାଣ୍ଡକ ଙ୍କୁ ଅତ୍ୟନ୍ତ ବିମର୍ଷ ଏବଂ ଅସହାୟ କରଦେଥିଲା । ଅତ୍ୟନ୍ତ କ୍ରୋଧୀ ଏବଂ ନାରୀ ଜାତି ପ୍ରତି ବିତସ୍ପୃହ ହୋଇ ଘୃଣା ସୃଷ୍ଟି ର କାରଣ ଥିଲା । ପିତା ପୁତ୍ର ଆଶ୍ରମ ରେ ଜପ ତପ, ଜାଗ ଯଜ୍ଞ ରେ ଅତିବାହିତ କରିବାକୁ ଲାଗିଲେ । ସମୟ କ୍ରମେ ବାଳୁତ ଶୃଙ୍ଗୀ ମଧ୍ୟ ଯୌବନ ରେ ପଦାର୍ପଣ କଲେ । କୌଣସି ନାରୀ ର ରୂପ ଦର୍ଶନ ନକରି ଆଜନ୍ମ ବ୍ରହ୍ମଚାରୀ ଆଶ୍ରମ ଆଶ୍ରିତ ଥିଲେ ରୁଷ୍ୟଶୃଙ୍ଗ ।

ସେହି ସମୟରେ ଅଙ୍ଗ ଦେଶ ର ରାଜା ଥିଲେ ରୋମପାଦ । ଏକଦା ଶୁଭତୀର୍ଥ ନାମକ ବ୍ରାହ୍ମଣ ଜଳ ସମସ୍ୟା ଓ ଇନ୍ଦ୍ର ପୂଜନ ବିଷୟରେ ଆଲୋଚନା ପାଇଁ ରାଜା ରୋମପାଦ ଙ୍କ ଦରବାର ରେ ହାଜିର ହେଲେ । ରାଜକାର୍ଯ୍ୟ ରେ ବ୍ୟସ୍ତ ରହି ରାଜା ବ୍ରାହ୍ମଣ ଙ୍କୁ ସମୟ ଦେଇ ପାରିଲେ ନାହିଁ । ଶୁଭତୀର୍ଥ ରାଜା ଓ ରାଜକର୍ମଚାରୀ ସମସ୍ତଙ୍କୁ ଅନୁରୋଧ କରି ବିଫଳ ହେବା ପରେ, ନିଜେ ଇନ୍ଦ୍ର ପୂଜା କରି ଅଙ୍ଗ ଦେଶ କୁ ଜଳ ବିହୀନ କରିବା ପାଇଁ ବଦ୍ଧପରିକର ହେଲେ । ଏବଂ ପୂଜା ଉତ୍ତାରୁ ଇନ୍ଦ୍ର ଦେବଙ୍କୁ ତାଙ୍କ ପ୍ରାର୍ଥନା ଜଣାଇଲେ । ଇନ୍ଦ୍ର ପ୍ରସନ୍ନ ହୋଇ ଅଙ୍ଗ ଦେଶକୁ ଦ୍ୱାଦଶ ବର୍ଷ ପର୍ଯ୍ୟନ୍ତ ବୃଷ୍ଟି ହୀନ କରିଦେଲେ । ଫଳରେ ଅନାବୃଷ୍ଟି, ମରୁଡ଼ି, ଦୁର୍ଭିକ୍ଷ ର କରାଳ ଛାୟା ଖେଳିଗଲା । ରାଜା ରୋମପାଦ ପ୍ରଜାଗଣ ଙ୍କର ଅସହ୍ୟ କଷଣ ଦେଖି ବିବ୍ରତ ହୋଇ ପଡିଲେ । ସେତେବେଳେ ତାଙ୍କର ପରମ ମିତ୍ର ଅଯୋଧ୍ୟାଧିପତି ମହାରାଜ ଦଶରଥ ଙ୍କ ଠାରୁ ଉପାୟ ଭିକ୍ଷା କଲେ ।

ବାଳୁତ ବେଳେ ଋଷି ବଶିଷ୍ଠ ଙ୍କ ଗୁରୁକୁଳ ରେ ରୋମପାଦ ଙ୍କ ସହିତ ଅଯୋଧ୍ୟା ରାଜ କୁମର ଦଶରଥ ମଧ୍ୟ୍ୟ ବିଦ୍ୟା ଶିକ୍ଷା କରୁଥିଲେ । ସେଇଠି ଦୁହେଁ ପରସ୍ପର ର ପରମ ମିତ୍ର ହୋଇ ଯାଇଥିଲେ । ବିଦ୍ୟା ଶିକ୍ଷା ଉତ୍ତାରୁ ଦୁହେଁ ନିଜ ନିଜ ରାଜ୍ୟ କୁ ଫେରି ଯାଇଥିଲେ । ଅଙ୍ଗ ରାଜା ଧର୍ମରଥ ନିଜ ପୁତ୍ର ରୋମପା ଦ ଙ୍କୁ ରାଜ୍ୟଭିଷେକ କରାଇ ବାନପ୍ରସ୍ଥ ଗମନ କରିଥିଲେ । ଦଶରଥ ମଧ୍ୟ ଅଯୋଧ୍ୟା ର ରାଜ ସିଂହାସନରେ ଅଭିଷିକ୍ତ ହୋଇଥିଲେ । କୋଶଳ ଦେଶର ରାଜକନ୍ୟା ଥିଲେ କୌଶଲ୍ୟା ଏବଂ ବର୍ଷୀନି । କୌଶଲ୍ୟା ଦଶରଥଙ୍କୁ ବିବାହ କରିଥିବା ବେଳେ, ବର୍ଷୀନି ରୋମପାଦ ଙ୍କୁ ବିବାହ କରିଥିଲେ । ସମୟ ବିତନ୍ତେ କୌଶଲ୍ୟାଙ୍କର କୋଳ ମଣ୍ଡନ କଲା ଗୋଟିଏ କନ୍ୟା ସନ୍ତାନ । କୌଶଲ୍ୟା ଙ୍କର ଶାନ୍ତ

ISSN NO.
2582-208X

ସ୍ୱଭାବ ପାଇଁ ତାଙ୍କ କନ୍ୟାଙ୍କ ନାମ ରଖାଗଲା ଶାନ୍ତା । ଶାନ୍ତା ଥିଲେ ଅତିବ ସୁନ୍ଦରୀ ଏବଂ ବିଚକ୍ଷଣ ଗୁଣବତୀ ଏବଂ ଯୁଦ୍ଧ ନିପୁଣା । ତାଙ୍କର ଅଧିକାଂଶ ସମୟ ଅଙ୍ଗ ଦେଶରେ ହିଁ କଟୁଥିଲା । ମାଉସୀ ବର୍ଷୀନି କନ୍ୟା ଶାନ୍ତା ଙ୍କୁ ପ୍ରାଣ ଠାରୁ ଅଧିକ ସ୍ନେହ ଆଦର ଦେଉଥିଲେ । ରୋମପାଦ ଏବଂ ବର୍ଷୀନିଙ୍କର ବହୁବର୍ଷ ପର୍ଯ୍ୟନ୍ତ କୌଣସି ସନ୍ତାନ ସନ୍ତତି ହେଲେ ନାହିଁ । ତେଣୁ ବନ୍ଧୁ ଦଶରଥ ଙ୍କର ପୁତ୍ରୀ ଶାନ୍ତା ଙ୍କୁ ପୋଷ୍ୟ ପୁତ୍ରୀ ରୂପେ କୋଳେଇ ନେଇଥିଲେ । ଦଶରଥ ଓ କୌଶଲ୍ୟା ଙ୍କର ମଧ୍ୟ କୌଣସି ଅନୁଶୋଚନା ନଥିଲା କାରଣ ଶାନ୍ତା ଅଙ୍ଗ ଦେଶରେ ନିଜ ମାଉସୀ ଘରେ ରହିବାକୁ ଅଧିକ ପସନ୍ଦ କରୁଥିଲେ ।

ଅଙ୍ଗ ରାଜ୍ୟର ପ୍ରତିକୂଳ ପରିସ୍ଥିତି ରେ ରାଜା ରୋମପାଦ ଓ ଦଶରଥ ବିଚାର ବିମର୍ଷ କରିବା ପରେ ଗୁରୁ ବଶିଷ୍ଠଙ୍କୁ ସହାୟତା ପାଇଁ ନିମନ୍ତ୍ରଣ କଲେ । ଗୁରୁଦେବ ତପ ବଳରେ ସବୁ ଘଟଣା ଜ୍ଞାତ ହେଲା ପରେ ପରାମର୍ଶ ଦେଲେ, ଦ୍ୱାଦଶ ବର୍ଷ ବ୍ରହ୍ମଚର୍ଯ୍ୟ ପାଳନ କରିଥିବା ବ୍ୟକ୍ତି ସାଧାରଣତଃ ବିଚକ୍ଷଣ ଶକ୍ତିର ଅଧିକାରୀ ହୋଇଥାନ୍ତି । ଏ ପରି ବ୍ୟକ୍ତି ଙ୍କୁ ଯଦି ରାଜା ନିଜ ରାଜ୍ୟ ଅର୍ପଣ କରନ୍ତି ତା'ହେଲେ ରାଜ୍ୟର ଶ୍ରୀ ଫେରି ଆସିବ । ଏପରି ବ୍ୟକ୍ତି ଅନୁସନ୍ଧାନ କରିବାକୁ ଇଚ୍ଛା ପ୍ରକାଶ କଲାରୁ ଗୁରୁଦେବ ଋଷି ବିଭାଣ୍ଡକ ଙ୍କ ପୁତ୍ର ରୁଷ୍ୟ ଶୃଙ୍ଗ ଙ୍କ ବିଷୟରେ ସମ୍ୟକ ସୂଚନା ଦେଲେ । ମହାରାଜା ଦଶରଥ ମଧ୍ୟ କାଳ ବିଳମ୍ବ ନ କରି ଋଷି ବିଭାଣ୍ଡକଙ୍କୁ ନିମନ୍ତ୍ରଣ ପ୍ରେରଣ କଲେ । ଋଷି ରାଜ ଦରବାରରେ ଉପସ୍ଥିତ ହୁଅନ୍ତେ ଏବଂ ସମସ୍ତ ବୃତାନ୍ତ ଶୁଣିଲା ପରେ ନିଜ ପୁତ୍ର କୁ ଅଙ୍ଗ ଦେଶକୁ ଛାଡିବା ପାଇଁ ଅରାଜି ହେଲେ । ରାଜା ଦଶରଥ ଋଷି ବିଭାଣ୍ଡକ ଙ୍କୁ ନିଜ ରାଜ୍ୟରେ ବିଭିନ୍ନ ଧର୍ମ କାର୍ଯ୍ୟରେ ଲଗାଇ ମିତ୍ର ରୋମପାଦ ଙ୍କୁ ଖବର ଦେଲେ । ରୋମପାଦ ଛଳ ରେ ରୁଷ୍ୟଶୃଙ୍ଗ ଙ୍କୁ ଅଙ୍ଗ ଦେଶକୁ ଆଣିବା ପାଇଁ ଯୋଜନା ପ୍ରସ୍ତୁତ କଲେ ।

ରୋମପାଦ ଭାବିଲେ କାମପ୍ରତି ମନୁଷ୍ୟ ର ଚରମ ଦୁର୍ବଳତା, ଯୌବନରେ କାମର ଶାସନ କେହି ଲଂଘନ କରିପାରି ନାହାନ୍ତି । ମୁନିଋଷି ମାନଙ୍କର ତପସ୍ୟା ଭଗ୍ନ ପାଇଁ ଦେବତା ମାନେ ଦେବକନ୍ୟା, ଅପସରା ମାନଙ୍କର ସାହାଯ୍ୟ ନେଇ ଥାନ୍ତି । କାମ ସୁଖରୁ ଏପର୍ଯ୍ୟନ୍ତ ବଞ୍ଚିତ ରୁଷ୍ୟଶୃଙ୍ଗ ମୁନୀ ନିଶ୍ଚିତ ଭାବରେ କାମିନୀ ମୋହରେ ଅରଣ୍ୟ ତ୍ୟାଗ କରି ଅଙ୍ଗ ଦେଶ କୁ ଚାଲି ଆସିବେ ଏହା ନିଃସନ୍ଦେହ । ଏପରି ଚିନ୍ତା କରି ରାଜା ରୋମପାଦ ରୁଷ୍ୟଶୃଙ୍ଗ ଙ୍କୁ ପ୍ରଲୋଭିତ କରି ଆଣିବା ଦାୟିତ୍ୱ ଜରତା ନାମ୍ନୀ ଏକ ରାଜ ଗଣିକା ହାତରେ ନ୍ୟସ୍ତ କଲେ ।

ISSN NO.
2582-208X

ଜରତା ଚିନ୍ତା କଲେ ଏପଟେ ରାଜାଦେଶ ପାଳନ ବିହୁନେ ମୃତ୍ୟୁ ଦଣ୍ଡ ସେପଟେ ମୁନିଙ୍କ ଅଭିଶାପ ର ଭୟ । ତଥାପି ମୁନିଙ୍କ ସାନିଗ୍ଧ କୁ ଶ୍ରେୟ ମନେକରି ତାର କିଛି ସହଚରୀ ଗଣିକାଙ୍କୁ ନେଇ ବିଭାଣ୍ଡକ ଙ୍କ ଆଶ୍ରମ ଅଭିମୁଖେ ଅଗ୍ରସର ହେଲେ । ସେଠାରେ ଋଷି ବିଭାଣ୍ଡକଙ୍କ ଅନୁପସ୍ଥିତି ରେ ହସ୍ତରେ ସୁଗନ୍ଧିତ ପୁଷ୍ପ, ମିଷ୍ଟାନ୍ନ ଓ ସୁସ୍ୱାଦୁ ପାନୀୟ ର ଥାଳି ଧରି ଯୋଗିନୀ ବେଶରେ ରୁଷ୍ୟ ଶୃଙ୍ଗ ଙ୍କ ଆଗରେ ଉଭା ହେଲେ । ପ୍ରଥମ ଥର ପାଇଁ ପୁର୍ଣ ଯୌବନା ଜରତା ଏବଂ ଭୁବନମୋହିନୀ ମାନଙ୍କର ରୂପଲାବଣ୍ୟ ଦେଖି ବିମୋହିତ ହୋଇଗଲେ ରୁଷ୍ୟଶୃଙ୍ଗ ମୁନୀ । ଏକ ଅପୂର୍ବ ଶିହିରଣ ଖେଳିଗଲା ତାଙ୍କ ଶରୀର ରେ । ଋଷିଙ୍କ ପାଦ ସ୍ୱର୍ଶ କରନ୍ତେ, ଶରୀର କୁ ପୁଷ୍ପ ସଜିତ କରି ସ୍ୱାଦିଷ୍ଟ ମିଷ୍ଟାନ୍ନ ରେ ଆପ୍ୟାୟିତ କରନ୍ତେ ଋଷି ପଚାରିଲେ, ଆପଣ ମାନେ କିଏ ? କଣ ତପସ୍ୱୀ କେଉଁ ଆଶ୍ରମର ଅଧିବାସୀ ? ଜରତା କୋମଳ କଣ୍ଠ ରେ ଉତ୍ତର ଦେଲେ ଆମେ ମାନେ ତପସ୍ୱିନୀ ଏହିଠାରୁ ତିନି ଯୋଜନ ଆମର ଆଶ୍ରମ । ଆମେ ଆପଣଙ୍କୁ ନିମନ୍ତ୍ରଣ କରିବାକୁ ଆସିଛୁ, ଆପଣ ଆମ ଆଶ୍ରମ ରେ ପାଦ ଦିଅନ୍ତୁ ଆମକୁ ଆପଣଙ୍କ ସେବା କରିବାର ସୁଯୋଗ ଦିଅନ୍ତୁ । ଆପଣଙ୍କ ସ୍ୱର୍ଶ ଆମ ପାଇଁ ସ୍ୱର୍ଗ ସୁଖ । ଏହା କହି ଜରତା ମୁନିଙ୍କୁ ଆଲିଙ୍ଗନ କଲେ । ଜରତା ଙ୍କ ଆଲିଙ୍ଗନ ରୁଷ୍ୟଶୃଙ୍ଗ ଙ୍କ ଅଙ୍ଗରେ ଅପୂର୍ବ ଶିହରଣ ସୃଷ୍ଟି କଲା । ତାଙ୍କ ମନ ଓ ଶରୀର ରେ କାମ ଚେତନା ଜାଗି ଉଠିଲା । ଏପରି ପରିବର୍ତ୍ତନ ଓ ଅନୁଭବ ର କାରଣ ଋଷି ନିଜେ ମଧ୍ୟ୍ୟ ଜାଣିପାରୁନଥାନ୍ତି । ଜରତା ତାଙ୍କ ସଙ୍ଗିନୀ ମାନଙ୍କ ସହିତ ଚାଲିବାକୁ ଲାଗିଲେ । ରୁଷ୍ୟଶୃଙ୍ଗ ପଳାୟନ ସୁନ୍ଦରୀ ତରୁଣୀ ମାନଙ୍କ ଉଦେଶ୍ୟ ରେ କହିଲେ ହେ ସୁନ୍ଦରୀ ତୁମ ମାନଙ୍କ ସାନିଗ୍ଧ ମତେ ବହୁତ ଭଲ ଲାଗୁଛି । ଦେହରେ ଶିହରଣ ଓ ମନରେ ପୁଲକ ଭରି ଯାଉଛି । ଦୟାକରି ତୁମେମାନେ ଯାଅନାହିଁ । ଉପଯୁକ୍ତ ସୁଯୋଗ ଦେଖି ଜରତା କହିଲେ ମୁନୀବର ତେବେ ଚାଲନ୍ତୁ ଆମ ଆଶ୍ରମ ଆଡେ ବୁଲି ଆସିବେ । ସନ୍ଧ୍ୟା ଆଗତପ୍ରାୟ ମୁନୀ ରୁଷ୍ୟଶୃଙ୍ଗ କିଛିବି ଚିନ୍ତା ନକରି ପ୍ରସ୍ତୁତ ହୋଇଗଲେ ସେମାନଙ୍କ ସାଙ୍ଗରେ ଯିବା ପାଇଁ । ଜରତା ଓ ସଖି ମାନଙ୍କର ଆନନ୍ଦ ସୀମା ଲଂଘନ କରି ସ୍ମିତହାସ୍ୟ ଓ କାମୁକ ନୟନରେ ରୁଷ୍ୟ ଶୃଙ୍ଗଙ୍କୁ ହାତ ଧରି ନଦୀ କୂଳ କୁ ନେଇ ଚାଲିଲେ । ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ସୁସଜିତ ନୌକାରେ ଗୋଟିଏ ରମଣୀୟ ଉପବନ ଆଶ୍ରମ ପ୍ରାୟ ସଜା ହୋଇଥାଏ । ସୁନ୍ଦରୀ ନାୟିକା ମାନେ ନୌକା ର ସୌନ୍ଦର୍ଯ୍ୟ କୁ ଶତଗୁଣେ ବଢ଼ାଉ ଥାନ୍ତି । ରମଣୀ ମାନଙ୍କ ମେଳରେ ମୁନୀ ରୁଷ୍ୟ ଶୃଙ୍ଗ ଯାଇ ଅଙ୍ଗ ଦେଶରେ ପାଦ ଦେବାକ୍ଷଣି ଆକାଶ ମେଘାଛନ୍ନ ହୋଇ ଉଠିଲା, ପ୍ରବଳ ବୃଷ୍ଟି ପାତରେ ନଦୀ ଜଳ ପୁଷ୍କରିଣୀ ଆଦି ଜଳମଗ୍ନ ହୋଇଗଲା ।

ISSN NO.
2582-208X

ଧରଣୀ ଶସ୍ୟ ଶ୍ୟାମଳା ହୋଇ ପ୍ରଜା ମାନଙ୍କର ଦୁଃଖ ଦୁର୍ଦ୍ଦଶା ର ଅନ୍ତ ହେଲା । ଅଙ୍ଗ ଦେଶର ସୁଖ ସମୃଦ୍ଧି ପୁନଃ ଫେରି ଆସିବା ଦେଖି ଅତିବ ଆନନ୍ଦିତ ହୋଇ ପଡିଲେ ଅଙ୍ଗ ରାଜ ରୋମପାଦ ।

କାଳବିଳମ୍ବ ନକରି ପୂର୍ବ ସର୍ତ୍ତ ପାଳନ କରି ମହାରାଜ ରୁଷ୍ୟ ଶୃଙ୍ଗ ଙ୍କୁ ଅଙ୍ଗ ଦେଶର ରାଜା ଘୋଷଣା କଲେ ତତ ସହିତ ନିଜର ଅପରୂପା ସୁନ୍ଦରୀ କନ୍ୟା ଶାନ୍ତା ଙ୍କୁ ଅର୍ପଣ କଲେ ରୁଷ୍ୟଶୃଙ୍ଗ ଙ୍କୁ । ବହୁ ଆଡମ୍ବରେ ବିବାହ ଉତ୍ସବ ଆୟୋଜନ ହେଲା । ବିବାହ ଉତ୍ସବକୁ ଆର୍ଯ୍ୟବର୍ତ୍ତ ର ସମସ୍ତ ରାଜା, ମହାରାଜା, ମୁନୀ ଋଷି ଗଣ, ସାଧୁ ସନ୍ଥ ତଥା ତପସ୍ଵୀ ମାନଙ୍କୁ ନିମନ୍ତ୍ରଣ କରାଗଲା । ମହର୍ଷି ବିଭାଣ୍ଡକ ପୁତ୍ର ରୁଷ୍ୟଶୃଙ୍ଗ ଙ୍କର ଏପରି କାର୍ଯ୍ୟରେ କ୍ଷୁବ୍ଧ ହୋଇ ରୋମପାଦ ଙ୍କ ଉପରେ ପ୍ରତିଶୋଧ ନେବା ଉଦେଶ୍ୟ ରେ ଅଙ୍ଗ ଦେଶରେ ପହଁଚିଲେ । ଦଶରଥ ଙ୍କ ଠାରୁ ଏ ଖବର ପ୍ରାପ୍ତ ହେବା ପରେ ବିଭାଣ୍ଡକ ଆସୁଛନ୍ତି ଜାଣି ତାଙ୍କର ପଥରେ ବିପୁଳ ସମ୍ବର୍ଦ୍ଧନା ବ୍ୟବସ୍ଥା କରିଥିଲେ । ମହର୍ଷି ବିଭାଣ୍ଡକ ଓ ମହାମୁନି ରୁଷ୍ୟଶୃଙ୍ଗ ଙ୍କ ଜୟ ଜୟ ଗାନ ରେ ଚତୁର୍ଦ୍ଦିଗ ଉଠୁଥାଏ ପଡୁଥାଏ । ମହର୍ଷିଙ୍କ ଅଙ୍ଗ ଦେଶରେ ପ୍ରବେଶ ମାତ୍ରେ ହିଁ ରୋମପାଦ ଓ ରାଣୀ ବର୍ଷୀନି ତାଙ୍କ ପାଦ ଧୋଇ ସମସ୍ତ କାର୍ଯ୍ୟ ପାଇଁ କ୍ଷମା ପ୍ରାର୍ଥନା କଲେ । ରାଜ ଦ୍ଵାରେ ପହଁଚି ଦେଖିଲେ ପୁତ୍ର ରୁଷ୍ୟଶୃଙ୍ଗ ରାଜ ଜାମାତା ହୋଇ, ମସ୍ତକରେ ଅଙ୍ଗ ରାଜ୍ୟର ରାଜ ମୁକୁଟ ଧାରଣ କରି ମହାଐଶର୍ଯ୍ୟ ପ୍ରାପ୍ତ ହୋଇ, ଦେବୀ ଶାନ୍ତା ଙ୍କୁ ବିବାହ କରି ପିତାଙ୍କ ସ୍ଵାଗତ ପାଇଁ ସପତ୍ନୀକ ଉପନୀତ । ପୁତ୍ର ପୁତ୍ରବଧୂ ପିତାଙ୍କୁ ଭୂମିଷ୍ଠ ପ୍ରଣାମ କରି ଆଶୀର୍ବାଦ ଭିକ୍ଷା କଲେ । ମହର୍ଷି ବିଭାଣ୍ଡକଙ୍କର ସମସ୍ତ କ୍ରୋଧ ଦୂର ହୋଇ ଯାଇଥିଲା । ଆନନ୍ଦରେ ଗଦ ଗଦ ହୋଇ ନବ ଦମ୍ପତି ଙ୍କୁ ଆଶୀର୍ବାଦ ପ୍ରଦାନ କଲେ ।

ପରବର୍ତ୍ତୀ ସମୟରେ ମନ୍ତ୍ରୀ ସୁମନ୍ତ୍ର ଙ୍କ ପରାମର୍ଶରେ ଋଷି ରୁଷ୍ୟଶୃଙ୍ଗ ଅଯୋଧ୍ୟା ର ରାଜା ଦଶରଥ ଙ୍କ ନିମନ୍ତେ ପୁତ୍ରେଷ୍ଟି ଯଜ୍ଞ କରିଥିଲେ ଓ ସେହି ଯଜ୍ଞ ଚରୁ ସେବନ କରି ତିନି ରାଣୀଙ୍କ ଗର୍ଭ ରୁ ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ ଆଦି ମହାନ ପୁତ୍ର ମାନେ ଜନ୍ମ ଲାଭ କରିବା ସଙ୍ଗେ ସଙ୍ଗେ କୌଶଲ୍ୟା, କୈକେୟୀ ଓ ସୁମିତ୍ରା ଙ୍କ କୋଳ ମଣ୍ଡନ କରି ରଘୁ ବଂଶ ର ଗୌରବ ମଣ୍ଡିତ କରିଥିଲେ । ମହାରାଜ ଶ୍ରୀରାମ ଚନ୍ଦ୍ର ତ୍ରେତୟା ଯୁଗାଧୀପତି, ମର୍ଯ୍ୟାଦା ପୁରୁଷୋତ୍ତମ ଙ୍କର ପ୍ରତିଟି କାର୍ଯ୍ୟକଳାପ ଆଜିବି ବିଶ୍ଵବିଦିତ । ତାଙ୍କ ଜୀବନ ଗାଥା ପଠନ

ISSN NO.
2582-208X

ଶ୍ରବଣ ରେ ସମସ୍ତ ପାପ ମୋଚନ ହୋଇ ଉତ୍ତମ ମଣିଷ ର ଦିଗଚର୍ଯ୍ୟା ମିଳେ । ଦସ୍ୟୁ ରତ୍ନାକର ଯେଉଁ ନାମ ଜପ କରି ମହର୍ଷି ବାଲ୍ମୀକି ହୋଇଥିଲେ, ସେହି ଯୁଗପୁରୁଷ ପ୍ରଭୁ ଶ୍ରୀରାଙ୍କ ଆଶୀର୍ବାଦ ସମସ୍ତଙ୍କୁ ପ୍ରାପ୍ତ ହେଉ ଏବଂ ଜଗତର ସମସ୍ତ ପାପ ନାଶନ ହେଉ ଏତିକି କାମନା ।

ମାତୃ ପିତୃ କୃପା, 508 ନୁଆସାହି
ନୂଆପଲ୍ଲୀ, ଭୁବନେଶ୍ୱର 751001
ଫୋନ 9437175764

ISSN NO.
2582-208X

# ସଂପର୍କ -୨



ଯଜ୍ଞଦତ୍ତ ସାମନ୍ତରାୟ

ସଂପର୍କ ହେଉଛି ସେଇଆ
ଯାହା ଭାରି ମଧୁର ହୋଇଥାଏ ,
ଯେଉଁଥିରେ ନା ହକ୍ ଥାଏ
ନା ଅବିଶ୍ୱାସ ,
ନା ଆପଣାର ଭାବ ଥାଏ
ନା ପରର ,
ନା ପାଖର ଭାବନା ଥାଏ
ନା ଦୂରର,
ନା ଲାଭର ହିସାବ ଥାଏ
ନା କ୍ଷତିର ,
କେବଳ ଆପଣା ପଣର ଭାବ
ଅନୁଭବ କରିବାର
ଅନୁଭବ ହିଁ ଥାଏ ।

ସଂପାଦକ, ଅନୁରାଗର ଗୁଞ୍ଜନ
କବିସୂର୍ଯ୍ୟନଗର, ଗଞ୍ଜାମ
ମୋ:-୯୩୩୭୪୪୯୨୪

**************

ISSN NO.
2582-208X

# ଉଡ଼ନ୍ତା ପକ୍ଷୀ



ଜୟ କୁମାର ମିଶ୍ର

ରେ ଭୋଳା ମନ, କିମ୍ପା ଉଛନ୍ନ
ହେଉଛୁ ହାଇଁ ଫାଇଁ,
ଟୋକିଙ୍କୁ ଦେଖି, ମାରୁଛୁ ଆଖି
ପଟେଇ ନେବା ପାଇଁ ॥
ମୁରୁକି ହସ, କରୁଛି ତୋଷ
ଡଉଲ ବେଶ, ବାସ,
ମଧୁଇ କଥା, ଆଖିର ପତା
ଇସାରା କରେ ବଶ ॥
ପ୍ରେମ ପାଗଳା, ହେଉ ବାଉଳା
ଏକ ବାଟିଆ ତୁହି,
ସାରୁଛୁ ଧନ, ନିଇତି ଦିନ
ତାହାଙ୍କ ପିଛା ଧାଇଁ ॥
ସାରୁ ସମୟ, ସାରୁ ସଞ୍ଚୟ
ଅରଜନର ପୁଞ୍ଜି,
ଦିବା ସପନ, ଦେଖି ମଗନ
ଭାବ ମିଠାକୁ ଭୁଞ୍ଜି ॥
ସରଳ ମନ, ତରଳ ଜ୍ଞାନ
ଯଉବନର ଛଇ,
ନିଦ୍ରା, ଆହାର, କରୁଛୁ ପର

ISSN NO.
2582-208X

ଆନ ମନାଟି ହୋଇ ॥
ଭବିଷ୍ୟ କଥା, କରୁଥା ଚିନ୍ତା
ମରୁରେ ଧାଆଁ ନାହିଁ
ସରିଲେ ଗୁଡ଼, ତୋ' ପାଖ ତଡ଼
ଛାଡି ଜିବେଟି ଭାଇ ॥
କୁଆଁରୀ ଚୋକୀ, ଚଗଲା ପକ୍ଷୀ
ଆମାନିଆ ସେ ଭାରି,
ଯାଏ ସେ ଉଡି, ଗଛକୁ ଛାଡି
ମୁହଁକୁ ମୋଡି କରି ॥
ଫଳନ୍ତି ଡ଼ାଳ, ରସାଳ ଫଳ
ସଜ ସବୁଜ ପ୍ରୀତି,
ନବ ଯୌବନା, ଉଚ୍ଚ ବାସନା
ଆହାର ଦିବା ରାତି ॥
ଫଳନ୍ତି ବୃକ୍ଷ, ତାହାରି ଲକ୍ଷ୍ୟ
ଥୁଣ୍ଟା ଗଛକୁ ନାହିଁ,
କରି କୌଶଳ, ଭୁଞ୍ଜଇ ଫଳ,
ଉଡି ଉଡିକା ସେହି ॥
ଭାବେ ପାଦପ, ପ୍ରେମ ପ୍ରତାପ
ଖୋଜି ଆସିଲା ପକ୍ଷୀ,
କରିବ ବସା, ମେଣ୍ଟାଇ ତୃଷା
ସ୍ନେହ ସରାଗ ଯୋଖି ॥
ଛଳନା ମୟୀ, ଛନ୍ଦ କପଟୀ
ରଚେ ନାଟକ କେତେ,
ଘେନି ପାଉଣା, ଭରଇ ମୁଣା
ଚାଲଇ ଇଛା ମତେ ॥
କାଚ, କାଞ୍ଚନ, ନୁହେଁ ସମାନ
ଦୂରରୁ ଝିଲିମିଲି,

ISSN NO.
2582-208X

ଦୂର ପାହାଡ଼, ସୁଷମା ବଡ଼
ପାଖେ ହତାଶ ଖାଲି ॥
କେତେ ଯେ ଗଲେ, ଅମଡ଼ା ବାଟେ
ନୁଆଁ ବାଟୋଇ ତୁହି,
ଚକ୍ର ବ୍ୟୁହରେ, ଫସି ନଫେରେ
ଅନୁତପ୍ତଟି ହୋଇ ॥

***************

ବୁଦୁର୍, ଗୋରିବନ୍ଧା, ଗଜପତି
ଓଡିଶା, 761206/ 6372127449

ISSN NO.
2582-208X

# ମନର କୋହ



ପ୍ରତିଭା ଦାଶ

ମନର କୋହକୁ କହିବି କାହାକୁ
ସଭିଏଁ ମୋ ପାଇଁ ପର
ଯାହାକୁ ନିଜର ସତରେ କହିବ
ହୋଇଯାଏ ସାତପର ।

ଭଲ କଥା କହି ମନ ନିଏ କିଣି
ପଛରେ କରେ ତାଚ୍ଛଲ୍ୟ
ଭଲ କଥାଟିକୁ ଶୁଣିବା ସକାଶେ
କାହା ପାସେ ନାହିଁ ଧୈର୍ଯ୍ୟ ।

ପ୍ରତିବିମ୍ବ ପରି ଦୁଷ୍କର୍ମ କାର୍ଯ୍ୟରେ
ଥାଆନ୍ତି ସଭିଏଁ ମଜ୍ଜି
ପାପ ପୁଣ୍ୟ ମଧ୍ୟେ ପାର୍ଥକ୍ୟର ମୂଲ୍ୟ
କେହି ନ ଜାଣନ୍ତି ଆଜି ।

ମନର ଦୁଃଖକୁ ମନରେ ଚାପିଲେ
ମନ ପାଏ ବହୁ କଷ୍ଟ
ଅନ୍ୟଙ୍କ ଆଗରେ କରିଲେ ପ୍ରକାଶ
ସମ୍ମାନ ହୁଏ ଯେ ନଷ୍ଟ ।

ISSN NO.
2582-208X

ଲୋକ ଉପହାସ ଲୋକ ପ୍ରତାରଣା
ମିଳଇ ଏଠି ସହଜେ
ସମ୍ମାନ ମର୍ଯ୍ୟାଦା ପର ଉପକାର
ଲେଖା ନାହିଁ ଜାତକରେ ।

ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଡୁମେରପାଣି,
ନୂଆପଡ଼ା
ମୋ:-୭୮୯୪୫୨୮୪୯୩

ISSN NO.
2582-208X

# ମାୟାବୀ



ସୁଜାତା ପାହାନ

ସୁନ୍ଦର ବେଶଭୂଷା ସୁଠାମ ଚେହେରା
ବଳିଷ୍ଠ ବପୁ ପୁଣି ମାର୍ଜିତ ଭାଷା ।
ଜୀବନ ବଞ୍ଚିବାର କଳା ସତେକି
ଆପାଦମସ୍ତକ ସଞ୍ଚରି ଯାଉଛି ପ୍ରତିକ୍ଷଣ ।
ସୁବାସିତ ପୋଷାକ ଚାକଚକ୍ୟ ପରିବେଶ
ଆଭିଜାତ୍ୟର ମୋହର ମାରି ସତେକି
ଜିଣି ନେଇଛି ସଭିଙ୍କ ପାରିଲାପଣ ।
ବିଶ୍ୱାସର ଶେଷ ପାହାଚରେ ଥରେ
ପହଂଚିଲା ପରେ ମିଳିଲା ଅବିଶ୍ୱାସର
ଶକ୍ତ ପ୍ରହାର ଅତି ନିକଟରେ ନୀରବରେ ।
ମୁଖା ପିନ୍ଧା ମଣିଷକୁ କଣ ଚିହ୍ନିବା ସହଜ ?
ସେ'ତ ସବୁଠି ତା'ର କରାମତି ଦେଖାଏ
ଅଭିନୟ କରେ, ବିଶ୍ୱାସରେ ଅବିଶ୍ୱାସର
ମଞ୍ଜିବୁଣେ କିନ୍ତୁ ସଭିଙ୍କ ଅଗୋଚରରେ ।
ମଣିଷ ପୃଥିବୀର ଶ୍ରେଷ୍ଠ ଜୀବ ବୋଲଇଲେ
କିସ ହେବ ? ସେ ବି ଧୋକା ଖାଇଯାଏ ।
ଏହିପରି କିଛି ମୁଖାପିନ୍ଧା ମାୟାବୀ
ଚରିତ୍ରଙ୍କ ମାୟାବୀ କାଯ୍ୟକଳାପ ନିକଟରେ
ଅତ୍ୟନ୍ତ ଆଘାତ, ମର୍ମାହତ କରେ ।

ISSN NO.
2582-208X

ହୃଦୟକୁ କ୍ଷତାକ୍ତ କରେ, ବାରଂବାର
ଖୋଜିବାକୁ ବାଧ୍ୟକରେ ସତ୍ୟତାକୁ
ତା ଭିତରେ ତା ଜୀବନରେ ପ୍ରତିଟି
କର୍ମ ଭିତରେ ସେ ଦେଖୁଥାଏ ଭେଟୁଥାଏ
ସେହିପରି ମୁଖା ପିନ୍ଧା ମଣିଷ ମାନଙ୍କୁ
ମାୟାଜାଲ ବୁଣି ବୁଢିଆଣୀ ପରି
କବଳିତ କରି ପ୍ରସ୍ତୁତ କରନ୍ତି ନିଜ
ପାଇଁ ପଥ ଅତି ସନ୍ତର୍ପଣରେ
ନିଜ ସ୍ୱାର୍ଥପାଇଁ ନିଜ ଭୋକକୁ
ପ୍ରଶମିତ କରିବାକୁ ଯାଇ ବୁଣନ୍ତି
ଅଭିନୟର ମାୟାଜାଲ
ମିଛ ଅଭିନୟ ଦେଖାଇ ଜିଣି
ନିଅନ୍ତି କାହାର ମନ ଆଉ ହୃଦୟ
ପୁଣି କାହାର ବିଶ୍ୱାସ ଆଉ ଭରସା।
ତାକୁ ଅସ୍ତ୍ରକରି ମୁଖା ପିନ୍ଧି ସେ
ଦେଖାଏ ତାର ଅସଲି ଖେଳ
ଅଭିନୟର ଚକ୍ରବ୍ୟୂହରେ
ଛନ୍ଦିହୋଇ ଯାଏ ନିରୀହ ମଣିଷ
କିଏ ବା ବୁଝିପାରେ ?
ତା'ର ଏ ଅଭିନୟ ଆଢୁଆଳରେ
କଣ ବା ତାର ଅଭିପ୍ରାୟ ?
କଣ ବା ସେ ଚାହେଁ ? ଏ ନିରୀହ
ବିଶ୍ୱାସୀ ମଣିଷ ମାନଙ୍କଠାରୁ
କଣ ବା ତାର ଲକ୍ଷ୍ୟ, କଣ ବା ଉଦ୍ଦେଶ୍ୟ ?
କିଛି ବି ତ ବୁଝି ହୁଏନି, ଏପରି କିଛି

ISSN NO.
2582-208X

ଚରିତ୍ର ମାନଙ୍କ ବିଚିତ୍ର ଅଭିନୟକୁ ଦେଖି
ନିଜକୁ ସ୍ୱତଃ ନିଜେ ପ୍ରଶ୍ନ କରେ
ସତରେ କଣ ମୁଖା ପିନ୍ଧା ମଣିଷ ଗୁଡାକ
ଏତେ ନ୍ୟୂନ, ଏତେ କପଟୀ, ଏତେ ଦୁର୍ଦ୍ଦାନ୍ତ !!
କୋମଳ ମନ ଆଉ ହୃଦୟକୁ ସତରେ
ଏମାନେ କଠୋର କରିବା ଶିଖେଇ ଦିଅନ୍ତି
ତାଙ୍କ ମାୟାବୀ ମୁଖାପିନ୍ଧା ଚରିତ୍ରର
ଅଭିନୟ କଳା ମାଧ୍ୟମରେ।

ଅଧ୍ୟାପିକା
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟ
ପୋଖରୀପୁଟ, ଭୁବନେଶ୍ୱର

ISSN NO.
2582-208X

# ବିଜ୍ଞାନ, ସାହିତ୍ୟ ଓ ସଂସ୍କୃତିର ପର୍ବ ଅଁଳାନବମୀ



ସୁନନ୍ଦା ମହାନ୍ତ

ଉତ୍କଳର ସଂସ୍କୃତି ଓ ସାହିତ୍ୟ ଜଗନ୍ନାଥ ସଂସ୍କୃତି ଓ ଜଗନ୍ନାଥଙ୍କ ମାନବୀୟ ଲୀଳା ରୂପକ ସାହିତ୍ୟ ଆଧାରିତ ଭାବ ଭକ୍ତିର ରସ । ବଡ଼ଦେଉଳରେ ଜଗନ୍ନାଥ ତାଙ୍କ ଭାଇ ଭଉଣୀଙ୍କ ସହ ରତ୍ନବେଦୀରେ ବସି ଯେଉଁ ବାର୍ତ୍ତା ଦିଅନ୍ତି ତାହା ଶିକ୍ଷଣୀୟ । ଲକ୍ଷ୍ମୀମାଆଙ୍କ ଅବଢ଼ା ଅନ୍ନ ରାନ୍ଧଣା, ପ୍ରଭୁ ନ ଦିନବ୍ୟାପୀ ମାଉସୀ ଘର ଗଲେ ତାଙ୍କୁ ନନେବା ଫଳରେ ମାଆଙ୍କ କାନ୍ଦଣା, ପୁଣି ବଡଦେଉଳକୁ ପ୍ରତ୍ୟାବର୍ତ୍ତନ ପରେ ରସଗୋଲା ଜରିଆରେ ବୁଝାମଣା ତ ସାହିତ୍ୟ ଓ ସଂକୃତି ଆମ ଓଡ଼ିଆଙ୍କର । ଏହିଭଳି ଅନେକ ଘଟଣା ଓ କିମ୍ବଦନ୍ତୀରୁ ଜଗନ୍ନାଥଙ୍କ ମାନବୀୟ ଲୀଳା ସମସ୍ତଙ୍କୁ ଜଣା । ପୁରୀ ଠାରୁ କୋଡିଏ କିଲୋମିଟର ଭୁବନେଶ୍ୱର ଆଡକୁ ଯିବା ରାସ୍ତାରେ ସାକ୍ଷିଗୋପାଳ ଓ ଗୋପୀନାଥଦେବଙ୍କ ମନ୍ଦିର । ଗୋପୀନାଥ ଅବା ସାହିତ୍ୟ ସଂସ୍କୃତିରୁ ବାଦ ଯିବେ କିପରି!ବଡ଼ ନାଆଟି ଯୁଆଡେ ସାନ ନାଆଟି ସିଆଡେ ଉକ୍ତିଟିର ପ୍ରମାଣ ରଖିବାକୁ ଯାଇ ବା ପ୍ରଭୁଙ୍କ ମାନବୀୟ ଆଚରଣ ଓ ଉଚ୍ଚାରଣ କରୁ କରୁ ଗୋପୀନାଥଦେବଙ୍କ ପାର୍ଶ୍ୱରେ ଅବସ୍ଥିତ ମାଆ ରାଧାରାଣୀଙ୍କର ଅନେକ ମାନବୀୟ ଲୀଳା ଭିତରୁ ଅଁଳାନବମୀ ଏକ ଚମତ୍କାର ତିଥି । ମାଆ ରାଧାରାଣୀ ସେଦିନ ଓଡ଼ିଆଣୀ ବେଶରେ ପାଦରେ ଅଳତା, ପାଉଁଜି ଓ ଝୁଣ୍ଟିଆ ପିନ୍ଧି ଓଡ଼ିଆଣୀ ବେଶରେ ଭକ୍ତ ଦର୍ଶନାର୍ଥି ଙ୍କୁ ଦର୍ଶନ ଦେବା ଏକ ଚମତ୍କାର ସାହିତ୍ୟ ଓ ସଂସ୍କୃତିର ଭକ୍ତି ଭାବଧାରା ଛଡା ଆଉ କଣ ହୋଇପାରେ!

ISSN NO.
2582-208X

କାର୍ତ୍ତିକ ମାସ ଏକ ମହାପୂଣ୍ୟର ମାସ । ଏ ମାସର ମାହାତ୍ମ୍ୟ କୁ ସ୍କନ୍ଦ ପୁରାଣରେ ସୁନ୍ଦର ବର୍ଣ୍ଣନା କରାଯାଇଛି ଯାହାର ଅର୍ଥ ଦେବତା ମାନଙ୍କ ମଧ୍ୟରେ ମଧୁସୂଦନ ଅର୍ଥାତ ଶ୍ରୀହରୀ, ତୀର୍ଥମାନଙ୍କ ମଧ୍ୟରେ ଗଙ୍ଗା, ଯୁଗମାନଙ୍କ ମଧ୍ୟରେ ସତ୍ୟଯୁଗ ଓ ଶାସ୍ତ୍ରମାନଙ୍କ ମଧ୍ୟରେ ବେଦ ପରି ମାସ ମାନଙ୍କ ମଧ୍ୟରେ କାର୍ତ୍ତିକ ସାର ଅଟେ । ଅଁଳା ଓ ତୁଳସୀ ବୃକ୍ଷ ଅତୀବ ପବିତ୍ର ବୋଲି ମଧ୍ୟ ସ୍କନ୍ଦ ଓ ପଦ୍ମ ପୁରାଣରେ ବର୍ଣ୍ଣିତ । ତୁଳସୀ ମୂଳରେ ସର୍ବ ଦେବଦେବୀଙ୍କ ବାସସ୍ଥଳ ବୋଲି ମନାଯାଏ । ସେହିପରି ମାଆ ମହାଲକ୍ଷ୍ମୀଙ୍କ ବାସସ୍ଥାନ ଅଁଳା ବୃକ୍ଷ ଅଟେ ବୋଲି ସାଧାରଣରେ ବିଶ୍ୱାସ ରହିଛି । କାର୍ତ୍ତିକ ମାସର ଶୁକ୍ଳ ପକ୍ଷ ନବମୀ ତିଥିରେ ଅଁଳାନବମୀ ପାଳନ କରି ଅଁଳା ବୃକ୍ଷକୁ ପୂଜା କରିବା ବିଧି ରହିଅଛି । ଶ୍ରୀମନ୍ଦିରରେ ଜଗନ୍ନାଥ ଏହି ଅଁଳାନବମୀ ଦିନ ରାଇ ଦାମୋଦର ବେଶରେ ସଜ୍ଜିତ ହୋଇ ଦର୍ଶନାର୍ଥିଙ୍କୁ ଦର୍ଶନ ଦେଲାବେଳେ ସାକ୍ଷିଗୋପୀନାଥ ଠାରେ ଗୋପୀନାଥଙ୍କ ପାର୍ଶ୍ୱରେ ଅବସ୍ଥିତ ମାଆ ରାଧା ଠାକୁରାଣୀଙ୍କ ଓଡ଼ିଆଣୀ ବେଶ ସହ ପାଦ ଦର୍ଶନର ଭକ୍ତି ଭାବ ବଡ଼ ନିଆରା । ଶ୍ରଦ୍ଧାଳୁ ସେହି ବେଶ ଓ ମାଆଙ୍କ ପାଦ ପଦ୍ମ ସହ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରି ନିଜକୁ କତାର୍ଥ ଓ ଭାଗ୍ୟବାନ ମଣିଥାଆନ୍ତି ।

କିମ୍ବଦନ୍ତୀ ଅନୁଯାୟୀ ଯେତେବେଳେ ସମଗ୍ର ବିଶ୍ୱ ପ୍ରଳୟ ଜଳରେ ନିମଗ୍ନ ହୋଇଥିଲା ସେତେବେଳେ ସ୍ୱୟଂ ବ୍ରହ୍ମା ତପସ୍ୟା କରିବା ସମୟରେ ତାଙ୍କ ଆଖି ଲୁହ ଭୂପୃଷ୍ଠରେ ପଡିବା ଦ୍ୱାରା ଅଁଳା ବୃକ୍ଷର ସୃଷ୍ଟି ହୋଇଛି ବୋଲି ବିଶ୍ୱାସ ରହିଛି । ଦ୍ୱିତୀୟତଃ ମାଆ ମହାଲକ୍ଷ୍ମୀ ଓ ମାଆ ମହା ସରସ୍ୱତୀ ଦୁହେଁ ଏକଦା ଏକ ନୂତନ ଜିନିଷର ପୂଜା କରିବାକୁ କାମନା କରି ଶ୍ରୀହରୀଙ୍କୁ ଜଣାଇବାରେ ଯେଉଁ ଆନନ୍ଦାଶ୍ରୁ ଦୁହିଁଙ୍କ ଚକ୍ଷୁ ଦ୍ୱୟରୁ ନିର୍ଗତ ହୋଇ ଭୂପତିତ ହୋଇଥିଲା ସେହିଠାରେ ଉତ୍ପତ୍ତି ହେଲା ଅଁଳା ବୃକ୍ଷ । ହବିଷିଆଳିଙ୍କ ସହ ସମସ୍ତ ଭକ୍ତବର୍ଗ ଅଁଳାନବମୀ ଦିନ ଏହି ବୃକ୍ଷକୁ ପୂଜା କରି ଏହି ଅଁଳା ବୃକ୍ଷମୂଳେ ହବିଷ ରାନ୍ଧି ଖାଇଲେ ବୈକୁଣ୍ଠ ପ୍ରାପ୍ତିର ସୁଲଭ୍ୟ ଯୋଗ ବନିଥାଏ ବୋଲି ବିଶ୍ୱାସ ରହିଛି । ବିଶ୍ୱାସରେ ଏହିଦିନ ସମସ୍ତେ ପ୍ରାତଃ ସ୍ନାନ ପରେ ଅଁଳା କୋଳି ଓ ପତ୍ର ବିଷ୍ଣୁଙ୍କ ଚରଣରେ ସମର୍ପଣ କରି ଅଁଳା ଜଳ ସିଞ୍ଚନ ଓ ସେବନ ଦ୍ୱାରା ମଣିଷର ସକଳ କଳୁଷ ନାଶ ହେବା ସହ ନିରୋଗ ଓ ସ୍ୱାସ୍ଥ୍ୟବାନ ରହିଥାଆନ୍ତି । ତେଣୁ ସହସ୍ର ଶ୍ରଦ୍ଧାଳୁ ଙ୍କ ସହ ହବିଷିଆଳିମାନେ ଏକତ୍ରିତ ହୋଇ ଅଁଳା ବୃକ୍ଷ ପୂଜନ, ହବିଷ ରନ୍ଧନ ଓ ଭୋଜନ କରିଥାନ୍ତି । ଅଁଳା ବୃକ୍ଷ ସହ ତୁଳସୀ, ମାଳତୀ, ବଦରି, ବେଲ, ବର, ଅଶ୍ୱସ୍ତ ଆଦି ବୃକ୍ଷକୁ ପବିତ୍ର ବୃକ୍ଷର ମାନ୍ୟତା ଦିଆଯାଇଛି ।

ISSN NO.
2582-208X

ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କଲେ ପ୍ରକୃତରେ ଧର୍ମ ନାମରେ ଏହା ଏକ ପ୍ରକୃତି ପୂଜା । ଆୟୁର୍ବେଦ ମତରେ ଅଁଳା ପୃଥିବୀର ଏକ ଶ୍ରେଷ୍ଠ ମହୋଷଧି । ଏହା ଅକାଳ ବାର୍ଦ୍ଧକ୍ୟ, ଅମ୍ଳ ରସ କ୍ଷରିତ ବାୟୁ ଦୋଷ, ମଧୁର ରସ, ପିତ୍ତ ଓ କଷାୟ ରସ ସହ କଫ କାଶ ନାଶକ ଅଟେ । ଶରୀରରେ ଏସବୁର ସନ୍ତୁଳନ ପାଇଁ ଅଁଳା ସେବନ ଏକ ଅମୋଘ ଅସ୍ତ୍ର ତଥା ଅମୋଘ ଔଷଧ । ହରିଡ଼ା ବାହାଡା ଏବଂ ଅଁଳାରୁ ପ୍ରସ୍ତୁତ ତ୍ରିଫଳା ଏକ ବହୁ ଗୁଣ ବହନ କରୁଥିବା ମହୋଷଧି କହିଲେ ଅତ୍ୟୁକ୍ତି ହେବ ନାହିଁ । ଅଁଳା ରସରେ ଖାଦ୍ୟସାର ଭରପୂର ଥାଏ । ଏହି ଖାଦ୍ୟସାରକୁ ବିନିଯୋଗ କରିବାକୁ ଯାଇ ମହର୍ଷି ଚ୍ୟବନ ଅଁଳା ପ୍ରସ୍ତୁତ ଚ୍ୟବନପ୍ରାଶ ସେବନ କରି ବାର୍ଦ୍ଧକ୍ୟ ଦୂରେଇବା ସହ ଅନେକ ରୋଗରୁ ମୁକ୍ତି ଦେଇ ମନୁଷ୍ୟ ଶରୀର ଓ ମସ୍ତିଷ୍କ ସୁସ୍ଥ ରହିବାକୁ ଅଁଳାର ଆବଶ୍ୟକତା ସୁଦୂରପ୍ରସାରୀ ବୋଲି ଜଣେଇଥିଲେ । ଏହି ଅଁଳାନବମୀ ଦିନ ମାଆ ରାଧାଙ୍କ ପାଦ ଦର୍ଶନ ପରି ଧର୍ମୀୟ ମନୋଭାବ ସହିତ ଓଡ଼ିଆଣୀ ବେଶ ଦର୍ଶନରେ ସଂକୃତି ସାହିତ୍ୟ ଓ ମନ ଆନନ୍ଦପୂର୍ଣ୍ଣ ରହିବାରୁ ସୁସ୍ଥ ଶରୀର ଓ ମସ୍ତିଷ୍କ ଉଭୟ ସକ୍ରିୟ ରହିବା ଭଳି ବୈଜ୍ଞାନିକ ଓ ଧାର୍ମିକ ଦୃଷ୍ଟିକୋଣ ସୁଦୂରପ୍ରସାରୀ ଅଟେ ।

,,,,,,,,,,,,,,,,,,,,,,

ସାକ୍ଷୀଗୋପାଳ,
ପୁରୀ/9040977327

ISSN NO.
2582-208X

# ଗୁରୁ



ଅମୃତନାରାୟଣ ଶତପଥୀ

କ୍ଷୁଦ୍ର କୀଟ ଅବା ଜୀବ କ ନର୍ଜୀବ କବା ଅଚଳ ମହାମେରୁ,
ମନୁଷ୍ୟ ବା ପଶୁ ଯାହାଙ୍କଠୁ ମିଳେ ଶିକ୍ଷା ଅଟନ୍ତ ସେ ଆମ ଗୁରୁ।(୧)
ଗୁରୁ ପୂଜନୀୟ, ଗୁରୁ ବନ୍ଦନୀୟ ଗୁରୁ କୃପାର ଭଣ୍ଡାର,
ଗୁରୁଙ୍କ ଆଶିଷ ବିନା ସଂସାରରେ ଅଟଇ ସବୁ ଅସାର।(୨)
ଗୁରୁଙ୍କ କରୁଣା ହୋଇଗଲେ ଊଣା ହୁଏ ଜ୍ଞାନ ବୁଦ୍ଧି କ୍ଷୟ,
ଗୁରୁଙ୍କ ଆଶିଷେ ମୂର୍ଖ ବି ପଣ୍ଡିତ କରଇ ଯେ ଦିଗ୍ ବିଜୟ।(୩)
ଗୁରୁଙ୍କ ସମ୍ମାନ ହୋଇଗଲେ ଊଣା ଫଳବତୀ ହୁଏନ ବିଦ୍ୟା,
ଯେତେ ସବୁ ବନ୍ଧୁ ଶାସ୍ତ୍ର ଅଧ୍ୟୟନ ହୁଅଇ ପୁଣି ଅବିଦ୍ୟା।(୪)
ଗୁରୁଙ୍କୁ ସମ୍ମାନ ଦେବାପାଇଁ ପର୍ ପାଳତ ଗୁରୁ ଦିବସ,
ପାଳନ କରିବା ସଭିଏଁ ଏହାକୁ ମନରେ ରଖି ହରଷ।(୫)

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# ଦୁଃଖ ତୁ..



ଲିପିନା ସାହୁ

ତୁ ବେହିସାବି, ପୁଣି ବିଚଳତା
ଲୁହ ପ୍ରଦାନ ଦାତା ଭାବେ...
ଏକାଗ୍ରତାର ଅନୁଭୂତା
ହେଲେ ଦୁଃଖ ତୁ ସର୍ବଦା ଆକୃତିମତା।୧

ତୁ ଦାରିଦ୍ର୍ୟ ଗୋଷ୍ଠିରୁ ସଂଯୁକ୍ତକତା
ଅଭାଗିର ଭାବେ ପ୍ରତିଯୋଗିତା
କେଜାଣି ତୁ କେଉଁ ଯୁଗର..
ହେଲେ ଦୁଃଖ ତୁ ସମଗ୍ର ବାସିନ୍ଦା।୨

ତୁ ସୁଖର ବିପରୀତା
ପ୍ରତି ସମୟରେ ପୁଣି ଗମିତା
ହୃଦୟ ରାଜ୍ୟର ପ୍ରତିଦ୍ୱନ୍ଦ୍ବତା
ହେଲେ ଦୁଃଖ ତୁ ମୁଖ୍ୟ ବନ୍ଦ୍ବତା।୩

ତୋର ରୂପର ସୌନ୍ଦର୍ଯ୍ୟତା
ଦେଖି ଡରନ୍ତୁ ମାନବିକତା
କେମିତି ମାପି ପାରିବି..
ତୋ ଗର୍ଜିତ ଶରୀରର ଗଭୀରତା।୪

ତୋର ପରିସ୍ଥିତି ସହ ବନ୍ଧୁତା
ଲୁହ ଦେଇ କରୁ ମନ୍ତ୍ରତା

ISSN NO.
2582-208X

ତୁ ଏଇ ଯୁଗର ରାଜରାଜିତା
ଏମିତି ଦେଖାଉଥା ତୋ ବିସ୍ଥାପିତା।୫

ସତରେ ଦୁଃଖ ତୋ ଧୋକାଟା
ନୀରିହ ଉପରେ ପଡେ ଏହି ଗୃପଟା
ପଛକୁ ଘୁଞ୍ଚାଇବା ଇଛିତ ହାତଟା
ଅଣଦେଖା ନକରିପାରି ତୋ ମୁଖଟା।୬

ଦୁଃଖ ତୁ କଳଙ୍କ ଅଂଶିତା
ଜୀବନକୁ କରୁ ବିଚ୍ୟୁତା
ସତରେ କଣ ନାହିଁ ତୋ ମନଟା
ଏମିତି ନଷ୍ଟୁର ତୁ ରହୁଛୁ ସର୍ବଦା।୭

ଦୁଃଖ ତୁ ଆସୁଥା ସର୍ବଦା
ଦେଖି ତୋତେ ହସେ କ୍ରନ୍ଦନ ମନଟା
ପଥର ପରି ତୋ ଦେହଟା
ଆଶା ପୁଣି ତୋ ଠାରୁ ମୋ ଭୁଲଟା।୮

କନ୍ତପହଁରା, କଟକ

ISSN NO.
2582-208X

# ଦଶାହ
# (କ୍ଷୁଦ୍ର ଗଳ୍ପ)



ଅଳକା ମହାନ୍ତ

ରାତି ସାରା ବାପା, ବୋଉ ମୋତେ ବହୁତ୍ ବୁଝା ବୁଝି କଲେ । କହିଲେ ଯଦି ତୁ ତାକୁ ଏତେ ଭଲ ପାଉଛୁ ତାହେଲେ ଡିଭୋର୍ସ୍ ଦେନି, ହୁଏତ ତା ମନ ପରିବର୍ତ୍ତନ ହେଇଯାଇପାରେ। କଣ ପାଇଁ ଏତେ ତର ତର ।

ମୁଁ କହିଲି, ବର୍ଷେ ହୋଇ ଗଲାଣି । ଆଉ ସେ ଭାବ ନାହିଁ ।

ଯିଏ ଫୋନ କରିବାକୁ ସୁଯୋଗ ଖୋଜୁ ଥିଲା, ଏବେ କହୁଛି, "କିଛି ଅର୍ଜେଣ୍ଟ ନାହିଁ ତ ? ? ପରେ ଫୋନ କର !"

ଯିଏ ସବୁ ସୁଖ ଦୁଃଖ ବାଣ୍ଟୁ ଥିଲା, ସେ ଘରେ ବସି ଫୋନ୍ ଦେଖି ଦେଖି ଶୋଇ ପଡୁଛି ।

ମୋର ଦେହ ଖରାପ ଥିଲେ ଏ ହସ୍ପିଟାଲ୍ ରୁ ସେ ହସ୍ପିଟାଲ୍ ଦୌଡୁ ଥିଲା, ସେ ବୁଝି ପାରୁନି ଚାରି ଦିନ ହେଲା ମୋତେ ଜ୍ୱର ବୋଲି ।

ଏବେ ଯିବି, ରହିବି। ସେ କହି ପାରୁନି, ସେ ବି ଘାଇ ରେ ପଡି ଛଟ ପଟ ହେଉଛି । ମୁଁ ଯଦି ସତ ରେ ଭଲ ପାଉଛି ତା ପାଖରେ ରହିବା ଦରକାର କଣ ? ସ୍ନେହ ପ୍ରେମ ଭଲପାଇବା ଦେବାରେ ହିଁ ବିଶେଷତା ଥାଏ। ପାଇବାର ଆଶା ରଖିଲେ ଲାଭ କଣ ? ? ଲେଟ୍ ହିମ୍ ଷ୍ଟେ ହେପି ବାପା ।

ସକାଳୁ ସକାଳୁ ମୁଁ ବ୍ରଶ୍ କରୁ କରୁ ଦେଖୁ ଥିଲି ବାପା କଣ ଟାଇପ କରୁଥିଲେ ଆଉ ବୋଉ କୁ କହୁ ଥିଲେ ବିଭୁ କୁ ପ୍ରିଣ୍ଟ କରି ପଠାଇ ଦେବେ। ମୁଁ ବୁଝି ପାରିଲିନି। ତଥାପି ବାପାଙ୍କ କାର୍ଯ୍ୟ କଳାପ କୁ ଧର୍ଯ୍ୟ ର ସହିତ ଅବଲୋକନ କରୁଥାଏ। ଲାଗୁ ଥାଏ ଦୁଇଜଣ ଯେମିତି ସକାଳ କୁ ବହୁ ଆଗରୁ ଅପେକ୍ଷା କରିଥିଲେ ।

ISSN NO.
2582-208X

କେତେ ସମୟ ପରେ ବାପା ଲଫାପା ଟିଏ ଦେଲେ, କହିଲେ ଯା ଏଇଟା ବିଭୁ କୁ ଦେବୁ ଆଉ ସବୁ ଦିନ ପାଇଁ ବିଦା ହେଇ ଆସିବୁ!

ମୁଁ ଭାବିଲି ଡିଭୋର୍ସ ବାପା ଗୋଟେ ଦିନରେ କଣ ରେଡ଼ି କରି ପକାଇଲେ ନା କଣ!!!!

ଭୟରେ ହାତ ଥରି ଉଠିଲା, ଖୋଲିକି ଦେଖିଲି.. ନ ହସି ରହି ପାରିଲିନି । ମୋ ମୃତ୍ୟୁ ଭୋଜ ରେ ସାମିଲ ହେବା ପାଇଁ ବିଭୁ ଙ୍କୁ ନିମନ୍ତ୍ରଣ ....ହା ହା ହା.. ଭଲ ଆଶ୍ୱସ୍ତି ଭରା ହସ ଟେ ହସିଲି.. କହିଲି.. ହାଁ ବାପା.. ଯିବି ଆଉ ବିଦାୟ ନେଇ ଆସିବି।

ବିଭୁ, ଅତି ଶାନ୍ତ, ସରଳ, ପରୋପକାରୀ, ସ୍ନେହୀ। ସେ ଏମିତି ଏକ ନିଷ୍ଠୁର ପତ୍ର ରେ ଥିବା କଠୋର ସମ୍ଭାଷଣରେ ଭାଙ୍ଗି ପଡିବେ। ଭାବିଲି ଗୋଟେ ଚିଠି ଲେଖି ଦେବି । ତାଙ୍କ ହୃଦୟ କୁ ଶୀତଳତା ଦେବାପାଇଁ ।

ପ୍ରିୟ ବିଭୁ,

ପ୍ରଥମ ରୁ କହୁଛି ଅତି ସାମାନ୍ୟତମ ମନ ରେ ଚିଠି ପଢିବ। ତୁମେ ଜାଣିଛ ଗୋଟେ ପତ୍ନୀ ଥିଲେ ଆଉ ଗୋଟେ ବିବାହ କରି ପାରିବନି। ତୁମ ସାଙ୍ଗ ବିଷୟରେ ତୁମେ ମୋତେ କହିଛ। ମୁଁ ଜାଣିଛି ସେ ତୁମକୁ ଭଲ ପାଉଛି ଆଉ ତୁମେ ବି। ମୁଁ ଯଦି କୁହେ ତୁମେ ମୋତେ ଭଲ ପାଉନ ବୋଲି ମୁଁ ଈଶ୍ୱର ଙ୍କ ନିକଟ ରେ ଅପରାଧୀ ସାବ୍ୟସ୍ତ ହେବି। ତୁମେ ଦ୍ୱନ୍ଦ ରେ ପଡ଼ିଛ । You know, you can't have the cake or eat the cake at same time. I love you a lot, so I decided to leave you and your place to see you happy. You cannot afford to cry as get cold very soon. ଆଖି ଫୁଲି ଯାଏ, ଛିଙ୍କ ହୁଏ । Please don't shed your tears. ଯେବେ ତୁମ ଦି ଜଣ ଙ୍କର ଗୋଟେ ଝିଅ ହେବ, ତାର marriage ରେ କାନ୍ଦିବ । ହେଲା!!

Don't worry about this Divorce. This is only the documents to bring my little sister to your house. I will be your mother, sister like friend. Always will take care of you spiritually and mentally. Will be happy to see my love in happy mood.

As I am only one daughter so I don't need a single penny from you.I will never marry again and will keep you in my mind and heart.

ISSN NO.
2582-208X

Life without love is tree without blossom and fruit. So your love is more than enough for me. Go ahead. I want peace. ତୁମେ ମୋତେ ମିଛ କହିଲେ ଦୁଃଖ ଲାଗେ । ଭାବେ ବିଚରା ମୋତେ ଦୁଃଖ ଦେବେନି ବୋଲି ମିଛୁଆ ହେବା କୁ ପଡୁଛି ।

I know you.. I know everything. Peacefuly accepting that girl for you. Will not disturb you. Will keep loving you till my last breath..

Thank you for loving me..

ତୁମ ସଖୀ

କୃଷ୍ଣା

ଦିନଟି ଯେପରି ସରୁ ନ ଥିଲା, ସକାଳ ୬ ଟା ରୁ ସନ୍ଧ୍ୟା ୬ ଟା। ବାର ଘଣ୍ଟା ବାର ବର୍ଷ ର କଷଣ ଦେଉଥିଲା ଯେମିତି କୃଷ୍ଣା ଙ୍କୁ । ଏକ ଶିଶୁ କନ୍ୟା ପରି ତାଙ୍କ ଅନ୍ତରାତ୍ମା କାନ୍ଦି କାନ୍ଦି ଲୋଟ ପୋଟ ହେଉଥିଲା, ଯେମିତି ତାଙ୍କ ଅତି ପ୍ରିୟ କଣ୍ଢେଇ କୁ ବଳ ପୂର୍ବକ ଛଡାଇ ନେଇ କାହାକୁ ଦେଇ ଦିଆ ଯାଉଛି । ନା ନା... ଏ ତାଙ୍କ ମନ ଆଉ ବିବେକ ର ଆଦେଶ, ନା କି ପିତା ମାତା ଙ୍କର, ନା ବିଭୁ ଙ୍କର ।

ବାପାଙ୍କ ଆଦେଶ ନାମ ମାତ୍ର କୁ ଖାଲି କୃଷ୍ଣା ଙ୍କ ଅଭିମାନ ର ଅଗ୍ନି କୁ ଖୁରାକ ଯୋଗାଉ ଥିଲା । ବିଭୁ ଙ୍କ ଅଫିସ ରୁ ଫେରିବା ସମୟରେ ଯାଇ ପହଂଚି ବାର ଅଛି, ୫ ଟା ବେଳୁ ବାବା କହି ସାରିଲେଣି,

"ମାଆ, ଡ୍ରାଇଭର୍ ନେଇକି ଯିବ । ତୁମେ ଏକା ଯିବ ନାହିଁ."

ସମୟରେ ନିଜ ସ୍ୱପ୍ନ ର ଫ୍ଲାଟ୍ ଘରେ ପହଞ୍ଚିଲା, ପରେ ମନେ ପଡୁଥିଲା ଡୋର୍ ବେଲ୍ ବି ବିଭୁ ନିଜେ ଆଣି ବାକୁ ଯାଇ ନଥିଲେ । କହିଲେ, "ମୁଁ ଅଫିସ ରୁ ଫେରି କଲବେଲ ଅନ୍ କଲେ ତୁମେ ମୋତେ କେହି ବାହାର ବାଲା ଭାବି ନଖୋଲିବା ପାଇଁ ଏ କ୍ୟାମେରା ସହିତ ଡୋର ବେଲ୍ ନେବା"। ଖାଲି ସେତିକି ନୁହେଁ ଅନେକ ଭୋଗ୍ୟ ବସ୍ତୁ ଘରେ ମହଜୁଦ ଅଛି ଯେଉଁଥିରେ ଅନେକ ସ୍ୱପ୍ନ ଆଉ ସ୍ନେହ ବୋଳି ହୋଇ ରହିଛି ଦୁଇ ଜଣଙ୍କର। ସବୁ ପାର୍ଥିବ ଜିନିଷ ସହିତ ମୋର ଶରୀର ବି ପାର୍ଥିବ । ଯଦି ଏ ପାର୍ଥିବ ଶରୀର ଅଲଗା ହେଉଛି, ତେବେ ଏ ଧନ ସମ୍ପତ୍ତି ମୋତେ କେତେ ସୁଖ ଆଉ ଦେଇ ପାରିବ! ବେଲ୍ ବଜାଇଲେ

ISSN NO.
2582-208X

କୃଷ୍ଣା, ସିଧା ୱାଶ ରୁମ୍ ରୁ ଫ୍ରେସ୍ ହୋଇ ଆସି ଡୋର୍ ଖୋଲି ଦେଖିଲେ ବିଭୂ, "କୃଷ୍ଣା, ତୁମେ!!! କହିଲ ନାହିଁ ମୁଁ ସାଥିରେ ନେଇ ଆସିଥାନ୍ତି ଫେରିଲା ବେଳେ!! ହଉ, ଆସ ଆସ..

ଚିରାଚରିତ ଢଙ୍ଗରେ କୃଷ୍ଣା ଙ୍କୁ ଆଲିଙ୍ଗନ କରି, ଅଣ୍ଟା ରେ ହାତ ଧରି, ଭିତରକୁ ନେଇ ଗଲେ, କହିଲେ,

-ଜାଣିଛ? ଏ ଘର ପୁରା ଅନ୍ଧକାର ଲାଗୁଛି ତୁମ ବିନା। ତୁମେ ମୋର ବାକ୍ୟ ଦେବୀ ସରସ୍ୱତୀ, କୌଣସି ନିଷ୍ପତ୍ତି ନେଇ ପାରୁନି ତୁମ ବିନା। କଣ କରିବି, ତୁମ ବିନା ମୁଁ ଅନ୍ଧ, ମୂକ, ବଧିର ହୋଇ ବସିଛି। ଏକ ଆତ୍ମା ବିହୀନ ଶାରୀର ର କି ମୂଲ୍ୟ?? - ଏତିକି କହୁ କହୁ କାନ୍ଦି ପକାଇଲେ, ବିଭୁ ।

ମୁଁ ତୁମ ବିନା ବଞ୍ଚି ପାରିବିନି ସଖୀ । ମୋତେ ଛାଡି ଯା ଅ ନା.....

--ବହୁତ୍ କଷ୍ଟ ରେ ଆଖି ର ଲୁହ କୁ ଆଖିରେ ମାରି, ବାଷ୍ପ ରୁଦ୍ଧ କଣ୍ଠରେ କହିଲେ କୃଷ୍ଣା ।

- କୁଆଡେ ଯିବି ମୁଁ!! ମୋର ଆତ୍ମା ସର୍ବଦା ଛାୟା ପରି ତୁମ ସାଥିରେ ରହିବ, ତୁମ ସବୁ ସୁଖ ଦୁଃଖ ର ଭାଗିଦାରୀ ହୋଇ ରହିବ... ତୁମ ବିବଶତା ତୁମେ ସ୍ପଷ୍ଟ ନକଲେ ବି ତୁମର ଗୋଟେ ବର୍ଷର ଯନ୍ତ୍ରଣା ମୁଁ ବି ଅନୁଭବ କରିଛି, ବିଭୁ!!! ତୁମକୁ ଏ ଯନ୍ତ୍ରଣା ରୁ ମୁକ୍ତି ଦେବାକୁ ଆସିଛି ମୁଁ ଆଜି..

---କଣ ମୁଁ କହି ଥାନ୍ତି ତୁମକୁ କୃଷ୍ଣା, ମୋର ସାହସ ହେଲାନି, ଏକ ଦୁର୍ବଳ ମୁହୂର୍ତ୍ତ ରେ ଗୌରୀ କୁ ଭଲ ପାଇ ଗଲି । ଅଫିସ ର ଟୁର୍ ରେ ଗେଷ୍ଟ ହାଉସ ରେ ଅଚାନକ୍ ତାକୁ ଡର ଲାଗୁଛି କହି ସେ ମୋ ରୁମ୍ କୁ ଆସି ଯାଇ ଥିଲା, ତାର ନିସଙ୍କୋଚ ମନୋଭାବ, ମୋ ଉପରେ ବିଶ୍ୱାସ ଥିବା ଦେଖି ମୁଁ ଆକୃଷ୍ଟ ହୋଇ ପଡ଼ିଥିଲି । କଥା ଆଗକୁ ବଢ଼ି ଚାଲିଛି.. ଆଜି ତାର ପ୍ରେଗ୍ନାନ୍ସୀ ମୋର ଚିନ୍ତା ର କାରଣ। ସେ ବି ଏକମାତ୍ର ଝିଅ ଏକା ତାର ମା ର । ଦୁଇ ଘାଇ ରେ ମୁଁ ପଡିଛି ସଖୀ, ତୁମେ ମୋତେ ରକ୍ଷା କର.. କହି ଭୋ ଭୋ ହୋଇ କାନ୍ଦୁ ଥିଲେ ବିଭୁ..

--ବିଭୁ, ଏ ଘଡି ସନ୍ଧି ମୁହୂର୍ତ୍ତରେ କାନ୍ଦି ଲେ ପ୍ରବ୍ଲେମ୍ସ ସଲଭ ହେବନି.....ସେଇଥିପାଇଁ ତ ଆସିଛି ଆଜି ।ଏକ ମାସ ପରେ... ଡିଭୋର୍ସ ପେପର ରେଡି କରି ପଠାଇ ଦେବି. ମନକୁ ବୁଝାଇ ଗୌରୀ କୁ ଯଥା ଶୀଘ୍ର ଘର କୁ ଆଣ! ଭାବ କୃଷ୍ଣା ର ମୃତ୍ୟ ହୋଇ ଗଲା। ନିଜର

ISSN NO.
2582-208X

ନିସଙ୍ଗ ଜୀବନ ର ସାଥୀ ପାଇଁ ତୁମେ ଗୌରୀ କୁ ଓ ତାର ସନ୍ତାନ କୁ ଅନିଚ୍ଛା ସତ୍ୱେ ଆଣୁଚ। ତୁମେ ବଦନାମ ହେବ, ମୁଁ ସହ୍ୟ କରି ପାରିବି ନାହିଁ। ତୁମ ର ସ୍ତ୍ରୀ ରୂପ କୁ ଛାଡି ମୁଁ - ଭଗିନୀ, ମା, ବାନ୍ଧବୀ ହୋଇ ରହିବି ସଦା କାଳ ପାଇଁ. ....ତୁମେ ଆଗେ ବଢ଼ି ଚାଲ!

--ହଁ, ବାପା ଙ୍କ କଥା କୁ ମନ ରେ ନେବ ନାହିଁ. ତାଙ୍କ ହୃଦୟ କୁ କ୍ଷତାକ୍ତ। ସେ ବି କ୍ଷତାକ୍ତ। ମୁଁ ବି ପୁନର୍ଜନ୍ମ ନେବାକୁ ଯାଉଛି ସଖା.. ସେମିତି କୃଷ୍ଣ ହୋଇ ତୁମର ଏ ସଖୀ କୃଷ୍ଣା କୁ ଭଲ ପାଉଥିବ!!

ଏକ ଶେଷ ଆଲିଂଗନ କରି, ବାପା ଙ୍କର ଆଉ ତାଙ୍କର ପତ୍ର ଥିବା ଲଫାପା କୁ ଟେବଲ ଉପରେ ରଖି କୃଷ୍ଣା ଶେଷ ବିଦାୟ ନେଇ ଆସୁ ଆସୁ ଭାବୁ ଥିଲେ, "ବିଭୁ, ତୁମକୁ ମୋର ବିନା ଅନୁମତିରେ କିଏ ଛଡାଇ ନେଇ ପାରିବେନି। ଇଶ୍ୱର ବି ନୁହେଁ. ମୋ ହୃଦୟର ରାଣୀ ମୁଁ, ମୋ ହୃଦୟର ରାଜା ତୁମେ। ଶାରୀର ଅଲଗା ରହି ପାରେ।ମନ ଉପରେ କାହାର ଜୋର୍ ନାହିଁ. ହୃଦୟ ର ହୃଦୟ କୁ ଯେଉଁ ରାସ୍ତା ଅଛି ତାକୁ କେଉଁ ଜାଗା ର ଦରକାର ପଡେନି..

आपसे जो इश्क़ है वो बेहद है क्यूँकि, हद और सरहद ज़मीं की होती है दिलकी नहीं!! जरूरी नहीं है ईश्क में बॉहोंके सहारे ही मिले, किसी को जीभरके महसुस करनाभी मोहब्बत है!! आप मेरी जिंदगी, मेरी प्रेरणा, मेरी ताकत और मेरी आत्मा हैं। मैं आपसे बेहद प्यार करती हूँ!

ଅଧ୍ୟକ୍ଷା,
ଗୁରୁ ନାନକ ଇଂରାଜୀ ମାଧ୍ୟମ ସ୍କୁଲ
ଭୁବନେଶ୍ୱର

ISSN NO.
2582-208X

# ସ୍ମୃତି



ବିନୟ କୁମାର ମିଶ୍ର

ଏମିତି ଅନେକ
ଚଳଣି ଦରବ
ପରିବେଶ ହଜିଲାଣି,
ପରମ୍ପରା ଉସ୍ଵ
ସଂସ୍କୃତିର କଥା
ଆଉ କେବେ ଫେରିବନି ।

ଢ଼ିଙ୍କି ଢ଼ିଙ୍କିଶାଳ
ଗାଈଙ୍କ ଗୁହାଳ
ବଳଦଙ୍କ ପଟାଶାଳ,
ଅଗଣା ଚଉରା
ଘୋରଣା ପେଷଣା
ଚୌପିଢ଼ି କୋଡ଼ି ଲଙ୍ଗଳ ।

ଶଗଡ଼ ଜୁଆଳି
ମଇ ହାତକୋଡ଼ି
କୋଦାଳ ଫାଉଡା ଜୋତ,
ଡାଲା ବାଉଁଶିଆ

ISSN NO.
2582-208X

କୁଲା ବୋଝ ବେତା
ଡୋଲୀ ରୋଦର ସହିତ ।

ଗାଁ ଦାଣ୍ଡ ଧୂଳି
ଗହୀର ପୋଖରୀ
ଭାଗବତ ଟୁଙ୍ଗି ଘର,
ମାଟି ପିଣ୍ଡା ଚାଳ
ଖଳା ସାରୁ ବାଡ଼ି
କୁମ୍ଭାରର ଉଆ ଶାଳ ।

କେଉଟ ଘରର
ସରୁ ନାଲି ଚୁଡା
ଗୁଡ଼ିଆ ଘରର ମୁଆଁ,
କମାରର ଦାଆ
କଟୁରୀ ଟାଙ୍ଗିଆ
ନାଲ ବସା ଘଷି ନିଆଁ ।

ତନ୍ତୀ ଘର କଣ୍ଢା
ଶଟର ଶାଟର
ଅରଟ ଆଙ୍କୁଡ଼ା କୁନ୍ଦ,
ମାଳିଘର ଫୁଲ
ପାଦୁକ ପରବେ
ଛାଡ଼ି ଚାଲିଯାଏ ମନ୍ଦ ।

ବାଡ଼ି ପାଳଗଦା
ଛତୁ ଲେଉଟିଆ
କାନ୍ଧିଆ ସଜନା ଛୁଇଁ,

ISSN NO.
2582-208X

ଗାଁ ଠାକୁରାଣୀ
ଭାଗବତ ଗାଦି
କୁଆଡେ ହଜିଗଲାଣି ।

କାର୍ତ୍ତିକ ସକାଳ
ଦାଣ୍ଡ ସଂକୀର୍ତ୍ତନ
ଭୋଗଖିଆ ଝାମୁ ଦଣ୍ଡ,
ମେଳଣ ଯାତ୍ରା
ପୁନିଅ ପରବ
ପିଠା ପଣା ସବୁ ଗୁଣ୍ଡ ।

ଦ୍ରବ୍ୟ ଚବ୍ୟ ଚୋଷ୍ୟ
ଲେହ୍ୟ ପେୟ ଲେପ
ସବୁ ବଦଳି ଗଲାଣି,
ହଳଦୀ କାଠୁଆ
କଜଳପାତି ଯେ
ମାଣ ଅଣକ ତୋରାଣୀ ।

ଲେଖୁଥିଲେ ବସି
ସରିବନି ଯେତେ
ପରିବର୍ତ୍ତନ ହେଲାଣି,
ଆଧୁନିକତାର
ଚାଦର ଘୋଡେଇ
ସ୍ମୃତି ସବୁ ଶୋଇଲେଣି ।

ମଲ୍ଲୀପୁର, ନଆଳ, ଖୋର୍ଦ୍ଧା

ISSN NO.
2582-208X

# ବଡବଡୁଆ ହୋ



ଆକୁଳାନନ୍ଦ ପୃଷ୍ଟି

ଆଗେ ଆସୁଥିଲ ଘନ ଅନ୍ଧାରରେ
ଏବେ ସେ ଅନ୍ଧାର ନାହିଁ
ସବୁଠି ଜଳୁଛି ଉଜ୍ୱଳ ଆଲୋକ
ଗାଁ ଗଣ୍ଡା ବଣ ପାହାଡ ନଇ ।

ତଥାପି କହୁଛୁ ଦେଖି ଚାହିଁ ଆସ
ରାସ୍ତା ସାରା ଖାଲ ଖମା
କିଇତି ମରନ୍ତି କାହିଁ କେତେ ଲୋକ
ସବୁଆଡେ ଦୁର୍ଘଟଣା ।

ବରଷକୁ ଥରେ ଧରାବତରଣ
କରୁଛ ବଡବଡୁଆ
ପିଣ୍ଡ ଦାନ ପାଇ ଦୀପ ଆଲୁଅରେ
ଭଲରେ ଭଲରେ ଯା ।

ଆଲୋକର ପର୍ବ ଦେବ ଦୀପାବଳୀ
ଦୀପ କମ୍ ବେଶୀ ବିଜୁଳିବତୀ
ଅଜ୍ଞାନ ଅନ୍ଧାର ଜମାରୁ ହଟୁନି
ସେଥିପାଇଁ ଘଟେ ଏ ଅଧୋଗତି ।

ଦୁର୍ନୀତି ହେଲାଣି ମଣିଷର ନୀତି
ଅକର୍ମ ହେଲାଣି କର୍ମ

ISSN NO.
2582-208X

ଅପରାଧୀ ସବୁ ଭାଗ୍ୟ ନିୟନ୍ତା
ଅଧର୍ମ ତାଙ୍କର ଧର୍ମ ।

ସତ କହିବାକୁ ଶପଥ ନିଅନ୍ତି
ବାଧ୍ୟରେ କହନ୍ତି ମିଛ
ଧାନ ଜମି ସବୁ ବାଲୁଙ୍ଗାରେ ପୂର୍ଣ୍ଣ
କାହାକୁ ବଛିବ ବାଛ ।

ଶବ୍ଦ ପ୍ରଦୂଷଣ ବାୟୁ ପ୍ରଦୂଷଣ
ନଦୀ ନାଳ ପ୍ରଦୂଷଣ
ସବୁ ଜାଣି ବୁଝି ଆଲୋକ ପର୍ବରେ
ଆମେ ଫୁଟାଉଛୁ ବାଣ ।

ବାଣ ଫୁଟାଇକି ରାବଣ ପୋଡ଼ିଲୁ
ଅଧର୍ମର ହେଲା ନାଶ
ଏବେ ଦୀପାବଳୀ ବାରୁଦ ଧୂଆଁରେ
ରୁଦ୍ଧ ହେଉଛି ଶ୍ୱାସ ।

ଆଲୁଅ ଜଳାଇ ଅନ୍ଧାର କରୁଛୁ
ଆମେ ଆମ ଭବିଷ୍ୟତ
ଅମ୍ଳଜାନ ଥଳି ବେକରେ ଝୁଲାଇ
ବିଜ୍ଞାପନ ଦେବୁ
ଆମେ ସବୁ ଗୁଣବନ୍ତ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଳପଡ଼ା କଖଡି କଟକ
ମୋ - ୯୪୩୭୮୭୪୫୭୨

ISSN NO.
2582-208X

# କାହିଁକି ଭରିଲି ମାଙ୍ଗ ?



ସତ୍ୟବାନ ମେହେର

ଭାବିଥିଲି ପ୍ରେମର ଉପହାରେ
ତାଜମହଲ ତୋଳି
ଭାବିଥିଲି ପ୍ରେମର ନିଦର୍ଶନେ
କୋଣାର୍କ ଯେ ଗଢ଼ି
କିନ୍ତୁ ତୁମେ ଶାନ୍ତ ସମୁଦ୍ରର
ଅଶାନ୍ତ ଜୁଆର
ତୁମେ ମରୁଭୂମିର ଝଡ଼ ବାଲିସ୍ତୁପ
ବିଷଧର ଫଣା ସଦୃଶ
ତୁମର ହୁଂଙ୍କାର
ଅହଂକାର ଗର୍ବ ଭରା
ମୁଖ ନିସୃତବାଣୀ
ହୃଦପିଣ୍ଡେ ଦେଇଯାଏ ହାଣି ।

ତୁମେ କଳାମେଘ ମହ୍ଲାରର
ବିଜୁଳି ଘଡ଼ ଘଡ଼ି
ଯାର ବିସ୍ଫୋଟକ ଶବ୍ଦେ
ଛାତିଯାଏ ଥରି
ତୁମ କଟୁ ବାକ୍ୟେ ଭୂଧର ଯାଏ ଢଳି
କଳା ମେଘୁ ଉତ୍ତପ୍ତ ଅଶ ଯାଏଗଳି

ISSN NO.
2582-208X

ଶୁଣି ଶୁଣି ଛାତି ହୁଏ ବିଦୀର୍ଣ୍ଣ
ଊର୍ଦ୍ଧ ମୁଖେ ଦେଖେ" ଆକାଶକୁ ମୁହିଁ
ନପାଇ ଏହାର କେବଳ ପ୍ରତିକାର ପାଇଁ ।

ଜାଣେନା ଏ ଅହଂକାର ଓ ଗର୍ବ ତୁମରି ନିଜସ୍ୱ
ନା ତୁମ ଧମନୀରେ ବହୁଥିବା ରକ୍ତର କୁହୁକ
ସ୍ୱାମୀ ସ୍ତ୍ରୀ ପରି ନୁହେଁ ଆମ ମଧୁର ସମ୍ପର୍କ
ବେଳେ ଅଶାନ୍ତ ସମୁଦ୍ରେ ଉଠଇ ଯେ ଝଡ଼
ପୂର୍ଣ୍ଣମୀ ଚାନ୍ଦ ପରି ଗୋଲ ଗାଲ ମୁହଁ
ସିଂହ କଟି ପରି ଅଣ୍ଟା
ବାକ୍ ଯୁଦ୍ଧେ ମୋ ଗଳାରେ ଫସିଯାଏ କଣ୍ଟା
ବାକ୍ ଶକ୍ତି ଥାଏ ହୋଇ ଯାଏ ରୁଦ୍ଧ
ବେଳେ ଆନ୍ଦୋଳିତ ହୁଏ ମନ
ସୁନ୍ଦର ଦେଖି କାହିଁକି ଭରିଲି ମାଙ୍ଗ ?

ରାୟପୁର

ISSN NO.
2582-208X

# ପ୍ରଥମ ନ୍ୟୁରାଲିଙ୍କ ବ୍ରେନ୍ ଚିପ୍ ପ୍ରତିରୋପଣ



ଅସିତ ମହାନ୍ତ

କୃତ୍ରିମ ବୁଦ୍ଧିମତ୍ତା (AI) ଆମ ଜୀବନର ପ୍ରକ୍ରିୟାକୁ ପରିବର୍ତ୍ତନ କରିଛି, ଏବଂ ଏଲନ୍ ମସ୍କଙ୍କ କମ୍ପାନୀ ନ୍ୟୁରାଲିଙ୍କ ଭଳି ପ୍ରଯୁକ୍ତିବିଦ୍ୟା ବିକାଶ କରୁଥିବା ଗତି ଏହାକୁ ଆହୁରି ସ୍ପଷ୍ଟ କରୁଛି। ନ୍ୟୁରାଲିଙ୍କ ଏପରି ଏକ ଜିନିଷ ଯାହା ଭବିଷ୍ୟତରେ ଚିକିତ୍ସା କ୍ଷେତ୍ରରେ ବିପ୍ଳବ ଆଣିପାରେ। ଏହା ମାନବ ସଭ୍ୟତାକୁ ଆହୁରି ଉନ୍ନତ ଏବଂ ସକ୍ଷମ କରିବ। ଏ ସମ୍ପର୍କରେ ସାମ୍ପ୍ରତିକ ରିପୋର୍ଟଗୁଡ଼ିକ ପ୍ରକୃତରେ ଆଶ୍ଚର୍ଯ୍ୟଜନକ।

ପ୍ରଥମ ନ୍ୟୁରାଲିଙ୍କ ବ୍ରେନ୍ ଚିପ୍ ପ୍ରତିରୋପଣ – ସମ୍ପ୍ରତି, ସୋସିଆଲ ମିଡିଆରେ ଏକ ଗୁରୁତ୍ୱପୂର୍ଣ୍ଣ ଖବର ପ୍ରକାଶ ପାଇଛି। ଏଲନ୍ ମସ୍କ ତାଙ୍କ ସୋସିଆଲ ମିଡିଆ ସାଇଟ୍ "X" ରେ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଏକ ପୋଷ୍ଟରେ, ଏଲନ୍ ମସ୍କ କହିଛନ୍ତି ଯେ ତାଙ୍କ କମ୍ପାନୀ ପ୍ରଥମ ଥର ପାଇଁ ଏକ ଜୀବନ୍ତ ମଣିଷରେ ନ୍ୟୁରାଲିଙ୍କ ଚିପ୍ ପ୍ରତିରୋପଣ କରିଛି ଏବଂ ଏହି ପ୍ରକ୍ରିୟା ବହୁ ପରିମାଣରେ ସଫଳ ହୋଇଛି। ଅସ୍ତ୍ରୋପଚାର ପରେ, ନ୍ୟୁରାଲିଙ୍କ ଚିପ୍ ଥିବା ବ୍ୟକ୍ତି ବହୁତ ଭଲ ଅନୁଭବ କରୁଛନ୍ତି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ଖବର। ରିପୋର୍ଟ ଅନୁସାରେ, ନ୍ୟୁରାଲିଙ୍କ ଗତ ବର୍ଷ ନଭେମ୍ବରରେ ଏହାର ପ୍ରଥମ ମାନବ ବିଷୟରେ ଏକ ମସ୍ତିଷ୍କ ଚିପ୍ ସ୍ଥାପନ କରିଥିଲା। ଏହି ଚିପ୍ ସାଧାରଣ ନୁହେଁ। ଏହା ଜଣେ ସାଧାରଣ ବ୍ୟକ୍ତିକୁ ସହଜରେ ଅସାଧାରଣ କାର୍ଯ୍ୟ କରିବାକୁ ଅନୁମତି ଦିଏ। ଏହି ଚିପ୍‌କୁ "ମସ୍ତିଷ୍କ-କମ୍ପ୍ୟୁଟର ଇଣ୍ଟରଫେସ୍ (BCI)" କୁହାଯାଏ ଏବଂ ଏହା ଆମକୁ ଛୋଟ ଏବଂ ବଡ଼ ଉଭୟ କାର୍ଯ୍ୟ ସମ୍ପାଦନ କରିବାକୁ ଅନୁମତି ଦିଏ। କମ୍ପାନୀ ଅନୁଯାୟୀ, ଏହି ଚିପ୍ ଜଣେ ବ୍ୟକ୍ତିଙ୍କୁ ଟେଲିପାଥିକ୍ କାର୍ଯ୍ୟ କରିବାକୁ ସକ୍ଷମ କରିପାରିବ। ଏହାର ଅର୍ଥ ହେଉଛି କମ୍ପ୍ୟୁଟର ମାଧ୍ୟମରେ ବ୍ୟକ୍ତିର ମସ୍ତିଷ୍କରୁ ସଙ୍କେତଗୁଡ଼ିକୁ ପ୍ରକ୍ରିୟାକରଣ କରି, ବିଭିନ୍ନ

ISSN NO.
2582-208X

କାର୍ଯ୍ୟ କରାଯାଇପାରିବ। ଏହି ମସ୍ତିଷ୍କ ଚିପ୍ କ' ଣ କରିପାରିବ? ବର୍ତ୍ତମାନ, ଲୋକମାନେ ନିଶ୍ଚୟ ଭାବୁଥିବେ, ଏହି ଚିପ୍ ବିଷୟରେ ଏତେ ବିଶେଷ କଣ? ଏହି ଚିପ୍ ଆପଣଙ୍କୁ ବ୍ଲୁଟୁଥ୍ ମାଧ୍ୟମରେ ବିଭିନ୍ନ ଡିଭାଇସ୍ ତାରହୀନ ଭାବରେ ନିୟନ୍ତ୍ରଣ କରିବାକୁ ଅନୁମତି ଦିଏ। ଉଦାହରଣ ସ୍ୱରୂପ, ଆପଣ ଏହି ଚିପ୍ ବ୍ୟବହାର କରି ଆପଣଙ୍କର ସ୍ମାର୍ଟଫୋନ୍ କିମ୍ବା ଲାପଟପ୍ ନିୟନ୍ତ୍ରଣ କରିପାରିବେ। ଆପଣ ସ୍ମାର୍ଟୱାଚ୍, ଇଅରବଡ୍ସ ଏବଂ ଅନ୍ୟାନ୍ୟକୁ ମଧ୍ୟ ନିୟନ୍ତ୍ରଣ କରିପାରିବେ।

କଳ୍ପନା କରନ୍ତୁ ଯେ ଯଦି ଆପଣଙ୍କର ସ୍ମାର୍ଟଫୋନ୍ ଆପଣଙ୍କ ଚିନ୍ତାଧାରାର ପ୍ରତିକ୍ରିୟା ଦେଇପାରିବ ତେବେ ଜୀବନ କେତେ ସହଜ ହେବ। ଆପଣଙ୍କୁ ଟାଇପ୍ କରିବାକୁ କିମ୍ବା ଭଏସ୍ କମାଣ୍ଡ ଦେବାକୁ ମଧ୍ୟ ଆବଶ୍ୟକ ହେବ ନାହିଁ। ଆପଣଙ୍କର ସ୍ମାର୍ଟଫୋନ୍ ସ୍ୱୟଂଚାଳିତ ଭାବରେ ଚାଲିବା ଆରମ୍ଭ କରିବ ଏବଂ କୌଣସି ପ୍ରୟାସ ବିନା ଆପଣଙ୍କର ଇଚ୍ଛିତ କାର୍ଯ୍ୟ ସମ୍ପାଦନ କରିବ। ତେଣୁ, ଏହା କହିବା ଭୁଲ ହେବ ନାହିଁ ଯେ ଏହି ଚିପ୍ ଏକ ଅତ୍ୟନ୍ତ ଆଧୁନିକ ଏବଂ ଭବିଷ୍ୟତବାଦୀ ପଦ୍ଧତିକୁ ପ୍ରତିନିଧିତ୍ୱ କରେ। ଏହି ଚିପ୍ ମସ୍ତିଷ୍କ ଭିତରେ ସ୍ଥାପିତ ହୋଇଛି, ଏବଂ ପଦ୍ଧତିଟି ବହୁତ ଅନନ୍ୟ, ଯାହା ବିଷୟରେ ଆପଣ କ୍ୱଚିତ୍ ଶୁଣିଥିବେ। ମସ୍ତିଷ୍କ ଭିତରେ ଏହି ଚିପ୍ କିପରି ସ୍ଥାପିତ ହୁଏ? ନ୍ୟୁରାଲିଙ୍କ ବିଷୟରେ ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି ଯେ ଏହାକୁ ଯେକୌଣସି ଜୀବିତ ବ୍ୟକ୍ତିଙ୍କ ମସ୍ତିଷ୍କରେ ପ୍ରତିରୋପଣ କରାଯାଇପାରିବ। ତେଣୁ, ଏହାର ସଂସ୍ଥାପନ ପ୍ରକ୍ରିୟାକୁ ବୁଝିବା ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼େ। ଏହାକୁ ସ୍ଥାପନ କରିବା ପାଇଁ ରୋବୋଟ୍ ବ୍ୟବହାର କରାଯାଏ। ରୋବୋଟ୍ ମଣିଷ ଖପୁରୀରେ ଡ୍ରିଲ୍ କରେ, ଏବଂ ଚିପ୍‌ର ଇଲେକ୍ଟ୍ରୋଡ୍ ମସ୍ତିଷ୍କର ଚିନ୍ତାଧାରା ଏବଂ ଯୁକ୍ତି କ୍ଷେତ୍ରରେ ପ୍ରତିରୋପଣ କରାଯାଏ। ସଂସ୍ଥାପନ ପ୍ରକ୍ରିୟା ଯେତେ ସହଜ ଶୁଣାଯାଏ, ଏହାକୁ ପ୍ରକୃତରେ ସ୍ଥାପନ କରିବା ମଧ୍ୟ ସମାନ କଷ୍ଟକର। କାରଣ ସାମାନ୍ୟତମ ଭୁଲ ମଧ୍ୟ ଜୀବନ ପ୍ରତି ବିପଦପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିପାରେ। ଏହି କାରଣରୁ, କିଛି ସମୟ ପୂର୍ବରୁ, ଆମେରିକା ସରକାର ନ୍ୟୁରାଲିଙ୍କ ଉପରେ କଡ଼ା ନଜର ରଖୁଥିଲେ। ଆଜି ଜଣେ ଜୀବିତ ମଣିଷ ଉପରେ ଯେକୌଣସି ପ୍ରକାରର ପରୀକ୍ଷଣ କରିବା ମାନବତା ଏବଂ ଆଇନ ବିରୁଦ୍ଧରେ ବିବେଚନା କରାଯାଏ। ତେଣୁ, ଏହି ପ୍ରକଳ୍ପ ସର୍ବଦା ବିବାଦରେ ଘେରି ରହିଛି। ଏହି ପ୍ରକଳ୍ପର ପ୍ରାରମ୍ଭିକ ଦିନରେ, ବିଷୟଗୁଡ଼ିକୁ ଚିପ୍ ବ୍ୟବହାର କରି କମ୍ପ୍ୟୁଟର କର୍ସରକୁ ନିୟନ୍ତ୍ରଣ କରିବା ଶିଖାଯାଉଥିଲା। ଏଠାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଆମେରିକା ସରକାର ମଧ୍ୟ ଏହି

ISSN NO.
2582-208X

ସମୟରେ ଏହାକୁ ନିରୀକ୍ଷଣ କରୁଥିଲେ। ପରେ, ପ୍ରକଳ୍ପକୁ ସରକାରୀ ଅନୁମୋଦନ ମିଳିବା ପରେ, ଧୀରେ ଧୀରେ ଅନ୍ୟାନ୍ୟ ବିକାଶ ଆରମ୍ଭ ହୋଇଥିଲା। ରିପୋର୍ଟଗୁଡ଼ିକ ସୂଚାଇଛି ଯେ ନ୍ୟୁରାଲିଙ୍କ ବ୍ରେନ୍ ଚିପ୍ ଇମ୍ପ୍ଲାଣ୍ଟେଡ୍ ପ୍ରୋଜେକ୍ଟରେ କେବଳ ପକ୍ଷାଘାତ ଥିବା ଲୋକଙ୍କୁ ସାମିଲ କରାଯାଇଥିଲା। ଯଦି ପକ୍ଷାଘାତ ବେକ ତଳେ ଥାଏ, ତେବେ ନ୍ୟୁରାଲିଙ୍କ୍ ସ୍ଥାପନ କରିବା ପସନ୍ଦଯୋଗ୍ୟ। କମ୍ପାନୀ ଅନୁଯାୟୀ, ଏହି ଚିପ୍ ପକ୍ଷାଘାତ ଯୋଗୁଁ ଯେଉଁମାନଙ୍କର ଶରୀର ସଠିକ୍ ଭାବରେ କାର୍ଯ୍ୟ କରିପାରୁନାହିଁ ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଲାଭ ପ୍ରଦାନ କରିପାରିବ। ଯଦି ଏହି ଚିପ୍ ଠିକ୍ ଭାବରେ କାମ କରେ, ତେବେ ଏହା ନ୍ୟୁରୋସାଇନ୍ସ କ୍ଷେତ୍ରରେ ଏକ ଚମତ୍କାରଠାରୁ କମ୍ ହେବ ନାହିଁ। ଏପରି ଡିଭାଇସ୍ ଲୋକଙ୍କ ଜୀବନକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିପାରିବ ଏବଂ ସବୁଠାରୁ ଅଧିକ ଆବଶ୍ୟକ କରୁଥିବା ଲୋକଙ୍କୁ ସାହାଯ୍ୟ କରିପାରିବ। ଭବିଷ୍ୟତରେ ଏପରି ଡିଭାଇସ୍ ଆହୁରି ବିକଶିତ କରିବା ଅତ୍ୟନ୍ତ ଜରୁରୀ ଯାହା ଦ୍ୱାରା ସମସ୍ତେ ନିଜ ଇଚ୍ଛା ଅନୁସାରେ ଜୀବନଯାପନ କରିପାରିବେ।

ତଥାପି, ଏଠାରେ ଗୋଟିଏ କଥା ମନେ ରଖିବା ଉଚିତ ଯେ ଏହି ଡିଭାଇସ୍‌ଗୁଡ଼ିକର ଉପଯୁକ୍ତ ବ୍ୟବହାର ଅତ୍ୟନ୍ତ ଜରୁରୀ। କାରଣ ଏଗୁଡ଼ିକ ମଣିଷକୁ ରୋବୋଟ୍ ମଧ୍ୟ କରିପାରେ, ତେଣୁ ସରକାରମାନଙ୍କୁ ନିରନ୍ତର ସେମାନଙ୍କ ଉପରେ ନଜର ରଖିବାକୁ ପଡିବ ଯାହା ଦ୍ୱାରା କୌଣସି ମଣିଷର ମୌଳିକ ସ୍ୱାର୍ଥ ଶୋଷଣ ନହୁଏ।

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

ISSN NO.
2582-208X

# ଦେଶେ ଯେତେ ଶିଶୁ



ଦୀନବନ୍ଧୁ ପୋଇ

ଦେଶେ ଯେତେ ଶିଶୁ ମୁଖେ ହସ ଦିଶୁ
ଏ ଭାବନା ଆମ ଆସୁ
ତାଙ୍କରି ସୁଗୁଣ ହେଉ ଯେ ନିପୁଣ
ଚଉଦିଗେ ତାହା ବାସୁ ।
ଏଥି ପାଇଁ ସିନା ଚାଚାଜୀଙ୍କ ଚିନ୍ତା
ଅତିବ ମହାନ ଥିଲା
ତାଙ୍କ ଜନ୍ମ ଦିନ ନ ପାଳି କହିଲେ
ଖୁସିରେ ରୁହନ୍ତୁ ପିଲା ।
ନାଚି ଗାଇ ଖେଳି ହୋଇ ସବୁ ମେଳି
ବିତାଇ ଦିଅନ୍ତୁ ଦିନ
ତାଙ୍କରି ଭିତରୁ ବହୁ ସମ୍ଭାବନା
ହେବେ ଦେଖ ଜନଗଣ ।
ଅତୀତକୁ ଦେଖ ପଢ ଇତିହାସ
ଯେତେ ଥିଲେ ଶିଶୁ ଆମ
ହୋଇ ବୈଜ୍ଞାନିକ ଆଉ ଗଣିତଜ୍ଞ
ରଖିଛନ୍ତି ଦେଶ ନାମ ।
ଚିକାଗୋ ସହରେ ଭାଷିଲେ ମୁହଁରେ
ଶୂନ ଉପରେ ଯେ କେତେ

ISSN NO.
2582-208X

ବିସ୍ମିତ ହୋଇଲେ ଶୁଣି ସେ ବକ୍ତୃତା
ବସିଥିଲେ ବିଜ୍ଞ ଯେତେ ।
ପୂଜ୍ୟ ବିବେକା ନନ୍ଦ ଥିଲେ ବିଚକ୍ଷଣ
ଭାରତ ମାତାର ଶିଶୁ
ଜନମି ଥିଲେ ବି ଶ୍ରେଷ୍ଠ ସାହିତ୍ୟିକ
ସନ୍ଥକବି ଏଇ ଦେଶୁ ।
ଆସ ଦେଶବାସୀ ପାଳିବା ଯେ ମିଶି
ଶିଶୁଙ୍କ ପାଇଁ ଦିବସ
ଫୁଟିଗଲେ ହସ ମୁଖରେ ତାଙ୍କର
ଦେଶ ହୋଇବ ସରସ ।

ଗୋରଡ଼ା ପାଳ, କରମୂଳ
ଢେଙ୍କାନାଳ, ଦୂରଭାଷ – ୯୯
୩୮୮୦୨୪୧୨

ISSN NO.
2582-208X

# ବିଶ୍ବାସଘାତକତା



କୁଞ୍ଜବିହାରୀ ସାହୁ

ସାଙ୍ଗ ଜଣେ ମୋତେ ଗୁହାରି କରିଲା
ପତ୍ରିକା ଠିକଣା ଦେଏ
ଅବା ମୋ ଲେଖା ସେହି ପତ୍ରିକାରେ
ସଅଳ ଛପାଇ ଦେଏ । ୧

ମୋଅଠୁ ସାହାଯ୍ୟ ପାଇବା ଆଶାରେ
ପତ୍ରିକା ନମ୍ବର ନେଲା,
ମୋତେ ନ କହି ଚଟାପଟ ସିଏ
କବିତା ପଠେଇ ଦେଲା । ୨

ସେହି କବିତାକୁ ମୋତେ ଦେଇକରି
କହିଲା ଦେଖିବୁ ଥରେ,
ମୁଁ ବି ଭାବିଲି ଲେଖା ସେ ଦେଇଛି
ସଜେଇଲି ତା'ପରେ । ୩

କବିତା ଛାଞ୍ଚରେ ସଜାଡ଼ି ସଜାଡ଼ି
ସାଙ୍ଗକୁ ପଠେଇ ଦେଇ

ISSN NO.
2582-208X

କହିଲି – କବିତା ପଠେଇ ଦେଏ ତୁ
ୱାଟସଆପ୍ ନମ୍ବର ଥୋଇ । ୪

କହିବା ଭିତରେ ତା ମୂଳ କବିତା
ହୋଇତ ସାରିଛି ପରା
ଲୁଚାଇ ରଖିଲା ମରମ କଥାକୁ
ହେଇଯିବ କାଳେ ଧରା । ୫

ଏମିତି ସାଙ୍ଗଙ୍କୁ ବିଶ୍ୱାସ କରି ମୁଁ
ପାଇଲି ଅଯଥା ଦୁଃଖ,
କାହାକୁ କେବେ ବି ସାହାଯ୍ୟ ପାଇଁକି
ଖୋଲିବ ନାହିଁଟି ମୁଖ । ୬

ପାଣ୍ଡପଡା, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# ପଶ୍ଚିମ ଓଡ଼ିଶାର ପ୍ରାଣ: ଗଁଡ଼ାବଜାର ଉତ୍ପତ୍ତି ଓ ଇତିହାସ



ରବି ବଗର୍ତ୍ତୀ



ପଶ୍ଚିମ ଓଡିଶା ର କଳା ସଂସ୍କୃତି କେତେଯେ ପ୍ରାଚୀନ ଯାହା ସାରା ପୃଥିବୀ ବ୍ୟାପିଛି। ଏଥିମଧ୍ୟରୁ ଗଁଡ଼ାବଜା ବା ପଞ୍ଚବାଦ୍ୟ ଅନ୍ୟତମ ଏହା ପଶ୍ଚିମ ଓଡ଼ିଶର କଳା, ସଂସ୍କୃତି,ସାହିତ୍ୟ ଓ ସଙ୍ଗୀତର ଅଗ୍ରଧାରା। ବର୍ତ୍ତମାନ ଏହି ଗଁଡ଼ାବଜା ଧୀରେ ଧୀରେ ଲୁପ୍ତ ହେବାକୁ ଲାଗିଲାଣି ଏହାକୁ ନେଇ ଅନେକ ଗବେଷକ ତାଙ୍କର ଅନେକ ମତ ଦେଇଛନ୍ତି। ଯାହାକୁନେଇ ଏହି ଗଁଡ଼ାବଜା କଣ ଏବଂ ଏହାର ଇତିହାସ ବିଷୟରେ ଜାଣିପାରିବା।

## ୧.ଗଁଡ଼ା ମାନେ କିଏ ?:

ଓଡିଶାରେ ଅନେକ ସମ୍ପ୍ରଦାୟ ର ଲୋକ ଦେଖିବାକୁ ପାଉ ଯାହା ସମସ୍ତେ ନିଜର କୌଳିକ ବୃତିକୁ ନେଇ ହିଁ ତାଙ୍କୁ କାର୍ଯ୍ୟ ଭାର ଗ୍ରହଣ କରନ୍ତି ଯେପରି– ସାହୁ ମାନେ ବାଣିଜ୍ୟ କରନ୍ତି, ବ୍ରହ୍ମାଣ ମାନେ ପୂଜାର୍ଚ୍ଚନା କରନ୍ତି, ଝାଙ୍କର ମାନେ ଗ୍ରାମ ଦେବା ଦେବୀ ଙ୍କୁ ପୂଜା କରନ୍ତି, ସେହିପରି ଗଁଡ଼ା ସମ୍ପ୍ରଦାୟ ଓଡ଼ିଶାର ଛତିଶଗଡ ଏବଂ ପଶ୍ଚିମ ଓଡ଼ିଶାର

ISSN NO.
2582-208X

ବଲାଙ୍ଗୀର, ବରଗଡ଼ ଜିଲ୍ଲା ମାନଙ୍କରେ ଏହି ସମ୍ପ୍ରଦାୟର ଅଧିବାସୀ ଅଧିକ ଦେଖିବାକୁ ମିଳନ୍ତି।ଏମାନଙ୍କର ଭିନ୍ନ ଭିନ୍ନ ବିଭାଗ ମଧ୍ୟ ରହିଛି ଯଥା:-କନ୍ଦରୀଆ, କାଣ୍ଡ୍ରିଆ, ଲାରିଆ, କାବରିଆ, ଓଡ଼ିଆ ଓ ସହରିଆ ଭାବରେ ଗଁଡ଼ା ବିଭକ୍ତ। ସେମାନଙ୍କ ଅନ୍ୟାନ୍ୟ ବଂଶ ମଧ୍ୟ ରହିଛି ଯାହା-ନାଗ, ବାଗ, ଦୀପ, ତାଣ୍ଡି, କର୍ଣ୍ଣଲ, ମହାନନ୍ଦ ଇତ୍ୟାଦି ବଂଶ ଭାବରେ ନାମିତ। ଏହିମାନେ ଗଁଡ଼ା ଭାବରେ ପରିଚିତ ।

### ୨.ଏମାନଙ୍କ ବୃତ୍ତି:

ସେମାନଙ୍କ ପାରମ୍ପରିକ ବୃତ୍ତି ହେଉଛି ଲୁଗାବୁଣା ଏବଂ ଗ୍ରାମ, ସହର କୁ ଭ୍ରମଣ କରି ନିଜହାତବୁଣା ବସ୍ତ୍ର ବିକିଥାନ୍ତି, କୃଷିକାର୍ଯ୍ୟ ଏବଂ ଗାଁ ଜଗୁଆଳି ଯାହାକୁ ଗ୍ରାମରଖି ମଧ୍ୟକହନ୍ତି। ଏମାନେ ଗ୍ରାମର ସୁରକ୍ଷା, ଗ୍ରାମରେ କେୟଣସି ଯାତ୍ରା, ପର୍ବ ସମସ୍ତ ସମ୍ବାଦ ଦିଅନ୍ତି ବାଦ୍ୟ ସହକାରେ ଗ୍ରାମ ପରିକ୍ରମା କରି । ସମ୍ବଲପୁରୀ ଭାଷାରେ-

ସୁନ.. ସୁନ.. ସୁନ... ଗାଁର ଲୁକେ ସୁନ...

ଆସବାର୍ ଦଶମୀ ଦିନେ ସବେ ଗାଁ ନ ଥିବା

ଗାଁର୍ ଗନ୍ତିଆ ଘରର୍ ପାରାନୁ

ବଇଲ୍ ଯାତ୍ରା କରବେ ସବେ ପୂଜା ଖଞ୍ଜା ଧରି

ନିଜର ଦୁଃଖ ସୁଖ ଯନାବାର କେ

ସକାଳେ ପୁହୁଁଚିବ ହୋ......।

ଏହାଥିଲା ଗ୍ରାମରଖି ଗଁଡ଼ା ମାନଙ୍କ କୌଳିକ ବୃତ୍ତି। ଯେଉଁ ଗ୍ରାମରେ ଗଁଡ଼ା ନ ଥିଲେ ଅନ୍ୟଗ୍ରାମରୁ ତାଙ୍କୁ କିଛି ଘର ଡିହ ଏବଂ ଜମି ଦାନକରି ସେହି ଗ୍ରାମକୁ ଆଣୁଥିଲେ। ଏମାନେ ଏପରି ଭାବରେ ନିଜର ଜୀବନ ଅତିବାହିତ କରୁଥିଲେ।

ISSN NO.
2582-208X



### ୩.ଏମାନଙ୍କ ଦେବାଦେବୀ

ଓଡ଼ିଶାର ମୁଖ୍ୟ ଦେବତା ଯେପରି ପ୍ରଭୁ ଜଗନ୍ନାଥ ସେହିପରି ପଶ୍ଚିମ ଓଡ଼ିଶାର ଇଷ୍ଟଦେବି ଭାବେ ପୂଜା ପାଆନ୍ତି ସମ୍ବଲପୁର ର ଅଧିଷ୍ଠାତ୍ରୀ ଦେବି ମାଁ ସମଲେଇ। ପଶ୍ଚିମ ଓଡ଼ିଶାର ଅନେକ ସମ୍ପ୍ରଦାୟ ର ଲୋକ ବାସକରନ୍ତି ସମସ୍ତଙ୍କର ମୁଖ୍ୟ ଦେବା ଦେବି ରହିଛନ୍ତି ଯେପରି କେଉଁଟ ମାନଙ୍କ ଲଙ୍କେଶ୍ୱରୀ, ଗଉଡ଼ ମାନଙ୍କ ସମଲେଇ ଠିକ ସେହିପରି ଏହି ଗଁଡ଼ା ସମ୍ପ୍ରଦାୟର ର ମୁଖ୍ୟ ଦେବି ଭାବେ ପୂଜା ପାଆନ୍ତି ଦୁଲ୍ହା, ରାଜଖଣ୍ଡା, କଣାଭୈରୁ, ଗଙ୍ଗାଦେଇ, ବାସ୍ତରେନ, ଶସ୍ତରେନ, ଡୁମା ଇତ୍ୟାଦି ଦେବାଦେବିଙ୍କୁ ମଧ୍ୟ ପୂଜା କରନ୍ତି ।

ନାଗବଂଶୀ ଗଣ୍ଡା ମାନେ ମୁଖ୍ୟତଃ ବସ୍ତରେନ ଏବଂ ଶସ୍ତରେନ କୁ ପୂଜା କରନ୍ତି ।ସେମାନେ ଯଦି ମାନସିକ କରିଥାନ୍ତି ତେବେ ଛେଳି କିମ୍ବା ଘୁଷୁରୀ ବଳି ଦିଅନ୍ତି ଦେବୀଙ୍କୁ ପ୍ରସନ୍ନ କରିବାପାଇଁ ଏବଂ ଏମାନଙ୍କ ପୂର୍ବପୁରୁଷ ମାନେ ମଧ୍ୟ 'ହୁଜୁମ' ଚ଼ିହ୍ନ କାନ୍ଥରେ ଚିତ୍ରିତ କରି ସିନ୍ଦୁର ଏବଂ ଘିଅ ଦେଇ ତ୍ରିଶୂଳ ପରି ଚିତ୍ରିତ କରନ୍ତି ଯାହା ଏହା ଆଦି ପୁରୁଷଙ୍କ ଠାରୁ ପ୍ରଚଳିତ ଏଥିରେ ପ୍ରତୀକ ସମାନତା ସ୍ୱତନ୍ତ୍ରତା ଏବଂ ବନ୍ଧୁତାର ପ୍ରତୀକ ଏହି ସମ୍ପ୍ରଦାୟ ଏହିପରି ଭାବରେ ଦେବାଦେବୀଙ୍କୁ ପୂଜାକରନ୍ତି ।

ISSN NO.
2582-208X

୪.ଏମାନଙ୍କ ସ୍ୱତନ୍ତ୍ର ପରିଚୟ ଏବଂ ପଞ୍ଚ ବାଦ୍ୟ କଣ:

ଗଣ୍ଡା ଜନଜାତି ମଧ୍ୟରେ ପଞ୍ଚ କଳା ଦେଖିବାକୁ ମିଳେ ଯାହାକୁ ସେମାନେ ପଞ୍ଚକଳା କହନ୍ତି ଯଥା –
ନୃତ୍ୟକଳା, ସଂଗୀତକଳା, ବ୍ୟବସାୟ ଏବଂ ଯୁଦ୍ଧକଳା ଏହା ହେଉଛି ଏମାଙ୍କର ସ୍ୱତନ୍ତ୍ର ପରିଚୟ । ଏମାଙ୍କର ପରମ୍ପରା ମହାନ, ଏମାନଙ୍କର କଳା ମହାନ, ସେମାନଙ୍କର ଭାଷା ମଧ୍ୟ ମହାନ । ଏମାନେ ନିଜର ସ୍ୱତନ୍ତ୍ର ସଙ୍ଗୀତ ବାଦ୍ୟ ପାଇଁ ହିଁ ପ୍ରସିଦ୍ଧି ଅର୍ଜନ କରିଛନ୍ତି। ଯାହାକୁ ଆମେ ଗଁଡ଼ା ବଜା ବୋଲି ସମସ୍ତେ ଜାଣୁ – ଢୋଲ, ନିଶାନ, ତାସା, ମହୁରୀ ଏବଂ ଟିମକିରି ବ୍ୟବହାର ହୋଇଥାଏ ତେଣୁ ଏହାକୁ ପଞ୍ଚବାଦ୍ୟ ମଧ୍ୟ୍ୟ କୁହାଯାଏ। ଯାହା ପୂର୍ବରୁ ରାଜା ଜମିଦାର ମାନେ ନିଜର ବିବାହ ଉତ୍ସବ, ମୃତ ଶବକୁ ଶ୍ମଶାନ ଅଭିମୁଖେ ନେବା ବେଳେ ଏହି ପଞ୍ଚ ବାଦ୍ୟ ର ସାହାଯ୍ୟ ଲୋଡ଼ନ୍ତି ଯାହା ଏହି ସମ୍ପ୍ରଦାୟ ର ବ୍ୟକ୍ତି ଏହାକୁ ସମ୍ପାଦନ କରନ୍ତି ।

ପଶ୍ଚିମ ଓଡିଶାର ମାଟି ଯେପରି ଉର୍ବର, ସେପରି ଏଠାର କଳା ସଂସ୍କୃତି ମଧ୍ୟ ସୁର ଓ ସଂଗୀତରେ ପରିପୂର୍ଣ୍ଣ। ଏଠାର ଜନଜୀବନ, ଉତ୍ସବ ଓ ଶ୍ରମ ସବୁରେ ଗଣ୍ଡାବଜା ହେଉଛି ମୂଳ ସୁର – ଯେପରି ମାଟିର ନାଭିରୁ ଉଠିଥିବା ଏକ ଜୀବନ ଗୀତ ।

ନିଶାନ, ଢୋଲ, ଝାଞ୍ଜ ବା ଟିମକିରି, ମହୁରୀ, ତାସା — ଏମାନେ କେବଳ ବାଦ୍ୟ ନୁହନ୍ତି, ଏମାନେ ହେଉଛନ୍ତି ମାଟିର ପାଞ୍ଚ ତତ୍ୱର ସୁର ।

ନିଶାନ — ମାଟିର ଗଭୀର ଧଡ଼କନ ଯାହା ଦୂର ଦୁରାନ୍ତର ଏହାର ପ୍ରକମ୍ପିତ ଧ୍ୱନି ରେ ମନକୁ ଟାଣିଆଣେ।

ଢୋଲ — ଜଳର ଝରଣା ଧ୍ୱନି ପରି କୋମଳ ଏବଂ ଏହିବାଦ୍ୟ ପ୍ରଧାନ ଉତ୍ସ ଭାବେ ପରିଗଣିତ ।

ଝାଞ୍ଜ /ଟିମକିରି — ଅଗ୍ନିର ଉତ୍ସାହ ଯାହା ଭ୍ରମର ପରି ଗୁଞ୍ଜରଣ ସୃଷ୍ଟି କରେ ।

ମହୁରୀ — ବାୟୁର ସ୍ପନ୍ଦନ ସମସ୍ତ ଙ୍କ ମନକୁ ମୋହି ନିଏ ଏହି ମହୁରୀ ମାଧ୍ୟମରେ ଦେବଦେବୀ ଙ୍କୁ ଆବାହନ କରାଯାଏ ବିଭିନ୍ନ ସ୍ୱର ବଦଳାଇ ।

ISSN NO.
2582-208X

ତାସା — ଆକାଶର ଗର୍ଜନ ପରି ଗର୍ଜି ସମସ୍ତଙ୍କୁ ନଚେଇ ଦିଏ ।

ଏହି ପାଞ୍ଚ ଧ୍ୱନି ମିଶି ତିଆରି କରେ ଗାଁ ମାଟିର ପଞ୍ଚଭୂତ ସଂଗୀତ ପଞ୍ଚ ବାଦ୍ୟ ବା ଗଣ୍ଡାବଜା। ।

ଯେଉଁଠି ଗଣ୍ଡାବଜା ର ବାଦ୍ୟ ଆରମ୍ଭ, ସେଠି ମାଟି ନାଚେ, ମଣିଷ ହସେ, ଦେବତା ମନେ ପଡ଼ନ୍ତି।"

ଏହି ବାଦ୍ୟ ଗାଁକୁ ଜୋଡ଼େ, ମଣିଷକୁ ଏକତାରେ ବାନ୍ଧେ, ଭିନ୍ନ ଭିନ୍ନ ଜୀବନକୁ ଏକ ଲୟରେ ମିଶାଏ ।

ଆଜି ଗଣ୍ଡାବଜା ଗାଁ ଠାରୁ ମଞ୍ଚକୁ ଆସିଛି। ଦେଶ ଓ ବିଦେଶରେ ଏହାର ନୂଆ ପରିଚୟ ଗଢ଼ୁଛି, ତଥାପି ଏହାର ମୂଳ ରହିଛି ସେଇ ମାଟିରେ — ଯେଉଁଠି ଜଣେ ଚାଷୀ ତାଙ୍କ ଗାମୁଛାରେ ଝାଳ ପୋଛି ଗଣ୍ଡା ହାତେ ନେଇ କାର୍ଯ୍ୟ ତୁଲାନ୍ତି ।

ଗଣ୍ଡାବଜା ହେଉଛି ଆମ ମାଟିର ପରିଚୟ, ଆମ ଜନଜୀବନର ମିଥ୍ — ଯେଉଁଠି ଶିବଙ୍କ ତାଣ୍ଡବ ମିଶିଛି ମା' ସମଲେଶ୍ୱରୀଙ୍କ ଆଶୀର୍ବାଦ ସହ।ଏହି ହେଉଛି ମାଟିର ପ୍ରାଚୀନତା, ଯେଉଁଠିଅଛି ଆମ ଜୀବନ, ଆମ ଗର୍ବ — ଗଣ୍ଡାବଜା। ପଶ୍ଚିମ ଓଡିଶାର ଦେବିମାନଙ୍କ ଠାରେ ବାଜୁଥିବା ଏକ ସଙ୍ଗୀତ ଏବଂ ବାଦ୍ୟ ଉଦାହରଣ –

ସଙ୍ଗୀତ –"ଜୁହାର୍ ଜୁହାର୍ ମା ଗୋ ସମ୍ବଲପୁର୍ ବାସିନୀ
ତୋର୍ ପାଦେ କରେ ମୁଇଁ ଦଇନି...
ମାଁ ଗୋ...ଢ଼ାପି ରଖି ଥିବୁ ପନତ୍ କାନି
ମା ଗୋ...ତୋର୍ ପାଦେ କରେ ମୁଇଁ ଦୟିନୀ ।"
ବାଦ୍ୟ– ଗିନ ଜାଗିନିକି... ଜାଗିନିକି.....ଜାଗିନିକି
ଗିନ ଚାକିନିକି..... ଚାକିନିକି... ଗିନ..... ।

ମହୁରୀ ର ସୁରେ ସୁରେ ଏହି ବାଦ୍ୟ ବାଜେ, ଏହିପରି ଭାବରେ ସମସ୍ତ ଦେବାଦେବୀଙ୍କୁ ଆରାଧନା ସମୟରେ ଏହିପରି ପରିବେଷଣ କରିଥାନ୍ତି । ମହୁରୀଆ ପ୍ରଥମେ ଆରମ୍ଭ କରେ ଏବଂ ଅନ୍ୟାମାନେ ଏହାକୁ ବାଦ୍ୟ ଦ୍ୱାରା ଆବାହନ କରିଥାନ୍ତି ।

ISSN NO.
2582-208X

### ୫.ଗଁଡ଼ାବଜାର ପ୍ରାଚୀନତା ବା ଇତିହାସ:

ଗବେଷକ ମାନଙ୍କ ଅନୁସାରେ ଏହା ବହୁ ପ୍ରାଚୀନ ଯାହା ଅଶୋକ ସମ୍ରାଟଙ୍କ ପୁତ୍ର ମହେନ୍ଦ୍ର ଓ ଯେଇ ସଂଘମିତ୍ରା ଯେନ୍ ଙ୍କ ସମୟରେ ଶ୍ରୀଲଙ୍କା ଯାଇଥିଲେ ସେମାନେ ତାଙ୍କସହ ଗଁଡ଼ା ବଜାକୁ ବିଜୟର ସଂକେତ ଭାବରେ ନେଇଯାଇଥିଲେ। ଆଜିବି ମଧ୍ୟ ଶ୍ରୀଲଙ୍କାର ବୌଦ୍ଧ ବିହାର ମାନଙ୍କରେ ଗଁଡ଼ା ବଜା ର ଆଭାସ ଦେଖିବାକୁ ମିଳେ। ପ୍ରାଚୀନ ବାଦ୍ୟ ଯନ୍ତ୍ର ଭାବରେ ଏହି ଗଁଡ଼ା ବଜାକୁ ହିଁ ପ୍ରଥମ ବାଦ୍ୟ ଭାବରେ ଧରା ଯାଏ, ଅନେକ ରାଜମହଲ ଖଣି ଶିଳାଲେଖରେ ପ୍ରମାଣିତ ଅଛିଯେ ନର୍ତ୍ତକ ନର୍ତ୍ତକୀ ମାନେ ଢୋଲ ଧରି ବଜାଉଥିବାର ଦୃଶ୍ୟ ଦେଖିବାକୁ ମିଳେ। ଢୋଲ ଏହା ଏକ ପ୍ରକାର ବାଦ୍ୟ ଯାହା ଉଭୟ ପାର୍ଶ୍ଵ ସମାନ୍ତରାଳ ଥାଏ। ଏହି ବାଦ୍ୟ ସେହି ଗଣ୍ଡା ମାନଙ୍କ ପ୍ରଧାନ ବାଦ୍ୟ ଭାବରେ ଗଣନା କରନ୍ତି, ତେଣୁ ଏହା ବହୁ ପ୍ରାଚୀନ ବାଦ୍ୟ। ଏହି ପଞ୍ଚ ବାଦ୍ୟ ହିଁ ଦେବୀଙ୍କ ଶକ୍ତି କୁ ଆୟତ୍ତ କରି ପାରେ ଏହି ବାଦ୍ୟ ର ମହତ୍ୱ ଏତେ ମହାନ ଯେ ।

ଗଣ୍ଡାବଜା କେବଳ ମନୋରଞ୍ଜନ ପାଇଁ ନୁହେଁ, ଏହା ଦେବଦେବୀଙ୍କ ପୂଜା ଓ ସମ୍ମାନର ଏକ ଆତ୍ମିକ ମାଧ୍ୟମ। ମା ସମଲେଇ, ମା ମାନିକେଶ୍ୱରୀ, ମା ଦୁର୍ଗା, ମା ଘଣ୍ଟେଶ୍ୱର, ମା ସୁରେସ୍ୱରୀ, ମା ମଂଗଳା, ମା ପାଟନଣେଶ୍ୱରୀ, ମା କାଳୀ, ଏବଂ ଭଗବାନ ଶିବ ଙ୍କ ପୂଜାରେ ଏହି ବାଦ୍ୟ ସହକାରେ ତାଙ୍କୁ ଆବାହନ କରାଯାଏ । ଗାଁର ମଙ୍ଗଳ, ସୁଖ-ଶାନ୍ତି ଓ ଦୁଷ୍ଟଶକ୍ତି ଦୂର କରିବା ପାଇଁ ଗଣ୍ଡାବଜାର ଧ୍ୱନିକୁ ଶୁଭ ମନାଯାଏ। ଏହି ବାଦ୍ୟ ମାଧ୍ୟମରେ ହିଁ ସେମାନଙ୍କ ଶକ୍ତି ଆୟତ୍ତ କରିହୁଏ ଏବଂ ବାଦ୍ୟକାର ମାନେ ସମସ୍ତ ଦେବାଦେବୀଙ୍କ ଅନ୍ୟାନ୍ୟ ଢାଞ୍ଚା ର ବାଦ୍ୟ ମାଧ୍ୟମରେ ସମସ୍ତ ଦେବଦେବୀଙ୍କୁ ଶକ୍ତି ଆୟତ୍ତ କରିହୁଏ ଏବଂ ତାଙ୍କୁ ସନ୍ତୁଷ୍ଟ ମଧ୍ୟ କରିହୁଏ ।

### ୬.ଗଁଡ଼ାବଜା ଲୁପ୍ତ ହେବାର କାରଣ :

ଗବେଷଣା ଅନୁଯାଇ ଗବେଷକ ମାନଙ୍କ ମତରେ ଗଁଡ଼ା ବଜାର ଲୁପ୍ତ ହେବାର ଅନେକ ଗୁଡ଼ିଏ କାରଣ ରହିଛି ପ୍ରଧାନତ ଆଧୁନିକ ବାଦ୍ୟଯନ୍ତ୍ର ର ବ୍ୟବହାର ହେବା ଦ୍ୱାରା ଏବଂ ଲୁପ୍ତ ହେବାର ବିଶେଷ କାରଣ ହେଉଛି ପାରିଶ୍ରମିକ କାରଣ ଯାହା ଯାହା ଗଁଡ଼ା ବଜାରେ ପାଞ୍ଚ ରୁ ଛଅ ଜଣ ବ୍ୟକ୍ତି ବାଦ୍ୟକାର ରହନ୍ତି, ସେମାଙ୍କୁ ସଠିକ ପାରିଶ୍ରମିକ ନଦେବାରୁ ନୁଆଁ ଯୁବଗୋଷ୍ଠି ଦାଦନ ଖଟିବାକୁ ଅନ୍ୟଦେଶକୁ ଯାଉଛନ୍ତି ଯାହା ଏହି ଗଁଡ଼ା

ISSN NO.
2582-208X

ବଜା ଲୁପ୍ତ ହେବାକୁ ଲାଗିଛି। ଏମାନଙ୍କୁ ଅଛୁଆଁ କହି ଉପଯୁକ୍ତ ରହଣି ପାଇଁ ସ୍ଥାନ ତଥା ଉଚିତ ସମ୍ମାନ ନ ମିଳିବାରୁ ଏବେ ଏମାନେ ଏହାକୁ ଛାଡି ଅନ୍ୟ ଦେଶକୁ ଖଟିବାକୁ ଯାଉଛନ୍ତି। ସାମାଜିକ କୁ ସଂସ୍କାର ଜାତିଭେଦ ପାଇଁ ତାଙ୍କର ରହଣି ତାଙ୍କର ବାସସ୍ଥାନ ତାଙ୍କ ଖାଦ୍ୟପେୟ ବ୍ୟବସ୍ଥା ରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ ।

ଆଧୁନିକ ବାଦ୍ୟ ଯନ୍ତ୍ର କୁ ଆବୋରିନେଇ ଗଁଡ଼ାବଜାର ଅସ୍ତିତ୍ୱକୁ ଲୋପ ହେବାକୁ ଦେଉଛନ୍ତି।ଯାହା ପ୍ରାଚୀନ କଳା ସଂସ୍କୃତି ଲୁପ୍ତ ହେବାକୁ ଲାଗିଛି ଏବଂ ସରକାରଙ୍କ କଳାକାର ସୁବିଧାରୁ ବାଦ ହୋଇ ଏମାନେ ନିଜକୁ ଅସହାୟ ମନେ କରୁଛନ୍ତି ଓ କଳାକାର ଭାବରେ ତାଲିକାରୁ ବଞ୍ଚିତ ହେଉଛନ୍ତି। ତେଣୁ ଏହିସବୁ କାରଣକୁ ନେଇ ଗଁଡ଼ାବଜା ଲୁପ୍ତ ହେବାକୁ ଯାଉଛୁ ବୋଲି ଗବେଷକ ମାନେ ମତ ପୋଷଣ କରିଛ ।

ଆମଲୋକ କଳା, ଲୋକ ସଂସ୍କୃତି ପଞ୍ଚବାଦ୍ୟ ଗଁଡ଼ାବଜା ସହିତ ପ୍ରାଚୀନରୁ ଜଡିତ ହୋଇଛି ଯାହା ଗଁଡ଼ା ସମ୍ପ୍ରଦାୟର ବାଦ୍ୟ ପରିବେଷଣକାର ମାନଙ୍କୁ ଉଚିତ ବ୍ୟବହାର, ଉପଯୁକ୍ତ ପାରିଶ୍ରମିକ ତଥା ସରକାର କଳକାର ତାଲିକା ଭୁକ୍ତ କଲେ ଏହି କଳା ସଂସ୍କୃତି ବଞ୍ଚି ରହିବ ବୋଲି ଗବେଷକ ମାନଙ୍କ ମତ।ଗଁଡ଼ାବଜା କେବଳ ଗାଁର ଗୀତିବାଦ୍ୟ ନୁହେଁ, ଏହା ହେଉଛି ଆମ ମାଟିର ମନ, ଆମ ଲୋକଜୀବନର ସ୍ୱର। ଏହାର ଧ୍ୱନିରେ ଜାଗେ ମାଟିର ଗନ୍ଧ, ଜନମେ ଆତ୍ମଗୌରବ ଓ ଏକତାର ଭାବ। ଆଜି ଯେତେବେଳେ ଆଧୁନିକତା ଓ ଯନ୍ତ୍ର ସଙ୍ଗୀତ ମାନବ ମନକୁ ଆକ୍ରମଣ କରୁଛି, ସେତେବେଳେ ଗଁଡ଼ାବଜା ଆମକୁ ମନେ ପକାଏ — ଆମ ମୂଳ, ଆମ ସଂସ୍କୃତି, ଆମ ସ୍ୱର ଏହି ମାଟିରେ ନିହିତ। ତେଣୁ ଏହି ପାରମ୍ପରିକ ସଙ୍ଗୀତକଳାକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ, ଯେପରିକି ଗଁଡ଼ାବଜାର ସୁର ସଦା ସଦା ପର୍ଯ୍ୟନ୍ତ ଆମ ମାଟିରେ ଗୁଞ୍ଜିତ ହୋଇ ରହେ ।

ଗ୍ରନ୍ଥସୂଚି:

୧- ପଶ୍ଚିମ ଓଡ଼ିଶାର ଲୋକସଂଗୀତ 'ଗଣ୍ଡା ବାଜା' ପରିବର୍ତ୍ତନର ପରମ୍ପରା।
୨- ଓଡ଼ିଶର ଆଦିବାସୀ – ବୃନ୍ଦାବନ ଚନ୍ଦ୍ର ପଟ୍ଟନାୟକ
୩- ଜନଜାତି ସଂସ୍କୃତି ଓଡ଼ିଆ ସାହିତ୍ୟରେ ନବ ସଂରଚନା -ନଗେନ କୁମାର ଦାଶ
୪. ଓଡ଼ିଶାର ଜାତିୟ ଓ ଗଣ୍ଡା ସମ୍ପ୍ରଦାୟ- ଜୟପ୍ରକାଶ ସାହୁ

ବରଗଡ଼, ବିଜେପୁର, ସାଧୁପାଲି
ମୋ: 8260904451

ISSN NO.
2582-208X

# ବେଜ ଜନେ ସମଦଶା....



ରଂଜିତ ନାଏକ

ଗ୍ରାମରୁ ସହର ଧନୀରୁ ଗରିବ
କେତେ ଯେ ଚଳ ଚଞ୍ଚଳ
କାର୍ତିକ ମାସର ଲାଭେ,
ପ୍ରକୃତରେ ଯଦି ଏହା ଘଟୁଥାନ୍ତା
ଆଜିବି ସମାଜ କାହିଁକି ଚାଲନ୍ତା
ସାନବଡ଼ ଭେଦଭାବ ଘୃଣ୍ୟ ଭାବେ

ଦିନରାତି ଆଜି ଗହଳି ଚହଳି
ଶଙ୍ଖ ଘଣ୍ଟ ଝାଞ୍ଜ ମୃଦଙ୍ଗରେ
ଉଚ୍ଚ ମାଇକ ଧ୍ୱନିରେ
କେତେ ଗୀତା ପାଠ ପୁରାଣ ପ୍ରବଚନରେ,
ଆଶ୍ଚର୍ଯ୍ୟ ଲାଗୁଛି ଭାବନାଟି ଅଛି ଯେମିତି ସେମିତି
ଶହେ ବର୍ଷତଳେ ଯାହାଥିଲେ

ଭଗବାନ ବୋଲି ସମସ୍ତେ ମାନନ୍ତି
ମଣିଷକୁ ମାନନ୍ତି ନାହିଁ
ଭଗବାନ ଯେବେ ଆମର ହୋଇଲେ
ମଣିଷକୁ ଏତେ ଘୃଣା କାହିଁ?

ISSN NO.
2582-208X

ମାନ କି ନ ମାନ ପୂଜ କି ନ ପୂଜ
ମଣିଷ ମଣିଷ ରହିବ
ସୃଷ୍ଟିକର୍ତ୍ତା କେବେ କହିତ ନାହାନ୍ତି
ମଣିଷଙ୍କୁ ଘୃଣା କରିବ

ଭକ୍ତ ଭଗବାନ ବେନି ଜନେ ଜାଣ
ଠକାମୀର ଶିକାର ହୁଅନ୍ତି
ନା ଭକ୍ତ ପାଉଛି ନା ଭଗବାନ ଖାଉଛି
କେବଳ ଶୋଷଣରାଜ ଚାଲିଛି

ମନୁଷ୍ୟ ବିଚରା ଆଗେ ଯାହାଥିଲା
ଏବେବି ସେମିତି ରହିଛି
ବୁଦ୍ଧିରେ ଉନ୍ନତି କଲେ କଣ ହେବ
ଚନ୍ଦ୍ରକୁ ମାମୁଁ କହୁଛି

ମିଥ୍ୟା ପଥ ତେଜି ସତ୍ୟକୁ ଖୋଜିଲେ
ଉନ୍ନତି ବିକାଶ କରିବା
ପ୍ରାକୃତିକ ଜଗତରେ ପ୍ରକୃତିର କୋଳରେ
ହସିଖେଳି ଜୀବନ ବିତାଇବା

ସତ୍ୟ ଅହିଂସା ମାର୍ଗ ଖୋଜି ଆମେ
କରୁଣା ଦୟା ମାଗୁଛେ
ମନଟି ଆମର ଘୃଣା ଅହଂକାରେ
ଜନ୍ମରୁ ମୃତ୍ୟୁ ଘାଣ୍ଟି ହେଉଛେ

ଆମେ ଯଦି ଏତେ ଧର୍ମ ପାରାୟଣ
ଖାଇବାକି ଆଜି ରାଣ

ISSN NO.
2582-208X

ଜୀବନରେ କେବେ କାହାକୁ କେଉଁଠି
କରିବାନି ହଇରାଣ

ସମସ୍ତ ପ୍ରାଣୀଙ୍କୁ ସ୍ରଷ୍ଟାଙ୍କ ସୃଷ୍ଟି ଜାଣି
ଦେବାନାହିଁ ଆମେ ବଳି
ଜୀବନରେ ଆମେ ବଂଚିଥିବା ଯାଏଁ
କରିବାନି କେବେ କଳି

ବଳିବି ମରୁଛି ଆମେ ବି ମରୁଛେ
ଆଜି କାଲି ଯେବେ ହେଲେ
ସବୁଜାଣି ଯଦି ମଣିଷ କରୁଛି
କଷ୍ଟଲାଗେ ସେତେବେଳେ

ମାସସାରା ବ୍ରତ ତପ କରି
ହବିଷ ଚାରିଆଡ଼େ ଚାଲେ
ଛାଡ଼ଖାଇ ନାମରେ ପୁର୍ଣିମାବାସିରେ
କେଜେ ଶହ ଶହ ନିରୀହ ପ୍ରାଣୀ ମଲେ

କି ଧରମ କରୁଛେ ଆମେ
ଭାବି ଭାବି ମୋର ମତି ଭ୍ରମେ
ଆମ ବୁଦ୍ଧି ଲାଗେ ନାହିଁ
ମନୁଷ୍ୟ କାମରେ ଆମର ଏଇ ଧରାଧାମେ

ଉଦୟପୁର, ବୌଦ୍ଧ
8114852494

ISSN NO.
2582-208X


# ନୀରବତା



ପୂଜାରାଣୀ ସେଠୀ

ସବୁ ନୀରବତା ଉତ୍ତର ଦେଇ ଜାଣେନା
ଖାଲି ପ୍ରଶ୍ନ କରେ
କହିଯାଏ ଅନେକ କିଛି ଭାବ ଅନୁଭବର ନୂଆ ରାଗିଣୀ
ଆଉ ପ୍ରଶ୍ନ ଉତ୍ତରର ନୂଆ ଏକ ଝଲକ ।

ଏ ରାତି ଗୁଡାବି କେଡେ ଅଜବ ସତେ
ଏ ରାତି କେବେ ଜହ୍ନ ଆଣେ
କେବେ ନିଦ ଆଙ୍କେ
କେବେ ସ୍ୱପ୍ନ ବୁଣେ
କେବେ ଲୁହ ଆଣେ ।...

ପୁଣି କେବେ କେବେ ଆଣି ଆସେ
କିଛି ନୀରବତା କିଛି ଅଭିଳାଷ କିଛି ସଙ୍କୋଚ ଆଉ ଶୂନ୍ୟତା...
ହେଲେ ନିରବୀ ଯାଇଥିବା ସେ ମନକୁ କଣ ସେ ଆଙ୍କି ପାରିବ
ତା ରଙ୍ଗ ତୂଳୀରେ
ନା ତାକୁ ସଜେଇ ପାରିବ ଶବ୍ଦ ଶୃଙ୍ଗାରରେ ସେ ଉପନ୍ୟାସରେ
ନା ତାକୁ ଅଭିନୟ କରାଇ ପାରିବ ଜୀବନ ନାଟକର ପଛ ପରଦାରେ ...

କାହିଁକି ତୁମେ ଏତେ ନୀରବ
ସେ ନୀରବତାରେ ମୋର ଭୁଲ କଣ

ISSN NO.
2582-208X

ସେ ଜହ୍ନରେ ନିଜକୁ ହଜେଇସାରିଥିବା ଏ ମନଟା
ପୁଣି ସେ ଜହ୍ନ ଆଲୁଅରେ ଲୁଚକାଳି ଖେଳେ କାହିଁକି ?....

ତୁମେ ସିନା ଖୋଜ ନାହିଁ
କିନ୍ତୁ ଯେବେ ମୁ ଖୋଜି ନିଜକୁ ପାଏ ନାହିଁ ଅନେକ କଷ୍ଟ ହୁଏ
ସତେ ଯେମିତି ତୋ ପାଇଁ ଥିବା ସେ ଅଭିଳାଷ ଗୁଡ଼ିକ
ଜିଅନ୍ତା ଶୋକ ସାଗରରେ ଭାସି ବୁଲନ୍ତି ।

ଉଡି ବୁଲନ୍ତି ଏ ଦିଗରୁ ସେ ଦିଗ
ତୁମ ମନରେ ଛୋଟ ଜାଗା ଟିଏ ପାଇଁ କିଛି ଉତ୍ତର ପାଇଁ
କିନ୍ତୁ ତୁମର ସେ ନୀରବତା ଉତ୍ତର ଠାରୁ ଅନେକ କିଛି ପ୍ରଶ୍ନ ପଚାରେ ...

ଏଇ ଯେମିତି ଆଜି
ତୁମର ସେ ଭାବପ୍ରବଣତା ଠାରୁ ଏତେ ନୀରବତା କାହିଁକି ?...
କାହିଁକି ସେଦିନ ସେ ବିଦେଶ ଯାତ୍ରା ସମୟରେ
ଆସିଥିବା କଲଟି ଶେଷ କଲ ହେଇ ରହିଗଲା ?...
ବର୍ପଦା ଆସିଲେ ଜଣେଇବ କହି
ଘରକୁ ଗଲା ପରେ ବି ଏତେ ସଙ୍କୋଚ ନୀରବତା
ଆଉ ସେ ଅଚିହ୍ନାର ପରିଚୟ କାହିଁକି ?...

ଖାଲି ଯାହା ଉତ୍ତରଟା ସିନା ଦେଇପାରିଲନି
କିନ୍ତୁ ତୁମ ନୀରବତା ସେଦିନ ଆତ ଚିତ୍କାର କରୁଥିଲା
ପରିଷ୍କାର କରି କହିଦେଉଥିଲା
ତୁମ କଷ୍ଟ ଯନ୍ତ୍ରଣା ଆଉ ।.... ଅନେକ କିଛି
ଯାହା ତୁମର ସେ ନୀରବତା ଠାରୁ ସାଉଁଟି ଆଣିବାକୁ ମୁ ଆଜିବି ଅସମର୍ଥ ... ।

ଅନ୍ଧାରୀ, ଆବୁଲପୁରା, ଯାଜପୁର

ISSN NO.
2582-208X

# କବିତା



କାଳ ପ୍ରସାଦ ମହାପାତ୍ର

ହେ! କବିତା
ତୁମେ ଆଦି ଅନ୍ତ ସୃଷ୍ଟିର
ଆକାଶର ସପ୍ତ ରଙ୍ଗୀ ଇନ୍ଦ୍ରଧନୁ
ଆକାଶର ଭସା ବାଦଲ
ଆଉ ବିଜୁଳି କନ୍ୟା ।।

ହେ! କବିତା
ତୁମେ କବିର ମାନସୀ
ଇନ୍ଦ୍ରପୁରୀର ଅପସରାରଣ
କବି ହୃଦୟର ନିରବସ୍ପନ୍ଦନ
ଆଉ ଆଖିର ତାରା ।।

ହେ। କବିତା
ତୁମେ କବିର ଲେଖନୀର
ଗୀତା ଭାଗବତ ପୁରାଣ
ରାମାୟଣ ମହାଭାରତ
ଆଉ ବେଦବାଣୀ।।

ହେ! କବିତା
କାଳିଦାସ କବିର ତୁଳସୀଙ୍କ

ISSN NO.
2582-208X

ଲେଖନୀର ମହାଶକ୍ତି
ସରସ୍ୱତୀଙ୍କ ବରଦାନ
ଆଉ ଅମରତ୍ୱ ।।

ହେ! କବିତା
ତୁମେ ସାଗରର ଗଭୀରତା
ତାର ହୀରା ମୋତି ମାଣିକ
ଶାନ୍ତ ଉତ୍ତାଳ ତରଙ୍ଗ ମାଳା
ଆଉ ରତ୍ନର ଭଣ୍ଡାର।।

ହେ! କବିତା
ତୁମେ ଜଙ୍ଗଲର ସବୁଜିମା
ନିର୍ମଳ ଝରଣାର ସ୍ୱଚ୍ଛ ନୀର
ରଙ୍ଗବେରଙ୍ଗର ପୁଷ୍ପ
ଆଉ ପକ୍ଷୀର କାକଳୀ।।

ହେ! କବିତା
ତୁମେ ହିମାଦ୍ରୀର ଉତ୍ତଙ୍ଗ ଶିଖର
ତାର ସୁଭ୍ର ସ୍ଫଟିକ କାନ୍ତି
ଦେବରାଜଙ୍କ ସ୍ୱର୍ଗପୁର
ଆଉ ଶଙ୍କରଙ୍କ ତପ ।।

ହେ! କବିତା
ଆଜି ମନରେ ଭାବନାରେ
ସାଗରର ଅତଳ ଗର୍ଭରେ
ବିଶ୍ୱବାସୀଙ୍କ କଳା ସଂସ୍କୃତିର
ଆଉ ଅଭୁଲା ସ୍ମୃତିରେ । ।

ଶିକ୍ଷକ
ବନ୍ଧୁଗାଁ, କୋରାପୁଟ

ISSN NO.
2582-208X

# ଆହୁତି



ଡାଃ. ଅନିତା ପଣ୍ଡା

-- ୧୪ --

ତୁମେ ଯାହା କରୁଛ ଠିକ୍ କରୁନ ଅରୁ । ବନ୍ଧୁ ମିଳନ ମାନଙ୍କରେ ଅଂଶ ଗ୍ରହଣ ନ କଲେ କ୍ରମେ କ୍ରମେ ତୁମେ ସଂପୂର୍ଣ୍ଣ ଏକା ହୋଇଯିବ ।

ସବୁକଛି ଜାଣି ତୁମକୁ ଏମିତି କହିବା ଶୋଭୁ ଦିଏନା ସିନୁ ଦିଦି । ଅବଶ୍ୟ ତୁମ ଜାଣିବା ଅନ୍ତରାଳରେ ଆହୁରି ଅନେକ କଛି ରହିଛି । ଶୁଣିବାର ଧୈର୍ଯ୍ୟ, ସାହସ ତୁମ ପାଖେ ଅଛି ତ ?

କ'ଣ କହିବାକୁ ଚାହୁଁଛ ?

ତେବେ ଶୁଣ କେତୋଟି ଉଲ୍ଲେଖନୀୟ ବିବରଣୀ । ନଳନୀଙ୍କର ଘର ଛାଡ଼ି ଯିବାର କେତେ ଦିନ ବାଦ୍ ସେଦିନ କଲେଜ ଟିଚର ରୁମ୍‌ରେ ପାଦ ଦେଉ ଦେଉ କେତେଜଣ ସହକର୍ମୀ କହି ଉଠିଲେ, "ତୁମ ଦେହ ଅସୁସ୍ଥ କ ଅରୁନ୍ଧତୀ । ଏଇ କେତେଦିନ ଭିତରେ ତୁମେ ପନ୍ଦର ବର୍ଷ ଆଗକୁ ଚାଲିଗଲ୍ ପରି ଦେଖା ଯାଉଛ !" ଏଇମିତି କେତେ କ'ଣ ଟିପ୍ପଣୀ ଦେଇ ବନ୍ଧୁମାନେ ଯେଝା ଯେଝା କାମରେ ଚାଲି ଯାଉଥିଲେ ।

ତୁମର ମଧ୍ୟ ମନେଥିବ ଜଜର କେତେଟା ଉପଦେଶ । ମୋ ହାତ ଉପରେ ହାତ ରଖି ତୁମେ କହି ଚାଲିଥିଲ, "ଯାଙ୍କ ଠଉଁ ମୁଁ ଯାହା ଶୁଣିଛି ସେଇଥିରେ ମୋର ଯାହା ଜ୍ଞାନ ଅରୁ। ମୁଁ କ'ଣ ଡାକ୍ତର । ଇଏ କୁହନ୍ତୁ ହଠାତ୍ ଯଦି କାହା ଶରୀରରେ ଏମିତି ଅବନତି ଦେଖା ଦେଇଥାଏ କଛି ମାରାତ୍ମକ ରୋଗକୁ ବାଦ୍ ଦେବା ପାଇଁ ପରୀକ୍ଷା କରାଇବା ଶ୍ରେୟ । ଯାଙ୍କର ତ କାମ ସେଇଆ । କୁହନ୍ତୁ ରୋଗ ବଢ଼ିଗଲେ ଜୀବନ ଘାତକ ହେବାର ସମ୍ଭାବନା

ISSN NO.
2582-208X

ରହିଥାଏ। ସେ କର୍କଟ ରୋଗଟା ସେମିତି । ମୁଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛି ତୁମକୁ ସେ ସୁସ୍ଥ ରଖନ୍ତୁ । ମାତ୍ର ମୋର ଅନୁରୋଧ ଥରଟେ ତୁମେ ଯାଇ ପରୀକ୍ଷା କରାଇ ଦେଇ ଆସ । ମୁଁ ସ୍ୟାଙ୍କ ସହ କଥାବାର୍ତ୍ତା କରି ତୁମ ପାଇଁ ସମୟ ସ୍ଥିର କରାଇ ଦେବି ।"

କଲେଜରୁ ଫେରି ବହୁ ସମୟ ଯାଏ ତୁମ ଉପଦେଶ, ବାନ୍ଧବୀମାନଙ୍କର ଏଇ ସବୁ ଭିନ୍ନ ଭିନ୍ନ ଟିପ୍ପଣୀ ମାନ ମନେ ପକାଉଥିଲି । କଏ କାହିଁକି ବୁଝିବ ମୋ ମନ ଭିତରର ଅସଲ ବେଦନା । ନାଁ, ନିଜକୁ ସୁସ୍ଥ ଦେଖାଇବା ପାଇଁ ମତେ କିଛି କରିବାକୁ ହେବ । କେବେ ଦିନେ କେତେଜଣ ବାନ୍ଧବୀ ମାନଙ୍କ ଭିତରେ ଆଲୋଚନା ଚାଲିଥିବା ସମୟରେ ଶୁଣିଥିଲି, ବିଶୋଇ ନାମକ ଗୋଟିଏ ପାରଲର୍ କଲେଜ ପାଖାପାଖି ଖୋଲିଛି । ତା ପାଖେ ଯାଦୁ ରହିଛି । ଗ୍ରାହକମାନଙ୍କର ଖୁବ୍ ଯତ୍ନ ସହକାରେ କାର୍ଯ୍ୟ କରାଇଥାଏ । ବୟସର ଛାପ ଆସିବାକୁ ଦେଇ ନ ଥାଏ । ଅବଶ୍ୟ ସେଇ ଅନୁସାରେ ଅର୍ଥ ଦାବୀ କରିଥାଏ । ତେଣୁ ସେଠାକୁ କେବଳ ଅନୁଷଦ ମାନେ ଯାଇଥାଆନ୍ତି । ଜୀବନରେ ଥରେ ହେଲେ 'ପାର୍ଲର' ର ଦୁଆର ମାଡ଼ି ନଥିଲେ ମଧ୍ୟ ନିଜ ମନସ୍ତାପର ଛାପ ମୁଖ ମଣ୍ଡଳରୁ ଦୂରୀଭୂତ କରିବା ପାଇଁ ବିନା ଦ୍ୱିଧାରେ ଯାଇଥିଲି । ସେବାକାରୀ ଜଣକ ଗାଇ ଚାଲିଥିଲା, ଚାଳିଶ ବର୍ଷ ବୟସଟା ଗୋଟାଏ ବତୀଖୁଣ୍ଟ ମାଡ଼ାମ୍ । ଯେମିତି ଚାଳିଶ ବର୍ଷ ହୋଇଗଲେ ଡାକ୍ତରଖାନା ଯାଇ ପ୍ରତ୍ୟେକ ବର୍ଷ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ହୁଏ ସେମିତି ପାର୍ଲରକୁ ମଧ୍ୟ ନିୟମିତ ଆସିବା କଥା । ଆପଣ ଖୁବ୍ ବିଳମ୍ବ କରି ଦେଇଛନ୍ତି । ତଥାପି ଚିନ୍ତା କରିବା ନିଷ୍ପ୍ରୟୋଜନ । ଆମେ କ'ଣ ପାଇଁ ଅଛୁ ! ବର୍ତ୍ତମାନ ଲାଗ ଲାଗ ଆପଣଙ୍କୁ ତିନିଦିନ ଆସିବାକୁହେବ । ଥରେ ସେପ କୁ ଆସିଗଲ ପରେ ପ୍ରତ୍ୟେକ ମାସରେ ଥରଟେ ଆସିବେ ।ଦେଖିବେ ଆପଣଙ୍କୁ ଦେଖି ଯେ କେହି ତିରିଶ ବର୍ଷରୁ ଉର୍ଦ୍ଧ୍ୱ କହିପାରିବେନି ।

ମୁଁ ମନକୁ ମନ କହୁଥିଲି, ସେଇଆ ତ ମୋର ପ୍ରକୃତ ବୟସ । ବ୍ୟକ୍ତିଗତ ସମସ୍ୟା ତାକୁ ଚାଳିଶରୁ ଉର୍ଦ୍ଧ୍ୱ କରି ଦେଇଛି । ସେବାକାରୀର ଉପଦେଶ ଅନୁଯାୟୀ ତିନିଦିନ ଲାଗ ଲାଗ ଯାଇ ହତାଶ ହୋଇଥିଲି । ଏଇ ତିନିଦିନରେ ପ୍ରାୟ ମୁଁ ଗୋଟିଏ ମାସର ଦରମା ପାଣିରେ ପକାଇ ଦେଇଥିଲି । ମାତ୍ର ଯଥା ପୂର୍ବମ୍, ତଥା ପରମ । ବାପାଙ୍କ ନୀତିବାଣୀ ମନେ ପକାଉଥିଲି । ଦୁଃଖ ଭୁଲିବାକୁ ହେଲେ ସକାରାତ୍ମକ ମନୋଭାବକୁ ଆପଣେଇବାକୁ ହେବ । ସେଇ ରାସ୍ତାଟି ଆପେ ଆପେ ମୋ ଆଗକୁ ଆସିଯାଇଥିଲା । ସତେତ ! ଯଦି ମୋରି ଭଳି ପରିସ୍ଥିତି ଅନ୍ୟ କାହା ଉପରକୁ ମାଡ଼ି ଆସିଥାନ୍ତା ଯାହା ନିକଟରେ ନିଜକୁ ପୋଷିବା ପାଇଁ

ISSN NO.
2582-208X

ଗ୍ରକରୀ ଖଣ୍ଡିଏ ମଧ୍ୟ ନଥାନ୍ତା, ସେ କେମିତି ତା'କୁ ସାମନା କରିଥାନ୍ତା ! ସେଇ ଦୃଷ୍ଟିରୁ ଦେଖିବାକୁ ଗଲେ ମୋ ଦୁଃଖର ସ୍ଥାନ ବହୁ ନିମ୍ନରେ । ତେଣୁ ନିଜକୁ ଖୁସି କରାଇବା ହିଁ ମୋ ପକ୍ଷେ ଶ୍ରେୟ । ଔଷଧିଟି ନିଶ୍ଚିତ ରୂପେ ମତେ କାଟୁ କରିଥିଲା ।

ବ୍ୟକ୍ତିଗତ ସମସ୍ୟା ମୁଁ ନିଜ ଆଡୁ ପ୍ରକାଶ ନ କରିଥିଲେ ମଧ୍ୟ ଧୀରେ ଧୀରେ ପରିସରରେ ସ୍ପଷ୍ଟ ହୋଇଯାଇଥିଲା । ମୋର ମନେହେଲା ସବୁରି ବ୍ୟବହାରରେ ପରିବର୍ତ୍ତନ ଦେଖାଦେଇଛି । ଏପରିକି ନିଜ ଅନ୍ତରଙ୍ଗ ବନ୍ଧୁ ମହଲରେ ମଧ୍ୟ । ଯେଉଁ ନାରୀ ବନ୍ଧୁ ଏବଂ ବନ୍ଧୁ ପତ୍ନୀମାନେ ମତେ ଅତି ନିଜ ଦୃଷ୍ଟିରେ ଦେଖୁଥିଲେ, ସେଇମାନେ ପ୍ରଥମ କରି ମୋ ଠାରୁ ଦୂରତ୍ୱ ସୃଷ୍ଟି କରିଥିଲେ । ନିଜକୁ ଖୁବ୍ ଅସହାୟା ମନେ କରି ବାରମ୍ବାର ବନ୍ଧୁମାନଙ୍କୁ ଫୋନ୍ କରୁଥିଲି । ଖୁବ୍ ସାଧାରଣ ଉତ୍ତର ଶୁଣିବାକୁ ପଡୁଥିଲା ।

"ନାଁ, ଅରୁ । ଆମର ତୁମ ପାଖକୁ ଯିବା ସମ୍ଭବ ନୁହେଁ । ତୁମ ସ୍ୱାମୀ ପଇସା ବାଲା । ସେ ଅର୍ଥ ବିନିମୟରେ ଆମେ ତମ ସହ ଅଛୁ ଜାଣିଲେ ଆମ ଉପରେ ମଧ୍ୟ କୌଣସି ପ୍ରକାର ଆଞ୍ଚ ଆଣି ପାରନ୍ତି ।"

"ଭିନ୍ନ ବ୍ୟକ୍ତିଙ୍କର ଭିନ୍ନ ଉତ୍ସାହ ଥାଏ ଅରୁନ୍ଧତୀ । ତୁମେ ଯେମିତି ଶିକ୍ଷା ପ୍ରତି ଉତ୍ସର୍ଗୀତ, ମୁଁ ମୋ ସ୍ୱାମୀଙ୍କ ପ୍ରତି । ତେଣୁ ଫୋନ୍ କରିବେକାରରେ ସମୟ ନଷ୍ଟ କରିବାକୁ ମୁଁ ଉଚିତ୍ ମନେ କରେନା ।"

"ମୋର ସମସ୍ତ ସମୟ ସ୍ୱାମୀଙ୍କ ସେବାରେ କଟୁଛି । ତୁମେ ତ ସେ ସବୁରୁ ସଂପୂର୍ଣ୍ଣ ମୁକ୍ତ। ତୁମେ କେମିତି ବୁଝିବ ମୋ ନିକଟରେ କାହିଁକି ସମୟର ଅଭାବ !"

ଆହୁରି ଆଗକୁ ଶୁଣିବ ସିନୁ ଦିଦି ! ଆଉ ଦିନକର କଥା । ସନ୍ଧ୍ୟାରେ ପାର୍ଟି ଯିବା ସଂପୂର୍ଣ୍ଣ ରୂପେ ବାତିଲ କରି ଦେଇଥିଲେ ମଧ୍ୟ ସେଦିନ କଲେଜର ଗୋଟିଏ ବହୁ ଜରୁରୀ ସଭା ପାଇଁ ଯାଇଥିଲି । କୁଳପତି ମହୋଦୟଙ୍କର ପଚାଶ ତମ ଜନ୍ମ ବାର୍ଷିକୀ । ଖୁବ୍ ସୁନ୍ଦର ରୂପେ ସବୁର ଆୟୋଜନ ଥିଲା । ନିଜର ଇଚ୍ଛା ନ ଥିଲେ ମଧ୍ୟ ରାତ୍ରି ଭୋଜ ନିମନ୍ତେ ରହିବାକୁ ବାଧ୍ୟ ହୋଇଥିଲି । ରାତ୍ରି ସାଢ଼େ ଦଶଟା ଉପରେ । ଫେରିବା ପାଇଁ 'ମେରୁ' କାବ୍‌ଟିଏ ବୁକ୍‌କରି ଅପେକ୍ଷାରେ ରାସ୍ତାରେ ଛିଡ଼ା ହୋଇ ବାରମ୍ବାର ହାତ ଘଡ଼ିକୁ ଦେଖୁଥିଲି । ଗାଡ଼ିଟିଏ ରହିଲା । ମନେ ହେଲା ପରିଚିତ ଗାଡ଼ିଟିଏ । ବ୍ୟକ୍ତି ଜଣକ ଧୀରେ ଧୀରେ ଗାଡ଼ି ଟିକୁ ମୋର ଅତି ନିକଟକୁ ଆଣି ତାଙ୍କ ସିଟ ପାଖର ଝରକା କାଚଟିକୁ ତଳକୁ କଲେ ।

ISSN NO.
2582-208X

"ରିକ୍ସା ପାଇଁ ଅପେକ୍ଷା କରିଛନ୍ତୁ ମାଡ଼ାମ୍! ରାତି ବହୁତ ହେଲାଣି । ଆଉ ରିକ୍ସା ମିଳିବାର ଆଶା ନାହିଁ । ଆସନ୍ତୁ, ଆପଣଙ୍କୁ ଘରେ ଛାଡ଼ିଦେବି ।"

ଯା ଭିତରେ ଗାଡ଼ିଟିର ନମ୍ବରଟି ପଢ଼ି ନେଇଥିଲି । ଗାଡ଼ିର ରଙ୍ଗ ସିନା ବଦଳି ଯାଇଥିଲା, ନମ୍ବର୍ ପ୍ଲେଟଟି ଯଥାପୂର୍ବ । ଆମ ବାହାଘର ପରେ ଏଇ ଗାଡ଼ିଟି ଦେଖିଥିଲି, ନଳିନୀଙ୍କର ଥିଲା । ମାତ୍ର କେଇଟା ମାସ ପରେ ବିକ୍ରୀ କରି 'ହଣ୍ଡାସିଟି' କିଣିଥିଲେ ।

ଖୁବ୍ ନମ୍ର ସ୍ୱରରେ କହିଲି, "ଧନ୍ୟବାଦ୍ ସାର୍, ମୁଁ 'ମେରୁ' ବୁକ୍ କରିଛି । ଅଳ୍ପ ସମୟ ଭିତରେ ଆସିଯିବ ।"

ଆଗରୁ କେବେ 'ମେରୁ' ବୁକ୍ କରିଛନ୍ତି? ଅନ୍ତତଃ ତିନି ଘଣ୍ଟା ପୂର୍ବରୁ ବୁକିଂ କରିବାକୁ ହୁଏ। ଅର୍ଥାତ୍ ଆପଣ ଏଠାରେ ରାତି ଦୁଇଟା ପର୍ଯ୍ୟନ୍ତ ଛିଡ଼ା ହୋଇ ରହିବେ !

ଯା ଭିତରେ 'ମେରୁ' କ୍ୟାବରୁ ଆସିଥିବା ଏସ୍.ଏମ୍.ଏସଟି ମୋର ବିଶ୍ୱାସଟିକୁ ଦୃଢ଼ୀଭୂତ କଲା । "ଆପଣଙ୍କ ବୁକିଙ୍ଗ ନମ୍ବର୍ ତେଇଶ । ସାଢ଼େ ଗୋଟାଏରେ ଆପଣଙ୍କ ନିର୍ଦ୍ଧାରିତ ସ୍ଥାନରେ ଗାଡ଼ି ପହଞ୍ଚିଯିବ ।"

ନିରୁପାୟ ହୋଇ ଭଦ୍ର ବ୍ୟକ୍ତିଙ୍କର ଗାଡ଼ିରେ ବସିଲି । ଗାଡ଼ି ଚାଲିଲା ଆଗକୁ । ଗାଡ଼ିଟି ଭିତରେ ସଂପୂର୍ଣ୍ଣ ରୂପେ ନୀରବତା । ଆମ ଫ୍ଲାଟ୍ ନିକଟତର ଗୋଲେଇରେ ବ୍ୟକ୍ତି ଜଣକ ଡାହାଣ ବଦଳରେ ବାମ ପଟକୁ ଗାଡ଼ି ମୋଡ଼ିଲେ । କହି ଉଠିଲି "ଡାହାଣକୁ ସାର୍ ।"

ଜାଣିଛି । ମାତ୍ର ପ୍ରଥମେ ଆମେ ଆମ ଘରକୁ ଯାଇ ତା ପରେ ଆପଣଙ୍କ ଘରକୁ ।

ଭିତରେ ଭିତରେ ଖୁବ୍ ଭୟଭୀତ ହୋଇଥିଲେ ମଧ୍ୟ ନିଜ ମନକୁ ସାନ୍ତ୍ୱନା ଦେଲି । ହୁଏତ ନିଜ ଘରେ କିଛି ଜରୁରୀ କାମ ଥାଇପାରେ ! ଯେପରିକି କେହି ଅସୁସ୍ଥ......

କ'ଣ ଏତେ ଚିନ୍ତା କରୁଛନ୍ତି ମାଡ଼ାମ । ମୋ ଚିନ୍ତାରେ ପୂର୍ଣ୍ଣଚ୍ଛେଦ ପକାଇ କହିଲେ ବ୍ୟକ୍ତି ଜଣକ । ଟିକିଏ ସମୟ ରହିଯାଇ ପୁଣି କହିବା ଆରମ୍ଭ କଲେ, "ଦେଖନ୍ତୁ ମାଡାମ୍ ସମୟ କେମିତି ମଣିଷକୁ ପରିବର୍ତ୍ତନ କରିବାରେ ସହାୟତା କରିଥାଏ ! ଆପଣଙ୍କର ମନେ ଅଛି.... ହଁ, କଥାଟା କହିବା ପୂର୍ବରୁ ମୋ ନାମଟା କହିବା ଉଚିତ୍ । ମୁଁ ବିରାଜ । ଥରେ

ISSN NO.
2582-208X

ସନ୍ଧ୍ୟାରେ ଆପଣଙ୍କୁ ଫୋନ୍ କରିଥିଲି । ଏଇ ଅଳ୍ପଦିନ ତଳ କଥା । ଭୁଲି ନଥିବେ ନିଶ୍ଚୟ। ଅବଶ୍ୟ କେବେ ସାକ୍ଷାତ ହୋଇ ପାରିନି ।

ଏଇ ସେଇ ସ୍କାଉଣ୍ଡ୍ରେଲ ବିରଜ ! ଘୃଣାରେ ସଂପୂର୍ଣ୍ଣ ଶରୀର ବିଦାରିତ ହୋଇ ଉଠିଲା । ଚତ୍କାର କରି ଉଠିଲି "ପ୍ଲିଜ୍, ଷ୍ଟପ ଦ କାର୍ ।"

ଗାଡ଼ି ଆଗକୁ ମାଡ଼ି ଚାଲିଥାଏ । "ଆଇ ସେଡ୍ ଷ୍ଟପ୍ ଦ କାର ।"

ଏତେ ଏକ୍ସାଇଟେଡ କାହିଁକି ! ସେଦିନ ମୁଡ୍‌ରେ ଥିଲି ଆଜି ମଧ୍ୟ ମୁଡ୍‌ରେ । ସେଦିନ ମୋ ପରିବାର ବାହାରକୁ ଯାଇଥିଲେ ଆଜି ମଧ୍ୟ ବାହାରେ । କେବଳ ଫରକ ଏତିକି ସେଦିନ ଆପଣଙ୍କ ସ୍ୱାମୀଙ୍କ ଠାରୁ ଅନୁମତି ନେବାକୁ ପଡ଼ିଥିଲା, ଯାହା ଆଜି ଅନାବଶ୍ୟକ । ବିଶ୍ୱାସ କରନ୍ତୁ, ଦୁଇଟା ପୂର୍ବରୁ ମୁଁ ଆପଣଙ୍କୁ ଆପଣଙ୍କ ଫ୍ଲାଟ୍‌ରେ ଛାଡି ଆସିବି ।

ବିରକ୍ତିର ଚରମ ସୀମାରେ ପହଞ୍ଚି ଡ୍ରାଇଭର ସିଟ ଆଡ଼କୁ ସାମାନ୍ୟ ଘୁଂଚ ଯାଇ ପାଦ ବଢାଇ ନିଜ ଶକ୍ତି ଅନୁସାରେ ବ୍ୟକ୍ତି ଜଣଙ୍କର ଡାହାଣ ପାଦକୁ ଜୋରରେ ନିଜ ଡାହାଣ ପାଦରେ ଗୋଇଠାଟାଏ ମାରି ବ୍ରେକକୁ ଖୁବ୍ ଜୋରରେ ଦବାଇଲି । ବିଚରା ଗାଡ଼ିଟି ହଡବଡ଼େଇ ଯାଇ ନିଜର ଗନ୍ତବ୍ୟ ପଥରୁ ଓହରି ଗଲା ।

"ଓଏ, ଦେଖକେ ଚଲାଓ ।" ବାହାରୁ କାହାର କଣ୍ଠସ୍ୱର ଶୁଣାଗଲା ।

ଏଇ ଅବସରରେ ବାଆଁ ପଟର ଦୁଆରଟିକୁ ଶୀଘ୍ର ଖୋଲି ଗାଡ଼ିରୁ ଓହ୍ଲାଇ ପଡ଼ିଲି । ମୁହଁରୁ ବାହାରି ପଡ଼ିଲା, "ହେ ଭଗବାନ ।"

ପି ଟି ଏମ କୁ ବାଦ୍‌ଦେଇ ବହୁବାର ଋଷିର ସ୍କୁଲ ଯାଇ ତା'ର ଟିଚର୍‌ମାନଙ୍କ ସହ ସାକ୍ଷାତ କରି ଋଷି ବିଷୟରେ ପ୍ରଶ୍ନ କରିଥାଏ । ସମସ୍ତ ଟିଚର ମାନଙ୍କର ଋଷି ପ୍ରିୟ ଜାଣିବା ପରେ ବାରମ୍ବାର ସ୍କୁଲ ଯାଇ ସେମାନଙ୍କୁ ବିରକ୍ତ କରିବା ସମିଚୀନ ମନେ କଲିନି । ମଝିରେ ମଝିରେ ଯାଇ ପ୍ରିନ୍ସିପାଲଙ୍କୁ ସାକ୍ଷାତ କରିଥାଏ । ହଠାତ୍ ଦିନେ ପ୍ରିନ୍ସିପାଲ ମାମ୍‌ଙ୍କ ଏକ ଟିପ୍ପଣୀରେ ସ୍ତମ୍ଭୀଭୂତ ହୋଇଗଲି ।

"ଋଷି ଆମ ସ୍କୁଲର ସମସ୍ତ ପିଲାମାନଙ୍କ ମଧ୍ୟରେ ମଣି ବୋଲି ମୁଁ ଧରି ନେଇଛି । ହେଲେ ନିର୍ଦ୍ଦୋଷ ପିଲାଟିର ମାନସିକ ସ୍ତରରେ କେତେ ଗଭୀର ଗ୍ୟାପ ମୁଁ ଖୁବ୍ ସହଜରେ ଅନୁଭବ

ISSN NO.
2582-208X

କରି ପାରୁଛି । ଆପଣ ମାନଙ୍କର ବ୍ୟକ୍ତଗତ ଜୀବନ ଉପରେ କଛି ମନ୍ତବ୍ୟ ଦେବା ମୁଁ ସମିଚୀନ ମନେ ନ କରୁଥିଲେ ମଧ୍ୟ ପିଲ୍‌ଟିର ଜଣେ ଶିକ୍ଷୟତ୍ରୀ ସର୍ବୋପରି ଏକ ମନୋସ୍ତାତ୍ତ୍ୱିକ ସ୍ତରରେ ରହି ଆପଣଙ୍କୁ କଛି କହିବା ଉଚତ୍ ମନେ କରୁଛି ।

ଦେଶରେ ସ୍ୱାମୀ ସ୍ତ୍ରୀଙ୍କ ସଂପର୍କରେ ଫାଟ ସୃଷ୍ଟି ହେବାର ମାମଲ୍ ଦୃତଗତିରେ ବୃଦ୍ଧି ପାଉଛି । ଫ୍ୟାମିଲି କୋର୍ଟରେ ଯେତେ ଅଧିକ ମାମଲ୍‌ର ସମାଧାନ ଶୁଣା ଯାଉଛି ସେତେ ଅଧିକ ନୂଆ ମାମଲ୍ ରୁଜୁ ହେଉଛି । ଏଇ ଛାଡ଼ପତ୍ରର ବଢୁଥିବା ମାମଲ୍ ନଶ୍ଚିତ ଭାବେ ଏକ ବଡ଼ ସାମାଜିକ ପରିବର୍ତ୍ତନକୁ ସୂଚାଉଛି । ଆପଣ ବହୁ ଅଧିକ ଶିକ୍ଷିତା । ଆପଣ କୁହନ୍ତୁ ଆଜିର ଏଇ ବ୍ରେକ ଅପ ବୃଦ୍ଧିକୁ ବ୍ୟକ୍ତଗତ ନଷ୍ପତ୍ତି ଭାବରେ ଗ୍ରହଣ କରିବା ଉଚତ୍ କ ? ତଥା କଥିତ ଆଧୁନକତାବାଦୀମାନେ ବିବାହକୁ ଏକ ପିଲ୍‌ଖେଳ 'କଣ୍ଢେଇ ବାହାଘର' ରୂପେ ଗ୍ରହଣ କରିନେଲେଣି । ହଁ, ଆମ ଦେଶରେ ଏଇ ଛାଡପତ୍ର ପ୍ରଥା (ବିବାହ ବିଚ୍ଛେଦ) ନଶ୍ଚିତ ଭାବେ ଅନ୍ୟଦେଶ ତୁଳନାରେ ସୀମିତ । ତଥାପି ମଧ୍ୟ ମୁଁ କହିବି ଏଇ ଚନ୍ତାଧାରା ଆମ ଦେଶ ପାଇଁ ଏକ ନକାରାତ୍ମକ ଚନ୍ତାଧାରା ଗଢି ଦେଉଛି । ଆପଣ ଜାଣିଥିବେ, ଏବଂ ପଢିଥିବେ ନଶ୍ଚୟ ସାରା ମ୍ୟାକଲନାହାନ ଏବଂ ଗ୍ୟାରି ସାଣ୍ଡେଫରଙ୍କ ପୁସ୍ତକ 'ଗ୍ରୋଇଙ୍ଗ ଅପ ଓ୍ୱିଥ ଏ ସିଙ୍ଗଲ ପ୍ୟାରେଣ୍ଟସ ....' ଏଥିରେ ସ୍ପଷ୍ଟୀଭୂତ ହୋଇଛି ବିବାହ ବିଚ୍ଛେଦ ପରେ ପରିବାରରେ ପିଲ୍‌ଙ୍କ ଉପରେ ପଡୁଥିବା ଦୁଃଖଦ ପ୍ରଭାବ । ଆହୁରି ମଧ୍ୟ ନାରୀବାଦୀ ସମାଜ ବିଜ୍ଞାନୀ ଆନ ଓକ୍ଲ ଏବଂ କ୍ରିଷ୍ଟିନ୍ ଡେଲ୍‌ସି ଦୁହେଁ ମିଳତ ଭାବେ ବିବାହ ଜନତ ନକାରାତ୍ମକ ମତ ପ୍ରଦାନ କରିଥିଲେ । ଯାହା ସମାଜର ନାରୀବାଦୀମାନଙ୍କୁ ବହୁ ଗୁଣରେ ପ୍ରଭାବିତ କରିଥିଲ୍ । ବିବାହାକୁ ପତି ଦ୍ୱାରା ପତ୍ନୀକୁ ଶୋଷଣ ଉପରେ ଆଧାରିତ ଏକ ପୁରୁଷ ତାନ୍ତ୍ରକ ବ୍ୟବସ୍ଥା ରୂପେ ଦେଖୁଥିଲେ । ତେଣୁ ନାରୀବାଦୀମାନେ ଛାଡପତ୍ର ବ୍ୟବସ୍ଥାକୁ ଉଚତ୍ ମନେ କରୁଥିଲେ । ପାଶ୍ଚାତ୍ୟ ଦେଶରୁ ସୃଷ୍ଟ ଏହି ବିଚାରଧାରା ମଧ୍ୟ ଭାରତୀୟ ସଂସ୍କୃତିରେ ଅନୁପ୍ରବେଶ କରିଛି ଏବଂ ପାରମ୍ପରିକ ବୈବାହିକ ମୂଲ୍ୟବୋଧକୁ ଦୁର୍ବଳ କରି ଦେଇଛି । ବିବାହ ଏକ ମିଳତ ଦାୟିତ୍ୱ । ଏଥିପାଇଁ କୌଣସି ଗୋଟିଏ ପକ୍ଷକୁ ଦାୟୀ କରିବା ଉଚତ୍ ହେବନ । ମାତ୍ର ଏକ ମନୋବୈଜ୍ଞାନକା ସ୍ତରରେ ରହି ମୁଁ କହିବି ଉକ୍ତ ବିଚ୍ଛେଦର ଯନ୍ତ୍ରଣା ଦାୟକ ଅଂଶ ପିଲ୍ ଉପରେ ଆସିଥାଏ । ପୁଅମାନେ ବିଶେଷ କରି ନଷ୍କ୍ରିୟ ହେବାର ପ୍ରବୃତ୍ତି ଡେଭେଲପ କରୁଥିବା ସମୟରେ ଝିଅମାନେ ଅବସାଦ ଏବଂ ବିଭ୍ରାନ୍ତର ଶିକାର ହୁଅନ୍ତୁ । ଏହି ପିଲ୍‌ମାନେ ବିଶେଷକରି ଅପରାଧରେ ଲିପ୍ତହେବାର ସମ୍ଭାବନା ବହୁ ଅଧିକ ।

ISSN NO.
2582-208X

ପିଲାର ଭବିଷ୍ୟତ ଗଢ଼ିବା ପାଇଁ କେବଳ ମା କମ୍ବା ବାପା ନୁହନ୍ତୁ ଉଭୟ ବାପା ମା' ଙ୍କର କର୍ତ୍ତବ୍ୟ । ସେଥିରୁ ଋଷିକୁ ବଞ୍ଚିତ କରି ଆପଣ ଗୋଟାଏ ମସ୍ତବଡ଼ ଭୁଲ କରୁଛନ୍ତୁ । ପିଲାଟିକୁ ମଣିଷ କରିବାକୁହେଲେ ଆପଣଙ୍କୁ ଅହଂ ଭାବ ତ୍ୟାଗ କରିବାକୁ ହେବ ।

ଶତ ପ୍ରତିଶତ ଠିକ୍ କହୁଥିଲେ ଶ୍ରୀମତୀ ବର୍ଷା ମାଲହୋତ୍ରା । ମାତ୍ର ପ୍ରଥମତଃ କ ଭାବରେ ସମସ୍ତ ତଥ୍ୟର ବିବରଣୀ ତାଙ୍କ ସାମ୍ନାରେ ଉପସ୍ଥାପିତ କରିବି, ଏବଂ ସେ ସବୁକୁ ଶ୍ରୀମତୀ ମାଲହୋତ୍ରା କ ଭାବେ ଗ୍ରହଣ କରିବେ ଚନ୍ତା କରି ନୀରବ ରହିଥିଲି । କ୍ୱାଟର୍ସକୁ ଫେରିବା ସମୟରେ ବହୁ ଚନ୍ତା କରି ଯାଉଥିଲି । ବାପା, ମା ତାର ନାମଟି ଅରୁନ୍ଧତୀ ନ ରଖି ନଃଶବ୍ଦ ରଖିଥିଲେ ଭଲ ହୋଇଥାନ୍ତା । ସତରେ କ'ଣ ସେ ମୂକ ! କାହିଁକ ସେ ସବୁରି ଦୋଷ ମାନଙ୍କ ଉପରେ ପରଦା ଢାଙ୍କି ଆସୁଛି । ଏହା ଦ୍ୱାରା ସମସ୍ତ କ୍ଷେତ୍ରରେ ତା'କୁ ହାସ୍ୟାଷ୍ପଦ ହେବାକୁ ପଡୁଛି । ତା' ବ୍ୟତୀତ ଦୋଷୀ ମଧ୍ୟ ସାବ୍ୟସ୍ତ ହେଉଛି । କେତେଦିନ ଏମିତି ତା'କୁ ଅଭିନୟ କରିବାକୁ ହେବ । ସତରେ କ'ଣ ସେ ଅନ୍ୟର ତାଡ଼ନା ମାନ ସହ୍ୟ କରିବା ପାଇଁ ଜନ୍ମ ନେଇଛି । ପିଲାଦିନେ ବାପା କହିବାର ଶୁଣିଥିଲି, "କହିବା ଠାରୁ ସହିବା ମଣିଷର ସ୍ଥାନ ବହୁ ଉଚ୍ଚରେ । ତେଣୁ କ୍ଷମା କରିବା ଶିଖ ।" ତେବେ ଜୀବନଟା ସାରା ମୁଁ କେବଳ କ୍ଷମା କରି ଚାଲିଥିବି ! ଆଉ ବଦଳରେ ନଜକୁ ଦୁଃଖର ବହ୍ନିରେ ଜଳାଇ ଯାଉଥିବି!!!

ମନରେ ଧରି ନେଇଥିଲି, ପ୍ରତ୍ୟେକ ମଣିଷର ଜୀବନରେ କଛି ଶବ୍ଦହୀନ କଷ୍ଟ ଥାଏ..... ଯାହାର ସାକ୍ଷୀ ??? କେବଳ ସେ ନଜେ । ଆହୁରି ମଧ୍ୟ ଯେବେ ସମୟ ଓ ସମ୍ପର୍କ ମଣିଷକୁ ଧୋକା ଦିଅନ୍ତୁ ମଣିଷ କେବଳ ବାହାରୁ ନୁହେଁ ଭିତରୁ ବି ଭାଙ୍ଗି ଯାଇଥାଏ । ଯାହା ସବୁ ମୋ ପାଇଁ ପ୍ରଯୁଜ୍ୟ । ସେ ଜାଣେ ଯେଉଁ ଲୋକ ସବୁବେଳେ ଅନ୍ୟ ଓଠରେ ହସ ଫୁଟାଇବାର ପ୍ରୟାସ କରିଥାଏ ସେଇ ହିଁ ସଦା ଏକା ରହିଯାଏ । ପୁଣି ମନକୁ ଆସିଲା, ନା ଯୁକ୍ତ ଠାରୁ ନୀରବତା ଭଲ । ସ୍ୱାର୍ଥବାଦୀ ମଣିଷ ସହ ଚାଲିବା ଠାରୁ ଏକା ଚାଲିବା ଅନେକ ଭଲ । ପ୍ରତିଶୋଧ ନେବା ଠାରୁ ରାସ୍ତା ବଦଳାଇ ଦେବା ଶ୍ରେୟ । ଆଲି ଇବନ ଆବି ତାଲିବଙ୍କ ଲିଖିତ ଗୋଟିଏ ପଂକ୍ତ ମନକୁ ଆସୁଥିଲା, "କେବେହେଲେ ନଜ ବିଷୟରେ ଅନ୍ୟମାନଙ୍କୁ କୁହ ନାହିଁ । କାହିଁକ ନା ଯେଉଁ ଲୋକ ତୁମକୁ ପସନ୍ଦ କରୁଛି ତାକୁ ବୁଝାଇବା ଅନାବଶ୍ୟକ, କନ୍ତୁ ଯିଏ ତୁମକୁ ପସନ୍ଦ କରେନ ସେ କେବେହେଲେ ତୁମ କଥା ବିଶ୍ୱାସ

ISSN NO.
2582-208X

କରିବେନ ।" ଆହୁରି ମଧ୍ୟ ଆଜିର ଦୁନିଆରେ ମିଛକୁ ଯେତେ ଧୀରେ କହିଲେ ମଧ୍ୟ ସମସ୍ତଙ୍କୁ ଶୁଣାଯିବ ମାତ୍ର ସତ୍ୟକୁ ଯେତେ ଜୋର କରି କହିଲେ ବି କେହି ଶୁଣି ପାରିବେନ।

ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଦୁଇହାତ ଯୋଡ଼ିଲି । ତୁମେ ଋଷିର ରକ୍ଷାକର୍ତ୍ତା ପ୍ରଭୁ । ଧୀରେ ଧୀରେ ପ୍ରିନ୍ସପାଲଙ୍କୁ ବାରମ୍ବାର ସାକ୍ଷାତ କରିବା ମଧ୍ୟ ବନ୍ଦ କରିଦେଇଥିଲି । ସଂଧ୍ୟା ଗଡ଼ିଗଲାଣି । ଆଜି ପାଇଁ ଏତିକ ଥାଉ । ପୁଣି ଅନ୍ୟ କେବେ ।

କ୍ରମଶଃ..

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ମାରିଚ ବିଗ୍ରହ



ପଞ୍ଚାନନ ମେହେର

ସହସା ଉଠିଲା ଲଙ୍କାର ରାବଣ
ଶୁଣି ଭଗିନୀର ଗୀର,
ତେଜି ସିଂହାସନ ପୁଷ୍ପକ ବିମାନେ
ଯାଇ ବସିଲା ସତ୍ୱର ।
ନୟନ ଯୁଗଳୁ ଲୋତକ ସହିତେ
ହୁଏ ଅନଳ ବାହାର,
ଯେହ୍ନେ କାଳାନଳ ହୋଇ ତେଜିୟାନ
ଗ୍ରାସିବ ସାରାସଂସାର ।
ପଞ୍ଚବଟୀ ବନ ଆସି ଦଶାନନ
ମାମୁଁ ମାରିଚଙ୍କ ପାଶେ,
ଗୋଟି ଗୋଟି କରି କରିଲା ବଖାଣ
ଯୋଜନା ତାଙ୍କ ସମୀପେ ।
ପୁନଶ୍ଚ କହିଲା, "ମାମୁଁ ତୁମବିନା
ସିଦ୍ଧ ହେବନାହିଁ କାର୍ଯ୍ୟ,
ତୁମର ସହାୟ ଏବେ ଅନିବାର୍ଯ୍ୟ
ଆସୁଅଛି ସରି ଧୈର୍ଯ୍ୟ ।"
ଶ୍ରୀରାମଙ୍କ କଥା ଜାଣି ନ ଜାଣିଲା
ପରି କାହିଁ ହେଉଅଛ,
ତାଙ୍କ ସମ ବୀର କେ ଅଛି ଜଗତେ

ISSN NO.
2582-208X

କହଇ ମାମୁଁ ମାରିଚ ।
ମିଥିଲା ନଗର, ସୀତା ସ୍ୱୟମ୍ବର
ତାଙ୍କ ଶକ୍ତି ସାମର୍ଥ୍ୟର,
ସଂସାର ଦେଖିଛି ସାକ୍ଷ୍ୟ ବହିଅଛି
ଆମ୍ଭେ ତ ଛାର ଅସୁର ।
କହେ ଦଶାନନ ମାରିଚେ ଗର୍ଜିଣ
ଗାଅ ନାହିଁ ରାମ ଗୁଣ,
ଆଦେଶକୁ ମମ କରିଲେ ଅମାନ୍ୟ
ପେଶିବି ଯମ ଭୁବନ ।
ଆସନ୍ନ ମୃତ୍ୟୁର ପଥ ପରିଷ୍କାର
ମାରିଚ ପାରିଲା ଜାଣି,
ଲଙ୍କପତି ହସ୍ତେ ହତ ହୋଇ କିଆଁ
ନରକ ଭୋଗିବ ପୁଣି ।
ଜଗତ କରତା ସବୁରି ବିଧାତା
ଦେଇ ତାଙ୍କ ପାଦେ ମନ,
ସୁବର୍ଣ୍ଣ ହରିଣ ରୂପଧରି ରାମ
ହସ୍ତେ ଲଭିଲା ମରଣ ।
ପାଇଲା ଉଦ୍ଧାର ପାପପଙ୍କିଳରୁ
ଧନ୍ୟ ହୋଇଲା ଜୀବନ,
ମୋକ୍ଷ ଲାଭକରି ସଂସାରରୁ ତରି
କଲା ବୈକୁଣ୍ଠେ ଗମନ ।

ଧାନବସା, ରାମପୁର, ସୁବର୍ଣ୍ଣପୁର
ଓଡିଶା ୭୬୭୦୪୫
ଭ୍ରାମ୍ୟଭାଷ : ୮୨୪୯୧୧୮୨୫୧

ISSN NO.
2582-208X

# ପରବ ଆମ ଗରବ

ଧ୍ରୁବ ଚରଣ ଘିବେଲା

ପରବ ଆମ ଅଟେ ଗରବ
ପରବ ବାଣ୍ଟେ ଖୁସି
ପର୍ବ ପାଳନେ କେତେ ଆନନ୍ଦ
ଜାଗେ ମନରେ ବେଶି ।
ଗୋଟେ ବରଷ ବାରୋଟି ମାସ
ଛଅ ଋତୁ ବରଷେ
ମାସକୁ ନେଇ ଋତୁକୁ ନେଇ
ପରବ କେତେ ଆସେ ।
ଏମିତି କେଉଁ ମାସ ଯେ ନାହିଁ
ହୁଏ ନାହିଁ ପରବ
ବାର ମାସରେ କେତେ ପରବ
ପାଳନେ ଗଉରବ ।
ଏଇଠି ପୁଣି ରହିଛି ପ୍ରଥା
ପରମ୍ପରା ଅନେକ
ରୀତିନୀତିରେ ପର୍ବ ପାଳନ
ସାରା ବରଷ ଯାକ ।
ପରବ ନେଇ ଭୋଗ ଲାଗଇ
ଭଳିକି ଭଳି ପିଠା
ପିଠା ଯେତିକି ମିଠା ସେତିକି
ବଢ଼ିଆ ପିଠା ମିଠା ।

ସବୁ ପରବ ଆମ ଗରବ
ପାଳନରେ ଉଷତ
ପାଳିବା ଆମେ ରଖିବା ଆମେ
ପରବର ମହତ ।

ବଉଦରାଜ, ଜି. ବୌଦ୍ଧ
ମୋ.9437478466

ISSN NO.
2582-208X

# ଏ ପୁରୁଷ ମାନେ



ଚତରଞ୍ଜନ ବେହେରା

ନିଜ କାନ୍ଧ କୁ
ଟ୍ରକ ର ଡାଲା କରି, ଦୁଇ କାନ୍ଧକୁ
ପଥର କରି...ଲୁହରେ ତୃଷା ମେଣ୍ଟେଇ
ଝାଳରେ ସ୍ନାନ କରି,
ପରିବାର ଦାୟିତ୍ୱ ନିର୍ବାହ କରନ୍ତି
ଭିତରେ କାନ୍ଦି...ଉପରେ ହସି...!!

ଦିନରେ ମାଲିକର
ଲକ୍ଷ୍ୟ ପୁରଣ ପାଇଁ....
ରାତିର ବିଛଣାରେ...ନିଶବ୍ଦ ନିଶାରେ
ଜୀବନ ସାଥୀର ସ୍ୱପ୍ନ ପୂରଣ ପାଇଁ
ସାଥୀ ଆଗରେ ପ୍ରତିଶ୍ରୁତି....
ତା ସହିତ, ପିଲାଛୁଆ ବାପା ମା
ବଡ ଭାଇ ବଡ ଭଉଣୀ...ମାନଙ୍କ
ଆଶାକୁ ସମ୍ପୂର୍ଣ କରିବା ପାଇଁ....
ଜୀବନ ବାଜି ଲଗେଇ ଥାନ୍ତି....!!

ଗାଁ, ସମାଜରେ
ସାମାଜିକ, ସାଂସ୍କୃତିକ
ସଭା ସମିତିରେ, ସାମାଜିକ ମଙ୍ଗଳରେ

ISSN NO.
2582-208X

ଲଢେଇ ଝଗଡ଼ାରେ, ପଛଘୁଞ୍ଚା ନ ଦେଇ
ନିଜ ଖୁସି ଭୁଲିଯାଇ ଥାଆନ୍ତି...
ପାଇଖାନାରୁ ପାଲ୍ୟା ମେଣ୍ଟ ପର୍ଯ୍ୟନ୍ତ
ଚଟୁ ରୁ ମାଉସ୍ ଧରିବା ପର୍ଯ୍ୟନ୍ତ
ରକ୍ତ ଝରେଇ...କର୍ମ କୁ ସାଥୀ କରିଥାଏ
ଏ ସମାଜର ପୁରୁଷ....

ତଥାପି ଅଧିକାର ନ ପାଇ
ବେଳେବେଳେ ଭୋଗିବାକୁ ପଡେ
ଜେଲ୍ ଦଣ୍ଡ....ସେ ହେଉ
ନିଜ ସ୍ତ୍ରୀର ଯୌତୁକ ନିର୍ଯ୍ୟାତନା
ଅନ୍ୟ ନାରୀର ପ୍ରେମ ନିର୍ଯାତନା...
ତଥାପି କାହା ଆଗରେ ନ କାନ୍ଦି
ଖୋଜି ଥାଏ ଏକ ନିରୋଳା ସ୍ଥାନ.....!!

ବୌଦ୍ଧ
ମୋ - 9438710387

ISSN NO.
2582-208X

# ତୁମେ ନାଥ ମୁଁ ଦାସ



ସ୍ଥିତିପ୍ରଜ୍ଞା ଷଡଙ୍ଗୀ

ଗୋଟେ ଦିନ ବସି ଲେଖିବି
ତୁମକୁ ଜଗତର ନାଘ ଆଉ
ନିଜକୁ ତୁମର ଦାସ ବୋଲି ଲେଖିବି ।୧।

ତୁମେ ଯଦି ବିଶାଳ ସଂଶାର ହୁଅ
ନିଜକୁ ତୁମ ସଂସାରର କ୍ଷୁଦ୍ର ଅଂଶ
ବୋଲି ଲେଖିବି (୨)

ଦୁଃଖୀର ଦୁଃଖ ଦେଖିବ ବୋଲି
ଚକା ଆଖି ମେଲି ବସିଛ
ତଥାପି ମୋର ଦୁଃଖ ଦେଖୁନ
ବୋଲି ଲେଖିବି ।୩।

ନିଜକୁ ସୃଷ୍ଟି କର୍ତ୍ତା ସଜେଇ
ସମସ୍ତଙ୍କ ଦୁଃଖ ଶୁଣି ସୁଖ ଦେଉଛ
ବୋଲି ଲେଖିବି ।୪।

ସୁଖ ପାଇବା ପାଇଁ ମୋ ପାଳି
ଆସିଲେ ଶ୍ରୀମନ୍ଦିରେ
ଲୁଚି ବସୁଛ ବୋଲି ଲେଖିବି (୫)

ତୁମକୁ ନାଥ ଆଉ ନିଜକୁ ଦାସ
ବୋଲି ଲେଖିବି ॥

ରାମବାଗ ଷଡଙ୍ଗୀ ସାହି,
ଯାଜପୁର

ISSN NO.
2582-208X

# ଦୁଃଖର ସ୍ୱରୂପ କଣ ଏହା ବ୍ୟକ୍ତି ଚେତନାକୁ ସତରେ ବିବ୍ରତ କରେ



ବିରଞ୍ଚି ନାରାୟଣ ମିଶ୍ର

୧. ଦାର୍ଶନିକ ତତ୍ୱରୁ — "ଦୁଃଖ ହେଉଛି ମନ ଓ ବାସ୍ତବତାର ଦୂରତା"
ବୁଦ୍ଧ ତତ୍ୱ କହେ: ସମସ୍ତ ନିର୍ମିତ ବସ୍ତୁ ଅସ୍ଥିର ଏବଂ ଦୁଃଖମୟ।

ବୁଦ୍ଧ କହିଲେ — ଦୁଃଖ ହେଉଛି ଜଗତର ଦୋଷ ନୁହେଁ, ଆମର ଆସକ୍ତି ହେଉଛି ମୂଳ କାରଣ। ଆମେ ଯେତେବେଳେ କିଛିକୁ "ମୋର"କହୁ, ସେଠିଠାରୁ ଦୁଃଖ ଆରମ୍ଭ ହୁଏ।

ଉଦାହରଣ:
ଜଣେ ଲୋକ ଆଇନା ଭିତରେ ତାଙ୍କର ଛବିକୁ ଦେଖିଲେ ଏବଂ ଭାବିଲେ — "ଏହା ମୁଁ"। କିନ୍ତୁ ଆଇନା ଭଙ୍ଗିଗଲା, ସେ କାନ୍ଦିଲେ । କାହିଁକି ? କାରଣ ସେ ଭ୍ରମ ଭିତରେ "ଆତ୍ମା" ଦେଖିଲେ।

ବୁଦ୍ଧ କହିଲେ — "ଦୁଃଖ ଆସେ, ଯେତେବେଳେ ଅସ୍ଥାୟୀ ବସ୍ତୁକୁ ଆମେ ନିଜର ସ୍ଥାୟୀ ସତ୍ୟ ଭାବୁଛୁ।"

୨. ଆଧ୍ୟାତ୍ମିକ ତତ୍ୱରୁ — "ଦୁଃଖ ହେଉଛି ଜାଗ୍ରତିର ଦ୍ୱାର"

ଶ୍ରୀକୃଷ୍ଣ ଗୀତାରେ କହିଥିଲେ: "ଦୁଃଖେଷ୍ୱ ଅନୁଦ୍ୱିଗ୍ନମନାଃ, ସୁଖେଷ୍ୱ ଭିଗତସ୍ପୃହଃ" — ଯେ ଦୁଃଖରେ ଅଚଳ ଓ ସୁଖରେ ଅନାସକ୍ତ, ସେ ମୁକ୍ତ।

ISSN NO.
2582-208X

ଅର୍ଥ: ଦୁଃଖ ନିଜେ ଅଶୁଭ ନୁହେଁ; ଏହା ଆତ୍ମାକୁ ତା'ର ସତ୍ୟ ଆକାର ଦେଖାଏ। ଯେତେବେଳେ ଜୀବନ ଆମର ଇଚ୍ଛା ଭାଙ୍ଗି ଦିଏ, ସେତେବେଳେ ଆମେ ଦେଖିପାରୁ ।

"ମୁଁ ଇଚ୍ଛା ନୁହେଁ, ମୁଁ ତା'ର ସାକ୍ଷୀ।"
ତେଣୁ ଦୁଃଖ ନାଶ ନୁହେଁ, ଦୁଃଖ ସଂସ୍କାର ଶୋଧନ।
ଯେପରି ଅଗ୍ନି ଧାତୁକୁ ଶୁଦ୍ଧ କରେ,
ଦୁଃଖ ଆତ୍ମାକୁ ଶୁଦ୍ଧ କରେ।

୩. ଉପନିଷଦ ଓ ଆତ୍ମଜ୍ଞାନର ଦୃଷ୍ଟି — "ଦୁଃଖ ଅନୁଭବ ହୁଏ, କିନ୍ତୁ ଆତ୍ମା ଦୁଃଖୀ ନୁହେଁ"

କେନ ଉପନିଷଦ କହିଛି:
"ନ ତତ୍ର ସୂର୍ଯୋ ଭାତି, ନ ଚନ୍ଦ୍ରତାରକମ୍..."

— ସେଠି (ଆତ୍ମାରେ) ସୂର୍ଯ୍ୟ ତାର ଚମକ ଦେଖାନ୍ତି ନହିଁ, ସେଠାରେ ଚନ୍ଦ୍ର ଆଲୋକ ଦେଇ ପାରେନା, କାରଣ:
ସବୁ ଆଲୋକ ସୂର୍ଯ୍ୟରୁ ହିଁ ଆସେ।
ଦୁଃଖ ଆସେ ମନ ଭିତରେ,

— ଆତ୍ମା ତା'ର ସାକ୍ଷୀ।
ଯେତେବେଳେ ତୁମେ ଭୁଲିଯାଅ ଯେ "ମୁଁସାକ୍ଷୀ",
ସେତେବେଳେ ତୁମେ "ଭୋଗୀ"ହୋଇ—ଦୁଃଖୀହୁଅ।

ତେଣୁ ଆଧ୍ୟାତ୍ମିକ ତତ୍ତ୍ୱ କହେ:

"ତୁମେ ଯେତେବେଳେ ଜାଣିବା ଯେ ଦୁଃଖ ମନର ଅଭିଜ୍ଞତା ମାତ୍ର, ତୁମ ଅସ୍ତିତ୍ୱ ନୁହେଁ — ସେ ମହୂର୍ତ୍ତରେ ମୁକ୍ତି ହେବ।"

ISSN NO.
2582-208X

୪. ଗଭୀର ଉଦାହରଣ — ଦୁଃଖ ଓ ଦିବ୍ୟ ଦୃଷ୍ଟି

ଶ୍ରୀ ରାମକୃଷ୍ଣ ଦେବଙ୍କ ଏକ ଉଦାହରଣ ଅଛି:
ସେ କହିଲେ — "ଜୀବନ ହେଉଛି ଶିବ ଓ ଶକ୍ତିର ଖେଳ।
ଦୁଃଖ ଓ ସୁଖ ଦୁହେଁ — ତା'ର ଲୀଳା।
ଯେତେବେଳେ ତୁମେ ସେଇ ଲୀଳାକୁ ଦେଖିବ, ତୁମେ ଦୁଃଖୀ ନୁହଁ ଦର୍ଶକ ହେବ।"

ଯେପରି ଜଣେ ଜ୍ଞାନୀ ନାଟକ ଦେଖୁଛି —
ନାଟକରେ ଦୁଃଖ ଦେଖିଲେ ମଧ୍ୟ ସେ ଜାଣେ — "ଏହା ନାଟକମା ତ୍ର।"
ସେହିଭଳି ଜ୍ଞାନୀ ମାନଙ୍କ ଜୀବନରେ ଦୁଃଖ ଆସିଲେ ସେମାନେ କୁହନ୍ତି —

"ଏହା ମୋ ଅନୁଭବ ହେଉଛି, କିନ୍ତୁ ମୁଁ ତାହା ନୁହେଁ।"

ନିଷ୍କର୍ଷ:

ଦୁଃଖ ଆଲୋକର ଅଭାବ ନୁହେଁ — ଆଲୋକକୁ ଜାଣିବାର ଅବସର।

ସତ୍ୟ ଆଧ୍ୟାତ୍ମିକ ବୁଦ୍ଧି ଏହି କଥା କହେ — ଦୁଃଖ ଦେଖାଇବାକୁ ଆସେ ଯେ ସତ୍ୟ କଣ। ଆମେ ତାହାକୁ ହୃଦୟଙ୍ଗମ ନକରି ନିଜର ଅଭିମାନ ଓ ଅହଂକାରକୁ ବଳିଷ୍ଠ କରି ଈଶ୍ୱର ଓ ଭାଗ୍ୟକୁ ଦୋଷ ଦେଇ ସ୍ୱଳ୍ପ ମୂଲ୍ୟବାନ ଜୀବନକୁ ନଷ୍ଟ କରିବାରେ ଅଗ୍ରଣୀ ଭୂମିକାରେ ଆଗେଇ ଯାଉଛେ।

ମଲ୍ଲୀପୁର, ନିଆଳ, ଖୋର୍ଦ୍ଧା
9439011063

ISSN NO.
2582-208X



# ମନର ଦ୍ୱନ୍ଦ



ସୁନିତା ଦାଶ

ନିସ୍ତବ୍ଧ ରାତିର ନୀରବତାରେ
ଅନ୍ଧାରର କଳା ଗହ୍ୱର
ଭିତରେ ଯେତେବେଳେ
ଶୋଇଯାଏ ସାରା ସହର,

ଉଜାଗର ରହିଥାଏ ତ କେବଳ ଗୋଟିଏ
ଅବସ ଦେହ
ଅନ୍ତହୀନ ସ୍ୱପ୍ନ କୁ ସାଉଁଟୁ ଥିବା
ଦୁଇଟି ଆଖି ,,

ବୁଢିଆଣି ଜାଲର ଅଡୁଆ ସୁତା ପରି
ଅଜସ୍ର ପ୍ରଶ୍ନ ଗୁଡେଇ ହୋଇ ରହିଛି
ସେ ଜାଗ୍ରତ ମନରେ,

କେମିତି ସେ ବାହାର କରିବ
ନିଜକୁ ସେ ବୁଢିଆଣି ଜାଲ ଭିତରୁ
କୋଉଠୁ ପାଇବ ସେ ତା ପ୍ରଶ୍ନର ଉତର,

ଏମିତି ଅନେକ କିଛି ଭାବିଭାବି
କେତବେଳେ ଯେ ସକାଳର

ISSN NO.
2582-208X

ଶୁଭ୍ର ଆଲୋକ ତା ଅବସ ଦେହକୁ
ଛୁଇଁଯାଏ,

ତାକୁ ପୁଣି ଥରେ ପ୍ରସ୍ତୁତ କରିଦିଏ
ସଂଘର୍ଷ ମୟ ଜୀବନକୁ ଜିଁ ବାକୁ
ପୁଣି ଏକ ରାତ୍ରୀ ଉଜାଗରରେ କାଟିବାକୁ,,,,,।

ଭୁବନେଶ୍ୱର

ISSN NO.
2582-208X

# ରିପୁ ନାଶନ ପଦ୍ମାଳୟା ଧବ



ଡ. ଅର୍ଜୁନ ଚରଣ ବାରିକ୍

ଶ୍ରୀଧର ଦୀନ ବାନ୍ଧବ କେଶବ ।
ମାଧବ ନାରାୟଣ ବାସୁଦେବ ।।
ନରକାର୍ଣ୍ଣବ ତାରଣଙ୍କୁ ଭାବ ।
ରାଜୀବ ଲୋଚନ ରାମ ରାଘବ ।।
ମଙ୍ଗଳ ମୂରତି ଭକ୍ତ ବାନ୍ଧବ ।
ଚଂଦନ ଚର୍ଚ୍ଚିତ ଯା ଅବୟବ ।।
ଦ୍ରବଇ ଶମନ ନାମ ପ୍ରଭାବ ।
ବାଟକୁ ସଙ୍ଖାଳି କମଳା ଧବ ।।
ରୀଷ୍ଟ କରେ ନାଶ ନୀଳମାଧବ ।
କରିତ କରମା ଶ୍ରୀକାନ୍ତେ ଭାବ ।।
ସାର ସଂସାରେ ଏକା ରମାଧବ ।
ରାସ ବିହାରୀ ଶ୍ରୀକୃଷ୍ଣ କେଶବ ।।
ଣୀବା ଓଲଟିଲେ ବାଣୀ ହୋଇବ ।
ପୋଖତ ସର୍ବ କାର୍ୟେ ଶ୍ରୀୟା ଧବ ।।
ଖଚର ପଦ ଧରା ପଦ୍ମନାଭ ।
ରୀପୁ ନାଶନ ପଦ୍ମାଳୟା ଧବ ।।

ଗ୍ରାମ ମହୁ, ଡାକ ମହୁ, କେନ୍ଦ୍ରାପଡ଼ା
ମୋ: ୯୯୩୭୯୯୦୫୯୯

ISSN NO.
2582-208X

# ଚରନିଦ୍ରା



ରଘୁନାଥ ତ୍ରିପାଠୀ

ଆସ ସଖି ଆମେ ଲଭିଯିବା ସୁଖ
ଆପଣାର ମୃତ୍ୟୁ ପରେ
ଯାହା ଦେଇପାରେ ଚରନିଦ୍ରା ସୁଖ
ପ୍ରାପ୍ତ ନୁହେଁ ବଞ୍ଚିବାରେ ।

ଦୁଃଖ କରିବାନି ହଜାଇ ଅତୀତ
ମହାକାଳ ଦେବ ସୁଖ
ତାର କୋଳେ ଶୋଇ ଅନନ୍ତ ନିଦ୍ରାରେ
ହଜାଇବା ସବୁ ଦୁଃଖ ।

ପ୍ରେମ ଆମ ଯଦି ନିତ୍ୟ ସନାତନ
ଦେଖା ହେବା ଜନ୍ମାନ୍ତରେ
ନୂତନଟି ଦେବ ଅସୁମାରି ଆଶା
ନ ମିଳେ ଯା ପୁରୁଣାରେ ।

ମନେ ଭାଳ ସଖି ନିଶି ଉଜାଗର
ଏକ ଦିଏ କେତେ କଷ୍ଟ
କେତେ ଶାନ୍ତ ଆମ ମନେ ହୃଦୟରେ
ହୋଇଯାଉଥିବ ନଷ୍ଟ ।

ISSN NO.
2582-208X

ସେଥୁ ବୁଝିଯିବା ନିଦ୍ରା ଦାନ କରେ
ଅସୀମ ଅପାର ସୁଖ
ଦୁନିଆରୁ ଯଦି ବିଦାୟ ଘେନିବା
ମୋଚନ ହୋଇବ ଦୁଃଖ ।

ଯଦି ଏକ ହେବା ପର ଜନମରେ
ପୂର୍ଣ୍ଣ ହେବ ମନସ୍କାମ
ଅନନ୍ତ ଆନନ୍ଦ ଖୋଜିନେବେ ସେହି
ପ୍ରେମୀ ମନ ଦୁଇ ଆମ ।

ସରସ ସୁନ୍ଦର ନୂତନଟି ସଦା
ସମ୍ଭାବ୍ୟ ଭବ୍ୟ ସପନ
ଚିରନିଦ୍ରା କୋଳେ ସପନ ଦେଖାରେ
ହୋଇବା ଆମେ ମଗନ ।

ବାଲିସାହି, ମଧୁପାଟଣା
କଟକ ୯୪୩୭୩୧୭୫୫୮

ISSN NO.
2582-208X

# ପ୍ରିୟଙ୍କୁ ମୋ ଚଠି



ରଶ୍ମିତା ନାୟକ

ପ୍ରାପ୍ତେଷୁ, ଶ୍ରୀକୃଷ୍ଣଚନ୍ଦ୍ର ବୃଷ୍ଣିବଂଶି
ନିବାସ ଦ୍ଵରିକାପୁର
ଆଭୂମ ପ୍ରଣାମ ଦାସୀର ଘେନନ୍ତୁ
ହୃଦୟ ଦେବତା ମୋର ॥

ପିତା ମାତା ଭ୍ରାତା ଅଷ୍ଟପାଟ ବଂଶି
ମୋ ପ୍ରଣାମ ସମସ୍ତଙ୍କୁ
ଜଣାଇବେ ପ୍ରିୟ ଏ ରାସବାସରେ
ଝୁରୁଛି ମୁଁ ଆପଣଙ୍କୁ ॥

କେମିତି ଅଛନ୍ତି କୁଶଳେ ମଙ୍ଗଳେ
ଜଣାଇବେ ମୋତେ ଶ୍ୟାମ
ଏ ରାସବାସରେ କାହାସଙ୍ଗେ ରାସ
ରଚୁଛନ୍ତି ପ୍ରିୟତମ ॥

ଝୁଲୁନି ଝୁଲଣ ଝୁରେ ବୃନ୍ଦାବନ
ଝୁରୁଛନ୍ତି ଗୋପଲୁଣୀ
ଅଳିନ୍ଦନିଳୟେ ଅବ୍ୟକ୍ତ ବିରହ
ବେଦନା ମୋ ବେଣୁପାଣି ॥

ISSN NO.
2582-208X

କରିବାରଣ ପଲଙ୍କ ଖୁରାଅଛି
ହିରାବାରଣ ଯନ୍ତ୍ରରେ
ତୁଳାଶେଯେ ତୁଳୀକା ଉପରେ ବସି
ଚିଠି ଲେଖୁଛି ଅଶ୍ରୁରେ ॥

ଚିଠିପାଇ ଚିଠି ଦେବେ ରାସେଶ୍ୱର
ନାମ ଲେଖିବେ ମୋହରି
ଚାତକୀ ସମ ମୁଁ ଚିଠି ଅପେକ୍ଷାରେ
ଇତି ତୁମ ରାସେଶ୍ୱରୀ ॥

ଧୋବେଇ, ଜପା,
ଏରସମା, ଜଗତସିଂହପୁର

ISSN NO.
2582-208X

# ଔପନ୍ୟାସିକ ଚନ୍ଦ୍ରଶେଖର ରଥଙ୍କ ଅସୂର୍ଯ ଉପନବେଶରେ ବିଶୃଙ୍ଖଳତ ଚରିତ୍ର :ଏକ ଦୃଷ୍ଟିପାତ



ପବିତ୍ର ବାଗ

ଓଡ଼ିଆ ସାହିତ୍ୟ ମଧ୍ୟରେ ହୀରକ ପରି ଔଜ୍ଜ୍ୱଲ୍ୟତା ପ୍ରକାଶ କରୁଥିବା ସାହିତ୍ୟିକମାନଙ୍କ ମଧ୍ୟରୁ ଚନ୍ଦ୍ରଶେଖର ରଥ ଅନ୍ୟତମ। ସେ ଏକ ବିଶିଷ୍ଟ ସିଂହାସନର ଅଧିକାରୀ। ସେ କେବଳ ଉପନ୍ୟାସ ସାହିତ୍ୟକୁ ସମୃଦ୍ଧ କରିନାହାନ୍ତି, ଗଳ୍ପ, ପ୍ରବନ୍ଧ, କବିତାରେ ମଧ୍ୟ ତାଙ୍କର ପାରଦର୍ଶିତା ଅଛି। ସେ ବହୁଭାଷୀ ଲେଖକ। ସଂସ୍କୃତ, ଓଡ଼ିଆ, ହିନ୍ଦୀ, ଇଂରାଜୀ, ସମ୍ବଲପୁରୀ ଆଦି ଭାଷା ଉପରେ ତାଙ୍କର ଅସାଧାରଣ ଦକ୍ଷତା । ତାଙ୍କ ଲେଖକୀୟ ଜୀବନର ତିନିଗୋଟି ଉପନ୍ୟାସ ହେଉଛି ଯନ୍ତ୍ରାରୁଢ଼ (୧୯୬୭), ଅସୂର୍ଯ ଉପନିବେଶ (୧୯୭୪) ଓ ନବଜାତକ (୧୯୮୧)। ତାଙ୍କର ଗଳ୍ପଗ୍ରନ୍ଥ ମଧ୍ୟରେ ଅନେକ ବନ୍ୟାପରେ (୧୯୭୮), ଅଶ୍ୱାରୋହୀର ଗଳ୍ପ (୧୯୭୯), ସମ୍ରାଟ ଓ ଅନ୍ୟମାନେ (୧୯୮୦), ଅନ୍ୟ ଏକ ସକାଳ (୧୯୮୧), ସବୁଯାକ ସ୍ୱପ୍ନ (୧୯୮୪), ବାଘ ସବାର(୧୯୮୭), ଏତେ ପାଖରେ ସମୁଦ୍ର(୧୯୮୮), ପାହାଡ଼ ଚଢ଼ା, ବିକ୍ରୀ ପାଇଁ ଫୁଲମାଳ(୧୯୯୦), ସ୍ୱପ୍ନ ବାହାକ (୧୯୯୨), ସବୁଠାରୁ ଦୀର୍ଘରାତି(୧୯୯୪), କ୍ରମଶଃ ଗଭୀର ନଈ(୧୯୯୬), ଅନ୍ତିମ (୧୯୯୬), ଶିଖର ଲଙ୍ଘନ (୨୦୦୨), ନାଗାନ୍ତକ ବିଦ୍ୟା (୨୦୦୪), ସନ୍ଧି କାଳ (୨୦୦୭)। ତାଙ୍କ ପ୍ରବନ୍ଧଗ୍ରନ୍ଥ ମଧ୍ୟରେ ମୁଁ ସତ୍ୟଧର୍ମା କହୁଛି (୧୯୬୭), ମଧୁସନ୍ଧାନ(୧୯୭୮), ଅଶ୍ରୁତ ସ୍ୱର(୧୯୮୧), ରଥ ସପ୍ତକ (୧୯୮୫) ଇତ୍ୟାଦି ପ୍ରଧାନ। ତାଙ୍କର ଦ୍ୱିତୀୟ ଉପନ୍ୟାସ ଅସୂର୍ଯ ଉପନିବେଶ (୧୯୭୪) ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ୧୯୮୦ମସିହାରେ, ସମ୍ରାଟ ଓ ଅନ୍ୟମାନେ ଗଳ୍ପଗ୍ରନ୍ଥ ପାଇଁ ଶାରଳା ପୁରସ୍କାର ୧୯୮୧ରେ, ସବୁଠାରୁ ଦୀର୍ଘ ରାତି ଗଳ୍ପ ଗ୍ରନ୍ଥ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ

ISSN NO.
2582-208X

ପୁରସ୍କାର ୧୯୯୬ରେ ପାଇଛନ୍ତି। ଏହା ବ୍ୟତୀତ ୨୦୧୧ରେ ସାହିତ୍ୟ ଭାରତୀ ସମ୍ମାନ ଓ ୨୦୧୮ରେ ପଦ୍ମଶ୍ରୀ ପୁରସ୍କାର ପାଇଛନ୍ତି ତାଙ୍କର ଲେଖନୀର ମହନୀୟତା ଯୋଗୁଁ।

ଉପନ୍ୟାସ ମାନବ ଜୀବନର ଗଦ୍ୟ କାହାଣୀ ଓ ଚରିତ୍ର ହେଉଛି ମଣିଷର ପ୍ରତିରୂପ। ଏଣୁ ଉପନ୍ୟାସରେ ଚରିତ୍ରର ପ୍ରାଧାନ୍ୟ ଅନସ୍ୱୀକାର୍ଯ୍ୟ। 'ଚର୍' ଧାତୁରେ ଇତ ପ୍ରତ୍ୟୟ ଯୋଗରେ ଚରିତ୍ର ଶବ୍ଦର ସୃଷ୍ଟି ହୋଇଛି। ବ୍ୟକ୍ତିର ଗୁଣ, ସ୍ୱଭାବ ଇତ୍ୟାଦି ଚରିତ୍ର ଦ୍ୱାରା ଜଣାପଡିଥାଏ। ଉପନ୍ୟାସର ଚରିତ୍ର ଔପନ୍ୟାସିକଙ୍କ କଳାତ୍ମକ ସୃଷ୍ଟି। ଚିତ୍ରକର ଯେମିତି ଚାହେଁ ଚିତ୍ର ସେପରି ହୋଇଥାଏ, ଠିକ ସେପରି ଔପନ୍ୟାସିକର ମନମୁତାବକ ଚରିତ୍ର ସ୍ଥାନ ପାଏ। ଚରିତ୍ର ମୁଖ୍ୟତଃ ଦୁଇ ପ୍ରକାରର ଗୋଟିଏ ମୁଖ୍ୟ ଚରିତ୍ର ଓ ଅନ୍ୟଟି ଗୌଣ ଚରିତ୍ର। ଏହା ବାଦ୍ ମଧ୍ୟ ସ୍ଥିତିଶୀଳ ଓ ଗତିଶୀଳ ଭାବରେ, ଟାଇପ, ରାଉଣ୍ଡ, ଫ୍ଲାଟ ଭାବରେ ଚରିତ୍ର ନାନାବିଧ। କେତେକ ଆଦର୍ଶ ଚରିତ୍ର ଥିବାବେଳେ କେତେକ କଳଙ୍କିତ, ବିଶୃଙ୍ଖଳିତ ଚରିତ୍ର ଦେଖିବାକୁ ମିଳିଥାଏ।

ଅସୂର୍ଯ୍ୟ ଉପନିବେଶ ଉପନ୍ୟାସର ମୁଖ୍ୟ ଚରିତ୍ର ଜୟନ୍ତ ପରିଡ଼ା। ସେ ଏକ ଜାରଜ ସନ୍ତାନ। ଦିଗମ୍ବର ମଙ୍ଗରାଜ ଘରେ ଆଶ୍ରିତା ଚାକରାଣୀ ଭାବରେ କାର୍ଯ୍ୟ କରୁଥିବା ଚେମୀର ସନ୍ତାନ। ବର୍ଷା ରାତିର ମନରେ ଉଙ୍କି ମାରିଥିବା ଦିଗମ୍ବର ଓ ଚେମୀରପାପର ଫଳ ହେଉଛି ଜୟନ୍ତ। ସେ ଜାରଜ ସନ୍ତାନ, ସେ କିନ୍ତୁ ଜାଣିଛି ତା'ର ଜନ୍ମ ବୃତ୍ତାନ୍ତ ଓ ପ୍ରତିଶୋଧ ଜ୍ୱାଳାରେ ଜଳିଛି। ପାଠ ପଢ଼ିଛି ଓ.ଏ.ଏସ. ଚାକିରୀ କରିଛି। ନାନା ପ୍ରକାର କୁତ୍ସା, କଦର୍ଯ୍ୟ କାର୍ଯ୍ୟ କରିବାକୁ ପଛେଇ ନାହି।

ଜୟନ୍ତ ଚାକିରୀ ପାଇଛି କିନ୍ତୁ ତାହା ମଧ୍ୟ ସିଧାସଳଖରେ ପାଇଁ ନାହିଁ। ଜୟନ୍ତ ଏସ.ପି. ମାୟାଧର ରାୟଙ୍କ ଘରେ ରହେ ଏବଂ ତାଙ୍କ ଝିଅ ସୁଜାତାକୁ ପାଠ ପଢାଏ। ଏଣୁ ତା'ର ସୁଜାତା ସହ ଘନିଷ୍ଠତା ଅଧିକ। ପରେ ସେ ଯାହାକୁ ପାଠ ପଢାଇଛି ତାହାକୁ ଶୋଷଣ କରିଛି। ଜୟନ୍ତ ମାୟାଧର ରାୟଙ୍କ ଘରେ ଥିବାବେଳେ କେତେ ସଦାଶିବନ ସାହାବ ବା ମୁଥଥୁ ସ୍ୱାମୀ ସାହେବଙ୍କୁ ରାତିଦିନ ସନ୍ତୁଷ୍ଟ କରିଛି। ମନ୍ତ୍ରୀଙ୍କ ଆଗପଛ ଲୋକଙ୍କୁ ବିଭିନ୍ନ ଆଳ ଉପାୟରେ ବଶୀଭୂତ କରିଅଛି। ଓ.ଏ.ଏସ ପରୀକ୍ଷାରେ ନମ୍ବର ପାଇବା ପାଇଁ ଭିକ୍ଷା ଚାଙ୍ଗୁଡି ଧରି ପରୀକ୍ଷକମାନଙ୍କ ଜ୍ଞାତି କୁଟୁମ୍ବଙ୍କ ପାଖରେ ଧାରଣା ଦେଇଛି।

ISSN NO.
2582-208X

ସେ ଯେତେବେଳେ ଓ.ଏ.ଏସ୍ ପାଇଛି ତା'ର ଆଖିରେ କାମନାର, ଶୋଷଣର ବହ୍ନି ଜଳିଛି। ସେ ଯାହାକୁ ପାଠ ପଢ଼ାଇ ସମ୍ପର୍କ ଘନିଷ୍ଠ କରିଥିଲା। ତା'ର ପ୍ରତି ଆଉ ସ୍ନେହ ନାହିଁ, ଅଛି କାମନା। ଏହିଠାରେ କେବଳ ପୁରୁଷ ଦାୟୀ ନୁହେଁ ନାରୀ (ସୁଜାତା) ମଧ୍ୟ ସେତିକି ପରିମାଣରେ ଦାୟୀ। ଆଧୁନିକ ହେବା ନାଁ ରେ ସେ ଜୀବନର କଳଙ୍କମୟ ଅଧ୍ୟାୟ ଲେଖି ଚାଲିଛି। ଏସ୍.ପି ଙ୍କ ଝିଅ ହୋଇଥିଲେ ମଧ୍ୟ ମାଁଙ୍କ ସହ ରାତିରେ କ୍ଲବକୁ ଯାଏ। ନାନାଦି ମାଦକ ଦ୍ରବ୍ୟ ସେବନ କରେ। ଗୀତ ଗାଇ ଅନ୍ୟ ସହ ନାଚେ। ଏହି ପରି ଏକପ୍ରକାର କୁତ୍ସିତ ଚରିତ୍ର ସୁଜାତା। ସୁଜାତା ବିଶ୍ୱମ୍ବରବାବୁ ଅଫିସ କିରାଣୀକୁ ବାହା ହେଇଅଛି । ବିଶ୍ୱମ୍ବରର ସାଙ୍ଗ ଜୟନ୍ତ। ଜୟନ୍ତର ପୂର୍ବ ସମ୍ପର୍କ ଥିଲା ସୁଜାତା ସହ। ଏହା ବିଶ୍ୱମ୍ବର ମଧ୍ୟ ଜାଣିଛି। ସୁଜାତା ଚରିତ୍ର ଉପନ୍ୟାସର ପ୍ରାରମ୍ଭରେ ଝାପସା ଦେଖାଯାଉଥିବାବେଳେ କିନ୍ତୁ ଶେଷରେ ତା'ର ନଗ୍ନରୂପ (କଳା କାରନାମା) ଦେଖିବାକୁ ମିଳିଥାଏ। ସୁଜାତା ଜୟନ୍ତକୁ ବିବାହ ନ କରିବାର ଗୋଟିଏ ପ୍ରମୁଖ କାରଣ ହେଉଛି ଯେ ଜୟନ୍ତ କୁଆଡେ ରଖୁଣୀଆଡ଼ର ପୁଅ। ଏଣୁ ବିଶ୍ୱମ୍ବରକୁ ବାହା ହୋଇଛି।

ଅଧିକାଂଶ ନାରୀ ସ୍ୱଭାବତଃ ଅର୍ଥ, କ୍ଷମତାର ପଛେ ଗୋଡ଼ାଇଥାନ୍ତି । ଏ ଉପନ୍ୟାସରେ ମଧ୍ୟ ସୁଜାତା ଯେତେବେଳେ ଜାଣିଛି ଯେ ଜୟନ୍ତ ଓ.ଏ.ଏସ୍ ହୋଇଯାଇଛି। ତଦ୍ ପରେ ପତି ଦେବଙ୍କୁ ମିଥ୍ୟା କହି ଫିଲ୍ମ ଦେଖିବାକୁ ଯାଉଛି କହି ହାଜର ହୋଇଛି ଜୟନ୍ତର ଆବାସକୁ। ସୁଜାତାର ଝିଅ ଛବି ଓ ପୁଅ ରବି। ଛବିର ସାଙ୍ଗ ସୁଷମା। ସୁଷମାକୁ ତା' ବୋଉ ଦିନେ କହୁଥିଲା –"ଛବି ବୋଉ ଭାରି ଖରାପ। ଛବି ତାହା ମନରେ ଧରି ରବିକୁ କହିଛି। ରବି ମଧ୍ୟ ନିଜ ଅନୁଭୂତି ଶୁଣାଇଛି ଯେ ସିନେମା ଦେଖିଯିବା ବାହାନା କରି ଏକ ଘରକୁ ଯାଇଥିଲା ମାଁ। ମୋତେ ମଧ୍ୟ ନେଇଥିଲା। କାରଣ ଦୁଇଜଣ ଗଲେ କେହି ମଧ୍ୟ ସନ୍ଦେହ ଦୃଷ୍ଟିରେ ଦେଖିବେ ନାହିଁ ବୋଲି । ନାନାଦି କାର୍ଯ୍ୟକରି  ବାହାନା କରି ଛୋଟ ପିଲାର ମନ ଭୁଲାଇଛନ୍ତି। ଏଥିରୁ ସୁଜାତା ଚରିତ୍ରକୁ ଭଲ ଭାବର ଅନୁଧ୍ୟାନ କରାଯାଇପାରେ।

ସୁଜାତା ଚରିତ୍ରର ଆଉ ଏକ ନମୁନା ଦେଖିବାକୁ ମିଳେ କ୍ଲବ୍ ଘରେ। ଆଧୁନିକ ନାରୀର ମନସ୍ତତ୍ତ୍ୱକୁ ଠିକ୍ ଭାବରେ ହୃଦୟଙ୍ଗମ କରିହୁଏ। ସୁଜାତା ଜୟନ୍ତ ସହ ମିଶିବା ପାଇଁ ଯେତେବେଳେ କ୍ଲବ୍ ଘରକୁ ବାହାରିଛି। ସେତେବେଳେ ତାଙ୍କର ଚାକର ବାଞ୍ଛାକୁ ରୋଷେଇ କରିବନାହି ବୋଲି କହିଛି। ସେ ସନ୍ଦେହ କରି ଟିକେ କହିଛି ଯେ ଏତେ ବଡ଼ ଘର ବୋହୁ

ISSN NO.
2582-208X

ହୋଇ ବାହାରକୁ ଏମିତି ଯିବା ଠିକ ନୁହଁ ବୋଲି। କିନ୍ତୁ ଏତିକିରେ ସୁଜାତା ରାଗି ରାଗ ଗରଗର ହୋଇ ଗାଲି କରିଛି ଓ ତାକୁ ଘରୁ ତଡ଼ି ଦେଇଛି। ରାଗରେ ଜୟନ୍ତକୁ ଭେଟିବା ପାଇଁ ଯିବାବେଳେ ବିଶ୍ୱମ୍ଭର ସନ୍ଦେହ କରିଛି। ତଥାପି ପତି ଦେବଙ୍କୁ ଖାତିର ନକରି ମିଳନ ଆଶାରେ କ୍ଲବକୁ ଯାଇଛି। ଏପରି ଏକ କଳଙ୍କିତ ଚରିତ୍ର ସୁଜାତା। ଆଧୁନିକା ନାମରେ କଳଙ୍କିନୀ ସାଜିଛି।

ନିଜ ସ୍ତ୍ରୀକୁ ଆୟତ୍ତରେ କରିପାରୁନଥିବାରୁ ବିଶ୍ୱମ୍ଭରକୁ କାହିଁ କେତେ ଲୋକ ତାଚ୍ଛଲ୍ୟ କରିଛନ୍ତି ହସିଛନ୍ତି। ସେ କିନ୍ତୁ କିଛି କରିନପାରି ପିତାଙ୍କ ଫଟୋକୁ କଚାଡି ଦେଇଛି। ଶେଷରେ ଘର ଛାଡ଼ି ପଳେଇଛି । ବିଶ୍ୱମ୍ଭର ଦିଗମ୍ବର ମଙ୍ଗରାଜର ପୁଅ। ଦିନେ ସୁଜାତା ପାଇଁ ସେ ଶାଢ଼ୀଟିଏ ଆଣିଛି। ତାହା ଦେଖି ସୁଜାତା ହସିଛି ତାଚ୍ଛଲ୍ୟରେ। ତାହା ସେ ପସନ୍ଦ କରିନାହିଁ।

ଯୌନତାର ବର୍ବରତା ଏହି ଉପନ୍ୟାସରେ ସୁଜାତା, ଲକ୍ଷ୍ମୀ, ଚେମୀ ଆଦି ଏକକ କଳଙ୍କିତ ଚରିତ୍ର ଗୁଡ଼ିକ। କିଏ କାହା ସହ ମନର କ୍ଷୁଧା ମେଣ୍ଟାଇଛି ତ କିଏ ବାଧ୍ୟବାଧ୍ୟକତାରେ ଯୌନଶୋଷଣର ଶିକାର ହୋଇଛି। ଏଠାରେ ସୂର୍ଯ୍ୟର ଉଜ୍ଜ୍ୱଳତମ ନିର୍ମଳତାରକା ଦେଖାନାହିଁ। ଏଣୁ ଔପନ୍ୟାସିକ ଶ୍ରୀ ରଥ ଉପନ୍ୟାସର ନାମକରଣ ଅସୂର୍ଯ୍ୟ ଉପନିବେଶ ରଖିଛନ୍ତି।

ଉପନ୍ୟାସରେ ଯୌନତା ଯେଭଳି ରହିଛି ପରଶ୍ରୀକାତରତା, ଅନ୍ୟାୟ, ଅନୀତି ଅତ୍ୟାଚାର ମଧ୍ୟ ସ୍ଥାନିତ ହୋଇଛି। ଜୟନ୍ତ ଯେତେବେଳେ ଓ.ଏ.ଏସ ପାଇଁ ଜଏନିଂ କରିଛି। ସିନିଅର ଆସିଷ୍ଟାଣ୍ଟ ଜୟରାମକୁ ଗୋଟିଏ ପ୍ରକାର ବାଧ୍ୟ କରିଛି। ତା ଉପରେ ଜୋର ଜବରଦସ୍ତ ଅଭିଯୋଗ ଲଦି ଦିଆଯାଇଛି। କାଦମ୍ବିନୀ ପ୍ରତି ଅସଦାଚରଣ କରିଥିବା ଯୋଗୁ ଏବଂ କପିଳା ଏଣ୍ଡ କମ୍ପାନୀ ଠାରୁ ଉତ୍କୋଚ ନେଉଥିବା ଅଭିଯୋଗରେ। ଏହା ସାଧାରଣତଃ ଉପରିସ୍ଥ ଅଫିସରକୁ ଯଦି ଅଧିନସ୍ଥ କର୍ମଚାରୀ ଠିକ୍ ବ୍ୟବହାର ନକରେ ତାହେଲେ ସେମିତି ହୋଇଥାଏ। ଜୟରାମର ଭାଇ ମାୟାଧର। ଏଣୁ ମାୟାଧରର ଝିଅ ସୁଜାତା ସହ ତା'ର ରସ ସମ୍ପର୍କ ଗଢିଛି ଜୟନ୍ତ ପ୍ରତିଶୋଧ ନିଆଁରେ।

ସରକାରୀ କର୍ମଚାରୀମାନଙ୍କ କାର୍ଯ୍ୟରେ ଅବହେଳା ଓ ଅସଦାଚରଣ ପ୍ରଦର୍ଶନ କାର୍ଯ୍ୟ ସମାଜରେ ନିନ୍ଦନୀୟ। ସେହି ପ୍ରକାର ଚିତ୍ର ଦେଖିବାକୁ ମିଳେ ଏଥିରେ। ରୋଜି ଓ

ISSN NO.
2582-208X

ବିମଳେନ୍ଦୁ ଜୟନ୍ତ ଘରକୁ ନେଇ କଥାବାର୍ତ୍ତା ହେଉଥିବା ସମୟରେ ଜଣା ପଡ଼େ ଅଫିସର ମାନଙ୍କ ମନୋବୃତ୍ତି। ଅଫିସରେ କେବଳ ଫାଇଲ ସଂଖ୍ୟା ବଢ଼େ, ସମସ୍ୟାର ସମାଧାନ ହୋଇପାରେ ନାହିଁ। ଅଫିସରମାନେ ଚା ଖିଆ ଦୋକାନକୁ ଗଲେ ସେତେବେଳଠୁ ପ୍ରାୟ ଅଫିସ ଛୁଟି। ସେଥିପାଇଁ ଚନ୍ଦ୍ରଶେଖର ରଥ ଏଇ ଅଫିସର ମାନଙ୍କୁ ପ୍ରବାସୀ ପକ୍ଷୀ ସହ ତୁଳନା କରିଛନ୍ତି । ସମାଜରେ ଦେଖାଯାଉଥିବା ଭ୍ରଷ୍ଟାଚାରର ଚିତ୍ର ଦେଖିବାକୁ ମିଳେ। ଅଫିସରମାନଙ୍କର ଜାତୀୟ ଲକ୍ଷଣ ଢୁଲେଇବା। ଢୁଲେଇଲେ ଗୋଟିଏ ସିମେଣ୍ଟରେ ଛ'ଟା ବାଲି ନମିଶି ବାରଟା ବାଲି ମିଶେ, ରୋଡରେ ୧୬ଟ୍ରକ ମାଟି ମିଶାଇ ଜାଗାରେ ୬୦ ଟ୍ରକ ଚଢ଼ିଯାଏ । ଏହାର ଅର୍ଥ ଉନ୍ନତମାନର କାର୍ଯ୍ୟ ନହୋଇ ଅନୁନ୍ନତ କାର୍ଯ୍ୟ କରାଯାଏ। ଯେଉଁ ଯାଗାରେ ମାଟି ପଡ଼ିବା କଥା ସେଠାରେ ନପଡ଼ି ବିଲରେ ବା ଅନ୍ୟତ୍ର ପକାଯାଏ। ସବୁବେଳେ କେବଳ ଲାଞ୍ଚ ଓ ମିଥ୍ୟାର ପ୍ରଶ୍ରୟ ଚାଲିଛି। ସରକାରୀ କାର୍ଯ୍ୟର ନଗ୍ନଚିତ୍ର ଦେଖିବାକୁ ମିଳେ।

କଣ୍ଟ୍ରାକ୍ଟରମାନଙ୍କର ସମାଜରେ ବିଶୃଙ୍ଖଳିତ ଜୀବନର ଏକ ଏକ ମାନଦଣ୍ଡ । ଠିକ୍ ସେହିପରି ଏକ ଚରିତ୍ର ହେଉଛି ମହାଜନ ମୂଳ ଚାନ୍ଦ ସୋନ୍ଦି ସେ ଏକ କଣ୍ଟ୍ରାକ୍ଟର। ଅର୍ଥ ଉତ୍କୋଚ ଦେଇ ଜୟନ୍ତ ଓ.ଏ.ଏସ କୁ ବିଲ ପାସ କରାଇବାରେ ତାହାର ସାହାଯ୍ୟ ସହଯୋଗ ମାଗିଛି । ସେ ଚରିତ୍ର ସଂପର୍କ ସମ୍ବନ୍ଧରେ ଲେଖକଙ୍କ ଭାଷାରେ – ମୁଲଚାନ୍ଦ ପଇସା ବାଲା। ଯେତେ ସବୁ ଅନ୍ୟାୟ, ଅନୀତି,ଦୁରାଚାର ସବୁ ସେ କରାଏ। କିନ୍ତୁ ତା'ର ହାତ ଦେଖା ପଡ଼େ ନାହିଁ କି ଧରା ପଡେ ନାହିଁ। ତା'ର ପାଇଁ ପଇସା ଫିଙ୍ଗିଲେ କେତେ ଲୋକ ଜେଲ ଯିବେ, ଫାଶୀ ଚଢ଼ିବେ, ନିଜ ମୁଣ୍ଡରେ ଦୋଷ ଲଦିବେ। ଆଜି ମଧ୍ୟ ଏପରି ପରିସ୍ଥିତିରେ ଅଭାବ ନାହିଁ। ମୁଲଚାନ୍ଦ ସୋନ୍ଦି ଗୋଟେ ଗୁଣ୍ଡା। ମୁଲଚାନ୍ଦକୁ ମାରିବା ପାଇଁ ବିମଳ ବାବୁଙ୍କ ନୌକର ଓଲା (ହସିଦ) ରାଗ ରଖିଥାଏ। କାରଣ ତା'ର ପରିବାରକୁ ମୁଲଚାନ୍ଦ ବରବାଦ କରିଦେଇଛି। ସୁଖର ସଂସାରକୁ ଉଜାଡି ଦେଇଛି। ଏଣୁ ପ୍ରତିଶୋଧର ନିଆଁରେ ସେ ଜଳିଛି । ଯେତେବେଳେ ସେ ପ୍ରତିଶୋଧ ନେବା ପାଇଁ ଆସିଛି ମୁଲଚାନ୍ଦର ବଡିଗାର୍ଡ ଲଛନା ମାରିଦେଇଛି। ଜୟନ୍ତ ମୁହଁରେ ଶ୍ରୀ ରଥ ଏଣୁ କହିଛନ୍ତି –"ଶଳା, ନ୍ୟାୟ, ଧର୍ମ, ହାତଗୋଡ ବାନ୍ଧି ମଣିଷକୁ ଘୁଷୁରି କରିବା ପାଇଁ ଏହା ଏକ ପଘା ×××××××××××× ଯେତେବେଶୀ ଲୋକଙ୍କ ଉପରେ ଦଳି ଚକଟି ଠିଆ ହୋଇପାରିଲା ସେ ସେଇ ଯୁକ୍ତିରେ ବୀର । ସେ ହିଁ ଆଲେକଜାଣ୍ଡାର।"

ISSN NO.
2582-208X

ଶ୍ରୀରଥଙ୍କ ଅସୂର୍ଯ୍ୟ ଉପନିବେଶ ଏହିପରି ଏକ ଉପନ୍ୟାସ ଯେଉଁଠି ଚରିତ୍ରହୀନା, କଳଙ୍କିନୀ, ଅତ୍ୟାଚାରୀ, ବିଶୃଙ୍ଖଳିତ ସମାଜର ଚିତ୍ର ଫୁଟି ଉଠିଛି। ଏଣୁ ସେ ନିଜର ଏଇ ଉପନ୍ୟାସକୁ ଯନ୍ତ୍ରାରୁଢ଼ ଉପନ୍ୟାସର ବୀପରିତ ମେରୁ ବୋଲି କହିଛନ୍ତି। ଯନ୍ତ୍ରାରୁଢରେ ଆଧ୍ୟାତ୍ମିକତାର ସ୍ୱର୍ଗୀୟ ଭାବନା ସନାତନ ଚରିତ୍ର ମାଧ୍ୟମରେ ଉଜ୍ଜୀବିତ ହେଉଥିବା ବେଳେ ଅସୂର୍ଯ୍ୟ ଉପନିବେଶ ରେ ଦେଖାଦେଇଛି ନାରକୀୟ, ପାପାଚାରୀ, କାମ ବାସନା, ଅନ୍ୟାୟ ଅନୀତିର କଳୁଷିତ ସମାଜ। ଚନ୍ଦ୍ରଶେଖର ରଥଙ୍କ ଏହି ଉପନ୍ୟାସର ଭାଷାଶୈଳୀ ଉନ୍ନତ, ମାର୍ଜିତ ଓ ରୁଚିକର। ଏଥିରେ ଅନେକ ଉପମା, ପ୍ରତୀକର ବ୍ୟଞ୍ଜନାର ପ୍ରୟୋଗ କରାଯାଇଛି ସେଥିପାଇଁ ମଗଜ ଘୁରାଇବାକୁ ପଡ଼େ। ତାଙ୍କର ଚିନ୍ତା ଚେତନାରେ ସମାଜର ବାସ୍ତବ ଜୀବନାନୁଭୂତି ହେଉଛି ବାସ୍ତବରେ ଅସୂର୍ଯ୍ୟ ଉପନିବେଶ।

ଗବେଷକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ନୀରବ ଆଖି



ସୁଚନ୍ଦ୍ରା ମହାନ୍ତ

ନୀରବ ଆଖିର ନୀରବ ଚାହାଣୀ
ନ କହି ବି କହିଦିଏ
ଆତ୍ମାର ଅଧୁରା କାହାଣୀ
ମନର ଭାବନା ବୁଝିପାରଏନି ସେ
ବୁଝେନି ମନର ବ୍ୟଥା
ଆଖି ଭିଜିଯାଏ ଲୁହରେ
ଛାତି ଥରିଯାଏ କୋହରେ
ତଥାପି ସେ ଜାଣେନି
କଷ୍ଟ ଆଉ ଭାବନା କଥା
ତଥାପି ଭୁଲି ହୁଏନି ସେ
ବିତିଯାଇଥିବା ସ୍ମୃତି
ବେଳେ ବେଳେ ଲାଗେ ଏମିତି
ହେଇଯାଇଛି ସବୁ ଇତି
ମନକୁ ବୁଝେଇ
ଲୁହକୁ ଲୁଚେଇ
କରେ ସେ କେତେ ବାହାନା
ହେଲେ କିଏ ସେ ବୁଝିବ
କିଏ ସେ ଜାଣିବ

ISSN NO.
2582-208X

କେତେ ଯେ ସହିଛି ସେ
କଷ୍ଟ ଆଉ କେତେ ଯାତନା
ନୀରବ ଆଖିର ନୀରବ ଚାହାଣୀ
ସାକ୍ଷୀ ଏ ଇଶ୍ୱର ସାକ୍ଷୀ ଏ ଦୁନିଆ
ନୁହେଁ ସେ ମନ ଗଢା କାହାଣୀ
କିଏ ସେ ବୁଝିବ କିଏ ବୁଝେଇବ
ମନ ଆଉ ଆତ୍ମାର ଅଧୁରା କାହାଣୀ

ସରକାରୀ ୟୁଜି ହାଇସ୍କୁଲ, ଭ୍ରମାସ୍ୟାଲି
ବୁଗୁଡା, ଗଞ୍ଜାମ
ପିନ୍ - 761118 / ମୋ-9337252532

ISSN NO.
2582-208X

# ସାୟନ୍ତନର ସୁଷମା



ସୁନିଲ କୁମାର ନାୟକ

ହେ ସାୟନ୍ତନ ର ସୁଷମା
ତୁମ ରକ୍ତିମ ଆଭାର କି ଅବା ଦେବି ଉପମା ॥
କେବେ ତୁମେ କବିର କବିତା ଗର୍ବରେ
କେବେ ପୁଣି ପ୍ରକୃତି ପ୍ରେମୀର ପ୍ରେମରେ ॥
ଦେଇଅଛ ଶବ୍ଦ ହୋଇ ସମ୍ବେଦନ
ପାଇବାକୁ ସେହି ଅପୂର୍ବ ଆଲୋଡନ ॥୧॥
ଯେବେ ଆସେ ରଜନୀର ଗାମ୍ଭୀର୍ଯ୍ୟ
ତାପରେ ବିଦ୍ୟମାନ ସକାଳର ମାଧୁର୍ଯ୍ୟ ॥
କ୍ରମେ ମଧ୍ୟାହ୍ନ ପରେ ଅପରାହ୍ନର ଐଶ୍ୱର୍ଯ୍ୟ
ଦୂର ଦିଗବଳୟେ ଆଜି ଭାବନା ଓ ଚେତନାର ସୂର୍ଯ୍ୟ ॥
ଧରି ରହିଛନ୍ତି ସତ୍ୟ, ସାହସ ଏବଂ ଅପୂର୍ବ ଧୈର୍ଯ୍ୟ
ତଥାପି ଏ ଉଲ୍ଲସିତ ପ୍ରାଣ
ପଚାରେ ପ୍ରଶ୍ନ ହୋଇ ଅଧୈର୍ଯ୍ୟ,
ରେ ଅବୁଝା ମନ
କେତେ ଦୂର ଆଉ ସନ୍ଧ୍ୟାର ସୌନ୍ଦର୍ଯ୍ୟ ॥୨॥
କେତେବେଳେ ସାଗରର ଶେଷ ପ୍ରାନ୍ତରେ
ତ କେବେ ନଦୀ ସେପାରି ପର୍ବତ ଶୀର୍ଷରେ ॥
କେବେ ପୁଣି ବିସ୍ତୀର୍ଣ୍ଣ ପର୍ବତ ଦ୍ୱୟର ମଝିରେ
ସବୁଠି ଅଦୃଶ୍ୟ ହେବାର ପ୍ରୟାସ କଣ ସତରେ ? ॥୩॥

ISSN NO.
2582-208X

ଦେଉଛ ନବ ପୁଲକ, ନବ ଉନ୍ମାଦନାର ସ୍ପର୍ଶ
ଆକାଶ ବକ୍ଷରେ ତୁମ ସ୍ୱର୍ଣ୍ଣିମ ଆଭାର ଉତ୍କର୍ଷ ॥
ରହିଯାଅ କିଛି କ୍ଷଣ ହେ ସାୟନ୍ତନର ତପନ
ତୁମକୁ ଏ ଭାବୁକର ସପ୍ରେମ ନିବେଦନ ॥୪॥
କାନ୍ତି ତୁମ ମନୋରମ, ଠାଣି ତୁମ ଅନୁପମ
ହସ କମନୀୟ, ରୂପ କୋଟି କନ୍ଦର୍ପ ସମ ॥
ଯେତେ ଦେଖିଲେ ବି ନୟନରେ ବିସ୍ମୟ
ଶବ୍ଦ ବର୍ଣ୍ଣାଳୀରେ ସେ ଶୋଭା ଅବର୍ଣ୍ଣନୀୟ ॥୫॥
ବିହଙ୍ଗ ବାହୁଡିଲେଣି ବସାକୁ
ଚାଷୀ ବାହୁଡିଲେଣି ବସାକୁ
ଚାଷୀ ବାହୁଡିଲାଣି ନିଜ ବାସକୁ ॥
ଫେରିଗଲେଣି ଗୋମାତା ତାଙ୍କ ସ୍ୱସ୍ଥାନକୁ
କାରଣ ଅସ୍ତମାନ ସବିତା ଫେରିଯିବେ ନିଜ ଆଳୟକୁ ॥୬॥
ଅପରୂପ ଶୋଭା କରି ସଂଦର୍ଶନ
ପ୍ରକୃତି କୋଳେ ହେଲି ଭାବନାରେ ମଗ୍ନ ॥
ଏ ସମୟେ ହେଲା ସାୟନ୍ତନରେ ଅପରାହ୍ନ
ଧିରେ ଧିରେ ଆସିବ ଅନ୍ଧକାରର ସ୍ପନ୍ଦନ ॥୭॥।
ତଥାପି ତୁମ ଆଗମନକୁ ଚାହିଁରହିଛି ପୁଷ୍କରିଣୀରେ ପୁଷ୍କର
ସର୍ବେ ଅପେକ୍ଷାରତ
କେତେବେଳେ ଆସିବେ ବିଶ୍ୱାସର ଭାସ୍କର ॥
ପୁଣି ହେବ ସାୟନ୍ତନ, ପ୍ରାଣରେ ସୃଷ୍ଟି ହେବ ଦିବ୍ୟ ଶିହରଣ
କଥା ଦିଅ ବିବସ୍ୱାନ !!!
ସତରେ କାଲି କଣ?
ଏ ଚେତନାର ଅଭିଳାଷ ତୁମେ କରିବ ପୂରଣ ?? ॥୮॥

ଗ୍ରାମ-ସାନପଦର, ବ୍ଲକ-ବୋଲଗଡ
ଜିଲ୍ଲା-ଖୋର୍ଦ୍ଧା/ଯୋଗାଯୋଗ-7846832732

ISSN NO.
2582-208X

# ଆମ ଓ୍ୱାଇଜର ଗରବ



ରାଜକିଶୋର ସ୍ୱାଇଁ

ଆସିଛିରେ ବାଲିଯାତରା
ସାଥେ ଘେନି ହସ ଖୁସି ପସରା
କାର୍ତ୍ତିକ ପୁନେଇଁ ଶୁଭ ସଞ୍ଜ ବେଳେ
ଆରମ୍ଭ ହୁଅଇ ଏ ମେଳା ପରା ।।1।।
ପୁଣ୍ୟ ମହାନଦୀ ପଠାରେ
କଟକର ଗଡ଼ଗଡିଆ ଠାରେ
ନଭୁଲିବା ପାଇଁ ଏ ଜାତି ଐତିହ୍ୟ
ମେଲେଏଠି ବିପଣୀର ପସରା ।।2।।
ଏଜାତିର କଳାକୁଶଳ
ଲୋକାଚାର ଥିଲା ଉଚ୍ଚମାନର
ନେଉଥିଲା ମନମୋହି ସଭିଙ୍କର
ଆମ ଲୋକନୃତ୍ୟ ବୟନକଳା ।।3।।
ଯାଉଥିଲେ ବୋଇତବାହି
ଜାଭା, ସୁମିତରା, ବୋର୍ଣ୍ଣିଓ୍ କାହିଁ
ଆଣୁଥିଲେ ବୋହି ଧନ ବିଦେଶରୁ
ବ୍ୟବସାୟ କରି ସାଧବେପରା ।।4।।
ଆ, କା, ମା, ବୈ ଗୀତକୁ ଗାଇ
ପାନ ଗୁଆ ଦେଇ ଦୀପ ଜଳାଇ

ISSN NO.
2582-208X

କଦଳୀ ପାଟୁଆ ଡ଼ଙ୍ଗାଟେ ଭସାଇ
ଉତ୍ସବ ମନାନ୍ତି ରାଇଜ ସାରା ।।5।।
ନୌବାଣିଜ୍ୟ ଗୌରବ ଗାଥା
ଆମ ବାଲିଯାତ କହେ ତା କଥା
ସଞ୍ଜ ନଇଁଗଲେ ମେଳା ଦେଖିବାକୁ
ହୁଅନ୍ତି ପିଲାଠୁଁ ବୁଢ଼ା ପାଗଳା ।।6।।
ଆମ ରାଇଜର ଗରବ
କଟକର ବାଲିଯାତ୍ରା ପରବ
ଭରି ଦିଏ ସବୁ ମନରେ ଆନନ୍ଦ
ଶିଖାଏ ଜୀବନ ଜିଇବା କଳା ।।7।।
ବାଲିଯାତରାକୁ ଆମର
ଆହୁରି କରିବାପାଇଁ ସୁନ୍ଦର
ପାଇଲେ ଏ ମେଳା ୟୁନେସ୍କୋ ମାନ୍ୟତା
ଏ ଯାତ ହୋଇବ ଆହୁରି ତୋରା ।।8।।

ଶାନ୍ତନଗର, ନୂଆପଡା,
ପୋ -ନୂଆବଜ଼ାର ଜିଲ୍ଲା-କଟକ,
ପିନ -753004
ମୋବାଇଲ -9437442041

ISSN NO.
2582-208X

# ଡ଼.ରାମଚନ୍ଦ୍ର ବେହେରାଙ୍କ ଗଳ୍ପ ସାମ୍ରାଜ୍ୟର ବିଚକ୍ର ବର୍ଣ୍ଣବିଭା

ଶ୍ରୀମନ୍ତୁନୀ ଦାସ

ଓଡ଼ିଆ ଗଳ୍ପ ସାହିତ୍ୟ ସ୍ରଷ୍ଟାଙ୍କ ମଧ୍ୟରେ ଡ଼ ରାମଚନ୍ଦ୍ର ବେହେରା ଏକ ବିସ୍ମୟକର ପ୍ରତିଭା। ଓଡ଼ିଆ ସାହିତ୍ୟର ପ୍ରବନ୍ଧ, କବିତା, ଉପନ୍ୟାସ, ଜୀବନ ଚରିତ ଓ ଲଳିତ ନିବନ୍ଧ ପ୍ରଭୃତି ବିଭିନ୍ନ ବିଭାଗ ଅପେକ୍ଷା ଗଳ୍ପ ବିଭାଗଟି ଅଧିକ ସମୃଦ୍ଧ ଓ ପ୍ରାଣବନ୍ତ । ବ୍ୟାସକବି ଫକୀରମୋହନ ସେନାପତିଙ୍କ ଠାରୁ ଆରମ୍ଭ ହୋଇ ଏକ ପ୍ରବହମାନ ନଦୀ ଭଳି ଏହାର ଗତିପଥ । ଶତାଧିକ ଗାଳ୍ପିକ ଗଳ୍ପ ରଚନା କରି ଓଡ଼ିଆ କ୍ଷୁଦ୍ରଗଳ୍ପ ବିଭାଗକୁ ବିଚିତ୍ର ବର୍ଣ୍ଣବିଭାରେ ଉଦ୍‌ଭାସିତ କରିଛନ୍ତି । ସାଂପ୍ରତିକ ଗଳ୍ପ ରଚନାରେ ଅନେକ ଯୁବ ପ୍ରତିଭା ଲେଖନୀ ଚାଳନା କରି ପରୀକ୍ଷା ନିରୀକ୍ଷା ଚଳାଇଛନ୍ତି ।

ଗାଳ୍ପିକ ରାମଚନ୍ଦ୍ର ବେହେରାଙ୍କ ଗଳ୍ପ ରଚନା ଆରମ୍ଭ ହୁଏ ୧୯୭୦ ମସିହାରେ । ପ୍ରଖ୍ୟାତ ଗୋଇନ୍ଦା ଔପନ୍ୟାସିକ କଣ୍ଢୁରୀ ଚରଣ ଦାସଙ୍କ ସମ୍ପାଦନାରେ ପ୍ରକାଶିତ "ଆସନ୍ତାକାଲି" ପତ୍ରିକାରେ ଗାଳ୍ପିକ ରାମଚନ୍ଦ୍ର ବେହେରାଙ୍କ ପ୍ରଥମ ଗଳ୍ପ 'ଶେଷସୂର୍ଯ୍ୟର ବହ୍ନି' ପ୍ରକାଶିତ ହୋଇଥିଲା। ଗଳ୍ପର ଆଙ୍ଗିକ, ଆତ୍ମିକ ଉପାଦାନ, ଭାବ ତଥା ଭାଷାର ଅନନ୍ୟ ଉପସ୍ଥାପନା ଏବଂ ନୂତନ ଦୃଷ୍ଟିଭଙ୍ଗୀକୁ ଲକ୍ଷ୍ୟ କରି ଅଜସ୍ର ପ୍ରଶଂସା କରିଥିଲେ କଣ୍ଢୁରୀ ଚରଣ, ଯାହା ପରବର୍ତ୍ତୀ କାଳରେ ରାମଚନ୍ଦ୍ର ବେହେରାଙ୍କୁ ଗଳ୍ପ ରଚନା ପାଇଁ ଅକୁଣ୍ଠ ପ୍ରୋତ୍ସାହନ ଯୋଗାଇଥିଲା । ଶ୍ରୀଯୁକ୍ତ ବେହେରାଙ୍କ ଜନ୍ମ ୧୯୪୫ କେନ୍ଦୁଝର ଜିଲ୍ଲା ଘଟଗାଁ ନିକଟବର୍ତ୍ତୀ ବାରହାଟିପୁରା ଗ୍ରାମରେ। ଏକ ସଂସ୍କୃତି ସମ୍ପନ୍ନ ମର୍ଯ୍ୟାଦାବନ୍ତ ପରିବାରରେ ଜନ୍ମିତ ଶ୍ରୀଯୁକ୍ତ ବେହେରା ଇଂରାଜୀ ବିଭାଗରେ ସ୍ନାତକୋତ୍ତର ଶିକ୍ଷା ଶେଷ କରି କେନ୍ଦ୍ରାପଡ଼ା ମହାବିଦ୍ୟାଳୟରେ ଇଂରାଜୀ ଅଧ୍ୟାପକ ଭାବରେ ଯୋଗ ଦେଇଥିଲେ।

ISSN NO.
2582-208X

କେନ୍ଦ୍ରାପଡ଼ା ମହାବିଦ୍ୟାଳୟରେ ସମଗ୍ର ଜୀବନ ଅତିବାହିତ ହେଲା ଗାଳ୍ପିକଙ୍କର । ଚାକିରୀର ଅନ୍ତିମ ପର୍ଯ୍ୟାୟରେ ଅଧ୍ୟକ୍ଷ ଭାବରେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟରୁ ସେବା ନିବୃତ୍ତ ହୋଇ ଅଧୁନା କେନ୍ଦ୍ରାପଡ଼ା ଲ' କଲେଜ ନିକଟବର୍ତ୍ତୀ ଠାକୁର ପାଟଣାରେ ସ୍ୱଗୃହରେ ଅବସ୍ଥାପିତ । ୭୯ବର୍ଷ ବୟସରେ ପଦାର୍ପଣ କରି ମଧ୍ୟ ଗାଳ୍ପିକଙ୍କ ଲେଖନୀ ଚଳଚଞ୍ଚଳ। ଗାଳ୍ପିକଙ୍କ ଶାନ୍ତ, ସୌମ୍ୟ ମୁଖମଣ୍ଡଳ ସର୍ବଦା ଗମ୍ଭୀର ଏବଂ ଭାବଗର୍ଭକ । ଅସୀମ ଛାତ୍ରବତ୍ସଳ ଓ ବନ୍ଧୁ ସ୍ନେହୀ ହେଉଛନ୍ତି ଶ୍ରୀଯୁକ୍ତ ବେହେରା। ଇଂରାଜୀ ସାହିତ୍ୟରେ ଗବେଷଣା କରି ପି.ଏଚ୍‌ଡି ହାସଲ କରିଛନ୍ତି । ପ୍ରଚୁର ବୌଦ୍ଧିକତା, ସ୍ଥିତିବାଦୀ ଦର୍ଶନର ସଠିକ୍ ଉପସ୍ଥାପନା, ଜୀବନ ଓ ଜଗତକୁ ଉପଲବ୍ଧ କରି ଅଙ୍ଗେ ନିଭା ଅନୁଭୂତିର ନିଚ୍ଛକ ଚିତ୍ର ପ୍ରଦାନ କରିବାରେ ଡ଼ ରାମଚନ୍ଦ୍ର ବେହେରା ଜଣେ ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟା ।

ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ସମ୍ମିଳିତ ପ୍ରବାହରେ ଆହ୍ଲାବାଦର 'ପ୍ରୟାଗ' ତୀର୍ଥର ସୃଷ୍ଟି। ଅନୁରୂପ ଭାବରେ ଗଳ୍ପ ଉପନ୍ୟାସ ଓ ବେତାର ନାଟକର ତ୍ରିବେଣୀ ସଙ୍ଗମ ରାମଚନ୍ଦ୍ର ବେହେରାଙ୍କ ଲେଖନୀରୁ ହିଁ ସୃଷ୍ଟି । ଗଳ୍ପ ହେଉଛି ତାଙ୍କର ମାନସକନ୍ୟା, ଉପନ୍ୟାସ ତାଙ୍କର ପ୍ରଣୟିନୀ ଏବଂ ବେତାର ନାଟକ ହେଉଛି ତାଙ୍କର ସ୍ୱପ୍ନନାୟିକା । ସତରଟି ଗଳ୍ପ ସଂକଳନ, ବାରଟି ଉପନ୍ୟାସ ଏବଂ ପ୍ରାୟ ଅଶୀରୁ ଅଧିକ ବେତାର ନାଟକ ରଚନା କରି ପ୍ରଚୁର ପାଠକୀୟ ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ହୋଇଛନ୍ତି ଶ୍ରୀ ବେହେରା । 'ଗୋପପୁର' ଗଳ୍ପ ସଂକଳନ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର, ପ୍ରଥମ ଉପନ୍ୟାସ 'ଅଭିନୟର ପରିଧି' ପାଇଁ ଓଡିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଏବଂ ସର୍ବୋପରି 'ଓଁ କାର ଧ୍ୱନି' ଗଳ୍ପ ସଂକଳନ ପାଇଁ ଶାରଳା ପୁରସ୍କାରରେ ସେ ସମ୍ମାନିତ ।

ଏହା ବ୍ୟତୀତ ସମଗ୍ର ଓଡ଼ିଶାର କୋଣ ଅନୁକୋଣରୁ ଶତାଧିକ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଗାଳ୍ପିକ ରାମଚନ୍ଦ୍ର ବେହେରା ସମ୍ବର୍ଦ୍ଧିତ । କେତେକ ଅନୁଷ୍ଠାନ ଶ୍ରୀଯୁକ୍ତ ବେହେରାଙ୍କୁ 'ବାଣୀପୁତ୍ର' ଉପାଧି ପ୍ରଦାନ କରିବା ଘଟଣାକୁ ବିନମ୍ରତାର ସହ ଏଡ଼ାଇ ଦେଇଛନ୍ତି ଗାଳ୍ପିକ। ଉତ୍କଳ ଭାରତୀଙ୍କ ଭଣ୍ଡାରକୁ ତିନୋଟି ବିଭାଗରେ ସମୃଦ୍ଧ କରିଥିଲେ ମଧ୍ୟ "ଗଳ୍ପ" ପାଇଁ ଶ୍ରୀଯୁକ୍ତ ବେହେରା ବ୍ୟାପକଭାବରେ ଚର୍ଚ୍ଚିତ ଏବଂ ସମ୍ମାନିତ।

ଓଡ଼ିଆ ଗଳ୍ପ ସାହିତ୍ୟ ଏକ ପରିପକ୍ୱ ଓ ସମୃଦ୍ଧ ବିଭାଗ । ଉପନ୍ୟାସ, ଭ୍ରମଣ କାହାଣୀ, କାବ୍ୟ କବିତା, ଜୀବନ ଚରିତ, ପ୍ରବନ୍ଧ ଓ ଲଳିତ ନିବନ୍ଧ ଅପେକ୍ଷା ଓଡ଼ିଆ କ୍ଷୁଦ୍ରଗଳ୍ପର ଦିଗନ୍ତ ଅଧିକ ବ୍ୟାପ୍ତ ଓ କାନ୍ତିଯୁକ୍ତ। ବ୍ୟାସକବି ଫକୀରମୋହନଙ୍କ ଠାରୁ ଆରମ୍ଭ କରି

ISSN NO.
2582-208X

ଯଶୋଧାରା ମିଶ୍ର, ସରୋଜିନୀ ସାହୁ ଏବଂ ବର୍ତ୍ତମାନର ଯୁବଗୋଷ୍ଠୀଙ୍କ ପରୀକ୍ଷା ନିରୀକ୍ଷାମୂଳକ ଗଳ୍ପରାଶିରେ ଶତାଧିକ ଗାଳ୍ପିକଙ୍କ ପଦଚିହ୍ନର ସ୍ୱାକ୍ଷର ଅତି ସ୍ପଷ୍ଟ । ସାମଗ୍ରିକ ଦୃଷ୍ଟିକୋଣରୁ ବିଚାର କଲେ ଡ଼. ରାମଚନ୍ଦ୍ର ବେହେରାଙ୍କ ଗଳ୍ପ ସୃଷ୍ଟି ଏକ ବିଚିତ୍ର ବର୍ଣ୍ଣବିଭାରେ ଉଦ୍‌ଭାସିତ । ଗଳ୍ପର କାହାଣୀ, ଚରିତ୍ର ନିର୍ବାଚନ, ରୂପ ରସ ଏବଂ ରଙ୍ଗର ଯଥୋଚିତ ଉପସ୍ଥାପନ, କାବ୍ୟିକ ଭାଷା ଓ ନାଟକୀୟତାର ଅପୂର୍ବ ସମନ୍ୱୟରେ ଗଳ୍ପଗୁଡ଼ିକ ହୃଦୟସ୍ପର୍ଶୀ ଓ ଚେତନା ଉଦ୍ରେକକାରୀ । ମଣିଷର ଆଶା, ନିରାଶା, ଜୟ ପରାଜୟ, ନିଃସଙ୍ଗତା ଓ ଭଗ୍ନମାନସିକତାର ଯଥାର୍ଥ ରୂପକାର ହେଉଛନ୍ତି ଶ୍ରୀଯୁକ୍ତ ବେହେରା । ସମାଜର ପ୍ରତ୍ୟେକ ସ୍ତରର ବିଭିନ୍ନ ଚିତ୍ର ଓ ଚରିତ୍ରକୁ ସ୍ୱକୀୟ ଶୈଳୀରେ ଜୀବନ୍ତ ରୂପ ପ୍ରଦାନ କରିଛନ୍ତି ଗାଳ୍ପିକ । ଏଥିପାଇଁ ତାଙ୍କୁ ଓଡ଼ିଆ ସାହିତ୍ୟର ଆରନେଷ୍ଟ ହେମିଙ୍ଗୱେ ନାମରେ ଅନେକ ସମାଲୋଚକ ନାମିତ କରିଛନ୍ତି । ପ୍ରତ୍ୟେକ ଗଳ୍ପରେ ଗାଳ୍ପିକଙ୍କ ବକ୍ତବ୍ୟ ଅତି ସ୍ପଷ୍ଟ । ମଣିଷ ସମାଜର ବିଚିତ୍ର ରୂପ, ପୁଣି ଏମାନଙ୍କର କାର୍ଯ୍ୟପ୍ରଣାଳୀ ଓ ଜୀବନ ଚର୍ଯ୍ୟାରେ ଅଜସ୍ର ପାର୍ଥକ୍ୟକୁ ଗାଳ୍ପିକ ଅନେକ ଗଳ୍ପରେ ଚିତ୍ରଣ କରିଛନ୍ତି । ମଣିଷ ପ୍ରତି ଏକ ସହାନୁଭୂତି ସଂପନ୍ନ, ସମ୍ବେଦନଶୀଳ ଏବଂ ମାନବବାଦୀ ଦୃଷ୍ଟିକୋଣ ସଂଲଗ୍ନ ଆନ୍ତରିକତା ତାଙ୍କର ଅଧିକାଂଶ ଗଳ୍ପରେ ସ୍ପଷ୍ଟ । କେବଳ ମଣିଷ ନୁହେଁ, ବହୁ ମାନବେତର ପ୍ରାଣୀଙ୍କ ବିଚିତ୍ର ବର୍ଣ୍ଣବିଳାସ ତାଙ୍କ ଗଳ୍ପରେ ପରିଲକ୍ଷିତ। ଗାଳ୍ପିକ ସ୍ପଷ୍ଟତଃ ସ୍ୱୀକାର କରିଛନ୍ତି- "ମଣିଷ ମନରେ ବଞ୍ଚିରହିବାର ଦୁର୍ବାର କାମନା ଓ ବାସନା ରହିବା ଏକ ଚିରନ୍ତନ ସତ୍ୟ। ସମସ୍ତପ୍ରକାର ବାଧାବନ୍ଧନକୁ ଅସ୍ୱୀକାର କରି ନିଜର ଅସ୍ମିତାକୁ ସେ ପ୍ରତିପାଦନ କରେ। ସମସ୍ତ ଅପ୍ରୀତିକର ଓ ଅସ୍ୱାଭାବିକ ପରିବେଶ ମଧ୍ୟରେ ନିଜକୁ ସଫଳ ଭାବରେ ଦଣ୍ଡାୟମାନ କରାଇବାହିଁ "ପୁରୁଷାର୍ଥ"। ଏତେ ସହଜରେ ମଣିଷ ଭାଙ୍ଗିଯାଏନାହିଁ। ବଞ୍ଚି ରହିବାର ଏକ ଉଜ୍ଜ୍ୱଳ ଆଲୋକଶିଖାରେ ସେ ଦେଦୀପ୍ୟମାନ।"

ଡ଼ ରାମଚନ୍ଦ୍ର ବେହେରାଙ୍କ ଗଳ୍ପ ସାମ୍ରାଜ୍ୟର ୧୨ଗୋଟି ଗଳ୍ପ ସଂକଳନରୁ ୧୨ଟି ଗଳ୍ପକୁ ନେଇ ପ୍ରଫେସର ସବିତା ପ୍ରଧାନ ଗୋଟିଏ ପୁସ୍ତକ ରଚନା କରିଛନ୍ତି "ରାମଚନ୍ଦ୍ର ବେହେରାଙ୍କ ନିର୍ବାଚିତ ଗଳ୍ପମାଳା" ଗଳ୍ପଗୁଡ଼ିକର ଆଲୋଚନା, ସମାଲୋଚନା ଓ ପର୍ଯ୍ୟାଲୋଚନା ଅତି ସୁନ୍ଦର ହୋଇଛି । କିନ୍ତୁ ପରବର୍ତ୍ତୀ ସମୟରେ ରାମଚନ୍ଦ୍ର ବେହେରାଙ୍କ ଆଉ ଦୁଇଟି ଗଳ୍ପ ସଂକଳନ "ସବୁଜ ଛଦ୍ମବେଶ" (୨୦୨୧) ଏବଂ ଯଶୋଦାର କୋଳ(୨୦୨୩) ପ୍ରକାଶ ପାଇଛି। ମୋର ନିଜସ୍ୱ ବିଚାରଧାରାରେ "ଯଶୋଦାର କୋଳ"

ISSN NO.
2582-208X

ହେଉଛି ଶ୍ରୀଯୁକ୍ତ ବେହେରାଙ୍କ ଶ୍ରେଷ୍ଠ ଗଳ୍ପ ସଂକଳନ। ଏଥିରେ ୧୫ଟି ଗଳ୍ପ ସ୍ଥାନପାଇଛି। ସୁଦୀର୍ଘ ପଚାଶବର୍ଷର ଅଭିଜ୍ଞତା, ପ୍ରଚୁର ବୌଦ୍ଧିକତା, ସ୍ଥିତିବାଦୀ ଦର୍ଶନର ନିର୍ଯ୍ୟାସ, ଅଭିନବ ଶବ୍ଦ ସଂଯୋଜନା, ମାନବୀୟ ସହାନୁଭୂତି ଏବଂ ଦରଦୀ ଶିଳ୍ପୀ ହୃଦୟର ଆବେଗର ସମନ୍ୱୟ ଘଟିଛି ଏହିସବୁ ଗଳ୍ପମାନଙ୍କରେ । ପୁରାଣ ପୃଷ୍ଠାରୁ ଚିତ୍ର ଓ ଚରିତ୍ରକୁ ପ୍ରତୀକାତ୍ମକ ଭାବେ ମିଥ୍ (myth)ରୂପେ ଗ୍ରହଣ କରି ରଚନା କରିଛନ୍ତି ଦୁଇଟି ଗଳ୍ପ 'ଯଶୋଦାର କୋଳ' ଏବଂ 'ଅହଲ୍ୟା' । ଏହି ଗଳ୍ପଦୁଇଟି ଓଡ଼ିଆ ଗଳ୍ପ ଜଗତରେ ଦୁଇ ଉଜ୍ଜ୍ୱଳ ନକ୍ଷତ୍ର । ପ୍ରାଚୀନତାରେ ନୂତନତ୍ୱ ପ୍ରଦାନ କରିବା, ସାଧାରଣ ଘଟଣାକୁ ଅସାଧାରଣ ରୂପ ଦେବାରେ ଶ୍ରୀଯୁକ୍ତ ବେହେରା ଜଣେ ସୁଦକ୍ଷ ବିନ୍ଧାଣୀ । 'ଗୋପପୁର' ଏବଂ 'ଓଁ କାର ଧ୍ୱନି' ଗଳ୍ପରେ ମିଥ୍ର ଚମତ୍କାରୀ ରୂପ ଦେଖିବାକୁ ମିଳେ।

କ୍ଷୁଦ୍ରଗଳ୍ପର ଆଙ୍ଗିକ ଓ ଆତ୍ମିକ ଉପାଦାନକୁ ୪ଟି ଦିଗରୁ ବିଚାର କରାଯାଇଥାଏ । (୧) ବଳିଷ୍ଠ କାହାଣୀ (୨) ଘଟଣାର କ୍ରମବିକାଶ ଓ ଆବେଗାତ୍ମକ ପ୍ରବାହ (୩) ଭାଷା ଓ ଭାବର ଯଥାର୍ଥ ଉପସ୍ଥାପନ ଏବଂ (୪) ନାଟକୀୟତା ଓ କାବ୍ୟିକ ପ୍ରକାଶ ଭଙ୍ଗୀ ସହ ଗାଳ୍ପିକଙ୍କ ସମାଜ ଉଦ୍ଦେଶ୍ୟରେ ସ୍ପଷ୍ଟବକ୍ତବ୍ୟ । ଏହି ଚାରୋଟି ଦିଗରୁ ଶ୍ରୀଯୁକ୍ତ ବେହେରାଙ୍କ ଗଳ୍ପ ସାମ୍ରାଜ୍ୟ ସାର୍ଥକ ଓ ହୃଦୟସ୍ପର୍ଶୀ । କୁମ୍ଭକାରମାନେ ମାଟିରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି । କିନ୍ତୁ ସମସ୍ତଙ୍କ ପ୍ରସ୍ତୁତ ସାମଗ୍ରୀ ସମାନ ହୋଇ ନଥାଏ । ସୁଦକ୍ଷ-ବିନ୍ଧାଣୀଙ୍କ କରସ୍ପର୍ଶରେ ଅନେକ ଜୀବନ୍ତରୂପ ଲାଭ କରନ୍ତି । ମାଳାକାରମାନେ ପୁଷ୍ପହାର ପ୍ରସ୍ତୁତ କରିଥାନ୍ତି । କିନ୍ତୁ ପୁଷ୍ପ ସଜ୍ଜୀକରଣରେ ଅନେକ ଭିନ୍ନତା ଥାଏ। ସୁନାରୀମାନେ ଅଳଙ୍କାର ଗଢ଼ନ୍ତି । କିନ୍ତୁ ଗଠନ ଶୈଳୀ ଏବଂ ହସ୍ତ ସ୍ପର୍ଶର ଭିନ୍ନତାରେ ଅଳଂକାରଗୁଡ଼ିକର ସୁଷମା ଏବଂ ଆକର୍ଷଣୀୟ ରୂପ ବଦଳିଯାଏ । ସେହି ନ୍ୟାୟରେ ଶ୍ରୀଯୁକ୍ତ ବେହେରାଙ୍କ ଗଳ୍ପର ସ୍ୱତନ୍ତ୍ର ମାନ୍ୟତା ସର୍ବଜନାଦୃତ। ଅନେକ ଗଳ୍ପର ପରିସମାପ୍ତି ପାଠକର ଚେତନାକୁ ଆନ୍ଦୋଳିତ କରେ । ବିସ୍ମୟ ଅଭିଭୂତ ହୋଇ ପାଠକ ଗଳ୍ପର ଚରିତ୍ର ସହ ଏକାତ୍ମ ହୋଇଯାଏ । ତଲ୍ଲୀନ, ତଦ୍‌ଗତ ଅବସ୍ଥାରେ ଗାଳ୍ପିକଙ୍କୁ ପରଷି ଦିଏ ଅଜସ୍ର ଶ୍ରଦ୍ଧା, ସମ୍ମାନ ଓ ଅଭିନନ୍ଦନ। ଜଣେ ସାର୍ଥକ ଗାଳ୍ପିକ ଏହାହିଁ ଆଶା କରିଥାନ୍ତି ।

"ଯଶୋଦାର କୋଳ" ଗଳ୍ପରେ ଶ୍ରୀଯୁକ୍ତ ବେହେରା ପ୍ରତିପାଦନ କରିଛନ୍ତିଯେ ସାମୟିକ ଭାବେ 'କହ୍ନେଇ' ଯଶୋଦାଙ୍କ କୋଳମଣ୍ଡନ କରିଥିଲେହେଁ ପରବର୍ତ୍ତୀ ସମୟରେ 'କହ୍ନେଇ' ମଥୁରାକୁ ଗଲାପରେ ଯଶୋଦାଙ୍କ କୋଳ ପୂର୍ବପରି ଶୂନ୍ୟ ରହିଥିଲା। ଏହି ଗଳ୍ପରେ ଦୁଇଟି

ISSN NO.
2582-208X

ସନ୍ତାନଙ୍କୁ ହରାଇ ରାଜସ୍ୱ ନିରୀକ୍ଷକଙ୍କ ପତ୍ନୀ ଜଣେ ଆଦିବାସୀ ମହିଳାଙ୍କଠାରୁ ପୁତ୍ରଟିଏ ଗ୍ରହଣକରି ଅଜସ୍ର ଯତ୍ନ ସହକାରେ ପାଳିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସରକାରଙ୍କ ବିଚିତ୍ର ନିୟମରେ ଥାନାବାବୁ ସେହି ସନ୍ତାନକୁ ଭଦ୍ରମହିଳାଙ୍କ ଗୃହରୁ ଆଣି ଆଦିବାସୀ ମହିଳାଙ୍କ ପରିବାରରେ ଛାଡ଼ି ଦେଇଥିଲେ। ପୁତ୍ରହରା ଜନନୀର ବୁକୁଫଟା କାରୁଣ୍ୟର ପ୍ରତିଛବି ଆଙ୍କିଛନ୍ତି। ଗାଳ୍ପିକ "ଅହଲ୍ୟା" ଗଳ୍ପରେ ବିଧବା "ଲିଲି ପଧାନ" ର ଅଭିଶପ୍ତ ଜୀବନର ଚିତ୍ର ଏବଂ ଦୀର୍ଘଦିନ ପରେ ଜଣେ ବ୍ୟାଙ୍କର ସହୃଦୟ କର୍ମଚାରୀଙ୍କ ପ୍ରଚେଷ୍ଟାରେ ଲିଲି ପଧାନ ପାଇଲେ ତାଙ୍କର ପ୍ରାପ୍ୟ ବିଧବା ଭତ୍ତା। ଋଷି ଗୌତମଙ୍କ ଅଭିଶାପରେ ପ୍ରସ୍ତର ହୋଇ ପଡ଼ିରହିଥିବା ପାଷାଣୀ ଅହଲ୍ୟା ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ରଙ୍କ ପାଦସ୍ପର୍ଶରେ ଶାପମୁକ୍ତା ହୋଇ ପୂର୍ବରୂପ ଫେରି ପାଇଥିଲେ, ଏହି ଗଳ୍ପରେ ବ୍ୟାଙ୍କ କର୍ମଚାରୀ ଜଣକ ଶ୍ରୀ ରାମଚନ୍ଦ୍ରଙ୍କର ଭୂମିକା ଗ୍ରହଣ କରିଛନ୍ତି । ମାନବିକ ସ୍ନେହ, ସଂପ୍ରୀତି ଓ ମମତ୍ୱବୋଧର ନିଚ୍ଛକ ଚିତ୍ର ଅଙ୍କିତ ହୋଇଛି "ଅହଲ୍ୟା"ଗଳ୍ପରେ।

"ଗୋପପୁର" ଗଳ୍ପ ଏକଯୁ ଗାନ୍ତକାରୀ ସୃଷ୍ଟି। କଂସର ବନ୍ଦୀଶାଳାରେ ଦେବକୀଙ୍କ ଅଷ୍ଟମଗର୍ଭରୁ ଜାତହେଲେ ଶିଶୁ କୃଷ୍ଣ। ତାଙ୍କ ନିର୍ଦ୍ଦେଶରେ ପିତା ବସୁଦେବ ବାଳୁତ କୃଷ୍ଣଙ୍କୁ ଗୋଟିଏ ମଞ୍ଜୁଷାରେ ଭର୍ତ୍ତିକରି ମଥାଉପରେ ଧାରଣକରି ଚାଲିଲେ ଗୋପପୁରକୁ ନନ୍ଦରାଜାଙ୍କ ଉଆସକୁ। ଭୟଙ୍କର ବର୍ଷଣମୁଖର ରାତ୍ରିରେ କୂଳଲଂଘନକାରୀ ଯମୁନାନଦୀକୁ ଅତିକ୍ରମ କରି ପହଞ୍ଚିଲେ "ଗୋପପୁର"ରେ। କଂସର କୋପଦୃଷ୍ଟିରୁ କୃଷ୍ଣଙ୍କୁ ରକ୍ଷାକରିବା ନିମନ୍ତେ "ଗୋପପୁର" ଥିଲା ଏକ ନିରାପଦ ସ୍ଥାନ। ଗାଳ୍ପିକ ଶ୍ରୀଯୁକ୍ତ ବେହେରା ଉକ୍ତ ଗଳ୍ପରେ ଗୋଟିଏ ଶିଶୁର ରୋଗଗ୍ରସ୍ତ ଅବସ୍ଥା ଏବଂ ପିତାମାତାଙ୍କର ଅକ୍ଳାନ୍ତ ପରିଶ୍ରମର ଫଳସ୍ୱରୂପ ନଦୀପାର ହୋଇ ବାର କିଲୋମିଟର ଦୂର ଜଣେ ଡ଼ାକ୍ତରଙ୍କ ଘରେ ପହଞ୍ଚିବାର ଚିତ୍ର ଆଙ୍କିଛନ୍ତି । ସନ୍ତାନ ପାଇଁ ପିତାମାତାଙ୍କର ତ୍ୟାଗ ଏବଂ ସ୍ନେହ ପ୍ରେମର ନିଦର୍ଶନକୁ ଚିତ୍ରଣ କରିଛନ୍ତି ଗାଳ୍ପିକ ।

'ଓଁ କାର ଧ୍ୱନି' ଗଳ୍ପ ଏକ କାଳଜୟୀ ଚେତନାଧର୍ମୀ ଗଳ୍ପ । ସୃଷ୍ଟିର ଆଦ୍ୟ ଧ୍ୱନି ହେଉଛି 'ପ୍ରଣବ' ବା 'ଓଁକାର' ! ଜଣେ ସନ୍ତାନ ପ୍ରସବା ନାରୀ ନିମନ୍ତେ ସନ୍ତାନ ମୁହଁରୁ ମା' ଡ଼ାକକୁ ଗାଳ୍ପିକ 'ଓଁ କାର' ଧ୍ୱନି ରୂପେ ଚିତ୍ରଣ କରିଛନ୍ତି । ମା' ଡ଼ାକରେ ଥାଏ ଅମୃତର ସ୍ୱାଦ, ପୂଣ୍ୟତୋୟା ଗଙ୍ଗାନଦୀର ପ୍ରବାହ, ଯାହା ଏ ସୃଷ୍ଟିର ମହାର୍ଘ୍ୟବସ୍ତୁ। କଥାବସ୍ତୁର ଅବତାରଣାରେ ଶ୍ରୀଯୁକ୍ତ ବେହେରା ଦର୍ଶାଇଛନ୍ତି ଅସାଧାରଣ ଦକ୍ଷତା ।

ISSN NO.
2582-208X

ଶ୍ରୀଯୁକ୍ତ ବେହେରାଙ୍କ ଗଳ୍ପରେ କେତେକ ସ୍ୱତନ୍ତ୍ର ଶବ୍ଦର ପ୍ରୟୋଗ ହୋଇଛି । ଯେପରିକି ପାଠକମାନଙ୍କୁ 'ସୁଧୀବୃନ୍ଦ' ଭାବରେ ସମ୍ବୋଧନ କରିବା । 'ବାଞ୍ଛୋତ୍' 'ପାରାଲିଟିକ୍' 'ବାଲିଙ୍ଗୀ' ଭଳି ଶବ୍ଦର ପ୍ରୟୋଗ ତାଙ୍କର ନିଜସ୍ୱ ସୃଷ୍ଟି । ଭୁବନେଶ୍ୱରକୁ 'ସତ୍ୟାନାଶିଆ ସହର' ନାମକରଣ ଅନ୍ୟ କୌଣସି ଗାଳ୍ପିକଙ୍କ ଲେଖାରେ ମିଳେ ନାହିଁ ।

ଅନ୍ତିମ ପର୍ଯ୍ୟାୟରେ ଶ୍ରୀଯୁକ୍ତ ବେହେରାଙ୍କ ଅନେକ ଗଳ୍ପର ଆକାର ସଂପର୍କରେ ବିଶ୍ଳେଷଣ କରାଯାଇପାରେ । ତାଙ୍କର ଅନେକ ଗଳ୍ପ ପ୍ରାୟ ୨୦ରୁ ୨୫ ପୃଷ୍ଠାର କଳେବର ଧାରଣ କରିଛି । କିନ୍ତୁ ଏକଥା ସତ୍ୟ, ଘଟଣାର ପୂର୍ବାପର ସମ୍ପର୍କ ନିମନ୍ତେ ଏଭଳି ଦୀର୍ଘ ରୂପର ଅବତାରଣା । ଯଶସ୍ୱୀ ଗାଳ୍ପିକ ଅନୁଭବ କରିଛନ୍ତି କ୍ଷୁଦ୍ରଗଳ୍ପ 'ବିନ୍ଦୁରେ ସିନ୍ଧୁ ଦର୍ଶନ' କରାଏ। ତେଣୁ କୌଣସି କ୍ଷେତ୍ରରେ କ୍ଷୁଦ୍ରଗଳ୍ପର ଧର୍ମ ବ୍ୟାହତ ହୋଇନାହିଁ, ବରଂ ବିଚିତ୍ର ବର୍ଣ୍ଣବିଭାରେ ଉଜ୍ଜ୍ୱଳକାନ୍ତିରେ ତାହା ପାଠକକୁ ବିସ୍ମିତ ଏବଂ ମନ୍ତ୍ରମୁଗ୍ଧ କରିଛି । ନିର୍ବିବାଦରେ ଶ୍ରୀଯୁକ୍ତ ବେହେରା ଜଣେ ଅସୀମ ପ୍ରତିଭା ସଂପନ୍ନ ସ୍ରଷ୍ଟା ।

((()))

୧) ବେହେରା, ରାମଚନ୍ଦ୍ର-ଶେଷ ସୂର୍ଯ୍ୟର ବହ୍ନି- ସଂ- ଦ୍ୱିତୀୟ ଶ୍ମଶାନ

୨)ସାହୁ, ଗିରିଶ ଚନ୍ଦ୍ର-'ରାମଚନ୍ଦ୍ର ବେହେରାଙ୍କ କଥା ସାହିତ୍ୟର ସ୍ଥାପତ୍ୟ ଓ ବୈଚିତ୍ର୍ୟ',

୩) ବେହେରା ରାମଚନ୍ଦ୍ର- ଦ୍ୱିତୀୟ ଶ୍ମଶାନ, ଅଗ୍ରଦୂତ, ବାଙ୍କାବଜାର, କଟକ-୧୯୭୬

୪ )ବେହେରା ରାମଚନ୍ଦ୍ର- ଓଁ କାର ଧ୍ୱନି,. ଫ୍ରେଣ୍ଡସ୍‌ର୍ ପବ୍ଲିଶର୍ସ, କଟକ-୧୯୮୭

୫ )ବେହେରା ରାମଚନ୍ଦ୍ର- ଗୋପପୁର. ପ୍ରକାଶକ ବିଦ୍ୟା ପ୍ରକାଶନ ବାଲୁବଜାର କଟକ-୨୦୦୩

୬ )ବେହେରା ରାମଚନ୍ଦ୍ର-ସବୁଜ ଛଦ୍ମବେଶ, ପ୍ରକାଶକ ପକ୍ଷୀଘର ପ୍ରକାଶନ, ଭୁବନେଶ୍ୱର-୨୦୨୧

୭ )ବେହେରା ରାମଚନ୍ଦ୍ର-ଯଶୋଦାର କୋଳ, ପ୍ରକାଶକ ଜୀବାନନ୍ଦ ମିଶ୍ର, ବିଦ୍ୟାପୁରୀ, ବାଲୁବଜାର,କଟକ -୨୦୨୩

ଗବେଷିକା
କୋହ୍ଲାନ୍ ବିଶ୍ୱବିଦ୍ୟାଳୟ
ଗୁଇବାସା, ଝାଡ଼ଖଣ୍ଡ

ISSN NO.
2582-208X

# ମାତୃଭାରତୀର ମହାନତା



ସନ୍ତୋଷ କୁମାର ବିଷୋୟୀ

ଭାରତ ଭୂଖଣ୍ଡ ଜନନୀ ନାମଟି ଆପଣାର ପରି ଲାଗେ
ମାଆଟି ଆମର ସ୍ୱର୍ଗଠୁ ମହାନ ସବୁରି ଉର୍ଦ୍ଧରେ ଆସେ
ସମାଜ ମଧ୍ୟରେ ଆଗଧାଡ଼ିପରେ ନାରୀର ଭୂମିକା ଅଛି
ନାରୀ ଯେ ମହାନ ସହନ ଶୀଳତା ସମ୍ମାନରେ ବଞ୍ଚୁଅଛି।।

କାର୍ଯ୍ୟ କୁଶଳତା ଦକ୍ଷତା ମଧ୍ୟରେ ମାତୃ ଭାରତୀ ଗଠନ
ତାହାରି ମଧ୍ୟରେ କାର୍ଯ୍ୟର କୌଶଳ କରଇ ଦାୟିତ୍ୱ ବାନ
ପରିବାର ଶିକ୍ଷା ମହିଳା ବିକାଶ ପରିବାର ପ୍ରବୋଧନ
ମାର୍ଗ ଦର୍ଶନର ସହଯୋଗ ନେଇ ଗ୍ରହଣ କରିବା ଜ୍ଞାନ।।

ନାରୀ ସୁଲଭର ସପ୍ତଗୁଣ ଦେଖ କ୍ରିତ୍ତି, ବାଣୀ, ସ୍ମୃତି, ମେଧା
ଧୃତୀ, କ୍ଷମା, ଶ୍ରୀ ଗୁଣର ଭଣ୍ଡାର ଜୀବନେ ନ ଆସେ ବାଧା
କର୍ତ୍ତବ୍ୟ ବୋଧର ନେତୃତ୍ୱ ଗ୍ରହଣ ଭକ୍ତି ଭାବ ମାତୃତ୍ୱର
ସମ୍ପତ୍ତି ସମୃଦ୍ଧି ସ୍ତ୍ରୀର ଲକ୍ଷଣ ସଂସ୍କାରିତ କରେ ଘର।।

ISSN NO.
2582-208X

ଭାଷଣ ବକ୍ତୃତା ବାଣୀର କୌଶଳ ବିନମ୍ରତା ସବୁଠାରେ
ମଧୁର ବଚନ ବଡକୁ ସମ୍ମାନ ସ୍ନେହ ପୁର୍ଣ୍ଣ ଭାବନାରେ
ସଂସାରଟି ଦୁଃଖ ମୋହ ମାୟା ଭରା ଇଶ୍ୱରଙ୍କୁ ଭକ୍ତି କର
ଧର୍ମ କର୍ମ କରି ସଂସ୍କାର ମାଧ୍ୟମେ ସମାଜକୁ ରକ୍ଷା କର। ।

ରଚନାତ୍ମକ କାର୍ଯ୍ୟରେ ସଫଳ ଆତ୍ମ କଲ୍ୟାଣର ପାଇଁ
ତର୍କ ଯୁକ୍ତ ବୃଦ୍ଧି ପ୍ରୟୋଗ କରିବା ସମାଜ କଲ୍ୟାଣ ପାଇଁ
ନାରୀ ଶୀଳତାର ପ୍ରତୀକ ଅଟଇ ଜ୍ଞାନଯୁକ୍ତ ଧୈର୍ଯ୍ୟ ଧରି
ମାତୃତ୍ୱ ରୂପରେ ଦୃଢ଼ତା ସହିତ କ୍ଷମା ଗୁଣକୁ ଆଚରି। ।

ଦେଶ ଜାତି ଗ୍ରାମ ସବୁରି ମଙ୍ଗଳ ନାରୀର କର୍ମର ଧାରେ
ମାତୃ ଭାରତୀର ସଗଠନ କାର୍ଯ୍ୟ ନିରନ୍ତର କାର୍ଯ୍ୟ କରେ। ।

ଟିକାବାଲି
#୭୮୫୪୯୯୫୫୮୯

ISSN NO.
2582-208X

# ପ୍ରତାରିତ ହୃଦୟ



ସ୍ମୃତିସ୍ମିତା ରାଉତ

କାଚ ପରି ଭାଙ୍ଗି ଯାଇଥିବା ସମ୍ପର୍କଟାକୁ
ମୁଁ ଭଲ ପାଇବାର ଅଠାରେ ଯୋଡ଼ିବାକୁ ଚାହୁଁନି,
ଭୁଲିବାକୁ ଯାଉଥିବା ସେ ଦିନକୁ
କେବେ ସାଇତିବାକୁ ମୋର ଇଚ୍ଛା ନାହିଁ ।

ନା ଯୋଡି ଦେଲେ ନୂଆ ହେବ
ନା ସଜେଇ ଦେଲେ ସୁନ୍ଦର ଦିଶିବ,
ସେଇ ଫାଟଟା ସୁନ୍ଦର ଠାରୁ
ଅଧିକ ଫାଟ ଫାଟ ଲାଗିବ ।

ମିଛ ପ୍ରତିଶ୍ରୁତି ଓ ଭଲ ପାଇବା ଠାରୁ
ଦୂରେଇ ରହିବା ଭଲ,
କାହାର ନିଜର ହେଇ କାନ୍ଦିବା ଠାରୁ
ଏକା ହେଇ ଦୁଃଖରେ ରହିବା ଭଲ ।

ସତ ଭଲ ପାଇବାର ମୂଲ୍ୟ ଆଜି ଲୋକେ ବୁଝନ୍ତି ନାହିଁ
ବଜାର ପରିବା ପରି ମୂଲ କରି ବସନ୍ତି,
ମିଛ ଭଲ ପାଇବାକୁ କିଏ
ସତର ପ୍ରଲେପ ଦିଅନ୍ତି ।

ISSN NO.
2582-208X

ମୁଁ କେବେ ହରାଇବାକୁ ଚାହିଁ ନାହିଁ ତାକୁ
ସିଏ କେବେ ମତେ ପାଇବାକୁ ଚେଷ୍ଟା କରି ନାହିଁ,
କେବେ ସମୟ ନାହିଁ କହି ଦୂରେଇ ରୁହେ ତ
କେବେ ତାକୁ ବୁଝି ପାରୁନାହିଁ ବୋଲି ଯୁକ୍ତି କରେ।

ତାର ସବୁ ମିଛ ମତେ ସତ ଲାଗେ
ସତ ଜାଣି ଗଲା ପରେ ,
ମିଛର ଚଟାଣରେ ଘରଟା ଥିଲା ତାର
କେମିତି ଘରଟା ନିଜର ଲାଗିବ ମତେ ।

ସମୟ ସହ ମନ ଓ ହୃଦୟ ବଦଳିଛି
ମତେ ପାଇବାର ପାର୍ଥନା ତାର ,
ମିଛ ଥିଲା ବୋଲି ଲାଗୁଛି
ତାକୁ ହରେଇବାର ଡର ମତେ ଅସହାୟ କରୁଛି।

ଗବେଷିକା
ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ସପନର ପାରାବାର କୂଳେ



ସ୍ୱାତୀଲିନା କର

ଭେଟିବି କି ମୁହିଁ ତୁମକୁ ନିଇତି
ସେଇ ନୀଳ ପାରାବାରେ,
ହାତ ମୋର ଧରି ବସିବ ଯେ ତୁମେ
ସପନର ପାରାବାର କୂଳେ । ।।୧।।

ଉଇଁବା ପୂର୍ବରୁ ରବି
ଆସି ପହଞ୍ଚିବ ତୁମେ,
ବିଳମ୍ବେ ଆସିଲେ ମୁହିଁ ଅପେକ୍ଷା କରିବ
ସପନର ପାରାବାର କୂଳେ । ।।୨।।

ସୂର୍ଯ୍ୟ ରଶ୍ମିଠାରୁ ଅଧିକ ଚମକ
ତୁମ ଦୁଇ ସେଇ ଆଖି,
ଯେଉଁଥିରେ ନିଜକୁ ମୁଁ ଦେଖେ
ସପନର ପାରାବାର କୂଳେ । ।।୩।।

କଥା ମୁଁ ଦଉଚି ଶୁଣ
ଲୋଡ଼ିବିନି କେବେ କେଉଁ ଉପହାର ,
ଗଢ଼ିଦେବ ଯଦି ମୋ ପାଇଁ ଏକ ବାଲିଘର
ସପନର ପାରାବାର କୂଳେ । ।।୪।।

ISSN NO.
2582-208X

ସଞ୍ଜ ନଇଁ ଆସିଲେ
ତୁମ ସଙ୍ଗେ ବସି ଦେଖିବି,
ପ୍ରତିଛବି ସେଇ ଶଶୀର
ସପନର ପାରାବାର କୂଳେ । ।।୫।।

ନିଦ୍ରାକୁ ସଙ୍ଗେ ନେଇ ରାତ୍ରି ଆସିଲେ
ମଥା ରଖି ତୁମ କୋଳେ,
ଶୋଇଯାଆନ୍ତି କି ମୁହିଁ
ସପନର ପାରାବାର କୂଳେ । ।।୬।।

*******************

ଗ୍ରାମ: ବଖାଣପୁର, ଯାହାନପୁର
ଜିଲ୍ଲା: ଯାଜପୁର

ISSN NO.
2582-208X

# ସୀତା ମାଆଙ୍କ ରହସ୍ୟ



ଦୀପାଲି ବେହେରା

ତ୍ରେତୟା ଯୁଗର କଥା ରାବଣ ପଡ଼ିଥାନ୍ତି କ୍ଷତବ୍ୟକ୍ତ ହୋଇ ଭୂମିରେ ପ୍ରାଣବାୟୁ ଆଉ କିଛି ସମୟ ପରେ ଚାଲିଯିବ । ସମସ୍ତେ ଘେରି ହୋଇ ରହିଥାନ୍ତି ସବୁ ବଧୂ, ପୁଅ, ଭାଇ, ସ୍ତ୍ରୀ ସହ ରାମଚନ୍ଦ୍ର । ରାମଚନ୍ଦ୍ର କହନ୍ତି ରାବଣ ତମେ ଏତେ ବଡ଼ ଜ୍ଞାନ ଆହରଣ କରିଥିଲ, କିନ୍ତୁ ଗର୍ବ ପାଇଁ ସବୁ ବିଦ୍ୟା ଆଜି ମାଟିରେ ମିଶିଲା । ରାମଚନ୍ଦ୍ର ପୁଣି କହନ୍ତି ରାବଣ ଯାହା ବର ପାରୁଛ ମାଗ ମୁଁ ଦେବାକୁ ରାଜି ଆଜି । ତମେ ପରା ମୋ ପ୍ରାଣପ୍ରିୟା ଜାନକୀର ବାପା ଅର୍ଥାତ ମୋ ଶଶୁର ପିତା ସମାନ, ମୁଁ ତ ସୃଷ୍ଟିକାରୀ ମୋ ପାଖେ କିଛି ଅସମ୍ଭବ ନୁହେଁ । ରାବଣ କାନ୍ଦି କାନ୍ଦି କହିଲା ପ୍ରଭୁ ମୁଁ କେବଳ ଗୋଟେ ହିଁ ବର ମାଗିବି ସେଇଟା ମୋ ସ୍ତ୍ରୀର ଖୁସି , ତା'ର ସୌଭାଗ୍ୟ । ଜୀବନ ସାରା ମୁଁ କେତେ କଷ୍ଟ ଦେଇଛି ..... ? ସେ କେବେ ହେଲେ ଉତ୍ତର ଦିଏନି ସବୁ ମୁଣ୍ଡପାତି ସହିଯାଏ । ସତରେ ପ୍ରଭୁ ସେ ନାରୀ ନୁହେଁ , ସେ ହେଲା ସତୀ ଦେବୀ କନ୍ୟା । ଏହା ଶୁଣି ମନ୍ଦୋଦରୀ କାନ୍ଦି ପକାନ୍ତି । ରାମଚନ୍ଦ୍ର କହନ୍ତି ରାବଣ, ମୁଁ ସତ୍ୟ କରିଛି ଅବଶ୍ୟ ପୂରଣ କରିବି । କିନ୍ତୁ ରାବଣ ତମେ ଜାଣିଛ ପର ନାରୀଙ୍କୁ ହରଣ କରିବା ପାପ ତଥାପି ହରଣ କଲ, କେବଳ ସେତିକି ନୁହେଁ ସୀତା ତମର ଝିଅ ଜାଣି ମଧ୍ୟ ପିତା ହୋଇ ଏମିତି ନୃଶଂସ କାମ କରିପାରିଲ । ରାବଣ କହେ ପ୍ରଭୁ ମୁଁ ମାନୁଛି ମୋ ଝିଅ ସୀତାଙ୍କୁ ହରଣ କରି ନେଇଥିଲି, କିନ୍ତୁ ମୋର କିଛି ମନ୍ଦ ଉଦ୍ଦେଶ୍ୟ ନଥିଲା । ସୀତା ପରା ମୋ ଝିଅ କେଉଁ ବାପା ତା' ଝିଅକୁ ହରଣ କରିପାରିବ ?

ରାମଚନ୍ଦ୍ର ଅନେଇ କହନ୍ତି ଏତେ ପ୍ରୟୋଜନ କରିବାର ଅର୍ଥ ବୁଝିପାରିଲି ନାହିଁ ରାବଣ । ପ୍ରଭୁ ଆପଣ ସବୁ ଜାଣନ୍ତି ସୀତା ଦୁଇଟା ଜିନିଷ ପାଇଁ ହରଣ ହୋଇଥିଲେ । ମନେପକାନ୍ତୁ ସେଦିନର କଥାକୁ ଡାଳରେ ଦୁଇଟି ଶୁଆ ଓ ଶାରୀ ବସି କଥା ହଉଥାନ୍ତି, ସୀତାଙ୍କୁ ହରଣ କରି ନେଇଯିବ ରାବଣ ରାମ ଉଦ୍ଧାର କରିବେ । ଗଛ ତଳେ ବସିଥାନ୍ତି ଛୋଟ କନ୍ୟା

ISSN NO.
2582-208X

ସୀତା ସବୁ ଶୁଣୁଥାନ୍ତି, ଭାବୁଥାନ୍ତି ମୋର ପୁଣି ରାମଙ୍କ ସହ ବିବାହ ହେବ ରାବଣ ମୋତେ ଚୋରି କରି ନେଇ ରଖିବ । ଏଇ ଶୁଆଶାରୀ ବହୁତ ଜ୍ଞାନୀ ଏମାନଙ୍କୁ ଧରି ରଖିଲେ ଭବିଷ୍ୟତ ବିଷୟରେ ସବୁ ଜାଣି ପାରିବି କହି ଶୁଆଶାରୀଙ୍କୁ ଧରିବାକୁ ଚେଷ୍ଟା କଲେ । ଶୁଆ ତ ଉଡ଼ିଗଲା ଶାରୀକୁ ଧରି ଦେଲେ । ଶାରୀଟିଏ ଉଡ଼ି ନ ପାରି ସୀତାଙ୍କ ପଞ୍ଜୁରୀ ଭିତରେ ରହିଲା, ସୀତା ତା' ପାଇଁ ଫଳ, ଛେନା ଦିଅନ୍ତି । ଶାରୀଟି କେବେ ବି ଖାଏ ନାହିଁ, ଖାଇବ କେମିତି ତା' ସ୍ୱାମୀ ଖାଇନଥିବ । ପ୍ରତ୍ୟେକ ସ୍ୱାମୀ ଖାଇବା ପରେ ଯାଏଁ ସ୍ତ୍ରୀ ଖାଇବା ଧର୍ମ, ସେ ଚଢ଼େଇ ହେଲେ ବି ଗୋଟେ ଭଲ ସ୍ତ୍ରୀ । ଏମିତି କିଛି ଦିନ ଗଲାପରେ ଶାରୀଟି ନଖାଇ ନପିଇ ମରିଗଲା, ଶୁଆ ତାହାର ମଲା ଶରୀରକୁ ରାସ୍ତାରେ ଠାବ କରି ଅନେକ କାନ୍ଦିଲା । ସୀତାଙ୍କ କଥା ଭାବି କହିଲା ତମେ ତୋ ଜଗତଜନନୀ ମା ତମକୁ କେମିତି ଅଭିଶାପ ଦେବି କିନ୍ତୁ ତମରି ପାଇଁ ମୋ ସଂସାର ଉଜାଡ଼ି ଗଲା । ଆଜି ଯେମିତି ମୋ ସ୍ତ୍ରୀ ଗର୍ଭସ୍ଥ ଅବସ୍ଥାରେ ବନ୍ଦୀ ଭାବେ ସ୍ୱାମୀକୁ ନ ଦେଖି ଝୁରିଝୁରି ମଲା । ମାଆ ତମେ ବି ସେମିତି ଗର୍ଭସ୍ଥ ଅବସ୍ଥାରେ ବନ୍ଦିନୀ ହୋଇ ସ୍ୱାମୀଙ୍କ ବିନା ରହିବ ।

ପ୍ରଭୁ ୟେ ତ ପ୍ରଥମ ଅଭିଶାପ ଥିଲା ଦ୍ୱିତୀୟଟି ପରା ସୀତାଙ୍କ ପିଲା ଜନ୍ମ ହୋଇନଥାନ୍ତା । ପ୍ରଭୁ ସେଥିପାଇଁ ମୁଁ ମୋ ଝିଅକୁ ହରଣ କରି ଅଶୋକବନରେ ରଖିଥିଲି । ଅଶୋକ ଫୁଲକୁ ପିଲା ହେଉ ନଥିବା ନାରୀ ଯିଏ ଶୁଙ୍ଘିବ ଏକ ବରଷ ଯାଏଁ ତାହାର ସନ୍ତାନ ପ୍ରାପ୍ତି ନିଶ୍ଚିତ ଭାବରେ ହୋଇବ । ସେ ସବୁ ଜାଣି ମଧ୍ୟ ପ୍ରଭୁ ଆପଣ ମୋତେ ବିନା କାରଣରେ ମୃତ୍ୟୁଦଣ୍ଡ ଦେଲେ । ରାମଚନ୍ଦ୍ର କହନ୍ତି ରାବଣ ତମେ ସତରେ କିଛି କରିନାହିଁ, ମନେ ପକାଅ ଇନ୍ଦ୍ରଙ୍କ ସ୍ତ୍ରୀଙ୍କୁ ହରଣ କରିଥିଲ । କେବଳ ସେତିକି ନୁହେଁ ଏଇ ସୁନାର ଲଙ୍କା ଅନ୍ୟର ହୋଇ ବି ତମେ ବଳପୂର୍ବକ ତାଙ୍କୁ ତମର କରିଛ । ଏ ସୁନାର ଲଙ୍କା କାହାର ରାବଣ ଶିବଙ୍କର ନା, ମାତା ପାର୍ବତୀ ଶିବଙ୍କୁ ମନାଇ ଘର କରିଥିଲେ । ଘର ପ୍ରତିଷ୍ଠା ପାଇଁ ତମ ବାପାଙ୍କୁ ଡକା ହୋଇଥିଲା, ଦେବତା ମଧ୍ୟ ସବୁ ଆସିଲେ । ଦେବତାମାନେ ମିଶି ଆଲୋଚନା କରନ୍ତି, ମହେଶ୍ୱର ଯଦି ଘରେ ରହିବେ ତାହାହେଲେ ସବୁ ପୁରାଣ, ଗ୍ରନ୍ଥ ଭୁଲ ହେଇଯିବ ।

ଇନ୍ଦ୍ର ଦେବତା କହନ୍ତି ଆମେ ଯଦି ଏ ବ୍ରାହ୍ମଣଙ୍କୁ ଦାନରେ ଶିବଙ୍କ ଘର ମାଗିବା । ଘର ପ୍ରତିଷ୍ଠା କାର୍ଯ୍ୟକ୍ରମ ସରିଲା, ସବୁ ଦେବତା ସହ ବ୍ରାହ୍ମଣ ଆନନ୍ଦରେ ମାଆ ପାର୍ବତୀଙ୍କ

ISSN NO.
2582-208X

ହାତରନ୍ଧା ଖାଇଲେ । ବେଳ ଆସିଲା ବ୍ରାହ୍ମଣଙ୍କ ଦାନ ଦେବା ସମୟ ଏତିକିବେଳେ ଶିବ ପଚାରିଲେ ମାଗ ମହର୍ଷି ଯାହା ପାରୁଛ ମାଗ । ଦେବତାମାନେ ଛଳ କରି ବ୍ରାହ୍ମଣଙ୍କ ଗଳାରେ ବସି କହିଲେ, ପ୍ରଭୁ ଆପଣ ସତ୍ୟ କରିଛନ୍ତି ମାନେ ଯାହା ମାଗିବି ଦେବେ । ଶିବ କହିଲେ ଠିକ୍ ଅଛି "ଆପଣଙ୍କ ଘର ମୋତେ ଦାନରେ ଦିଅନ୍ତୁ ପ୍ରଭୁ" । ଏକଥା ଶୁଣି ଶିବ ଓ ପାର୍ବତୀ ଆଶ୍ଚର୍ଯ୍ୟ ହୋଇଗଲେ, ଯେଉଁ ଘର ଏତେ କଷ୍ଟରେ ହେଲା ଆଜି ପୁଣି ଆଉ କାହାର ହେବ । କିନ୍ତୁ ସତ୍ୟ କରିଛନ୍ତି ମାନେ ଆଉ ପଛାଇଲେ ନାହିଁ, ଶିବ କହିଲେ ପାର୍ବତୀ ମୋ କପାଳରେ ଘର ସୁଖ ନାହିଁ । ମାଆ ପାର୍ବତୀ ମଧ୍ୟ ସ୍ୱାମୀ ଦେଇଥିବା ବଚନକୁ ଅସ୍ୱୀକାର କଲେନାହିଁ, କିନ୍ତୁ ମନେ ମନେ ଭାରି ରାଗୁଥାନ୍ତି ପାର୍ବତୀ । ଶିବ ସ୍ୱଇଚ୍ଛାରେ ନିଜ ଘରକୁ ରାବଣଙ୍କ ପିତାକୁ ଦାନ ଦେଲେ । ମାଆ ପାର୍ବତୀ କହିଲେ ତମେ ସିନା ମୋ ସୁନାର ଘର ନେଇଗଲ କିନ୍ତୁ ଏଠି ମଣିଷମାନେ ବାସ କରିବେ ନାହିଁ ସବୁ ରାକ୍ଷସ ବାସ କରିବେ । ମାଆ ଜଗତଜନନୀ ମା ଦୁର୍ଗାଙ୍କ କଥା ଶୁଣି ଅଡୁଆରେ ପଡ଼ିଗଲେ, ସେ ମଧ୍ୟ କୁବେରଙ୍କୁ ଦାନ କରିଦେଲେ । ରାବଣ ତମେ ମାଆଙ୍କ କଥାରେ ପଡ଼ି କୁବେରଙ୍କୁ ହରାଇ ବିଜୟୀ ହୋଇ ପୁଣି ସେ ଘରକୁ ଆୟତ୍ତ କରିନେଲ । ଏବେ କହୁଛ ତମେ କିଛି ପାପ କରିନାହଁ, ମୁଁ ତମକୁ ବିନା ପାପରେ ଦଣ୍ଡ ଦେଇଛି । ରାବଣ କହିଲା ପ୍ରଭୁ ଆପଣ ତ ଅନ୍ତର୍ଯ୍ୟାମୀ ସଂସାରର କେଉଁ କଥା ଅଛପା ନୁହେଁ ଆପଣଙ୍କ ପାଖରେ ......? ଏତିକି ବୁଝି ପାରୁନାହାନ୍ତି ମୁଁ ଜାଣିଥିଲି ଏ ଲଙ୍କାପୁର ହେଉଛି ଅଭିଶାପର ରାକ୍ଷସ କୂଳ । ସେଥିପାଇଁ ଜାଣିଶୁଣି ମୁଁ ମାଆ ଲକ୍ଷ୍ମୀ ସୀତାଙ୍କୁ ଏଠି ଆଣି ରଖିଲି ମାଆଙ୍କ ପାଦ ଧୂଳିରେ ଅସୁର କୂଳ ମୁକ୍ତ ହେଲା । ପ୍ରଭୁ ଆପଣତ ନିଜ ହାତରେ ମୋତେ ବଧ କରିଛନ୍ତି ମୁଁ ଏବେ ଅସୁର କୂଳରୁ ଉଦ୍ଧାର ପାଇ ଶାନ୍ତିରେ ରହିବି । ପ୍ରଭୁ ଜାଣିଛନ୍ତି ଏସବୁ ମୁଁ ଜାଣିଶୁଣି କରିଛି, ବିଭୀଷଣଙ୍କୁ ଲଙ୍କାର ରାଜା କରାଇବାରେ ମଧ୍ୟ ମୋ ହାତ ଅଛି । ରାମଚନ୍ଦ୍ର ଅଳ୍ପ ହସି କହନ୍ତି ରାବଣ ତମେ ଯଦି ବିଭୀଷଣଙ୍କୁ ପରା ଘରୁ ବାହାର କରିଦେଇଥିଲ ମତେ ପୂଜା କଲା ବୋଲି ।

ରାବଣ କହେ ଶୁଣନ୍ତୁ ପ୍ରଭୁ ଏସବୁ ମୋ ଛଳନା ଥିଲା, ମୁଁ ଯଦି ବିଭୀଷଣଙ୍କୁ ପାଖରେ ରଖିଥାନ୍ତି ତାହାହେଲେ ପ୍ରଭୁ ଆପଣ ମୋତେ ବଧ କରିବା ଅସମ୍ଭବ ଥିଲା । ପ୍ରଭୁ ସବୁ ଜାଣିଶୁଣି ମୁଁ ଆପଣଙ୍କ ହାତରେ ମରିବି ବୋଲି ମରିବାର ବାଟ ତିଆରି କରିଥିଲି । ବିଭୀଷଣଙ୍କୁ ଲଙ୍କାରୁ ବାହାର ନକରି ମୁଁ ତାହାକୁ ବନ୍ଦୀ କରି ବା ମାରି ପାରନ୍ତି । ପ୍ରଭୁ

ISSN NO.
2582-208X

ଏସବୁ ମୋର କେବଳ ଯୋଜନା ଆଉ ଆଜି ସବୁ ଇଛା ପୂରଣ ହେଲା । ପ୍ରଭୁ ଆପଣଙ୍କ ସହ ଆଉଥରେ ଦେଖା ହେବ ଦ୍ୱାପର ଯୁଗରେ ଆପଣଙ୍କ ମାମୁଁ ହୋଇ ପୁଣି ବଧ ହେବି । ରାବଣ କିଛି ସମୟ ପରେ ଶେଷ ନିଃଶ୍ୱାସ ତ୍ୟାଗ କଲା, ମନ୍ଦୋଦରୀ ଦୁଃଖର ଶୋକରେ ଭାଙ୍ଗି ପଡ଼ି କହେ ପ୍ରଭୁ ଆପଣ କହିଥିଲେ ମୁଁ ସୌଭାଗ୍ୟ ବତୀ ହେବି । ରାମଚନ୍ଦ୍ର କହନ୍ତି ମାଆ କିଏ କହିଲା ଆପଣ ଅସତୀ ହେବେ, ଯେତେ ଦିନ ରାବଣଙ୍କ ଚିତା ଅଗ୍ନି ଜଳିବ ସେତେ ଦିନ ରାବଣ ଜୀବିତ ଆପଣ ସତୀ ଥିବେ । ଏତିକି କହି ରାମଚନ୍ଦ୍ର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ପାଇଁ ଯୋଗାଡ଼ କରନ୍ତି ।

ମୟୂରଭଞ୍ଜ

ISSN NO.
2582-208X

# କବି ଯେ ଦ୍ୱିତୀୟ ସ୍ରଷ୍ଟା



ଅର୍ପିତା ମହାପାତ୍ର

କବିତା କବିର ମାନସ ସନ୍ତାନ
କହେ ହୃଦୟର କଥା ।
ବିନା ଉଚ୍ଚାରଣେ ଶବ୍ଦର ସମ୍ଭାରେ
ସ୍ପର୍ଶ କରେ ଅନ୍ତରାତ୍ମା ॥
କେତେ କେତେ ସ୍ମୃତି କେତେ ଅନୁଭୂତି
କବିତାର ରୂପ ନଏ ।
ଭାବର ଆବେଗେ ଶବ୍ଦର ସଂଯୋଗେ
ସଭିଙ୍କ ହୃଦକୁ ଛୁଏଁ ॥
କଏ କହେ କବି ମାନସିକ ରୋଗୀ
କାମ ତାର କିଛି ନାହିଁ ।
କବି ବିନା ଆଉ କଏ ବା ବୁଝିବ
କବିତା ମହତ୍ତ୍ୱ କାହିଁ ॥
କେତେ ଶରଧାରେ କବି କଲମରେ
କବିତା ସଜେଇ ହୁଏ ।
ଶବ୍ଦ ଅଳଙ୍କାରେ ହୋଇ ସଜ୍ଜିଭୂତ
ପାଠକର ମନ ମୋହେ ॥
କଲମଟେ ଯେବେ ହାତେ ଧରେ କବି
ଲେଖେ ଅସରନ୍ତି ପୃଷ୍ଠା ।

ISSN NO.
2582-208X

ଭବ ରାଜ୍ୟେ ତୋଳେ କବିତାର ସୌଧ
କବି ଯେ ଦ୍ୱିତୀୟ ସ୍ରଷ୍ଟା ।
ଧନ୍ୟ ତୁମେ କବି ଧନ୍ୟ ତୁମ ସୃଷ୍ଟି
ଧନ୍ୟ ସେ କଳା ଚାତୁରୀ ।
ଉପମା ଦେବାକୁ ନାହିଁ ମୋ ଶକତି
ତୁମ ପାଖେ ଯାଏ ହାରି ॥

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀ, ଓଡିଆ ବିଭାଗ,
ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗୀର

ISSN NO.
2582-208X

# ଏକ ପେଡ୍ ମା'କେ ନାମ

ସଂଘମିତ୍ରା ବେହେରା

ଗୋଟିଏ ଗଛ ମାଆ ନାମରେ
ଆକାଶ ହେଉ ପିତା ସମାନ ।
ଗଛ ଲଗାଇ ଜିଓ ଟ୍ୟାଗ୍‌ରେ ଖାଲି ବାନ୍ଧି ନ ରହି
ଥରେ ତା'କୁ ମୁହଁ ଫେରାଇ ଚାହିଁ
ଦେଖ ଯତ୍ନଶୀଳ ହୋଇ ଶାଖା ମେଲୁଛି ତ !
ଫଟୋ ଆଲବମ୍‌ରେ ବାହାବାହା ସ୍ୱର କରି ତ ପାରିବା ଯେ କେହି
ନତୁବା ତେଜୁ ଆଉ ଥରେ ଚିପ୍‌କୋ ଆନ୍ଦୋଳନ
ଗଛ-ମାଆକୁ ଧରି ଥରେ କାନ୍ଦିବା ପାଇଁ ।
ଫଟୋ ପ୍ରମାଣରେ ମିଳୁଛି ବାହା ବାହା ସ୍ୱର
ମୋବାଇଲ ଷ୍ଟାଟସ୍ ଧରି କରୁଛି ଆତ୍ମ-ପ୍ରଚାର ।
ନିଜ ପିଠିରେ ପାପୁଲି ଥାପୁଡ଼େଇ ମିଳେ ଆନନ୍ଦ
ଗଛ-ମାଆ ପ୍ରତି ଦିନ କେଇଟାର ଆଉ ନାହିଁ ଖାତିର ।
ଯେଉଁ ଦିନାଙ୍କେ ଆସିଥିଲା ଚାରା ହୋଇ
ବଢ଼ିଲା ଚେର ମାଟି କାମୁଡ଼ିଲା କି ନାହିଁ ସତ୍ତା ମିଳଇ ନାହିଁ ।
ଗଛକୁ ନ କର ହତାଦର
ଯେ କରେ ଆମ ଜୀବନ ସଞ୍ଚାର ।
ଏ ପାଣିପାଗ ଚାହେଁ ତାହାକୁ
ଯେସନେ ସଂସାର ନିର୍ଭର କରଇ ମାଆକୁ ।

ଆସିଷ୍ଟାଣ୍ଟ ପ୍ରଫେସର
ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଅଟଳ ହେ ତୁମେ



ଖଗେଶ୍ୱର ବାଗ

ଅଟଳ ହେ ତୁମେ ହିନ୍ଦୁ ହୃଦୟେ
ମୁକୁଟ ବିହୀନ ରାଜା
ବିରୋଧୀ ମୁଖରେ ଶୁଭେ ଯଶଗାନ
ଚଉଦିଗେ ଉଡେ ଧ୍ଵଜା
ତ୍ୟାଗ ସମର୍ପଣ ନାହିଁ ପଟାନ୍ତର
ଅଦ୍ୱିତୀୟ ତୁମେ ଧାମେ
କେଉଁ ତପ ବଳେ ଉଭାହେଲ ରାଷ୍ଟ୍ର
ପ୍ରତି ପ୍ରୀତି ତୁମ କାମେ ।।
ଅଟଳ ହେ ତୁମେ ଗୁଆଲିୟରର
ବ୍ରାହ୍ମଣ କୁଳେ ଜାତ
କୃଷ୍ଣ ବିହାରି ଜନକ ଯାହାର
କୃଷ୍ଣାଦେବୀ ଯା'ର ମାତ
ଜନମ ଜାତକେ ଦେଶପ୍ରେମ ତୁମ
ଜୀବନ ବ୍ରତ କ ସତେ
ମାନବୀୟ ଆଭୂଷଣ ସର୍ବାଙ୍ଗରେ
ଭରିଥିଲ କାହିଁ ଏତେ ।।
ଅଟଳ ହେ ତୁମେ ଛାତ୍ର ଜୀବନେ
ଲଢିଥିଲ ଦେଶ ପାଇଁ
ଚବିଶ ଦିନର କାରାଦଣ୍ଡ ତୁମ
ରହିଅଛି ସ୍ମୃତି ହୋଇ
ଜନସଂଘୁ ଜନନାୟକ ହେ ତୁମ

ISSN NO.
2582-208X

ଭାଷା ପ୍ରୀତି ସୀମାହୀନ
ସଂଯୁକ୍ତ ରାଷ୍ଟ୍ର ମହାସଭାରେ ବି
ସ୍ୱଭାଷେ ଦେଲ ଭାଷଣ।।
ଅଟଳ ହେ ତୁମେ ଚିର ବ୍ରହ୍ମଚାରୀ
ଅଜାତଶତ୍ରୁ ନାମେ
କବି ପତ୍ରକାର ବକ୍ତା କେ କହେ
ଭୀଷ୍ମ ପିତାମହ ତୁମେ
ପାଞ୍ଚଜନ୍ୟ ବୀର ଅରଜୁନ ଯା'ର
ହସ୍ତରେ ସରଜନା
ଭାରତ ରତ୍ନ ପଦ୍ମ ବିଭୂଷଣେ
ସୁଶୋଭିତ ତୁମେ ସିନା।।
ଅଟଳ ହେ ତୁମେ ହିନ୍ଦୁ ତନ ମନ
ହିନ୍ଦୁ ଜୀବନ ଧାରା
ରଗରଗ ହିନ୍ଦୁ ପରିଚୟ ତୁମ
ତୁମେ କାଳଜୟୀ ପରା
ସରଳ ସ୍ୱଭାବ ଅମାୟିକ ଭାବ
ପରାକ୍ରମୀ ପୁଣି ତୁମେ
ଶ୍ରେଷ୍ଠ ସାଧକ ଭାରତ ମାତାର
ନତି ତୁମକୁ ମୁଁ ନମେ।।

ବୁଢ଼ିକୋମନା, ନୂଆପଡ଼ା

ISSN NO.
2582-208X

# ଚଠି ଆଙ୍ଗିକ ଶୈଳୀରେ ରଚତ ଓଡିଆ କବିତା

ପ୍ରଫୁଲ୍ଲ କୁମାର ନାହାକ
ପ୍ରଫେସର ଦେବାଶିଷ ପାତ୍ର

ସାହିତ୍ୟ ଶବ୍ଦ ଅତି ବ୍ୟାପକ ଅର୍ଥବାହୀ । ପୃଥିବୀର ବହୁ ମନୀଷୀ ସାହିତ୍ୟିକ ଚିନ୍ତାଶୀଳ ସମାଲୋଚକଙ୍କର ଲେଖନୀ ସେହି ଶବ୍ଦର ବ୍ୟାପକତ୍ୱର ପରିମାପ କରିବାକୁ ଅକ୍ଷମ ହୋଇଛି । ସାହିତ୍ୟ ଶବ୍ଦ 'ସହିତ' ଶବ୍ଦ ସହ ପତ୍ୟୟ ସଂଯୋଗରେ ନିଷ୍ପନ୍ନ । ସଙ୍ଗରେ ଯେ ଅବସ୍ଥାନ କରେ ସେ ସଙ୍ଗୀ । ମଣିଷର ସାହିତ୍ୟ ହେଉଛି ପ୍ରଧାନ ସଙ୍ଗୀ ବା ବନ୍ଧୁ । ଏହି ପରିପ୍ରେକ୍ଷୀରେ ବିଚାର କଲେ, ସାହିତ୍ୟ ମାନବର ସଙ୍ଗୀ ହିସାବରେ କିପରି କାର୍ଯ୍ୟ ସମାଧାନ କରେ ତାହାହିଁ ଲକ୍ଷ୍ୟ କରିବାର କଥା । ମାନବ ପୃଥିବୀରେ ଜନ୍ମଗ୍ରହଣ କରିବା ଠାରୁ ଆରମ୍ଭ କରି ଜୀବନର ଶେଷ ମୁହୂ ର୍ତ୍ତ ପର୍ଯ୍ୟନ୍ତ ବହୁ ସମସ୍ୟା ଜାଲରେ ଛନ୍ଦି ହୋଇ ବିରକ୍ତ ବିବଶ ଓ ସହାୟହୀନ ହେଲାବେଳେ ସାହିତ୍ୟ ପ୍ରକୃତ ବନ୍ଧୁର କ ର୍ତ୍ତବ୍ୟ ସଂପାଦନ କରି ତା ପ୍ରାଣକୁ ଉଲ୍ଲାସରେ ପରିପୂର୍ଣ୍ଣ କରେ । ନିରାଶ ପ୍ରାଣରେ ଆଶାର ଅମଳ-ମନ୍ଦାକିନୀ ସ୍ରୋତ ବହମାନ କରି ସଂସାରର ଦୁରୂହ ଦୁର୍ଗମ ପଥ ଅତିକ୍ରମ କରିବା ନିମି ମନରେ ଦମ୍ଭ, ସାହସ ଭରିଦିଏ ।

ସଂସାରର ଦୁଃଖ, ଶୋକ, ଜଞ୍ଜାଳ, ସନ୍ତାପରେ ନିପୀଡ଼ିତ ହୋଇ ସମୟେ ସମୟେ ମଣିଷ ପ୍ରାଣରୁ ଏପରି ବାକ୍ ସ୍ରୋତ ଉ ର୍ଣ୍ଣ ହୋଇଥାଏ । ଯାହା ଅପର ପ୍ରାଣକୁ ରସପାନ କରାଇ ନବ ଉନ୍ମାଦନାରେ ଉଦ୍‌ବୁଦ୍ଧ କରେ । ଅତଏବ ସାହିତ୍ୟ ଯୋଗେ ମାନବର ବ୍ୟକ୍ତିତ୍ୱ ବିକଶିତ ହୁଏ ସାହିତ୍ୟ ସୃଷ୍ଟ ଓ ସାହିତ୍ୟ ଦ୍ୱାରା ମନୁଷ୍ୟତ୍ୱ ଉଜ୍ଜୀବିତ । ସମାଜ ବ୍ୟବସ୍ଥା ମଣିଷର ସ୍ୱଚ୍ଛ ସୁଶୃଙ୍ଖଳ ଜୀବନ ପାଇଁ ଉଦ୍ଦିଷ୍ଟ । ସାମାଜିକ ବିଶୃଙ୍ଖଳ । ମାନବତା ପ୍ରତିଷ୍ଠାର ଘୋର ପରିପନ୍ଥୀ । ଏହି ସାମାଜିକ ଶୃଙ୍ଖଳା ଯେଉଁମାନଙ୍କ ଦ୍ୱାରା ପରିମାର୍ଜିତ ଓ ପରିବର୍ଦ୍ଧିତ ହୋଇଥାଏ ସେମାନଙ୍କ ମଧ୍ୟରୁ ସାହିତ୍ୟିକ ଜଣେ । ଏଣୁ ଉଚ୍ଚମାନର ମାନବତା ପ୍ରତିଷ୍ଠା କ୍ଷେତ୍ରରେ ସାହିତ୍ୟିକର ଭୂମିକା ଅନସ୍ୱୀକାର୍ଯ୍ୟ । ମାନବିକତାର ବିକାଶ ନ ହେଲେ, ସଭ୍ୟତା, ସଂସ୍କୃତିର ଅଭ୍ୟୁତ୍‌ଥାନ ଆଶା କରିବା ବୃଥା । ଏପରିକି ବିଜ୍ଞାନର ଚରମ ବିକାଶ, ମହାକାଶ ଅଭିଯାନ ମଧ୍ୟ ସୁଦୂର ପରାହତ ହେବ । ତେଣୁ ସମାଜ ଓ ସାହିତ୍ୟ ପରସ୍ପରର ପରିପୂରକ ।

ସାହିତ୍ୟ ଅଟ୍ଟାଳିକାର ମୂଳ ଉପାଦାନ ଶବ୍ଦ । ତାର ଶକ୍ତି କଳନା କରାଯାଇ ପାରିବ ନାହିଁ । ଭାରତୀୟ ମନୀଷୀ, ତେଣୁ କହିଥିଲେ 'ଶବ୍ଦ ବ୍ରହ୍ମ' ଗୁଣୀ, ଗାରେଡ଼ି, ଚଣ୍ଡୀପାଠ, ଭାଗବତ ପାଠ ଦ୍ୱାରା ଉପକାର ମିଳିବାର ଦୃଷ୍ଟାନ୍ତ ନାହିଁ । ଶବ୍ଦ ପ୍ରଭାବରେ ଅସାଧ ସାଧିତ ହୁଏ । କେବଳ ଶବ୍ଦର ପ୍ରଭାବ ନୁହେଁ ସାହିତ୍ୟର ପ୍ରଭାବ ମଧ୍ୟ ଖୁବ୍ ଶକ୍ତିମାନ । ପ ଦଶ ଶତକର ଉ ର ଭାରତୀୟ ଶୈବ ଓ ବୈଷ୍ଣବ ସଂପ୍ରଦାୟର ଶତ୍ରୁତା ସାହିତ୍ୟର ପ୍ରଭାବରେ ହିଁ ବିଦୂରିତ ହୋଇଥିଲା । ଲର୍ଡ କର୍ଜନଙ୍କ ବଙ୍ଗଭଙ୍ଗ ବିରୁଦ୍ଧରେ ବନ୍ଦେ-ମାତରମ୍'ର ଆହ୍ୱାନ ବଙ୍ଗ ଭୂମିକୁ ଉଦ୍‌ବୁଦ୍ଧ କରିଥିଲା । ବଙ୍ଗବାସୀ ମୁସଲମାନ ସଂପ୍ରଦାୟ ବୋଧହୁଏ ରକ୍ତ କାରଣରୁ ଦେଶ ପ୍ରେମରେ ଉଦ୍‌ବୁଦ୍ଧ ହୋଇ ବଙ୍ଗ ଭାଷାକୁ ମାତୃଭାଷା ଭାବରେ ଗ୍ରହଣ କରି ନେଲେ । ଯାହା ଭାରତର ଅନ୍ୟାନ୍ୟ ପ୍ରାନ୍ତରେ ସମ୍ଭବ ହୋଇନାହିଁ । ଯାହାର ଅଙ୍କୁର ପତ୍ର ପୁଷ୍ପ ଫଳପରି ଶୋଭିତ ହୋଇ ସଂପ୍ରତି 'ବଙ୍ଗଳାଦେଶ' ପରିଦେଶ ଆତ୍ମପ୍ରକାଶ କରିଛି । ଏହି ଭି ିଭୂମି ପ୍ରତି ଲକ୍ଷ୍ୟ ରଖି ସାହିତ୍ୟର ଆଙ୍ଗିକ ଓ ଆଭିମୁଖ୍ୟ ପ୍ରବ ର୍ତ୍ତିତ ହେବା ବିଧେୟ । ସାହିତ୍ୟ ଯୁଗାଶ୍ରୟୀ । ଯୁଗ ପରିବ ର୍ତ୍ତନରେ ସାହିତ୍ୟର ରୂପ ପରିବ ର୍ତ୍ତିତ ହୋଇଥାଏ । ପୃଥିବୀର ବିଭିନ୍ନ ଭାଷା ଓ ସାହିତ୍ୟ ପ୍ରତି ଦୃଷ୍ଟି ନିକ୍ଷେପ କଲେ, ଏ ସତ୍ୟ ପରିଦୃଷ୍ଟ ହୁଏ । ସାଂପ୍ରତିକ ସାହିତ୍ୟରେ ଏ ଯୁଗର ସ୍ୱଚ୍ଛ ସାକ୍ଷର ବିଦ୍ୟମାନ । କାର୍ଲମାର୍କ୍ସଙ୍କର ସମାଜବାଦୀ ଚିନ୍ତାଧାରା ଫ୍ରୟେଡଙ୍କ ମନ ସନ୍ଦେଶ ଏବଂ ମହାସମର ଜନିତ ବିଭିନ୍ନ କ୍ରିୟା ପ୍ରତିକ୍ରିୟା ଦ୍ୱାରା ସମସ୍ତ ପୃଥିବୀର ଚିନ୍ତାଧାରା ପରିବ ର୍ତ୍ତିତ ଓ ନିୟନ୍ତ୍ରିତ ହୋଇଛି । ଯୁଗଚେତନା ଯେଉଁ ସାହିତ୍ୟ ବହନ କରିନପାରେ ତାହା ପ୍ରଗତିଶୀଳ ହୋଇପାରେ ନାହିଁ । ଏଣୁ ଯୁଗଚେତନା ସାହିତ୍ୟ ସ୍ରୋତକୁ ନିର୍ଦ୍ଦିଷ୍ଟ ଦିଗରେ ବହମାନ କରେ । ସମୟେ ସମୟେ ସମାଲୋଚକ ସ୍ୱୀକାର କରିଥାନ୍ତି ଯେ ଯୁଗର ଚିନ୍ତାବିକ୍ଷେପ ସାହିତ୍ୟରେ ପ୍ରତିଫଳିତ ହେଉଛି । ଏଣୁ ଏକ ସୂଚନା ରକ୍ଷିତ ହେଉନାହିଁ । ସାଂପ୍ରତିକ ସାହିତ୍ୟରେ ଏ ପ୍ରକାର ସ୍ୱୀକାରୋକ୍ତି ବହୁତ ପରିଲକ୍ଷିତ ହେଉଛି । ଯାହା ଦୁଃଖଦ । କବି ବା ସାହିତ୍ୟିକ ସମୟର ବନ୍ୟା ସ୍ରୋତରେ ଭାସିଯିବାର ଲୋକ ନୁହନ୍ତି । ବନ୍ୟାରେ ଭାସିଯିବାରେ ପାରଙ୍ଗତି ନଥାଏ । ବନ୍ୟା ସ୍ରୋତକୁ ନିୟନ୍ତ୍ରଣ କରି ଯଦି ତାକୁ ବହୁମୁଖୀ ଉପକାରରେ ବିନିଯୋଗ କରାଯାଏ, ସେଇଠି ପ୍ରକାଶ ପାଏ ଶକ୍ତିମତା । ସବୁ ସାହିତ୍ୟିକମାନଙ୍କ ପାଖରେ ଏ ପ୍ରକାର ଶକ୍ତିମତା ନଥାଏ । ଯେ କାଳଜୟୀ, କାଳର ଉର୍ଦ୍ଧ୍ୱରେ ତାର ସାହିତ୍ୟିକ ସୃଷ୍ଟି ସଂପଦ ସେଇ ସ୍ରଷ୍ଟା ହିଁ ସମୟର ସ୍ରୋତକୁ ବାନ୍ଧି ରଖିପାରେ । ମୋ ଆଲୋଚନାରେ ସେ ସମସ୍ତ କଥା ଆଉ ମୁଁ କହୁନାହିଁ । କହିବା ପାଇଁ ଚେଷ୍ଟା କରିଛୁ ସାହିତ୍ୟିକମାନଙ୍କ ଭିତରେ ମଧ୍ୟ କାଳଜୟୀ ହେବାର ବା କାଳଶ୍ରେଷ୍ଠ ହେବାର କ୍ଷମତା ରହିଛି । ନିଜର ସାହିତ୍ୟ ସୃଷ୍ଟି ମାଧ୍ୟମରେ । ଏହି ସାହିତ୍ୟର ଆଙ୍ଗିକ କଳା ବିଭିନ୍ନ ଧାରାରେ ଅନ୍ତର୍ଭୁକ୍ତ । ଏହି ଧାରା ମଧ୍ୟରୁ ଚିଠିପତ୍ର ଧର୍ମୀ ସାହିତ୍ୟ ସର୍ଜନା ଏକ ଶୈଳୀ ବା କଳା । ସବୁ ସାହିତ୍ୟିକମାନେ ଚିଠିପତ୍ରଧର୍ମୀ ସାହିତ୍ୟ ସର୍ଜନା କରିନାହାଁନ୍ତି । ଯେଉଁମାନେ ଏ ଧରଣର କଳାକର୍ମ କରି ନିଜର ସ୍ୱତନ୍ତ୍ରତାକୁ ବଢ଼ାଇବାକୁ ଚେଷ୍ଟା କରିଛନ୍ତି । ସେଇମାନେ ମୋ ଆଲୋଚନାରେ ବିଶେଷ ଭାବେ ଆଲୋଚିତ ହେବେ । ସେଇ ପତ୍ରାବଳୀ ଆଧାରିତ ସାହିତ୍ୟ ସୃଷ୍ଟି ହେବ ଆଲୋଚନାର ପ୍ରସଙ୍ଗ । ଆଉ ଏହାର ଦର୍ଶନ ହେବ ପରୀକ୍ଷାର ଉପାଦାନ ।

ପର୍ଯ୍ୟାୟ କ୍ରମିକ ଭାବେ ଦୃଷ୍ଟିଦେଲେ ସାହିତ୍ୟର ସବୁ ବିଭାଗରେ ଚିଠି ପତ୍ରର ଗୁରୁତ୍ୱ ପରିଲକ୍ଷିତ ହୋଇଛି । କବିତାରେ, ନାଟକରେ, ଉପନ୍ୟାସ ଆଉ ଗଳ୍ପ ସାହିତ୍ୟରେ ଅନେକ ସମୟରେ ସାହିତ୍ୟିକ ଚିଠିପତ୍ରର ଗୁରୁତ୍ୱାବଳୀକୁ ସ୍ଥଳ ବିଶେଷର ସ୍ଥାନ ଦେଇଥିବା କଥା ସାମ୍ନାକୁ ଆସିଥାଏ । ଆମ ଓଡ଼ିଆ ସାହିତ୍ୟର ଆଦିକବି ସାରଳା ଦାସ ତାଙ୍କ ଚଣ୍ଡୀପୁରାଣ ନାମକ ଗ୍ରନ୍ଥରେ 'ମହିଷାସୁରର ଆଜ୍ଞା ପତ୍ରିକା' ନାମକ ପ୍ରସଙ୍ଗରେ ଚିଠି ପରମ୍ପରାର ପ୍ରଥମ ବା ି। ପ୍ରେରଣ କରିଥିଲେ ।ଯାହାକି ଏକ ସମୟରେ ଚିଠି କିପରି ପ୍ରେରଣ କରାଯାଇଥାଏ ତାର ନମୁନା । ସେବେଠୁଁ ଆଜି ପର୍ଯ୍ୟନ୍ତ ବହୁକିଛି ସାହିତ୍ୟ, କାବ୍ୟ, ନାଟକ, ଉପନ୍ୟାସ, ଗଳ୍ପ ଆଦି ରଚନା କରାଯାଇଛି । ଏ ସବୁଥିରେ ଚିଠି ଆଙ୍ଗିକ ଶୈଳୀରେ କରାଯାଇଥିବା ରଚନାବଳୀ ମୋ ଆଲୋଚନାର ପ୍ରଥମ କେନ୍ଦ୍ରବିନ୍ଦୁ ହେବ । ଆଲୋଚନା କଲାବେଳେ ସର୍ବପ୍ରଥମେ ମୁଁ ଚିଠି ଆଙ୍ଗିକ ଶୈଳୀକୁ ଅଧିକ ଗୁରୁତ୍ୱ ଦେଇଛି ଆଉ ଦେବି । ଏହାର ଦର୍ଶନ ଆଉ ପାଠକୀୟ ଉପଲବ୍ଧିକୁ ସ୍ଥାନ-କାଳ-ପାତ୍ର ହିସାବରେ ଆଲୋଚନା ପରିସରଭୁକ୍ତ କରାଇବାକୁ ଚେଷ୍ଟା କରିବି ।

* **ଓଡ଼ିଆ କବିତାରେ ଚିଠିପତ୍ର ଶୈଳୀ –**

ସର୍ବପ୍ରଥମେ ଚିଠି ଆଙ୍ଗିକରେ ଯେଉଁ ସବୁ କବିତାଗୁଡ଼ିକୁ ରଚନା କରାଯାଇଛି ସେ ପ୍ରସଙ୍ଗଟିକୁ ଦୃଷ୍ଟିକୁ ନେବା । ସାହିତ୍ୟରେ ସବୁଠୁଁ ଆକର୍ଷଣ ଓ ଆଦରଣୀୟ କଳାକର୍ମ ହେଉଛି କବିତା । ଭାବପ୍ରବଣ କଳ୍ପନାପୁଟ ରସାଣିତ ରସୋ ର୍ଣ୍ଣ କବିତା ହିଁ ବ୍ରହ୍ମାନନ୍ଦ ସୁଖ ସଂପାଦନ କରିବାରେ ସକ୍ଷମ । ଯେତେବେଳେ ମାନବ ହୃଦୟ ଦୃଷ୍ଟ ବସ୍ତୁରେ ତନ୍ମୟ ହୋଇପଡ଼େ ବା ମନନରେ ତଲ୍ଲୀନ ହୁଏ, ସେତେବେଳେ ସତଃସ୍ଫୁ ର୍ତ୍ତ ବାକ୍ୟ ଉଦ୍ରେକ ହୁଏ । ତାହାହିଁ ଅନ୍ୟକୁ ସେହି ତନ୍ମୟତା ଆଣି ଦେଇପାରେ । ସେହି ବକ୍ୟରେ ପ୍ରତିଫଳିତ ହୁଏ ପ୍ରକୃତି ପ୍ରତି ମମତା, ମାନବିକ ଗଭୀର ସମବେଦନାଶୀଳତା ଓ ଆବେଦନ । ମାନବ ସମାଜକୁ ଉନ୍ନତି ପଥରେ ଆଗେଇ ନେବାରେ କବିତା ଅପେକ୍ଷା ଅଧିକ କେହି ସକ୍ଷମ ନୁହଁନ୍ତି ।

ଓଡ଼ିଆ ସାହିତ୍ୟର ଆଦି ଯୁଗରୁ ଆଜି ପର୍ଯ୍ୟନ୍ତ ସାହିତ୍ୟିକ ବିଭବ ଓ ଗତି ପ୍ରତି ଲକ୍ଷ୍ୟକଲେ ଦେଖାଯିବ, ଏହି ଧରଣ କବିତା ଏ ଭାଷାରେ ଅଳ୍ପ ସଂଖ୍ୟକ ମାତ୍ର । କବି ଓ ପାଠକ ପରସ୍ପର ସମ୍ବନ୍ଧଶୀଳ । କବିଦ୍ୱାରା ପ୍ରତିଷ୍ଠିତ ହେବାକୁ ଯାଉଥିବା ଆଦର୍ଶରେ ପାଠକ ଅନୁପ୍ରାଣିତ ନ ହେଲେ ତାର ଶ୍ରମ ନିଷ୍ଫଳ ହୁଏ । ଏ ଯୁଗରେ କବି ଉପବାସୀ ରୁହେ । ଏପରି ସନ୍ଧିକ୍ଷଣରେ କବିର କ ର୍ତ୍ତବ୍ୟ ଅତି ଗୁରୁତ୍ୱପୂର୍ଣ୍ଣ ଆଜି ବିଶ୍ୱ ସାହିତ୍ୟ ସହ ସମତାଳରେ ଗତି କରିବା ପାଇଁ ଓଡ଼ିଆ କବି ତତ୍ପର । ମାତ୍ର ପାଠକ ତାହା ଗ୍ରହଣ କରିନ ପାରିବାରେ ଦୁଃଖ ହୁଏ । ଓଡ଼ିଆ ସାହିତ୍ୟରେ ସାହିତ୍ୟିକ ବିଭବ ଓ ଆଭିମୁଖ୍ୟ ନେଇ ବହୁ ପରୀକ୍ଷା ନିରୀକ୍ଷା ଚାଲିଛି ମାତ୍ର ସାଧାରଣ ପାଠକ ଆଜିର କାଳଖଣ୍ଡରେ ସୋସିଆଲ ମିଡ଼ିଆରେ ବ୍ୟସ୍ତ ରହୁଛି, କୋଚିତ୍ କେହି କବିତାର ପାଠକ କବିତା ଖୋଜି ଲୋଡ଼ି ପଢୁଛନ୍ତି । ବ ର୍ତ୍ତମାନ ସମୟରେ ସାଧାରଣ ପାଠକ କବିତା ପାଠ କରିବା ଦୂରେ ଥାଉ ତାକୁ କବିତା କହିଲେ ତାର ନାସିକା କୁ ଞ୍ଚିତ ହେଉଛି । ତେବେ ଏ କ୍ଷେତ୍ରରେ ଏହି ସମସ୍ୟାର ସମାଧାନ କରିବା ପାଇଁ ସମାଲୋଚକ ତଥା ନିଜେ କବି ଦାୟିତ୍ୱ ସଂପନ୍ନ ହେବା ଉଚିତ୍ ।

ଦ୍ୱିତୀୟତଃ କବି କି ପ୍ରକାର ପଦ କବିତାରେ ସଂଯୋଜନା କରୁଛନ୍ତି ସେ ବିଷୟରେ ପାଠକ ଆଦୌ କଳ୍ପନା କରିପାରୁ ନାହାଁନ୍ତି । ତେଣୁ ସମସ୍ୟା ଉପୁଜିବା ସ୍ୱାଭାବିକ୍ । ପୂର୍ବରୁ ମନୋରଞ୍ଜନ କରିବା ଠାରୁ ଆରମ୍ଭ କରି ଶିକ୍ଷା-ନୀତିଶିକ୍ଷା ଦର୍ଶନ ସବୁ କ୍ଷେତ୍ରରେ ସାହିତ୍ୟର ଆବଶ୍ୟକତା ରହିଥିଲା । ଯେଉଁଥିଲାଗି ଏତେ ସୁନ୍ଦର ସୁନ୍ଦର କାବ୍ୟ-କବିତାମାନ ସେ କାଳରେ ପାଠକକୁ ସାମ୍ନାରେ ରଖି ରଚନା କରାଯାଉଥିଲା । ବ ର୍ତ୍ତମାନ ସାହିତ୍ୟ ବ୍ୟକ୍ତି ତନ୍ତ୍ରରେ ବୁଡ଼ି ରହିଛି । ତେଣୁ ଏ କାଳରେ କବିତା ରଚନା ବା ଚିଠିଧର୍ମୀ ଚିଟାଉ ପ୍ରେରଣ ଏକ ପୁରୁଣା ତରିକାରେ ରୂପାନ୍ତରିତ ହେଲାଣି । ତଥାପି ସାହିତ୍ୟର ବିଭିନ୍ନ ଦିଗରେ ଚିଠିପତ୍ର ଧର୍ମୀ ଶୈଳୀ ଦେଖିବାକୁ ଆଜି ବି ମିଳୁଛି । ସେ ସବୁର ନମୁନା ନିମ୍ନ ମତେ ପ୍ରଦାନ କରିବା ।

ସାରଳା ଦାସଙ୍କ 'ମହିଷାସୁରର ଆଜ୍ଞା ପତ୍ରିକା' ଉପେନ୍ଦ୍ର ଭଞ୍ଜଙ୍କ 'ପ୍ରେମ ସୁଧାନିଧିର ଚିଟାଉ' ପ୍ରେରଣ ଇତ୍ୟାଦି ମଧ୍ୟଦେଇ ଓଡ଼ିଆ ସାହିତ୍ୟ ବା କାବ୍ୟ କବିତାରେ ଚିଠି ଆଙ୍ଗିକରେ ପ୍ରସ୍ତୁତ ସାହିତ୍ୟର ମୂଳ ଉତ୍ସ ତିଆରି ହୋଇଥିବା କହିଲେ କିଛି ଅତ୍ୟୁକ୍ତି ହେବନାହିଁ । ଆଧୁନିକ କାଳରେ ବହୁ କବିତା ଏମିତି ରହିଛି, ଯେଉଁଥିରେ ଚିଠିଧର୍ମୀ ଆଙ୍ଗିକର ପ୍ରୟୋଗ ଦେଖିବାକୁ ମିଳେ । ଯେପରି କବି ଶିରୋମଣି ବୈଷ୍ଣବ ପାଣି ନିଜର ଆତ୍ମକାହାଣୀ 'ପାଣି କବିର ଆତ୍ମକାହାଣୀ'ରେ 'ନୀଳ ବାରଙ୍ଗନାର ଚିଟାଉ' ପ୍ରସଙ୍ଗକୁ ସଂପୂର୍ଣ୍ଣ ଅବତାରଣା କରିଛନ୍ତି । ନିଜେ କବି ମଧ୍ୟ ଦେଇଥିବା ଉ ର କବିତା ମାଧ୍ୟମରେ ପ୍ରେରଣ କରିଥିବାର ନଜିର ରହିଛି ।

କବି ବୈଷ୍ଣବ ପାଣି ଓଡ଼ଗ୍ରାମକୁ ଯାତ୍ରା କରିଯିବା କାଳରେ ନୀଳ ବାରଙ୍ଗନା ସହିତ ଭେଟ ହୁଅନ୍ତି । କବିଙ୍କ ନାଟ ତାମସା କଳା-କାରିଗରୀ ଓ ସୁଠମ ରୂପଲାବଣ୍ୟରେ ନୀଳ ମୋହିତ ହୋଇ ଗଣକବିଙ୍କୁ ପ୍ରେମଭିକ୍ଷା କରିଥିଲା । ଏହି ପ୍ରେମପୂର୍ଣ୍ଣ ସଂଭାଷଣକୁ ସେ କବିତା ମାଧ୍ୟମରେ ରାଗ-ଶଙ୍କରାଭରଣ ବାଣୀରେ ରଚନାକରି କବିଙ୍କ ନିକଟକୁ ପ୍ରେରଣ କରିଥିଲା । ନିମ୍ନରେ ଏହାର କିଛି ନମୁନା ନେଇ ପାରିବା । ଯେଉଁଥିରେ ସଂଗୀତ ଛଳରେ ପ୍ରେମପୂର୍ଣ୍ଣ ଚିଠିପତ୍ର ବା ଚିଟାଉ କଳାର ଅନୁପମ ଉଦାହରଣ ଲୁଚି ରହିଛି ।

"ପ୍ରିୟବର !

ISSN NO.
2582-208X

ଶ୍ରୀ ସଦାଶିବ ଗୌରୀ ଚରଣ ଚନ୍ଦନ,
କରି ପତ୍ରିକା ଲେଖିଲି ଘେନିବ ଜୀବନ ।
ମୋରେ ସଦୟ ହୋଇବ,
କୋଟି କୋଟି ପ୍ରଣିପତ୍ୟ ଗ୍ରହଣ କରିବ ।
ପ୍ରଭୋ ! ମନୋଜସୁନ୍ଦର କୁଳ ପ୍ରତିଷ୍ଠିତ,
ଅଙ୍କ ବର୍ଜିତ ମୃଗାଙ୍କ ପ୍ରାୟ କୀ ˜ ଖ୍ୟାତ ।
ମନ ନେତ୍ର କାରା,
କପଟ ପ୍ରଣୟ ରୀତି ପଡ଼ିଗଲା ଧରା ।"[୧]

ନୀଳ ନାମ୍ନୀ ବାରଙ୍ଗନା ଠାରୁ ଏମନ୍ତ ପତ୍ର ପ୍ରାପ୍ତି ହେଲାପରେ ବୈଷ୍ଣବ ପାଣି ମୁନୀଭୂତି ଧାରଣ କରିଯାଇଥିଲେ । ଚିଠିର ଉ ର କ'ଣ ଦେବେ, କ'ଣ ଦେବେ, ଏକଥା ଖାଲି ଚିନ୍ତା କରୁଥାନ୍ତି । ତେଣୁ ସେ ପ୍ରତି ଉ ରରେ 'ଚିନ୍ତାଭୈରବ' ନାମକ ରାଗିଣୀରେ ଚିଠି ବା ସଙ୍ଗୀତ ଗୋଟିଏ ରଚନା କରି ନୀଳ ପାଖକୁ ପଠାଇବା ଲାଗି ସ୍ଥିର କଲେ । ତାଙ୍କ ଆତ୍ମଜୀବନୀରେ ସେ କହିଛନ୍ତି । ଯଦିଓ ସମସ୍ତ ପଦ ତାଙ୍କର ମନେ ଆସୁନାହିଁ । ତଥାପି କିଛି ଅଂଶକୁ ସେ ଉଦ୍ଧାର କରିଛନ୍ତି ।

"ପ୍ରିୟେ !
ଚିତେ ସୁମରି ଜାନକୀ ପତି, ଅଘନାଶନ ଅଗତିଗତି
ଦଶଶିରକୁଳ କଲେ ଯେ ନିର୍ମ୍ମଳ,
ଆଜି ଘୋଷୁଛି ଯା କୀ ˜ କ୍ଷିତିରେ । ରେ ବରାଙ୍ଗି ।
ଗତ କଥାକୁ ଭାବିଲେ ମନେ, ଚିନ୍ତା ପୋଡ଼ଇ ଚିତା ସମାନେ,
ଚିଟାଉ ଲେଖିବି ଆଶା ପୋଷି ଅଛି,
ବୁଦ୍ଧି ନ ଦିଶେ ଦେହ କନେ । ରେ ବରାଙ୍ଗି ।"[୨]

ଏହିଭଳି ଭାବରେ ଗଣକବି ବୈଷ୍ଣବ ପାଣି କବିତା ମାଧ୍ୟମରେ ନିଜର ପ୍ରେମ ଭାବକୁ ବ୍ୟକ୍ତ କରିଅଛନ୍ତି ନୀଳ ବାରଙ୍ଗନା ଲାଗି ।

ପରବ ୀ କାଳରେ ଓଡ଼ିଆ କବିତାକୁ ନୂତନ ସ୍ପର୍ଶ ଦେବାରେ ଯେଉଁ ସ୍ରଷ୍ଟା ପୁରୁଷଙ୍କ ଅଦମ୍ୟ ଚେଷ୍ଟା ଓ ସାଧନା ରହିଥିଲା ସେ ହେଉଛନ୍ତି ସଚ୍ଚିଦାନନ୍ଦ ରାଉତରାୟ । ଓଡ଼ିଆ କବିତାକୁ ତାଙ୍କ ଦାନ ଢ଼େର ଅଧିକ ରହିଛି । କବି ରାଉତରାୟଙ୍କ ଯେଉଁ କବିତା ସଂକଳନ ଦ୍ୱୟ ଓଡ଼ିଆ କାବ୍ୟ ଆକାଶରେ ଦୁଇଟି ଉଜ୍ଜ୍ୱଳତମ ନକ୍ଷତ୍ର । ସେଇ କବିତା ଗ୍ରନ୍ଥ ଦ୍ୱୟରେ ଦୁଇଟି ଚିଠିଧର୍ମୀ କବିତା ରହିଛି । ଗୋଟିଏର ନାମ ହେଉଛି 'ସ୍ମରଣୀ' ଓ ଅନ୍ୟ କବିତାଟି ନାମ 'ସୁଚରିତାଷୁ' । ଏ ଦୁଇଗୋଟି କବିତା ଦୁଇନାରୀ ବନ୍ଧୁଙ୍କ ଉଦ୍ଦେଶ୍ୟରେ ରଚିତ ହୋଇଥିବା କବିତା । 'ସ୍ମରଣୀ' କବିତାରେ ରହିଛି ଅତୀତର ସ୍ମୃତି ପଖଲା ଦିନମାନଙ୍କ କଥା । ଯେଉଁ ଦିନମାନେ ଖୁବ୍ ସହଜ ଥିଲେ ଅତୀତରେ । ଆଜିର ଦିନପରି ସନ୍ଦେହୀ ନଥିଲେ । ଜଣେ ବନ୍ଧୁପ୍ରତି ଆଉ ଏକ ବନ୍ଧୁର ଆନ୍ତରିକତା ଭରି ରହିଥିଲା । ତେଣୁ କାବ୍ୟପୁରୁଷ ଦୃଢ଼ କଣ୍ଠରେ ଏହା ସ୍ୱୀକାର କରି କୁହେ ।

"ଗତ ଶତାବ୍ଦୀର ଏକ ଭାବପ୍ରବଣ କ୍ଷଣେ
ତମ ସଙ୍ଗେ ମୋର ପ୍ରଥମ ଦେଖାର ସ୍ମରଣେ
ତମର କ'ଣ ମନେପଡ଼େ ?
ଇଆ ଭିତରେ ମୁଁ ଆଗେଇ ଆସିଛି ଦେଖତ କେତେଦୂର

X X X

ତେଣୁ ଭଲଇ କରିଛ ଏ.ଆର.ପି.ରେ ମିଶି ।
ରକ୍ତରେ ତୁମର କ । ଦ୍ରାବିଡ଼ର ରକ୍ଷଣଶୀଳ ଶ୍ରୀ
ମୁହଁରେ ତୁମର ଶ୍ୟାମଳ ରଙ୍ଗର ଅରୁଣିମା
ମୁଁ କରିଛି ତାର ପ୍ରାପ୍ତି ସ୍ୱୀକାର ।"[୩]

ଚିଠି ଛଳରେ ଲେଖାଯାଇଥିବା ଏ କବିତାରେ ରହିଛି ବନ୍ଧୁପ୍ରତି ବନ୍ଧୁର ଗଭୀର ଶ୍ରଦ୍ଧା, ଆଉ ପ୍ରେମଭାବ । ଜଣେ ବନ୍ଧୁ ଆଶ୍ୱସନା ଜଣାଇ କହୁଅଛି, ତୁମେ ଯାହାବି କରିଛ ତା ଠିକ୍ କରିଛ । ତୁମ ଦେହରେ ଦ୍ରାବିଡ଼ ରକ୍ତ ପ୍ରବାହିତ ହେଉଛି । ତୁମେ ଯେପରି ସହନଶୀଳ, ବୀର ପ୍ରଶବିନୀ-ନାରୀ । ଠିକ୍ ସେହିପରି କ ˊବ୍ୟ ପରାୟଣା । ତେଣୁ ତୁମର ଶୁଭକାମନା ଆଉ ମଙ୍ଗଳ ବିଧାନ କରିବା ବ୍ୟତୀତ ମୋର ଆଉ କୌଣସି ଚାରା ନାହିଁ । କେବେ ଦିନେ ଆମ ସାଥି ହୋଇ ମିଶିବା ବୁଲିବା ସମ୍ଭବ ଥିଲା ଆଜି ତାହା ନାହିଁ । କନ୍ତୁ ତୁମ ସ୍ମୃତି ସର୍ବଦା ମୋତେ ଆଶ୍ୱାସନା ଦେଉଥିବ । ଏହାହିଁ ହେଉଛି **ଏ କବିତାଧର୍ମୀ ଚିଠିପତ୍ରର ମୂଳ ଭାବାବେଗ । ପୁନଶ୍ଚ ଅନ୍ୟ**

ISSN NO.
2582-208X

କବିତାଟି 'ସଚରିତାଷୁ' । ଯାହା ରମଲା ମଜୁମ୍‌ଦାରଙ୍କୁ ବନ୍ଧୁତ୍ୱପୂର୍ଣ୍ଣ ଚିଠିଶୈଳୀରେ ଲିଖିତ ହୋଇଛି । ରାମଲା ମଜୁମ୍‌ଦାରଙ୍କ ପ୍ରତି ଥିବା ଭଲ ପାଇବା ଆଉ ବନ୍ଧୁତ୍ୱ ପ୍ରୀତିର ଏ କବିତାଟି ହେଉଛି ଜ୍ୱଳନ୍ତ ଉଦାହରଣ ।

ସଚ୍ଚି ରାଉତରାୟଙ୍କ ସବୁଠୁଁ ଗୁରୁତ୍ୱପୂର୍ଣ୍ଣ କବିତାଟି ହେଉଛି 'ଆକାଶ' କବିତା । ଯାହା ସହପାଠିନୀ ସିପ୍ରାଙ୍କୁ ନେଇ ରଚନା କରାଯାଇଥିଲା । ସିପ୍ରା ମନରେ ଉପୁଜିଥିବା ସନ୍ଦେହ କବି ଆତ୍ମାକୁ କିପରି ବ୍ୟତିବ୍ୟସ୍ତ କରାଇ ପକାଇଛି ତାର ଚିତ୍ର ଦେଖିବାକୁ ମିଳେ ।

"ତୁମ ମୁହଁକୁ ପିଙ୍ଗିଥିଲି ମୁଁ ମୁଠାଏ ଆକାଶ,
ଭାବିଥିଲି ସ୍ୱପ୍ନ ଦେଖି ଅନ୍ୟମନସ୍କ ହେବ ।
ଅନ୍ଧାରରେ ବସି ଅବା ନଖରେ କାଟିବ ଗାର
ଯେଉଁପରି କ୍ଷୀଣ ପ୍ରତିପଦ ।
ତୁମ ଦିହର ଲଳିତ ଗିରିରେ ଫୁଟି ଉଠିବ ସୀତା-ତାର ମୂ ିଁ ।
କିନ୍ତୁ ହାୟ ଏ କ'ଣ ହେଲା ।
ତୁମ ହୃଦୟର ସାଦ କାଗଜରେ ତ ପଡ଼ିଲାନି ଗାର ।"(୪)

କବିତା ମାତ୍ରେ ହିଁ ପ୍ରେମ । ଚିଠି ଶୈଳୀରେ ନ ହେଲେ ବି କିଛି ପ୍ରଶ୍ନର ଅନେକ ଉ ର ବହନ କରେ ଏ କବିତାର ପ୍ରତ୍ୟେକଟି ଧାଡ଼ି ଆଉ ପଦପଂକ୍ତି । ଦୁନିଆରେ ପାଇବା ଅପେକ୍ଷା ହରେଇଥିବା ଲୋକର ଯେପରି ଗୁରୁତ୍ୱ ଅଧିକ ଥାଏ । ଠିକ୍ ସେହିପରି ଏ ପଂକ୍ତି ସବୁରେ ଏକ ପ୍ରେମପୂର୍ଣ୍ଣ ସମ୍ଭାଷଣର କଥା ଲୁଚି ରହିଛି । ଯାହା କାବ୍ୟପୁରୁଷର କାବ୍ୟିକ ମନୋଭାବକୁ ଅଧିକ ଶାଣିତ କରି ଗଢ଼ି ତୋଳୁଛି । ଅନୁରୂପ ଭାବେ କବି ରାଉତରାୟଙ୍କ 'ଝଡ଼' କବିତା ଓ ହେ ମୋର ନିରପରାଧ ଦେଶ' ଆଦି କବିତାରେ ଚିଠି ଆଙ୍ଗିକର ସାମାନ୍ୟ ଦୃଷ୍ଟିଭଙ୍ଗୀର ପରିଚୟ ମିଳିଥାଏ । ଅନେକ କବିତାରେ ତାଙ୍କର ବନ୍ଧୁ ପ୍ରେମ ପ୍ରସଙ୍ଗ ଅଧିକ ବଳବ ର ରହିଥିବା ବେଳେ କିଛି କବିତାରେ ବ୍ୟକ୍ତିଗତ ପ୍ରେମ-ପ୍ରଣୟର ଚିତ୍ର ଫୁଟିଉଠିଛି । ସଚ୍ଚିଦାନନ୍ଦ ରାଉତରାୟଙ୍କ ପରି କବିଙ୍କ କ୍ଷେତ୍ରରେ ଚିଠି ଆଙ୍ଗିକରେ ରଚିତ କବିତାଗୁଡ଼ିକ ବେଶ୍ ମନୋରମ ।

ସଚ୍ଚିଦାନନ୍ଦ ରାଉତରାୟଙ୍କ ସମସାମୟିକ କବି ମାୟାଧର ମାନସିଂହଙ୍କ କବିତାରେ ମଧ୍ୟ ଚିଠିପତ୍ର ଶୈଳୀର ପ୍ରଭାବ ପଡ଼ିଥିବାର ଦେଖାଯାଏ । ମାନସିଂହଙ୍କ ମହାକବ୍ୟ 'କମଳାୟନ'ର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛି ଚିଠି । କାବ୍ୟିକ ଛନ୍ଦରେ ଲିଖିତ ପା ଟି ଚିଠି 'କମଳାୟନ'କୁ କରିଛି ରସୋତୀର୍ଣ୍ଣ । କବିତାର ଛନ୍ଦରେ, ଚିଠି ଆଙ୍ଗିକରେ ଇତିହାସର ଏକ ଘଟଣା ସ୍ଥାନ ପାଇଛି କାବ୍ୟର ନବମ ସର୍ଗରେ । କାବ୍ୟର ପାର୍ଶ୍ୱନାୟିକା ମେରିଆର ଚିଠି ମୁଖ୍ୟନାୟିକା ବିଶ୍ୱାମିତ୍ରଙ୍କୁ ଯହିଁରେ ହଙ୍ଗେରୀ ବିପ୍ଲବ ବେଳେ ସୋଭିଏତ୍ ରୁଷିଆ ଯୋଗୁଁ ସଂଘଟିତ ପ୍ରାଣ ବିଦାରକ ପ୍ରପୀଡ଼ନର ଚିତ୍ର ରହିଛି । ଏହାକୁ ତତ୍କାଳୀନ ବିଶ୍ୱ ଇତିହାସର ଏକ ଦଲିଲ୍ ଭାବେ ଗ୍ରହଣ କରାଯାଇପାରେ ।

କମଳାୟନ କାବ୍ୟ ସଂପର୍କରେ ଅଧିକତଃ କୁହାଯାଇପାରେ, ବିଂଶ ଶତାବ୍ଦୀର ସାହିତ୍ୟରୁ କାବ୍ୟ କ୍ରମେ ବିଲୁପ୍ତ ପ୍ରାୟ ହେଉଥିଲା ବେଳେ ଯୁଗପ୍ରବ କ ମାନସିଂହ 'କମଳାନୟନ' ପରି ଏକ ସାର୍ଥକ ଆଧୁନିକ କାବ୍ୟ ରଚନା କରି ସାବ୍ୟସ୍ତ କଲେ ଯେ, ସେ ପରମ୍ପରା ବିରୋଧୀ ନୁହନ୍ତି । ଓଡ଼ିଆ ଭାଷାର ଅତୀତ ସଂସ୍କୃତି ଓ ପରମ୍ପରାର ସେ ଜଣେ ଯୋଗ୍ୟ ଦାୟାଦ ଅଟନ୍ତି । କିନ୍ତୁ 'କମଳାୟନ' କାବ୍ୟ ରୀତିଯୁଗୀୟ ସାହିତ୍ୟର ପରମ୍ପରାକୁ ବିଶ୍ୱାସ ନକରି ଆଧୁନିକ ଯୁଗ ପୃଷ୍ଠଭୂମିରେ ଅତି ପରିଚିତ ନାୟକ-ନାୟିକଙ୍କୁ ନେଇସୃଷ୍ଟି ହେଲା । ଏହି କାବ୍ୟରେ କେତେକ ଆନ୍ତର୍ଜାତିକ ଚରିତ୍ର ଓ ଘଟଣାର ସମାବେଶ ଦେଖିବାକୁ ମିଳୁଥିଲେ ମଧ୍ୟ ଏହା ସ୍ୱାଧୀନତାର କିଛିକାଳ ପୂର୍ବ ଓ ପରର ଚିତ୍ର ବହନ କରିଛି ।

କାବ୍ୟ ନାୟକ କମଳର 'ଅୟନ' ବା ଜୀବନାଦର୍ଶ କମଳାୟନର ଆଧାର ହୋଇଥିବାରୁ ଏହି କାବ୍ୟର ନାମ 'କମଳାୟନ' ରଖାଯାଇଛି । ଉତ୍କଳମଣି ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ 'କମଳ' ଦେଶ ସେବାରେ ନିଜକୁ ନିୟୋଜିତ କରିଛି । ଜୀବନର ବହୁ ବାଧାବନ୍ଧନ ସେ୍ ସେ ନିଜ ସିଦ୍ଧାନ୍ତରେ ଅଟଳ ରହିଛି । ଦରିଦ୍ର ପିତାମାତା ଓ ବିଧବାଭଉଣୀ ପ୍ରତି କ ର୍ବ୍ୟ ସାଧନ କରିବାପାଇଁ ଯେତେବେଳେ ତା ମନରେ ସଂଘର୍ଷ ଦେଖାଦେଇଛି, ସେ ଶିକ୍ଷକତା ଗ୍ରହଣ କରି ପରିବାର ପୋଷଣକୁ ଆଦରି ନେଇଛି । ଏଠାରେ ନାୟକ କମଳର ମାନବିକତା ପ୍ରକାଶ ପାଇଛି ।

ପରେ ରାଜନୈତିକ ଜୀବନର ଜାଲ-ଜାଲିଆତୀ ଦେଖି ସେ ଦଳତ୍ୟାଗ କରି ସେହି ମାନବିକତାର ପରିଚୟ ହିଁ ଦେଇଛି । ଦେଶ-ଜାତି-ଧର୍ମ ସବୁରି ଉପରେ ମାନବ ହିଁ ସତ୍ୟ ଆଉ ମାନବିକତାର ପରିଚୟ ଦେବା ତା ଠୁଁ ଅଧିକ ହିଁ ସତ୍ୟ । ଏହାହିଁ ହେଉଛି କମଳାୟନର ସ୍ୱତନ୍ତ୍ର ବା ର୍ତ୍ତା ।

ISSN NO.
2582-208X

କମଳାୟନର ପ୍ରଥମ ଭାଗରେ କମଳ ଓ କରୁଣାର ନିଉୟର୍କ ଜୀବନରୁ ପ୍ରତ୍ୟାବ ୍ନ ପରେ ଭାରତୀୟ ପଲ୍ଲୀ-ଉନ୍ନୟନ ମଧ୍ୟରେ ପ୍ରାଣତ୍ୟାଗ । ଦ୍ୱିତୀୟ ଭାଗରେ ସେମାନଙ୍କର ଏକମାତ୍ର ସନ୍ତାନ ବିଶ୍ୱମିତ୍ରାର ଆକ୍ସଫୋର୍ଡ଼ରେ ଉଚ୍ଚ ଶିକ୍ଷା, ଇଉନ୍ରେନିୟନ ତରୁଣ ସେଫିଲ୍‌କୋ ସହିତ ପ୍ରଣୟ ଏବଂ ୧୯୫୬ର କମ୍ୟୁନିଷ୍ଟ ସାମ୍ରାଜ୍ୟବାଦ ବିରୁଦ୍ଧରେ ଘଟିଥିବା ହଙ୍ଗେରି ବିପ୍ଳବରେ ସେପିଲ୍‌କୋର ଆତ୍ମାହୁତି ଦେଇ ସେହି ପ୍ରଣୟର ବ୍ୟର୍ଥତା ପ୍ରକାଶ ପାଉଛି । ହଙ୍ଗେରୀୟ ସାମରିକ ନେତାର ସ୍ତ୍ରୀ ମେରାୟାଠାରୁ ବିଶ୍ୱମିତ୍ରା ପ୍ରତି ଦୀର୍ଘ କରୁଣାପତ୍ର ବର୍ଣ୍ଣିତ ପ୍ରସଙ୍ଗ ହେଉଛି କମଳାୟନ କାବ୍ୟ ।

କାବ୍ୟର ମୁଖ୍ୟ ଚରିତ୍ର କମଳ ଏକ ଆଦର୍ଶ ପୁତ୍ର, ଭ୍ରାତା, ଶିକ୍ଷକ, ସ୍ୱାମୀ ଓ ଉଦାର ମାନବପ୍ରେମୀ ରୂପେ ଚିତ୍ରିତ । କାବ୍ୟ ନାୟିକା କରୁଣା ମଧ୍ୟ ଏକ ଆଦର୍ଶ କନ୍ୟା, ପତ୍ନୀ ଓ ଗୃହିଣୀ ଭାବରେ ରୂପାୟିତ । କିନ୍ତୁ ନାୟକ ଚରିତ୍ରର ଜଟିଳତା ନାୟିକା ଚରିତ୍ରରେ ଅନୁପସ୍ଥିତ ।

କମଳାୟନ କାବ୍ୟରେ ମାନସିଂହଙ୍କର ଜାତୀୟ ସଂସ୍କୃତି ଓ ପରଂପରା ପ୍ରତି ଏକ ସଂସ୍କାରଶୀଳ ମନର ପରିଚୟ ମିଳିଥାଏ । ଏହା ଅନ୍ଧଭାବକତା ନୁହେଁ । ସେ ନିଜ ଦେଶର କୁସଂସ୍କାର, ଜାତି ଓ ଧର୍ମ ବିଭେଦ ରୂପକ ବ୍ରଣମାନଙ୍କୁ ଡାକ୍ତରୀ ମାନୋଭାବ ନେଇ ଅସ୍ତ୍ରୋପଚାର କରିଛନ୍ତି । ସେ କେବଳ ଦୁଷ୍ଟ ବ୍ରଣମାନଙ୍କର ଉପରେ ହିଁ ସୁତୀକ୍ଷଣ ଛୁରିକାଘାତ କରିଛନ୍ତି । ସୁସ୍ଥ ଶରୀର ଉପରେ ନୁହେଁ । ଏ ଦେଶର ମହାନ୍ ସଂସ୍କୃତି ଓ ଆଧାତ୍ମିକ ପରମ୍ପରା ତାଙ୍କୁ ସର୍ବଦା ଅଭିଭୂତ କରିଛି । ସେ ବାନରଧର୍ମୀ ଅନୁକରଣକାରୀଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିଅଛନ୍ତି ।

ଦଳଦଳ ହୋଇ ନିରନ୍ନ, ନିସ୍ତେଜ, ଦୁର୍ଭିକ୍ଷଜନିତ ନରନାରୀ ସାହାଯ୍ୟ ଆଶାୟୀ ହୋଇ ଧାଇଁ ଆସିଥିଲେ । ତହିଁ ମଧ୍ୟରେ ଜଣେ ଲୋକ, ଯାହାଙ୍କୁ ଦେଖିଲେ ଜଣାଯିବ ଯେ, ସେ ଦୁଃସ୍ଥ ନୁହନ୍ତି ବୋଲି – ସେ ମଧ ସାହାଯ୍ୟ ପାଇଁ ଆସିଥିଲେ । କମଳ ତାଙ୍କୁ ଦେଖି ବିଦ୍ରୁପ କରି କହିଲେ, ତୁମପରି ସୁସ୍ଥ ଲୋକଙ୍କୁ ସାହାଯ୍ୟ ଦେବାର ଆବଶ୍ୟକତା ନାହିଁ । ତୁମେ ଆଉ ସାହାଯ୍ୟ ପାଇଁ ଆସିବ ନାହିଁ । ଏତିକିବେଳେ ଜନତାର ସ୍ୱର ଶୁଭିଲା ଆମ ଭାଗରୁ କାଟି ତାଙ୍କୁ ଦିଅନ୍ତୁ, ସେ ଆମ ଅଖଡ଼ାର ଗୁରୁ ଓଡ଼ିଆ ପାଇକ ଜାତିର ମେରୁଦଣ୍ଡ ତାଙ୍କ ହାତରେ ଗଢ଼ା ହୋଇଛି । କମଳାୟନ କାବ୍ୟରେ ଯେଉଁ ଚିଠି ପ୍ରସଙ୍ଗଟି ରହିଛି ତା ଏହିପରି ।

"ବିଶ୍ୱମିତ୍ରା, ଭାରତୀୟ ଭଗିନୀ ମୋହର,
ସଂପୂର୍ଣ୍ଣ ଅପରିଚିତା ମୋ ଠାରୁ ଏ ପତ୍ର
ପାଇଁ ନିଷ୍ଟେ ହେବ ଆଦ୍ୟେ ଅସୀମ ବିସ୍ମିତ ।
କିନ୍ତୁ ତମ ପାଶେ ବନ୍ଧୁ ଅନ୍ୟାନୁହେଁ ମୁହିଁ ।
ହେଲେ ହେଁ ଅପରିଚିତା, ଧରିନେବ ତମେ,
ସହସ୍ର ସହସ୍ର କିଲୋମିଟର ଦୂରରେ
ସମ ଦୁଃଖଭାଗୀ ଏକ ବିଦେଶିନୀ ମତେ
ଅତି ଆପଣାର ବୋଲି, ଅତି ଅନ୍ତରଙ୍ଗ ।"[୫]

କାବ୍ୟ-ପରଂପରାରେ ନୂତନତ୍ୱ ସୃଷ୍ଟିକରି କମଳାୟନ ଆଧୁନିକ ପଟ୍ଟଭୂମି ଉପରେ ଶାଖା-ପ୍ରଶାଖାମଣ୍ଡିତ, ପତ୍ର-ପୁଷ୍ପ ସୁଶୋଭିତ ହୋଇ ଏକ ଅଦ୍ୱିତୀୟ କାବ୍ୟ ରୂପରେ ଦଣ୍ଡାୟମାନ । ସବୁ ସୃଷ୍ଟିପରି ମାୟାଧର ମାନସିଂହଙ୍କ ସଂସ୍କାରମୁକ୍ତ ମନ ଓ ବିଶ୍ୱ ମାନବିକତାର ଦୃଷ୍ଟିକୋଣ କମଳାୟନରେ ସଫଳ ଭାବରେ ରୂପାୟିତ ହୋଇଛି । ଏହାଏକ ଚରିତ୍ର, ଘଟଣା-ବହୁଳ ଓ ଚିଠିପତ୍ରଧର୍ମୀ କାବ୍ୟ ଅଟେ । ଏଥିରେ ଅତୀତର ବହୁ ଘଟଣା ଓ ଦର୍ଶନ ସ୍ଥାନ ପାଇଛି । ଏକ ଦୀର୍ଘ କାବ୍ୟ ଭାବରେ ମଧ 'କମଳାୟନ' କାବ୍ୟର ଯଥେଷ୍ଟ ଗୁରୁତ୍ୱ ରହିଛି ।

ଅନୁରୂପ ଭାବରେ କବି ବ୍ରହ୍ମୋତ୍ରୀ ମହାନ୍ତିଙ୍କ କବିତାର ଶୈଳୀ ମଧ୍ୟରେ କିଛି ଚିଠିଧର୍ମୀ କବିତାର ସୃଜନଶୀଳତାକୁ ଦେଖିବାକୁ ମିଳିଥାଏ । କବି ବ୍ରହ୍ମୋତ୍ରୀ ମହାନ୍ତିଙ୍କ ଉନ୍ମେଷ ଯଦିଓ ପ୍ରଗତିବାଦୀ ଯୁଗରେ ହୋଇଥିଲା । ତେବେ କବି ଜୀବନର ଉ ରଣ ସ୍ୱାଧୀନତାର ପରବ ୀ ସମୟରେ ହୋଇସାରିଥିଲା । ଏହି ସମୟରେ ତାଙ୍କ ସମସାମୟିକ କବି ଗଣ ବହୁ ପ୍ରସିଦ୍ଧ ଓ ବହୁ ପ୍ରଶସ୍ତିର ଅଧିକାରୀ ହୋଇପାରିଥିଲେ । ସେମାନଙ୍କ ମଧ୍ୟରେ ସଚ୍ଚି ରାଉତରାୟ, ମାୟାଧର ମାନସିଂହ, ଗୁରୁପ୍ରସାଦ ମହାନ୍ତି, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ଭାନୁଜୀ ରାଓ ପ୍ରମୁଖ କବିଙ୍କ କବିତାର ସ୍ୱର ଓଡ଼ିଆ ସାହିତ୍ୟରେ ଅଧିକ ବଳବ ର ଥିଲା । ଏତଦ୍‌ବ୍ୟତୀତ ବ୍ରହ୍ମୋତ୍ରୀଙ୍କର ସମକାଳୀନ ନାରୀ କବି ଭାବରେ ଆମେ ବିଦ୍ୟୁତପ୍ରଭା ଦେବୀ ଓ ମନୋରମା

ISSN NO.
2582-208X

ମହାପାତ୍ରଙ୍କୁ ଗ୍ରହଣ କରିପାରିବା । ତେବେ ନିଜସ୍ୱ କାବ୍ୟ ଗଠନ କଳା କୌଶଳ ତଥା ବର୍ଣ୍ଣନା କ୍ଷେତ୍ରରେ ବିହ୍ଲୋତ୍ରୀ ମହାନ୍ତିଙ୍କର ମୌଳିକତା ବେଶ୍ ସୁସ୍ପଷ୍ଟ ।

ବ୍ରହ୍ମୋତ୍ରୀ ମହାନ୍ତିଙ୍କ ସମଗ୍ର ଜୀବନ ସାହିତ୍ୟ ପ୍ରତି ସମର୍ପିତ ଏବଂ ଏକାନ୍ତ ସାଧନାପୂର୍ଣ୍ଣ ଜୀବନ ଅଟେ । ତାଙ୍କର କୃତିତ୍ୱ ପରିମାଣ ଦୃଷ୍ଟିରୁ ଅଧିକ ନୁହେଁ, ମାତ୍ର ଅଳ୍ପ ସଂଖ୍ୟକ କବିତାଗୁଚ୍ଛରେ କାବ୍ୟ ଚେତନାର ଚରମ ବିକାଶ ପରିଲକ୍ଷିତ ହୁଏ । କିଛି ଆଲୋଚକ ସମାଲୋଚନା କରନ୍ତି ବ୍ରହ୍ମୋତ୍ରୀ ମହାନ୍ତିଙ୍କ କଳାକୃତି ଅତ୍ୟନ୍ତ ସୀମିତ । ତା ମଧ୍ୟରେ ବିବିଧତା ନାହିଁ । କିନ୍ତୁ ମାନିବାକୁ ପଡ଼ିବ ତାଙ୍କର କାବ୍ୟ ସଂଯୋଜନାରେ ନିଜସ୍ୱ ଶୈଳୀ, ଭାଷା, ତଥା ନିଜର ସ୍ୱତନ୍ତ୍ର ପ୍ରବୃ ି ପାଇଁ ସେଥିରେ ସର୍ବାଦୃତ ।

ଲେଖିକାଙ୍କ ବହୁ ଚର୍ଚ୍ଚିତ କବିତା ଗ୍ରନ୍ଥ "ଦୃଷ୍ଟିର ଦ୍ୟୁତି"(୧୯୮୧) ମସିହାରେ ପକାଶ ପାଇ, ୧୯୮୩ ମସିହାରେ ଗ୍ରନ୍ଥଟି ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇଥିଲା । ଏଥିରେ ସ୍ଥାନିତ 'ଚିଠି' କବିତାରେ
ଆଦ୍ୟ ଯୌବନରେ ପ୍ରିୟତମଙ୍କୁ ଲେଖିଥିବା ନାନା ସମ୍ବୋଧନ ପରିଣତ ବୟସରେ ପଢ଼ି ଲାଜ ଲାଜସ୍ମୁ ଲାଗେ । ଏଠି କଠୋର ବାସ୍ତବତାର ନିଷ୍ପେଷଣରେ ସେ ମନ ଆଉ ଆଜି ନାହିଁ । ତଥାପି ବସନ୍ତ ଆଲେଖ୍ୟ ଏଇ ଚିଠି ତାରୁଣ୍ୟର ପ୍ରତିବିମ୍ବ ରୂପେ ମାନ୍ୟତା ପାଇଛି ।

"ହଠାତ୍ ସେଦିନ କଲି ଆବିଷ୍କାର ତୁମକୁ ମୁଁ ଲେଖିଥିବା କେତେଖଣ୍ଡ ଚିଠି,
ଷୋଳବର୍ଷ ଆଗେ, ଆଦ୍ୟ ବିରହର ସଜଳ କବିତା,
ପ୍ରଣୟ ପରେ ଯେବେ ମୋତେ ଛାଡ଼ି, ବିଦେଶକୁ ଗଲ,
ମୋ ଆଖିର ଲୁହ ପୋଛି, ଦେହ ଛୁଇଁ, ପାଖେ ନେଇଯିବା ପାଇଁ, ଦୃଷ୍ଟ ପ୍ରତିଶ୍ରୁତି,
ସେ ଚିଠିରେ ମୋ ମନର କେତେ କଥା, ବ୍ୟଥା ଗୀତ ତୁମ ବିରହର ।"[୬]

ପ୍ରେମପୂର୍ଣ୍ଣ ସମ୍ଭାଷଣ, ପ୍ରେମକୁ ନେଇ ଯାବତୀୟ କଥା ଓ ଲେଖା ଭିତରେ କବି ବ୍ରହ୍ମୋତ୍ରୀ ମହାନ୍ତିଙ୍କ ଏଇ ଚିଠିଧର୍ମୀ କବିତାଟି ବେଶ୍ ମାର୍ମିକ ।

ପରବ ୀ କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ 'ଅନ୍ୟା ଓ ଅନବତାର'ରେ ପ୍ରଥମ ପତ୍ର ଚାରୁଲତାକୁ । ଏ ଚାରୁଲତା ଅପରିଚିତା ନୁହେଁ ଓଡ଼ିଆ ପାଠକମାନଙ୍କ କ୍ଷେତ୍ରରେ । ପ୍ରତ୍ୟେକ ଚିଠିପ୍ରିୟ, କବିତା ପ୍ରିୟ, ପ୍ରେମୀ ହୃଦୟର ପାଠକଙ୍କୁ ଏ କବିତାର ପ୍ରତ୍ୟେକ ପଦପଂକ୍ତି ମୋହାଚ୍ଛନ୍ନ କରିପକାଏ ।

ଅନୁରୂପ ଭାବରେ ଗିରିଜା କୁମାର ବଳିୟାରସିଂହଙ୍କ 'ଗୋପା' କବିତା ଗଭୀର ଅନୁଶୋଚନା, ସମବେଦନା ଆଉ ଆବେଗର ଉଚ୍ଛ୍ୱାସରେ ଭରା । କବି ଗୌତମ ବୁଦ୍ଧଙ୍କ ଧର୍ମପତ୍ନୀ ଗୋପାଙ୍କ ମନନେଇ ଏକ ସିରିଜ୍‌ଧର୍ମୀ କବିତା ଲେଖିବାକୁ ଚେଷ୍ଟା କରିଛନ୍ତି । ଯାହା ସିଦ୍ଧାର୍ଥ ରୂପୀ ବ ିମାନର ଗୌତମଙ୍କୁ ଅନେକ ପତ୍ର ଲେଖିଛନ୍ତି । ସବୁ ପତ୍ରରେ କୋହଭରା କାରୁଣ୍ୟ ହିଁ ଅଧିକ ବଳବ ର ହୋଇ ରହିଛି । କବି ଦେବଦାସ ଛୋଟରାୟ ଚିଠିଧର୍ମୀ କବିତା ଏତେ ଲେଖିନାହାଁନ୍ତି । କିନ୍ତୁ ଚିଠି ପତ୍ରିକା ପାଇଁ ୨୦୧୫ ମସିହାରେ ଶରତ ସଂଖ୍ୟାରେ ତାଙ୍କର ଏକ କବିତା ସ୍ଥାନ ପାଇଥିଲା । ଯାହାର ଶିରୋନାମା ଥିଲା 'ଚିଠି' । ଏ କବିତା ଚିଠିରେ ବହୁ ବିଧ ସଂଜ୍ଞା ନିରୂପଣ କରିବାରେ ସହାୟକ ହୋଇଛି ।

ଓଡ଼ିଆ କବିତା କ୍ଷେତ୍ରରେ ଆଉ ଜଣେ ନାରୀ କବି ପ୍ରତିଭା ଶତପଥୀ 'ମହାମେଘ'ର କ୍ରିୟାଶୀଳ ଅଂଶଟିଏ ପରି ଜୀବନକୁ ସଦା କବିତା ସଜଳ କରି ରଖିଥିବା ଚିଠିଧର୍ମୀ କବିତାର ଭାବ ସ୍ନିଗ୍ଧ ହୃଦୟର ଏକ ଉଜ୍ଜ୍ୱଳ ହସ୍ତାକ୍ଷର ପରି ।

ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ) ଜଣେ ସମାଲୋଚକ ଓ ଗବେଷକ ହୋଇଥିଲେ ମଧ କବିତା ରଚନା କରିବା କ୍ଷେତ୍ରରେ ଅଳ୍ପ ବହୁତେ ପ୍ରବେଶ ରହିଛି । ଅଧ୍ୟାପକ ବିଶ୍ୱରଂଜନଙ୍କୁ ସେ ଏକ ଚିଠିଧର୍ମୀ କବିତା
ପ୍ରେରଣ କରିଥିଲେ ତାଙ୍କ ଅନୁରୋଧ କ୍ରମେ । ଏ କବିତାର ଶୀର୍ଷକ 'ଗ୍ରୀଷ୍ମର ଚିଠି' ରହିଥିଲା । ନିମ୍ନରେ ଉଦାହରଣଟିଏ ନେବା ।

"ସ୍ୱପ୍ନର ଅବିର ଯେତେ
ମିଶିଥିଲା ବସନ୍ତର କୋମଳ ତନୁରେ
ସବୁ ହେଲା ଛାରଖାର, ପୁଣି କିଏ ସେ
ଅଗୋଚର ବୋଳିଦେଲା ଅପନ୍ତରା ମରୁର ଦହନ ।
ବାସି ହେଲା ବସନ୍ତର ସବୁ ଉପହାର ।[୭]

କବି ଚନ୍ଦ୍ରମଣି ପଣ୍ଡା ଜଣେ ସାହିତ୍ୟ ପ୍ରେମୀ ଓ ଆଡ଼ଭୋକେଟ୍ ଅଟନ୍ତି । ସାହିତ୍ୟ ଚର୍ଚ୍ଚାରେ ପ୍ରାୟ ସମୟ ଅତିବାହିତ କରିଥାନ୍ତି ଚନ୍ଦ୍ରମଣି ପଣ୍ଡା । ଅନେକ ସାହିତ୍ୟିକ ବନ୍ଧୁମାନଙ୍କ ସହ ଭାବର ଆଦାନ ପ୍ରଦାନ ବେଳେ କବି ସୁଲଭ ପଦ ପଂକ୍ତି ନେଇ

ISSN NO.
2582-208X

କଥା କହିବାକୁ ସେ ପସନ୍ଦ କରିଥାନ୍ତି । ଡାକ୍ତର ପୁଲିନ ବିହାରୀ ରାୟଙ୍କୁ ଏକ କୌତୁକିଆ ଚିଠି ସେ କବିତା ମାଧ୍ୟମରେ ପଠାଇଥିଲେ । ନିମ୍ନରେ ତାର ଉଦାହରଣ ଦେବା ।

"ପ୍ରିୟ ବରେଷୁ,
ଗଧ ସିନା ଜାଣେ ଗଧିଆ ବେଦନା
ବିଲୁଆ ଜାଣେ କି ତାହା
ସେଦିନ ସକାଳୁ କଟକ ଯିବାକୁ
ଖୋଜି ପାଇଲିନି ରାହା ।
ପାରା-ଟାଇଫଡ଼ ବେମାରିଟା ମୋତେ
କରିଦେଲା ସତେ କାବୁ
ଯାଇଥିଲେ ଖାଇଥାନ୍ତି ଡାଲିଭାତ
ପଲାଉରୁ ଦୁଇ ତାବୁ ।"(୮)

ଏହାର ଉ ରରେ ପୁଲିନ ବିହାରୀ ରାୟ ଯାହା ଲେଖିଥିଲେ ତାହା ଆହୁରି ହାସ୍ୟ ଉଦ୍ଦୀପକ । ଏ ଧରଣର କବିତାରେ ଶୀର୍ଷକ ସେପରି କିଛି ନାହିଁ କହିଲେ ଚଳେ । ପ୍ରଥମ କବିତା, 'ଚନ୍ଦ୍ରମଣି ପଣ୍ଡାଙ୍କ ଚିଠି' ଏବଂ ଦ୍ୱିତୀୟ କବିତା 'ଡାକ୍ତର ପୁଲିନ ବିହାରୀଙ୍କ ଉ ର' ନାମରେ ଚିହ୍ନିତ ।

ସଂଗୀତ ରାଜ୍ୟର ଏକଛତ୍ର ସମ୍ରାଟ, ଅକ୍ଷୟ ମହାନ୍ତି, ଗୀତ ଗାଇବାରେ ମହାରଥୀ ହାସଲ କରିଥିଲେ ବି; ତମାଳାର କବିତା ଲେଖନ୍ତି । ତାଙ୍କ କବିତାର ଆବେଦନ ଅନେକ ସମୟରେ ପ୍ରେମପ୍ରଣୟ ମୂଳକ । ଓଡ଼ିଆ ସଂଗୀତ ଦୁନିଆଁରେ ସେହିଁ ପ୍ରଥମେ ଗୀତର ଗଜଲ ଆରମ୍ଭ କରିଥିଲେ । ସେଇ ଗଜଲରୁ ଗୋଟିଏ 'ଚିଠିର ଛୁଆଁରେ' କବିତା ବେଶ୍ ରସସିକ୍ତ ଓ ଆବେଗ ପ୍ରବଣ । ଅଧ୍ୟାପିକା ଓ କବି ମନୋରମା ମହାପାତ୍ର ଜଣେ ସୁସାହିତ୍ୟିକ । ନିଜର ପରଲୋକ ଗତ ସ୍ୱାମୀଙ୍କ ପାଖକୁ ପଠାଇଥିବା ପତ୍ର 'ପତ୍ରଲିପି', 'ସ୍ମୃତିର ନୈମିଷାରଣ୍ୟ' ଶୀର୍ଷକରେ ପ୍ରକାଶ ପାଇ ବହୁ ପାଠକୀୟତା ଲାଭ କରିଥିଲା । ଯେଉଁଥିରେ ଅତୀତର ନାନା ଘଟଣାବଳୀ ସହିତ କିଛି ରହସ୍ୟ ଏବଂ ଆଧ୍ୟାତ୍ମିକ ଭାବକୁ କେନ୍ଦ୍ରକରି ଏଇ କବିତାଟି ରଚନା କରାଯାଇଥିଲା ।

ଡ. ଭାରତୀ ମହାନ୍ତିଙ୍କ ଚିଠିଚିତ୍ରର କବିତା ଏକ ସ୍ମରଣୀୟ କବିତା' ଏ କବିତାର ଭାବ ଅପେକ୍ଷାକୃତ ଚିଠି ପ୍ରାପକର ମନର ଭାବକୁ ବ୍ୟକ୍ତ କରାଯାଇଅଛି । କାଗଜର ସଫେଦ ଛାତିରେ ଲୁହଭିଜା ଅକ୍ଷର ନେଇ ଯେବେ କୌଣସି ବି ଭାବୁକ ଚିଠି ଲେଖିବାକୁ ଆରମ୍ଭ କରେ ସେ ସର୍ବପ୍ରଥମେ ଅତୀତର ନାନା ଘଟଣାବଳୀ କଥା ଭାବି ବସିବ । ଯାହା କବିୟତ୍ରୀ ଭାରତୀ ମହାନ୍ତିଙ୍କ କ୍ଷେତ୍ରରେ ହୋଇଛି । ବିରହର ବଂଶୀ ସ୍ୱନ ଶୁଣି ରାଧିକା ଯେପରି ମନକୁ ଚଳଚ ଳ କରି ରଖୁଥିଲେ । ଠିକ୍ ସେହିପରି ଚିଠି ପଠାଇଥିବା ଆଉ ପାଉଥିବା ବ୍ୟକ୍ତି ମଧ୍ୟ ମନରେ ସେଇ ସମସ୍ତ ଆଶା ପୋଷଣ କରିଥାଏ ।

କବି ରବୀନ୍ଦ୍ର କୁମାର ପ୍ରହରାଜ ଅନୁବାଦ ସାହିତ୍ୟ କ୍ଷେତ୍ରରେ ଏକ ଚର୍ଚ୍ଚିତ ନାମ । ଅନୁବାଦ ପାଇଁ କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର ପ୍ରାପ୍ତ ଲେଖକ ସିଏ । ଚିଠି ପତ୍ରିକାର ସଂପାଦକ ଅଧ୍ୟାପକ ବିଶ୍ୱରଞ୍ଜନଙ୍କ 'ଭାବ ଶତଦଳ', 'ଅନ୍ତରରୁ ଅନ୍ତରୀକ୍ଷ' ପତ୍ରିକା ପରେ ନିଜର ପାଠକୀୟ ଭାବାବେଗ ପ୍ରକାଶ କରିଛନ୍ତି, ଏକପଦୀ ପତ୍ରଧର୍ମୀ କବିତା ମାଧ୍ୟମରେ । ପ୍ରିୟ ସୁହୃଦ ବିଶ୍ୱରଞ୍ଜନ ବାବୁ, ଏହା ନିଶ୍ୱାସରେ 'ଅନ୍ତରରୁ ଅନ୍ତରୀକ୍ଷ' ଗ୍ରନ୍ଥଟି ପଢ଼ି ସାରିବା ପରେ ମନରେ ଥିବା ଅନେକ ସଂଶୟ ଓ ଆବେଗ ଏକ ନିଶ୍ୱାସରେ ଅଜାଡ଼ି ହୋଇପଡ଼ିଛି, ଯେପରି କବିତାର କଳେବର ମଧ୍ୟଦେଇ ।

"ବନ୍ଧୁ ହେ ଯେନ ଅନ୍ତରତମ
ସାଧୁବାଦ ଏଥିପାଇଁ ।
ଔପଚାରିକ ଉପର ଠାଉରା
ବୋଲି, ଏହାଭାବ ନାହିଁ ।
ଭାବ ଚୈତନ୍ୟର ରସ-ଝରଣାରେ
ଅବଗାହି ଥାଅ ନିତି
ଝରୁଥାଉ ଅବିରତ ସେ ଝରଣା
ନ ହେଉ ତାହାର ଇତି ।"(୯)

ଚିଠି ମାଧ୍ୟମରେ କବିତା ଲେଖି ପ୍ରତ୍ୟୁ ରକୁ ଅପେକ୍ଷା କରିବାର ଏ ସୃଜନକ୍ଷମ ଆଚାର ବିଚାର ସତେ ଯେମିତି ପାଗଳମାନଙ୍କ କର୍ମ ପରି ବୋଧ ହେଉଥିଲେ ବି । ଏ ପାଗଳାମି ଏକ ଉତ୍ସାହ ଆଉ ଉଦ୍ଦିପନା ତୋଳେ ସାହିତ୍ୟିକମାନଙ୍କ

ISSN NO.
2582-208X

ଭିତରେ ସମ୍ବନ୍ଧ ବା ସଂପର୍କର ସେତୁ ବାନ୍ଧିବ । ଲାଗି । ସାହିତ୍ୟିକ ମାନଙ୍କ କ୍ଷେତ୍ରରେ ଭାବର ସଂପର୍କ ଯେତେ ନିବିଡ଼ ରହେ, ପତ୍ରାଳାପର ସଂପର୍କ ବି ସେତିକି ନିବିଡ଼ । ପୂର୍ବେ କେହି କାହାକୁ ଏତେ କମ୍ ଦିନ ମଧ୍ୟ ଦେଖି ପାରୁନଥିଲେ । ସେଥିଲାଗି ଚିଠିପତ୍ରର ଆଦାନ ପ୍ରଦାନ ଚାଲୁଥିଲା । କିନ୍ତୁ ଆଜିର ଜମାନାରେ ଚିଠିର ଗୁରୁତ୍ୱ ଠିକ୍ ସେଇ ପୂର୍ବପରି ରହିଛି ବା ବ ।ଇ ରଖିଛନ୍ତି କେବଳ ସାହିତ୍ୟିକ ବନ୍ଧୁମାନେ । ନହେଲେ ଏ ପରଂପରା କେବେଠୁଁ ଚାଲିଯାଇ ସାରନ୍ତାଣି ।

ସଂପ୍ରତି ସମାଜ ହେଉଛି ସୋସିଆଲ ମିଡ଼ିଆର । ଏ ଯୁଗରେ ଅତି ସହଜରେ କେଇଟା କ୍ଷଣ ମଧ୍ୟରେ ଜଣେ ଅନ୍ୟ ଜଣଙ୍କ ପାଖକୁ ବା ୀ ପଠାଇ ପାରୁଛି । ଏ ବା ୀର ଉ ର ମଧ୍ୟ ଅପରପକ୍ଷ ଅତି ସହଜରେ ଦେଇପାରୁଛି । ଏ ସମୟରେ ଚିଠିର ଆବଶ୍ୟକତା କ'ଣ ଅଛି ? କିନ୍ତୁ ଅଛି ଅପେକ୍ଷାର, ରାଶି ରାଶି ଭାବନାବଳୀର ଅକ୍ଷର ଗୁଡ଼ିକୁ ସାଇତି ରଖିବାର ପ୍ରବୃ ିମାନ ସବୁ । ଜଣଙ୍କୁ ଚିଠି ମାଧ୍ୟମରେ ବୁଝିବାର କଳା ଚାତୁରୀର କାରଣ ଯୋଗୁଁ । ଏ ସମସ୍ତ କାରଣରୁ ଆଜି ମଧ୍ୟ ଚିଠିପତ୍ରର ଆବେଦନ ବଳବ ର ରହିପାରିଛି ।

କବି ପ୍ରାବନ୍ଧିକ ହରପ୍ରସାଦ ଦାସଙ୍କ 'ପାଗଳର ଚିଠି' ଏକ ବହୁ ଆଦୃତ କବିତା । ଯେଉଁଥିରେ ମୃତ୍ୟୁ ଚେତନାର ଏକ ପ୍ରଚ୍ଛନ୍ନ ଲେପ ଆବୋରି ରହିଛି । କବିତାର ପ୍ରତି ପଦପଂକ୍ତି ଦାର୍ଶନିକ ଅବବୋଧରେ ଭାରାକ୍ରାନ୍ତ । ଚିଠିଧର୍ମୀ କବିତା କ୍ଷେତ୍ରରେ ଗୋଟିଏ ଉଲ୍ଲେଖନୀୟ କର୍ମ ଅଧ୍ୟାପକ ବିଶ୍ୱରଞ୍ଜନ କରିଛନ୍ତି । ସେ ଖୋଜିଲୋଡ଼ି ଅନୁରୋଧ କରି ଚିଠିଧର୍ମୀ କବିତା ବା ସାହିତ୍ୟ ରଚନା କରାଇବାକୁ ଅନେକ ସାହିତ୍ୟିକଙ୍କୁ ବାଧ୍ୟ କରାଇଛନ୍ତି । ଏ ସାଧୁ ଉଦ୍ୟମ ଲାଗି ସେ ଓଡ଼ିଆ ପତ୍ର-ପତ୍ରିକା ସଂପାଦନ କ୍ଷେତ୍ରରେ ସ୍ୱତନ୍ତ୍ର ସମ୍ମାନ ଦାବୀ କରିଛନ୍ତି । ଚିତ୍ରଶିଳ୍ପୀ ଓ କବି ଅଶୋକ କୁମାର ମହାନ୍ତି ଅସୁସ୍ଥ ଓ ଶଯ୍ୟାଶାୟୀ ଥିବା ଅବସ୍ଥାରେ ତାଙ୍କଠାରୁ ଚିଠି ପତ୍ରିକା ପାଇଁ କବିତାଟିଏ ଦେବାକୁ ଅନୁରୋଧ କରିଥିଲେ । ସୌଭାଗ୍ୟକୁ କବି ଅଶୋକ ମହାନ୍ତି 'ବାରମାସୀର ଚିଠି', ଶୀର୍ଷକ ଏକ କବିତା ପଠାଇଥିଲେ । କିନ୍ତୁ କବିତା ପ୍ରକାଶ ପାଇବା ପୂର୍ବରୁ ସେ ଆଉ ଇହ ଜଗତରେ ନଥିଲେ । ଏ କବିତାଟି ବ୍ୟଞ୍ଜନାଧର୍ମୀ ଏକ ପ୍ରେମ କବିତା । ଯାହା ଚିଠିଧର୍ମୀ ଶୈଳୀ ବା ଚିଠି ଶୀର୍ଷକରେ ରଚିତ ହୋଇଅଛି । ଯେଉଁଥିରେ ଭରି ରହିଛି ଆବେଗର ଛଳ ଛଳ ଉଚ୍ଛ୍ୱାସ ।

"ସୁଦୂର ଶିଳ୍ପ ନଗରୀ ଭିତରୁ — ପ୍ରିୟା ମୋ ଦେଇଛି ଚିଠି ।
ଦୀର୍ଘ ଦିନର ପ୍ରେମର ଡୋରୀକୁ — କଲମ ମୁନରେ କାଟି ।
ଲେଖି ଦେଇଛି ସେ ସ୍ମୃତିକୁ ତାହାର — ମନୁ ପୋଛି ଦେବା ପାଇଁ ।

ସ୍ନେହମୟୀ ମା, ବାପା ଆଖିଲୁହ — କାଳେ ସହିପାରୁ ନାହିଁ ।
ସେ ପାଇଁ ଅନ୍ୟତ୍ର ଦେବାକୁ ସମ୍ମତି — ଦେଇ ସାରିବା ପରେ,
ମୋ ପାଖକୁ ପ୍ରିୟା ଲେଖିଛି ଚିଟାଉ — ଭୁଲିଯିବା ପାଇଁ ତାରେ ।" (୧୦)

ଆବେଗ ପ୍ରବଣ ଏ ଦୁନିଆଁରେ ସମସ୍ତେ କିଛି ନା କିଛି ଆବେଗ ଆଉ ସଂପର୍କର ବନ୍ଧନରେ ବନ୍ଧା । କାହାପାଇଁ ପ୍ରେମ ଭୋଗର ବସ୍ତୁ ହୋଇଥିବା ବେଳେ କାହାପାଇଁ ପୂଜାର ଫୁଲ ହାରଟିଏ । କଥାରେ ନାହିଁ, ନେଇଆଣି ଥୋଇ ପାରିଲେ ସବୁ ଜିନିଷ ସବୁ କର୍ମ ସମ୍ଭବ । ତେଣୁ ପ୍ରେମିକ ପୁରୁଷକୁ ଲୋଡ଼ା ଆବେଗ ପ୍ରାଣ ହୃଦୟର ପ୍ରତିଧ୍ୱନି ଯାହା ଏ କବିତାର ପ୍ରତିରେଣୁ ପରମାଣୁରେ ପ୍ରତିଧ୍ୱନିତ ହେଉଛି ।

କବି ନିର୍ମଳା ଦେବୀ ଏତେ ଜଣାଶୁଣା କବି ନ ହୋଇଥିଲେ ମଧ୍ୟ ସେ କିଛି ଚିଠିଧର୍ମୀ କବିତା 'ତୁମେ' ଶୀର୍ଷକରେ ଲେଖିଅଛନ୍ତି । ଏଗୁଡ଼ିକୁ ପଢ଼ିଲେ ନାଟକର ସଂଳାପ ପଢ଼ିଲାପରି ମନେହେବ । କବିତାଗୁଡ଼ିକ କବିଙ୍କ ଛନ୍ଦ ଓ ଲୟ ଅପେକ୍ଷା ଭାବନାବଳୀକୁ ଅଧିକ ଗୁରୁତ୍ୱ ଦେଇଛି । କବିତାରେ କବି ବାରମ୍ବାର ଯାହାକୁ ତୁମେ ବୋଲି କହିବାକୁ ଚାହିଁଛନ୍ତି । ସେ ଈଶ୍ୱର, ଅଥବା ପ୍ରେମିକ ପୁରୁଷ କବି ଜୀବନର ।

କବି ଯଶୋଧାରା ଦାସ ବୃ ିରେ ଜଣେ ଅଧ୍ୟାପିକା ହୋଇଥିଲେ ବି ଚମତ୍କାର କବିତା ରଚନା କରିଥାଆନ୍ତି । ତାଙ୍କ ରଚିତ ଚିଠିଧର୍ମୀ କବିତାଟି ନାରୀ ମନସ୍ତ ୍ୱ ଓ ନିଜର ପ୍ରିୟତମ ପୁରୁଷ ପାଖକୁ ଏକ ଆବେଗସିକ୍ତ ପତ୍ର ପ୍ରେରଣ କରିଥିବାର ଗୁରୁତ୍ୱ ବହନ କରେ । ଲେଖିକାଙ୍କ ଭାଷାରେ –

"ଆଜି ଯେଣୁ ଅଧିକାର ନାହିଁ,
ସମ୍ବୋଧନ କରିବାକୁ ଏ ଚିଠିରେ
ତଥାପି ଲେଖୁଛି ଚିଠି ବିନା ସମ୍ବୋଧନେ
ତୁମେ ଥରେ ଆସନ୍ତନି
ଉଦୁ ଉଦୁ ଦିପହରେ
କାନିରେ ମୋ ପୋଛିବାକୁ

ISSN NO.
2582-208X

ତୁମ ଝାଳବିନ୍ଦୁ ।"[୧୧]

ଏ ସଂସାରରେ ଭଲ ପାଇବାର ପାଉଣା କିଏ କାହାକୁ ଦେଇଛି ନା ଦେବ । କେହି କ'ଣ କେବେ କାହା ଦୁଃଖରୁ ଅଧା ବା ି ନେଇପାରେ । ତଥାପି କବି ଆତ୍ମା ନାରୀଟିଏ ହୋଇ ସବୁ ଦୁଃଖକୁ ଅଧା ଅଧା କରି ବା ି ନେବାରେ ସୁଖପାଏ ବୋଲି ଦୃଢ଼ କଣ୍ଠରେ ସ୍ୱୀକାର କରିଛି । ଭଲ ପାଇବାର ଏ ସବୁଠୁଁ ବଡ଼ ପୂର୍ଣ୍ଣତା । ଏଥିରେ ପ୍ରେମିକ ପ୍ରେମିକାର ସାହସ ଲୋଡ଼ା । ଆଉ ଧୈର୍ଯ୍ୟ ଶକ୍ତି ଲୋଡ଼ା ଯାହା ଜୀବନ ଘାଟଣା ବହୁଳ ନୁହେଁ, ନାନା  ସମସ୍ୟା ଆଉ ସମାଧାନର ଏକ ଏକ ଅତୁଆ ସୂତାର ଖିଅ ପରିନୁହେଁ । ସେ ଜୀବନରେ କୌଣସି ମୂଲ୍ୟ ନାହିଁ କିମ୍ବା ସେ ଜୀବନରେ ଆତ୍ମସନ୍ତୋଷ ମିଳେନାହିଁ    ।

କବି ରବିନ୍ଦ୍ର କୁମାର ପ୍ରହରାଜ 'ଅନ୍ତରରୁ ଅନ୍ତରୀକ୍ଷ' କବିତା ଲାଗି ଖୁବ୍ ପ୍ରସିଦ୍ଧ । 'ଧନଞ୍ଜୟ ସ୍ୱାଇଁଙ୍କ 'ଚିଠି' ଶୀର୍ଷକ କବିତାର ପରିଭାଷା ଭିନ୍ନ । ଏ କବିତାରେ ଚିଠି ପ୍ରତି ରହିଛି କବିର ଆତ୍ମୀୟତା ଯେଉଁ ଚିଠିକୁ ଚିରାଯାଇ ନପାରେ    । ପାଶୋରି ମଧ ହୁଏନାହିଁ । ଚିଠି ଯେମିତି ଏକ ବାସିଫୁଲ, ସେ ଯେତେ ବାସି ହୁଏ ସେତେ ବାସୁଥାଏ, ଅନ୍ତର ଭିତରେ ।

କବି ପ୍ରାବନ୍ଧିକ ଓ ସମାଲୋଚକ ନୃସିଂହ ଚରଣ ଷଡ଼ଙ୍ଗୀ ଜଣେ ଅଧାପକ । ଓଡ଼ିଆ ଭାଷା ସାହିତ୍ୟର ଅଧାପନା ଜୀବନରେ ସେ ସାହିତ୍ୟର ବିଭିନ୍ନ ଦିଗରେ ଲେଖନୀ ଚାଳନା କରିଅଛନ୍ତି । ତାଙ୍କ ରଚିତ 'ଚିଠି ଗୋଟେ ପ୍ରେମଗପ' କବିତା ଖୁବ୍ ସ୍ମରଣୀୟ ଆଉ ଆବେଗଧର୍ମୀ ହୋଇପାରିଛି    । ଯେଉଁ କବିତାର ଭରିରହିଛି ଅତୀତର ଫୁଲଫୁଟା ଦିନ ଗୁଡ଼ିକର ଗୋଟିଏ ଗୋଟିଏ ମୁହୂ ର୍ମାନ ସବୁ ।

"ଆଜି କ'ଣ ଆଉ ମନକୁ ଆସୁନି ପୁରୁଣା ଚିଠିର ଭାଷା,
ସପନ ଆଖିରେ ସତେ କି ଅନ୍ଧାର ଲେଖୁଛି କପଟ ପଶା,
ଚଠି ଆସୁଥିଲା ନୀଳ ଲଫାପାରେ ବାସୁଥିଲା ମହମହ,
କେମିତି ସେ ଚିଠି ଭିଜେଇ ଦେଇଛି ଅମାନିଆ ଆଖିଲୁହ ।"
ସକାଳ ହୁଏନି ତୋ ଚିଠି ବିନା, ସଞ୍ଜ ବି ଆସେନି ଫେରି,
ଚିଠି ଲେଖା ଯେବେ ସରିସରି ଯାଏ ରାତି ଲାଗେ ଭାରି ଭାରି,
ଗାଁ ଗୋହିରୀରୁ ଶୁଭୁନାହିଁ ଆଉ ଚିଠି ନିଅ ଚିଠି ନିଅ,
ଡାକବାଲା ଡାକ ଆଉ ତ ଶୁଭୁନି ସମୟ ମୋଡ଼ିଛି ମୁହଁ ।"[୧୨]

ଆଜି କାଲିର ଦୁନିଆଁ ହେଉଛି ମୋବାଇଲ ଆଉ ସୋସିଆଲ ମିଡ଼ିଆର ଦୁନିଆଁ । ଏ ଯୁଗରେ ହାତ ଲେଖା ଚିଠିର କୌଣସି ବି ମୂଲ୍ୟ ନାହିଁ । ଆଜିକାଲି ଦୁନିଆଁରେ ଭାବନାକୁ ବ୍ୟକ୍ତ କରିବାକୁ ଆଉ କାହା ପାଖକୁ ବା ର୍ା ପଠାଇବାକୁ କେତେ କ'ଣ ମାଧ୍ୟମ ରହିଛି । କିନ୍ତୁ ଆମ ପରମ୍ପରାରେ ଚିଠିପତ୍ର ବା ଚିଟାଉ ପ୍ରେରଣ କରିବା ଏକ ଯୋଗାଯୋଗର ମାଧ୍ୟମ ରହିଥିଲା । ଯାହା ଆଜି କେବଳ ସରକାରୀ କାର୍ଯ୍ୟରେ ବ୍ୟବହୃତ ହେଉଛି ।

କବି ତଥା ସମାଲୋଚିକା ମନୋରମା ବିଶ୍ୱାଳ ମହାପାତ୍ର ଚିଠି ପ୍ରସଙ୍ଗକୁ ନେଇ ବେଶ୍ କିଛି  ସୁନ୍ଦର କବତା ରଚନା କରିଛନ୍ତି । ଚିଠି ଭିତରେ ଆତ୍ମୀୟତା ଅପେକ୍ଷା ପ୍ରେମ ଅଧିକ ଥାଏ । ଚିଠି ଲେଖିଲାବେଳେ କବିଙ୍କ ସ୍ମୃତିପଟଳରେ ପ୍ରିୟତମର ଛବି ବାରମ୍ବାର ପ୍ରତିଧ୍ୱନିତ୍ ହୋଇଛି । ତେଣୁ ସେ କୁହନ୍ତି ଚିଠି 'ଲେଖୁଲେଖୁ ତମକୁ ସେଦିନ, ଚିଠି ହୋଇଗଲା କବିତା' । ଚିଠି ଏକ ଆବେଗର କଥା ଆଉ ମିଠା ସ୍ପର୍ଶର କଥା । ଯେ ଚିଠିର ଭାଷା ଆଉ କବିତାର ଭାଷାକୁ ଏକାତ୍ମ କରି ଲେଖିବାରେ ନିଜର ଏକ ସ୍ୱତବତା ଦେଖାଇ ଅଛନ୍ତି ।

କବି ଓ ପ୍ରାବନ୍ଧିକ ଗଣେଶ୍ୱର ମିଶ୍ର ତାଙ୍କ ସତର ବର୍ଷ ତଳର ଚିଠିଧର୍ମୀ ଲେଖାଗୁଡ଼ିକୁ ମନେପକାଇ କୁହନ୍ତି ।

"ସତର ବର୍ଷ ତଳର ଚିଠି
ତଥାପି ମୋ ଡ୍ରୟାରରେ
ଯେତିକି ମଳିନ ହେଉଚି କାଗଜ
ଫିକା ପଡୁଚି କାଳି
ସେତିକି ହେଉଛି ଅନ୍ତରଙ୍ଗ
ସେଇ ସମୟ
ସେଇ ଚିଠି ..."[୧୩]

ସମସ୍ୱରର କବିତା ଲେଖିଛନ୍ତି ଗାଳ୍ପିକ ତଥା ବିଶିଷ୍ଟ ସାହିତ୍ୟିକ ଗୌରହରି ଦାସ । ଚିଠିର ମଧୁର ସ୍ପର୍ଶ ପ୍ରେମକୁ ଅଧିକ ଦ୍ୱିଗୁଣିତ କରି ଦେଇଥାଏ । ପ୍ରେମପୂର୍ଣ୍ଣ ଚିଠିପତ୍ରକୁ ସବୁଦିନ ସାଇତି ରଖିବାର ଅଭିଳାଷ ଖୁବ୍ ନିଆରା । ଚିଠିରେ ପ୍ରେୟସୀର ଛବି

ISSN NO.
2582-208X

ଦେଖିବା ଆଉ ତାର କଥାକୁ ଶୁଣିଲା ପରି ଚିଠି ପଢ଼ିବା, ତା'ଭିତରେ ନିଜକୁ ହଜାଇ ଦେବା ସମସ୍ତଙ୍କ ଜୀବନରେ ସମ୍ଭବ ନୁହେଁ। ଅନୁଭବି ହିଁ ଏ କଥାକୁ ଠିକ୍ ଧରିପାରିବ । ଜୀବନରେ କୁଆଡ଼େ ବ୍ୟର୍ଥ ପ୍ରେମଠାରୁ ଏକ ସଫଳ ଚିଠି ଯେଉଁ ଚିଠିରେ କି ଛଳନା ନଥିବ, ତାହା ବହୁ ଗୁରୁତ୍ୱ ରଖେ । ଏସବୁ ଥିଲା ଚିଠିଧର୍ମୀ କବିତା ଉପରେ ଏକ ଏକ ଟୀକା ଟିପଣୀ । ଚିଠି କେବେ ମରିବ ନାହିଁକି ସରିବ ନାହିଁ, ଯେ ପର୍ଯ୍ୟନ୍ତ ପ୍ରେମ ଆଉ ସାହିତ୍ୟ ଏ ଜଗତରେ ବ ୍ ରହିଛନ୍ତି । ଚିଠି ଧର୍ମୀ କବିତା ସଂପର୍କରେ ଆଲୋଚନା କଲାବେଳେ କିଛି କବିଙ୍କୁ ମୁଁ ଆଲୋଚନାର ପରସରକୁ ଆଣିପାରିନାହିଁ ।

ପ୍ରାନ୍ତଟୀକା

୧. ଜେନା, ପ୍ରତାପ, (ସଂପାଦନ) ପାଣି କବିଙ୍କର ଆତ୍ମକାହାଣୀ (ପରିମାର୍ଜିତ ସଂସ୍କରଣ) ପ୍ରକାଶକ ବିଜୟ ବା ି, ବିଡାନାସୀ, କଟକ-୭୫୩୦୧୮ ।
୨. ତତ୍ରୈବ, ପୃଷ୍ଠା-୪୯ ।
୩. ରାଉତରାୟ, ସଚ୍ଚିଦାନନ୍ଦ, ପାଣ୍ଡୁଲିପି, ଗ୍ରନ୍ଥ ମନ୍ଦିର, ବିନୋଦବିହାରୀ, କଟକ-୨, ଚତୁର୍ଥ ମୁଦ୍ରଣ-୧୯୮୭, ପୃଷ୍ଠା - ୧୯୫ ।
୪. ରାଉତରାୟ, ସଚ୍ଚିଦାନନ୍ଦ (ଗ୍ରନ୍ଥାବଳୀ), ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ, କଟକ-୨, ପ୍ରଥମ ସଂସ୍କରଣ ମାର୍ଚ୍ଚ, ୧୯୬୫, (ପ୍ରଥମ ଖଣ୍ଡ), ପୃଷ୍ଠା-୧୯୮ ।
୫. ମହାନ୍ତି, ଡକ୍ଟର ଶ୍ରୀଚରଣ (ସଂପାଦନା) ମାନସିଂହ ଗ୍ରନ୍ଥାବଳୀ, (ପ ମ ଭାଗ : ବାକ୍ୟ ଖଣ୍ଡ), ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ, କଟକ-୨, ପ୍ରଥମ ସଂସ୍କରଣ - ଏପ୍ରିଲ୍-୨୦୦୦, ପୃଷ୍ଠା-୨୮ ।
୬. ନେତାଜୀ ଅଭିନନ୍ଦନ (ସଂପାଦକ), ଚିଠି, (ପତ୍ରିକା), ଲକ୍ଷ୍ମୀଧର କ୍ରିଏଟିଭ୍ ସେ ର ୧୯୯୯, କଂସାରୀ ଘର, ୟୁନିଟ୍-୬, ଭୁବନେଶ୍ୱର-୧, ପୃଷ୍ଠା-୮୪ ।
୭. ତତ୍ରୈବ, ପୃଷ୍ଠା-୯୦ ।
୮. ତତ୍ରୈବ, ପୃଷ୍ଠା-୩୭ ।
୯. ତତ୍ରୈବ, ପୃଷ୍ଠା-୫୫ ।
୧୦. ତତୈବ, ପୃଷ୍ଠା-୧୦୫ ।
୧୧. ତତ୍ରୈବ, ପୃଷ୍ଠା-୭ ।
୧୨. ତତ୍ରୈବ, ପୃଷ୍ଠା-୧୧୬ ।
୧୩. ତତ୍ରୈବ, ପୃଷ୍ଠା-୩୧ ।

ପ୍ରଫୁଲ୍ଲ କୁମାର ନାହାକ
ଗବେଷକ, ଫକୀର ମୋହନ ବିଶ୍ୱବିଦ୍ୟାଳୟ
ବାଲେଶ୍ୱର

ପ୍ରଫେସର ଦେବାଶିଷ ପାତ୍ର
ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ
ଫକୀର ମୋହନ ବିଶ୍ୱବିଦ୍ୟାଳୟ
ବାଲେଶ୍ୱର

ISSN NO.
2582-208X

# ଗଜଲ୍-
# ଭଲକୁ ପାଉଛ ବୋଲି



ତାର୍ପ୍ରସାଦ ଜେନା

ପାଉଁଜି ପଟକ ଖୋଜି ଆଣିଥିଲ
ଭଲକୁ ପାଉଛ ବୋଲି
କଥା ନ ସରୁଣୁ ମୁହଁ ଗ୍ବହୁଁଥିଲ
ଭଲକୁ ପାଉଛ ବୋଲି । ୦ ।

ଆଖି ବରଷାରେ ପ୍ରେମ ଢାଳୁଥିଲ
ପାଖେଇ ଆସୁଛ ବୁଲି
ମ୍ଳାନ ବସନ୍ତରେ ମନ ଗ୍ବେରିକଲ
ଭଲକୁ ପାଉଛ ବୋଲି । ୧ ।

ଛାଇ ଦେଖୁଥିଲ ହାଇ ମାରୁଥିଲ
ଜହ୍ନକୁ ଟାଣୁଛ ଖାଲି
କୁମୁଦିନୀ ଓଠ ମଧୁ ଗ୍ବଖୁଥିଲ
ଭଲକୁ ପାଉଛ ବୋଲି । ୨ ।

ଝର୍ ପତ୍ର ଗୀତ ସ୍ୱର ଖୋଲୁଥିଲ
ଟିଁଟିଆଁ ଡାକୁଛ ହୁଲି
ଗପ ଅସରନ୍ତ କେତେ ବୁଝୁଥିଲ
ଭଲକୁ ପାଉଛ ବୋଲି । ୩ ।

ISSN NO.
2582-208X

'ତାର୍' ଧ୍ରୁବ ପଣ ଭଲ ଲାଗୁଥିଲ
ମନକୁ ଆକାଶ ଖୋଲି
ଆଜିକାଲି ଭାଗ୍ୟ ବଡ଼ ମସଗୁଲ୍
ଭଲକୁ ପାଉଛ ବୋଲି । ୪ ।

***********

ରାଜ ରଣପୁର,
ଜିଲ୍ଲା-ନୟାଗଡ଼
ମୋ- ୯୩୪୮୦୫୪୩୦୦

ISSN NO.
2582-208X

# ସଂପର୍କ ପ୍ରେମର



ଡକ୍ଟର ସତ୍ୟବ୍ରତ ଦାସ

ଯୁଗ ଯୁଗର ସଂପର୍କ ଆତ୍ମା ପରମାତ୍ମାର
ଫରକ ପଡେନାହିଁ ଏଠି ଏକଥା କାହାର
ହେଉ ଅବା ସେ ପତିପତ୍ନିଙ୍କ ବିଗ୍ରର
ସବୁ ଖାଲି ମିଛ ସେହି କାହାଣୀ ସାତ ଜନମର
ନିଜ ସ୍ୱାର୍ଥ ପାଇଁ ମିଛ ସଂପର୍କ ବିବାହର
ପ୍ରେମିକ ପ୍ରେମିକା ହେଉ ଅବା କନ୍ୟାବର
କଳୁଷିତ ସଂପର୍କ ପୁଣି ସେଇ ଭାଇ ଭଉଣୀର
ନିରାଶାରେ ପାନ କରେ ଜହର
ଏଠି ପ୍ରେମିକ ବୀର
ସବୁଠି ଚର୍ଚ୍ଚା ଖାଲି ଏଇ କଳିଯୁଗେ ନରନାରୀର
ଲେଖନ୍ତୁ ରାମାୟଣ, ମହାଭାରତ ପରି କଥା ସାହିତ୍ୟର
ଲେଖାହୁଏ ପୁଣି କେତେ ଯେ ଘଟଣା ଇତିହାସର
ନାରୀ ଖେଳେ ଏଠି ମିଛି ମିଛିକା ଖେଳ
ଯେଉଁ ଖେଳ ସାଜିଛି ଆଜି ପୁରୁଷର କାଳ
ତ୍ରେତୟା ଯୁଗରେ ମାତା ସୀତାଙ୍କ ଉପରେ
ମହା ଜ୍ଞାନୀ ହୋଇ ମଧ୍ୟ ସାମାନ୍ୟ ଭୁଲ୍‌ରେ
ବିଭିନ୍ନ ପର୍ବପର୍ବାଣୀ ଦୁର୍ଗାପୂଜା ରାମନବମୀରେ
ଆଜି ବି ଜଳୁଛି ଦଶାନନ ଜ୍ୱାଳାମୁଖୀ ଅଗ୍ନି ବାଣରେ

ISSN NO.
2582-208X

ପୁତ୍ର ତୁଲ୍ୟ ଲକ୍ଷ୍ମଣଙ୍କ କଥା ଅମାନ୍ୟରେ
ସୀତାଙ୍କୁ ହରଣ କରି ନେଇଲା ରାବଣ ଆକାଶମାର୍ଗରେ
ଦ୍ୱାପରେ ପାଞ୍ଚାଳିଙ୍କ କଥା ମନେ ଅଛି ଭାଇ
ପଞ୍ଚପତି ଥାଇ ମଧ୍ୟ ବିବଶ ହୋଇ
କୋଟି ବସ୍ତ୍ର ଦେଇ ଲଜ୍ୟା ନିବାରଣ ପାଇଁ
ଧାଇଁ ଆସିଥିଲେ ଭ୍ରାତା ଭଉଣୀ ପାଇଁ
ସେଇ ଖୁଦ ଭଜାର ପ୍ରେମ କାହାଣୀ ଆଉ ଗରିବ ବନ୍ଧୁ ସୁଦାମା
ଭୁଲି ନଥିଲେ କେବେ ତାଙ୍କୁ କୃଷ୍ଣ ଜମା
କି ପ୍ରେମ ଇଏ ସେ କି ଭଲ ପାଇବା
ଶବରୀର ମିଠା କୋଳି କିବା ଭୁଲିଯିବା
କଳିଯୁଗର ମଣିଷ କଥା କଣ ବା କହିବା
ଶାମୁକା ରୂପୀ ଖୋଳପା ଭିତରେ ଲୁଚି ରହିଥାଏ ସଇତାନ
ପୁରୁଷର ମୃତ୍ୟୁ ସାଜି ହୁଏ ଏଠି ନାରୀ ବେଇମାନ
ଆଖି ବନ୍ଦକରି ପ୍ରେମ କରେ ଏଠି ପ୍ରେମିକା
ଆଖି ଖୋଲି ପ୍ରେମ କରେ ମିତ୍ର ଏକା
ପ୍ରେମ କରେ ଧର୍ମପତ୍ନୀ ଆଖି ଦେଖେଇ
ଆଖି ବନ୍ଦ ହେବା ଯାଏଁ ପ୍ରେମ କରେ କେବଳ ମାଆ ଏକା ଭାଇ
ଆଖିରେ ପ୍ରେମ ଦେଖାଯାଏନି କିନ୍ତୁ ହୃଦୟରୁ
ପ୍ରେମର ସେହି ପବିତ୍ର ସଂପର୍କ ମିଳେ ଖାଲି ଏଠି ପିତାଙ୍କଠାରୁ
ଭାଇ ଭଉଣୀଙ୍କ ପ୍ରେମ ଅମୂଲ୍ୟ ରତ୍ନ ସଦୃଶ
ନ ପାଇଲେ ଭଉଣୀ କରେନି ରାଗ ଅଭିମାନ କି ରୋଷ
ଭୁଲିଯାଏ ସବୁ କଥା ଆଣିଦିଏ ହସ
ଇଏ ସେଇ ପ୍ରେମର ସଂପର୍କ ବିଶେଷ
ପତ୍ନି ଭୁଲିଯାଏ ବ୍ୟସ୍ତତାରେ ଦୂରେ ଥିବା ପତିକୁ
ମାଆ ଭୁଲେ ନାହିଁ କେବେ ନୀତି କଥା ହେବାକୁ
ପୁଅ ଖାଇଛୁ ବୋଲି ଆଗେ ପଚାରେ ସେଇ ମାଆ
ସକାଳ ସଂନ୍ଧ୍ୟାରେ କଥା ନ ହେଲେ ତାକୁ ନ ମିଳେ ଟିକେ ରାହା

ISSN NO.
2582-208X

ସିଏ ଆମର ମାଆ
ପଦେ ପଦେ କଥାରେ ପତ୍ନି ବିରକ୍ତ ହୁଏ
ଖାଲି ଟଙ୍କା ପାଇସା ଆଲୋଚନାରେ ଫୋନ ରୁହେ
ପିଲାଛୁଆଙ୍କ ପାଠପଢା ଖର୍ଚ ସାଙ୍ଗକୁ
ଦିନ ସାରା ଭିତରେ ସମୟ ନଥାଏ ପଦେ କଥା ହେବାକୁ
ରାଗ ରୁଷା ଆଉ ଅଭିମାନରେ
ଘର କାମ ସବୁ କରେ ହୋଇ ବିରକ୍ତରେ
ପିଲାଛୁଆ ପରିବାରର ଜଞ୍ଜାଳ
ଇଏ ସେହି ସଂପର୍କ ତାଳମେଳର ଖେଳ
ଝିଆରୀ ପୁତୁରା ଭଣଜା ଭାଣିଜୀ
ନ ମିଳେ ବଡ ପରିବାରେ ଦେଖିବାକୁ ଆଜି
ନାରୀ ଏଠି ଗୋଟିଏ ସନ୍ତାନର ମାଆ ହେବାକୁ ସର୍ତ୍ତାବଳୀରେ ରାଜି
କିନ୍ତୁ ପ୍ରେମ କରିବା ପାଇଁ ଲାଗେ ପୁରୁଷ ଭିତରେ ମରଣର ବାଜି
ପ୍ରେମରେ ପ୍ରେମରେ ଖାଲି ମିଛ ପ୍ରେମରେ
ସବୁ କାମ କରିବାକୁ ସ୍ୱାମୀ ଇଚ୍ଛା କରେ
କିନ୍ତୁ ବାଧ ବାଧକତାରେ
ଡର ଆଉ ଭୟରୁ ବଞ୍ଚିବା ପାଇଁ
ବିଗୁର ସ୍ୱାମୀ ପାଖରେ ଆଉ
କେହି ସାହା ନାହିଁ
ଅବିଶ୍ୱାସର ମଞ୍ଜି ପଡି ହୁଏ ବିଶାଳ ଗଛ
ପଶୁପକ୍ଷୀଙ୍କ ପ୍ରେମ ଏଠି ଖାଲି ନୁହେଁ ମିଛ
ଫାଳେ ରୁଟି ଖାଇ ଏଠି ବୁଲା କୁକୁର
ତା ପରଦିନ ଆସି ଦାଣ୍ଡଦୁଆରେ ହୁଏ ହାଜର
ସାଜେ ବିଶ୍ୱସ୍ତ ମାଲିକ ଘର
ନ ରଖି ଡର ରାତି ଅଧର
ଧରେ ରୂପ ସାହସିକତାର
ଜିଇଁଥିବା ଯାଏଁ ପଡି ରହେ ନକରି ପର

ISSN NO.
2582-208X

ଫେରିବା ବାଟକୁ ଗୃହିଁବସି ରହିଥାଏ ମାଲିକର
ଗୋଡ ତଳେ ପସି ଘୁରି ବୁଲେ ପୋଷା ବିଲେଇ
ମିଆଁଉ ମିଆଁଉ ଶବ୍ଦରେ ଡାକ ପକାଏ ଖାଇବା ପାଇଁ
ଛକ ବସିଥାଏ ଚୁଲି ମୁଣ୍ଡରେ
ସାପ, ବେଙ୍ଗ, ଏଣ୍ଡୁ, ଝିଟିପିଟି, ଅସରପା ଘରେ
ନପଷନ୍ତୁ ବିଲେଇର ପ୍ରାଣ ଭୟରେ
କାଟି ଦିଅନ୍ତୁ ସେମାନେ ଅଜାଣତେ କେତେ ଯେ ବିପଦ
ସୁରକ୍ଷିତ ମଣୁ ଆମେ ଆମର ସମ୍ପଦ
ପ୍ରେମର ଭାଷାକୁ ଭଲ ବୁଝନ୍ତୁ ପଶୁ ପକ୍ଷୀ ଗଣ
ତାଙ୍କ ଭଲ ସଂପର୍କ ସ୍ଥାପିବାକୁ ମୋର ରହିଲା ଋଣ
ଏତିକ ଗୁହାରି ମୋର ସତ୍ୟ କଥାକୁ ଶୁଣ
ଜଗତ କଲ୍ୟାଣ ପାଇଁ ଏତିକ ଜାଣ ॥

ବର୍ତ୍ତନା, ସୋମନାଥପୁର, ବାଲେଶ୍ୱର
୭୭୫୧୯୨୭୭୦୫

ISSN NO.
2582-208X

# ମକର ଯାଉଛି ଛୁଇଁ



ବିଶ୍ୱଜିତା ବରାଳ(ଆଗ୍ନେର୍ଯ୍ୟା)

ଶୀତ ଚାଲିଯିବ ବସନ୍ତ ଫେରିବ
ଚୋରା ମଳୟକୁ ନେଇ,
ଧୀରେ ଧୀରେ ପୁଣି ଉଷ୍ଣତା ବଢ଼ିବ
ମକର ଯାଉଛି ଛୁଇଁ ।।
ପୁର ପଲ୍ଲୀ ସବୁ ଉତ୍ସବ ମୁଖର
ମକର ସଂକ୍ରାନ୍ତି ପାଇଁ,
ଲାଗିଲାଣି ମଞ୍ଜା କେତେ ସାଜସଜ୍ଜା
ପୀଠ, ମନ୍ଦିରକୁ ନେଇ।।
ଧନୁରାଶି ଛାଡ଼ି ମକର ରାଶିରେ
ସୂର୍ଯ୍ୟଙ୍କର ଅବସ୍ଥାନ,
ଉତ୍ତରାୟଣର ପ୍ରଭାବ ଫଳରେ
ବଡ଼ ହୋଇ ଥାଏ ଦିନ।।
ବାପଘର ଛାଡ଼ି ଲକ୍ଷ୍ମୀ ଠାକୁରାଣୀ
ମନ୍ଦିର ଆସନ୍ତି ଫେରି,
ଆଣନ୍ତି ସାଥିରେ ଭିନ୍ନ ଭିନ୍ନ ଦ୍ରବ୍ୟ
କେତେ ଭାର ଥୋର ଧରି।।
ଗୁଡ଼ ଗୁଆ ଘିଅ ନଡ଼ିଆ ଚାଉଳ
ଆଣିଥିବା ଫଳମୂଳ,
ସବୁକୁ ତିଆରି ଲକ୍ଷ୍ମୀ ଦେବେ ବାଢି
ଭୋଗ ମକର ଚାଉଳ।।

ISSN NO.
2582-208X

ଗୁଡ଼ି ସେତ ନୁହେଁ ରଙ୍ଗୀନ କାଗଜ
ସ୍ନେହ ପ୍ରୀତିର ଡୋରି
ସମ୍ପର୍କର ସେତୁ ଦୃଢ଼ ଯେ ହୁଅଇ
ଗୌରବତା ଅସୁମାରୀ।।
ଇଛା ମୃତ୍ୟୁ ପାଇଁ ପିତାମହ ଭୀଷ୍ମ
ବାଛି ଥିଲେ ଏହି ଦିନ,
ଭଗୀରଥ ତପ ବଳେ ଗଙ୍ଗାମାତା
ମର୍ତ୍ତ୍ୟ କଲେ ଆଗମନ।।
ଏ ପୁଣ୍ୟ ତିଥିରେ ଗଙ୍ଗା ବୁଡ଼ ଦେଇ
ଦାନ, ଧ୍ୟାନି ଆଦି କଲେ
କୋଟି ଜନ୍ମ ପାପ ଖଣ୍ଡନ ହୁଅଇ
ମହା ପୁଣ୍ୟ ଫଳ ମିଳେ ।।
ପୋଙ୍ଗଲ ବିଲଲ୍ଲୁ ମାଘି ବିହୁ
ହୃଦୟେ ଆନନ୍ଦ ଭରେ,
ମକର ସଂକ୍ରାନ୍ତି ହୁଅଇ ପାଳନ
ହର୍ଷ ଆଉ ଉଲ୍ଲାସରେ।।

×××××××××××

ସଶିବିମ ଛନ୍ଦପୁର, ଗଞ୍ଜାମ

ISSN NO.
2582-208X

# କେବେ କେରଳ ତ
# କେବେ ଅରୁଣାଚଳ



ପ୍ରିୟବ୍ରତ ପାତ୍ର

## ପର୍ବ ଓ କାବ୍ୟରେ ଦେବୀ କନ୍ନଗୀ

ପୋଙ୍ଗଲ୍ ସମୟରେ କେରଳ ରାଜଧାନୀ ତ୍ରିଭେନ୍ଦ୍ରମ୍ ଅଚାନକ ଏକ ଅଲଗା ସହରରେ ପରିଣତ ହୋଇଯାଏ । ବିଶ୍ୱର ସର୍ବବୃହତ୍ ମହିଳା ଏକତ୍ରୀକରଣ ଅବକାଶ ଭାବେ ଏହା ମାନ୍ୟତା ପାଇଥାଏ । ଏହାର ମୂଳ ଉତ୍ସ ହେଉଛି ଅତୁକଲ୍ ଭାଗ୍ୟବତୀ ମନ୍ଦିର ।

ଫେବୃଆରୀ ଶେଷ ଆଉ ମାର୍ଚ୍ଚ ଆରମ୍ଭ ଭିତରେ ପଡେ ପୋଙ୍ଗଲ । ନୂଆ ଚାଉଳରେ ଭାତ ରାନ୍ଧି ଦେବୀ ଭାଗ୍ୟବତୀଙ୍କୁ ଅର୍ପଣ କରାଯାଏ । ଦଶଦିନ ବ୍ୟାପୀ ଏହି ପର୍ବରେ ୨୫ ଲକ୍ଷ ମହିଳା ଯୋଗ ଦେବାର ବିଶ୍ୱ ରକର୍ଡ ରହିଛି । ମାଇଲ୍ ମାଇଲ ବ୍ୟାପୀ ରାସ୍ତାଘାଟ ମହିଳାଙ୍କ ଦ୍ୱାରା ଭରିଯାଏ । ତିନି ଚାରିଟା ଇଟାକୁ ସଜେଇ ସେଥିରେ ସେମାନେ ଭାତ ରାନ୍ଧନ୍ତି । କେରଳ ସରକାର ତାକୁ ରାଜ୍ୟ ସ୍ତରୀୟ ପର୍ବ ବୋଲି ଘୋଷଣା କରିବା ପରଠୁ ସରକାରୀ ସ୍ତରରେ ଅନେକ କାର୍ଯ୍ୟକୁ ହାତକୁ ନେଇଛନ୍ତି ।

ପଙ୍ଗଲ ମହୋତ୍ସବମ୍ ହେଉଛି ପୁରା ଦକ୍ଷିଣ ଭାରତରେ ଘରେ ଘରେ ପରିଚିତ ପର୍ବ । ସାରା କେରଳରୁ, ଏପରିକି ତାମିଲନାଡୁ, କର୍ଣ୍ଣାଟକ  ଆନ୍ଧ୍ର ପ୍ରଦେଶରୁ ମହିଳାମାନେ ତ ଆସନ୍ତି, ତାଙ୍କ ସାଥିରେ ଆସନ୍ତି ତାଙ୍କ ପରିବାର ବର୍ଗ । ସବୁ ଜାତିର, ବର୍ଗର, ପ୍ରାନ୍ତରର, ଏପରିକି ଆର୍ଥିକ ସ୍ଥିତିର ଲୋକେ ଆସତି । ବହୁତ ସ୍ୱେଚ୍ଛାସେବୀ ଓ ପୋଲିସ୍ କର୍ମୀ ଆସନ୍ତି । ରାସ୍ତାକଡରେ ଲକ୍ଷ ଲକ୍ଷ ସଂଖ୍ୟାରେ ଚୁଲୀ ଜଳେ । ତା ପାଇଁ ଆବଶ୍ୟଅ କାଠ ବି ସରକାର ଯୋଗାନ୍ତି । ସୁରକ୍ଷା କର୍ମୀ ତଥା ସଫେଇ ଲୋକଙ୍କ ବ୍ୟତୀତ ସେଇ ମନ୍ଦିର ଭିତରକୁ ଆଉ କୌଣସି ପୁରୁଷ ଲୋକଙ୍କ ପ୍ରବେଶ ନଥାଏ । ଶାବରୀମାଳା ପର୍ବତର ଆୟପ୍ପା ସ୍ୱାମୀ ମନ୍ଦିରକୁ ଦଶରୁ ପଚାଶ ବୟସ୍କ ଝିଅ ବା ସ୍ତ୍ରୀ ଲୋକଙ୍କୁ ପ୍ରବେଶ ଅନୁମତି ନାହିଁ । ସାନ

ISSN NO.
2582-208X

ଝିଅ ଓ ବୟସ୍କ ସ୍ତ୍ରୀ ଲୋକ ଯିବାର ଅସୁବିଧା ନାହିଁ । କିନ୍ତୁ ଭାଗ୍ୟବତୀ ମନ୍ଦିରରେ କୌଣସି ବୟସର ପୁରୁଷଙ୍କୁ ଅନୁମତି ନାହିଁ । ଏହା କେବଳ ମହିଳାମାନଙ୍କ ନିମନ୍ତେ ସଂରକ୍ଷିତ । ସମ୍ଭବତଃ ବିଶ୍ୱର ଏକମାତ୍ର ଧାର୍ମିକ ଜାଗା । ତେଣୁ କେହି କେହି ଏହାକୁ ମହିଳାମାନଙ୍କ ସାବେରୀମାଳା ବୋଲି କହିଥାନ୍ତି ।

କିଲି ଓ କରମାନା ନଦୀର ସଙ୍ଗମ ଜାଗାରେ ଠିଆ ହେଇଛି ଅତୁକଲ ଭାଗ୍ୟବତୀ ମନ୍ଦିର । ପଦ୍ମନାଭ ସ୍ୱାମୀ ମନ୍ଦିର ଠାରୁ ଦୁଇ କି.ମି. ଦୂରରେ । ଇଲାଙ୍ଗୋ ଆଡିକମ୍ ଲେଖିଥିଲେ ସିଲାପଦିକରମ୍, ଦୁଇ ହଜାର ବର୍ଷ ତଳେ । କାବ୍ୟ ନାୟିକା କନ୍ନଗୀ ପରେ ଜନମତରେ ରୂପାତରୀତ ହୋଇଛନ୍ତି ଠାକୁରାଣୀ ପାତିନି । କନ୍ନଗୀଙ୍କ ସତୀତ୍ୱ ଓ ପତି ପ୍ରତି ନିଷ୍ଠା ହିଁ ଏହି କାବ୍ୟର ନାଭିକେନ୍ଦ୍ର । ପତିବ୍ରତା ଓ ସତୀତ୍ୱର ଶକ୍ତି କେତେ ପ୍ରଚଣ୍ଡ ହେଇପାରଏ ତାହା ଦେଖାଇ ଦିଆଯାଇଛି କାବ୍ୟରେ । ସତୀ ନାରୀଙ୍କ ଐଶ୍ୱରୀୟ ସାମର୍ଥ୍ୟ ପ୍ରତି ସମାଜରେ ମହିଳାମାନଙ୍କ ଆସ୍ଥା ବଢୁ, ଏହା ହିଁ ଏହି ବିଶାଳ ପର୍ବ ଭିତରେ ଲୁଚି ରହିଥିବା ଉଦ୍ଦେଶ୍ୟ ବୋଲି ଜଣାପଡେ ।

ସେଦିନ ତ୍ରିଭେନ୍ଦ୍ରମ୍ ବଜାରରେ ସୋରିଷ ପକାଇବାକୁ ଜାଗା ନଥିଲା । ଯେତେ ଖାଲି ଜାଗା, ସବୁତକ ଛଡା ଯାଇଛି ଦୂରାଗତ ମହିଳାଙ୍କ ନିମନ୍ତେ । ଆଶ୍ଚର୍ଯ୍ୟ ଅନେକ ଗୀର୍ଜାଘର, ମସଜିଦ୍ ମଧ୍ୟ ସେମାନଙ୍କ ଦ୍ୱାରା ଖୋଲି ଦେଇଛନ୍ତି । ଫୁଲ ବଗିଚା ଭିତରେ ବି ଲୋକେ ଆଣ୍ଠେଇ ପଡି ବିଶ୍ରାମ ନେଉଛନ୍ତି । କାଠରେ ରାନ୍ଧିବା ତ କେବେଠୁ ଅଭ୍ୟାସ ବାହାରର ଜିନିଷ । କିନ୍ତୁ ଏବେ ଫୁଙ୍କି ଫୁନି କାଠ ଜାଳି ଭାତ କଲେ ଦେବୀ ମାଙ୍କୁ ପୂଜା ଦେଇହେବ! ତେଣୁ ଆଧୁନିକ ମହିଳାମାନେ ଘର୍ମାକ୍ତ, କ୍ଳାନ୍ତ । ସମସ୍ତେ ପିନ୍ଧିଥାନ୍ତି ସ୍ୱତନ୍ତ୍ର ଭାବେ ଡିଜାଇନ୍ କରା ସୂତୀ ଶାଢୀ – ଯାହାକୁ ପୋଙ୍ଗଲ ଶାଢୀ କହି ମାର୍କେଟିଂ କରାଯାଏ । କେରଳ ସରକାର ଏହାର ସୁଯୋଗ ନେଇ, କେରଳର ପୁରା ତନ୍ତବାୟ – ସମାଜକୁ ବର୍ଷଯାକର କାମ ବି ଯୋଗାଇ ଦେଇଥାନ୍ତି । କର୍ମ ନିଯୁକ୍ତିର ଏହା ଏକ ଚମତ୍କାର ଉଦାହରଣ । ତାକୁ ଧରି ସିନେମା, ସିରିଏଲ୍, କାନ୍ଥବାଡରେ ପ୍ରଚାର ଆଦି ବିକ୍ରିବଟାକୁ ବହୁଗୁଣିତ କରିଥାଏ । ୧୯୯୮ ରେ ମୁକ୍ତିଲାଭ କରିଥିବା "ହରିକ୍ରିଷ୍ଣନନ୍" ସିନେମାରେ ଜୁହୀ ଚାଉଲା ପିନ୍ଧିଥିବା ଏମିତି ଏକ ପୋଙ୍ଗଲ ଶାଢୀ ବଜାରରେ ଚାହିଦା ବଢେଇ ଏଇଥିଲା ।

ପୋଙ୍ଗଲ ଉତ୍ସବରେ ଲୋକଙ୍କର ଶ୍ରଦ୍ଧା, ବିଶ୍ୱାସ, ସଂଶ୍ଳିଷ୍ଟତା ଦେଖି ସ୍ୱତଃ ମନରେ ଜିଜ୍ଞାସା ସୃଷ୍ଟି ହୁଏ ଯେ କଣ ସେ କାବ୍ୟ, କାବ୍ୟ ନାୟିକାଙ୍କ ବ୍ୟୁତ୍ପତ୍ତି? ତେଣୁ ସମଗ୍ର କାହାଣୀକୁ

ISSN NO.
2582-208X

ଜାଣିବା ଦରକାର ।

୫୭୩୦ ଟି ସୂକ୍ତିରେ ଲେଖା ତାମିଲ ଭାଷାର ସର୍ବପ୍ରାଚୀନ କାବ୍ୟ ହେଉଛି ସିଲାପଦିକରମ୍ । କାବ୍ୟକାରଅ ଥିଲେ ଜନୈକ ବୈରାଗୀ ରାଜପୁତ୍ର ଇଲାଙ୍ଗୋ ଆଡିଗଲ୍ । ସୃଷ୍ଟି ସମୟ ସମ୍ଭବତଃ ଆଜକୁ ୨୦୦୦ ବର୍ଷ ପୂର୍ବେ ।

ପୁମ୍ପୁହରରେ ଥିଲେ ଜନୈକ ବଣିକ ପୁତ୍ର କୋଭଲନ୍ । ଥିଲେ ଜଣେ ଲକ୍ଷ୍ମୀତୁଲ୍ୟ କନ୍ୟା, କନ୍ନଗୀ । ଜଣେ ପୋତ ମାଲିକଙ୍କ ସୁନ୍ଦରୀ କନ୍ୟା । କାବ୍ୟ କହେ କନ୍ନଗୀ ଥିଲେ ଲକ୍ଷ୍ମୀଙ୍କ ଭଳି ସର୍ବଗୁଣା ସମ୍ପନ୍ନା । ଅରୁନ୍ଧତୀ ନକ୍ଷତ୍ର ଭଳି ମୃଦୁ ସ୍ୱଭାବର ।

ଦୁଇ ହଜାର ବର୍ଷ ତଳେ ଅୟସ ଆରାମର ଭାଷ୍ୟ ଥିଲା ଅନ୍ୟ ପ୍ରକାରର । ନର୍ତ୍ତକୀ ମାନଙ୍କର, ସାଧାରଣ ନାଗରୀକଙ୍କ ପାରିବାରିକ ଜୀବନରେ ପ୍ରବେଶ କରିବା ଥିଲା ପରମ୍ପରା ବହିର୍ଭୁତ ପାପ କାର୍ଯ୍ୟ । ରାଜା, ଅମାତ୍ୟ ବା ସେଭଳି ଉଚ୍ଚସ୍ତରୀୟ ପ୍ରଜାକୁଳଙ୍କ ଜୀବନ ଚର୍ଯ୍ୟା ଥିଲା ସାଧାରଣ ଜନତାଙ୍କ ଅପହଞ୍ଚ ଦୂରରେ । ସେମାନଙ୍କ ଭାଗ୍ୟରେ ଥିଲା ଯେତେ ସବୁ ଭୋଗର, ଅୟସ ଆରାମର ଚିଜ । ନୃତ୍ୟ, ଗୀତ, ଭୋଜିଭାତ, ଶିକାର, ଭଳି ଯେତେ ସବୁ ରାଜକୀୟ ମର୍ଯ୍ୟାଦା ବହନ କାରୀ କାର୍ଯ୍ୟ - ସେସବୁରେ ସେଇ ମୁଷ୍ଟିମେୟଙ୍କ ଥିଲା ପ୍ରବେଶ ଅଧିକାର ।

କୋଭଲନ୍ ଓ କନ୍ନଗୀଙ୍କ ବିବାହ ସରିଥାଏ । ଜୀବନରେ ଏତେ ସୁଖ ଲହଡୀ ଭାଙ୍ଗୁଥାଏ ଯେ, ସେମାନେ ଭାବି ବି ପାରୁନଥିଲେ ଜୀବନରେ ଦୁଃଖ ବୋଲି କିଛି ଥାଏ କି?

ସେ ସମୟରେ, ରାଜ ଉଆସର ପରମ୍ପରା ଅନୁଯାୟୀ ନୃତ୍ୟ ପରିବେଷଣରେ ଆସିଥାନ୍ତି ଅନିନ୍ଦ୍ୟ ସୁନ୍ଦରୀ ମାଧବୀ । ନୃତ୍ୟ ଦେଖିବାକୁ ବି ଆସିଥାନ୍ତି କୋଭଲନ୍, ସମ୍ଭବତଃ କୌଣସି ଅମାତ୍ୟଙ୍କ ବତନ୍ତ୍ର ନିମନ୍ତ୍ରଣ କ୍ରମେ । ମାଧବୀଙ୍କ କଳା-ନିପୁଣତାରେ ମୁଗ୍ଧ ରାଜନ ଯଥାରୀତି ସମ୍ମାନ ଓ ପ୍ରଣାମୀ ଦେଇଥିଲେ । ରାଜକୀୟ ସ୍ୱୀକୃତି ଭାବେ ଗଳାରେ ଲମ୍ବେଇ ଦେଇଥିଲେ ଫୁଲହାର । ରାଜ ସ୍ୱୀକୃତିର ସନ୍ତକ ଭାବେ ଫୁଲହାରକୁ ନେଇ ଛକରେ ବସନ୍ତି, ମାଧବୀଙ୍କ ଜଣେ ପରିଚାରିକା । ଉଦ୍ଦେଶ୍ୟ-ନିଲାମରେ ଯିଏ ସର୍ବାଧିକ ଦେବାକୁ ରାଜି ହେବ ତାକୁ ମିଳିବ ଫୁଲହାର । ସେକାଳର ନଗର ନିୟମ ଅନୁଯାୟୀ ସିଏ ହୋଇଯିବ ନର୍ତ୍ତକୀଙ୍କ ସ୍ୱୀକୃତ ସ୍ୱାମୀ । ନିଜର ରକ୍ଷିତା ସ୍ତ୍ରୀ ବା ସ୍ୱୀକୃତ ସ୍ୱାମୀକୁ ନେଇ ସେଇ ପ୍ରେମୀ ଯୁଗଳଙ୍କୁ ମିଳୁଥିଲା ସାମାଜିକ ସ୍ୱୀକୃତି ।

ISSN NO.
2582-208X

କୋଭଲନ୍ ତ ନିଶାରେ ମତୁଆଲ ଥିଲେ। ପୁଷ୍ପମାଳ କିଣି ସିଧା ଚାଲିଲେ ମାଧବୀଙ୍କ ପାଖକୁ। ଦୁହେଁ ଆରମ୍ଭ କଲେ ଆଉ ଏକ ସମାନ୍ତରାଳ ଜୀବନ। କୋଭଲନ୍ ପରିତ୍ୟାଗ କରିଥିଲେ ନିଜ ଯୁବା ପତ୍ନୀଙ୍କୁ, ବଦଳରେ ମାଧବୀ ତ୍ୟାଗ କଲେ ନିଜର ପାରମ୍ପରିକ ନୃତ୍ୟଗୀତକୁ। ଉଦ୍ଦେଶ୍ୟ ଥିଲା ଗୋଟିଏ ସୁନ୍ଦର ପାରିବାରିକ ଜୀବନକୁ ଆଗେଇ ନେବା। କେହି ଆଉ ପୂର୍ବବତ୍ ରହିଲେ ନାହିଁ।

କିଛି ବର୍ଷ ଅନ୍ତେ କୋଭଲନ୍ ଙ୍କ ହେଲା ଭାବାନ୍ତର। ଏମିତି ହିଁ ସଚରାଚରେ ହେଇଥାଏ। କୋଳରେ ମଥା ରଖି ସୁନ୍ଦରୀ ପତ୍ନୀର ମୁଖ ଦର୍ଶନ କରିବା ବା କେଶ ବିନ୍ୟାସର ମାଦକ ଭରା ସୁଗନ୍ଧରେ ଭ୍ରମର ପ୍ରାୟେ ମୋହଗ୍ରସ୍ତ ହୋଇ ବାନ୍ଧି ହୋଇ ରହିବା – ଉଭୟ ଲାଗିଲା ବିରକ୍ତିକର। ନୂତନତାହୀନ ପୁନଃ ଯୌନିକତା ମାତ୍ର।

ଦିନେ, ସମୁଦ୍ର କୂଳେ ଦୁହେଁ ପରସ୍ପର ଦେହରେ ଆଉଜି ପଡି, ଦୂର ପୋତମାନଙ୍କୁ ଅବଲୋକନ କଲାବେଳେ ମାଧବୀ ଗାଇଲେ ଗୋଟିଏ କରୁଣ ଅଥଚ ବିରହ ସଂଗୀତ। ସତେକି କୋଭଲନଙ୍କ ଆବିର୍ଭାବ ପୂର୍ବରୁ ପ୍ରେମରେ ପଡିଥିବା ଆଉ କେଉଁ ଗୋପନ ପ୍ରେମିକଙ୍କୁ ମନେ ପକେଇ ମାଧବୀ ଗାଉଥିଲେ ଗୀତ। ପୁରୁଷର ସନ୍ଦେହୀ ମନ ଜାଗ୍ରତ ହେଲା। ମାଧବୀ ଦିଗେ ବଢି ଚାଲିଥିବା ଜୁଆରରେ ଭଟ୍ଟା ପଡିବା ଆରମ୍ଭ ହେଲା ବୋଧେ। କୋଭଲନ୍ ଙ୍କ ଆଖିରେ ମାଧବୀରେ ପାଲଟିଗଲେ ପରକିଆ ପ୍ରୀତିରେ ଲିପ୍ତ ଜଣେ ଛଦ୍ମବେଶୀ। ହଜାରେ ଅନୁନୟ ସତ୍ତ୍ୱେ କୋଭଲନ୍ ଙ୍କ ଅବିଶ୍ୱାସ ତୁଟିଲା ନାହିଁ ।

କ୍ରମଶଃ.....

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ମୋ ପ୍ରିୟା



ପ୍ରଶାନ୍ତ ବ୍ରହ୍ମା

ଝରକା ସେପାଖେ ଅନେଇ ବସିଛି
ଆସିବକି ସତେ ପ୍ରିୟା
ଦିନ ଯାଇ ରାତି ହେଲାଣି ଯେ ଆସି
ତଥାପି ମନରେ ମାୟା ।

ବାହାରୁ ଶୁଭିଲା ଟୁପୁରୁ ଟାପୁରୁ
ସତେ ଆସୁଛି କି ସିଏ
ଧାଇଁ ଯାଇ ଦେଖେ ସେ ନୁହେଁ ପରା
ଆଉ ଜଣେ ପରା କିଏ ।

ଚେଇଁ ରହିଥାଏ ରାତିସାରା ମୁଁ ଯେ
ପ୍ରିୟାର ବାଟକୁ ଚାହିଁ
ତଥାପି ବିଶ୍ୱାସ ମନରେ ଜାଗଇ
ସତେ ଫେରିବକି ସେହି ।

ଚାହିଁ ଚାହିଁ କେତେ ବିତିଲା ବରଷ
ତଥାପି ମନରେ ଆଶା
ସତେ ଫେରିବକି ଆଜି ପ୍ରିୟାମୋର
ଗଢିବି ପ୍ରେମର ବସା ।

ପଳାଶପୁର, ଖୋର୍ଦ୍ଧା

ISSN NO.
2582-208X

# ମାସ୍କ



ଅକ୍ଷୟ ମହାନ୍ତ (ନର୍ମାଲ୍ୟ)

ଘରୁ ବାହାରିଲେ
"ମାସ୍କ ପିନ୍ଧ" ବୋଲି
ସରକାର କହୁଛନ୍ତି
ବୋଲ ମାନି ଯେତେ
ନର ନାରୀ ସବୁ
ମାସ୍କଟିଏ ପିନ୍ଧୁଛନ୍ତି।

ମୁଁ ବୋକା ମଣିଷ
ଯେତିକି ବୁଝିଛି
ସତିକି ହିଁ କହୁଅଛି
ନାକ ପାଟି ବାଟେ
ବାହାର ଜୀବାଣୁ
ଶରୀରକୁ ଯାଉ ଅଛି।

ତେଣୁ ସରକାର
ମାସ୍କ ପିନ୍ଧିବାକୁ
ବାରମ୍ବାର କହୁଛନ୍ତି
ନାକ ପାଟି ଛାଡି
ବହୁ ଲୋକ ଏଠି
ମାସ୍କଟାକୁ ପିନ୍ଧୁଛନ୍ତି।

ISSN NO.
2582-208X

ମାସ୍କଗୁଡାକ ବି
ଭିନ୍ନ କପଡାରେ
ବିଭିନ୍ନ ପ୍ରକାର ଥାଏ
ଓଠ ତଳେ ରହି
ରଂଗ ବେରଂଗର
ଦାଢି ପରି ଦେଖାଯାଏ ।

ମହିଳାମାନଂକ
ମୁହଁକୁ ଦେଖିଲେ
ଅତି ଚମତ୍କାର ଦିଶେ
ତାଂକ ମୁହଁ ଗୁଡା
ସୁନ୍ଦର ହୋଇ ବି
ପୁରୁଷଂକ ସଂଗେ ମିଶେ ।

କେଉଁ ସଫଳତା
ମିଳୁଛି ତାହାଙ୍କୁ
ସେହିମାନଙ୍କୁ ହିଁ ଜଣା
ନାରୀ ମୁଖେ ଦେଖି
ହର ରଂଗୀ ଦାଢି
ପୁରୁଷଟା ବାଟବଣା।

ଯେତେ କଟକଣା
ଲାଗୁ ହେଉ ପଛେ
ମୁଗୁରା ପଛଟା ମେଲା
ମାଛ ପରି ସବୁ
ନିୟମଗୁଡାକ
ଯିବା ପାଇଁ ଠେଲାପେଲା।

ISSN NO.
2582-208X

ସରକାର ସିନା
ନିୟମ ଲଗାନ୍ତି
ଲୋକ ତ ଅବୋଲକରା
ଶାସକ ବିରୋଧୀ
ଦୁଇ ଦଳ ଏଠି
ନିତ୍ୟ ନୈମିତ୍ତିକ ଧାରା।

ଏକ ଦଳ ପାଇଁ
ନିୟମ କୋହଳ
ସିଏ ସରକାରୀ ଲୋକ
ତାଂକୁ ଯେତେବେଳେ
ସାତଖୁଣ ମାଫ୍
ଅନ୍ୟଂକୁ ଲାଗୁଛି ଦୁଃଖ ।

ଆହେ ସରକାର
ସମସ୍ତଂକ ଲାଗି
ନିୟମ ସମାନ କର
କେବେ ଭାବନାହିଁ
"ସିଏ ତ ବିରୈଧୀ
ଇଏ ଆମ ଆପଣାର।"
***********

ମୋ ନଂ 9937462507

ISSN NO.
2582-208X

# ଅନନ୍ୟ କବି ପ୍ରତିଭା ର ନିଆରା ନମୂନା ନେଇ ଏକ ସଂକ୍ଷିପ୍ତ ଆଲୋଚନା



ବରୁଣ କୁମାର ଦାସ

ଅତି ବିଷୟାରେ ପଡ଼ନ୍ତି ଯେ ଲୋକ ।
ଜ୍ଞାନ ବୁଦ୍ଧି ଶୂନ୍ୟ ହରାନ୍ତି ବିବେକ
ଅଙ୍ଗାର ଧୋଇଲେ ନ ଛାଡ଼ଇ ମଳ ।
ପିତଳ ହୁଏନି ସୁନା ସଙ୍ଗେ ତୁଲ ।
ନଦୀଜଳ ପିଅ ହେଉ ସେ ଗୋଳିଆ ।
କୂଳକନ୍ୟା ପଛେ ହେଉ ସେ କାଳିଆ ।

ଏମିତି ମିଠା ଛନ୍ଦର କଥା ପାଠକ ମନକୁ ଛୁଇଁ ଛୁଇଁ ପାରେ । କବି ସହଜ ସରଳ ଭାଷା ଓ ଭାବରେ ସମାଜର ବାସ୍ତବ ରୂପ ଆଙ୍କିଛନ୍ତି । କବି ପୁତ୍ରଙ୍କ ପ୍ରତ୍ୟକ୍ଷ ଅନୁଧାବନକୁ ଉଦାହରଣ ସ୍ୱରୂପ ଦେଇ ଶୁଭାରମ୍ଭ କରିବା ପାଇଁ ଶ୍ରେୟ ମଣୁଚି ଏଇ ଆଲେଖ୍ୟର ।

କୌଣସି ଏକ କାର୍ଯ୍ୟରେ ବାପା ଆର୍.ଆଉ ଅଫିସ୍‌କୁ ଯାଇଥିଲେ । ମୁଁ ସେଦିନ ବାପାଙ୍କ ସହିତ ଥିଲି । କାମଟିକୁ କରିବା ପାଇଁ ଆର୍.ଆଇ ମହାଶୟ ଲାଞ୍ଚ ଚାହୁଁଥିଲେ । ତେଣୁ ବିରକ୍ତ ହୋଇ କହିଲେ କ'ଣ ଗାମୁଛା କାନ୍ଧରେ ପକାଇ ଚାଲି ଆସିଲେ କାମ ହୋଇଯିବ । ବାପାଙ୍କ ମୁହଁରୁ ବାହାରି ଆସିଥିବା କବିତା ମନେ ପଡ଼େ –

"ଗରିବର କାଳେ ଗାମୁଛା ନମୁନା ।
କାହୁଁ ସେ ପାଇବ ପଲିଷ୍ଟର କନା ।" ଇତ୍ୟାଦି....

ISSN NO.
2582-208X

ସଙ୍ଗେ ସଙ୍ଗେ ଆର୍.ଆଇ ମହାଶୟ ଡାକି କାମଟି କରିଦେଇଥିଲେ । ...ଏଇ ଘଟଣା ଅନେକ କିଛି ସ୍ତରର ଇଙ୍ଗିତ ପ୍ରଦାନ କରି ଥାଏ ।

କବିଙ୍କ ଜନ୍ମ ଗ୍ରହଣ କରିବା ତାରିଖ ଦିନ ବାର (୩୦.୦୫,୧୯୩୩) ରହିଛି କିନ୍ତୁ ମୃତ୍ୟ ନେଇ କିଛି ସ୍ପଷ୍ଟ ଭାବରେ କହିବା ସମ୍ଭବ ନୁହେଁ । ୨୦୦୪ ମସିହାରେ ଗୟା ଶ୍ରାଦ୍ଧ ଦେବା ପାଇଁ ଯାଇ ଶ୍ରୀନିବାସ ଦେ ଆଉ ଫେରି ଆସି ନାହାନ୍ତି । କବିଙ୍କ ଅନ୍ତର୍ଦ୍ଧାନର ୨୦ ବର୍ଷ ପରେ ତାଙ୍କୁ ଆଉ ନ ଫେରି ପାଇବାର ପ୍ରସ୍ତାବକୁ ଗ୍ରହଣ କରି କବି ପୁତ୍ର ଏବଂ ଆତ୍ମୀୟ ସ୍ୱଜନ ମାନେ ଶ୍ରୀନିବାସ ଦେଙ୍କୁ ମୃତ ଭାବି ସମସ୍ତ ପାର ଲୌକିକ ଶୁଦ୍ଧିକ୍ରିୟା ସମ୍ପନ୍ନ କରି ଛନ୍ତି ଗତ ବର୍ଷ । କବିଙ୍କ ଲେଖା ସବୁକୁ ସମ୍ପାଦନା କରି ନିକଟରେ ଶ୍ରୀଲିପ୍ସା ପ୍ରିଣ୍ଟ ମିଡିଆ ଦ୍ୱାରା ପ୍ରକାଶ ପାଇଛି କାବ୍ୟ ସଂଗ୍ରହ 'ଶ୍ରୀନିବାସ ପଦ୍ୟାବଳୀ' । ଏହି ସାଧୁ ପ୍ରାୟାସ କରି କବି ପୁତ୍ର ଡ଼.ଗହନ ଚନ୍ଦ୍ର ଦେ ସୁଯୋଗ୍ୟ ସନ୍ତାନ ର ପରିଚୟ ଦେଇପାରିଛନ୍ତି । ଉତ୍ତରାଧିକାର ସୂତ୍ରରେ ଡ଼. ଦେ ମଧ୍ୟ ସୃଜଶୀଳତା ବହନ କରନ୍ତି, ସାହିତ୍ୟର ପୂଜାରୀ । ପଶ୍ଚିମ ମେଦିନୀପୁର ଜିଲ୍ଲା ଅନ୍ତର୍ଗତ ସବଂ କଲେଜରେ ସଂସ୍କୃତ ଭାଷା ସାହିତ୍ୟ ର ଅଧ୍ୟାପନା ସହ ଡ଼. ଗଗନ ଚନ୍ଦ୍ର ଦେ ବିଭିନ୍ନ ପ୍ରକାରର ଲେଖା ଲେଖି କରିଥାନ୍ତି, ଏକାଧିକ ସାହିତ୍ୟ ଅନୁଷ୍ଠାନ ସହ ଯୁକ୍ତବି ।

କେବଳ ଜଣେ କବି ସୁପ୍ତ ସମାଜକୁ ଜାଗ୍ରତ କରିପାରିବ, ନୂତନ ଚିନ୍ତାଧାରା ଏବଂ ଲୋକଙ୍କ ମନରେ ମୁକ୍ତିର ସମ୍ଭାବନା ଆଣିପାରିବ, ନିଜର ଅଧିକାର ଛଡ଼ାଇ ନେଇ ଥିବା କାହା ଲାଗିବି ବିପ୍ଳବର ପ୍ରସ୍ତୁତ ହେବାର ସାହସ ଏବଂ ସାହାଯ୍ୟ ସୃଷ୍ଟି କରିପାରିବ । କବିତା ସାହସ ଏବଂ ପ୍ରତିବାଦର ଇନ୍ଧନ ପ୍ରଦାନ କରେ । କବି ଲୋକଙ୍କ ମନରେ ଶବ୍ଦର ଯାଦୁ ମାଧ୍ୟମରେ ଏକତା, ସଚେତନତା ସହ ପରିବର୍ତ୍ତନର ବାର୍ତ୍ତା ପ୍ରସାରିତ କରିବାରେ ଭୂମିକା ଗ୍ରହଣ କରି ଥାଆନ୍ତି ।

ପରିବର୍ତ୍ତନ, ବିପ୍ଳବ, ମୁକ୍ତି ଏବଂ ଏକ ଅର୍ଥପୂର୍ଣ୍ଣ ଜୀବନ ଗଠନ ପାଇଁ କବି ଶ୍ରୀନିବାସ ଦେ କବିତାକୁ ଏକମାତ୍ର ହତିଆର ବା ଟ୍ରମ୍ପ କାର୍ଡ ଭାବରେ ବାଛିଛନ୍ତି। ତେଣୁ, କବି ଛନ୍ଦରେ, ସୁନ୍ଦର ଶବ୍ଦରେ ଏବଂ ଅସାଧାରଣ ଉପସ୍ଥାପନାରେ ମାଧ୍ୟମରେ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବାକୁ ବଦ୍ଧପରିକର ।

ISSN NO.
2582-208X

ଆଜି, ଯୋଗାଯୋଗ କିମ୍ବା ଗଣମାଧ୍ୟମର ବିଭିନ୍ନ ଉପାଦାନ ବହୁତ ଆଗକୁ ବଢ଼ିଛି। କିନ୍ତୁ ଏହା ସତ୍ତ୍ୱେ, ଏହା ସ୍ପଷ୍ଟ ଯେ ଟିଭି କିମ୍ବା ପଥପ୍ରାନ୍ତ ନାଟକ ବା ଭିଡିଓ ଗୁଡ଼ିକରେ କବିତାର ଛନ୍ଦରେ ବିଭିନ୍ନ ସଚେତନତା ସୃଷ୍ଟିକାରୀ ଉପାଦାନ ଉପସ୍ଥାପନ କରାଯାଇଛି। ଏଥିରୁ ସ୍ପଷ୍ଟ ଯେ କବିତାର ପ୍ରତିଛବି, ସରଳ ଭାଷା ଏବଂ ଗୀତିମୟ କଥା ଲୋକଙ୍କ ହୃଦୟକୁ ଛୁଇଁପାରେ, ଖୋଲି ଦେଇ ପାରେ ମନର ଦରଜା । କବିତା ସାରା ବିଶ୍ୱରେ ପରିବର୍ତ୍ତନ ଆଣିବା କଥା ସର୍ବ ସ୍ତରରେ ସ୍ୱୀକୃତ। ତେଣୁ କଲମ ଅସ୍ତ୍ର ଠୁ ବଳବାନ । ଶ୍ରୀନିବାସ ଦେ ଭଳି ଜଣେ କବି ତାଙ୍କ କଲମକୁ ହତିଆର୍ କରି ସମାଜ ସୁଧାରିବା ବା ସମସ୍ୟାର ସମାଧାନ ନିମନ୍ତେ ତତ୍ପର।

ଆଜି ମଧ୍ୟ, ରେଡିଓ ଚକୋଲେଟରେ, ବିଭିନ୍ନ ସାମାଜିକ ସଂସ୍କାର, ସଚେତନତା ଏବଂ ଚେତାବନୀ ବାର୍ତ୍ତା ଛୋଟ ଛୋଟ ଛନ୍ଦ କବିତାରେ ପାଠ କରାଯାଏ କିମ୍ବା ଗାନ କରାଯାଏ ଯାହା ଦ୍ୱାରା ଲୋକମାନେ ସେଗୁଡ଼ିକୁ ଶୁଣିବାକୁ, ବୁଝିବାକୁ ଏବଂ ହଜମ କରିବାକୁ ପସନ୍ଦ କରନ୍ତି। ଫଳସ୍ୱରୂପ, ସାଧାରଣ ଲୋକ ସତର୍କତାର ସହିତ କାର୍ଯ୍ୟ କରନ୍ତି। ବ୍ୟାଧିର ନିରାମୟ ହୁଏ ।

ଶ୍ରୀନିବାସ ଙ୍କ କବିତା ସମାଜର ଦର୍ପଣ ପରି କାମ କରେ, ରାସ୍ତା ଦେଖାଇ ଥାଏ ବିପଦରୁ ମୁକୁଳିବାର ଏବଂ ସତର୍କ କରି ବେଳହୁଁ ଗୋବିନ୍ଦ ସୁମର ପାଇଁ କହେ ।

ଆଧୁନିକତା କିପରି ଲୋକଙ୍କୁ ଗ୍ରାସ କରୁଛି ତାହାର କୁପରିଣାମ ବିଷୟରେ ବହୁତ ସଚେତନ କବି । ତେଣୁ କବି ଏକ ପ୍ରାକୃତିକ ପ୍ରକ୍ରିୟା ମାଧ୍ୟମରେ ପୁରୁଣା ପ୍ରଥା ଏବଂ ପରମ୍ପରାକୁ ଫେରିବାକୁ ଚାହାଁନ୍ତି । କାରଣ ହେଉଛି ମେସିନଗୁଡ଼ିକ ଲୋକଙ୍କୁ ପରିଚାଳନା କରିପାରେ ଏବଂ ଲୋକମାନେ ସେମାନଙ୍କର ପ୍ରାକୃତିକ ପ୍ରକୃତି ହରାଇ ଭୁଲ ରାସ୍ତାରେ ନିଜର ବିନାଶ ଆଡ଼କୁ ଅଗ୍ରସର ହୋଇପାରନ୍ତି । ତେଣୁ କବିତାରେ କବି ସମସ୍ତଙ୍କୁ ସତର୍କ କରିବାର ଯଥାର୍ଥ ଭୂମିକା ଗ୍ରହଣ କରିଥିବା ସୁସ୍ପଷ୍ଟ । ଏଇ ପରିପ୍ରେକ୍ଷୀରେ କବିତାର କିଛି ନମୂନା ଆପଣଙ୍କ ସାମ୍ନାରେ ---

ISSN NO.
2582-208X

ଯନ୍ତ୍ର ଯୋଗ ଆସି ସବୁଦେଲା ଗ୍ରାସି । ତେଣୁ ଆଜ ଦିନ ଭକ୍ତ କାନ୍ଦେ ବସି
ବାଡ଼ି ଖଳେ ଦ୍ୟନ୍ତି  ଘସି ପାଉଁଶ । ଏ ସବୁ କଥାକୁ ଥିଲା ବିଶ୍ୱାସ ।
ଏବେ ଫଲିଡନ ଆଣିଲ କାହିଁ । ମାଟିରେ ବିଷକୁ ଦେଲ ବିଛାଇ । ( ପୃଷ୍ଠା ୩୪)
ନାନାଦି ଯନ୍ତ୍ରକୁ ଛାଡ଼ନ୍ତୁ । ପ୍ରାକୃତିକ ପନ୍ଥା ଧରନ୍ତୁ । ( ପୃଷ୍ଠା ୪୭)

ନାରୀ ର ଭୂମିକା ନେଇ କବି ବ୍ୟଙ୍ଗ କରନ୍ତି । ନାରୀ ସ୍ୱାଧିନତା ପଛର ଅନ୍ଧାର କବିଙ୍କୁ ଚିନ୍ତିତ କରିଛି । ନାରୀ ସ୍ୱାଧିନତା, ମୁକ୍ତି, କିମ୍ବା ଅଗ୍ରଗତି ସମ୍ପର୍କରେ କବିଙ୍କ ବିପରୀତ ଦୃଷ୍ଟି ଭଙ୍ଗୀ ନାହିଁ କିନ୍ତୁ ନାରୀ ଅଗ୍ରଗତି  ନାରୀକୁ ଭିନ୍ନ ରୁପ ଅବସ୍ଥା କୁ ନେଇ ଯିବା ନେଇ କବି ଯେମିତି ସତର୍କ ତେଣୁ ସେ କହନ୍ତି.....

ଯେ ଦିନୁ ସ୍ୱାଧୀନ ହୁଅନ୍ତି । ସ୍ୱାମୀକୁ ଇତର ମଣନ୍ତି ।
ଏ କାଳ ହେଲାକି ଓଲଟା । ହେଲେଣି ଅନେକ କୁଲଟା ।
ନାରୀ ଶୋଭା ଲଜ୍ଜା ଭୁଲିଣ  । ସଭାରେ ଦିଅନ୍ତି ଭାଷଣ । (ପୃଷ୍ଠା ୪୪)

ବିଜ୍ଞାନ ପ୍ରଯୁକ୍ତି ର ଅଗ୍ରଗତି ନେଇ ନୁହଁ ବରଂ ଶାସ୍ତ୍ର କଥାର ଅମାନ୍ୟ ସହ ସମାଜ ଯନ୍ତ୍ର ଚାଳିତ ହୋଇ ଯିବା ନେଇ କବି ଚିନ୍ତିତ, ଆଶଙ୍କା ଗ୍ରସ୍ତ ଏବଂ ବିଚଳିତ । ଦୂର ଦୃଷ୍ଟି ସମ୍ପନ୍ନ ହେବା ପାଇଁ କବି ଯେମିତି ତତ୍ପର ---

କଳିର ବଢ଼ୁଛି ବିଜ୍ଞାନ । ଶାସ୍ତ୍ର କଥା ହୁଏ ଅମାନ୍ୟ ।
ପେଟର ଜ୍ୱଳା ତ ନଗଲା । ନାନା ପ୍ରକାର ଯନ୍ତ୍ର ହେଲା । (ପୃ ୪୭)
କଳି କାଳ ଆମ୍ଭ ବିଜ୍ଞାନ ବଢ଼ୁଛି । ଶାସ୍ତ୍ର କଥା ଏବେ ପଛକୁ ରହୁଛି ।
ଯେ ଦିନୁ ବିଜ୍ଞାନ ବ୍ୟାପିଲା ଦେଶ । ଯେତେ ବଢ଼େ ସେତେ କାଳକୁ ଫାଶ  । (ପୃ ୬୪)

ରାଜନୀତି କଥା ବନ୍ୟା ସମସ୍ୟାର ମୁକାବିଲା ରୁ ଆରମ୍ଭ ହୋଇ ପ୍ରତିରୋଧ, ସଂଗ୍ରାମ, ପ୍ରତିବାଦ ଡେଇଁ ରାଜନୀତି ସହ ଯୋଡ଼ି ହୋଇ ଥିବା ସାମଗ୍ରିକ କାଇଦା, ଛଳନା, ଧୋକା ଓ ଖେଳ  କସରତ ର ରୂପ ଆଙ୍କିଛି --

ବଦଳ ବଦଳ ଚାଲେ କାରବାର,
ବିଚଳିତ ହୁଏ ମନ ଜନତାର  ।
ଲକ୍ଷ ଲକ୍ଷ ଟଙ୍କା ବିଛାଇ ବସ ।

ISSN NO.
2582-208X

ଭୋଟ ନେବ ବୋଲି ମନେ ମାନସ ।
ବାହାନା ଦେଖାଇ ଦିଅନା କ୍ଳେଶ
ରାଜନୀତି ଖେଳ ଏ କି ଉଦ୍ଦେଶ୍ୟ ।
ହାତ ଭାତ ଦେବ ଦେଲ ବିଶ୍ୱାସ ।
ରୁଟି ଖାଇ ଦିନ ହୋଇଲା ଶେଷ ।
ଭୋଟ ପାଇ ଗଲେ ଗାଦିରେ ବସ ।
କହିଥିବା କଥା ନ ଥାଏ ଲେଶ । (ପୃ ୬୧-୬୩ )

ସାମାଜିକ ଅବକ୍ଷୟ ଦୁର୍ଦ୍ଦଶା ଦୁର୍ନୀତି ଦେଖି ବ୍ୟଥିତ କବି, ବ୍ୟାଧି ନିରାକରଣ, ସଂସ୍କାର ଲାଗି ଶ୍ରୀନିବାସଙ୍କ କଲମ ଉଠିଛି ଜାଗି ।

ବ୍ଲକ ଅଫିସକୁ ନ କର ବ୍ଲାକ । ନ୍ୟାୟ ପନ୍ଥା ଧରି ହୁଅ ନାୟକ ।
କଳି କାଳେ ନର ହୁଅନ୍ତି ପାଷାଣ୍ଡ, ବଡ଼ ହେବେ ବୋଲି ସାଜିଲେଣି ଭଣ୍ଡ । (ପୃ ୫୩)

ପାଠ ପଢି ମୂର୍ଖ ହେଲେ ଚାକିରି ଖାଲି, ଧର୍ମ କର୍ମ ଶିକ୍ଷା ନାହିଁ ଅର୍ଥରେ ଭୁଲି ।
ଧନ ଥିଲେ ରୁପଟି କନ୍ଦର୍ପ ବୋଲାଇ, ଶତ୍ରୁ ଖଟେ ପାଦ ତଳେ ଭାବିଛ ଭାଇ । ( ପୃ ୬୬)

ପଛ କଥା କି ଯିବ ପୋଛି । ସତ କି ମିଛ ଦେଖ ବାଛି ।
ଭବିଷ୍ୟତ କୁ ଚିନ୍ତା କର । ମନରେ ଗର୍ବ ନାହିଁ ଧର ।
ବହୁ ଟଙ୍କା ମାରି ନିଜ ଘର ପକ୍କା । ଲୋକଙ୍କୁ ଠକାଇ କାହିଁ ଦିଅ ଧକ୍କା । (ପୃ ୬୭-୭୧)

ଭାଗବତର କଥା ଅମୃତ ସମାନ ଏକଥା ଧ୍ରୁବ ସତ୍ୟ । କବିଙ୍କ କଥା, ନୀତି ବାକ୍ୟ ଚିରନ୍ତନ ସତ୍ୟ ର ପ୍ରତୀକ । କହିଥିବା କଥା ପ୍ରଚଳିତ, ଅଜଣା ନୁହଁ କିନ୍ତୁ କବି ସମସ୍ତଙ୍କୁ ଅବଗତ କରାଇବା ଲାଗି ପୁଣି ଥରେ ସ୍ୱ ଭଙ୍ଗୀରେ ପରିବେଷଣ କରନ୍ତି ସେ ସବୁ -

ସୁନ୍ଦର ରୂପକୁ ହୁଅନାହିଁ ମୁଗ୍ଧ ।
ବୁକା ସାଜ ନାହିଁ ହୁଅନାହିଁ ଗଧ ।
ଅତି ବିଷୟାରେ ଯେ ଲୋକ ପଡ଼ନ୍ତି ।
ବୁଦ୍ଧି ଜ୍ଞାନ ବିଦ୍ୟା ବିବେକ ହରାନ୍ତି ।

ISSN NO.
2582-208X

ବନ୍ଧ ସମ୍ଭାଳଇ ଜଳର ଗତିକୁ ।
ବନ୍ଧୁର ସାହାଯ୍ୟ ବିପଦ ବେଳକୁ ।
ଚୋର ଚାହିଁଥାଇ ଅନ୍ଧାର ରାତିକି।
ସତୀ ଚିନ୍ତାକରେ ଆପଣା ପତିକି
ଜମିବାଡ଼ି ବୃତ୍ତି ଅକର୍ମା ନିନ୍ଦଇ ।
ଝିଅ ଜନ୍ମ ପାଇଁ ବେଶ୍ୟା ଲୋଡୁଥାଇ ।

ଭୋଗରାଇ ଅନ୍ତର୍ଗତ ଚିରକୁଳା ଗାଁର ଜଣେ ଅଜଣା କବିଙ୍କ କବିତାରେ ତତ୍ କାଳୀନ ବିଭିନ୍ନ ପ୍ରକାରର ଆଞ୍ଚଳିକ ସମସ୍ୟା ମୂଳତଃ ବନ୍ୟା ପ୍ରତିକାର ବ୍ୟବସ୍ଥା ନେଇ କବିଙ୍କ କଥା,ବକ୍ତବ୍ୟ ଓ ବିଦୃପ ମୂଳତଃ ଉପସ୍ଥାପିତ ହୋଇଛି । କିନ୍ତୁ ଉଲ୍ଲେଖନୀୟ ବିଷୟ ଏଇ ଯେ କବି ଶ୍ରୀନିବାସ ଦେ ସମୟ, ସ୍ଥାନ ର ଉର୍ଦ୍ଧ୍ବରେ ଉଠି ନିଜ କାବ୍ୟ ଚେତନାକୁ ସାର୍ବଜନିନ ସ୍ତରକୁ ଉନ୍ନୀତ କରିବାର ନଜିର ସ୍ଥାପନ କରିବାରେ ସକ୍ଷମ । କବିଙ୍କ ଅନେକ କଥା ଚିରନ୍ତନ, ଯଥା ଯଥ ଓ ଆମ ସମୟ ପାଇଁ ବି ପ୍ରାସଙ୍ଗିକ ।ସୁଧି ପାଠକମାନେ ଏଇ କବିଙ୍କ କୃତିକୁ ଯଥାର୍ଥ ମୂଲ୍ୟାୟନ କରି ପାରିଲେ ତାହାହିଁ ହେବ କବିଙ୍କ ପ୍ରତି ନିଆରା ଶ୍ରଦ୍ଧା ଓ ସମ୍ମାନର ପରିଚୟ ।




ଶ୍ରୀନିବାସଙ୍କ କବିତା ପଦ୍ୟା ବଳୀ

ISSN NO.
2582-208X

କୃତଜ୍ଞତା ଜ୍ଞାପନ:

୧) କବି ପୁତ୍ର ଡ଼ ଗଗନ ଚନ୍ଦ୍ର ଦେ ଙ୍କ ସହ ବାର୍ତ୍ତାଳାପ
୨) ଶ୍ରୀନିବାସ ପଦ୍ୟାବଳୀ: ସମ୍ପାଦନା ଡ଼ ଗଗନ ଚନ୍ଦ୍ର ଦେ, ଶ୍ରୀଲିପ୍ତା ପ୍ରିଣ୍ଟ ମିଡିଆ, ବାଲେଶ୍ୱର
୩) ଶ୍ରୀନିବାସ ପଦ୍ୟାବଳୀ : ଏକ ବିହଙ୍ଗାବଲୋକନ, ଦୁର୍ଯ୍ୟୋଧନ ପ୍ରଧାନ, ବିଶ୍ୱାୟନ ସାହିତ୍ୟ ସଂସଦ, ଖଡ଼ଗପୁର
୪) ଶ୍ରୀନିବାସ ପଦ୍ୟାବଳୀ ସମ୍ପର୍କରେ ପଦେ---, ଡ଼ ବିଶ୍ୱଜିତ ପଟ୍ଟନାୟକ, ଉତ୍କଳ ବିଦ୍ୟାପୀଠ,ଖଡ଼ଗପୁର

ମେଲ : barunkumardas1@gmail.com

ISSN NO.
2582-208X

# ପୂର୍ଣ୍ଣିମା



ମୋହନ କୁମାର ସ୍ୱାଇଁ

ଯେମିତି
ଜହ୍ନ, କଇଁ
ପଦୁଅଁ ମୁହଁରେ ହସ
ସେମିତି ଆକାଶ, ନଈ
ଧରଣୀ ଦେହର ବେଶ
ଯେମିତି
ଫୁଲ ଫଳ
କାଶତଣ୍ଡୀର ପ୍ରବେଶ
ସେମିତି କୁମାରୀ, ପୂର୍ଣ୍ଣିମା
କାର୍ତ୍ତିକେୟଙ୍କ ବୟସ
ବୟସ ଗୋଟେ ପରିତୃପ୍ତିର ଝଲକରେ
ଲକ୍ଷ୍ମୀମୟ ଆଜିର ପରିବେଶ।
ପୂର୍ଣ୍ଣିମା ଶୁଭ ସଂକେତର
ଶୁଭ୍ର ଆସ୍ତରଣରେ ସବୁଜ ଗାଲିଚା
ମନ୍ଦ ଇଚ୍ଛାର ମୃତ୍ୟୁ ପରର
ଜୀବନ୍ତ ଶୁଭେଚ୍ଛା ।

ବେଣାପୁର, କଣ୍ଟିଗଡିଆ, ଯାଜପୁର
୮୧୧୮୦୯୯୦୩୮

ISSN NO.
2582-208X

# ପରଶମଣି



ମନୋରଞ୍ଜନ ସୁରୁଜାଲ

ନବ ବସନ୍ତର ପରଶେ ଯେଣୁ ପାଦପ ଗଣ ।
ପଲ୍ଲବିତ ତରୁ ପର୍ଣ୍ଣରେ ରଚି ନବ ସନ୍ଧାନ ॥

କୁମ୍ଭକାର ରୂପ ବିନ୍ୟାସେ ଯେହ୍ନେ ମାଟି ଆକାର ।
ଜଡ଼ ଜୀବନ୍ତ କି ଦିଶଇ ଆହା ନବ ସମ୍ଭାର ॥

ଅଗ୍ନିର ସଂସ୍ପର୍ଶେ ସୁବର୍ଣ୍ଣ ଯେହ୍ନେ ଉଠଇ ଝଳି ।
ଖାଦ ଜଣା ପଡ଼ି ମଇଳା ଯେତେ ଯାଏରେ ଜଳି ॥

ଶୀତଳ ପରଶ ପାଇଲେ ଜଳ କରକା ସମ ।
ବିକିରଣ ମରୁ ବାଲିରେ ଦିଏ ପାଣିର ଭ୍ରମ ॥

ଶାମୁକା ଗରଭେ ଯେସନ ପାଣି ମୁକୁତା ସାଜେ ।
ରଶ୍ମି-ଜଳରେଣୁ ମିଶିଲେ ଇନ୍ଦ୍ରଧନୁ ବିରାଜେ ॥

ମଳୟ ପବନ ଛୁଁଇଲେ କାଷ୍ଠ ହୁଏ ଚନ୍ଦନ ।
ପୁଷ୍ପ ସମାହାରେ ଭ୍ରମର କରେ ମଧୁ ଗୁଞ୍ଜନ ॥

ISSN NO.
2582-208X

ସାଧୁ ସନ୍ଥ ମେଳେ ଅସାଧୁ ଯଦି କରଇ ବାସ ।
ଲୁହା ଚୁମ୍ବକର ଚରିତ୍ର ଗୋଟି ହୁଏ ପ୍ରକାଶ ॥

ସୂର୍ଯ୍ୟ ଯଦି ନିଜ ପ୍ରକାଶ ବଳେ ତେଜଇ ଧରା ।
ରୂପେ ନିରୂପମ ଚାନ୍ଦ କୁ ଦେଖ ରୂପ ବିଧୁରା ॥

ଶ୍ରୀଗୁରୁ ସାନ୍ନିଧ୍ୟେ ବଦଳି ଯାଏ ଶିଷ୍ୟର ଠାଣି ।
ଲୌହକୁ ଯେମନ୍ତ ସୁବର୍ଣ୍ଣ କରେ ପରଶମଣି ॥

ଆଇଁଲାପାଲି, ଧମା, ସମ୍ବଲପୁର

ISSN NO.
2582-208X

# ଅଚ୍ଛିଣ୍ଡା ପ୍ରଶ୍ନ



ଲକ୍ଷ୍ମଣ ମହାନ୍ତ

ମୋ ପ୍ରେମର,
ଜଟିଳ ଗଣିତକୁ ସରଳ କରିବାରେ
ବେଳେ ବେଳେ ଛନ୍ଦି ହୋଇଯାଏ, ମୋ ନିରୀହ ହୃଦୟ... ।
କେବେ ଫସେ ଭଗ୍ନାଂଶ ରେ
ତ ପୁଣି କେବେ,
ମୋ ପ୍ରେମର ପରିସୀମା ନିର୍ଣ୍ଣୟ ରେ... ।
ଅଳ୍ପ ଦିନର ମିଶାଣ ଆମର,
ହେଲେ,
ମୋ ପ୍ରେମିକା କୁ ଡର, ଦୀର୍ଘ ଦିନର ଫେଡାଣ... ।
ସିଏ ବା କେମିତି ବୁଝିବ !!!
ତା ଚଗଲି ଚାହାଣୀର ଅକଳିତ ଇଶାରା ରେ
ମୋ ହୃଦୟକୁ ହରଣ କଲାପରେ,
ଭାଗଫଳ ସହ ଗୁଣି ହୋଇଛି ମୋ ସୀମାହିନ ସ୍ପନ୍ଦନ... ।
ନା କାଢି ହେବ, ମୋ ପ୍ରେମର ପରିସୀମା
ନା ସମ୍ପର୍କର କ୍ଷେତ୍ରଫଳ... ।
ବାସ୍ ଏତିକି ଜାଣିଛି,
ସିଏ ମୋ ଗାଣିତିକ ସୂତ୍ର ସବୁ,
ଆଉ ମୁଁ, ଛିଣ୍ଡୁ ନଥିବା ପ୍ରଶ୍ନ ଖଣ୍ଡେ...।।

ସୌରୀପାଲି, ଖଟଖଟିଆ, ବୌଦ୍ଧ, ୭୬୨୦୩୦
ଭ୍ରାମ୍ୟଭାଷ: ୬୩୭୨୧୪୫୦୮୩୪

ISSN NO.
2582-208X



# ଭଞ୍ଜକଶୋର ପଟ୍ଟନାୟକଙ୍କ ଜୀବନର ଜୟଯାତ୍ରା: ଏକ ଦୃଷ୍ଟିପାତ



ସୁଦର୍ଶନ ସାହୁ

ଆତ୍ମଜୀବନୀ ଅତୀତର ସ୍ମୃତି ଉପରେ ଦଣ୍ଡାୟମାନ। ଅନୁଭୂତି ସମ୍ପନ୍ନ ବ୍ୟକ୍ତିଟିର ଭାବାବେଗ ଓ ନିଜ ଜୀବନର କାହାଣୀକୁ କଳାତ୍ମକ ମାଧ୍ୟମରେ ପ୍ରକାଶ କରିବା ହେଉଛି ଆତ୍ମଜୀବନୀ। ତେଣୁ ସମାଜରେ ଜଣେ ପ୍ରତିଷ୍ଠିତ ତଥା ପରିଚିତ ବ୍ୟକ୍ତିର ଜୀବନ ଜୀବିକା ମଧ୍ୟ ଦେଇ ଏକ ଜାତିର ଇତିହାସକୁ ଅନୁଧ୍ୟାନ କରାଯାଇପାରେ। ନିଜ ଜୀବନର କାହାଣୀ ଭିତରେ ଲୁଚି ରହିଥାଏ ଅନ୍ୟ କାହାର ବଞ୍ଚିବାର ମାଧ୍ୟମ। ବିଶିଷ୍ଟ ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସ କୁହନ୍ତି ତାଙ୍କ ଆତ୍ମଜୀବନୀ "ମିତ୍ରସ୍ୟ ଚକ୍ଷୁସା"ରେ –" ଆତ୍ମଜୀବନୀ ହେଉଛି, ନିଜ ଆପଣାର ଜୀବନଟିକୁ ବଞ୍ଚିଥିବାର କାହାଣୀ, ଏକ ବାଟ ଚାଲିବାର କାହାଣୀ, ଏକ ସ୍ୱକୀୟ ଜୀବନାବିଷ୍କାର ଓ ଜୀବନ ପରିଚୟର କାହାଣୀ।" ଏହି ଦୃଷ୍ଟିରୁ ଆଲୋଚନା କଲେ ଜନ୍ମ ଆଉ ମୃତ୍ୟୁ ବ୍ୟତିତ ବାକିତକ ଜୀବନ ହିଁ ଆତ୍ମଜୀବନୀର ମୂଳ ଉତ୍ସ।

ଭଞ୍ଜକିଶୋର ପଟ୍ଟନାୟକ ଓଡ଼ିଆ ନାଟ୍ୟ ସାହିତ୍ୟର ଇତିହାସରେ କେବଳ ଏକ ନାମ ନୁହେଁ, ଏକ ଅନୁଷ୍ଠାନ। ସେ ନାଟକ ପାଇଁ ଯେତିକି ପରିଚିତ ଗୋଟିଏ ପୋଖତ୍ ଅଭିନେତା ଭାବେ ମଧ୍ୟ ଖୁବ୍ ଜଣାଶୁଣା। ଜୀବନ ତମାମ ଦେଇଛନ୍ତି ନାଟକକୁସମୟ। ନାଟକ ତାଙ୍କର ହୋଇଛି ଭାଇ ବନ୍ଧୁ କୁଟୁମ୍ବ। ତାଙ୍କର ଅନେକ ନାଟକ ମଧ୍ୟରୁ ପାଠକାଦୃତ ନାଟକ ଗୁଡ଼ିକ:ଦେବୀ'(୧୯୪୫),ଜହର'(୧୯୪୬)'ବେନାମୀ'(୧୯୪୭),'ମାଣିକଯୋଡି'(୧୯୫୧, 'ଜୟମାଲ୍ୟ'(୧୯୫୨), 'ଅତିଥି'(୧୯୫୪), 'ଜାଗରଣ'(୧୯୫୬), 'କୂଳବଧୂ' (୧୯୫୬), 'ଆକାଶ ଯେଉଁଠି ମାଟି ଛୁଏଁ', 'ଅଶୋକସ୍ତମ୍ଭ'(୧୯୫୯), 'ଦେବଭୂମି' ଆଦି। ତାଙ୍କର ଅଧିକାଂଶ ନାଟକର ପୃଷ୍ଠଭୂମି ହେଲା ସୁଶ୍ୟାମଳ ପଲ୍ଲୀ, କେନ୍ଦ୍ରବିନ୍ଦୁ ହେଲା ପାରିବାରିକ

ISSN NO.
2582-208X

ଜୀବନର ଦ୍ୱନ୍ଦ୍ୱ ଏବଂ ଏକ ନିର୍ମଳ ଆଦର୍ଶବାଦରେ ଶେଷ ହୁଏ। ନାଟ୍ୟକାରଙ୍କ ନିରାଡମ୍ବର, ସରଳ ଓ ତୀକ୍ଷଣ ସଂଳାପରେ ଏକ ସ୍ୱତନ୍ତ୍ର ଜାଦୁଗରୀ ମାୟା ଅଛି, କାରଣ ଦର୍ଶକମାନଙ୍କୁ ଆରମ୍ଭରୁ ଶେଷ ଯାଏ ବାନ୍ଧିରଖିଥାଏ।

ନାଟକ ବ୍ୟତିତ ଅନେକ କିଛି ନ ହେଲେବି ଖୁବ କମ୍ ଗଳ୍ପ ଓ ଏକ ମାତ୍ର ଉପନ୍ୟାସ ମଧ୍ୟ ରଚନା କରିଛନ୍ତି। ଗଳ୍ପ –'ନିଲାମ', 'ଯାନ ଓ ଜନତା', 'ବାୟାଣୀ' ଓ ଉପନ୍ୟାସ 'ମରୁପଥିକ'। ଏତେ ସବୁ ଲେଖନୀ ଚାଳନା ମଧ୍ୟରେ କେବେ କେମିତି ଇଚ୍ଛା କରି ନଥିଲେ ନିଜ ଆତ୍ମଜୀବନୀ ଲେଖିବାକୁ। ଅନେକ ଆତ୍ମୀୟ ଲୋକଙ୍କ କଥାରେ ଜୀବନର ଉତ୍ଥାନ ପତନର କାହାଣୀକୁ ଜୟ କରି ଲେଖିଲେ "ଜୀବନର ଜୟଯାତ୍ରା"। ପୁସ୍ତକଟି ୧୬୦ ପୃଷ୍ଠାର କଳେବର ଓ ନିବେଦିତା ପ୍ରକାଶନୀ, କଟକ ଦ୍ୱାରା ପ୍ରକାଶିତ। ନାଟ୍ୟକାର କୁହନ୍ତି – "ତାରିଖ ମସିହା ନେଇ ଜନ୍ମ, ଜନ୍ମସ୍ଥାନ, ବଂଶାବଳୀ ଆଦି ନେଇ ଆତ୍ମଜୀବନୀମାନଙ୍କରେ ଯେପରି ଦେଖିବାକୁ ମିଳେ। ଏହି ଆତ୍ମଜୀବନୀର ସେପରି ଶୈଳୀ ବା ପରମ୍ପରାର ପ୍ରୟୋଗ ମୁଁ କରି ନାହିଁ।" ପ୍ରକୃତରେ ଏହାର ଲିଖନ କଳା ଅନ୍ୟ ଆତ୍ମଜୀବନୀ ଠାରୁ ଭିନ୍ନ ବୋଲି ନିଜେ ପ୍ରକାଶିକା ଆରମ୍ଭରୁ ବ୍ୟକ୍ତ କରୁଛନ୍ତି – "ଜୀବନର ଜୟଯାତ୍ରାରେ ରହସ୍ୟ ନାହିଁ, ରୋମାଞ୍ଚ ଅଛି; ଶିଶୁର ବାଲ୍ୟ-ଚପଳତା ନାହିଁ, ସାରଲ୍ୟ ଅଛି; ଯୌବନର ଉତ୍ସୃଙ୍ଗଳତା ନାହିଁ, ଉନ୍ମାଦନା ଅଛି; ବାର୍ଦ୍ଧକ୍ୟର ଶିଥିଳଥା ନାହିଁ, ଅଛି ପ୍ରବୀଣତା।" ଆଲୋଚନାର ସୁବିଧା ଦୃଷ୍ଟିରୁ ଆମେ ଏହାକୁ ପ୍ରଭାତ, ମଧ୍ୟାହ୍ନ ଓ ଅପରାହ୍ନ ନାମରେ ନାମିତ କରିଛେ।

## ପ୍ରଭାତ

ଓଡ଼ିଆ ନାଟ୍ୟ ସାହିତ୍ୟରେ ପରିବର୍ତ୍ତନର ବାର୍ତ୍ତାବହ ଭାବେ ପରିଚିତ ନାଟ୍ୟକାର ଭଞ୍ଜକିଶୋର ପଟ୍ଟନାୟକ। ସମାଜିକ ଓ ପାରିବାରିକ ନାଟକର ଜଣେ ଧୁରୀଣ ସ୍ରଷ୍ଟା ଭାବେ ସେ ପାଠକ ମହଲରେ ଖୁବ ପରିଚତ। ତାଙ୍କ ଜୀବନ ପ୍ରଭାତ ହୁଏ ୧୯୨୨ ମସିହା ନଭେମ୍ବର ୧୩ ତାରିଖ, କଟକ ସାଲେପୁର ଅନ୍ତର୍ଗତ ଛାଣିପୁର ଗ୍ରାମରେ। ଜନ୍ମର ସାତ ମାସରୁ ପିତାମାତାଙ୍କ ଅକାଳ ମୃତ୍ୟୁବରଣ ଯୋଗୁଁ ଜୀବନର ପ୍ରକୃତ ସୂର୍ଯ୍ୟ ଉଁଏ ବାରିପଦା ଠାରେ। ତାଙ୍କୁ ଗାଁର ଜଣେ ବ୍ୟକ୍ତି ସାଧୁ ଚରଣ ପଟ୍ଟନାୟକ ପୁଅ କରି ଆପଣେଇଲେ। ନାଟ୍ୟକାରଙ୍କର ପ୍ରଭାତ ପରିକ୍ରମା ମଧ୍ୟରେ ଆମେ ଲକ୍ଷ କରି ପାରିବା ବାରିପଦାର ପ୍ରକୃତି ଓ ତତ୍କାଳୀନ ସମୟର ଶିକ୍ଷା ବ୍ୟବସ୍ଥାର ଚିତ୍ର । ଇତିହାସ ପରିପ୍ରେକ୍ଷୀରେ ଭଞ୍ଜ କିଶୋର ଭୁଲି ନାହାନ୍ତି ଭଞ୍ଜ ବଂଶକୁ। ନାଟ୍ୟକାରଙ୍କର ପ୍ରକୃତ ନାମ ଥିଲା ହେମନ୍ତ। ଭଂଜଭୂମିର

ISSN NO.
2582-208X

କିଶୋର ଭାବେ ପୁତ୍ରର ଭବିଷ୍ୟତ ଉଜ୍ଜ୍ୱଳ ହେଉ ବୋଲି ଚିନ୍ତାକରି ତାଙ୍କ ନାମ ଦେଇଥିଲେ ଭଞ୍ଜକିଶୋର। ବାରିପଦାର ଛୋଉ ଏବଂ ରାଜାଙ୍କ ଦରବାରରେ ହେଉଥିବା ନାଟକ, ଗୀତିନାଟକର ପ୍ରଭାବ ହେତୁ କିଶୋର ଅବସ୍ଥାରୁ ସେ ନାଟକକୁ ପ୍ରଚୁର ଭଲ ପାଇବାର କାରଣ।ସେଥିପାଇଁ ନାଟକ ତାଙ୍କ ଜୀବନର ଏକ ପ୍ରାଣ ସଦୃଶ ହୋଇଥିଲା। କେବଳ ନାଟକ ନୁହେଁ। ଭଞ୍ଜ ମାଟି ତାଙ୍କୁ ପ୍ରଥମେ କବି ଭାବେ ପରିଚୟ ଦେଇଛି। ତାଙ୍କର ଗୋଟିଏ ମାତ୍ର କବିତା ସଂକଳନ "ପଥିକ ତୁମ ବଂଇଶୀ"। ଯାହା ପୁସ୍ତକର ରୂପ ପାଇପାରି ନାହିଁ। ହେଲେ ତାଙ୍କ ଆତ୍ମଜୀବନୀରେ ଦର୍ଶାଇଛନ୍ତି। ଯୁବ ସୁଲଭ ପ୍ରାଣନେଇ ଦେଶ ସ୍ୱାଧୀନତାର ସ୍ୱାଦ ଚାଖିବା ପାଇ ସେ ମଧ୍ୟ ଆପ୍ରାଣ ଚେଷ୍ଟା ଜାରି ରଖିଥିଲେ। ତାଙ୍କ କବିତା ଗୁଡିକର ମୂଳ ଉତ୍ସ ଥିଲା ଯୁବକମାନଙ୍କୁ ଦେଶ ପାଇଁ ଜାଗ୍ରତ ପ୍ରହରୀ ଭାବେ ଛିଡା କରାଇବା। ଯେଉଁ ସମୟରେ ଓଡ଼ିଆ ସାହିତ୍ୟରେ ଜାତୀୟତାର ସ୍ୱର ଦେଖା ଦେଉଥିଲା ସେ ସମୟରେ ସବୁଜ ଚେତନାର କବି ମାନେ ପ୍ରେମ ପ୍ରଣୟର କଥା କହୁଥିଲେ। ସେ ସମୟକୁ ଲେଖକ ନିନ୍ଦା କରି ତତ୍କାଳୀନ ସମୟର ସବୁଜ ପ୍ରାଣର ତରୁଣ ମାନଙ୍କୁ ଜାତି ପ୍ରତି, ମାଟି ପ୍ରତି ତାଙ୍କ ଉତ୍ସର୍ଗୀକୃତ ଭାବ ପ୍ରଦର୍ଶନ କରି ଇଂରେଜ ମାନଙ୍କ ବିରୁଦ୍ଧରେ କବିତା ଲେଖୁଥିଲେ। ଏଠାରେ ଗୋଟିଏ କବିତାକୁ ଉଲ୍ଲେଖ କରାଯାଇପାରେ।

"ଚାଲରେ ତରୁଣ ଦାରୁଣ ମରଣ
ବହ୍ନି ଶିଖାରେ ପଶି,
ଚାଲରେ ଆଗେଇ ମୁକ୍ତିର ପଥେ
କି ହେବ ଭାଳିଲେ ବସି ?"(ପୃ-୫୮)

ତାଙ୍କ କବିତା ମାନଙ୍କରୁ ପ୍ରତିକ୍ଷିତ ହୁଏ କବି ସଚ୍ଚି ରାଉତରାୟଙ୍କ ପ୍ରଭାବ ପ୍ରତ୍ୟକ୍ଷ ଭାବେ ପଡ଼ିଛି। ମାଟି ପ୍ରତି ଥିବା ମମତ୍ୱବୋଧ ଏବଂ ଭାଷା ପ୍ରତି ଥିବା ଭଲପାଇବା ତାଙ୍କ ଆତ୍ମଜୀବନୀରେ ଉଲ୍ଲେଖ କରିଥିବା ପ୍ରତ୍ୟକ କବିତରେ ଛତ୍ରେ ଛତ୍ରେ ଫୁଟି ଉଠିଛି। ଭଂଜଭୂମିର ପ୍ରାକୃତିକ ଶୋଭାକୁ ମଧ୍ୟ ତାଙ୍କ କବିତାରେ ସ୍ଥାନ ଦେଇଛନ୍ତି। ମେଘାସନର ସୁଦୃଶ୍ୟ ପର୍ବତମାଳା, ନିଘଞ୍ଚ ବନାନୀ, ଖରସ୍ରୋତାର ସ୍ରୋତସ୍ୱିନୀ ଲେଖକଙ୍କୁ ଖୁବ ଆକର୍ଷଣ କରିଛି। ଜଙ୍ଗଲି ଫୁଲର ମହୁଆ ବାସ୍ନାରେ ବିମୋହିତ ହୋଇ ସେ କେବେ କେବେ କବି ଟିଏ ସାଜିଛନ୍ତି ତ କେତେବେଳ ଭଞ୍ଜ ମାଟିର ଐତୀୟ୍ୟ ଓ କିମ୍ବଦନ୍ତୀକୁ ଯୁଗ ଯୁଗ ଧରି ଖୋଦିତ କରି ରଖିବା ପାଇଁ ତାର ଗୌରବ ଗାନ କରିଛନ୍ତି। ଏସବୁ ଆତ୍ମଜୀବନୀରେ

ISSN NO.
2582-208X

ସ୍ଥାନ ଦେଇଥିବା ତାଙ୍କ "ବିରାଟ ଭୂଇଁ ଦର୍ଶନେ" କବିତାରେ ଆମେ ଦେଖିପାରିବା। "ଶଇଳ! କି ଶୁଭକ୍ଷଣେ ତୋହ ସଙ୍ଗେ ମୁହିଁ /ଶଇଳ-ପ୍ରାଚୀର ଘେରା କପ୍ତିପଦା ଯାଇ-/ବିରାଟ ମହିମାମୟ ତପୀ ଅଧ୍ୟୁଷିତ;/ବିରାଟ ଦେଶେ ଦେଖିଲି କୀରତି ଅଦ୍ଭୁତ!/ଶୋଣ କରି ଅତିକ୍ରମ ମୟୂରଭଞ୍ଜର /ସୀମା ପାର ହୋଇଯାଉ ଅଳ୍ପ କିଛି ଦୂର;/ଶାଳ, ଅସନ, ଶିଂଶପା ପାଦପେ ଗହଳି,/ଅଦୂରେ ସମସାଚ୍ଛନ୍ନ ଘୋର ବନସ୍ଥଳୀ। /ଶୁଣାଅଛି ଏ ଅଞ୍ଚଳେ ବ୍ୟାଘ୍ର ମହାବଳ /ଗର୍ଜନ କରଇ ଘୋର ଫୁଲାଇ ଲାଙ୍ଗୁଳ।"(ପୃ-୧୯)

## ମଧ୍ୟାହ୍ନ

ତାଙ୍କ ଜୀବନର ମଧ୍ୟାହ୍ନ କଥା ଆଲୋଚନା କଲେ ଆମେ ଲକ୍ଷ୍ୟ କରିବା ଓଡ଼ିଆ ନାଟକ ଏବଂ ରଙ୍ଗମଞ୍ଚ ପାଇଁ ଏହା ଏକ ଐତିହାସିକ ଦଲିଲ୍ ସଦୃଶ। ମ୍ୟାଟ୍ରିକ ପାଠ ପରେ ପରେ କଟକ ଯାଇ ଦାଦାଙ୍କ ନିକଟରେ ରହି କିରାଣୀ ଚାକିରିରେ ଯୋଗ ଏବଂ ତାଙ୍କ ଭିତରେ ଗଜୁରି ଉଠୁଥିବା ନାଟକର ମଞ୍ଜିଟିକୁ ସେଠାରେ ଗଛରେ ରୂପାନ୍ତର କରିଥିଲେ। ବକ୍ସି ବଜାରର ଅନ୍ନପୂର୍ଣ୍ଣା ବି ଗ୍ରୁପ୍ ଭଞ୍ଜକିଶୋର ପଟ୍ଟନାୟକଙ୍କ ନାଟକ ଜୀବନକୁ ଋଦ୍ଧିମନ୍ତ କରିଥିଲା କହିଲେ ଭୁଲ ହେବ ନାହିଁ। ବାରିପଦାରେ ଥିବା ସମୟରେ ମାତ୍ର ଚାରିଖଣ୍ଡ ନାଟକ ଲେଖିଥିଲେ ଯଥା- ଝଡରାତି, ପ୍ରେମ ପୁଷ୍ପ, ପରିଣତି ଓ ଦାବୀ। କଟକର ରହଣୀ ତାଙ୍କୁ ଜୀବନରେ ଏକ ମୋଡ଼ ସୃଷ୍ଟି କରିଥିଲା। ପ୍ରଥମ ଥର ପାଇଁ ତାଙ୍କ ନାଟକ 'ହରଣଚାଲ୍' ଅନ୍ନପୂର୍ଣ୍ଣା ବି ଗ୍ରୁପ୍‌ରେ ମଞ୍ଚସ୍ଥ ହେବାପାଇଁ ପ୍ରସ୍ତୁତ ହେଉଥାଏ। ଏପଟେ ବାଙ୍କା ବଜାରର 'ଓଡ଼ିଶା ଥିଏଟର'ରେ ହରଣଚାଲ ନାଟକ ମଞ୍ଚସ୍ଥ ପାଇଁ ସାରା କଟକରେ ପ୍ରଚାର ଚାଲିଲା ଏବଂ ମଞ୍ଚସ୍ଥ ହେଲା। ନାଟ୍ୟକାର ଲକ୍ଷ କଲେ ତାଙ୍କ ହରଣଚାଲ ସହ ଏ ନାଟକର କିଛିଟା ସାମଞ୍ଜସ୍ୟ ରହୁଛି। ସେଥିପାଇଁ ନିଜ ନାଟକରେ କିଞ୍ଚିତ ପରିବର୍ତ୍ତନ କରି 'ଦେବୀ' ନାମରେ ମଞ୍ଚସ୍ଥ କଲେ। ଏଥିରୁ ଆମେ ଲକ୍ଷ କରିପାରିବା ତତ୍କାଳୀନ ସମୟରେ ଭଲ ନାଟକଟିଏ କିପରି ଭାବରେ ଅନ୍ୟମାନଙ୍କୁ ପ୍ରଭାବିତ କରୁଥିଲା। ନାଟ୍ୟକାର ଦର୍ଶାଇଛନ୍ତି "ଏହା କବିଚନ୍ଦ୍ରଙ୍କର ନୂଆ ନାଟ୍ୟକାରଙ୍କ ପ୍ରତି ହେୟ ମନେ କରିବା ଛଡ଼ା ଆଉ କିଛି ନୁହେଁ।" ସେହି ଦିନଠାରୁ ସେ ନାଟକ ସହ ଏକାତ୍ମ ଭାବେ ଯୋଡ଼ି ହୋଇ ଓଡ଼ିଆ ନାଟ୍ୟ ସାହିତ୍ୟକୁ ଭେଟି ଦେଲେ ଗୋଟେ ପରେ ଗୋଟେ ହୀରା ସଦୃଶ୍ୟ ନାଟକ। ସମାଜ ସହ ବ୍ୟକ୍ତି ମଣିଷର ଘନିଷ୍ଠତା ଥିବାରୁ ଯେ କୌଣସି ଲେଖକ ଟିଏ ସମକାଳୀନ ସମାଜର କଥା ମଧ୍ୟ ତା'ର ଆତ୍ମଜୀବନୀରେ ଉଲ୍ଲେଖ କରିଥାଏ। ନାଟ୍ୟକାର ପଟ୍ଟନାୟକଙ୍କ

ISSN NO.
2582-208X

ଆତ୍ମଜୀବନୀକୁ ଅନୁଧ୍ୟାନ କଲା ବେଳେ ଅନୁଭବ ହୁଏ ନିଜ ନାଟକକୁ ନେଇ ସୃଷ୍ଟି ହୋଇଥିବା ସମସ୍ୟା, ସମାଧାନ ଏବଂ ପ୍ରଶଂସା ଗୁଡ଼ିକୁ ବିଶେଷ ଭାବେ ବଖାଣିଛନ୍ତି ।

ପରାଧିନ ଭାରତ ବର୍ଷରେ ସ୍ୱାଧୀନତା ପାଇଁ କେତେ ଆନ୍ଦୋଳନର ସୂତ୍ରପାତ ହୋଇଥିଲା ତାହାର ବର୍ଣ୍ଣନା ମଧ୍ୟ ପ୍ରତୀକ ଭାବେ ଦେଖାଇଛନ୍ତି । ହିନ୍ଦୁ ମୁସଲମାନ ଭାଇ ଭାଇ ଓ ଜାତି ଧର୍ମ ନିର୍ବିଶେଷରେ ଭାରତମାତାର ସନ୍ତାନଗଣ ଭାରତରେ ଇଂରେଜ ଶାସନର ଅବସାନ ଘଟାଇ ସ୍ୱରାଜ ପ୍ରତିଷ୍ଠା କରିବା ଓ ରକ୍ତ ଲୋଲୁପ ପୁଞ୍ଜିପତି ବିରୁଦ୍ଧରେ ଶ୍ରମିକ ମାନଙ୍କୁ ଏକଜୁଟ କରିବା ଥିଲା 'ଜହର' ନାଟକର ଲକ୍ଷ୍ୟ । ଏହା ଜାଣିବା ପରେ ସାଙ୍ଗ ସାଥି କେତେ କିଏ ନାଟ୍ୟକାରଙ୍କୁ ମନ୍ତବ୍ୟ ଦେଲେ ତମର ଶେଷ ଦିନ ଆସିଗଲା ଇଂରେଜ ସରକାର ଅଧିନରେ ଚାକିରି କରି ସରକାରଙ୍କ ବିରୁଦ୍ଧରେ ଏପରି ନାଟକ ଲେଖୁଛ । କିନ୍ତୁ ପ୍ରକୃତରେ ନାଟକର ପ୍ରଥମ ଦିନରେ ଉଦ୍ଘାଟକ ଭାବେ ଯୋଗ ଦେଇଥିଲେ ତତ୍କାଳୀନର ଗଭର୍ଣ୍ଣର ସାର୍ ହଥଣ୍ଡ ଲୁଇସ୍ । ଲୁଇସ୍ ସାହେବ ଆରମ୍ଭରୁ ଶେଷ ବସି ନାଟକ ଦେଖୁଥାନ୍ତି । ନାଟକର ମଝିରେ ମଝିରେ ଇଂରେଜ ମାନଙ୍କ ବିରୁଦ୍ଧରେ କୋଠର ଭାବରେ ବିଭିନ୍ନ ସଂଳାପ ଭାସି ଆସୁଥାଏ । ନାଟକ ଶେଷ ହୁଏ । ସାହେବଙ୍କ ପାଖରେ ଉପସ୍ଥିତ ଥିଲେ ହରେକୃଷ୍ଣ ମହତାବ । ତାଙ୍କୁ ପଚାରୁଛନ୍ତି 'Who is the writer?' ମହତାବ ନାଟ୍ୟକାରଙ୍କୁ ଦେଖାଇ କହିଲେ –' This youngman is The writer of the play.' ସାହେବ ନାଟ୍ୟକାରଙ୍କ କାନ୍ଧରେ ହାତ ଦେଇ କହିଥିଲେ – 'Weldone, my boy. Good luck.' ଏ ଥିଲା ନାଟକ ଜହରର ପରଦା ପଛରେ କଥା । ଯାହାକୁ ଅତି ନିଖୁଣ ଭାବେ ନାଟ୍ୟକାର ଏଥିରେ ଦର୍ଶାଇଛନ୍ତି । କେବଳ ଯେ "ହରଣଚାଲ୍" କି "ଜହର" ନୁହେଁ ନାଟ୍ୟକାର ଏମିତି ଅନେକ ନାଟକ ସହ ଘଟିଥିବା ଅକୁହା ଘଟଣାକୁ ମଧ୍ୟ ବଖାଣିଛନ୍ତି ।ସେହିପରି – ଅନ୍ନପୂର୍ଣ୍ଣା ବି ରେ ମଞ୍ଚସ୍ଥ ହୋଇଥିବା ନାଟକ "ବେନାମୀ" ହେଉଛି flash back ଶୈଳୀର ପ୍ରଥମ ନାଟକଏବଂବିଶିଷ୍ଟ ଅଭିନେତା ଦୁଃଖିରାମ ସ୍ୱାଇଁ ତାଙ୍କ ଅଭିନୟ "ଗରିବ" ନାଟକରୁ ହିଁ ଆରମ୍ଭ କରିଥିଲେ ।

କେବଳ ଅନ୍ନପୂର୍ଣ୍ଣା ଥିଏଟର ନୁହେଁ, ନାଟ୍ୟକାରଙ୍କ 'ଅଶୋକସ୍ତମ୍ଭ' ଓ 'ପ୍ରତାପରୁଦ୍ର' ନାଟକ ଦୁଇଟି ଜନତା ଥିଏଟରରେ ଅଭିନୀତ ହୋଇଥିଲା । ସେ ସମୟରେ ଜନତା ଥିଏଟରରେ ବହୁ ପ୍ରତିଭାଧାରୀ ଶିଳ୍ପୀମାନେ ଥିଲେ ବୋଲି ନାଟ୍ୟକାର ବ୍ୟକ୍ତ କରିଛନ୍ତି । ସେମାନଙ୍କ ମଧ୍ୟରୁ ନଟବର ସେଣ, ଜୟରାମ ସାମଲ, ନିରଞ୍ଜନ ଶତପଥି, ଭୋଳାନାଥ ଦାସ, ନର୍ମଦା ଦେବୀ, ସରସ୍ୱତୀ ଦେବୀ ଆଦି ।

ISSN NO.
2582-208X

## ଅପରାହ୍ନ

ଜୀବନର ମଧ୍ୟାହ୍ନ ସମୟ ଯେ କର୍ମ କରିବାର ଉପଯୁକ୍ତ ସମୟ ତାହା ନାଟ୍ୟକାର ମନେ କରିଛନ୍ତି। "ସୂର୍ଯ୍ୟ ଦର୍ଶନରେ ପଦ୍ମ ଉଲ୍ଲସିତ ହୁଏ, ବିକଶିତ ହୁଏ। ସେହିପରି ମଧ୍ୟାହ୍ନର ପ୍ରଖରତା ସହିତ କର୍ମ ପ୍ରବଣତା ମଧ୍ୟ ଅଧିକ ପ୍ରଖର, ଅଧିକ କ୍ରିୟାଶୀଳ ହୋଇଉଠେ।" ସେଥିପାଇଁ ଜୀବନର ଶେଷ ବା ଅପରାହ୍ନ ସମୟ ଅବସୋସ ଲାଗେନାହିଁ। ନାଟ୍ୟକାରଙ୍କର ସମ୍ପୂର୍ଣ୍ଣ ସମୟ କେବଳ ନାଟକର କଥା ହିଁ କହିଛନ୍ତି। ଆତ୍ମଜୀବନୀର ଶେଷରେ ମଧ୍ୟ ସେପରି ବିଶେଷ ରୋମାଞ୍ଚକର କାହାଣୀ ନାହିଁ, ଅଛି ନିରୋଳା ନାଟକ ଓ ରଙ୍ଗମଞ୍ଚ ସମ୍ପର୍କରେ ଅକୁହା କଥା। କିନ୍ତୁ ଅନ୍ୟମାନଙ୍କ ଆତ୍ମଜୀବନୀରୁ ଏହା ଭିନ୍ନ ବୋଲି ବାରି ହୋଇପଡ଼େ। କାରଣ ଓଡ଼ିଆ ନାଟକ କ୍ଷେତ୍ରରେ ଯଶ ଅର୍ଜ୍ଜନ କରିଥିବା ନାଟ୍ୟକାର ଏବଂ ନାଟକଗୁଡ଼ିକୁ ସଂକ୍ଷିପ୍ତ ଭାବେ ଆଲୋଚନା କରିଛନ୍ତି। ସମସାମୟିକ ସମାଜରେ ସୃଷ୍ଟି ହେଉଥିବା ସମସ୍ୟାକୁ ନାଟ୍ୟକାର ଭଞ୍ଜକିଶୋରଙ୍କ ସହ ଅନେକ ନାଟ୍ୟକାର ମଧ୍ୟ ତାଙ୍କ ନାଟକଗୁଡିକରେ ସମସ୍ୟା ଓ ସମାଧାନର କଥା କହିଛନ୍ତି। ସେହି ଭଳି କେତେକ ନାଟ୍ୟକାରଙ୍କ ନାଟକ ଗୁଡିକୁ ଏହି ଆତ୍ମଜୀବନୀରେ ଦର୍ଶାଯାଇଛି। ରାମଚନ୍ଦ୍ର ମିଶ୍ରଙ୍କ- ମୁଲିଆ, ସେବିକା, ଘର ସଂସାର, ଭାଇ ଭାଉଜ, ମମତା, ସାଇପଡିଶା, ନରୋତ୍ତମ ଦାସ କହେ। ଗୋପାଳ ଛୋଟରାୟଙ୍କ ଫେରିଆ, ପର କାଲାମ, ପଥିକ ବନ୍ଧୁ, ନଷ୍ଟ ଉର୍ବଶୀ, ଭରସା, ଶଙ୍ଖା ସିନ୍ଦୁର, ଅର୍ଦ୍ଧାଙ୍ଗିନୀ। ଏହି ପରି ଅନେକ ନାଟ୍ୟକାରଙ୍କ ସମ୍ପର୍କରେ ଏହି ଆତ୍ମଜୀବନୀରେ ଆଲୋଚନା କରାଯାଇଛି।

ଦର୍ଶକ ମାନେ ହେଲେ କଳାକାରମାନଙ୍କର ଭଗବାନ। ଦର୍ଶକଙ୍କ ତାଳି ଓ ଗାଳି ଉଭୟ ଗୋଟିଏ କଳାକାର ଜୀବନ ଉନ୍ନତି ପାଇ ନିତ୍ୟାନ୍ତ ଆବଶ୍ୟକ। ସେହିପରି ନାଟ୍ୟକାର ଭଞ୍ଜକିଶୋର ପଟ୍ଟନାୟକଙ୍କ ନାଟକ ଗୁଡ଼ିକ ସମ୍ପର୍କରେ ଦର୍ଶକ, ଆଲୋଚକ ଓ ଗବେଷକ ମାନେ ଯାହା ମତ୍ତ ଦିଅନ୍ତି ତାକୁ ଆତ୍ମଜୀବନୀର ଅପରାହ୍ନ ବା ଶେଷ ଆଡକୁ ସଂଯୋଜିତ କରିଛନ୍ତି ଏବଂ ନାଟକକୁ ଦେଖି ପରଖି ମତାମତ ଦେଇଥିବା ନାଟ୍ୟ ପ୍ରେମୀମାନଙ୍କର ମତାମତଗୁଡ଼ିକ ମଧ୍ୟ ଏଥିରେ ସ୍ଥାନିତ।

"ପେଷାଦାର ରଙ୍ଗମଞ୍ଚ ପାଇଁ ନିଜର ଏକ ସ୍ୱତନ୍ତ୍ର ଶୈଳୀ ସୃଷ୍ଟି କରି ତତ୍କାଳୀନ ଓଡ଼ିଆ ନାଟ୍ୟ ଜଗତ ଓ ରଙ୍ଗମଞ୍ଚ ଏକ ପ୍ରଚଣ୍ଡ ପ୍ରତିଭା ରୂପେ ବେଶ ଖ୍ୟାତ ଅର୍ଜନ କରିଛନ୍ତି ଭଞ୍ଜ କିଶୋର।"(ଇସ୍ତାହାର)

ISSN NO.
2582-208X

"ଅଶୋକ ସ୍ତମ୍ଭ ଅଭିନୟ ପରେ କିନ୍ତୁ ଏହି ଶ୍ରେଣୀର ବୋହୁ ଦର୍ଶକ ବିସ୍ମିତ ହୋଇଥିବାର ଅନୁଯୋଗ ମୁଁ ଶୁଣିଛି। ଗତାନୁଗତିକତାର ସରଳ ଗୁଳା ଛାଡ଼ି ଭଞ୍ଜ କିଶୋର ବ୍ୟତିକ୍ରମର ରାସ୍ତାରେ ପହଞ୍ଚି ଯାଇଛନ୍ତି। ××× ଭଞ୍ଜ କିଶୋରଙ୍କର ସୃଜନଶୀଳ ଲେଖନୀ ଆମ ନାଟ୍ୟ ସାହିତ୍ୟକୁ ଆଉ ଅଧିକ କିଛି ଦାନ କରିବ, ଏହି ଆଶାରେ ମୁଁ ଆଜି ପ୍ରତୀକ୍ଷମାଣ।"(ବିଭୂତି ପଟ୍ଟନାୟକ)

"ଓଡ଼ିଆ ନାଟକକୁ ତଥା ନିଜ ନାଟକକୁ ଯଥାର୍ଥରେ ଲୋକପ୍ରିୟ କରାଇବାରେ, ଓଡ଼ିଆର ପ୍ରତିଟି ସ୍ୱପ୍ନକୁ ନାଟକ ମାଧ୍ୟମରେ ରୂପାୟିତ କରାଇବାରେ ଭଞ୍ଜକିଶୋରଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ।"(ହେମନ୍ତ କୁମାର ଦାସ)

ବସ୍ତୁତ "ଜୀବନର ଜୟଯାତ୍ରା" ସମକାଳୀନ ସମୟର ସାମାଜିକ, ସାଂସ୍କୃତିକ,ଐତିହାସିକ ତଥ୍ୟ ଅପେକ୍ଷା ଅଧିକ ତତ୍କାଳୀନ ସମୟର ରଙ୍ଗମଞ୍ଚ ଓ ନାଟକଗୁଡିକ ସମ୍ପର୍କରେ ଅଧିକ ଚର୍ଚ୍ଚା କରାଯାଇଛି। ଏଥିରେ ମୁଖ୍ୟତଃ ଅନ୍ନପୂର୍ଣ୍ଣା ବି ଗ୍ରୁପ୍ ଏବଂ ବିଶିଷ୍ଟ ନାଟ୍ୟକାର, ଅଭିନେତା ମାନଙ୍କ ସହ ପରଦା ପଛରେ ଘଟିଥିବା ଘଟଣାଗୁଡିକୁ ଗୁରୁତ୍ୱ ଦିଆଯାଇଛି। ଶେଷରେ ଏତିକି କହିପାରିବା ଓଡ଼ିଆ ନାଟକ ଓ ରଙ୍ଗମଞ୍ଚର ଇତିହାସ କ୍ଷେତ୍ରରେ କାଳିଚରଣ ପଟ୍ଟନାୟକଙ୍କ ଆତ୍ମଜୀବନୀ 'କୁମ୍ଭାର ଚକ' ଯେତିକି ସହାୟକ ହେଉଛି। ଠିକ୍ ଅନୁରୂପ ଭାବେ ଭଞ୍ଜକିଶୋର ପଟ୍ଟନାୟକଙ୍କ ଆତ୍ମଜୀବନୀ 'ଜୀବନର ଜୟଯାତ୍ରା' ସେତିକି ସହାୟକ ହେବ ବୋଲି ବିନା ସନ୍ଦେହରେ କହିପାରିବା।

## ସହାୟକ ଗ୍ରନ୍ଥସୂଚୀ

୧. ଦାସ, ହେମନ୍ତ କୁମାର, "ଓଡ଼ିଆ ନାଟକର ଐତିହାସିକ ବିବର୍ତ୍ତନ", ଏସ ବି ପବ୍ଲିକେଶନସ, କଟକ, ପ୍ରଥମ ସଂସ୍କରଣ ୨୦୦୬।

୨. ପଟ୍ଟନାୟକ, ଭଞ୍ଜକିଶୋର, "ଜୀବନର ଜୟଯାତ୍ରା", ନିବେଦିତା ପ୍ରକାଶନୀ, କଟକ।

୩. ମଲ୍ଲ, ଅଜାମ୍ବର, "ଓଡ଼ିଆ ଆତ୍ମଜୀବନୀ ସମୀକ୍ଷଣ", ବିଜୟିନୀ ପବ୍ଲିକେଶନ୍ସ, କଟକ, ପ୍ରଥମ ପ୍ରକାଶନ ୨୦୧୩।

ISSN NO.
2582-208X

୪. ନାୟକ, ଲାବଣ୍ୟ, "ଓଡ଼ିଆ ଜୀବନୀ ଓ ଆତ୍ମଜୀବନୀ", କାହାଣୀ ପ୍ରକାଶନୀ, କଟକ, ପ୍ରଥମ ସଂସ୍କରଣ ୨୦୧୧ ।

୫. ଶତପଥି। ନାରାୟଣ, "ଓଡ଼ିଆ ନାଟକ- ନାଟ୍ୟକାର", ବ୍ରହ୍ମପୁର, ଓଡ଼ିଶା ବୁକ୍ ହାଉସ୍, ପ୍ରଥମ ପ୍ରକାଶ ୧୯୬୫ ।

ଗବେଷକ
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା
Email- pintusudarsansahoo29@gmail.com

ISSN NO.
2582-208X

# ମୁଁ ତୁମ ପ୍ରେୟସୀ



ଶୁଭସ୍ମିତା ମହାପାତ୍ର

ଯୌବନ ପରଶ
ଛୁଇଁଲା ପରେ,
କଳ୍ପନାକୁ ଅତିକ୍ରମ କରି
ଏଯେଉଁ ରୂପ ପାଇଲି
ତୁମରିପାଇଁ !

ମଧୁର ବାସନା କଲା ଆନମନା
ଗଲିମୁଁ ସବୁ ପାଶୋରି
ନିଦ୍ରିତେ ଅବା ଜାଗରଣେ କିକାରଣେ
ପ୍ରତି ପଲକରେ ତୁମରି ରୂପ
ସକଳ ସାନିଧ୍ୟେ ଅବା ସଞ୍ଜ ମଧ୍ୟେ
ମୁହୂର୍ତ୍ତେ ପଲକ ପଡ଼ିଲେ
ତୁମ ପ୍ରେମଛାପ ।

ଦୁଃଖ ଅବା ବିଷାଦରେ
ଅବା ପ୍ରମାଦରେ
ତୁମ ପ୍ରେୟସୀ ହେବାର ସୁଖଟିକିକ,
ମନେ ଜ୍ୟୋତିସମ ଜଳୁଥାଏ
ଯେତେସେ ଜଳୁଥାଏ ସେତେ ମତେ ଜାଳୁଥାଏ ।

ISSN NO.
2582-208X

ଜାଣିଛି ବିରହ ଯନ୍ତ୍ରଣାଦାୟକ
ତଥାପି କାହିଁକି
ସେଥିକି ମନ ବଳୁଥାଏ ,
ତୁମେକି ଜାଣିବ ମନର କଥାକୁ
ଦୂର ବନ୍ଧୁତୁମେ ଆପଣା ସହରେ ,
ଆଲୋକ ଶଯ୍ୟାରେ ଦିନଯାଏ ।

ପତ୍ନୀ ସ୍ୱୀକୃତି ଲୋଡାନାହିଁ କେବେ
ସେ ସୌଭାଗ୍ୟ ଥିବ ଅବା ନାହିଁ,
ଚିର ପ୍ରେୟସୀ ସ୍ୱୀକୃତି
ଦେବ ବାରେ
ପ୍ରେୟସୀ ସୁଖକି ପତ୍ନୀ ହେବାରେ ମିଳିପାରେ!

ପତ୍ନୀ ହୁଏକି ପ୍ରେୟସୀ
ଏତିକି କରିବ ମୋପାଇଁ କି
ତବ କରଚରଣକୁ ମଥାରେ ଛୁଆଁଇ ମୋର
ପ୍ରେୟସୀ ହୋଇମୁଁ
ସାନିଧ୍ୟ ଲଭିବି ସେହିକ୍ଷଣି ।

ପଳାଶୁଣି ନରଗାଙ୍ଗ
ବାଙ୍କୀ, କଟକ

ISSN NO.
2582-208X

# ବୈବାହିକ ଜୀବନ



ମଞ୍ଜିଲ୍ ଦାଶ

ଆଭୂଷଣ ମୋର ଅବା କଣ ହେବ
ଆଭୂଷଣ ଦାନ କରିଦେଲେ
ବଡ଼ ଆଭୁଷଣ, ତମେହିଁ ରହିଯିବ ।।

ଧନ ମୋର କଣ ହେବା ହୋ !
ତମେ ଦାନ କଲେ ଧନ,
ଅଜସ୍ର ଧନର ମୁକ୍ତା ହୋଇ ତୁମେ ରହିଯିବ ।।

ଲୋଭ କରିବି ହୋ ମୁଁ, ଆଉ କାଇଁ କାହା ଠାରେ
ବଡ଼ କପଟିଆ ଛଜଳିଆ କାଳିଆ
ମୋତେ ଲୋଭ ରେ ଛନ୍ଦିଚି ତୁମ ଦୁଇ ନୟନେ ।।

ଦୁଃଖୀ ର ଦୁଃଖରେ ରହିବି ମୁଁ ସଦା ଦୁଃଖୀ
ତୁମେ ଦୁଃଖୀ ର ଦୁଃଖକୁ ଦୂର କରି ଦେଲେ
ସଦାସର୍ବଦା ରହିବି ତୁମ ଉପରେ ଖୁସି ।।

ଭୋକିଲା ର ପେଟରେ ପଡ଼େ ଓଦା କନା,
ଅଳ୍ପ ଥିଲେ ବି ଭୋକିଲା ବ୍ୟକ୍ତି ଙ୍କୁ ପାରସୀ ଦେବା ଦୁଇଦାନା
ନାନା ପ୍ରକାର ବ୍ୟଞ୍ଜନା ।।

ISSN NO.
2582-208X

ଦୁଃଖୀ ର ଦୁଃଖ ରେ
ସୁଖୀ ର ସୁଖରେ
ହୋଇଥିବା ଦୁହେଁ ଦୁଃଖୀ ସୁଖୀ
ତେବେ ପାରି ହେବା ସାତ ସମୁଦ୍ର ତେର ଗାଁ, ନଈ ।।

ବୈବାହିକ ଜୀବନ ଖୁସିରେ ରହିବ
ମନରୁ ଲୋଭ, ମୋହ କୁ ଦୂର କରିବ
ତେବେ ଦାମ୍ପତ୍ୟ ଜୀବନ ଖୁସିରେ କଟିବ ।।

ଖୋର୍ଦ୍ଧା (ଜଟଣୀ)

ISSN NO.
2582-208X

# ଭୁଲ ବୁଝାମଣା



ମୋନାଲିସା ପଣ୍ଡା

ସେଦିନ ରବିବାର ଥାଏ । କାନ୍ଥ ଘଣ୍ଟା ରୁ ଶବ୍ଦ ଶୁଭିଲା, ରିମା ଚମକି ଉଠି ଦେଖେତ ରାତି ବାର ଟା ହେଇଯାଇଛି । ଏଯାଏଁ ରମଣ ଆସିନି । ପ୍ରତ୍ୟକ ଦିନ ସେ ଡେରି ରେ ଫେରୁଛି, ଆଉ ସକାଳୁ ଜଳଖିଆ ଧରି ଚାଲି ଯାଉଛି ଅଫିସକୁ । ରମଣ ଗୋଟିଏ କମ୍ପାନୀ ରେ ଇଞ୍ଜିନିଅର ଭାବରେ ଚାକିରୀ କରୁଛି । ରିମା ଜଣେ ସୁଗୃହିଣୀ, ଘର ର ସବୁକଥା ବୁଝେ । ରମଣ ନିଜ ପରିବାର ତଥା ସ୍ତ୍ରୀ କୁ ସମୟ ନ ଦେବା ଦେଖି ରିମା ବେଳେ ବେଳେ ରାଗିଯାଏ । କହେ ସବୁବେଳେ ଖାଲି ଟଙ୍କା ଟଙ୍କା, ସ୍ତ୍ରୀ ର ଆଉ ଚିନ୍ତା ନାହିଁ, ଡେରିରେ ଆସୁଛ, ଶୀଘ୍ର ଚାଲିଯାଉଛ, ଏପରି ଅନେକ କଥା ।

ରମଣ କିନ୍ତୁ କିଛି ପ୍ରତ୍ୟୁତ୍ତର ଦିଏନି । ଶୁଣିକି ବି ନ ଶୁଣିଲା ପରି ଚାଲିଯାଏ । ରିମା କୁ ତାହା ବହୁତ ଆଘାତ ଦିଏ । ଦୁହେଁ ପାଞ୍ଚ ଛଅ ବର୍ଷ ପୂର୍ବ ରୁ ଇଚ୍ଛା ମୁତାବକ ବାହା ହୋଇଥିଲେ । ହଠାତ ଏମିତି କଣ ହେଇଗଲା ଯେ ରମଣ ର ଏତେ ପରିବର୍ତ୍ତନ? କିଛି ଅସୁବିଧା ଥିବ କି ଯାହା ସେ ପ୍ରକାଶ କରିପାରୁନାହିଁ! ନାଁ କିଛି ଖରାପ ଅଭ୍ୟାସ ? ବୋଧେ ନିଶା ଦ୍ରବ୍ୟ ନେଉଛନ୍ତି, ଏମିତି ମନରେ ତାର ଅନେକ ପ୍ରଶ୍ନ ଉଙ୍କି ମାରେ । କିନ୍ତୁ ଉତ୍ତର ଖୋଜି ନ ପାଇ ରିମା ଛଟପଟ ହୁଏ ।

ହଠାତ ରିମା ଦିନେ ଚିନ୍ତା କଲା, "ଆଉ ନାହିଁ, ବହୁତ ହେଇଗଲା, ମୁଁ ଆଉ ତାଙ୍କ ରାସ୍ତା ର ପ୍ରତିବନ୍ଧକ ହେବି ନାହିଁ । ତାଙ୍କୁ ଯଦି କେହି ପସନ୍ଦ ଆସିଛି, ଆଉ ମୋତେ କହି ପାରୁନାହାନ୍ତି, ତ କିଛି କଥା ନାହିଁ, ମୁଁ ତାଙ୍କ କହିବା ପୂର୍ବରୁ ଦୂରେଇଯିବି । ପାଞ୍ଚ ଛଅ ବର୍ଷ ହେଲା, ଛୁଆ ପିଲା ହେଇନାହିଁ, ବାପା ହେବାର ସୌଭାଗ୍ୟ ମୁଁ ପ୍ରଦାନ କରିପାରିନାହିଁ,

ISSN NO.
2582-208X

ସେଥିପାଇଁ ରମଣ ମୋ ଠୁ ଦୁରେଇ ଯାଉଥିବେ । ଠିକ ଅଛି, ସେ ଯାହାକୁ ପସନ୍ଦ କରିଛନ୍ତି-ତା ସାଥିରେ ଖୁସିରେ ରୁହନ୍ତୁ । ନୂଆ ସଂସାର କରନ୍ତୁ, ମୁଁ ଆଉ ତାଙ୍କ ପଥର କଣ୍ଟା ସାଜିବିନି ।ମୁଁ ମୋ ମା ଘର ଯିବି, ଆଉ ସେଠୁ ଛାଡ଼ ପତ୍ର କାଗଜ ପଠେଇ ଦେବି ।"

ମନେ ମନେ ଦୃଢ଼ ସଂକଳ୍ପ ନେଇଗଲା ରିମା -ସେ ରମଣ ସହିତ ଆଉ ରହିବନି । ମନରେ ଅଭିମାନ ର କୋହ ଜକେଇ ଆସିଲେବି ସମ୍ଭାଳି ନେଲା । ଗୋଟିଏ କାଗଜ ରେ ଚିଠି ଟିଏ ଲେଖିଲା-ଯାହା ସେ ନିଷ୍ପତି ନେଇଥିଲା । ରମଣ ଆସିବାରୁ ତାଙ୍କୁ ଚିଠି ଟି ଦେଲା, ଭାବିଥିଲା ରମଣ ଚିଠି ପଢି ମନା କରିବ ଯିବା ପାଇଁ, କିନ୍ତୁ ତାର ଓଲଟା ହେଲା । ରମଣ ମନା କଲାନି, ବରଂ ଟାକ୍ସି ଡାକିଦେଲା ଯିବାପାଇଁ । ରିମା ଆହୁରି ରାଗିଗଲା । କିଛି ନ କହି ନିରବରେ ଚାଲି ଆସିଲା ନିଜ ମାଆ ଘରକୁ, ନିଜ ମାଆ କୋଳରେ ଅଜାଡି ହୋଇ ପଡି, ଅନର୍ଗଳ ଭାବରେ କାନ୍ଦି ବାକୁ ଲାଗିଲା । ଜିଦ କରି ବାହା ହୋଇଥିବାର ପରିଣାମ ମିଳିଗଲା ଭାବି ବାରମ୍ବାର ନିଜ କର୍ମ କୁ ନିନ୍ଦି ଚାଲିଥିଲା । ତା ମନର ମଣିଷ ଚିନହୀ ପାରିଲାନି ବୋଲି ତାର ବହୁତ ଅଭିମାନ, ସେହି କୋହ ତାର ଅଶ୍ରୁ ଆକାରରେ ବୋହି ଚାଲିଥିଲା ।

ତାର ମାଆ ବାପା ର ଏକ ମାତ୍ର ଅଳି ଅଳି ଝିଅ ଥିଲା ରିମା । ତାକୁ ସେମାନେ ବୁଝାଇଲେ, ଛାଡ଼ ପତ୍ର ଦେଇ ଅନ୍ୟତ୍ର ବାହା କରିବାର ପ୍ରତିଶୃତି ଦେଲେ । କିନ୍ତୁ ସେ ମନା କରିଦେଲା ରମଣ ଛଡା ଆଉ କେହି ତା ଜୀବନରେ ଆସିପାରିବେନି । ରମଣ ସିନା ତା ଭଲ ପାଇବାକୁ ଭୁଲି ଗଲା, କିନ୍ତୁ ସେ ଭୁଲି ବନି ।ବାକି ତକ ଜୀବନ ରମଣ ର ସ୍ମୃତି ରେ ଏକା ଏକା କାଟିଦେବ ।

ତା ପରଦିନ ରମଣ ଯେତେବେଳେ ସକାଳୁ ଉଠିଛି, ଘରଟା ଖାଁ ଖାଁ ଲାଗିଛି । ଚାରିଆଡେ ରିମା ର ସ୍ୱର ଶୁଭିଲା ପରି ଅନୁଭବ ହେଉଛି । ସେ ବ୍ୟସ୍ତ ହୋଇପଡି ରିମା କୁ ଫୋନ ଲଗେଇଛି, ଭାବିଛି ଫୋନ କରି ଘର କୁ ଚାଲି ଆସିବା ପାଇଁ କହିବ, କିନ୍ତୁ ଫୋନ୍ ତୋ କରିଛି ହେଲେ ଆସିବା ପାଇଁ କହିବା ବଦଳରେ ଫୋନ କୁ ପୁଣି ରଖିଦେଇଛି । ଏପଟେ ରିମା ମଧ୍ୟ ମୋବାଇଲ କୁ ଧରିଛି, ଆଉ ଭାବୁଛି ଫୋନ କରି ଭଲ ମନ୍ଦ ପଚାରିବ । ଖାଇବା ଠିକ ସମୟ ରେ ଖାଇ ନିଜ ଶରୀରର ଧ୍ୟାନ ନେବା ପାଇଁ ରମଣ କୁ କହିବ, କିନ୍ତୁ ସାହାସ ହେଇନି, ନିଜ ଅଭିମାନ ପାଖରେ ସେମାନେ ହାର ମାନିଯାଇଛନ୍ତି । ଏମିତି ଅନେକ ଦିନ ବିତି ଯାଇଛି, ଦୁହେଁ ଦୁହିଁଙ୍କ ବିନା ସମୟ ଅତିବାହିତ କରିଚାଲୁଛନ୍ତି, ଦୁହିଁଙ୍କ

ISSN NO.
2582-208X


ଅନୁପସ୍ଥିତି ର କଷ୍ଟ ସହ୍ୟ କରି ଦୁହେଁ ହୋଇଯାଇଛନ୍ତି ଜଡ଼ ସଦୃଶ । କୌଣସି କାମରେ ମନ ନାହିଁ । ଦୂରେ ରହି ଜଣେ ଆର ଜଣ ଙ୍କର ଅନୁପସ୍ଥିତି ମର୍ମେ ମର୍ମେ ଅନୁଭବ କରୁଛନ୍ତି । ହେଲେ କେହି କାହାକୁ କହୁନାହାନ୍ତି ।

ରମଣ ଭାବୁଛି, "ମୁଁ ଟିକେ ତାଙ୍କ ଉପରେ ଅଭିମାନ କରିଥିଲି, କିଏ କଣ ଏମିତି ଘର ଛାଡି ଚାଲିଯାଏ ? ମୋ ମତରେ ସେ ଭୁଲ କରିଛନ୍ତି, ଘର ଛାଡି ଚାଲିଯିବାର, ମୁଁ ତାଙ୍କୁ ଡାକିବିନି, ସେ ପ୍ରଥମେ ମୋତେ କ୍ଷମା ମାଗିବେ ଆଉ ଘରକୁ ଆସିବେ । "ଆଉ ଏପଟେ ରିମା ଭାବୁଛି, "ମୋ ଛଡା ତାଙ୍କୁ କିଏ ଏତେ ସ୍ନେହ ଦେଲା ଯେ, ମୁଁ ଘର ଛାଡି ଚାଲିଆସିଲି! ତାପରେ ବି ମୋତେ ଫୋନ କରି ଡାକୁନାହାନ୍ତି । କ୍ଷମା ନ ମାଗିଲା ପର୍ଯ୍ୟନ୍ତ ମୁଁ ତାଙ୍କ ପାଖକୁ ଯିବି ନାହିଁ କି କଥା ବି ହେବି ନାହିଁ । "ଏମିତି ଭୁଲ ବୁଝାମଣା ରେ ସନ୍ଦେହ ଆହୁରି ବଢ଼ି ଚାଲିଛି ।

କେତେ ଦିନ ଗଲା ପରେ ରିମା ର ମାଆ ଛାଡ଼ପତ୍ର ଦେବା ପାଇଁ ଓକିଲ ଠୁଁ କାଗଜ ପତ୍ର ଧରି, ରିମା କୁ ନେଇ ରମଣ ପାଖକୁ ଯାଇଛନ୍ତି । କଲିଙ୍ଗ ବେଲ୍ ବାଜିବାରୁ ରମଣ କବାଟ ଖୋଲି ଦେଖେ ତୋ ରିମା ଛିଡା ହେଇଛି, ଯେତେବେଳେ ରମଣ ରିମା କୁ ଦେଖିଛି, ସେ କିଛି କହିପାରିନି, ନିର୍ବାକ ହୋଇ ଚାହିଁ ରହିଛି । ରମଣ ବିନା ଅନୁମତିରେ ବି ଘର ଭିତରକୁ ପସି ଆସିଛି ରିମା । ସେ ଦେଖିଛି ଯେମିତି ଘର ଛାଡି ଯାଇଥିଲା, ସେମିତି ଘର ପଡ଼ିରହିଛି, ବୋଧେ ସେ ଗଲା ଦିନ ଠାରୁ ଘର ଝାଡୁ ମଧ୍ୟ ହେଇନି । ରମଣ ର ଅଜାଣତରେ ବେସଜଡ଼ା ଘରକୁ ସଜାଡି ଦେଇଛି । ବେଢଙ୍ଗ ରେ ଥିବା ସାମଗ୍ରୀ କୁ ଉଚିତ ସ୍ଥାନ ରେ ରଖିଦେଇଛି । ରମଣ ସବୁ ଦେଖୁଛି, ହେଲେ ନ ଦେଖିଲା ପରି ଅଭିନୟ କରିଛି, ମନେ ମନେ ଖୁବ ଖୁସି ହୋଇଛି, ଭାବିଛି ଆଜି ବି ରିମା ତାକୁ ଭୁଲିନି କି ତା ଘରର ଯତ୍ନ ନେବା ଛାଡ଼ିନି, ଠିକ ଏତିକି ବେଳେ ରିମା ର ମାଆ ଡିଭୋର୍ସ ପେପର କୁ ରମଣ ହାତକୁ ବଢ଼େଇ ଦେଇଛନ୍ତି । ପ୍ରଥମେ ସେ କାଗଜ ଦେଖି ଆଶ୍ଚର୍ଯ୍ୟ ହେଇଛି, ଏବଂ ଛଳ ଛଳ ନୟନରେ ରିମା କୁ ଚାହିଁ ରହିଛି ରମଣ । ତା ଓଠ ଥରି ଯାଇଛି, କିଛି କହିପାରିନି । କଲମ ଆଣିକି ଆସିଛି ଆଉ ସେ କାଗଜ ଖଣ୍ଡ କୁ ଟେବୁଲ ଉପରେ ଥୋଇ ଦେଇଛି ।

ତତ୍ପରେ ରିମା ର ମାଆ ଟାକ୍ସି ଡ଼ାକିବା ପାଇଁ କହିଛି ରିମା କୁ । ଏହା ଶୁଣି ରିମା ଏବଂ ରମଣ ଦୁହେଁ ସ୍ତବ୍ଧ ହେଇଯାଇଛନ୍ତି । ଅପଲକ ନେତ୍ର ରେ ଦୁହେଁ ଦୁହିଁଙ୍କୁ ଚାହିଁ ରହିଛନ୍ତି ।

ISSN NO.
2582-208X

ଲାଗୁଛି ହୃଦୟ କୁ କିଏ ତୀର ବିଦ୍ଧ କରି ଅଜାଣତରେ କାଢି ନେଇଯାଉଛି । ଦୁହିଁଙ୍କ ହୃଦ ସ୍ପନ୍ଦନ ଧୀରେ ଧୀରେ ବଢ଼ି ଚାଲିଛି । ରିମା ନିରୀହ ଚାହାଁଣୀରେ ସତେଯେମିତି କହୁଛି- "ମୋତେ ଯିବାକୁ ଦିଅନି ରମଣ, ମୋତେ ଥରୁଟିଏ କହ- ତୁ ଏଠୁଁ ଯାଆନା ।

ମୁଁ ତୋ ବିନା ରହିପାରିବିନି, ଦୟାକରି ଥରୁଟିଏ କୁହ ରମଣ ! ମୁଁ ସବୁ ଅଭିମାନ ଭୁଲିଯିବି । ମୁଁ ତୁମକୁ ଆଉ ସନ୍ଦେହ କରିବିନି । ତୁମେ ଡେରି ରାତିରେ ଫେରିଲେବି ଆଉ କିଛି କହିବିନି, କିନ୍ତୁ ଏଠୁ ଯଦି ପଳେଇବି ମୁଁ ତୁମ ବିନା ମରିଯିବି । ମୋତେ ଦୟାକରି ଯିବାକୁ ଦିଅନି ରମଣ । ଥରୁଟିଏ ତୋ ଅଟକାଅ ମୋତେ । "ଏପଟେ ରମଣ ବି ଭାବୁଛି- "ମୋତେ ଛାଡି ତୁମେ ଯାଅନି ରିମା । ମୁଁ ସତରେ ତୁମ ବିନା ରହିପାରିବିନି । ଆଜି ଆସି ବେସଜଡ଼ା ଘରକୁ ସିନା ସଜାଡି ଦେଲ, ହେଲେ ତୁମ ବିନା ମୋ ହୃଦୟ ସବୁବେଳେ ବେସଜଡ଼ା ପଡିଛି, ତାକୁ କିଏ ସଜାଡ଼ିବ। ଘର ସିନା ଆଖି କୁ ଦେଖାଗଲା କିନ୍ତୁ ମୋ ହୃଦୟ ର କଷ୍ଟ କୁ ତୁମେ କଣ ଦେଖିପାରିଲନି । ଆମର ସନ୍ତାନ ଦରକାର ନାହିଁ ରିମା, ଦୁହେଁ ଦୁହିଁଙ୍କୁ ଦେଖି ବାକିତକ ଜୀବନ ବଞ୍ଚିଯିବା । ମୁଁ ଆଉ ଡେରିରେ ଆସିବିନି, ତୁମକୁ ମୁଁ ସମୟ ଦେବି । ଦୟାକରି ଯାଅନି । ଥରୁଟିଏ କହ-ଏଇଟା ମୋ ଘର, ଆମ ଦୁହିଁଙ୍କର ଘର, ମୁଁ ଏଠୁଁ ଯିବିନି, ତୁମେ ଯିବାକୁ କହିଲେବି ଯିବିନି । କୁହ ନାଁ-ମୁଁ ଖୁସିରେ ଭାବବିହ୍ୱଳ ହୋଇ ତୁମକୁ ଛାତିରେ ଜାବୁଡି ଧରିବି । କେବେ ଆଉ ଛାଡିବିନି, ଥରୁଟିଏ ଯିବିନି କୁହ । "ଏମିତି ଦୁହେଁ ଭାବିଛନ୍ତି, ହେଲେ କେହି କାହାକୁ କହିନାହାନ୍ତି । ଦୁଇ ଜଣ ଙ୍କ ଆତ୍ମାଭିମାନ ନିଜ ହୃଦୟ ର କଥା କହିବାକୁ ବାଧା ଦେଇଛି । ଅନିଚ୍ଛା ସତ୍ୱେ ଦୁହେଁ ସେଠୁ ଦୂର ହେଇଛନ୍ତି ।

ରିମା ଛଳ ଛଳ ଆଖିରେ ଚାଲିଆସିଛି ତଳକୁ । ଗାଡି ରେ ବସି ତା ମାଆ ସହିତ ଫେରିଯିବ, ରାତି 7.30 ଟା ହେଇଛି, ଗଳୀଟା ଅନ୍ଧକାରମୟ, ଅମାବାସ୍ୟା ର ରାତି, ଆଖିକୁ କିଛି ଦେଖାଯାଉ ନାହିଁ, ଖାଲି ଗାଡି ମାନଙ୍କର ଲାଇଟ ଛଡା । ଅପେକ୍ଷା କରିଛି ଟାକ୍ସିକୁ, ମନେ ମନେ ଭାବୁଛି-"ନାଁ ସେଦିନ ଯିବା ପାଇଁ ଅଟକାଇଲ, ନାଁ ଆଜି ଯିବା ପାଇଁ ମନା କରୁଛ । ମୁଁ ଜାଣିଛି ତମେ ମୋ ବିନା ରହିପାରିବନି, ତଥାପି ନିଜ ଜିଦ ପାଇଁ ତମେ ମନା କରୁନ ନାଁ ?? ହୋଉ ଖୁସିରେ ରୁହ-ଅଭିମାନ ଭରା ଥର ଥରା କଣ୍ଠ ରେ କହୁଛି।

ଏପଟେ ଡ଼ିଭୋର୍ଷ କାଗଜଟିକୁ ହାତରେ ଉଠେଇଛି ରମଣ । ଦେଖି ଚକିତ ହୋଇଯାଇଛି, ସେଇଠି ରିମାର ଦସ୍ତଖତ ନାହିଁ । ସେ ଦଉଡି ଆସିଛି ତଳକୁ, ରିମା କୁ ଭୁଲ ମାଗି

ISSN NO.
2582-208X

ଡ଼ାକିନେବ । ସେ ଭାବୁଥିଲା, ଛାଡ଼ପତ୍ର ଦେଉଛି ମାନେ ଆଉ ଡାକିବିନି, ସେ ବୋଧେ ମୋତେ ଭୁଲି ଯାଇଛି, ଆଉ କେଉଁଠି ବାହା ହେବାକୁ ମନସ୍ଥ କରିଥିବ! କିନ୍ତୁ ସେ କାଗଜ ଖଣ୍ଡରେ ଦସ୍ତଖତ ନ ଦେଖି ଖୁସି ରେ ଆତ୍ମବିଭୋର ହୋଇ ଦୌଡି ଆସିଲା ରିମା ପାଖକୁ ।

ଏପଟେ ରିମା ଅନ୍ୟମନସ୍କ ହୋଇ ରମଣ କଥା ଭାବି ଭାବି କେତେବେଳେ ରାସ୍ତା ମଝିକୁ ଚାଲିଆସିଛି, ସେ ବି ଜାଣିପାରିନି । ସାମ୍ନା ପଟରୁ ଟ୍ରକଟିଏ ଆସି ଜୋରରେ ଧକ୍କା ଦେଇ ଚାଲିଗଲା, ରିମା ରକ୍ତରେ ଜୁଡୁବୁଡୁ । ରମଣ ଆସି ଦେଖେ ତୋ ତା ପିଣ୍ଡରୁ ପ୍ରାଣ ଚାଲିଗଲା ପରି ଲାଗିଗଲା । ସାଙ୍ଗେ ସାଙ୍ଗେ ଡାକ୍ତରଖାନା ନେଇଗଲା, ରମଣ ତା ହାତକୁ ଧରିଥାଏ ଆଉ କହୁଥାଏ, "ମୋତେ ଛାଡିକି ଯାଅ ନି, ମୁଁ ତୁମ ବିନା ବଞ୍ଚି ପାରିବିନି, ଏଇ କେଇ ଦିନ ପାଗଳଙ୍କ ପରି ଦିନ ବିତିଛି ଆଉ ସାରା ଜୀବନ ତୁମ ବିନା ରହି ପାରିବି ବୋଲି କେମିତି ଭାବିପାରୁଛ ?"

ରିମା ନିସ୍ତେଜ ଜଡ଼ ସମ ! ଧୀରେ ଧୀରେ ନେତ୍ର ମୁଦ୍ରିତ ହେଇ ଯାଉଥାଏ ।

ରିମା ମନେ ମନେ ଭାବୁଥାଏ, "ଯଦି ଏଇ କଥା ଟିକେ ଆଗରୁ ମୋତ କହିଥାନ୍ତ, ତେବେ ହୁଏତ ଏସବୁ ଅଘଟଣ ହୋଇନଥାନ୍ତା । ଆମେ କେତେ ଖୁସିରେ ରହିଥାନ୍ତୁ । ମୋର ବି ଇଚ୍ଛା ନାହିଁ ତୁମକୁ ଛାଡି ଯିବାର, ନାଁ ଆଗରୁ ଥିଲା, ନାଁ ଏବେ ଅଛି । ଆଗରୁ ଅଭିମାନ ପାଇଁ ଛାଡିକି ଯିବାକୁ ପଡିଥିଲା ଆଉ ଏବେ କାଳର ନିର୍ଦ୍ଦେଶରେ ମୁଁ ବନ୍ଧା । ଯଦି ପାରୁଛ - ମୋତେ କ୍ଷମା କରିଦିଅ । ହୃଦୟର ଗଭୀରତମ ପ୍ରଦେଶରୁ ଅନ୍ତଃସ୍ୱରଟା ଧୀରେ ଧୀରେ କ୍ଷୀଣ ହେବାକୁ ଲାଗିଲା । ପ୍ରତିଟି ଧମନୀରେ ରକ୍ତ ପ୍ରବାହିତ ଗତି କ୍ରମଶଃ ଧିମେଇ ଆସିଲା । କାଳର କରାଳ ଗର୍ଭରେ ଭାସି ଯାଉଥିବା ପରି ଲାଗୁଥିଲା ତାକୁ । ଚାରିଆଡେ ଅନ୍ଧାର ଓ ଦୁର୍ବଳତା ଅନୁଭବ କରୁଥିଲା ରିମା । ଅନୁଭବ କରୁଥିଲା ଚିର ବିଦାୟର ବିରହ ଦୁଃଖ । ଶୁଣି ପାରୁଥିଲା ଗୋପନ ବ୍ୟଥା ର ଅବ୍ୟକ୍ତ ବେଦନା, କିନ୍ତୁ ସବୁ ଶେଷ................

କୋମନା, ନୂଆପଡା

ISSN NO.
2582-208X

# ତୋ ସ୍ତୁତି ରେ ପଦେ.......

ନନ୍ଦନ ସାହୁ

ଅଶ୍ରୁ ଲିପ୍ତ ଜୀବନ ମୋର ଦୁଃଖ ଜଣାଇବି ଆଜି
ମୋ କାଳିଆ ସୁନା ଖଣିକୁ,
ଲେଖିଛି କ୍ଳେଶ ବାଧା ଲେଖିଛି ଜଣାଣ
ଲେଖିଛି ଚିଠି ମୋ ନୀଳ ମଣିକୁ ।।

ଅସହ୍ୟ ମନେ ହୁଏ ଦୁର୍ବଳ ହୋଇ ମୁଁ ଯାଏ
ଅନ୍ଧାର ଦିଶୁଛି ଆଜି ଦୁନିଆ ଟା ସାରା,
ତୋ ପାଖକୁ ନେଇ ଯା କାଳିଆ ଇଚ୍ଛା ମୋର ଏବେ
ହେବି ତୋ ବଡ ଦେଉଳର ପାରା ।।

ଶୀତଳ କମଳ ତୋ ଚରଣ ଆଶ୍ରୟ
କିନ୍ତୁ ବାଧା ଦିଏ ତୋ ସୃଷ୍ଟ ଜୀବନ ପରୀକ୍ଷା
ପରୀକ୍ଷିତ କ୍ଳାନ୍ତି ରେ ଦେହ ମୋ ଜର୍ଜରିତ
ଆ ରେ କାଳିଆ ଏବେ ଦେଇ ଦେ ଧରା ।।

ଆରମ୍ଭ ତୋ ଠାରେ ଅନ୍ତ ତୋ ଠାରେ
ତୋ ଠାରୁ ସୃଷ୍ଟ ସର୍ବ ପଦାର୍ଥ ଚୈଳ,
ଭକ୍ତଙ୍କ ଡାକ ତୁ ଭକ୍ତିର ସୁଖ ତୁ
ସାହା ହୁଅ ଆହେ ନୀଳ ଶୈଳ ।।

ISSN NO.
2582-208X

ପୂଜୁଛି ତୋତେ ସାରା ସଂସାର ପୂଜୁଥିବି ତୋତେ
ଗତ ସମୟ ପୂଜିବ ସମୟ ଆଗତ,
ହେ ନିଳାଦ୍ରିଶ ହେ କଳା କଳେବର କୃପା କରିବୁ ରେ
କାରଣ ତୁ ମୋ ଜଗନ୍ନାଥ ତୋ ବିନୁ ଶ୍ରୀ ହୀନ ଏ ସାରା ଜଗତ ।।

ତୁ ବଡ଼ ଦେଉଳ ବାସୀ ଜଗତର ସୃଷ୍ଟିକର୍ତ୍ତା
ମୁଁ ତୋ ଅନୁକମ୍ପା ଅଭାବୀ କ୍ଷୁଦ୍ର ବଣିକ,
ତୋ ଠାରୁ ଆଶା ତୋ ଅନୁଗ୍ରହ ପାଇବି
କେବେ ମିଳିବୁ ହାୟେ ରେ ମୋ କଳମାଣିକ ।।

ଭକ୍ତି ବିହୁନେ ତୋର ନାହିଁ ପ୍ରୟଜନ ଅନ୍ୟ ମୋର
ତୋ ସ୍ତୁତି କରିବା ଛଡା ନାହିଁ ମୋର ଅନ୍ୟ କାମ
ଭଜୁ ଥିବି ମୁ ଭଜୁ ଥାଉ ଏ ଦୁନିଆ
ଖାଲି ତୁଣ୍ଡେ ଥାଉ ତୁମ ନାମ ।

ପାଳନକର୍ତ୍ତା ଚକ୍ରଧାରୀ ଶରଣେ ଆସିଛି ତୋର ଯିଏ
ନାହିଁ ତା ଅନ୍ତ ନାହିଁ ତା ପତନ,
ସୃଷ୍ଟିକର୍ତ୍ତା ପ୍ରଭୁ ଭାବର ଠାକୁର
ଜଗନ୍ନାଥ ତୁମେ ପରଂବ୍ରହ୍ମ ଯୁଗେ ଯୁଗେ ସତ୍ୟ ସନାତନ ।।।।

ସ୍ନାତକ ପ୍ରଥମ ବର୍ଷ (ଓଡ଼ିଆ ବିଭାଗ)
ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ
ଦୂରଭାଷ :- ୯୭୭୭୯୯୯୭୩୫

ISSN NO.
2582-208X

# ତୁମେ ଅଟଳ ଉତ୍ତୁଙ୍ଗ ହିମାଳୟ



ପ୍ରହରାଜ ଜୟନାରାୟଣ ନନ୍ଦ

ଭାରତମା'ର ଅମୃତ ପୁତ୍ର
ଦେଶପ୍ରେମର ଅମୂର୍ତ୍ତ ସ୍ରୋତ
ଯୁଗଜନ୍ମା ହେ ବରେଣ୍ୟ ସନ୍ଥ
ଦୀପ୍ତିମାନ ତୁମ ବ୍ୟକ୍ତିତ୍ୱ,
ସାରାଶ୍ୱ ଦେଖେ ତୁମ
ଅନାବିଳ ହୃଦୟ ପବିତ୍ର,
ଅଟଳ ବିବେକପଣ,
ସତ୍ୟନିଷ୍ଠ, ଉଦାର ଚରିତ୍ର,
ଉଦ୍ଭାସିତ ସମଗ୍ର ଜଗତ,

ସତ୍ୟଯାତ୍ରାର ଆଧାର
ହାତରେ ଆଲୋକ ବର୍ତ୍ତିକା ଭାସ୍ୱର
ଭାଙ୍ଗି ଚୁରମାର ହୁଏ,
ଅନ୍ଧାରର ବାଧାର ପାହାଡ଼ ଶିଖର
ଇଚ୍ଛା ଦୁର୍ବାର, କରେ ଆଗୁସାର,
ସ୍ୱରରେ ଚରଇବେତିର ଝଙ୍କାର,

ISSN NO.
2582-208X

ତୁମ ନିରନ୍ତର ଆହ୍ୱାନ,
ଠିକ କୁହ, ଠିକ ଲେଖ,
କଥାରେ, କବିତାରେ, ଖବରରେ,
ବନ୍ଦକର ସତ୍ୟର ଅପଳାପ,
ତୁମ ଆଦର୍ଶ ନିଗଡ଼ରେ ବନ୍ଧା
ଦେଖ ଦେଶ କେମିତି ଉଦବୁଦ୍ଧ,

ଗଲାକାଲିର ଭଲ କଥା,କାମ
ଆଜିକୁ ଯଶର ଅଧ୍ୟାୟ ସ୍ୱର୍ଣ୍ଣିମ,
ରତ୍ନଗର୍ଭା ମା' ଖୋଜେ
କାହିଁ ମୋ ସୁନାପୁଅ
ଅଟଳ ଉତ୍ତୁଙ୍ଗ ହିମାଳୟ,
ତୁମେ ଅମର, ଅଜେୟ
ସତ୍ୟ,ଅହିଂସାର ଦୁର୍ଭେଦ୍ୟ ବଳୟ ।

(ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ପ୍ରାୟୋଜିତ ଅଟଳ ବିହାରୀ ବାଜପାୟୀଙ୍କ ପୁଣ୍ୟତିଥିରେ ରବୀନ୍ଦ୍ର ମଣ୍ଡପ ରେ ପଠିତ)

ଭୁବନେଶ୍ୱର/9437148434

ISSN NO.
2582-208X

# ନାରୀ ଶିକ୍ଷାର ଏପାଖ ସେପାଖ



ପ୍ରଭାତ କୁମାର ଆଚାର୍ଯ୍ୟ

ସମାଜ ରୂପକ ଶରୀରର ପ୍ରତ୍ୟେକ ଅଙ୍ଗକୁ ପରିପୁଷ୍ଟ କରିବାପାଇଁ ଶିକ୍ଷା ରୂପକ ପ୍ରୋଟିନର ପରମ ଆବଶ୍ୟକ। ତା' ନହେଲେ ସମାଜର ଅଙ୍ଗ ଗୁଡ଼ିକରେ ପୋଲିଓ ଭଳି ପଙ୍ଗୁତ୍ୱ, ଅଙ୍ଗ ଶିଥିଳତା, କମଜୋର ଭଳି ଦୁର୍ବଳତାର ଗୁଣ ଗୁଡ଼ିକ ପ୍ରକାଶ ପାଏ।ନାରୀଶିକ୍ଷା ସମାଜର ଏକ ମହତ୍ୱପୂର୍ଣ୍ଣ ଅଙ୍ଗ।ନାରୀ ଶିକ୍ଷାର ଅଭାବ ହେଲେ ସମାଜ କେବଳ ଦୁର୍ବଳ ହୁଏ ନାହିଁ, ସମାଜ ପକ୍ଷାଘାତ ରୋଗରେ ଶୀକାର ହୁଏ। କାରଣ ନାରୀ ଓ ପୁରୁଷ ସମାଜ ରଥର ଦୁଇଟି ଚକ। ଗୋଟିଏ ଚକ ଯଦି ଖରାପ ହୁଏ ରଥ ଚାଲିବା ଯେମିତି ଅସମ୍ଭବ, ସେମିତି ସମାଜ ମଧ୍ୟ। ଗୋଟିଏ ପୁରୁଷ ଶିକ୍ଷିତ ହେଲେ ସେ କେବଳ ନିଜକୁ ଶିକ୍ଷିତ କରିଥାଏ, ମାତ୍ର ନାରୀଟିଏ ଶିକ୍ଷିତ ହେଲେ ତା' ପିଲାପିଲିଙ୍କ ସହ ସମ୍ପୂର୍ଣ୍ଣ ପରିବାରକୁ ଶିକ୍ଷିତ କରିଥାଏ। ନାରୀମାନଙ୍କୁ ଗୃହର ଲକ୍ଷ୍ମୀ, ଶ୍ରୀ ବୋଲି ଅଭିହିତ କରାଯାଏ। ଶ୍ରୀ ଅର୍ଥାତ୍ ଲକ୍ଷ୍ମୀଯୁକ୍ତା ହୋଇଥିବା ଯୋଗୁଁ ତାଙ୍କୁ ଶ୍ରୀମତୀ ବୋଲି କୁହାଯାଏ। ତେଣୁ ପ୍ରତ୍ୟେକ ବିବାହିତା ମହିଳାମାନଙ୍କ ନାମର ଆଗରେ ଶ୍ରୀମତୀ ଶବ୍ଦ ପ୍ରୟୋଗ କରାଯାଇଥାଏ। ସେମାନଙ୍କ ଶିକ୍ଷାଗତ ଜ୍ଞାନ ପରିବାର ଭିତରେ ବିନିଯୋଗ କରି ନିଜ ଘରକୁ ସ୍ୱର୍ଗଠୁ ସୁନ୍ଦର କରିଥାନ୍ତି। ଶାସ୍ତ୍ର କହନ୍ତି -- "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ'" ଅର୍ଥାତ୍ ନାରୀମାନେ

ଯେଉଁଠି ଉଚିତ ସମ୍ମାନ ପାଆନ୍ତି ସେଠାରେ ଦେବତାମାନେ ଆନନ୍ଦରେ ନିବାସ କରନ୍ତି। ତେଣୁ ନାରୀମାନେ ସମ୍ମାନର ଯୋଗ୍ୟା। ସେମାନଙ୍କୁ ଆମେ କେବେ ବି ହତାଦର କିମ୍ବା ଘୃଣ୍ୟ ଭାବେ ଦେଖିବା ଉଚିତ୍ ନୁହେଁ।

ISSN NO.
2582-208X

ନାରୀଟିଏ ମଧ୍ୟ ସମ୍ମାନନୀୟା ହେବାପାଇଁ ହେଲେ ଖାଲି ଶିକ୍ଷା ଲାଭ କଲେ ଚଳିବ ନାହିଁ, ସେମାନେ ମଧ୍ୟ ନାରୀ ସୁଲଭ କମନୀୟ ଗୁଣରେ ଭୂଷିତ ହେବା ଦରକାର। ନାରୀଟିଏ ବିଭିନ୍ନ ସମ୍ପର୍କରେ ପରିବାର ସହିତ ଜଡିତ ହୋଇଥାଏ। କେତେବେଳେ ସେ ଝିଅ, କେତେବେଳେ ବୋହୂ, କେତେବେଳେ ମାଆ, କେତେବେଳେ ସ୍ତ୍ରୀ, କେତେବେଳେ ଜେଜେମା, କେତେବେଳେ ଶାଶୂ, ବିଭିନ୍ନ ରୂପରେ ସେ ସମାଜରେ ପରିଚିତ ହୋଇଥାଏ। ଏସବୁ ଚରିତ୍ରକୁ ସମ୍ପନ୍ନ କରିବାକୁ ବିଭିନ୍ନ ଗୁଣାବଳୀର ଆବଶ୍ୟକତା ଥାଏ। ତାହା ସେମାନେ ଶିକ୍ଷାରୁ, ସମାଜର ରୀତି ନୀତି, ସଂସ୍କୃତି ପରମ୍ପରାରୁ ଶିଖିଥାଆନ୍ତି, ଏବଂ ନିଜକୁ ନିଜକୁ ସଫଳ, ବନ୍ଦନୀୟା, ପୂଜନୀୟା, ସମ୍ମାନନୀୟା ନାରୀଟିଏ ର ପରିଚୟ ଦେଇଥାନ୍ତି। ନାରୀଟିଏ ଶିକ୍ଷିତା ହେବା ସହ ଯଦି ସେ ନିଜେ ଚାକିରିଆ ହୋଇଥାଏ ତା'ହେଲେ ସେମାନଙ୍କ ପକ୍ଷେ ପରିବାର ସହ ମିଶି ଉତ୍ତମ ଗୃହିଣୀଟିଏ ହେବାକୁ ଅନେକ କଷ୍ଟ କରିବାକୁ ପଡ଼ିଥାଏ ।

ଆଜିକାଲି ନାରୀ ଶିକ୍ଷାର ରେଳଗାଡ଼ି ଦ୍ରୁତ ଗତିରେ ଆଗେଇ ଚାଲିଛି। ଏହା ଆମ ସମାଜ ପାଇଁ ମଙ୍ଗଳମୟ। ଦେଖାଯାଉଛି ପୁରୁଷମାନଙ୍କ ଅପେକ୍ଷା ନାରୀମାନେ ସବୁପ୍ରକାର ପରୀକ୍ଷାରେ ଅଧିକ ସଫଳ ହେଉଛନ୍ତି। ସରକାର ମଧ୍ୟ ସେମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ମାତ୍ର ଏବେ ଏବେ ଦେଖାଯାଉଛି ଶିକ୍ଷିତା ନାରୀ ଓ ଯୁବତୀମାନେ ନୂଆ ସଭ୍ୟତା ନାମରେ କୁସଂସ୍କାରକୁ ଆପଣେଇ ନେଉଛନ୍ତି। ଛୋଟ ଛୋଟ ପୋଷାକ ପିନ୍ଧି ପୁରୁଷର ଆଖିକୁ ଉତ୍ତେଜିତ କରି, ସମାଜ ଦାଣ୍ଡରେ ବାଟଚାଲିବା ଦ୍ୱାରା ଧର୍ଷଣ, ଦୁଷ୍କର୍ମ ଆଦି ଅବଗୁଣର ବୃଦ୍ଧି ପାଉଛି। ଶିକ୍ଷିତା ସ୍ତ୍ରୀମାନେ ନିଜକୁ ଆଉ ପରିବାର ଶିକୁଳିରେ ବାନ୍ଧି ରହିବାକୁ ଇଚ୍ଛା କରୁ ନାହାନ୍ତି। ସ୍ୱେଚ୍ଛାଚାରୀ ମନୋଭାବ ସେମାନଙ୍କୁ ଅତିମାତ୍ରାରେ ନିମ୍ନସ୍ତରକୁ ନେଇଯାଉଛି। ଅର୍ଥ ରୋଜଗାର କରୁଥିବା ସ୍ତ୍ରୀ ଅର୍ଥର ପ୍ରଭାବରେ ଇନ୍ଦ୍ର, ଚନ୍ଦ୍ର ମାନିବାକୁ ପ୍ରସ୍ତୁତ ନୁହନ୍ତି। ଏମିତି କି ନିଜ ବାପା, ମାଆ, ସ୍ୱାମୀ, ଶାଶୂ, ଶ୍ୱଶୂରଙ୍କୁ ମଧ୍ୟ ମାନୁ ନାହାନ୍ତି। ଫଳରେ ପ୍ରେମ ବିବାହର ସଂଖ୍ୟା ବଢ଼ି ଚାଲିଛି। ବାପା, ମାଆ ଅରାଜି ହେଲେ ସରକାରୀ ନିୟମ ଅନୁସାରେ କୋର୍ଟର ଆଶ୍ରୟ ନେଇ ବିବାହ ତ କରୁଛନ୍ତି, ମାତ୍ର କେଇମାସ ପରେ ଛାଡ଼ପତ୍ର ବି ଦେଉଛନ୍ତି।ଯାହାକି ଏହା ଆମ ସମାଜ ପାଇଁ କୌଣସି ପ୍ରକାରେ ଶୁଭଙ୍କର ନୁହେଁ।

ISSN NO.
2582-208X

ନାରୀକୁ ଶାସ୍ତ୍ରରେ ଅବଳା ବୋଲି କୁହାଯାଇଛି । କାରଣ ନାରୀଟିଏ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଆଶ୍ରୟଶୀଳା ହୋଇଥାଏ । ପିଲାଟି ଦିନରୁ ବାପା ଉପରେ, ବିବାହ ପରେ ସ୍ୱାମୀ ଉପରେ, ବୃଦ୍ଧା ଅବସ୍ଥାରେ ପୁତ୍ର ଉପରେ ସେ ନିର୍ଭର କରିଥାଏ ।

ଆଜିକାଲିର ଶିକ୍ଷିତା ସ୍ତ୍ରୀମାନେ କାହାରି ଉପରେ ନିର୍ଭରଶୀଳା ହେବାକୁ ପରାଧୀନତା ବୋଲି ଭାବୁଛନ୍ତି । ଯୌବନ ଓ ଅର୍ଥର ପ୍ରାଚୁର୍ଯ୍ୟରେ ସେମାନେ ପୁରୁଷକୁ ପରାହତ କରିବାର ଚେଷ୍ଟା ତ କରୁଛନ୍ତି, ମାତ୍ର ଉତ୍ତୀର୍ଣ୍ଣ ଯୌବନରେ ବହୁ ମାତ୍ରାରେ ପସ୍ତେଇ ହେଉଛନ୍ତି ।

ନାରୀ ହିଁ ସର୍ଜନାର ଭୂମି, ନାରୀ ହିଁ ଶାନ୍ତିର ଯମୁନା, ନାରୀ ହିଁ ପବିତ୍ରତାର ଗଙ୍ଗା, ନାରୀ ହିଁ ସହିଷ୍ଣୁତାର ହିମାଳୟ, ଧୈର୍ଯ୍ୟର ଅନନ୍ତ ଆକାଶ, ମମତାର କ୍ଷୀର ସମୁଦ୍ର, ଶକ୍ତିର ଉତ୍ତାଳ ପାରାବାର, ସେବାର ଗନ୍ଧମାର୍ଦ୍ଦନ, ପ୍ରେମର ମନ୍ଦାକିନୀ । ନାରୀ ଶିକ୍ଷିତା ହୋଇ ଉପୋରକ୍ତ ଗୁଣଗୁଡିକର ପୃଷ୍ଠପୋଷକ ସାଜିବା ଉଚିତ୍ ।

ତେଣୁ ନାରୀମାନେ ଶିକ୍ଷାଲାଭ କରନ୍ତୁ, କିନ୍ତୁ ଶିକ୍ଷାକୁ କୁ ଶିକ୍ଷା, କୁସଂସ୍କୃତିକୁ ପରମ୍ପରାରେ ପରିବର୍ତ୍ତନ ନ କରିବାକୁ ଅନୁରୋଧ ।

ଭୋଗରାଇ, ବାଲେଶ୍ୱର,
ସିଦ୍ଧେଶ୍ୱର କଲୋନୀ, ଗଣେଶ୍ୱରପୁରର,
ରେମୁଣା ଗୋଲେଇ, ବାଲେଶ୍ୱର

ISSN NO.
2582-208X

# ମାଟି ମାଆଟି



ପ୍ରଫୁଲ୍ଲ ଚନ୍ଦ୍ର ବାରିକ

ଦେଇ ଦେଇ ଦେବୀ ପାଲଟୁ ଥାଏ ଜନମ ମାଟି
ନେଇ ନେଇ ନଇ ସାଉଁଟୁ ଥାଏ ପଥର ଘାଟି ।
ମାଟିରେ ଫୁଟଇ କେତେ ନା କେତେ ସରସଫୁଲ
ଝାଟିରେ ଲୋଟଇ ସତେ ନା ଶତେ ପରଶମୂଲ ।

ମାଟିର ଦେହରେ ସରଜିଥାଏ ଫୁଲ ଓ କଣ୍ଟା
ଘାଟିର ମୋହରେ ବରଜିଥାଏ ସେନାର ଅଣ୍ଟା ।
ଦେଶ ଭକତିର ମରମେ ଜାଗେ ଲହୁଆ ବୀର
ରୋଷ ମୁକତିର କରମେ ମାଗେ ପହୁଆ ଶୀର ।

ମାଟି ଗଢ଼ିଦିଏ ମମତା ମୂରତି ଅବିରତ
ମାଟି ବାଢ଼ିଦିଏ ସମତା କୀରତି ଅନାହତ ।
ମାଟି ବୁଣିଦିଏ ସବୁଜଧାରେ ଆଲୋକ- ଦାନା
ମାଟି ଟାଣିନିଏ ନିବୁଜଘରେ ଗୋଲୋକ-ବାନା ।

ମାଟିର ଯତନ ନେଉଥିବା ସର୍ବେ ମିଳିମିଶି
ମାଟିର ଭଜନ ଗାଉଥିବା ଗର୍ବେ ହସିହସି ।

##

ପାନପୋଷ, ରାଉରକେଲା-୪
ମୋ : ୯୦୯୦୩୩୦୮୫୯

ISSN NO.
2582-208X

# ଦ୍ୱୀ ପ୍ରହର



ପ୍ରତିମା ମହାରଣା

ନୀରବତା ଭରା ତୀକ୍ଷ୍ଣ ଛୁରୀ ର ପ୍ରହାର
ନେଶି ହୋଇ ଆସିଲାଣି ଅନ୍ତର ସାରା
ତା ଉପରେ ପୁଣି ନିଦାଘ ର ରୌଦ୍ର ତାପ
କଟା ଘା ଉପରେ ଚୂନ ର ପ୍ରଲେପ
ନିର୍ଜ୍ଜନତା ର ଅନିଚ୍ଛା ଇଲାକା
ରୁନ୍ଧି ହୋଇ ଆସିଲାଣି ଅଗଣା ସାରା
ତଥାପି ବଞ୍ଚିବାର ତମାମ ଇପ୍ସା
ଦଳି, ଚକଟି ଉର୍ଦ୍ଧ୍ୱ କୁ ଯିବାର ଅଭିପ୍ସା
ନିଶା, ନା ଅଭିପ୍ସା ନା ଲାଳସା
ହେଲେ ବୈଶାଖ କୁ ଲୋଡ଼ା
ଏବେ ବୈଶାଖୀ ଟିଏ
ନଚେତ୍ ଆସନ୍ନ ଋତୁ ର ଆଗମନ ଟିଏ
ଅସହ୍ୟ ହେଲାଣି ନିଦାଘ ଦୌରାତ୍ମ୍ୟ
କେବେ ତ ଫେରିବ ଇଚ୍ଛା ର ଶ୍ରାବଣ
ଛମ୍ ଛମ ରାଗ ରେ ସଙ୍ଗୀତ ବୋଲିବ
ପାଉଁଜି ତାର ମରମ ଫେଡ଼ିବ
ଉର୍ଦ୍ଧ୍ୱ କୁ ଚାହିଁ କେତେ ଯେ ନାଚିବ

ଶୂନଶାନ୍ ଭରା ପରିବେଶ
ସତେଜ୍ ହୋଇ ଉଠିବ
ନଥିବ ଆଉ କ୍ରୁର ପ୍ରହର ମାନଙ୍କ ପ୍ରହାର
ନଥିବ ଆଉ ମଧ୍ୟାହ୍ନ ଜ୍ୱାଳା ର
ନିର୍ଜନ ପ୍ରହାର ।

ସୁନ୍ଦରପଦା, ଭୁବନେଶ୍ୱର

ISSN NO.
2582-208X

# ଦିଅଁ ଭଗବଣ୍ଟା



ଅବିନାଶ ସାହୁ

କାର୍ତ୍ତିକ ମାସ ବଡ଼ ଧରମ ମାସ। ରାଇଜଯାକର ଯେତେ ବୁଢ଼ୀ ସବୁ କ୍ଷେତ୍ର ଯାଆନ୍ତି ଧର୍ମ କରିବାକୁ। ସ୍ୱାମପାଟଣାରୁ ମଧ୍ୟ ପ୍ରାୟ ଲୋକ ସେ ବର୍ଷ କ୍ଷେତ୍ର ଗଲେ ଧର୍ମ କରିବାକୁ। ଏମାନଙ୍କ କ୍ଷେତ୍ରଯିବା ଦେଖି ନଖି ବୁଢ଼ୀ କୁହେ ମଲାମୋର ମନରେ ମନେ ପାପଥିବ କ୍ଷେତ୍ର ଯାଇ ଟଙ୍କା ଗୁଡ଼ିଏ ଖରଚ କରିଦେଲେ କଅଣ ଧରମ ଗଦେଇ ହୋଇଯିବ ! ଆଉ ଏ ଗାଁରେ କିଏ ଧରମ କରୁଛି କି ? ଯାଅ ଲୋ ରାଣ୍ଡେ ସିଆଡ଼େ ସରଗଦୁଆରେ ପୋଡ଼ାହେବ ଯେ ପୁଅବୋହୂ ମଲାମୁହଁ ଦେଖି ପାରିବେନି। ସବୁବର୍ଷ ହବିଷ୍ୟାଳିମାନେ କ୍ଷେତ୍ର ବାହାରିବା ବେଳେ ନଖିନାନୀର ସମାନ କଥା। ନଖିନାନୀ କିନ୍ତୁ କେବେ କେଉଁ ଦେଉଳ ଯିବା ତ ଦୂରର କଥା ନିଜ ଘର ତୁଳସୀରେ ପାଣି ଟିକେ ମଧ୍ୟ ଦିଏ ନାହିଁ। ତା' ବାଡ଼ିର ପାନ ଗଛ ଭଲ ତ ସିଏ ଭଲ। ତା' ପାନ ଗଛରୁ ଯଦି କେହି ହାତଦିଏ ସେଦିନ ନଖିନାନୀ ଅସଲ ରୂପ ଦେଖାଏ। ନଖିନାନୀ ପଡ଼ିଶାଘର ନିତ୍ୟ ପଧାନ ଘର। ନିତ୍ୟ ପଧାନ ପୁଅ ନିର ପୟା ଶ୍ରାଦ୍ଧ ଦେବ ବୋଲି ବଜାରରୁ ସବୁ ଜିନିଷ କିଣି ଆଣିଥିଲା କିନ୍ତୁ ପାନପତ୍ରଟିଏ ଆଣିବାକୁ ଭୁଲିଗଲା। ସଞ୍ଜବେଳେ ପିତୃ ପୁରୁଷଙ୍କୁ ବରଣ କରାଯିବ କିପରି ବୋଲି ତାକୁ ଚିନ୍ତା ଘାରିଲା। ବଜାର ପୁଣି ବହୁଦୂର। ନିରର ସ୍ତ୍ରୀ ସେଦିନ ସଞ୍ଜବେଳିଆ ବାରିପଟକୁ ଯାଇ ନଖିନାନୀ ଗଛରୁ ପାନପତ୍ରଟିଏ ତୋଳିଛି କି ନାହିଁ ତା' ଚୁଟିକୁ ଘୋଷାଡ଼ି ଆଣି ଦାଣ୍ଡରେ ପକାଇ ତା' ବାପ ଅଜା ଗେରସ୍ତ ଆଦି ସମସ୍ତଙ୍କୁ ଶ୍ରାଦ୍ଧ ଦେଇଦେଲା।

କାର୍ତ୍ତିକ ପୂର୍ଣ୍ଣିମା ହେବାକୁ ଚାରିଦିନ ବାକି।ନିରୋଳା ଦ୍ୱିପ୍ରହର ଦେଖି ନଖିନାନୀ ଯାଇ ଗାଁ ମୁଣ୍ଡରେ ଥିବା ମହାନ୍ତି ଘରେ ପଶିଲା। ସ୍ୱାମପାଟଣା ଗାଁରେ ମହାନ୍ତିଘର ନା ଡାକ ପଡୁଥାଏ। ବୁଢ଼ା ମହାନ୍ତି ତିନି ବର୍ଷ ହେଲା ସେପାରିରେ। ମହାନ୍ତିଆଣୀ କାର୍ତ୍ତିକ ଧର୍ମ ପାଳିବାକୁ କ୍ଷେତ୍ର ଯାଇଛନ୍ତି। ତାଙ୍କର ତିନି ପୁଅ ଯିଏ ଯାହା ବ୍ୟବସାୟରେ କେହି କାହାଠୁ

ISSN NO.
2582-208X

ଉଣା ନୁହନ୍ତି ମାତ୍ର ତିନି ଭାଇଯାକ ଏକାଠି ଚଳନ୍ତି। ଏ କଥା ନଖିନାନୀର ଦିହ ସହିଲାନାହିଁ। କେହି ପୁରୁଷଲୋକ ଘରେ ନଥିବାର ଦେଖି ତା'ର ଆହୁରି ଦମ୍ଭ ହୋଇଗଲା। ସେ ମହାନ୍ତି ଘର ସାନବୋହୂକୁ ଡାକି କହିଲା କିଲୋ ବୋହୂ କେତେ ଆଉ ଜାଆମାନଙ୍କୁ ମାଗି ପୁଅକୁ ଖଜା ଖାଇବାକୁ ଦେବୁ ଭିନେ ହେଇଯାଉନୁ ତୋତେ ଆଉ ହାତ ପତେଇବାକୁ ପଡ଼ିବନି। ତୋ ସ୍ୱାମୀ ଖଟିବ ହେଲେ ଟଙ୍କା କାହିଁ ବଡ଼ବୋହୂ ରଖିବ ? ମୋ କଥା ମାନ ତୋ ଶାଶୁ ରାସ ପୁନେଇଁ ବାସିଦିନ ଘରେ ଆସି ପହଞ୍ଚିବ ତା' ପୂର୍ବରୁ ଯେପରି ଏ କଥା ତୋ ଜାଆମାନଙ୍କ କାନରେ ପକାଇ ଗେରସ୍ତକୁ ହାତକର ନହିଲେ ମହାନ୍ତିଆଣୀ ଆସିଲେ କିଛି କରେଇଦେବେନି। ମୁଁ ଯାଏଲୋ ମା' କେତବେଳୁ ଆସିଲିଣି ଗଲେ ପୁଣି ପାନ ଖଣ୍ଡେ ତୋଳି ମୋଡ଼ିଲେ ପାଟିରେ ପଡ଼ିବ।

ନଖିନାନୀ କହିଯାଇଥିବା କଥାଟି ସାନ ବୋହୂର ମନରୁ ଗଲାନାହିଁ। ରାତିରେ ଗେରସ୍ତ ଆସିବାରୁ ବୋହୂ ସବୁକଥା ଖୋଲି କହିଲା। ସାନପୁଅ ସୁରେନ୍ଦ୍ର ନିଜ ଭାଇମାନଙ୍କ ଠାରୁ ଭିନେ ହେବା ପାଇଁ ସିଧା ସିଧା ସ୍ତ୍ରୀକୁ ମନା କରିଦେବାରୁ ବୋହୂ ମନର ରାଗ ଢ଼େର୍ ବଢ଼ିଗଲା। ପରଦିନ ସକାଳୁ ପୁଅ ବିସ୍କୁଟ ଖାଇବ ବୋଲି କହି ସାନବୋହୂ ବଡ଼ବୋହୂକୁ ୧୦୦ଟଙ୍କା ମାଗିଲା। ବଡ଼ବୋହୂ ସାନବୋହୂ ହାତକୁ ୫୦ଟଙ୍କା ଧରାଇଦେଲା। ୫୦ଟଙ୍କା ଦେଖି ସାନବୋହୂ 'ମୋ ଗେରସ୍ତ ରୋଜଗାର କରିବ ଆଉ ମୋତେ ପଇସା ଦେଲାବେଳକୁ ଭିଡ଼ି ହେଉଛ କିଆଁ' ବୋଲି କହିପକାଇଲା। ଏତକ ଶୁଣିବା ମାତ୍ରେ ବଡ଼ବୋହୂକୁ ଭାରି ବାଧିଲା ସେ ସଙ୍ଗେ ସଙ୍ଗେ ଘରୁ ଟଙ୍କା ପୁଟୁଳିଟା ଆଣି ସାନ ବୋହୂକୁ ଧରାଇଦେଇ କହିଲା ଆଜିଠୁ ଘରକୁ ତୁ ଚଳା। ମୁଁ କିଆଁ ଚଳାଇବି, ଭାଇ ଆସନ୍ତୁ ଆଜି ରାତିରେ ସବୁ ଫଇସଲା ହେବ।

ମହାନ୍ତି ଘର ବଡ଼ପୁଅ ରାତିରେ ଖାଇବାବେଳେ ତାଙ୍କ ସ୍ତ୍ରୀ କଥାଟିକୁ କାନରେ ପକାଇଲେ। ହେଇଟି ଶୁଣିଲଣି ତୁମ ସାନ ଭାଇବୋହୂ ଆଜି ମୋ ସାଙ୍ଗରେ ବହେ ପାଟିତୁଣ୍ଡ ଲଗେଇଲା। କିହୋ କାରଣ ? ସିଏ କୁଆଡ଼େ ଭିନେ ହେବ ତା ଗେରସ୍ତର ଟଙ୍କା କୁଆଡ଼େ ଆମେ ଖାଇଯାଉଛେ। ଆଚ୍ଛା ହେଉ ଏ ବିଷୟରେ ମୁଁ କାଲି ସୁରେନ୍ଦ୍ର ସହ କଥାହେଉଛି। ରାତି ପହିଲା। ବଡ଼ଭାଇ ସୁରେନ୍ଦ୍ରକୁ ଡାକି କହିଲେ କିରେ ସୁରେନ୍ଦ୍ର କାଲି ରାତିରେ ଭାଉଜ ମୋତେ କଥାଟିଏ କହିଲେ ତାହା କ'ଣ ସତ ? ଭାଇ କୋଉ କଥା ଭାଉଜ କହୁଥିଲେ କି ? ଏଇ ଭିନେହେବା କଥା। ହଁ ଭାଇ ମୋ ସ୍ତ୍ରୀ ଏ ବିଷୟରେ ମୋତେ କହୁଥିଲା ଯେ ମୁଁ

ISSN NO.
2582-208X

ମନାକରିଦେଇଥିଲି । ଆଚ୍ଛା ହେଉ ଆଜି ସନ୍ଧ୍ୟାରେ ତୁ ଆଉ ମଝିଆଭାଇ ଆସି ଠାକୁରଘରେ ପହଞ୍ଚ ସେଠି ସବୁ ସମାଧାନ କରିଦେବା। ଘରେ କାହିଁକି ଅଶାନ୍ତି ସୃଷ୍ଟି ହେବ ସଭିଏଁ ନିଜ ଛୁଆ ପିଲାଙ୍କୁ ନେଇ ଶାନ୍ତିରେ ରୁହନ୍ତୁ। ସଞ୍ଜହେଲା। ସୁରେନ୍ଦ୍ର ମଝିଆ ଭାଇସହ ଆସି ଠାକୁର ଘରେ ପହଞ୍ଚିଲା। ବଡ଼ଭାଇ ଆରମ୍ଭ କଲେ। ଆଜି ଯାଏଁ ସୁଖରେ ପରିବାର ଚଳିଆସିଲା ଏଣିକି ହାଲ୍ ଯାହା ହେଲାଣି ଆଗକୁ ଆଉ ପରିବାର ଏକାଠି ନ ଚଳିବାର ଆଭାସ ମିଳୁଛି ତେଣୁ କୋଠସମ୍ପତ୍ତି ଯାହାଅଛି ସେ ସବୁକୁ ଆମ ତିନିଜଣଙ୍କ ମଧ୍ୟରେ ବାଣ୍ଟିଦେବା ପାଇଁ ଚାହୁଁଛି। ତୁମ ମାନଙ୍କର ମତାମତ କ'ଣ କୁହ ? ହଁ ଭାଇ ସତ କଥା ସବୁ ଭାଗବାଣ୍ଟ କରିଦେଲେ ଭଲ ହେବ ଯେ ହେଲେ ବୋଉ କାହା ପାଖରେ ରହିବ ? ଆରେ ବୋଉର ଇଚ୍ଛା ଯେତେବେଳେ ଯାହା ପାଖରେ ହେବ ସେତେବେଳେ ସେ ତା' ପାଖରେ ରହିବ। ହଁ ଭାଇ ଠିକ୍ ଅଛି ତେବେ ସବୁ ସମପରିମାଣରେ ତିନିଭାଗ କରିଦେବା। ଜମିବାଡ଼ି ଘରଦ୍ୱାର ସବୁ ଭାଗବଣ୍ଟା ହେଲା। ଏଣିକି ମହାନ୍ତିଘରେ ଅଲଗା ଅଲଗା ଚୁଲିଲାଗିଲା। ରାସ ପୁନେଇଁ ବାସି ଦିନ ମହାନ୍ତିଆଣୀ ଘରକୁ ଫେରିଲେ। ଅଲଗା ଅଲଗା ଚୁଲିରେ ରୋଷେଇ ହେଉଥିବା ଦେଖି ମହାନ୍ତିଆଣି ପଚାରିଲେ କିଲୋ ବୋହୂଏ ତୁମେ ମାନେ ଅଲଗା ଅଲଗା କ'ଣ ରୋଷେଇ କରୁଛ ? ଚଟକିନା ସାନବୋହୂ ଝପଟି ଆସି କହିଲା ଜାଣିନକି ମା' ତୁମେ ନଥିବା ବେଳେ ବଡ଼ଭାଇ ଆମ ସମସ୍ତଙ୍କୁ ଭିନେ କରି କୋଠସମ୍ପତ୍ତି ସବୁ ଭାଗବାଣ୍ଟି ଦେଇଛନ୍ତି। କ'ଣ ହେଲା ! ମୁଁ ନଥିବା ବେଳେ ସେ ଏପରି କେମତି କଲା, ମୋ ପାଇଁ କିଛି ବନ୍ଦୋବସ୍ତ କରିଛି ନା ନାହିଁ ? କେଜାଣି ସେ ଏମିତି କାହିଁକି କଲେ ଆପଣ ତାଙ୍କୁ ପଚାରିଲେ ଜଣାପଡ଼ିବ ହେଲେ ମା' ମୁଁ କ'ଣ କହୁଥିଲି କି କାର୍ତ୍ତିକ ମାସ ତ ସରିଲା ଏବେ ମାର୍ଗଶୀର ମାଣବସା ହେବ ଯଦି ଆପଣ ତିନି ବୋହୂଙ୍କ ମଧ୍ୟରେ ମାଣକୁ ବାଣ୍ଟି ଦିଅନ୍ତେ ତେବେ ଆମେ ତିନିହେଁ ସୁବିଧାରେ ମା' ଲକ୍ଷ୍ମୀଙ୍କ ପୂଜା କରିପାରନ୍ତୁ।

ମୁଁ ନଥିବାବେଳେ ମୋ ଅଜାଣତରେ ଘରର ସମସ୍ତ ସମ୍ପତ୍ତି ଭାଗବଣ୍ଟା ହୋଇଗଲା ବାକି ରହିଲା ମାଣ। ଯାଆ ତୋର ଦି ଜାଆଙ୍କୁ ଡାକିଆଣେ ଏଇନା ଦିଅଁଙ୍କୁ ଭାଗବାଣ୍ଟି ଦେବି। ଏହା ଶୁଣିବାକ୍ଷଣି ସାନବୋହୂ ଯାଇ ଅନ୍ୟ ଦୁଇ ବୋହୁଙ୍କୁ ଡାକି ଆଣିଲା। ମହାନ୍ତିଆଣୀ ଭାଗ ବାଣ୍ଟିଲେ। ବଡ଼ବୋହୂକୁ ଲକ୍ଷ୍ମୀ ପ୍ରତିମା ସହ ଗଉଣିଟିଏ ଦେଲେ ମଝିଆବୋହୂକୁ ନାରାୟଣଙ୍କ ପ୍ରତିମା ସହ ଖଟୁଲିଟିଏ ଦେଲେ। ସେହିପରି ସାନବୋହୂକୁ ଗୋଟିଏ ହାତୀର ପ୍ରତିମା ସହ ଗୁଆଟିଏ ଦେଲେ। ଏହି ଭଗବଣ୍ଟା ସାନ ବୋହୂର ମନକୁ ପସନ୍ଦ ଆସିଲା ନାହିଁ ତେଣୁ ସେ ରାଗ ତମ ତମ ହୋଇ ସେ ସ୍ଥାନରୁ ଉଠି ଚାଲିଗଲା। ଏହା ଦେଖି

ISSN NO.
2582-208X

ବଡ଼ବୋହୂ ମହାନ୍ତିଆଣୀଙ୍କୁ କହିଲା ବୋଉ ତାକୁ ମା ଲକ୍ଷ୍ମୀଙ୍କ ପ୍ରତିମା ସହ ଗଉଣିଟି ଦେଇ ଦିଅନ୍ତୁ ମୁଁ ପଛେ ହାତୀ ଆଉ ଗୁଆନେଇ ପୂଜା କରିଦେବି। ହେଉ ତା'ହେଲେ ଠିକ୍ ଅଛି। ମଝିଆଣୀ ଗଲୁ ତୁ ସାନକୁ ଡାକି ଆଣିବୁ। ମଝିଆଣି ଯାଇ ସାନବୋହୂକୁ ବୁଝାସୁଝା କରି ଡାକି ଆଣିବାରୁ ଦିଅଁ ଭାଗବଣ୍ଟା ଶେଷ ହେଲା।

ମାର୍ଗଶୀର ଶେଷପାଳି ମାଣବସା ବେଳକୁ ଘରୁ ବାହାରି ସାନବୋହୂ ଆଉ ମଝିଆବୋହୂ ପୂର୍ବ ଭାଗବଣ୍ଟା ଅନୁସାରେ କାଳେ ଶାଶୁର ସେବା କରିବାକୁ ପଡ଼ିବ କିମ୍ବା ମାଆ ତାଙ୍କ ପାଖରେ ରହିବାକୁ କହିବେ ଭାବି ନିଜ ସ୍ୱାମୀମାନଙ୍କୁ ସଲାସୁତରା କରିବାରୁ ସେମାନେ ପୁରୁଣା ଘର ଛାଡ଼ି ବାହାରେ ରହିଲେ। ପୁରୁଣାଘରେ କେବଳ ବଡ଼ପୁଅ-ବୋହୂ ଆଉ ମହାନ୍ତିଆଣୀ ରହିଲେ।  ଘରଛାଡ଼ି ଯିବା ଦିନଠାରୁ ମଝିଆଣୀ ଏବଂ ସାନବୋହୂକୁ ନିଜ ଘରର ଯାବତୀୟ କାମ କରିବାକୁ ପଡ଼ିଲା ଏଣେ ପୂଜା ପର୍ବ ଆସିଲେ ଘରଦ୍ୱାର ଲିପାପୋଛା ଠୁ ଆରମ୍ଭକରି ପିଠାପଣା ସହ ଦିଅଁ ପୂଜିବା ଯାଏଁ କାମ କରିବା କେତେ ଯେ କଷ୍ଟ ଦୁଇବୋହୂ ଅଙ୍ଗେ ଅଙ୍ଗେ ନିଭାଇଲେ। ଅପର ପକ୍ଷରେ ବଡ଼ବୋହୂଙ୍କ ପାଖରେ ମହାନ୍ତିଆଣୀ ରହୁଥିବାରୁ ଅଳ୍ପବହୁତ ବୋହୂକୁ କାମରେ ସହଯୋଗ କରନ୍ତି। ବକୁଳ ଅମାବାସ୍ୟା ପୂର୍ବଦିନ ସାନବୋହୂ ତା' ନିଜ ଘର ଲିପାପୋଛା କରିବାବେଳେ ବିରକ୍ତ ହୋଇ ପାଦକୁ ଧପ୍ ଧପ୍ ପକାଇ ଚାଲିବାରୁ ଚଟାଣରେ ଗୋଡ଼ ଖସିଯିବାରୁ ତା'ର ଅଣ୍ଟା ଭାଙ୍ଗିବା ସହ ପାଟି ପଡ଼ିଗଲା। ସାନବୋହୂ ଅବସ୍ଥା ହେଉଥିବା ଖବରପାଇ ମହାନ୍ତିଆଣୀ ଏବଂ ବଡ଼ବୋହୂ ତା' ଘରକୁ ଗଲେ। ମହାନ୍ତିଆଣୀ ଆଉ ବଡ଼ ଅପାଙ୍କୁ ଦେଖି ସାନବୋହୂ ବହୁ ପଶ୍ଚାତାପ କଲା। ସେ ଦିନ ସେ ଝଗଡ଼ା କରିନଥିଲେ ଆଜି ତା'କୁ ଏ ଦିନ ଦେଖିବାକୁ ପଡ଼ିନଥାନ୍ତା ବୋଲି ଅନୁଭବ କରି ଆଖିରୁ ଲୁହ ଗଡ଼ାଇଲା। ଏଣେ କୌଣସି ସୂତ୍ରରୁ ନଖିନାନୀ ଖବରପାଇ ମହାନ୍ତିଘର ସାନବୋହୂ ପାଖରେ ପହଞ୍ଚି ଝିଅ ଭଲଅଛୁ କିଲୋ ବୋଲି ପଚାରନ୍ତେ ସାନବୋହୂ ତା' ତ୍ରୁଟିକୁ ଧରି ବହେ ଘୋଷାରି ଦେବ ବୋଲି ଭାବି ଉଠିବାକୁ ଚେଷ୍ଟାକରନ୍ତେ ଉଠିପାରିଲା ନାହିଁ। ଗାଳି କରିବାକୁ ଉଦ୍ୟତ ହେଲେ ମଧ୍ୟ ପାଟି ପଡ଼ିଯାଇଥିବାରୁ ସେ କିଛି କହିପାରିନଥିଲେ.......।

ବାହାଡ଼ାଝୋଲା
ନୟାଗଡ଼ / ୯୩୪୮୪୦୫୮୪୦

ISSN NO.
2582-208X

# ଉପେନ୍ଦ୍ର ଭଞ୍ଜ



ଡ଼କ୍ଟର ସୀମାଞ୍ଚଳ ପ୍ରଧାନ

କୁଲାଡ଼ଗଡର ରାଜ ପୁତ୍ର ତୁମେ
ନୀଳକଣ୍ଠଙ୍କର ସୁତ
ଓଡ଼ିଆ ସାହିତ୍ୟ ଜଗତରେ ହେଲ
ରଚି କାବ୍ୟ ଅର୍ଦ୍ଧଶତ ।

ସାରା ଜୀବନଟା ଲେଖାରେ ତୁମର
ହୋଇଥିଲା ନିୟୋଜିତ
କାଳ୍ପନିକ ଆଉ ପୌରାଣିକ କାବ୍ୟ
ଲେଖି ହୋଇଲ ବିଖ୍ୟାତ ।

ରାମାୟଣ ଗ୍ରନ୍ଥ ପାଠ କରି ତୁମେ
ରଚିଲ ଗୋଟିଏ କାବ୍ୟ
'ବୈଦେହୀଶ ବିଳାସ'କୁ ନାମ ଦେଇ
ଜଗତରେ ହେଲ ଭବ୍ୟ ।

ମର୍ଯ୍ୟାଦା ପୁରୁଷ ରାମଚନ୍ଦ୍ରଙ୍କର
ଦେଖି କାର୍ଯ୍ୟ କଳାପକୁ
ସ୍ଥାନ ଦେଇଥିଲ କାବ୍ୟରେ ତୁମର
ସ୍ମୃତିର ସେ ଚିହ୍ନଟିକୁ ।

ISSN NO.
2582-208X

ଶବଦ ସାଗର ପାରି ହୋଇ କରି
ରଚିଲ କାବ୍ୟ ସାହିତ୍ୟ
କଳ୍ପନା ହେଉକି ପୁରାଣ ହେଉକି
ସବୁଠି ରଖିଲ ସତ୍ୟ ।

ସେଇଥିପାଇଁ ତ ସବୁରି ହୃଦରେ
ରହି ହୋଇଲ ଅମର
ତୁମରି ସାହିତ୍ୟ ସବୁଦିନ ଲାଗି
ହୋଇ ଗଲା ଅପାସୋର ।

ଯେତେ ଦିନ ଯାଏଁ ଓଡ଼ିଆ ସାହିତ୍ୟ
ଥିବ ଏ ଧରା ଧାମରେ
ସେତେଦିନ ଯାଏଁ ତୁମେ ରହିଥିବ
ସବୁରି ହୃଦ ମଧ୍ୟରେ ।

ରାଜ ପୁତ୍ର ହୋଇ ସାହିତ୍ୟ ରଚିଲ
ତୁମେ ରହି ନବରରେ
ତୁମରି କଥାକୁ ଭୁଲି ହେଉନାହିଁ
ସତରେ ଏ ଜଗତରେ ।

***

ଆନନ୍ଦ ବିହାର, ବ୍ରହ୍ମପୁର-୧୦
ମୋ: ୬୩୭୨୯୯୪୫୪୫

ISSN NO.
2582-208X

# ନେଟ ୱାର୍କ ଫେଲ



ଦୀନବନ୍ଧୁ ବେଜ

ଟ୍ରେନ ଷ୍ଟେସନ ରେ ଅଟକିଗଲା
ପିଲାଟି ଦୁଇଟା ସିଙ୍ଗଡା ଖାଇଲା
ଫୋନ୍ ପେ ରେ ପେମେଣ୍ଟ କରିବ ଟଙ୍କା
ନେଟଓ୍ୱର୍କ ଗୋଲ
ଟଙ୍କା ଯିବା ହୋଇଗଲା ଫେଲ ।

ଟ୍ରେନ ଛାଡ଼ିବା ହେଲା ଆରମ୍ଭ
ପକେଟରେ କେସ ନାହିଁ
ପାଖରେ ବି କିଛି ଉପାୟ ନାହିଁ
ସେ ଟ୍ରେନ ରେ ବସିବାକୁ ଧାଇଁଲାଣି,
ସିଙ୍ଗଡ଼ା ବେପାରୀ
ତାର କଲର୍ କୁ ଭିଡ଼ି ଧରିଲାଣି ।

ଟ୍ରେନ୍ ଗଲା କି ନ ଗଲା
ସେଥିରୁ ତାକୁ କଣ ମିଳିବ ଭଲା
ତାର ଦରକାର ସିଙ୍ଗଡ଼ା ପଇସା,
ନହେଲେ ଛାଡ଼ିବି ନାହିଁ
ପଇସା ନାହିଁ ଘଣ୍ଟାଟା ଦେଇଯା ।

ISSN NO.
2582-208X

ଘଟିଥିବା ଘଟଣା ଉପରେ
ପଡ଼ିଲା ରେଳବାଇ କର୍ତ୍ତୃପକ୍ଷଙ୍କ ନଜର
କାର୍ଯ୍ୟାନୁଷ୍ଠାନ ହେଲା ବେପାରୀ ଉପର,
ଭରଷା ତୁଟିଗଲା
ଲୋକଟିର ୟୁପିଆଇ ପେମେଣ୍ଟ ରେ ।

କିଛି ବିକଳ୍ପ ବ୍ୟବସ୍ଥା ଅଛିକି
ଯଦି ୟୁପିଆଇ କାମ କରୁନି
ବ୍ୟବସାୟୀ ଙ୍କ ଫୋନ୍ ପେ ନମ୍ବର ନେଇ
ପରେ ପଇସା ପଠେଇଦେବା ଉଚିତ୍,
ସେ ବି ତ ଦି ପଇସା
ରୋଜଗାର ପାଇଁ ସେଠାରେ ବସିଛି ।

ତାଛଡ଼ା ଯେଉଁ ବ୍ୟକ୍ତି ବିଶେଷ
ଏମିତି ବେପାର ବଣିଜ ସହ ସମ୍ପୃକ୍ତ
ସଠିକ ଭାବରେ ପରିସ୍ଥିତି ଟିକୁ ବୁଝ,
ଟଙ୍କା ଅସୁଲ ଚକ୍କରରେ
ତାର ପୁରା ବେପାର ହେଇଯିବ ଠପ୍ ।

ସହିଦ ଲକ୍ଷ୍ମଣ ନାୟକ ହାଇସ୍କୁଲ
ଶିଖପାଲ୍ଲୀ, ମାଲକାନଗିରି
ସଂପର୍କ :-୭୬୮୩୯୨୦୨୨୧

ISSN NO.
2582-208X

# ବଞ୍ଚୁ ଏ ଜୀବନ



ନରେନ୍ଦ୍ର ପ୍ରସାଦ ବେହେରା

ଜଗତ ଜଞ୍ଜାଳ କିଏ ସେ ବୁଝିବ
କୁହ ହେ ଠାକୁର ମୋତେ
ତୁମଛଡା କିଏ ବୁଝିବାକୁ ଦୁଃଖ
ଜନମିଛି ଏ ଜଗତେ ।୧।

ଦେଖିନି ଅତୀତ ପୁଣି ଭବିଷ୍ୟତ
ବର୍ତ୍ତମାନ ଦିଏ ଦଣ୍ଡ
କରୋନା କବଳେ ପରାହତ ହୁଏ
ଆଜି ଏ ବିଶ୍ୱ ବ୍ରହ୍ମାଣ୍ଡ ।୨।

ଚାଲିବାକୁ ତୁମେ ଦେଇଅଛ ପାଦ
କର୍ମ କରିବାକୁ ହସ୍ତ
ଦେଖିବାକୁ ଚକ୍ଷୁ ଦେଲସିନା ପ୍ରଭୁ
ମାରିଲ ପେଟକୁ ନାତ ।୩।

ଭୋକର ଜ୍ୱାଳାରେ ରୋଗର ଭୋଗରେ
ସୃଷ୍ଟି କରୁଛି ଚିତ୍କାର

ISSN NO.
2582-208X

କାହିଁ ଚାଲିଗଲ        ଅନାଥର ନାଥ
          ଆସି ସଙ୍କଟୁ ଉଦ୍ଧାର ।୪।

ତୁମ ଅବଦ୍ଧାର        ମହକ ଆସୁନି
          ରହି ଅଛୁ ପ୍ରତୀକ୍ଷାରେ
ଭାଗ୍ୟ କିବା ବାମ        ହେଇଲା ଆମର
          ରଖିଲ ତୁମ ଠୁଁ ଦୂରେ ।୫।

ବସିଲ ମଉନେ        ଗମ୍ଭିରା ଭିତରେ
          ଷାଠିଏ ପଉଟି କାଇଁ
ଭୋକ ଉପାସରେ        ଯେତେ ଚରାଚର
          ରହୁଛନ୍ତି ପାଣିପିଇ ।୬।

ଭଙ୍ଗା ଚାଳିଆରେ        ଦିନଯାଏ କା'ର
          ଆଶାହୁଏ ଚୁରମାର
ଅଟ୍ଟାଳିକା ସମ        ମନ୍ଦିର ତୋହର
          ସୌନ୍ଦର୍ଯ୍ୟର ଗନ୍ତାଘର ।୭।

କେତେ ଦୀନଦୁଃଖୀ        ଭିକ୍ଷା ମାଗିବାକୁ
          ଆସୁଥିଲେ ବଡ ଦାଣ୍ଡେ
ମହାମାରୀ ଡାକି        କରିଲ ପ୍ରହାର
          କେମିତି ଖାଇବେ ଗଣ୍ଡେ ।୮।

ଏତେ ଅବିବେକ        ନୁହଁ ପ୍ରଭୁ ତୁମେ
          କଲ କାହିଁ ସାତପର

ISSN NO.
2582-208X

ବଡ ଦେଉଳରେ ରହିଅଛ କିମ୍ବା
ବୋଲାଇ ବଡ ଠାକୁର ।୯।

କରିଅଛ ବନ୍ଦି ରଖି କିଛି ଫନ୍ଦି
କେମିତି ବଞ୍ଚିବୁ କୁହ
ବେଳୁବେଳ ଦୁଃଖ ଅସ୍ଥିର ହେଉଛି
ଆଖିରୁ ବହୁଛି ଲୁହ ।୧୦।

ମହାମାରୀ ଦୂର କରିଦିଅ ତୁମେ
ଖୋଲିଯାଉ ରାସ୍ତାଘାଟ
ମିଳିଯାଉ କର୍ମ ବଞ୍ଚୁ ଏ ଜୀବନ
ଭରିଯାଉ ସବୁ ପେଟ ।।୧୧।।

ସମ୍ପାଦକ - ମୋ ଅନୁଷ୍ଠାନ, ଆଳଦା,
ଖଇର୍, ବାଲେଶ୍ୱର,
ମୋ-୯୮୫୩୧୪୨୫୧୦

ISSN NO.
2582-208X

# ରହସ୍ୟମୟ ଚନ୍ଦନ ହାତୀ



ଡକ୍ଟର ପ୍ରଦୀପ କୁମାର ପଣ୍ଡା

(ଏକ ରହସ୍ୟ ଓ ରୋମାଞ୍ଚକର ଅନୁଭୂତି କାହାଣୀ)

ସେ ରାତିରେ ଜଙ୍ଗଲ ମଧ୍ୟରେ ଅନ୍ଧାର ଭୟଙ୍କର ଭାବରେ ଛାଇଯାଇଥିଲା। ଚାରିପାଖରେ କେବଳ ଜଙ୍ଗଲ ଜନ୍ତୁମାନଙ୍କର ଅଜଣା ଧ୍ୱନି, ଗଛ ପତ୍ରର ଖସ୍‌ଖସା ଏବଂ ଏକ ଅଜଣା ଅସ୍ଥିରତା। ବନ ବିଭାଗର ଅଧିକାରୀ ଆୟୁଷ ରଞ୍ଜନ ଏକ ବିଶେଷ ତଥ୍ୟ ପାଇଁ ଏହି ଜଙ୍ଗଲକୁ ଆସିଥିଲେ – ଜଣେ ଆଦିବାସୀ ଲୋକ କହିଥିଲେ ଯେ, ଏଠାରେ ଠିକ୍ ରାତି ଗୋଟାଏ ସମୟରେ ଦେଖିବାକୁ ମିଳେ ଏକ ଚନ୍ଦନ ହାତୀ – ଯାହା ସାଧାରଣ ହାତୀ ନୁହେଁ, ବରଂ ଅଲୌକିକ ଶକ୍ତି ଥିବା ଏକ ଅତି ଦୁର୍ଲଭ ପ୍ରାଣୀ। ସେ କହିଥିଲେ, ଏହି ଜଙ୍ଗଲ ବିଷୟରେ ଏକ ପୁରୁଣା କଥା ଅଛି – ଯେଉଁଠି ନିଶାରେ ଏକ ଅଦ୍ଭୁତ ହାତୀ ଦେଖାଯାଏ, ଯାହାର ଚର୍ମ ଚନ୍ଦନ ରଙ୍ଗର, ଏବଂ ତାରୁ ଚନ୍ଦନର ସୁଗନ୍ଧ ବି ବାହାରିଥାଏ।

ଏହି ଅଭିଯାନ ସାଧାରଣ ନୁହେଁ। ଚନ୍ଦନ ହାତୀ ବିଷୟରେ ବହୁତ କଥା କୁହାଯାଇଛି – କେହି କହନ୍ତି ଏହା ବନର ରକ୍ଷାକାରୀ, କେହି କହନ୍ତି ଏହା ଆତ୍ମା ଧାରଣ କରୁଥିବା ପ୍ରାଣୀ। ମନ୍ତ୍ର, ତନ୍ତ୍ର ଓ ଯାଦୁ ନିୟମରେ ଚନ୍ଦନ ହାତୀଙ୍କ ଚର୍ମର ମୂଲ୍ୟ ଅନନ୍ୟ। ଅନେକ ଶିକାରୀ ଏହାକୁ ଧରିବାକୁ ଚେଷ୍ଟା କରିଥିଲେ – କିନ୍ତୁ ତାଙ୍କୁ କେହି ଫେରି ଆସିବା ଦେଖି ନାହାନ୍ତି।

ISSN NO.
2582-208X

ଆୟୁଷ ରଞ୍ଜନ ତାଙ୍କର ଟିମ ସହ ଗଭୀର ଜଙ୍ଗଲରେ ପହଁଚିଲେ। ଟିମରେ ଥିଲେ ବନ ରକ୍ଷୀ ଅବିନିଶ, ଏକ ବୈଜ୍ଞାନିକ ଡ଼ା. ସୁବ୍ରତ ଏବଂ ଜାନୁଶ୍ରୁତି ଅନୁସନ୍ଧାନକାରୀ ପ୍ରିୟୁଷ। ସମସ୍ତେ ଜାଣିଥିଲେ ଏହି କାର୍ଯ୍ୟ ସରଳ ନୁହେଁ, କିନ୍ତୁ ଅପୂର୍ବ ଅନୁଭୂତି ଦେଇପାରିବ।

ରାତି ୧ଟା ହେଲାବେଳେ, ତେବେ ଅନ୍ଧାର ଆଉ ଗଭୀର ହେଉଥିଲା, ହଠାତ୍ ତାଙ୍କ ଡ୍ରୋନ୍ ଫୁଟେଜରେ କିଛି ଅଜଣା ଗତି ଧରାପଡ଼ିଲା। ଏକ ବଡ଼ ପ୍ରାଣୀ ଜଙ୍ଗଲ ମଧ୍ୟରୁ ହେଉଥିବା ରେଶମିଆ ଆଲୋକ ମଧ୍ୟରେ ଗତିଶୀଳ ହେଉଅଛି – ତାହାର ଚର୍ମ ଏମିତି ଝଳମଳ କରୁଥିଲା ଯେ ଚନ୍ଦନ ପଥର ଭଳି ଦେଖାଯାଉଥିଲା।

ପିୟୁଷ କହିଲେ, "ଏହି ହାତୀ ସାଧାରଣ ନୁହେଁ। ଏହା ଅତୀତ ରଜତ ଯୁଗର ଧାରଣାରୁ ଆସିଥିବା ଏକ ଅଭିଚାରିତ ଆତ୍ମା ଅଟକିଥିବା ପ୍ରାଣୀ ହୋଇପାରେ। ଚନ୍ଦନ ଚର୍ମ ତାଙ୍କର ଅଭିଶାପ। ଏହି ଶାପ କେବଳ ତାଙ୍କୁ ଅନ୍ଧାର ମଧ୍ୟରେ ବଞ୍ଚିବାକୁ ବାଧ୍ୟ କରୁଛି ।"

ଡ଼ା. ସୁବ୍ରତ ଏହି ଜନ୍ତୁଙ୍କ ଉପରେ ବିଜ୍ଞାନୀ ଦୃଷ୍ଟିରେ ଅନୁଧ୍ୟାନ କରିବାକୁ ଚେଷ୍ଟା କରୁଥିଲେ। "ଏହି ପ୍ରାଣୀ ଶାୟଦ୍ ଏକ ଜନ୍ମଜାତ ଜୀବ ପ୍ରଜାତି ହୋଇପାରେ – ତାଙ୍କର ଚର୍ମରେ ଜଣେ ଜୀବ ବିଜ୍ଞାନୀ ଆଗକୁ ଯାଇ ଧରିପାରିବେ ।"

ଆୟୁଷ ରଞ୍ଜନ ଟିମ ସହ ହାତୀକୁ ଅନୁସରଣ କରିବାକୁ ଲାଗିଲେ। ହାତୀ ଅସାଧାରଣ ଚତୁର ଥିଲା – ଜଣେ ମୁନିର ଭଳି ଦିଗ୍ଦର୍ଶନ କରୁଥିଲା। ସେ ଏମିତି ପତର ଭିତରେ ଗଲା ଯେ, ସାଧାରଣ ଚକ୍ଷୁ ତାକୁ ଦେଖିପାରିବ ନାହିଁ। ମାନେ ଗଛପତ୍ର ତାଙ୍କୁ ଆଚ୍ଛାଦିତ କରି ନେଲେ।

ହଠାତ୍ ପିୟୁଷ ଏକ ପୁରୁଣା ଶିଳାଲେଖ ଦେଖିଲେ – ତହିଁରେ ଲେଖା ଥିଲା ଏକ ଶାପର କାହାଣୀ। ବହୁତ ବର୍ଷ ପୂର୍ବେ ଜଣେ ଦୟାଳୁ ହାତୀ ଜଣକୁ ରାଜା ଅନ୍ୟାୟ ଭାବରେ ମାରିଦେଇଥିଲେ। ତାଙ୍କ ଆତ୍ମା ଏହି ଜଙ୍ଗଲରେ ଅଟକି ପଡ଼ିଥିଲା – ଯାହା ଚନ୍ଦନ ଅନ୍ତର୍ଗତ ଚର୍ମ ନେଇ ଜନ୍ମ ନେଇଛି। ଏଠି ଥିବା ଏହି ଶିଳା ଲେଖ – ଯାହା କହୁଥିଲା:

ISSN NO.
2582-208X

"ଯେ ଅନ୍ୟାୟର ଶାପ ନେଇ ବଞ୍ଚିଛି, ସେଉଁଥିରେ ଦୟା ହେବା ଦ୍ୱାରା ମୁକ୍ତି ମିଳିବ। ଯେ ଦୟାର ସ୍ୱର ନେଇ ଶାନ୍ତି ଆଣିପାରିବ, ସେଇ ମୁକ୍ତିକର୍ତ୍ତା।"

ପିୟୁଷ କହିଲେ, "ଏହା କୌଣସି ପ୍ରାଣୀ ନୁହେଁ, ଏହା ଏକ ଶାପଗ୍ରସ୍ତ ଆତ୍ମା – ଯାହା ବନକୁ ରକ୍ଷା କରିବା ପାଇଁ ଅନେକ ଶତାବ୍ଦୀ ଧରି ଏଠି ଅଛି।"

ଜଣେ ବୃଦ୍ଧ ଗ୍ରାମବାସୀ ଦାୟାଲ ଆୟୁଷ ରଞ୍ଜନଙ୍କୁ ଏକ ଅଜଣା କାହାଣୀ କହିଥିଲେ – "ପୁରୁଣା ଯୁଗରେ ରାଜା ବିଜୟସେନ ନିଜ ରାଜ୍ୟ ପାଇଁ ଏକ ଦୟାଳୁ ହାତୀକୁ ବଳି ଦେଇଥିଲେ। ସେହି ହାତୀ ଆତ୍ମାରେ ଅବିରତ ରହିଗଲା। ତାହାର ଶାପ ନିମିତ୍ତେ ଗଛମାନେ ଚନ୍ଦନ ରୂପ ଧାରଣ କଲେ ଓ ହାତୀ ମଧ୍ୟ ଚନ୍ଦନ ଚର୍ମ ଉପରେ ଜୀବନ ନେଲା। ଏହି ହାତୀ ଦିଗଭ୍ରମିତ ଆତ୍ମା, ତାହାର ଶାନ୍ତି କେବଳ ଏକ ନିଜ ସଠିକ୍ ଅନ୍ତିମ କାର୍ଯ୍ୟ ପରେ ମିଳିପାରିବ।"

ଏହି କଥା ବୁଝି ଆୟୁଷ ରଞ୍ଜନ ନିଶ୍ଚୟ କଲେ – ତାଙ୍କର ଟିମ ଏହି ରହସ୍ୟ ଖୋଲିବାକୁ ପ୍ରସ୍ତୁତ। ଆୟୁଷ ରଞ୍ଜନ ଏଥିପାଇଁ ଏକ ଯୋଜନା କଲେ – ତାଙ୍କ ଟିମ ହାତୀଙ୍କୁ ଜୀବନ ଦେବା ଏବଂ ତାଙ୍କ ମନର ଦୁଃଖକୁ ଶମନ କରିବା ପାଇଁ ଏକ ଉଦ୍ୟମ ଆରମ୍ଭ କରିବେ। ପିୟୁଷ ପ୍ରାଚୀନ ଲେଖା ଓ ଲୋକପାଳି ଆଧାରରେ ଏକ ଦୟା ଅନୁଷ୍ଠାନ ପାଇଁ ପ୍ରସ୍ତୁତି କଲେ – ଯେଉଁଠି ହାତୀ ପାଖରେ ଦୀପ ଜାଳି ତାଙ୍କୁ ଶାନ୍ତ ମନ ଦେଇ ବାଣୀ ଉଚ୍ଚାରିତ କରାଯିବା ଉଚିତ। ଏହି ବାଣୀ ଥିଲା ପୁରୁଣା ସଂସ୍କୃତ ଶ୍ଲୋକ:

"सर्वभूतेषु दया धर्मस्य मूलं स्मृतम्।"
(ସମସ୍ତ ପ୍ରାଣୀ ଉପରେ ଦୟା ହିଁ ଧର୍ମର ମୂଳ ଆଧାର ଅଟେ)

ସମସ୍ତେ ଏହି ଶ୍ଲୋକ ଉଚ୍ଚାରଣ କଲେ ଓ ହାତୀ ପାଖରେ ବସି ତାଙ୍କୁ ମାନବ ଦୟା ଓ ଶାନ୍ତି ଦେଖାଇଲେ। ସେ ମହାନ ହାତୀ, ଆଖି ଉଦଘାଟି କରି ଏକ ଦୂର ଦୃଷ୍ଟିରେ ଦେଖିଲେ। ତାଙ୍କର ଶରୀରର ଚନ୍ଦନ ଆଲୋକ ଉଭେଇ ଗଲା। ତାଙ୍କ ଚର୍ମ ଧୀରେ ଧୀରେ ଗଭୀର ଧୂସର ରଙ୍ଗକୁ ପରିବର୍ତ୍ତିତ ହେଲା – ମାନେ ଶାପ ବିମୁକ୍ତ ହେଉଛି। ତାଙ୍କ ଆଖିରେ ଆନନ୍ଦ

ISSN NO.
2582-208X

ଓ ଶାନ୍ତି ଜଗମଗ କଲା। ସେ ଆୟୁଷ ରଞ୍ଜନଙ୍କ ଦିଗରେ ଦେଖି ଦେହ ଉନ୍ମୁକ୍ତ କଲେ, ଡ଼ା. ସୁବ୍ରତଙ୍କୁ ଆଖି ମିଟି ମିଟି କରି ଦେଖି ଜଙ୍ଗଲ ମଧ୍ୟରେ ଚାଲିଗଲେ – ଏବଂ ଏମିତି ଅନ୍ଧାର ମଧ୍ୟରେ ଏକ ବିଜୁଳି ଆଲୋକ ପରି ନିମିଷକ ମଧ୍ୟରେ ହାତୀ ଗଭୀର ଜଙ୍ଗଲରେ ଅଦୃଶ୍ୟ ହେଇଗଲେ।

ଆୟୁଷ ରଞ୍ଜନ ଟିମ ଫେରିଲେ – ତାଙ୍କ ସହ କେବଳ ଅନୁସନ୍ଧାନ ନୁହେଁ, ବରଂ ଏକ ଆତ୍ମିକ ଅନୁଭୂତି ଓ ମାନବିକତା ନେଇ।

ପିୟୁଷ ନିଜ ଡାୟିରୀରେ ଲେଖିଲେ:

"ରହସ୍ୟ ମଧ୍ୟରେ ଆତ୍ମା ଅଛି, ଆତ୍ମା ମଧ୍ୟରେ ଅନୁଭୂତି। ଯେଉଁ ଅନୁଭୂତି ମଧ୍ୟରେ ଦୟା ଅଛି, ତାହିଁ ଶାପ ଭିତରେ ଆଶା ଜଗାଇପାରେ।"

ଏଭଳି ଏକ ଶାପଗ୍ରସ୍ତ ଆତ୍ମା ବିଶ୍ୱାସର ଆଲୋକରେ ଶାନ୍ତି ପାଇଲା। ଚନ୍ଦନ ହାତୀ ଆଉ କେବେ ଦେଖିବାକୁ ମିଳିବ କି ନାହିଁ – ଏହା ଅଜଣା। କିନ୍ତୁ ତାଙ୍କ କାହାଣୀ ଚିରସ୍ଥାୟୀ ହୋଇ ରହିବ।

ଆୟୁଷ ରଞ୍ଜନ ଟିମ ଭାବିଥିଲେ ତାଙ୍କ ଅଭିଯାନ ସମାପ୍ତ – ଚନ୍ଦନ ହାତୀ ଶାପ ମୁକ୍ତ ହୋଇଯାଇଛନ୍ତି, ରହସ୍ୟ ଖୋଲିଯାଇଛି, ଦୟା ଜିତିଛି। କିନ୍ତୁ, ସେହି ଅଭିଯାନର ୭ ଦିନ ପରେ, ଏକ ଅଜଣା ଭାଷାରେ ଲିଖାଯାଇଥିବା ଚିଠି ଆୟୁଷ ରଞ୍ଜନଙ୍କ ବ୍ୟକ୍ତିଗତ ମେଲକୁ ଆସିପହଁଚିଲା। ଏହି ଚିଠିରେ କେବଳ ଏତିକି ଲେଖା ଥିଲା:

"ତୁମେ ଯେଉଁ ହାତୀକୁ ମୁକ୍ତ କଲ, ସେ ହେଉଛି ଏକ ଦ୍ୱାର। ଆଉ ଏକ ରହସ୍ୟମୟ ଗୁପ୍ତ ଜଗତ ପାଇଁ ଦ୍ୱାର। ଏଠି ସେ ରହସ୍ୟମୟ ଗୁପ୍ତ ଜଗତ ହେଉଛି ଆରମ୍ଭ। ସତରେ ତୁମେ ପ୍ରସ୍ତୁତ ତ?"

ISSN NO.
2582-208X

ଆୟୁଷ ରଞ୍ଜନ ଚମକିଯାଇଥିଲେ। ଏହି ଭାଷା ସାଧାରଣ ଓଡ଼ିଆ କିମ୍ବା ହିନ୍ଦୀ ନୁହେଁ – ଏହି ଅକ୍ଷରଗୁଡିକ ବ୍ରହ୍ମୀ ଓ ଗୁପ୍ତ ଶିଳା ଲିପି ମିଶ୍ରିତ ଥିଲା। ଡ଼ା. ସୁବ୍ରତ ଏବଂ ପିୟୁଷ ଏହି ଲିପିକୁ ପଢ଼ି ବୁଝିଲେ – ଏହି ଚିଠି କୌଣସି ଲୋକ ଲେଖିନାହାନ୍ତି, ବରଂ ତାହା ଆସିଛି ଏକ ଅଦୃଶ୍ୟ ଶକ୍ତିର ଉପରୁ – ଶାପରୁ ମୁକ୍ତ ହୋଇଥିବା ଆତ୍ମା ଏବେ ଏକ ନୂଆ ଅବସ୍ଥାରେ ପ୍ରବେଶ କରିଛି – ଯାହା ଆଗକୁ ଆପଣଙ୍କୁ ଅନ୍ୟ ରହସ୍ୟ ପାଇଁ ଆମନ୍ତ୍ରଣ କରୁଛି। ପ୍ରିୟୁଷ ଏକ ପୁରୁଣା ପାଣ୍ଡୁଲିପି ମଧ୍ୟରେ ଏହି ବିଷୟର ଉଲ୍ଲେଖ ଖୋଜି ନେଲେ। ସେ କୁହିଲେ:

"ପ୍ରାଚୀନ ଲେଖାମାନେ କୁହନ୍ତି ଯେ ଦେବତାମାନେ ନିଜର ଶକ୍ତିକୁ ଏକ ଦ୍ୱାର ଭିତରେ ଲୁଚାଇ ରଖିଥିଲେ – ଯେଉଁ ଦ୍ୱାର କେବଳ ଦୟା ଦ୍ୱାରା ଖୋଲିପାରିବ। ସେହି ଦ୍ୱାର ପାଳକ ହେଉଛି ଏକ ହାତୀ – ଅନେକ ଶତାବ୍ଦୀ ଧରି ଶାପରେ ଅଟକିଥିବା। ଏବେ ଦ୍ୱାର ଖୋଲିଛି – ତାହେଲେ ଆଗକୁ କଣ ଆସିବ ?"

ଏହି ଧାରଣା ଆୟୂଷ ରଞ୍ଜନଙ୍କ ମନରେ ଭୟ ଓ ଉତ୍ସୁକତା ଜନ୍ମ ଦେଲା। ତାଙ୍କର ଏକ ସ୍ୱପ୍ନ ଆସୁଥିଲା ଆଉ ଆଉ ସେଥିରେ – ହାତୀ ଆସି କହୁଛି: "ମୋ ଶାପ ଗଲା, କିନ୍ତୁ ମୋ ଦେହ ଆଉ ଏକ ଗୁପ୍ତ ରାହାଦାରି ହେବାକୁ ଯାଉଛି। ଏଠି ଲୁଚିଛି ମହାପାତାଳ ଦ୍ୱାର। ତୁମେ ପ୍ରସ୍ତୁତ ତ ?

ଆୟୂଷ ରଞ୍ଜନଙ୍କ ଟିମ ଏବେ ନିଶ୍ଚିତ କରିଲେ – ଏହି ରହସ୍ୟ କେବଳ ଏକ ହାତୀ ପର୍ଯ୍ୟନ୍ତ ନୁହେଁ, ବରଂ ଏକ ଗୋପନ ଜଗତର ଦ୍ୱାର ଆରମ୍ଭ ଅଟେ। ଡ୍ରୋନ୍ ଓ ଲୋକାଲ ମାନଚିତ୍ରରେ ଏହି ହାତୀ ଜେଉଁ ଅଞ୍ଚଳରୁ ଚାଲିଯାଇଥିଲେ, ସେଠି ଅତଳ ଗୁହା ଥିବାର ସଂକେତ ମିଳିଲା। ସେଠାରେ ଥିଲା ଏକ ଗଭୀର ପାତାଳ ପାଇଁ ଲାଗିଥିବା ଦ୍ୱାର – ଯାହା ଉପରେ ଚନ୍ଦନ ଗଛର ଶିଳା ତରଶା ଥିଲା, ତାହାର ମଧ୍ୟରେ ହାତୀ ରୂପୀ ଦେବତା ବନ୍ଦୀ ଅବସ୍ଥାରେ ଅଛି।

ଏବେ ପ୍ରଶ୍ନ –
ଏହି ଦ୍ୱାର ଖୋଲିବେ କି ?
ଏହି ତଳଭୂମି ମଧ୍ୟରେ କଣ ଅଛି ?

ISSN NO.
2582-208X

ଆୟୁଷ ରଞ୍ଜନ ଏବଂ ଟିମ ପାଇଁ ଏହା ଏକ ଦ୍ୱିତୀୟ ଅଭିଯାନ ପାଇଁ ଟିମ ପ୍ରସ୍ତୁତ ହେଲା – ହାତରେ ନାଇଟ ଭିଜନ୍, ମାପ ଯନ୍ତ୍ର, ପୁରାତନ ଲିପି ବିଚାରଣା ସାଧନ ଓ ଅନ୍ତର ଆସ୍ଥା ନେଇ। ସେମାନେ ପ୍ରବେଶ କଲେ ଗୁହାରେ – ଯେଉଁଠି ବାୟୁ ଭି ନିଜେ ଅଲଗା ଲାଗୁଥିଲା। ମନେ ହୁଏ ଗୁହା ଜୀବନ୍ତ।

ଅବିନିଶ ସ୍ୱର ଉଠେଇ କହିଲେ: "ମୁଁ ୨୦ ବର୍ଷ ଧରି ଜଙ୍ଗଲ ଦେଖୁଛି, ଏତେ ଶିତଳ ଓ ମୌନ ଅନୁଭୂତି ମୁଁ କେବେ ଅନୁଭବ କରିନାହିଁ... ଏଠି କିଛି ଅଲଗା ଅଛି।"

ପ୍ରଥମ ଗୁହା ଶିଳା ଭିତରେ ଚିତ୍ର ଅଙ୍କିତ ଥିଲା – ଏକ ହାତୀ ଜଣେ ମଣିଷଙ୍କ ପାଖରେ ଶୋଇଛି, ଏବଂ ତାଙ୍କ ମୁଣ୍ଡ ଉପରେ ଆଲୋକ ବିନ୍ଦୁ ନିକ୍ଷିପ୍ତ। ପିୟୁଷ ଏହାକୁ ବିଶ୍ଳେଷଣ କରି କହିଲେ: "ଏହି ଚିତ୍ର ବୁଝାଉଛି ଯେ ଏକ ଦିନ ମଣିଷ ଓ ପ୍ରାଣୀ ମଧ୍ୟରେ ଅତି ନିକଟ ଆତ୍ମିକ ସମ୍ପର୍କ ଥିଲା। ଏହା କୌଣସି ଲୋକ ଗାଥା ନୁହେଁ – ଏହି ଗୁହା ସାକ୍ଷୀ।"

ଗୁହା ଶେଷରେ ସେମାନେ ପହଁଚିଲେ ଏକ ମହାନ ଶିଳା ଦ୍‌ୱାର ପାଖକୁ – ଯାହା ଉପରେ ଏହି ଶବ୍ଦ ଲିଖାଯାଇଥିଲା: "ଯେଉଁମାନେ ଆତ୍ମା ଓ ପ୍ରାଣୀ ମଧ୍ୟର ସମ୍ବନ୍ଧକୁ ବୁଝନ୍ତି, ସେମାନେ ଏହି ଦ୍‌ୱାର ମାଧ୍ୟମରେ ସତ୍ୟ ଲୋକକୁ ପ୍ରବେଶ କରିପାରିବେ।"

ଡ଼ା. ସୁବ୍ରତ ଶ୍ୱାସ ଚାପି କହିଲେ: "ଏହି ଦ୍ୱାର କୌଣସି ପ୍ରାଚୀନ ଦରଜା ନୁହେଁ। ଏହା ଏକ ଆନ୍ତରିକ ପରୀକ୍ଷା – ଆମ ମନ ଏବଂ ମୂଲ୍ୟବୋଧର ଦ୍ୱାରା ଖୋଲିପାରିବ।"

ଏବେ ପ୍ରଶ୍ନ ଉଠେ: ଟିମ ଏହି ଦ୍ୱାର ଖୋଲିପାରିବେ କି? କି ଏହା ଖୋଲିବା ସହିତ କିଛି ଉପାୟ ମଧ୍ୟ ମୁକାବିଲା କରିବାକୁ ପଡ଼ିବ? ଏବେ ସମସ୍ତେ ଗଭୀର ଭାବରେ ଆଲୋଚନା କଲେ ଏବଂ ପରଦିନ ପ୍ରଭାତରୁ ଅଭିଯାନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଲେ । ପରଦିନ ପ୍ରଭାତରୁ ଘଞ୍ଚ ବୃକ୍ଷ ଆଛଦିତ ଜଙ୍ଗଲ ମଧ୍ୟରେ ପଶିଲେ । ସେଇ ରହସ୍ୟମୟ ବନର ଗୁହା ନିକଟରେ ପହଂଚି ଅବିନିଶ ସେ ଶିଳା ନିକଟରେ ପହଂଚି ଭୟ ସହିତ ସେ ଶିଳାକୁ ସ୍ପର୍ଶ କରନ୍ତେ ଏକ ଅଦୃଶ୍ୟ ଆଲୋକ ଦ୍ୱାରା ଦ୍ୱାର ଖୋଲିଲା – ଟିମ ପସିଲେ ଏକ ଶବ୍ଦହୀନ, ସୁଗନ୍ଧମୟ ଶ୍ୱେତ ମଣ୍ଡଳକୁ, ଯେଉଁଠି ସମସ୍ତ ଗଛ, ପ୍ରାଣୀ ଓ ମଣିଷ ଏକତାର

ISSN NO.
2582-208X

ଶକ୍ତିରେ ବିଲୀନ ଥିଲେ। ଏଠି ଥିଲେ ସେହି ହାତୀ – କିନ୍ତୁ ଏବେ ତାଙ୍କ ଶରୀର ମାନବ ଓ ପ୍ରାଣୀ ଶକ୍ତିର ମିଶ୍ର ଆକୃତି। ତାଙ୍କୁ ଦେଖି ବୁଝା ପଡୁଥିଲା – ସେ କେବଳ ଜୀବ ନୁହେଁ, ସେ ଏକ ଆତ୍ମାନୁଭୂତି, ଏକ ଦ୍ୱାର, ଏକ ସୂତ୍ର।

ସେ କହିଲେ: "ତୁମେ ମୋ ଶାରୀରିକ ଶାପ ଭାଙ୍ଗିଛ – ଏବେ ମୋ ଆତ୍ମିକ ଜନ୍ମ ଆରମ୍ଭ। ତୁମେ ଆଗକୁ ଚାଲିବାକୁ ପ୍ରସ୍ତୁତ କି ?

ଟିମ ଆଶ୍ଚର୍ଯ୍ୟ ଓ ଭୟ ମଧ୍ୟରେ ନିଜ ନିଜ ମନରେ ବିବେକ କରୁଥିଲେ। ଏହି ମଣ୍ଡଳ କୌଣସି ରୂପରେ ଆଶିର୍ବାଦ ନୁହେଁ – ଏହା ଏକ ଚୟନ। ଯିଏ ଏଥିରେ ପସିବ, ସେ ଆଗକୁ ପଛକୁ ଚାହିଁ ଦେଖିପାରିବ ନାହିଁ।

ଆୟୁଷ ରଞ୍ଜନ ମନକୁ ମନ କହିଲେ: "ମୁଁ ଆରମ୍ଭ କରିଥିଲି ବନ ଅଧିକାରୀ ଭାବରେ – ଏବେ ମୁଁ ଦେଖୁଛି ମନୁଷ୍ୟ ଓ ପ୍ରାଣୀ ମଧ୍ୟରେ ଏକ ଦେବତ୍ୱ ଅଛି। ଏହି ଗୁମ୍ଫା ରହସ୍ୟରୁ ଅଧିକ ରହସ୍ୟମୟ ।

ଚନ୍ଦନ ହାତୀ (ତୃତୀୟ ପର୍ବ)

(ଆଗରୁ: ଆୟୁଷ ରଞ୍ଜନ ଟିମ ଏକ ଗୁପ୍ତ ଦ୍ୱାର ମାଧ୍ୟମରେ ପ୍ରବେଶ କରିଛି ଏକ ଅଜଣା ଶ୍ୱେତ ମଣ୍ଡଳରେ – ଯେଉଁଠି ଚନ୍ଦନ ହାତୀ ଏବେ ଏକ ଆତ୍ମିକ ଦ୍ୱାର ହିସାବରେ ପରିଣତ ହୋଇଛନ୍ତି...)। ଏହି ଚନ୍ଦନ ମଣ୍ଡଳ କୌଣସି ସାଧାରଣ ସ୍ଥଳ ନୁହେଁ। ଏଠି ଆଲୋକ ଓ ଅନ୍ଧାର ଦୁଇଁ ଏକ ଅନୁପାତରେ ବିଲିନ। ଟିମର ସମସ୍ତ ଉପକରଣ – ଡ୍ରୋନ୍, ଟେମ୍ପରେଚର୍ ଗେଜ୍, ଜିପିଏସ – ସମସ୍ତ ଅଚଳ ହୋଇଗଲା।

ପିୟୁଷ ଅନ୍ଧାର ମଧ୍ୟରେ ଏକ ଆଲୋକ ଚକ୍ର ଦେଖିଲେ। ତିନିଟି ଅକ୍ଷର ସେଠାରେ ଜଳମଳ କରୁଥିଲା:

"ସତ୍ୟ – ତ୍ୟାଗ – ସମନ୍ୱୟ"

ISSN NO.
2582-208X

ଡ଼ା. ସୁବ୍ରତ ଏହି ଲେଖାକୁ ବିଶ୍ଲେଷଣ କରି କହିଲେ: "ଏହି ଚକ୍ର କେବଳ ଦେଖାଯାଉଛି ଯେଉଁମାନେ ମନର ଅଭିମାନ ଛାଡ଼ିଦେଇଛନ୍ତି। ଏହି ମଣ୍ଡଳ ଅନ୍ତର ମନର ଆଇନା – ତୁମେ କେଉଁଠି ଦଢ଼ିଆ ଓ କେଉଁଠି ଦୟାଳୁ, ସେ ଦେଖାଏ ।"

ଆୟୁଷ ରଞ୍ଜନ ଏବେ ଏକ ଅଦୃଶ୍ୟ ଦ୍ୱାର ମାଧ୍ୟମରେ ନିଜ ଜୀବନର ଅନେକ ପୁରୁଣା ଦୃଶ୍ୟ ଦେଖିଲେ – ଜଣେ ଶିଶୁ ହାତୀ ଯେଉଁକୁ ସେ କେବଳ ନିୟମ ମୁତାବକ ବନରୁ ତଡ଼ି ଦେଇଥିଲେ, ତାଙ୍କ ଅଖିର ଭୟ...

ପିୟୁଷ ନିଜ ଜୀବନରେ ବନ୍ୟପ୍ରାଣୀ ଶିକାରରେ ଯେଉଁ ପ୍ରଭାବ ପଡ଼ିଥିଲା, ସେ ଦେଖି ସେତେ ସ୍ଥିର ହୋଇ ରହିଗଲେ। ଏହି ମଣ୍ଡଳ ଏମିତି ଜାଗା – ଯେଉଁଠି ପ୍ରତ୍ୟେକ ଲୋକ ନିଜ ଅନ୍ତରର ଅନୁଭୂତି ଓ ଅପରାଧ ବାହାରକୁ ଦେଖେ। ଏବଂ ତାହିଁ ସମୟରେ ଏହି ଶବ୍ଦ ଗଞ୍ଜିଲା: "ପ୍ରକୃତି ତୁମକୁ ମାଫ କରିପାରେ, ଯଦି ତୁମେ ନିଜକୁ ମାଫ କରିପାର ।"

ଏହି ଶ୍ୱେତ ଜଗତ ମଧ୍ୟରେ ଚନ୍ଦନ ହାତୀ ଏବେ ମାତ୍ର ଜୀବ ନୁହେଁ – ସେ ଏକ ଚେତନ ଶକ୍ତି ହିସାବରେ ପ୍ରକଟ ହେଲେ। ସେ ଆୟୁଷ ରଞ୍ଜନଙ୍କୁ ଏକ ସ୍ୱପ୍ନ ଭାଷାରେ କହିଲେ:

"ମୁଁ ଏତେ ବର୍ଷ ଧରି ଶାପ ଭୋଗ କଲି, ତୁମେ ମୋ ପାଇଁ ଦୟା କଲ। କିନ୍ତୁ ମୁଁ କେବଳ ଏକ ପ୍ରତୀକ। ଏହି ମଣ୍ଡଳ ମଧ୍ୟରେ ଆଉ ୯ ଦ୍ୱାର ଅଛି – ଯେଉଁଠି ପ୍ରାଣୀ, ପ୍ରକୃତି ଓ ମଣିଷ ମଧ୍ୟର ସମ୍ବନ୍ଧ ଲୁଚିଛି। ତୁମେ ଚାଲିବାକୁ ପ୍ରସ୍ତୁତ କି ?"

ମଣ୍ଡଳ ତଳରେ ଏକ ଶିଳା ଉପରେ ତିନିଟି ଚାବି ଉଦ୍ଭାସିତ ହେଲା:

1. ତ୍ୟାଗର ଚାବି – ଯେଉଠି ଆୟୁଷ ରଞ୍ଜନ ନିଜର ଅଭିମାନ ବିମୋଚନ କଲେ।
2. ସତ୍ୟର ଚାବି – ଯେଉଁଠି ଡ଼ା. ସୁବ୍ରତ ନିଜ ବିଜ୍ଞାନର ଗର୍ବକୁ ଛାଡ଼ି ମନକୁ ଖୋଲିଲେ।
3. ଦୟାର ଚାବି – ଅବିନିଶ ନିଜ ଶିକ୍ଷା ଏବଂ ଆତ୍ମିକତାକୁ ଭାଗ କଲେ।

ISSN NO.
2582-208X

ଏହି ତିନିଟି ଚାବି ଦେଇ ସେମାନେ ଏକ ଅନ୍ୟ ଦ୍ୱାର ଖୋଲିଲେ – ଏହି ଦ୍ୱାର କୌଣସି ଗୁହାର ଭିତରକୁ ନୁହେଁ, ଏହା ଗଲା ପ୍ରାଣୀ ମନସିକତାର ଜଗତକୁ – ଯେଉଠି ମନୁଷ୍ୟ ପ୍ରତି ଉଦାସିନତା, ଭୟ, ଓ ଦୟା ବିବେକ ରଖିଥିଲା।

ଦ୍ୱାର ଖୋଲିଲା। ଏହିପରେ ସେମାନେ ପ୍ରବେଶ କଲେ ଜୀବ ମଣ୍ଡଳ (Bio-Spiritual Realm) ଭିତରେ – ଏକ ଅନନ୍ୟ ଅନୁଭୂତି ଯେଉଁଠି ପ୍ରତ୍ୟେକ ପ୍ରାଣୀ ଏକ ଶ୍ୱାସ, ଏକ ସ୍ୱର, ଏକ ଚେତନା ଭାବରେ ବସିଥିଲେ। ଆୟୁଷ ରଞ୍ଜନ ଏଠି ଦେଖିଲେ ଯେ ହାତୀ, ବାଘ, ହରିଣ, ତୁଆଁ, ଏବଂ ମଣିଷ – ସମସ୍ତଙ୍କ ମଧ୍ୟରେ ଏକ ଶୁନ୍ୟ ଅଛି, ଯେଉଠି ଦୟା ଓ ଭୟ ଏକ ସମୟରେ ଅନୁଭୂତ ହୁଏ।

ଏଠି ଥିଲା ୯ଟି ଶିଳା ଚକ୍ର – ପ୍ରତ୍ୟେକ ଚକ୍ରରେ ଏକ ଜୀବ ଚିହ୍ନ ଲିଖାଯାଇଥିଲା:

1. ହାତୀ – ଦୟାର ପ୍ରତିକ
2. ସିଂହ – ଶକ୍ତି ଓ ନ୍ୟାୟ
3. ହରିଣ – ଭୟ ଓ ଭଗ୍ନତା
4. ନାଗ – ରହସ୍ୟ ଓ ରକ୍ଷା
5. ଚକୋର୍ – ଜ୍ଞାନ ଓ ଚେତନା
6. ପକ୍ଷୀ – ମୁକ୍ତି ଓ ସଂସ୍କାର
7. ମଣିଷ – ଅନ୍ତର୍ଦୃଷ୍ଟି
8. ଗଛ – ଶାନ୍ତି ଓ ସହଯୋଗ
9. ପୃଥିବୀ – ସମସ୍ତ ଚକ୍ରର ମାତୃ ଶକ୍ତି

ଅବିନିଶ ଏହି ଶିଳା ମାଧ୍ୟମରେ ଗଭୀର ଧ୍ୟାନରେ ବସି ଦେଖିଲେ – ଏହି ଚକ୍ର ମଧ୍ୟରେ ଏକ ମନ୍ତ୍ର ଲୁଚିଥିଲା: "ସେ ଯିଏ ପ୍ରକୃତି ସହ ଏକାତ୍ମ ହୁଏ, ସେ ନିଜ ଭିତରେ ଦେବତ୍ୱ ଖୋଜିପାରିବ।"

ISSN NO.
2582-208X

ଆୟୁଷ ରଞ୍ଜନ ଦେଖିଲେ ଏହି ୯ଟି ଚକ୍ର ସେମାନଙ୍କ ଅନ୍ତରେ ଆଲୋକ ଜଗାଇଦେଲା – ସେମାନେ ତାଙ୍କର ଶତାବ୍ଦୀ ଧରି ଲୁଚିଥିବା ଦୟା, ଭୟ, ଶକ୍ତି, ନ୍ୟାୟ ଓ ଦୁଃଖକୁ ନୂଆ ଭାବେ ଅନୁଭବ କରିଲେ। ସେ ମଣ୍ଡଳ ଏକ ଅନ୍ତର୍ଜାଳ ତିଆରି କଲା – ଏକ ଆଦର୍ଶ ଯେଉଁଠି ମଣିଷ ଅବଧାରଣା ଏବଂ ପ୍ରାଣୀ ଚେତନା ଜଡି ଯାଏ। ଏବଂ ଶେଷ ଦ୍ୱାର ଆଗରେ ଏହି ଶବ୍ଦ ଲେଖା ଥିଲା: "ଯଦି ତୁମେ ଦୟା, ଜ୍ଞାନ ଓ ନ୍ୟାୟରେ ଏକାତ୍ମ – ତେବେ ତୁମେ ଏ ଲୋକର ରକ୍ଷାକାରୀ।"

ଆୟୁଷ ରଞ୍ଜନଙ୍କ ଟିମ ଆଖି ଖୋଲିଥିଲେ ଏବେ ଗୁହା ଭିତରେ ନୁହେଁ – ସେମାନେ ନିଜ ଜୀବନର ନୂଆ ଅନୁଭୂତି ସହ ସେଇ ଚନ୍ଦନ ହାତୀ ପାଖରେ ଠିଆ ହୋଇଥିଲେ। ହାତୀ ଧୀର କଥାରେ କହିଲେ: "ମୁଁ ଏବେ ମୁକ୍ତ – ତୁମେ ମୋ ଶାପ ଭାଙ୍ଗିଲା। କିନ୍ତୁ ଏହି ମଣ୍ଡଳର ଅଭିଜ୍ଞତା ତୁମେ ଜଗତକୁ ଦେବାକୁ ପଡ଼ିବ। ଏକ ନୂଆ ଶୃଙ୍ଖଳ ଆରମ୍ଭ ହେଉଛି – ଯେଉଁଠି ପ୍ରକୃତି ଓ ମଣିଷ ଆଉ ବିଭକ୍ତ ନୁହେଁ। ତୁମେ ତାହାର ଦୂତ।"

ଆୟୁଷ ରଞ୍ଜନ ଟିମ୍ ଆଗରେ ଜଟା ବିଭୂଷିତ ଏକ ସନ୍ୟାସୀ ଉପସ୍ଥିତ ହୋଇ କହିଲେ ଏହା କେବଳ ଏକ କାହାଣୀ ନୁହେଁ... "ଚନ୍ଦନ ହାତୀ" ଏକ ରୂପକ। ଏହା ମଣିଷ ମନର ଏହି ଦିନର ଅନ୍ଧକାର, ଅବିଜ୍ଞତା, ଓ ଅନୁଭୂତି ବିହୀନତାର ପ୍ରତୀକ। ଏହି କାହାଣୀ ଆମକୁ ଏକ ଗଭୀର ସନ୍ଦେଶ ଦିଏ: "ପ୍ରାଣୀମାନେ ଏକ ଗୋପନ ଭାଷା କହନ୍ତି – ଦୟା ଓ ଭୟର ଭାଷା।"

ପ୍ରକୃତି ଏବେ ନିଜ ଦ୍ୱାର ଖୋଲିଛି – ଯେଉଁଠି କେବଳ ଏକତା ପ୍ରତିଭାତ ହେଉଛି । ଧିରେ ଧିରେ ପ୍ରଭାତ ହେଉଛି। ଗୁହାର ମୁଖ ପାଖରେ ଆୟୁଷ ରଞ୍ଜନ ଏବଂ ତାଙ୍କ ଦଳ ଶାନ୍ତ ନଜରେ ଦୂରକୁ ଚାହିଁ ଅଛନ୍ତି। ଅନ୍ଧକାର ଏବେ ପଛର ଅନୁଭୂତି – ଏକ ଶିକ୍ଷା, ଏକ ଲାଗିଥିବା ପାଠ ପରି। ଚନ୍ଦନ ହାତୀ ସେମାନଙ୍କ ସାମ୍ନାରେ ଠିଆ ହୋଇ ଆଖି ମିଟି ମିଟି କରୁଛି– ତାଙ୍କ ଶରୀର ଆଗରୁ ହଳକା ଧୁଆଁ ବିଲିନ ହେଉଛି, ମାନେ ଯେଉଁଠି ତାଙ୍କ ଦୁଃଖ ଓ ଶାପ ଧୀରେ ଧୀରେ ମୁକ୍ତ ହେଉଛି।

ISSN NO.
2582-208X

ହାତୀ କହିଲେ, ଶାନ୍ତ କଣ୍ଠରେ: "ତୁମେ ମୋ ଶାପ କୁ ବୁଝିଲ, ତାହାକୁ ଶେଷ କଲ। ମୁଁ କେବଳ ଜଣେ ପ୍ରାଣୀ ନୁହେଁ – ମୁଁ ଏହି ଜଙ୍ଗଲର ଆତ୍ମା, ପ୍ରକୃତିର ଗଭୀର ସ୍ୱର। ତୁମେ ଶୁଣିପାରିଲ, ଏବେ ଆଉ ଅନ୍ୟମାନଙ୍କୁ ଶୁଣାଇବା ଦାୟିତ୍ୱ ତୁମର..."

ତାଙ୍କ ଶରୀର ଧୀରେ ଧୀରେ ଆଲୋକ ହେଉଥିବାରେ, ଏକ ଚନ୍ଦନ ଗଛ ତଳେ ଗାଢ଼ ଗନ୍ଧ ବିକିରଣ ହେଉଥିଲା। ଗଛଟି ତାଙ୍କ ଶରୀରରେ ଲାଗି ଯାଇଥିବା ଭାବରେ ଲାଗୁଥିଲା – ଚନ୍ଦନ ହାତୀ ଏବେ ପ୍ରକୃତିର ଅଂଶ ହୋଇ ଯାଇଛନ୍ତି।

ଆୟୁଷ ରଞ୍ଜନ ପାଖକୁ ଗଲେ, ତାଙ୍କ ଅଖି ଜଳଭରା। ଅବିନିଶ ଅନ୍ତର୍ଦୃଷ୍ଟି ଭରି କହିଲେ: "ଏହି ଯାତ୍ରା ଆମକୁ ବୁଝାଇଲା – ଆମେ ବନକୁ ରକ୍ଷା କରୁନାହିଁ, ବନ ଆମକୁ ରକ୍ଷା କରୁଛି। ଆମେ ପ୍ରକୃତି ସହ ଯୁଦ୍ଧ କରୁନାହିଁ, ପ୍ରକୃତି ଆମ ପାଖରେ ଜୀବନ ଶିଖାଉଛି..."

ବହୁ ବର୍ଷ ପରେ, ଏହି ଅଞ୍ଚଳ ଏକ ସଂରକ୍ଷିତ ବନ କ୍ଷେତ୍ର ହୋଇଯାଇଛି। ଚନ୍ଦନ ହାତୀ ପାହାଡ଼ ଗୁହାର ପାଖରେ ଏକ ଚିହ୍ନ ଲାଗିଛି:



"ଚନ୍ଦନ ହାତୀ ସ୍ମୃତି ଉଦ୍ୟାନ"
"ଯେଉଁଠି ପ୍ରାଣୀ ଓ ମଣିଷ ଆଉ ବିରୋଧୀ ନୁହେଁ – ସାଥୀ।"

ଆୟୁଷ ରଞ୍ଜନ, ଡ଼ା. ସୁବ୍ରତ, ଅବିନିଶ ଓ ପିୟୁଷ ଏବେ ଜଣେ ଶିକ୍ଷକ, ଜଣେ ଦୟାଳୁ ପ୍ରାଣୀ ଚିକିତ୍ସକ ଓ ଜଣେ ପ୍ରକୃତି ପ୍ରେମୀ ହିସାବରେ ଜଣାଶୁଣା ହୋଇଛନ୍ତି।

ନୂଆଁ ବରଙ୍ଗାମାଲ
ସମ୍ବଲପୁର ୭୬୮୧୧୨
drpradeepkumarpanda713@gmail.com

ଡିସେମ୍ବର - ୨୦୨୫
www.vedantimagazine.com

ISSN NO.
2582-208X

# ନଦୀ ଘାଟ ଶୋଭା ପାଏ



ପ୍ରଶାନ୍ତ କୁମାର ନାଥ

ଲାଗିଲାଣି ଭଲ ପାହାନ୍ତି ପ୍ରହର
  ଚଉଁରା ମୂଳର ଦୀପ
ରଙ୍ଗ ମୁରୁଜରେ ଦିଶିଲାଣି ଭଲ
  ମାଟି ଆଗଣାର ରୂପ ।

ଗୀତା ଭାଗବତ ମଧୁର କାକଳି
  ରଜନୀଗନ୍ଧାର ବାସ
ଶିତଳ ଶିତଳ ଶୀତଳ ସମୀର
  ମନ ଖୋଲା ତା'ର ହସ ।

ଭାରି ଭଲ ଲାଗେ କାର୍ତ୍ତିକ ମାସରେ
  ଅରୁଆ ଚାଉଳ ଭାତ
ଚଉଁରା ମୂଳରେ ନାମ ସଂକୀର୍ତ୍ତନ
  ହରି ନାମ ମିଠା ଗୀତ ।

ଭାରି ଭଲ ଲାଗେ ତିଲକ ଚନ୍ଦନ
  ଶୁଭ୍ର ଗେରୁଆ ବସନ
ଶାନ୍ତି ଆଣି ଦିଏ ମନରେ ଏମିତି
  ନିର୍ଲୋଭ ହୁଏ ଜୀବନ ।

ISSN NO.
2582-208X

ଭାରି ଭଲ ଲାଗେ ଜଗା ଦରଶନ
  ଶ୍ରୀମନ୍ଦିର ପରିକ୍ରମା
ଧର୍ମ ଭାବନାର ଦିନ ବିତିଯାଏ
  ଉଚ୍ଛୁଳେ ଆନନ୍ଦ ସୀମା ।

ଭାରି ଭଲ ଲାଗେ କାର୍ତ୍ତିକ ଶେଷରେ
  ଡଙ୍ଗା ଭସାଯେବେ ହୁଏ
କଦଳୀ ପଟୁଆ ଡଙ୍ଗାରେ ଶୋଭିତ
  ନଦୀ ଘାଟ ଶୋଭା ପାଏ ।।

(ଜୁଣଗଡି ) ରାଜନଗର,
କେନ୍ଦ୍ରାପଡ଼ା,ଦୂରଭାଷ -୮୭୫୮୨୫୨୪୨୬

ISSN NO.
2582-208X

# ନଯାଅଗୋ ପ୍ରାଣପ୍ରିୟା

ଆଶିଷ କୁମାର ସାହୁ

ନଯାଅଗୋ ପ୍ରାଣପ୍ରିୟା
ମତେ ଏକା କରି,
କେମିତି ବଞ୍ଚିବି କହ
ତୁମକୁ ମୁଁ ଛାଡି,
ଭୁଲିବି କେମିତି କୁହ
ତୁମ ଚେହେରା ମୁଁ,
କହ ଗୋ ମୋ ମନକଥା
ଶୁଣିବ ଆଉ କିଏ,
ପ୍ରାଣସଖୀ ମୋର ଆଜି
ମତେ କାଇଁ ଭୁଲି ଯାଅ,
ବିବାହ ଡୋରିକୁ କାହିଁ
ତୁମେ କାଟିଦିଅ,
ସୋଇଯାଉଛ ଗୋ କାଇଁ
ସବୁଦିନ ପାଇଁ,
ଏକାଏକା ଚାଲିଯାଅ
କାହାକୁ କିଛିନ କହି,
ମୋ ହୃଦୟର ଯନ୍ତ୍ରଣାକି
ତୁମକୁ ଦେଖା ଯାଉନାହିଁ,

ଆଗୋ ପ୍ରିୟା ମୋର
ତୁମେ ମୋ ଅର୍ଦ୍ଧାଙ୍ଗିନୀ,
ଅଧା ଅଙ୍ଗ ବିନା କହ
କେମିତି ବଞ୍ଚିବି ଗୋ ମୁହିଁ ।

ଭେଜିପଦର, ଭବାନୀପାଟଣା,
କଳାହାଣ୍ଡି
ଆଳାପ-୮୧୪୪୧୧୫୨୬୩

ISSN NO.
2582-208X

# ଅଲୋଡ଼ା ମଣିଷ



ସିଦ୍ଧେଶ୍ୱର ତ୍ରିପାଠୀ

ମୁଁ ଆଉ କଣ କହିବି ଯେ
ମୋର କିଛି କହିବାର ନାହିଁ
କାହାର ବା ସମୟ ଅଛି
ମୋ କଥା ଶୁଣିବାକୁ

କିଏ ବା ଶୁଣିବ
ଶୁଣିଲେବା ତାର କଣ ଲାଭ ହବ
ମୁଁ ନୀରବ ରହି ଯାଉଛି
ପୋତି ଦେଉଛି ମଥା

ଆସ ଆବଶ୍ୟକତା ବେଳେ ଖୋଜ ମୋତେ
ହାସଲ କରିନିଅ ତୁମ କାମ
ତା ପରେ ଭୁଲିଯାଅ ମୋତେ
ସବୁ ଦିନ ପାଇଁ

ଏମିତି ଚାଲୁଥାଉ ସମୟ
ସମୟ ସାଥିରେ ମୋତେ
ସମସ୍ତେ ଦୁରେଇ ଦିଅ
ତୁମରି ପାଖରୁ
ହଁ
ସମସ୍ତେ ଦୁରେଇ ଦିଅ
ତୁମରି ପାଖରୁ ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
7008315040

ISSN NO.
2582-208X

# ଚ୍ଚାଏ



ସରସ୍ୱତୀ ମେହେର

ରେଲ ଷ୍ଟେସନ ପେ ଦୂର ଖଡେ ହୁଏ
ଜୋର ଜୋର୍ ସେ ଚିର୍ ଲାଏ
ଚାଏ ଚାଏ, ଚାଏ ଚାଏ ।
ଥକେ ହୁଏ ଆଦମି ୟା ଔରତ
ଲେତେ ହେଁ ଯବ୍ ଦୋ ଘୁଂଟ
ଥକାନ୍ ମିଟ୍ ତା ହେ
ବୋଲ୍ ତେ ହେଁ
ହାଏ ହାଏ, ହାଏ ହାଏ ।
ଦଶ, ବିସ ମେ ଏକ କପ୍ ଚାଏ
ମନ ମଚଲ ଯାତା ହେ
ସର୍ ଦର୍ଦ କମ୍ ହୋ ଯାତା ହେ
ଦୋସ୍ତୋ କେ ସାଥ ଦିଲ୍ ବେହେଲ ଯାତା ହେ ।
ବାତ୍ ଖତମ୍ ହୋତିହେ
ସମୟ କି ପତ୍ତା ନେହିଁ ଚଲତା ହେ ।
ଘର ଯାନେ ସେ ପେହେଲେ
ଗଲେ ଲଗାକର ବୋଲତେ ହେ
ଟା ଟା ବାଏ ବାଏ, ବାଏ ବାଏ ।

ସିନାପାଲି

ISSN NO.
2582-208X

# ଅହଂକାର..



ମନୋଜ କୁମାର ବେହେରା

ମୂଳହିନ୍ଦୀ-ପାରୁଲ୍ ହର୍ଷ ମିତ୍ତଲ
ଅନୁବାଦ-ମନୋଜ କୁମାର ବେହେରା

ଅହଂକାରର ଗୋଟିଏ ଗର୍ବ ଅଟେ,ଯାହା ବ୍ୟକ୍ତିକୁ ଆତ୍ମ-କେନ୍ଦ୍ରିତ କରିଥାଏ । ଅହଂକାରୀ ବ୍ୟକ୍ତି ଭାବିଥାଏ କି ମୋଠୁ ଅଧିକ ଜ୍ଞାନବାନ, ଧର୍ମାତ୍ମା ଆଉ ବଳଶାଳୀ କେହି ନାହାନ୍ତି । ଏହି ଭାବ ଦିନ-ପ୍ରତିଦିନ ଯେତିକି ପ୍ରବଳ ହୋଇଥାଏ,ବ୍ୟକ୍ତି ସେତିକି ହିଁ ସ୍ୱମୁଗ୍ଧତାର ଘେରରେ ଆସିଯାଏ । ଏହି ମଦ ଯେବେ ମସ୍ତିଷ୍କ ଉପରେ ପ୍ରଭାବୀ ହୋଇଯାଏ, ସେତେବେଳେ ଏହା ଘୋର ଅନ୍ଧାକାରୀର ଶ୍ରେଣୀରେ ସାମିଲ୍ ହୋଇଯାଏ ।

ଆଉ ନିଜର ସମୂଳ ନାଶର ସବୁଠୁ ବଡ କାରକ ମଧ୍ୟ ପାଲଟି ଯାଏ । ଅହଂକାରୀ ବ୍ୟକ୍ତି ସଦା ସ୍ୱୟଂକୁ ସର୍ବଶ୍ରେଷ୍ଠ ଆଉ ନିଜ ଦ୍ୱାରା କରାଯାଇ ଥିବା କାର୍ଯ୍ୟକୁ ଉତ୍କୃଷ୍ଟ ମାନିଥାଏ । ସେଥିପାଇଁ ସେ ସର୍ବଦା ଅନ୍ୟମାନଙ୍କ ଅନୁଭବରୁ ବଞ୍ଚିତ ରହିଯାଇ ଥାଏ । ଅହଂକାରର ସେହି ଅବଗୁଣ ଅଟେ, ଯାହା ବ୍ୟକ୍ତିକୁ ଉପରୁ ତଳକୁ ନେଇ ଆସିଥାଏ । ଯେଉଁଠି ଘୃଣା, ସନ୍ଦେହ, ଅପରାଧ ବୋଧ, ନିଷ୍କ୍ରିୟତା ବ୍ୟକ୍ତିର ପାଦରେ ଜଞ୍ଜିର ପରି ପଡିଯାଏ । ଏହି ପ୍ରମାଦରେ ବ୍ୟକ୍ତି ଅହଂକାରୀ ହୋଇଯାଏ । ଅହଂକାର ଜୀବନର ଗୋଟିଏ ବଡ ଘାଆ ଭଳି ହୋଇଥାଏ । ଏହା ବୁଦ୍ଧିକୁ ଭ୍ରଷ୍ଟ କରି କଟୁ ସତ୍ୟରୁ ବିମୁଖ କରିଦିଏ । ଏହାର ଛାୟା ଯେବେ-ଯେବେ ଯେଉଁ ଜ୍ଞାନୀ-ଅଜ୍ଞାନୀ ଉପରେ ପଡିଥାଏ,ସେ ନିଜକୁ ବର୍ବାଦ କରିଦିଏ । ଏହାର ଜୀବନ୍ତ ଉଦାହରଣ ଆମର ପୁରାଣରେ ଉପଲବ୍ଧ ଅଛି । ମହାଦେବଙ୍କ ଭକ୍ତ,

ISSN NO.
2582-208X

ବିଦ୍ୱାନ, ବଳଶାଳୀ ଦୈତ୍ୟରାଜ ରାବଣ ଏହି ଅହଂକାରର କାରଣରୁ ପାପର ଭାଗୀଦାର ହେଇଥିଲେ ।

ଯେଉଁଠି ସହଜତା, ସରଳତା, ଆତ୍ମୀୟତା ଆଉ ନିଜ ଦୂରତାର ଅଭାବ ଥାଏ, ତାହା ଅହଂକାରର ଅଟେ । ଅହଂକାରକୁ ଭାଙ୍ଗିବା ପାଇଁ ଏହି ଭାବକୁ ଜୀବନରେ ଆପଣେଇବା ଜରୁରୀ । ବ୍ୟକ୍ତିକୁ ସର୍ବଦା ତ୍ୟାଗ କରିବାର ପାଇଁ ତତ୍ପର ରହିବା ଦରକାର । ତା' ସହିତ ମନରେ ଏହି ଭାବନା ରଖିବ କି ଇଶ୍ୱରଙ୍କ ତରଫରୁ ପଠା ଯାଇଥିବା ଗୋଟିଏ ନିମିତ ମାତ୍ର କାର୍ଯ୍ୟବାହକ ଅଟେ । ଯାହା କରୁଛେ ସେ ସବୁ ଇଶ୍ୱର କରୁଛନ୍ତି, ଯେତେବେଳେ ଏହି ସହଜତାର ଭାବ ଆମ ଭିତରେ ଆସିଯିବ ତା'ପରେ ଅହଂକାରରୁ ଦୂର ହୋଇକରି ଗୋଟିଏ ବାଳକ ନିଃସ୍ୱାର୍ଥ, ନିଷ୍ଛଳ ହୋଇଯିବ ।

ଯେତେବେଳେ ବ୍ୟକ୍ତି ଉତ୍ସାହ, ନିଷ୍ଠା ଆଉ ଆହ୍ୱାନରୁ ପୂର୍ଣ୍ଣ ରହିଥାଏ, ସେତେବେଳେ ଅହଂକାର ପାଇଁ କୌଣସି ଖାଲି ସ୍ଥାନ ଅର୍ନ୍ତମନରେ ଶେଷ ବଞ୍ଚି ନଥାଏ ।

ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର-୨୨
ଫୋନ୍-୭୯୭୮୩୦୬୧୧

ISSN NO.
2582-208X

# ବୁଲି ଆସିଥିବ ଗାଆଁକୁ



ନରଞ୍ଜନ ସାହୁ

କୁମାର ପୁନେଇଁ ଯାତ୍ରା ଦେଖିବାକୁ
ଆସିଥିବ ନିଶ୍ଚେ ଗାଆଁକୁ
ମନେମନେ ମୋତେ ଖୋଜୁଅଛ ଅବା
ଭୁଲିଗଲଣି ମୋ ନାଆଁକୁ ।

କାହିଁକି ବା ମୋତେ ଖୋଜିବ କହୁନ
ମୁଁ ଅବା ତୁମର କିଏ
ମୋ ନାଁଆରେ କେଉଁ ମାଧୁର୍ଯ୍ୟ ଅଛି ଯେ
ଖୋଜିବେ ବା ଇଏ ସିଏ
ମୁଁ କେଉଁ ଟାଣୁଆ ମଣିଷଟେ ଅବା
ପାରିବି କି ଦୌଡଧାଆଁକୁ ।

ପୂଜା ମଣ୍ଡପକୁ ବୁଲିଯିବା ବେଳେ
ଖୋଜୁଥିବ ତୁମ ଆଖି
କାଳେ କେଉଁଠାରେ ମୁହିଁ ଦେଖାହେଲେ
ଆଖି ରହିଯିବ ଲାଖି
"କାହିଁକି ରହିଲୁ "ଯଦି କେ' ପଚାରେ
ବାଆଁରେଇ ଦେବ ଛାଆଁକୁ ।

ISSN NO.
2582-208X

ଏସନ ମୁଁ ମେଢ଼ ଦେଖି ଯିବିନାହିଁ
କାହିଁକି ଯିବି ବା କୁହ
ତୁମ ସାଥେ ଯଦି ଭେଟ ହୋଇଯିବ
ଆଖିରେ ଭରିବ ଲୁହ
ମେଢ଼ ଦେଖା ବାହାନାରେ ମୋତେ ଖୋଜ
ବୁଲି ଡାହାଣକୁ ବାଆଁକୁ ।

ନିହଲପ୍ରସାଦ, ଗନ୍ଧିଆପାଟଣା,
ଢେଙ୍କାନାଳ
ମୋ :୯୯୩୮୭୪୧୫୮୩

ISSN NO.
2582-208X

# ମୁଁ ପୁଣି ଫେରିବି



ଜନ୍ମଜୟ ନାୟକ

ବନ୍ଦୀ କରି ରୋକି ପାରିବନି ମୋତେ
ଯନ୍ତ୍ରଣାର ଜତୁଶାଳ,
ମୁଁ ପୁଣି ଫେରିବି କରିଛି ପ୍ରତୀକ୍ଷା
ନୂତନ ଏକ ସକାଳ ।

ଅମା ଅନ୍ଧକାର ବୁକୁ ଚିରି ଚିରି
ଆଣିବି ଆଶା ଆଲୋକ,
ଅଦମ୍ୟ ଇଚ୍ଛାରେ ନିରାଶାର ଅନ୍ତେ
ପରାଣେ ନବ ପୁଲକ ।

ଜିତିବାର ମୋହ ମନେ ଦେବ ଭରି
ହାରିବାର ଅନୁଭୂତି,
ମୁଁ ପୁଣି ଫେରିବି ସତ୍ୟର ଆକାଶେ
ଅଧର୍ମର କରି ଇତି ।

ଜାଳିବି ମିଶାଲ୍ ଭରିବି ସାହାସ
ହୃଦୟେ ଅଲିଭା ବହ୍ନି,

ISSN NO.
2582-208X

ଯେତେ ଅବିଚାର ଅନ୍ୟାୟ ଦୁର୍ନୀତି
ନିମିଷେ ହଜିବ ପୁଣି।

କରିବି ସାକାର ସପନର ସୌଧ
ମୂଳଦୁଆ ହେବ ଧର୍ମ,
ନବ ମହକରେ ନବ ଜାଗରଣ
ସଂଜୀବନୀ ହେବ କର୍ମ।

ଗୋପୀନାଥଜୀଉ ସରକାରୀ
ଉଚ୍ଚବିଦ୍ୟାଳୟ, ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ନବ



ଦଶରଥ ମାଝୀ

ନବ ଅଙ୍କୁରୁ ବାସନା ଛୁଟେ
ନବ ପ୍ରାଣରେ ସକଳ ଘଟେ (1)
ନବ ପଲ୍ଲବେ ଶିଶିର ଖସେ
ନବ ବରଷ ପଉଷ ମାସେ (2)
ନବ କୁସୁମ ମହକି ବାସେ
ନବ ସନ୍ତାନ ସୁଢଳ ଦିଶେ (3)
ନବ ବଧୂଟି ପିନ୍ଧେ ଭୂଷଣ
ନବ ରବିରେ ନାଲି କିରଣ (4)
ନବ ପ୍ରଭାତ ଆଣେ ଆନନ୍ଦ
ନବ ରସରେ କବିତା ଛନ୍ଦ (5)

କୁରୁମାଟୁଆଁ, ଭବାନୀପାଟଣା,
କଳାହାଣ୍ଡି
ମୋ :8249212472

ISSN NO.
2582-208X

# ବାପାଙ୍କ ରେଡ଼ିଓ



ଅଭୟ କୁଣ୍ଡ

ଏଗାର ବର୍ଷ ପରେ ଗାଁକୁ ଫେରିଛି ପୁଅ ବିଜୟ । ବାପାଙ୍କ ଉପରେ ରାଗି ଘରଦ୍ୱାର, ଗାଁ ଆଉ ଭିଟା ମାଟି ଛାଡ଼ି ଚାଲି ଯାଇଥିଲା ସୁରାଟକୁ । ଏବେ ବାପାଙ୍କର ମୃତ୍ୟୁ ଖବର ଶୁଣି ଗାଁକୁ ଫେରି ଆସିଛି ପୁଅ । ବାପା ରତ୍ନାକର ପଞ୍ଚଷଠି ବୟସରେ ହୃଦଘାତରେ ଆରପାରିକୁ ଚାଲିଗଲେ । ଏବେ ଗାଁ ଲୋକମାନେ ପୁଅ ବିଜୟକୁ ଦୋଷୀ ବୋଲି କହୁଛନ୍ତି । କିନ୍ତୁ ବିଜୟ ଘରେ ପହଞ୍ଚିଲା ପରେ ଦେଖେ ତ ବାପା ତାଙ୍କ ଭଙ୍ଗା ଖଟ ଉପରେ ଶୋଇଛନ୍ତି, ଚାରିପଟେ ଲୋକ, ହଲ ନାହିଁ କି ଚଲ୍ ନାହିଁ । ସମସ୍ତେ ନୀରବ, ସ୍ତବ୍ଧ ହେଇଗଲା ବିଜୟ ଯେତେବେଳେ ବାପାଙ୍କ ହାତରେ ତାଙ୍କ ରେଡ଼ିଓଟି ଦେଖି ।

ଲୋକେ କହୁଛନ୍ତି କାଲି ରାତିରେ ରେଡ଼ିଓଟି ବାଜୁଥିଲା ଆଜି ତା'ର ବ୍ୟାଟେରୀ ସରି ଯିବାରୁ ବନ୍ଦ ହେଇଯାଇଛି । ତାହା ସହ ରତ୍ନାକରର ନିଃଶ୍ୱାସ ବି ବନ୍ଦ ହୋଇଯାଇଛି । ସବୁକିଛି ଶୁଣି ସାରିବା ପରେ ବିଜୟ ବାପାଙ୍କ ନିକଟକୁ ଦୌଡ଼ି ଯାଇ ବାପାଙ୍କୁ ଛାତିରେ ଚାପି ଧରି ବହୁତ୍ କାନ୍ଦିଲା । ମନେ ମନେ ବହୁତ କଥା ଗପିଗଲା । ତା ପାଇଁ ଆଜି ତା ବାପାର ମୃତ୍ୟୁ ହୋଇଛି ବୋଲି ଚିତ୍କାର କରି କହି ଉଠିଲା । ଗାଁର ଦାଦା ଭାଇମାନଙ୍କୁ ନେଇ ଶବ ସତ୍କାର କରି ଫେରି ଆସି ବହୁତ୍ କାନ୍ଦୁଥାଏ ବିଜୟ । ହଠାତ୍ ନଜର ପଡିଗଲା ସେହି ରେଡ଼ିଓ ଉପରେ, ଯାହା ପାଇଁ ସେ ଘର ଦ୍ୱାର ସବୁ ଛାଡ଼ି ବିଦେଶ ଯାଇଥିଲା । ସେହି ରେଡ଼ିଓଟିକୁ ଛାତିରେ ଚାପି ଧରି କଣ ଗୁଡ଼ିଏ ଭାବୁଥାଏ । ଏଇ ରେଡ଼ିଓ ………

ISSN NO.
2582-208X

ଏଇ ରେଡ଼ିଓ ବାପାଙ୍କୁ ତାଙ୍କ ବାପା ଦେଇଥିଲେ । ମାଆର ମୃତ୍ୟୁ ପରେ ବାପା ସେହି ରେଡ଼ିଓଟିରେ ସବୁବେଳେ ଆକାଶବାଣୀ ଲଗାଇ ଶୁଣନ୍ତି । ରାମାୟଣ ମହାଭାରତ ପ୍ରତିଦିନର ଖବର ଜାଣନ୍ତି । ଜେଜେବାପାଙ୍କର ସ୍ମୃତି ରୂପେ ରଖିଥିଲେ ସେହି ରେଡିଓକୁ । ରେଡ଼ିଓଟିର ବହୁତ୍ ଯତ୍ନ ନିଅନ୍ତି ବାପା । "ମତେ ମଧ୍ୟ ବହୁତ୍ ଭଲ ପାଆନ୍ତି । ମାଆ ଛେଉଣ୍ଡ ଥିଲି ମୁଁ । ମାଆର ସ୍ନେହ କ'ଣ ଜାଣିନଥିଲି । ବାପା କେବେ ହେଲେ ବି ମାଆ ସ୍ନେହର ଅଭାବ ରଖିନଥିଲେ । ବହୁତ୍ ଦୁଷ୍ଟ ଥିଲି ମୁଁ । ପାଠ ଶାଠ କିଛି ବି ପଢୁନଥିଲି । ବହୁତ୍ ଜିଦିଆ ଥିଲି ।" ଏ କଥା ଭାବି ଭାବି କନ୍ଦୁଥାଏ ବିଜୟ ।

ଏଇ ଛୋଟିଆ ଯନ୍ତ୍ରଟି ଥିଲା ତାଙ୍କ ବାପାଙ୍କର ପ୍ରିୟ ସାଧନ ଏବଂ ଏହା ହିଁ ଥିଲା ବିଜୟ ଓ ତାଙ୍କ ବାପାଙ୍କ ମଧ୍ୟରେ ବଡ଼ ଦୂରତା ।

ଏଗାର ବର୍ଷ ତଳର କଥା ମନେପଡିଗଲା । ବିଜୟର ସେତେବେଳେ ମାତ୍ର ଷୋହଳ ବର୍ଷ ବୟସ । ଗାଁରେ ମାଟ୍ରିକ ପରୀକ୍ଷା ଦେଇ ଫଳାଫଳକୁ ଅପେକ୍ଷା କରିଥାଏ ବିଜୟ । ସେ କଳାକାର ହେବାକୁ ଚାହୁଁଥିଲା ଗୀତ ଗାଇବାକୁ ଭଲ ପାଉଥିଲା । ସବୁଦିନ ତାର ଗୋଟିଏ ଜିଦ୍ ଥିଲା ବାପା ତା'କୁ ସହରକୁ ପଠାନ୍ତୁ ସଙ୍ଗୀତ ଶିକ୍ଷା ଲାଭ ପାଇଁ । କିନ୍ତୁ ବାପା ରତ୍ନାକର ଜଣେ ପୁରୁଣା କାଳିଆ ମଣିଷ । ତାଙ୍କ ଇଚ୍ଛା ଥିଲା ପୁଅ ଗୋଟେ ସରକାରୀ ଚାକିରି କରୁ ହାକିମ ହେଉ ।

ସେଦିନ ବିଜୟ ରାତିରେ ନିଜ ପସନ୍ଦର ଏକ ରେଡ଼ିଓ କାର୍ଯ୍ୟକ୍ରମ ଶୁଣୁଥିଲା । ପୁରୁଣା ଖଟର ଏକ ଭଙ୍ଗା ଡେସ୍କ ଉପରେ ସେହି ରେଡ଼ିଓଟି ଥୁଆ ହୋଇଥାଏ । ବାପା ଆସିଲେ ଏବଂ ଉଚ୍ଚ ସ୍ୱରରେ କହିଲେ "କେତେ ଦିନ ଆଉ ଏହି ଅକାମୀ ଯନ୍ତ୍ରରେ ନିଜର ସମୟ ନଷ୍ଟ କରିବୁ । ପାଠ ପଢ଼ିବୁ କି ନାହିଁ ? ଚାକିରି ନ କଲେ ଗାଁ ରେ ମୁଣ୍ଡ ଟେକି ଚାଲିବୁ କିପରି ?

ବିଜୟର ରାଗ ମୁଣ୍ଡକୁ ଚଢ଼ିଗଲା । ସେ କହିଲା ମୁଁ ଚାକିରି କରିବି ନାହିଁ । ମୋତେ ଗୀତ ଗାଇବାକୁ ପସନ୍ଦ । ତେଣୁ ମୁଁ ଗୀତ ଗାଇବାକୁ ଚାହେଁ । ବାପା ରାଗରେ ତାଙ୍କ ହାତ ପାଖରେ ଥିବା ରେଡ଼ିଓଟିକୁ ତଳକୁ ଫିଙ୍ଗି ଦେବା ବେଳକୁ ବିଜୟ ତାଙ୍କ ହାତକୁ ଠେଲି ଦେଲା ।

ISSN NO.
2582-208X

ଏହା ପରେ ବାପାଙ୍କ ଆଖିରେ କ୍ରୋଧ ନୁହେଁ ବରଂ ଗଭୀର ଆଘାତର ଛାଇ ଦେଖାଗଲା । ସେ ରାଗି କହିଲେ, "ଯଦି ତୋର ଏହି ପଥରେ ଯିବାର ଅଛି ତେବେ ତୁ ଏଇ ଘରେ ରହି ପାରିବୁ ନାହିଁ । ଏ ଘରେ ତୁ ରହିବା ଯୋଗ୍ୟ ନୁହଁ ।" ତା ପରେ ବିଜୟ ଘର ଛାଡ଼ି ଯାଇଛି ଯେ ଯାଇଛି । ଏହି କଥାକୁ ଭାବି ଭାବି ଆଖିରୁ ଲୁହ ସରୁନଥାଏ ।

ସେହି ରାତି ବାପା ଆଉ ନାହାଁନ୍ତି ବିଜୟ ରେଡ଼ିଓଟିକୁ ଧରି ବସିଛି । ରେଡ଼ିଓଟି ପୁରୁଣା ହୋଇଯାଇଛି ଓ ବ୍ୟାଟେରୀ ସରିଯାଇଛି । ସେ ରେଡ଼ିଓଟିକୁ ଛାତିରେ ଚାପି ଧରିଥାଏ । ହଠାତ୍ ରେଡ଼ିଓ ଉପରେ ହାତ ବୁଲେଇ ଆଣିଲା । ସେଥିରେ ଲାଗିଥିବା ଏକ ପୁରୁଣା କାଗଜ ଟୁକୁରା ଉପରେ ନଜର ପଡିଗଲା ।

କାଗଜଟି ଥିଲା ଏକ ପୁରୁଣା ଖବରକାଗଜର ଏକ କଟା ଅଂଶ । ସେଥିରେ ଲେଖାଥିଲା "ଆଜି ସନ୍ଧ୍ୟାରେ ଆପଣମାନେ ଶୁଣିବେ ନୂଆ ପ୍ରତିଭା ବିଜୟ କୁମାରଙ୍କର ସୁଲଳିତ କଣ୍ଠ । ବିଜୟର ମନେ ପଡିଗଲା । ସେ ସୁରଟ ଯିବା ପୂର୍ବରୁ ଲୁଚି ଛପି ଭୁବନେଶ୍ୱର ଆକାଶବାଣୀ କେନ୍ଦ୍ରକୁ ଯାଇ ଏକ ସାକ୍ଷାତକାର ଦେଇ ନିଜର ଏକ ଗୀତ ରେକର୍ଡ କରିଥିଲା । ସେ ଭାବିଥିଲା ବାପା କେବେ ବି ଜାଣିପାରିବେ ନାହିଁ । କିନ୍ତୁ ତାର ବାପା ରତ୍ନାକର ସେହି ରେଡ଼ିଓକୁ ନିଜ ପାଖରେ ରଖିଥିଲେ । ଖବରକାଗଜର ସେହି ଅଂଶଟିକୁ କାଟି ନିଜ ପାଖରେ ରଖିଥିଲେ ଓ ପ୍ରତିଦିନ ତାକୁ ଦେଖୁଥିଲେ ବୋଲି ବିଜୟ ଗାଁ ଲୋକଙ୍କ ଠାରୁ ଶୁଣିବାକୁ ପାଇଲା । ଲୋକମାନେ ମଧ୍ୟ କହିଲେ ରତ୍ନାକର ପ୍ରତିଦିନ ରେଡ଼ିଓଟିକୁ ବହୁତ୍ ଧୀରେ ବଜାଉଥିଲେ ଓ କହୁଥିଲେ ଏଥିରେ ମୋ ପୁଅର ସ୍ୱର ଅଛି । ଏକଥା ଶୁଣିବା ପରେ ବିଜୟର ଆଖିରୁ ଲୁହ ଝରିଗଲା ।

ସେ ଜାଣିପାରିଲା ଯେ ବାପା ତାଙ୍କ ହାତରୁ ଯେଉଁ ରେଡ଼ିଓଟିକୁ ଫିଙ୍ଗି ଦେବାକୁ ଚାହୁଁଥିଲେ ତାକୁ ହିଁ ପରବର୍ତ୍ତୀ ଏଗାର ବର୍ଷ ନିଜ ଛାତିରେ ଚାପି ଧରି ସମୟ ଅତିବାହିତ କରୁଥିଲେ । ବାପା କ୍ରୋଧିତ ନ ଥିଲେ । ସେ ତା'ର ସ୍ୱପ୍ନକୁ ବୁଝିଥିଲେ କିନ୍ତୁ ସମାଜର ଭୟରେ ପ୍ରକାଶ କରି ପାରୁନଥିଲେ ।

ସେ ବାପାଙ୍କର ଭଙ୍ଗା ଖଟ ଉପରେ ବସିଲା । ହାତରେ ସେହି ପୁରୁଣା ରେଡ଼ିଓ । ସେ ରେଡ଼ିଓର ବ୍ୟାଟେରୀ ବନ୍ଦ ହେଇ ଯାଉଥିଲା କିନ୍ତୁ ବିଜୟର ହୃଦୟ ଭିତରେ ତାର ବାପାଙ୍କର ପ୍ରେମର ସ୍ୱର ସବୁ ଦିନ ପାଇଁ ବାଜି ଉଠିଥିଲା । ସେ ବୁଝି ପାରିଲା ବାପା ତାର

ISSN NO.
2582-208X

ଶତ୍ରୁ ନ ଥିଲେ ଥିଲେ ଜଣେ ନୀରବ ସମର୍ଥକ । ବିଜୟ ପାଇଁ ତା ବାପା ମରି ନାହାଁନ୍ତି, ସେହି ରେଡ଼ିଓରେ ଶେଷ ସ୍ୱର ହୋଇ ତାର ହୃଦୟରେ ବାଜି ରହିଛନ୍ତି ।

ବ୍ୟାଟେରୀ ଶେଷ ହେଲେ ରେଡ଼ିଓ ବନ୍ଦ ହୁଏ, ଖଟ ପୁରୁଣା ହେଲେ ଭଙ୍ଗିଯାଏ କିନ୍ତୁ ସମ୍ପର୍କ, ସ୍ମୃତି ପୁରୁଣା ହେଲେ ଇତିହାସ ପାଲଟି ଯାଏ । ଯାହାର ଇତି ନାହିଁ ତାହା ଇତିହାସ । ବାପା ଚାଲିଗଲା ପରେ ଆମ ବଂଶ କୁଳର ଇତିହାସ ପାଲଟି ଯାଆନ୍ତି । ତାକୁ ସ୍ମୃତିରେ ସାଇତି ରଖିବା ସବୁ ପୁଅ ଝିଅଙ୍କର ଧର୍ମ । ଭୁଲିବା କେମିତି ?

ତାଙ୍କ ବାଣୀ ରେଡ଼ିଓ ଭଳି ଆମ ହୃଦୟରେ ନିନାଦୀତ ହେବ । ବିପଦ ଆପଦରେ ମାର୍ଗ ଦର୍ଶନ କରିବ ଆମକୁ ମଧ୍ୟ ଜୀବନ ଥିବା ପର୍ଯ୍ୟନ୍ତ ।

ସହକାରୀ ଶିକ୍ଷକ
ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ
ପଡ଼ିଆଭଙ୍ଗା ତାଳଚେର
ମୋ ୯୫୫୬୯୮୯୭୨୩

ISSN NO.
2582-208X

# ସେ ଆସନ୍ତୁ



ଅନୁରାଧା ମହାପାତ୍ର

ସେ ଆସନ୍ତି
ମୋ ଅବ୍ୟକ୍ତ ଭାବନାର
ଅସରନ୍ତି ପ୍ରେମକାହାଣୀ ସାଜି ।
ସେ ଆସନ୍ତି
ମୋ ଅକୁହା କଥାସବୁର
ପ୍ରତିଶବ୍ଦ ସାଜି ।
ସେ ଆସନ୍ତି
ମୁଁ ପଢୁଥିବା ଉପନ୍ୟାସର
ସୁନ୍ଦର ଚରିତ୍ରଟେ ସାଜି ।
ସେ ଆସନ୍ତି
ମୁଁ ପଢୁଥିବା କବିତାର
ସରଳାର୍ଥଟେ ହେଇ ।
ସେ ଆସନ୍ତି
ମୋ ସେମିଷ୍ଟର ପରୀକ୍ଷାର
ପ୍ରଶ୍ନପତ୍ର ପରି ।

ସେ ଆସନ୍ତି
ମୋ ପରୀକ୍ଷା ଖାତାର
ସ୍ୱଚ୍ଛପୃଷ୍ଠା ପରି ।
ଶେଷରେ ସେ ଆସନ୍ତି
ମୋ ହାତଲେଖା କବିତାର
ନୀରବ ପାଠକ ସାଜି ।

ଯାଜପୁର-ବୈତରଣୀ ରୋଡ୍

ISSN NO.
2582-208X

# ବଡ଼ ଦାଣ୍ଡେ ବିଜେ
# ଜଗନ୍ନାଥ



ଅରୁଣ କୁମାର ଦାସ

ଜନମ ଦିନରୁ ବାନ୍ଧିଥିଲି ଆଶା
ଦେଖିବାକୁ ଟିକେ ତୋ ଯାତ
ଚାହୁଁ ଚାହୁଁ ଏବେ ଛୁଇଁଲା ପଚାଶ
କେବେ ହୋଇବ ମୋ ସପନ ସତ ।

ନୟନେ ଭରିବି ତୋ ଚକାନୟନ
ପାପ ଚକ୍ଷୁ ହୋଇବ ପବିତ୍ର
ଜନ ସମୁଦ୍ରରେ ଭରିଥିବ ଦାଣ୍ଡ
ଯୁଆଡ଼େ ଦେଖଇ ମୋ ନେତ୍ର ।

ହାତରେ ଧରି ରଥ ଦଉଡ଼ି
ଟାଣିବି ମହା ଆନନ୍ଦରେ
ଟଙ୍କ ତୋରାଣି ଅଧରେ ନେଇ
ନିର୍ମାଲ୍ୟ ଦେଇ ତୁଣ୍ଡରେ ।

ମହ ମହ ବାସୁଥିବ ତୋ ମହାପ୍ରସାଦ
ଆନନ୍ଦ ବଜାର ବେଢ଼ା
ଭକତ ପାଆନ୍ତି ପରମ ତୃପ୍ତିରେ
କୁଡୁଆରେ ନେଇ ଅବଢ଼ା ।

ISSN NO.
2582-208X

ହୋଇବ ଜୀବନ ଧନ୍ୟ
ଦେଖି ତୋ ଚକାନୟନ
ମୋକ୍ଷ ହୋଇବ ଆତ୍ମା
ଯଦି ଟିକେ ଥାଏ ପୁଣ୍ୟ ।

----------------------

ଠାକୁର୍, ପୁରୁଣା ବଉଳମାଳ, ଧର୍ମଶାଳା, ଯାଜପୁର
୯୯୩୮୭୩୩୦୭୫

ISSN NO.
2582-208X

# ଓରାଁଓ ଜନଜାତିଙ୍କ ପରିଚୟ : ଏକ ଅଧ୍ୟୟନ



ଡ. ବିଦ୍ୟାଧର ରାଉତ

ଭାରତୀୟ ସମ୍ବିଧାନ ଅନୁସାରେ ଓରାଁଓ ଜନଜାତି ଭାରତର ମୂଳ ନିବାସୀ ଅଟନ୍ତି । ଏମାନଙ୍କର ଭୌଗୋଳିକ ବିସ୍ତାର ଭାରତର ବିଭିନ୍ନ ଅଞ୍ଚଳରେ ହୋଇଅଛି । ଓରାଁଓ ଜନଜାତି ଭାରତର ବିହାର, ଆସାମ, ମଧ୍ୟପ୍ରଦେଶ, ଓଡ଼ିଶା, ଦିଲ୍ଲୀ, ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ, ଝାରଖଣ୍ଡ, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ଓ ତ୍ରିପୁରା ଆଦି ରାଜ୍ୟମାନଙ୍କରେ ଦେଖାଯାଆନ୍ତି । ଏହାବ୍ୟତିତ ଭାରତ ବାହାରେ ନେପାଳ, ଭୁଟାନ, ବାଙ୍ଗଲାଦେଶ ଓ ପଶ୍ଚିମ ପାକିସ୍ତାନରେ ମଧ୍ୟ ବସବାସ କରୁଛନ୍ତି । ଓଡ଼ିଶାରେଏମାନେ ମୁଖ୍ୟତଃ ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼ରେ ଦେଖାଯାଆନ୍ତି ଓ ଦେଓଗଡ଼, କେଉଁଝର ଜିଲ୍ଲାମାନଙ୍କରେ କମ୍‌ମାତ୍ରାରେ ଦେଖାଯାନ୍ତି । ଓରାଁଓ ଓଡ଼ିଶାର ୧୦ମ ବୃହତ୍ତ ଜନଜାତି । ସଂପୂର୍ଣ୍ଣ ଭାରତରେ ସବୁଠାରୁ ଅଧିକ ସଂଖ୍ୟାରେ ଝାରଖଣ୍ଡର ନଦୀ ପଠା ଜଙ୍ଗଲ ପାଖ ଅଞ୍ଚଳ ଗୁମ୍‌ଲା, ଲୋହରଦାଗା, ରାଞ୍ଚି, ପଲାମୁ, ହଜାରୀବାଗ, ସିମ୍‌ଡ଼େଗା ଓ ସିଂହଭୂମ୍ ଜିଲ୍ଲାମାନଙ୍କରେ ନିବାସ କରନ୍ତି । ବିହାରର ରୋହତାସ ଗଡ଼, ଶାହାବାଦ, ଚମ୍ପାରଣ, କଟିହାର ତଥା ପୂର୍ଣ୍ଣିୟା ଜିଲ୍ଲାମାନଙ୍କରେ ନିବାସ ମଧ୍ୟ କରିଥାନ୍ତି । ଝାରଖଣ୍ଡର ଜନଜାତିମାନଙ୍କ ମଧ୍ୟରେ ସାନ୍ତାଳ ପରେ ଓରାଁଓ ଜନସଂଖ୍ୟା ସବୁଠାରୁ ଅଧିକ । ଝାରଖଣ୍ଡର ୩୨ ପ୍ରକାର ଜନଜାତି ମାନଙ୍କ ମଧ୍ୟରୁ ଉନ୍ନତ, ଶିକ୍ଷିତ ଜନଜାତି ହେଉଛନ୍ତି ଓରାଁଓ । ୧୯୮୧ ମସିହାର ଜନଗଣନା ଅନୁସାରେ ବିହାରରେ ଜନଜାତିମାନଙ୍କ ମୋଟ ଜନସଂଖ୍ୟା ଥିଲା ୫୮, ୧୦, ୮୬୭ । ଏମାନଙ୍କ ମଧ୍ୟରୁ ଓରାଁଓ ଜନଜାତିଙ୍କ ମୋଟ ଜନସଂଖ୍ୟା ଥିଲା ୧,୪୮,୦୬୪ ଓ ୧୮.୦୫% । କୁଡୁଖ୍ ଭାଷା କହୁଥିବା ଲୋକମାନଙ୍କ ଖ୍ୟା ୨୮ ଲକ୍ଷ ପହଞ୍ଚି ସାରିଲାଣି ।

ISSN NO.
2582-208X

ଓରାଁଓ ପରମ୍ପରା ଅନୁସାରେ ଓରାଁଓ ଜନଜାତିଙ୍କର ପୂର୍ବୋଜ ବା ମୂଳ ନିବାସ ସ୍ଥାନ ମହେଞ୍ଜୋଦାରୋ ଓ ଦରପ୍ପା (ସିନ୍ଧୁଘାଟି ସଭ୍ୟତା)ରେ ଥିଲା । କାଳକ୍ରମେ ଏମାନଙ୍କର ବିକାଶ ଓ ବିସ୍ତାର ଦକ୍ଷିଣ ପଶ୍ଚିମ କ୍ଷେତ୍ରର 'ଡେକନ୍'ରେ 'କୋଙ୍କନ' ନାମକ ସ୍ଥାନରେ ହୋଇଥିଲା । ଏମାନେ ନନ୍ଦନଗଡ଼, ପିପିରାଗଡ଼, ହରଦୀନଗର ଆଦି ସ୍ଥାନମାନଙ୍କରେ ବସବାସ କରୁଥିଲେ । ଓରାଁଓ ଜନଜାତିର ଅନ୍ୟ ଏକ ଦଳ ସିନ୍ଧୁଘାଟିରୁ ଦିଉଲି, କୁରୁକ୍ଷେତ୍ର, ଆଜାମଗଡ଼, ପଟୋନୋଗଡ଼ (ପାଟନା), ବନାରସ ହୋଇ ବିହାର ରାଜ୍ୟର ଶାହାବାଦ ଜିଲ୍ଲାରେ ସ୍ୱର୍ଣ୍ଣନଦୀ ତଟ ନିକଟସ୍ଥ ରୋହତାସଗଡ଼ର ପାହାଡ଼କୁ କେନ୍ଦ୍ରକରି ବସବାସ କଲେ । ରୋହତାସଗଡ଼ରେ ଏମାନଙ୍କର ନିଜର ଶାସନ ବ୍ୟବସ୍ଥା ଥିଲା । ଏଠାରେ ଏମାନଙ୍କର ଚାଲିଚଳଣି, ସାମାଜିକ, ଧାର୍ମିକ, ଆର୍ଥିକ ଓ ରାଜନୈତିକ ବ୍ୟବସ୍ଥା ଉଚ୍ଚକୋଟିର ଥିଲା । ଏହି କାରଣରୁ ଓରାଁଓମାନଙ୍କୁ 'ଉରାଗନ ଠାକୁର' କୁହାଯାଉଥିଲା । ଶେଷରେ ଏମାନେ ରୋହତାସଗଡ଼ର ପଠାରୀ (ନଦୀ କୂଳବର୍ତ୍ତୀ ଅଞ୍ଚଳ) କ୍ଷେତ୍ରରେ ଥିବାରାଜମହଲ ପାହାଡ଼ୀ ଅଞ୍ଚଳରେ ବିସ୍ତାରିତ ହେଲେ । ବର୍ତ୍ତମାନ ଯେଉଁକ୍ଷେତ୍ରରେ ଓରାଁଓ ଜନଜାତିଙ୍କର ମୁଖ୍ୟ ନିବାସସ୍ଥାନ, ସେହି କ୍ଷେତ୍ରରେ ବନ ଓ ଖଣିଜସଂପଦ ଭାରତ ସହ ପୁରାଏସିଆମହାଦେଶରେ ପ୍ରସିଦ୍ଧ ଥିଲା । ଦେଶରେବଡ଼ବଡ଼ଶିଳ୍ପପତି ଓ ବିଦେଶର ବିକଶିତ ରାଷ୍ଟ୍ରମାନଙ୍କର ନଜର ଏବେ ମଧ୍ୟ ଏହି କ୍ଷେତ୍ରରେ ପଡ଼ିରହିଛି ।

ଭାରତର ଓରାଁଓ ଜାତିର ଲୋକମାନେ ନିଜକୁ 'କୁଡୁଖର୍' ବା 'କୁଡୁଖତ୍' କୁହନ୍ତି । ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ, କିନ୍ତୁ ଦୁଇ ଶବ୍ଦ ଉଭୟ ପରସ୍ପର ପରିପୁରକ ଅଟନ୍ତି । ଓରାଁଓ ବା କୁଡୁଖ୍ ଉଭୟ ପର୍ଯ୍ୟାୟବାଚୀ ଶବ୍ଦ, କିନ୍ତୁ ସମାଜରେ ସମାନ ଅର୍ଥରେ ବୁଝାଯାଏ । ଓରାଁଓ ଜନଜାତିର ଭାଷା କୁଡୁଖ୍ ତେଣୁ ଏହି କାରଣରୁ ଏହି ଜାତିକୁ କୁଡୁଖ୍ ବା କୁଡୁଖର କୁହାଯାଏ । 'କୁଡୁଖ୍ର'ର ଅର୍ଥ କୁଡୁଖ୍ ଭାଷା ଜାଣିଥିବା ଲୋକ ବା ନିଜ ଭାଷା ପରିବାରର ବ୍ୟକ୍ତି ହୋଇଥାଏ । ଏହି କଥାକୁ ନେଇ ଓରାଁଓରେ ଏକ ରଢ଼ି ପ୍ରଚଳିତ ଅଛି –

"ନିମ୍ କୁଡୁଖର କାତୃଡ଼କର" ।

ଏହି ରଢ଼ିଟିର ଦୁଇଗୋଟି ଅର୍ଥ ହୋଇଥାଏ ।

(୧) ଆପଣମାନେ ଆମ ଜାତିର ନା ପର ଜାତିର?

(୨) ଆପଣମାନେ ଆମ ଭାଷା ପରିବାରର ସଦସ୍ୟ ନା ଅନ୍ୟ ଭାଷା ପରିବାରର ବ୍ୟକ୍ତି ?

ISSN NO.
2582-208X

'କୁଡ୍ରୁଖତ୍' କହିଲେ ନିଜ ସମାଜର ଓ ନିଜଭାଷା ପରିବାରର ବ୍ୟକ୍ତି । 'ତୁଡ଼କର'ର ଅର୍ଥ ଅନ୍ୟ ସମାଜରବା ଅନ୍ୟ ଭାଷା ପରିବାର ହୋଇଥାଏ । 'ତୁଡ଼କର'ର ଅର୍ଥ ଶତ୍ରୁବା ଦୁସମନ୍‌କୁ ବୁଝାଏ । କୁଡ୍ରୁଖ୍ ଶବ୍ଦ ଉତ୍ପତି ସମ୍ପର୍କରେ ବିଦ୍ୱାନ ମାନେ ନିଜ ଭିନ୍ନଭିନ୍ନ ମତପୋଷଣ କରିଛନ୍ତି ।

କୁଡ୍ରୁଖ୍ :-

କୁହାଯାଏ 'କୁଡ୍ରୁଖ୍' ଶବ୍ଦର ଉତ୍ପତି 'କୁରୁ' ରାଜାଙ୍କ ନାମ ଅନୁସାରେ ନାମିତ ହୋଇଅଛି । ସେ କୁରୁକ୍ଷେତ୍ରର ରାଜା ବା ନରେଶ ଥିଲେ । ପ୍ରାଚୀନ କାଳରେ କୁରୁକ୍ଷେତ୍ରକୁ କୁଡ୍ରୁଖ୍ କ୍ଷେତ୍ର କୁହାଯାଉଥିଲା । କୁଡ୍ରୁଖ୍ କ୍ଷେତ୍ରରୁ କୁରୁଖ୍ କ୍ଷେତ୍ର ଓ ପରେ ତାହା କୁରୁକ୍ଷେତ୍ରକୁ ହାଗଲା । ମହାଭାରତ ଓ ପୁରାଣ ଅନୁସାରେ 'କୁରୁ' ଜଣେ ତପସ୍ୟ ରାଜା ଥିଲେ । ସେ ନିଜର ତପ ବଳରେ କୁରୁକ୍ଷେତ୍ରକୁ ପବିତ୍ର କରି ନିର୍ମାଣ କରିଥିଲେ । ଆହୁରି ମଧ୍ୟ ସେ ସର୍ବ ପ୍ରଥମେ କୁରୁକ୍ଷେତ୍ରକୁ କୃଷିଯୋଗ୍ୟ କରିଥିଲେ । ପ୍ରାଚୀନ କାଳରେ କୁରୁକ୍ଷେତ୍ର ଘନ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । କୁରୁ ରାଜା ନିଜେ ହଳ ଯୋଚି, ହଳଚଳାଇ ଏଠାରେ ଶସ୍ୟଉତ୍ପାଦନ କରିଥିଲେ ଓ ଏହି କାରଣରୁ ଏ ପ୍ରଦେଶର ନାମ 'ବ୍ରହ୍ମାବ୍ରତ୍ତ'ରୁ କୁରୁକ୍ଷେତ୍ର କୁହାଗଲା । ମହଭାରତରେ ଦିଆଯାଉଥିବା ଶ୍ଳୋକ ଅନୁସାରେ ଏହା ସ୍ପଷ୍ଟ ଯେ ଏହି ପ୍ରଦେଶକୁ କୁରୁକ୍ଷେତ୍ର ନକହି 'କୁରୁଜଙ୍ଗଲ ପ୍ରଦେଶ' କୁହାଯାଉଥିଲା । ଆର୍ଯ୍ୟମାନେ ଯିବା ପୂର୍ବରୁଏହି ପ୍ରଦେଶରେ ଓରାଁଓ ଅର୍ଥାତ୍ କୁଡ୍ରୁଖ୍ ଜାତିର ବସ୍ତିମାନ ଥିଲା । ଏହି ସମୟରେ ଏହି ଜାତିକୁ ଦ୍ରାବିଡ଼ କୁହାଯାଉଥିଲା । ଆର୍ଯ୍ୟମାନେ ଯିବା ପୂର୍ବରୁ ସରସ୍ୱତୀ ନଦୀ ତଟର ଏପଟେ ଥିବା ପ୍ରଦେଶରେ ଆଦିବାସୀମାନଙ୍କର ବସ୍ତିମାନ ଥିଲା । ଆର୍ଯ୍ୟମାନଙ୍କର ଏହି ପ୍ରଦେଶରେ ବସବାସ କରିବା ଶାନ୍ତିପୂର୍ଣ୍ଣ ହେଲାନାହିଁ । ଆର୍ଯ୍ୟ ଓ ମୂଳ ନିବାସୀମାନଙ୍କ ସଂଘର୍ଷର ପରିଚୟ ଋକ୍‌ବେଦରେ ଦେବତା ଓ ଅସୁରଙ୍କ ଯୁଦ୍ଧର ପ୍ରତିଧ୍ୱନି ମିଳିଥିଲା । ଆଦିବାସୀମାନଙ୍କୁ ଆର୍ଯ୍ୟ ଦ୍ରାବିଡ଼, କିରାତ, କୃଷ୍ଣ କଳା, ଅସୁର, ପାଣି, ଦାସ ଓ ଦସ୍ୟୁକହୁଥିଲେ ।

କିଛି ବିଦ୍ୱାନମାନେ ମତ ଦେଇଥିଲେ ଯେ ମହାଭାରତ ଯୁଦ୍ଧରେ କୁଡ୍ରୁଖ୍ ଜନଜାତି ଦୁର୍ଯ୍ୟଧନଙ୍କ ପକ୍ଷ ନେଇଥିଲେ ଓ ଯୁଦ୍ଧ କୁରୁକ୍ଷେତ୍ରରେ ଲଢ଼ାଯାଇଥିଲା । କରୁକ୍ଷେତ୍ର କୁଡ୍ରୁଖ୍‌ଙ୍କ ଉତ୍ପତିସ୍ଥାନ ବୋଲି ମାନି ନିଆଯାଇ ପାରେ । ଅନ୍ୟ ବିଦ୍ୱାନମାନଙ୍କ ମତରେ ଓରାଁଓମାନଙ୍କ ନିବାସସ୍ଥାନ ବର୍ତ୍ତମାନର ହରିୟାଣା ପର୍ଯ୍ୟନ୍ତ ଥିଲା । କୁଡ୍ରୁଖ୍ ଶବ୍ଦ ଏହିପରି

ISSN NO.
2582-208X

ପରିସ୍ଥିତିରେ କୁରୁକ୍ଷେତ୍ରର ଅପଭ୍ରଂଶ ଅଟେ । ଡ. ପ୍ରକାଶଚନ୍ଦ୍ର ଓରାଁଓ ଙ୍କ ମତରେ ଏହି ଓରାଁଓ ଜନଜାତି ପାଇଁ କୁଡୁଖ୍‌ଶବ୍ଦର ପ୍ରୟୋଗ ହୋଇଥାଏ । ଏହିପରିଭାବରେ କୁଡୁଖ୍ ଶବ୍ଦ ଉତ୍ପତି କୋରକୁଇ, କୁରୁଷ ବା କୁରୁକ୍ଷେତ୍ର ରୁହୋଇଛି ବୋଲି କୁହାଯାଏ ।

ଅନ୍ୟ ଏକ କିମ୍ବଦନ୍ତିରୁ ଜଣାପଡ଼େ କୁଡୁଖ୍ ଶବ୍ଦର ଉତ୍ପତି କାରୁଷର ଅପଭ୍ରଂଶ ବୋଲି ଧରାଯାଏ । ରାମାୟଣରେ କାରୁଷ ଦେଶର ପ୍ରସଂଗ ରହିଅଛି । କାରୁଷ ଦେଶବାସୀମାନଙ୍କୁ କୁଡୁଖ୍ କୁହାଗଲା । କାରୁଷ କଥା ମହାଭାରତରେ ମଧ୍ୟ ମିଳିଥାଏ । ମହାଭାରତରେ ଏହାର ଉଲ୍ଲେଖ ମସ୍ତ ଓ ଭୋଜଙ୍କ ମଧ୍ୟରେ ଆସିଥିଲା ବୋଲି ପାଣିନୀ ଏହାର ମଧ୍ୟ ଉଲ୍ଲେଖ କରିଛନ୍ତି । ପୁରାଣରେ ଉଲ୍ଲେଖ ଅଛି ପାର୍ଜିଟର ଏହି ଜନ ପଦର ସ୍ଥିତି କାଶୀଯାଏ ବତସର୍ ଦକ୍ଷିଣରେ, ଚେଦିର ପୂର୍ବରେ ତଥା ମଗଧର ପଶ୍ଚିମରେ ସ୍ଥିତ ପ୍ରଦେଶ ବୋଲି କୁହାଯାଏ । ଏହା ଆଧୁନିକ ରିବା (ମଧ୍ୟ ପ୍ରଦେଶ) ସଂଭାଗରେ ଅବସ୍ଥିତ ଥିଲା । କୈମୂର ପର୍ବତର ଉତ୍ତରରେ ଟୋସ ନଦୀର ଉପରଭାଗରେ ସମ୍ମିଳିତ ଥିଲା ।

କୁଡୁଖ୍ ଶବ୍ଦ ସଂସ୍କୃତ ଧାତୁ 'କୃଷ' (ହଳ ଚଳାଇବା)ରୁ ଉତ୍ପତି ବୋଲି କୁହାଯାଇଛି । 'କୃଷ' ବା 'କୁଡୁଖର' । କୃଷକ ଯିଏ ହଳ ଚଳାଇ ଚାଷ କାର୍ଯ୍ୟ କରିଥାଏ । ଝାରଖଣ୍ଡର ଉପତ୍ୟାକା ଓ ଓଡ଼ିଶାର ଜିଲ୍ଲାମାନଙ୍କରେ ନିବାସ କରୁଥିବା ଆଦିମ ଜନଜାତି ଓରାଁଓ କୃଷିର ଦେଶରେ ଗଣା ଯାଉଥିଲା ।

କୁଡୁଖ୍ ଶବ୍ଦର ଅର୍ଥ କଣ? ବିଦେଶୀ ଲେଖକମାନେ ଏହି ଶବ୍ଦର ଅର୍ଥ ନିଜକୁ ଶୁହାଇଲାଭଳି ଦେଇଛନ୍ତି । ଭାରତୀୟ ଲୋକମାନେ ମଧ୍ୟ ଏହି ବିଷୟରେ ନିଜ ନିଜର ମତ ଦେଇଛନ୍ତି । ଏହି ଅନୁସାରେ କୁଡୁଖ୍‌ର ଅର୍ଥ 'ମନୁଷ୍ୟ' ବା 'ବାସିନ୍ଦା' କୁହାଯାଏ । କୁଡୁଖ୍ ଲୋକମାନଙ୍କ ମଧ୍ୟରେ କୁଡୁଖ୍ ଶବ୍ଦରୁ ଯାହା ବୁଝାଯାଏ, ସେମାନେ ମଜବୁତ୍, ପରିଶ୍ରମୀ, ଲଢ଼ିବାବାଲା, ନିର୍ଭିକ ଇତ୍ୟାଦି ହୋଇଥାନ୍ତି । କୁଡୁଖ୍‌ରେ ଦୁଇଟି ଶବ୍ଦ ଅଛି - 'କୋଡ଼ା', 'ଅରଖନା' । ଏହାର ଅର୍ଥ ନୂଆସ୍ଥାନ ଓ ଜମି କୋଡ଼ିବା । କୁଡୁଖ୍‌ରେ 'ଓ' ଶବ୍ଦକୁ 'ଉ' ବୋଲି ଉଚାରଣ ହୋଇଥାଏ । 'ଓ' ରୁ ଯୁକ୍ତକ୍ରିୟା ଅତିତକାଳ ବୋଲାଯାଏ । ଯେମିତିକି ଓଗନା (ପହଁରିବା) ରୁଉଗୟସ୍-ତୈରା (ପହଁରିଚି), ବୋଙ୍ଗନା-ଦୌଡ଼୍‌ନା (ଦୌଡ଼ିବା)ରୁ ବୁଙ୍ଗୟସ-ଦୌଡ଼ା (ଦୌଡୁଛି) ଇତ୍ୟାଦି । 'କୋଡ଼ା- ଅରଖନା'ରୁ 'କୁଡୁଖ୍‌ର'ର ଉତ୍ପତି ହୋଇଅଛି । ଗୋଟିଏ ସମୟରେ କୁଡୁଖ୍ ଜାତି ଭାରତର ପଶ୍ଚିମରୁ ପୂର୍ବଯାଏ ବୁଲୁଥିଲେ । ସେମାନେ ଯେଉଁଠି ରହୁଥିଲେ ସେ ସ୍ଥାନକୁ ଉପଯୋଗୀ କରି

ISSN NO.
2582-208X

ତିଆରି କରୁଥିଲେ । ଆଜି ମଧ୍ୟ ଏମାନେ ଗାଁରେ ଜମିକୁ ଚାଷ ଉପଯୋଗୀ କରିବାରେ ସଫଳ ଭୂମିକା ଗ୍ରହଣ କରିଅଛିନ୍ତି । ଛୋଟନାଗପୁରରେ 'କୋଡ଼କର' ନାମରେ ଏକ ପ୍ରକାର ଜମି ଏବେ ମଧ୍ୟ ରହିଅଛି । ଓରାଁଓ ଜନଜାତି ମହାଦେବ ବା ଶିବଙ୍କୁ ନିଜର ପ୍ରମୁଖ ଦେବତା ରୂପେ ଗ୍ରହଣକରନ୍ତି । ଓରାଁଓ ସଂସ୍କୃତିରେ ମହାଦେବଙ୍କୁ 'ଧର୍ମ' କୁହାଯାଏ। ଓରାଁଓ ସୃଷ୍ଟିକର୍ତ୍ତା (ଡଣ୍ଡାକଟନା)ରେ ମହାଦେବ ଓ ପାର୍ବତୀଙ୍କୁ ବିଶେଷରୂପେ ଚର୍ଚ୍ଚା କରାଯାଏ । ମାନବର ସୃଜନ ଓ ସୃଷ୍ଟିକୁ ଆଗକୁ ବଢ଼ାଇବା କାର୍ଯ୍ୟ ମହାଦେବଙ୍କର । ମାହଦେବଙ୍କୁ ହିଁ ଶିବ, ଶଙ୍କର, ଜଟା ଆଦି ନାମରେ ପୂଜା କରାଯାଏ । ଏହି ସମସ୍ତ ନାମଧାରି ଓରାଁଓ ପୁରୁଷବର୍ଗରେ ମିଳିଥାନ୍ତି । ମହାଦେବଙ୍କ କପାଳରେ 'ଉ' ଚିହ୍ନ ଦେଖିବାକୁ ମିଳିଥାଏ । ସମ୍ଭବତଃ ଏହି 'ଉ' ଆଗକୁ ଯାଇ ଓରାଁଓରେ ପରିଣତ ହୋଇଅଛି। କାରଣ ଓରାଁଓ ଜାତି ମହାଦେବଙ୍କର ପରମଭକ୍ତ ଅଟନ୍ତି । 'ଉ' ଶବ୍ଦରୁ 'ଓ' ଶବ୍ଦ ହେବା ସମ୍ଭବ ଅଟେ । ଏହି କାରଣରୁ ଓରାଁଓ ଜାତି ନିଜକୁ ଓରାଁଓ କୁହନ୍ତି । 'ଉ' ଏକ ଜାତିସୂଚକ ଶବ୍ଦ ଅଟେ ।

ଏସ୍. ସି. ରାୟ ନିଜର ପୁସ୍ତକ "ଦି ଓରାଁଓସ୍ ଅଫ୍ ଛୋଟନାଗପୁର"ର ୧୪-୧୫ ପୃଷ୍ଠାରେ ଲେଖିଛନ୍ତି ଆର୍ଯ୍ୟଜାତି କୁଡୁଖ୍ ଲୋକମାନଙ୍କୁ 'ରାବନାପୁତ୍ର' (ରାବଣଙ୍କ ବଂଶ) ବୋଲି କହୁଥିଲେ। ଯେଉଁମାନେ "ଉରାବନ, ଉରାବନ" କହିକହି ଓରାଁଓ କହିବାକୁଲାଗିଲେ। ରାମାୟଣରେ ରାବଣ କୁଡୁଖ୍ ଲୋକମାନଙ୍କୁ କଣପାଇଁ ନିଜସହ ରଖିଥିଲେ? ରାମାୟଣରେ ରାବଣ ଶତ୍ରୁରୂପେ କୁଡୁଖ୍ ଲୋକମାନଙ୍କୁ ଆର୍ଯ୍ୟମାନଙ୍କ ସହିତ ସଂଘର୍ଷ କରିବାକୁ ପଠାଇଥିଲା । ବିଦ୍ୱାନ ଶିକ୍ଷକ ଶ୍ରୀ ଲୋହରା ଓରାଁଓଙ୍କ ବିଚାରରେ, "କୁଡୁଖ୍ ଲୋକଙ୍କ ନାମ ଓରାଁଓ ମୁଣ୍ଡା ଭାଇମାନେ ଦେଇଥିବେ ।" ଯେତେବେଳେ ସେମାନେ ଝାରଖଣ୍ଡର ଖାଲଢ଼ିପ ଜଙ୍ଗଲରେ ଆସି ପହଞ୍ଚିଥିଲେ, ସେତେବେଳେ ମୁଣ୍ଡା ଜନଜାତି ସେହି ସ୍ଥାନରେ ଆଗରୁ ବସବାସ କରୁଥିଲେ । କାଳକ୍ରମେ ଓରାଁଓମାନେ ଦିନଯାକ ମାଟିକୋଡ଼ି ବ୍ୟସ୍ତ ରହୁଥିଲେ । ସେମାନେ ଅତ୍ୟନ୍ତ ପରିଶ୍ରମି ଥିଲେ । ଏହି ପରିସ୍ଥିତିରେ ମୁଣ୍ଡା ଲୋକମାନେ ଏମାନଙ୍କର କାର୍ଯ୍ୟ ବ୍ୟସ୍ତତାକୁ ଦେଖି ସେମାନଙ୍କୁ 'ଉରାଁଗ' ନାମ ଦେଇଥିଲେ, ଯାହା କାଳକ୍ରମେ 'ଉରାଁବ' ହୋଇଗଲା । ଓରାଁଓ ଶବ୍ଦ ଖଣ୍ଡୋର ମେଳରେ ଉତ୍ପନ୍ନ ହୋଇଥିଲା । ଉର୍ + ଆଙ୍ଗ । 'ଉର୍'ର ଅର୍ଥ ମୁଣ୍ଡାରୀ ଭାଷାରେ 'କୋଡ଼ିବା' ଓ 'ଆଙ୍ଗ୍'ର ଅର୍ଥ 'ବଢ଼ି ସକାଳୁ ମୁର୍ଗା (କୁକୁଡ଼ା)ର ରଡ଼ି' ବା 'ବାଙ୍ଗର' ବୋଲାହୋଇଥାଏ ।ଏହିପରିଭାବରେ ଓରାଁଓ ନାମକରଣ ହୋଇଥିଲା ବୋଲି ଓରାଁଓ ସମାଜର ଲୋକମାନେ ବିଶ୍ୱାସ କରିଥାନ୍ତି ।

ISSN NO.
2582-208X

ଅନ୍ୟ ଏକ ପୌରାଣିକ କଥାରୁ ଜଣାଯାଏ ରାମାୟଣ କାଳରେ ରାମ ଓ ରାବଣଙ୍କ ଯୁଦ୍ଧରେ ବାନର ଜାତିମାନେ ରାମଚନ୍ଦ୍ରଙ୍କ ସପକ୍ଷରେ ଓ ରାବଣଙ୍କ ବିପକ୍ଷରେ ଯୁଦ୍ଧ ମଧ୍ୟ କରିଥିଲେ। ଓରାଁଓ ଜାତିର ହନୁମାନଙ୍କୁ ରାମାୟଣରେ ବାନରଜାତି କହି ସମ୍ବୋଧନ କରାଯାଇଥିଲା । ଓରାଁଓ ସୃଷ୍ଟି କଥାରେ ମହାଦେବ ପାର୍ବତୀଙ୍କ ସହ ହନୁମାନଙ୍କ କଥା ମଧ୍ୟ ରହିଅଛି । ରାମ ଓ ରାବଣଙ୍କ ଯୁଦ୍ଧରେ କୌଣସି ଜଙ୍ଗଲୀ ପଶୁ ସାମିଲ୍ ନଥିଲେ । ଭଗବାନ ରାମଚନ୍ଦ୍ର ଏହି ଓରାଁଓ ଜନଜାତିଙ୍କ (ହନୁମାନ ବାନରଜାତି) ସେନା ସହାୟତାରେ ଲଙ୍କାଧିପତି ଶ୍ରୀରାବଣଙ୍କୁ ପରାଜିତ କରିଥିଲେ । ହନୁମାନ ବର୍ତ୍ତମାନ ଗୁମ୍ଲା ଜିଲ୍ଲା ଓ ପନାଡ଼ୀ ପରଗଣା ଅଞ୍ଚଳର ଆଞ୍ଜନ ଗ୍ରାମର ମାତା ଅଞ୍ଜନୀଙ୍କ ପୁତ୍ର ଥିଲେ । ପ୍ରଭୁ ରାମଚନ୍ଦ୍ର ପରେ ଉତ୍ତର ଭାରତ ଚାଲିଗଲେ ଓ ତାଙ୍କର ସ୍ୱର୍ଗବାସ ହୋଇଗଲା । ଓରାଁଓ ଜନଜାତି (ହନୁମାନ ବାନରଜାତି)ର ଲୋକମାନେ 'ଓ ରାମ', 'ଓ ରାମ' କହିକହି ଭଗବାନ ରାମଙ୍କ ପଛେ ପଛେ ବହୁ ଦୂର ଗଲେ ଓ ବହୁତ କାନ୍ଦିଲେ । ବିଳାପି ବାନରଙ୍କ ନାମ 'ଓ ରାମ' ପଡ଼ିଥିଲା, ଯାହା କାଳକ୍ରମେ 'ଓରାଁଓ' ହୋଇଗଲା । ରାଜାରାମ ଓ ରାବଣଙ୍କ ମଧ୍ୟରେ ଯୁଦ୍ଧରେ ରାମଙ୍କ ସହ ଯେଉଁ ବୀର ମହାପୁରୁଷମାନେ ଥିଲେ ବା ଭାଗ ନେଇଥିଲେ, ସେମାନଙ୍କ ମଧ୍ୟରେ ଓରାଁଓ ଜନଜାତିଙ୍କ ପୂର୍ବୋଜମାନେ ନିଶ୍ଚିୟ ଥିଲେ, ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ ।

ଓରାଁଓ ଜନଜାତି ଦ୍ରାବିଡ଼ ପରିବାରର ଅଂଗ । କାଳକ୍ରମେ ପରିସ୍ଥିତି ଏବଂ କାମ ଆଧାରରେ ବିଭିନ୍ନ ସ୍ଥାନରେ ଭିନ୍ନଭିନ୍ନ ନାମରେ ପରିଚିତ ହେଲେ । ଏହି କାରଣରୁ ଓରାଁଓ ଜନଜାତିଙ୍କ ମୋଟ ଜନସଂଖ୍ୟା କହିବା କଠିନ, କିନ୍ତୁ ଦେଶର ଅଧିକାଂଶ ରାଜ୍ୟରେ ଏମାନେ ବସବାସ କରୁଛନ୍ତି । ନିଜର ଜୀବନ ନିର୍ବାହ କରିବା ପାଇଁ ଓରାଁଓ ଜାତି ଅନେକ ସମୂହରେ ବାଣ୍ଟିହୋଇ ବିଭିନ୍ନ ନାମରେ ସମାଜରେ ବସବାସ କଲେ । ଯେପରିକି ସାନ, କୋଡ଼କର, କୋଡ଼ା, ଧାଙ୍ଗର, ଦାଇ, କୋଲ, ମାଲତୋବାମଲେର୍, ମୋଣ୍ଡଲ୍ ଓ ଉରାଗଣଠାକୁର ଇତ୍ୟାଦି । ବର୍ତ୍ତମାନ ଓରାଁଓ ଜନସଂଖ୍ୟା ପାଖାପାଖି ଦୁଇକୋଟି ।

କିସାନ :-

ଓରାଁଓ ଜନଜାତି ଦେଶର ବିଭିନ୍ନ ସ୍ଥାନମାନଙ୍କରେ କୃଷିକାର୍ଯ୍ୟ କରିବା ପାଇଁ ସର୍ବଦା ନିପୁଣ। ଅଧିକାଂଶ ଜାଗାରେ ଚାଷକରିବା ଏମାନଙ୍କର ମୁଖ୍ୟ ପେଷା ଥିଲା । ସଂସ୍କୃତର 'କୃଷ' ଧାତୁରୁ 'କୃଷକ', 'କୃଷ୍ଟ', ଗୁଜୁରାଟି ଭାଷାରେ 'କର୍ଷଣ', ନାଗପୁରୀ ବାସଦାନୀ

ISSN NO.
2582-208X

ଭାଷାରେ 'କିସାନ' କୁହାଯାଏ । ଓରାଁଓ ଜାତିକୃଷିରେ ନିପୁଣ, ତେଣୁ ଏମାନଙ୍କୁ କିସାନ କହିବା ସ୍ୱଭାବିକ ।

ମୋଣ୍ଡଲ :-

କୁଡୁଖ୍ ଭାଷାରେ ମୋଣ୍ଡଲର ଅର୍ଥ ଧନି ବ୍ୟକ୍ତି ହୋଇଥାଏ । ଦେଶରେ ଅନେକ ଜାଗାରେ ଓରାଁଓ ଲୋକ ଉନ୍ନତ କୃଷିକାର୍ଯ୍ୟ ଦ୍ୱାରା ଅଧିକ ଧନ ସଂପତିର ଅଧିକାରୀ ହୋଇଥାନ୍ତି । ଅଧିକ ଧନ ସଂଗ୍ରହ ପାଇଁ ସେମାନଙ୍କୁ ଧନୀ ବୋଲି ଧରାଯାଏ । ବିହାର, ପଶ୍ଚିମବଙ୍ଗ, ମଧ୍ୟ ପ୍ରଦେଶ, ଉତ୍ତର ପ୍ରଦେଶ ଆଦି ଜାଗାମାନଙ୍କରେ ବାସ କରୁଥିବା ଧନି ଓରାଁଓ ଲୋକମାନଙ୍କୁ ମୋଣ୍ଡଲ କୁହାଯାଏ ।

କୋଡ଼ା :-

ଏହି ଶବ୍ଦ 'କୋଡ଼ିବା' ଧାତୁରୁ ଉତ୍ପତି ହୋଇଅଛି । ଓରାଁଓ ଜନଜାତି ହଳ କୋଡ଼ିବା ଓ ଭୂମିକୁ କୃଷି ଉପେଯାଗୀ କରିବା ବା ସମତଳ କରିବାରେ ନିପୁଣ । ଜମିକୁ କୋଡ଼ି ନୂତନ ଚାଷଜମି ତିଆରି କରିବା ପାଇଁ, ଏମାନଙ୍କର ପାଖରେ ବିଶେଷ ଯୋଗ୍ୟତା ଥାଏ । ଓରାଁଓ ଜନଜାତି କୌଣସି ଜାଗାକୁ ଭ୍ରମଣକରିବା ପରେ ସେ ଜାଗାକୁ କୋଡ଼ି ନୂଆ ଗାଁ ବସାଇଥାନ୍ତି। ଏହି ମୁଖ୍ୟ କାରଣରୁ ଏମାନଙ୍କୁ 'କୋଡ଼କର' ବା 'କୋଡ଼ାଜାତି' କୁହାଯାଏ ।

ଉରାଗନ ଠାକୁର :-

ପ୍ରାଚୀନ କାଳରେ ଓରାଁଓ ଲୋକମାନେ ରାଜ୍ୟ ଚଳାଇବାରେ ବହୁତ ନିପୁଣ ଥିଲେ । ଓରାଁଓଙ୍କର ନିଜର ସ୍ୱୟଂ ଶାସନ ବ୍ୟବସ୍ଥା ଥିଲା । ଏମାନେ ନିଜ ରାଜ୍ୟ ନିଜେ ଚଳଉଥିଲେ । ଶାସନ ପଦ୍ଧତି, ଚାଲିଚଳଣି, ରୀତି ନୀତି ଅତ୍ୟନ୍ତ ଉଚ୍ଚକୋଟିର ଥିଲା । ଓରାଁଓ ଲୋକମାନେ ନିଜେ ବ୍ରାହ୍ମଣ ପରି ପଇତା ଧାରଣ କରୁଥିଲେ । ଅନ୍ୟ ଜାତିର ରନ୍ଧା ଖାଦ୍ୟକୁ ଏମାନେ ଗ୍ରହଣ କରୁନଥିଲେ । ଉଚ୍ଚକୋଟିର ଚାଲିଚଳଣ କାରଣରୁ ଏମାନେ ଉଚ୍ଚଜାତି ବୋଲି ବାରି ହୋଇଯାଉଥିଲେ । ଏହି କାରଣରୁ ଏମାନଙ୍କୁ 'ଉରାଗନ ଠାକୁର' କୁହାଯାଉଥିଲା । ମହିଳାବର୍ଗରେ ମଧ୍ୟ ରାଜା, ମନ୍ତ୍ରୀ, ଦୀବାନ, ସେନାପତି ହେଉଥିଲେ ।

ISSN NO.
2582-208X

ମାଲତୋବାମାଲେର୍ :-

ମାଲତୋବାମାଲେର୍ ସମ୍ବନ୍ଧରେ ଡ. ପ୍ରକାଶଚନ୍ଦ୍ର ଓରାଁଓଙ୍କ ମତ ଅନୁସାରେ, "ଏମାନେ ଯୋଦ୍ଧା, ଶକ୍ତିଶାଳୀ, ବୀରବ୍ୟକ୍ତି ଅଟନ୍ତି ।" ଅନ୍ୟ ବିଦ୍ୱାନମାନଙ୍କ ମତରେ ଓରାଁଓ ଜାତି ରୋହତାସଗଡ଼ ଛାଡ଼ିବାପରେ ଦୁଇଭାଗରେ ବିଭକ୍ତ ହୋଇଯାଇଥିଲେ। ପ୍ରଥମଦଳ ଛୋଟନାଗପୁର ପଠାରୀ କ୍ଷେତ୍ରରେ (ନଦୀ ପଠାଅଞ୍ଚଳ) ଓ ଅନ୍ୟଦଳ ରାଜମହଲର ପାହାଡ଼ରେ ଯାଇ ବସବାସ କରୁଥିଲେ। ରାଜମହଲ ପାହାଡ଼ରେ ବସବାସ କରୁଥିବା ଓରାଁଓ ଜାତିମାନଙ୍କୁ ମାଲତୋବାମଲେର୍ କୁହାଯାଏ। ମାଲତୋ ଭାଷା ଉରାଁଓ ଜାତିର କୁଡ଼ୁଖ୍ ଭାଷା ସହିତ କିଛି ସାମଞ୍ଜସ୍ୟ ଦେଖାଯାଏ। ଆଚାର ବ୍ୟବହାରରେ କିଛି ଭିନ୍ନତା ଦେଖାଯାଏ। ବର୍ତ୍ତମାନ ମାଲତୋବାମାଲେର୍‌କୁ ହିଁ ମାଲପାହାଡ଼ିଆ କୁହାଯାଉଛି, କିନ୍ତୁ ମାଲତୋବାମଲେର୍ କୌଣସି ଅନ୍ୟ ଭାଷା ନୁହେଁ । ଏହା ମୂଳରୂପେ ଓରାଁଓ ଜାତି ଅଟନ୍ତି।

କୋଲ :-

'କୋଲ' ଶବ୍ଦର ବ୍ୟବହାର ଅଣ ଆଦିବାସୀମାନେ ଝାରଖଣ୍ଡ ଜନଜାତିମାନଙ୍କ ପାଇଁ ରୁଥିଲେ । ଓରାଁଓ, ମୁଣ୍ଡା, ଖଡ଼ିଆ, ହୋ, ସାନ୍ତାଳ, ଗଣ୍ଡ ଆଦି ଜାତି ଉଚ୍ଚବିଚାରର ଥିଲେ। ଆମ ସମାଜରେ ଆଦିବାସୀମାନଙ୍କୁ ମୂର୍ଖ, ସରଳ, ନିଷ୍କପଟ ବୋଲି ଧରି ନିଆଯାଏ, କିନ୍ତୁ କୋଲମାନେ ଏପରି ନୁହଁନ୍ତି । ଅଣ ଆଦିବାସୀମାନେ ଏଠାରେ ବସବାସ କରୁଥିବା ଓରାଁଓ, ମୁଣ୍ଡା, ଖଡ଼ିଆ ଆଦିବାସୀମାନଙ୍କୁ 'କୋଲ' ଶବ୍ଦ ଦ୍ୱାରାଡାକୁଥିଲେ । ଡ. ପ୍ରକାଶଚନ୍ଦ୍ର ଓରାଁଓଙ୍କ ମତରେ କୁଡୁଖ୍‌ମାନଙ୍କ ପାଇଁ 'କୋଲ' ଶବ୍ଦ ହିନ୍ଦୁଲେ ଙ୍କ ଦ୍ୱାରା ଦିଆଯାଉଥିଲା । ଓଡ଼ିଶାରେ ଆଦିବାସୀମାନଙ୍କ ମଧ୍ୟରେ 'କୋଲ୍ଲ' ଗୋଟିଏ ପ୍ରକାର ଜନଜାତିଭାବରେ ପରିଚିତ

ଧାଙ୍ଗର :-

ଓରାଁଓଜାତି ନିଜର ଗୁଜୁରାଣ ମେଣ୍ଟେଇବା ପାଇଁ ଆସାମ, ଭୁଟାନ, ପଶ୍ଚିମବଙ୍ଗର ଚାବଗିଚାମାନରେ ଓ ଦେଶର ବଡ଼ବଡ଼ସହର, ମହାନଗର ଆଦିମାନଙ୍କରେ କାର୍ଯ୍ୟରତ । ଅନ୍ୟଜାତିଙ୍କ ଅପେକ୍ଷା ଏହିଜାତି ଦିନ ମଜୁରିଆ କାର୍ଯ୍ୟରେ କୁଶଳ । ମହାନଗରମାନଙ୍କରେ ଦିନ ମଜୁରିଆ କାର୍ଯ୍ୟ କରୁଥିବାରୁ ଏମାନଙ୍କୁ ଧାଙ୍ଗର ଜାତି କୁହାଯାଏ । 'ଧାଙ୍ଗର' ଶବ୍ଦର ଅର୍ଥ ହେଲା 'ଚାକର' । କେଉଁଠାରେ 'ଦାଇ' ଜାତି ମଧ୍ୟ କୁହାଯାଏ । ଓରାଁଓ ଜନଜାତି

ISSN NO.
2582-208X

ନିଜଘରେ କୃଷିକାର୍ଯ୍ୟ ବା ଘରର କାର୍ଯ୍ୟ ପାଇଁ 'ଜୋଙ୍ଗ୍' (ଧାଙ୍ଗର) ରଖିଥାନ୍ତି । ଯୁବକ ପୁରୁଷକୁହିଁ ଅଧିକ ଧାଙ୍ଗର (ଚାକର) ରଖାଯାଏ । ଯୁବା ପୁରୁଷଙ୍କୁ କୁଡୁଖ୍ ଭାଷାରେ 'ଜୋଙ୍ଗ୍' (ଧାଙ୍ଗର) କୁହାଯାଏ । ଧାଙ୍ଗର ଶବ୍ଦର ନାମ ଅଣଆଦିବାସୀମାନେ ହିଁ ଦେଇଛନ୍ତି।

ସରଦାର :-

ପଶ୍ଚିମବଙ୍ଗ ଓ ଆସାମର ଓରାଁଓ ଜନଜାତିମାନଙ୍କୁ ନିଜର କାର୍ଯ୍ୟ ଓ ପେଶା ଆଧାରରେ ଇଂରେଜମାନେ ଓ ଜମିଦାରମାନେ 'ସରଦାର' ନାମରେ ସମ୍ବୋଧନ କରୁଥିଲେ ।ବଙ୍ଗାଳ ଓ ଆସାମର ବହୁ ଜିଲ୍ଲାମାନଙ୍କରେ ରହୁଥିବା ଓରାଁଓ ଜନଜାତିଙ୍କ ଲୋକମାନେ ନିଜକୁ 'ସରଦାର' କୁହନ୍ତି । 'ସରଦାର' ନାମ ଇଂରେଜମାନେ ଓ ଜମିଦାରମାନଙ୍କ ଦ୍ଵାରା ଦିଆଯାଇଥିବା ଗୋଟିଏ ପଦ ଅଟେ । ଓରାଁଓ ଜନଜାତିର ଲୋକମାନେ ଆସାମର ଚା ବଗିଚାରେ ମଜୁରିଆ ତଥା କୃଷିକାର୍ଯ୍ୟ କରୁଥିବା ସମୟରେ ସେଠାର ଲୋକମାନେ ମଧ୍ୟ ସରଦାର ନାମରେ ସମ୍ବୋଧନ କରନ୍ତି ।

ମୁଦି :-

ମୁଦି ଶବ୍ଦ 'ମଡ୍' (ଗଙ୍କୟ)ରୁ ଆସିଅଛି । 'ଗଙ୍କୟ'ର ଅର୍ଥ 'କାଦୁଅ' । ଛୋଟନାଗପୁରରୁ ବଙ୍ଗାଳ ତଥା ଆସାମରେ ଯାଇ କାଦୁଅରେ ବିଭିନ୍ନ ପ୍ରକାର କାର୍ଯ୍ୟ କରୁଥିଲେ, ଯାହାଙ୍କୁ 'ମୁଦି' କହି ଲୋକମାନେ ଡାକୁଥିଲେ ।ଏହି ନାମ ଇଂରେଜ ତଥା ଜମିଦାରମାନଙ୍କ ଦ୍ଵାରା ଦିଆଯାଇଥିବା ଏକ ପଦବୀ ଅଟେ ।

କରେତି, ଅଞ୍ଜାଉ, ଅରୁଣାଞ୍ଚଳ ପ୍ରଦେଶ
ମୋ - ୯୪୩୯୩୦୩୮୩୯

ISSN NO.
2582-208X

# ଏରୁଣ୍ଡି



ଅଶୋକ ମହାରଣା

ଏରୁଣ୍ଡି
ସେପଟେ
ତୁମେ,
ଏପଟେ ମୁଁ
ମୋ ଭିତରେ
ଦଶାନନର ସତ।।
ମୋ
ଓଠରେ
ଭିକ୍ଷାଂ ଦେହୀର ଶବ୍ଦ....
ତୁମ
ଓଠରେ
ମିଶ୍ରିତ ହସର ଫଲ୍ଗୁ,
ମୁଁ ଖୋଜୁଛି
ଇପ୍ସିତ
ମନର ବାସ୍ନା,
ତୁମେ
ନିଶ୍ଚଳ ନୀଳ ନୟନା....
ଆଖିରେ

ISSN NO.
2582-208X

ଅସୁମାରୀ ପ୍ରଶ୍ନ....
ମଝିରେ
ଏରୁଣ୍ଡି ବନ୍ଧ....
ଡେଇଁଲେ
ଅମା ଅନ୍ଧାର,
ନ ଡେଇଁଲେ
ହତାଶାର ବିଦୀର୍ଣ୍ଣ
ବିରହ....
ହଁ ନାହିଁ ଭିତରେ
ଏରୁଣ୍ଡି
ବନ୍ଧ କହୁଛି
ଡେଇଁ ଯା
ମୁଁ ନୁହଁ
ପ୍ରତିବନ୍ଧକ....
ଥରେ ଡେଇଁଲେ
ଫେରିବା କଷ୍ଟ....
ଏରୁଣ୍ଡି ବନ୍ଧ କହୁଛି
ଡେଇଁ ଯା
ସାତ ତାଳ ପଙ୍କ
ଭିତରେ
ସୁବର୍ଣ୍ଣ ଫରୁଆ
ଫରୁଆ ଭିତରେ
ମହୁମାଛି
ତା ପିଣ୍ଡରେ
ମୋ ପ୍ରାଣ
ତାକୁ
ମାରିଦେଲେ

ISSN NO.
2582-208X

ମୁଁ
ମରିଯିବି
"ଏ କଥା ତ ସତ୍ୟ"
କାମନାର ବିନାଶରେ ଦୁଃଖର ବିନାଶ...
ମୋ ଭିତରେ
ଦଶାନନର ସତ୍ତା(ସତା)
ମୁଁ ଖୋଜୁଛି
କସ୍ତୁରୀ
ମୃଗର ବାସ୍ନା....
ମୋହଲଗ୍ନ ମୁଁ
କାମନା
ବାସ୍ନାର
ମଣିଷ
ସୁଖର ସନ୍ଧାନରେ
ମୋ ଭିତରେ
ସବାର ହୁଏ
ଦଶାନନର ସତା ।
ଅନ୍ଧ, ମୁକର
ଅଭିନୟ କରେ,
ମଣିଷ ନୁହଁ
ମୋ ଭିତରେ
ଜାଗ୍ରତ ହୁଏ
ପଶୁତ୍ୱର
ଜୀବନୀ ସତ୍ତା...
ବାରମ୍ବାର
ଭିକ୍ଷାଂ ଦେହିର
ମିଛ ଅଭିନୟ,

ISSN NO.
2582-208X

ମୁଁ ମଣିଷ ନୁହଁ
ମଣିଷ ରୂପୀ
ସୈତାନ ।
ମୁଁ ସାଧୁ ନୁହଁ
ଏକ
ନିର୍ଲଜ
ଜାତିର
କୁତ୍ସିତ
ବେଇମାନ । ।

ସା/ପୋ:ସିମିନଇ
ଜିଲ୍ଲା:ଢେଙ୍କାନାଳ
ପିନ-୭୫୯୦୨୫
ମୋ:୯୪୩୭୨୯୦୧୮୧

ISSN NO.
2582-208X

# ତୁମେ ନାହଁ ବୋଲି



ବିଷ୍ଣୁ ଚରଣ ପଟ୍ଟନାୟକ

ତୁମେ ନାହଁ ବୋଲି ଜୀବନ ବେଣୁରେ
ଶୁଭୁନାହିଁ ସାତ ସୁର,
ଘନ କୁହୁଡିର ଅସ୍ତରାଗରେ
ଶୂନ୍ୟତା ତୋଳିଛି ଘର ।
ସବୁତ ଲାଗେ ଅନ୍ଧାର
ନିୟତି ଭାଙ୍ଗୁଛି ଗଢି ବାଲିଘର,
ସ୍ୱପ୍ନ ସେତ ଅଳିକର !
ଶୁଭୁ ନାହିଁ ଆଜି ମନ ଅଗଣାରେ
ତୁମ ପାଦର ଘୁଙ୍ଗୁର,
ବରଷାର ସେଇ ରିମ୍ ଝିମ୍ ସୁରେ
ନାଚୁନି ମନ ମୟୂର ।
ଭାବ ସିନା ବନ୍ଧନର,
ବିରସ ଲାଗଇ ସରସ ମନରେ
ଯେତେକ ଉଲ୍ଲାସ ମୋର,
ଫଗୁଣ ପିନ୍ଧୁନି ଆଉ ତା, ଗଭାରେ
ବଉଳ ପେନ୍ଥାର ହାର,
ଆଉ ବାସୁନାହିଁ ମନ ଉପବନେ
ପ୍ରୀତିର ମଧୁ ଝଙ୍କାର ।

ISSN NO.
2582-208X

ଛିଣ୍ଡାଇ ମମତା ଡୋର,
ଏକା ଛାଡିଦେଇ ତୁମେ ଗଲାପରେ
ଉଜୁଡିଲା ବାଲିଘର ।
ବରଷ ଆସୁଛି ସମୟ ସୁଅରେ
ଝାଡିଦେଇ ଡେଣା ତାର
ଯାଏ ଛାଡିଦେଇ ସ୍ମୃତି ଗହ୍ଵରରେ
କା, ଆଖିରେ ଲୁହ ଧାର ।
ସବୁ ଲାଗେ ସାତପର,
କେ ନିଜର ବୋଲି ନାହିଁ ଦୁନିଆରେ
ମିଛ ମାୟାର ସଂସାର ।

ସହ ସମ୍ପାଦକ
"ଅନୁରାଗର ଗୁଞ୍ଜନ"
ବନଦେବୀ ପାଟଣା, କବିସୂର୍ଯ୍ୟ ନଗର, ଗଞ୍ଜାମ
ମୋ: ୯୫୫୬୭୧୮୯୨୪

ISSN NO.
2582-208X

# ଉପକୂଳ ଓଡ଼ିଶାର ଲୋକନାଟ୍ୟ ପରମ୍ପରା



ଉମାକାନ୍ତ ରଣଜିତ

ମନୁଷ୍ୟର ମନୋରଞ୍ଜନର ପ୍ରଧାନ ମଧ୍ୟମ ହେଉଛି ନାଟ୍ୟକଳା ବିଭାଗ । ଅଭିନୟ ,ଗୀତ ଓ ନୃତ୍ୟର ମଧୁର ସମନ୍ୱୟରୁ ଲୋକନାଟ୍ୟର ଉତ୍ପତ୍ତି । ନାଟ୍ୟକଳାର ସର୍ବ ପ୍ରାଚୀନ ରୂପ ହେଲା ଲୋକନାଟକ। ପ୍ରକୃତି କୋଳରେ ମଣିଷ ପ୍ରଥମେ ନାଟ୍ୟକଳାର ସ୍ୱରୂପ ଉପଲବ୍ଧି କରିଛି। ବନାନୀର ମର୍ମର, ତଟିନୀର କୁଳୁକୁଳ ଗୀତ, ପକ୍ଷୀର କୂଜନ, ମାନବ ପ୍ରାଣରେ ସ୍ୱପ୍ନ ପ୍ରବଣତା ଓ ସାଙ୍ଗୀତିକ ପ୍ରେରଣା ସୃଷ୍ଟି କରିଛି ବହୁ ଲୋକନାଟକ । ପ୍ରକୃତି ତାକୁ ନୃତ୍ୟ କରିବାକୁ ଉତ୍ସାହିତ କରିଛି । ସେହି ପ୍ରାକୃତିକ ପରିବେଶରୁ ସୃଷ୍ଟି ହେଇପାରିଛି ଅସଂଖ୍ୟ ଲୋକନାଟକ ।

ପୂଣ୍ୟ ଉତ୍କଳ ଭୂମି ସର୍ବଦା କଳାସଂସ୍କୃତି ସଂପନ୍ନ ରାଜ୍ୟ ଭାବେ ବିଶ୍ୱରେ ପରିଚିତ। ଏଠାରେ ସାଧାରଣତଃ ଭିନ୍ନ-ଭିନ୍ନ ଦେବଦେବୀଙ୍କୁ କେନ୍ଦ୍ରକରି ବହୁ ଲୋକନାଟକ, ବ୍ରତ, ଲୋକକଳା ଆଦି ଗଢ଼ିଉଠିଛି । ଏହି ଲୋକନାଟକ ଗୁଡ଼ିକ ଉତ୍କଳୀୟ ଲୋକଜୀବନର ଆଧାରଶିଳା ପରି ବିଦ୍ୟମାନ । ମୁଖ୍ୟତଃ ସାଂସାରିକ ଓ ପାରିବାରିକ ଜୀବନର ସୁଖ, ଶାନ୍ତି, ସମୃଦ୍ଧି ଓ ସମୁନ୍ନତି କାମନା ହିଁ ଏହିସବୁ ଓଷା-ବ୍ରତ, ଲୋକନାଟକ ଆଦି ପାଳନର ପ୍ରଚ୍ଛନ୍ନ ଉଦ୍ଦେଶ୍ୟ। ଓଡ଼ିଶା ସର୍ବଦା କଳାସଂସ୍କୃତିକୁ ନେଇ ବିଶ୍ୱରେ ପରିଚିତ। ସେଥି ମଧ୍ୟରେ ଭିନ୍ନ ଭିନ୍ନ ଅଞ୍ଚଳକୁ କେନ୍ଦ୍ରକରି ବହୁ ଲୋକନାଟକ ଗୁଡ଼ିକ ପ୍ରସିଦ୍ଧି ଲାଭ କରିଆସୁଅଛି ।

ଓଡ଼ିଶାରେ ବହୁବିଧ ଲୋକନୃତ୍ୟ ବା ଲୋକନାଟକ ରହିଆସିଛି ସେଥି ମଧ୍ୟରୁ "ଦକ୍ଷିଣାଅଞ୍ଚଳ ଓ ପଶ୍ଚିମାଞ୍ଚଳ ବିଶେଷଭାବରେ ଲୋକନାଟକର ବିବିଧରଙ୍ଗରେ

ISSN NO.
2582-208X

ଝଟକୁଥିବାବେଳେ ଓଡ଼ିଶା ପୂର୍ବଅଞ୍ଚଳ ବା ଉପକୂଳଅଞ୍ଚଳ ତାର ନୃତ୍ୟର ଗାରିମା, ଏହି ଆଧୁନିକତା ଯୁଗ ମଧ୍ୟରେ ନିଜସ୍ୱ ସ୍ଥାନ ବଜାଇ ରଖିଆସୁଅଛି । ଉପକୂଳ ଓଡ଼ିଶା ବହୁ ପାହାଡ଼, ପର୍ବତ, ନଦୀ, ଝରଣାକୁ କେନ୍ଦ୍ର କରି ଗଢ଼ି ଉଠିଥିବା ଜନବସତି ଆର୍ଥିକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି "ଉପକୂଳ ଓଡ଼ିଶାର ଲୋକନାଟକ "ଆଲୋଚନା କରିବା ପରିପ୍ରେକ୍ଷୀରେ ମୁଖ୍ୟତଃ ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଯାଜପୁର, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଓ କଟକ ଜିଲ୍ଲାର କେତକ ପ୍ରସିଦ୍ଧ ନୃତ୍ୟକୁ ଆଲୋଚ଼ନା ପରିସର ଭୁକ୍ତ କରାଯାଇଛି । ଉପକୂଳ ଅଞ୍ଚଳରେ ପରିବେଷଣ ହେଉଥିବା ଲୋକନାଟକ ଗୁଡ଼ିକରେ ମଧ୍ୟ ପଡ଼ୋଶୀ ବଙ୍ଗଳା ଓ ଦକ୍ଷିଣାଞ୍ଚଳୟ ଆନ୍ଧ୍ରର ପ୍ରଭାବ ପଡ଼ିଛି । ଏଠାରେ ଚକ୍ ଚାକ ସହରି ଜନତାଙ୍କ ଠାରୁ ଆରମ୍ଭ କରି ଆଦିବାସି ଗ୍ରାମ୍ୟ ଜୀବନର ମଧୁର ମିଳନ ଘଟିଥିବାର ଦେଖାଯାଏ । ଉପକୂଳ ଅଞ୍ଚଳରେ ପ୍ରଚଳିତ କିଛି ପ୍ରସିଦ୍ଧ ଲୋକନାଟକ ଗୁଡ଼ିକ ବିଷୟରେ ନିମ୍ନରେ ଏକ ସମ୍ୟକ ଦୃଷ୍ଟିପାତ ଆଲୋକପାତ କରଯାଇଛି ।

ପ୍ରହ୍ଲାଦ ନାଟକ : ଦକ୍ଷିଣ ଓଡ଼ିଶାର ନିଜସ୍ୱ ଓ ଲୋକପ୍ରିୟ ନାଟକ ହେଉଛି ପ୍ରହ୍ଲାଦ ନାଟକ। ଏହି ଲୋକନାଟକଟି ରେ ନୃସିଂହଲୀଳା ପ୍ରକଟିତ ହୋଇଥାଏ । ଏଥିରେ ମାର୍ଦ୍ଦଳ, ମହୁରୀ, ଝାଞ୍ଜ ଇତ୍ୟାଦି ବାଦ୍ୟ ବ୍ୟବହୃତ ହୋଇଥାଏ । ମୁକ୍ତ ମଞ୍ଚରେ ଅଭିନୟ ସହ ଏହା ପନ୍ଦର କିମ୍ବା ଷୋହଳ ଘଣ୍ଟାଧରି ହୁଏ କିଛି ଠାରେ ଆଠ ଘଣ୍ଟା ହୁଏ । ପାଖା ପାଖି ପଚିଶି କି କୋଡ଼ିଏ ଜଣ କଳାକାର ଏଥିପାଇଁ ଅବଶ୍ୟକ ପଡ଼ନ୍ତି । ମଞ୍ଚ ଉପରେ ହିରଣ୍ୟକଶ୍ୟପର ନିଧନ ଦର୍ଶକଙ୍କୁ ବେଶ ବିମୋହିତ କରେ । ଏଥିରେ ମୋଗଲ ତାମସାର ମିର୍ଜାଙ୍କ ଆସନ ପରି ମଞ୍ଚରେ ହିରଣ୍ୟକଶିପୁଙ୍କ ପାଇଁ ବର୍ଷାଜ୍ୟ ସିଂହାସନ ରବ୍ୟବସ୍ଥା ରହିଥାଏ । ପ୍ରହ୍ଲାଦ ନାଟକଟି ସଙ୍ଗୀତ ଧାର୍ମୀ ହେଲେ ମଧ୍ୟ ଏଥିରେ ଅନେକ ସ୍ଥଳରେ ଗୀତିଧର୍ମୀ ବର୍ଣ୍ଣନା ଏବଂ ସଂଳାପ ମାନ ବ୍ୟବହୃତ ହୁଏ । ଏହାର ରାଜା ରାମକୃଷ୍ଣ ଛୋଟରାୟ "ପ୍ରହ୍ଲାଦ ନାଟକ''ର ରଚୟିତା । ଗଞ୍ଜାମରେ ପ୍ରହଲ୍ଲାଦ ନାଟକର ଅନ୍ୟ ଏକ ନାମ ରାଜନାଟକ ।

ରାମଲୀଳା : ରାମଲୀଳା ହେଉଛି ଲୋକନାଟକ ପରମ୍ପରାର ସର୍ବପ୍ରାଚୀନ ଓ ସବର୍ଧକ ଲୋକପ୍ରିୟ ଲୋକନାଟକ। 'ରାମାୟଣ ମହାପୁରାଣ'ର ମହାନାୟକ ହେଉଛନ୍ତି, ଭାରତୀୟ ଆଧ୍ୟାତ୍ମିକ ପରମ୍ପରାର, ଆଧ୍ୟାତ୍ମ ଚେତନାରେ ଆଧାରିତ ଆଦର୍ଶ ପୁରୁଷୋତ୍ତମ ପ୍ରଭୁ

ISSN NO.
2582-208X

ଶ୍ରୀରାମଚନ୍ଦ୍ର । ମୁକ୍ତ ଆକାଶ ମଞ୍ଚରେ ପ୍ରାୟତଃ 'ରାମଲୀଳା'ର ଉତ୍ସବ ଅନୁଷ୍ଠିତ ହୋଇଥାଏ। ରାମନବମୀ ଠାରୁ ଆରମ୍ଭକରି ବିଧିବଧ ଭାବରେ ଏହା ପାଳନ କରାଯାଏ । ଏହା ନବମ ଦିନ ବା ସର୍ବାଧିକ ଏକ ମାସ ପର୍ଯ୍ୟନ୍ତ ରାମାୟଣ ମହାପୁରାଣର ବିଭିନ୍ନ ପ୍ରସଙ୍ଗକୁ ଆଧାର କରି ବିଧି ବଦ୍ଧ ଭାବେ ଧାରାବାହିକରେ ଉପସ୍ଥାପିତ ହୋଇଥାଏ । କିଛି ଅଞ୍ଚଳ ନୟାଗଡ, ଖୋର୍ଦ୍ଧା, ପୁରୀ, ବ୍ରହ୍ମପୁର ଆଦିରେ ଯାଚେଙ୍ଗା ପାଇଁ ବି ଅଭିନୀତ ହୁଏ । ରାମାୟଣ ବିଶେଷତଃ ଗୀତିଧର୍ମି, ମଧ୍ୟରେ ବହୁ ସଂଳାପ ରହିଥାଏ । ଏହାର ରଚୟିତା ବହୁ ଗ୍ରାମୀଣ ଜନତା ସମୂହ ।

**କୃଷ୍ଣଲୀଳା :** ସମଗ୍ର ଭାରତ ବର୍ଷରେ କୃଷ୍ଣ ଉପାସନାର ଯେଉଁ ପରମ୍ପରା ସୃଷ୍ଟି ହୋଇଥିଲା ତାହାର କୃଷ୍ଣଲୀଳା ହେଉଛି ଫଳଶୃତି । ରାମଲୀଳା ସଦୃଶ, କୃଷ୍ଣଲୀଳା ମଧ୍ୟ ଓଡ଼ିଶାରେ ବହୁଳ ଭାବରେ ପ୍ରସାର ଲାଭ କରିଥିଲା । ବର୍ଷକର ଯେକୌଣସି ସମୟରେ ଧର୍ମପ୍ରାଣ ଲୋକେ କୃଷ୍ଣଚରିତ୍ର, ନନ୍ଦଗୋପି ଆଦି ବେଶ ଧାରଣକରି ନାନା ପ୍ରକାର ସଙ୍ଗୀତ, ସଂଳାପ ଦ୍ୱାରା କୃଷ୍ଣଲୀଳା କରି ଜନମାନସକୁ ଆକର୍ଷିତ କରିଥାନ୍ତି। ଉପକୂଳ ଓଡ଼ିଶାର ନୟାଗଡ଼, ଖୋର୍ଦ୍ଧା, ଗଞ୍ଜାମ ଆଦି ଅଞ୍ଚଳରେ ଏହି ଲୋକନାଟକଟି କୃଷ୍ଣଲୀଳା, କାଳୀଦହନ ଆଦି ନାମରେ ପରିଚିତ । ରାତ୍ର ସମୟରେ ପ୍ରାୟ ଗୀତିନାଟ ରୂପରେ ପରିବେଷଣ କରାଯାଏ । ଏଥି ପାଇଁ ପ୍ରାୟ ସ୍ଥାନରେ ମୁକ୍ତ ମଞ୍ଚର ବ୍ୟବହାର ହୋଇଥାଏ।

**ମୋଗଲ ତାମସା :** ମୋଗଲ ତାମସା ଲୋକନାଟକ ଟିରେ ହିନ୍ଦୁ ଓ ମୁସଲମାନଙ୍କ ସମନ୍ୱୟ ଧର୍ମୀ କଳାତ୍ମକ ରୂପବୋଧ ପ୍ରକଟିତ ହୁଏ । ଭଦ୍ରକ ଅଞ୍ଚଳରେ ଏହିସବୁ ତାମସା ଚୈତ୍ରମାସରେ ହେଇଥିବାରୁ ଏହାକୁ ଚଇତି ତାମସା କୁହାଯାଏ । ମୋଗଲ ତାମସାର ସଙ୍ଗୀତ କୁ ଗୋପାଳ ବଲ୍ଲଭ ଗୋସ୍ୱାମୀ ବୋଲି ପରିଚିତ ।ଏହା ପରିବେଷଣ ସମୟରେ ହାରମୋନିୟମ, ତବଲା କାହାଳୀ, ବେହେଲା, ବଂଶୀ ଇତ୍ୟାଦିର ବାଦ୍ୟ ବ୍ୟବହାର କରାଯାଏ। ମିର୍ଯ୍ୟା ସାହେବ୍ ପ୍ରଥମେ ବସିଥାନ୍ତି ତାହା ପରେ ପରିବେଷଣ ଆରମ୍ଭ ହୁଏ । ଏଠାରେ ଚରିତ୍ର ହୁଳାଓ୍ୱାଲା, ଝାଡୁଓ୍ୱାଲା, ଗଉଡୁଣୀ, ମିର୍ଜା ସାହେବ୍ ଇତ୍ୟାଦି । ଲଘୁ ଧର୍ମୀ ବ୍ୟଙ୍ଗ ଆଉ ହାସ୍ୟ ଏହା ଦ୍ୱାରା ପ୍ରକାଶ ପାଏ । ମୋଗଲ୍ ତାମସାକୁ ଦୁଇ ଭାଗରେ ଭାଗ କରାଯାଏ।

ISSN NO.
2582-208X

ପାଇକ ନାଚ : ଏହି ଲୋକନାଟକଟି ବୀର ରସରେ ପରିପୂର୍ଣ୍ଣ । ଓଡ଼ିଶାର ସମର ପରମ୍ପରା ଠାରୁ ଏହି ଲୋକ ନାଟକ ଟି ସୃଷ୍ଟି । ପାଇକ ନାଚର ଗୀତକୁ ପାଇକବୋଲି କୁହାଯାଏ । ଏହି ନାଚ ସମୟରେ ମୁଣ୍ଡରେ ବିଭୂତି, ଶିରରେ କଳାଟୋପା, ଦୋକୋଚ୍ଛା ଓ ମାଳକୋଚ୍ଛା ଭିଡିଥାନ୍ତି । ଖଣ୍ଡା, ନିଆଁ ପିଣ୍ଡୁଳା ଶଗଡ଼ଚକ ଇତ୍ୟାଦି ବ୍ୟବହାର କରିଥାଆନ୍ତି। ଢୋଲ ଏହାର ପ୍ରଧାନ ବାଦ୍ୟ । ଖୋର୍ଦ୍ଧା, ନୟାଗଡ଼ ଜିଲ୍ଲା ଏହି ନୃତ୍ୟ ପାଇଁ ପ୍ରସିଦ୍ଧ । କଟକ, ପୁରୀ ଗଞ୍ଜାମ ଅଞ୍ଚଳରେ ମଧ୍ୟ ଦେଖାଯାଏ ।

ଲଳିତପାଲା : ଉତ୍ତର ବାଲେଶ୍ୱର ଜିଲ୍ଲାରେ ଏହି ଲୋକନାଟକ ବହୁଳ ଭାବରେ ଦେଖାଯାଏ। ରାଜା ଇନ୍ଦ୍ରଦ୍ୟୁମ୍ନ ବିଦ୍ୟାପତିଙ୍କ ସହାୟତାରେ ନୀଳମାଧବଙ୍କ ମୂର୍ତ୍ତିର ସନ୍ଧାନ ଓ ଲଳିତା ବିଦ୍ୟାପତିଙ୍କ ପ୍ରେମ ବିଷୟ ବସ୍ତୁ । ଏହାର ସଂଳାପ ଗୁଡ଼ିକ ଅନେକାଂଶରେ କାବ୍ୟଧର୍ମି । ଏହି ଲଳିତ ପାଲାରେ ବଙ୍ଗଳା ଓ ହିନ୍ଦୀ ଭାଷାର ପ୍ରଭାବ ପଡ଼ିଥିବାର ଦେଖାଯାଇଥାଏ । ଏହିଥିରେ ହାରମୋନୀୟମ୍, ଝାଞ୍ଜ, ଗିନି ଇତ୍ୟାଦି ବ୍ୟବହାର କରାଯାଇଥାଏ । ଓଡ଼ିଶା ଲୋକନାଟକକୁ ଲଳିତ ପାଲାର ଭୂମିକା ଅବିସ୍ମରଣୀୟ । ମେଦିନୀ ପୁରର ଗୋବିନ୍ଦ ଦାସ ରଚନା କରିଥିବାର ଜଣାଯାଏ। ଏହା ମୂଖ୍ୟତଃ ଆଶ୍ୱିନ ମାସରୁ ଆରମ୍ଭ କରି ମାର୍ଗଶୀର ମାସ ପର୍ଯ୍ୟନ୍ତ ପାଳିତ ହୁଏ।

ପାଟୁଆ ଯାତ୍ରା : ଏହା ମୁଖ୍ୟତଃ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଦେଖାଯାଏ । ପଣାସଂକ୍ରାନ୍ତି ପୂର୍ବରୁ ଏହି ନୃତ୍ୟର ପ୍ରସ୍ତୁତି ଆରମ୍ଭ ହୋଇଥାଏ, ଏମାନେ ପାର୍ବତୀ ଭାବେ ଶିବଙ୍କୁ ଆରଧନା କରନ୍ତି । ଏହା ଦୁଇ ଭାଗରେ ବିଭକ୍ତ ଯଥା:- ଘଣ୍ଟପାଟୁଆ ଓ ବେତପାଟୁଆ । ବେତପାଟୁଆ ମାନେ ସାଧାରଣତଃ ଏକ ଅଦ୍ଧ ଚନ୍ଦ୍ରକାର ବେତକୁ ଧରି ନୃତ୍ୟ କରିଥାନ୍ତି ଏବଂ ଘଣ୍ଟପାଟୁଆ ମାନେ ସାରଳା, ମଙ୍ଗଳା, ଭଗବତୀ ଆଦିଶକ୍ତି ପୀଠରୁ ସଜ୍ଜିତ ଦେବୀଙ୍କ ଚଳନ୍ତି ପ୍ରତିମାକୁ ଗ୍ରାମ ଗ୍ରାମ ବୋଲି ନାଚନ୍ତି । ସାଲେପୁର, ଜଗତସିଂହପୁର ଇତ୍ୟାଦି ଜାଗାରେ ନାଚ ବେଶ୍ ପ୍ରଖ୍ୟାତ ।

ଦଣ୍ଡନାଚ : ଶିବଶକ୍ତିଙ୍କ ଠାରୁ ଆଶିଷ ପ୍ରାଧାନ୍ୟରେ ଦଣ୍ଡନାଟର ସୃଷ୍ଟି। କିମ୍ବଦନ୍ତୀ, ଲୋକକଥା ଅନୁସାରେ ସତ୍ୟ ଯୁଗରୁ ଏହି ଲୋକ ନଟକର ଉତ୍ପତ୍ତି ହୋଇ ଅଦ୍ୟାବଧି ପାଳିତ ହୋଇ ଆସୁଛି । ଏଥିରେ ତେର ଜଣ ଭୋକ୍ତା ମୂଖ୍ୟ ବ୍ରତଧାରି ଥାନ୍ତି। ସେମାନଙ୍କୁ

ISSN NO.
2582-208X

ଋଷିପୁତ୍ର ବୋଲି କୁହାଯାଏ। ଏହି ଦଣ୍ଡନାଟରେ ସଙ୍ଗୀତ, ବ୍ରତ, ଅଭିନୟର ମଧୁର ସଂଯୋଗ ଘଟିଛି। ଏଠାର ମୁଖ୍ୟ ବାଦ୍ୟ ଢ଼ୋଲ କୁ ନିଆଯାଏ ତାହା ସହ ତୂରୀ, ମହୁରୀ, ଘଣ୍ଟ, ଝାଞ୍ଜ ଆଦିର ବ୍ୟବହାର ହୋଇଥାଏ। ଏହି ଲୋକ ନାଟକ ଟିରେ ୧୬ ପ୍ରକାର ଦଣ୍ଡ ଭୋକ୍ତା ଭୋଗନ୍ତି ସେଗୁଡ଼ିକ ହେଲା: ଆହାର, ଉଜାଗର (ନିଦ୍ରା), ମୈଥୁନ ତ୍ୟାଗ, ଗୃହତ୍ୟାଗ, ପଦଗମନ, ଶ୍ମଶାନ, ନୃତ୍ୟ, ଧୂଳି, ପାଣି, ଅଗ୍ନି, ଗୃହଦଣ୍ଡ, ଅଙ୍ଗବଳୀ, ମେରୁପଟା (କଣ୍ଟା ଫୋଡ଼ିବା), ଶୁଦ୍ଧିକ୍ରିୟା, କୁଳଭୋଜି, ଅଗ୍ନି ପରିକ୍ଷା (ଅଗ୍ନିରେ ଚାଲିବା)। ଦଣ୍ଡନାଟର ଭାଷା ମିଶ୍ରିତ ଭାଷା ହୋଇଥାଏ ଏଥିରେ ଆଞ୍ଚଳିକ ଭାଷାର ପ୍ରଭାବ ପଡ଼ିଥାଏ । ଏହି ଦଣ୍ଡନାଟର ମୁଖ୍ୟ ଲକ୍ଷ୍ୟ ନିଜକୁ ଦଣ୍ଡିତକରି ବା କଷ୍ଟ ଦେଇ ଈଶ୍ୱରଙ୍କ ଆଶିଷ ଲାଭ କରିବା । ଏହି ଲୋକନାଟକ ଟିରେ ଜାତିଭେଦ ନଥାଏ, ପୁରୁଷକୈନ୍ଦ୍ରିକ ହୋଇଥାଏ ପାଳନ ସମୟ ୨୧,୧୬,୭ କିମ୍ବା ୩ ଦିନ କେଉଁ ଠାର ହୋଇଥାଏ । ପରିସମାପ୍ତି ହୁଏ ପଣା ସଂକ୍ରାନ୍ତି ଦିନ । ଏହାର ଅଞ୍ଚଳ ଭେଦରେ ଭିନ୍ନ ଭିନ୍ନ ନାମ ହୋଇଥାଏ ଯଥା ବାଲେଶ୍ୱର ଅଞ୍ଚଳରେ ଚଡ଼କ ପୂଜା , ଯାଜପୁର ,କଟକ, କେନ୍ଦ୍ରାପଡା, ଜଗତସିଂହପୁର ଆଦି ଅଞ୍ଚଳରେ ପାଟୁଆ ଯାତ୍ରା ଓ ଖୋର୍ଦ୍ଧା, ନୟାଗଡ଼ ପୁରୀ ଅଞ୍ଚଳରେ ଝାମୁଯାତ୍ରା ଆଦି ପରିଚିତ। ବହୁନାମ ଥିଲେ ମଧ୍ୟ ସମସ୍ତଙ୍କ ଗୋଟିଏ ଲକ୍ଷ୍ୟ ଈଶ୍ୱର ପ୍ରାପ୍ତି। ଦଣ୍ଡନାଟ ଟି ଗଞ୍ଜାମ ଜିଲ୍ଲାର ମୁଖ୍ୟ ଭାବରେ ପରିଚିତ ।

ଭାରତଲୀଳା : ମହାଭାରତ ପୁରାଣର କଥା ବସ୍ତୁରୁ ଭରତ ଲୀଳା ଆସିଅଛି। ଏଥିରେ ମୂଖ୍ୟ ୩ ଜଣ ଚରିତ୍ର ଯଥା ଅର୍ଜୁନ, ସୁଭଦ୍ରା ଓ ଜଣେ ଦ୍ୱାରି । ଭାରତଲୀଳା ରେ ଦୁଆରୀ ସୁଭଦ୍ରା, ଅର୍ଜୁନ, ସତ୍ୟଭାମାକୁ ଛାଡ଼ି ଜମାଦାର, ଚଉକିଆ, କୃଷ୍ଣ, ଗରୁଡ଼, ପାର୍ବତୀ, ଲକ୍ଷ୍ମୀ, ବଳରାମ, ନନ୍ଦ, ମାୟାବତୀ, ଡଗର, ଗାୟକ, ପୁରୋହିତ, ଅଷ୍ଟପାଟବଂଶୀ, ଶିବ, ଭଣ୍ଡାରୁଣୀ, ହାଡ଼ି-ହାଡ଼ିଆଣୀ ପ୍ରମୁଖ ଭାଗ ନେଇଥା'ନ୍ତି । ଏହି ଦ୍ୱାରି ଚରିତ୍ରକୁ ନେଇ ଏହାର ଅନ୍ୟ ନାମ ଦୁଆରୀ। ଏହା ମୁକ୍ତ ରଙ୍ଗମଞ୍ଚରେ ଉପସ୍ଥାପନା କରାଯାଏ। ମହାଭାରତର କଥା ବସ୍ତୁ କୁ ନେଇ ସମାଜ ରେ ପ୍ରଚଳିତ ଭିନ୍ନ ଭିନ୍ନ ତତ୍ତ୍ୱ କୁ ଉପସ୍ଥାପନା କରାଯାଏ। ଏହା ଏକ ଗୀତି ନାଟ୍ୟ ଅଟେ ଏହାର ରଚନା କର୍ତ୍ତା ଦିନବନ୍ଧୁ ଦାସ ବୋଲି ଜଣାଯାଏ। ଏହି ଭାରତଲୀଳାରେ ବାଦ ବିବାଦ ଦେଖିବକୁ ଅତ୍ୟନ୍ତ ମନୋରମ ଲାଗିଥାଏ। ପୂର୍ବ ଉପକୂଳର ଗଞ୍ଜାମ ଜିଲ୍ଲାରେ ବହୁତ୍ ଦେଖିବାକୁ ମିଳିଥାଏ। ତାସହ ଖୋର୍ଦ୍ଧା, ନୟାଗଡ଼, ପୁରୀ, ଆଦି ଅଞ୍ଚଳ ରେ ଦେଖାଯାଏ ।

ISSN NO.
2582-208X

ଦଧିନାଟ : ଏହି ଲୋକନାଟକଟି ବହୁଳ ଭାବରେ ଭଦ୍ରକ, ବାଲେଶ୍ୱର ଆଦି ଉପକୂଳ ଅଞ୍ଚଳରେ ପ୍ରଦର୍ଶିତ ହୋଇଥାଏ । କୃଷ୍ଣଲୀଳାର ଏକ ଉପାଖ୍ୟାନକୁ ଭିତ୍ତିକରି ଏହି ନାଟକଟି ପରିବେଷଣ କରାଯାଏ । 'ଦଧିନାଟ'ର ବିଷୟ ବସ୍ତୁ କୃଷ୍ଣଲୀଳାର ଅନ୍ତର୍ଭୁକ୍ତ ନାବକେଳୀରୁ ସଂଗୃହୀତ । ଏହି ଲୋକନାଟକ ଟି ବହୁ ସ୍ଥାନରେମୃତ ବ୍ୟକ୍ତିର ଦଶାହରେ ହୋଇଥାଏ । ଗୀତ ଗାନ ପରେ ଦଧିହାଣ୍ଡି ଭଙ୍ଗାଯାଏ । ଭିନ୍ନ ଅଞ୍ଚଳରେ ଏହାଭିନ୍ନ ରୂପ ଥାଏ ଏବଂ ବାଲେଶ୍ୱର ଅଞ୍ଚଳରେ ନାଟକ ଗୀତରେ ବଙ୍ଗ ଓ ଓଡ଼ିଆ ଭାଷା ମିଶ୍ରିତ ଦେଖାଯାଏ ।

ଧୁଡୁକି : ପଶ୍ଚିମ ଓଡ଼ିଶାରେ ଘୁମୁରା ନାଚରେ ଯେପରି ଘୁମୁରା ବାଦ୍ୟର ପ୍ରଚଳିତ ଘଟେ, ସେହିପରି ଉପକୂଳବର୍ତ୍ତୀ ଓଡ଼ିଶାରେ ଘୁଡୁକୀ ନାଚ ରେ ଧୁଡୁକି ବାଦ୍ୟ ପରିଚିତ । ଏହି ଲୋକନାଟକ ଟି ପ୍ରଚଳନରେ ଧୁଡୁକୀ ମୁଖ୍ୟ ବାଦ୍ୟ ରୂପେ ବ୍ୟବହୃତ ହୁଏ । ଖଣ୍ଡିଏ ବାଉଁଶ ନଳ, ଗୋଚମଡ଼ା ଏବଂ ତନ୍ତୁବାୟ ସୂତା ସାହାଯ୍ୟରେ ନିର୍ମିତ ହୋଇଥାଏ ଏହି ଲୋକବାଦ୍ୟ । ଏହି ଲୋକ ବାଦ୍ୟକୁ କେନ୍ଦ୍ର କରି ଧୁଡ଼ିକି ବାଦ୍ୟ ବାଦନ ସହ ସଙ୍ଗୀତ ଅଭିନୟର ସଂଯୋଗରେ ଲୋକ ନାଟକଟି ହୋଇଥାଏ । ଏହା ପୌରାଣିକ କଥାବସ୍ତୁ ନେଇରଚିତ। ବାଦ୍ୟର ତାଳେତାଳେ ବାଦକ ନଚି ଉଠେ ତାହାସହ ସହାୟକ ନର୍ତ୍ତକୀ ତାଙ୍କ ନୃତ୍ୟ ପରିବେଷଣ କରିଥାନ୍ତି ।

ଚଇତିଘୋଡ଼ା ନାଚ : ଚୈତ୍ର ପୂର୍ଣ୍ଣିମା ଦିନ ଏହି ନାଚ ହୋଇଥାଏ । ମା ବାସେଳୀ ଏହି ଚଇତି ଘୋଡ଼ାନାଟ୍ୟର ଆରାଧ୍ୟ ଦେବତା । ବାଉଁଶ ପାତିଆବତା ଓ ରଙ୍ଗୀନ୍ କନା ଦ୍ୱାରା ଘୋଡ଼ା ତିଆରି ହୁଏ ଏବଂ ମଝିରେ କଳାକାର ଛିଡ଼ାହୋଇ ଢୋଲ ବାଦ୍ୟରେ ନାଚନ୍ତି । ଏହାକୁ ମଧ୍ୟ ଘୋଡ଼ା ନାଚ କୁହା ଯାଏ । ଦୁଇ ଜଣ ଘୋଡ଼ା ପରି ନାଚନ୍ତି। ଅନ୍ୟ ଜଣେ ପାଳିଆ, ଜଣେ ଗୀତ ଗଇଥାନ୍ତି ଅନ୍ୟ ଏକ ନାରୀ ମଧ୍ୟ ଅଂଶ ଗ୍ରହଣ କରିଥାନ୍ତି । ପ୍ରଶ୍ନ ଓ ଉତ୍ତର ପଚାରିବା ଗୀତ ମାଧ୍ୟମରେ ପଦଗାନ ହୋଇଥାଏ ।

ବାଘନାଚ: ଗଞ୍ଜାମ ଅଞ୍ଚଳରେ ବିବିଧ ଲୋକନୃତ୍ୟ ମଧ୍ୟରେ ବାଘନାଚ ହେଉଛି ଏକ ପ୍ରଖ୍ୟାତ ଲୋକନାଟକ ଏଠାରେ କଳାକାର ମାନେ ସମଗ୍ର ଦେହରେ ବାଘ ଭଳି ପଟା ପଟା ରଙ୍ଗ ଲଗାଇ ମୁଣ୍ଡରେ ଚମଡ଼ାତିଆରୀ ଟୋପି ବାଘମୁଖା ପିନ୍ଧନ୍ତି। ଢୋଲ, ମହୁରୀ ଇତ୍ୟାଦି

ISSN NO.
2582-208X

ବାଦ୍ୟର ତାଳେ ତାଳେ ଏଇ ନୃତ୍ୟ ପ୍ରଦର୍ଶିତ ହୋଇଥାଏ । ଏହି ଲୋକନାଟକ ବହୁଳ ମାତ୍ରାରେ ଭାଷଣୀ ସମୟରେ ଦେଖାଯାଏ । ଏହାଙ୍କ ଇଷ୍ଟ ଗଞ୍ଜାମର ମା ବାଘ୍ରଦେବୀ ।

**ସଞ୍ଚାର :** ସଞ୍ଚାର ହେଉଛି ଅନ୍ୟତମ ବାଦ୍ୟ ଭିତ୍ତିକ ଲୋକନୃତ୍ୟ । ଏହାର ମୁଖ୍ୟ ବାଦ୍ୟ ହେଉଛି ମୃଦଙ୍ଗ । ମୁହାଁ ମୁହିଁ ଦୁଇଜଣ ବାୟକ ମୃଦଙ୍ଗରେ ବିଭିନ୍ନ ତାଳ ଓ ଧୂନ୍ ଡ଼ାକି ଆହ୍ୱାନ କରିଥାନ୍ତି I ବାୟକ ମାନେ ସହକାରୀ କଳାକାର ରାମାୟଣ, ମହାଭାରତ ଆଦିରୁ କଥାବସ୍ତୁକୁ ନେଇ ପରିବେଷଣ ହୁଏ ।

**କୈଁସାବାଡ଼ି ବା ଲଉଡ଼ିଖେଳ :** ଗୋପାଳ ସମ୍ପ୍ରଦାୟର ଲୋକ ଦୋଳପୂର୍ଣ୍ଣିମା ଅବସରରେ ଲଉଡ଼ିନାଚ କରନ୍ତି । ସେମାନେ କାଠ ବା ବାଉଁଶ ଦଣ୍ଡ ଦୁଇଟି ଧାରଣ କରନ୍ତି । ଏହି ଦଣ୍ଡକୁ 'ଲଗୁଡ଼ି' କୁହାଯାଏ । ନୃତ୍ୟକାର ମାନେ ପଦରେ ଘୁଙ୍ଗୁର ଓ ଅଣ୍ଟାରେ ଘାଗୁଡ଼ି ପିନ୍ଧନ୍ତି । କୃଷ୍ଣ ଗାଥାଗାନ କରି ନୃତ୍ୟକାରୀ ଦୁଇ ବାଡିକୁ ଆଘାତ କରି ନାଚନ୍ତି । ଏହି ଲୋକନାଟକଟି ଉପକୂଳ ଅଞ୍ଚଳ କେନ୍ଦ୍ରାପଡାରେ ବହୁଳ ଦେଖାଯାଏ । ତାହା ସହ ଅନ୍ୟ ଅଞ୍ଚଳରେ ମଧ୍ୟକିଛି ସମୟରେ ଦେଖିବାକୁ ମିଳିଥାଏ ।

**ଚଢ଼େଇ ଚଢ଼େଇୟାଣୀ ନାଚ :** କେଳା ବା ଶବର ଜାତିର ଲୋକ ମାନେ ଆଦିମ ହୋଇଥିବାରୁ ସେମାନଙ୍କ ମଧ୍ୟରେ ଚଢ଼େଇ ଧରି ଜୀବିକାର୍ଜନ କରିବା ଓ କର୍ମକୁଶଳତା ତଥା ମନୋରଞ୍ଜନ ନିମନ୍ତେ ତାଙ୍କ ଜାତିର ନୃତ୍ୟ କରିବା ପ୍ରାଚୀନତା ଥିଲା । ତାହା ଚଢ଼େଇ ଓ ଚଢ଼େଇୟାଣୀ ନୃତ୍ୟ । ବାଲେଶ୍ୱରରେ ଚଢ଼େଇ ଓ ଚଢ଼େଇୟାଣୀ ନାଟ ନାମକ ଏକ କାହାଣୀ ଧର୍ମୀ ନାଟକ ରହିଛି । ଚଢ଼େଇ ଓ ଚଢ଼େଇୟାଣୀ ବିଚ୍ଛିନ୍ନ ଓ ତାଙ୍କ ମିଳନ ଏହାର ବିଷୟ ବସ୍ତୁ। ଏହି ନାଚ ବିଶେଷ ଭାବରେ ଦଣ୍ଡନାଚ, ଘୋଡ଼ାନାଚ, ପାଲା, ସୁଆଙ୍ଗରେ ଦେଖିବାକୁ ମିଳିଥାଏ ।

**ମୁଣ୍ଡପୋତା କେଳାନାଚ :** ଏହି ନାଚ ପ୍ରାୟ ଓଡ଼ିଶାର ସବୁ ଅଞ୍ଚଳରେ ଦେଖାଯାଏ କିନ୍ତୁ ବହୁମାତ୍ରାରେ ଗଞ୍ଜାମ ଜିଲ୍ଲାରେ ଦେଖାଯାଏ । ମାଟିରେ ମୁଣ୍ଡପୋତି ବିଭିନ୍ନ ପ୍ରକାରର ପଦ ଓ ଉଚ୍ଚାରଣକରି ଦର୍ଶକଙ୍କ ମନମୁଗ୍ଧ କରିଥାଏ । ଏଥିରେ ଏକ କଣ୍ଢେଇ ଘୋଡ଼ା ବ୍ୟବହୃତ ହୋଇଥାଏ । ମୁଣ୍ଡପୋତା ତାହାକୁ ସମ୍ବୋଧନକରି ବିଭିନ୍ନ ଢ଼ଗଢ଼ମାଳି ଉଚ୍ଚାରଣ କରି

ISSN NO.
2582-208X

ଦର୍ଶକଙ୍କ ମନକୁ ଆକୃଷ୍ଟ କରିଥାଏ । ବିଶେଷ କରି କେଳା ସମ୍ପ୍ରଦାୟର ବ୍ୟକ୍ତି କରିଥାନ୍ତି ଏହି ଲୋକ ନାଟକ ।

ନାଗାନୃତ୍ୟ : ନାଗାନୃତ୍ୟ ପୁରୀ ଜିଲ୍ଲାର ଏକ ସ୍ୱତନ୍ତ୍ର ଓ ନିଜସ୍ୱ ନୃତ୍ୟ । ଏହା ପାଇକ ନୃତ୍ୟ ପରି ବୀରରସ ପୂର୍ଣ୍ଣ । ଜଗନ୍ନାଥଙ୍କ ନାଗାର୍ଜୁନ ବେଶ ସମୟେ ଓ ନୃସିଂହନାଥଙ୍କ ଠାରେ ମଧ୍ୟଏହି ନୃତ୍ୟ କରାଯାଏ । ଜଣେ ବ୍ୟକ୍ତି ବଳବାନ ଶରୀର ଥିବା ପୁରୁଷ ନାଟକଟିକୁ ପରିବେଷଣ କରେ । ବିର ବାଦ୍ୟର ତାଳେ ତାଳେ ନାଗାର୍ଜୁନ ବେଶଧାରି ବ୍ୟକ୍ତି ନାଚିଉଠେ ।

ଉପକୂଳ ଓଡ଼ିଶା ହେଉଛି ସଂସ୍କୃତିର ଗନ୍ତାଘର । ଏହାର ବିସ୍ତୃତ ଭୌଗଳିକ ପଡିବେଷ୍ଟିନି ମଧ୍ୟରେ ଏଠି ଆଲୋଚିତ ଲୋକନାଟକ ଗୁଡ଼ିକ ପରିଦୃଷ୍ଟ ହୋଇଥାଏ। ଉପରିସ୍ଥ ଲୋକନାଟକ ବ୍ୟତୀତ ଏହି ଅଞ୍ଚଳରେ ପ୍ରଚଳିତ ଅନାନ୍ୟ ନାଟକ ଗୁଡ଼ିକ ଯଥାକ୍ରମେ ଧୋବିନାଚ, କଳିକାନାଚ, ବାଦିପାଲା, କୀର୍ତ୍ତନ ବାଗାମ୍ବର ପାଲା, ନବରଙ୍ଗି, କଣ୍ଢେଇ ନାଚ, ଗୀତିନାଟ୍ୟ, ଗୀତାଭିନୟ, ଗୋପ ଲୀଳା, ଗୋଟିପୁଅ ନାଚ, ଠାକୁରାଣୀ ଯାତ୍ରା, ଦୟିକା, ଦାସକାଠିଆ, ଫାର୍ସ, ରାସଲୀଳା, ଶୀତଳଷଷ୍ଠୀ ଯାତ୍ରା, ସଉରା ନାଟ, ସଞ୍ଚାର, ସୁଆଙ୍ଗ, ସଖିନାଟ, ପଶୁନୃତ୍ୟ ଆଦି ପ୍ରାୟତଃ ଦେଖାଯାଏ । କେତେକାଂଶରେ ଏହି ଲୋକନାଟକ ପ୍ରତି ଅବହେଳା ହେତୁ ଏହା ଲୁପ୍ତ ହେବାକୁ ବସିଲାଣି । ଏହି ଲୋକନାଟକ ଗୁଡ଼ିକୁ ଆଜିକା ଆଧୁନିକ ଯୁଗରେ ବଞ୍ଚାଇ ରଖିବାମୁଖ୍ୟ ବିଷୟ ।

ସହାୟକ ଗ୍ରନ୍ଥ ସୂଚୀ :-

୧) ଗାଁଣ, ଡକ୍ଟର ଅନାଦି ଚରଣ- 'ଲୋକ ସାହିତ୍ୟର ରୂପରେଖ' – ମିତା ବୁକ୍ସ, ବାଦାମବାଡି, କଟକ – ୯, ପ୍ରଥମ ସଂସ୍କରଣ (୨୦୦୧)

୨) ଦାସ, ଡକ୍ଟର ହେମନ୍ତ କୁମାର "ଓଡ଼ିଆ ନାଟକ ଉଦ୍ଭବ ଓ ବିକାଶ'–ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ କଟକ, ୨ୟ ସଂସ୍କରଣ (୧୯୯୩)

ISSN NO.
2582-208X

୩) ମହାରଣା, ଶରତ ଚନ୍ଦ୍ର - 'ଓଡ଼ିଆ ଲୋକନାଟକ ଉନ୍ମେଷ ଓ ଉତ୍ତରଣ' - ବିଦ୍ୟାପୁରୀ, କଟକ, ପ୍ରଥମ ସଂସ୍କରଣ (୨୦୨୨)

୪) ମିଶ୍ର, ଡକ୍ଟର ଅଜୟ "ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି-ବିଜୟିନୀ ପବ୍ଲିକେଶନ୍ସ, ଆରୁଣୋଦୟ ମାର୍କେଟ, କଟକ, ଦ୍ୱିତୀୟ ସଂସ୍କରଣ (୨୦୧୭)

୫) ମହାରଣା, ଶରତ ଚନ୍ଦ୍ର - 'ଓଡ଼ିଆ ଲୋକନାଟକ ଉନ୍ମେଷ ଓ ଉତ୍ତରଣ' - ବିଦ୍ୟାପୁରୀ, କଟକ, ପ୍ରଥମ ସଂସ୍କରଣ (୨୦୨୨)

ବୋଲଗଡ଼, ଖୋର୍ଦ୍ଧା
ଫୋନ୍ - ୬୩୭୨୧୭୪୯୫୧୮

ISSN NO.
2582-208X

# ମାଟିର ମହକ



ଦୁଷ୍ମନ୍ତ ବେହେରା

ମାଟିର ଗାଥାରେ ଅନେକ କଥା
ଭାସି ମହକି ଉଠେ ମାଟିର
ମହକ କଥା.....!!

ସମୟ କହେ କେତେ ଲେଉଟା କଥା
ସାଇତି ରଖିଲେ ସହଳ ହେବ ଆମ
ଭାଷା କଥା.....!!

ପବନ ବହନ ବନେ ସରୁ ସୂତା
ମହକ କହେ ଆମ ଅତୀତ
ଗାଥା ର କଥା......!!

ଢେଉ ଖେଳୁ ଥାଏ କୋଳରେ ବସି
ଆମ ଜାତି ଭାଇ କହେ ମୋ ଦେଶ
ହସୁଛି ଭାଇ......!!

ଆକାଶ ହସୁଛି ମାଟିର ମହକ ଦେଖି
ତୋ କୋଳେ ଖେଳନ୍ତି ଜନ ମାନସ
ହସି ହସି ରେ ଭାଇ.....!!

ISSN NO.
2582-208X

କଥା ସୁନ୍ଦର ଲାଗେ ବେଶ ପୋଷାକ ଭଲ
ଥିଲେ ରେ ଭାଇ ତୁମେ ପରିଚୟ ଦିଅ
ମୋ ଦେଶ ଭାରତ ଏଇ....!!

ଆହା କି ମିଠା କଥା ଆମର ଯିଏ
ଶୁଣେ କହେ ଇଏ ଭାରତ ମାଟିର
ଉତ୍କଳ ସନ୍ତାନ....!!

ଋସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X

# ଅନେକ ଦିନ ପରେ



ଚିତ୍ତରଞ୍ଜନ ମେହେର

ଗୋଟେ ବର୍ଷ ପରେ ..,
ତା ସହ ଟିକେ ଅଧିକ ସମୟ କଥା ହେଲି
ମନ କଥା ସବୁ ଖୋଲିକି କହି ପାରିଲି
ଅନେକ କଥା ଥିଲା କହିବି କହିବି ବୋଲି ସମୟ ପାଉ ନ ଥିଲି
ଆଜି ସେ ସମୟ ସବୁ କହି ଦେଇ ଚାଲି ଗଲା ...!
ଏମିତି ପ୍ରତି ଦିନ ମେସେଜ କରେ ସିନା
ତା ଉତ୍ତର ଦିଏ ହେଲେ,
କିଛି କଥା ସେ ସମୟରେ କହି ମୁଁ ନ ପାରଇ ...!
କହିଲେ ବୋଧେ ରାଗି ଯିବ ବୋଲି
ମୁଁ ନିରବ ରହି ଯାଉଥିଲି ...!
ସମୟର ଅପେକ୍ଷା ସଦାବେଳେ ମିଠା ହିଁ ଥାଏ
ଠିକ୍ ମୁଁ ବି ଆଜି ଅନୁଭବ କରି ପାରିଲି
ଜାଣି ପାରିଲି ତା କଥାରେ ଆଜି ମୁଁ
କାହିଁ କି ଏତେ ଦିନ ଅପେକ୍ଷା କରିଥିଲି ବୋଲି
ତା ଗୋଟେ ଗୋଟେ କଥା
ମୋ ହୃଦୟକୁ ଛୁଇଁ ଗଲା....
ଦୁଃଖର ଘର ଭିତରେ ସୁଖର ବସା ଟିଏ ଖୋଜୁଥିଲି

ISSN NO.
2582-208X

ଅପେକ୍ଷା କରି କରି ବହୁତ୍ ଦିନ ହୋଇ ସାରିଥିଲା
ତା ସହ କଥା ହେଇ ପାରୁ ନ ଥିଲି ...
ଅନେକ ଦିନର ସ୍ୱପ୍ନ ଆଜି ପୁରା କରି ଦେଇ ଗଲା ...!
ସମୟ ସ୍ରୋତରେ ନିଜକୁ ଟିକେ ହଜେଇ ଦେଇ ଗଲା
ବର୍ଷାର ବୁନ୍ଦା ବୁନ୍ଦା ପାଣିରେ ଭିଜେଇ ଦେଇ ଗଲା
ନୀଳ ଆକାଶରେ ନିଜକୁ ମୁକ୍ତ ଭାବି ଉଡ଼ାଇ ବାକୁ ଲାଗିଲା
କଳା ମେଘ ସହ ନିଜେ ସେ ମିଶି ଗଲା...!

ଭବାନୀପାଟଣା , କଳାହାଣ୍ଡି
୭୮୯୪୨୬୭୧୫୪

ISSN NO.
2582-208X

# ଓଡ଼ିଶାର ପ୍ରାଚୀନ ଶୈବକ୍ଷେତ୍ର ନନ୍ଦିଗ୍ରାମର ପିଠାଧିଶ ବାବା ନନ୍ଦମଣି ଓ ପାର୍ଶ୍ୱ ଦେବଦେବୀଙ୍କ ମହତ୍ତ୍ୱ

ଶୁଭଦର୍ଶିନୀ ପରିଡ଼ା

ଭାରତବର୍ଷରେ ଶୈବଧର୍ମର ପ୍ରଚଳନ ବହୁପ୍ରାଚୀନ ଏବଂ ପ୍ରାୟତଃ ସବୁ ସ୍ଥାନରେ ଏହାର ନିଦର୍ଶନ ଦେଖିବାକୁ ମିଳେ । ସେହିପରି ଓଡ଼ିଶାରେ ମଧ୍ୟ ବହୁ ପ୍ରାଚୀନ ଶୈବପୀଠମାନ ବିରାଜିତ, ମୁଖ୍ୟତଃ ସର୍ବ ପ୍ରାଚୀନ ନିଦର୍ଶନ ଭାବରେ ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରେ କେନ୍ଦୁଝର ଜିଲ୍ଲାର ଅସନପାଟ ଅଭିଲେଖରେ ଖୋଦିତ ନଟରାଜ ଶିବ ବିଗ୍ରହକୁ ଗ୍ରହଣ କରାଯାଏ । ପରେପରେ ନଳ ବଂଶୀୟ, ମାଠର ବଂଶୀୟ, ବାଶିଷ୍ଠ ବଂଶୀୟ ଓ ଭଞ୍ଜ ବଂଶୀୟ ଶାସକମାନଙ୍କ ସମୟରେ ଶୈବଧର୍ମର ପ୍ରସାର ଘଟିଥିଲା । ଦଶମ ଓ ଏକାଦଶ ଶତାବ୍ଦୀକୁ ଶୈବ ଧର୍ମର ସୁବର୍ଣ୍ଣଯୁଗ ଭାବରେ ଅଭିହିତ କରାଯାଇ ପାରେ । ଏହି ସମୟରେ ସୋମବଂଶୀ ନରପତି ଗଣ ଓଡ଼ିଶାର ଉପକୂଳବର୍ତ୍ତୀ ଅଂଚଳମାନଙ୍କୁ ଶାସନ କରି ବର୍ତ୍ତମାନର ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ବହୁ ଶୈବ ପୀଠମାନ ସ୍ଥାପନ କରିଥିଲେ । ରାଜାରାଣୀ ମନ୍ଦିର, ଲିଙ୍ଗରାଜ ମନ୍ଦିର, ବ୍ରହ୍ମେଶ୍ୱର ମନ୍ଦିର ସହ ବହୁ ଶିବ ମନ୍ଦିର ଏହି ସମୟରେ ଗଢି ଉଠିଥିଲା । ଓଡ଼ିଶାରେ ବହୁ ଧର୍ମମତବାଦ ପ୍ରଚଳିତ ଥିବା ସତ୍ତ୍ୱେ ଶୈବ ଧର୍ମର ଗୁରୁତ୍ୱ ଖୁବବେଶୀ । ଆଜି ମଧ୍ୟ ଏହି ଧର୍ମର ଲୋକପ୍ରିୟତା ଅକ୍ଷୁଣ୍ଣ ରହିଛି ।

ଶୈବ ଧର୍ମାବଲମ୍ବୀମାନେ ମୁଖ୍ୟତଃ ଶିବ-ଶକ୍ତିଙ୍କୁ ନିଜର ଆରାଧ୍ୟ ଦେବତା ଭାବରେ ପୂଜା -ଉପାସନା କରିଥାନ୍ତି । ଓଡ଼ିଶାର ପ୍ରାଚୀନ ଶୈବକ୍ଷେତ୍ର ମାନଙ୍କ ମଧ୍ୟରେ ଜଗତସିଂହପୁର ଜିଲ୍ଲାର ନନ୍ଦିଗ୍ରାମ ଗ୍ରାମର ଆରାଧ୍ୟ ଦେବତା ବାବା ନନ୍ଦକେଶ୍ୱର ବା ଲୋକ ଭାଷାରେ ନନ୍ଦମଣି ଅନାଦି କାଳରୁ ନିଜ ଭକ୍ତ ତଥା ଆଶ୍ରିତମାନଙ୍କୁ ଅଭୟ ପ୍ରଦାନ କରି ଆସୁଛନ୍ତି । ଓଡ଼ିଶାରେ ବାରମାସରେ ତେରପର୍ବ ନ୍ୟାୟରେ ବାବା ନନ୍ଦମଣିଙ୍କ ପୀଠରେ ବର୍ଷ ସାରା ଭକ୍ତମାନଙ୍କର ଗହଳି ଚହଳି ଲାଗି ରହିଥାଏ, ତେବେ କେତେକ ବିଶେଷ ପର୍ବ ଗୁଡିକରେ

ISSN NO.
2582-208X

ମୁଖ୍ୟତଃ ହଜାର ହଜାର ଭକ୍ତ ମାନଙ୍କର ସମାଗମ ଘଟେ ନନ୍ଦମଣିଙ୍କ ମନ୍ଦିର ପ୍ରାଙ୍ଗଣରେ। ତତସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ମେଳାମହୋତ୍ସବ ବର୍ଷସାର ଲାଗି ରହିଥାଏ । ତେବେ କେବଳ ପ୍ରଭୁ ନନ୍ଦମଣି ପୀଠାଧିଶ ଭାବରେ ଯେ, ଅପୂର୍ବ ଅଲୌକିକ ଲୀଳା କରୁଛନ୍ତି ତା ନୁହେଁ ବରଂ ବାବା ନନ୍ଦମଣିଙ୍କ ଚତଃପାର୍ଶ୍ୱରେ ଥିବା ପାର୍ଶ୍ୱଦେବଦେବୀମାନେ ମଧ୍ୟ ରହସ୍ୟ ଓ ଲୀଳାମୟ ଅଟନ୍ତି । ତେବେ ଏହି ପୀଠର ମୁଖ୍ୟ ମନ୍ଦିରର ପାର୍ଶ୍ୱଦେବଦେବୀ ମାନେ ହେଲେ –ଶ୍ରୀ ଗଣେଶ, ଶ୍ରୀ କାର୍ତ୍ତିକ, ମାଆ ପାର୍ବତୀ, ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀ ମାନଙ୍କ ଭିତରେ ବୃଷଭ, ନବଗ୍ରହ, ଦଶାବତାର, ବ୍ରହ୍ମା, ଅନନ୍ତ ବାସୁଦେବ, ଶ୍ରୀ ହନୁମାନ, ବ୍ରହ୍ମାକାଠ,ଦେବୀ ସାବିତ୍ରୀ, କୁ ତାମ ଚଣ୍ଡୀ, ଚନ୍ଦ୍ରଶେଖର, ରାଧାକୃଷ୍ଣ, ଗୋପାଳ,ବିଲ୍ୱବୃକ୍ଷ, ଶନିବୃକ୍ଷ ଏବଂ ଶନିଶିଳା, ଅଳାଁବୃକ୍ଷ, ଭାଗବତ ଗାଦି ପ୍ରଭୃତି।

ଶ୍ରୀ ଗଣେଶ :

ନନ୍ଦମଣିଙ୍କ ମୁଖ୍ୟ ମନ୍ଦିରର ପାର୍ଶ୍ୱ ଦେବତା ଭାବରେ ଅଗ୍ରପୂଜ୍ୟ ଗଣେଶଙ୍କର ଏକ ଶ୍ୱେତ ମାର୍ବଲ ନିର୍ମିତ ପ୍ରତିମା ପୂଜା ପାଉଛନ୍ତି । ପାର୍ଶ୍ୱ ଦେବତା ଭାବରେ ଶ୍ରୀ ଗଣେଶଙ୍କ ଏହି ପ୍ରତିମାଟି ଭକ୍ତମାନଙ୍କର ବିଘ୍ନ ହରଣପାଇଁ ସତେ ଯେପରି ବିରାଜିତ ହୋଇଛନ୍ତି ।

ଶ୍ରୀ କାର୍ତ୍ତିକ :

ମୁଖ୍ୟ ମନ୍ଦିରର ପଶ୍ଚିମ ପାର୍ଶ୍ୱରେ ଶ୍ରୀ କାର୍ତ୍ତିକେଶ୍ୱରଙ୍କର ଷଡ଼ମୁଖୀ ଏକ ଶ୍ୱେତ ମାର୍ବଲ ନିର୍ମିତ ପ୍ରତିମା ପୂଜିତ, ଏହି ପ୍ରତିମାରେ ଥିବା ଷଡ଼ମୁଖ ଷଡ଼ରିପୁକୁ ଦମନ କରି ଭକ୍ତି ମାର୍ଗରେ ଯିବାକୁ ପଥଦେଖାଉଛି ।

ଦେବୀ ପାର୍ବତୀ :

ମୁଖ୍ୟ ମନ୍ଦିରର ଉତ୍ତର ପାର୍ଶ୍ୱରେ ଜଗତ ଜନନୀ ମାଆ ପାର୍ବତୀଙ୍କ ଏକ ସୁନ୍ଦର କମନୀୟ ଶ୍ୱେତ ମାର୍ବଲ ନିର୍ମିତ ପ୍ରତିମା ପୂଜା ପାଉଛନ୍ତି । ଶ୍ୱେତ ମୂର୍ତ୍ତିରେ ପାର୍ଶ୍ୱଦେବୀ ଭାବରେ ମାଆ ପୂଜା ପାଇବା ଏକ ବିରଳ ଦୃଶ୍ୟ । ଶ୍ୱେତ ମୂର୍ତ୍ତିରେ ମାଆଙ୍କ ମଥାର ଲାଲ ସିନ୍ଦୁର ପ୍ରତ୍ୟେକ ସଧବାଙ୍କୁ ପତିବ୍ରତା ହେବାର ଅଭୟ ପ୍ରଦାନ କରୁଅଛି ।

ISSN NO.
2582-208X

ବୃଷଭ (ନନ୍ଦି ):

ଦେବଦେବ ମହାଦେବଙ୍କ ବାହନ ଭାବରେ ମୁଖ୍ୟ ମନ୍ଦିର ସମ୍ମୁଖରେ ଛୋଟଛୋଟ ଦୁଇଟି କଳା ମୁଗୁନି ପଥରରେ ବୃଷଭ ପୂଜା ପାଉଛନ୍ତି । ତତସହିତ ମନ୍ଦିରର ଦକ୍ଷିଣ ଦ୍ୱାରା ପାଖରେ ସିମେଣ୍ଟ ନିର୍ମିତ ଦୁଇଟି ବୃଷଭ ଏବଂ ପୂର୍ବ ଦିଗରେ ନନ୍ଦମଣିଙ୍କୁ ମୁଖକରି ଏକ ବିଶାଳ ବୃଷଭ ବିରାଜମାନ କରି ଅଛନ୍ତି । ଏତେ ସଂଖ୍ୟକ ବୃଷଭ ମୂର୍ତ୍ତି କୋଚିତ ଦେଖିବାକୁ ମିଳେ ।

ନବଗ୍ରହ :

ମନ୍ଦିର ପ୍ରବେଶ ଦ୍ୱାରାରେ କଳାମୁଗୁନି ପଥର ନିର୍ମିତ ନବଗ୍ରହ ସ୍ଥାପିତ ହୋଇଛନ୍ତି ।

ଦଶ ଅବତାର :

ମୁଖ୍ୟ ମନ୍ଦିରର ଗର୍ଭଗୃହ ଉପରେ କଳା ମୁଗୁନି ପଥରରେ ନିର୍ମିତ ଭଗବାନ ବିଷ୍ଣୁଙ୍କ ଦଶ ଅବତାରର ଦଶଟି ମୂର୍ତ୍ତି ବିରାଜିତ ଯାହା ହରିହର ମିଳନ ସ୍ଥଳ ଭାବରେ ଏହି ମନ୍ଦିରର ଏକ ସ୍ୱତନ୍ତ୍ର ପରିଚୟ ଦେଉଛି ।

ବ୍ରହ୍ମା :

ମୁଖଶାଳାର ଦକ୍ଷିଣ ପାର୍ଶ୍ୱରେ ବ୍ରହ୍ମାଙ୍କର ଏକ ପ୍ରସ୍ତର ମୂର୍ତ୍ତି ରହିଛି । ବ୍ରହ୍ମାଙ୍କୁ ପ୍ରାୟତଃ ପୂଜା କରାଯାଏ ନାହିଁ,ଶିବ ମନ୍ଦିରରେ ବ୍ରହ୍ମା ପୂଜା ପାଇବା ନହାତି ଏକ ବିରଳ ଦୃଶ୍ୟ। ହରି -ହର -ବ୍ରହ୍ମା ଏକତ୍ର ଅନେକ ମନ୍ଦିରରେ ପୂଜା ପାଆନ୍ତି ମାତ୍ର ଶିବ ମନ୍ଦିରରେ ସ୍ୱତନ୍ତ୍ର ଭାବେ ପୂଜା ପାଇବା ଓଡ଼ିଶା ନୁହେଁ ଭାରତରେ ମଧ୍ୟ କୋଚିତ ଦେଖାଯାଏ । ଏହି ମୂର୍ତ୍ତିଟି ମଧ୍ୟ କେଉଁ ଶତାବ୍ଦୀର ତାହା ସାଧାରଣରେ ଜଣା ପଡ଼େନାହିଁ ତେଣୁ ଓଡିଶା ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଯଦି ଏହାର ଗବେଷଣା କରାଯାଏ ତେବେ ଅନେକ ତଥ୍ୟ ଲୋକଲୋଚନକୁ ଆସିପାରନ୍ତା ।

ଅନନ୍ତ ବାସୁଦେବ :

ISSN NO.
2582-208X

ମୁଖଶାଳାର ଉତ୍ତର ପାର୍ଶ୍ୱରେ ଅନନ୍ତ ବାସୁଦେବଙ୍କ ଏକ ଚତୁର୍ଭୂଜା ମୂର୍ତ୍ତି ବିରାଜମାନ କରିଅଛନ୍ତି । ଏହା କେବଳ ହରି ହର ଙ୍କ ସଙ୍ଗମ ସ୍ଥଳୀ ଭାବରେ ନୁହେଁ ବରଂ ଏକ ଶ୍ରେଷ୍ଠ ସନାତନୀ ହିନ୍ଦୁମାନଙ୍କ ମିଳନ ସ୍ଥଳ ଭାବରେ ପରିଚୟ ସୃଷ୍ଟି କରିଛି ।

ଶ୍ରୀ ହନୁମାନ :

ନନ୍ଦମଣିଙ୍କ ମନ୍ଦିରରେ ଥିବା ମୁଖ୍ୟ ମଣ୍ଡପରେ ଉତ୍ତର ପଟରେ ଶଙ୍କଟମୋଚନ ବୀର ଶ୍ରୀ ହନୁମାନଙ୍କ ଏକ ମୂର୍ତ୍ତି ବିରାଜିତ । ବହୁ ମହାବୀର ଭକ୍ତମାନଙ୍କ ଦ୍ୱାରା ଏଠାରେ ପୂଜାର୍ଚ୍ଚନା ବର୍ଷ ସାରା ଲାଗି ରହିଥାଏ । ମହାବୀର ହନୁମାନଙ୍କୁ ମଧ୍ୟ ଶିବଙ୍କର ଏକ ରୂପ ଭାବରେ ଗ୍ରହଣ କରାଯାଏ ।

ବ୍ରହ୍ମା କାଠ :

ମନ୍ଦିର ମୁଖ୍ୟ ମଣ୍ଡପରେ ଥିବା ବ୍ରହ୍ମା କାଠ ଯାହାଙ୍କ ପାଇଁ ହିଁ ଏହି ପୀଠ ବେଶ ପ୍ରସିଦ୍ଧି ଅର୍ଜନ କରିଛି । ଚୋର ଧରିବାରେ ଏହି ବ୍ରହ୍ମା କାଠର ସହାୟତା ନିଆ ଯାଏ। ଲୋକ ବିଶ୍ୱାସ ଅଛି ଯେ, ଚୋରଟି ଏହି ବ୍ରହ୍ମା କାଠକୁ ଗଳି ଯାଇ ପାରିବ ନାହିଁ, ଗଲେ ସେ ମୃତ୍ୟୁ ବରଣ କରିବ ତେଣୁ ଯଦିଓ ପୋଲିସ ଫାଣ୍ଡି ଏବେ ରହିଛି ତଥାପି ଲୋକଙ୍କ ଧର୍ମୀୟ ବିଶ୍ୱାସ ଆଜିବି ଅକ୍ଷଣ୍ଣ ରହିଛି ଏବଂ ବହୁ ଦୂର ଦୁରାନ୍ତରୁ ଆଜିବି ଲୋକ ଏଠାକୁ ଆସନ୍ତି । ବଡ଼ ଆଶ୍ଚର୍ଯ୍ୟ ବିଷୟ ଏହା କି ଆଜି ପର୍ଯ୍ୟନ୍ତ କେହି ଏହି ବ୍ରହ୍ମା କାଠକୁ ଗଳି ନାହାନ୍ତି ତା ପୂର୍ବରୁ ସେ ସତ ମାନି ଯାଆନ୍ତି ।

ଦେବୀ ସାବିତ୍ରୀ :

ସତୀ ସାବିତ୍ରୀ ପଞ୍ଚସତୀଙ୍କ ମଧ୍ୟରେ ଅନ୍ୟତମ । ମନ୍ଦିରର ଉତ୍ତର ପାର୍ଶ୍ୱରେ ଏକ କଳା ମୁଗୁନି ପଥର ନିର୍ମିତ ସାବିତ୍ରୀଙ୍କ ପ୍ରତିମା ପୂଜା ପାଉଛନ୍ତି। ସାବିତ୍ରୀ ବ୍ରତ ସମୟରେ ଏହିଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଗ୍ରାମ ସମେତ ଆଖପାଖ ଗ୍ରାମର ବହୁ ସଧବା ମହିଳାଙ୍କ ଦ୍ୱାରା ସାବିତ୍ରୀ ବ୍ରତ ପୂଜା କରାଯାଏ ତତସହିତ ପ୍ରତିଦିନ ଗ୍ରାମ ଝିଅ ବୋହୂ ମାନେ ନିଜର ଭାବିପତି, ପତିଙ୍କ ପାଇଁ ମଙ୍ଗଳ ମନାସୁଥାନ୍ତି ।

ISSN NO.
2582-208X

କୁତାମ ଚଣ୍ଡୀ :

ନନ୍ଦିଗ୍ରାମର ଅଧିଷ୍ଠାତ୍ରୀ ବା ଗ୍ରାମଦେବୀ ଭାବରେ କୁତାମ ଚଣ୍ଡୀ ପୂଜା ପାଇ ଆସୁଛନ୍ତି । ମନ୍ଦିରର ମୁଖ୍ୟ ମଣ୍ଡପର ପୂର୍ବଉତ୍ତର କୋଣରେ ଏକ ଛୋଟ ମନ୍ଦିରରେ କୁତାମ ଚଣ୍ଡୀ ବିରାଜିତ । ଲୋକ ମୁଖରେ ଶୁଣାଯାଏ ଯେ ମାଆ ପାର୍ବଣ ସମୟରେ ଆବିର୍ଭାବ ହୋଇ ଗ୍ରାମ ପରିଭ୍ରମଣ କରି ମନ୍ଦିର ପ୍ରାଙ୍ଗଣରେ ଥିବା ବାମ୍ଫି ଉପରେ ବିଶ୍ରାମ ନିଅନ୍ତି। ଭଗବତୀ କୁତାମ ଚଣ୍ଡୀଙ୍କ ବିଷୟରେ ଏଭଳି ଅଲୌକିକ କଥା ଶୁଣିବାକୁ ମିଳେ । କାଳିକା ମାଆ ଭଗବତୀ କୁତାମଚଣ୍ଡୀଙ୍କ ଆଶୀର୍ବାଦ ନେଇ ନାଚ କରନ୍ତି ଏବଂ ତ୍ରାହି ପଡ଼ିଥିବା ଭକ୍ତ ମାନଙ୍କର ମନସ୍କାମନା ପୂରଣ ପାଇଁ ପଥ ଦେଖାନ୍ତି ।

ଚନ୍ଦ୍ରଶେଖର :

ଚନ୍ଦ୍ରଶେଖରଙ୍କ ମନ୍ଦିର ମୁଖ୍ୟ ମନ୍ଦିରର ଉତ୍ତର ପାର୍ଶ୍ୱରେ ଅବସ୍ଥିତ । ଚନ୍ଦ୍ରଶେଖର ହେଉଛନ୍ତି ନନ୍ଦମଣିଙ୍କ ଚଳନ୍ତି ପ୍ରତିମା। ଏହି ମନ୍ଦିରରେ ଚନ୍ଦ୍ରଶେଖର, ରାଧାକୃଷ୍ଣ ଓ ଆଣ୍ଠୁଆ ଗୋପାଳଙ୍କ ପିତଳ ପ୍ରତିମା ପୂଜିତ । ବର୍ଷର ବିଭିନ୍ନ ବିଶେଷ ପର୍ବ ଯଥା – ଶିବ ବିବାହ (ବୃଷଭ ଉପରେ ବିରାଜିତ ହୋଇ), ଚନ୍ଦନ ଯାତ୍ରା (ପାଲିଙ୍କିରେ ବିରାଜିତ ହୋଇ), ଦୋଳ ପୂର୍ଣିମା (ପାଲିଙ୍କିରେ ବିଜେ ହୋଇ) ଦୋଳ ଉତ୍ସବ (ବିମାନରେ ବିଜେ ହୋଇ)ପ୍ରଭୃତି ପର୍ବରେ ନନ୍ଦମଣିଙ୍କର ସାକ୍ଷାତ ସ୍ୱରୂପ ଭାବରେ ଲୀନା ରଚନ୍ତି । ସାଧାରଣରେ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା କଥା ସମସ୍ତେ ଜାଣନ୍ତି ମାତ୍ର ଶିବଙ୍କ ଚଳନ୍ତି ପ୍ରତିମା ଯାହା ଓଡିଶା ନୁହେଁ ବରଂ ସାରା ଭାରତରେ ବିରଳ ।

ଆଣ୍ଠୁଆ ଗୋପାଳ :

ଆଣ୍ଠୁଆ ଗୋପାଳଙ୍କ ଏକ ମୂର୍ତ୍ତି ଚନ୍ଦ୍ରଶେଖର ମନ୍ଦିରରେ ପୂଜା ପାଆନ୍ତି । ଜନ୍ମାଷ୍ଟମୀରେ ଗୋପାଳଙ୍କ ସ୍ୱତନ୍ତ୍ର ପୂଜା କରାଯାଏ ।

ବିଲ୍ୱ ବୃକ୍ଷ :

ମୁଖ୍ୟ ମନ୍ଦିରର ଉତ୍ତର ପାର୍ଶ୍ୱ ତଥା ଚନ୍ଦ୍ରଶେଖର ମନ୍ଦିର ପଶ୍ଚିମ ପଟରେ ଏକ ବିଲ୍ୱବୃକ୍ଷ (ବେଲ ଗଛ) ପୂଜିତ ହେଉଛନ୍ତି । ଏହି ବୃକ୍ଷ ମୂଳରେ ମହାଦେବଙ୍କ ଲିଙ୍ଗ ଏବଂ ସର୍ପ

ISSN NO.
2582-208X

ପୂଜା ପାଉଛନ୍ତି । ଶ୍ରାବଣୀ ଭକ୍ତମାନେ ଏହିଠାରେ ବାବା ନନ୍ଦମଣିଙ୍କ ଉଦେଶ୍ୟରେ ଶ୍ରାବଣ ସୋମବାରରେ ଜଳ ଢାଳନ୍ତି ଏବଂ ନନ୍ଦମଣିଙ୍କ କୃପାଲାଭ କରନ୍ତି ।

ଶନିବୃକ୍ଷ ଏବଂ ଶନି ଶିଳା :

ମୁଖ୍ୟ ମନ୍ଦିର ଦକ୍ଷିଣ ପାର୍ଶ୍ୱରେ ଶନିବୃକ୍ଷ ଏବଂ ଏହି ବୃକ୍ଷ ମୂଳରେ ଶନିଙ୍କ ଶିଳା ପୂଜା ପାଉଛନ୍ତି । ଲୋକ ବିଶ୍ୱାସରେ ଗ୍ରହଦୋଷ ଥିଲେ ଶନିମହାଗ୍ରହ ଶାନ୍ତି କରିବାପାଇଁ ଗ୍ରହ ଶାନ୍ତି ପୂଜା କରାଯାଏ, ତେଣୁ ଅନେକ ସମୟରେ ଏହି ସ୍ଥାନରେ ବହୁ ଭକ୍ତମାନଙ୍କର ସମାଗମ ଘଟେ ।

ଅଳାଁବୃକ୍ଷ :

ମୁଖ୍ୟ ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ବା ରୋଶଶାଳାକୁ ଲାଗି ଅଳାଁବୃକ୍ଷ ରହିଛି । ପ୍ରତିବର୍ଷ ଅଳାଁ ନବମୀ ଏବଂ କାର୍ତ୍ତିକ ମାସରେ ଏଠାରେ ବିଶେଷ ପୂଜା କରାଯାଏ ।

ଦୋଳ ମଣ୍ଡପ :

ମନ୍ଦିର ବେଢା ବାହାରେ ପୂର୍ବ ଦିଗରେ ଏକ ଦୋଳ ମଣ୍ଡପ ଅବସ୍ଥିତ ଏଠାରେ ଦୋଳପୂର୍ଣ୍ଣିମାରେ ରାଧାକୃଷ୍ଣ ଝୁଲଣରେ ଝୁଲନ୍ତି ଏବଂ ପାଞ୍ଜିପାଠ କରାଯାଏ । ପ୍ରତି ବର୍ଷ ଏହି ଦିନଟିକୁ ଗ୍ରାମବାସୀ ଆଗ୍ରହର ସହ ଅପେକ୍ଷା କରିଥାନ୍ତି, କାରଣ ପାଞ୍ଜିରୁ ସେମାନେ ସେ ବର୍ଷର ବର୍ଷା ଖରା ର ସୂଚନା ପାଆନ୍ତି ଏବଂ ଚାଷ କିପରି କରିବେ ସେ ସମ୍ପର୍କରେ ଅବଗତ ହୁଅନ୍ତି ।

ବାମ୍ଫି :

ମନ୍ଦିର ପୂର୍ବ ଦିଗରେ ଏକ ବିଶାଳ ବାମ୍ଫି ରହିଛି ଯେଉଁଠାର ଜଳ ହିଁ ନନ୍ଦମଣିଙ୍କ ନୀତିକାନ୍ତିପାଇଁ ବ୍ୟବହାର କରାଯାଏ ।

ଭାଗବତ ଗାଦି :

ମନ୍ଦିର ବେଢା ବାହାରେ ଦକ୍ଷିଣ ପାର୍ଶ୍ୱରେ ଭାଗବତ ଗାଦି ନନ୍ଦିଗ୍ରାମର ବଡ଼ପଣ୍ଡାଙ୍କ ପୂର୍ବଜମାନେ ସ୍ଥାପନ କରିଥିଲେ, ପରବର୍ତ୍ତୀ ସମୟରେ ବଡ଼ପଣ୍ଡା ସ୍ୱର୍ଗତ ଶ୍ରୀ କ୍ଷେତ୍ରମୋହନ

ISSN NO.
2582-208X

ପାଢ଼ୀ ଏହି ଆଶ୍ରମରେ ଜଗନ୍ନାଥଙ୍କ ସମ୍ମୁଖରେ ପ୍ରତ୍ୟେହ ଭାଗବତ ପାଠ କରୁଥିଲେ । ବର୍ତ୍ତମାନ ବଡ଼ ପଣ୍ଡାଙ୍କ ଉତ୍ତରାଧିକାରୀଙ୍କ ଦ୍ୱାରା ଏଠାରେ ଭାଗବତ ପାଠ, ଭାଗବତ ଜନ୍ମ ଇତ୍ୟାଦି ପର୍ବ ପାଳିତ ହେଉଛି ।

ଏତତ ବ୍ୟତୀତ ମନ୍ଦିରରେ ବହୁ ଭଗ୍ନ ଅର୍ଦ୍ଧଭଗ୍ନ ପ୍ରାଚୀନ ମୂର୍ତ୍ତିମାନ ବିରାଜିତ ଯାହାଙ୍କ ସଂପର୍କରେ ତଥ୍ୟ ନାହିଁ । ଉଦାହରଣ – ଏକ ମୂର୍ତ୍ତି ରହିଛି ଯେଉଁଥିରେ ବଡ଼କୁ ଗୋଇଠା ମାରୁଥିବାରୁ ଗୋଟେ ମୂର୍ତ୍ତିଟି ଗୋଡ଼ ଟେକି ହୋଇ ଅଛି ଏହି ମୂର୍ତ୍ତି ସମ୍ପର୍କରେ ସ୍ଥାନୀୟ ଅଂଚଳରେ ଏକ ଲୋକକ୍ତି ରହିଛି ଯଥା –

“ବଡକୁ ମାଇଲେ ଗୋଇଠା
ଗୋଡ଼ ଟେକିକି ବସିଥା ।”

ଏପରି ଏକ ମୂର୍ତ୍ତି ବିଶ୍ବର ଅନ୍ୟ କୌଣସି ସ୍ଥାନରେ ଅଛି ତାହା ଗବେଷଣା କରିବା ଆବଶ୍ୟକ କାରଣ ଏହା ଭାରତୀୟ ସଂସ୍କୃତିର ମହାନ ବାର୍ତ୍ତା ଦେଉଛି । ଶେଷରେ ଏହି ମନ୍ଦିରର ପାର୍ଶ୍ୱଦେବଦେବୀ ଯେ କେତେ ଅଲୌକିକ ଓ ରହସ୍ୟମୟ ତାହା ନ ଦେଖିଲେ ବିଶ୍ୱାସ କରିବା ସମ୍ଭବପର ନୁହେଁ, ପ୍ରାଚୀନ ଶୈବକ୍ଷେତ୍ର ଭାବରେ ନନ୍ଦମଣିଙ୍କ ପୀଠର ଗୌରବ ଏବଂ ନନ୍ଦମଣିଙ୍କ ମହିମାର ବ୍ୟାପକ ପ୍ରଚାର ପ୍ରସାରର ଆବଶ୍ୟକତା ରହିଛି, ଯାହା ଏଯାବତ ହୋଇନାହିଁ । ଏହି ମନ୍ଦିର ଓ ଏହାର ଦେବଦେବୀଙ୍କ ସମ୍ପର୍କରେ ବିଶେଷ ଗବେଷଣାର କରାଯିବା ଦରକାର । ଯାହା ଓଡ଼ିଶା ଓ ଓଡ଼ିଆ ସଂସ୍କୃତି କୁ ବଳିଷ୍ଠ କରିବାରେ ସହାୟକ ହେବ ।

ସହାୟକ ଗ୍ରନ୍ଥସୂଚୀ

୧- ଦାଶ, ସୂର୍ଯ୍ୟନାରାୟଣ, ଓଡ଼ିଆ ସାହିତ୍ୟର ପରିଚୟ, ହିନ୍ଦୁସ୍ତାନ ସାହିତ୍ୟ ମନ୍ଦିର, ପୁରୀ – ୧୯୪୮ ।

୨- ମହାନ୍ତି, ଜାନକୀ ବଲ୍ଲଭ, ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ଇତିହାସ,କଟକ ପବ୍ଲିଶହାଉସ, କଟକ,୨- ୧୯୭୭ ।

୩- ମହାରଣା, ସୁରେନ୍ଦ୍ର କୁମାର, ଓଡ଼ିଆ ସାହିତ୍ୟର ଧର୍ମଧାରା, କଟକ -୧୯୯୬ ।

ISSN NO.
2582-208X

୪- ମହାନ୍ତି, ସୁରେନ୍ଦ୍ର, ଓଡ଼ିଆ ସାହିତ୍ୟର ଆଦିପର୍ବ, କଟକ ଷ୍ଟୁଡେଣ୍ଟ ଷ୍ଟୋର, କଟକ, ୨୦୦୪ ।

୫- ଆଚାର୍ଯ୍ୟ, ବୃନ୍ଦାବନ ଚନ୍ଦ୍ର, ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ, ଗ୍ରନ୍ଥ ମନ୍ଦିର, କଟକ -୨୦୦୭ ।

୬- ପାଣି,ରମେଶ ଚନ୍ଦ୍ର, ସାହିତ୍ୟ ଶବ୍ଦକୋଷ, ଜ୍ଞାନ ଯୁଗ ପବ୍ଲିକେସନ, ଭୁବନେଶ୍ୱର – ୨୦୦୭ ।

୭ - ମିଶ୍ର, ସୁରେନ୍ଦ୍ର କୁମାର, ଓଡ୍ର ଦେଶର ଇତିହାସ, ରୁପାମ୍ବିକା, କଟକ,୨୦୦୮ ।

୮- ମହାରଣା, ସୁରେନ୍ଦ୍ର କୁମାର, ଓଡ଼ିଶା ବୁକଷ୍ଟୋର, କଟକ,୨୦୧୫ ।

ଗବେଷିକା,
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

ISSN NO.
2582-208X

# ଦି ଦିନ ଜୀବନ



ହୃଦାନନ୍ଦ ସୁନାନୀ

ଜୀବନ ଟିକିଏ ପାଇଁ,
ହେଲି ପ୍ରଭୁ ମଣିଷ
ପାଉନି ଟିକିଏ କୃପା...
ମାଗି ତୁମ ଆଶିଷ.. ।।

'ଦି ଦିନ ଜୀବନ' ଲାଗି
ଆସିଛି ଏଇ ମରତ
ଲାଗଇ ସବୁ ଏ ମିଛ
ଖାଲି ତୁମେ ପ୍ରଭୁ ସତ
ଚାରିଆଡେ ଚାଲେ ଲୀଳା
ଅଭିନୟରେ ବଶ.. ।।

ସୁଖର ସପନ ସଜା
ଦୁଃଖର ଦୁଃଖିଙ୍କ ରାଜା
ଡାକୁଛି ଭଜୁଛି ଏକା...
ଏଇ ମୋ ମନ ରାଧିକା...
କୁହ ନାହିଁ, ରୁହ କାହିଁ,
ଦର୍ଶନେ ଥରେ ଆସ... ।।

କଳାହାଣ୍ଡି, ଓଡିଶା
ମୋ 9178544859

ISSN NO.
2582-208X

# ଅମୃତର କବି ଗଙ୍ଗାଧର



ସୁରେଶ କୁମାର ସାହୁ

ଜୟ ଜୟ ଗଙ୍ଗାଧର, କବିକୁଳ ତିଳକ
ବୁଣାକାର ଘରେ ଜନ୍ମି, ହେଲ ଶାସ୍ତ୍ରୀକ ।

ଦୁଃଖରେ ଶରୀର, ଶ୍ରମେ ଦିନ-ରାତି
ତଥାପି ଝରାଇଲ ଅମୃତର କୃତି ।

ପ୍ରକୃତି କବି ନାମେ ଜାଣଇ ଜଗତ
ତୁମ କବିତାରେ ମିଳେ ଶ୍ରମଜୀବୀର ଆରତ ।

ଭାରତ-ଭାରତୀରେ ଜଗାଇଲ ଜାତିମନ
ଶ୍ରମ, ସୌନ୍ଦର୍ଯ୍ୟ, ପ୍ରକୃତି- ହେଲା ତୁମ ଧ୍ୟାନ ।

ତପସ୍ୱିନୀ କାବ୍ୟ ରଚି ଦେଖାଇଲ ସ୍ୱପ୍ରତିଭା
ଅମରତ୍ୱ ପ୍ରଦାନ କଲ ଓଡ଼ିଆ ସାରସ୍ୱତ ବିଭା ।

ପ୍ରଣୟ ବଲ୍ଲରୀ ହୃଦେ ମଧୁର ଝରଣା
ଶବ୍ଦର ଗାଥା, ପ୍ରେମର ଅମୃତ ସ୍ପର୍ଶ ଜଣା ।

ISSN NO.
2582-208X

ପାଣ୍ଡବଙ୍କ ପ୍ରାଜ୍ଞ ଭୀମର ଅସୀମ ବଳ
ଧର୍ମରରକ୍ଷା ନାରୀ ସୁରକ୍ଷା କୀଚକ ବଧ କାବ୍ୟେ ଦର୍ଶାଇଲ ।

ଶିଳ୍ପ ସଂସ୍କୃତିର କ୍ଷେତ୍ରେ କଳା-କଳ୍ପନା ଫୁଟାଇଛ
ବୀରଙ୍କ ରକ୍ତର ଗର୍ବେ ଗତାୟୁଙ୍କୁ ଦେଖାଇଛ।

ଅଯୋଧ୍ୟାର ଘଣ୍ଟ, ସରଯୂ ତଟରେ ସୁଭାସ,
ରାମନାମର ଧ୍ୱନିରେ ଭରିଛି, ଜଗତରେ ରସ ।

ଶାପରେ ଶିଳା ହୋଇ ରହିଥିଲା ଜୀବନ,
ଦିବ୍ୟ ପଦ ସ୍ପର୍ଶେ ଜାଗିଲା ପୁନର୍ଜୀବନ।

ଦୁଃଖର ଅନ୍ଧାରେ ଦେଲେ, ଶାନ୍ତିର ଜ୍ୟୋତି
'ମହିମା'ର ଗୀତେ ଜାଗେ, ଭାଗବତ ସ୍ମୃତି।

ଉତ୍କଳର ଗୌରବ, ଓଡ଼ିଆ ସାହିତ୍ୟର ମଣି
ତାଙ୍କ ନିକଟରେ ଓଡ଼ିଆ ଜାତି ସଦା ଋଣୀ ।

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ର
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରଜ୍ଞାବିହାର, ବଲାଙ୍ଗୀର

ISSN NO.
2582-208X

# ବିଶ୍ୱାସର ପ୍ରତୀକ



କୀର୍ତ୍ତି ଦେବୀ

ଓଡିଶାର ମହାନ୍ ଦେବତା ହେଉଛନ୍ତି ଶ୍ରୀ ଜଗନ୍ନାଥ । ତାଙ୍କ ଉପରେ ଯିଏ ବିଶ୍ୱାସ କରେ ଓ ନିଜକୁ ସମର୍ପଣ କରିଦିଏ, ସିଏ ତାର ଫଳ ନିଶ୍ଚିତ ରୂପେ ପାଏ । ଏହି କଥାକୁ ହୁଏତ କେହି ବିଶ୍ୱାସ କରିବେ କି ନାହିଁ ଏଇଟା ତାଙ୍କ ମାନସିକତା ଉପରେ ନିର୍ଭର କରୁଛି । ଅନେକ ଘଟଣା ଏପରି ଅଛି ଯାହାକୁ ବର୍ଣ୍ଣନା କରିବାକୁ ହେଲେ ତାଙ୍କର କରୁଣାର ଆବଶ୍ୟକତା ଲୋଡିବାକୁ ହୁଏ । ଆଜିକୁ ପ୍ରାୟ ଦଶ ବର୍ଷ ତଳର ଘଟଣା । ଯାହା ଆଜି ପର୍ଯ୍ୟନ୍ତ ମନରେ ଥିଲା ସତ କିନ୍ତୁ ପ୍ରକାଶ କରିବା ପାଇଁ ସୁଯୋଗ ମିଳି ନଥିଲା ।

ଆମ ଘର ପାଖରେ ଜଣେ ମାଉସୀ ସ୍ୱର୍ଗୀୟ ଶ୍ରୀମତୀ ହେମଲତା ମିଶ୍ର (୧୯୩୮ ନଭେମ୍ବର ୧୬-୨୦୨୫ ଅକ୍ଟୋବର ୭) ଗତ କାଲି ଇହଲିଳା ସମ୍ବରଣ କରିଗଲେ । ରାତି ପ୍ରାୟ ୧୦.୧୫ ମିନିଟ୍ ହେବ ମୁଁ ଦାଣ୍ଡ ଦୁଆରକୁ ଯାଇଛି ଦେଖିଲି ଦାଣ୍ଡରେ ବହୁତ ଗୁଡିଏ ଗାଡି ମଟର ଥୁଆ ହୋଇଛି । ହଠାତ୍ ଭାବିଲି କିଛି ଦୁର୍ଘଟଣା ହୋଇଛି ଯାହା ହଳରେ ଏତେଗୁଡିଏ ଗାଡି ଅଛି । ଟିକେ ଭଲରେ ଦେଖିଲା ବେଳକୁ ସ୍ୱର୍ଗରଥ ଗାଡି ଥୁଆ ହୋଇଛି । ମନଟା କେମିତି କେମିତି ଲାଗିଲା । ଘରକୁ ଆସି କହିଲି ଦେଖ କଣ ହୋଇଛି । ତା ପରେ ଗେଟ୍ ଖୋଲି ଗଲା ପରେ ଜାଣିବାକୁ ପାଇଲୁ ମାଉସୀ ଆଜି ସନ୍ଧ୍ୟା ୭.୨୦ ମିନିଟ୍ ରେ ଚାଲିଗଲେ । ସଙ୍ଗେ ସଙ୍ଗେ ତାଙ୍କ ଘରକୁ ଗଲି । ମାଉସୀଙ୍କୁ ଦେଖି ମନ ଦୁଃଖ ହେଲା । ତାଙ୍କର ସେଇ ହସ ହସ ମୁହଁ ମଳିନ ପଡିଯାଇଥିଲା । ସତ ମୁଁ କିନ୍ତୁ ଅନ୍ତରର ସହିତ ଦେଖିଛି ତାଙ୍କ କପାଳରୁ ଏକ ଜ୍ୟୋତି ବାହାରୁଥିବାର । ଏଇଟା ମୋର ଏକାନ୍ତ ନିଜସ୍ୱ ଅନୁଭୂତି ଓ ଅନୁଭବ । ତାପରେ ଘରକୁ ଆସି ଆଉ ରାତିରେ ନିଦ ହେଲାନି ଖାଲି ମାଉସୀଙ୍କ କଥା ମନେ ପଡିଲା ।

ISSN NO.
2582-208X

ସକାଳୁ ସକାଳୁ ନିଜ କାମରେ ବ୍ୟସ୍ତ ଥାଏ । ଏହି ସମୟରେ ମତେ କେହି ଯେମିତି ମନେ ପକାଇ ଦେଲା ସେହି "ବିଶ୍ୱାସର ପ୍ରତୀକ" ବିଷୟରେ । ୨୦୧୫ ମସିହା କଥା । ମାଉସୀ ଆମ ଘରକୁ ପ୍ରାୟ ଆସନ୍ତି ମାଆ ଓ ନନାଙ୍କ ସଙ୍ଗେ କଥା ହୋଇଯାଆନ୍ତି । ଦିନେ ମୁଁ ସେଠାରେ ଉପସ୍ଥିତ ଥିଲି । ମାଉସୀ କହିଲେ, କଲି ତୁମର ବହୁତ ବଡ ଭାଗ୍ୟ ତୁମେ ଶିରିଡି ଯାଇ ସାଇବାବାଙ୍କୁ ଦେଖି ଆସୁଛ ଏବଂ ତାଙ୍କ ପ୍ରସାଦ ଆଣି ସମସ୍ତଙ୍କୁ ଦେଉଛ । ପ୍ରତିଉତ୍ତରରେ ମୁଁ କହିଲି, "ମାଉସୀ ମୁଁ ଏବେ ପୁରୀ ଯାଇ ଆସିଛି । ଆପଣଙ୍କୁ ଗୋଟିଏ ଜିନିଷ ଦେବି ଆପଣ ସେଇଟା ରଖି ଯାହା ମାଗିବେ ତାହା ନିଶ୍ଚୟ ମିଳିବ । ଏଇଟା ହେଉଛି ଶ୍ରୀମନ୍ଦିର ପୁରୀ ଶ୍ରୀଜଗନ୍ନାଥଙ୍କ କଳ୍ପବଟର ପତ୍ର । ଏହାକୁ ରଖନ୍ତୁ ଆପଣଙ୍କ ଯାହା ଇଛା ତାହା କହି ମାଗିବେ ଜଗନ୍ନାଥ ନିଶ୍ଚୟ ଶୁଣିବେ ।"

ଏପରି କିଛି ଦିନ ଗଲା ପରେ ମାଉସୀ ତାଙ୍କ ଦୁଇ ଝିଅଙ୍କ ସହିତ ରାଉରକେଲାରୁ ବମ୍ବେ ଆଉ ବମ୍ବେରୁ ଶିରିଡି ଯାଇଛନ୍ତି । ବମ୍ବେରେ ତାଙ୍କ ନାତୁଣି ଓ ନାତୁଣି ଜୋଇଁ ରୁହନ୍ତି । ନିଜେ ନାତୁଣି ଜୋଇଁ କାର ଚଳାଇ ଶିରିଡି ନେଇଗଲେ । ସାଧାରଣ ଦର୍ଶକ ଲାଇନ୍ ରେ ମାଉସୀ ସମସ୍ତଙ୍କ ପରି ଶ୍ରୀ ସାଇନାଥଙ୍କ ଦର୍ଶନ ଆଳତୀ କରି କିଛିଦିନ ବମ୍ବେର ରହି ରାଉରକେଲା ଫେରି ଆସିଛନ୍ତି ।

ଏକଥା ମୁଁ ଜମା ଜାଣିନି । ମୁଁ ଦାଣ୍ଡ ଦୁଆରେ ଠିଆ ହୋଇଛି, ସେ ମତେ ଡାକିଲେ । ଆଉ କହିଲେ, କଲି ଶୁଣ । ମୁଁ ଗଲି ଏବଂ ସେ କହିଲେ, ତୁମେ ଦେଇଥିବା ପତ୍ରକୁ ଠାକୁରଙ୍କ ପାଖରେ ରଖିଥିଲି ଏବଂ କହିଥିଲି ମୋର ଶିରିଡି ଯିବାକୁ ଇଚ୍ଛା ଅଛି, କିନ୍ତୁ ଏତେ ବାଟ କିପରି ଯିବି କିଛି ଭାବି ପାରୁନି । ସତକୁ ସତ ତୁମ କହିବା ଅନୁସାରେ ଜଗନ୍ନାଥ ମୋ ଡାକ ଶୁଣିଲେ ଏବଂ ମତେ ଏତେ ସୁବିଧାରେ ରାଉରକେଲାରୁ ଶିରିଡି ପର୍ଯ୍ୟନ୍ତ ନେଇଗଲେ ଓ ପରେ ଆଣି ସୁବିଧାରେ ଏଠାରେ ଛାଡିଦେଲେ ମୁଁ ଆଜିବି ଭାବି ପାରୁନି । ସବୁଠାରୁ ବଡ କଥା ହେଲା ତାଙ୍କର ମୋ କଥା ଓ କଳ୍ପବଟ ପତ୍ର ଉପରେ ଥିବା ବିଶ୍ୱାସ ।

ସେହି ପତ୍ର ଉପରେ ତାଙ୍କର ଏତେ ବିଶ୍ୱାସ ହୋଇଗଲା ଯେ ସେ ଶ୍ରୀଜଗନ୍ନାଥ ଓ ଶ୍ରୀ ସାଇନାଥଙ୍କ ମଧ୍ୟରେ ପ୍ରଭେଦ କଣ ଅଛି ଜାଣିପାରିଲେ ନାହିଁ । ଆଜି ମାଉସୀ ନାହାନ୍ତି ସତ କିନ୍ତୁ ତାଙ୍କର ସେହି ବିଶ୍ୱାସ ସେଦିନ ମୋ ପାଇଁ ଆଶିଷ ସ୍ୱରୂପେ ଅନୁଭବ ହୋଇଥିଲା । ଏକଥା ମତେ ବି ଜଣାପଡୁନାହିଁ କାହିଁକି ଦୀର୍ଘ ଦଶ ବର୍ଷ ହେବ ମୋ ମନରେ ଏକଥା ଆସିନି ତାହା ହଠାତ୍ ମାଉସୀ ଯିବାପରେ ମନେ ପଡିଲା ।

ISSN NO.
2582-208X

ସବୁବେଳେ ଆମ ଘରେ ଠିଆହୋଇ ଦେଖେ ମାଉସୀ କିପରି ଘରଦ୍ୱାର ଝାଡୁ କରନ୍ତି, ପୋଛା ଲଗାନ୍ତି, ଗଛପତ୍ରର ଯତ୍ନ ନିଅନ୍ତି, ଫୁଲ ତୋଳନ୍ତି, ଠାକୁର ପୂଜା କରନ୍ତି, କୁକୁର ଓ ଗାଇକୁ ଖାଇବାକୁ ଦିଅନ୍ତି ଏପରି ଅନେକ କଥା। ସବୁଠାରୁ ବଡ କଥା ହେଉଛି ତାଙ୍କର ହସ ହସ ମୁହଁ କରି ସମସ୍ତଙ୍କୁ ଭଲ ଭାବରେ କଥାବାର୍ତ୍ତା କରିବାରେ ଶୈଳୀ। ଏସବୁ ଦେଖିଲା ପରେ ମୋ ମନରେ ଗୋଟିଏ ପ୍ରଶ୍ନ ଆସେ, ମାଉସୀଙ୍କର ପରିଣତ ବୟସ ଏଠି ହାରଅ ମାନିଯାଉଛି । ଯାହା ଫଳରେ ସେ ଏତେ କାମ କରି ପାରୁଛନ୍ତି ।

ପରିଶେଷରେ ଏତିକି କହିବି, "ନିୟତିର ବିଧାନ ଅଲଗା ପ୍ରକାରର । ଯିଏ ଜନ୍ମ ହୋଇଛି ତାଙ୍କର ମୃତ୍ୟୁ ସୁନିଶ୍ଚିତ । ଏତ ବିଧିର ବିଧାନ । ଏଥିରୁ କିଏ ବା ବାଦ୍ ପଡିବ । ମାଉସୀଙ୍କ ସ୍ୱର୍ଗୀୟ ଆତ୍ମାର ଶାନ୍ତି ପାଇଁ ଜଗତର ନାଥ ଜଗନ୍ନାଥ ତଥା ସାଇନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଛି ଯେ ଆତ୍ମାର ସଦଗତି ହେଉ ଏବଂ ଉପରେ ଥାଇ ଆମକୁ ଆଶିଷ ଦିଅନ୍ତୁ । ଶେଷରେ ଗୋଟିଏ କଥା –

ବିଶ୍ୱାସ ମୂଳ ହରି
ଜଗନ୍ନାଥ କହନ୍ତି ହାତ ଧରି । ଓମ୍ ଶାନ୍ତି

ସିଭିଲ୍ ଟାଉନସିପ୍, ରାଉରକେଲା

ISSN NO.
2582-208X

# କି ବୋଲିବି ଆଉ



ସରୋଜ କୁମାର ସାହୁ

କି ବୋଲିବି ଆଉ ପାଶେନାହିଁ ମୋର
ମଧୁର ପରଷ କୋମଳ ଶେଜ
ପାଶୋରି ଦେଉଛି ମଧୁର ମହକ
ଶୁଷ୍କ ହେଉଅଛି ହୃଦୟ ଆଜ ।

ତୁମ୍ଭ ଓଠଧାର ଆଲିଙ୍ଗନ ଲୋଭେ
ରଖୁଥିଲି ସିନା ଦରଜା ମେଲି
ଭୁଲିଛି ସ୍ପନ୍ଦନ ମଧୁ ଗୁଞ୍ଜରଣ
ନାହିଁ ହୃଦେ ତବ ଉତ୍କଣ୍ଠା ବୋଲି ।

ଶିହରଣ ତୁଲେ ଚମକତା କାହିଁ
ମେଘ ଗରଜନ ଶୁଭିବ କିବା
ମୁକୁଳା ଏ ବାହୁ ଖୋଜୁଛି ପ୍ରଣୟ
ଆସ ହେ ଘଡିଏ କୋଳେଇ ନେବା ।

ନିରବତା ହେଜ ବିଜୁଳି ପରାୟେ
ତୁମକୁ ଲଭି ମୁଁ ପାଇବି ସୁଖ
ବିରହ ଯାତନା ଯେବେଠୁ ବ୍ୟାପକ
ହୃଦୟେ ଦେଇଛି କଷଣ ଦୁଃଖ ।

ଆଠଗଡ଼, କଟକ/୯୩୪୮୫୭୫୨୨୪

ISSN NO.
2582-208X

# ଧନ୍ୟବାଦ ସରକାର



ଶିଶିର କୁମାର ପଣ୍ଡା

ଭତ୍ତା ଟଙ୍କା ଗଣ୍ଡେ ତୁମେ ଦିଅ ବୋଲି
ଚଳୁଛି ମୋହରି ଘର
ନହେଲେ କେବେଠୁ ପୁଅବୋହୂ ପାଖେ
ହୋଇ ଯାଇଥାନ୍ତି ପର ।
ସେଇ ଟଙ୍କା ଲୋଭେ ମାସ ଆରମ୍ଭରୁ
ତିନିଦିନ କରି ସେବା
ଚାହାଁନ୍ତି ସେମାନେ ଭଲଲୋକୀ ପଣ
ସଂସାରେ ଦେଖେଇ ହେବା ।
ବୁଝିପାରେ ସବୁ କହିପାରେ ନାହିଁ
କାହାକୁ କେବେ ମୁଁ କିଛି
ଦୁଃଖ ସିନା ମୋର ହୃଦୟରେ ଅଛି
ହସୁଥାଏ ମିଛି ମିଛି ।
ଅଶୀ ବର୍ଷ ବୋଲି ତିନି ହଜାର ମୁଁ
ମାସକୁ ପାଉଛି ଏବେ
ସେଇ ଟଙ୍କା ନେଇ ପୁଅବୋହୂ ମତେ
ଖାଇବାକୁ ଆଣି ଦେବେ ।
ଓଷଦପତର ଦିଅନ୍ତିନି ଆଉ
କିଣିକି ମୋ ପାଇଁ ଆଣି

ISSN NO.
2582-208X

ସୁଗାର ପ୍ରେସର ରୋଗ ମୋ ରହିଛି
ସବୁକିଛି ଜାଣି ଜାଣି ।
ଏଭଳି ଅବସ୍ଥା ମୋ ପାଇଁ ଆସଇ
ସବୁ ମାସ ବାର ବାର
ଭତ୍ତା ଦେଇ ମତେ ବଞ୍ଚେଇ ଦେଇଛ
ଧନ୍ୟବାଦ ସରକାର ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ :–୮୯୮୧୭୩୭୨୨୮

ISSN NO.
2582-208X

# ଭୁଲ୍ କାହାର



ଶକୁନ୍ତଳା ମିର୍ଦ୍ଧା

ଦିନେ ଯିଏ ଚୁଲବୁଲ ପ୍ରଜାପତି ପରି ଏଣେ ତେଣେ ଘୂରିବୁଲୁଥିଲା। ନିଜକୁ ଯିଏ ଖୋଲା ଆକାଶର ମୁକ୍ତ ପ୍ରଜାପତି ବୋଲି ଭାବୁଥିଲା ସେ ଆଜି କାହିଁକି ଜୀବନରେ ଏକାକୀ ପଣକୁ ଆଦର କରିନେଇଛି ? କ'ଣ ପାଇଁ ସେ ନିଜକୁ ଆଜି ଏ ଅନ୍ଧାର କୋଠରି ମଧ୍ୟରେ ବନ୍ଦୀ କରି ରଖିଛି? ତାର ଏ ଅବସ୍ଥା ପାଇଁ ଦାୟୀ କିଏ ? କିଏ ତା' ଜୀବନରେ ଏ ଶୂନ୍ୟତା ସୃଷ୍ଟି କରିଛି? ମନରେ ଆଜି ମୋର ଗୁଡ଼ାଏ ପ୍ରଶ୍ନ ଉଙ୍କି ମାରୁଥାଏ। ତାକୁ ଏପରି ଅବସ୍ଥାରେ ଦେଖି କାହିଁକି କେଜାଣି ତା ସହିତ ବିତାଇଥିବା ଦିନ ଗୁଡ଼ିକ ମୋର ଆଖି ଆଗରେ ଆଜି ଯେମିତି ଜଳ ଜଳ ହୋଇ ଦେଖାଯାଉଥିଲା। ମୁଁ ସେଦିନ ଯେଉଁ କୁନିକୁ ଦେଖିଥିଲି, ଯାହା ସହିତ ମୁଁ ସମୟ ବିତାଉଥିଲି, ଖେଳୁଥିଲି, ବୁଲୁଥିଲି ମନ ଖୋଲି ଆମେ ଦୁହେଁ ଦୁହିଁଙ୍କୁ ପରସ୍ପର ନିଜ ନିଜର ମନର କଥାକୁ କହିପାରୁଥିଲେ ତାହା ଆଜି ଆଉ ନାହିଁ। ଯଦିଓ ବୟସରେ ମୁଁ ତା'ଠାରୁ ସାନ ଥିଲି ତଥାପି ଆମେ ଦୁଇଜଣ ପରସ୍ପରକୁ ସାଙ୍ଗ ବୋଲି ମନେ କରୁଥିଲେ। ଏ ତ ସେ କୁନି ନୁହେଁ ? ଯେଉଁ କୁନିର ମନରେ ସବୁ ପ୍ରକାରର ଆଶା ଭରି ରହିଥିଲା, ଯିଏ ଦିନେ ଜୀବନର ସବୁ ପ୍ରକାରର ରଙ୍ଗ ଛୁଇଁବା ପାଇଁ ଚାହୁଁଥିଲା, ଯିଏ ଜୀବନକୁ ବଞ୍ଚିବା ପାଇଁ ବିଭିନ୍ନ ପ୍ରକାରର ମାଧ୍ୟମ ଖୋଜି ବୁଲୁଥିଲା ସେ ଆଜି କାହିଁକି ଜୀବନ ଯୁଦ୍ଧରେ ହାରିଯାଇଥିବା ମଣିଷଟିଏ ପରି ବସିଛି। ଆଜି କାହିଁକି ତା' ମନରେ ଖୁସି ନାହିଁ କି ମୁହଁରେ ହସ ନାହିଁ। ତା' ଜୀବନରେ ବିଷାଦର ଛାୟା ଖେଳି ଯାଇଛି। କାହିଁକି ଆଜି ତାର ଜୀବନ ପ୍ରତି ଏତେ ବିତୃଷ୍ଣା ଭାବ ଆସିଯାଇଛି। ଆଜି କାହିଁକି ସେ ଜୀବନକୁ ଏତେ ଘୃଣା କରୁଛି। ଲାଗୁଛି ଯେମିତି ସେ ତା ଜୀବନ ଯାତ୍ରାରେ ହାରିଯାଇଥିବା ପଥିକଟେ ପରି ପଡ଼ିରହିଛି। ଆଜି ତାକୁ ଦେଖି ଲାଗୁଛି ଯେମିତି ସେ ଗୋଟିଏ ପଥର ମୂର୍ତ୍ତି ପାଲଟି

ISSN NO.
2582-208X

ଗଲାଣି ସତେ। ସତରେ କ'ଣ ଗୋଟିଏ ମଣିଷ ପଥର ପାଲଟି ଯାଇପାରେ? କିନ୍ତୁ ତାକୁ ଦେଖି ମୋ ମନରେ ଉଙ୍କି ମାରୁଥିବା ପ୍ରଶ୍ନର ଉତ୍ତର ମୋତେ ମିଳିଗଲା। ଏ ମଣିଷ ସମାଜ ହିଁ ଆଜି ତାକୁ ପଥର ପାଲଟିବାକୁ ବାଧ୍ୟ କରିଛି। ଗୋଦାବରୀଶ ମହାପାତ୍ର ସେଦିନ 'ଏ ମଣିଷକୁ ପଥର କଲା କିଏ' ରେ ଯେଉଁ ଭୀମ ଦାସକୁ ଦେଖିଥିଲେ ଓ ରାଜାଙ୍କ ମନ ମଧ୍ୟରେ ଯେଉଁ ପ୍ରଶ୍ନ ଉଠିଥିଲା 'ଏ ମଣିଷକୁ ପଥର କଲା କିଏ ମୁଁ ନା ଆଉ କିଏ? ଆଜି ହୁଏତ ମୋତେ ସେ ପ୍ରଶ୍ନର ଉତ୍ତର ଆପେ ଆପେ ମିଳି ଯାଇଛି। ମୁଁ ଜାଣିଗଲି ଯେ ଏ ମଣିଷ ସମାଜ ହିଁ ମଣିଷକୁ ପଥର କରି ତୋଳିଥାଏ ବୋଲି।

ସମୟ ତାକୁ ବଦଳାଇ ଦେଇଛି, ବଦଳାଇ ଦେଇଛି ତା'ର ପରିବେଶ, ପରିସ୍ଥିତି, ଘରଦ୍ୱାର ସମସ୍ତ ସମ୍ପର୍କୀୟମାନେ ହିଁ ତାକୁ ପର କରି ଚାଲିଯାଇଛନ୍ତି। ଏଥିରେ କାହାର ଦୋଷ ନାହିଁ, ଦୋଷ ତ କେବଳ ଜଣକର ଅଛି ସେ ହେଉଛି ସମୟର। ଭାଗ୍ୟ ତା' ସହିତ ଦାଉ ସାଜିଛି। ଭାଗ୍ୟ ମଧ୍ୟ ତାର ସାଥ ଦେଇନାହିଁ। ସମୟ ତା'ଠାରୁ ସବୁକିଛି ଛଡ଼ାଇ ନେଇଛି। ଏଥିରେ ତା'ର ବା ଦୋଷ କ'ଣ? ଦୋଷ ଯାହାର ବି ଥାଉନା କାହିଁକି କଷ୍ଟତ ସିଏ ହିଁ ଭୋଗୁଛି। କୁନିର ଏପରି ଅବସ୍ଥା ଦେଖି ଆଜି ମୋ ହୃଦୟ କାନ୍ଦି ଉଠୁଛି। ହୃଦୟ ଭିତରେ ଯେମିତି ଗୋଟିଏ ଅଜଣା କମ୍ପନ ସୃଷ୍ଟି ହେଉଛି ସତେ କମ୍ପନ ମଧ୍ୟରେ ଯେମିତି କେହି ଜଣେ କହି ଉଠୁଛି ଭଗବାନ ତା' ପ୍ରତି ଏତେ ନିଷ୍ଠୁର କାହିଁକି ହେଲେ? ଏମିତି ହୁଅନ୍ତାନି କି ଭଗବାନ ତା'ର ସମସ୍ତ ଦୁଃଖତକ ମୋତେ ଦେଇ ଦିଅନ୍ତେ ମୋ ଭାଗ୍ୟର ସୁଖ ଟିକକ ତାକୁ ମିଳିଯାନ୍ତାକି ସତେ। ଆଜି ମୋର ସେ ଦିନର କଥା ସବୁ ମନେ ପଡ଼ିଯାଉଛି ଯେଉଁ ଦିନ କୁନି ମୋ ପାଖରେ ବସି ମୋତେ ଜୀବନ ବିଷୟରେ କେତେ ସବୁ ଜ୍ଞାନ ବଖାଣୁ ଥିଲା।

ସେଦିନ ସେ ମୋର ଉଦାସୀନ ଚେହେରାକୁ ଦେଖି ମୋତେ ପ୍ରଶ୍ନ କରିଥିଲା ଆରେ ତୋର କ'ଣ ହୋଇଛି ଆଜି ତୁ ଏତେ ଉଦାସ ଦେଖାଯାଉଛୁ ଯେ, କୁନି ମୁହଁରୁ ଏହି କଥା ଦ୍ୱିପଦ ଶୁଣିଲା ପରେ ମୋର ଆଖି ଦୁଇଟି ଛଳଛଳ ହୋଇ ଆସିଲା, ମୋର ଛଳଛଳ ଆଖି ଦେଖି ସେ ମୋତେ ତା'ପାଖରେ ବସାଇ ଅନେକ ମଜାଳିଆ କଥା କହି ମୋର ମନ ଭୁଲାଇବାକୁ ଚେଷ୍ଟା କଲା। ଏତେ ପରେ ବି ମୋ ମୁହଁରୁ ପଦଟିଏ ମଧ୍ୟ କଥା ବାହାରୁ ନଥିଲା। ମୁଁ ତା' କଥା ଶୁଣି ଜୋରରେ କାନ୍ଦି ପକାଇଲି। କୁନି ଆଶ୍ୱାସନା ଦେବାକୁ ଯାଇ କହିଲା ଆରେ ତୁ କାନ୍ଦୁଛୁ କାହିଁକି ତୋର କ'ଣ ହେଇଛି ତୁ କହିଲେ ସିନା ମୁଁ ଜାଣିବି? ଆଉ ସମାଧାନର

ISSN NO.
2582-208X

ବାଟ ଦେଖେଇବି। କିଛି ନ ଜାଣିଲେ ମୁଁ କେମିତି କିଛି ବତାଇ ପାରିବି ତୁ କହିଲୁ ? ସେ ମୋତେ କହିଲା କି ଦୁନିଆରେ ଏମିତି କୌଣସି ସମସ୍ୟା ନାହିଁ ଯାହାର ସମାଧାନ ଥାଇ ନପାରେ, ମୁଁ କିନ୍ତୁ ତା' କଥାରେ ଏକମତ ନଥିବା ହେତୁ ସବୁକଥା ଖୋଲି କହିପାରୁ ନଥିଲି। କେବଳ ମନ ମଧ୍ୟରେ ଗୋଳେଇ ଘାଣ୍ଟେଇ ହୋଇ କଷ୍ଟ ପାଉଥିଲି। ମନର କୋହ ଆଖିରେ ସ୍ୱଷ୍ଟ ଭାବରେ ବାରି ହୋଇ ଯାଉଥିଲା। କୁନିର ଆଶ୍ୱାସନା ପାଇ ମୋ ମନରେ ଆଶା ଜାଗ୍ରତ ହେଲା ଯେ ହୁଏତ କୁନି ଠିକ କହୁଛି। ମନର କଥାକୁ ଅଧିକ ସମୟ ହୃଦୟରେ ଚାପି ଧରିଲେ ଅଧିକ କଷ୍ଟ ଲାଗିଥାଏ। ଅନ୍ୟ ଆଗରେ ନିଜର ଦୁଃଖ କହିଦେଲେ ମନର ବୋଝ ହାଲୁକା ହେବା ସହିତ ଏକ ସମାଧାନର ମାର୍ଗ ମଧ୍ୟ ମିଳିଯାଏ। ମୁଁ ବହୁତ ଭାବିଲା ପରେ କୁନିକୁ ଭରସି ଭରସି କହିଲି ଯେ, ଗୋଟିଏ ପୁଅଟେ ବହୁଦିନ ହେଲା ମୋ ପଛରେ ପଡ଼ିଥିଲା, ସେ ତା'ର ଚିକ୍କଣ ଚିକ୍କଣ କଥା କହି ମୋତେ ତା' ଆଡ଼କୁ ଆକର୍ଷିତ କରିଥିଲା। ଆଉ ମୁଁ ତାର ସେ କଥାରେ ଭାସିଯାଇ ତାକୁ ଭଲପାଇ ବସିଥିଲି। ସେବି ମୋତେ ବହୁତ ଭଲ ପାଉଥିଲା। କିନ୍ତୁ କିଏ ବା ଜାଣିଥିଲା ତା'ର ଏହି ଚିକ୍କଣ ଚେହେରା ପଛରେ ଗୋଟିଏ ବଡ଼ ଧୋକାବାଜ ଲୋକଟେ ଲୁଚି ରହିଛି ବୋଲି। ମୁଁ ଯେତେବେଳେ ତାକୁ ଅଧିକରୁ ଅଧିକତର ଭଲପାଇ ବସିଲି ଆମ ପ୍ରେମ ଯେତେବେଳେ ନିବିଡ଼ରୁ ନିବିଡ଼ତର ହୋଇ ଆସୁଥିଲା ଠିକ ସେତିକି ବେଳେ ତା' ଚରିତ୍ରର ପ୍ରକୃତ ସ୍ୱରୂପ ମୋ ସାମ୍ନାରେ ଆସି ଦେଖାଦେଲା। ସେ ବି ହୁଏତ ଜାଣିନାହିଁ ଯେ ମୁଁ ତାର ପ୍ରକୃତ ରୂପ ଦେଖିସାରିଲିଣି ବୋଲି। ତା'ପରେ ବି ସେ ଆସି ମୋ ପାଖରେ ବସି ତାର ମିଛିମିଛିକା ପ୍ରେମର ନାଟକ କରୁଥାଏ, ମୁଁ ଆଉ ତାକୁ କିଛି କହିପାରୁ ନଥାଏ। କେବଳ ମୋ ଅନ୍ତର ଭିତର କୋହ ଗୁଡ଼ାକ ଆସି ଆଖିରେ ଉଙ୍କି ମାରୁଥାଏ। ହଠାତ ତା' ନଜର ମୋ ଢଳଢଳ ଆଖି ଉପରେ ପଡିବାରୁ ସେ ମୋତେ ପଚାରିଲା କ'ଣ ହୋଇଛି ତମର ଆଜି ତମେ ଏତେ ଚୁପ ହୋଇଯାଇଛ ଯେ, ମୁଁ ଏତେ ସବୁ କଥା ଗପି ଚାଲିଛି ତମେ କିଛି ଉତ୍ତର ଦେଉନ ଯେ, ମୁଁ କିଛି ସମୟ ନିରବ ରହି ସଂକ୍ଷେପରେ ଉତ୍ତର ଦେଲି ଯେ ନାହିଁ କିଛି ନୁହେଁ ମୁଁ ଏବେ ଘରକୁ ଯିବି ସମୟ ହୋଇଗଲାଣି। ଘରେ ଏଣିକି ବ୍ୟସ୍ତ ହେବେଣି କୁଆଡ଼େ ଗଲା ସେ ଝିଅଟା ବୋଲି। ଏତେ ସମୟ ହେଲାଣି ମନ୍ଦିରକୁ କହି ଯାଇଛି ଯେ, ଯାଇଛି କ'ଣ କିଛି ଅସୁବିଧା ହେଲାକି ? କେତେ ପ୍ରକାରର ପ୍ରଶ୍ନ ସେମାନଙ୍କ ମନରେ ଉଙ୍କି ମାରୁଥିବ।

ISSN NO.
2582-208X

ମୁଁ ଏବେ ଯାଉଛି କହି ସେଠାରୁ ଚାଲି ଆସିଲି ସିନା ମୋର ମନ ଭିତରଟା ଯେମିତି ହେଉଛି, ମୁଁ ଯେ ପ୍ରେମରେ ପ୍ରତାରିତ ହୋଇଛି ମୁଁ ଯାହାକୁ ସୁନା ଭାବି ଗଳାରେ ପକେଇବି ବୋଲି ଭାବିଥିଲି ତାହା ଏବେ ମୋ ଗଳାରେ ଫାଶି ଦଉଡ଼ି ହୋଇସାରିଲାଣି। କୁନି ପଚାରିଲା କ'ଣ ଜାଣିଲୁ ତା ବିଷୟରେ ମୁଁ ଉତ୍ତର ଦେଲି ଝିଅ ମାନଙ୍କୁ ନିଜ ପ୍ରେମ ଜାଲରେ ପକାଇ ସେମାନଙ୍କୁ ଉପଭୋଗ କରି ଛାଡ଼ିଦେବା ହେଉଛି ତା'ର ପ୍ରକୃତି। ମୋ ପୂର୍ବରୁ ସେ ଅନେକ ଝିଅକୁ ସେମିତି ତା'ର ପ୍ରେମ ଜାଲରେ ପକାଇ ଠକିଛି ତା'ର ହିସାବ ନାହିଁ। ଝିଅମାନେ ହେଉଛନ୍ତି ତା' ପାଇଁ ଏକ କାଚ କଣ୍ଢେଇ ପରି। ଖେଳ ସାରିବା ପରେ ତାକୁ ଫିଙ୍ଗିଦେବା ହେଉଛି ତା'ର କାମ। ଆଉ ନହେଲେ ସେ କଣ୍ଢେଇର କାମ ଆଉ କିଛି ନାହିଁ। ଏତିକି କହି ମୁଁ ଭୋ ଭୋ ହୋଇ କାନ୍ଦି ପକାଇଲି। ଆଉ କହିଲି ଏ ଜୀବନ ରହି ଆଉ ଲାଭ କ'ଣ। ଏ ଜୀବନ ନେଇ ମୁଁ କରିବି କ'ଣ ? ଯାହାକୁ ନିଜ ଜୀବନଠୁ ଅଧିକ ଭଲ ପାଉଥିଲି ସେ ତ ଏମିତି ବାହାରିଲା ଯେ, ନା ମୁଁ ତାକୁ ବାହା ହୋଇ ସୁଖରେ ଘର ସଂସାର କରି ରହି ପାରିବି ନାମୁଁ ତାକୁ ଛାଡ଼ି ରହିପାରିବି । ମୋର ସବୁକଥା ଶୁଣି ସାରିଲା ପରେ କୁନି କହିଲା ଆରେ ତୁ ପାଗଳ ହୋଇଗଲୁଣି ନା କଣ ? ଗୋଟିଏ ପରପିଲା ପାଇଁ ତୁ ଏତେ ସୁନ୍ଦର ପୃଥିବୀକୁ ଛାଡ଼ିବା ପାଇଁ ଚାହୁଁଛୁ। ଜୀବନ ହାରି ଦେବାପାଇଁ ଚାହୁଁଛୁ, ଛି! ଏ ପାପ କଥା ଗୁଡ଼ାକ ତୁ କାହିଁକି ମୁହଁରେ ଧରୁଚୁ। ଭଗବାନ ଆମକୁ ଏ ସୁନ୍ଦର ଜୀବନ ଟେ ଉପହାର ସଦୃଶ ପ୍ରଦାନ କରିଛନ୍ତି ତାକୁ ଆମେ ଉପଭୋଗ କରିବା କଥା ଜୀବନ ଆମେ ନିଜ ଢଙ୍ଗରେ ସଜାଇ ସୁନ୍ଦର କରି ଗଢ଼ି ତୋଳିବା ଉଚିତ। ମିଛଟାରେ ଗୋଟିଏ ଛାର ଟୋକାପାଇଁ ତୁ ଏ ସୁନ୍ଦର ଜୀବନକୁ ହାରିବାକୁ ବସିଛୁ। ଖୁସି ହେବାପାଇଁ ତୋ ଘରେ ତୋର ବାପା, ବୋଉ, ଭାଇ, ଭଉଣୀ ଏତେ ଜଣ ଅଛନ୍ତି ସେମାନଙ୍କୁ ଦୁଃଖ ଦେଇ ଏଇ ଛାର ଟୋକାଟେ ପାଇଁ ତୁ ଜୀବନ ହାରି ଦେବା ପାଇଁ ବସିଛୁ। ଜଣକ ପାଇଁ ତୁ ଏତେ ଜଣକୁ ନିରାଶ କରିବୁ। ତୁ ମଲାପରେ ତ ବାପା, ବୋଉ ଘର ବାହାରେ ମୁଣ୍ଡ ଟେକି ଚାଲିପାରିବେ ତ ? ସବୁ ପଛକଥା ଭୁଲି ଜୀବନକୁ ନୂଆକରି ଜୀଇଁବାକୁ ଚେଷ୍ଟା କର ଦେଖିବୁ ଧୀରେ ଧୀରେ ଜୀବନ ବି ତୋତେ ଭଲ ଲାଗିବ। ଏହିପରି ଢେର କଥା କହି ସେ ମୋତେ ବୁଝାଇଥିଲା। ଏଥି ସହିତ ଜୀବନର ପ୍ରକୃତ ମୂଲ୍ୟ ବିଷୟରେ ସାମାନ୍ୟ କେତେ ଧାରଣା ଦେଇଥିଲା। ତାର କଥା ଶୁଣି ଜୀବନ ଜୀଇଁବାର ଆଶା ମୋ ମନ ମଧ୍ୟରେ ସୃଷ୍ଟି ହେଲା। ମୁଁ ସେଠାରୁ ସିଧା ଘରକୁ ଆସିଲି।

ISSN NO.
2582-208X

ଇତି ମଧ୍ୟରେ ଦୁଇବର୍ଷ ବିତି ଯାଇଥିଲା ମୁଁ ମଧ୍ୟ ପାଠ ପଢ଼ିବାକୁ ବାହାରକୁ ଚାଲିଯାଇଥିଲି। ଏହି ଦୁଇବର୍ଷ ମଧ୍ୟରେ ଏମିତି କଣ ଘଟିଗଲା ଯେ, ଯେଉଁ ମଣିଷ ଅନ୍ୟକୁ ଜୀବନ ବିଷୟରେ ଏତେ ଜ୍ଞାନ କଥା କହୁଥିଲା ସେ ପୁଣି ଏକ ଅନ୍ଧାର ଦୁନିଆରେ ଘର ତୋଳିଛି। ଯିଏ ସବୁବେଳେ ସବୁ ସମୟରେ ରଙ୍ଗୀନ ସ୍ୱପ୍ନ ମାନ ଦେଖୁଥିଲା ତା'ର ସ୍ୱପ୍ନର ଦୁନିଆରେ ରଙ୍ଗବେରଙ୍ଗର ପ୍ରଜାପତିମାନଙ୍କୁ ଉଡ଼ାଇ ବୁଲୁଥିଲା ତା' ଆଖିରେ ଜୀବନ ପାଇଁ ଏତେ ବିତୃଷ୍ଣା କଣ ପାଇଁ ?

ସେ ଆଜି କାହିଁକି ଏତେ ନିସ୍ତବ୍ଧ ହୋଇଯାଇଛି। ତାର ଏ ଅବସ୍ଥା ପାଇଁ ଦାୟୀ କିଏ ? ମୁଁ ତା ପାଖକୁ ଯାଇ ତାକୁ ପଚାରିବା ପାଇଁ ଚାହୁଁଥିଲି କଣ ହୋଇଛି ତାର। କିନ୍ତୁ ତାକୁ ଦେଖି ମୋ ବିବେକ ବାଧା ଦେଲା ପଚାରିବା ପାଇଁ। କି ସେ ମଧ୍ୟ ଉତ୍ତର ଦେବା ଅବସ୍ଥାରେ ନଥିଲା। ସେଥିପାଇଁ କିଛି ନ ପଚାରି ସେଠାରୁ ଚାଲି ଆସିଲି। ପରେ ଗାଁରେ ଯାଇ ଶୁଣିବାକୁ ପାଇଲି ଦୁନିଆ ଆଗରେ ସେ କଳଙ୍କିନୀ ବୋଲି। କୁଆଁରୀ ଅବସ୍ଥାରେ ସେ ମା' ହେବାକୁ ଯାଉଛି। ସେ ଆଜି ପାପଗର୍ଭା, କାହାର ପାପର ସନ୍ତାନକୁ ସେ ଗର୍ଭରେ ଧାରଣ କରିଛି, ଗାଁରେ ଘରେ ଘରେ ତା' ବିଷୟରେ ଚର୍ଚ୍ଚା ଚାଲିଛି। କିନ୍ତୁ ଇତି ମଧ୍ୟରେ ମୋ ମନ ଭିତରେ କେବଳ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଥାଏ, ତା'ର ଏ ସର୍ବନାଶ କଲା କିଏ ? ପରେ ଜାଣିବାକୁ ପାଇଲି ସେଆଉ କେହି ନୁହଁ, ଯିଏ ଦିନେ ମୋତେ ତାର ଛଳନାର ଜାଲରେ ପକାଇଥିଲା ସିଏ ହିଁ ଏହିସବୁ ପାଇଁ ଦାୟୀ ବୋଲି। ଦିନେ ମୁଁ ଯାହାର ଛଳନାର ଜାଲ ଭିତରୁ ନିଜକୁ ବାହାର କରି ଖସି ଆସିଥିଲି ସେ ହିଁ କୁନିର ଏ ଅବସ୍ଥା ପାଇଁ ଦାୟୀ। ଏହା ଶୁଣିଲା ପରେ ସତେ ଯେମିତି ମୋ ପାଦତଳୁ ମାଟି ଖସିଗଲା ପରି ଲାଗିଲା। କୁନିର ଏ ଅବସ୍ଥା ପାଇଁ ପ୍ରତ୍ୟକ୍ଷରେ ନ ହେଲେବି ପରୋକ୍ଷରେ ମୁଁ ନିଜକୁ ଦାୟୀ ବୋଲି ମନେକଲି। କାହିଁକିନା ସେଦିନ ଯଦି ମୁଁ କୁନିକୁ ସେ ପିଲାର ନାମ କହିଥାନ୍ତି, ହୁଏତ ଆଜି ତାକୁ ଏଦିନ ଦେଖିବାକୁ ପଡ଼ିନଥାନ୍ତା। ମୁଁ ପୋଡ଼ା ମୁହଁ ସେଦିନ କାହିଁକି ଯେ, ସେ ପିଲାର ନାମ କହିନଥିଲି । ହୁଏତ ସେ ପିଲା ପ୍ରତି ମୋ ମନ ମଧ୍ୟରେ କେଉଁଠି ନା କେଉଁଠି ରହିଯାଇଥିବା ଭଲପାଇବା ଟିକକ ପାଇଁ ବୋଧହୁଏ, ସେ ଯାହାବି ହେଉନା କାହିଁକି ଆଜି ମୁଁ କିନ୍ତୁ ସେଥିପାଇଁ ନିଜକୁ ନିଜେ ମନ ମଧ୍ୟରେ ଦୋଷୀ ବୋଲି ଭାବୁଥିଲି।

ଗବେଷିକା, ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

ISSN NO.
2582-208X

# କୋଟି ପ୍ରଣତି ଘେନ



ପ୍ରମୋଦିନୀ ମହାପାତ୍ର

ଧର୍ମ ମହାସଭା ସ୍ତବ୍ଧହୋଇଗଲା
ଜନତା ଯେ ସ୍ତମ୍ଭିଭୂତ;
ତରୁଣ ସନ୍ୟାସୀ ଉଦାତ୍ତ କଣ୍ଠରେ
କି ମନ୍ତ୍ର ହେଲା ଝଙ୍କୃତ ।।୧।।

ବିଶ୍ୱ ଭ୍ରାତୃତ୍ୱର ଘୋଷଣା ହେଲା
ଭେଦି ସବୁ ପରିସୀମା,
ସିଦ୍ଧ ହେଲା ପୁଣି ଜଗତରେ ସାର
'ସନାତନ'ର ଗାରିମା ।।୨।।

ରାମକୃଷ୍ଣଙ୍କର ପ୍ରତିନିଧି ସିଏ
ଅଶେଷ ଜ୍ଞାନ ଭଣ୍ଡାର,
ବଜ୍ର ଗମ୍ଭୀରେ ପରମହଂସଙ୍କ
ବାଣୀକୁ କଲେ ପ୍ରଚାର ।।୩।।

ପ୍ରଚାରିତ ହେଲା ଏସାରା ବିଶ୍ୱରେ
ଭାରତ ଧର୍ମ ସଂସ୍କୃତି ,
ସାରା ଜଗତରେ ଶୁଭିଲା ତୁମର
ଜ୍ଞାନର ଜୈତ୍ର ଗୀତି ।।୪।।

ISSN NO.
2582-208X

ପ୍ରମାଣିତ କଲ ବିଶ୍ୱ ଦରବାରେ
ହିନ୍ଦୁର ଉଦାରବାଦ,
ମହାମନିଷୀ ହେ ବିବେକାନନ୍ଦ
ଦେଶର ଯୋଗ୍ୟ ଦାୟାଦ ।।୫।।

ଜନ୍ମଭୂମିର ଉନ୍ନତି କଲ୍ପେ
କଲ କେତେ ଆୟୋଜନ,
ବାଳଗଣଙ୍କର ସଂସ୍କାର କଲ୍ପେ
ସ୍ଥାପି ଶିକ୍ଷାନିକେତନ ।।୬।।

ଆଜି ବି ଶୋଭୁଛିସେ ପବିତ୍ର ଶିଳା
କନ୍ୟାକୁମାରୀର ବକ୍ଷେ,
ସଙ୍କେତ ଦିଏ ତୁମ ତପସ୍ୟାର
ନିତ୍ୟ ଭାସ୍ୱର ବେଶେ ।।୭।।

ସାରା ଜଗତରେ ଉଡ଼ାଇଲ ଜନ୍ମ-
ଭୂମିର ଜୈତ୍ର କେତନ,
ପରମହଂସଙ୍କ ପଟ୍ଟଶିଷ୍ୟ ତୁମେ
କୋଟି ପ୍ରଣତି ଘେନ ।।୮।।

ସମ୍ବଲପୁର
ମୋ– ୯୭୭୭୭୦୬୪୧୮

ISSN NO.
2582-208X

# ଆମେ ତା ବାପା ମାଆ.....



ସୀତାକାନ୍ତ ତୁମୁକଆଁ

ଆରେ ଆରେ ......!
ସକାଳ ପାଞ୍ଚଟା ହେଲାଣି,
ହାଏରେ ଦୂରଭାଗା,
ଅଳସୁଆ ପରି ଆଉ,
କେତେ ସମୟ ଶୋଇ ରହିବୁ ଯେ ?

ଆଜି ଟେକି ସଅଳ ଆସିବି,
ଥାଉ ଥାଉ...ଆଉ ବେଶି ସମୟ,
ଦାନ୍ତ ଘସାରେ ସାରିବା,
ମୋର ଦରକାର ନୁହେଁ,
ସେଆଡେ କେତେ ଗ୍ରାହକ,
ଜୁଟିବେନି,
ସେଇ ହରିଆ , ନାଦିଆ, ଆଉ
ପରମେଶ୍ୱର ପାଖରେ।।

ଆରେ ପୁଅ ମାଆ ?
ଆରେ ପୁଅ ମାଆ ?
ଟିକେ ଶୀଘ୍ର ସାରେ,

ISSN NO.
2582-208X

ଡେରି ହେଉଛି ବା,
ମୁଁ କ'ଣ କରିବି ଯେ ?
ତୁମେ ବି ଜୀଅନ୍ତା ଅଜଗର ଭଳି ଶୋଇ ଗଲ,
ମୁଁ ବି ସେଇ ରୂପେ ଉଠିପାରିଲି ନାହିଁ।।

ହଉ ହଉ!
ସେ ସବୁ କଥା ଛାଡେ,
ଶୀଘ୍ର ଦେଇ ଟିଫିନ୍ ବାକ୍ସ ଟା,
କେତେ ଆସି କେତେ ଜିବେଣି,
ତାର କଳନା କାହିଁ ବା ?
ହଁଉ ଏ ନିଅ,
ତର ତର ହେଇ ବାହାରି ପଡେ, ବାପା ଜଣକ ଯେମିତି କି,
ଆଗେଇ ଯାଉଥିବା ନଦୀ,
ଦେଖେ ନାହିଁ ଆଗ ପଛ,
ପଛପଟୁ ଶୁଭେ,
ହେଇ ସମୟ ହେଲେ,
ଆସି ଖାଇ ଦେଇ ଯିବ।।

ଏମିତି ବରାବୋର ଚାଲେ,
ଏପଟେ ଭୋକ ହେଲେ,
କାନ୍ଦୁଥିବା, ଝୋଟି ପଡ଼ିଲେ,
ମାଆ କୋଳକୁ ଦୌଡ଼ି ଆସୁଥିବା ,
ଭବିଷ୍ୟତ ଗଢ଼ିବାରେ,
ନିତ୍ୟ ନିୟମିତ କିଛି ଟଙ୍କା ଅର୍ଜନ ପାଇଁ।।

ଯେତେବେଳେ ଯାହା ଲୋଡେ,
ଜଣେ ଦକ୍ଷ ସେନା ପରି,

ISSN NO.
2582-208X

ହାଜିର କରେ ତତକ୍ଷଣାତ୍,
କାଲେ ଯେମିତି ତା'କୁ କିଛି,
କଷ୍ଟ ନ ହେଉ,
ଯେପରି କି ଜଣେ ରାଜା,
ଯାହା ଲୋଡେ ତାହା ସମ୍ମୁଖେ ହାଜର ହୁଏ,
ନଷ୍ଟେତ ଆଦେଶ ପାଇଥିବା ସେନାମାନଙ୍କୁ ଦଣ୍ଡ ମିଳେ,
ତତକ୍ଷଣାତ୍,
ହେଲେ ରାଜା କ'ଣ ବୁଝିବେ,
ହାଜିର କରିବାକୁ ହେଲେ,
କେତେ ଝଡ଼ ବତାସ,
ଗରମ ଲୁହା କଣ୍ଟା ବୁଦା ଦେଇ,
ଆଣିବାକୁ ହୁଏ।।

ଠିକ୍ ଅନୁରୂପ ଭାବେ,
ବାପାଙ୍କ ଜଣକ,
ଜଣେ ଦକ୍ଷ ସୈନିକ ଠୁ କମ୍ ନୁହେଁ,
ହେଲେ ଏମିତି ସମୟ ଆସେ,
ଯେଉଁଠି ରାଜା ଜଣକ ଭୁଲି ଯାଏ,
ତାର ଦକ୍ଷ ସୈନିକ ମାନଂକୁ,
ଯେତେବେଳେ ସେ ପାଇ ଯାଏ,
ତାକୁ ଯାହାର ଦରକାର ଥିଲା।।

ଠିକ୍ ଅନୁରୂପ ଭାବେ,
ପୁଅ ଯେବେ ନିଜ ଗୋଡ଼ରେ,
ଠିଆ ହୁଏ ଏବଂ ନିଜ ରଥ ରୂପକ ଜୀବନକୁ ଚାଳିତ କରିବା ପାଇଁ,
ସାରଥି ଖୋଜେ,
ସାରଥି ତ ନିଜ ମନମୁତାବକ ରଥ,

ISSN NO.
2582-208X

ଚଲେଇ ପାରିବ ନାହିଁ କାରଣ,
ତୁମେ ତାକୁ ନିୟୋଜିତ କରିଛ!
ହେଲେ ଏମିତି ବି ସମୟ ହେଲାଣି,
ଯେଉଁଠି ସାରଥି ମୁଖ୍ୟ ଭୂମିକା ନେଇ,
ଉପଦେଶ ଦିଅନ୍ତି,
ଏବଂ ଯାହା ଉପଦେଶ ଆସେ ତାହା ହି କରନ୍ତି,
ଏମିତି କି ଦୁନିଆ ଦେଖେଇଥିବା, ବାପା, ମାଆକୁ ବିବାହ ପରେ,
ଗୋଡ଼ରେ ଠେଲି ଦେବାକୁ,
ପଛାନ୍ତି ନାହିଁ,
ସତେ ଯେପରି,
ଏମାନେ ଖଣ୍ଡେ ଖଣ୍ଡେ ଭଙ୍ଗା ଦଦରା,
ଆବର୍ଜନା ପାତ୍ର ।।

ହେଲେ!
କେବେ ବି ଏଇ,
କଥା କୁହା ମୂର୍ତ୍ତୀ ଯୋଡ଼ିକ,
ଜଣେ ଜଣେ ମୂକ ଭାବେ,
ସହି ଯାଆନ୍ତି ସବୁ କିଛି ଏବଂ,
କହି ବୁଲନ୍ତି ଆମେ ପରା ତା,
ବାପା ମାଆ........

ଅନ୍ତର୍ଲା, ଦେଓଗାଁ, ବଲାଙ୍ଗୀର

ISSN NO.
2582-208X

# ମନ୍ କି ବାତ୍



ବିଶ୍ୱଜିତ୍ ସେନାପତି

ମଧ୍ୟ ବୈଶାଖର ନିଦାଘ ଖରାରେ, ମଧ୍ୟାହ୍ନରେ, ରିକ୍ସାବାଲାଟି ରାଜଧାନୀର ରାସ୍ତାକଡ଼ରେ ଥିବା ଗଛ ଛାଇରେ ଟିକେ ଆଉଜି ଯିବାବେଳେ ପାଖରେ ଥିବା ଶୀତତାପ ନିୟନ୍ତ୍ରିତ SUV ରେ ବସି ଫୋନରେ ବ୍ୟସ୍ତଥିବା ବାବୁଜଣଙ୍କୁ ଦେଖି ଲମ୍ବା ଦୀର୍ଘଶ୍ୱାସଟେ ବାହାରି ଆସିଲା ।

ଟର୍ମିନାଲ ଫୁସଫୁସ ରୋଗରେ ପୀଡିତ SUV ଭିତରେ ବସିଥିବା ବିବ୍ରତ ବ୍ୟକ୍ତିଟି ତାର ପ୍ରତ୍ୟେକ ଦୁର୍ମୂଲ୍ୟ ନିଃଶ୍ୱାସକୁ ଆପ୍ରାଣ ବିଶ୍ଳେଷଣ କରିବାକୁ ଚେଷ୍ଟା କରୁଥିବା ବେଳେ ରିକ୍ସାବାଲାର ଦୀର୍ଘଶ୍ୱାସଟି ଅବଶ୍ୟ ତାକୁ ଆଉଟିକେ ବିବଶ କରିଦେଲା ।

###

ସୁଦୂର ସୁରଟର ସୂତା ମିଲରେ କାମ କରୁଥିବା ସ୍ୱଳ୍ପବୟସ୍କ ଶ୍ରମିକଟି ମଧ୍ୟବିତ୍ତ ପରିବାରର ଅନେକ ଆବଶ୍ୟତାକୁ ପୂରଣ କରିବାକୁ ଯାଇ ଛନ୍ଦି ପଡୁଥିବା ବେଳେ କମ୍ପାନୀର ମାଲିକଙ୍କୁ ଦେଖି ଈଷତ୍ ଈର୍ଷାନ୍ୱିତ ହେଇ ଯାଉଥିଲା ।

ଗଭୀର ଋଣଭାରରେ ବୁଡ଼ିଥିବା ମିଲ୍ ମାଲିକଟି ମିଲର କର୍ମଚାରୀମାନଙ୍କୁ ଦେଖି ଚିନ୍ତା କରୁଥିଲା କି ଯାହାହେଲେବି ପ୍ରତ୍ୟେକ ମାସ ଶେଷରେ ସେମାନେ ସେମାନଙ୍କ ଦରମା ଗଣ୍ଡାକତ ନିର୍ବିଘ୍ନରେ ପାଇ ପାରୁଛନ୍ତି । କେଡେ ଭାଗ୍ୟବାନ ସେମାନେ ସତରେ !

###

ISSN NO.
2582-208X

ଯୌଥ ପରିବାରର ଏକମାତ୍ର ବୋହୂଟି ବେସରକାରୀ ବିଦ୍ୟାଳୟରେ ସାରାଦିନ ବିତେଇବା ପରେ, ସନ୍ଧ୍ୟାରେ କ୍ଲାନ୍ତ ଓ ଭୋକିଲା ଥାଇ ଘରର ସବୁ ପାଇଟିତକ ପରଶୁ ଥିବାବେଳେ, ତାର ଏକମାତ୍ର ନଣନ୍ଦ, ଯିଏକି ଏକ ବ୍ୟବସାୟୀଙ୍କୁ ବିବାହ କରି ଗୃହିଣୀ ଜୀବନ ବିତାଉଛି, ତା ଭାଗ୍ୟକୁ ବିଚାର କରି ଆହୁରି କ୍ଲାନ୍ତ ହୋଇ ଯାଉଥିଲା ।

ସଖୀ ନଣନ୍ଦଟି ଦିନରାତି ଧନୀ ସ୍ୱାମୀଙ୍କ ପ୍ରାସାଦରେ ବନ୍ଦୀହୋଇ, କେବଳ ସ୍ୱାମୀ ଆଜ୍ଞା ପାଳନକରି, ଜୀବନର କୌଣସି ବିଶେଷ ଉଦ୍ଦେଶ୍ୟ ଓ ନିଜସ୍ୱ ଆଗ୍ରହ ବିନା ବଞ୍ଚିଥିବା ବେଳେ, ଶିକ୍ଷକତା କରୁଥିବା ଭାଉଜଙ୍କ ସ୍ୱାଧୀନ ଓ କର୍ମମୟ ଜୀବନଶୈଳୀକୁ ମନେପକାଇ ଅନେକ ହତାଶ ହୋଇ ପଡୁଥିଲା ।

###

ତେଣୁ ଖୁସିର ପରିଭାଷା ବା ବ୍ୟାଖ୍ୟା କେବେବି ତୁଳନାତ୍ମକ (ଅନ୍ୟ ସହ) ନୁହେଁ, ଏହା ସମ୍ପୂର୍ଣ୍ଣ ନିଜସ୍ୱ । ଆମେ ସମସ୍ତେ, କୌଣସି ନା କୌଣସି ଭାବରେ ଅନେକ ସୁବିଧାପ୍ରାପ୍ତ ଓ ଅନେକ ସୁବିଧାରୁ ବଞ୍ଚିତ ମଧ୍ୟ । କିନ୍ତୁ ଅସଲ ସମସ୍ୟା ହେଲା, ଆମେ ସବୁବେଳେ ଆମେମୟ ରହି ଆମର କେବଳ ଦୁଃଖକୁ ବାଛି ବାଛି ଅନୁଭବ କରୁ ଓ ସବୁ ସୁବିଧାକୁ ଅଣଦେଖା କରିଥାଉ । ସେମିତିହେଲେ ଆମେ ସେପର୍ଯ୍ୟନ୍ତ କେବେବି ନିଜକୁ ସୁଖୀ ଓ ଖୁସି ମଣି ପାରିବାନାହିଁ ଯେପର୍ଯ୍ୟନ୍ତ ଆମେ ନିଜର ପ୍ରାପ୍ତି ଓ ଅପ୍ରାପ୍ତି, ଉଭୟକୁ ତୁଳନା ବା ବିବେଚନା କରିବା ଆପଣେଇବା ନାହିଁ ।

କଥାରେ ଅଛି ପରା –
ପଡିଆର ଆରପାଖ,
ସବୁବେଳେ ସବୁଜ ...

ଜୟ ଜଗନ୍ନାଥ ...

ବିଭୂତି ଭବନ
ଭଦ୍ରକ–756100
ଦୁରଭାଷ: 9938765999

ISSN NO.
2582-208X

# ପ୍ରିୟଦେଶ



ମଞ୍ଜୀତ କୁମାର ସେଠୀ

ଜନମି ଥିଲି ମୁଁ ତାହାରି କୋଳରେ
ତା ପାଖେ ହୋଇବି ଶେଷ,
ସରଗଠୁ ବଳି ସବୁଠୁ ସୁନ୍ଦର
ସେହି ମୋର ପ୍ରିୟଦେଶ ॥

ଯା ପାଣି ପବନ ମଧୁଠୁ ବି
ମିଠା ମହକ ଛୁଟେ ଭାଷାରେ
କେତେ ଯେ ବୀର ଟଳି ଯାଇଛନ୍ତି
ତାହାରି ସୁରକ୍ଷା ଦୃଷ୍ଟେ ॥

ଏଠି ଜନ୍ମିତ ଥିଲେ ଅନେକ
ନେତା, କବି, ସାଧୁସନ୍ଥ
କି ଅବା ମହାପୁରୁଷ
ଏଠି ସଭିଁଏ ଶ୍ରେଷ୍ଠ ।।

ଗଙ୍ଗାଠୁ ଯମୁନା ବୋହୁଥାଏ
ଏହି ଭାରତ ଭୂମିରେ,
ଖିଲି ଖିଲି ହସେ ପୁଷ୍ପ ଭଅଁର
ଚନ୍ଦ୍ରଭାଗା ନଦୀ ସୁନ୍ଦର ଦିଶେ । ।

ISSN NO.
2582-208X

ଦେଶ ପାଇଁ ମୁହିଁ ଜୀବନ ଦେବି
ଅନ୍ୟାୟ ଅତ୍ୟାଚାର ବିନାଶ କରି
ଭାରତ ମାଆର ତ୍ରିରଙ୍ଗା ଉଡ଼ାଇ
ଜନ ଗଣ ମନ ଯେ ଗାଇବି ।।

ସାରା ଦେଶ ବାସୀଙ୍କ ସେବାରେ
ମୁହିଁ ନିଜକୁ ନିୟୋଜିତ କରି,
ଭେଦଭାବ ଭାବ ଭୁଲି ଯାଇ
ସଭିଙ୍କୁ ଭଲ ପାଇ ନିଜର କରିବି ।।

ଏଣ୍ଡୁଡ଼ି ଜଳିଛି ତାହାରି କୋଳରେ
ତାପାଖେ ହୋଇବି ଶେଷ
ସେହି ମୋର ପ୍ରିୟ ଜନ୍ମଭୂମି
ସେହି ମୋର ପ୍ରିୟଦେଶ ॥

ମୟୂରଭଞ୍ଜ

ISSN NO.
2582-208X

# ସମ୍ପର୍କ



ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ଛାତି ତଳେ ଲହୁ ଜମାଟ ବାନ୍ଧିଲେ
ଆଖି ସହି ପାରେ ନାହିଁ
ଛାତି ସହ ଆଖି ସମ୍ପର୍କଟା କ'ଣ
ଜମା ବୁଝି ହୁଏ ନାହିଁ,
ନିଜକୁ ତାତାଇ ଉତ୍ତପ୍ତ କରାଇ
ପଡ଼ିଯାଏ ସିଏ ନାଲି
ଲହୁଗୁଡ଼ା ଯେତେ ବହିଯାଉ ସତେ
ଲୁହ ହୋଇ କିଛି ବୋଲି,
ସାହିଯାଏ କଷ୍ଟ କେଉଁ ବନ୍ଧନ କୁ
ବାନ୍ଧି ରଖିବାର ପାଇଁ...
ଛାତି ସହ ଆଖି ସମ୍ପର୍କଟା କ'ଣ
ଜମା ବୁଝି ହୁଏ ନାହିଁ।।
କେବେ ହୁଏ ଖୁସି କେବେ ରୁଷେ ବେଶୀ
ରାଗେ କେବେ ଜରଜର
ଚପଳା ପରାଏ କେବେ କେବେ ସେହି
ହେଉଥାଏ ତର ତର,
ଆଘାତ ଲାଗିଲେ ଛାତି ତଳେ କେବେ
ଫୁଲି ଯାଏ ସିଏ କାହିଁ....

ISSN NO.
2582-208X

ଛାତି ସହ ଆଖି ସମ୍ପର୍କଟା କ'ଣ
ଜମା ବୁଝି ହୁଏ ନାହିଁ।।
କେବେ ଇଛା କରେ ରହି ନିରୋଳାରେ
ଚାହିଁବାକୁ ନୀଳାକାଶେ
ପୁଣି କେବେ କେବେ ଚାନ୍ଦିନୀ ରାତିରେ
ଚାନ୍ଦ ସହ ମିଶି ହସେ,
ହସିବା କାନ୍ଦିବା ରହସ୍ୟ ଘେରରେ
ଯାଏ ଆସେ ତା'ର ନାହିଁ.....
ଛାତି ସହ ଆଖି ସମ୍ପର୍କଟା କ'ଣ
ଜମା ବୁଝି ହୁଏ ନାହିଁ।।

ଚକାପଦା
୯୧୭୮୪୭୫୪୩୭

ISSN NO.
2582-208X

# ବିଡମ୍ବନା

ମୟଙ୍କ

ସନ୍ଧ୍ୟା ସମୟ। ଧିରେ ଧିରେ ପୃଥିବୀକୁ ଅନ୍ଧକାର ପ୍ରବେଶ କରୁଥିଲା। ଗଛର ଶୀର୍ଷରେ ପକ୍ଷୀମାନେ ଘରକୁ ଫେରିଯାଉଥିଲେ। ଘରର ଛୋଟ ବାଲକନୀରେ ମନରେ କିଛି ଅଶାନ୍ତି ଓ ଅନିଶ୍ଚିତତା ସହ ବସିଥିଲା ବିପ୍ଳବ। ସେହି ସମୟରେ ହଠାତ୍ ତାର ମୋବାଇଲ୍ ରିଙ୍ଗ ହେଲା ।

ସେ ଫୋନ୍‌ଟି ରିସିଭ୍ କଲା।

— "ହେଲୋ..."

ଅପରପାର୍ଶ୍ୱରୁ ଏକ ମଧୁର ସ୍ୱର, ଯୌବନରେ ପୂର୍ଣ୍ଣ ଜଣେ ଝିଅ କହିଲା:

—"ମୁଁ... ମୁଁ ତୁମକୁ ଭଲପାଏ। ତୁମର ସ୍ତ୍ରୀ ହେବାକୁ ଚାହୁଁଛି। ମୋତେ ବିବାହ କରିବ?"

ଏକାଘାତରେ ବିପ୍ଳବର ଶରୀର କମ୍ପିଗଲା। ମନ ଓ ମସ୍ତିଷ୍କ ନିର୍ବାକ୍। ସେ କେବଳ ଶୁଣୁଥିଲା, କିନ୍ତୁ କିଛି କହିପାରୁନଥିଲା। ଜୀବନରେ ପ୍ରଥମ ଥର ପାଇଁ ଏମିତି ଘଟଣା ହେଲା ଯାହା ସେ କେବେ ପରିକଳ୍ପନା ମଧ୍ୟ କରିନଥିଲା।

ବିପ୍ଳବ ୨୮ ବର୍ଷର ଜଣେ ପରିପକ୍ୱ ଯୁବକ। ଜୀବନରେ ଏକ ସାଥି ଖୋଜୁଥିଲା ସେ। ଅନେକ ଝିଅଙ୍କ ସହ ଦେଖା ହୋଇଛି, କିନ୍ତୁ କେବେ କାହାକୁ କହିବାର ସାହସ ହୋଇନଥିଲା। ଆଜି ଗୋଟିଏ ଝିଅ ନିଜେ ତାର ଜୀବନସାଥୀ ହେବାକୁ ଇଚ୍ଛା ପ୍ରକାଶ କରିଛି। କେବଳ ତାର ସମ୍ମତି ଅପେକ୍ଷାରେ।

ISSN NO.
2582-208X

ମନରେ ଚିନ୍ତା ଆସିଲା — "ମୁଁ ଘରର ଏକମାତ୍ର ପୁତ୍ର। ଭଉଣୀମାନେ ଅଛନ୍ତି, ଯେମାନେ ଏପର୍ଯ୍ୟନ୍ତ ବିବାହ କରିନାହାନ୍ତି। ଘରର ଅନେକ ଦାୟିତ୍ୱ କାନ୍ଧରେ ଅଛି। ଏହି ସମୟରେ ମୁଁ କିପରି ନିଜ ପ୍ରେମ ପାଇଁ ସ୍ୱାର୍ଥପର ହୋଇପାରି?"

ବିପ୍ଳବର ଆଖିରେ ଆଲୋକ ଓ ଅନ୍ଧକାରର ଯୁଦ୍ଧ। ହୃଦୟରେ ପ୍ରେମର ଉତ୍ସାହ, କିନ୍ତୁ ମସ୍ତିଷ୍କରେ ଦାୟିତ୍ୱର ଭାର। ସେହି ଦ୍ୱନ୍ଦ୍ୱ ମଝିରେ ସେ ପ୍ରେମକୁ ତ୍ୟାଗ କରିବାର କଠୋର ନିଷ୍ପତ୍ତି ନେଲା। ସେ ଝିଅ ମନରେ ଆଘାତ ଲାଗିବା ସତ୍ତ୍ୱେ ସେ କଠୋର ସ୍ୱରରେ କହିଲା — "ତୁମ ପାଇଁ ମୋ ହୃଦୟରେ କିଛି ଭାବନା ନାହିଁ।"

ହୁଏତ ସେଇ ଝିଅ ସେ କଥାକୁ ସହଜରେ ଗ୍ରହଣ କରିଥିଲା, କାରଣ ସେ ଅଭିଜ୍ଞତାହୀନ, ପ୍ରେମ ଆକାଶରେ ନୂଆ ଉଡ଼ିବାକୁ ଚେଷ୍ଟା କରୁଥିବା ପକ୍ଷୀ ଭଳି।

ବିପ୍ଳବ ତାହା ପରେ ମନର ଗଭୀରେ ଡୁବିଗଲା — "ଯଦି ମୁଁ ତାର ମନରେ ଉଠିଥିବା ଝଡ଼କୁ ବୁଝାଇପାରୁଥାନ୍ତି, ମୋ ଭାବନା ଲୁଚାଇବାକୁ ହେଉନଥାନ୍ତା। ମୁଁ ମଧ୍ୟ ତାକୁ ଭଲପାଏ। କିନ୍ତୁ ପରିବାରର ଦାୟିତ୍ୱ ମୋ ପାଖରେ ଅଛି। ମୋ ମା'ବାପାଙ୍କ ସ୍ୱପ୍ନ, ଭଉଣୀମାନଙ୍କ ଭବିଷ୍ୟତ — ଏହି ସବୁ ଛାଡ଼ି ମୁଁ ନିଜ ପାଇଁ କିପରି ସିଦ୍ଧାନ୍ତ ନେ?"

ସହର ଛୋଟ ଥିଲା, କିନ୍ତୁ ଆଧୁନିକତା ଧୀରେ ଧୀରେ ପ୍ରବେଶ କରୁଥିଲା। ନୂଆ ସପିଙ୍ଗ ମଲ୍ ଖୋଲିଛି। ଲୋକମାନେ ଗହଳିରେ ଭିଡ଼ ଲାଗୁଥିଲେ। ସୁନ୍ଦର ଆଲୋକ ଓ ସଜସଜ୍ଜାରେ ସହର ଜୀବନ୍ତ ହୋଇଯାଇଥିଲା।

ସେଠାରେ ହିଁ ବିପ୍ଳବ ପ୍ରଥମେ ତାକୁ ଅବନ୍ତିକାକୁ ଦେଖିଥିଲା। ସରଳ, ସୁନ୍ଦର, ଏକ ନିର୍ମଳ ହସ ଯାହା ସବୁକୁ ଆକର୍ଷି ନେଇଥିଲା। ତାର ଆଖିରେ ଥିଲା ସରଳତା ଓ ଭାବନାର ଗଭୀରତା। ସେ ଦିନଠାରୁ ବିପ୍ଳବର ମନରେ ଗୋଟିଏ ଅଦୃଶ୍ୟ ଭାବନା ଜନ୍ମ ନେଲା। କିନ୍ତୁ ବିପ୍ଳବ ଭାବିଲା —

"ପ୍ରେମ କେବଳ ହାସଲ କରିବା ନୁହେଁ, ପ୍ରେମ ହେଉଛି ଦାୟିତ୍ୱ, ବିଶ୍ୱାସ ଓ ଭବିଷ୍ୟତର ସଂକଳ୍ପ।"

ISSN NO.
2582-208X

କିଛି ମାସ ମଧ୍ୟରେ ଅବନ୍ତିକା ସହ ଫୋନ୍ ଓ ଚାଟିଂ ମାଧ୍ୟମରେ କଥା ହେବା ଆରମ୍ଭ ହେଲା। ଦୁହେଁ ମନେ ମନେ ପସନ୍ଦ କରୁଥିଲେ, କିନ୍ତୁ କେହି ସ୍ପଷ୍ଟ କହିପାରୁନଥିଲେ। ଭୟ, ଲଜ୍ଜା ଓ ସଂକୋଚ ସେମାନଙ୍କୁ ରୋକି ରଖିଥିଲା।

ବିପ୍ଳବର ଜଣେ ପରିଚିତ ମଳୟ, ବିଜ୍ଞାନ ଶିକ୍ଷକ। ସେ ଫେସବୁକ୍ ଦ୍ୱାରା ବିପ୍ଳବ ସହିତ ପରିଚିତ ହୋଇଥିଲା। ମଳୟଙ୍କ ବିବାହ ପ୍ରସ୍ତାବ ଚାଲିଥିଲା ଜଣେ ଝିଅ ଲକ୍ଷ୍ମୀ ସହ, ଯିଏ ଅବନ୍ତିକାର ଘନିଷ୍ଠ ସାଙ୍ଗ। ଦୁହିଁଝିଅ ମିଶି ପଢୁଥିଲେ, ମାର୍କେଟ ଯାଉଥିଲେ, ସବୁ କାର୍ଯ୍ୟକ୍ରମରେ ଏକସାଥି ସାମିଲ ହେଉ ଥିଲେ ।

ଦିନେ ମଳୟ ବିପ୍ଳବକୁ ଫୋନ୍ କରି କହିଲେ — "ତୁମ ପାଇଁ ଏକ ସୁନ୍ଦର ଝିଅ ଦେଖିଛି — ଅବନ୍ତିକା। ଯଦି ତୁମ ପସନ୍ଦ, ପ୍ରସ୍ତାବ ଦେବି।"

ବିପ୍ଳବ ମନରେ ଆଘାତ ହେଲା। କଣ ଉତ୍ତର ଦେବେ ବୁଝିପାରିଲା ନାହିଁ। ଇଚ୍ଛା ଥିଲେ ମଧ୍ୟ ସେ ନିଜ ଭାବନାକୁ ଅଣଦେଖା କରିଲା। ସମୟ ଓ ଦାୟିତ୍ୱର ଅରଣ୍ୟ ଭିତରେ ତାର ମନ ଆକାଂକ୍ଷା ନିର୍ବାପିତ ହେଲା।

ଧୀରେ ଧୀରେ ଅବନ୍ତିକା ଦୂରେଇଗଲା। ବିପ୍ଳବ ମଧ୍ୟ କାମରେ ବ୍ୟସ୍ତ ହୋଇ ନିଜ ଜୀବନକୁ ଏକାନ୍ତ ଓ ନିରବତାରେ ବାହି ନେଲା। ପ୍ରେମର ପାଦପ ମନରେ ଶୁଷ୍କ ହୋଇଗଲା।

କିଛି ବର୍ଷ ପରେ ହଠାତ୍ ଫୋନ୍ ଆସିଲା। ଅପରପାର୍ଶ୍ୱରୁ ଚିରପରିଚିତ ସ୍ୱର — "ବିପ୍ଳବ, ମୋ ବିବାହ ହେଉଛି। ଆସିବ, ପ୍ଲିଜ! ମୁଁ କାର୍ଡ ପଠେଇପାରିଲିନି, କଲ୍ ରେ ଡାକୁଛି।"

ଅବନ୍ତିକାର ବିବାହ ସମ୍ବାଦ ଶୁଣି ବିପ୍ଳବ ନିରୁତ୍ତର ହୋଇଗଲା। ଦୁଃଖ ଭାବିଲା — "ସମୟ ଚାଲିଗଲା, ଏବେ ମୁଁ ଆଉ କଣ ବା କରିପାରିବି ?"

ସେ ଭାବିଲା — ଯିଏ ମୋ ମନର ମାନସୀ ଥିଲା, ଆଜି ସେ ଅନ୍ୟକାହାର ସ୍ତ୍ରୀ ହେବ। ପରିବାରିକ କର୍ତ୍ତବ୍ୟର ବନ୍ଧନ ରେ ଛନ୍ଦି ହୋଇ ରହି ଥିବା ପ୍ରେମ, ଆଜି ଅନ୍ୟ ଜୀବନରେ ପ୍ରସ୍ଫୁଟିତ ହେଲା।

ISSN NO.
2582-208X

ବିପ୍ଳବ ଭାଙ୍ଗିପଡ଼ିଲା। ଜାଣିଲା — ପ୍ରେମକୁ ଲୁଚାଇ ରଖିଲେ ମଧ୍ୟ ଏହା ମନର ଗଭୀରେ ବସି ରହେ। ପ୍ରେମ ନ କହିଲେ ମଧ୍ୟ ସେ ମନରେ ଜୀବନ୍ତ ରହେ।

ବିବାହ ଦିନ ଆସିଲା। ଅବନ୍ତିକା ଡାକିଥିଲା, କିନ୍ତୁ ବିପ୍ଳବ ଯାଇପାରିଲା ନାହିଁ। କେମିତି ଦେଖିବ ସେ ଝିଅକୁ ଅନ୍ୟକାହାର ସ୍ତ୍ରୀ ହେଉଥିବା ଅବସ୍ଥାରେ? ପୁରୁଷମାନେ ବାହାରୁ କଠୋର, କିନ୍ତୁ ପ୍ରେମ ଆଗରେ ତେଣୁ କୋମଳ ଯେ ଆଖିର ଅଶ୍ରୁ ତାହା କହିଦେଏ।

ଜୀବନର ପ୍ରତିଟି ମୁହୂର୍ତ୍ତରେ ଅନେକ ବିଡମ୍ବନା ଥାଏ। ବିପ୍ଳବ ଓ ଅବନ୍ତିକା ପରି — ଇଚ୍ଛା ଥିଲେ ମଧ୍ୟ ଦୂରେଇଯିବାକୁ ହୁଏ। ମନ ଓ ଶରୀର ରେ ସମ୍ପର୍କ ଥିଲେ ମଧ୍ୟ, ଆତ୍ମା ଅନ୍ୟ ଠାରେ ବନ୍ଦୀ ହୋଇ ରହିଯାଏ ।

ବୌଦ୍ଧ

ISSN NO.
2582-208X

# ମୁଁ ପାହାଡି ନଈଟିଏ



ନାରାୟଣ ରାଉତ

ମୁଁ ପାହାଡି ନଈ ଟିଏ
ନା ଅଛି ଆଶା ଆକାଂକ୍ଷା
ନା ଅଛି ସମୁଦ୍ର ସହ ମିଶିବାକୁ ଇଛା
ମୋ ପାଖରୁ ସମୁଦ୍ର ବହୁ ଦୂରରେ
ଚକ୍ରବାଳ ପରି ପହଂଚି ଯାଏ
ପାହାଡ଼ର ପଥୁରିଆ କ୍ଷେତରେ
ସବୁଆଡେ ସବୁଜିମା
ଜଣା, ଆଖୁ ଓ ଧାନର ସବୁଜ ପତ୍ରରେ.....
ମୁଁ ପାହାଡି ନଈ ଟିଏ

ପାଦେ ପାଦେ ମୋର ସଙ୍କଟ
ଶଙ୍କା ଥାଏ ସବୁବେଳେ ମନରେ
ଅଟକି ଯିବିକି ଅଧା ବାଟରେ
ପାହାଡ଼ର ବଡ଼ ବଡ଼ ପଥର ଖଣ୍ଡରେ
ସଂଘର୍ଷ ସହ ଆଗକୁ ବଢ଼େ
ନୂତନ ଜୀବନ ଦିଏ
ପାହାଡି ଗଛ ଓ ଲତାରେ
ମୁଁ ପାହାଡି ନଈ ଟିଏ

ଭାଗ୍ୟ ମୋର ନିୟତି ହାତରେ
କେବେ ପୂର୍ଣ୍ଣଗର୍ଭାର ଉଛୁଳା ନଈ ତ

ISSN NO.
2582-208X


କେବେ ଜଳଶୂନ୍ୟର ବିଭୀଷିକା
ଯୌବନ ମୋ କ୍ଷଣସ୍ଥାୟୀ
ନିଦାଘର ରବି କିରଣରେ
ଖାଲି ହୋଇଯାଏ ସୌନ୍ଦର୍ଯ୍ୟ
ଯୌବନର ଅପରାହ୍ନରେ
ମୁଁ ପାହାଡି ନଈ ଟିଏ

ଅଙ୍କେଇ ବଙ୍କେଇ ଯାଏ ଉରଗ କୁଟିଳେ
ଆଙ୍କିଦିଏ ଚିତ୍ରାଙ୍କନ ନଈ କୂଳେ କୂଳେ
ନର ନାରୀ ଗଛ ମାଛ କେତେ ଆଦି କଥା
ପାହାଡ ଜଙ୍ଗଲ ପୁଣି ବଣ ବୁଦା
ଯୁବତୀ ରତ୍ନ ଚିତ୍ର ଯେବେ ଗଢେ
ଯୁବାଙ୍କ ଚିତ୍ତାକର୍ଷକ ମୋ ପାଇଁ ବଢେ
ମୋ ଭବିଷ୍ୟତ ଅନ୍ଧକାର ମୟ
କିନ୍ତୁ; ଖୁରାଖ ଯୋଗାଏ ଜଙ୍ଗଲରେ
କେତେ କାହାର ମୁହଁରେ
ମୁଁ ପାହାଡି ନଈ ଟିଏ

ବର୍ଷାର ଝରରେ ମୋର ସୃଷ୍ଟି
ନା ଅଛି ମୋର ପର୍ତ୍ତା ନା ଅଛି ମୋର ସର୍ତ୍ତା
ନୁହେଁ ମୁଁ ମହାନଦୀ କି ଗୋଦାବରୀ
ପବିତ୍ର କାରିଣୀ ମାତା ଗଙ୍ଗା
ମୁଁ ସବୁଆଡେ ପ୍ରଭାହିତ
ନ ଥାଏ ମୋ ପାଖରେ ଡ଼ଙ୍ଗା
ମୁଁ ପାହାଡି ନଈ ଟିଏ ॥

ନଛିପୁର, ଖଇରା, ବାଲେଶ୍ୱର
ମୋ –୮୫୯୪୮୫୩୫୯୩

ISSN NO.
2582-208X

# ଧୋକା



ଚନ୍ଦନ କୁମାର ବେହେରା

ଏଠି କିଏ ଦିଏ ଧୋକା କିଏ କରୁଛି ଧିକାର
ସମସ୍ତେ ସଂସାରେ ମୋହ ର ଶିକାର

ଧୋକା ଦେବା ପରା ସଂସାର ନିୟମ
ଜାଣି ପାରୁ ନାହିଁ ତୁହି ଯେ ଅଧମ

ନିଜେ ଧୋକା ଦେଇ ଜାଣି ପାର ନାହିଁ
ଧୋକା ଖାଇଗଲେ ଲୁହ ଝଲସଇ

ଅତ୍ୟାଚାର କରି ଅତ୍ୟାଚାରୀ ବନିଥାଉ
ଲୋକ ଙ୍କ ସାମ୍ନା ରେ ଭଲେଇ ତୁ ହେଉ

ବିତିଯାଏ ଯାହା ପରେ ସେଭଳି ଦୁର୍ଦ୍ଦିନ
ପ୍ରତିଶୋଧ ଅଗ୍ନି ରେ ତା ହେଇଯିବ କ୍ଷୁର୍ଣ୍ଣ

ଧୋକା ର ବଦଳେ ଏଠି ଧୋକା ହିଁ ତ ମିଳେ
ଛଳନାର ଛଦ୍ମବେଶୀ ବଞ୍ଚିଥାଏ ଛଳେ

କେନ୍ଦୁପାଳ, କୁଣ୍ଡେଇଗୋଳା
ଦେବଗଡ଼, 768109
8249824728

ISSN NO.
2582-208X

# ହୃଦୟହୀନ ସମାଜର - ପ୍ରକୃତ ବନ୍ଧୁ



ଭବାନ ଶଙ୍କର ଦାଶ

ବନ୍ଧୁତା ଏକ ଏମିତି ଶବ୍ଦ ଯାହାର ସଂଜ୍ଞା ନାହିଁ। ବନ୍ଧୁତା ଆଗରେ ଦୁନିଆର ବଡ଼ ବଡ଼ ଅସୁବିଧା ଦୂର ହୋଇଯାଏ। ଯଦି ବନ୍ଧୁ ଅସୁବିଧା ରେ ପଡ଼ିଛି ଅନ୍ୟ ବନ୍ଧୁ ଅଣ୍ଟା ଭିଡ଼ି ଛିଡା ହେଇଯାଏ କେତେ ଝଡ଼ ବତାସ ଆସିଲେ ତାକୁ ପାର କରି ବନ୍ଧୁ ଉଠାଇ ଆଣିବ। ସେମିତି ଏକ ବନ୍ଧୁତାର ପରିଚୟ ଦେଇଛନ୍ତି ଦୁଇ ବନ୍ଧୁ ଚକ୍ରପାଣି ଏବଂ ଗଦାଧର।

ଗାଁର  ନାମ ବାଲସର। କହିବାକୁ ଗଲେ ବିଭିନ୍ନ ସମ୍ପ୍ରଦାୟର ଲୋକ ବସବାସ କରୁଥିଲେ ଯେମିତି, ବ୍ରାହ୍ମଣ, କରଣ, ତେଲେଙ୍ଗା, କାଲାଞ୍ଜୀ, ଶୁଦ୍ର। ଗାଁରେ ସବୁ ସମ୍ପ୍ରଦାୟର ଅଲଗା ଅଲଗା କୋଠ ଥାଏ, ନିଜ ନିଜ ଆବଶ୍ୟକ ଅନୁସାରେ ସେମାନେ ସମସ୍ତେ ମିଶିକରି ପର୍ବ ପର୍ବାଣୀ କରନ୍ତି। କହିବାକୁ ଗଲେ ଭାଇଚାରାର ଗାଁ ଗୋଟେ।

ଏମିତି ଏକ ସମୟରେ ଗାଁକୁ ଆସିଲେ ମାଷ୍ଟର ହୋଇ ଚକ୍ରପାଣି। ତାଙ୍କର ୪ ଝିଅ ୧ ଟି ପୁଅ। କହିବାକୁ ଗଲେ ଭାରି ଭଲ ମଣିଷଟି। ସ୍ୱଭାବ, ଆଚାର ବ୍ୟବହାର ବହୁତ ଭଲ । ଯେହେତୁ ସେ ବ୍ରାହ୍ମଣ ଲୋକ ଥିଲେ ସେ ଆସି ପ୍ରଥମେ ଗଦାଧରଙ୍କର ପଡିଶା ଘରେ ଭଡ଼ାରେ ରହିଲେ।

ଧିରେ ଧିରେ ଦୁହିଁଙ୍କ ଭିତରେ ସମ୍ପର୍କ ନିବିଡ ହେବାରେ ଲାଗିଲା। ଗଦାଧରଙ୍କର ୩ ଟି ପୁଅ ସହିତ ତାଙ୍କ ବାପା ଓ ମା ସାଥିରେ ରହୁଥିଲେ। ପେଶାରେ ଗଦାଧର ହେଉଛନ୍ତି ପୁରୋହିତ ତାଙ୍କର ବହୁତ୍ ଘର ଜେଜେମାନ ଥିଲା ତେଣୁ ତାଙ୍କୁ ଚାଉଳ, ଲୁଗା ସବୁ ଜିନିଷ ବହୁଳ ପରିମାଣ ରେ ମିଳେ, ସେ ମଧ୍ୟ ସମ୍ପର୍କ ବଢିବା ଯୋଗୁଁ ବହୁତ ସାହାଯ୍ୟ କରନ୍ତି, କାରଣ ଚକ୍ରପାଣି ମାଷ୍ଟରଙ୍କର କୁଟୁମ୍ବ ବଡ଼ କିନ୍ତୁ ସରକାରଙ୍କର ଦରମା କମ ଏବଂ

ISSN NO.
2582-208X

ଅନିମୀୟତାରେ ମିଳେ। ଏମିତିରେ ଦୁଇ ଜଣ ଯାକ ଦୁହେଁଙ୍କୁ କେବେ ଭାଇର ସମ୍ମାନ ଦେଲେ ନିଜେ ଜାଣିପାରିଲେ ନାହିଁ। ଗଦାଧର ସବୁବେଳେ ଚକ୍ରପାଣିଙ୍କୁ ଭାଇନା ଏବଂ ତାଙ୍କ ସ୍ତ୍ରୀ କୁ ଭାଉଜ ଡାକି ଯଥେଷ୍ଟ ସମ୍ମାନ ଦିଅନ୍ତି। ଏମିତି ନୁହେଁ ଖାଲି ସେମାନେ ପିଲା ମାନେ ମଧ୍ୟ ତାଙ୍କୁ କକା, ଖୁଡି, ପିଲା ମାନଙ୍କୁ ନିଜ ଭାଇ ପରି ସ୍ନେହ କରନ୍ତି।

ଏମିତି ଧିରେ ଧିରେ ଚକ୍ରପାଣି ମାଷ୍ଟରଙ୍କର ଭଲ ସ୍ୱଭାବ ଯୋଗୁଁ ବହୁଳ ଜନବସତି ଗାଁରେ ବହୁତ ଲୋକ ତାଙ୍କର ବନ୍ଧୁ ପାଲଟିଗଲେ। ଧିରେ ଧିରେ ଚକ୍ରପାଣି ସେଠୁ ଘର ପରିବର୍ତ୍ତନ କରି ଆଉ ଜଣେ ବନ୍ଧୁଙ୍କର ଘରକୁ ଆସିଗଲେ ଗୋଟେ ସାହି ରୁ ଅନ୍ୟ ସାହିକୁ ପରିବର୍ତ୍ତନ କରିଲେ କିନ୍ତୁ ଗଦାଧରଙ୍କର ସହିତ ସମ୍ପର୍କ ସେମିତି ନିବିଡ ଥିଲା।

କଥାରେ ଅଛି ସମାଜରେ ସମସ୍ତେ ଭଲ ହୋଇଗଲେ ସେତ ରାମ ରାଜ୍ୟ ହୋଇଯିବ। ସେମିତି ସେଇ ଗାଁ ରେ ଭଲ ଲୋକ ମାନଙ୍କର ସଂଖ୍ୟାତ ବହୁଳ କିନ୍ତୁ କିଛି ଖଳ ପ୍ରକୃତିର ଲୋକ ମାନେ ରହୁଥିଲେ ଯୋଉ ମାନେ ନିଜକୁ ସବୁବେଳେ ଉଚ୍ଚ ଦେଖେଇବା ପାଇଁ ଅନ୍ୟ ସହିତ ଗଣ୍ଡଗୋଳ କରିବା, ଅନ୍ୟ ବିଷୟରେ ଏପଟ ସେପଟ କଥା କହିବା, ସଭା ମଝିରେ କଳହ କଲା ଭଳି କଥା କହିବା। ସେମିତି ଏକ ଲୋକ ଥାଏ ଦେବୁଜେନା, ଯିଏ ଚକ୍ରପାଣିଙ୍କର ପଡିଶା ଘରେ ରହୁଥିଲା, ପ୍ରତ୍ୟେକ କଥାରେ ଗୋଡ଼ ମାରିବା ତାର ଅଭ୍ୟାସ କହିଲେ କିଛି ଅତୃପ୍ତି ହେବନାହିଁ।

ଗାଁରେ ଶିବରାତ୍ରି ପୂଜା ପାଇଁ ପ୍ରସ୍ତୁତି ଚାଲିଲା, ଗାଁ ବନ୍ଧ ମାଛ ଧରା ହେବ ସେଥିରୁ ଆଦାୟ ଟଙ୍କାରେ ଧୁମ୍ ଧାମ ରେ ପର୍ବ, ନାଟ ଯାତ୍ରା ହେବ। ଏମିତି ପ୍ରତ୍ୟେକ ବର୍ଷ ହୋଇଥାଏ। ହେଲେ ସେଇ ଗାଁରେ ଗୋଟେ ସାହିର କିଛି ସମାନ ସମ୍ପ୍ରଦାୟର ଲୋକ ଏକାଠି ହୋଇ ରହିଥାନ୍ତି। ସେମାନେ ମାଛ ଧରିବାକୁ ନେଇ ଗଣ୍ଡଗୋଳ ଆରମ୍ଭ କରିଦେଲେ, ହେଲେ ସେମାନଙ୍କ ମନରେ ବିଷ ଭରିବା ଲୋକ ଆଉ କିଏ ନାହିଁ ଦେବୁଜେନା ଏବଂ ତାର ଅନ୍ୟ ପରିବାର ସଦସ୍ୟ ମାନେ।

ଗଣ୍ଡଗୋଳ ଏତେ ତିବ୍ରରୁପ ଧାରଣ କଲାଯେ ଦେବୁ ଜେନା କଥା ଶୁଣି ପ୍ରଥମେ ସେମାନେ ତେଲେଙ୍ଗା ସମ୍ପ୍ରଦାୟର ଲୋକ ମାନଙ୍କୁ ହାଣି ଦେଲେ। ମଣିଷ ପ୍ରକୃତି କ୍ରୁରତାର ଶିକାର ହୋଇ ସେମାନେ ମଧ୍ୟ ଅନ୍ୟ ସମ୍ପ୍ରଦାୟର କିଛି ଲୋକ ହାଣି ଦେଇଗଲେ। ମଣିଷ ହଣାର ନରସଂହାର ଆରମ୍ଭ ହେଲା ଯାହା ଦ୍ୱାରା ଉଭୟ ପକ୍ଷରୁ ୯/୧୦ ଲୋକଙ୍କର ମୃତ୍ୟୁ

ISSN NO.
2582-208X

ହେଇଗଲା। ସେଇ ନରସଂହାରରେ ସ୍ତ୍ରୀ ଲୋକମାନେ ମଧ୍ୟ ସଂପୃକ୍ତ ଥିଲେ ସେମାନେ ମରିଚ ଗୁଣ୍ଡ, କାଚ ଗୁଣ୍ଡ ଫୋପାଡ଼ି ବହୁତ୍ ଲୋକମାନଙ୍କୁ ଆଘାତ କରିଲେ। ସନ୍ଧ୍ୟା ସୁଦ୍ଧା ପୋଲିସ ଆସିବା ଆଗରୁ ଏ ସବୁ ଚାଲିରହିଥିଲା। ଘଡି ଘଡି କାନ୍ଦ ବୋବାଳି ଶୁଭୁଥିଲା ହେଇ ତାଙ୍କୁ ମାରିଦେଲେ, ହେଇ ତାର ବାପାଙ୍କୁ ମାରିଦେଲେ। ହେଟି ଶୁଣୁଛ ସଙ୍ଗାତର ଭାଇକି ମାରିଦେଲେ, ଏମିତି କୋଳାହଳ ଶବ୍ଦ।

ସମସ୍ତେ ଜଗି ବସିଥିଲେ ଗଦାଧର ଆସିଲେ ତାକୁ ହାଣିବେ ବୋଲି କାରଣ ସେ ଜଣେ ଟ୍ରଷ୍ଟି ମେମ୍ବର ଥିଲେ, ତା ସହିତ ସେ କିଛି ଟଙ୍କା ଧାର ନେଇଥିଲେ ଅନ୍ୟ ସମ୍ପ୍ରଦାୟର କୋଠରୁ। ଅନ୍ୟ ସମ୍ପ୍ରଦାୟର ଲୋକ ମାନେ ତାଙ୍କୁ ଜଗି ବସିଥିଲେ କେତେବେଳେ ଆସିବ ଗଦାଧର।

ସେଇ ଦିନ ଚକ୍ରପାଣି ବ୍ଲକ କାମରେ ଚାଲି ଯାଇଥିଲେ ସେ ଫେରିଲା ବେଳକୁ ଏଇ ସବୁ କାଣ୍ଡ ହୋଇ ଯାଇଛି । ସେ ମଧ୍ୟ ବାହାରୁ ଶୁଣିଲେ ଗଦାଧର କୁ ହାଣି ଦେବେ, ସେ ମଧ୍ୟ ବ୍ୟତିବ୍ୟସ୍ତ ହୋଇ ପଡିଲେ। ଏତିକି ଭିତରେ ପୋଲିସ ମାନଙ୍କର ଆଗମନ ହେଇଯାଇଥିଲା ଗାଁ ଭିତରକୁ। ଗଦାଧରଙ୍କର ଭାଗ୍ୟ ଭଲ ଥିଲା ଗାଁ ରେ ଗଣ୍ଡଗୋଳ ଆରମ୍ଭ ହେବା ମାତ୍ରେ ସେ ନିଜ ପୁରୋହିତ କାମ ପାଇଁ ଚାଲିଗଲେ। ତାଙ୍କୁ ବାହାରେ କିଏ ଜଣେଇ ଦେଲାଯେ ଆପଣଙ୍କୁ ଜଗିଛନ୍ତି ହାଣିବା ପାଇଁ। ଗଦାଧର ରାତି ହେବାରୁ ଘରକୁ ନଯାଇ ନିଜ ବନ୍ଧୁ ଘରକୁ ତାଙ୍କର ବାରିପଟରେ ଗଲେ ଅନ୍ଧାରରେ।

ତାଙ୍କୁ ଦେଖିବା ମାତ୍ରେ ଚକ୍ରପାଣି ତାଙ୍କୁ ନେଇ ନିଜର ଘରର ଭାଡ଼ିରେ ଲୁଚେଇ ଦେଲେ। ଏତିକି ଭିତରେ ଗାଁରେ ହାଲା ହୋଇଗଲାଯେ ଗଦାଧରଙ୍କୁ ହାଣି ଦିଆଗଲା। ଗଦାଧର ଘରେ କାନ୍ଦ ବୋବାଳି ପଡ଼ିଗଲାଣି। ଚକ୍ରପାଣିଙ୍କର ଦୁଇ ପଡୋଶୀ ଶତ୍ରୁ ସେମାନେ ଜାଣି ଯିବେ ଯଦି ଆହୁରି ଅନର୍ଥ ହେବ। ଗାଁ ରେ ୧୪୪ ଧାରା ଲାଗିରହିଲା ୭ ଦିନ ଯାଏଁ, ଗଦାଧର ରାତ୍ରି ହେଲେ ବୋହୁପିଲା ସାଜି ବାହାର କେନାଲକୁ ଯାଇ ନିଜ ନିତ୍ୟକର୍ମ କରୁଥିଲେ, ଦିନ ଯାକ ସେଇ ଘରର ଭାଡିରେ ବସି ରହୁଥିଲେ।

ଧିରେ ଧିରେ ପରିସ୍ଥିତି ଶାନ୍ତ ହେବାରୁ ଚକ୍ରପାଣି ଯାଇ ଗଦାଧରଙ୍କର ଘରେ ବୁଢ଼ ବାପାଙ୍କୁ ଜଣାଇ ଦେଲେ ଗଦାଧର ଜୀବିତ ଅଛନ୍ତି ମନରେ କୌଣସି ଡର ରଖ ନାହିଁ। ୫ ଦିନ ଯାଏଁ ସମସ୍ତେ କାନ୍ଦି କାନ୍ଦି ଯୋଉ ଅବସ୍ଥା ଖରାପ ହେଇଥିଲା, ସେଥିରେ କିଛି ଆଶ୍ୱସ୍ତି ମିଳିଥିଲା। ଗଦାଧରଙ୍କର ସ୍ତ୍ରୀ ନିଜେ ଆସି ଥରଟିଏ ଦେଖି ନିଜକୁ ଆଶ୍ୱସ୍ତି ଦେଲେ।

ISSN NO.
2582-208X

ମାତ୍ର ଏଇ ଖୁସି ବେଶୀ ଦିନ ରହିଲାନି, ବାହାରେ ଲୋକ ମାନେ ଜାଣି ଦେଲେ ଯେ ଚକ୍ରପାଣି ରାତିରେ କାହା ସହିତ ଗାଧୋଇବାକୁ ଯାଉଛନ୍ତି, ରାତି ରାତିରେ ଚକ୍ରପାଣି ତାଙ୍କୁ ନେଇ ବାହାରେ ଛାଡ଼ିଦେଲେ ସେ ଗାଁ ଛାଡି ୧୫ ଦିନ ଯାଏଁ ଅନ୍ୟ ଗାଁ ରେ ରହିଲେ ।

ଏତିକି ଭିତରେ ଗାଁରେ ଲୋକ ମାନେ ବହୁତ କିଟିମିଟ ହେଲେ ଚକ୍ରପାଣି ମାଷ୍ଟର କେମିତି ଲୁଚେଇ ରଖିଥିଲା ଗଦାଧରକୁ, ପଡିଶା ଘର ଦେବୁଜେନା ଘର ଗୋଡ଼ କୁଦି ମାଡ଼ ଗୋଳ ଲାଗିବା ପାଇଁ ତତ୍ପର ହେଉଥିଲେ। ଭଲ ଲୋକ ପାଇଁ ସବୁବେଳେ ଭଲ ହୋଇଥାଏ। ଗାଁରେ ପୋଲିସର ଛାଉଣି ଥାଏ ସେଇ ପୋଲିସ ଭିତରେ ଚକ୍ରପାଣିଙ୍କର ଚିହ୍ନିତ ଦୁଇ ତିନୋଟି ଅଫିସର ଆସିଥିଲେ, ସେମାନେ ଘରକୁ ଯିବା ଆସିବା ଦେଖି ଅନ୍ୟ ଲୋକ ମାନଙ୍କର ସାହସ ହେଲା ନାହିଁ କଳି ଲାଗିବା ପାଇଁ। ଧିରେ ଧିରେ ପରିସ୍ଥିତି ଶାନ୍ତ ହେଲା ସାଧାରଣ ଜୀବନ ଯାପନ ଆରମ୍ଭ ହେଲା, ଦୋଷୀ ମାନେ କେତେ ଜଣ ଧରା ପଡ଼ିଲେ, ଆଉ କେତେ ଲୁଚି ରହିଲେ କୋର୍ଟ ରେ କେସ ରେକର୍ଡ ହେଲା। ପୋଲିସ୍ ଦୀର୍ଘ ୫ମାସ ଯାଏଁ ସେଇ ଗାଁ ରେ ଛାଉଣି ପକେଇ ରହିଲେ । ଗଦାଧର ଗାଁକୁ ଫେରିଲେ ନିଜର ପରିବାର ସହିତ ରହିଲେ।

ଏଇ କ୍ରୁର ସମାଜରେ ମଣିଷ ତାର ମଣିଷତ୍ୱ ହଜେଇ ଦେଇଛି, ଗଣ୍ଡଗୋଳରେ ମାମୁଁ ଭଣଜାକୁ ହତ୍ୟା କରିଛି, ପିଲା ଦିନର ସାଙ୍ଗ ସାଙ୍ଗକୁ ହତ୍ୟା କରିଛି, କିନ୍ତୁ ଅଜଣା ଚକ୍ରପାଣି ଏବଂ ଗଦାଧର ଭଳି ଲୋକ ନିଜ ବନ୍ଧୁତାର ପରିଚୟ ଦେଉଛନ୍ତି।

ଆଜି ଯାଏଁ ସେ ଗାଁ ଲୋକ ମାନେ ତାଙ୍କ ଦୁଇ ଜଣକର ବନ୍ଧୁତାର ଚର୍ଚ୍ଚା କରୁଛନ୍ତି। ସମୟ ଏବେ ଗଡି  ଚାଲିଛି ଚକ୍ରପାଣି ଏବଂ ତାଙ୍କ ସ୍ତ୍ରୀ ଆଉ ଏ ଦୁନିଆରେ ନାହାନ୍ତି କିନ୍ତୁ ଗଦାଧର ଏବଂ ସ୍ତ୍ରୀ ସ୍ନେହ ଚକ୍ରପାଣିଙ୍କ  ପିଲାମାନଙ୍କ ପ୍ରତି କମ ହୋଇନାହିଁ।

ସମାଜରେ ବଞ୍ଚିବା ପାଇଁ ନିଜେ କେବେ ହେଲେ ହୃଦୟହୀନ ହେବା ନାହିଁ, ସଦ ହୃଦୟ ହେଇ ବନ୍ଧୁତା ସୃଷ୍ଟି କରି ରହିବା କାରଣ "ମଣିଷ ଆସିଛି ଏ ଦୁନିଆକୁ ଖାଲି ହାତରେ ଚାଲିଯିବ ଏ ଦୁନିଆରୁ ଖାଲି ହାତରେ"।

ଗୌରୀଦେଇପୁର, କୋଦଳା,
ଗଞ୍ଜାମ, ଓଡିଶା, 761032

ISSN NO.
2582-208X

# ଭୁଲି ହୁଏନା



ଅଜୟ କୁମାର ରାଉତ

ନଥିଲା ମୋ ପ୍ରେମର ଛଳନା
ପ୍ରିୟା ତୁମ ପାଇଁ ।
ତୁମକୁ ଭଲରେ ନ ଚିହ୍ନି ପାରି
ଏଠି ମୁଁ ପାଏ କେତେ ଯନ୍ତ୍ରଣା ।
ତୁମର ମିଛ ଭଲ ପାଇବାର ନାଟକ
ଆଜି କରୁଛି ବ୍ୟଥିତ ।
ଯେବେ ମନେ ପଡିଯାଏ ତୁମର କଥା
ଆଖିରୁ ଝରିଯାଏ ଦି ଟୋପା ଲୁହ ।
ମନେ ପଡିଯାଏ ସେହି ପିଲାଦିନର ସ୍ମୃତି
ବୋହୂ ଚୋରି, ବାଲିଘରର ଖେଳ ।
ତୁମର ମିଛ ଅଭିନୟରେ
ମୁଁ ଥିଲି ପାଗଳ ପ୍ରେମିକ ।
କେତେ ଆଶା ଅସୁମାରି
ସାଇତି ରଖିଥିଲି ପ୍ରିୟା ତୁମ ପାଇଁ ।
ତୁମେ ସାଜିଲ ଅନ୍ୟ କାହାର ବଧୂ
ମୁଁ ଆଜି ତୁମ ପାଇଁ ଅଧୁରା ।
ମାସ ପରେ ମାସ ବର୍ଷ ପରେ ବର୍ଷ ବିତିଗଲାଣି,
ତଥାପି ମୁଁ ଆଜି ତୁମ ପାଇଁ ଅଧୁରା ।

ISSN NO.
2582-208X

ମନେ ପଡିଯାଏ ଯେବେ ପୂର୍ବ ସ୍ମୃତି
ହୃଦୟର କୋହକୁ ସମ୍ଭାଳି ହୁଏନି ।
ତୁମକୁ ମୁଁ ଭୁଲି ପାରେନା
କି ଭୁଲି ପାରିବିନି
ଆସୁ ଯେତେ ଝଡ ବତାଶ
ତୁମକୁ ପାରେନା ଭୁଲି ।

ସମ୍ପାଦକ, କଟକ ଲ ଟାଇମିସ୍
ଆଇନଜୀବୀ, ଓଡିଶା ଉଚ୍ଚ ନ୍ୟାୟାଳୟ, କଟକ
ମୋ ୮୨୪୯୪୪୩୦୩୩

ISSN NO.
2582-208X

# ପ୍ରେମିକା



ଦିନେଶ ମେହେର

ଗୋଟେ ଅଜଣା ମୁହୂର୍ତ୍ତ
ଯେଉଁଠି ନିଜର ତମାମ ଯୌବନରେ
ଖେଳି ଯାଏ ଅସୁମାରୀ ସ୍ୱପ୍ନର ପୁଲକ...!

ଦୁଇଟି ଲୁହଭିଜା ଆଖି
ସବୁବେଳେ ନିରିଖି ଦେଖୁଥାଏ
ଏଇ ଏବେ ଏବେ ଟାଇପିଙ୍ଗ୍ କରିଥିବା ମେସେଜ ସବୁ,
ସେଇ ଦିନ
ସେଇ ନିଝୁମ ରାତିର ଲଗ୍ନ
ସେଇ ଶୀତ ସକାଳର ସୁନେଲୀ କିରଣ
ଆଉ ବାଟ ସାରା ଲମ୍ବି ରହିଥିବା ରାସ୍ତା,
ଦୁଇ ହାତ –
ପାପୁଲିରେ ଛନ୍ଦା ଛନ୍ଦି ହେଇ
କେଜାଣି କେତେ ସ୍ୱପ୍ନ ଦେଖିଛି ଯୋଡ଼େ ଆଖି ।

ଜାଣିଛି,
ନିଜର ସମସ୍ତ ସାମର୍ଥ୍ୟକୁ
ନିନ୍ଦିବା ପଛରେ ଅନେକ କଥା ଲୁଚିଛି,
ଲୁଚି ଯାଇଛି ଅନେକ ମୁହୂର୍ତ୍ତସବୁ

ISSN NO.
2582-208X

ଯାହା ବହି ଯାଇଥିଲା
ଗୋଟେ ରୋମାଣ୍ଟିକ ସ୍କ୍ରିପ୍ଟର ଧାରା ଭଳି;

ସେଇ ମୋବାଇଲ କ୍ୟାମେରା,
ଏଇ ମୁହୂର୍ତ୍ତର ମୂକ ସାକ୍ଷୀ,
ଅନ୍ଧାରରେ ଅଣ୍ଡାଳି ଅଣ୍ଡାଳି
କେତେବେଳେ ବିତି ଯାଇଥିଲା ସମୟ,
ପାହି ଯାଇଥିଲା ଅଧରାତି
ତଥାପି ନିଜକୁ ନିଜେ ବଳିଦାନ ଦେଇ
ସ୍ମୃତି ଆହରିବା ଛଡ଼ା ଆଉ କିଛି ଇଛା ବି ନଥିଲା....!

ତୁ ଜାଣୁ,
ଗୋଟେ ଅନ୍ୟମନସ୍କତାରେ
ଅନେକ କିଛି ଘଟଣା ଘଟିଯାଏ,
ଅନେକ କିଛି ହେଇଯାଏ ଅଜାଣତରେ,
ଖେଳିଯାଏ ଶିହରଣ
ଦେହରୁ ହୃଦୟ ସବୁଠି,
ତଥାପି ନାଚାର ଶୋଷିଲା ଓଠ ଦୁଇ....!

ଜୁନାଗଡ଼, କଳାହାଣ୍ଡି
ମୋ - ୮୦୧୮୮୨୮୪୫୬

ISSN NO. 2582-208X

# ହେତୁବାଦର ଆବଶ୍ୟକତା କାହାକୁ ?



ବାଲ୍ମୀକି ନାୟକ

ଅନେକ ଦିନରୁ ମୋ ମନରେ ଗୋଟିଏ ଦ୍ୱନ୍ଦ୍ୱ ରହିଛି – ଆଜି ପର୍ଯ୍ୟନ୍ତ ପୃଥିବୀରେ ଅନେକ ହେତୁବାଦୀ ବିଚାରଧାରାର ବ୍ୟକ୍ତି ବିଭିନ୍ନ ଆଧ୍ୟାତ୍ମିକ ଧର୍ମରେ ସୃଷ୍ଟି ହୋଇଛନ୍ତି। ସେମାନେ ନିଜର ବଳିଷ୍ଠ ତର୍କ, ଐତିହାସିକ ତଥା ଧାର୍ମିକ ତଥ୍ୟ ଓ ବୈଜ୍ଞାନିକ ପ୍ରମାଣ ସହିତ ଜନସାଧାରଣଙ୍କୁ ଭିତ୍ତିହୀନ ବିଶ୍ୱାସ ଏବଂ ଅହେତୁକ ଭୟ ବିଷୟରେ ବୁଝାଉଛନ୍ତି । ସେମାନଙ୍କ ମନରେ ବୈଜ୍ଞାନିକ ଦୃଷ୍ଟିକୋଣର ବିକାଶ କରିବା ପାଇଁ କଠିନ ପରିଶ୍ରମ କରୁଛନ୍ତି ।କେଉଁ ଗୁଡିକଭିତ୍ତିହୀନ ବିଶ୍ୱାସ ବୁଝି ନଥିବା ଲୋକମାନଙ୍କୁ ଆମେ ତିନି ଭାଗରେ ବିଭାଜିତ କରିପାରିବା ।ପ୍ରଥମ: ଅଶିକ୍ଷିତ ଓ କମ ଜ୍ଞାନୀ ବ୍ୟକ୍ତି । ଦ୍ୱିତୀୟ: ଶିକ୍ଷିତ ଏବଂ ତର୍କଶୀଳ ଓ ବିଜ୍ଞାନ ମନସ୍କ ବ୍ୟକ୍ତି । ତୃତୀୟ: ଉଚ୍ଚ ଶିକ୍ଷିତ, ଜ୍ଞାନୀ କିନ୍ତୁ ବୈଜ୍ଞାନିକ ଦୃଷ୍ଟିକୋଣ ନଥିବା ବ୍ୟକ୍ତି ।

ପ୍ରଥମ ଶ୍ରେଣୀର ଲୋକମାନେ ଅପେକ୍ଷାକୃତ ବହୁତ କମ ପରିଶ୍ରମରେ ହେତୁବାଦୀ ବିଚାରଧାରା କ'ଣ ବୁଝିଯା'ନ୍ତି । ତଥ୍ୟ ଓ ପ୍ରମାଣ ସହିତ ତାଙ୍କ ମନରୁ ଭୟ ଦୂର କରିଦେଲେ, ଦେବୀ ଦେବତାଙ୍କୁ ପୂଜା ଅର୍ଚ୍ଚନା ନକରିବା ପାଇଁ ବିନା ଦ୍ୱିଧାରେ ମାନିଯା' ପିଲା ଦିନରୁ ତାଙ୍କ ମନରେ ବାପା, ମାଆ ଓ ଗୁରୁଜନ ମାନେ ଧର୍ମ ବିଷୟରେ କହିଥିବା ଯେତେ ସବୁ କାଳ୍ପନିକ କଥା କାହାଣୀ ସତ ବୋଲି ବିଶ୍ୱାସ କରିଥା'ନ୍ତି । ବଡ ହେଲେ ପାଠ ନପଢିଲେ ମଧ୍ୟ ସେମାନଙ୍କ ମନରେ ରୂଢିବାଦୀ ପ୍ରଥା ଓ ପରମ୍ପରା ଦେଖି ସନ୍ଦେହ ଜାଗ୍ରତ ହୋଇଥାଏ । 'ବିଶ୍ୱାସେ ମିଳଇ ହରି ତର୍କେ ବହୁଦୂର' ସନ୍ଦେହ ଓ ପ୍ରଶ୍ନ କରିବାକୁ ମନା ଥିବାରୁ ସମସ୍ତେ ଚୁପ ଚାପ ସମାଜର ପ୍ରଥାକୁ ପାଳନ କରନ୍ତି । ସେହି ସମୟରେ ଯଦି କେହି ତାଙ୍କ ମନରେ ଉଠିଥିବା ସନ୍ଦେହ ଦୂର କରିଦେଇ ପାରୁଛି, ସେ ତୁରନ୍ତ ନିଜର ଅନ୍ଧବିଶ୍ୱାସରୁ ମୁକ୍ତ ହୋଇ ଯାଉଛି । ସେ ତା'ର ଜୀବନ ସାରା ଆଉ ଆଧ୍ୟାତ୍ମିକ ମାର୍ଗକୁ

ISSN NO.
2582-208X

ଫେରିବ ନାହିଁ । ଧାର୍ମିକ କର୍ମକାଣ୍ଡ କରିବା ପାଇଁ ଅଯଥା ନିଜର ବହୁମୂଲ୍ୟ ସମୟ ଓ ଧନ ନଷ୍ଟ କରିବନହିଁ ।

ଦ୍ୱିତୀୟ ଶ୍ରେଣୀର ଶିକ୍ଷିତ ବ୍ୟକ୍ତିମାନେ ଇଶ୍ୱର ବିଶ୍ୱାସୀ ହେଲେ ମଧ୍ୟ ପୁରାତନ ରୂଢ଼ିବାଦୀ ପ୍ରଥା ଓ ପରମ୍ପରାକୁ ଗୁରୁତ୍ୱ ଦିଅନ୍ତିନାହିଁ । ସେମାନେ କୁହନ୍ତି - ମୁଁ ଇଶ୍ୱରଙ୍କୁ ବିଶ୍ୱାସ କରେ କିନ୍ତୁ ଅନ୍ଧବିଶ୍ୱାସୀ ନୁହେଁ । ସେମାନଙ୍କୁ ହେତୁବାଦୀ ବିଚାରଧାରା ପ୍ରଭାବିତ କରେ । ଧୀରେ ଧୀରେ ସେମାନେ ପ୍ରକୃତିର ରହସ୍ୟ, ବିଜ୍ଞାନର ପ୍ରମାଣକୁ ମୁକ୍ତ ମନରେ ବୁଝି ପାରନ୍ତି । କାଳ୍ପନିକ ଦେବୀ ଦେବତା, ଭୂତ, ପ୍ରେତ, ଆତ୍ମା, ପରମାତ୍ମା, ସ୍ୱର୍ଗ, ନରକ ଆଦି ମିଥ୍ୟା ବିଚାର ବୋଲି ଜାଣି ପାରନ୍ତି । ସେମାନଙ୍କର ବହୁମୂଲ୍ୟ ସମୟ ଓ ଧନ ବଞ୍ଚି ଯାଏ ।

ତୃତୀୟ ଶ୍ରେଣୀର ଉଚ୍ଚଶିକ୍ଷିତ ଲୋକମାନେ ବିଭିନ୍ନ ବିଷୟରେ ଗଭୀର ଅଧ୍ୟୟନ କରି ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟର, ପ୍ରଫେସର, ପ୍ରଶାସନିକ ଅଫିସର ଇତ୍ୟାଦି ପଦବୀ ହାସଲ କରି ପାରନ୍ତି । ସେମାନେ ପିଲା ଦିନରୁ ଯଦି ଇଶ୍ୱର ବିଶ୍ୱାସୀ ହୋଇଥା'ନ୍ତି ତେବେ ହେତୁବାଦୀ ବିଚାରଧାରାକୁ ସହଜରେ ଗ୍ରହଣ କରନ୍ତିନାହିଁ । ସେମାନେ ପାଠ ପଢ଼ିବା ସହିତ ପ୍ରତିଦିନ କିଛି କିଛି ପୂଜା ଅର୍ଚ୍ଚନା ମଧ୍ୟ କରିଥା'ନ୍ତି । ପ୍ରତି ପରୀକ୍ଷାରେ ଭଲ ନମ୍ବର ଆସିଲେ ତା'ର ସଫଳତାର ଶ୍ରେୟ ନିଜକୁ ନଦେଇ ଇଶ୍ୱରଙ୍କୁ ହିଁ ଦିଅନ୍ତି । ଅନେକ ଲୋକ ନିଜର ସଫଳତା ପାଇଁ ମନ୍ଦିରକୁ ଯାଇ ଦାନ ଦକ୍ଷିଣା ଦେଇ ଧାର୍ମିକ କର୍ମକାଣ୍ଡ କରି ବହୁତ ଟଙ୍କା ଖର୍ଚ୍ଚ କରନ୍ତି । ସେମାନଙ୍କ ଆଗରେ ହେତୁବାଦୀ ବ୍ୟକ୍ତି ଅକାଟ୍ୟ ତର୍କ, ତଥ୍ୟ ଓ ବୈଜ୍ଞାନିକ ପ୍ରମାଣ ଉପସ୍ଥାପନ କଲେସେମାନେ ବୁଝି ଅବୁଝା ହୁଅନ୍ତି । କାରଣ ନିଜର ବ୍ୟକ୍ତିଗତ ଅହଂ ଯୋଗୁଁ ଅପ୍ରିୟ ସତ୍ୟକୁ ସହଜରେ ମାନିବାକୁ ପ୍ରସ୍ତୁତ ହୁଅନ୍ତି ନାହିଁ । ପ୍ରଥମେ ନିଜର (ଅନ୍ଧ) ବିଶ୍ୱାସକୁ ସତ୍ୟ ପ୍ରମାଣିତ କରିବାପାଇଁ ବିତଣ୍ଡା ଯୁକ୍ତି କରନ୍ତି। ଯଦି ସେଥିରେ ହାରି ଯାଉଛନ୍ତି, ଶେଷରେ ହେତୁବାଦୀ ବ୍ୟକ୍ତିଙ୍କ ଉପରେ ରାଗିଯା'ନ୍ତି । ଏହାକୁ କୁହାଯାଏ ଧାର୍ମିକ ଅସହିଷ୍ଣୁତା ।

ଏହି ପରିସ୍ଥିତିରେ ମୋର ମତ ହେଉଛି ଯେ ଯେଉଁମାନେ ଶିକ୍ଷିତ ଓ ଧନବାନ, ସେମାନେ ଯାହା ବିଶ୍ୱାସ କରୁଛନ୍ତି କରନ୍ତୁ, ସେମାନେ ଯେତେ ଧନ ନଷ୍ଟ କରୁଛନ୍ତି କରନ୍ତୁ, ସେମାନେ ପୂଜା ପାଠରେ ଯେତେ ମୂଲ୍ୟବାନ ସମୟ ବ୍ୟୟ କରୁଛନ୍ତି କରନ୍ତୁ । ହେତୁବାଦୀ ବନ୍ଧୁମାନେ ତାଙ୍କୁ ବୁଝାଇବା ପାଇଁ ନିଜର ମୂଲ୍ୟବାନ ସମୟ ଓ ଶକ୍ତି ନଷ୍ଟ କରିବା ଉଚିତ ନୁହେଁ ।

ISSN NO.
2582-208X

ସେମାନେ ନିଜକୁ କଟ୍ଟର ଧାର୍ମିକ ବୋଲି ଭାବୁଛନ୍ତି । ସେମାନେ ମାନିବା ବଦଳରେ ଅଯଥା କଳହ ସୃଷ୍ଟି କରିବେ ।

ସମାଜରେ ଯେଉଁ ଗରିବ ଓ ଅଶିକ୍ଷିତ ଭାଇ-ଭଉଣୀମାନେ, ଭ୍ରଷ୍ଟ ରାଜନୈତିକ ନେତା ଏବଂ ଭଣ୍ଡ ଆଧ୍ୟାତ୍ମିକ ଗୁରୁମାନଙ୍କ ଦ୍ୱାରା ଧର୍ମ ନାମରେ ଆର୍ଥିକ, ମାନସିକ ଓ ଶାରୀରିକ ଶୋଷଣର ଶିକାର ହେଉଛନ୍ତି, ହେତୁବାଦୀ ବନ୍ଧୁମାନେ ସେମାନଙ୍କ ଉପରେ ବେଶୀ ଧ୍ୟାନ ଦିଅନ୍ତୁ । ଭାରତର ବହୁସଂଖ୍ୟକ ଓ.ବି.ସି/ଏସ.ସି./ଏସ.ଟି. ବର୍ଗର ଲୋକମାନଙ୍କୁ ହେତୁବାଦର ଆବଶ୍ୟକତା ଅଛି । ସେମାନଙ୍କୁ ସଚେତନ କରାନ୍ତୁ ।ଆଜି ସେହିମାନେ ବହୁ ସଂଖ୍ୟାରେ ଧାର୍ମିକ ମାୟାଜାଲରେ ଛନ୍ଦି ହୋଇ ନିଜର ସବୁ କିଛି ହରେଇ ବସୁଛନ୍ତି । ସେମାନଙ୍କୁ ଉଚ୍ଚ ବର୍ଗର ଧାର୍ମିକ ଲୁଣ୍ଠନକାରୀଙ୍କ ଠାରୁ ଉଦ୍ଧାରକରିବା ପାଇଁ ପ୍ରୟାସ କରନ୍ତୁ ।

ବାଙ୍ଗାଲୋର ମୋ: ୯୪୮୨୦୧୬୨୬୦

ISSN NO.
2582-208X

# ମୃତ୍ୟୁର ଡାକ



ରାଧା ରାଣୀ ରାଉଳ

ଆଜିର ଜୀବନ ଅତିଥି ସାଜିଛି
ଭଂଗା ଏହି କୁଡିଆରେ
ଆଜିର ସମୟ ପ୍ରେରଣା ଦେଉଛି
ଦୁଃଖ ସୁଖ ଭୁଲିଯାରେ ।

କାହାଣୀ ଲେଖୁଛି ବାକି ଭାବନା ମୋ
ହାତରେ କଲମ ଧରି
ନିଶ୍ୱାସ ବି କହେ ଭରଷା ରଖନି
କେତେବେଳେ ଯିବି ଚାଲି ।

ଆଖି ଏଠି କିଛି କହିପାରେ ନାହିଁ
ଢାଳିଦିଏ ଖାଲି ଲୁହ
ମୃତ୍ୟୁର ଡାକକୁ ଶୁଣିବାକୁ ହେବ
ଅଟକାଇବ କିଏ କୁହ ?

କଟିକଟା, ଯାଜପୁର

ISSN NO.
2582-208X

# ମୋ ନାଁ ପର୍ ଶିଶୁ

ପ୍ରେମ୍ ଲାଲ ସାହୁ

ଜନମ ହେବାରୁ  ମୋତେ ସଭିଏଁ
ନେଇଥାନ୍ତି ଆଦରି
ହରଷ ବଦନେ ଭରିଯାଆନ୍ତି
କ୍ରନ୍ଦନ ଶୁଣି ମୋହରି ।
ଦିବା, ନିଶି, ମାସ   ଋତୁ ,ବରଷ
ଚକ୍ରକୁନେଇ ବଢ଼ଇ ଶରୀର ।
କୋକିଳ କଣ୍ଠ ସହ କୋମଳ ତନୁ
ରହିଛି ପାଶେ ମୋହର ।
ଜନମ ହେବାକୁ  ଦେଇଛନ୍ତି ବରଦାନ
ଭଗବାନ ଅବା ଯୀଶୁ
ଧରାତଳେ ମତେ  ଡାକିଥାଆନ୍ତି
ପରିଚୟ ଦେଇ ଶିଶୁ ।
ଷଟ ରିପୁ କେବେ  କରିପାରେନାହି
ମୋ ହୃଦୟେ ବାସ
ସଦା ରହିଥାଏ ବଦନେ ମୋର
ଶୋକ ରହିତ ହସ ।
ବିଦ୍ୟାକୁ ରତନ  ଭାବି ଅର୍ଜନ
କରିଯିବି ମୁହିଁ
ସାଙ୍ଗ ସାଥି ହୋଇ  ଥିବେ ରହି
କଲମ ତଥା ବହି ।
ବାସ ମୋର  ମହକିବ ଚାରିଆଡ଼େ
ସୁମନ ଯେସନେ
କରମ ବଳେ  ଅରଜିବି ନାମ

ISSN NO.
2582-208X

ଶୈଶବ ଜୀବନେ ।
ଦୟା -ଆଲୋକ ବୁଣିଦେବି
ଦୀନଙ୍କ ମୁଖରେ
ଦୁଃଖୀର ଯନ୍ତ୍ରଣା କରିବି ଦୂର
ମୁଚୁକୁନ୍ଦ ହସରେ ।
ଅନଳ ସମ ନାଶିବି ମୁହିଁ
ଦୁର୍ଜନର ସଙ୍ଗ
ପର ଉପକାରେ ଥିବି ରହି
ଥିବା ଯାଏ ତନୁ ଅଙ୍ଗ ।
ଦିଅ ସୁଜନେ ଆଶିଷ ହେବାକୁ ମତେ
ଭବିଷ୍ୟତ ସୁନାଗରିକ
ଧରମ, କରମ ତଥା ନ୍ୟାୟବଳେ
ଦେଶର ରଖିବି ମୁଁ ଟେକ ।
ବାରି ଯେସନ ମେଣ୍ଟାଇବି ଏଠି
ସଭିଙ୍କର ତୃଷା
ସମାଜ କଲ୍ୟାଣ କାମ କରିବି ମୁଁ
ଏହା ଏକମାତ୍ର ଆଶା ।
ଜ୍ଞାନ ଆହରଣ ଜୀବନ କାଳ
ଥିବି ମୁଁ ପିପାସୁ
କାମ ରହିଯିବ ନାମ ରହିଯିବ
ଏହି ଧରା ପୁଣି ହସୁ ।
କରିବାକୁ ସବୁକିଛି ସାମର୍ଥ୍ୟ ଯେ
ଚିତ୍ତେ ମୋର ଆସୁ
ସଭିଙ୍କ ପ୍ରିୟ ଏହି ଅବନୀରେ
ମୋ ନାଁ ପରା ଶିଶୁ ।

ଭାରପ୍ରାପ୍ତ ପ୍ରଧାନଶିକ୍ଷକ
ସରକାରୀ ଉଚ୍ଚବିଦ୍ୟାଳୟ, ତୋର୍ଲା, ନୂଆପଡ଼ା

ISSN NO.
2582-208X

# ପିଲାଙ୍କୁ ଭିତ୍ତିହୀନ ବିଶ୍ୱାସରୁ ଦୂରେଇ ରଖନ୍ତୁ



ମମତା ନାୟକ

ଶିଶୁ ମାତୃ ଗର୍ଭରେ ଥିବା ସମୟରୁ ହିଁ ତାପାଇଁ ଧାର୍ମିକ ଭିତ୍ତିହୀନ ବିଶ୍ୱାସ ମୂଳକ କର୍ମକାଣ୍ଡ ଆରମ୍ଭ ହୋଇ ଯାଉଛି । ଭାରତର ବିଭିନ୍ନ ରାଜ୍ୟରେ ବିଭିନ୍ନ ରୀତିରେ ଗର୍ଭବତୀ ସ୍ତ୍ରୀଙ୍କର ସାତ ମାସ କିମ୍ବା ନଅ ମାସ ବେଳେ ଗୋଟିଏ ଉତ୍ସବ ପାଳନ କରାଯାଏ । ଉତ୍ତର ଭାରତରେ ଏହାକୁ ଗୋଦ ଭରାଇ କୁହନ୍ତି । ଦକ୍ଷିଣ ଭାରତରେ ସୀମନ୍ତ ବା ବଲେକପୁ କୁହନ୍ତି । ବାଙ୍ଗାଲ ଓ ଓଡ଼ିଶାରେ ଶାଧଖିଆ ବୋଲି କୁହନ୍ତି । ଏହି ସମୟରେ ସ୍ତ୍ରୀଙ୍କୁ ବନ୍ଧୁ ବାନ୍ଧବଙ୍କ ଗହଣରେ ସ୍ତ୍ରୀଙ୍କୁ ସ୍ୱାଦିଷ୍ଟ ଭୋଜନ ଖୁଆଇ କିଛି ଉପହାର ମଧ୍ୟ ଦିଆଯାଏ ।

ନବ ଜାତ ଶିଶୁର ଜନ୍ମ ପୂର୍ବରୁ ହିଁ ଅନେକ ପ୍ରକାର ଅନ୍ଧ ବିଶ୍ୱାସୀ ପରମ୍ପରା ପାଳନ କରନ୍ତି। ଗୋଦ ଭରାଇ ସମୟରେ ବିଭିନ୍ନ ପ୍ରକାର ଅନାବଶ୍ୟକ ପ୍ରଥା ପାଳନ କରାଯାଏ । ଗର୍ଭବତୀ ମହିଳାଙ୍କୁ ସୂର୍ଯ୍ୟ ପରାଗ ଓ ଚନ୍ଦ୍ର ଗ୍ରହଣ ସମୟରେ ଘର ବାହାରକୁ ଯିବା ମନା କରାଯାଏ । ବାସ୍ତବ ଜୀବନରେ ସୂର୍ଯ୍ୟ ପରାଗ ଓ ଚନ୍ଦ୍ର ଗ୍ରହଣ ଭଳି ଗୋଟିଏ ଭୌଗଳିକ ଘଟଣାର କୌଣସି ପ୍ରଭାବ ପଡେନାହିଁ । ଶିଶୁର ଜନ୍ମ ସମୟକୁ ନେଇ ଅନେକ ପ୍ରକାର ଶୁଭ ଅଶୁଭ ଘଟଣାର କଳ୍ପନା କରନ୍ତି । ଜନ୍ମ ସ୍ଥାନ, ସମୟ, ଦିନ, ମାସ, ବର୍ଷ ଆଦିକୁ ନେଇ ତା'ର ଜନ୍ମ ପତ୍ରୀ ବା ଜାତକ ଲେଖାଯାଏ । ଶିଶୁର ନାମ କରଣ ପାଇଁ ବ୍ରାହ୍ମଣ ଆସି ପୂଜା ପାଠ କରି ଯେଉଁ ଅକ୍ଷର ଅନୁସାରେ ନାମ ଦିଅନ୍ତି ତାହା ପରିବାର ଲୋକ ଖୁସିରେ ଅସଲ ବା ମୂଳ ନାମ ଗ୍ରହଣ କରନ୍ତି । ପରେ କିନ୍ତୁ ଅନ୍ୟ ଏକ ଶ୍ରଦ୍ଧା ନାମ ଡାକିବା ପାଇଁ ରଖନ୍ତି । ଶିଶୁକୁ କାହାର ମନ୍ଦ ନଜର ଲାଗିଯିବାର ଏକ ଭିତ୍ତିହୀନ ବିଶ୍ୱାସ ଯୋଗୁ ତା'ର ମୁହଁର ବିଭିନ୍ନ ଜାଗାରେ କଳା ଟୀକା ଲଗେଇ ଦିଅନ୍ତି । ବେକରେ, ଅଣ୍ଟାରେ ମନ୍ତ୍ରସିଦ୍ଧ ତାବିଜ, ତେଉଁରିଆ ଆଦି ବାନ୍ଧି ଦିଅନ୍ତି । ଶିଶୁ ପାଠ ପଢିବା ପାଇଁ ଶୁଭ ଦିନ ଖୋଜା

ISSN NO.
2582-208X

ଯାଏ। ଜ୍ୟୋତିଷ ଶାସ୍ତ୍ରର ଗଣନା ଅନୁସାରେ ଜ୍ୟୋତିଷମାନେ ଶିଶୁର ପୁରା ଜୀବନର ହିସାବ ଲେଖି ଦିଅନ୍ତି । ସେ ବଡ ହୋଇ କ'ଣ ହେବ, ଦୁଃଖୀ ହେବ କି ସୁଖୀ ହେବ, ଧନୀ ହେବ କି ଗରିବ ହେଇ ରହିବ, ତା'ର ବିବାହିତ ଜୀବନ ସଫଳ ହେବ କି ନାହିଁ ? ଏପରିକି ସେ କେତେ ବର୍ଷ ବଞ୍ଚି ରହିବ ଲେଖି ଦିଅନ୍ତି ।

ସେହି ଜାତକକୁ ସତ ବୋଲି ବିଶ୍ୱାସ କରୁଥିବା ଲୋକମାନେ ଜୀବନରେ ସାମାନ୍ୟ ବିଶୃଙ୍ଖଳା ଦେଖା ଦେଲେ ସିଧା ଜ୍ୟୋତିଷ ପାଖକୁ ଦୌଡିଯା'ନ୍ତି । ମଣିଷର ଏହି ଦୁର୍ବଳତା ଦେଖି ଜ୍ୟୋତିଷ ଖୁବ ଚତୁରତା ସହିତ ସମସ୍ୟାର ସମାଧାନ କରିଦେବା ପାଇଁ ଅବାନ୍ତର କର୍ମକାଣ୍ଡ କରିବାକୁ ବାଧ୍ୟ କରନ୍ତି । ଯାହା ଦ୍ୱାରା ଗ୍ରାହକ ଅଯଥା ଧନ ଓ ସମୟ ବରବାଦ କରନ୍ତି ।

ପରିବାରରେ ପ୍ରତ୍ୟେକ ଦିନ, ମାସରେ ପାଳନ କରା ଯାଉଥିବା ଅବୈଜ୍ଞାନିକ ପୂଜା, ପର୍ବ ଆଦି ଧାର୍ମିକ କର୍ମକାଣ୍ଡ ଦେଖି ଶିଶୁ ମନରେ ବହୁତ ମନ୍ଦ ପ୍ରଭାବ ପଡୁଛି । ପ୍ରତିବର୍ଷ ପିତୃ ଶ୍ରାଦ୍ଧ ସମୟରେ ଯେଉଁ ପିଣ୍ଡଦାନ ଆଦି କର୍ମକାଣ୍ଡ କରାଯାଏ ତାହାର ଅସଲ କାରଣ ଶିଶୁ ବୁଝି ପାରେନାହିଁ । ପ୍ରଶ୍ନ କଲେ ମଧ୍ୟ କେହି ସନ୍ତୋଷ ଜନକ ଉତ୍ତର ଦିଅନ୍ତିନାହିଁ । କାହାର ମୃତ୍ୟୁ ପରେ ଘରେ ହେଉଥିବା ପ୍ରେତ କର୍ମକାଣ୍ଡ ଦେଖି ପିଲାମାନଙ୍କ ମନରେ ଭୂତ ପ୍ରେତ ଭୟ ବୃଦ୍ଧି ପାଇଥାଏ । ବାପା ମାଆ କହି ଦିଅନ୍ତି – ଏସବୁ ଧାର୍ମିକ ପ୍ରଥା ଆମକୁ ପାଳନ କରିବା ବାଧ୍ୟତା ମୂଳକ। ଏହା ଉପରେ ତର୍କ କରିବା ଅନୁଚିତ । ତୁ ବଡ ହେଲେ ସବୁ ବୁଝି ପାରିବୁ । ଠିକ ସମୟରେ ଠିକ ଭାବେ ପାଳନ ନକଲେ ଘର ଓ ପରିବାରର ବହୁତ କ୍ଷତି ହୁଏ ।

ଏହା ଦ୍ୱାରା ଶିଶୁକୁ ମାନସିକ ପଙ୍ଗୁ ବନେଇ ଦିଅନ୍ତି । ବାପା ମାଆଙ୍କ ଦାୟିତ୍ୱ ହେଉଛି ପିଲାଙ୍କୁ ଉପଯୁକ୍ତ ଖାଦ୍ୟ ଖୁଆଇ ସୁସ୍ଥ ରଖନ୍ତୁ । ଜ୍ଞାନ ବର୍ଦ୍ଧକ ବିଷୟ ପଢିବାକୁ ପ୍ରୋତ୍ସାହିତ କରନ୍ତୁ । ସମସ୍ତ ପ୍ରକାର ଅନ୍ଧ ବିଶ୍ୱାସ ଠାରୁ ଦୂରେଇ ରଖନ୍ତୁ । ସେମାନଙ୍କ ମନରେ ବୈଜ୍ଞାନିକ ଦୃଷ୍ଟିକୋଣର ବିକାଶ କରନ୍ତୁ । ସେମାନେ ବଡ ହେଲେ ଆତ୍ମବିଶ୍ୱାସୀ ହୋଇ ସଫଳତା ପ୍ରାପ୍ତ କରିବେ ।

ବାଙ୍ଗାଲୋର
ମୋ: ୮୧୪୭୨୨୦୮୭୪୬

ISSN NO.
2582-208X

# ଭୁଲେଇ ଦେଇଛି ଆଜି....



ପ୍ରିୟଙ୍କା ରାଉତ

ସୁଖ ପରେ ଦୁଃଖ, ଦୁଃଖ ପରେ ସୁଖ
ଦୁନିଆ କହେ ଯେ ଆମକୁ।
ଭୁଲେଇ ଦେଇଛି ଆଜି ସେ ଦୁଃଖ କୁ
ଯାହା ପାଇଁ ସୁଖ ଆସୁନଥିଲା ମୋ ପାଖକୁ ।।

କହିଦେଇଛି ମୁଁ ସେ ଦି'ଜଣଙ୍କୁ
ଯଦି ଆସିବ ମୋ ପାଖକୁ।
ସମାନ ଭାଗରେ ଦି - ଅଂଶ ହୋଇ
ବାଣ୍ଟି ଦେଇଯିବ ଏ ଦୀନ ଦୁଃଖି କୁ।।

ସୁଖ ରେ ଥିଲେ ଦୁନିଆ ସହେନା
ସୁଖ କୁ ଦୁଃଖରେ ପରିଣତ ପାଇଁ
ଖୋଜେ ଖାଲି ନୂଆ ନୂଆ ବାହାନା।
ଦୁଃଖ ରେ ଥିଲେ ସାଥିରେ ଅଛି ବୋଲି
ବାର୍ ବାର୍ କରନ୍ତି ଛଳନା।

ସେଥିପାଇଁ ଭୁଲେଇ ଦେଇଛି ଆଜି ସେ ସୁଖକୁ
ଯାହା ପାଇଁ ଦୁଃଖ ଆସୁନଥିଲା ମୋ ପାଖକୁ।।।

ଗ୍ରାମ - ଗୁଡଭେଳ ପଦର
ଜିଲ୍ଲା - ବୌଦ୍ଧ

ISSN NO.
2582-208X

# ମୁଁ ନୁହେଁ...



ପଦ୍ମନାଭ ରଥ

ନୁହଇ ମୁଁ ତୁମ ଯୌବନ ପ୍ରେମୀ
        ଅଟଇ ମୁଁ ତୁମ ଚରିତ୍ର ର ସ୍ୱାମୀ ।
ନୁହଇ ମତି ମୋ ରତି ରସଗାମୀ
        ଅଟ ତୁମେ ମୋର ଚାରୁ ଚିତ୍ରିଣୀ ।
ନୁହଇ ଏହା  ମୋ ବୟସ ର ଦୋଷ
        ହୃଦୟ ବିଚ୍ଛରା କରିବ ହେ କିଷ  ।

ଦେଖେନା ମୁଁ ତୁମ ରୂପର ସୌନ୍ଦର୍ଯ୍ୟ
        ଅବଶ୍ୟ ଦେଖେ ମୁଁ ତୁମ ହୃଦୟର କାର୍ଯ୍ୟ ।
ଦେଖେନା ମୁଁ ତୁମ ଭୋଗ  ବିଳାସ କୁ
        ଅବଶ୍ୟ ଦେଖେ ମୁଁ ତୁମ ମନର ଭାବ କୁ  ।
ଦେଖେନା ମୁଁ ତୁମ ଅଙ୍ଗର ଭଙ୍ଗି କୁ
        ଅବଶ୍ୟ ଦେଖେ ମୁଁ ତୁମ ଅଚ୍ଚାର ବ୍ୟବହାର କୁ ।

ଚାହେଁନା ମୁଁ ତୁମ ଧନସମ୍ପତି କୁ
        ଚାହୁଁଛି ମୁଁ ତୁମ ସମର୍ପିତ ଭାବ କୁ ।
ଚାହେଁନା  ମୁଁ ତୁମ ଦେଖାଣିଆ ଭାବ
        ଚାହେଁ ମୁଁ ତୁମ ଆନ୍ତରିକ ଭାବ  ।
ଚାହେଁନା ତୁମକୁ ମୁଁ କରିବାକୁ ବନ୍ଧନ
        ଚାହୁଁଛି ତୁମକୁ ମୁହି ଆଜି ଦେବାକୁ ସ୍ୱାଧୀନ ।

ISSN NO.
2582-208X

ଜାଣେନା ତୁମକୁ ମୁଁ ତୁମେ କେଉଁ ଭଳି ନାରୀ
        ରହିବ କି ପାଶେ ମୋ ଜଗତ ପାଶୋରି ।
ଜାଣେନା ମୁଁ ତୁମେ ଅଟ ପରୀ କି ଅପସରି
        କରିବ କି ମୋ ଘର କୁ ତୁମେ ସ୍ୱର୍ଗପୁରୀ ।
ଜାଣେନା ତୁମେ ମୋର ହୋଇବ କି ନାହିଁ
        ହୋଇଲେ ପ୍ରେମର ବାଜୀ ଜିତିବି ହେ ମୁହିଁ ।

((()))

ISSN NO.
2582-208X

# ଭାଗବତ କଥା- ୨୬



ନରେନ୍ଦ୍ର ପ୍ରସାଦ ବେହେରା

## ମହାରାଜା ପରୀକ୍ଷିତଙ୍କୁ କିଏ କେଉଁ ପୁରାଣ କଥା ଶୁଣାଇ ଥିଲେ

କଳି-କଳୁଷ ନିବାରଣ ନିମନ୍ତେ ଶୌନକାଦି ଋଷିଗଣ ନୈମିଷାରଣ୍ୟରେ ଏକତ୍ରୀତ ହୋଇ ବହୁଦିନ ବ୍ୟାପୀ ଏକ ଯଜ୍ଞାନୁଷ୍ଠାନ ଆରମ୍ଭ କରନ୍ତି । ଏହି ସମାବେଶରେ ଉପସ୍ଥିତ ହୁଅନ୍ତି ରୋମହର୍ଷଣ ମୁନିଙ୍କ ପୁତ୍ର ସୂତ-ଉଗ୍ରଶ୍ରବା । ତାଙ୍କୁ ଆଦର ଅଭ୍ୟର୍ଥନା ପୂର୍ବକ ଆସନରେ ବସାଇ ଋଷିଗଣ ତାଙ୍କଠାରୁ ହରିକଥା ଶୁଣିବାକୁ ଇଛାପ୍ରକାଶ କରନ୍ତି । ବିଶେଷତଃ ବସୁଦେବ-ଦେବକୀଙ୍କର ପୁତ୍ର ରୂପେ ଜନ୍ମ ହୋଇ ଭଗବାନ ଶ୍ରୀକୃଷ୍ଣ ଯେଉଁସବୁ ମର୍ତ୍ତ୍ୟଲୀଳା କରିଥିଲେ, ତାହା ଶୁଣିବାକୁ ଆଗ୍ରହ ପ୍ରକାଶ କଲେ ।

ଗଙ୍ଗାନଦୀ କୂଳରେ, ଅଭିଶାପଗ୍ରସ୍ତ ରାଜା ପରୀକ୍ଷିତଙ୍କୁ ବ୍ୟାସପୁତ୍ର ଶ୍ରୀଶୁକଦେବ ଯେଉଁ ଭାଗବତ ପ୍ରସଙ୍ଗ ଶୁଣାଇଥିଲେ, ସେଠାରେ ନିମନ୍ତ୍ରିତ ଥିବା ଋଷିମାନଙ୍କର ସମାବେଶରେ ସେ ଉପସ୍ଥିତ ଥାଇ ଯାହା ଶ୍ରବଣ କରିଥିଲେ ଏବଂ ତାହା ତାଙ୍କର ମୁଖସ୍ଥ ଥିବାରୁ, ସୂତମୁନି ଶୁଣାଇବାକୁ ଆରମ୍ଭ କଲେ । ସେ କହିଲେ, ହେ ମୁନିଗଣ, ଆପଣମାନେ ଏକ ଅତି ଉତ୍ତମ ପ୍ରସଙ୍ଗ ଉପସ୍ଥାପନ କରିଛନ୍ତି । ହରି କଥାରେ ଶ୍ରଦ୍ଧା ନ ହେଲେ, ସକଳ ଅନୁଷ୍ଠାନ ହିଁ ବୃଥା ଶ୍ରମ ମାତ୍ର । ସକଳ ବେଦର ପ୍ରତିପାଦ୍ୟ ବାସୁଦେବ, ସକଳ ଯଜ୍ଞର ଲକ୍ଷ୍ୟ ବାସୁଦେବ, ସକଳ ଯୋଗର ଲକ୍ଷ୍ୟ ବାସୁଦେବ ଏବଂ ଜ୍ଞାନ, ତପସ୍ୟା ଓ ଧର୍ମ ବାସୁଦେବଙ୍କଠାରେ ହିଁ ନିହିତ ।

ISSN NO.
2582-208X

ସୂତମୁନି କହିଲେ, ହେ ମୁନିଗଣ, ବାସୁଦେବ ଶ୍ରୀକୃଷ୍ଣ ହିଁ ଲୀଳାମୟ ଶ୍ରୀହରି, ଯିଏ କି ଯୁଗେ ଯୁଗେ ଅବତାର ରୂପେ ଧରାଧାମରେ ଅବତୀର୍ଣ୍ଣ ହୁଅନ୍ତି । ମହାମତି ବ୍ୟାସଦେବ ଶ୍ରୀଭଗବାନଙ୍କର ଲୀଳାକଥା ଏହି ଭାଗବତ ପୁରାଣ ରଚନା କରିଥିଲେ ଏବଂ ପୁତ୍ର ଶୁକଦେବଙ୍କୁ ତାହା ଶିକ୍ଷା ଦେଇଥିଲେ । ଶ୍ରୀକୃଷ୍ଣଙ୍କ ତିରୋଧାନ ପରେ ଏହି କଳିଯୁଗର କଳୁଷ କାଳିମା ସଂସାରରେ ବ୍ୟାପିଯାଇଥିବାରୁ ଭାଗବତ ପୁରାଣ ହିଁ ଜ୍ଞାନସୂର୍ଯ୍ୟର ଆଲୋକ ପ୍ରଦାନ କରିଛି । ଶ୍ରୀଶୁକଦେବ, ମହାରାଜା ପରୀକ୍ଷିତଙ୍କୁ ଏହି ପୁରାଣ କଥା ଶୁଣାଇଥିଲେ। ମୁଁ ସେଠାରେ ଉପସ୍ଥିତ ଥାଇ ଯାହା ଅବହିତ ହୋଇଥିଲି, ତାହା ଆଜି ଆପଣମାନଙ୍କ ନିକଟରେ କୀର୍ତ୍ତନ କରୁଛି, ମନଦେଇ ଶୁଣନ୍ତୁ । ଅବତାର--ସୃଷ୍ଟି ଆରମ୍ଭରେ ଭଗବାନ ଲୋକ-ସୃଷ୍ଟି ନିମନ୍ତେ ପଞ୍ଚ ଜ୍ଞାନେନ୍ଦ୍ରିୟ, ପଞ୍ଚ କର୍ମେନ୍ଦ୍ର, ପଞ୍ଚ ମହାଭୂତ ଓ ମନ, ଏହି ଷୋଳଟି ଅଂଶରେ ଖଚିତ ପୁରୁଷ ମୂର୍ତ୍ତି ଧାରଣ କରନ୍ତି । ସେହି ପରମ ପୁରୁଷ ବିଷ୍ଣୁ ହେଉଛନ୍ତି ସମସ୍ତ ଅବତାରଙ୍କ ଉତ୍ସସ୍ଥଳ । ସାଧାରଣତଃ ଦଶଟି ଅବତାର କଥା ଆମେ ଜାଣୁ । କିନ୍ତୁ ଭାଗବତ ୨୪ଟି ଅବତାରଙ୍କ କଥା ଉଲ୍ଲେଖ କରି ମଧ୍ୟ, ତାପରେ ଯୋଗ କରିଛନ୍ତି ଅନ୍ୟ ଅବତାରଙ୍କ କଥା । ଅକ୍ଷୟ ସରୋବରରୁ ଜଳସ୍ରୋତମାନ ନିର୍ଗତ ହେବାପରି, ସୃଷ୍ଟିର ଉତ୍ସସ୍ଥଳ ଶ୍ରୀହରିଙ୍କଠାରୁ ଅସଂଖ୍ୟ ଅବତାର ଆବିର୍ଭୂତ ହୁଅନ୍ତି । କେହି କେହି ତାଙ୍କର ଅଂଶ, ଆଉ କେହି କେହି ତାଙ୍କର କଳା ବା ବିଭୂତି । କିନ୍ତୁ ଶ୍ରୀକୃଷ୍ଣ ହେଉଛନ୍ତି ସ୍ୱୟଂ ଭଗବାନ । ସେ ଯୁଗେ ଯୁଗେ ଅବତୀର୍ଣ୍ଣ ହୋଇ ଦୈତ୍ୟପୀଡିତ ଧରା ଓ ଲୋକମାନଙ୍କୁ ରକ୍ଷା କରନ୍ତି । ସାଧାରଣତଃ ଯେଉଁ ଦଶଟି ଅବତାରଙ୍କ କଥା କୁହାଯାଏ, ସେମାନେ ହେଲେ: ମତ୍ସ୍ୟ, କୂର୍ମ, ବରାହ, ନରସିଂହ, ବାମନ, ପରଶୁରାମ, ରାମଚନ୍ଦ୍ର, ବଳରାମ, ବୁଦ୍ଧ ଓ କଳ୍କି । କିନ୍ତୁ କେଶବ ହିଁ ଏହି ସବୁ ଅବତାର ରୂପ ଧାରଣ କରିଛନ୍ତି ।

ସଂଗ୍ରାହକ-ନରେନ୍ଦ୍ର ପ୍ରସାଦ ବେହେରା,
ସମ୍ପାଦକ - ମୋ ଅନୁଷ୍ଠାନ, ଆଳଦା, ଖଇରା,
ବାଲେଶ୍ୱର, ମୋ—୯୮୫୩୧୪୨୫୧୦

ISSN NO.
2582-208X

# ଆଞ୍ଚଳିକ

ଡିସେମ୍ବର - ୨୦୨୫
www.vedantimagazine.com

ISSN NO.
2582-208X

# ଭଡାଘର୍



ସତ୍ୟନାରାୟଣ ମିଶ୍ର

ମତେ ତୁଇ କାଁ ଯେ ଭାବସୁ ଏତେ ନିଜର୍
କାଁ ଯେ ସଜେଇ ଦେସୁ ଏତେ ସୁନ୍ଦର କରି ?
ରେସ୍ମି ଚିକନ୍ ପର୍ଦା ସଂଗେ ରଙ୍ଗବିରଙ୍ଗି ଝୁଲେର୍
ରକମ ରକମ ଧୂପଖାଡି ଜଲେଇ
କାଁ ଯେ ଚଂଚଲ୍ କରସୁ ମୋର୍ ଉଦାସ ମନ କେ ?
ଯେତେ ଯାହାକଲେ ତୁଇ ମୋର୍ କି
ମୁଇଁ ତୋର ନିଜର୍ ହେମା ଭାଏଲ୍ ଯେ !
ତୋର ବାଗିର ତ କେତେ ଆସିଆସି ଭାଗଲେ ନ
ମୋର୍ ଇ ଅଭାଗା ଗାଗର୍ ନୁ
କେତେ ମାୟା ମହନି ଜୁରି କରି
ସୁଖର ସପନ ଦେଖି ଦେଖି କରି
ଖିଲି ଖିଲେଇ ହସି ଗିଜ୍ରି କରି ତ
ଜୀବନ ଜିଇଁବାର୍ ଅଙ୍କ କଷି କଷି କରି ।

କେଭେଁ ତାଙ୍କର୍ ହସି ର୍ ମାଢ଼େ ଉତକୁ ଥିଲି ମୁଇଁ
ଆରୁ କେଭେଁ ଦୁଃଖ ର୍ ଲହ ଥି ଉହୁଲି ଯାଏସି
ମୋର୍ ପଥର ହୃଦ୍
ଦୁଃଖର ହଉ କି ସୁଖ ର୍
ସବୁବେଲ ର୍ ମୁଇ ଏକା ସାକ୍ଷୀ ।

ISSN NO.
2582-208X

ହେଲେ, ନା ମୁଇଁ କାହାର ନିଜର ହେଲି
ନା କିଏ ମୋର୍ ନିଜର୍ ହେଇ ପାରିଛେ !
ବଡା ହିନୀମାନି ମୋର୍ କରମ୍ କପାଲ୍
ଯାହାର ନାଁ ଥି ମୋର୍ ନାଁ ର୍ ଠିକାନାପତର୍
ସେ ତ ମୋର୍ ସଉଦା କରୁ ସୌଦାଗର୍
ଆର୍ ମୁଇ ଯେ ଦରମରା ହୁରୁଦ୍ ଛିଡା "ଭଡାଘର୍

mishrasatyanarayan1962@gmail.com

ISSN NO.
2582-208X

# ବଡ଼ମା

ବହ୍ନି କନ୍ୟା ପାର୍ବତୀ ଗିରି


ରାକେଶ ବାଘ

ଇ ମାଏଟ୍ କେ ଦେଲେ ଇଁଟ୍'ରେଇ
କହଁର୍ କେତେ କହଁରେ,
ମଗ୍ ମଗାଲେ ହେ ସେବାର୍ କହଁର୍
ଇ ମାଏଟ୍ ଫେର୍ ସୁହୁଁରେ ।

ପାର୍ବତୀ ଗିରି ନାଁ ଶୁନ୍'ଲେ
ସେବା ଶୁଭେ ଅଧାବାଟୁଁ,
ଚିତର୍ ହେଇ ଡଗୋ ଡଗୋ ଦେଖେ
କାଁଥିର୍ ଉପ୍'ରେ ଫଟୁ ।

ସ୍ୱାଧୀନ୍ ଲାଗି ଇ ଦେଶର୍ ଖେତେ
ପଡ଼ିଥିଲା ଯେଭେଁ ମର୍'ଡି,
ଅଁଟା ଭିରାଭିରି ଆଏଲେ ଆଗ୍'କେ
ତ୍ୟାଗ୍ କେ ଦେଇ ଉର୍'ଡି ।

ଉର୍'ଗୁଡେଇ ସାହାଁସ୍ କେ ହାତେ
ଦମ୍ ଦେଇ ହେଲେ ବାହା,

ISSN NO.
2582-208X

ସେବାର୍ ମନ୍ତର୍ ମାରିକରି ଛନେ
ଗରିବ୍ କେ ହେଲେ ସାହା।

ସକାଳେଁ ଫୁଟ୍'ଲେ ଅକାଳେଁ ଝଡେ
ସଭେ ଜାନିଛନ୍ ହେଟା,
ହେଲେ ଛୁଆପୁତା ଭି ନାଇଁ ଜାନ୍'ବାର୍
ସେ ବଡ଼ମା ଆମର୍ କେନ୍'ଟା ?

ହେ ଇସ୍କୁଲ୍ ପଢ଼ା ଖାତା ପତ୍'ରେ
ନାଇଁ ଯଦି ଦେବେ ଠାନ୍,
ଇ ଛୁଆ ଜାନ୍'ବା କେନ୍'ତି କହ
ଗୁରୁ ନାଇଁ ଦେଲେ ଗିଆନ୍ ।

ପଞ୍ଚମହଲ୍, ଉଲୁଣ୍ଡା, ସୁବର୍ଣ୍ଣପୁର୍
6370823422

ISSN NO.
2582-208X

# ଭାବର୍ ବାଏଝାଲି



ସୁନୀଲ କୁମାର ଅଗସ୍ତି

ତମର୍ ଛିଁବାର୍ ପତେ
କଥା ନି' ଯାଏ,
ତମର୍ ଦେଖଲା ଧାପ୍
ଅବଗା ଗନ୍ଧରୀ ଗଲେ
ଚହଟେଇ ଦେସି
ମଲିଫୁଲର୍ ବାସ୍ ବାସନା,
ତମର୍ କେରେନ୍ ନଜରର୍ ମୁଁହୁଁ
ଦେଖବାର୍ ପତେ କଥା ନି' ଯାଏ,
ତମକେ ସୋର୍ କଲା ଧାପ୍
ମନ୍ ଗାଗରେ ଆଏସି ବୁଏଡ୍
ଝଲ୍ ଝଲ୍ ଦିସି ଯାଏସି
ତମର୍ ସେ ଚହଟେନ୍
ମଲିଫୁଲର୍ ଗଜରା,,

********

ଟିଟିଲାଗଡ, ବଲାଙ୍ଗୀର
ମୋ/୯୪୩୭୨୧୦୮୮୭

ISSN NO.
2582-208X

# ଭାଜୁରକୁଟୁର୍



ଗଜାନନ ମିଶ୍ର

କାଣା କେନ୍ତା
ଦେରେନ୍ ଜେଠେନ୍
ନେଇଁ ହେବାର କହି!
ଦୁତି ଠେଟେଲ୍ ଗଦା ସଭେ
ସରି ସରି ଆଏଲାବେଲକେ।
ନେଇଁ ଭାଗ ନେଇଁ ଭାଗ କିହେ।

ଠାନ୍ ଛାଡଲେ ନେଇଁ ପ କିଛୁ ଆରୁ,
ପାତରଅନ୍ତର ନେଇଁ ନ ଇ ଠାନେ।
କହେବ କାଣା ଏତକିବେଲକେ
ସୁତରେଇମାରଲେ ଠୋ ଇନୁ।
ଭାଜୁରକୁଟୁର ଇନେ ହେନେ
ହେମାନକର କାଜେନ
ଜନା ହେଟା।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର ଜିଲ୍ଲା

ISSN NO.
2582-208X

# ମୁଇଁ ଗରିବ୍ ଗୃଷି



ପ୍ରବିଣ ମାଝୀ

ସୁଖର୍ ଭିତ୍ରେ ଦୁଃଖ୍ ରହିଛେ ଆଖିର୍ ଭିତ୍ରେ ଲୁହ,
କାହାକେ କହେମି ମନର୍ କଥା ମୁଇଁ ପରେ ଚାଷୀ ଘରର୍ ପୁଅ ।୧।

ମେଘ୍ ରାନୀ ସାଙ୍ଗେ ବାଦଲ୍ ରଡ଼ି ଆଏସି ଯେବେ ଛୁଇଁ,
ତତ୍ଲା ମାଟିର୍ ମହକ ମହକି ଯାଏସି ପହେଲା ବର୍ଷା ପାଇ ।୨।

ଡାକ୍ଲେ ଗଞ୍ଜା ଯାଏସି ଧରି ହଲ୍ ନଙ୍ଗଲ୍ ସାଙ୍ଗେ ଯୁଆଡ୍,
ସମଲପୁରୀ ଗୀତ୍ ସାଙ୍ଗେ ସାଙ୍ଗେ ଦୁହୁଲି ଯାଉଥିସି ପୁରା ବାହାଲ୍ ।୩।

ଉଦ୍ ଲେ ବେଲ୍ ଆଏସି ବୁଢି ଆନିକରି ବାସି ପଖାଳ,
ପାତଲ୍ ଘଟା ସାଙ୍ଗେ ସକୁଆ ଭଜା ଦେଖିକରି ଲାଗ୍ସି ମନ୍ ଟା ପର୍ଛା ।୪।

ସରକାର କହୁଛେ ବିକଶିତ ହେବେ ଚାଷୀ। ଭାଇ ମାନେ ଆମର,
ସରକାରୀ ବାବୁ ମାନେ ବିକି ଦଉଛନ୍ ଖଣି ଖାଦାନ୍ ଲାଗି ସବୁ ଯାକ ଜମି ଆମର୍ ।୫।

ବଢୁଛେ ଧିରେଧିରେ ମୁଣର୍ ବୋଝ୍ ନାଇଁନ କିଏ ସାହାରା,
ବିଜ୍ଲୀ ବିଲ୍ ଆରୁ ଗ୍ୟାସ୍ ର ରେଟ୍ ବିଲ୍ କୁଲ୍ ବି ଛିଇ ନାଇଁ ହେବା ।୬।

ପୋ କହୁଛେ ହେମି ଅଫିସର୍ ଝିଅ କହୁଛେ ଡକ୍ଟର,
ପେଟ୍ ପୁଷା ହେତ ଧାନ୍ ପାଉଛେ କେନ୍ତା ପଢାମି କହ ।୭।

ISSN NO.
2582-208X

ନାଇଁନ କିଛି ହେନ୍ତା ସୁବିଧା ଆମର୍ ଲାଗି ଜହ ,
ସବୁତୋ ନଉଛନ୍ ବଡ୍ ବଡ୍ କିଆ ଗରିବ୍ ଚାଷୀର୍ ଲାଗି କାଣା ଅଛେ କହ ।୮।

ନାଇଁନ ଧନ୍ ନାଇଁନ ଗାଡି ନାଇଁନ ପାଖେ ବଙ୍ଗଳା,
ସପନ୍ ଦେଖୁଛେ କର୍ମୀ ମଣିଷ୍ ମୋର୍ ପୋ ଝିଅ କେ ଦୁଇଟା ।୯।

ଜୀବନ୍ ଯାପନ୍ ବୋଝ୍ ହେଲେବି କେତେ କର୍ମୁ ଚିନ୍ତା,
ସେଥିର୍ ଲାଗି ଜିଇସୁ ଜୀବନ୍ ହସି ଖୁସି ଲାଗ୍ସି ଭାରି ମଜା ।୧୦।

ଟିଟିଲାଗଡ଼, ବଲାଙ୍ଗିର
ଫୋନ ନମ୍ବର – ୯୫୫୬୬୫୧୬୪୪

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ଫିଡିଲହେଡ଼: ଖିଆ ଯାଉଥିବା ଫର୍ଣ୍ଣ



ରଞ୍ଜିତ କୁମାର ସାହୁ

ବାଡ଼ି ପଟେ ଫୁଲ ଗଛରେ ପାଣି ଦେଉ ଦେଉ ମିଟୁ ଆଉ ମନୁ କଥା ବାର୍ତ୍ତା ହେଉଥିଲେ ଆଜି କିଛି ନୂଆ ରୋଷେଇ ହେଉଛି ଘରେ । ବିଦେଶରୁ ଆସିଛି ଡବାରେ ଭରି ହେଇକି । ବହୁତ ଦାମିକା ଜିନିଷ  ବୋଲି ବାପା କହୁଥିଲେ । ଜେଜେମା ମଧ୍ୟ ଖାଇ ପାରିବେ ମାନେ ନିଶ୍ଚୟ ନିରାମିଷ ବସ୍ତୁଟିଏ ହୋଇଥିବ ! ଏମିତିରେ  ଆଜି କାଲି ଡବାରେ ଅନେକ କିଛି ଖାଦ୍ୟ ସାମଗ୍ରୀ ମିଳୁଛି,  ଶାଗ ଠାରୁ ମାଛ ମାଂସ ପର୍ଯ୍ୟନ୍ତ । ସାମଗ୍ରୀ ଟି କଣ ଠାବ କରିବାକୁ ଅସୁବିଧା ନାହିଁ, ଡବାରେ  ଲେବଲ  ଲାଗିଥିବ । ମିଟୁ ଯାଇ ରୋଷେଇ ଘରୁ ଡବାଟି ନେଇ ଆସିଲା ।

ଇଂରାଜୀରେ  ଲେଖା ହୋଇଥିଲା, "ଫିଡିଲହେଡ଼" ।

ସାଥିରେ ଥିବା ଚିତ୍ର ଟିକୁ ଦୁହେଁ କୌତୁହଳ ହୋଇ ଦେଖିବାରେ ଲାଗିଲେ । ଲାଗୁଥିଲା ଯେମିତି ସବୁଜ  ରଙ୍ଗର ଗେଣ୍ଡା ସବୁ ଥୁଆ ହୋଇଛି !

କିନ୍ତୁ ଗେଣ୍ଡା ତ ନିଶ୍ଚୟ ହୋଇ ନଥିବ ! ଜେଜେମା ତ ଖାଇବେନି ଆମିଷ ଦ୍ରବ୍ୟ । ଡବାରେ ଯାହା ଥିଲା ତାହା ତ ବୋଉ ଖାଲି କରି ସାରିଛି । କେମିତି ଜଣ ପଡିବ ?

"ଇଣ୍ଟର୍ନେଟ ରେ ଖୋଜୁନୁ ଫିଡିଲହେଡ଼ ମାନେ କଣ ?" ମନୁ ମନ୍ତବ୍ୟ ଦେଲା ।

"ଠିକ କହିଛୁ," କହି ମିଟୁ ଖୋଜିବାକୁ ଲାଗିଲା ।

ISSN NO.
2582-208X

"ଆରେ ଆରେ ଏଇଟା ପରା ଏକ ଫର୍ଣ୍ଣ," ମିଟୁ କହିଲା, "ମୁଁ ଜାଣି ନଥିଲି ଏହା ମଧ୍ୟ ଖିଆ ଯାଏ !"

"ସତରେ?" ଆଉ କଣ ଲେଖା ହେଇଛି?" ମନୁ କହିଲା ।

"ଏହା ଏକ ପ୍ରକାର ଫର୍ଣ୍ଣର ପଲ୍ଲବ ଭଳି । ଏହାକୁ ଅଷ୍ଟ୍ରିଚ ଫର୍ଣ୍ଣ କୁହନ୍ତି । ଉତ୍ତର ଆମେରିକାରେ କିଛି ଅଞ୍ଚଳରେ ଚାଷ ହୁଏ । କାନାଡ଼ାର ନ୍ୟୁ ବ୍ରୁନଷବିକ କୁ ଫିଡିଲହେଡ଼ର ରାଜଧାନୀ କୁହାଯାଏ ଯେହେତୁ ସେଠାରେ ବହୁତ ଉତ୍ପାଦନ ହୁଏ । କିନ୍ତୁ ଅଧିକାଂଶ ସମୟରେ ଏହା ଜଙ୍ଗଲରୁ ଏବଂ ଖୋଲା ଜାଗାରୁ ସଂଗ୍ରହ କରା ଯାଏ ଯେଉଁଠାରେ ଏକା ପ୍ରାକୃତିକ ରୂପରେ ବଢି ଥାଏ । ଏହା ପ୍ରକୃତରେ ଫର୍ଣ୍ଣର ଶିଶୁ ଅବସ୍ଥା । ସବୁ ଫର୍ଣ୍ଣରେ ଏହି ଫିଡିଲହେଡ଼ ହୁଏ କିନ୍ତୁ ସବୁ ଗୁଡାକ ଖାଦ୍ୟ ଲାଗି ଉପଯୋଗୀ ନୁହେଁ । ଭାରତରେ ଏହା ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଜାମ୍ମୁ, କାଶ୍ମୀର ଏବଂ ଉତ୍ତର ପୂର୍ବ ରାଜ୍ୟରେ ଉତ୍ପାଦନ ହୁଏ । "

"ସେଥିପାଇଁ ହୁଏତ ଏତେ ଦାମିକା ! ଏହାକୁ ଖିଆ ଯାଏ ମାନେ ଏହା ନିଶ୍ଚୟ ପୃଷ୍ଟିକର ହୋଇଥିବ," ମନୁ କହିଲା ।



ISSN NO.
2582-208X

"ଏଥିରେ ଓ୍ୱମେଗା-୩ ଏବଂ ଓ୍ୱମେଗା-6, ଲୌହ, ଭିଟାମିନ ଏ, ଭିଟାମିନ ସି, ତନ୍ତୁ ଅଛି। କିନ୍ତୁ ଏହାକୁ ଠିକ ପ୍ରକାର ରୋଷେଇ କରି ଖିଆ ଯିବା ଉଚିତ I ଏହାକୁ ରୋଷେଇ କରିକି କିମ୍ବା ଆଚାର ତିଆରି କରିକି ଅଥବା ପୋଡିକି ଖିଆ ଯାଇପାରେ I ଅନେକ ଦେଶରେ ଏହା ଏକ ଲୋକପ୍ରିୟ ଖାଦ୍ୟ," ମିଟୁ କହିଲା I

"ସେଥି ପାଇଁ ବୋଧେ ବୋଉ ଏତେ ସମୟ ନେଉଛି ରୋଷେଇ କରିବା ଲାଗି I ନୂଆ ଜିନିଷ ତେଣୁ ସବୁ ପ୍ରକାର ସତର୍କତା ସହିତ ରୋଷେଇ କରିବ," ମନୁ କହିଲା I

"କକା ଅନେକ ଥର ଏହାକୁ ରୋଷେଇ କରିଛନ୍ତି, ସିଏ ବୋଉଙ୍କୁ ସାହାଯ୍ୟ କରୁଛନ୍ତି I ସିଏ ହିଁ ଏହାକୁ ନେଇକି ଆସିଛନ୍ତି," ମିଟୁ କହିଲା I

ଏତିକି ବେଳକୁ ଜେଜେମା ଆସି ବାଡ଼ିରେ ପହଞ୍ଚି ଗଲେ ଆଉ କହିଲେ, "ଆଜି ତ କକା କଣ ଗୋଟିଏ ଆଣିଛି I ରୋଷେଇ ଚାଲିଛି I ତୁ ଜାଣିଛୁ କି କଣ ଖିଆ ହେବ ?"

କାନ୍ଥ ପାଖରେ ବଢିଥିବା ଏକ ଫର୍ଣ୍ଣ ଆଡକୁ ଇଙ୍ଗିତ କରିକି ମିଟୁ କହିଲା, "ଏହା ଏକ ପ୍ରକାର ଶାଗ, ଠିକ ଏହି ଉଦ୍ଭିଦ ଭଳି" I

"ଶେଷରେ ମଣିଷ ଏହାକୁ ଖାଇବ ? କଣ ବଜାରରେ ଆଉ ଶାଗ ମିଳୁ ନାହିଁ କି ? ଏ ମଣିଷ ଜୀବନରେ କଣ ନ ଦେଖିଲା !" ଜେଜେମା କହିଲେ I

ମିଟୁ ଆଉ ମନୁ ଦୁହେଁ ହସିବାକୁ ଲାଗିଲେ I

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ସର୍ବ କନିଷ୍ଠ ଶହୀଦ
# ବାଜି ରାଉତ



କୁମୁଦିନୀ ଘି

ଜିଲ୍ଲା ଢେଙ୍କାନାଳ ଭୁବନତହସିଲ
ନୀଳକଣ୍ଠପୁର ଗ୍ରାମେ
ଅକ୍ଟୋବର ପାଞ୍ଚ ଉଣେଇଶ ଛବିଶ
ଜନମି ଥିଲ ତ ତମେ ।୧।

ବାଜି ରାଉତ ହେ ପ୍ରଜାମଣ୍ଡଳର
ଆଦେଶକୁ ନେଇ ମାନି
ଇଂରେଜ ଫଉଜ ଦେଲେବି ଆଦେଶ
ନଦୀ ପାର କରିଲନି ।୨।

ରାଜା ଅତ୍ୟାଚାର ଶୋଷଣ କଷଣ
ଦେଖି ଜଳୁଥିଲା ମନ
ସାନ କି ମହାନ ସ୍ୱାଧୀନ ସପନ
ଜଳୁଥିଲା ହୁତାଶନ ।୩।

ଫଉଜର ଗୁଳି ଛାତିରେ ବାଜିଲା
ଡଙ୍ଗାରେ ପଡ଼ିଲ ଟଳି
ଧୂଳି ଖେଳ ଛାଡି ବାର ବରଷରେ
ଗଲ ଆରପାରି ଚାଲି ।୪।

ISSN NO.
2582-208X

ସାରା ଭାରତର ସବୁଠାରୁ ସାନ
ଶହୀଦ ହୋଇଲ ତୁମେ
କିର୍ତ୍ତୀ ସ୍ତମ୍ଭ ଆଜି ତିଆରି ହୋଇଛି
ନୀଳକଣ୍ଠପୁର ଗ୍ରାମେ ।୫।

ସଚିରାଉତ ରା' ଲେଖିଗଲେ ପରା
ତୁମର ଚିତାକୁ ଦେଖି
ମୁକ୍ତିର ସଳିତା ଦେଖାଇବ ରାସ୍ତା
କେହି ପାରିବେନି ରୋକି ।୬।

ଅକ୍ଟୋବର ମାସ ଏଗାର ତାରିଖ
ଊଣେଇଶ ଅଢତିରିଶ
ମୃତ୍ୟୁ ଦିବସଟି ସଶ୍ରଦ୍ଧ ସଭକ୍ତି
ପାଳୁଅଛି ଆଜି ଦେଶ।୭।

ମହାନଦୀ ବାଲି ଡାକେ ଝୁରିଝୁରି
ଧନ୍ୟ ଧନ୍ୟ ବୀର ଶିଶୁ
ଦେଖେଇ ସାହସ ସାରିଲ ଆୟୁଷ
ଫିରିଙ୍ଗି ହଟିଲା ଦେଶୁ ।୮।

କିଛି ବି ଶିଖିକି ଦେଶର ପାଇଁକି
ବାଜିଆ ପରି ଲଢିଲେ
ମୁକତି ସୁଫଳ ପାଇବେ ସକଳ
ଶ୍ରାଦ୍ଧରେ ଶ୍ରଦ୍ଧାଟି କଲେ।୯।

ଅଷ୍ଟମ ଶ୍ରେଣୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ଜୁନାଗଡ଼, କଳାହାଣ୍ଡି – ୭୬୬୦୧୪
ମୋ. ନଂ. – ୯୩୪୮୬୫୩୫୮୯

ISSN NO.
2582-208X

# ମୋ ପେଁକାଳ ବଜେଇ ଦେଏ



ନୀଳମଣି ଗୁନ୍ଦ

ମୋ ପେଁକାଳି ବଜେଇ ଦେଏ
ଖେଳାମେଳା ହୋଇ ପଡିଥିଲେ ବହି
ପଢା ଟେବୁଲକୁ ସଜେଇ ଦେଏ
ଟିକେ ଖେଳାଖେଳି, ବେଶି ପଢ଼ାପଢ଼ି
ସେଥିରେ ମନକୁ ମଜେଇ ଦେଏ ।
"ବିଦ୍ୟା ମହାଧନ" ଏଇ ବାରତାକୁ
ସବୁରି କାନରେ ବଜେଇ ଦେଏ ।

ନର୍ସରୀରୁ ଚାରା ମଗେଇ ଦେଏ
ଖାଲି ଜାଗା ଦେଖି ଗାତ ସବୁ ଖୋଳି
ଖତ, ପାଣି ଦେଇ ଲଗେଇ ଦେଏ
ତୁମଠାରେ ଅଛି ପାରିଲା ପଣିଆ
ସବୁଜରେ ଧରା ରଙ୍ଗେଇ ଦେଏ
ଗଛଟି ପ୍ରହରୀ ପରିବେଶ ପାଇଁ
ହେବ ଉପକାର ଜଗେଇ ଦେଏ ।

ମୋ ପେଁକାଳି ବଜେଇ ଦେଏ
ଅଳସ ଭାବନା ହିଂସା ରାଗ ରୁଷା
ତୁମରି ମନରୁ ହଜେଇ ଦେଏ

ISSN NO.
2582-208X

ଗାନ୍ଧୀ, ଗୋପ, ମଧୁ ଆଦର୍ଶରେ ମନ
ମଜେଇ ଦେଏରେ ମଜେଇ ଦେଏ
ତୁମରି ହାତର କୁହୁକ ଛୁଆଁରେ
ଭାରତ ଭୂଇଁକୁ ସଜେଇ ଦେଏ ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯, ମୋ:୯୫୮୩୨୦୨୩୫୭

ISSN NO.
2582-208X

# ସମୀକ୍ଷା


ଦେବଯାନୀ ସ୍ୱାଇଁ

## ବେଦାନ୍ତୀ - ନଭେମ୍ବର

ସୁନ୍ଦର ଲାଲ୍ କାନ୍ନା ଲିଲି (canna lily) ଧରି ଏଥରକ ଆସିଛି ଆମ ପ୍ରିୟ "ବେଦାନ୍ତୀ"। ଲମ୍ବାପତ୍ରର ଗହଳି ଭିତରୁ ରବି କିରଣରେ ଫୁଲ ଗୁଡିକ ଖିଲି ଉଠିଛନ୍ତି ଯେମିତିକି ବ୍ୟସ୍ତ ବହୁଳ ଭାରାକ୍ରାନ୍ତ ଜୀବନରେ ଏକ ନୂତନ ଆଲୋକ ଓ ସାହାସର ଉଦାହରଣ ଦର୍ଶାଇ।

ସଂପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର", ନିଜର ସୁନ୍ଦର ମତବ୍ୟକ୍ତ କରି କହିଛନ୍ତି- ମାତୃଭାଷା ପରି ଅମୂଲ୍ୟ ନିଧିର ଆମକୁ ଆଦର ଯତ୍ନ କରିବାକୁ ପଡିବ, ନିଜ ମାତୃଭାଷାର ଉନ୍ନତି ବିନା ରାଷ୍ଟ୍ର ଏବଂ ରାଷ୍ଟ୍ରୀୟ ଜୀବନର ଉନ୍ନତି ଅସମ୍ଭବ।

ଭିତର ପୃଷ୍ଠାରେ ସବୁଥର ପରି କାହାଣୀ କବିତାର ଅସଂଖ୍ୟ ଆଲେଖ୍ୟ।

ପ୍ରଥମ କାହାଣୀ ଧାରାବାହିକ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ, ଏକ ସୁନ୍ଦର ବୋଟ୍ ରେ ସୁମାତ୍ରାକୁ ଭାସି ଯିବାର କଳ୍ପନା କରି ସ୍ୱପ୍ନବିଭୋର ହୋଇ ପଡିଛନ୍ତି ଶୋଭନା ଓ ଅସୀମ। ସତରେ ବିବାହ ବେଦୀରେ ଅଗ୍ନିର ଚାରିପଟେ ସାତଥର ପରିକ୍ରମା କରି ନେଉଥିବା ସାତ ଶପଥ- "ସପ୍ତପଦୀ"ର ମହତ୍ୱ, ଗୁରୁତ୍ୱ ତଥା ମୂଲ୍ୟବୋଧକୁ ଆଜିକାଲି ସମସ୍ତେ ଅତି ସହଜରେ ପାଶୋରି ଦେଉଛନ୍ତି। "ଲଳିତ ନିବନ୍ଧ- ମନ ପକ୍ଷୀ" ପୁଣି "ଆମ ଗାଁ ଦୁର୍ଗାପୂଜା" ର ସୁବର୍ଣ୍ଣ ଜୟନ୍ତୀ। "ଦେଶ ବିଦେଶରେ ଦୀପାବଳି"ର ପର୍ବକୁ ବିଭିନ୍ନ

ISSN NO.
2582-208X

ରୂପରେ ପାଳନ କରାଯାଉଥିଲେ ମଧ୍ୟ ପ୍ରତ୍ୟେକ ଉତ୍ସବ ପଛରେ କେବଳ ଗୋଟିଏ ଉଦ୍ଦେଶ୍ୟ ହେଉଛି ମାନବ ଭିତରେ ଏକତାର ଭାବ ସୁଦୃଢ କରିବା ଓ ପ୍ରକୃତିକୁ ସୁରକ୍ଷିତ ରଖିବା।

ଧାରାବାହିକ "ମାଣ୍ଡବୀ"ରେ ଶିବଧନୁ ଭଗ୍ନ ଆଉ ଭିନ୍ନକ୍ଷମ ଅବିରର "ଝରକା ବାହାରେ ନୀଳ ଆକାଶ"। "ମିତ୍ରଦ୍ରୋହର ପରିଣାମ" ଯେ ଏକ ଗର୍ହିତପାପ, ଏହା ନିଃସନ୍ଦେହ। "ଆହୁତି" ପରି ମନଛୁଆଁ ପାରିବାରିକ ଧାରାବାହିକ ଗଳ୍ପ ସାଙ୍ଗକୁ ତୁହଳପ୍ରଦ "ଗଣିତର ମଜା"। ଭ୍ରମଣ କାହାଣୀ "କେବେ କେରଳ ତ କେବେ ଅରୁଣାଚଳ"ରେ ପୁମ୍ପୁହର ପୋତ ନଗରୀର କାହାଣୀ। ଗଳ୍ପ ଧାଡିରେ ଏମିତି ରହିଛି ଆହୁରି ଅନେକ ପ୍ରବନ୍ଧ, ଆଲୋଚନା, ସମୀକ୍ଷା ଏବଂ ଶେଷରେ "ଭାଗବତ କଥା"।

କବିତାର ପ୍ରାରମ୍ଭରେ "ଦାରୁବ୍ରହ୍ମଙ୍କର ଦେବସ୍ନାନ ପୂର୍ଣ୍ଣିମା"। ମହାପ୍ରଭୁଙ୍କର ଶ୍ରୀ ଗୀତଗୋବିନ୍ଦ- "ଜନ ଜୀବନକୁ କରେ ପୁଲକିତ"।"ନମାମି ଗୋବିନ୍ଦ କମଳା ବର", ତବ ଶ୍ରୀ ଚରଣେ ମମ "ଭକ୍ତି ଅର୍ପଣ"। ପତିତ ପାବନ ଜଗଦୀଶ୍ୱର, ଏ ଭବ ସାଗରୁ ଉଦ୍ଧାର କର।

ଭଗ୍ନ ଶୀଳାରେ ସାଇତି ରଖିଛି ତୁମ "ସ୍ମୃତିର ଚିହ୍ନ", "ତୁମେ ଶୋଇଗଲା ପରେ" ଶର ବିଦ୍ଧ ପକ୍ଷୀ ଟିଏ ପରି ଛଟପଟ ହୁଏ ଏ ଜୀବନ।"କଥା ଥିଲା" କହିବାକୁ କେତେ ହେଲେ କହି ହେଲା ନାହିଁ, "ତୁମେ ଗଲାଦିନୁ" ଫିକା ପଡି ଯାଇଛି ମୋ ଅନୁଭୂତିର ଲେଖନି। "କହିଥିଲ ଆସିବାକୁ"- ଏ ମନ କେତେ ଯେ ଖୋଜୁଛି ତୁମକୁ, ହେଲେ ଯେଉଁଠାରେ ଥାଅ ପଛେ ସୁଖରେ ଥାଅ ବୋଲି "ଶୁଭ ମନାସୁଛି"।

"ଦୁନିଆଁ" ର ଅର୍ଥ ଦୁଇଟି ନିଆଁ - ଏନ୍ତୁଡି ଶାଳାର ନିଆଁ ଶେକରୁ ଶେଷ ହୁଏ ଯାଇ ଜୁଇର ନିଆଁ। "ନା ହଉନି" ଆଉ ସେ କବିତା ଲେଖା, ଦୁର୍ଗମ ଏ ଜୀବନ ଯାତ୍ରା। ଡରି ଯିବୁନାହିଁ ଥକି ଯିବୁ ନାହିଁ, ଜୀବନ ରେଳରେ ସଭିଙ୍କ ଠିକଣା ସେଇ ଏକା "ଶେଷ ଡବା"।

"ଦେବୀ ଆଗମନେ" ଧରଣୀ କୋଳରେ "କାଶତଣ୍ଡୀରେ ହସେ ମାଆ"। "ଭିନ୍ନ ଏକ ଶରତ"- ଯହିଁ ଆକାଶେ ଭାସଇ କଳାହାଣ୍ଡିଆ ବଉଦ, "ମରିନି ମହିଷାସୁର"। "ସ୍ୱୟଂସମ୍ପୂର୍ଣ୍ଣା" ମୁଁ ଦେବୀର ଆଖ୍ୟା ଲୋଡେନି, ମାନବୀ ଟେ ହେଇ ସମ୍ମାନ ସହିତ "ମଣିଷ ପରାଏ ବଞ୍ଚିବି"। "ଆଖି ଖୋଲ"ଏବେ ଦେଖ ଚଉପାଶକୁ, ହାତ ପାଆନ୍ତାରେ

ISSN NO.
2582-208X

ନିଜକୁ ହଜାଇ "ଦୂର ପର୍ବତ"କୁ ସୁନ୍ଦର କହଇ। କୁତ୍ସିତ ଚିନ୍ତାଧାରାର "ପରିବର୍ତ୍ତନ" ଅନିବାର୍ଯ୍ୟ, ମହା କାର୍ତ୍ତିକର ବକ ପଞ୍ଚମୀରେ ଜଳଇ "ଆକାଶ ଦୀପ"। ଧରମ କରମେ ଲାଗି ଯାଉ ମନ ଅହଙ୍କାର ହେଉ ଲୋପ।

ଗାନ୍ଧିଜୀ ଶାସ୍ତ୍ରୀଜୀଙ୍କ ଜନ୍ମ ଜୟନ୍ତୀରେ ଆସ ଶ୍ରଦ୍ଧାରେ ଜାଳିବା ପ୍ରଦୀପ, ହେ ବୀରସନ୍ତାନ ! ଶାନ୍ତି ମୈତ୍ରୀ ଭାବ ଭରିଦେବା ପାଇଁ "ଆଉ ଥରେ ନିଅ ଜନମ...."। "ବାଜିର ବାଜି"- ବାଳୁତ ବୀର ସେ ବୀରପଣେ ଦେଲା ଇତିହାସ ପୃଷ୍ଠା ରଚି।

ଏଥରକ ଏତିକିରେ ଥାଉ କବିତାର ପଂକ୍ତି, ଆସ ଯିବା ଆମେ "ବାଲି ଯାତରା"ଦେଖି।

ଆଞ୍ଚଳିକ ବିଭାଗ ଓ ଶିଶୁବିଭାଗରେ ରହିଛି ସୁନ୍ଦର କବିତା ମାନଙ୍କର ଲହ୍ଡୀ।

ଶେଷରେ ପର୍ବପର୍ବାଣୀ ତାଲିକାରେ ପୂଣ୍ୟମାସ କାର୍ତ୍ତିକର ସମାପନରେ ପାଳିତ ପଂଚୁକ, ବଡଓଷା ଏବଂ କାର୍ତ୍ତିକ ପୂର୍ଣ୍ଣିମା ବ୍ରତ। ଏଥିସହିତ ରହିଛି ଉତ୍କଳ ଇତିହାସର ପୁରାତନ ବାଣିଜ୍ୟ ସଂସ୍କୃତି, ସହଯୋଗ ଏବଂ ସମୁଦ୍ର ଯାତ୍ରାର ଏକ ଗୌରବଶାଳୀ ପ୍ରତୀକ ଭାବେ ପାଳିତ ମେଳା- ବାଲିଯାତ୍ରା। ବାଲିଯାତ୍ରା ଶବ୍ଦଟି ହିଁ ପ୍ରତି ଓଡିଆଙ୍କ ମନରେ ଭରିଦିଏ ଏକ ଆନନ୍ଦ ଆଉ ଉଦ୍ଦିପନାର ମାଦକତା। ପ୍ରବଳ ଜନ ଗହଳି ସହିତ ଅସମ୍ଭବ ପ୍ରଦୂଷଣ ସତ୍ୱେ କାହିଁକି କେଜାଣି ବାଲିଯାତ୍ରା ବୁଲିବାକୁ ମନ ସବୁବେଳେ ବ୍ୟାକୁଳ ହୁଏ। ଆସନ୍ତୁ ତାହାଲେ ସମସ୍ତେ ସାଙ୍ଗ ହେଇ ବାଲିଯାତ୍ରା ବୁଲିଯିବା, ଠୁଙ୍କାପୁରି ଖାଇବା ଆଉ ଫେରିବା ବେଳେ ବିଜୁ ପଟ୍ଟନାୟକ ଛକ କି ଷ୍ଟାଡିୟମ୍ ଫାଟକର ଆରପଟେ ବସୁଥିବା ପରିବା ବାଲାଙ୍କ ଠୁ ଦି ବିଡା ହଳଦୀ ପତ୍ର ନେଇକି ଆସିବା। କାର୍ତ୍ତିକ ପୂର୍ଣ୍ଣିମାର ଠିକ୍ ଆଠ ଦିନରେ ପ୍ରଥମାଷ୍ଟମୀର ପର୍ବ ପରା। ଘରର ପ୍ରଥମ ସନ୍ତାନ ନ ହେଇଥିଲେ ନୂଆ ଡ୍ରେସ୍ ସିନା ପିନ୍ଧିବାକୁ ମିଳିବନି ହେଲେ ଏଣ୍ଡୁରି ପିଠା ତ ସମସ୍ତଙ୍କୁ ଖାଇବାକୁ ମିଳିବ ନା !!

ଜୟ ବେଦାନ୍ତୀ, ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ଡିସେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୧୨/୨୦୨୫ | ମୋକ୍ଷଦା ଏକାଦଶୀ |
| ୦୨/୧୨/୨୦୨୫ | ବ୍ୟଞ୍ଜନ ଦ୍ୱାଦଶୀ |
| ୦୩/୧୨/୨୦୨୫ | ଅନଙ୍ଗ ତ୍ରୟୋଦଶୀ, ଗୀତା ଜୟନ୍ତୀ |
| ୦୪/୧୨/୨୦୨୫ | ପଣ୍ଡୁ ଓଷା, ପୂର୍ଣ୍ଣିମା |
| ୦୬/୧୨/୨୦୨୫ | ଦାଣ୍ଡ ପହଁରା ଓ ବାଟ ଓଷା |
| ୧୨/୧୨/୨୦୨୫ | ପଠାଣି ସାମନ୍ତଙ୍କ ଜୟନ୍ତୀ |
| ୧୬/୧୨/୨୦୨୫ | ଧନୁ ସଂକ୍ରାନ୍ତି, ପହିଲି ଭୋଗ |
| ୧୯/୧୨/୨୦୨୫ | ବକୁଳ ଅମାବାସ୍ୟା |
| ୨୧/୧୨/୨୦୨୫ | ଦ୍ୱିତୀୟାର ଚନ୍ଦ୍ରଦର୍ଶନ |
| ୨୨/୧୨/୨୦୨୫ | ଶରଣ ଆରମ୍ଭ |
| ୨୫/୧୨/୨୦୨୫ | ଯିଶୁଖ୍ରୀଷ୍ଟଙ୍କ ଜନ୍ମ (ବଡ ଦିନ) |
| ୨୬/୧୨/୨୦୨୫ | ଶରଣ ଶେଷ |
| ୩୦/୧୨/୨୦୨୫ | ଶାମ୍ବ ଦଶମୀ, ପୁତ୍ରଦା ଏକାଦଶୀ |

((()))

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ନଭେମ୍ବର ମାସର ବିଜେତାଙ୍କ ନାମ



-

ISSN NO.
2582-208X

ଆସ ସଙ୍ଗାତ ବୁଲି ଯିବା
ଡଙ୍ଗାରେ ଚଢି ମଜା ନେବା
ଆଜିକାଲି ଆଉ ନଦୀ ନାହିଁ
ତେଣୁ ଛୋଟ ପୋଖରୀରେ
ଆଉ ମନ ଲାଗୁନାହିଁ

ବିଜେତା
ଝୁମ୍ପି ପ୍ରଧାନ, ଝାରପଡା

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା –vedantimagazine@gmail.com

## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

vedantimagazine@gmail.com
/editor.vedantimagazine@gmail.com

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com । ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**